[illegible]

[illegible]

ମୃତ୍ୟୁଞ୍ଜୟ

[ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ଉପନ୍ୟାସ]

ମୂଳ ଅସମୀୟା : ଡକ୍ଟର ବୀରେନ୍ଦ୍ର କୁମାର ଭଟ୍ଟାଚାର୍ଯ୍ୟ
ଓଡ଼ିଆ ଅନୁବାଦ : ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ମିଶ୍ର

ଗ୍ରନ୍ଥ ମନ୍ଦିର

Original Title : MRITYUNJAY
By Dr. Birendra Kumar Bhattacharya
Gauhati, Assam,

Oriya Translation : MRITYUNJAY
By Sri Purna Chandra Misra. M. Ed.
Lecturer, S. C. E. R. T., Bhubaneswar

Published by : GRANTHA MANDIR,
Cuttack-2 & Berhampur-1

ପ୍ରକାଶକ :
ଅଭିରାମ ମହାପାତ୍ର
ଗ୍ରନ୍ଥ ମନ୍ଦିର
ବିନୋଦବିହାରୀ, କଟକ-୨
ଶାଖା : ମେନ୍‌ରୋଡ୍‌, ବ୍ରହ୍ମପୁର

ମୁଦ୍ରକ :
ଗ୍ରନ୍ଥ ପ୍ରକାଶିନୀ
ପୂଡ଼ାଘାଟ, କଟକ-୧

ପ୍ରଥମ ସଂସ୍କରଣ :
ନଭେମ୍ବର, ୧୯୮୨

₹ 9 5 P 0 0

ଲେଖକଙ୍କ ସମ୍ପର୍କରେ

ଶ୍ରୀ ବୀରେନ୍ଦ୍ର କୁମାର ଭଟ୍ଟାଚାର୍ଯ୍ୟଙ୍କ ଲିଖିତ 'ମୃତ୍ୟୁଞ୍ଜୟ' ଉପନ୍ୟାସ ୧୯୭୯ରେ ଜ୍ଞାନପୀଠ ପୁରସ୍କାର ଲାଭକରେ । ୧୯୨୪ ରେ, ଚା ବଗିଚାର କର୍ମଚାରୀ ଭାବରେ ଜୀବିକା ନିର୍ବାହ କରୁଥିବା ଏକ ପରିବାରରେ ତାଙ୍କର ଜନ୍ମ । ଆସାମର ଗୌହାଟୀ ଓ ଜୋରହାଟରେ ତାଙ୍କର କୈଶୋର ଓ ଯୌବନର ଶିକ୍ଷା ସମସ୍ତ ଅତିବାହିତ ହୋଇଛି । ପଞ୍ଚମ ଦଶକର ପ୍ରାକ୍‌କାଳରେ ମଣିପୁରସ୍ଥିତ ଉଖ୍ରୁଲର ନାଗା ହାଇସ୍କୁଲରେ ସେ ବିଜ୍ଞାନଶିକ୍ଷକ ଭାବରେ କିଛିଦିନ କାର୍ଯ୍ୟ କରିଥିଲେ । ସଂପ୍ରତି ସେ ଗୌହାଟୀ ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ପାଠ୍ୟକ୍ରମର ଅଧ୍ୟାପକରୂପେ ଅବସ୍ଥାପିତ । ବିଶ୍ୱବିଦ୍ୟାଳୟରେ ଅଧ୍ୟାପକଭାବେ ଯୋଗଦେବା ପୂର୍ବରୁ ସେ ସାମ୍ବାଦିକତା ଓ ଲେଖାଲେଖିରୁ ନିଜର ଜୀବିକା ନିର୍ବାହ କରୁଥିଲେ । ବିଖ୍ୟାତ ଅସମୀୟା ମାସିକପତ୍ରିକା 'ରାମଧେନୁ' (୧୯୫୩-୬୩)ର ସେ ସମ୍ପାଦକ ଥିଲେ । ଏହି ପତ୍ରିକାଟି ଗୋଟିଏ ଦଶନ୍ଧିଧରି ନୂତନ ସାହିତ୍ୟିକ ଆନ୍ଦୋଳନର କେନ୍ଦ୍ରବିନ୍ଦୁ ଥିଲା । ଶ୍ରୀ ଭଟ୍ଟାଚାର୍ଯ୍ୟ ମଧ୍ୟ ଜଣେ କବି, ଗାଳ୍ପିକ ଏବଂ ସମାଲୋଚକ । ସେ ମଧ୍ୟ ଆସାମର ସୋସିଆଲିଷ୍ଟ ଆନ୍ଦୋଳନରେ ଏକଦା ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ସ୍ଥାନୀୟ ଦୈନିକ ଓ ମାସିକ ସମ୍ବାଦପତ୍ରଗୁଡ଼ିକରେ ସେ ବିଭିନ୍ନ ସମସ୍ୟାବଳୀ ସମ୍ପର୍କରେ ଲେଖାଲେଖି କରିଆନ୍ତି । ସେ ଏକାଧିକ ଉପନ୍ୟାସ, ଗଳ୍ପ ପୁସ୍ତକ, କବିତା ଓ ପ୍ରବନ୍ଧର ଲେଖକ ।

ସେ "ଅସମୀୟା ସାହିତ୍ୟରେ ହାସ୍ୟରସ ଓ ବ୍ୟଙ୍ଗବିଦ୍ରୂପ"—ନାମକ ସନ୍ଦର୍ଭ ଲେଖି ଗୌହାଟୀ ବିଶ୍ୱବିଦ୍ୟାଳୟରୁ ୧୯୬୭ ମସିହାରେ ପିଏଚ୍. ଡି. ପାଇଛନ୍ତି । ତାଙ୍କର ତିନୋଟି ଉପନ୍ୟାସ 'ଇୟାରୁଇଙ୍ଗମ' (୧୯୬୬), 'ପ୍ରତିପଦ' (୧୯୭୦) ଏବଂ 'ମୃତ୍ୟୁଞ୍ଜୟ' (୧୯୭୦) ତାହାଙ୍କୁ ଜଣେ ବିଶିଷ୍ଟ ସାହିତ୍ୟିକ ଭାବରେ ସ୍ୱୀକୃତି ପ୍ରଦାନ କରିଛି । 'ଇୟାରୁଇଙ୍ଗମ୍' ଉପନ୍ୟାସ ଲେଖି ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭକଲେ ଏବଂ 'ମୃତ୍ୟୁଞ୍ଜୟ' ପାଇଁ ସମ୍ମାନଜନକ ଜ୍ଞାନପୀଠ ପୁରସ୍କାର ୧୯୭୯ରେ ପାଇଛନ୍ତି । ଜ୍ଞାନପୀଠ ସନନ୍ଦରେ କୁହାଯାଇଛି ଯେ, "ମୃତ୍ୟୁଞ୍ଜୟ" ହେଉଛି ଭାରତ-ଛାଡ଼ ଆନ୍ଦୋଳନ ସମ୍ବନ୍ଧୀୟ ଏକ ଅସାଧାରଣ ଉପନ୍ୟାସ । ଆସାମର ଅତି ସାଧାରଣ ଲୋକ ଉପରେ ତଥା ତାହାର ଅଭିଳାଷ, ଗ୍ଲାନି, ମୋହଭଙ୍ଗ ଏବଂ ତାହାର ଅଜେୟ ଆଶା ଉପରେ ଆନ୍ଦୋଳନର ପ୍ରଭାବ ସମ୍ବନ୍ଧୀୟ ଏହା ହେଉଛି ଏକ ନିବିଡ଼, ମାନବୀୟ ଉପସ୍ଥାପନା । ସେହି ସମୟରେ ସମଗ୍ର ଭାରତବର୍ଷରେ ଯାହାସବୁ ଘଟିଥିଲା ଏହି କ୍ଷୁଦ୍ର ଉପନ୍ୟାସ ନିଜ କ୍ଷୁଦ୍ର କଲେବର ମଧ୍ୟରେ ସେ ସବୁର ସାରାଂଶ ଏକତ୍ରିତ କରିପାରିଛି ।" ଡକ୍ଟର ଭଟ୍ଟାଚାର୍ଯ୍ୟଙ୍କ

ସମ୍ପର୍କରେ ଏହି ସନନ୍ଦରେ ଉଲ୍ଲେଖ କରାଯାଇଛି ଯେ—"ପ୍ରତିଟି ମୁହୂର୍ତ୍ତର ତାତ୍ପର୍ଯ୍ୟକୁ ଧରିରଖି ତାହାକୁ କଳାର ଅବିନଶ୍ୱରତା ତଥା ବିଶ୍ୱବ୍ୟାପକତାରେ ଭରିଦେବାର ସାମର୍ଥ୍ୟ ଓ ପରିବ୍ୟାପ୍ତି ଲେଖକଙ୍କଠାରେ ରହିଛି ।" ପୁନଶ୍ଚ, ସେହି ଜ୍ଞାନପୀଠ ସନନ୍ଦରେ ଉକ୍ତ ଭଟ୍ଟାଚାର୍ଯ୍ୟଙ୍କ 'ଇଆରୁଇଙ୍ଗମ' ଏବଂ 'ପ୍ରତିପଦ' ଉପନ୍ୟାସ ସଂକ୍ରାନ୍ତରେ କୁହାଯାଇଛି—"ଏଗୁଡ଼ିକ ମଧ୍ୟ ସମସାମୟିକ ରାଜନୈତିକ ଚେତନା, ଆଦିବାସୀମାନଙ୍କର ଗଣଜାଗରଣ-ଜନିତ ସମସ୍ୟା ଏବଂ ଶ୍ରମସମସ୍ୟାଗୁଡ଼ିକୁ ସ୍ପଷ୍ଟ କରିପାରିଛନ୍ତି । ପ୍ରକୃତିର ଉପସ୍ଥିତିରେ ଔପନ୍ୟାସିକ ଗୀତିମୟ ହୋଇଉଠିଛନ୍ତି ଏବଂ ବ୍ୟକ୍ତିଗତଭାବରେ ହେଉ ଅଥବା ସଂଘବଦ୍ଧ ଭାବରେ ହେଉ, ଚରିତ୍ର ସମୂହ ଏହି ଚିତ୍ରପଟରେ ସଜୀବ ହୋଇଉଠିଛନ୍ତି । ବିଭିନ୍ନ ସଂଳାପ ମାଧ୍ୟମରେ ଯେଉଁ ସବୁ ମନ୍ତବ୍ୟ ଉପସ୍ଥାପିତ ହୋଇଛି, ତାହା ଫଳରେ ପ୍ରତ୍ୟେକ ଉପନ୍ୟାସର କଥା ନୂତନ ବ୍ୟାପ୍ତି ଲାଭକରି ଅର୍ଥପୂର୍ଣ୍ଣ ହୋଇପାରିଛି ।"

ଜଣେ ବିଶିଷ୍ଟ ସାହିତ୍ୟ ସମାଲୋଚକଙ୍କ ମତରେ, ନାଗାଲୋକଙ୍କର ବିଶ୍ୱାସ ଓ ସମସ୍ୟାବଳୀ ହେଉଛି 'ଇଆରୁଇଙ୍ଗମ୍' ଉପନ୍ୟାସର ବିଷୟବସ୍ତୁ । ଏଥିରେ ନାଗାମାନଙ୍କର ସ୍ୱାଧୀନତାପାଇଁ ବିଦ୍ରୋହର ଚିତ୍ର ହିଁ ପ୍ରାକ୍-ସ୍ୱାଧୀନତା କାଳରେ କଲିକତା ସହରରେ ସାମ୍ପ୍ରଦାୟିକ ଦଙ୍ଗାର ଏକ ଘଟଣାଶ୍ରୟୀ ଚିତ୍ର ପ୍ରଦାନ କରାଯାଇଛି; ଏପରିକି ଭାରତୀୟ ପାଠକମାନଙ୍କ ପାଇଁ ଏହା ନୂତନ ଆଚରଣ-ଚାଞ୍ଚା ଓ ଚଳଣିର ଜଗତ ମେଲିଦେଇଛି । ଆସାମର ତୈଳ ସମୃଦ୍ଧ ସହର ଡିଗ୍‌ବୋଇରେ ବ୍ରିଟିଶ୍ ପୁଞ୍ଜିବାଦୀମାନଙ୍କ ବିରୁଦ୍ଧରେ ଶ୍ରମିକ ଆନ୍ଦୋଳନକୁ ଭିତ୍ତିକରି 'ପ୍ରତିପଦ' ଉପନ୍ୟାସ ରଚିତ । ୧୯୪୨ର ଭାରତଛାଡ଼ ଆନ୍ଦୋଳନକୁ ଭିତ୍ତିକରି 'ମୃତ୍ୟୁଞ୍ଜୟ' ଉପନ୍ୟାସ ରଚିତ । ସାମ୍ରାଜ୍ୟବାଦୀ ଶକ୍ତିମାନଙ୍କର ଯୁଦ୍ଧ ପ୍ରସ୍ତୁତିକୁ ପ୍ରତିହତ କରିବାପାଇଁ ସୈନ୍ୟବାହୀଟ୍ରେନ ଉପରେ ଜାତୀୟତାବାଦୀ ଗରିଲାମାନଙ୍କର ଆକ୍ରମଣ ଘଟଣାକୁ କେନ୍ଦ୍ରକରି ଉପନ୍ୟାସଟି ରୂପନେଇଛି; କିନ୍ତୁ ଏହି ତିନୋଟିଯାକ ଉପନ୍ୟାସରେ ମୂଳ ବିଷୟବସ୍ତୁ ସହିତ ସମାନ୍ତରାଳ ଭାବରେ—ସେ 'ପ୍ରତିପଦ'ର ନାୟକ ହେଉ, କିମ୍ବା 'ମୃତ୍ୟୁଞ୍ଜୟ' ଉପନ୍ୟାସର ସାଧାରଣ ମଣିଷଟିଏ ହେଉ, ଅଥବା ଇଆରୁଇଙ୍ଗମର ଆଦିବାସୀ ଗ୍ରାମୀଣ ମଣିଷଟିଏ ହେଉ, ସବୁଠାରେ ମଣିଷର ହସକାନ୍ଦର କାହାଣୀ ବିକାଶ ଲାଭ କରିଛି । ସେଗୁଡ଼ିକରେ ବହୁ ଅବିସ୍ମରଣୀୟ ନାଟକୀୟ ମୁହୂର୍ତ୍ତମାନ ରହିଛି, ଉଜ୍ଜ୍ୱଳ ଚରିତ୍ରଚିତ୍ରଣ ସହିତ ଉପନ୍ୟାସଗୁଡ଼ିକରେ ପ୍ରକୃତିର ଜୀବନ୍ତ ବର୍ଣ୍ଣନା ବିଚ୍ଛୁରିତ ହୋଇଛି । ସଂକଟର ସନ୍ଧିକ୍ଷଣରେ ଲେଖକଙ୍କ ହାତରେ ପୃଥିବୀ ଯେପରି ସ୍ଥିର ହୋଇ ଧରାପଡ଼ିଯାଇଛି ଏବଂ ସେହି ମୁହୂର୍ତ୍ତର ଚତୁଃପାର୍ଶ୍ୱରେ ଜୀବନର ସକଳ ବିବିଧତା ଓ ବୈଚିତ୍ର୍ୟ ଗଢ଼ି ହୋଇଯାଇଛି ।

ଆଉ ଜଣେ ବିଶିଷ୍ଟ ସାହିତ୍ୟସମାଲୋଚକଙ୍କ ମତରେ 'ମୃତ୍ୟୁଞ୍ଜୟ' ଉପନ୍ୟାସର ଆଙ୍ଗିକତା ଓ ଉପାଦାନ ଲେଖକଙ୍କର ନିଜସ୍ୱ ଜଗତରୁ ଉଦ୍ଭୂତ ହୋଇଛି—ଯେଉଁ

ପୃଥିବୀର ସୁଗନ୍ଧ ସେ ଆଘ୍ରାଣ କରିଛନ୍ତି, ଯେଉଁ ବାୟୁକୁ ସେ ନିଃଶ୍ୱାସରେ ଗ୍ରହଣ କରିଛନ୍ତି ଏବଂ ଯେଉଁ ନରନାରୀଙ୍କୁ ସେ ଜାଣିଛନ୍ତି, ସେ ସମସ୍ତେ ଏଥିରେ ନିହିତ ଅଛନ୍ତି । ଏହି ଉପନ୍ୟାସ ପଢ଼ିଲେ ଆଶ୍ଚର୍ଯ୍ୟ ଲାଗେ ଯେ, ଆମ ଚାରପାଖର ଏଇ ପୃଥିବୀରେ ଅନୁଭୂତ ଗୁଡ଼ିକରେ ଏତେ ପରିମାଣରେ ସତ୍ୟତା ସମ୍ଭବ ହୁଏ କିପରି ! ଉପନ୍ୟାସର କଳା ସମ୍ପୂର୍ଣ୍ଣ ମୌଳିକ । ଏଥିରେ ପାହାଡ଼ ଉପତ୍ୟକା କୋଳରେ ବଢ଼ିଥିବା ଲୋକଙ୍କର ସାଧାରଣ ଭାଗ୍ୟ ଜଡ଼ିତ । ରାଜନୈତିକ ସଂଘର୍ଷରେ ହିଂସା ଓ ଅହିଂସାକୁ ଆୟୁଧରୂପେ ବ୍ୟବହାର କରିବାର ପ୍ରଶ୍ନ ଏଥିରେ ଉପସ୍ଥାପିତ ହୋଇଛି । ଲେଖକ ଜଣେ ସତ୍ୟନିଷ୍ଠ ଶିଳ୍ପୀ ଭାବରେ ଗୋଟିଏ ଏକକ ଚରିତ୍ର ଭିତରେ ଏହି ଶ୍ରେଣୀ ସଂଘର୍ଷର ବସ୍ତୁନିଷ୍ଠ ଉପସ୍ଥାପନା କରି ପାରିଛନ୍ତି । ଏକ ନିଷ୍କରୁଣ ଭବିତବ୍ୟ ମଧ୍ୟରେ ମାନବର ମାନମର୍ଯ୍ୟାଦାକୁ ଦୃଢ଼ତାର ସହିତ ଘୋଷଣା କରିଛି ଏଇ 'ମୃତ୍ୟୁଞ୍ଜୟ' । ମାନବିକ ଅନୁଭବର ବିଭିନ୍ନ ପର୍ଯ୍ୟାୟର ପ୍ରତ୍ୟକ୍ଷୀ-କରଣ ଫଳରେ ବୀରେନ୍ଦ୍ରକୁମାର ଏକ ସୁସଂହତ ଜୀବନର ଦୃଷ୍ଟିକୋଣ, ମଣିଷ ଓ ତାହାର ଇତିହାସର ପ୍ରକୃତି ଆଦି ବିଭିନ୍ନ ସ୍ତରର ଅନୁଭୂତିକୁ ତାଙ୍କ ଗଳ୍ପରେ ସମନ୍ୱିତ କରିବାକୁ ସକ୍ଷମ ହୋଇପାରିଛନ୍ତି, ଏବଂ ଏହାକୁହିଁ ସେ ଏହି ଉପନ୍ୟାସରେ ଏକ ଅନନ୍ୟ ବାସ୍ତବତାରେ ରୂପଦେବାକୁ ସମର୍ଥ ହୋଇଛନ୍ତି ।

ଶ୍ରୀଯୁକ୍ତ ଭଟ୍ଟାଚାର୍ଯ୍ୟ ଉଭୟ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଓ ଜ୍ଞାନପୀଠ ପୁରସ୍କାର ପାଇବାରେ ସମ୍ଭବତଃ କନିଷ୍ଠତମ ଭାରତୀୟ ଲେଖକ । ତାଙ୍କର ବିଶ୍ୱାସ କଳା ବାସ୍ତବତା ନିକଟରୁ ପଳାୟନ କରିବାର ମାଧ୍ୟମ ନୁହେଁ କିମ୍ବା ସଦାଚରଣର ଏକ କୌଶଳ ନୁହେଁ । ଏକମାତ୍ର ପଥ ହେଲା ବାସ୍ତବତାର ଅଗାଧ ସମୁଦ୍ରର ସମ୍ମୁଖୀନ ହୋଇ ଏହାକୁ ମନ୍ଥନ କରିବା ଏବଂ ହଳାହଳରୁ ଅମୃତକୁ ଅଲଗାକରିବା । ପୃଥିବୀର ଦଳିତ ମଣିଷ ଭଳି ପ୍ରଥମେ ଲେଖକକୁ ନିଜ ଅବସ୍ଥା ବିରୁଦ୍ଧରେ ବିଦ୍ରୋହ କରିବାକୁ ହେବ । ଜୀବନର ସକଳ ବିଶୃଙ୍ଖଳା ମଧ୍ୟରେ ଧ୍ୱଂସସାଧନ ପରିବର୍ତ୍ତେ ଏକ ସାର୍ବଜନୀନ ସଙ୍ଗତିର ଅନୁସନ୍ଧାନ କରିବା ତାର ଲକ୍ଷ୍ୟ ହେବ । ଶିଳ୍ପୀ ପାଇଁ ଲଗାମ ଯୋଚା ହୋଇଥିବା ଅଶ୍ୱ କିମ୍ବା ଡେଣାବିହୀନ ଅଶ୍ୱ ଯଥାର୍ଥ ବାହନ ହୋଇନପାରେ । ପ୍ରକୃତ ବିପ୍ଳବ ଚାହୁଁଥିବା ଲେଖକକୁ ଏପରି ଏକ ପକ୍ଷୀରାଜ ଘୋଡ଼ା ଉପରେ ଆନ୍ତରିକତାର ସହିତ ଆରୋହଣ କରିବାକୁ ହେବ ଯହିଁରେ ଆରୋହଣ କଲମାନେ ବିଭିନ୍ନ ଧାରଣା, ଘଟଣା, ଅନୁଷ୍ଠାନ ଏପରିକି ଇତିହାସର ସକଳ ବସ୍ତୁ ପରିବର୍ତ୍ତିତ ହୋଇଯାଏ । ଯାହା ବିଶ୍ୱରହେ ତାହା ହେଲ ମାନବୀୟ ପ୍ରକୃତି ଉପରେ ଭିତ୍ତିକରି ଗଢ଼ା ହୋଇଥିବା କଳାର ଆବେଗ ବା ସାମଗ୍ରିକ ମଣିଷର ସ୍ୱର ସଙ୍ଗତି । ମଣିଷକୁ ନୂଆ ରୂପରେ ଗଢ଼ିବା କଳାର ଉଦ୍ଦେଶ୍ୟ ହେବା ଉଚିତ । ଶ୍ରୀ ଭଟ୍ଟାଚାର୍ଯ୍ୟଙ୍କ ମତରେ ସୁସଂହତ ମଣିଷ ସମ୍ପର୍କରେ ଏକ ନୂତନ ଦୃଷ୍ଟିକୋଣ ଆମର ନ ଆସିଲେ ଆମେ ତାହାକୁ ଆମ କଳାକୃତିର କେନ୍ଦ୍ରବିନ୍ଦୁରେ ରଖିପାରିବାନାହିଁ ।

ଶ୍ରୀ ଭଟ୍ଟାଚାର୍ଯ୍ୟ ଅନୁଭବ କରନ୍ତି ଯେ, ତାଙ୍କୁ ଅନେକ ବାଟ ଯିବାକୁ ହେବ । ସେ ନିଜର ଅସାମର୍ଥ୍ୟ ବିଷୟରେ ମଧ୍ୟ ସଚେତନ । ସେ କହିଛନ୍ତି, "ମୁଁ ନମ୍ରଭାବରେ କହିବି ଯେ, ଜୀବନରେ ସୌନ୍ଦର୍ଯ୍ୟ ଏବଂ ସତ୍ୟର ସମନ୍ୱୟ ପାଇଁ ମୁଁ ଅଙ୍ଗୀକାରବଦ୍ଧ ଏବଂ ଅନ୍ୟ ସବୁ ଏହାକୁ ଅନୁସରଣ କରିବ ।"

ଅନୁବାଦକ

ଲେଖକଙ୍କର ଲେଖନୀରୁ

ଏହି ଉପନ୍ୟାସରେ ବର୍ଣ୍ଣିତ ଘଟଣାବଳୀର ସମୟ ସନ ୧୯୪୨ । ଚରିତ୍ରସମୂହ କାଳ୍ପନିକ । ଅବଶ୍ୟ ଏଥିରେ ସ୍ୱାଧୀନତା ଆନ୍ଦୋଳନର ଶେଷପର୍ଯ୍ୟାୟର ଅବିସ୍ମରଣୀୟ ଘଟଣାବଳୀର ଆଭାସ ଚର୍ଚ୍ଚିତ ହୋଇଛି । ଏହା ଇତିହାସ ନୁହେଁ, ନିଜ ଜୀବନକାଳରେ ଘଟିଥିବା ଘଟଣାର ଅବଲମ୍ବନରେ ରଚିତ କାହାଣୀମାତ୍ର । ଏହି ଘଟଣାବଳୀକୁ ଅନ୍ୟଯୁଗର ମନୀଷ ଅଥବା ଐତିହାସିକଗଣ ଭିନ୍ନ ଦୃଷ୍ଟିରେ ଦେଖିପାରନ୍ତି ଏବଂ ସେଗୁଡ଼ିକର ବ୍ୟାଖ୍ୟା ମଧ୍ୟ ଅଲଗାଭାବେ କରିପାରନ୍ତି । ତଥାପି ନିଜେ ଦେଖିଥିବା ସେହି ମହାଜାଗରଣ, ତହିଁରେ ଲିପ୍ତ ରହି ଅନୁଭବ କରିଥିବା ସମୂହ ଭାବ ଏବଂ ତାର ମାଧ୍ୟମରେ ପ୍ରତ୍ୟକ୍ଷ କରିଥିବା ସ୍ୱପ୍ନ— ଏ ସବୁକୁ ଜଣାଇଦେବା ପକାଶେ ଅନ୍ୟ ଯୁଗର କୌଣସି ଲେଖକ ବା ଐତିହାସିକ ସମର୍ଥ ହୋଇପାରିବେ ବୋଲି ମୁଁ ଭାବିପାରୁନାହିଁ । ସେହି ଅଭିଜ୍ଞତାଗୁଡ଼ିକ କହିବାର ଅଧିକାର କେବଳ ସମସାମୟିକ ଲେଖକଙ୍କରହିଁ ଅଛି । ଦେଖିବା, ଲିପ୍ତହେବା ଏବଂ ଅନୁଭବ କରିବାର ସୁଯୋଗ କେବଳ ଉପସ୍ଥିତ କାଳର ଲୋକଙ୍କରହିଁ ମିଳିଥାଏ । ଅନ୍ୟଯୁଗର ବିଦ୍ୱାନ୍ ଅଥବା କଥାକାରଗଣ ଏସବୁ ଘଟଣାକୁ ହୁଏତ ଭିନ୍ନ ରୂପରେ ଦେଖିବେ; କିନ୍ତୁ ଏଇ ଉପନ୍ୟାସରେ ଫୁଟିଉଠିଥିବା ରୂପ ସ୍ୱାଧୀନତା-ସାଧନା-କାଳର । ସେହି ସାଧନାର ମହତ୍ତ୍ୱ ତଥା ଏକକ ଅନୁଭୂତିର ଅଧିକାରୀ ଯେଉଁମାନେ ହୋଇପାରିଥିଲେ ସେଇମାନଙ୍କ ଆତ୍ମାର ଯନ୍ତ୍ରଣାମାନ ପରିଚୟ ମାତ୍ର ଏଠାରେ ଦିଆଯାଇଛି । ମାନବ-ମୁକ୍ତିର-ସାଧନା ଅପେକ୍ଷା ମାନବର ସମଗ୍ର ସତ୍ତା ଏବଂ ଚେତନାକୁ ଆଲୋଡ଼ିତ କରିବା ଭଳି ଅନ୍ୟ କୌଣସି ସର୍ବୀୟ ସାଧନା ଅଛି ବୋଲି ଧାରଣା କରିବା କଷ୍ଟ । ଏହି ସାଧନାହିଁ ମାନବ-ସମାଜ ତଥା ମାନବଚେତନାର ଦ୍ରୁତ ରୂପାନ୍ତର ଘଟାଏ ।

ବୀରେନ୍ଦ୍ରକୁମାର ଭଟ୍ଟାଚାର୍ଯ୍ୟ

—"ବିରୁଡ଼ି ବସାରେ ହାତ ଦେଲେ ଆଉ ନିସ୍ତାର ନାହିଁ ।"

ଭୈରବ କହୁଥିଲା ଏ କଥା ପଦକ । ଦେହରେ ତାର ଆଣ୍ଠୁଲୁଚ୍ଚ ଝଣ୍ଟେ କଳିଆ ଆଉ ଇସ୍ତ୍ରି ହୋଇନଥିବା ଧଳା ଖଦଡ଼ର କାମିଜ୍ । ପାଦରେ ହଳେ ଦଦରା କାବୁଲି ଜୋତା—କେଣିବା ଦିନରୁ ପାଲିସ୍ ମାଖି ନାହାନ୍ତି ସେମାନେ । କୁଞ୍ଚୁକୁଞ୍ଚିଆ ବାଳ ସାଙ୍ଗକୁ ଡେଙ୍ଗା ନାକ, ସାବନା ମୁହଁ, ସେଥିରେ କିନ୍ତୁ ଶାନ୍ତିର ଅଚଳ ମହାମେରୁ ।

ସେମାନେସବୁ କାମରୂପ ଆଡ଼ୁ ଆସୁଥିଲେ । ଡନଡନଟା ରେଳଗାଡ଼ି ବଦଳେଇ ଶେଷରେ ଓହ୍ଲେଇଥିଲେ ଜାଗ୍ଗୀରୋଡ଼୍ରେ । ତା ପରେ ପଡ଼ିଥିଲା ଫମଣୀଶ୍ରୀ କପିଲୀ ନଈ । ନାଆରେ ପାରିହୋଇ ଧରିଥିଲେ ଲୁଗ୍ଣିଆ ରାସ୍ତାଟାଏ । ବେଶ୍ ଶୁଖିଲା ରାସ୍ତା । ଖୁବ୍ ତରବରିଆ ଭାବରେ ପାଦ ପକଉଥିଲେ ସେମାନେ ।

ସିବେ ଦୈପଡ଼ା । ବାଟ ବାରକୋଶ, ମଝିରେ ମହନା ମୌଜା ଖଣ୍ଡିକ । ତା'ପରେ କିନ୍ତୁ ଘଞ୍ଚ ଜଙ୍ଗଲ । ବାଟ କଡ଼େ କଡ଼େ ଆଖିନପାଉଥିବାଯାଏ ଖାଲି ବଣ ଆଉ ବଣ ଏବଂ ପାହାଡ଼ । କୋଉଠି କେମିତ ଦଲଘାସଭର୍ତ୍ତି ଖଣ୍ଡେ ଅଧେ ଖାଲ ନଡ଼ୁବା ଖୋଲପଡ଼ିଆ । ବେଳେବେଳେ ତାହାଣପାଖରୁ ବହୁଦୂରରୁ ଚକ୍ ଚକ୍ କରୁଥାଏ ଖଣ୍ଡେ ଖଣ୍ଡେ ଗୋଚର । ···ସେମାନେ ଆଗେଇ ଚାଲିଛନ୍ତି । ମନ ବର୍ତ୍ତମାନ ସେମାନଙ୍କର ଶାନ୍ତ ଓ ଉଦ୍‌ବେଗହୀନ ।

ଧନପୁର ଲହକର୍—ଜଣେ ଉଦୀୟମାନ ଯୁବକ । ବାତାପିଫଳ ପରି ଗୋଲ ମୁହଁଟା । ମୁହଁସାରା କଳା ମଚମଚ ଦାଢ଼ି, ମୁଣ୍ଡକୁଣ୍ଡା ଘଞ୍ଚଆଡ଼ିକ । ବଳିଷ୍ଠ ବପୁ, ବିଶାଳ ନେତ୍ର, ସେ ଦୃଷ୍ଟିରେ ପୁଣି ଅବସ୍ମରଣୀୟ ବୈଶିଷ୍ଟ୍ୟ—ଅଗ୍ନିଦେବ ସତେଅବା ଲୁପାୟିତ ହୋଇରେ । ···ବହୁ ଯତ୍ନ ସତ୍ତ୍ୱେ ହାଇସ୍କୁଲର ପାଚେରିକାନ୍ଥଟିକୁ ପାରିହୋଇ ପାରିନଥିଲା ସେ ।···ସତତ ଭ୍ରମଣରତ । ସତେକି ଏକ ଭ୍ରାମ୍ୟମାଣ ଗ୍ରହ ।···ଅତ୍ୟଧିକ ଧୂମପାନାଶକ୍ତ । ଏଇ ଯୁବକଟିର ମନରେ ଦକ୍ ଦକ୍ ହୋଇ ଜଳୁଥିଲା ନିଆଁ । ସେ ନିଆଁ ଗୋପନ ବ୍ୟଥାର ନିଆଁ । ସେ ନିଆଁ କିନ୍ତୁ ଅନ୍ୟ ଆଖିରେ ଧରାପଡ଼ିନ କେବେ ।···ପଥକ୍ଲାନ୍ତ । ତା ସାଙ୍ଗକୁ ଆସନ୍ନ ବିପଦଭରା ଆଶୁ କର୍ତ୍ତବ୍ୟ ସମ୍ପାଦନର ଆହ୍ୱାନ । ମନରେ ତାର ଘନଘନ ରୋମାଞ୍ଚ । ଆଗେଇ ଚାଲିଛି ସେ । ଉଦୁଉଦିଆ ଦହପହର ଖରାରେ ଝଲସି ଉଠିଛି ନିରାପଦ ଏଇ ଅରଣ୍ୟ ପଥଟି । ଏଇ ମଉକାରେ ଧନପୁର ନିଜ ମନର ସଞ୍ଚିତ ବ୍ୟଥାକୁ ବଖାଣି ଚାଲିଛି ଅନ୍ୟ ଆଗରେ···ଅନ୍ତତଃ କ୍ଲାନ୍ତି ଓ ରୋମାଞ୍ଚର ବୋଝଟା ଟିକିଏ ହାଲୁକା ହୋଇଯିବ ।

ଧନପୁରର ମୋଟା ମୋଟା ଆଙ୍ଗୁଳି ଗୁଡ଼ାକୁ ଦେଖି ଭୟରେ ଭକ୍ତିରେ ପୂର୍ଣ୍ଣ ଥିଲା ଭୈରବ । ତାର ମନେପଡ଼ୁଥିଲା ଗାନ୍ଧିଜି ପ୍ରବାଦଟା—ଏଭଳି ଆଙ୍ଗୁଳିଥିବା ମଣିଷ ବଡ଼

ଦ୍ଵ ଧାରେ ହତ୍ୟାକରିପାରେ ।···ଧନପୁର ବି ସନ୍ଦେହଭରା ଚାହାଣିରେ ଚାହିଁଲା ଭବିରାମକୁ ଏବଂ କହିଲା—"ତୁମେ ଠିକ୍ କହୁଛ ଭବିଭାଇ । ଆମେ ସବୁ ଅବଶ୍ୟ ବିରୁଦ୍ଧ । ବିରୁଦ୍ଧର ଅସ୍ତ୍ର ଛାର ଶୂନ୍ୟ । ହେଲେ ମୁଁ କିନ୍ତୁ ବର୍ତ୍ତମାନ ସବୁ ସତ ଗୋଟେ କଂସେଇ ପାଲଟି ଯାଇଛି ।" ଏତିକ କହିସାରି ହାତର ଆଙ୍ଗୁଳି ଗୁଡ଼ିକୁ ମୁଠେଇ ନେଇ ପୁଣି କହିଲା, "ତୁମ ଘରଣୀ ମୋର ଏଇ ମୋଟା ମୋଟା ଆଙ୍ଗୁଳି ଦେଖି ସବୁବେଳେ ଭୟରେ ଆଖି ବୁଲେଇ ନିଅନ୍ତି ।···ଏଇ ଆଙ୍ଗୁଳି କେଇଟାକୁ କଲମ ଧରିବାପାଇଁ ସିନା ଭଗବାନ ଦେଲେ ନାହିଁ; ଦେଲେ କିନ୍ତୁ ହାତୁଡ଼ି ପିଟିବାକୁ ଆଉ କଟୁରି ଚଲେଇବାକୁ ।"

—ଜାଣେ । ତୋତେ ନିଜଣେଇ ପଣ୍ଡିତଙ୍କ ହାତରେ ପ୍ରତିକାର ବ୍ୟବସ୍ଥା କରିବାକୁ ସେ ଚାହୁଁଥିଲେ । ପଣ୍ଡିତେ କିନ୍ତୁ ଶାସ୍ତ୍ର ପଢ଼ି କହିଲେ, ଶନିଦଶା ପଡ଼ିଛି । ଗ୍ରହ ପୂଜା ପାଇଁ ପରାମର୍ଶ ଦେଲେ । ଶେଷରେ ସେ ଯାଇ ତୋ ମା'କୁ କହିଲେ । ତା' ପରେ କଣ ହେଲା ମୋତେ ଜଣାନାହିଁ ।

—"ତା ପରଠାରୁ ମୁଁ ଏଇ ରାସ୍ତା ଧରିଲି ।' ଭବିରାମ ନୀରବ । ସେଦିନର କଥା ତା' ମନରେ ଅଛି । କାମରୂପ ହାଇସ୍କୁଲରେ ଷ୍ଟ୍ରାଇକ୍···ଭବିରାମର ମନର ବନ୍ଦଦୁଆର ଖୋଲିଗଲା ।···ଧନପୁର ହିଁ ପତାକା ତୋଳିଧରିଥିଲା । ସେଇଦିନ ହିଁ ସେ ଧନପୁରକୁ ନେଇ 'ଶାନ୍ତିସେନା'ରେ ଭର୍ତ୍ତି କରାଇ—'କରିବ ନଚେତ୍ ମରିବ' —ପଣ କରାଇଥିଲା । ଧନପୁର କିନ୍ତୁ କ୍ୟାମ୍ପକୁ ଯାଇନଥିଲା; କାରଣ ସେଠିକି ଗଲେ ଧୂମପାନ ଛାଡ଼ିବାକୁ ହେବ । ଭବିରାମ ହେରିକା ଖୁବ୍ ରାଗିଯାଇଥିଲେ ସେଥିପାଇଁ । କିନ୍ତୁ ନେତାମାନେ ଯେତେବେଳେ ଗିରଫ୍ ହୋଇଗଲେ ସେତେବେଳେ କର୍ମୀମାନଙ୍କୁ କର୍ମସୂଚୀ ବାଣ୍ଟିବା ଦରକାର ପଡ଼ିଲା । କର୍ମସୂଚୀ ଭିତରେ ଦୁଇଟି ବଡ଼କାମ ହେଲା, ମିଲିଟାରୀ ଯୋଗାଣ ବନ୍ଦକରାଯିବ ଏବଂ ପୋଲ୍ ଭାଙ୍ଗି ରାସ୍ତାଘାଟ ବନ୍ଦ କରିଦିଆଯିବ । ଦେଶଟା ସାରା ଭର୍ତ୍ତି ହୋଇଯାଇଥିଲା ମିଲିଟାରୀରେ । ଜାପାନ ଆସି ସିନ୍ଦୁଇନ୍ ନଦୀ ସେପାଖରେ ପହଞ୍ଚିଯାଇଥିଲା । ମାର୍କିନ, ଇଂରେଜ, ଚୀନା, ଅଷ୍ଟ୍ରେଲୀୟ ସେନାଏ ସାରା ପୃଥିବୀଟାକୁ ଉଠଉଥିଲେ ପକଉଥିଲେ···ତା ସାଙ୍ଗକୁ ଯମଦୂତ ଭଳି ଦଳଦଳ ପୋଲିସ ଓ ସି. ଆଇ. ଡି. । ସେମାନେ ଦେଶସେବକ-ମାନଙ୍କ ପିଛା ଧରି ଚକ୍ରାନ୍ତ ରଚନା କରୁଥିଲେ । ଗାଁ ଗାଁରେ ଦେଶଦ୍ରୋହୀ ଠିକାଦାରମାନେ ମୁଣ୍ଡଟେକୁଥିଲେ । ସହରକଥା ନକହିଲେ ଭଲ । ଦେଶଦ୍ରୋହୀଙ୍କ ସଂଖ୍ୟା ସୀମା ଟପିଲା । ତେଣେ କମ୍ୟୁନିଷ୍ଟ ପଞ୍ଝାକ ଯୁଦ୍ଧର ବିରୋଧ କରିବେ କଣ, କର୍ମୀମାନଙ୍କର ଆନ୍ଦୋଳନକୁ ଫାସିଷ୍ଟ ବିରୋଧୀ ଆନ୍ଦୋଳନ ବୋଲି କହିବୁଲିଲେ ।···ଏପରି ଏକ ପରିସ୍ଥିତିର ସମ୍ମୁଖୀନ ହୋଇ ବି କର୍ମୀମାନେ ହତୋତ୍ସାହ ହୋଇନଥିଲେ । ବରଂ ନିଜ ନିଜ ଭିତରୁ ବଛା ବଛା କର୍ମୀଙ୍କୁ ଠାବ କଲେ । କାମରୂପର କର୍ମୀମାନେ ବାଛିଥିଲେ ଏଇ ଧନପୁରକୁ ।

ଦିନେ କାମପୁରର ଟେଲିଫୋନ ଓ ଟେଲିଗ୍ରାମ୍ ତାର କାଟିଦିଆଗଲା । ରେଲ ଲାଇନ୍‌ରୁ ଫିସ୍‌ପ୍ଲେଟ କାଢ଼ି ନିଆଗଲା । କାମପୁରକୁ ଗୁଳିବାରୁଦ ନେଇ ଆସୁଥିବା ରେଲଗାଡ଼ି

ଲଇନଚ୍ୟୁତ ହେଲା । ତା ପରଦିନ ନିକଟବର୍ତ୍ତୀ ଯମୁନାମୁଖ ଥାନାରେ ଜାତୀୟ ପତାକା ଉଡ଼ାଇଦିଆଗଲା । ଗୋଟାଏ ଦୁଇଟାକର ଆସ୍ତେ ଆସ୍ତେ ପୋଲ୍ ଭାଙ୍ଗି ଦିଆଗଲା ।···ଏଇ ପ୍ରତ୍ୟେକ କାର୍ଯ୍ୟର ପଛରେ ଥିଲା ଧନପୁରର ହାତ ।

ସେତେବେଳକାର କଥା । ପୋଲିସ୍, ସି· ଆଇ. ଡି. ଓ ମିଲିଟାରୀଙ୍କ ଉତ୍ପାତ ବଢ଼ି-ଚାଲିଥାଏ । ସେଠିକବେଳେ ଫେରାର୍ ହେଲା ଧନପୁର । ଧରିଥିଲା ଏକ ମିସ୍ତ୍ରୀର ଛଦ୍ମବେଶ । କୁଆଡ଼େ ଯେ ଗଲା କେହି ତାର ଟେର୍ ପାଇଲେନାହିଁ । କ୍ରମେ କ୍ରମେ ଆନ୍ଦୋଳନର ପ୍ରକୋପ ଧିମେଇଗଲା କାମପୁରରେ । ମେଜର୍ ଫିନସ୍ ସିପାହିଦଳଙ୍କୁ ପଠେଇଥିଲେ ଆନ୍ଦୋଳନ ଦବେଇଦେବାକୁ । ମେଜର୍ ଫିନସ୍ଙ୍କ କଥା ମନେପଡ଼ିଲେ ଦେହ ଶୀତେଇ ଉଠେ ଭିଭିରାମର । ଲେମ ଟାଙ୍କୁରେ । କାମପୁର ଛାଡ଼ି ଧନପୁର ଯାଇ ଉଠିଥିଲା 'ରହା'ରେ । ରହାରେ ପହଞ୍ଚି ଶୁଣିଲା ଯେ ବାରପୂଜଘରଠାରେ ଶାନ୍ତିସେନାଦଳ ସଭା କରୁଛନ୍ତି, ତାହା ପୁଣି ରହାର 'ବୁନିୟାଦୀ-କେନ୍ଦ୍ର'ରେ । ସେଇ ଛଦ୍ମବେଶରେ ହିଁ ସେ ଯାଇଥିଲା ସଭାକୁ । ବେଶ୍ ଭୟ କରୁ ଥିଲା ତା ମନରେ । ପାଖରେ ତାର ଥିଲା 'ଶାନ୍ତି ସେନା'ର ଏକ ବ୍ୟାଜ୍ ଓ ନେତା ଗୋସ୍ୱାମୀଙ୍କର ହାତଲେଖା ଖଣ୍ଡେ ଚିଠି । ସେ ଗୁଡ଼ିକୁ ଦେଖାଇ ସେ ପଶିପାରିଥିଲା ସଭାଗୃହକୁ । ଫେରାର୍ ହେବା ପୂର୍ବରୁ ସେଇ ଚିଠି ଖଣ୍ଡିକ ଲେଖିଥିଲେ ଗୋସ୍ୱାମୀ ତା ପାଖକୁ । ସେ ଚିଠିରେ ଥିଲା କାର୍ଯ୍ୟର ନିର୍ଦ୍ଦେଶ । ଯମୁନାମୁଖ ଥାନାରେ ତିରଙ୍ଗା ପତାକା ଉଡ଼ାଇବା ପରେ ପରେ ହିଁ ଚିଠି ଖଣ୍ଡିକ ଚିରିପକାଇବା କଥା; କାରଣ ନେତାମାନଙ୍କର ହାତଲେଖା ପୋଲିସ୍ କିମ୍ବା ସି· ଆଇ. ଡି.ଙ୍କ ହାତରେ ନପଡ଼ୁ । ଏହାହିଁ ଥିଲା ସମସ୍ତ ଶାନ୍ତି ସେନାଙ୍କ ପ୍ରତି ନିର୍ଦ୍ଦେଶ । ଧନପୁର କିନ୍ତୁ ସେଇ ନିର୍ଦ୍ଦେଶକୁ ମାନିନଥିଲା । ଅବଶ୍ୟ କିଛିଦିନ ପରେ ଚିରିପକେଇବ ବୋଲି ମନସ୍ଥ କରିଥିଲା । ଚିଠିଟାରେ କେତେଟା ଭଲକଥା ଲେଖାଥିଲା । ସେଇ କଥାଗୁଡ଼ିକୁ ସେ ମନେ ମନେ ଦୋହରାଉଥିଲା । ଗୀତଟାଏ ବି ଲେଖାଥିଲା ସେଥିରେ । ମୁଖସ୍ଥ ହୋଇନଥିଲା ତାର । ପାଠପଢ଼ାରେ ତ ସେ ପିଲାଦିନରୁ ଅମନୋଯୋଗୀ । ପାଠବହିର କୌଣସି ଗୋଟିଏ ବିଷୟ ବି ତା ମନରେ ସେମିତି କିଛି ଦାଗ ବସେଇପାରିନଥିଲା । କ୍ଲାସରେ ଶିକ୍ଷକ ଅଙ୍କ ବୁଝଉଛନ୍ତି ତ ସେ ତାର ଭାବିଚାଲିଥାଏ ଅନ୍ୟ କିଛି । ଦିନେ କ୍ଲାସରେ ଅଙ୍କ ବୁଝାଉଥାଏ । ଧନପୁର ଢୋଲେଇ ଢୋଲେଇ ଏକ ମିକିରଝିଅ କଥା ଭାବୁଥାଏ ।···ପର୍ବତର ପାଦଦେଶରେ ସେଇ ଗଂଖାଂ ଗାଁ । ତା ପଛକୁ ଗୋହିଣ । ତା ପଛକୁ କାମପୁର । ମିକିର ଝିଅଟି ଆସିଥିଲା ଭିଭିରାମ ଘରକୁ । ଏମିତି ସେ ପ୍ରାୟ ଆସେ ତା ମା'ସାଥିରେ । ଭିଭିରାମର ସ୍ତ୍ରୀଙ୍କ ପାଇଁ କପା ଆଣି ଆସନ୍ତି ସେ ମା' ଝିଅ । ଭିଭିରାମର ସ୍ତ୍ରୀ ବୁଣାବୁଣିରେ ବେଶ୍ ନିପୁଣା । ଖଣ୍ଡିଏ ଗୁଆ ଦ୍ୱେବାଉ ଦ୍ୱେବାଉ ଦଶଦଣ୍ଡଟା ବଳିଣା ବଳିପକାନ୍ତି । କପା ସାଥିରେ ସେମାନେ ଅନ୍ୟାନ୍ୟ ଜିନିଷ ମଧ୍ୟ ଆଣିଥାନ୍ତି ହାଟରେ ବିକିବା ପାଇଁ—ଯେମିତି ସରୁ ସରୁ ଧଳାଧାନ । ତାକୁ ଗରମ ପାଣିରେ ଭିଜେଇ ଖାଇଲେ ଭାରିଭଲଲାଗେ । ମୁଣ୍ଡା ମୁଣ୍ଡା ଲଙ୍କା ମଧ୍ୟ ସେମାନେ ଆଣିଥାନ୍ତି ।···ସେଇ ମିକିରଝିଅ । ନାଁଟା ତାର ରିମି । ଦେଖିବାକୁ ଡୋଫା ଗୋରା । ସୁଠାମ ଦେହଟାକୁ ତାର ଚାହିଁଲେ

ପେଣ୍ଡା ପାଖରେ ଆଖି ଲଖି ରହେ । ଏଭଳି ସୁନ୍ଦର ସୁଗୋଲ ପେଣ୍ଡା କୌଣସି ଅସମୀୟା ଝିଅଠାରେ ଦେଖିଲାଭଳି ମନେହୁଏନା ଧନପୁରର । ଗଳାରେ ମାଳି, କାନରେ ରୁପାର ଠୁଣ୍ଟିଆ, ହାତରେ ଖଡ଼ୁ, ଅଣ୍ଟାରେ ରଙ୍ଗୀନ୍ ମେଖଲା ଓ ଗ୍ରୀବାରେ ଚାଦର । ଅଳଙ୍କାର ଗୁଡ଼ିକର ନାଁ ପଚାରି ପଚାରି ଧନପୁର ସେ ସବୁ ମନେ ରଖି ନେଇଥିଲା । ଡିମିର ମା'ବୁଢ଼ୀ— କାଦମ୍ । ବୁଢ଼ୀ କେବଳ ମେଖେଲା ଚାଦର ପିନ୍ଧିଥାଏ । ଏ ମା' ଝିଅ କେବେ କେବେ ଧନପୁରକୁ ଅଦା, ଲଙ୍କା, କମଳା ଇତ୍ୟାଦି ଦିଅନ୍ତି ।···କେବେ କେବେ ମା ଝିଅ ଭିଭିରାମର ଘରେ ରହିଯାଆନ୍ତି ରାତିରେ ।···ଏମିତି ଏକ ରାତି । ସଭିଏଁ ନିଆଁ ପୋଉଁଥିଲେ । କାଦମ୍ ଗପ ଶୁଣାଉଥିଲା ···'ଶରତ କୁମାରୀ' ଗପ । ଅପୂର୍ବ ସେ ଗଳ୍ପ । ଗପ ଶୁଣୁ ଶୁଣୁ ରାତି ଅନେକ ହୋଇଯାଇଥିଲା । ଭିଭିରାମଙ୍କ ସ୍ତ୍ରୀ ହାଇମାରିମାରି ଢୁଳେଇ ଢୁଳେଇ ଖୁଣ୍ଟକୁ ଆଉଜି ବସିଥାନ୍ତି । ମା' ପାଖରେ ବସି ଧନପୁରକୁ ବାର ବାର ଚାହୁଁଥାଏ ଡିମି ।···ସୂର୍ଯ୍ୟଦେବତାଙ୍କର କୋମଳାଙ୍ଗୀ କନ୍ୟା ବାହାହେଲେ ଶରତ କୁମାରଙ୍କୁ । ସେଇ ଗଳ୍ପ ଶୁଣି ଧନପୁର ଏମିତି ମଜ୍ଜିଯାଇଥିଲା ଯେ ଦିନଚାରିଦିନ ଧରି ସେ ସବୁ କିଛି ଭୁଲି- ଯାଇଥିଲା ।···ଅଙ୍କକ୍ଲାସରେ ସେ ଭାବୁଥିଲା ସେଇ ଜଣକର କଥା—ଡିମି । ତାର କୈଶୋର କଳ୍ପନାରେ ସୂର୍ଯ୍ୟଦେବତାଙ୍କର କନ୍ୟା ଡିମି । ମନେ ମନେ ଆକାଶକୁ ଉଡ଼ିଯିବାର ସ୍ୱପ୍ନ ଦେଖୁଥିଲା ସେ । ଦିନେ ସେ ସ୍କୁଲ ନଯାଇ ଯାଇ ପହଞ୍ଚିଥିଲା କପିଲୀନଈ କୂଳରେ—ଡିମି ହେଉକାଙ୍କ ପଛେ ପଛେ । ସେମାନଙ୍କ ପଛେ ପଛେ ପିଲାଟା ଆସୁଥିବାର ଦେଖି କାଦମ୍ ଅଟ୍ଟା କରି ପଚାରିଲା—'କାହିଁକି ଆସିଲୁ କରେ.ଟୋକା ?'

ଧନପୁର ପ୍ରସ୍ତୁତ ନଥିଲା ଏଇ ପ୍ରଶ୍ନ ପାଇଁ । ସେ ଥା ଥା ମା ମା ହେଇଗଲା । ମନେ ହେଉଥିଲା ମା-ବସୁମତୀ ଫାଟିଯାଆନ୍ତେ ଯଦି ସେ ଲୁଚି ଯାଆନ୍ତା । ଡିମି କିନ୍ତୁ ହସୁଥାଏ ମୁଚୁକି ମୁଚୁକି ।...କାଦମ୍ ବଡ଼ ଶରଧାରେ ତାକୁ ପାଖକୁ ଡାକିଲା ଏବଂ ଏକ ଛିପ ଜାଗାଟାରେ ଗୋଟେ ପଣସ ଗଛ ତଳେ ବସିଲେ ତିନିହେଁ । କାଦମ୍ କହିଥିଲା—'ଆଲେ ହେ ଡିମି, ପିଲାଟାକୁ ଗହମ ଗଣ୍ଡେ ଦେଲୁ ଖାଇବ ।'

ମୁଣ୍ଡେଇଥିବା ଟୋକେଇଟାକୁ ତଳେ ଥୋଇଲା ଡିମି । ପତର ଠୋଲାଟାରେ କିଛି ଗହମ ବାହାରକଲା । ଭଜା ଗହମ । ବାସନାଟା ନାକରେ ତାର ବାଜୁନବାଜୁଣୁ ଲାଜଛାଡ଼ି ଡିମି ଆଡ଼କୁ ଅନେଇଲା ଧନପୁର । ଡିମି ଗହମ ଠୋଲାଟା ଧନପୁରକୁ ଧରେଇ ଦଉ ଦଉ ହାତ ଟିକିଏ ବାଜିଗଲା ଧନପୁରର ହାତରେ । ଡିମି ହସି ହସି ପଚାରିଲା—ତୁ କାହିଁକି ଅସିଲୁ ଧନପୁର ?

—'କପିଲୀ ଦେଖିବାକୁ ।' କହି ଧନପୁର ନଜାଣିଲା ପରି ଅନେଇଁ ରହିଲା କପିଲୀ ଆଡ଼କୁ—ସତେକି ସେଇଟା ଡିମିର ଆଉ ଏକ ଦେହ । ପୁଷ ମାସର ଶାନ୍ତସ୍ରୋତ । ଦିନ୍ଧପହରର ଖରା ଘନବନାନୀର ଫାଙ୍କେ ଫାଙ୍କେ ଆସି ପଡ଼ୁଛି ତାରି ଉପରେ । ଗୁଆ ଖଣ୍ଡେ କାଟୁ କାଟୁ କାଦମ୍ ପଚାରିଲା—'ତୁମେମାନେ ବି କପିଲୀକୁ ଭଲପାଅ ?'

—'ଆଉ ! ଆମ ଲୋକେ ତ ସ୍ୱାଙ୍କୁ ଖୁବ୍ ମାନନ୍ତି ।'

ଧନପୁରର ଗହମ ଖାଇବାକୁ ଦେଖୁଥିଲା ବୁଢ଼ୀ । ଗୋଟେ ମସ୍ତବଡ଼ ପଥର ଉପରେ ବସିଥିଲେ ସେମାନେ । କପିଲୀ ନଈଟା ସେଠି ବେଶ୍ ଓସାରିଆ ହେଲେ ବି ବାଲି ପଡ଼ି ସଂକୀର୍ଣ୍ଣ ହେଇଯାଇଛି ସ୍ରୋତଟା । ବୁଢ଼ୀ କହିଲା—'କପିଲୀରେ ଆଉ ନାମ୍ ଅଛନ୍ତି—ଦେବତା—ଜାଣିଚୁ ନା ?'

—ହିଁ···ତମେ ସବୁ ପାରହେବ କାହିଁରେ ?

—ନାଆ ଖୋଜିବାକୁ ପଡ଼ିବ ।

ଧନପୁର ଦେଖିଲା, ନାଆଟାଏ ପାଣିକୂଳରେ ବାଲି ଉପରେ ଅଛି । ନାଉରିଆ ନାହିଁ । ସେ କହିଲା—ମୁଁ ପାର କରିଦେବି । ଯିବ ?

—ତୋର ନାଆ ଅଛି କି ?

—ନାହିଁ ଯେ···ସେଇ ନାଆରେ ।

—ନାଇଁ, ଆଉ । ତୁ ଯା ବାହାର । ତୋର ଘରଲୋକ ରାଗିବେ ।

—ଘରକୁ ମୋର ଡର ନାହିଁ ମ । ଘରେ ଭାଇ ଅଛନ୍ତି । ସେ ଭାରି ଭଲ ପାଆନ୍ତି ମୋତେ ।

—ତୁ ଆସିଲୁ କାହିଁକି ଯେ ?

ଧନପୁର ଟିକିଏ ହସିଲା ଏଥର । ତା' ପରେ କହିଲା—ସତ କଥା କହିବି ? ଏଇ ଡିମି ପାଇଁ ।

ଧନପୁରର କଥା ଶୁଣି ଡିମି ଓ ତା'ମା' ଖିଲ୍‌ଖିଲ୍ ହେଇ ହସିଉଠିଲେ । ବୟସରେ ସାନ ହବ ଧନପୁର ଡିମିଠୁ । କାଦମ୍ କହିଲା—'ସ୍ୱା ଉପରେ ଆଖିପକେଇ କିଛି ଲାଭ ନାହିଁରେ ବାପ । ତାର ପରା ମୁଦପିନ୍ଧା ସରିଛି ।'

ବିଶ୍ୱାସ କରିପାରିଲାନାହିଁ ଧନପୁର । ସେଇମିତି ଅବିଶ୍ୱାସର ଭାବ ନେଇ ସେ ଅନେଇଁ ରହିଲା ଡିମି ଆଡ଼କୁ । ହସୁଥାଏ ଡିମି । ବେଶ୍ ପ୍ରାଣଖୋଲା ମେ ହସ ।

କାଦମ୍ କହିଲା—'ଗହମତକ ଖାଇଦେ ବାପ !'

ଧନପୁର କହିଲା—'କାଦମ୍ ଅପା ! ଶରତ୍‌କୁମାରର କନ୍ୟା ପାଇବା କଥାଟା ସତ ନା ? ଏଇଟା କପିଲୀନଈ ତ ?'

କାଦମ୍‌ର ମୁହଁଟା ଗମ୍ଭୀର ଦେଖାଗଲା । ସେ କହିଲା—'ଉହୁଁ, ନୁହେଁ ।'

—'ବୋଧେ ସେମିତିକା କନ୍ୟାମିଳୁଥିଲେ ଆଗକାଳରେ ?'

ପୁଣି ହସିଉଠିଲା ଡିମି ।

ଝିଅକୁ ଆକଟ କଲା କାଦମ୍ । କହିଲା—'ଧେତ୍, କଣ ଏମିତି ହସୁଚୁ ଲୋ ! ଚୁପ୍ ରହ । ···ସେମିତି କନ୍ୟାଟିଏ ତୋର ଲୋଡ଼ା କି ?'

ଧନପୁର କହିବାକୁ ଚାହୁଁଥିଲା, 'ଡମି ପଶୁଟା'—ଲାଜରେ କିନ୍ତୁ କହିପାରିଲା ନାହିଁ । ମୁହଁ ଘୂରେଇ ନେଲା କପିଳୀ ଆଡ଼କୁ । ଡମି ବି ଏଥର ଚାହିଁଲା କପିଳୀ ଆଡ଼େ ।

କାଦମ୍ କହିଲା—'ଡମିର ବାହାଘର ହେବ । ଜଣେ ଗାରୋ ଲୋକ ସାଥିରେ ଠିକ୍ ହୋଇସାରିଛି ।'

—'ଗାରୋ !'

—'ହିଁ···ଭାରି ଭଲଲୋକ ।'

—'କୋଉଠି ଘର ?'

—'ଡଗାରୁ ସେପାରି । ବଡ଼ ଚାଷୀ ଜଣେ ।'

ଆଉ ରହିମ ଖାଇବା ନହେଲା ଧନପୁରର । ବାକିତକ ଠୋଲା ସହ ଫୋପାଡ଼ିଦେଲା ନଈକୁ । କାଦମ୍ ପଚାରିଲା—'ଖାଇଲୁ ନାହିଁ କାହିଁକି ?'

—'ଭୋକ ନାହିଁ ।'

ପୁଣି ଖିଲ୍ ଖିଲ୍ କରି ହସିଉଠିଲା ଡମି ।

ପୁଣି କାଦମ୍ ଧମକ୍ ଦେଲା ତାକୁ । ତା'ପରେ ଧନପୁରକୁ ଗୁଆଖଣ୍ଡେ ଧରେଇ ଦେଇ ଦେଇ କହିଲା—'ତୁ ଏଥର ଯାଆରେ ବାପ । ରାତି ହୋଇଯିବ । ଆର ମାସରେ ଡମିର ବାହାଘର ହେବ ।'

ଗୁଆଖଣ୍ଡକ ନେଇ ନେଇ ତଳକୁ ମୁହଁ ପୋତି କେବଳ 'ହୁଁ'ଟାଏ ମାରିଲା ଧନପୁର । ଡମି ଆଡ଼େ ଚାହିଁବାକୁ ଇଚ୍ଛା ଥିଲେ ବି ଚାହିଁପାରିଲା ନାହିଁ ।

କାଦମ୍ ଡାକିଲା ଡମିକୁ—'ଡମି ।'

—'ଉଁ ।'

—'ଏଣେ ଆ ।'

ଡମି ଆସି ମା' ପାଖରେ ଠିଆହେଲା—ଠିକ୍ ଧନପୁରର ସାମ୍ନାସାମ୍ନି ।

—'ଧନପୁର ।'

—'ଉଁ' ।

—'ଇଏ ତୋର ନାନୀ, ବୁଝିଲୁ ? ନାନୀ ।'

—'ହୁଁ'

ପୁଣି ସେଇମିତି ଚାହିଁରହିଲା ସେ କପିଳୀ ଆଡ଼କୁ । ଡମି କିନ୍ତୁ ଶାନ୍ତଭାବେ ଶୁଣୁଥିଲା ମା'ର କଥା···

···ନାନୀ । ଡମି ତାର ନାନୀ । କପିଳୀ ସହିତ ମିଶି ରହିଛୁ ସେଇ ଅପସରାର ଦେହଟା । ···ତାପରେ ଆଉ ସେ ଦେଖିନି ଡମିକୁ । ଆଜି କିନ୍ତୁ କପିଳୀ ପାରିହେଲା ବେଳେ ଡମି କଥା ବାରମ୍ବାର ମନେପଡ଼ୁଛି ଧନପୁରର; କିନ୍ତୁ କହିପାରୁନାହିଁ ।

···ଭିଭିରାମ ପଚାରିଲା—'ଆରେ ଧନପୁର । ତୁ ତ ମୋତେ ଏଯାଏଁ ବାରପୂଜାଯାଗ ଘଟଣାଟା କାହିଁ କହିଲୁନି !'

—କେତେବେଳେ ସମସ୍ତ ପାଇଲ୍ ଯେ ? ଏଇ ତ ତିନିଦିନ ହେଲା ପହଞ୍ଚିଲି କାମପୁରରେ । ସେଥିରୁ ଦିନେ ନୂଆଉ ରଖେଇନେଲେ । ଦିନେ କଟାଇଲି ଗୋସ୍ୱାମୀଙ୍କ ସାଥିରେ । ତା' ପରଦିନ ଆସିଲେ ବାହାର ।···ହଉ ସମସ୍ତ କଣ ପଳେଇଗଲଣି ? ଏବେ କହୁଛୁ ଶୁଣ । ଦୈ ପଡ଼ା ପହଞ୍ଚିବା ଢେର ଅଛି । ରାତି ହୋଇଯିବ ପରି ଲାଗୁଛି । ଆରେ ଭାଇ, ବାଟ ପାଇବା ତ ?'

—ହଁ ମ, ବାଟ ପାଇବାନାହିଁ ନା ! ଆଉ ତିନିଘଣ୍ଟା ଖଣ୍ଡେ ଲାଗିବ । ଏବେ କିନ୍ତୁ ଆଉ ବିପଦ ନାହିଁ ।

ବଡ଼ ଖଣ୍ଡେ ଲଗେଇଲା ଧନପୁର । ଇତ୍ୟବସରରେ ବ୍ୟାଗ୍‌ଟା ଡାହାଣ କାନ୍ଧରୁ ବାଁ କାନ୍ଧକୁ ବଦଳେଇନେଲା ଭିଭିରାମ । ତା' ପରେ କହିଲା—'ନୂଆଉ' ତୋ ପାଇଁ 'ବୁଢ଼ାବୁଢ଼ୀ ପୀଠ' କଣ ମନାସିଥିଲେ ଜାଣିଚୁନାରେ ଧନପୁର !'

ବଡ଼ ଟାଣି ଟାଣି ଧୂଆଁ ଗୁଡ଼ା ଆକାଶକୁ ଛାଡ଼ୁଥିଲା ଧନପୁର । ସେଇମିତି ବେପରୱା ଭାବେ କହିଲା—'ସେଗୁଡ଼ାକରେ କିଛି ହୁଏନା । ମୁଁ···'

ହସିପକେଇଲା ଭିଭିରାମ । ଏଣୁ ଧନପୁର ନିଜ କଥା ଛାଡ଼ି ପଚାରିଲା—'ହସିଲ ଯେ ।'

—'ତୋ କଥା ମନେପଡ଼ିଗଲା । ଡମିକୁ ପାଇବୁ ବୋଲି ତୁ କଣ କଳାବୋଦା ପଟେ ଯାଚିନଥିଲୁ ସେଇ ବୁଢ଼ାବୁଢ଼ୀ ପୀଠକୁ ?'

—'ହଁ ଯେ, କିନ୍ତୁ ପାଇଲିକ ମୁଁ ଡମିକୁ ? ତେଣୁ ସେଗୁଡ଼ା ନିହାତି ମିଛ ।'

—'ଭଗବାନ କିନ୍ତୁ ଅଛନ୍ତି ।'

ଦୀର୍ଘ ନିଃଶ୍ୱାସଟାଏ ନେଇ ଧନପୁର କହିଲା—'ମହାପୁରୁଷଙ୍କ ଜନ୍ମଦିନଟାରେ ଫିନ୍‌ସ ସାହାବ ଭଲେଣ୍ଟିଅରଗୁଡ଼ାଙ୍କୁ ନେଇ ପାଦରେ ଫୁଟବଲ୍ ଖେଳିଲା, ଦଳିଲା, ଲାଠିରେ ପିଟିଲା । ଭଗବାନ ଥିଲେ ନୃସିଂହ ଅବତାର ଧରିନଥାନ୍ତେ ? କାହିଁ କିଛି ତ ହେଲାନାହିଁ !'

—'କିନ୍ତୁ ଅବତାର ଧରିଛନ୍ତି ।' ହଠାତ୍ କହିପକେଇଲା ମାଣିକବରା ।

—ଅବତାର ! ମିଛକଥା—କହିଲା ଧନପୁର ।

ମାଣିକବରା ଜଣେ ଭକ୍ତ । କଥାକଥାକେ କହେ ପ୍ରହ୍ଲାଦ କଥା । ନୃସିଂହ ପରି ଏଇ ଯୁଗରେ ବି ଦଣ୍ଡନାରାୟଣ ଅବତାର ଧରିଛନ୍ତି । ତା ମତରେ ସେଇ ଅବତାର ହେଲେ ଗାନ୍ଧୀ । ଏଣୁ ସେ ଗମ୍ଭୀରଭାବେ ଧନପୁରକୁ କହିଲା—'ତୁ ତ ଗୁରୁ ଗୋସେଇଁ ନ ମାନିବା ପିଲା । ଭଗବାନ କିନ୍ତୁ ଏତେ ନିର୍ଯାତନା ସହିପାରିବେ ନାହିଁ । ଗାନ୍ଧୀ ଆମକୁ ବାଟ ଦେଖେଇଦେଇଛନ୍ତି । ଆମେ କେବଳ ଆଗେଇଯିବା ଦରକାର ।'

ଧନପୁର କହିଲା—'ବାରପୂଜିଆର ସେଇ ଡେକା ଘର ପିଲାଟାକୁ ଗୋଟେ ଗୁଳିରେ ଖତମ୍ କରିଦେଲେ ଟି ?'

ଭିଭିରାମ ପଚାରିଲା—'କାହା କଥା କହୁଛୁ ? ତିଲକ୍ ଡେକା କଥା ?'

—'ହଁ ।'

—'ହଉ କହ ତେବେ, ଶୁଣିଥାଉଁ ଟିକଏ ଭଲଭାବରେ ।'

—' ମୁଁ ଖବର ପାଇଲି, କାଳୀ-ଅପା ରହାରେ ଥିଲେ । କାଳୀ ଅପା ପାଖକୁ ମୁହୂର୍ତ୍ତିକର ଖବର ମୁହୂର୍ତ୍ତି ଭିତରେ ଆସିଯାଏ । ସେପାଖେ ଗୌହାଟୀ, ଏପାଖେ କଲିଆବର । କାମପୁରର କଥାଟା ବାଦ୍ ଦିଅ । ଜାଣିନ ନା କାଳୀଅପାଙ୍କୁ···ସେଇମ ବାରପୂଜିୟାରେ ଯାହାଙ୍କ ଘର । ବାହାହେଇଥିଲେ କାମପୁରରେ ଜଣେ କୌଁସ୍ ଲୋକକୁ । ମଲୁରାମ ନା କଣ ତା ନାଁଟା । ଗତବର୍ଷ ଅଚାନ୍ନା ରୋଗରେ ମଲା ସିଏ । ଏବେ ମନେପଡ଼ିଲା ନାହିଁ ?'

—'ମଲା, କାଳୀଅପାଙ୍କୁ ପୁଣି ନ ଜାଣିଛୁ କଏ ? ଆମେ ପରା ତାଙ୍କ ଦୁରବସ୍ଥା ଦେଖି ଦେଖି ଏଠି ଆଣି ତାଙ୍କୁ ରଖିଛୁ । କାଳୀଅପା ଏବେ ବି ତାଙ୍କର ଯୌବନକୁ ଅତୁଟ ରଖିପାରିଛନ୍ତି ।'—କହିଲା ଭଭିରାମ ।

—'ସତ କଥା । ଏବେ ବି ଯୁବତୀ ହୋଇ ରହିଛନ୍ତି କାଳୀଅପା । ତେବେ ଶୁଣ, ସେଇ କାଳୀ ଅପା ପଚାରିଲେ ।

—ତୁ ମୋ ସାଥିରେ ଯାଇପାରିବୁ ?' ମୁଁ ପଚାରିଲି ।

—'କୋଉଠିକି ?' କହିଲେ—ବାରପୂଜିୟା ।' କହିଲି ।

—'ପାରିବି' । କାହିଁକି ଯିବା ଦରକାର ସେ କଥା ପଚାରିବାର ନଥିଲା କିଛି । ପେଡ଼ି ପୁଟୁଳା ବାନ୍ଧି ବାହାରିପଡ଼ିଲେ ସେ ମୋ ସାଥିରେ । ପଥୁରିଆ ବାଟ । ଦହପହର ବେଳ । ଏତେ ଜୋର୍‌ରେ ଚାଲନ୍ତି ନା ସେ !···ନାଁଟା ଯିନା 'କାଳୀ' କିନ୍ତୁ ଚେହେରାଟା ଚମ୍ପାଚମ୍ପା ଫୁଲର ପାଖୁଡ଼ା ପରି । ତାଙ୍କ ସାଥିରେ ଯିବାକୁ ସୁଯୋଗ ମିଳିବାରୁ ମୁଁ ଖୁବ୍ ଖୁସିହୋଇ ପଡ଼ିଥିଲି । ଚାଲିଛୁତ ଚାଲିଛୁ । ଯାଉ ଯାଉ ବାଟରେ ପଡ଼ିଲା ଗାଁଟାଏ । ନାଁଟା କଣ କି— ଉହୁଁ···ଥାଉ, ମନେପଡ଼ୁନି ଏବେ । ଦେଖିଲୁଁ ଗାଁଟା ପ୍ରାୟ ଶୂନ୍‌ଶାନ୍ । ସକାଳୁ ସକାଳୁ କୁଆଡ଼େ ପୋଲିସ୍, ମିଲିଟାରୀ ଦଳ ଆସି ସ୍ତ୍ରୀପୁରୁଷ, ଅଣ୍ଡା ବଚ୍ଚା ସଭିଙ୍କୁ ବାନ୍ଧି ନେଇଛନ୍ତି ।

ଏମାନଙ୍କ ଭିତରୁ କେହିହେଲେ ସେ ଗାଁଟାକୁ ଜାଣନ୍ତି ନାହିଁ । ତଥାପି ବଡ଼ କୌତୁହଳୀ ହୋଇ ଭଭିରାମ ପଚାରିଲା—'କାହିଁକିରେ ଏମିତି ବାନ୍ଧିନେଲେ ?'

—'ପୂର୍ବଦିନ ବାରପୂଜିୟାକୁ ଯାଇ ଏମାନେ କୁଆଡ଼େ ମିଟିଂ କରିଥିଲେ । ଢଲକ୍‌ଡେକା ବାଟରେ ପହରା ଦେଉଥିଲା । ଖିଆପିଆ ଶେଷରେ ମୃତ୍ୟୁସେନାଙ୍କର ସଭା ବସିଥିଲା । କିଏ କୋଉଠି କଣ କପରି କରିବ ସେଇ ଆଲୋଚନା ଚାଲିଥାଏ । କିନ୍ତୁ ସି.ଆଇ.ଡ଼ି. କଥାଟାର ଟେର୍ ପାଇଗଲେ । ସଙ୍ଗେ ସଙ୍ଗେ ଖବର ଚାଲିଗଲା ରହା ଥାନାକୁ । ମିଲିଟାରୀ ନେଇ ପହଞ୍ଚିଗଲା ଶଇକିଆ ଦାରୋଗା । ରାତାରାତି ଆସି ପହଞ୍ଚିଗଲେ ସେମାନେ ଗାଁ ପାଖାପାଖି । ଗାଁମୁଣ୍ଡର ଗୋଟେ ଗଛତଳେ ଢଲକ୍‌ଡେକା ଜଗିବସିଛି । ସାଥିରେ ତାର ଆଉ କେତେଜଣ ସାଙ୍ଗଟୋକା । ସେମାନେ ସେଇ ଅନ୍ଧାର ଭିତରେ ଶୁଣିଲେ କେବଳ ବୁଟ୍‌ଜୋତାର ଶବ୍ଦ । ଅଳ୍ପକ୍ଷଣ ପରେ ଧନସେଲିଆ ଟର୍ଚ୍ଚ ଲାଇଟର ଆଲୁଅ ଆସି ଢଲକ୍ ମୁହଁରେ ପଡ଼ିଲା । ପରେ ପରେ ମିଲିଟାରୀ ଦଳ ଦେଖିଲେ ଯେ ଢଲକ୍ ଶିଙ୍ଗା ଫୁଙ୍କିବାକୁ ଉଦ୍ୟତ

ହେଉଛି । ଶୁଣାଗଲା କ୍ୟାପଟେନ୍‌ଙ୍କ ଆଦେଶ—'ଖବରଦାର୍, ଶିଙ୍ଗା ଫୁଙ୍କ୍‌ନା ।' କିନ୍ତୁ ଢଲକ୍ ଡେକାର ଦେହଟା ସତେକି ଜଳିଗଲା । ମରିବ ବୋଲି ଜାଣି ମଧ୍ୟ ଶିଙ୍ଗାଟାକୁ ଫୁଙ୍କିଦେଲା ସେ । ଶିଙ୍ଗା ଫୁଙ୍କି ନଥିଲେ ସେଇ ରାତିରେ ହିଁ ଗାଁଟା ସାରା ଧରାପଡ଼ିଥାନ୍ତେ । ଢଲକ୍ ଡେକା କହିଲା—"ମୋର କର୍ତ୍ତବ୍ୟ ମୁଁ ନିଶ୍ଚୟ କରିବି ।" ସତକୁ ସତ ସେ ତାର କର୍ତ୍ତବ୍ୟ କରିଥିଲା । ଶିଙ୍ଗାର ଶବ୍ଦ ଯଥା ସମୟରେ ପହଞ୍ଚି ପାରିଥିଲା ଗାଁ ଲୋକଙ୍କ କାନରେ; କିନ୍ତୁ ସଙ୍ଗେ ସଙ୍ଗେ ଟଳିପଡ଼ିଥିଲା ଢଲକ୍ ଡେକାର କଅଁଳିଆ ଦେହଟା ।

ବହୁତ ଦମେ ଟାଣି, ଦୀର୍ଘନିଃଶ୍ୱାସ ଛାଡ଼ି ପୁଣି କହିଥିଲା ଧନପୁର—"କେବଳ ଢଲକ୍ ନୁହେଁ; ତା ପରେ ପରେ ଆଉ ଜଣେ ବି ଟଳିପଡ଼ିଲା ସେଇଠି । ତା'ପରେ ସଦଳବଳେ ଗାଁ ଭିତରକୁ ପଶିଥିଲା ଶଇତାନ୍‌ଗୁଡ଼ା । ସେତେବେଳକୁ କିନ୍ତୁ ନେତାଏ ସବୁ ଲୁଚି ପଳେଇ ଥିଲେ । ବିଲ, ପଡ଼ିଆ ଦେଇ ବଣ ଭିତରକୁ ଚାଲିଯାଇଥିଲେ ସେମାନେ । ଆମେ ବି ପାଇଲୁ ନାହିଁ ସେମାନଙ୍କ ଖବର । କେବଳ ଶୁଣିଲୁଁ ଯେ ସେମାନଙ୍କ ଭିତରୁ କେହିହେଲେ ଧରାପଡ଼ିନାହାନ୍ତି । ଶିକାର ହରାଇଥିବା ଯୋଗୁଁ ମିଲିଟାରୀଙ୍କ ରାଗ ପଞ୍ଚମକୁ ଉଠିଲା । ଯାହାକୁ ଯୋଉଠି ପାଇଲେ ସିଧା ସିଧା ବାନ୍ଧିନେଇ ଭର୍ତ୍ତି କରିଦେଲେ ରହା ଥାନାରେ । ବାଛେଇ ପିଟି ସେମାନଙ୍କଠୁ କଥା ଆଦାୟ କରିବାକୁ ଚାହିଁଲେ । ସ୍ତ୍ରୀଲୋକଗୁଡ଼ା, କେବେ ବି ଯେଉଁମାନେ ପରପୁରୁଷକୁ ଛୁଇଁନଥିଲେ, ସେମାନଙ୍କୁ ଘୋଷାଡ଼ି ଘୋଷାଡ଼ି ନେଲେ । ଦେହମୁଣ୍ଡରୁ ଲୁଗାଖଣ୍ଡା ଖସିଯାଇଥିଲା ସେମାନଙ୍କର । ଛୋଟ ଛୋଟ ପିଲାଙ୍କୁ ଖାଇବାକୁ ଦେବା ଦୂରେ ଥାଉ, ମା'ଠୁ ଖିର ଖାଇବାକୁ ବି ଦେଲେ ନାହିଁ; ବରଂ କାନ୍ଦିଲେ ପାଟିରେ କଣ୍ଡା ଦେଇ ସେମାନଙ୍କର କାନ୍ଦ ବନ୍ଦ କରୁଥିଲେ । ପୁରୁଷଗୁଡ଼ାଙ୍କୁ ଲାଟିରେ ବାଡ଼େଇ, ସେମାନଙ୍କର ହାତଗୋଡ଼ ବାନ୍ଧିଦେଇ ଖରାକୁ ମୁହେଁଇ ଶୁଆଇ ଦେଉଥିଲେ । ଏମିତି ସାରାଦିନ ଶାସ୍ତି ଦେଲେ ସେମାନଙ୍କୁ । ବଡ଼ ଅସହ୍ୟ ସେ ଶାସ୍ତି । ମାନ୍-ରାଜତ୍ୱକାଳରେ ବି ଏଭଳି ଅତ୍ୟାଚାର ହୋଇନଥିଲା । ତା' ପରଦିନ ସାରା ଗାଁରେ ପିଟୁନୀ ଟିକସ ଜାରିହେଲା । ଘରେ ଘରେ କୋରଖି..." କହୁ କହୁ କଣ୍ଠରୁଦ୍ଧ ହେଲା ଧନପୁରର । ସତେକି କଣ୍ଠ ତାର ଶୁଖିଗଲା ।

—"ଆରେ, କଣ ହେଲା ତୋର ?"—ପଚାରିଲା ମାଣିକ ବରା ।

ମାଣିକ ବରା । ଦେହରେ ଖଣ୍ଡେ କପାସୂତାର ଧଳା ଚାଦର, ଖଦଡ଼ର କୁର୍ତ୍ତା । ମୁଣ୍ଡରେ ଠେକାଟାଏ । ଧନପୁର କଥା କହୁ କହୁ ହଠାତ୍ ଆତଙ୍କିତ, ରୋମାଞ୍ଚିତ ତଥା ଉତ୍ତେଜିତ ହୋଇପଡ଼ିଥିଲା । ମାଣିକ ବରା ବୁଝିପାରିଲା, କଥା କହୁ କହୁ କାହିଁକି ଧନପୁରର କଣ୍ଠ-ରୁଦ୍ଧ ହେଲା । କିନ୍ତୁ ପ୍ରଶ୍ନ ପଚାରି ପ୍ରକୃତ ଘଟଣାଟି ଧନପୁରର ତୁଣ୍ଡରୁ ବାହାର କରିବାକୁ ଭାବିଥିଲା ସେ ।

ଭଉଣୀମନର ମନଟା ବି ଛକ୍‌ପକ୍ ହଉଥିଲା । କଥାଟେ କହିବାକୁ ପୁଣି ମଣିଷର ଏମିତି କଷ୍ଟ ! କଲିଜା କଳା ପଡ଼ିଯିବ !

ପୁଣି ଆରମ୍ଭ କଲା ଧନପୁର—'ହଁ, ତା' ପରେ କାଲୀଅପା ଲୁଗୁଣିଆ ରାସ୍ତାଟାଏ ଧରି ଗୋଟେ ଘରେ ପହଞ୍ଚି ଡାକଲେ—'ସୁଭଦ୍ରା !' କିଛିକ୍ଷଣ ପରେ ଦୁଆର ଖୋଲିଲା । ସଙ୍ଗେ ସଙ୍ଗେ ବାହାରିଆସିଲା ବୁଢ଼ୀ ଜଣେ । ବୁଢ଼ୀଜଣକ କାଲୀଅପାକୁ ଦେଖି ଦେଖି ସକେଇ ସକେଇ କାନ୍ଦି କାନ୍ଦି କହିଲା—"ମୋର ସବୁ ସରିଗଲା ଅପା, ସବୁ ସରିଗଲା ।" କାଲୀଅପା କିଛି ନ କହି ବୁଢ଼ୀକୁ ଧରାଧରି ଘର ଭିତରକୁ ପଶିଗଲେ । ବାହାରେ ପହରା ଦବାକୁ କହିଗଲେ ମୋତେ । କିଛି ସମୟ ଦୁହେଁ ଫୁସ୍‌ଫୁସ୍‌କିନା କଥା ହେଲେ ସେମାନେ । କଣ ଯେ ସେମାନେ କଥା ହେଲେ, ମୁଁ କହିପାରିବିନାହିଁ । ତା' ପରେ କାଲୀଅପା ଗୋଟେ ଝିଅକୁ ଧରି ବାହାରକୁ ଆଣିଲେ । ଝିଅଟା ଏକବାରେ ଶୋଥ ପଡ଼ିଯାଇଛି । ଲୁଗାପଟା ତାର ରକ୍ତ-ବଳବଳ । ଚାଲି ପାରୁନଥାଏ । ଥ୍ରେଟଉଥାଏ । ମୁଁ କାବା ହୋଇ ଚାହିଁ ରହିଥାଏ । ବୁଢ଼ୀଜଣକ ସକେଇ ସକେଇ କାନ୍ଦୁଥାଏ ଆଉ କହୁଥାଏ—"ପାରିବନା ଆଉ ବଞ୍ଚେଇ ? କାଲି ସକାଳଠୁ ଧରିରଖିଛି । ଲୋକବାକ କେହି ନାହିଁ । ରୁ ସତେକ ଦେବୀ ଉଭାହେଲୁ ଅପା···ହେଲେ ଆଉ ନରୁ କେମିତି ? ଦେଖୁନ, କଣ ହେଲାଣି ଅବସ୍ଥା ତାର ।" ମୋର ଆଡ଼କୁ ଅନେଇଲେ କାଲୀଅପା । ପଚାରିଲେ—"ଧରିପାରିବୁ ଝିଅକୁ ? ବାଟ କିନ୍ତୁ ଛଅମାଇଲ ହବ ।" ଭଲକିନା ଚାହିଁଲି ଝିଅଟି ଆଡ଼କୁ ଥରେ । ସେ ଆଖି ଖୋଲୁନାହିଁ; କେମିତି ଛୁଡ଼ା ହୋଇଥାଏ । ମୁହଁଟା ତାର କାଲୀଅପାର ମୁହଁଠୁ ଆହୁରି ସୁନ୍ଦର । କିନ୍ତୁ କମଳାଟାଏ ଶୁଖିଶାଖିଗଲେ ଯେମିତି ଦେଖାଯାଏ ସେମିତି ହୋଇଯାଇଥାଏ । ଯଥେଷ୍ଟ ପାତଳା ଝିଅଟା । ବେଶି ଓଜନିଆ ନୁହେଁ ।···ଦେଖିବାକୁ ତମି ଭଲଆ । ତମିକୁ ଜାଣିନା ନା ଭଉଣୀ ? ଗୋଡ଼ର ପେଣ୍ଡା ଦ'ଟା ଠିକ୍ ତାରି ଭଳି । ମୁଁ କହିଲି—"ପାରିବି ।" କାଲୀଅପା ସାହସ ପାଇଗଲେ । ବୁଢ଼ୀକୁ କହିଲେ—"ତୁମେ କିଛି ଚିନ୍ତା କରନା ମା' ! ମୁଁ ସୁଭଦ୍ରାର ଭାର ନେଲି । ସେଇ ଗାଡପଶା-ପଙ୍ଗାଙ୍କୁ ପାନେ ଦେଇଥିଲେ ଭଲ ଲାଗିଥାନ୍ତା ।" ବୁଢ଼ୀ ପଚାରିଲା—"ଦେଖିବାକୁ ପାଇବି ତ ପୁଣି ଆଉ ?···ମା' ଲୋ ! କଣ ନ ହେଲା··ମୋର ସବୁ ସରିଗଲା ।" କାଲୀଅପା ପୁଣି ବୋଧ ଦେଇ କହିଲେ—"ସେମିତି ଭାବ ନାହିଁ । କିଛି ଯାଇନାହିଁ ତୁମର । ଦୁଃଖ କରନା ।"···ସେଠି ଆଉ ଦଣ୍ଡେ ରହିଲେ ନାହିଁ କାଲୀଅପା । ଝିଅଟାକୁ କାନ୍ଧେଇବାପାଇଁ ମୋତେ କହିଦେଇ ସେ ଆଗେଇ ଚାଲିଲେ । କାନ୍ଧେଇନେଲି ମୁଁ ଝିଅଟାକୁ । ସୁଭଦ୍ରା ଚିତ୍କାର କରୁଥିଲା ଯନ୍ତ୍ରଣାରେ । ଡାହାଣ ପାଖ ପେଟର ଯନ୍ତ୍ରଣା । ସତକୁ ସତ ଝିଅଟା ସେତେ ଓଜନିଆ ନଥିଲା । ଦେହଟା କିନ୍ତୁ ତାର ଉଷୁମ ଉଷୁମ ଜଣାଯାଉଥାଏ । ବାଧେ ଜ୍ୱର । ଥରେ ବି ସେ ଆଖି ଖୋଲି-ନଥିଲା । ଲାଜରେ କି କଣ ! ବେଶ୍ ଲମ୍ବା ଲମ୍ବା ଆଙ୍ଗୁଳି ଝିଅଟାର । ବାରପୂଜାସ୍ଥାର ଝିଅମାନେ ବୁଣାକଟାରେ ବେଶ୍ ନିପୁଣ ତ ।'

ଇତିମଧ୍ୟରେ ଭଉରାମ ତାର ଅଣ୍ଟା ଖୋସଣିରୁ ବଟୁଆଟା ବାହାର କରି ସେଥିରୁ ଖଣ୍ଡେ ଗୁଆ, କିଛି ଧୂଆଁପତ୍ର ଓ ଚୂନ ବାହାର କରିଆଣି କାଲରେ ଭରିଲା । ତା' ଦେଖାଦେଖି ମାଣିକ ବି ସେଥିରୁ କିଛି ପାଟିରେ ପକାଇଲା । ତା' ଦେଖାଦେଖି ଧନପୁର ବି ମାଗିନେଲା ଗୁଆଖଣ୍ଡେ । ଖଣ୍ଡିଆ ବଡ଼ିଟାକୁ ଫୋପାଡ଼ିଦେଇ ଗୁଆଖଣ୍ଡିକ କାଲରେ ଜାକିଲା ଧନପୁର । ତା' ପରେ ପୁଣି ଆରମ୍ଭ କଲା—'ସୁଭଦ୍ରା ଦେହରୁ କଞ୍ଚାମାଛର ଗନ୍ଧ ପରି କିଣ ଗୋଟାଏ ଆଇଁଷିଣିଆ ଗନ୍ଧ ବାହାରୁଥାଏ । ମୁଁ ମଝିରେ ମଝିରେ ରୁମାଲ କାଢ଼ି ନାକରେ ମାଡ଼ୁଥିଲି । କାଳୀଅପା କିନ୍ତୁ ନିର୍ବିକାର । ବାଟ ଆଡ଼େଇ ଆଡ଼େଇ ଆଗେଇ ଚାଲିଥାନ୍ତି ସେ । ଆଗ ଗାଁଟାକୁ ଏଡ଼େଇଯିବାପାଇଁ ଗୁପ୍ତିଆ ବାଟଟାଏ ଧରିଥିଲେ ସେ । ବେଳ ସେତେବେଳକୁ ଅନେକ ହେଲାଣି । କଳଂ ନଈର କୂଳେ କୂଳେ ଆମେ ଦୁହେଁ ଆଗେଇ-ଚାଲିଥାଉଁ ନିଃଶବ୍ଦରେ । କାଳୀଅପାଙ୍କ କାଖରେ ବୁଜୁଲାଟିଏ । ସେଇ ବୁଜୁଲାର ଲୁଗାପଟା ଭିତରେ ଥିଲା ଗୋଟେ କଟୁରି । ବଣରେ ସୁନ୍ଦର ସୁନ୍ଦର ନାଗେଶ୍ୱର ବୃକ୍ଷଗଛ ଗୁଡ଼େ ଦେଖିଥିଲି । କାଳୀଅପା ଆମର ସତେକି ଏକ ଚଳମାନ ନାଗେଶ୍ୱର ବୃକ୍ଷଗଛ । ଉଦ୍‌ଭ୍ରାନ୍ତ ବୋଲି ଟିକିଏ ନାହିଁ ତାଙ୍କଠି ।...ହଠାତ୍ ଟିକିଏ ଅଟକିଯାଇ ଅପା କହିଲେ—"ଧନପୁର ରେ ! ବଡ଼ ଭୁଲ୍‌ଟାଏ ହୋଇଗଲା ।" ପଚାରିଲି—"କି ଭୁଲ୍ ?" ମୋ ଆଡ଼କୁ ବୁଲିପଡ଼ି ଅପା କହିଲେ—"ସୁଭଦ୍ରା ମା'ଟାର ହାତରେ ପଇସାପତ୍ର କିଛି ନାହିଁ । କଣ ମୁଠେ ଧାନ ପାଇଥିଲା ଯେ ସେ ଗାତପଣା ଦଳ ସବୁ ଲୁଟିନେଲେ । କୋଠିଟା ଖାଲି ପଡ଼ିଛି । ଥିବାଥିଲା ଟଙ୍କା କେଇଟା ଦେଇଆସିଥାନ୍ତି ତା ହାତରେ । ହେଲେ ମୋ ହାତ ବି ଛୁଚ୍ଛା । ଏ ପାଖରେ ପୁଣି ସେ ଡରୁଆ ଡାକ୍ତରଟା ଆଉ ଦେଖିବ କି ନାହିଁ ଜଣାନାହିଁ । ଅବଶ୍ୟ ଲୋକ ହିସାବରେ ମନ୍ଦ ନୁହେଁ ।" ମୁଁ କହିଲି—"ମୋଠି କିଛି ଅଛି ଅପା ! କହିଥିଲେ ଦେଇଆସିପାରିଥାନ୍ତେ ।" ଅପା କହିଲେ—"ହଉ ଗଲାଣି ତ, ଥାଉ । ସେ ଗାତପଣାଏ ଯଦି ଆମକୁ ବାଟରେ ଦେଖିପକାଇବେ ତେବେ ତ ସର୍ବନାଶ ।" ମୁଁ କହିଲି—"କଣ ଆଉ ସର୍ବନାଶ ହେବ ଯେ ?" କାଳୀଅପା ଲାଜସରମ ଛାଡ଼ି କହିଲେ—"ଦେଖିଲୁ କି ସୁଭଦ୍ରାର କଣ ହେଲା ? ଗୋଟେ ନୁହେଁ, ଦୁଇଟା ନୁହେଁ, ତିନିଟା ବି ନୁହେଁ, ଏକାଥରେ ଦଶ ଦଶଟା ମଣିଷ...ଛି...ଛି...କି ଅଲାଜୁକ କଥା । ଦେହଟା ନିଆଁ ହୋଇଯାଉଛି । ମନ ହେଉଛି ସେ ଗାତପଣାଗୁଡ଼ାଙ୍କ ପାନେ କେମିତି ଦିଅନ୍ତି । ଇମିତି ପୋଲ ଭଙ୍ଗାଭଙ୍ଗିରେ କିଛି ହବନି ।" କହିଲି—"କଣ ଆଉ କରିବା ଯେ ?" କାଳୀଅପା କହିଲେ—"ଯୁଦ୍ଧ ! ଚୀନ୍ ଯେମିତି କରୁଛି ।" ପଚାରିଲି—"କଣ କରୁଚି କି ଚୀନ୍ ?" ଅପା ବଡ଼ ଆଚମ୍ବିତ ହେଲାପରି କହିଲେ—"ମରୁନୁରେ ତୁ...ଖବରକାଗଜ ପଢ଼ୁନୁ କିରେ ? ଚୀନ ପରା ଜାପାନ ସାଥିରେ ଯୁଦ୍ଧ କରୁଛି । ଚାରିଆଡ଼େ ଖାଲି ଯୁଦ୍ଧ ଆଉ ଯୁଦ୍ଧ । ଏଇ କଥା କାଲି ବାରପୁଲିଆରେ ପଢ଼ିଥିଲି । ବନ୍ଧୁକ, ଗୋଲାବାରୁଦ ଜମାକରିବେ । ଗରିଲା ଫଉଜ ଗଢ଼ିବେ ।" ଗରିଲା ଅର୍ଥ କଣ ତା'ବି ମୁଁ ଜାଣିନି । ପଚାରିଲି—"ଅପା, ଗରିଲା କଣ ?" ଅପା କହିଲେ—"ମୂର୍ଖଟା କିରେ ? ମୁଁ ବି ଗରିଲା କଣ ଜାଣିନି । ଅସଲ ଅର୍ଥଟା ହେଲା ଏଇ

ଗାତଗୁଡ଼ାଙ୍କ ହାଥରେ ଲୁଚଲୁଚ ଲଢ଼ିବେ । ବନ୍ଧୁକ, ବାରୁଦ ଜମେଇ···" ଅଧା କହି ଅଟକିଗଲେ ଅପା । ତା'ପରେ କଣୁକୁ ଆଉ ଟିକିଏ ଦବେଇ କହିଲେ—"କିନ୍ତୁ ଖବରଦାର୍, ଏକଥା ଯେମିତି କାହା ଆଗରେ ନକହୁ । କାନ୍ଥକୁ ନୁହେଁ କି ବାଡ଼କୁ ବି ନୁହେଁ । ସେମାନଙ୍କର ବି କାନ ଅଛି । ବୁଝିଲୁ ?" ମୁଁ କହିଲି—"କାହାକୁ କହିବ ଯେ, ମୁଁ ବି ଭାବୁଛି ସେମିତି କିଛି ଗୋଟେ ହବା ଦରକାର ।" ଅପା କହିଲେ—"ତୋର କଣ ମରିବାକୁ ଡର ନାହିଁ ?" ମୁଁ କହିଲି—"ମରିବାକୁ କିଏ ନଡରେ ? କିନ୍ତୁ ହକ୍ କଥାରେ ମରିବାକୁ ମୁଁ ତିଆର । ମୋଓ୍ମାମରିଆଏ କଣ କରିଥିଲେ ଜାଣିନାହିଁ ? ମରିଯାଉି ମରିଯାଉି, ଗୁରୁର ଋଣ ଶୁଝିଯାଉି ।" ଅପା କହିଲେ—"ଠିକ୍ କଥା କହୁଛୁ । ଦେଖୁଛି ତୋର କଲିଜା ଅଛି ।··· ୟାକୁ ରହା ଯାଏଁ ନେଇ ପାରିବୁ ନା ମୁଁ ଟିକିଏ ଧରିବି ?" କହିଲି—"ପାରିବି ମ । ଖୁବ୍ ହାଲ୍କା ।"···"ଏଁ, ଏ ପୁଣି କିଏ ?" କହି କାଲିଅପା ହଠାତ୍ ଏକ ବଗିଟ ଉଇ-ହୁଙ୍କା ଉପରେ ବସିପଡ଼ିଲେ । କ୍ଲାନ୍ତ ଯୋଗୁଁ ଧଇଁସଇଁ ହୋଇଯାଉଥିଲେ ସେ । କହିଲେ, —"ଜାଣିଚୁନାରେ ଧନପୁର, ଇଏ ସେଇ ବୁଢ଼ୀର ଝିଅ । ବୁଣାବୁଣିରେ ବେଶ୍ ପୋଖତ । ଗାଁ-ଗାଁକୁ ଯାଇ କପା ଛଡ଼ାଏ, ସୂତାକଟା ଶିଖାଏ । ନବାଆଣିବା ବି କରେ । ୟାକୁ ମୁଁ କେତେ କାନେକାନେ ନକହୁଛି—ଝିଅଲେ, ଜଗିରଖି ଚଳୁଥିବୁ; ଗାତପଶାଗୁଡ଼ାଙ୍କର ଆଖି ତ ସେଇ ଦେହ ଉପରେ···ଯୁବତୀ ଝିଅଙ୍କର ଦେହଟା ହିଁ ଆପଣାର ଶତ୍ରୁ; କିନ୍ତୁ ସେ କଣ ଶୁଣିଲା ମୋ କଥା । ଈଶ୍ୱରଙ୍କ ଉପରେ ତାର ଅଟଳ ବିଶ୍ୱାସ···ହେଲେ ଈଶ୍ୱର ଏବେ କଲେ କଣ··· ।"

ଧନପୁର ଟିକିଏ ରହିଗଲା । ପାଟିରୁ ଛେପ କଲେ ପକେଇ ଗ୍ରାମ୍ୟ ଦୂରରେ ଥିବା ଖାଲ ଝମାଣଆଡ଼େ ଅନେଇ ପୁଣି କହିଲା—"ଶୁଣିଛି ବ୍ରହ୍ମପୁତ୍ରର ଏପଟେ କୁଆଡ଼େ ଭଲ ଗୃହବାସ ହୁଏ । ଆଉ ବି ଶୁଣିଛି ଯେ ନେପାଳୀ ଓ ମଇମନ୍‌ସିଂହିଆ ଲୋକେ ଆସି କ୍ଷେତବାଡ଼ି କରି ଏ ପାଖ ଯାଗଟା ଭରିଗଲେଣି ।"

ଭିଭିରାମ କହିଲା—"ସରକାର ତ ମଇମନସିଂହିଆଙ୍କୁ ଆଣି ଦେଶଟାକୁ ଭରି-ଦେଲେଣି । ଆହୁରି ପୁଣି, ଶୁଣିନ ନା, ମୁସ୍‌ଲିମ୍‌ଲିଗ୍‌ବାଲେ କାଲେ ଆସାମିଗୋଟାକୁ ନେଇ ପାକିସ୍ତାନରେ ସାମିଲ୍ କରିଦେବେ ।"

ମାଣିକବର ଗଲା ଖଁକାରି କହିଲା—"ମୁସଲମାନଲିଗର ବାପଙ୍କର ବି ସେ ସାଧ୍ୟ ନାହିଁ ।"

ଧନପୁର ପୁଣି ବଡ଼ଟାଏ ଲଗେଇଲା । ତାପରେ କହିଲା—"ଆମର ବି ମାଟି ଚଷିବା ଦରକାର । କପିଲୀ ଅପେକ୍ଷା କଲଂ କୂଳରେ ମାଟିଟା ସରସ । ପାହାଡ଼ ତଳଠୁଁ ଏଯାଏଁ ନଈର ପଟୁମାଟି ପଡ଼ିଛି । ଜମି ତ ଦେଖିଛ ।···ଏଥର ସ୍ୱାଧୀନତା ପାଇଗଲେ ଏଠି ଆସି ମାଟି ଚଷିବି । କାମପୁରରେ ମୋର ହେଉ ଖଣ୍ଡେ ବି ଜମି ନାହିଁ । ଭାଇମାନେ ଭାଗଚାଷ କରି ଖାଉଛନ୍ତି; ତା'ଛଡ଼ା ବର୍ଷକୁବର୍ଷ କପିଲୀର ବଢ଼ିପାଣିରେ ଧୋଇହୋଇଯାଉଛି । ଏ ବର୍ଷ ବି ବାଦ୍ ପଡ଼ିନାହିଁ ।"

ଘଟଣାର ବାକି ଅଂଶ ଶୁଣିବାକୁ ଭଇରାମର ମନଟା ଛଟପଟ ହେଉଥିଲା—ଅନ୍ତତଃ ସୁଭଦ୍ରାର କାହାଣୀଟା । ତେଣୁ ସେ କହିଲା—"ଛାଡ଼, ଏକଥା ପରେ କହିଲେ ଚଳିବ । ଆଗେ ତୋ କହିଲା କଥାଟା ସାରିଦେଲୁ ।···ନିରାପଦରେ ଚହ୍ୱାରେ ପହଞ୍ଚିଲୁ ତ ?"

ଧନପୁର କହିଲା—'ହଁ । ସେତେବେଳକୁ ଖିଆପିଆ ବେଳ ଗଡ଼ିଯାଇଥାଏ । ଝିଅଟିକୁ କାନ୍ଧରୁ ଓହ୍ଲେଇ ଆଶ୍ରମର ଗୋଟିଏ କୋଠରିରେ ଶୁଆଇଦେଲି । ଦେଖିଲି ଝିଅଟିର ଲୁଗାପଟାରେ ରକ୍ତର ଦାଗ ଆହୁରି ବଢ଼ିଯାଇଛି । ସେଇ ଆଁଷ୍ଟିଣିଆ ଗନ୍ଧ । ସେଯାଏଁ ବି ଆଖି ଖୋଲିନଥିଲା ଝିଅଟି । ମୁଁ ଯାଇ ଧୂଆଧୋଇ ହୋଇ ଆସିଲି ପୋଖରୀରୁ । ତଥାପି ସେଇ ଗନ୍ଧଟା ଯେପରି ନାକଟାକୁ ଛାଡ଼ିବାକୁ ନାରାଜ । ମୁଁ ଲୁଗା ବଦଳେଇ ନାକଟାକୁ ଚିପିଧରି କୋଠରିରେ ପଶିଲି । କାଳୀଅପା କହିଲେ—"ତୁ ଏବେ ଗଲୁ, ଦେଖି ଆସିବୁ ଡାକ୍ତରବାବୁ ଡାକ୍ତରଖାନାରେ ଅଛନ୍ତି ନା ନାହିଁ । ଯଦି ଥିବେ ତେବେ ଏଠିକି ଡାକି ଆଣିବୁ ।" ତାପରେ ମୁଁ ନାକଟାକୁ ହାତରେ ଚିପି ଧରିଥିବା ଦେଖି ଅପା କହିଲେ—"ଜଣକର ଗନ୍ଧରେ ଏମିତି ହେଇଯାଉଛୁ । ମିଲିଟାରୀ ପୁଲିସଦଳ ଏମିତି କେତେ କେତେ ଯୁବତୀଙ୍କର ଦେହକୁ ନଷ୍ଟ ନ କରୁଛନ୍ତି । ସେସବୁ ଦେଖିଥିଲେ ତୋ ମୁଣ୍ଡଟା ରହିନଥାନ୍ତା ଦେଖୁଛି ।···କିନ୍ତୁ ଏଇ ଗନ୍ଧ ସହିବାକୁ ପଡ଼ିବ । ଇଏ ଅତ୍ୟାଚାରର ଗନ୍ଧ ।···ହଉ ଗଲୁ ଯା, ଶୀଘ୍ର ଡାକ୍ତରକୁ କହିବୁ, ତେଣିକଲେ ଝିଅଟି ମରିଯିବ ।"—ମୁଁ ଚାଲିଗଲି ।···ହେଲେ ମୋ ମନ ଭିତରେ ସେଇ କଥାଟି ଆଉଟୁପାଉଟୁ ହେଉଥାଏ···ଅତ୍ୟାଚାରର ଗନ୍ଧ···ଅତ୍ୟାଚାରର ତେବେ ଗୋଟେ ଗନ୍ଧ ଅଛି !!!···

ମାଣିକ ବରା ଆଡ଼କୁ ଅନେଇଲା ଭଇରାମ । ଦେଖିଲା ବରା ତାର ତନ୍ମୟ ହୋଇ କଣ ଭାବିଲାଗିଥିଲା । ଭଇରାମ ପଚାରିଲା—"କଣ ହୋ ଏତେ ଭାବୁଛ ? କଥାର ମଜାଟା ପାଇଲ ନାହିଁ କି?"

ଦୀର୍ଘ ନିଃଶ୍ୱାସଟାଏ ଛାଡ଼ି ମାଣିକ ବରା କହିଲା—"ସ୍ୱାମୀଜୀ କହନ୍ତି ଈଶ୍ୱରଙ୍କ ସହିତ ବାର୍ତ୍ତା-ମାଣିବା । ଏମିତି କଥା ଶୁଣି ଶୁଣି କାନ ବଧିରା ହେଲାଣି । ସେଇ ଗନ୍ଧ ମୋ ନାକରେ ବି ବାଜିଛି ।···କିନ୍ତୁ ବଡ଼ମପୁରର ବଣଜଙ୍ଗଲରେ ଯୋଉ ଶବଗୁଡ଼ାକ ପଡ଼ିଛି, ସେଇ ଗନ୍ଧ ଆହୁରି ଅସହ୍ୟ ।" ଧନପୁର ପଚାରିଲା—'ତୁମେ ବଡ଼ମପୁର ଯାଇଥିଲ ନା କଣ ?'

—ହଁ ।

—କୁହ ଟିକେ, ଶୁଣିବା ସେଠାକାର ଘଟଣା ।

—ଆଗେ ସୁଭଦ୍ରାର କଥାଟା ସାରିଦଉନା । ଶୁଣିବାକୁ ଭାରି ଇଚ୍ଛା ହେଉଛି ।

ଧନପୁର ପୁଣି ଆରମ୍ଭ କଲା । କହିଲା—"ଡାକ୍ତରଖାନାରେ ପହଞ୍ଚିଲି । ଦେଖିଲି ପୋଲିସ ଦାରୋଗା ବାହାରିଯାଉଛି । ମୁଁ ଗଛଉହାଡ଼ରେ ଥିବାରୁ ସେ ମୋତେ ଦେଖିପାରିଲା ନାହିଁ; ଦେଖିଥିଲେ କିନ୍ତୁ ସର୍ବନାଶ ହୋଇଥାନ୍ତା । ଯାହାବି ହଉ, ମୁଁ ଟିକିଏ ଦୋ-ଦୋ ପାଞ୍ଚ ହୋଇ ଗୋଡ଼ ଚପି ଚପି ଡାକ୍ତରଖାନା ବାରଣ୍ଡାକୁ ଉଠିଲି । ଦେଖିଲି କେହି ନାହାନ୍ତି ।

ଏକୁଟିଆ ଡାକ୍ତରବାବୁ । ବସିଥାନ୍ତି ତାଙ୍କର ଚଉକିରେ । ଖୁବ୍ ଚିନ୍ତିତ ଥିଲା ପରି ମନେ ହେଉଥିଲେ । ମୁଁ ଆଉ ନ ଡରି ସିଧା ଯାଇ ତାଙ୍କ ଆଗରେ ପହଞ୍ଚିଗଲି; କିନ୍ତୁ କହିବି କଣ ?···ସେଠିବି ସେଇ ଆଇଁଷିଣିଆ ଗନ୍ଧ—ଶୁଖିଲା ରକ୍ତର ଗନ୍ଧ । ··· ମୋତେ ଦେଖି ଚମକିପଡିଲେ ଡାକ୍ତରବାବୁ । ହଠାତ୍ ତାଙ୍କ ପାଟିରୁ ବାହାରିପଡ଼ିଲା—'ଆରେ ଏଇଟା ପୁଣି କିଏ ?' ମୁଁ ବି ହଠାତ୍ କହିପକେଇଲି—'କାଳିଅପା ପଠେଇଛନ୍ତି । ସୁଭଦ୍ରାର ଅବସ୍ଥା ସାଙ୍ଘାତିକ ।'—ଯେମିତି ବତେଇଥିଲେ କାଳିଅପା, ମୁଁ ସେମିତି କହିଦେଲି । କାଳିଅପାଙ୍କ ନାଁ ଶୁଣି ଡାକ୍ତରବାବୁ ମୋ'ଆଡ଼କୁ ବାଘଭଳି କଟମଟ୍ କରି ଚାହିଁ ପଚାରିଲେ—'ତୋ ଘର କୋଉଠି ?' ମୁଁ କହିଲି, 'କାମପୁରରେ ବାବୁ !' କାମପୁରର ନାଁଟା ଶୁଣି ସେ ବୋଧେ ଟିକିଏ ଡରିଗଲେ ନା କଣ ! ତାପରେ ପଚାରିଲେ—'ଗୋସ୍ୱାମୀଙ୍କ ଘର ପାଖରେ ନା କଣ ?' 'ହଁ'ଟାଏ ମାରିଲି । ତେବେଯାଇ ସେ ସନ୍ତୁଷ୍ଟ ହେଲେ । ତାପରେ ମୋତେ କହିଲେ—'ହଉ ତୁ ଯା, ଭିତରେ ଥା । ଦାରୋଗା ପୁଣି ଏଇକ୍ଷଣି ଆସିଯିବ । ତୁ ଲୁଚି ରହ ।' ତାଙ୍କ ତୁଣ୍ଡରୁ ଏ କଥା ଶୁଣି ମୋର ତ ତାଳୁକ ଶୁଖିଗଲା । ତଥାପି ଟିକିଏ ରହିଯାଇ ମୁଁ ସାହସ ବାନ୍ଧି ପଚାରିଲି—'କଣ ଗୋଟେ ପଚା ଗନ୍ଧ ହଉଚି କି ଡାକ୍ତରବାବୁ ?' ସେ କହିଲେ—'ଜୋଙ୍ଗାଲବଲିହୁ ଗଡ଼ରେ ଗୋଟେ ଲୋକକୁ ଗୁଳିକରି ମାରିଦିଆଯାଇଛି ।' ମୁଁ ପଚାରିଲି—'କାହିଁକି ?' ସେ କହିଲେ—'କାହିଁକି ଫାହିଁକିର କଥା ନାହିଁ । ଏମାନେ ଭଲେଣ୍ଟିୟର ବୋଲି ଖବର ଗୁଳି ମାରିଛନ୍ତି ।' ମୁଁ କହିଲି—'ଓ ବୁଝିଲି, ସେଇ ଲୋକଟାର ଶବ ଏଠି ଅଛି ବୋଧେ ?' 'ହଁ' ବୋଲି କହିଲେ ଡାକ୍ତରବାବୁ । ତା ପରେ ମୁଁ ଟିକିଏ ଏପାଖ ସେପାଖ ଅନେଇଲି । ଦେଖିଲି, ଗୋଟେ କୋଣରେ ବସ୍ତାଟାଏ । ଲୋହୁକୋହୁ ଭିତରେ କଣ ଗୋଟେ ବନ୍ଧାହୋଇଛି । ମନେ ମନେ ଚିତ୍କାର କରି ଉଠିଲି—'ଏଇଟା ତେବେ ମଣିଷର ଦେହ ! ମାରୱାଡ଼ି ଗୋଦାମର କୁଣ୍ଡାବସ୍ତା କି ଏତେ !,···ଦେଖିଲି, ଡାକ୍ତରଖାନାରେ ଲଣ୍ଠନ କି ଡିବିରି କିଛି ନାହିଁ । ଏଣେ ସନ୍ଧ୍ୟା ହୋଇଆସୁଥାଏ । ସେଇ ଝାପ୍‌ସା ଅନ୍ଧାର ଭିତରେ ବି ଡାକ୍ତରବାବୁଙ୍କ ମୁହଁ ଉପରେ କଳା ପଡ଼ିଯାଇଥିବା ଦେଖାଯାଉଥାଏ । ଡାକ୍ତରବାବୁ ମୋତେ ଧମକ ଦେଲାଭଳି କହିଲେ—'ତୁ ଏଠୁ ଚଞ୍ଚଳ ଗଲୁ···ଏଇନେ ଦାରୋଗା ଆସିଯିବ ।' ମୁଁ ସେଇଠୁ ଏକାଢିଆଁକେ ଯାଇ ଡାକ୍ତରବାବୁଙ୍କ ବସାଘର ଭିତରେ ହାଜର ହେଲି । ସେଠି ଡାକ୍ତରଙ୍କ ସ୍ତ୍ରୀଙ୍କର ସାମନାସାମନି ହେଇପଡ଼ିବାରୁ ସେ ଚମକିପଡ଼ିଲେ ଏବଂ ଚିତ୍କାର କରିବାକୁ ବାହାରୁଥିଲେ । ମାତ୍ର ମୁଁ ହଠାତ୍ କହିଦେଲି —'ଅପା ! ପାଟିକରନା, ମୁଁ ଧନପୁର ।' ଏଇ ଡାକ୍ତରଙ୍କ ସ୍ତ୍ରୀ ହଉଛନ୍ତି ଆମ ଗୋସ୍ୱାମୀଙ୍କ ଭଉଣୀ । ସେ ମୋ'ଠୁ ଅପା ସମ୍ବୋଧନ ଶୁଣି ପଚାରିଲେ—'କୋଉଠୁ ଆସିଲୁ ?'

ଏହି ସମୟରେ ହଠାତ୍ ଦାରୋଗାର ପାଟି ଶୁଭିଲା । ମୁଁ ତେଣୁ ଅପାଙ୍କୁ ଠାରରେ ଜଣେଇଦେଲି ଯେ ଏବେ ଆଉ କଥାବାର୍ତ୍ତା ନାହିଁ । ଅପା ମୋ ଠାରରୁ ବେଶ୍ ବୁଝିଗଲେ । ତା'ପରେ ଆସ୍ତେକିନା କହିଲେ—"ଯା ତେବେ ସେ ବାହାରଘର ଭିତରେ ବସିଥା । ମୁଁ ରୁହାକରି ଆଣୁଛି ।"

…ଅଗତ୍ୟା ମୁଁ ସେହି ଅନ୍ଧାର ଘରଟା ଭିତରେ ବସିରହିଲି । କ୍ଳାନ୍ତ, ବିଚଳିତ ଆଉ ଭୟରେ ପ୍ରାଣଟା ଧୁଡ଼ ଧୁଡ଼ ଗଳିଭଳି ଲାଗୁଥାଏ ।…ଅନ୍ଧାର ନୁହେଁ ଯେ, ସତେ କି ନାଗପାଶ । କିଛିସମୟ ପରେ ଅପା ଆସି ଡାକିଲେ—'ଧନପୁର !' ମୁଁ ପଚାରିଲି—'ଦାରୋଗା ଗଲେଣି ନା ?' 'ହଁ ଗଲେଣି' ବୋଲି କହି ମୋତେ ଜଳଖିଆ ଖାଇବାକୁ ଡାକିଲେ । ମୁଁ ଗଲି । ଯାଇ ଦେଖିଲି ବାରଣ୍ଡା ଟେବୁଲରେ ସୁଜି ଆଉ ଚାହା ରଖାହୋଇଛି । ଚାହାଟା ବେଶ୍ ଗରମ—ବାମ୍ପ ବାହାରୁଥାଏ । ଆରାମରେ ବସିପଡ଼ି ମୁଁ ସେସବୁ ଖାଇବାକୁ ଲାଗିଲି । ଅପା ଯେମିତି ଠିଆହୋଇଥାନ୍ତି ସେଇଠି ମୋ ପାଖରେ । କହିଲେ—'ଭାଇନା ଗଲେଣି କାଳୀଅପା ପାଖକୁ । ତୁ ଏଇଠି ରହିବାପାଇଁ କହିଯାଇଛନ୍ତି । ତୋର କଣ କିଛି ଦରକାର ହେଲେ କହିବୁ । ତା' ପରେ ପୁଣି ପଚାରିଲେ—'କାହାର କଣ ହୋଇଛି କିରେ ?' ମୁଁ ତଳକୁ ମୁହଁ ପୋତି ଖାଉ ଖାଉ କହିଲି—'ସେ କଥା ତୁମ ଆଗରେ କହିବାକୁ ଲାଜ ଲାଗୁଛି, ଅପା !' ଅପା ହସିଲେ । ତାପରେ ପଚାରିଲେ—'ସୁଭଦ୍ରାକଥା ବୋଧେ ?' କହିଲି—'ହଁ, ଇସ୍ କି ଅତ୍ୟାଚାରର ସତେ ! ସେ କଥା ଭାବିଲାବେଳକୁ ମୁଣ୍ଡଟା ଗରମ ହୋଇଯାଉଛି । ଆହା, ବିଚାରି ବଞ୍ଚିବ କି ନାହିଁ…।' ମୋ କଥା ଶୁଣି ମୁହଁଟା ଝାଉଁଳିଗଲା ଅପାଙ୍କର । ମାଇକିନିଆ ମଣିଷ ତ ! ସହିବେ କେତେକେ ! ବେଶ୍ ବୁଝି-ପାରିଲେ ଦୁଃଖଟା କଣ ।'

ଧନପୁର ବାଡ଼ି ଟାଣିଲା…ଖୁବ୍ ଜୋର୍‌ରେ ଦମେ ଟାଣିଦେଇ ଫୋପାଡ଼ିଦେଲା ଝିଣ୍ଟିଆ ବଡ଼ଟାକୁ । ତାପରେ କହିଲା—'ଭିଭିରାଇ ମ, ତଣ୍ଟିଟା ଶୁଖିଗଲାଣି । ଠେକରେ କିଛି ଅଛି କି ?' ଭିଭିରାମର ବୋଝରେ ଠେକଟାଏ ଥିଲା । ସେଥିରେ ଅଳ୍ପକିଛି ଘୋଲଦହି ଥିଲା । ବୋଝରୁ ଠେକଟିକୁ କାଢ଼ିଲା ଭିଭିରାମ । ଠେକମୁହଁରେ ବନ୍ଧା ପତରକୁ ଖୋଲି ଧନପୁରକୁ ଆଞ୍ଜୁଳା ଦେଖେଇବାକୁ କହିଲା ।

ଧନପୁର ଆଞ୍ଜୁଳା ଦେଖାଇ ଘୋଲଦହି ପୋଷେ ପିଇଲା । ତାପରେ ଭିଭିରାମ ଠେକର ମୁହଁଟାକୁ ପୁଣି ପତ୍ରରେ ବାନ୍ଧି ବୋଝ ଭିତରେ ଥୋଇଦେଲା । ପୁଣି ଆଗେଇ ଚାଲିଲେ ତିନହେଁ । ବେଳ ଆସି ଧୀରେ ଧୀରେ ପଶ୍ଚିମ ଦିଗନ୍ତରେ ହେଲାଣି । କମିଆସିଲାଣି ଖରାର ଟାଣ । ଚକ୍‌ଚକ୍ ମାରିଲାଣି ଦୂର ବଣ । ରାସ୍ତା କଡ଼ରେ ଠାଏ ଠାଏ ଖାଲଗୁଡ଼ା । ସେସବୁ ଶୁଖି ଶୁଖି ଆସୁଥାନ୍ତି । ଆଉ ମଝିରେ ମଝିରେ ଗୋଟେ ଗୋଟେ ଅଶ୍ବା ଗଛ ।

ମାଣିକ ବରା ପଚାରିଲା—"କହ ଏଥର କଣ ହେଲା ସେଇଠୁ । ସୁଭଦ୍ରାଟା ବଞ୍ଚିଲା ନା ନାହିଁ ?"

ଧନପୁର କହିଲା—"ହଁ ବଞ୍ଚିଗଲା । କୌଣସିମତେ ଜୀବନଟା ରହିଗଲା ବୋଲି ଜାଣ । ରାତିଟାସାରା ମୁଁ ଆଉ କାଳୀଅପା ଖାଡ଼ା ଉଜାଗର । ତାଙ୍କୁ ନିଦ ମାଡ଼ୁଥାଏ । ମୋତେ ବି; କିନ୍ତୁ ଉପାୟ ନାହିଁ ପଲକ ପକାଇବାକୁ । ସେଇମିତି ବିତାଇଦେଲୁଁ ରାତିଟା । ସକାଳ ହେଲା । ସୁଭଦ୍ରା ଆଖି ଖୋଲିଲା । ଆମକୁ ଦେଖି ଚେଳାକ ଲାଗିଲାପରି

ଅନେଇରହିଲା । ତଥାପି ଆଖିପତା ତାର ମାଡ ମାଡ଼ ପଡ଼ୁଥାଏ । ସଦର ହାସ୍‌ପାତାଳକୁ ତାକୁ ନେଇଯିବା ପାଇଁ ଡାକ୍ତରବାବୁ ମୋତେ କହିଲେ । ନେବି ଏବେ କେମିତି ? କିନ୍ତୁ··· ଭାଗ୍ୟ ଭଲ । ସହରରୁ ଫୁକନ୍‌ବାବୁ ଗୌହାଟୀ ଯାଉଥିଲେ । ଫେରନ୍ତା ବାଟରେ କାଲୀଅପାକୁ ଦେଖିବାକୁ ଆସିଲେ ସେ । କିଛି ଦଉ ଦଉ ହିଁ କଲେ ନବାକୁ । ମୋତେ ବ ସାଙ୍ଗରେ ନେଲେ । ଗାଡ଼ିର ପଛ ସିଟ୍‌ରେ ଶୁଆଇ ଦିଆହେଲା ସୁଭଦ୍ରାକୁ । ତା' ଗୋଡ଼ ପାଖରେ ବସିଯିବାକୁ କହିଲେ ମୋତେ । କାଳେ ପୋଲିସ ଦେଖିପକେଇବ, ଏଇ ଭୟ । ···ହାସପାତାଳରେ ଲେଡି ଡାକ୍ତର ପରୀକ୍ଷା କଲେ ସୁଭଦ୍ରାକୁ । ଔଷଧ ଦେଲେ । ଚିନ୍ତା କରିବାର କିଛି ନାହିଁ ବୋଲି କହିଲେ ।

ସେଇ ଫୁକନ୍‌ଙ୍କର ଗାଡ଼ିରେ ଆମେ ପୁଣି ଫେରିଆସିଲୁଁ । ବେଶ୍ ବଢ଼ିଆ ଲୋକ ଫୁକନ୍‌ବାବୁଟା । ଚେହେରାଟା ଯେମିତି କନ୍ଦର୍ପ ପରି, କଥାବାର୍ତ୍ତାରେ ବ ସେମିତି ଆଭିଜାତ୍ୟର ଛାପ । ସୁଭଦ୍ରାର ସେତେବେଳକୁ ପୂରାପୂରି ଚେତା ଫେରିଥାଏ । ସେ ସକେଇ ସକେଇ କାନ୍ଦୁଥାଏ ଆଉ କହୁଥାଏ—'ଆଉ ବଞ୍ଚି କି ଲାଭ···ଦେହଟାକୁ ତ ଚଣ୍ଡାଳେ ଛୁଇଁଲେ···ବଞ୍ଚିରହି କଣ ଆଉ କରିବି···' ତାର ଏ ବାହୁନା ଶୁଣି ଫୁକନ୍‌ବାବୁ କହିଲେ—''ସ୍ତ୍ରୀଲୋକ ତ ପୁଣି ମାସକୁ ମାସ ଅଡ଼େଇ ହୁଅନ୍ତି । ତାପରେ ପୁଣି ଯୋଉ ପବିତ୍ରକୁ ସେଇ ପବିତ୍ର । ଦେହଟାରେ କଣ ଥାଏ ମ । ସେ ଚଣ୍ଡାଳେ କଣ ଆତ୍ମାଟାକୁ ପାଇଗଲେ କି ?'' ସୁଭଦ୍ରା କେବଳ କାବା ହୋଇ ଶୁଣିଯାଉଥିଲା ଫୁକନ୍‌ବାବୁଙ୍କ କଥାଗୁଡ଼ିକୁ । କିନ୍ତୁ ଟିକିଏ ବ ପରତେ ଗଲାନାହିଁ ତାର । କେମିତି ପରତେ ଯିବ ଯେ ! ଗାଁଗହଳର କଥା ସହଣିଆ ବୁଝିବେ କୁଆଡ଼ୁ ?···ଫୁକନ୍‌ବାବୁଙ୍କ କଥାଗୁଡ଼ା କିନ୍ତୁ ଖୁବ୍ ହାଲ୍‌କା । ସୁଭଦ୍ରା ବୁଝୁ ନବୁଝୁ ସେ ପୁଣି କହିଲେ—'ବୋଧେ ମୋ କଥାଗୁଡ଼ା ତୁମକୁ ଅଡ଼ୁଆ ଅଡ଼ୁଆ ଲାଗୁଥିବ । ପ୍ରକୃତରେ କିନ୍ତୁ ତା' ନୁହେଁ । ରାମଚନ୍ଦ୍ର ତ ପୁଣି ଏତେ କଷ୍ଟ ସହି ସୀତାଙ୍କୁ ଉଦ୍ଧାର କରିଥିଲେ; ତଥାପି ସନ୍ଦେହ କରି ତାଙ୍କୁ ପୁଣି ପରିତ୍ୟାଗ କରିବାକୁ ଇଚ୍ଛା କଲେ କାହିଁକି ? ରାମଚନ୍ଦ୍ର ମଧ୍ୟ ଜଣେ ସାଧାରଣ ଲୋକ ପରି ଭାବୁଥିଲେ ଯେ ରାବଣ ହୁଏତ ସୀତାଙ୍କ ଦେହକୁ ଅପବିତ୍ର କରିଥିବ । ତେଣୁ ତାଙ୍କୁ ଆଉ ଗ୍ରହଣ କରିବା ଅନ୍ୟାୟ । ସୀତା କିନ୍ତୁ ସେତେବେଳେ କହିଥିଲେ ଯେ ତାଙ୍କ ଦେହଟାକୁ ରାକ୍ଷସ ଅବଶ୍ୟ ସ୍ପର୍ଶ କରିଛି; କିନ୍ତୁ ହୃଦୟଟାକୁ ନୁହେଁ; ହୃଦୟଟା ରାମଚନ୍ଦ୍ରଙ୍କର···ଇଏ ଠିକ୍ ସେମିତି କଥା । ଚଣ୍ଡାଳେ ତୁମ ଦେହଟାକୁ ଛୁଇଁଛନ୍ତି, ଏଥିକୁ ତୁମେ ବା କଣ କରିବ । କିନ୍ତୁ ଆତ୍ମାଟା କସ୍ମିନ୍‌କାଳେ ଛୁଆଁ ହୁଏନା ।''।

ସୁଭଦ୍ରା ଏଥର କହିଲା—''ବାରପୂଜିଆ ଗାଁର ସମାଜ କ'ଣ ଏକଥା ବୁଝିବ ? ମୋତେ ଆଉ ମୋ ମା'କୁ ଏକଘରକିଆ କରି ରଖିବେ ।'' ସୁଭଦ୍ରା କଥା ଶୁଣି ଫୁକନ୍‌ବାବୁ ପୁଣି କହିଲେ—'ତାହେଲେ ସମାଜ ନିଶ୍ଚୟ ଅନ୍ୟାୟ କରିବ ।' ସୁଭଦ୍ରା କିନ୍ତୁ ନୀରବ ରହିଲା ।··· ମୁଁ ସେତେବେଳଯାଏଁ ତା' ଦେହର ସେଇ ଗନ୍ଧଟା ବାରିପାରୁଥିଲି—ସେଇ

ଅତ୍ୟାଚାରର ଗନ୍ଧ । ମୋ ମୁହଁକୁ ଦେଖିଲେବେଳେ ଗୃହିଁ ପୁଣି ମୁହଁକୁ ବୁଲେଇ ନଉଥିଲା ସୁଭଦ୍ରା । ତାର ଦୁଃଖ ଦେଖି ମୋର ଜୀବନ ଗୁଡ଼ିଗଲାଭଳି ଲାଗୁଥିଲା । ଇସ୍...କ'ଣ ନକଲେ ସତେ ସେ ଚଣ୍ଡାଳଦଳ—ସଦ୍ୟ ଗୋଲାପ ଫୁଲଟିକୁ ମାଡ଼ି ମକଚ ନଷ୍ଟ କରିଦେଲେ !'

ମାଣିକ ବରା କହିଲା—"ସେମାନେ ଏମିତି କରି ଅନେକ ଯୁବତୀ ଝିଅଙ୍କୁ ନଷ୍ଟ କରିଦେଲେଣି । ଏଇ ଯୁବତୀ ଝିଅଙ୍କ କଥା ଭାବି ଭାବି ରାତିରେ ମୋର ନିଦ ହଉନି ଭାଇ ! ଏମାନଙ୍କୁ କିଏ ବାହାହବ ଯେ ?"

ଧନପୁର କହିଲା—"ମୁଁ କିନ୍ତୁ ସୁଭଦ୍ରାକୁ ବାହାହେବି । ଏବେ ସେ ଆଶ୍ରମରେ ଅଛି । ଏବେ ଆଉ ତା ଦେହରେ ଘୃଣା ନାହିଁ ।"

ମାଣିକ ବରା କହିଲା—"ଧର୍ମକୁ କ'ଣ ତୋର ଭୟ ନାହିଁ କରେ ?"

—"ଉହୁଁ । କାଲିଅପା କହିଛନ୍ତି, ଏଇ ଆନ୍ଦୋଳନ ଶେଷ ନହେବାଯାଏଁ ସୁଭଦ୍ରାକୁ ସେ ଆଶ୍ରମରେ ରଖିଥିବେ । ତା'ପରେ ଆମର ବାହାଘର ହେବ । ଅବଶ୍ୟ ଯଦି ବଞ୍ଚିଥାଉଁ !"

ଭିଭିରାମ କହିଲା—"ଦେହଟାକୁ ଜଗିରଖି ଚଳିଲେ ମରିବା ସହଜ ନୁହେଁ ମ । ହେଲେ, ଦେଖୁଛି ତୋତେ କିନ୍ତୁ ବାଟକୁ ଅଣାଯାଇପାରିଲାନାହିଁ ।...ଆରେ, ଏକଥା ନୁଆ'ଉକୁ କହିଛୁ ନା ?"

—"କହିଥିଲି, ହେଲେ ତାଙ୍କ ମନକୁ ପାଇଲିନାହିଁ । ନ ପାଇଲି ନାହିଁ..."

ତିନିହେଁ ନୀରବ ହେଲେ । କିଛି ସମୟ ପରେ ମାଣିକ ବରା କହିଲା—"ଆରେ ବେବେଜିଆ ପୋଲ ଉପରେ ପୁଲିସି କୁଆଡ଼େ ତିନିଟା ଲୋକଙ୍କୁ ଗୁଳିକରି ମାରିଦେଇଛି ! ସତେକି କଣ ?"

ଧନପୁର କହିଲା—"ହଁ, ସତ କଥା । ସେଦିନ ପୁଣି ମୁଁ ଆଉ ଥରେ ଡାକ୍ତରଙ୍କ ପାଖକୁ ଯାଇଥିଲି; ମାନେ...ସେଇ ରାତି ମୁଁ ସେଠି ରହିଲି । ଅପା ଯାହା ଖବର ଶୁଣିଆନ୍ତି କହିଦିଅନ୍ତି, ଖବରକାଗଜରେ ଖବର ମଧ୍ୟ ଦିଅନ୍ତି ।...ଜାଣିଚନା, ଜୟପ୍ରକାଶ ନାରାୟଣଙ୍କ କେତେଟା ଚିଠି ପ୍ରକାଶ ପାଇଲାଣି । ଆହୁରି ଅନେକ ନେତାଙ୍କର ବି । ସବୁ ଚିଠିରେ କୁଆଡ଼େ ଲେଖାଅଛି ଯେ ଆନ୍ଦୋଳନକୁ ବଞ୍ଚେଇ ରଖିବାକୁ ହେବ । ଆମ ଆସାମରେ 'ଗରିଲା-ବାହିନୀ' ଗଢ଼ିବା କଥା କୁହାହୋଇଛି । ଚିଠିଗୁଡ଼ାକ ଗୋସ୍ୱାମୀ ତାଙ୍କ ପାଖକୁ ପଠାଇଛନ୍ତି ମୋତେ ଦେଇଦେବାକୁ । କିଏ ଆଣିଦେଲେ ଜାଣିଚ ନା ? ସେଇ ଫୁକନ୍ ବାବୁ ପରା । ଲୋକଟା ଠିକାଦାର୍ ହେଲେ କଣ ହବ, ହୃଦୟଟା ଆମ ପଟେ । ଦୂତର କାମ କରନ୍ତି ।...ଆରେ ହଁ ମ, ଆଉ ଗୋଟେ ଅସଲ କଥା କହିନି ତୁମମାନଙ୍କୁ ।...ତିନେ ରାତିରେ ଯାଇ ପହଞ୍ଚିଗଲି ଡାକ୍ତରଙ୍କ ଘରେ । ପହଞ୍ଚି ପହଞ୍ଚି ଅପା କହିଲେ, ତୁ ଆଜି ଆସିବୁନି ବୋଲି ମନେ ହେଉଥିଲା । ଇଏ ତ ଲେଙ୍କିଆ ଦାରୋଗା ସାଥୀରେ ଯାଇଛନ୍ତି ବେବେଜିଆଠିକି । ସେଠି ପୋଲ ଉପରେ ତିନିଟା ଲୋକଙ୍କୁ ଗୁଳି କରି ମାରିଦିଆହେଇଛି ।

ମୁଁ ପଚାରିଲି—'କାହିଁକି ?' ଅପା କହିଲେ—'ସେମାନେ କାଲେ ପୋଲ ଭାଙ୍ଗିଥିଲେ ।' ମୁଁ ଆଶ୍ଚର୍ଯ୍ୟ ହେଲି । ଅପା ପୁଣି କହିଲେ—'ଶୁଣ୍ ଧନପୁର ! ତୁ ଟିକିଏ ସାବଧାନରେ ଯିବା ଆସିବା କରୁଥିବୁ । ଘର କିଛି କାଗଜପତ୍ର ତୋ'ଠି ଅଛି ଏଇଠି ଥୋଇଯା । ବୁଝିଲୁ, ସି.ଆଇ.ଡି.ଗୁଡ଼ା ସବୁଠି ଲୁଚିଛପି ଘୂରି ବୁଲୁଛନ୍ତି । ଆଉ ଜାଣିଛୁ ନା, ଜଣେ ସି.ଆଇ.ଡି. ଇନସ୍ପେକ୍ଟରର କୁଆଡ଼େ ହତ୍ୟା ହୋଇଯାଇଛି ।' କହିଲି— 'ନା'ତ, ଏକଥା ମୁଁ ଜାଣିନି ତ ?' 'କଣ ଆଉ ତୁ ଜାଣିଛୁ ଶୁଣେ ?' ଅପା ଏତିକି କହିଦେଇ ଟିକିଏ ଚୁପ୍ ରହିଗଲେ । ତା ପରେ ପୁଣି କହିଲେ—'ବାରପୂଜିଆ ଆଡ଼େ କୋଉଠି ଜଣେ ସି.ଆଇ.ଡି.କୁ କେହି ଖତମ୍ କରିଦେଇଛି···।' ପୁଣି ଟିକିଏ ରହିଯାଇ କହିଲେ—'ନକରି ଆଉ କରନ୍ତେ କଣ ? ଯାହା ଅତ୍ୟାଚାର ନା ! ଓହୋ···କି ଯନ୍ତ୍ରଣା···!' ସେ ରାତିରେ ଡାକ୍ତର ଫେରିଲେ ନାହିଁ । ସାରା ରାତି ମୋର ନିଦ ହେଲାନାହିଁ । ଭିତରପକେଟରେ ଗୋସାଇଁଙ୍କ ଚିଠିଟା ତ ଧରି ଘୂରୁଥିଲି । ଅପାଙ୍କୁ ବି ଦେଲିନାହିଁ ସେଇଟା । ଡରିପଡ଼ିଲି । କାରଣ ତାହା ହିଁ ଥିଲା ଆମ ମୃତ୍ୟୁବାହିନୀ ପ୍ରତି ଆଦେଶ ।

"ଡାକ୍ତର ଫେରିଲେ ତିନିଦିନ ପରେ । ସେଇ କେତେଦିନ ମୁଁ ଆଉ ତାଙ୍କ ଘରୁ ବାହାରି ନଥିଲି । ଡାକ୍ତର ଖାଲି ଖାଲି ଫେରିଲେ ନାହିଁ—ଦେହରେ ଜର ନେଇ ଫେରିଲେ । ଅପାଙ୍କୁ ଡାକି କହୁଥିବାର ଶୁଣିଲି ଯେ ତାଙ୍କୁ କୁଆଡ଼େ ଟାଇଫଏଡ଼ ଜର ହୋଇଛି । ଟାଇଫଏଡ଼ ମାନେ କଣ ବୁଝିଛ ନା ? ସନ୍ନିପାତ ।"

ମାଣିକ ବରା କହିଲା—"ହଁ ମ, ଜାଣିନି ନା ! ବାପା ଆମର ପରା ସେଇଥିରେ ଗଲେ । କେତେବେଳେ ହେଲେ ଦେହରୁ ଜର ଛାଡ଼େନାହିଁ···ବଢ଼ୁଥାଏ, କମୁଥାଏ, ଠିକ୍ ଚନ୍ଦ୍ରକଳା ପରି ।"

ଧନପୁର କହିଲା—"ଡାକ୍ତର ଭାଇନା କହିଲେ ଯେ ସି.ଆଇ.ଡି.ଟାକୁ ମାରିଛନ୍ତି, ଭଲ କରିଛନ୍ତି; ମାତ୍ର କୁଆଡ଼େ ଲାସ୍‌ଟାକୁ କଲଂ ନଈରେ ଭସେଇ ଦେଇଛନ୍ତି । ସେଇଥିପାଇଁ କୁଆଡ଼େ ସେଇ ଗାଈକଥା ଦାରୋଗାଟା ପାଗଲା କୁକୁର ପରି ହେଇଛି ଏଇନେ··"

ମାଣିକବରା ପଚାରିଲା—"କିଏ ଏ କାମଟି କଲା କ ?"

ଧନପୁର କହିଲା—'କିଏ ଆଉ କରିଥିବ, କରିଥିଲେ ମୃତ୍ୟୁବାହିନୀର କେହି କରିଥିବ··· ।"

ଏହି ସମୟରେ ଭିଭିରାମ ଦୂରରୁ ଦେଖାଯାଉଥିବା ଗୋଟେ ଘରବାଡ଼ି ଆଡ଼କୁ ଆଙ୍ଗୁଳି ଦେଖେଇ କହିଲା—"ହେଇ ତ, ଆମେ ଆସି ମଠ ପାଇଗଲେ ନା କଣ ।"

ସେତିକିବେଳେ କେଉଟ ଜଣେ ନିକଟସ୍ଥ ଗୋଟେ ଗାଡ଼ିଆ ଭିତରୁ ମାଛ ମାରି ଜାଲ ସହ ରାସ୍ତା ଉପରକୁ ଉଠି ଆସୁଥିଲା । ବୟସ ତିରିଶ ହବ । ମଣିଷ ତିନିଟାଙ୍କୁ ଦେଖି ବଡ଼ ଗମ୍ଭୀର ଭାବେ ପଚାରିଲା—"କୋଉଠିକାର ହୋ ? ଯିବ କୁଆଡ଼େ କ ?"

ଭିଭିରାମ କହିଲା —"କାମପୁରରୁ ଆଇଲୁଁ । ଯିବୁ ଗୋସାଇଁଙ୍କ ପାଖକୁ ।"

—"କୋଉ ଗୋସାଇଁ ?"

—"ଦୈ-ପଡ଼ା ମଠର ମହନ୍ତ ଗୋସ୍ୱାମୀ ।"

—"ତାଙ୍କର ତ ନାମପୁରରେ କେହି ଶିଷ୍ୟ ନାହାନ୍ତି ।" ସନ୍ଦେହରେ କହିଲା କେଉଟ ଜଣକ ।

—"ଆମେ ପରା ସବୁ ନୂଆ ଶିଷ୍ୟ" ବୋଲି କହିଲା ଭଭଗ୍ରମ ।

କେଉଟର ଖାଲୋଇ ଭିତରୁ ରହି ରହି ଫଡ଼୍‌ଫଡ଼୍‌ ଶବ୍ଦ ଶୁଭୁଥାଏ । ଭଭଗ୍ରମ ପଗ୍ଚାରିଲା—"କି ମାଛ ପାଇଲ ?" କେଉଟ କହିଲା—"ହେଇମ ଗ୍ରେହିଚୁଆ କଟି, ଆଉ ମାଗୁର ପୁଞ୍ଜିଏ… ।" କ୍ଷଣେ ରହି କେଉଟ ପୁଣି କହିଲା—"ଜାଣିଥାଅ ଭାଇମାନେ, ଜାଗାଟା ଖଗ୍ରପ । ଇଏ ହଉଚି ଜାଗ୍ରତ ମହାଦେବଙ୍କ ଥାନ ! ଗୁଣିଗାରଡ଼ି କଥା—ମିଛ କହିଲେ ମରଣ କାଳୁ ନାହିଁ !"

ଭଭଗ୍ରମ କହିଲା—"ଆରେ ଭାଇ, ଯମଦୂତଙ୍କର ପୁଣି ମରଣ ଗୋଟେ କଣ ?…ତୁମେ ମହନ୍ତ ଗୋସେଇଁଙ୍କୁ ଜାଣିଚ ବୋଧେ ?"

—"ନାହିଁ ଚହ୍ନିଚି । ସେ ପରା ଆମ କଂଗ୍ରେସର ସେନାପତି । ତୁମେ ସବୁ ସେଇ ଦଳର କି ?"

ପୁଣି ସେଇ ଫଡ଼୍‌ଫାଡ଼୍‌ ଶବ୍ଦ ଖାଲୋଇଟା ଭିତରୁ । ମଧୁ କେଉଟ ଜାନୁଅରେ ଏକବାରେ ଜୁଡ଼ୁବୁଡ଼ୁ । ଦେହଟା ସାଗ୍ର ଜାନୁ, କୁଣ୍ଡିଆ ଭର୍ତ୍ତି । ତା ସାଙ୍ଗକୁ ବଗ୍ରଟ ବଗ୍ରଟ ଜୋକ ଦ'ଟା କାମୁଡ଼ିଛନ୍ତି ଯେ ପାଦଦ'ଟା ରକ୍ତରେ ଲାଲ୍ ହୋଇଯାଇଚି ।

ମାଣିକ ବଗ୍ର କହିଲା—"ଆରେ ଭାଇ, ପାଦରେ ଟିକଏ ବିଶଲ୍ୟକରଣୀ ପତ୍ର ଘଷିପକା ।" ଏତକ କହୁ କହୁ ସେ ନିଜେ ଗ୍ରସ୍ତା କଡ଼ରୁ ବିଶଲ୍ୟକରଣୀ ପତ୍ର ଖୋଜିଆଣି, ହାତରେ ମକଚି ମଧୁ କେଉଟର ପାଦରେ ଲଗେଇଦବାକୁ ଉଦ୍ୟତ ହେଉଥିଲା । ମଧୁ କେଉଟ ହଠାତ୍ ପାଦକୁ ଘୁଞ୍ଚେଇ ନେଇ ପଗ୍ଚାରିଲା—"ତୁମେ କି ଲୋକ ନାହିଁ କି ଲୋକ… ଭକତର ପାଦ ଛୁଇଁଯୋଗାଏ ନାହିଁ ।"

ମାଣିକ ବଗ୍ର କହିଲା—"ମୁଁ କୋଚ । ତୁମେ ?"

—"ମୁଁ କେଉଟ ।"

ମକଚିଥିବା ବିଶଲ୍ୟକରଣୀ ପତ୍ରତକ ମଧୁ ହାତକୁ ବଢ଼େଇଦେଲା ମାଣିକ ବଗ୍ର । ମଧୁ କେଉଟ ସେଇ ମକଗ୍ର ବିଶଲ୍ୟକରଣୀ ପତ୍ରକୁ ନିଜ ଗୋଡ଼ର ଘାଆଠାରେ ଲଗଉ ଲଗଉ କହିଲା—"ଏଇ ଜଙ୍ଗଲଖଣ୍ଡକ ପାରହେଲେ ଦୈପଡ଼ାମଠ । ଅପୂର୍ବ ଜାଗା । ପୂର୍ବକାଳରେ ମୁନିଋଷିମାନେ ଏପରି ଜାଗାରେ ଆଶ୍ରମ କରିଥିଲେ । ମହନ୍ତ ଆମର ବଡ଼ ଜ୍ଞାନୀ-ପୁରୁଷ । …ହେଲେ, ତମମାନଙ୍କର କି କାମ ତାଙ୍କଠି ?"

ଧନପୁର ପଗ୍ଚାରିଲା—"ତୁମେ କଂଗ୍ରେସରେ ଅଛ କି ?"

—"ଆରେ ବାଃ, ନରହନ୍ତି କେମିତି ? ଏବେ କିଏ ଆଉ କଂଗ୍ରେସ ନହୋଇ ଅଛି ଯେ ?"

—"ସେ କଥା ତ ମୁଁ ପଗ୍ଚାରୁନାହିଁ ।"

—"ଆରେ ଭାଇ, ପ୍ରଶ୍ନକୁ ଘୁଞ୍ଚି ସିନା ଉତ୍ତର ।" କହିଲା ମଧୁ କେଉଟ ।

ସମସ୍ତେ ନୀରବ ରହିଲେ କିଛିକ୍ଷଣ । କିଛି ସମୟ ପରେ ମଧୁ କେଉଟ ପଚାରିଲା— "ତୁମମାନଙ୍କ ହାତରେ କିଛି କାଗଜପତ୍ର ଅଛି ତ ? ମାନେ…ଚିଠି ମ ।"

—"ଅଛି ।"

—"କିଏ ଦେଇଛି ?"

—"ଗୋସ୍ୱାମୀ ଦେଇଛନ୍ତି ।"

ସେଇଠୁ ମଧୁରାମ କହିଲା—"ଭଲ ତେବେ । ଏବେ ଯାଇ ମୁଁ ବୁଝିଲି । ଆମ ପ୍ରଭୁ ବୋଧେ ତମ ଗୋସ୍ୱାମୀଙ୍କ ପାଖକୁ ଚିଠି ଦେଇଥିଲେ ?"

ଭଭରାମ କହିଲା—"ହଁ, ଦେଇଥିଲେ ।"

—"ବେଶ୍ ଭଲ କଥା ।"

ହଠାତ୍ ମାଣିକ ବଉର କଣ୍ଠରୁ ଭକ୍ତିଗୀତ ପଦେ ଶୁଣାଗଲା—

ନାହିଁ ମୃତ୍ୟୁଭୟ ଏଇ ଶରୀରର
ଅବଶ୍ୟ ବିଚ୍ଛେଦ ଅଛି,
ନ ଦେଖିବ ଆଉ ଚରଣ ତୁମର
ହୃଦୟେ ଏ ଖେଦ ଅଛି ।
ଭକତର ଧନ ଆମର ଜୀବନ
ତୁମେ ସାର ସଂସାରରେ,
ଜାଣେ ଭୟହାରୀ ଚରଣ ତୁମର
ଆଉ ମୁଁ ତେଜି ନ ପାରେ । (୧)

ମଧୁ ପଚାରିଲା—"ଏଇ ପଦଟା କୋଉଠୁ ଗାଇଲ କି ?"

—"ଜାଣିନା ? ଦଶମ ସ୍କନ୍ଧରୁ ପରା । ବନାଗ୍ନି ଦେଖି ଗୋପଗୋପୀ ସକଳେ ଯେତେବେଳେ 'ତ୍ରାହି ମଧୁସୂଦନ' ଚିତ୍କାର କରୁଥିଲେ, ସେତକବେଳେ ବୋଲୁଥିଲେ ।"

—"ଆପଣଙ୍କର କଣ୍ଠଟି ବଡ଼ ମଧୁର ତ ।" କହିଲା ମଧୁ କେଉଟ ।

---

(୧) ନାହିଁ ମୃତ୍ୟୁ ଭୟ ଇହୋ ଶରୀର ର୍
ଅବଶ୍ୟ ଆଛେ ବିଚ୍ଛେଦ୍
ନେଦେଖିବୋ ଆର୍ ଚରଣ୍ ତୋମାର୍
ଇସେ ବଡ଼୍ ହୃଦ ଖେଦ୍ ।
ଭକତର ଧନ୍ ଆମାରେ ଜୀବନ
ଇସେ ସଂସାର ରୁ ସାର୍
ଜାନି ଭୟହାରୀ ତେଜିତେ ନ ପାରି
ଚରଣ୍ ଆର୍ ତୋମାର୍ ।।

ଧନପୁର ହଠାତ୍ କହିପକେଇଲା—"ଏସବୁ ପଦ ଶୁଣି ଶୁଣି ମନଟା ଝିଟ୍‌ଝିଟ୍ ହେଉଥିଲା; ଏବେ ଦେହଟା ଝିମ୍‌ଝିମ୍ ମାରିଲାଣି ।"

ଉପଜଣଯାକ ଅବାକ୍ ହେଲେ ଧନପୁରର କଥା ଶୁଣି । ମଧୁ କେଉଟ ପଚାରିଲା—"ଇଏ ପୁଣି କି ଲୋକ କି ?"

କେହି ଉତ୍ତର ଦେଲେନାହିଁ ।

ଧନପୁର କହିଲା—"ଭଗବାନ ଯଦି ଆଆନ୍ତେ ନା, ଏବେ ଆବିର୍ଭାବ ହେଇଆନ୍ତେ । ସ୍ତ୍ରୀର ସତୀତ୍ୱ ଗଲା, ଯୁବକଗୁଡ଼ାଙ୍କର ଛାତି ଫାଟିଲା, ବୁଢ଼ାବୁଢ଼ୀଗୁଡ଼ା ମାଡ଼ ଖାଇଲେ, ଦେଶ ଲୋକଙ୍କୁ ପିଟୁଣୀ ଟିକସ ଦବାକୁ ପଡ଼ିଲା···କୁଆଡ଼କୁ ଗଲେ କି ତୁମର ଯେଉ କୃଷ୍ଣ ଭଗବାନ ?"

ଅନ୍ଧାର ଘୋଟିଆସିଲା···

ମାଣିକ ବରା ବିରକ୍ତରେ କହିଲା—"ତୋର ଆଖି ନାହିଁ, ଧନପୁର ! ତୁ ଗୋଟେ ଜନ୍ମଟ ଅନ୍ଧ ?"

ଧନପୁର କହିଲା—"ଅନ୍ଧାରରେ ସମସ୍ତେ ଅନ୍ଧ ।"

ହଠାତ୍ ମଠରୁ ଶୁଭିଲା ଶଙ୍ଖଶବ୍ଦ ।

□□□

ଦୁଇ

ରାସ୍ତା ଛାଡ଼ି ସେମାନେ ଏକ ସରୁ ଚାଲିବାଟ ଧରିଲେ । ବାଟର ଦୁଇ କଡ଼ରେ ଦୁଇଟି ପ୍ରକାଣ୍ଡ ଅଶୋକ ଓ ବଉଳ ଗଛ । ମଧୁ କହିଲା—"ଏଇ ଗଛ ଦ'ଟା ପ୍ରଭୁ ବୃନ୍ଦାବନରୁ ଆଣିଥିଲେ ।"

ମାଣିକ ବରି ଭକ୍ତି ଗଦ୍‌ଗଦ୍ ହୋଇ କହିପକେଇଲା—"ବୃନ୍ଦାବନରୁ ନା !"

—"ହଁ ।"

ଦୀନଜଣଯାକ ଗଛତଳେ ଅଟକିଲେ । ମଧୁ କହିଲା—"ଚାରି ଖଣ୍ଡ କ ଦେଲ, ମୁଁ ପ୍ରଭୁଙ୍କୁ ଦେଖେଇଆଣେ । ସିଏ ସିଏ ନେଇପାରିବେ ନାହିଁ ।"

ଭଭରାମ କାମିଜ ପକେଟରୁ ଚାରକୁଟ କାଗଜଖଣ୍ଡିକ ବାହାର କରି ମଧୁ ହାତକୁ ବଢ଼େଇଦେଲା । କହିଲା—"ଯାଅ । ହେଲେ, ଡେରି ଯେମିତି ନ କର ।"

ଧନପୁର ପୁଣି ଗୋଟାଏ ବିଡ଼ି ଲଗେଇଲା ।

ସେଇ ଅନ୍ଧାର ଭିତରେ ଗଛଟାକୁ କୁଣ୍ଢେଇ ଧରି ମାଣିକ ବରି ପୁଣି ସ୍ୱର ମେଲିଲା—

ଆଗୋ କୁରୁବକ ଅଶୋକ ଚମ୍ପା
କଥା କୁହ କଥା, କର ଅନୁକମ୍ପା ।
ମାନିନୀର ଦର୍ପ କଲବେଳେ ଚୂର୍ଣ୍ଣ
ଜାଣିଛ ଯାଆନ୍ତି କେତେଦୂର କୃଷ୍ଣ ।
ତୁଳସୀ ଗୋ ତୁମେ ଗୋବିନ୍ଦ-ଚରଣ-ପ୍ରିୟା
ବାରେକ ଉତ୍ତର ଦିଅ ଅଧୀନରେ କରି ଦୟା ।
... ...
ସହକାର, ଜାମୁ, ବେଲ ଓ ବକୁଳ
ନାହିଁ ଉପକାରୀ ତୁମ ସମ ତୁଲ । (୧)

---

(୧) ହେ କୁରୁବକ୍ ଅଶୋକ୍ ଚମ୍ପା
କଥ୍ୟା କଥା କର୍ ଅନୁକମ୍ପା ।
ମାନିନୀର୍ ଦର୍ପ କରିୟା ଚୂର୍
ଜାନାହା କୃଷ୍ଣ ଯାଙ୍ଗ କତୋ ଦୂର୍ ।
ଓ ବା ତୁଲସୀ ସମିଧାନ୍ ଦୟା
ତୁମି ଗୋବିନ୍ଦର୍ ଚରଣ୍ ପ୍ରିୟା ।

ଧନପୁର ବଡ଼ ଟାଣି ଟାଣି କହିଲା—"ମାଣିକ ଭାଇ, ବୟସମୂଳେ ଫୁଲର ଗନ୍ଧ ପାଇ ଗୋପୀ ହେବାକୁ ମନ ହେଲାଣି କି ତୁମର ? ମୋତେ କିନ୍ତୁ ଭଲ ଲାଗୁନାହିଁ ଏସବୁ ଶୁଣିବାକୁ ।"

ବୋଲିବା ବନ୍ଦ କରି ମାଣିକ ବରା କହିଲା—"ତୋର ତ ଅସୁର-ସ୍ୱଭାବ । ଏସବୁ ରସକୁ ହଜମ କରିପାରିବୁ କୋଉଠି ? ବେଙ୍ଗ ପାଟିକୁ ଘିଅ କି ସୁଅର ପାଟିକୁ କଦଳୀ କଣ କେବେ ଭଲ ଲାଗିଲାଣି···ହୁଁ···ପାଷଣ୍ଡଟା, ଆରେ ବାବୁ, 'ଯେ ପକ୍ଷୀ ଉଡ଼େ ଯେତେଦୂର ସେ ଜାଣେ ତହିଁର ବେଭାର···"

ଧନପୁର ଆହୁରି ଜୋର୍‌ରେ ବଡ଼ ଦମେ ଟାଣିପକେଇ, ଭକ୍ ଭକ୍ କରି ଧୂଆଁ ଛାଡ଼ି କହିଲା—"ସୁଭଦ୍ରା ଉପରେ ଅତ୍ୟାଚାର ହେଉଥିଲାବେଳେ ଭଗବାନ ତମର ଥିଲେ କୋଉଠି ?"

—"ସେ କଣ ଡାକୁଥିଲା ଭଗବାନଙ୍କୁ ?"

—"ନିଶ୍ଚୟ ଡାକୁଥିଲା । ସେ ମତେ କହିଛି ଯେ ସେ ତାର ସମସ୍ତ ଶକ୍ତି ଦେଇ ଡାକ ଛାଡ଼ୁଥିଲା 'କୃଷ୍ଣ', 'ହରି', 'ରାମ'ଙ୍କୁ । କିନ୍ତୁ କେହି ବ ଦେଖାଦେଲେ ନାହିଁ । ସେ କହୁଛି ଈଶ୍ୱର ନାହାନ୍ତି ।"

ମାଣିକ ବରା କହିଲା—"ଏସବୁ ତାର ପୂର୍ବଜନ୍ମର ଫଳ···ଲଲାଟ ଲିଖନ, କେ କରିବ ଆନ ?"

"ତାହା ମିଛ କଥା । ପୂର୍ବଜନ୍ମ କି ପରଜନ୍ମ ବୋଲି କିଛି ନାହିଁ । ଜନ୍ମ ମାତ୍ର ଗୋଟେ ।"

ମାଣିକ ବରା ମୁହଁ ପୋତି କହିଲା—"ଗୋରାଲୋକଗୁଡ଼ା ଇସ୍କୁଲ ଖୋଲି, ବିଜାତୀୟ ଶିକ୍ଷା ଦେଇ ଟୋକାଗୁଡାଙ୍କର ମୁଣ୍ଡଗୁଡ଼ାକୁ ବିଗାଡ଼ି ଦେଲେଣି । ତମେ ସବୁ କୁଶାସ୍ତ୍ର ପଢ଼ି ନଷ୍ଟ ହୋଇଯାଇଛ···ନଷ୍ଟସ୍ୟ କାନ୍ୟା ଗତି ?"

ଧନପୁର କହିଲା—"ମୁଁ ପାଠ ପଢ଼ି କିଛି ଶିଖିନାହିଁ ହୋ ! ଦେଖି, ଠିକ ଶିଖିଛି । ରହାର ଡାକ୍ତର ଭାଇନା ଜୀବ-ବିଦ୍ୟା ଜାଣନ୍ତି । ସେ କହିଛନ୍ତି ଯେ ଈଶ୍ୱର ବୋଲି କିଛି ନାହିଁ; କେବଳ ପ୍ରକୃତି ହିଁ ସତ୍ୟ ।"

ମାଣିକ ବରା କହିଲା—"ପୁରୁଷ ଓ ପ୍ରକୃତି ତ ନିଶ୍ଚୟ ଅଛନ୍ତି । କିନ୍ତୁ ଏଇ ଦୁଇଟି ଅଙ୍ଗର ନିୟନ୍ତା ହିଁ 'ମାଧବ' ।"

ଧନପୁର କହିଲା—"ପ୍ରକୃତିକୁ କେବଳ ଦେଖୁଛି । ବାକି କିଛି ଦେଖାଯାଉନାହିଁ । ବିଶ୍ୱାସ କେମିତି କରିବ ?"

ବିରକ୍ତିରେ ଗୁରୁଗୁରୁ ହୋଇ ମାଣିକ ବରା କହିଲା—"ଝିଁ ସନ୍ଧ୍ୟା ବେଳ । କାମଟି ଆମର ମହତ୍ତ୍ । ନହେଲେ ତୋ ସାଥିରେ ମୁଁ ଆଦୌ ରହନ୍ତି ନାହିଁ । ଶୁଣିଛି ମଦ, ମାଂସ ସବୁ କିଛି ତୁ ଖାଉ । ଜାତି, ଅଜାତି, ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟାନ, ନାଗା-ମିକିର ସଭିଙ୍କ ହାତରୁ ତୁ କୁଆଡ଼େ ଖାଉ । ତୁ'ଟା ଗୋଟେ ଚଣ୍ଡାଳ ।"

ଅନ୍ଧର କୋର୍‌ରେ ବଡ଼ ଟାଣିଲା ଧନପୁର ଏବଂ ଗାଇଲା—

ପରମ ଈଶ୍ୱର କରନ୍ତି ଅକର୍ମ,
ନାହିଁ ତେଜସ୍ୱୀର କିଛି ଅଧର୍ମ । (୧)

ମାଣିକ ବରା କାନ୍ଧରୁ ବ୍ୟାଗ୍‌ଟାକୁ ଟିକିଏ ଖସେଇ ଦେଇ ପୁଣି ତାର ସ୍ୱର ମେଲିଲା—

ତର୍କ ବେଦାଗମ ଜ୍ଞାନଯୋଗ ଶାସ୍ତ୍ର
ପୁରୁଷକୁ ଅନ୍ଧ କରେ,
କୋଟି କୋଟି ଜନ୍ମେ ମୋତେ ନ ଜାଣିବେ
ଏଥିରେ ଆବଦ୍ଧ ହେଲେ । (୨)

ଏତେବେଳଯାଏ ତର୍କ-ବିତର୍କ ସବୁ ଶୁଣୁଥିଲା ଭିଭିରାମ । ଏଥର ସେ ଆଉ କାହାକୁ କିଛି କହିବାକୁ ନ ଦେଇ କହିଲା—"ଯାହାକୁ ଯାହା ଭଲ ଲାଗେ ସେ ସେଇଆକୁ ମାନୁ । ଗୋଟେ ମହତ୍ କାମରେ ଆସିଥାଇଁ । ଏସବୁ ତର୍କ-ବିତର୍କରୁ ମିଳିବ କଣ ? ବହୁତ ସମୟ ଅଛି ତର୍କ-ବିତର୍କ ପାଇଁ । ବର୍ତ୍ତମାନ କାମରେ ଲାଗିବାଟା ହିଁ ଅସଲ କଥା । କର୍ମ ହିଁ ଧର୍ମ ।"

ଭିଭିରାମର ସ୍ୱରରେ ଥିଲା ଶାସନର ଟାଣ । ଫଳରେ ଚୁପ୍ ରହିଲେ ମାଣିକ ବରା ଓ ଧନପୁର । ଏପରି ସମୟରେ ଅଳ୍ପଦୂରରୁ ପାଟି ଶୁଭିଲା । ଡାକୁଥିଲା ମଧୁ—"ହୋ ଭାଇମାନେ ! ଇଆଡ଼କୁ ଆସ । ମହାପ୍ରଭୁ ଡାକୁଛନ୍ତି ।"

ଭିଭିରାମ କହିଲା—"ଗୋସେଇଁ ବୋଧେ ଆମର ପରିଚୟ ପାଇଗଲେ ।"

ଧନପୁର ଖଣ୍ଡିଆ ବଢ଼ିଟାକୁ ଫୋପାଡ଼ି ଦେଇ ଜୋର୍‌ରେ ଜୋର୍‌ରେ ପାଦ ପକେଇ ଆଗେଇଗଲା । ତା ପଛକୁ ଭିଭିରାମ । ଭିଭିରାମ ବି ଫରଖ୍ ଫରଖ୍ ପାଦ ପକେଇ ଚାଲିଲା । ମାଣିକ ବରା ବାଟ ଦରାଣ୍ଡି ଦରାଣ୍ଡି ଆସୁ ଆସୁ ପଛକୁ ରହିଗଲା ।···

ଉଚ ପିଣ୍ଡା ଉପରେ ତିରିଶ ହାତ ଲମ୍ବ ଓ ପନ୍ଦର ହାତ ଚଉଡ଼ାର ବଗାଟ ଗୋଟେ ଘର । ବାଉଁଶ ତାଟିଟା ଅଧା ମେଲା ଥିଲା । ପ୍ରଥମେ ପଶିଲା ଭିଭିରାମ, ତା ପଛକୁ ଧନପୁର ଓ ସବାଶେଷରେ ମାଣିକ ବରା ।···କୁଡ଼େ ଜଣଁକୁ ଆବୁରି ତିନିଜଣ ମଣିଷ ବସିଥିଲେ ପିଢ଼ା ପକେଇ । ତା ଭିତରୁ ଜଣେ ବସିଥିଲେ ବଡ଼ ପିଢ଼ାଟାରେ । ସେ ଆଉଜି ବସିଥିଲେ କାନ୍ଥରେ ଥିବା ତୁଳସୀ ଖୁଣ୍ଟକୁ । ବୟସ ତାଙ୍କର ତିରିଶ ପାଖାପାଖି ହବ । ବେଶ୍ ଡେଙ୍ଗା । ଦେହରେ ଇସ୍ତିକରା ଖଦଡ଼ର କୁର୍ତ୍ତା । ଖୁବ୍ ସୁନ୍ଦର ମୁହଁଟା । ବର୍ଣ୍ଣ ବେଶ୍ ଗୋରା ।

---

(୧) ପରମ ଈଶ୍ୱରେ କରେ ଅକର୍ମ
ତେଜସ୍ୱୀ ତୋ କିଛୁ ନାହିଁ ଅଧର୍ମ ।

(୨) ତର୍କ ବେଦାଗମ ଜ୍ଞାନ ଯୋଗ ଶାସ୍ତ୍ରେ
ପୁରୁଷ କୁ କରେ ଅନ୍ଧ
କୋଟି କୋଟି ଜନ୍ମ ମୋକ୍ ନଜାନବେ
ଇହାତ୍ ଯାର୍ ପ୍ରବନ୍ଧ ।

ମୁଣ୍ଡରୁଣ୍ଡା ପଛଆଡ଼କୁ—ଖୋସାବନ୍ଧା । ନାକଟା ଅଳ୍ପ ଡେଙ୍ଗା, ଉଜ୍ଜ୍ୱଳ ଆଖିର ଡୋଳା ଦ'ଟା ଜଳୁଥାଏ—ସତେ କ ଆଲକାତରାର ଦୁଇଟା ତାରା ।

ଭଭରାମକୁ ଦେଖି ସେ କହିଲେ—"ଗଣ୍ଠୁଲି ବୁଜୁଲି ସେଇଠି ଥୋଇ ଏଇଠିକି ଆସ, ବସ । ବାଟରେ କିଛି ହଇରାଣ ହରକତ ହୋଇନା ତ ?"

ଦୁଇ କାନ୍ଧରୁ ଦୁଇଟା ବୋଝ୍‌କୁ ଖସେଇ ଧସ୍‌କିନା କାନ୍ଥକୁ ଡେରି ଥୋଇଲା ଭଭରାମ । ବୋଝ ଦ'ଟା କାନ୍ଧରୁ ଓହ୍ଲାଇବା ପରେ ବେଶ୍ ହାଲ୍‌କା ଲାଗିଲା ତାକୁ । ପିଢ଼ାଖଣ୍ଡେ ଟାଣିନେଇ ଯାଇ ବସିପଡ଼ିଲା ନିଆଁ ପାଖରେ । ତା ପରେ କହିଲା—"ମନହା ପାରହେବା ଯାଏଁ ଭୟ ଲାଗୁଥିଲା । ତା ପରେ ସ୍ୱାଧୀନ ମାୟୁଂ ରାଜ୍ୟରେ ପଶିଲୁ ତ ।'

ଏହା ଶୁଣି ସଭିଏଁ ହସି ଉଠିଲେ । ଏତିକିବେଳେ ଧନପୁର ପଶିଆସି ତାର ଭ୍ରେଟିଆ ପୋର୍ଟଫୋଲିଓଟାକୁ କାନ୍ଥକୁ ଆଉଜାଇ ଥୋଇଦେଇ ପିଢ଼ା ଖଣ୍ଡେ ଟାଣିନେଇ ସେ ବି ନିଆଁକୁ ଆବୁରି ବସିଗଲା । ତା ପରେ ଧୀରେ ପାଦରୁ ସେଣ୍ଡଲ ହଳକ ଖୋଲି ଫୋପାଡ଼ିଦେଲା କାନ୍ଥଆଡ଼କୁ । କିଛି ସମୟ ଧୀରେ ସୁସ୍ଥେ ବସି ତାର ବିଶାଳ ନେତ୍ରକୁ ବିସ୍ଫାରିତ କରି ଜଣ ଜଣ ଜଣକୁ ନିରୀକ୍ଷଣ କଲା । ତା ପରେ କହିଲା—"ଆପଣମାନଙ୍କର ଏଇ ମାୟୁଂର କଥା ସଭିଙ୍କଠୁ ଶୁଣିଛି । ଏଠିକୁ ଆସିଲେ ଲୋକେ ପରା ମେଣ୍ଢା ହୋଇଯାଆନ୍ତି ? ସତେନା କଣ ?"

ଜୟରାମ ମେଧି ମୁହଁ ଖୋଲିଲା । କହିଲା—"କହିବ ଯଦି ସତ ମିଛର ପ୍ରମାଣ ସାଥେ ସାଥେ ମିଳିଯିବ; କିନ୍ତୁ ପ୍ରଭୁ ଈଶ୍ୱର କଂଗ୍ରେସ୍‌ରେ ଲାଗିଲା ଦିନୁ ସେ ସବୁକୁ ଗୁଡ଼େଇ-ଦେଲେଣି । ବୁଝିଲି ବାପଧନ ! ସେଇ ଯେଉଁ ପିଢ଼ାରେ ବସିଛ, ସେଥିରେ ତୁମକୁ ଯୋଖି ଦିଆଯାଇପାରନ୍ତା । ଇଏ ସବୁ ଗୁଣିଗାରଡ଼ି କଥା··· ।'

ତା ପରେ ଆଉ ଜଣେ ଟୋକା, ବୟସ କୋଡ଼ିଏ ଖଣ୍ଡେ ହବ କି କଣ । ସେ ପାଟି ଖୋଲିଲା । କହିଲା—"ଏବେ ଆଉ ମାୟୁଂର ସେ ମହିମା ନାହିଁ ।"

ତା ପରେ ଧନପୁରର ନଜର ପଡ଼ିଲା ମାଣିକ ବରା ଉପରେ । ସେ ଗଣ୍ଠୁଲି ଖୋଲି ଫୁଲାମ ଗାମୁଛାଟାକୁ କାଢ଼ୁଛି, ସେ ପାଖରେ ଦୁଆରମୁହଁରେ ଛିଡ଼ାହୋଇଛି ମଧୁ କେଉଟ । ଧନପୁର ମଧୁ କେଉଟକୁ ଲକ୍ଷ୍ୟ କରି କହିଲା—"ହେ ଭାଇ, ଭକତ ବୋଧେ ଧୂଆଧୋଇ ହେବେ, ଏଠି ଗୋଟେ ବତି ଥୋଇଦେଇ ତାଙ୍କୁ ସେଣେ ପୋଖରୀକୁ ନେଇଯାଅ ତ ! ପାଗଟା ଥଣ୍ଡା ତ । ବିଳମ୍ବ ହେଲେ ଭକତଙ୍କ ଦେହ-ପା' କସିପାରେ ।"

ସମସ୍ତଙ୍କର ଦୃଷ୍ଟି ଏବେ ମାଣିକ ବରାଙ୍କ ଉପରେ । ମାଣିକ ଭକତେ ଏଥର ଦେହରୁ କୁର୍ତ୍ତା କାଢ଼ିଲେ । ଏବେ ତାଙ୍କର ଖୋପାଟା ପରିଷ୍କାର ଦେଖାଗଲା । ପ୍ରଭୁ ଈଶ୍ୱରଙ୍କ ଖୋପାଠୁ ବି ଏ ଖୋପା ବଡ଼ । ଜୟରାମ ପଚାରିଲା—"କୋଉ ମଠର ଭକତ ବୋଲି କହିଲେଟି ?"

—'କୁରୁଆବାହି' ବୋଲି ଚଟାପଟ୍ କହିପକେଇଲା ମାଣିକ ବରା ।

—"ମୁଁ ଏଇଠାର ।" ବୋଲି ସାଙ୍ଗେ ସାଙ୍ଗେ କହିଦେଲା ଜୟରାମ ।

—"ଓହୋ, ଏଇ ମଠର ? ଆପଣମାନେ ଚୈତନ୍ୟପନ୍ଥୀ, ନୁହେଁ ?"

—"ହଁ ।"

ତେଣେ ବାହାରୁ ପାଟିକରି ଉଠିଲା ମଧୁ କେଉଟ—"ଆସ ହୋ ଭଗତେ ! ଜଲଦି ଆସିଲ, ଗାଧୋଇ ଆସିବ ।"

ମାଣିକ ଭଗତେ ତ ଫୁଲମ୍ ଗାମୁଛାଟିକୁ କାନ୍ଧରେ ପକେଇ ମଧୁ କେଉଟଙ୍କ ପଛେ ପଛେ ଚାଲିଲେ ବାଡ଼ିପଟ ପୋଖରୀଆଡ଼କୁ । ସେଇଠୁ ଭିଭିରାମ ପଚାରିଲା—"ଆପଣମାନେ ବୋଧେ 'ରାଧା'ଙ୍କୁ ମାନନ୍ତି ?"

—"ହଁ ।"

—"ଦଶମ ସ୍କନ୍ଧ କୀର୍ତ୍ତନ ?"

—"ବାଃ, ତାଙ୍କୁ ପୁଣି ନ ମାନିବା କେମିତି ? ସବୁ ତ ଭକତର କଥା । ଭକ୍ତିର ମାର୍ଗ ସିନା ଅଲଗା ଅଲଗା···" ବୋଲି କହିଲା ଜୟରାମ । ତା' ପରେ ବଟାରୁ ନେସ୍ଥୋଇଥିବା ପାନ ଗୁଆ କଛୁ ଆଣି ପାଟିରେ ପକେଇ ପାକୁଳେଇବାକୁ ଲାଗିଲା ।

ଭିଭିରାମ କହିଲା—"ମହାପୁରୁଷଙ୍କ କଥା ଛାଡ଼, ସେ ଗୃହସ୍ଥୀ ଥିଲେ; କିନ୍ତୁ ଚୈତନ୍ୟ ଦେବ ଥିଲେ ସନ୍ନ୍ୟାସୀ । ମହାପୁରୁଷ ଛ'କୋଡ଼ି ବରଷ ଜୀବିତ ଥିଲେ; କିନ୍ତୁ ଚୈତନ୍ୟଦେବଙ୍କର ଜୀବନକାଳ ମାତ୍ର ପଞ୍ଚୟାଳିଶ ବର୍ଷ । ଚୈତନ୍ୟ ଦେବଙ୍କର ଭକ୍ତି ଥିଲା ମଧୁରଭକ୍ତି; ମାତ୍ର ଆମର ହେଲା ଦାସ୍ୟପନ୍ଥା ।'

ଏଥର ବଡ଼ ପିଢ଼ାରେ ବସିଥିବା ଗୋସେଇଁଙ୍କ ମୁହଁରୁ ହସ ଫୁଟିଲା । ସେ କହିଲେ—"ପଥ ସିନା ଅଲଗା ଅଲଗା, ଲକ୍ଷ୍ୟ କିନ୍ତୁ ଏକ । ତା ଛଡ଼ା ଧର୍ମକୁ ନେଇ ତର୍କ କରିବା ବୃଥା । ମୁଁ ଚୈତନ୍ୟପନ୍ଥୀ ହୋଇପାରେ; କିନ୍ତୁ ମହାପୁରୁଷ ଶଙ୍କରଦେବଙ୍କୁ ବି ମୁଁ ମାନେ ।" ଧର୍ମ ସମ୍ପର୍କରେ ଚୈତନ୍ୟ ମହାପ୍ରଭୁ କହନ୍ତି—

ନିଜେ ହିଁ ଆଚରି ଧର୍ମ ସଭିଙ୍କୁ ଶିଖାଏ,
ନିଜେ ନକରିଲେ ଧର୍ମ ଶିଖାଇ ନହୁଏ । (୧)

ଧର୍ମ ନିଜସ୍ୱ; କିନ୍ତୁ ପରାଧୀନ ଧାତର ଧର୍ମ ବୋଲି କ'ଣ ଅଛି ? ପ୍ରକୃତ ଧାର୍ମିକ ଯିଏ, ସେ ଈଶ୍ୱରଙ୍କ ବ୍ୟତୀତ ଆଉ କାହା ପାଖରେ ମୁଣ୍ଡ ନୁଆଁଏ ନାହିଁ । ମହାତ୍ମାଜୀ ମଧ୍ୟ ବୈଷ୍ଣବ; ମାତ୍ର ସେ ଗଣଶକ୍ତିର ପୂଜକ । ଭଗବାନ ଆଜି ଦରିଦ୍ରନାରାୟଣ ଅବତାର ଧରିଛନ୍ତି । ଦେଶ ସ୍ୱାଧୀନ ନ ହେବାଯାଏ ଭଗବାନ କଦାପି ସନ୍ତୁଷ୍ଟ ହେବେନାହିଁ ।'

ଭିଭିରାମ ଧନପୁର ଆଡ଼କୁ ଅନେଇ କହିଲା—"ଶୁଣୁଛୁ ତ ? ତୁ ପୁଣି କହୁଛୁ ଭଗବାନ ନାହାନ୍ତି ?'

ସମସ୍ତଙ୍କର ଆଖି ଏବେ ଧନପୁର ଉପରେ ପଡ଼ିଲା । ଜୟରାମ କହିଲା—"ଏ ପୁଣି କେମିତିଆ ଲୋକ କି ?"

ଭିଭିରାମ କହିଲା—"କମିଉନିଷ୍ଟ ଲୋକ କଣ···ହିନ୍ଦୁ ଲୋକ ।"

---

(୧) ଆପନି ଆଚରି ଧର୍ମ ସବାରେ ଶିଖାୟ,
ଆପନି ନା କୈଲେ ଧର୍ମ ଶିଖାନ ନା ଯାୟ ।

ଧନପୁର କହିଲା—"ମୁଁ ଜଣେ ମଣିଷ ମାତ୍ର । ଭକ୍ତ ନୁହେଁ । ଭଗବାନ କେଉଁଠି ଅଛନ୍ତି ଦେଖିନି । ଅତ୍ୟାଚାର ହେଲେ ବି ତାଙ୍କର ଦେଖାନାହିଁ । ଜଣେ ଯୁବତୀ ଝିଅ ଉପରେ ମିଲିଟାରୀ ଲୋକେ ଅମାନୁଷିକ ଅତ୍ୟାଚାର କଲେ; ଅଥଚ ଭଗବାନ ସେତେବେଳେ ଥିଲେ କେଉଁଠି ? କାହିଁ, ବାହାରିଆସିଲେ ନାହିଁ ତ । ଭଗବାନ ଯଦି ବି ଅଛନ୍ତି, ସେ ନିଶ୍ଚୟ ଅନ୍ଧ; ନଚେତ୍ କାଲ ।"

ସମସ୍ତେ ଅବାକ୍ ହେଲେ ଧନପୁରର କଥା ଶୁଣି । ଜୟରାମ କହିଲା—"ଆରେ···ରେ··· ଇଏ ତ କଣ ପାଷଣ୍ଡଟେ ଭଳି କଥା କହୁଛି ।"

ଏଥର ଆହିନା କୁଅଁରର ଆଖିପତା ଧୀରେ ଧୀରେ ଖୋଲିଲା···ଆହିନା କୁଅଁର, କପଟ ଅଫିମିଆଟା । ଏବେ ଅଫିମ ଗୁଡ଼ିକ ଗୁଡ଼ିକ ହୁଏତ ସେ ପାଉଛି କେତେବେଳେ ? ସବୁବେଳେ ଆଖିପତା ତାର ପଡ଼ିଥାଏ । ବୟସ ବି ଯଥେଷ୍ଟ ହେଲାଣି । ସେ କିନ୍ତୁ ଧନପୁରର କଥା ଶୁଣି ଆଖି ମେଲିଲା । କହିଲା—"କାହିଁ ସେଇ ମ୍ଲେଚ୍ଛଟା, ଦେଖେ ଟିକଏ ତାକୁ । କୋଉଠି ଥିଲା ଏଇଟା । କୃଷ୍ଣ ହେ !!"

ଭିଭିରାମ କହିଲା—"ବାଟଯାକ ଭଗତଙ୍କ ସଙ୍ଗେ ଇଏ ଏଇମିତି ତର୍କ କରି କରି ଆସିଛି । କଥା କଣ କି ବାରପୂଜୀୟାର ସୁଭଦ୍ରା କଥା ମ, ଶୁଣିନା କି ? ତା ଉପରେ ମିଲିଟାରୀ ଗୁଡ଼ାଙ୍କର ଅତ୍ୟାଚାର ହେଇଛି । ସେ ଦୁଃଖରେ ମଥାଟା ଯାଉ ଗରମ ।"

ହଠାତ୍ ଦଧି ବର୍ଦ୍ଧଲୈ ପଦେ ହାଙ୍କିଲେ—

> ବିଷ୍ଣୁ ବୈଷ୍ଣବକୁ ଯେ କରଇ ଧିକ୍କାର,
> କାଟିବ ଶମନ ଶେଷେ ଜିହ୍ୱାକୁ ତାହାର । (୧)

ଧନପୁର ଦଧି ବର୍ଦ୍ଧଲୈ ଆଡ଼କୁ ଚାହିଁଲା । ଲୋକଟାର ବୟସ ହେବ ପଚାଶ ଖଣ୍ଡେ । ଦେହରେ ଲମ୍ବା ପଞ୍ଜାବୀଟା ପାଙ୍କୁ ଆଣ୍ଠୁ ଲମ୍ବି ଧୋତି । ସ୍ଥାନୀୟ ପ୍ରାଥମିକ ସ୍କୁଲର ପଣ୍ଡିତ । ପୂଜା ଯଜମାନ କିଛି କିଛି କରି ଫଳେପୁନ୍ନେ କିଛି ପାଏ । ଧନପୁର ତାକୁଇ ଲକ୍ଷ୍ୟକରି ପଚାରିଲା—"ତୁମେ ମୋତେ ଦେଖେଇ ଦେଇ ପାରିବ ଭଗବାନ କୋଉଠି ଅଛନ୍ତି ? ଯଦି ପାରିବ ମୁଁ ନିଶ୍ଚୟ ବିଶ୍ୱାସ କରିବି । ତୁମର ତ ଏଠି ତନ୍ତ୍ରମନ୍ତ୍ର ଜାଣିବା ଲୋକ ଅଛନ୍ତି । ପାରୁଚ ଯଦି ମୋତେ ଟିକଏ ଦେଖେଇଦେଲ ।"

ଜୟରାମ କହିଲା—"ପ୍ରମାଣ ଚାହୁଁଚ ଯଦି ଦେଖେଇଦିଆଯିବ ।"

ଧନପୁର ପଚାରିଲା—"ତୁମେ ଗୁଣିଆ ବୋଧେ ?"

"ହଁ ତ; ଅଳେଖ ବହୁତେ ଜଣାଅଛି ।"

—"ତେବେ ମନ୍ତ୍ରକରି ସେଇ ମିଲିଟାରୀଗୁଡ଼ାଙ୍କୁ କିଛି ଗୋଟେ କରି ପକାଅନ୍ତୁ । ଅସୁରେ ତ ଉପାୟ ନାହିଁ···"କହୁ କହୁ ବଡ଼ ଖଣ୍ଡେ ବାହାରିକଲା । ମିଲିଟାଏ ହୋଇ ବଡ଼ମଣିଷଙ୍କ

(୧) ବିଷ୍ଣୁ ବୈଷ୍ଣବକ୍ କରେ ଧିକ୍କାର
କାଟିବେ ଆଣ୍ଠିଲେ ଜିହ୍ୱାକ୍ ତାର ।

ଆଗରେ ବଢ଼ି ଖାଇବା ଦେଖି ଆହ୍ଲାଦରେ ଦେହ ସତେକି ଜଳିଗଲା । ସେ ରାଗଯାଇ କହିଲା—"ସ୍ୱାକୁଲ କହନ୍ତି ଅଳ୍ପବିଦ୍ୟା ଭୟଙ୍କରୀ । କୃଷ୍ଣ ହେ ! କଣ ଦ' ଗୃଣ୍ଟା ଇଂଲଣ ବଙ୍ଗଳା ଅକ୍ଷର ଶିଖି ସତେ କି ସ୍ୱର୍ଗକୁ ହାତ ପାଇଯାଇଛୁ । ସିଦ୍ଧପୁରୁଷମାନେ ଯାହାକୁ ଖୋଜିବୁଲୁଛନ୍ତି; ଇଏ ତାଙ୍କୁ ଏଇ ପଙ୍କ ମାଟିରେ ପାଇବ ବୋଲି ଖୋଜୁଛି । କୃଷ୍ଣ ହେ ! କାଳ କଣ ନ ହେଲା !! କୋଉଠୁ ପଞ୍ଚାଏ ଧଳା ମଣିଷ ଆସି ଇସ୍କୁଲ, କଚେରି ବସେଇ ଗୁଡ଼ାଏ ମ୍ଳେଚ୍ଛଙ୍କୁ ସୃଷ୍ଟି କଲେଣି । ତୁରନ୍ତ ଏଗୁଡ଼ାଙ୍କ ପାଇଁ କିଛି ବ୍ୟବସ୍ଥା ନକଲେ ନଚଳେ । କୃଷ୍ଣ ହେ ! ଭଗବାନ୍ ପୁଣି ନାହାନ୍ତି ? ଇସ୍...କୃଷ୍ଣ ! କୃଷ୍ଣ...ରହ...ରହ ଏବେ ମୁଁ ତୋତେ ଭଗବାନଙ୍କୁ ଦେଖେଇ ଦେଇ ପାରିବି । କୃଷ୍ଣଙ୍କୁ ଚନ୍ଦ୍ରଲେ ଏଇନେ ହେଇ ଗୋସେଇଁ ମହାପ୍ରଭୁ ଯୋଢ଼ ଖୁଣ୍ଟା ପାଖରେ ବସିଛନ୍ତି ସେଇଠୁ ବାହାରି ପଡ଼ିବେ ।"

ବଡ଼ ଦମେ ଟାଣିଦେଇ ହୋ-ହୋ ହୋଇ ହସିଉଠିଲା ଧନପୁରି । ଏକ୍ବାରେ ନିର୍ଭୟ ତାର ମନ । ସମସ୍ତେ ତା'ରି ଉପରକୁ କୋପଦୃଷ୍ଟିରେ ଚାହିଁଥାନ୍ତି ।

ସେତିକିବେଳେ ଓଦା ଲୁଗାଟା ପିନ୍ଧି ଶ୍ଳୋକ ଉଚ୍ଚାରଣ କରି କରି ଘର ଭିତରକୁ ପଶି ଆସିଲା ମାଣିକ ବରା । ଗଣ୍ଠିଲି ଖୋଲି ଧୋତିଟା ବାହାରକରି ପିନ୍ଧିବାକୁ ଉଦ୍ୟତ ହେଉଥିଲା । କେହି ତା' ଆଡ଼କୁ କାନଉ ନ ଥିଲେ ବି ସେ ତାର ଶ୍ଳୋକ ବୋଲି ଚାଲିଛି—

ମରିଲା ବେଳାରେ ଅଜାମିଳ ପାପୀ
ନାରାୟଣ ନାମ ଜପିଲା,
କୋଟି ଜନମର ଯେତେ ମହାପାପ
ତାର ପ୍ରାୟଶ୍ଚିତ୍ତ ହୋଇଲା । (୧)

କ୍ଷଣିକ ପାଇଁ ନୀରବତା । ଏତିକିବେଳେ ଭିତରପଟୁ ମଧୁ ବାହାରିଆସି ଖବର ଦେଲା—"ପ୍ରଭୁ ! ମା' ପଚାରୁଛନ୍ତି ଚା' ଆଣିବ କି ?"

ଗୋସେଇଁ କହିଲେ—"ମାଆଙ୍କୁ କହ ସେ ଚା' ଆଣିବେ । ଆଉ କହିବୁ ଗାଁର ତିନିଜଣଙ୍କ ପାଇଁ ଅଧିକା ରାନ୍ଧିବେ ।"

ସଙ୍ଗେ ସଙ୍ଗେ ଦଧି ବର୍ଦ୍ଧ'ଲୈ କହିଲା—"ମାଆଙ୍କୁ କାହିଁକି କଷ୍ଟ ଦେବେ । ଆମେ ଆମର ବ୍ୟବସ୍ଥା କରିଦେବୁ ନାହିଁକି ।"

—"ନାରେ ଦଧି ! ଆଜି ବହୁତ ଗୁରୁତର ଆଲୋଚନା ଅଛି । ତୁ ଯାଇ ଟିକିଏ ସାହାଯ୍ୟ କରିଦେବୁ, ହୋଇଯିବ । ଆମ ରୋଷେଇରେ ଭକତଙ୍କର ଚଳିବ ତ ?"

ମାଣିକ ବରା କହିଲା—"ସରକାରୀ ଭଲେଣ୍ଟିଅର ହେଲାଦିନୁ ନୀତି-ନିୟମରେ ଅଳ୍ପ ଢିଲମ୍ ଢିଲ ହୋଇଛି ପ୍ରଭୁ ! କଣ ଖରାପ ହବ କି, ନା ଚଳିବ ?"

---

(୧) ମରବର୍ ବେଲା ଇଟୋ ଅଜାମିଲେ
ନାରାୟନ୍ ନାମ୍ ଲୈଲ
କୋଟି ଜନମରେ ଯତ ମହାପାପ
ତାରେ ପ୍ରାୟଶ୍ଚିତ ଭୈଲ ।

—"ଖରାପ ଆଉ ହବ କଣ ? ବରଂ ବେଶ୍ ଭଲ ହୋଇଛି । ଏ ଦେଶଟାରେ ଧର୍ମ ଆଉ ନାହିଁ । ଖାଲି ନୀତି-ନିୟମକୁ ଧରି ବସିଲେ ଚଳିବ ନାହିଁ । ଖାଲି ଦେଖେଇ ହେବା ବ୍ରାହ୍ମଣ ଅବା ମୌଲବୀ ମୋଲ୍ଲା ହେବା ସାର ହେବ । ଅସଲ ଧର୍ମ ହେଲା ମାନବଧର୍ମ । ମଣିଷର ଦୁଃଖ ନିବାରଣ କରିବାକୁ ଯାଇ ଗୌତମ ବୁଦ୍ଧ ଅବତାର ହେଲେ । ଚୈତନ୍ୟ ମହାପ୍ରଭୁ ଆଉ ଶଙ୍କର ଗୁରୁଦେବ ପ୍ରେମ ଉପରେ ଜୋର୍ ଦେଇଛନ୍ତି । ଏଇ ମଣିଷ ଭିତରେ ହିଁ ଅଛନ୍ତି ଭଗବାନ । ବୁଦ୍ଧଦେବ ମଧ୍ୟ କହୁଥିଲେ—'ବହୁ ଜନାୟ ହିତ, ବହୁ ଜନାୟ ସୁଖ ହିଁ ମୋର ଧର୍ମ ।' ସାରା ଭାରତବର୍ଷ ବୁଲି ମୁଁ କେବଳ ଗୋଟିଏ କଥାମାନ୍ତ ଦେଖିଲି । ମଠ-ମନ୍ଦିର, ମସଜିଦ୍-ଗିର୍ଜା—ଏସବୁମାନଙ୍କରେ କେବଳ ପୁରୋହିତ, ମୌଲବୀ, ବିଶପ୍ ଥାଆନ୍ତି । ଭଗବାନ କିନ୍ତୁ ଥାଆନ୍ତି ଦୁଃଖୀଲୋକର ହୃଦୟରେ । ସେମାନେ ହେଲେ ଦରିଦ୍ର-ନାରାୟଣ । ସେଇମାନଙ୍କ ସେବାରେ ମର୍ତ୍ତି ମୁକ୍ତିଲଭ ନିମନ୍ତେ ଦୁର୍ଲଭ ମନୁଷ୍ୟ ତନୁକୁ ନିପାତ କରିବା ହିଁ ଏ ଯୁଗର ଧର୍ମ । ଧନପୁର ମୁହଁ ଖୋଲି ଆମର ମନର କଥା କହୁଛି । ମୋତେ ଭାରି ଭଲ ଲାଗୁଛି । ସତ୍ୟକୁ ମାନିନେଲେ ଧର୍ମକୁ ପାଇବା ସହଜ ହେବ । ଭଗବାନ ଏ ଦେଶ ଛାଡ଼ି ପଳେଇଛନ୍ତି । ଆମେ ଜାଗ୍ରତ ହୋଇ ତାଙ୍କୁ ପୁଣି ଫେରେଇ ଆଣିବାକୁ ହେବ ।"

ମାଣିକବର ପିଢ଼ା ଖଣ୍ଡେ ଟାଣିନେଇ ଏମାନଙ୍କ ମେଳରେ ନିଆଁ ପାଖରେ ବସି-ପଡ଼ିଲା । ବସୁ ବସୁ ଅଳିଆ କାଣି ଖଁକାର ପୁଳାଏ ପାଟିରୁ କାଢ଼ି ପାଉଁଶ ଉପରକୁ ପିଚ୍ କିନା ପକେଇ ଦେଇ କାଠି ଖଣ୍ଡିକରେ କିଛି ପାଉଁଶ ଆଡ଼େଇ ଖଁକାର ମେଞ୍ଚାକୁ ଘୋଡ଼ଉ ଘୋଡ଼ଉ କହିଲା—'ବିଶ୍ୱାସେ ମିଳଇ ହରି ତର୍କେ ବହୁ ଦୂର ।' ଦେଖୁଛି ଗୋସେଇଁ ମହାପ୍ରଭୁ ! ଆପଣଙ୍କର ଶସ୍ୟ ମସ୍ତ୍ୟରେ ଯେମିତି ଭରପୂର, ଜ୍ଞାନରେ ମଧ୍ୟ ସେମିତି । ଆପଣ ଖାସା କଥା କହୁଛନ୍ତି । ଭଗବାନଙ୍କୁ ନିଦରୁ ଉଠେଇବା ଆମର ବର୍ତ୍ତମାନର କାମ ।

ଏତିକବେଳେ ହାତେ ଓଢ଼ଣୀ ଟାଣି, କପାସୂତାର ଧଳା ମେଖଳା-ଚାଦର ପିନ୍ଧି, ଧଳା ଗୁଣ୍ଠୁଣୀ ହାତଟିଏ ଭଳି ସ୍ତ୍ରୀଲୋକ ଜଣେ କଂସା ଗିନାରେ ଚାହା ଆଣି ମାଣିକ ବରଙ୍କ ପାଖରେ ଥୋଇଦେଇ ଚାଲିଗଲେ । ଜାଗାଟାକୁ ହାତରେ ପୋଛି ସଫା କରିଦେଲା ଦଧି । ସ୍ତ୍ରୀଲୋକ ଜଣକ ଆଉ ଗିନାଏ ଚାହା ନେଇ ପୁଣି ଆସିଲେ ସେଠିକି । ସେଇ ଚାହା ଧନପୁରକୁ ଦେବେ ବୋଲି ଆଣିଥିଲେ । ଧନପୁର ହାତ ପତେଇଲା ଚାହାଗିନାଟାକୁ ଧରିନବାକୁ । ସେ କିନ୍ତୁ ଧନପୁର ହାତକୁ ଚାହାଟା ନଦେଇ ଧରି ଠିଆହେଲେ । ଦଧି ଆସି ଜାଗାଟାକୁ ପୋଛି ସଫା କରିବାରୁ ସେଇଠି ଚାହାଗିନାକୁ ଥୋଇଦେଲେ । ଧନପୁର କିନ୍ତୁ ବାଲିର ରୁଣୁଝୁଣୁ ଶୁଣିଲା, ଆଉ ଗୋସେଇଆଣୀଙ୍କର ଗୋଲାପ ଫୁଲ ପରି ରଙ୍ଗୀନ-ଯୌବନ-ଉଜ୍ଜ୍ୱଳ ମୁହଁଟିକୁ ଦେଖିନେଲା । ଗୋସେଇଁଙ୍କଠୁ ଅନେକ ସାନ ହେବେ ଗୋସେଇଁଆଣୀ । ସଚରାଚର ବ୍ରାହ୍ମଣଘରର ଝିଅଙ୍କ ବାହାଘର ହୁଏ କମ୍ ବୟସରେ··· । ଦଧି କହିଲା—"ଆରେ ବାପ, ହାତେ ହାତେ ନବାଟା ଠିକ୍ ନୁହେଁ । ତୁ ଗିନାଟା ଛୁଇଁଲେ ଗୋସେଇଁଆଣୀଙ୍କୁ ଗାଧୋଇବାକୁ ପଡ଼ିବ ।"

ହୋ ହୋ କରି ବଡ଼ ଜୋରରେ ହସିଉଠିଲା ଧନପୁର । କହିଲା—"ପ୍ରଭୁ, ଈଶ୍ୱରଙ୍କ ବାକ୍ୟ ଲଙ୍ଘନ ହେଲାପରି ମନେହେଉଛି ଯେ··· ।"

ଗୋସେଇଁଆଣୀ ପଚାରିଲେ—"ଆଉ ଚାହା ଦରକାର ହେବ କି ?"

ଦଧି ସେଇଠୁ ଆହିନା ଆଡ଼କୁ ଅନେଇ ପଚାରିଲା—"ଆଉ ଦରକାର ହବ କି ?"

—"ମିଳେ ମିଳିଲେ ମନ୍ଦ ହୁଅନ୍ତାନାହିଁ । କୃଷ୍ଣ ହେ !"

ଜୟରାମ ତା ନିଜ ଆଡ଼ୁ କହିଲା ଯେ ତାର ଆଉ ଦରକାର ନାହିଁ ।

ଗୋସେଇଁଆଣୀ ନବାକ ପ୍ରଣାମପରି ପୁଣି ଭିତରକୁ ଚାଲିଗଲେ । ମେଖଲାର ଖସଖସ ଶବ୍ଦ ନୀରବ ହେଲାରୁ ଭିଭିରାମ, ଧନପୁର ଆଡ଼କୁ ଆବାକାବା ହୋଇ ଚାହିଁ କହିଲା—"ଭକତ ପାଞ୍ଚଜଣଙ୍କ ଆଗରେ ତୁ ଏମିତି ହବାଟା ଠିକ୍ ହଉନାହିଁ, ଧନପୁର ! ସ୍ଥାନକାଳପାତ୍ର ନ ବିଚାରିଲେ ଦେଶର କାମଟାକୁ ତୁଲେଇବୁ କେମିତି ?"

ବଡ଼ଟାକୁ ପାଟିରୁ କାଢ଼ି ଫୋପାଡ଼ିଦେଇ ସୁଡ଼ୁସୁଡ଼ୁ କରି ଚାହା ପିଇବାକୁ ଲାଗିଲା ଧନପୁର । ବାକି ଦୁଇଜଣ ଅପେକ୍ଷା କରି ରହିଲେ ଆହିନା ପାଇଁ ଚାହା ଆସିବାଯାଏଁ । ଆହିନାର ଚାହା ଆସିଲା । ତିନିହେଁ ଏକସଙ୍ଗେ ଉଠେଇ ଧରିଲେ ଚାହାଗିନାକୁ ।

ସେତିକବେଳେ ମାଛ କେଇଟାକୁ ଧୋଇଧାଇ ଆଣି ରୋଷେଇଘର ପିଣ୍ଡାରେ ରଖିଲା ମଧୁ । ରୋହୁମାଛତକ ସେଇଠି ଥୋଇ ମାଗୁର କେଇଟାକୁ ଜୀଅନ୍ତା ରଖିବାକୁ ଘର କୋଣରେ ଥିବା ତସଲାରେ ରଖି କିଛି ପାଣି ଢାଳିଦେଇ ପିଢ଼ାଟାଏ ଢାଙ୍କିଦେଲା । ଜୀଅନ୍ତା ମାଛଗୁଡ଼ା ଅଳ୍ପ ପାଣି ପାଇ ଖଳଖଳେଇବାକୁ ଲାଗିଲେ ।

ଚାହା ଖାଉ ଖାଉ ଆହିନା ହସି ହସି କହିଲା—"ଧନପୁର କାମପୁରରୁ ଆସି ଏଠି ମାୟଂର ଦ୍ୱିତୀୟ ରଜା ପରି ଉଭାହେଇଛନ୍ତି । ଆମର କିନ୍ତୁ ଏଠି ବାଣେଶ୍ୱର ରଜା ଅଛନ୍ତି । ସେ ହେଉଛନ୍ତି ମାୟଂର ରଜା । ଜାଗା ଚିହ୍ନି କଥା କହିବୁ ବାପ ! ଏମିତି ଓଲଟା ପାଦରେ ନାଚିବୁ କାହିଁକି ?"

ଗୋସେଇଁ ଏଥର ଧନପୁରକୁ ଲକ୍ଷ୍ୟକରି ପଚାରିଲେ—"ତୁମେ ବୋଧେ ଆଗରୁ ରେଲଗାଡ଼ି ଓଲଟାଇଛ ?"

—"ହଁ ।"

—"କୋଉଠି ?"

—"କାମପୁରରେ ।"

—"ହତିଆର ଅଛି ତ ?"

—"ହଁ, ସେଥିରୁ ଗୋଟେ ଗ୍ୟାଙ୍ଗ୍‌ମ୍ୟାନଠୁ ମାଗିଆଣିଛି ।"

—"ସେ ଦେଲା କେମିତି ତମକୁ ?"

—"ଦେଲା ତ । କାମପୁର, ବଡ଼ମପୁର, ରହାରେ ଯୋଉ ଅତ୍ୟାଚାର ହେଉଛିନା, ଲୋକେ ସେଥିରେ ଖୁବ୍ ତାତିଯାଇଛନ୍ତି । ଆପଣଙ୍କର ଏଠିକାର ହାଲ୍ କଣ ?"

ଗୋସେଇଁ କହିଲେ—"ମେଲଆ ଜାଗା ତ । ଏଣୁ ଏଠି ଅତ୍ୟାଚାର ହୋଇପାରିନ । ଅବଶ୍ୟ ଗୋଟେ ଗାଁରେ ବୁଢ଼ୀ ଜଣକ ଉପରେ ଅତ୍ୟାଚାର ହୋଇଥିଲା । ତାକୁ ଗୋଡ଼େଇ ଗୋଡ଼େଇ ମାରି ଅଧାମରା କରିଦେଲେ ମିଲିଟାରୀ ଲୋକେ । ଘଟଣାଟା ହଉଚି ଯେ ବୁଢ଼ୀକୁ କିଛି କୁହାଯୋଗ୍ୟ ନକରି ତା କ୍ଷେତରୁ ଧାନ କାଟିନେଉଥିଲେ ମିଲିଟାରୀ ଦଳ । ପାଖରେ ସେମାନେ କ୍ୟାମ୍ପ ପକେଇଥିଲେ । ବୁଢ଼ୀ ଯେମିତି ଜାଣିଲା, ଗ୍ରୁଣ୍ଡି ଶାମୁଠା ଧରି ଗୋଡ଼େଇଲା ସେମାନଙ୍କୁ । ସେଇ ରାଗରେ ବୁଢ଼ୀଟାକୁ ଅଧାମରା କରିଦେଲେ ସେମାନେ । ସ୍ବରଦନ କାଲି ଖାଲି ରକ୍ତବାନ୍ତି କଲା ବୁଢ଼ୀଟା । ଏବେ ଟିକିଏ ଭଲ ଅଛି ।"

ଭିଭିରାମ କହିଲା—'ଏଗୁଡ଼ାଙ୍କର ଦୟା ଧର୍ମ କି ଆଚାର-ବିଚାର କିଛି ବୋଲି ନାହିଁ ।"

ଗୋସେଇଁ କହିଲେ—"ସାମ୍ରାଜ୍ୟବାଦୀ ସେନାଙ୍କର ମତିଗତି ହିଁ ସେଯା । ପଇସା ନେଇ କାମ କରନ୍ତି ତ । ସେନାପତି ଯାହା ଆଦେଶ ଦିଅନ୍ତି, ତାହାହିଁ ସେମାନଙ୍କ ପାଇଁ ବେଦର ଗାର । ଏମାନଙ୍କର ମନ ନେଇପାରିଲେ ଗୋଟେ ଦିନରେ ବ୍ରିଟିଶ୍ ରାଜତ୍ବର ପତନ ଘଟିବ, ଠିକ୍ ଯେମିତି ପତନ ହୋଇଥିଲା ରାବଣର । ଶିଙ୍ଗା ଫୁଙ୍କ୍ ଫୁଙ୍କ୍ ଡିଲିକ୍ ଡେକାର ପ୍ରାଣ ଗଲାଟି ?"

ଧନପୁର କହିଲା—"ହଁ, ତା ପରେ ମାରିଲେ ଜୋଙ୍ଗାଲବଲହୁଗଡ଼ର ଗୁଣାଭି ବର୍ଦ୍ଧଲୈକୁ ।"

ଜୟରାମ କହିଲା—"ଜୋଙ୍ଗାଲ-ବଲହୁ ବଡ଼ ପବିତ୍ର ସ୍ଥାନ । ସେଭଳି ଜାଗାରେ ଯଦି ରକ୍ତପାତ ହେଲାଣି, ତେବେ ଆଉ ଚଣ୍ଡାଳଙ୍କର ରକ୍ଷାନାହିଁ ।"

ଭିଭିରାମ ପଚାରିଲା—"କାହିଁକି ?"

ଗୋସେଇଁ କହିଲେ—"ଜୋଙ୍ଗାଲ-ବଲହୁ ହେଲା ସୀମାନ୍ତ ଅଞ୍ଚଳ । ରାଜାରାଜୁଡ଼ାଙ୍କର ପୂର୍ବପୁରୁଷଙ୍କ ସ୍ଥାନ । ମାୟଂ ରାଜାଙ୍କର ବଂଶଧର ମଧ୍ୟ ସେଠି ଅଛନ୍ତି । ଖବର ପାଇଲି-ବେଲତ୍ ବାଣେଶ୍ବର ରାଜା ଆମର ରାଗରେ ନିଆଁ ହୋଇଯାଇଛି ।"

ଧନପୁର କହିଲା—"ରାଜା ହେଲେ ହବ କଣ ? କେବଳ ନାଁକୁ ମାତ୍ର ସିନା ! ଏ ଗଣତନ୍ତ୍ର ଦିନରେ ରାଜା-ଫାଜାଙ୍କ କଥା ଶୁଣିବାକୁ ଭଲ ଲାଗୁନାହିଁ !"

ଅହିନା ରାଗିଯାଇ କହିଲା—"କଣ ଗୁଡ଼େ ବକ୍ ବକ୍ ହଉଚ ହୋ ଏଟା, କୃଷ୍ଣ ହେ ! କାଲିକା ଯୋଗୀ ଶିରମେ ଜଟା ! କୃଷ୍ଣ ହେ !"

ମାଣିକ ବରା କହିଲା—'ଦୋଷ ଧରନା ଭାଇ ! ଆଜକାଲିକାର ଟୋକାଏ ଗୁରୁ-ଗୋସେଇଁ ରାଜା ମହାରାଜା କାହାକୁ ମାନୁନାହାନ୍ତି । ତା'ଛଡା—"ଯେ ପକ୍ଷୀ ଉଡ଼େ ଯେତେଦୂର, ସେ ଜାଣେ ତହିଁର ବେଭାର ।"

ଧନପୁର ପୁଣି ଗୋଟେ ବିଡ଼ି ଲଗେଇଲା । ଗୁହା ପର୍ବଟା ଶେଷ ହୋଇଯାଇଥିଲା । ମଧ୍ୟ ଗୁହାଗିନାଗୁଡ଼ିକୁ ରୁଣ୍ଡେଇ ପୋଖରୀ ଆଡ଼କୁ ଘୁଞ୍ଚିଗଲା । ଧନପୁର କହିଲା—'ସତ କଥା କହିବାଟା ଅଧର୍ମ ନୁହେଁ । ତେଜସ୍ବୀ ହବାଟା ବି ଅଧର୍ମ ନୁହେ ।

ଜୟରାମ ବି ରାଗିଯାଇ କହିଲା—"ଇଃ···ହୁଃ···ସତେ କି କୃଷ୍ଣ ମାହାପୁରୁ ଓହ୍ଲେଇ ଆସିଛନ୍ତି ମର୍ତ୍ତ୍ୟମଣ୍ଡଳକୁ । ଜାଣିଚୁନା, ଭୁଷି କରି ମାରିପକେଇବୁ ତୋତେ ।"

ଧନପୁର କହିଲା—"ହଁ ହେ କେତେ ଦେଖିଛୁ ଏମିତି ଗୁଣି-ଗାରେଡ଼ି । ତୁମ ମନ୍ତ୍ରକୁ ପଟପୋଡ଼ା କରି ଖାଇଦେବି ମୁଁ ।"

ଆହୁରି ଜୋର୍‌ରେ ରାଗିଗଲା ଜୟରାମ; ପାଖରେ ଥିବା ବଟାଟାକୁ ଧରି ଫୋପାଡ଼ିଦେଲା ଧନପୁର ଉପରକୁ, କିନ୍ତୁ ଭାଗ୍ୟ ଭଲ । ମୁଣ୍ଡଟାକୁ ନୋଇଁଦେଲା ଧନପୁର । ବଟାଟା ତା ମୁଣ୍ଡ ଉପର ଦେଇ ପହଁରି ପହଁରି ଯାଇ ବାଜିଲା ମାଛ ତସଲାରେ । ଠନ୍ କଲା । ଘୋଡ଼ଣି ହୋଇଥିବା ପିଢ଼ାଟା ଓଲଟିପଡ଼ିଲା । ସଙ୍ଗେ ସଙ୍ଗେ ମାଗୁର ମାଛଗୁଡ଼ାକ ଗୋଟାକ ପରେ ଗୋଟେ ଡିଆଁ ମାରି ଆସି ହାଜର ହେଲେ ମାଟି ଉପରେ । ଚଳେଇଲେ ତାଙ୍କର ଖପ୍‌ଖାପ୍ ଖେଳ ।

ଏଥର କିନ୍ତୁ ଆଉମାନେ ବି ରାଗିଗଲେ ଧନପୁର ଉପରେ ତା'ର ବେଖାତିର କଥା ଶୁଣି । ମନ୍ତ୍ରମୁଗ୍ଧ ମଣିଷଗୁଡ଼ାକ ଯେ ତା ମୁହଁକୁ ସିଏ ତା ମୁହଁକୁ ବଲ୍‌ବଲ୍ ହୋଇ ଅନେଇ ଲାଗିଲେ । ଧନପୁର କିନ୍ତୁ କାହାରି ଆଡ଼କୁ ନ ଅନେଇ ବେଶ୍ ସନ୍ତୋଷ ମନରେ ବିଡ଼ି ଟାଣିଲାଗିଥାଏ ।

ଜୟରାମ କହିଲା—"ପାଷଣ୍ଡଟା ! କୋଉଠୁ ଶିଖିଲୁ ଏମିତି କଳାକୁ ଧଳା, ଧଳାକୁ କଳା କରିବାକୁ ! ମାୟଂକୁ ଆସି ମନ୍ତ୍ରର ଅସମ୍ମାନ ! ରହ ପୁତା, ତୋତେ ମୁଁ ଦେଖେଇଦଉଛି । ···ଦେଖ ଭାଇମାନେ, ମୋତେ ଆଉ ଯେତେବେଳେ ଦୋଷ ଯେମିତି ନ ଦିଅନ୍ତୁ ।··· ମନ୍ତ୍ର ପେଟି ଯଦି ୟାକୁ ମୁଁ ବାନ୍ଧି ନ ପକେଇଛୁ ତେବେ···"

ଭଭରାମ ବଡ଼ ବିନୟର ସହ କହିଲା—"ଆପଣ ଏ ଅଜାମିଳଟାର କଥାକୁ ଧରନ୍ତୁ ନାହିଁ ।"

ଆହ୍ଲନା କୁଅଁର କହିଲା—"କୃଷ୍ଣ ହେ ! ମୁଁ ବି ସେମିତି କରିଦେଇ ପାରିବି । କେତେ କେତେ ଲୋକ ଏଠିକି ଆସି ଛେଳି, ମେଣ୍ଢା ବନିଛନ୍ତି ଜାଣିନ କି ? ଏମିତି ବାଣ ଅଛି··· କୃଷ୍ଣ ହେ, ଏକେବାରେ ନଆଁ ଶୁଣ୍ଢା ଭଳି ପଛେ ପଛେ ଖେଦିନବ, କୃଷ୍ଣ ହେ !"

ଆହ୍ଲନା କୁଅଁର ଆଡ଼କୁ ଚାହିଁ ଧନପୁର କହିଲା—"ବହୁତ ଗୁଣିଆ ଦେଖିଛୁ,···ଗୋଟେ ଆସିଥିଲା ସାପକାମୁଡ଼ା ଲୋକକୁ ଭଲକରିବାକୁ ଯେ ଭଣ୍ଡୁର ହୋଇଗଲା । ଆଉ ଗୋଟାକୁ ଦେଖିଲି ଜର ମନ୍ତ୍ର ପଢ଼ୁଥିଲା ଜର ଛଡ଼େଇବାକୁ, ହେଲେ ଜର କିନ୍ତୁ ନଛୋଡ଼ବନ୍ଦା । ଉପରପଟ୍ଟ ଓଟ୍ଟା ଜଣେ ଆସିଥିଲା ଯେ, ସେ କୁଆଡ଼େ ମୋହିନୀମନ୍ତ୍ର କରି ଝିଅଟାକୁ ବଶ ହୋଇପଡ଼ିଲା । ୟାକୁଇ କହିବା ଗୁଣିଆ-ଗିରି ? ଏଗୁଡ଼ାକ କଣ ଖରାପ କାମ ନୁହେଁ ? ବାହାହବ ପୁଣି ଗାରଡ଼ି କରି ? ଓପାସ ଭୋକରେ ବେଢ଼ ଉପରେ ଯଦି ବରର ଦେହମୁଣ୍ଡ ଝୋଲମାରିଗଲା, କହିବ କଣ ନା ବରକୁ ଗୁଣିକରିଦିଆଯାଇଛି । ଜାଲ ପକେଇ ବାଘକୁ ଧରି କହିବ କଣ ନା ମନ୍ତ୍ରବଳରେ ବାଘକୁ ଧରିଛି । ଏକଥା କେମିତି ହବ । ହଉ, ପାରୁଚ ଯଦି ମୋତେ ମନ୍ତ୍ର କରି ଦେଖି··· ।"

ଜୟରାମ ଏଥର ବାଧା ଉଞ୍ଚେଇ ଧନପୁରକୁ ମାରିବାକୁ ଉଦ୍ୟତ ହେଲା । ସେଇଠୁ ଗୋସେଇଁ ପାଟି ଖୋଲିଲେ । କହିଲେ—"ତମେ ସବୁ ଏମିତି ମୂର୍ଖଙ୍କଭଳି କାହିଁକି ହଉଛ ?"

ମୁଣ୍ଡ ଉପରେ ଆମର ନିଆଁ ଜ୍ୱଳେଇ···ତମେସବୁ କଣ ଅସଲ କାମ କଥା ପାସୋରି ପକେଇଲଣି । ଏମିତି କଲେ ଚଳିବ ନାହିଁ—ଆଦୌ ଚଳିବନାହିଁ କହିଦଉଛି । ଏସବୁ ଆଜେବାଜେ ତର୍କର ସମୟ ଏ ନୁହେଁ ।···ଆମ ଗାଦି ଉପରେ ବହୁତ ମନ୍ତ୍ରପୋଥି ଅଛି । ସେସବୁକୁ ମୁଁ ଏଯାଏଁ ହାତରେ ଧରିନାହିଁ । ତା'ଛଡ଼ା ମନ୍ତ୍ରତନ୍ତ୍ରର ଦିନ ଚାଲିଗଲାଣି । ଏବେ ଯନ୍ତ୍ରର ଦିନ । ଏବେ ନିଜ ବାହୁବଳରେ ହିଁ ପହଁରିବାକୁ ହେବ ।"

ଗୋସେଇଁଙ୍କ କଣ୍ଠରେ କମ୍ବୁଧ୍ୱନିର ସ୍ୱର । ସେ ସ୍ୱର ମୃଦଙ୍ଗଭଳି ବାଜିଲା ଧନପୁରର କାନରେ । ସେ କହିଲା—ମୁଁ ଆପଣଙ୍କର କଥାକୁ ମାନିନେଲି, କହନ୍ତୁ ଏବେ ଆମକୁ କଣ କରିବାକୁ ପଡ଼ିବ ।

ମାଣିକବରା ପଚାରିଲା—ଭାତ ହେବାକୁ ଆଉ କେତେ ଡେରି ?

ଗୋସେଇଁ ମଧୁଆଡ଼କୁ ଚାହିଁଲେ । ସେ ତସଲଟାକୁ ପୁନଃସ୍ଥାପନ କରି ମାଛଚୁଡ଼ାକୁ ମାଟିଉପରୁ ଧରିନେଇ ସେଥିରେ ଥୋଇଲା । ପୁଣି ପିଢ଼ାଟିକୁ ଟାଣିଦେଲା । ତା'ପରେ କହିଲା—ଏଇ ଆଉ ଟିକେକେ ହେଇଯିବ । ମୁଁ ଯାଏଁ, ପିଢ଼ାପାଣିର ବ୍ୟବସ୍ଥା କରେଁ । ଭଗତଙ୍କର ଚଳିବ ତ ?'

ମାଣିକବରା କହିଲା—ଚଳିବ, ନ ଚଳିବ କାହିଁକି ? ଗୋସେଇଁଙ୍କର ପ୍ରସାଦ ଆଉ ଜଗନ୍ନାଥଙ୍କର ପ୍ରସାଦ—ସମାନ ।

ଧନପୁର କହିଲା—ପ୍ରସାଦ ! ଚୂଡ଼ା ଚାହିଲା ଗଣ୍ଠେଇ ବୁଲିବା ବ୍ରାହ୍ମଣ ଆଉ ଆଜିକାଲି ନାହାଁନ୍ତି ମ । ସମସ୍ତେ ଏବେ ଏକାକାର ହେଲେଣି ।

ଦଧିରାମ କହିଲା—ଆରେ ଇଏ କଳିଯୁଗ ପରା ।

ଗୋସେଇଁ କହିଲେ—କାମପୁରର ଗୋସେଇଁ ଲେଖିଛନ୍ତି ଯେ ତୁମେମାନେ ସବୁ ଆମକୁ ସାହାଯ୍ୟ କରିବାକୁ ଆସିଛ ?

ଭିଭିରାମ କହିଲା—ହଁ । ବର୍ତ୍ତମାନ ଏମିତିକା କାମର ହିଁ ସମୟ । ଆପଣ ସେଠୁ ଆସିଥିବା କାଗଜପତ୍ରତକ ପଢ଼ିଛନ୍ତି ତ ?

—ପଢ଼ିଛି । ମୋର ଧାରଣା, ଏଥର ମୂଳପୋଛ ହେବେ । ଇଂରେଜଙ୍କ ଅବସ୍ଥା ବଡ଼ ସାଙ୍ଘାତିକ । ସୁରିପୁର କାବୁ କରିଦେଉଛି ଜାପାନ ସେମାନଙ୍କୁ । ଏମାନେ ଯୋଉ ପରିମାଣରେ ପଳେଇବା ଆରମ୍ଭକଲେଣି ଆସାମ ଛାଡ଼ି ଚାଲିଯିବାକୁ ଆଉ ବେଶିଦିନ ନାହିଁ । ଆମେ କିନ୍ତୁ ଜାପାନୀଙ୍କ ଅଧୀନରେ ବି ରହିପାରିବା ନାହିଁ । ତେଣୁ ନିଜର ବାହୁ-ବଳରେ ନିଜର ସରକାର ଗଢ଼ିବାକୁ ହେବ । ଶୁଣିଛି, ସୁଭାଷ ବୋଷ ବି ଆଇ.ଏନ.ଏ.କୁ ଆଣି ଆସୁଛନ୍ତି ।

—ଆମେ ଶୁଣୁଛୁ ଯେ, କମ୍ୟୁନିଷ୍ଟଗୁଡ଼ାକ କହୁଛନ୍ତି ସେମାନେ କୁଆଡ଼େ ଜାପାନୀଙ୍କ ଗୋଡ଼ାଣିଆ ।

—ଉହୁଁ, ସେମାନେ ଗୋଡ଼ାଣିଆ ହେବେ କାହିଁକି ମ ! ବରଂ ସେମାନେ ଆମର ଅବିସମ୍ବାଦିତ ନେତା । ଗୋସେଇଁ ଲେଖିଛନ୍ତି ଆମର ହାଜରକା-ନେତାଙ୍କ କଥା···ଆଚ୍ଛା, ବନ୍ଧୁକ ଜମା ହେଲାଣି ତ ?

—ବାରପୂଜାଘରର ସହରରେ ସେଇକଥା ପରିକଳ୍ପନା କରାଯାଇଛି । ଦଶ ବାରଟା ଖଣ୍ଡେ ବନ୍ଧୁକ ଜମା ହେଲାଣି; କିନ୍ତୁ ଖାଲି ବନ୍ଧୁକ ଜମାହେଲେ କଣ ହବ ? ଗରିଲା-ଯୁଦ୍ଧ ଶିଖେଇବ କିଏ ? ସୁଭାଷ ବୋଷଙ୍କ ଭଳି ନେତା ଜଣେ ଏଠି କାହାନ୍ତି ?

—ଅବଶ୍ୟ ଏହା ସତ କଥା । ଆମ ନେତାଏ ତ ଗୁଳି ଧରି ଜାଣନ୍ତିନାହିଁ··· । ତେବେ ଯାହାହଉ, ସେଥିପାଇଁ ନିଶ୍ଚିତ ଭାବେ ଗୁପ୍ତସ୍ଥାନ ଦରକାର, ଶିକ୍ଷକ ଦରକାର ଏବଂ ଦରକାର ମଧ୍ୟ ଶିକ୍ଷାର୍ଥୀ । ସାଧନା ଦରକାର । ଅହିଂସା ନୀତି ଭଲନୁହେଁ ବୋଲି ଖାଲି ଚିତ୍କାର କରି କଣ୍ଠ ଫଟେଇଲେ ହବ କଣ ?

—ଏଇ ମାସ୍ଟଂରେ ସେକଥା କରାନଯାଉଛି କାହିଁକି ?

—କରିବ ବୋଲିତ ଭାବିଛୁ; କିନ୍ତୁ ସେଥିପାଇଁ ଲୋକବଳ ଯେମିତି ଦରକାର, ଧନବଳ ବି ସେମିତି ଦରକାର ।···ଆଚ୍ଛା, ଥାଉ ସେ କଥା । ମୁଁ ଧୀରେ ସୁସ୍ଥେ ସେ କଥା ଦେଖିବି । ବର୍ତ୍ତମାନ ଅସଲ କଥା, ମାନେ ଆମର କାମର କଥା କହୁଛି, ଶୁଣ ! ସପ୍ତାହେ ତଳେ ଆମର ଏଠୁ ଦଳେ ଲୋକ ଯାଇଥିଲେ । କାମଟା କିନ୍ତୁ କରିନପାରି ଫେରିଆସିଲେ ।

—କାହିଁକି ପାରିଲେନାହିଁ ?

—ଆହେ, 'ଲିଡକଟା-ଯୁଦ୍ଧ' କଥା ଶୁଣିନା କି ? ଏମାନଙ୍କର ସମସ୍ୟା ବି ସେଇଥିରେ ଗଲା ।

ଦୀର୍ଘନିଃଶ୍ୱାସ ଛାଡ଼ିଲା ଭଦ୍ରମ, ଆଉ କହିଲା—ବଡ଼ ଦୁଃଖର କଥା କିନ୍ତୁ ।

ଗୋସେଇଁ କହିଲେ—ତେବେ ସେ ଯାହାହେଉ, ସେମାନେ କିନ୍ତୁ ବାଟଘାଟ ଠଉରେଇ ଜାଗା ଠିକ୍‌ଠାକ୍ କରି ଆସିଛନ୍ତି ।

—କାମଟା ତେବେ କରିନପାରିଲେ କାହିଁକି ?

—ଆହେ ଭାଇ ଜାଣିନା କି ? ମିଲିଟାରୀ ଲୋକେ ଚବିଶଘଣ୍ଟା ପହରା ଦେଉଛନ୍ତି । ବିଜୁଳି ବେଗରେ ସେମାନେ ଖବର୍ ପାଇଯାଆନ୍ତି । ସତର୍କ ହେଇପଡ଼ନ୍ତି । ସେମାନଙ୍କୁ ଦେଖି ଏମାନେ ଡର ପଳେଇ ଆସିଲେ ।

—ହୁଁ···କାପୁରୁଷ !

—ତୁମ ଲୋକଗୁଡ଼ାକ କେମିତିକା ?

—ଖୁବ୍ ଭଲ ।

—ଠିକ୍ ଅଛି ତେବେ । ଚାଲ ଖିଆପିଆ ସାରି ଧୀରେ ସୁସ୍ଥେ କଥା ହେବା । ଭାତ ବଢ଼ା ହେଲାଣି । ଚାଲ···ଉଠ ।···ଆଉ ହଁ ଜୟରାମ ଶୁଣ, ତୁମେ ମାଣିକବାବୁଙ୍କୁ ତୁମ ଘରକୁ ନେଇ ସେଇଠି ତାଙ୍କର ଶୋଇବା ବନ୍ଦୋବସ୍ତ କରିବ । ମଧୁ ଧନପୁରକୁ ସାଙ୍ଗରେ ନବ ।

ଆରେ ହଁ ମଧୁ ! ତୁ ଗୋଟେ କାମ କରିବୁ; ତୁ ଧନପୁରକୁ ନେଇ ଆଜ ରାତ ଭିତରେ ଶିଳଦ୍ୱୀପକୁ ଯିବୁ । ସେଇଠୁ ଲମ୍ବୁରାମକୁ ଓ ତା ବନ୍ଧୁଙ୍କୁ ନେଇ ଫେରିବୁ ।

—ଲମ୍ବୁରାମ ପୁଣି କିଏ କି ? ପଚାରିଲା ଭଭରାମ ।

—ଲମ୍ବୁରାମ କୌଁଧ । ଦୁର୍ଦ୍ଧର୍ଷ ଶିକାରୀ ।

—ତେବେ ତ ଭଲ ହେବ, ଆମର ବନ୍ଧୁକ ଦରକାର ।

ଇତମଧ୍ୟରେ ଭାତ ବାଢ଼ି ସାରିଥିଲେ ଗୋସେଇଁଆଣୀ । ଗରମଭାତର ବାମ୍ଫ ଆସି ସମସ୍ତଙ୍କର ନାକରେ ବାଜିଲା । ଧନପୁରର ପାଟିରୁ ଲାଳ ବୋହିଲାଣି । ସେ ଟିକିଏ କଣେଇ ଚାହିଁ ଦେଖିଲା ଯେ, ଖଲିରେ ଭାତକଡ଼କୁ ଘେରାଇଦେଇଛି ରୋହିମାଛ ତରକାରି, ବଳଦ-ବାଇଗଣ, କଦଳୀମଞ୍ଜା ଭଜା ଆଉ ପୋଟଳଭଜା । ଧନପୁରର ମନେହେଲା, ସେଗୁଡ଼ା ସତେ କି ତାକୁ ଆଖିଠାରି 'ମୋତେ ଖା', 'ମୋତେ ଖା' କହୁଛନ୍ତି । ଆଉ ସମ୍ଭଳା-ପଡ଼େ ଧନପୁରର ! ବଡ଼ ଉଚ୍ଛନ୍ନ ହୋଇ କହିଲା—ଆଉ ଡେରି କାହିଁକି; ବଢ଼ାଭାତ ପଡ଼ିରହିବା ଯୋଗାଏନି; ସମସ୍ତେ ଉଠିବା ହେଉନ୍ତୁ ଏଥର··· ।

ସମସ୍ତଙ୍କୁ ଉଠିବାକୁ କହି ଗୋସେଇଁ ବି ଭିତରକୁ ଚାଲିଗଲେ ସନ୍ଧ୍ୟା କରିବାକୁ ।

ମୁହଁ ହାତ ଧୋଇ ଖାଇବାକୁ ପ୍ରସ୍ତୁତ ହୋଇ ଆସିଲା ଭନ୍ଦରାମ । ଜୟରାମ ଓ ଦଧି ବି ମୁହଁ ହାତ ଧୋଇ ନିଜ ନିଜର ଖଲି ପାଖରେ ବସିଗଲେ । ପାଟିରୁ ପାନପିକ ଫୋପାଡ଼ି ଆସୁ ଆସୁ ଟିକିଏ ବିଳମ୍ବ ହେଲା ଆହ୍ଲନାର । ମଧୁ କେଉଟର ପଙ୍ଗ ଖାଲି ପଡ଼ିଥାଏ; କାରଣ ସେ ରହିଗଲା ପରିବେଷଣୀ ହିସାବରେ ।

ଆହ୍ଲନା ଆସି ଖଲି ପାଖରେ ବସିଲାବେଳକୁ ଧନପୁରର ଖଲି ଅଧାଅଧି ହେଲାଣି । ବଡ଼ ଭୋକ ହେଉଥିଲା ତାକୁ । ଖାଇବା ଢଙ୍ଗ ବି ତାର ବିଚିତ୍ର । କଞ୍ଚାଲଙ୍କାରୁ ଖଣ୍ଡେ କଚ୍‌କିନା ଚୋବେଇ ଚଉକସ୍ ଗୁଣ୍ଡା ଗେଫିଲାବେଳକୁ ଏକ ଅଦ୍ଭୁତ ଶବ୍ଦ ଶୁଭୁଥାଏ । ଗିଳିଲାବେଳକୁ ବି ପ୍ରକାରେ ଶବ୍ଦ । ବାକି ସଭିଏଁ ଈଶ୍ୱରଙ୍କୁ ସମର୍ପଣ କରି ଖାଇବା ଆରମ୍ଭ କରିବାରେ ବିଳମ୍ବ ହେଉଥାଏ । 'କୃଷ୍ଣ, କୃଷ୍ଣ' କହି କହି ନିଜ ଖଲି ପାଖରେ ବସୁ ବସୁ ଆହ୍ଲନାର ଦୃଷ୍ଟି ପଡ଼ିଲା ଧନପୁରର ଖାଇବା ଉପରେ । କିଛି ସମୟ ଅନେଇ ରହିଲା ଆହ୍ଲନା । ଧନପୁର ଯେତେବେଳେ ଦୋହରା ଭାତ ତରକାରି ମାଗିଲା, ସେତେ-ବେଳେ ଆହ୍ଲନା କହିଲା—ପୂର୍ବଜନ୍ମରେ ଭୀମସେନ ଥିଲା ବୋଧେ ଇଏ । କୃଷ୍ଣ ହେ ! ନହେଲେ କି ଏମାନେ ଗୁଣ୍ଡେ ନ ଖାଉଣୁ ସ୍ୱାର ପଙ୍ଗ ଖାଲି ।

ବାକିମାନେ କେହି 'ଉଁ' କି 'ଚୁଁ' କଲେ ନାହିଁ । ଜୟରାମ ଓ ମାଣିକବରା ଖାଇବା-ବେଳେ କଥା କହନ୍ତି ନାହିଁ । ଦଧି ବର୍ଦ୍ଧଲୈ ତ ବୁଝିବା ଲୋକ; ଖାଇବାପଙ୍ଗ ପାଖରେ ପାଟିତୁଣ୍ଡ କରିବାକୁ ତାର ଇଚ୍ଛା ନଥାଏ । ତଥାପି ଦଧି ବର୍ଦ୍ଧଲୈ ଆଡ଼କୁ ଚାହିଁ ଆହ୍ଲନା ପୁଣି କହିଲା—କୃଷ୍ଣ ହେ ! ତୁ ବି ଆଜି ମୂକ ପାଲଟିଲୁ ! କାହିଁକି ? କିଏ କଣ ତୋର ମୁଖବନ୍ଧନ କରିଦେଇଛି କି ?

ବାଧ ହୋଇ ପାଟି ଖୋଲିଲା ଦଧି ବର୍ଦ୍ଧନ୍ଲେ । କହିଲା—କଣ ଆଉ ମୁଁ କହିବ ? ତୁମେ ତ କୁଅଁର । ···ତୁମେ କନ୍ଦୁ ଖାଇବା ଆରମ୍ଭ କରନ ଯେ ?

ନଜର 'କୁଅଁର' ଉପାଧିଟା କଥା ଦଧି ତୁଣ୍ଡରୁ ଶୁଣି ଆହ୍ଵନାର ଗ୍ରୀବ କୁଣ୍ଡେମୋଟ ହୋଇଗଲା । ବଡ଼ ଉପତ ମନରେ ସେ ଦଧିକୁ କହିଲା—ତୁ ସିନା ପଣ୍ଡିତ ଲୋକ ବୋଲି ଏକଥା ବୁଝିଲୁ···ଜାଣିଚୁନା ଶିଳାବାସ୍ତୁ ଦେଓ୍ୱାନ ଆମ ବଂଶକୁ ଏ କୁଅଁର ଉପାଧି ଦେଇଥିଲେ । କୃଷ୍ଣ ! କୃଷ୍ଣ !

ଆହ୍ଵନାର ଏ ଗପକଥା ଶୁଣି ଜୟରାମ ଆଉ ସମ୍ଭାଳି ପାରିଲାନାହିଁ । ଶେଷକୁ ମୌନବ୍ରତ ଭାଙ୍ଗି କହିଲା—କୁଅଁର ବୋଲି ଲାଞ୍ଜଟା ସିନା ଲମ୍ବିଛି, ହେଲେ ରାଜପୁତ୍ର ତ ନୁହଁ । ··· ଆଜିକାଲି କନ୍ଦୁ ଜାତିଗୋତ୍ର ଚହ୍ଲିବାଟା ଏଡ଼େ ସହଜ କଥା ନୁହଁ ।

ବଡ଼ ବାଧିଲା କନ୍ଦୁ ଆହ୍ଵନାକୁ ଜୟରାମର କଥା ଶୁଣି । ଭିତରେ ରାଗଟାକୁ ଚାପିନେଇ ଉପରକୁ ହସୁଲେଇ କହିଲା—କୃଷ୍ଣ ! କୃଷ୍ଣ ! ବଂଶ-ମର୍ଯ୍ୟାଦା କଥା ତୁମେ କୁଆଡ଼ୁ ବୁଝିବ । ତୁମେ ସିନା ଏବକୁ 'ମେଧି' ସାଜିଛ···ନହେଲେ ଆଗରୁ 'ହଳୁଆ' ଥିଲ ନାହିଁ କି ?

ଦୋହରା ଭାତ ତରକାରି ପାଇଁ ଅପେକ୍ଷା କରି ହାତ ଗୁଡିଗୁଡି ଧନପୁର ଏମାନଙ୍କ କଥା ଶୁଣୁଥିଲା । ଏମାନଙ୍କର କଥା କଟାକଟିରେ ପୂର୍ଣ୍ଣଚ୍ଛେଦ ପକେଇବା ପାଇଁ ସେ କହିଲା—ଏମିତି ଗୁଡ଼ାଏ ବାଜେ ତର୍କ, ନିଜ ନିଜ ଭିତରେ କାବୁଅ ଫୋପଡ଼ା-ଫୋପଡ଼ି ହୋଇ ଏ ଦେଶଟା ସର୍ବ୍ୟାନାଶ ହେଲା । ଆହୋମ ରାଜାଙ୍କ ଅମଳରେ ଆମ ବାପ ଅଜାଏ ଧୋତି ପିନ୍ଧି ପୁରୁଷ ବୋଲାଉଥିଲେ । ଏବେ ଆମେ ଏ ଇଂରେଜଙ୍କ ଅମଳରେ ଲୁଙ୍ଗି ପିନ୍ଧି ମାଇଚିଆ ହୋଇ-ଗଲେଣି । ଆରେ ଭାଇ ! ବଂଶ କି ଉପାଧି ଗୌରବ ଭିତରେ ମଣିଷପଣିଆଟି ନାହିଁ, ମଣିଷ-ପଣିଆ ଅଛି କର୍ମରେ ।

ଇତିମଧ୍ୟରେ ମଧୁ ଦୋହରା ଭାତ ତରକାରି ଆଣି ଧନପୁରର ଥାଳିରେ ଢାଳିଦେଲା । କହିବା ବନ୍ଦକରି ଖାଇବାରେ ଲାଗିଗଲା ଧନପୁର ।

ଆହ୍ଵନା କୁଅଁର ଗଫ୍‌ଗଫ୍ କରି ଭାତ ଗ୍ରେବେଇ ମାଛଖଣ୍ଡେ ଖାଇଲାବେଳେ ଦୁଇଦୁଇଟା ମାଛକଣ୍ଟା ଦାନ୍ତମୂଳେ ଚ୍ଚିକିଗଲା । କଣ୍ଟା ଦ'ଟାକୁ କାଢ଼ି, ପାଣି ଢୋକେ ପିଇ ସେ କହିଲା—କୃଷ୍ଣ ! କୃଷ୍ଣ ! କାଛାର ଅମଳରେ ଥିଲ 'ଲସ୍କର', ଆହୋମ ଅମଳରେ ହେଲ 'ଲହକର୍' । ସେଇଥିପାଇଁ ଏବେ ଜାତିଗୋତ୍ର ଖୋଜିବାକୁ ଡରୁଛ । ବଂଶ-ପରମ୍ପରାକୁ ଖୋଳି ବାହାରକରିବା ଦରକାର । କୃଷ୍ଣ ! କୃଷ୍ଣ !

ଧନପୁର ଏଥର ହସିଲା । କହିଲା—ହଳୁଆ ହେବାରେ ଲାଜ କରିବାର କଣ ଅଛି ? ସେତେବେଳେ ହଳୁଆ ଥିଲୁଁ; ଏବେ ହେଲୁଁ ସ୍ୱରାଜର ସୈନିକ । ଏବେ ହେଉଛୁ ପ୍ରଜା-ପାଇକଙ୍କର ଦଳ; ରାଜା-ଜମିଦାରଙ୍କର ନୁହେଁ ମ··· । କହିଲ ଦେଖି, ତୁମ ମାନ୍ୟଂ ରାଜାଙ୍କର ଏବେ ଅଛି କଣ ? କୁଆଡ଼େ ଗଲେ ସେଇ ଆହୋମ, କୋଁଚ, କାଛାରୀ ରାଜାମାନେ ?

ଆହ୍ଲାଦନା କହିଲା—ରହ ଦେଖିବୁ···ଏ ଇଂରେଜଦଳ ହଟନ୍ତୁ, ଆମ ମାଆଂରେ ଆମେ ରାଜା ହଉଛୁ କ ନାହିଁ । କୃଷ୍ଣ ! କୃଷ୍ଣ !'

ମଧ୍ୟ ଆଡ଼କୁ ଅନେଇ ଧନପୁର ପାଟିକରି କହିଲା—ହୋ ଭଗତେ ! ସେ ପାଖରେ ପାଣି ଲୋଟାଏ ଥୋଇଦେଲ···ଗପ କରି କରି ଗିଳିବାଟା ଭଲ ନୁହେଁ, କେତେବେଳେ ତଣ୍ଟିରେ ଠାକଲେ···। ତା'ପରେ ଆହ୍ଲାଦନାକୁ ଲକ୍ଷ୍ୟକରି କହିଲା—ଏଠି ଭୋଟ୍ ହେବ । ଭୋଟ୍ ଦେଇ ଶିଲଂ ପାଇଁ ମେମ୍ବର ବାଛିବାକୁ ହେବ । ମେମ୍ବରମାନେ ମନ୍ତ୍ରୀ ବାଛିବେ । ସେଇ ମନ୍ତ୍ରୀମାନେ ଚଳେଇବେ ଏ ଦେଶକୁ ।

ଆହ୍ଲାଦନା କହିଲା—କୃଷ୍ଣ ! କୃଷ୍ଣ ! ଏ ବାବନା ଭୂତଟାର କଥା ଶୁଣି କ ଲଭ ହୋ··· । କୃଷ୍ଣ ! କୃଷ୍ଣ !

ଧନପୁର କିନ୍ତୁ ଚୂପ୍‌ରହିବା ପିଲା ନୁହେଁ । ଏଣୁ ଆହୁ ଟିକଏ ଚଢ଼େଇବାପାଇଁ କହିଲା—"ଦେଖୁଛ, ତୁମେ ସବୁ ରଜାଛୁଆଏ ଏବେ ବି ରାଜ୍ୟ ଆଶା ଛାଡ଼ନ । ସେକଥା କିନ୍ତୁ ଆଉ ପଟିବ ନାହିଁ··· ।"

କଥାକୁ ଆଉ ବଢ଼ିବାକୁ ନଦବା ପାଇଁ ଭଭରାମ ପାଟି ଖୋଲିଲା । କହିଲା—ତୁ ଆଉ ଏମିତ ବାଜେ ତର୍କ କରନା, ଧନପୁର ! ଆସିଲାବେଳଠୁ ଚଢ଼େଇ ଲଗିଛୁ··· । ତା'ପରେ ଆହ୍ଲାଦନାକୁ ଲକ୍ଷ୍ୟ କରି କହିଲା—"ହେଲେ ଆହ୍ଲାଦନା'ଇ, ଭୋଟ କିନ୍ତୁ ନିଶ୍ଚୟ ହେବ, ଇଏ ହଉଚ ଯୁଗଧର୍ମ । ରାଜାମାନଙ୍କ ବିଷୟରେ ମା'ବସୁମତୀ କଣ କହିଛନ୍ତି ଶୁଣିନା ? ଦ୍ୱାଦଶ ସ୍କନ୍ଧରେ ଅଛି ପରି ! ଶୁଣ—

ଯେତେ ରାଜା, ଯେତେ ଦୈତ୍ୟ, ଯେତେ ବଳବନ୍ତ,
ଯେତେ ମହାସୁର, ମହାବଳୀ, ବୁଦ୍ଧିମନ୍ତ ;
କାଳର ହାତରେ ସବୁ ହେଲେ ଛିନ୍ନମୂଳ
ପୃଥିବୀରେ ଏ କଥାଟି ସତ ହିଁ କେବଳ ।" (୮)

ଜୟରାମ ସେତେବେଳକୁ ଭାତଖିଆ ଶେଷ କରିଥାଏ । ସେ କହିଲା—ଠିକ୍ କହିଛ ଭାଇ !

ମାଣିକବରି ଖିଆ ଶେଷ କରୁଥିଲା । ସେ ବି ସମ୍ଭାଳି ନ ପାରି କହିଲା—ଆର ପଦଟା ତ ଆହୁରି ସୁନ୍ଦର; ଶୁଣୁନା—

---

(୮) ଆନୋ ସବ୍ ରାଜା ଯତ ଦୈତ୍ୟ ଅପର୍ଯ୍ୟନ୍ତ
ସବେ ମହାସୁର୍ ମହାବଳୀ ବୁଦ୍ଧିମନ୍ତ ।
କାଳର୍ ହାତତ୍ ସବେ ଭୈଲ ଚୂର୍ଣ୍ଣୀକୃତ
କେବଲେ ସେ କଥା ମାତ୍ର ଆଛେ ପୃଥିବୀତ୍ ।

ସଭିଏଁ ତ ମୋହ ପ୍ରତି ସ୍ନେହଶୀଳ ଥିଲେ
ହେଲେ, ତୃଷ୍ଣାର ସାଗର କେହି ଟପି ନପାରିଲେ ।
କାହିଁ ଗଲା ଅଯୋଧ୍ୟା ଓ କାହିଁ ଗଲା ମଥୁରା ସମ୍ପତ୍ତି
କଏ ଗଲେ କେଉଁଆଡ଼େ, କାହିଁ ରାଜ୍ୟ, କାହିଁ ନରପତି ।
ମୋ' ଠାରୁ ଜନମି ପୁଣି ମୋହଠାରେ ବିଲୀନ ହୁଅନ୍ତି
ଜଳର ବୁଦ୍‌ବୁଦ ପରି ଜନ୍ମ ଜନ୍ମି ଜଳରେ ବିଲୁପ୍ତି ।" (୧)

ଆହ୍ଲାଦିନୀ କୁଅଁର ଅବାକ୍ ହୋଇ ପଦ ଶୁଣୁଥିଲା; ଭାତ ଖାଇବାକୁ ପାସୋରି ପକେଇଥିଲା । ଏଣେ ସମସ୍ତଙ୍କର ପତ୍ର ଶୂନ୍ୟ । ଅଇଁଠାପତ୍ର ସାଉଁଟି ସମସ୍ତେ ଉଠିବାକୁ ଉଦ୍ୟତ ହେଉଥିଲେ । ଧନପୁର ଆଉ ରହିପାରିଲା ନାହିଁ । ପଙ୍ଗତ ନିୟମକୁ ଭାଙ୍ଗି ନିଜ ପତ୍ରଟିକୁ ଗୋଟେଇ ଉଠି ଚାଲିଗଲା ।

ଆହ୍ଲାଦିନୀକୁ ଲକ୍ଷ୍ୟକରି ମଧୁ କହିଲା—କୁଅଁରେ ! ଆପଣଙ୍କର ସରିଲାନାହିଁ ? ଟିକିଏ ବେଇଗି ବେଇଗି ଖାଇଆନ୍ତୁ; ରାତି ଭଉରୁ ହେଲାଣି । ମୋର ସେଣେ କାମ ଅଛି ।

ଆହ୍ଲାଦିନୀ କୁଅଁର ଆଉ ପାଟି ନ ଫିଟେଇ, ତଳକୁ ମୁହଁ ପୋତି ଗେଫାଗେଫି କରି ତରବରରେ ଖାଇବାକୁ ଲାଗିଲା ।

ମଧୁକୁ ଲକ୍ଷ୍ୟ କରି ଭିଭିରାମ ପଚାରିଲା—ଗୋସେଇଁଙ୍କର ଠାଆ ବଢ଼ିଲାଣି ତ ?

ମଧୁ କହିଲା—ନାଇଁମ, ଏବେ ତ ବସିଲେ ।

ଭିଭିରାମକୁ ଖୁବ୍ ନିଦମାଡ଼ୁଥାଏ । ବିଛଣା ଖଣ୍ଡେ କରିଦବାକୁ ମଧୁକୁ ଅନୁରୋଧ କରି ସେ ଯାଇ ନିଆଁ ପାଖରେ ବସିପଡ଼ି ଧୂଆଁ ଚିଲମେ ଲଗେଇଲା । ଧୂଆଁ ଟାଣି ଟାଣି ସେ ଦେଖୁଥିଲା ଯେ ମଧୁ ଜାଗା ସଫାକରୁଛି ଓ ଧନପୁର ଅଇଁଠାପତ୍ରଗୁଡ଼ା ଗୋଟେଇନେଇ ବାହାରେ ଫୋପାଡ଼ୁଛି । ଜୟରାମ ଓ ଆହ୍ଲାଦିନୀ କୁଅଁର ଖାଇସାରି ଘରବାଟ ଧରିଲେ । ସେମାନଙ୍କ ସାଥିରେ ଚାଲିଗଲା ମାଣିକବରା । ମଧୁ ଓ ଧନପୁର ଶିବାର ଯୋଗାଡ଼ କଲେ । ଦଧି ବର୍ଦ୍ଧଲୈ ଭିତରକୁ ଯାଇ ଗୋସେଇଁଙ୍କ ସାଥିରେ କଣ କଥାହୋଇ ବାହାରକୁ ଆସିଲା ଓ ଏମାନଙ୍କଠୁ ବିଦାୟ ନେଇ ଚାଲିଗଲା । ଗୋଟେ ଲମ୍ବଚଟେଇ ଆଣି ସେଇ ନିଆଁଶାଳ ପାଖରେ ପକେଇ ଦେଲା ମଧୁ । ତା' ଉପରକୁ କୁଟା ଗୋଛାଏ ବିଛେଇଦେଲା । ଗୋଟେ ମୋଟା ଖଦଡ଼ର ଚାଦର

---

(୧) ଅତ୍ୟନ୍ତ ମମତ୍ତ୍ୱ ମୋତ୍ ଆଛିଲ ସବାର
ଜନେକୋ ନପାଇଲ ତୃଷ୍ଣା ସାଗରର ପାର୍ ।
ଅନ୍ତକାଲେ ସବାରେ ମିଲିଲ୍ ବିସଙ୍ଗତି
କୈକ ଗୈଲ୍ ଏରି ମୋକ ସିସବ ନୃପତି ।
ମୋତ୍ ଉପଜନ୍ତା ସବେ ମୋତ୍ ଭୈଲ ଗୁଇ
ଯେନ ଜଲ ବୁଦ୍‌ବୁଦ୍ ଜଲେ ଲୀନ ଯାୟ ।

ଆଣି ପାଣଦେଲା ସେଇ କୁଟା ଉପରେ। ଫୁଲପକା ଖୋଲ ଲଗିଥିବା ତକିଆଟାଏ ମୁଣ୍ଡପାଖକୁ ଏବଂ କମ୍ବଲ ଖଣ୍ଡେ ଗୋଡ଼ ପାଖକୁ ଥୋଇଦେଲା । ତା'ପରେ ସେ ଧନପୁରକୁ ସାଥିରେ ନେଇ ଗ୍ଲଲଗଲା ।

କିଛି ସମୟ ପରେ ଗୋସେଇଁ ବାହାରକୁ ଆସିଲେ । ଭିଭିରାମ ପାଖରେ ଯେଉଁ ପିଢ଼ାଟା ଖାଲିପଡ଼ିଥିଲା, ସେଇଥିରେ ବସିପଡ଼ିଲେ । ଦେଖିଲେ, ଭିଭିରାମ ଢୁଲେଇବା ଆରମ୍ଭ କରିଛି, ଏଣୁ ସେ କହିଲେ—ତୁମକୁ ତ ଢୋଳ ଲାଗିଲାଣି । ମୁଁ ତେଣୁ ଆଉ ବେଶିବେଳ କଥାଭାଷା କରିବ ନାହିଁ ।

ଭିଭିରାମ ଶେଷଥର ପାଇଁ ଚିଲମରୁ ବଡ଼ ଦମ୍‌ଟାଏ ଟାଣିନେଇ ଚିଲମଟିକୁ ଗୋଟେ ପୋଡ଼ାଖୁଣ୍ଟାକୁ ଆଉଜେଇ ଥୋଇଦେଲା । ତା'ପରେ ଭଲଭାବେ ଜାକିଜୁକି ହୋଇ ବସି କହିଲା—ନା,ମ, ତା' କେମିତି ହେବ । କାମଟା ଖୁବ୍ ସାଙ୍ଘାତିକ । ଏଣୁ ଶୋଇବା କଥା ଭାବିବାକୁ ବେଳ କାହିଁ ? ଆଚ୍ଛା, ଆପଣ ନିଜେ ଜାଗାଟାକୁ ଦେଖିଛନ୍ତି ତ ?

ଗୋସେଇଁ କହିଲେ—ନା'ମ, ମୁଁ ଆଉ ଦେଖିଲି କେବେ ! କିନ୍ତୁ କାମପୁରର ଗୋସେଇଁ ଜାଗାଟାର ବିବରଣୀ ଲେଖିଥିଲେ ।

—ହୁଁ । ଜାଗାଟା କୁଆଡ଼େ ଦୁଇଟା ପାହାଡ଼ ମଝିରେ । ଖୁବ୍ ସଙ୍କୀର୍ଣ୍ଣ । ଗୋସେଇଁ ନିଜେ ମୋତେ କହିଛନ୍ତି । ସେ କହୁଥିଲେ ଯେ ସେଠି ଯଦି ରେଲଗାଡ଼ିଟାକୁ ଓଲଟେଇ ଦିଆଯାଇ ପାରିବ ନା, ତେବେ ଗାଡ଼ିଟାର ଅସ୍ତିତ୍ୱ ରହିବନାହିଁ । ସବୁ ଛିନ୍‌ଛତର ହୋଇଯିବ । ଅନେକ ଦିନ ଯାଏଁ ବାଟଘାଟ ବନ୍ଦ ହୋଇଯିବ । ଆଉ କିଛି ଜିନିଷପତ୍ର ବା ସଇନ୍ୟ ନିଆ-ଆଣା ସହଜ ହେବନାହିଁ ।

ଗୋସେଇଁ ଟିକିଏ ଚିନ୍ତାମଗ୍ନ ହୋଇପଡ଼ିଲେ । ଗାଲରେ ହାତ ରଖି କହିଲେ—ସେ ଯେମିତି ବର୍ଣ୍ଣନା କରିଛନ୍ତି, ଠିକ୍ ସେମିତିକା ଜାଗାଟାଏ ଠାବ କରାଯାଇଛି; କିନ୍ତୁ···

—କିନ୍ତୁ···ପୁଣି କଣ ?

ଗୋସେଇଁ କହିଲେ—ବୁଝିଲ ଭିଭିଭାଇ ! ମୁଁ ତାଙ୍କ କଥାକୁ ଅକ୍ଷରେ ଅକ୍ଷରେ ସତ ବୋଲି ଧରିପାରୁନାହିଁ । ଟିକିଏ ଏପଟ ସେପଟ ହୋଇପାରେ । ସୁଶିକ୍ଷିତ ସୈନିକର ମଧ୍ୟ ଏପରି କାର୍ଯ୍ୟରେ ଭୁଲ ହେବାଟା ସ୍ୱାଭାବିକ । ଆମର ଏଇ ମୂର୍ଖଲୋକଙ୍କର କଥା କଣ ବା କହିବା । ଏଣୁ ଧୀରେ ସୁସ୍ଥେ, ଯତ୍ନର ସହିତ ପୁଣି ଗୁପ୍ତଭାବରେ କାମଟି ତୁଲେଇନବାକୁ ମୁଁ ଏକ ଉପାୟ ଚିନ୍ତା କରିଛି । ଆମେ ସମସ୍ତେ କାଲି ଭୋର-ଭୋରରୁ ଦଳଦଳ ହୋଇ ବାହାରି-ପଡ଼ିବା । ପ୍ରଥମେ ଯିବା କୁମାରକୁସି-ଆଶ୍ରମକୁ । ଯଦି ଦରକାର ପଡ଼ିବ, ସେଇଠି ରହି ଜାଗାଟାକୁ ଲୁଚିଛପି ଦେଖିନେବା । ଆମର ତ ଏକ ବଡ଼ ଅଭାବ ହେଲା ଲୋକ-ବଳ । ତଥାପି ଦେଖୁଛି ସେଇ ଧନପୁର ଟୋକାଟା ବେଶ୍ ଲାଏକ୍ ଟୋକା । ତା'ଠି ଲୁଚିଛପା କି ହେର୍-ଫେର୍ କଥା କିଛି ନାହିଁ । ସେ ଫିସ୍‌ପ୍ଲେଟ୍ ଖୋଲିପାରିବ ତ ?

ଭୈଭୈରାମ ହସିଦେଇ କହିଲା—ହେ ଭଗବାନ ! ମୁଁ କଣ ଖରାପ ଲୋକ ନେଇ ଆସିଛି ବୋଲି ଭାବୁଛନ୍ତି କି ? ଧନପୁର ଏକ ଦୁର୍ଦ୍ଦାନ୍ତ ମଣିଷ । ବାଘର କଲିଜାଠୁ ବି ତା' କଲିଜାଟା ଟାଣୁଆ ।

ଗୋସେଇଁ ପଚାରିଲେ—କେତେ ସମୟ ଭିତରେ ସେ ପିସ୍‌ପ୍ଲେଟ୍ ଖୋଲିଦେଇ ପାରିବ ?

—ଏଇ ଧରନ୍ତୁ ପନ୍ଦର ମିନିଟ୍ ଭିତରେ । ନହାତ କିଛି ଅସୁବିଧା ହେଲେ ଖୁବ୍ ବେଶିରେ ଅଧଘଣ୍ଟା ଲାଗିପାରେ ।

—ଅଧଘଣ୍ଟା ହେଲେ କିନ୍ତୁ ବିପଦ । କୋଡ଼ିଏ ପଚିଶ ମିନିଟ୍ ଭିତରେ କାମଟା ଶେଷ ହୋଇ ପାରିଲେ ଆମେ ହୁଏତ ଫେରିଆସି ପାରିବା; ନହେଲେ ପ୍ରହରୀଙ୍କ ହାତୁଡ଼ରେ ପଡ଼ିବା ସୁନିଶ୍ଚିତ ।

—ତା' ହେଲେ ଆଗରୁ ତାଙ୍କୁ ତାଗିଦା କରିବାକୁ ପଡ଼ିବ ।

—ହଁ ସମସ୍ତ କଥାଟା ତାଙ୍କୁ ଆଗରୁ କହିଦବାକୁ ହବ । ରେଞ୍ଚ, ହାତିଆର ଆଣିଛ ତ ?

—ହଁ, କିଛି ଆଣିଛି । ଆହୁରିବି ଆଣିବାକୁ ଅଛି । ନଗାଁଓର କମ୍ରେଡମାନେ ପଠେଇବେ ବୋଲି କହିଛନ୍ତି ।

—ତେବେ ତ ଉତ୍ତମ ।

—ଆପଣଙ୍କର ଏଠୁ କିଏ କିଏ ଯିବେ କି ?

—ଆଜି ଯୋଦ୍ଧାମାନଙ୍କୁ ଦେଖିଲି ।

—ଲୋକଗୁଡ଼ାକ କାମିକା ତ ?

—ଅବଶ୍ୟ ନିର୍ଭରଯୋଗ୍ୟ; ତେବେ ସେ ଆହିନାଟା କେବଳ ଅଳସୁଆ, ସାରାଟା ଜୀବନ ଅଫିମ ଖାଇ ଖାଇ ଏମିତି ହୋଇଯାଇଛି, ଏବେ ଟିକିଏ ଫୁର୍ତ୍ତି ହେଇଛି ପରି ଲାଗୁଛି ।

—ତାଙ୍କୁ ନେଲେ କିଛି ଅସୁବିଧା ଉପୁଜିବନି ତ ?

—ନାଇଁ, ସେମିତି କିଛି ଅସୁବିଧା ସେ କରିବନାହିଁ । କଥା କଣ କି, ଲୋକଟାକୁ ସବୁ ବାଟଘାଟ ମାଲୁମ୍ ।

—ଓହୋ, ବୁଝିଲି । ତେବେ ତ ତାଙ୍କୁ ନେଲେ ଭଲହେବ ।

ଗୋସେଇଁ କହିଲେ, "ଜାଣିଛନା ଭିଭିରାଇ, ଆମ ଲୋକଗୁଡ଼ାକଙ୍କର ବଡ଼ ମନ୍ଦ ଅଭ୍ୟାସ ଅଛି—କଥା ବହୁତ, କାମ କମ୍ । ତା' ଛଡ଼ା ଜାତିଗୋଡ଼, ଛୁଆଁଛୁତ ନେଇ ଅନେକ ସମୟରେ ମୁଣ୍ଡ ଖରାପ କରିପକାନ୍ତି । ଏଇ ଦୁଇଟିଯାକ ବଦ୍‌ଗୁଣ କିନ୍ତୁ ଆମକୁ ବର୍ତ୍ତମାନ ପାଇଁ ଛାଡ଼ିବାକୁ ପଡ଼ିବ ।"

ଭିଭିରାମ କହିଲା, "ଆପଣ କଣ ଜାଣିନାହାନ୍ତି ଗୋସେଇଁ ମାହାପୁରୁ—'ପୁଷ୍କର ପ୍ରକୃତି ପଙ୍କେ ଲେଟେ, ମଣିଷ ପ୍ରକୃତି ମଲେ ତୁଟେ ।' ସତରେ କଣ ଏମାନେ ଛାଡ଼ିବେ !"

—କିନ୍ତୁ ଅଲବତ୍ତ, ଛାଡ଼ିବାକୁ ହେବ; ନହେଲେ ସବୁ କିଛି ଉଦ୍ୟମ ଭଣ୍ଡୁର ହୋଇଯିବ। … ହଁ, ଆଉ ଗୋଟେ କଥା ଭିଭିରାଇ ! ଆମେ ସବୁ ଗୋଟେ ଦଳରେ ଯିବାନାହିଁ। ଦଳ ଦଳ ହୋଇ ଯିବା। ଦଳେ ଧରାପଡ଼ିଲେ ଅନ୍ତତଃ ଆଉ ଦଳେ ବଞ୍ଚିଯିବେ। ସାବଧାନ ରହିବାଟା ଭଲ।

ଭିଭିରାମ ଟିକିଏ ଚିନ୍ତିତ ହୋଇପଡ଼ିଲା। ଗଳା ଖଙ୍କାରି ଥୋଳିଏ କଫ କାଢ଼ି ପଚକିନା ପାଉଁଶ ଉପରକୁ ପକେଇଦେଇ କହିଲା—ନାଆ ନବୁଡ଼ିବା ଯାଏଁ ବାହୁଥିବା ନିଶ୍ଚୟ।

ହସିପକେଇଲେ ଗୋସେଇଁ କହିଲେ—ସତରେ ତୁମେ ବୁଦ୍ଧିମାନ୍ ମଣିଷ। କାମଯୁରର ଗୋସେଇଁ ଅସଲ ପରିକଳ୍ପନାଟାକୁ ଭଲଭାବେ ବୁଝେଇ କହିଛନ୍ତି ଟି ?

—କହିଛନ୍ତି।

—ତେବେ ମୁଁ ଆଉ ସେ ବିଷୟରେ ବଖାଣିବାର ଦରକାର ନାହିଁ। ଏଇମିତ ସବେ ବିପ୍ଳବୀ ହୁଏ ମଣିଷ। ମା'ପେଟରୁ କିଏ କଣ ଶିଖି ଆସିଥାଏ… ?

ଭିଭିରାମ କହିଲା, "ଏମିତ କରି କରି ଆମେ ଯଦି କୌଣସିମତେ ଛଅଟା ମାସ ବଞ୍ଚିଯିବା, ତେବେ ବହୁତ ଭଲେଣ୍ଟିଅର ବାହାରିପଡ଼ିବେ।"

—"ଅବଶ୍ୟ, କିନ୍ତୁ…" କଥା ଶେଷ ନକରି ଅଳ୍ପ ହସି ରହିଗଲେ ଗୋସେଇଁ।

—ଅଟକିଗଲେ ଯେ ?

—ଆମର ଶକ୍ତିକୁ ଦୃଢ଼ କରିବାକୁ ଆହୁରି ସମୟ ଲାଗିବ। ଛଅଜଣଙ୍କୁ ଫାଶୀ ଆଦେଶ ହୋଇଛି। ସିମୁରଠାରେ ଲୋକଗୁଡ଼ାଙ୍କୁ ସବୁ ସୋପାଡ଼ି ନେଇ ନାହିଁନଥିବା ଅତ୍ୟାଚାର କରାଯାଇଛି। ବାଲିଆ କୁହ, ସୁଟିରା କୁହ ଅବା ମେଦିନୀପୁର କୁହ…ସବୁଠି ନାହିଁନଥିବା ଅତ୍ୟାଚାର। କୋଉଠି ହେଲେବି ଆମର ପଞ୍ଚାୟତ-ସରକାର ତିଷ୍ଠିପାରିନାହିଁ।

ଭିଭିରାମ କହିଲା—"ସେ ସବୁ କଥାକୁ ଖୋଳତାଡ଼ି କି ଲାଭ ହବ ? କରିବା ନହେଲେ ମରିବା…ଏଇ ପଣକରି ଆମକୁ ବାହାରିବାକୁ ପଡ଼ିବ…।" କଥା କହି କହି ତଣ୍ଟି ଶୁଖିଗଲାଣି ଭିଭିରାମର। ସେ ଖଣ୍ଡେ ପାନ ଖୋଜିଲା। ନିକଟସ୍ଥ ବଟାରୁ ପାନ ଖଣ୍ଡେ ଆଣି ଭିଭିରାମ ଆଡ଼କୁ ବଢ଼େଇଦେଲେ ଗୋସେଇଁ। ପାଉ ପାଉ ଚଟ୍‌କିନା ଗାଲରେ ଜାକିଦେଲା ଭିଭିରାମ।

ଗୋସେଇଁ ଏକଲୟରେ ଭିଭିରାମର ମୁହଁକୁ ଅନେଇରହିଲେ ନୀରବରେ। କିଛି ସମୟ ପରେ ପଚାରିଲେ—ତୁମେ ବୋଧେ ଗୃହସ୍ଥାଶ୍ରମରେ ପଶିନ ?

—ହଁ ପଶିଚ ପ୍ରଭୁ ! କିନ୍ତୁ ସେ ସଭିଙ୍କୁ ଭଗବାନଙ୍କ ମାରଫତରେ ଛାଡ଼ିଦେଇ ବାହାରି ପଡ଼ିଛି।

—ହଉ, ଭଗବାନ ତୁମ ପରିବାରବର୍ଗଙ୍କୁ କୁଶଳରେ ରଖନ୍ତୁ।'…ତା'ପରେ କିଛି ସମୟ ନୀରବ ରହି ଦୀର୍ଘ ନିଃଶ୍ୱାସ ପରେ ଦୀର୍ଘ ନିଃଶ୍ୱାସ ଛାଡ଼ିଲେ ଗୋସେଇଁ।

ବ୍ୟସ୍ତ ହେଲା ଭିଭିରାମ। ପଚାରିଲା—କଣ ହେଲା, ପ୍ରଭୁ !

—ନା, କିଛି ହୋଇନି ଯେ···ମୁଁ ଏଯାଏ ଏ ବିଷୟରେ ସ୍ତ୍ରୀଙ୍କୁ କିଛି କହିନାହିଁ । କେମିତି କହିବି ସେଇ କଥା ଭାବୁଛି ।

—ଆପଣ ବୋଧେ ଅଳ୍ପଦିନ ହେଲା ବାହା ହୋଇଛନ୍ତି ?

—ହଁ । ତେବେ ଥାଉ ସେସବୁ କଥା । ଯାତ୍ରାର ଆୟୋଜନ କରିବାକୁ ହେବ । ସାଙ୍ଗରେ ଆମକୁ ଖାଦ୍ୟପେୟ, ହାଣ୍ଡି କୁଣ୍ଡି ନବାକୁ ପଡ଼ିବ । କୁମାରକୁସିଠାରୁ ଆଉ ଦୁଇଜଣ ଆମ ସାଥିରେ ମିଶିବେ; ଗୋସେଇଁ ସେଇକଥା ଲେଖିଛନ୍ତି ଚିଠିରେ । ମଧୁ ତ ଧନପୁରକୁ ନେଇ ଶିଲ୍‌ଚର୍ ଯାଇଛି; ସକାଳ ହେବା ପୂର୍ବରୁ ସେମାନେ ବନ୍ଧୁକ ନେଇ ଫେରିବେ । ଭୋର୍ ଭୋର୍‌ରୁ ଆମେ ବାହାରିପଡ଼ିବା ଦରକାର । କଣ କହୁଚ ? ରଜାମାୟଂ, ଯୋନ୍‌ମାଟି, ବର୍‌ଗାଓଁ···ଏଇ ସବୁଠି ପହରା । ଆମେ ସିଧାବାଟରେ ଯାଇପାରିବା ନାହିଁ । ତୁମ ସାଥିରେ ଦଧି ରହିବ । ସେ ବେଶ୍ ବୁଦ୍ଧିମାନ୍ । ବାଟ କଢ଼େଇନବାକୁ ମଧୁ ଅଛି । ତା'ପାଇଁ ଚିନ୍ତା ନାହିଁ ।

ଭିଭିରାମ ହାଇ ମାରି ମାରି କହିଲା—ଆଉ କଣ ବାକି ରହିଲା କି ? ଜିନିଷପତ୍ର ସବୁ ଯୋଗାଡ଼ ହୋଇଯାଇଚି ତ ?'

—ହଁ, ଗୁଡ଼ଉଲ କଡ଼ାହୋଇ ରହିଛି; ବାକି ସବୁ ଜିନିଷ ଘରୁ ବାହାରିବ । କଂସା ଗିନା ନବାନାହିଁ; ଖାଲି ଡେକଚିଟା ନବା । ବାକି ଯାହା ଦରକାର ହେବ ନବା କମାରକୁସିରୁ । ଆରେ, ଆଖି ଯେ ତମର ଜୋର୍‌ରେ ମାଡ଼ିପଡ଼ିଲାଣି, ହଉ ! ତୁମେ ଏଥର ଟିକିଏ ଶୁଅ ।

ସଙ୍ଗେ ସଙ୍ଗେ ଉଠିଯାଇ ବିଛଣାରେ ଲମ୍ବହୋଇ ପଡ଼ିଗଲା ଭିଭିରାମ । କମ୍ବଳଟାକୁ ଘୋଡ଼େଇ ହୋଇପଡ଼ି ପଚାରିଲା—ଏଠିକି ଗୁପ୍ତଚର ଆସନ୍ତି ?

ଗୋସେଇଁ କହିଲେ—ପ୍ରାୟ ଆସନ୍ତିନି । ଯଦିବା ଆସିବେ, ଆମେ ଆଗରୁ ଖବର ପାଇଯିବା, ଦୁଇମୁଣ୍ଡରେ ପ୍ରହରୀ ଜଗିଛନ୍ତି ।

ଭିଭିରାମ ଆଖି ମୁଦିଲା । ଗୋସେଇଁ ଧୀରେ ଉଠି ନିଜ ଶୋଇବାଘରକୁ ଯାଇ ବିଛଣାରେ ଶୋଇପଡ଼ିଲେ । □□□

ତିନି

ସାମାନ୍ୟ ଜର ଥିଲା ମଧୁ ଦେହରେ; କିନ୍ତୁ ଏଇ ଟିକେ ଜରପାଇଁ କେବେ ଖାତିର କରିନାହିଁ ସେ । ସେ ଭାବେ ଦେହରେ କିଛି ତାତି ରହିବାଟା ସ୍ୱାଭାବିକ । ଏଣୁ ଆଜିର ଏ ଜର ପ୍ରତି ସେ ଆଦୌ ଧ୍ୟାନ ଦେଇନାହିଁ । ଅସଲ ଚିନ୍ତାଟା ତା ମୁଣ୍ଡକୁ ବଡ଼ ଜୋର୍‌ରେ ଜାବୁଡ଼ି ଧରିଥିଲା । ସେ କହିଲା—ଓଃ କି ଅନ୍ଧାର ହୋ ! ବାଟଘାଟ ଚିହ୍ନି ହଉନାହିଁ ଯେ ! ଏପଟେ ପୁଣି ହାତୀ ଆତଯାତ ହୁଅନ୍ତି ।

ପାଦକୁ ପାଦ ମିଳେଇ ଧନପୁର ଚାଲିଥାଏ ମଧୁ ସାଥିରେ; ତଥାପି ଏତେ ଅନ୍ଧାର ଯେ ନିଜ ଦେହଟା ବି ଦେଖିହେଉନାହିଁ; କିନ୍ତୁ ତା' ପାଟିର ବିଡ଼ିନିଆଁ ଟିକକ ଏକ ହିଡ଼ିମ୍ବା ବତି ଭଳି ଉଡ଼ୁଥାଏ । ଧନପୁର କିଛି ଉତ୍ତର ଦେଇନାହିଁ ମଧୁକୁ । ଫଳରେ ଆଉ କିଛି ନ କହି ଚୁପ୍‌ଚାପ୍ ଆଗେଇବାକୁ ବାଧ୍ୟ ହେଲା ମଧୁ । କେବଳ ଗୋଟିଏ ଚିନ୍ତା ହୃତ୍‌ପିଣ୍ଡଟାକୁ ତାର ପକଉଥାଏ ଆଉ ଉଠଉଥାଏ । ସେ ଚିନ୍ତା ହଉଚି ରେଲଗାଡ଼ି ଓଲଟେଇବାର ଫଳାଫଳ ଚିନ୍ତା । ରେଲଗାଡ଼ି ଓଲଟେଇଦେଲେ ଧର୍ମ କେତେ; ଆଉ ଅଧର୍ମ କେତେ ହେବ । କେବଳ ଯେ କାଠର ଡବାଗୁଡ଼ାଏ ବା ଇସ୍ପାତ ଇଞ୍ଜିନଟା ଭାଙ୍ଗି ଚୂରମାର ହୋଇଯିବ ତା' ନୁହେଁ; ତା ସହିତ ହେବ ଜୀବ-ବଧ, ହୋଇପାରନ୍ତି ଲୋକଗୁଡ଼ା ଗୋରା, ହେଲେ ବି ଏଇ ମଣିଷ ତ ! ମହାପୁରୁଷ କହିଯାଇଛନ୍ତି···

ମହାତ୍ମା ଯଦି ଜେଲ୍‌ରେ ନ ଥାନ୍ତେ, ତେବେ ଏପରି କାମ କରିବାକୁ ସେ କେବେହେଲେ ଦିଅନ୍ତେନାହିଁ । କାମଟା କରିବ ବୋଲି ଯେତେବେଳେ ସେ ଯାଇଥିଲା, ସେତେବେଳେ ଏତେ କଥା ସେ ଭାବିନଥିଲା । ଏବେ କାମ ଉପରକୁ ଆସିଲା ପରେ ଏସବୁ ମରାଧରା କାମ ତାକୁ ଭଲ ଲାଗୁନାହିଁ । ଦଙ୍ଗାହାଙ୍ଗାମା, ମାର୍‌ପିଟ୍, ଭଙ୍ଗାରୁଜା ଏସବୁ କାମ ତାକୁ କେବେ ବି ଭଲ ଲାଗେନାହିଁ । ଗୋସେଇଁଙ୍କୁ ସେ ଦେବତା ଭଳି ଜ୍ଞାନ କରେ । ଆଜି ବି ସେକଥା ମାନିବାକୁ ସେ ଅରାଜି ନୁହେଁ; କିନ୍ତୁ ଜୀବବଧ ଭୟରେ ଆତ୍ମାଟା ତାର ଖାଲି କମ୍ପୁଚି । ଅର୍ଜୁନଙ୍କ ମନରେ ବିଷାଦ ଉଦୟ ହେଲାଭଳି ମନଟା ତାର ବିଷାଦରେ ଭରିଗଲାଣି । କାମ ଉପରୁ ସେ କେବେ ବି ପଛଘୁଞ୍ଚା ଦେଇନି; କିନ୍ତୁ ଆଜି କାହିଁକି ଏ ସମୂହ କର୍ତ୍ତବ୍ୟପାଳନରେ ତାର ଦ୍ୱିଧା ଆସୁଛି !

ଲୟରାମ ଜଣେ ବଡ ମାଛ ବ୍ୟବସାୟୀ । ମାୟଙ୍କର ଗରଙ୍ଗା ଓ ପକଶାସ୍ଥା ପାଟ ଦ'ଟାକୁ ସେ ନିଲାମରେ ଧରିଛି, ମାଛ ବିକି ହଜାର ହଜାର ଟଙ୍କା ରୋଜଗାର କରୁଛି । ଗୋଳାବାରୁଦ, ବନ୍ଧୁକ ରଖିଛି । ଗାଁରେ ଏକ ବଗ୍ରଟ କୋଠା । ଆହୁରି ବି ଏକ ବଗ୍ରଟ କୋଠା ଗୌହାଟୀରେ ବନେଇଛି । ତା' ଛଡ଼ା ନଗାଁଓରେ ବି ଘର କରିଛି । ମହାଦା ଗୋସେଇଁଙ୍କର ଲେଖାଁଯୋଗା ବନ୍ଧୁ ଏ । ବାହାରକୁ ସାଧୁପୁରୁଷ ପରି ଜଣାଯାଏ; କିନ୍ତୁ ତାର ଧନର ପ୍ରତାପରେ ଛୋଟ

ଗ୍ରେଟ କେଉଟଙ୍କର ଗୁଜୁରାଣ-ମେଣ୍ଟା ବ୍ୟବସାୟ ବୁଡ଼ିଲାଣି । ସବୁଥର ମାଛ ପୋଖରୀର ନାଲମ ସିଏ ହିଁ ଧରନ୍ତିଏ । ସେଇଠୁ ମଧୁ ବାପୁଡ଼ା ଶରଣ ପଶିଛି ଗୋସେଇଁଙ୍କଠି । ଗୋସେଇଁଙ୍କର ବି ଜମିବାଡ଼ି, ତୋଟା, ପୋଖରୀ କିଛି କମ୍ ନାହିଁ । ନିଜେ ସେସବୁର ଦେଖାଶୁଣା କରିବା ଅପେକ୍ଷା ଲୋକଙ୍କ ଉପରେ ନିର୍ଭର କରିବାରେ ଗୋସେଇଁଙ୍କର ଅପାର ଆନନ୍ଦ । କେବଳ ଯେ ମଧୁ ଏକା ତା' ନୁହେଁ, ଗାଁର ଆଉ ଆଉ ମାନେ ବି ସେଥିରୁ ବଞ୍ଚନ୍ତି । ଗୋସେଇଁ ଜଣକ ଅନେକ ଦେଶବିଦେଶ ବୁଲି ବହୁତ କଥା ଜାଣିଛନ୍ତି, ବହୁତ କଥା ଶିଖିଛନ୍ତି । ତନ୍ତ୍ରଙ୍କ ମଣିଷ । ପ୍ରାୟ ସନ୍ଧ୍ୟାରେ ଆଳାପ-ଆଲୋଚନା କରନ୍ତି ପାଞ୍ଚଜଣଙ୍କୁ ଠୁଳେଇ । ...ଏଇମିତି ଦିନେ ସନ୍ଧ୍ୟାରେ ରେଲଗାଡ଼ି ଓଲଟେଇବା କଥା ସିଦ୍ଧାନ୍ତ ହେଲା । ମଧୁ କିନ୍ତୁ ସେଦିନ ବୁଝିନଥିଲା ସେଇ ସିଦ୍ଧାନ୍ତର ପ୍ରକୃତ ତାତ୍ପର୍ଯ୍ୟ; କିନ୍ତୁ କାମର ବେଳ ଯେତିକି ଯେତିକି ପାଖେଇ ଆସୁଛି, କଥାଟାର ପ୍ରକୃତ ମର୍ମ ସେ ସେତିକି ସେତିକ ବୁଝିପାରୁଛି—ଉପଲବ୍ଧି କରିପାରୁଛି । ଟିକିଏ ଆଗରୁ ଗୋସେଇଁଙ୍କ ଆଖଡ଼ାରେ ଠୁଳହୋଇଥିବା ଲୋକଗୁଡ଼ାକ ସେଇଥିପାଇଁ ଆସିଛନ୍ତି । ମଧୁକୁ ଏବେ ଅଛପା ନାହିଁ ଯେ ଏ କାର୍ଯ୍ୟଟି ଗାନ୍ଧିଙ୍କର ଅହିଂସ ସତ୍ୟାଗ୍ରହ ନୁହେଁ । ଇଏ ପୁରାପୁରି ହିଂସାକାଣ୍ଡ—ଜୀବବଧ ।

ଧନପୁରର ବଡ଼ନିଆଁ କମେ ଲିଭି ଲିଭି ଆସୁଥିଲା । ସେଥିରୁ ଦମେ ଦି'ଦମ ଏକାଥରେ ଟାଣିନେଇ ଦୂରକୁ ଅନେଇଲା ସେ । କିଛି ଦେଖାଯାଉନି । ମଧୁ କହିଲା—ଆରେ ଭାଇ, ଦିଆସିଲିଟା ଟିକିଏ ମାରିଲ ।

ଖଣ୍ଡିଆ ବଡ଼ିଟାକୁ ଦୂରକୁ ଫୋପାଡ଼ି ଦେଇ ଧନପୁର କହିଲା—'ନା' ।

—ଆରେ ଗୋଟେ କାଠି ମାରନା । ଭୟକରିବାର କିଛିନାହିଁ । ଏଟା ତ ପିଆଶାଳ ବଣ, ଯା ପରେ ପଡ଼ିବ ନଈପଠା । ସେଇ ପଠାରେ ଲୟୁରାମର ଘର ।

ସେତେ କହିଲେ ବି ଦିଆସିଲି ମାରିବାର ଲକ୍ଷଣ ଦେଖାଗଲାନି ଧନପୁରଠି; ବରଂ କହିଲା—"ନାଳଟାରେ ବେଶି ପାଣି ଥିବାପରି ଲାଗୁନି, ପଶିଯାଇହେବା ପରି ଲାଗୁଛି ।"

ମଧୁ କହିଲା—"ତା'ହେଲେ ଏଇ କାଠପୋଲଠୁ ଦି'ହାତ ଭିତରେ ଡାହାଣପଟ ଶରଗଡ଼-ଗୁଲାରେ ଯିବାକୁ ହେବ ।"

"ହଁ, ସେୟା କଲେ ଭଲହେବ" କହି ପୋଲଉପରୁ ଓହ୍ଲେଇ ଆସିଲା ଧନପୁର । ତା ପଛେ ପଛେ ମଧୁ ବି । ଦୁହେଁ ଆଗେଇଲେ ଗୋ-ଦାଣ୍ଡି ଆଡ଼କୁ । କମ୍ ପାଣି ଥିଲା ସେଇଠି । ବେଶ୍ ସହଜରେ ପାରହେଇଗଲେ ଦୁହେଁ । ସେ ପାଖରେ କିନ୍ତୁ ଉଠିଲାବେଳକୁ ଦୂରରୁ କାହାର ଗଲାଖଙ୍କାର ଶୁଭିଲା । ଚମକପଡ଼ିଲା ମଧୁ । ଛାତିଟା ଧଡ଼ଧଡ଼୍ ହେଲା ତାର । ଧନପୁରର ପାଖକୁ ଲାଗିଯାଇ ସେ ତା'. କାନ ପାଖରେ ଫୁସ୍‌ଫୁସ୍ କରିନା କହିଲା—"ଆରେ ଭାଇ, ଏଠିତ ବ୍ରିଟିଶ୍ ପହରା । ଏ ବାଟରେ ଯାଇପାରିବାନି ବୋଧେ । ଚାଲ ସେ ପାଖକୁ ପଳେଇବା । ଲୟୁରାମର ଘର ପଛପଟ ପିଆଶାଳ ବଣ ଦେଇ ଯିବାଟା ନିରାପଦ ହେବ । ଅବଶ୍ୟ ବୁଦୁବୁଦିଆ ଜଙ୍ଗଲ । ତୁମେ ସେ କଟୁରୀଟା ଧରିଛ ତ ?"

—"ହଁ ଅଛୁ !" ବୋଲି ଫୁସ୍‌ଫୁସ୍‌କନା ଉତ୍ତର ଦେଲା ଧନପୁର।

ତା' ପରେ ପରେ ନଇ କୂଳେ କୂଳେ ଜଙ୍ଗଲିଆ ରାସ୍ତାରେ ବାଟଭାଙ୍ଗି ଆଗେଇବାକୁ ଆରମ୍ଭକଲା ମଧୁ । ଶଗଡ଼ଗୁଲା ସାଙ୍ଗକୁ ଗୋରୁଗାଈଙ୍କର ଖୋଜରେ ସୃଷ୍ଟ ଗାଡ। କାଠୁରିଆଙ୍କ ରାସ୍ତା ବି ଏଇଟା । ଖାଲ ଖାଲ ଢିପ, କଣ୍ଟାଝଟାରେ ବାଟଟା ଢାଙ୍କି ହୋଇଯାଇଛି । ମଧୁ ଆଗେ ଆଗେ ବାଟ ଆଡ଼େଇ ଆଡ଼େଇ ଚାଲିଥାଏ । ତା' ପଛେ ପଛେ ନୀରବରେ ଚାଲିଥାଏ ଧନପୁର ।

ପଠା ଉପରେ ପହଞ୍ଚିଗଲେ ସେମାନେ । ଟିକଏ ଅଟକି ଚାରିଆଡ଼କୁ ନିରୀକ୍ଷଣ କରୁ କରୁ ମଧୁ କହିଲା, "ଆଚ୍ଛା ଧନପୁର ଭାଇ, ମୋର କାହିଁକି ମନେହେଉଛି ଆମେଗୁଡ଼ା ମୋଟାବୁଦ୍ଧିଆ ।"

—"କାହିଁକି ?" ପଚାରିଲା ଧନପୁର ।

—"ଲୟରାମର ଗୋଟିଏବୋଲି ବନ୍ଧୁକ । ସେଇଟାକୁ ନେଇ ବ୍ରିଟିଶ ସରକାରଙ୍କର ଏତେ ଏତେ ବନ୍ଧୁକକୁ କେମିତି ମୁକାବିଲା କରିପାରିବା ? ଏ ମୁଣ୍ଡଟାରେ ଟିକଏ ବି ବୁଦ୍ଧି ଦେଲେନାହିଁ ଈଶ୍ୱର ! କିନ୍ତୁ ସେଇ ଅଳ୍ପ ବୁଦ୍ଧିରେ ଯାହା ବୁଝିପାରୁଛୁ, ମୋତେ ଲାଗୁଛି ହିଂସାକାଣ୍ଡ ଭିଆଇ ଆମେ କିଛି କରିପାରିବା ନାହିଁ ।"

ଧନପୁର ହସିଲା । କହିଲା, "ଯିଏ ନପାରିବା ଲୋକ ସିଏ ହିଂସାରେ କୁହ, ଅହିଂସାରେ କୁହ, କୋଉ ବାଟରେ ବି ପାରିବନି । ଇଏ କଣ ହଳଧରିବା କି ମାଛମାରିବା କାମ ହୋଇଛି ?···ଦେଖୁଛି ଆପଣ ବଡ଼ ପ୍ରାଣଡରକାଳିଆ···"ଧନପୁରର ଏ କଥାରେ ପରିହାସର ସ୍ୱର ଆପେ ଆପେ ଫୁଟିଉଠିଲା ।

ମଧୁ କେଉଁଟର କାନ, ମୁହଁ ସବୁ ରଙ୍ଗାପଡ଼ିଗଲା । ଅନ୍ଧାରଯୋଗୁଁ ଧନପୁର ତେ ତାହା ଦେଖିପାରିଲାନାହିଁ, ବେଶ୍ ଭଲ ହେଲା । ମଧୁ କିନ୍ତୁ ଭିତରେ ଲେଲେବିଲି ହେଲାପରି ଅନୁଭବ କଲା । ତେଣୁ ସେ ଖୁବ୍ ଧୀରସ୍ୱରରେ କହିଲା, "ଆପଣଙ୍କ କଥା ନିଆରା, ଆପଣଙ୍କର ଆଗକୁ କିଏ ଅଛି ନା ପଛକୁ କିଏ ଅଛି । ଆପଣଙ୍କୁ କେବଳ ଚାରିବେଦ ମାଫ୍ କାହିଁକି, ଆପଣ ମଧ୍ୟ ଚାରିଦଉଡ଼ିକାଟା । ମୋର କିନ୍ତୁ କୌଣସି ଗୋଟିଏ ହେଲେ ବାଦ୍ ନୁହେଁ । ସେଇଥିପାଇଁ ମୁଁ ଚିନ୍ତାରେ ପ୍ରାୟ ମରିଗଲିଣି । ସତ କହିବାକୁ ଗଲେ ଏତେଗୁଡ଼ାଏ ଜୀବବଧ କରିବାକୁ ଆତ୍ମା ଡାକୁନି, ମନକୁ ପାପଛୁଉଁଛି, ତା' ଛଡ଼ା··· ।"

ମଧୁ କଥା ଶୁଣି ବଡ଼ ବିବ୍ରତ ହୋଇପଡ଼ିଲା ଧନପୁର । କହିଲା, "ହେଲା କଣ କାଲି କଣ, ଆପଣ ଏମିତି କଥା କଣ କହୁଛନ୍ତି ! ଜାଣନ୍ତି, ଏପରି କହିବାର ଅଧିକାର ବି ନାହିଁ ଆପଣଙ୍କର । ରଣଡ଼ିଣ୍ଡିମ ବାଜିଲା । ରଣଚଣ୍ଡୀ ବି ଉଠିଲେ । ଏବେ ଯୁଦ୍ଧର ତ କୁକୁଡ଼ା ଯୁଦ୍ଧରେ ମରିବାକୁ ବାଧ । ଟିକଏ ଭାବିଦେଖିଲ, ଯୋଉ ଯେମାଏ ଢାଲକରି ବୁକୁ ଫଟେଇଲେ, ଭୋଗେଶ୍ୱରୀକୁ ବଧିଲେ, ସୁଭଦ୍ରା ଉପରେ ଅତ୍ୟାଚାର କଲେ ସେମାନଙ୍କ ବିରୁଦ୍ଧରେ ଆମର ଏ ରଣ ନୁହେଁ କି ? ମନେରଖିବାକୁ ହେବ, ଏ ଯୁଦ୍ଧ ମାନ୍-ମହାନ-

ଯୁଦ୍ଧଠୁ ବି ବଡ଼ । ଭୟଙ୍କର ଯୁଦ୍ଧ ।…” ଏତକ ଏକ ନିଃଶ୍ୱାସରେ କହିଦେଇ ପୁଣି ଗୋଟେ ବିଡ଼ି ଲଗେଇଲା ଧନପୁର ।

ଆଉ କିଛି ବାଟ ଦୁହେଁ ନୀରବରେ ଆଗେଇବା ପରେ ଯାଇ ପହଞ୍ଚିଲେ ପିଆଶାଳବଣ ଶେଷରେ ଥିବା ବାଡ଼ପାଖରେ । ଅଳ୍ପ ଉଚ୍ଚର ବାଡ଼ଟା । ଏଣୁ ଡେଇଁ ପାରିହେଲେ ଦୁହେଁ । ମଧୁ କିଛିକ୍ଷଣ ପାଇଁ ଧନପୁରର ମୁହଁକୁ ଦେଖିବାକୁ ଚେଷ୍ଟାକଲା; କିନ୍ତୁ କିଛି ଠଉରେଇ ପାରିଲାନାହିଁ । ତା' ପରେ କହିବାକୁ ଆରମ୍ଭ କଲା—“ତୁମେ କଣ ଭାବୁଚ, ମୁଁ ଦୁର୍ବଳ ମଧୁ ଭଗତ ? ଆରେ ନା'ମ—ମୁଁ ପରା ଅମୁକ ମଧୁ । ତଥାପି ଟିକିଏ ଭାବି ଦେଖିଲ ମଣିଷର ଜୀବନଟା କଣ ଅନାବନା ଜିନିଷ ! ମଣିଷ କଣ ବଳି-ବୋଦା !! ଜାଣିନ, କୁରୁକ୍ଷେତ୍ର ଯୁଦ୍ଧରେ ଅର୍ଜ୍ଜୁନଙ୍କର କଣ ହୋଇଥିଲା !!! ସେ କଣ ଭୟରେ ସେପରି ହେଉଥିଲେ ? ନା ! ହକ୍ କଥାଟା ତାଙ୍କ ହୃଦୟକୁ ଛୁଇଁଥିଲା—ଜୀବବଧ, ମହାପାପ !”

—“ଆପଣ ମାଛ ମାରନ୍ତି ତ, କେମିତି ?” ପଚାରିଲା ଧନପୁର । —“ମାଛ ମାରିବା କଣ ପାପ ନୁହେଁ ?

ମଧୁ ଚୁପ୍ ରହିଲା ସତ; କିନ୍ତୁ ମନେ ମନେ ଭାବୁଥିଲା—ମାଛ ଆଉ ମଣିଷର ଜୀବନ କଣ ଏକା ନୁହେଁ !

ଧନପୁର ପୁଣି ପଚାରିଲା—“ଗାନ୍ଧିଙ୍କର ଭଲେଣ୍ଟିଅରଗୁଡ଼ାଙ୍କର କି ଦଶା ହେଲା ଦେଖିଲ ନାହିଁ ?”

ମଧୁ ତଥାପି ନୀରବ ରହିଲା ।

ଧନପୁରର ଉତ୍ସାହ ଆପେ ଆପେ କମିଆସିଲା । ଅକାରଣରେ ମୁହଁଟା ତାର ଝାଳେଇବାକୁ ଲାଗିଲା । ସେ ପୁଣି କହିଲା, “ମାଣିକ ଭଗତ, ଭିଭିରାମ ଏମାନେ ସବୁ ଗରିଲା ଯୁଦ୍ଧକଥା କାହିଁକି ଉଠେଇଥିଲେ ଜାଣିଛ ? ବୁଝିବାକୁ ଗଲେ ଅନ୍ୟଗତି ନାହିଁ । ଯେମିତି ହଉ ଏଗୁଡ଼ାଙ୍କୁ ଭାରତରୁ ତଡ଼ିବାକୁ ହେବ ।”

ତଥାପି ମଧୁର ପାଟି ଖୋଲିଲା ନାହିଁ ।

ଅଗତ୍ୟା ଧନପୁର ବି ଚୁପ୍ ରହିଲା । କିଛି ସମୟ ସେମିତି ନୀରବତାରେ କଟିଲା । ଦେହଟା କସ୍‌କସ୍ କରୁଥିଲା ମଧୁର; କିନ୍ତୁ ସେଥିପ୍ରତି ତାର ଖାତିର ନାହିଁ । ସେ କ୍ଷଣିକ ପାଇଁ ଭାବୁଥିଲା ଉପସ୍ଥିତ କର୍ତ୍ତବ୍ୟ କଥା ।…

ସେମାନେ ବର୍ତ୍ତମାନ ଠିଆହୋଇଛନ୍ତି ଏକ ପତଳା ଜଙ୍ଗଲରେ । କେହି ସେଠି ଟସର-ଚାଷ କରୁଛି । ଜାଗାଟା ବେଶ୍ ସଫା । ପୋକଜୋକ ଗୋଟେ ବି ନାହିଁ । ଫୁଙ୍କିଦେଇ ଭାତ ଖାଇହେବ । ସେଠି ଜଗୁଆଳି ରହୁଥିବାର ଚିହ୍ନ ଅଛି । ନିକଟରେ ବ୍ରହ୍ମପୁତ୍ରର ଏକ ପଶ୍ଚାତ୍ୟକ୍ତ ଧାର । ସେଇଟା ପାରିହେଲେ ଯାଇ ଲୟରାମର ଘର ଥିବା ପଠାକୁ ଯାଇହେବ । ଅନେକ ବର୍ଷ ହେଲାଣି ପଠାଟା ସେଇମିତି ଅଛି । ବଢ଼ିପାଣି ଟିକିଏ ବି କ୍ଷୟକ୍ଷତି କରିପାରି ନାହିଁ । ଲୟରାମର ବାଡ଼ିବଗିଚା ପନିପରିବା ଓ ବିଭିନ୍ନ ଶସ୍ୟରେ ଭରପୂର । କଣ ଯେ ସେ

ବାଡ଼ବଗିଚ୍ଚାରୁ ନମିଳିବ, ଏମିତ ନାହିଁ । ଯାହା ଦରକାର, ତାହା ମିଳିବ ।···ଗ୍ରେଡ଼, ସେ ତ ପଛକଥା···

ବର୍ତ୍ତମାନ ସମସ୍ୟା ହେଲା କେମିତଭାବରେ ଏଇ ସ୍ରୋତଟାକୁ ପାରହେଇ ହବ । ନାଆ ଖଣ୍ଡେ ତ ମିଳିବନାହିଁ, ଏଇ ଘାଟଅଧରେ କିଏ ଅବା ନାଆଧରି ବସିଛି ? ଏଣୁ ପହଁରିବା ଛଡ଼ା ଅନ୍ୟ ଗତ ନାହିଁ । ଗଣ୍ଠିଲିଟା ଧନପୁର ଧରିଛି । ଠିଆପହଁରିରେ ଯଦ ପାରି ହେଇହବ ! ଅଳ୍ପଦୂରରେ ଯେଉଁ ଶିମିଳି ଗଛଟା ଦେଖାଯାଉଛି ସେଇଠି ଗୋଟିଏ ଦ୍ଵୀପ ଅଛି । କମ୍ ଗଭୀର । ହୁଏତ ସେଇଠି ଠିଆପହଁରିରେ ପାରି ହେଇହବ ।

ବ୍ରହ୍ମପୁତ୍ରଆଡ଼ୁ ବହିଆସୁଛି ସିର ସିର ଶୀତଳ ପବନ । ସେ ପବନ ପିଆଶାଳ ବଣରେ ପଶି ସୃଷ୍ଟି କରୁଛି ବଇଁଶୀର ସୁର । ସେ ପବନ ଶିହରଣ ସୃଷ୍ଟି କରୁଛି ଧନପୁରର ଦେହରେ । ମଧୁର ଦେହ ବି ସିର ସିର ହେବା ସ୍ଵାଭାବିକ; କିନ୍ତୁ ନିଜକୁ ସମ୍ଭାଳିନେଇ ମଧୁ କହିଲା, "ବନ୍ଧୁ, ଆପଣ ଠିଆପହଁରି ମାରିପାରିବେ ତ ? ଏଇ ଗୋଟିଏବୋଲି ଠିକ ଧାରଟା । ଗଣ୍ଠିଲି ଓ ଲୁଗାପଟା ଟେକିଦେଇଲେ ତ ଚଳିବ ନାହିଁ । ଏଣୁ ଠିଆପହଁରି ଛଡ଼ା ଅନ୍ୟ ଉପାୟ ନାହିଁ ।"

ମଧୁ ତୁଣ୍ଡରୁ ଏକଥା ଶୁଣି ଆଶ୍ଚର୍ଯ୍ୟ ହେଲା ଧନପୁର । ସେ ମନେ ମନେ ଠଉରେଇ ନେଇଥିଲା ଯେ, ମଧୁ ବିପ୍ଳବର ଅମଙ୍ଗଳ ଚିନ୍ତାକରୁଛି । ବନ୍ଧୁକ ଆଣିବାରେ ଆଗ୍ରହ ନାହିଁ ତାର । ସେଇଥିପାଇଁ ହୁଏତ ମଧୁ ନୀରବ ରହୁଛି । ଏଣୁ ମନେ ମନେ ମଧୁ ଉପରେ ରାଗି ଯାଇଥିଲା ଧନପୁର । ଆନମନା ହୋଇ ଅଣ୍ଟାର କଟୁରିଟାକୁ ଜୋରରେ ମୁଠେଇ ଧରିଥିଲା ବି । ମନେ ମନେ ଆତଙ୍କିତ ହେଉଥିଲା ଆଉ ଭାବୁଥିଲା ବି କେତେ କଣ । ଏବେ କିନ୍ତୁ ମଧୁ ତୁଣ୍ଡରୁ ଠିଆପହଁରି କଥା ଶୁଣି ଧନପୁର ମନରୁ ସନ୍ଦେହ ଦୂରହେଲା । କଟୁରିରୁ ମୁଠା ଖସେଇଆଣିଲା ସେ । ବାଁ'ହାତରୁ ବଡ଼ଟାକୁ ଡାହାଣହାତରେ ଆଙ୍ଗୁଳି ମଝିକୁ ଆଣି ସେ ଧୀରେ ଧୀରେ କହିଲା, "କୋଉ ପହଁରି ବାକି ନାହିଁ ମ । କଲଂ, କପିଲୀ, ବ୍ରହ୍ମପୁତ୍ର— ସବୁର ସ୍ରୋତକୁ ମୁଁ ଚହ୍ନିନେଇଛି । ଠିଆପହଁରି ତ ? କାଲିଅପା ଜାଣନ୍ତି—ସେ ଦନ ପଚଶ ସେପ୍ଟେମ୍ବର—ନଗାଁଓ-ଦବସ । ମୁଁ ସେତେବେଳେ ଥାଏଁ ରହାବାଡ଼ିରେ । କାଲହାରଠୁ ଅଳ୍ପଦୂର । ବହୁତ ଲୋକ ଜମିଥିଲେ ସଭାରେ । ଅବଶ୍ୟ ଲୋକଗୁଡ଼ାଙ୍କର କଥାବାର୍ତ୍ତା ଆମଠୁ ଟିକିଏ ଅଲଗା ଧରଣର ।'ଦଲକ୍' ମାନେ 'ଦଲେ', 'ଖାଲକ୍' ମାନେ 'ଖାଲେ'—ଏଇଭଳି ସେମାନଙ୍କର କଥା କହିବାର ଢଙ୍ଗ । ହେଲେ କଣ ହେବ, ସେଇ ଏକା ଅସମୀୟା ମଣିଷ···ବ୍ରଜ ଶର୍ମାଙ୍କ ନାଁ ତ ଶୁଣିଥିବ । ସମସ୍ତ ଥିଲା, ଅପେରା ପାର୍ଟି ଧରି ସେ ଦେଶବିଦେଶ ବୁଲୁଥିଲେ । ତାଙ୍କପରି ଜଣେ ଉଚ୍ଚକୋଟୀର କଳାକାର ଆମର ଏ ଖଣ୍ଡମଣ୍ଡଳରେ ନାହାନ୍ତି । ଆରବୀ ମୁସଲମାନ୍ ଦେଶ ବି ସେ ବୁଲିଆସିଛନ୍ତି ।···ପଶିଲେ ଏଇ ଦେଶସେବା କାମରେ । କି କାଣ୍ଡ ଯେ ସେ ନକରିଛନ୍ତି, ବୁଝେ । 'ଜୟମତୀକୁଁଅରୀ' ଅଭିନୟ କଥା ଉଦାହରଣ ଦିଆଯାଇପାରେ । ଷଡ଼ଯନ୍ତ୍ର କରି ଦିନେ ସରକାରଙ୍କର ଏଗ୍ରେଜ୍ମଟାକୁ

ପୋଡ଼ିଦେଲେ । ଘଣ୍ଟାକଣ୍ଟାକୁ ସ୍ୱହିଁ ତାଙ୍କର କାମ । ହୁଇସିଲ ମାରିବା ସଙ୍ଗେ ସଙ୍ଗେ ଜାଗାଖଣ୍ଡିକ ଶୂନଶାନ୍ । ଇଏ ତ ଗଳ୍ପ ପ୍ରଥମ ଅଙ୍କ । ତା'ପରେ ପରେ ଆହୁରି ଅନେକ ଅଙ୍କ ···ବ୍ରଜ ଶର୍ମାଙ୍କୁ ଖୋଜିବାକୁ ନାକେଦମ୍ ହେଲେ ମିଲିଟାରିଦଳ । ସାରା ଅଞ୍ଚଳଟା ଖାନ୍ତଲାସ କଲେ; କିନ୍ତୁ ତାଙ୍କୁ ପାଇବ କିଏ ? ମୁହୂର୍ତ୍ତିକୁ ମୁହୂର୍ତ୍ତ ଭିନ୍ନ ଭିନ୍ନ ଛଦ୍ମବେଶ ···କେତେବେଳେ ମିଆଁ ତ କେତେବେଳେ ମଜୁରିଆ । କେତେବେଳେ ବ୍ରାହ୍ମଣ ତ କେତେବେଳେ କେଉଟ । ବେଳେବେଳେ ବି ବୁଢ଼ୀବେଶ । ଏବେ ବି କିଏ ତାଙ୍କୁ ଧରିପାରିଛନ୍ତି ? ନା ।···ଗୁଡ଼, ତାଙ୍କ ବିଷୟରେ କହିବସିଲେ କଥା ସରିବନାହିଁ···ହଁ, କିଏ କହୁଥିଲଟି, ସେଦିନର ଶହୀଦବାଡ଼ିର ସଭା କଥା ନା ? ବିରାଟ ସେ ସଭା । କିଏ କିଏ ସବୁ ଥିଲେ ମନେପଡ଼ୁନି । ଜଣେ କିନ୍ତୁ ଥିଲେ ଲଣ୍ଡିମୁଣ୍ଡି ବୁଢ଼ୀ ।...ହଠାତ୍ ପୁଲିସ୍‌ଦଳ ଆସି ସଭାସ୍ଥଳୀକୁ ଘେରାଉ କରିଦେଲେ । ସେହି ବୁଢ଼ୀକୁ ଗିରଫ କରିବା ସଙ୍ଗେ ସଙ୍ଗେ ଯେଉଁମାନେ ବକ୍ତୃତା ଦେଉଥିଲେ ସେମାନଙ୍କୁ ବି । ଲୋକେ ସବୁ ଉତ୍ତ୍ୟକ୍ତ ହେଲେ, ଉତ୍କ୍ଷିପ୍ତ ବି ହେଲେ । ଗିରଫ ହେଉଥିବା ଲୋକମାନଙ୍କୁ ପୁଲିସ୍‌ଙ୍କ କବଳରୁ ଛଡ଼େଇଆଣିବାକୁ ଉଦ୍ୟତ ହେଲେ । ଏମାନଙ୍କ ଆଗରେ କେଉଁମାନେ ଥିଲେ, ଜାଣିଚ ? ଦୁଇଜଣ କଅଁଳିଆ ପିଲା । ହେଲେ କଣ ହବ, ଗୁଳିକରି ଟଳେଇଦେଲେ ପିଲାଦି'ଟାଙ୍କୁ । କଞ୍ଚା ରକ୍ତ ଦେଖି ଭୟ ସଞ୍ଚାର ହେଲା ଲୋକଙ୍କ ମନରେ । ସମସ୍ତେ ପ୍ରାୟ ଛତ୍ରଭଙ୍ଗ ଦେଲେ । ଅଳ୍ପ କେତେଜଣ ସାହସ ବାନ୍ଧି ଶବ ଦି'ଟାକୁ ଧରି ଫେରିଲେ । ଶବ ଦି'ଟାକୁ ଧରି ଫେରୁଥିଲାବେଳେ ସେମାନେ କଣ କହି କହି ଫେରୁଥିଲେ ଜାଣ ?···"

ଧନପୁର ବଡ଼ ଫୁଙ୍କି ଫୁଙ୍କି କିଛି ସମୟ ନୀରବ ହୋଇ ରହିଗଲା । ତା'ପରେ ବୀରଦର୍ପରେ ହଠାତ୍ ଚିତ୍କାରକରି କହିଲା, "ମରୁଁ ଅବା ବଞ୍ଚୁ; ବୁକୁ ଫାଟୁ ହେଲେ ମୁଖ ନଫିଟୁ ।···'ଏମିତରେ କିଛି କାମ ପଟିବନାହିଁ । ବନ୍ଧୁକ ଦରକାର, ବନ୍ଧୁକ ।'— କିଏ ଏ କଥାଟି କହିଥିଲା ଜାଣିଛ ? ରୂପନାରାୟଣ ।"

ମଧୁ ଏ ସବୁ ଘଟଣା କେବେ ବି ଶୁଣିନଥିଲା । ଏବେ ଶୁଣୁ ଶୁଣୁ କଲିଜାଟା ତାର ସତେକି କଲାକାଠ ହେଇଗଲା । କହିଲା, 'ପିଲା ଦି'ଟାଟି ! କେତେ ଜନ୍ମର ପୁଣ୍ୟଫଳରୁ ପୁଅ ଜନ୍ମ । ପାପିଷ୍ଠଗୁଡ଼ାକ କଣ ନକଲେ ସତେ !!"

"ମଦନ ଓ ରାଉତା । ଜଣେ କଳିତା ପିଲା, ଆର ଜଣକ କାଛାର । ନିହାତି ଛୁଆ ଦି'ଟା । ହାତରେ ସେମାନଙ୍କର କୁଟାଖିଏ ବି ନଥିଲା । ଏମିତି ପୁଣି ଅତ୍ୟାଚାର । ସହି ହେଲାନାହିଁ; କିନ୍ତୁ ଉପାୟ ନ ଥିଲା ମୋର । ନିଜକୁ ସମ୍ଭାଳିନେଲି । ଭାବିଲି, ସେମାନେ ହେଲେ ମୃତ-ସହିଦ । ଆମେ ଜୀଅନ୍ତା-ସହିଦ । ଆମର ବି ସେଇ ଦଶା ଅଛି । ଅନେକବେଳଯାଏଁ ଦୁଇଟାଯାକ ଦେହରୁ ତାଜା ରକ୍ତ ଝରୁଥିଲା । ମା'ମାନେ କାନ୍ଦୁଥିଲେ ସେମାନଙ୍କର । ସେ କାନ୍ଦଣାରେ ସତେ କି ଝଡ଼ପଡ଼ିବ ଗଛରୁ ପତ୍ର । ବଡ଼ ଦୟନୀୟ ଅବସ୍ଥା । ସେଇ ଘଟଣାରୁ କଳିତା-କାଛାର ଏକ ହୋଇଯାଇଥିଲେ । ଏତେ ଦୁଃଖ ଯେ କାହାର

ମୁହଁରୁ ଭାଷା ବାହାରୁ ନଥିଲା । ପ୍ରତ୍ୟେକେ ନିଜ ନିଜ ସ୍ଥିତରେ ଶୁଳଗ୍ରେଟର ଯନ୍ତ୍ରଣା ଅନୁଭବ କରୁଥିଲେ ।···ରୂପନାରାୟଣ ମୋତେ ଟିକିଏ ଦୂରକୁ ଡାକିନେଇ କହିଲେ—'ଏମିତି ବୋକାଙ୍କ ପରି ଅନେଇରହିଲ କ'ଣ ! ଧରାପଡ଼ିବାକୁ ମନ କି ? ଚାଲ ପଳେଇବା । ମୁଁ ଯିବି ଗଡ଼ପୁର ଆଉ ଚେଙ୍କିଆକୁଲ୍ । ତୁମେ ଯାଅ କାଳୀଅପା ପାଖକୁ । ମନେ ରଖିଥାଅ, ଢେଙ୍ଗା ମୁଣ୍ଡରେ ଠେଙ୍ଗା ।' ଆଜି ଏ ବେଳରେ ମୋର ସେଦିନର କଥା ଚୁହାଇ ଚୁହାଇ ମନେପଡ଼ୁଛି । ସେଇ ରୂପନାରାୟଣର କଥା । ମୁବକ ଲୋକ । ନଗାଁଓ ଅଞ୍ଚଳରେ ଘର । ସେ କହୁଥିଲେ, ଏମିତି ମରିବା, ସେମିତି ବି ମରିବା । ହେଲେ ବାପୁଙ୍କର ଋଣ ଖାଇ ମରିବା··· କାହିଁକି ମୁଁ ଏତେଗୁଡ଼େ କଥା କହିଲି, ଜାଣ ? ମୁଁ ତ ଫେରିଲି କାଳୀଅପା ପାଖକୁ—ଅବାଟରେ ଯିବାକୁ ପଡ଼ିଥିଲା, ଜଲ୍‌ଂ ନଇ । କିଏ ଝୁଙ୍କ୍ ଉଠିଲା କେଜାଣି, ମାରିଲି ଝାମ୍ପେ । ସେତେବେଳେ ବି ମୁଣ୍ଡରେ ଥିଲା ଏଇ ପୁଟୁଳା । ସେତେବେଳେ ବି ଠିଆପଡ଼ିଁଗ ମାରି ଜଲ୍‌ଂ ପାରହୋଇଥିଲି । ଏବେ କିଏ ପାରିବନି ? ନିଶ୍ଚୟ ପାରିବ ।··· କିନ୍ତୁ କାମଟା ଚଞ୍ଚଳ କରିବାକୁ ହେବ । ମନରୁ ସବୁ ଦ୍ୱନ୍ଦ୍ୱକୁ ଠେଲିଦେବାକୁ ହବ···ଯିବାର ବେଳ ହେଇଗଲା ଯେ··· ।"

ନୀରବରେ ଶିମିଳି ତଳକୁ ଆଗେଇଚାଲିଲେ ମଧ୍ୟ । ଟପରପୋକମାନଙ୍କର ଝସ୍‌ଖସ୍ ଶବ୍ଦରୁ ଜୀବନର ଅସ୍ତିତ୍ୱ ଜଣାଯାଉଥିଲା । ଧନପୁରର କଥାଗୁଡ଼ା ମନେମନେ ଖେଳେଇଲାଗିଲା ମଧ୍ୟ । ଲୁଆ ଦ'ଟାଙ୍କର ଗୁଳଗ୍ରେଟରେ ମରିବା କଥା ମନେପଡ଼ି ତା ଭିତରେ ପ୍ରତିଶୋଧର ଅଗ୍ନି ଜଳି ଉଠିଲା, ···କାଲଟା ସେମିତି ହେଲାଣି । ନରମ ହେଲେ ହାଣକୁରାଢ଼ି ବେକକୁ ଆଣିବାକୁ ହେବ । କଠିନ ହେବାକୁ ହେଲେ ହୃଦୟକୁ ଲୁହାଭଳି ଟାଣୁଆ କରିବାକୁ ପଡ଼ିବ । ମରିଯାଏଁ ମରିଯାଏଁ··· ଗୁରୁରଣ ଶୁଝିଯାଏ—ଏଇ ନୀତିରେ କାମ ନକଲେ ଉପାୟ ନାହିଁ ।

ମଣିଷ ମନର ସ୍ରୋତ ଓ ନଈସ୍ରୋତ ଏକାଭଳି । କେତେବେଳେ ଏମାନେ ଜଟାଧାରୀ ସନ୍ନ୍ୟାସୀ ପରି ଶୁଖିଶାଖି ଖୀଣ ହୁଅନ୍ତି ତ କେତେବେଳେ ଯୁବତୀ ଝିଅଙ୍କଭଳି ଦେହ ଏମାନଙ୍କର ଫୁଲିଉଠେ । ମଧୁର ମନସ୍ରୋତ ଏଇ ମୁହୂର୍ତ୍ତରେ ଫୁଲିଉଠୁଛି, ଉଛୁଳି ଉଠୁଛି ଫେଣ ଫୋଟକାରେ । ମନନଈର ତାର ଜୋର ବଢ଼ି । ଏଇ ମୁହୂର୍ତ୍ତରେ ଧର୍ମ ଏବଂ କର୍ମର ସୀମା ଚହ୍ନିବା ଶକ୍ତି ତାର ନାହିଁ । ···ପ୍ରକୃତରେ ଦେଖିବାକୁ ଗଲେ ଏ ବାଟ ବଡ଼ପିଚ୍ଛିଲ । ଏ ବାଟକୁ ଟୋକା ଚହ୍ନିପାରେନା, ଚହ୍ନି ବି ପାରେନା ବୁଢ଼ା···ଧର୍ମ କେତେବେଳେ ବ୍ରଜ ଶର୍ମା ପରି କ୍ରୋଧର ରୂପ ଧରେ, କେତେବେଳେ ଗୋସେଇଁଙ୍କ ଭଳି ମମତାର ରୂପ ନିଏ, ଆଉ କେତେବେଳେ ବି ଧନପୁର ପରି ହିଂସାର ରୂପରେ ଦେଖାଦିଏ । ଧର୍ମର ଏ ବେଶପୋଷାକକୁ ଠିକେ ଠିକେ ଚହ୍ନିବା ପାଇଁ ଶକ୍ତି କାହିଁ ମଧ୍ୟ ବାପୁଡ଼ାର । ତେବେ ତାର କ୍ଷୁଦ୍ର ବୁଦ୍ଧିରେ ଗୋଟିଏ କଥା ଠିକ୍ ବୋଲି ଭାବୁଛି ସେ ।—ଘରସଂସାର କରି ସ୍ତ୍ରୀ, ପିଲାପିଲାଙ୍କ ଧରି ସୁଖ-ସନ୍ତୋଷରେ ଜୀବନ କାଟିବାର ଦିନ ଗଲା । ତାର ମନେପଡ଼ିଲା ଗୋଟେ କାମରୂପୀୟା ପ୍ରବଚନ—'ଲଢ଼ୁଥିଲି ଆଣିବାକୁ ମଇ ଖଣ୍ଡେ, ଆଣିଦେଲା ସିଏ ଧନୁଖଣ୍ଡେ ।' ଛିଃ, ଏଇ

ଘୋର ସଂସାର କଥା ବୁଝୁଁଛୁ ଅବା କଏ ? ହୁଏତ ମରିବାକୁ ପଡ଼ିବ କର୍ମ କରି କରୁ ବୁଝିବା ଆଗରୁ ।···ଏଣୁ ମନେ ମନେ ସିଦ୍ଧାନ୍ତ କଲା ମଧୁ ଯେ ତର୍କ କରି କାଣିଗୃକର ବି ଲଭ ନାହିଁ । ବର୍ତ୍ତମାନ କାମର ହିଁ ବେଳ । ଆଉ ଆଉ ମାନେ ଯେମିତ ମରିଛନ୍ତି, ସେମିତ ମରିବାକୁ ହିଁ ପଡ଼ିବ ତାକୁ ।···

ଶିମିଳ ତଳେ ପହଞ୍ଚିଯାଇଥିଲେ ଦୁହେଁ । ପାଣିର ଅନୁମାନ କଲା ମଧୁ । ବେଶି ନଥିଲେ ବି ଅଣ୍ଟାକରୁ କମ୍ ହେବନାହିଁ । ଧନପୁରକୁ ସାବଧାନ କରିଦେଲା, ଖଣ୍ଡିଆ ବାଉଁଶଟାକୁ ଫୋପାଡ଼ି ଦେଲା ଧନପୁର । ଗାମୁଛାକୁ ଭଲଭାବେ ଆଣ୍ଠି ନେଲା । ତା'ପରେ ମଧୁଆଡ଼କୁ ଗୃହିଁ କହିଲା —ଚାଲ ।

ପାଣିରେ ପଶୁ ପଶୁ ଦେହଟା ଶୀତେଇଉଠିଲା ମଧୁର । ଜରଟା ବଢ଼ିଛୁ ନା କଣ । ଜରକୁ କିନ୍ତୁ ଖାତର କରିବାକୁ ବେଳ ନାହିଁ ତାର । ପିନ୍ଧାଟାକୁ ତରବରରେ ଖୋଲିନେଇ ହାତରେ ଧରି ପହଁରିବାକୁ ଆରମ୍ଭ କଲା ସେ । ଧନପୁର କୁଆଡ଼କ ଗଲା ସେ ଜାଣିପାରିଲା ନାହିଁ ।

କିଛି ସମୟ ପହଁରିରେ ବିତିଲା । ଏକେତ ଠିଆପହଁରି । ମଧୁର ମନେହେଉଥିଲା ସତେକି ସେ ଜୀଅନ୍ତା ପାରିହେଉଛୁ ବୈତରଣୀ ।···ଉତ୍ତରାଧିକାରୀ ଭାବେ କେହି ନାହାନ୍ତି ତାର । ଏକା ଘରଣୀ । ସେ ତ ବାଞ୍ଝ । ସଂସାର ସକାଶେ ଦ୍ୱିତୀୟ ବିବାହ ଆବଶ୍ୟକ । ଏକଥା ତାକୁ ଅନେକେ ବୁଝେଇଥିଲେ । ଅନେକେ ଝିଅ ମଧ୍ୟ ଯାଚିଥିଲେ । ଏପରିକି ଲସୁଗ୍ରାମର ଝିଆରୀ ହସାବ ହବ, ତା ପାଇଁ ବି ପ୍ରସ୍ତାବ ପଡ଼ିଥିଲା । ମଧୁ କିନ୍ତୁ ରାଜି ହୋଇନଥିଲା ଆଉ ଥରେ ବାହାହବାକୁ । ସେଥିପାଇଁ ତା ମନରେ ଦୁଃଖ ନାହିଁ; ବରଂ ସେ ଭାବେ, ବଞ୍ଚି-ରହିଥିବା ଦିନ କେତେଟା ସରିଗଲା ପରେ କାହାର କଣ ହୁଏ, ସେ ଖବର ବା କଏ ନିଏ ? ଅବଶ୍ୟ ବେଳେବେଳେ ଭାବେ ପୁଅଟେ କି ଝିଅଟେ ଥିଲେ ଭଲ ହେଇଥାନ୍ତା । ପୁଅ ହେଇଥିଲେ ପିଣ୍ଡ ଦେଇଥାନ୍ତା; ଝିଅ ହେଇଥିଲେ କାନ୍ଦିଆଆନ୍ତା ଟିକଏ । ଉପରନ୍ତୁ ରକ୍ତ-ଟିକକର ସମ୍ପର୍କ ରହିଯାଇଥାଆନ୍ତା ଏଇ ପୃଥିବୀରେ । 'କ୍ଷେତର ଫଳ ଧାନ, ସଂସାରର ଫଳ ସନ୍ତାନ ।' ତାର ଟିକି ସଂସାରରେ ଫଳ ଫଳିନାହିଁ । ନ ଫଳୁ । ଏଇ କାମ କରୁ କରୁ ଜୀବନଟା ଯଦି ଗୃଲିଯାଏ ବୁଢ଼ୀ ହୁଏତ ଘଡ଼ିଏ କାନ୍ଦିବ । ହେଲେ ବୁଢ଼ୀର ଆଉ କେତେଦିନ ଏ ସଂସାରରେ ! ଦିନ ଦି'ଗୃରିଟା କଥା । ତା'ପରେ ତା କଥା ମନେ-ପକେଇବାକୁ କେହି ନଥିବେ ।···ମରିଗଲେ ଆତ୍ମାଟା ତାର ଯିବ କୋଉଠିକି ? ସ୍ୱର୍ଗକୁ ନା ନରକକୁ ? ଦେଶର ଶତ୍ରୁକୁ ବଧିବା କଣ ପାପ ! ଏଇଟା କଣ ଜୀବବଧଠୁ ଅଲଗା ? ଚିତ୍ରଗୁପ୍ତର ପାଞ୍ଜିରେ କଣ ଅଛୁ ?···ଗୃଉ ହେଉ, ଯାହା ହବାର କଥା ହବ । ନରକରେ ପଡ଼ିବାର ଥିଲେ ପଡ଼ିବ । ଏବେ ସେକଥା ଭାବିବାର ଅବକାଶ ନାହିଁ । ଗୋସେଇଁଙ୍କୁ ଯେହେତୁ କଥା ଦେଇଛୁ, ସେଥିରେ ହେରଫେର କରିବା ଠିକ୍ ହବନି । କଥା ହିଁ କର୍ମ । ମନେ-

ପଡ଼ିଲା ତାର ତରୁଣ ଫୁକନ୍‌ର ପଦେ କଥା—"ଜିଣିଲେ ଦେଶ, ମଲେ ସ୍ୱର୍ଗ ।" ସେ ମଲେ କଣ ତରୁଣ ଫୁକନ୍ ପାଖକୁ ଯିବନାହିଁ ? ଫୁକନ୍ କଣ ସ୍ୱର୍ଗ ଜାଗାରେ ଥିବ ନା ?

କେତେ ସମୟ ଧରି ସେ ପହଁରୁଥିଲା ତାର ଖିଆଲ ନାହିଁ । ଗୁଡ଼ଟା କିନ୍ତୁ ତାର ସେତେବେଳକୁ ବରଫ ପାଲଟିଗଲାଣି । ଅଣ୍ଟାରେ ଆଉ ବଳ ନାହିଁ । କୌଣସିମତେ ଉବୁଟୁବୁ ହୋଇ କୂଳ ପାଇଲା । କୂଳ ଉପରକୁ ଉଠୁ ଉଠୁ ଶୁଣିଲା ଧନପୁରର ପାଟି— "ଆପଣ ଏତେ ଡେରି କଲେ ନା ! ମୁଁ ତ ଡରିଯାଇଥିଲି । ଏଇ ଘୋର ଅନ୍ଧାର ! ମୁଁ ପୁଣି ପଶିଥିଲେ ଆପଣଙ୍କୁ ପାଇଥାନ୍ତି କୋଉଠି ?···ଯା'ହଉ, ରକ୍ଷା । ବେଗେ ଉପରକୁ ଉଠିଆସିଲେ··· ।"

କୌଣସିମତେ ଉପରକୁ ଉଠିଲା ମଧୁ । କିନ୍ତୁ ଖୁବ୍ ଜୋରରେ ଧଇଁସଇଁ ହେଉଥିଲା, ଟଳିପଡ଼ିବ ନା କଣ··ଘନ ଘନ ନିଃଶ୍ୱାସ ପ୍ରଶ୍ୱାସର ଶବ୍ଦ ଶୁଣି ପାଖକୁ ଧାଇଁଆସିଲା ଧନପୁର । ମଧୁର ବାହାଟା ଧରୁ ଧରୁ ଧନପୁର ବଡ଼ ବ୍ୟସ୍ତ ସ୍ୱରରେ କହିଲା—"ଥରୁଛ ଯେ, ବେଶି ଥଣ୍ଡା ହୋଇଗଲା ବୋଧେ !"

ମଧୁ ସେମିତି ସେଁ ସେଁ ଫେଁ ଫେଁ ହୋଇ କହିଲା—"ବାହାକୁ ଧରି ଲାଭନାହିଁ । ଟିକିଏ ଅଣ୍ଟାଟାକୁ ଧର । ଅଣ୍ଟାଟା ମୋର ଆଉ ନାହିଁ ପରି ଲାଗୁଛି । କିନ୍ତୁ କେମିତି ହେଲେ ଲମ୍ବୁଗ୍ରାମର ଘରେ ପହଞ୍ଚିବାକୁ ପଡ଼ିବ । ଆହୁରି ଖଣ୍ଡେ ବାଟ । ମୋତେ ଟିକିଏ ଧରିନଅ । ମୁଁ ଗାମୁଛାଟା ଆଉ କୁର୍ତ୍ତାଟା ପିନ୍ଧି ପକାଏ ।···"

ଅଣ୍ଟା ପାଖରୁ ମଧୁକୁ ଜାବୁଡ଼ି ଧରିଲା ଧନପୁର—ଆଃ,ଏ କଣ ! ପୁରା ବରଫ ଯେ···ନିଆଁ ଟିକେ ନିହାତି ଦରକାର । କିନ୍ତୁ କଣ କରିବା କହିଲେ, ନିଆଁ ଜାଳିବାକୁ ଡର ମାଡ଼ୁଛି··· ଆଚ୍ଛା, ଆପଣ ପିନ୍ଧି ନିଅନ୍ତୁ ତ । ଯାହିତାହି ଯିବାକୁ ହବ । ଦରକାରହେଲେ ମୁଁ ଆପଣଙ୍କୁ କାନ୍ଧେଇ ନେବି ।"

ଗାମୁଛା ଓ କୁର୍ତ୍ତା ପିନ୍ଧିନେଲା ମଧୁ । କହିଲା—"ଆଉ ଟିକିଏ ଜୋରରେ ଯାବୁଡ଼ି ଧରନ୍ତୁ ଭାଇ, ଜୀବନରେ କେତେ ନଈବନ୍ଧିରେ ପହଁରିଲି । ଏଇ ନଈଟାରେ ବି ମୁଁ କେତେଥର ନ ପହଁରିଛି··· ଏମିତି ତ କେବେ ହୋଇନଥିଲା । ଲୁଇତର ପାଣି ପୁଣି ଏଡ଼େ ଥଣ୍ଡା ହେଲା କୋଉଦିନ । ଓହୋ···ହୋ···ଧରନ୍ତୁ ଧରନ୍ତୁ ଭାଇ ! ଆପଣଙ୍କ ଦେହରୁ ଟିକିଏ ଗରମ ମିଳୁଛି । ସତେକି ଉଷୁମ ନିଆଁ ।"

ଧନପୁର ଆହୁରି ଜୋରରେ ଜାବୁଡ଼ି ଧରି ପଚାରିଲା—"ବୟସ କେତେ ହେଲା କି ?"

—"ପଚାଶ ଟପିଲାଣି ।"

—"ବୁଝିଲି, ସେଇଥିପାଇଁ ଏତେ କଥା । ତା'ଛଡ଼ା ଆପଣଙ୍କ ଦେହରେ ଆଗରୁ ଜରଥିଲା ପରି ଲାଗୁଛି ।"

ଏ ଦୁହେଁ ଏପରି ଅବସ୍ଥାରେ ଥିବାବେଳେ ନଈକୂଳରୁ କାହାର ପାଟି ଶୁଭିଲା—"କିଏ ତୁମେମାନେ ?"

ଦୁହେଁ ଚମକପଡ଼ିଲେ । ନୀରବରେ ନିରୀକ୍ଷଣ କଲେ । ପୁଣି ସେଇ ପାଟି ଶୁଭିଲା—"କୋଉଠିକାର ଲୋକ ହୋ ! ଯିବ କୁଆଡ଼େ ?"

ମଧୁ ଜାଣିପାରିଲା ଯେ ଲୋକଟା ନିଶ୍ଚୟ ଖୁବ୍ ପାଖରେ କେଉଁଠି ଅଛି । ନାଉରିଆ ହବ କି କଣ । ସାହସ କୁଳେଇ ମଧୁ କହିଲା—"ଆମେ ମହାଜନ ଘରକୁ ଯିବୁ ।"

ପୁଣି ପ୍ରଶ୍ନ ଆସିଲା ସେ ପଟରୁ—"କିଏ ? ମାସ୍ଟଂର ଲୋକ କି ?"

—"ହଁ, ଆପଣ କିଏ ?"

"ମୁଁ ମହାଜନର ଲୋକ । ମାଛ ଧରେ । ନାଆରେ ଶୋଇଛି । ପାହାନ୍ତା ପହରକୁ ନାଆ ମେଲିବ ।"

—"ମହାଜନ ଅଛନ୍ତି ?"

—"ହଁ, ଅଛନ୍ତି । ହେଲେ ଏଇନେ ! ଏଇନେ ତ ମହାଜନଙ୍କୁ ଭେଟିବା କଷ୍ଟ । ଖାଇ-ପିଇ ଟେର୍ । ସାଥିରେ ସେଇ ସ୍ତ୍ରୀଲୋକଟି ବି ଅଛି ଯେ··· ।"

—"କୋଉ ସ୍ତ୍ରୀଲୋକ ?"

ଏଥର ନାଆ ଭିତରୁ ବାହାର ଆସିଲା ଲୋକଟା, ହାତରେ ତାର ଗୋଟେ ଲ୍ୟାମ୍ପ । ପାଟିରେ ପିଙ୍କା । ଲ୍ୟାମ୍ପ ଆଲୁଅ ମଧୁ ଉପରେ ପଡ଼ିଲାରୁ ଲୋକଟା ଆଶ୍ଚର୍ଯ୍ୟ ହୋଇ ପଚାରିଲା—"କଣ ହେଇଚ ? ଏମିତି ବରଡ଼ାପତ୍ର ପରି ଥରୁଛ ଯେ ? ଆସ ଆସ, ନାଆ ଭିତରକୁ ଚାଲିଆସ । ସେଠି ଲୁଗାପଟା ଅଛି ।"

ବାସ୍ତବିକ୍ ଗୋଟାପଣେ ଥରୁଥିଲା ମଧୁ । ଧନପୁର ଧରି ନଥିଲେ ସେ ପଡ଼ିଯାଇଥାନ୍ତା । ନାଉରିଆ ଜଣଙ୍କ ଲ୍ୟାମ୍ପଟା ଆଣି ସେ ଦୁହିଁଙ୍କର ଖୁବ୍ ନିକଟକୁ ଚାଲିଆସିଲା । ଲ୍ୟାମ୍ପ ଆଲୁଅରେ ଏଥର ଧନପୁରର ଗୋଲ ମୁହଁ, ବିଶାଳ ଲୋଚନ ଏବଂ ଘନ୍ଦା ମୁଣ୍ଡବାଳ ଝଲସିଉଠିଲା । ମଧୁର ମୁହଁଟା କିନ୍ତୁ ଖୁବ୍ ମଉଳିଯାଇଥିଲା—ମଉଳା ଧଳା ଗୋଲାପର ପାଖୁଡ଼ା ପରି ଶେତା ।

ନାଉରିଆ ଜଣକ ଅଭିଜ୍ଞ ବ୍ୟକ୍ତି । ସେ ମଧୁର କପାଳରେ ହାତମାରି କହିଲା, "ଆପଣ ଘରୁ ବାହାରିଲାବେଳେ ଦେହରେ ନିଶ୍ଚୟ ଜରଥିଲା । ଏବେ ଜରଟା ବଢ଼ିଛି, ଆହୁରି ବଢ଼ିପାରେ । କଣ ଏବେ କରିବ ଯେ ? ବରଂ ମହାଜନଙ୍କ ଘରକୁ ଚାଲିଯିବାଟା ଭଲ ହେବ । ଆମେ ଦୁହେଁ ଧରିନେଇ ପାରିବୁ । ବେଶି ଦୂର ବି ନୁହେ ।"

ଧନପୁର କହିଲା—"ମୁଁ ବି ସେଇକଥା ଭାବୁଛି । ୟାଙ୍କ ଦେହରେ ଯେ ଜର ଥିଲା ସେ କଥା ମୋତେ ଜଣାନାହିଁ । ସେକଥା ମୋତେ ସେ କହିନାହାନ୍ତି ।"

ମଧୁ କହିଲା, "କହିଥାନ୍ତି ଆଉ କଣ । ଏମିତି ସାତସାତଟା ଅଣ୍ଡାଜର ଏକାଥରରେ ଏ ଦେହ ହଜମ କରିଛି । କେବେ ବି ମୁଁ ଔଷଧପତ୍ର ପାଖ ପଶିନି । ଆଜ ସକାଳେ ଦେହଟା ଟିକିଏ କମ୍‌କମ୍ କରୁଥିଲା । କାମବେଳରେ ସେ କଥା ମୁଁ ଭୁଲିଯାଇଛି । କିନ୍ତୁ ପହଁରା ଯେତେବେଳେ ଆରମ୍ଭକଲି ଆଉ ଯାଏଁ କୁଆଡ଼େ । ମୋତେ ଲାଗିଲା ଦେହଟା ଚୂର୍ଣ୍ଣିଯିବ କି

ଲାଗିଯିବ ।...ଯାହାହେଉ, କର୍ଣ୍ଣାଟିକେ ପାଇଲେ ସବୁ ଠିକ୍ ହୋଇଯିବ । ଚାଲନ୍ତୁ, ମହାଜନଙ୍କ ଘରକୁ ଯିବାଆଗ ।...ବଡ଼ ଜରୁରୀ କାମ ଅଛି ବ ତାଙ୍କଠି...।"

ନାଉରିଆଜଣକ ଦୀର୍ଘ ନିଃଶ୍ୱାସ ଛାଡ଼ିଲା । ପଚାରିଲା—"କଣ ଏମିତି ଜରୁରୀ କାମ କି ? ଏଇ ରାତିଅଧରେ ଆସିବାକୁ ପଡ଼ିଲା ! ମନଷର ଶରୀର ତ ରୋଗର ଖଣି । ଯା' ପ୍ରତି ଟିକିଏ ମନଧ୍ୟାନ ନଦେଲେ ଏ ରହିବ କେମିତି ? କଥାରେ ଅଛି—

ଆୟୁ ଦେଖି ବ୍ୟୟ କର,
ଶରୀର ଦେଖି ଧର୍ମ କର ।"

ମଧୁ ହସି ହସି କହିଲା, "କଥାଟା ସତ ।"

ଜୀବଜଗତରେ ସବୁରି ଭିତରେ ମୂଲ ଅଟେ ନରଦେହ
କୋଟି ପ୍ରୟାସରେ ନରଜନମଟି ହୁଏନାହିଁ ପୁନରାୟ ।
ଅତି ଦୃଢ଼ ଏକ ନାବରେ ଯଦ୍ୟପି କର୍ଣ୍ଣଧାର କରି ଗୁରୁ
ଶ୍ରୀକୃଷ୍ଣ ହେବେ ତା' ଅନୁକୂଳ ବାୟୁ, ଏହି ଭାଗ୍ୟ ପାଇପାରୁ ।
ନମାନିବା ଲୋକ ପାରେନାହିଁ ଟପି ସଂସାରସାଗର କେବେ
ଅବିଶ୍ୱାସୀ ନର ମହାପାପୀ ହୋଇ ନିଶ୍ଚେ ଆତ୍ମଘାତୀ ହେବେ । (୧୦)

ଧନପୁର କହିଲା, "ମୁଁ କିନ୍ତୁ ନିଜକୁ ଆତ୍ମଘାତୀ ବୋଲି ଭାବୁନି । କାମ କରିବାକୁ ଆସିଛି ଯେତେବେଳେ, ମଲେ ମରିବି ପଛେ, କରିବି ।"

ନାଉରିଆଜଣକେ ସନ୍ଦେହଭରା ଆଖିରେ ଚାହିଁଲା ଧନପୁର ମୁହଁକୁ । ଏଭଳି କଥା ସେ ଏଯାଏଁ କାହା ମୁହଁରୁ ଶୁଣିନଥିଲା । ମହାଜନକୁ ଭେଟିବାପାଇଁ ଏଇ ରାତିବେଳା ନଆସିଥିଲେ କ'ଣ ଚଳିନଥାନ୍ତା ! ଯାହା ବି ହେଉ ଧନପୁରର ମୁହଁରୁ କିଛିହେଲେ ଠଉରେଇ ପାରିଲାନାହିଁ ସେ । କଣ ସେଇ କାମ ? ମଧୁ ବୁଝିପାରିଲା ଯେ କାମଟା ବିଷମ ଆଡ଼କୁ ଗତି କରୁଛି । ଏଣୁ କଥାର ମୋଡ଼ ବଦଳେଇବାକୁ ସେ ହଠାତ୍ କହିଲା—"ଚାଲ ଭାଇ, ଟିକିଏ ସଅଳ ଚାଲିଲ । ତୁମେ ସାକ୍ଷାତ୍ ଦାମୋଦର—ବିପଦର ବନ୍ଧୁ । ଚାଲିବାରି, ଟିକିଏ ବେଇଗି ଯିବା । ତୁମେ ଟିକିଏ ମୋର ଏଇ ବାଁ ହାତଟାକୁ ଧର ଜି, ମୁଁ ଚାଲି ଚାଲି ଯାଇ ପାରିବି ଯେ...।"

(୧୦) ସମସ୍ତରେ ଆଦ ନରତନୁ ଉଦ୍ୟମ କୋଟିସ୍ୟୋ ନାପାଯ୍ୟ ପୁନ
କୋନୋ ଭାଗ୍ୟୋଦୟେ ପାୟ୍ୟା ନାଓ ଦୃଢ଼ ଆର
ଗୁରୁ ଭୈଲ ଆର କର୍ଣ୍ଣଧାର କୃଷ୍ଣ ଭୈଲ ଅନୁକୂଳ ବାୟୁ
ତଥାପି ସଂସାର ନତରଯ୍ୟ ଆତ୍ମଘାତୀ ।

କଥା ଯେମିତ, କାମ ବ ସେମିତ । ଦୁହିଁଙ୍କ କାନ୍ଧରେ ଭରଦେଇ ଆଗେଇବାକୁ ତଆର ହେଲ ମଧୁ । କିଛିଦୂର ଆଗେଇଲେ ସେମାନେ । ତା ପରେ ମଧୁ ପଗ୍ଚରିଲ—"ଆରେ ଭାଇ, କିଏ ସେ ସ୍ତ୍ରୀଲୋକଟି କ ?"

—"ନାଁଟା ତ ତମେମାନେ ଜାଣିଥିବ । ତୁମ ଗୋସେଇଁଙ୍କର ଲେଖାପୋଖା ପିଉସୀ-ଝିଅ ଭଉଣୀ ମ । କାଞ୍ଚନମତୀ । ପିଲାଟିଦିନୁ ତା ଅବସ୍ଥା ଖରାପ । ବ୍ରାହ୍ମଣଘର ଝିଅ ତ—ଗୌରୀବିଭା ନିୟମ, ବର ମିଳିଲା ନାହିଁ । ଏଣୁ ଛନ୍ଦିଦେଲେ ଗୋଟେ ବୁଢ଼ାହାତରେ । ବୁଢ଼ାଟି ମଲା, ଇଏ ହେଲା ବାଲ୍ୟବିଧବା । କିଏ ଆଉ ତାକୁ ଭଲଆଖିରେ ଦେଖିବ ? ଧୀରେ ଧୀରେ ସ୍ୱଭାବ-ଚରିତ୍ରରେ ତାର ଘୂଣ ଧଇଲା । ଏଣେ ତ ଯୌବନ ଫାଟିପଡ଼ୁଥାଏ । ଚେହେରା କଣ ଦେଖିବ, ଦୁଧ-ଅଳତାଗୋଳା ରଙ୍ଗ···ଗୁରୁଜନୁ, କଣ ଆଉ କହିବ···ଏଇ ମହାଜନଟା ପାମରଟାଏ···ଗୌହାଟୀଘରେ ଗୋଟାକୁ ରଖିଛୁ, ପୁଣି ଏ ଘର ପାଇଁ ଏଇଟାକୁ ଭୁଲାଇ ଭୁଲାଇ ଆଣିଛୁ ।···କିଏ ନଜାଣେ ଏକଥା । ସଂସାରସାରା ପରା ପ୍ରଘଟ । ମୁଁ ଭାବୁଥିଲି ଆପଣମାନେ ଜାଣିଥିବେ । ଗ୍ଚଲନ୍ତୁ ଆଜ, ଦେଖିବେ ନାଇଁକି··· । କଣ ଆଉ କରିବ ବପୁଃଖ—ନାରୀ ତ, ଲତାଟାଏ ନା ଆଉ କଣ ? ବିନାଶ୍ରୟେ ନବର୍ତ୍ତନ୍ତେ କବିତା, ବନିତା, ଲତା··· ।"

ହୋ-ହୋ ହେଇ ହସିଉଠିଲା ଧନପୁର । ଏପରି ଏକ ପଦାର୍ଥ ଯେ ମଣିଷର ଦେହରେ ଓ ମନରେ ଅଛି ତାକୁ ମାଲୁମ୍ ନଥିଲା । ହଠାତ୍ ତା ମନଭିତରେ କଥାଟା ପଶିଯାଇ ସାରା-ଦେହରେ ତଡ଼ିତ୍ ଗ୍ଚଲିଗଲା ।

ମଧୁ କିନ୍ତୁ ବଡ଼ ଅସନ୍ତୁଷ୍ଟ ହେଲା ନାଉରିଆଠୁ କଥାତକ ଶୁଣି । କହିଲା—"ଏଇଟା କିନ୍ତୁ ବ୍ୟଭିଗ୍ଚର । ମୋତେ ଏସବୁ ଭଲଲାଗେନା ।"

ଧନପୁରର ଦେହଟା ଜଳିଗଲା ମଧୁକଥା ଶୁଣି । ବେଶି ଯୁବତୀଝିଅଙ୍କ ସଂସ୍ପର୍ଶରେ ସେ ଆସିନାହିଁ ସତ । କିନ୍ତୁ ଡମିକୁ ତ ସେ ଭଲଭାବେ ଜାଣିଛି । ଡମିକୁ ସେ ଭୁଲିନାହିଁ କି ଭୁଲି ବ ପାରିବନାହିଁ । ସମ୍ଭବତଃ ସେ ବ ଯାକୁ ଭୁଲିନଥିବ । ଶୂନ୍ୟରେ ଶୂନ୍ୟରେ ମଣିଷ ମଣିଷକୁ ଆକର୍ଷଣ କରିପାରେନା—ଭଲପାଏନା, କିଛି ନା କିଛି ସତ୍‌ବସ୍ତୁ ଅଛି ତା' ଠି···ଡମି ଆଉ ସେ···ଦୁହେଁ ଯଦି ଏକାଠି ଥାଆନ୍ତେ···ଯଦି ସେମାନଙ୍କର ପୁଅଟିଏ ହେଇଥାନ୍ତା··· କେତେ ଖୁସି ନହୁଅନ୍ତା ସେ ସତରେ ! ···ଏଇ ଟିକିଏ ସନ୍ତୋଷ ତାକୁ ମିଳିଲାନାହିଁ । କାରଣ ? କାରଣ, ଏଇ ସମାଜ । ···ଏବେ ଭୁଲ ହଉ ବା ଠିକ୍ ହଉ, ସୁଭଦ୍ରା ତା ମନରେ ବସା ବାନ୍ଧିଛି···ସୁଭଦ୍ରାର ଆଖି, ଗାଲ, ବାଳ ଏପରିକି ତାର ହସ···ସବୁ ସତେ କି ସେ ଡମିଠୁ ଛଡ଼େଇଆଣିଛି···ସତେ ମ, ଦୁଇଜଣଯାକ ଏମିତ କେମିତ ସମାନ ହେଲେ ?···ଭାବିପାରେନା ଧନପୁର···ଅବଶ୍ୟ ଚେହେରା ସମାନ ହେଲେ ଯେ ମନ ସମାନ ହେବ ତା କେମିତ କହିହେବ ? କିନ୍ତୁ ତା ମତରେ, ସମାନ ନହେବାର କାରଣ କିଛି ନାହିଁ । ···ବିଧବା ବ୍ରାହ୍ମଣୀର କଥାଟା ଏକା ନହେଲେ ବ ଏସବୁ କାମଶାସ୍ତ୍ରର ଭିତରକଥା ।

କୁହାଯାଇପାରେ ଏହା ଦେହର ଲୋଭ । କିନ୍ତୁ ଦେହର ଲୋଭଟା ତେବେ କଣ ? ରତିକ୍ରୀଡ଼ାର ଆକର୍ଷଣ ? ଏଣୁ ପୁଣି ମଣିଷଦେହକୁ ବାଦ ଦେବ କିଏ ? ସମାଜକୁ ଜଣେଇ ମଣିଷ ଏକଥା କହିନପାରେ; କିନ୍ତୁ ପ୍ରତ୍ୟେକ ମଣିଷ ବ୍ୟକ୍ତିଗତଭାବେ ଏକଥା ସ୍ୱୀକାର କରେ—ଉପଲବ୍ଧି କରେ··· । ବ୍ୟଭିଚାର ବୋଲି କଥା ନିଶ୍ଚୟ ଅଛି; କିନ୍ତୁ ତାହା ସୁଭଦ୍ରା ଉପରେ ମିଲିଟାରୀଗୁଡ଼ାଙ୍କର ଅତ୍ୟାଚାର କ୍ଷେତ୍ରରେ କି ପ୍ରଯୁଜ୍ୟ । ମାତ୍ର ସୁଭଦ୍ରାକୁ କେବେ-ହେଲେ ବ୍ୟଭିଚାରିଣୀ ବୋଲି କୁହାଯାଇପାରିବନି । ତାର ଦୋଷ କଣ ? ତାର ତ ସମର୍ଥନ ନଥିଲା ସେଇ ପାଶବିକ କାର୍ଯ୍ୟରେ । ବଳାତ୍କାର କଲେ ବ୍ୟଭିଚାର ହେବ । ତା ଛଡ଼ା ନିଶ୍ଚିତଭାବେ କୁହାଯାଇପାରେ ଯେ ସେ ଲୋକଗୁଡ଼ାଙ୍କଠାରେ ମାନବିକ ଗୁଣ ବୋଲି କିଛି ନଥିଲା । ସେମାନେ ପୁରାପୁରି ପଶୁସ୍ତରକୁ ଓହ୍ଲେଇ ଯାଇଥିଲେ । ସେ କଥା ଭାବିଲେ ଦେହଟା ଜଳିଯାଏ ଧନପୁରର । ଏଥିରେ କି ନୈତିକ କାରଣ ଥାଇପାରେ, ସେ ଖୋଜି ପାଏନା । ରତିକ୍ରୀଡ଼ା ଓ ଆକର୍ଷଣ ସକାଶେ ଯଦି ସମସ୍ତେ ମନୁଷ୍ୟତ୍ୱକୁ ତ୍ୟାଗକରିବେ ତେବେ ସଂସାରଟା ରସାତଳଗାମୀ ହେବା ସୁନିଶ୍ଚିତ । ସେଦିନ ଏ ସମାଜ ରହିବ ନାହିଁ କି ନୀତି ବୋଲି କିଛି ରହିବନି ।···ଗ୍ରୁଡ଼···ଏସବୁ କଥା ତା ମୁଣ୍ଡରେ ପଶେନା । କଣ ଭଲ ଆଉ କଣ ମନ୍ଦ ଏକଥା ସେ ନିଶ୍ଚିତଭାବେ କହି ପାରିବନାହିଁ । ଯଦି କହିପାରୁଥାନ୍ତା ସେ ଧନପୁର ହୋଇନଥାନ୍ତା; ହୋଇଥାଆନ୍ତା ମହାତ୍ମା ଗାନ୍ଧୀ । ପ୍ରକୃତରେ ତାର ଭାବନାଶକ୍ତି ନାହିଁ । କେତେଟା ବା ଶ୍ରେଣୀ ପଢ଼ିଛି ସେ ସ୍କୁଲରେ ? ତେବେ ଧାରଣା କରିବା ଶକ୍ତି ତାର କିଛି କିଛି ଅଛି । ସେଥିକରେ ସେ ଯେତେଟା ଧରିପାରେ, ଧରେ । କିନ୍ତୁ ମଧୁର କଥାକୁ ସେ ସହଜରେ ମାନିନେଇ ପାରିଲାନାହିଁ; ବରଂ ସେଇ ବିଧବା ବ୍ରାହ୍ମଣୀଟି ପ୍ରତି ମନରେ ତାର ଦୟା ଜାତହେଲା । ସେ କହିଲା—"ବ୍ୟଭିଚାର ଫ୍ୟାଭିଚାର ମୁଁ କିଛି ବୁଝେନା । କିନ୍ତୁ ରକ୍ତମାଂସର ମଣିଷ ସଭିଏଁ ।"

ମଧୁ କିନ୍ତୁ ଧନପୁରର କଥାକୁ ସହଜରେ ଗ୍ରହଣ କରିପାରିଲା ନାହିଁ । କହିଲା—"ଏଇଭଳି କଥାର ପରିଣାମ ଖୁବ୍ ଖରାପ । ଏ ହେଲା ରାକ୍ଷସଧର୍ମ । ରାବଣର ମଧୁଶାଳାରେ ଏକଥା ସୁହେଇପାରେ; ମାତ୍ର ରାମରାଜ୍ୟରେ ନୁହେଁ ।"

'ରାକ୍ଷସ' ଶବ୍ଦଟି ଶୁଣି ବଡ଼ ଜୋର୍‌ରେ ହସିଉଠିଲା ଧନପୁର । ତା'ପରେ ତାଚ୍ଛଲ୍ୟଭରା ସ୍ୱରରେ କହିଲା—"ଏଇ ମଣିଷ କେତେବେଳେ ରାକ୍ଷସ ହୁଏ, କେତେବେଳେ ବି ଦେବତା ହୁଏ । ଶ୍ରୀକୃଷ୍ଣଙ୍କ ବି ମଦନ ବାଣ ବାଜିଥିଲା ଆଉ ବାଜିଥିଲା ବି ସେହି ଉପପତ୍ନୀ ଗୋପୀମାନଙ୍କୁ ।"

ମଧୁ ଏଥର ଆହୁରି ବେଶି ଅସନ୍ତୁଷ୍ଟ ହେଲା । ବିରକ୍ତ ହୋଇ କହିଲା—"ରାସଲୀଳାର ପ୍ରକୃତ ମର୍ମ ଯଦି ବୁଝିନ, ତେବେ ପଢ଼ କାହିଁକି ? ତାର ଏକ ଗୂଢ଼ ଅର୍ଥ ଅଛି । ପରମତତ୍ତ୍ୱ; ବ୍ରାହ୍ମଣୀକୁ ଗୋପୀ ଆଉ ଲମ୍ପଟମାନଙ୍କୁ ଈଶ୍ୱର ବୋଲି ଭାବୁଛ କାହିଁକି ? ହରି ହେ ! ଏଭଳି

କଥା ଆପଣଙ୍କଠୁ ଆଗରୁ ଶୁଣିଥିଲେ ମୁଁ ଆପଣଙ୍କର ଘୁଇ ସୁଦ୍ଧା ମାଡ଼ନଥାନ୍ତି । କିନ୍ତୁ ଏବେ ତ ତୁମ୍ଭେ ଗୋଟିଏ କାମ କରିବାକୁ ଆସିଛେ । ଉପାୟ ନାହିଁ ।"

ଧନପୁର ଦେଖିଲା ତା କଥା ଶୁଣି ମଧୁର ମନଟା ଟିକିଏ ଉଣା ହୋଇଯାଉଛି । ସେ କଣ କିଛି ଖରାପ କଥା କହିଲା ? ଯାହାବି ହଉ, ମଧୁର ମନ ରଖିବାକୁ କହିଲା—"ଆପଣ କିଛି ଖରାପ ଭାବିଲେ କି ? ମୁଁ ସେମିତି ଯୁ କ୍ତି କରୁଥିଲି ନା··· । ଆପଣ ତ ଜାଣନ୍ତି, ସବୁ ମଣିଷର ପ୍ରକୃତି ସମାନ ନୁହେଁ—ଧାନଟାକୁ କଣିଟାଏ, ମଣିଷଟାକୁ ମନଟାଏ । ଘୁଡ଼ନ୍ତୁ ସେକଥା । ମୁଁ ଏବେ ବନ୍ଦକଲି କଥା··· ।"

ଅଳ୍ପଦୂରରୁ ଉଙ୍କି ମାରି ଉଠିଲା ବେଶ୍ ଲମ୍ବା ଚଉଡ଼ା ଛୁଆଣି ଘରଟାଏ । ପେଟ୍ରୋମାକ୍ସ ଲାଇଟିଟାଏ ଜଳୁଥିଲା । ନାଉରିଆ ଜଣକ କହିଲା—'ମହାଜନ ଘର ସେଇଟା । ମହାଜନେ ଶୋଇନାହାନ୍ତି ନା କଣ । ଆପଣ ସ୍ଥାଙ୍କୁ ଟିକିଏ ଧରିଥାନ୍ତୁ । ମୁଁ ଖବର ଦିଏ ।···ଆପଣଙ୍କର ନାଁଟା କଣ କହିବି ?

—"ମୋ ନାଁ ? ମୋ ନାଁ ମଧୁ କେଉଟ । ଗୋସେଇଁ ପଠେଇଛନ୍ତି ବୋଲି କହିବ ।"

ନାଉରିଆ ଜଣକ ଗ୍ରୁଲିଗଲା । ମଧୁର କପାଳରେ ଛାତିରେ ହାତ ଧରି ଧନପୁର ପଗ୍ଲରିଲା —"ଟିକିଏ ଭଲ ଲାଗୁଚି ତ ? ଦେହଟା ତ ଉଷୁମ ଉଷୁମ ଲାଗୁଚି । ବଡ଼ ଖରାପ ସମୟରେ ଜରଟା ଧରିଲା ।"

ମଧୁ କହିଲା—"ଆପଣ କିଛି ଚିନ୍ତା କରନ୍ତୁ ନାହିଁ । ଜରଯୋଗୁଁ କାମଟା ପଡ଼ିରହିବ ନାହିଁ । ଆପଣଙ୍କ ସାଥୀରେ ଯୋଉମାନେ ଆସିଛନ୍ତି ସଭିଙ୍କର ବୋଧେ ଆପଣଙ୍କ ଭଳି ମନ ?"

—"ହଁ । ଆପଣଙ୍କ ଲୋକମାନଙ୍କର ମନ କଣ ଏକ ନୁହେଁ ?"

ମଧୁ ଟିକିଏ ଅଣ୍ଟା ସଳଖେଇଲା । ତା'ପରେ କହିଲା—"ସେମାନେ ସଭିଏଁ ମାୟଂ ଅଞ୍ଚଳର ଜଣାଶୁଣା ଲୋକ । ଜ୍ୟୋତିଷପୁଅ ଦଧି ମାଷ୍ଟର ସତ୍‌ପ୍ରକୃତିର ଲୋକ । ଦେହଟା ସିନା ଅଶକ୍ତିଆ, ମନଟା କିନ୍ତୁ ଇସ୍ପାତ୍‌ଭଳି ଟାଣ ତାଙ୍କର । ଆହିନା କୁଅଁର ଜଣେ ମାନ୍ୟଗଣ୍ୟ ବ୍ୟକ୍ତି । ନପଙ୍କ ଅଫିମିଆ କିନ୍ତୁ । ତରୁଣ ଫୁକନ୍ ବହୁତ ଚେଷ୍ଟା କରିଥିଲେ ତାଙ୍କ ଅଫିମ ଛଡ଼ାଇବାକୁ, ପାରିଲେ ନାହିଁ । ଏ ଅଞ୍ଚଳର ଲୋକବାକ ରାସ୍ତାଘାଟ ସବୁ ତାଙ୍କୁ ମାଲୁମ୍ । ଏଣୁ ସେ ଲୋକଟା ବଡ଼ ଦରକାରୀ । ଟିଙ୍ଗା ଲୋକଟା କିନ୍ତୁ । ଲୟରାମ ଆଗରୁ ବଇଦ ଥିଲା । ସେଥିପାଇଁ ଭଡ଼ଭଡ଼ଆଟା । ଲୋକଟା କିନ୍ତୁ ବଡ଼ ଗ୍ଲାଲାକ୍ ଆଉ କର୍ମଠ । ଗୋସେଇଁଙ୍କର ତାହାହୋଡ ସିଏ । ବାଙ୍ଗା ବାଣେଶ୍ୱର ରଜା । ତାଙ୍କୁ ତ ଆପଣ ଦେଖିନାହାନ୍ତି । ଦେଖିବାକୁ ସମୟ ପାଇବେନାହିଁ ବୋଧେ । ଦେଖିବାକୁ ସେ ରଜାପୁଅ ପରି । ଚକ୍‌କିଣ ଚେହେରା । ସାକ୍ଷାତ୍ ଧୂପକାଠି, ତାଙ୍କ ମନକୁ ଜାଣିବା ବଡ଼ କଠିନ । ଗୋସେଇଁ କିନ୍ତୁ ଯାହା କହିବେ ସେଥିରେ ତାଙ୍କର ରାଜି, 'ଦଣ୍ଡ' କହିଲେ ଦଣ୍ଡ, 'ପଚାଶ୍' କହିଲେ ପଚାଶ୍ ।'

ଧନପୁର ପୁଣି ପଚାରିଲା—ଲୋକଗୁଡ଼ାକ ଜାଗାଉପରେ ଗଣ୍ଡଗୋଳ କରିବସିବେନି ତ ? ମୁଁ ଭାବୁଚି, ଯେତେ କମ୍ ଲୋକ ନେବା ସେତେ ଭଲ । ବେଶି ଲୋକ ହେଲେ ପହରାଦାରଙ୍କ ହାବୁଡ଼ରେ ପଡ଼ିବା ବେଶି ଆଶଙ୍କା । ତା'ଛଡ଼ା ପଳେଇବାକୁ ପଡ଼ିଲେ କେହି ଯେମିତି ପଛରେ ପଡ଼ିନଯାଆନ୍ତି । ଯୋଜନା, କଣାଫୁଟା ଗୁଆଗୁଡ଼ିକୁ ଆଗରୁ ବାହାରକରି ଫୋପାଡ଼ି ପକେଇବା ଉଚିତ । ପାଗଯୋଗ, ବେଳକାଳ ଜାଣି କାମ କରିବା ଲୋକକୁ ସାଙ୍ଗରେ ନବାକୁ ହେବ । ଦୁଇଜଣ ହୁଅନ୍ତୁ ପଛକେ, ସିଏ ଭଲ ।

ମଧୁ କହିଲା—ଗୋସେଇଁଙ୍କ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ମଣିଷ ଏମାନେ । ଆପଣ ନିଶ୍ଚିନ୍ତ ରୁହନ୍ତୁ । ତା ଛଡ଼ା, ମାୟଂଟା ତ ଗୋଟାଏ ଦୁର୍ଗଭଳି । ଦେଖୁନାହାନ୍ତି କି ଗୋଟେ ପଟେ ବ୍ରହ୍ମପୁତ୍ର, ଆଉ ଗୋଟେ ପଟେ ପାହାଡ଼, ପର୍ବତ । ମଝିଖଣ୍ଡଟା ପାଟମୟ । ତା ଛଡ଼ା ମଝିରେ ବି 'ବହା' ଓ 'ମାୟଂ' ପାହାଡ଼ ଦୁଇଟା । ଦୁଇ ପାହାଡ଼ ଉପରେ ଗଣଦେବତା ଗଣେଶ ଅଛନ୍ତି । ବିଘ୍ନବିନାଶକ ।ଆପଣ ସିନା ଗୁରୁଗୋସେଇଁ ନମାନିବା ଲୋକ । କିନ୍ତୁ ଆମେସବୁ ସେଇ ବିଘ୍ନବିନାଶକଙ୍କ ପାଖରେ ମାନସିକ କରିଛୁ ।

—କି ମାନସିକ ? ହସି ହସି ପଚାରିଲା ଧନପୁର ।

—ଦୁଇଟା ରୋହିମାଛ ।

ଧନପୁର ଏଥର ମନେମନେ ହସିଲା । ପୁଣି ପଚାରିଲା—ଗଣେଶ ଆପଣଙ୍କର କେବେ କୌଣସି ଇଚ୍ଛା ପୂରଣ କରିଛନ୍ତି ?

—ଉହୁଁ । ସେଥର ବୋଦାଟାଏ ଦେଲି ପିଲାପିଲାଟାଏ ହବ ବୋଲି । ହେଲେ ଆଖିମେଲା ଟିକଏ ଅନେଇଲେନି ବି ।

ଏକଥା ଶୁଣି ଶୁଣି ତାଚ୍ଛଲ୍ୟଭରା ସ୍ୱରରେ ଧନପୁର କହିଲା—ଦେବଦେବୀମାନେ ସେମିତିକା । ମୂକ, ବଧିର, ଅନ୍ଧ । ତା ଛଡ଼ା କୁଳବୁଡ଼ା ମଧ୍ୟ ।

ମଧୁ ରାଗିଗଲା । ଧମକେଇ କହିଲା, "ଆପଣ ଚୁପ୍ ହୁଅନ୍ତୁ । ଯୋଉଠି ପାଇ ସେଇଠି ଇଆଡ଼ ସିଆଡ଼ କରି କିଛି କହିବା ଠିକ୍ ନୁହେଁ । ଜାଣିଥାନ୍ତୁ ଯେ ଏଇଟା ଗୁଣିଗାରେଡ଼ିର ଦେଶ ।"

ହସିଲା ଧନପୁର ।

ଏତିକବେଳେ ନାଉରିଆଜଣକ ଫେରି ଆସିଲା । ମହାଜନ ଡାକପଠେଇଛନ୍ତି ଦୁହିଁଙ୍କୁ ଯାକୁ । ଚାଳନ୍ତେ ଅର୍ଗଲିଦେଇ ପଶି ବଡ଼ଘରେ ପହଞ୍ଚିଲେ । ବଡ଼ ପିଢ଼ାଟାଏ ଉପରେ ବସି ମହାଜନେ ନିଆଁ ଜଳଉଥିଲେ । ମଧୁକୁ ଦେଖି ଦେଖି କହିଲେ—ମୁଁ ତ ବାଟ ଚାହିଁବସିଛୁ । ଆଉ ଜଣକ ପୁଣି କିଏ କି ?

ଧନପୁରର ପରିଚୟ ଦେଲା ମଧୁ । ସେତିକବେଳେ ମହାଜନ ଧନପୁରକୁ ଗୋଡ଼ରୁ ମୁଣ୍ଡଯାଏଁ ଅନାଉଥିଲେ । ତା'ପରେ ଦୁହିଁଙ୍କୁ ନିଆଁ ପାଖକୁ ଡାକି ବସିବାକୁ କହିଲେ । ନାଉରିଆଜଣକ ବଛଣାଟାଏ ବଛେଇଦେଲା । ବଛଣା କହିଲେ ଖଣ୍ଡେ ମସିଣା, ଗୋଟେ

ତେଲଚକଟା ମାଣ୍ଡି, ଆଉ ଖଣ୍ଡେ ମୋଟା ଛୁଣ୍ଡା କନ୍ଥା । ବିଛଣାଟି ବିଛେଇଦେଇ ନାଉରିଆ ତାର ନାଆକୁ ଯିବାକୁ ବାହାରୁଥିଲା; ଏତିକିବେଳେ ଲମ୍ବୁରାମ ତାକୁ ଡାକି କହିଲେ— “ଆରେ ଧୂଆଁ ଚିଲମେ ଟାଣିଦେଇଯାଆ । ଆଉ ପାରିବୁ ଯଦି କେଟଲିରେ ପାଣି ଗରମ କରି ଚାହା ବି ଢୋକେ ପିଇପକା ।”

ନାଉରିଆ ଜଣକ ହସିଦେଇ କହିଲା—ମୁଁ ବରଂ ଧୂଆଁ ଚିଲମେ ଟାଣିଦଉଛି, ଆଉ ପାଣିଟା ଗରମ କରିଦେଇଯାଉଛି । ଚାହା ଛଣାହେବାଯାଏଁ କିନ୍ତୁ ରହିପାରିବି ନାହିଁ । ଆଜି ଟିକିଏ ସକାଳ ବାହାରିବାକୁ ହେବ । ଆଜି ଉଜାଣିରେ ଯିବାକୁ ଅଛି । ପେଟ୍ରୋମାକ୍ସଟାଏ ଯୋଗାଡ଼ କରିଛି । ସେଇଟାକୁ ଲଗେଇବାକୁ ହେବ ।” ଏତିକି କହି ସେ ଭିତରଘରକୁ ପଶି ଚିଲମଟା ଓ ପାଣି କେଟିଲିଏ ଆଣି ଆସିଲା । ନିଆଁ ଉପରେ କେଟିଲିଟାକୁ ବସେଇଦେଇ ଚିଲମରେ ନିଆଁ ରଡ଼େ ଥୋଇଲା । ତା'ପରେ ବେଶ୍ ଦମେ ଟାଣିଦେଇ ପାଟିରୁ ଭକ୍‌ଭକ୍ କରି ଧୂଆଁ କାଢ଼ି କାଢ଼ି କହିଲା—“ଆଃ, କି ବଢ଼ିଆ କଡ଼ା ଏ ଧୂଆଁ ! ଏଇ ପଠାଟି ନବାବଲୁ ମହାଜନଙ୍କର ବେଶ୍ ବଢ଼ନ୍ତି ହେଇଛି । ହବାର କଥା ବି । ସାକ୍ଷାତ୍ ଲକ୍ଷ୍ମୀ ଏ ପଠାଖଣ୍ଡିକ ।”

ହଠାତ୍ ଲମ୍ବୁରାମ କହିଲା—ମୋ ନୂଆ ଘରଣୀ ଜଣକ ବି ସାକ୍ଷାତ୍ ଲକ୍ଷ୍ମୀ । ଯୋଉଠି ହାତ ଦଉଚନ୍ତି ସେଇଠି ସୁନା ଫଳୁଚି ।”···ଲମ୍ବୁରାମର ଆଖିରେ ମୁହଁରେ ସନ୍ତୋଷର ଭାବ । ମଧୁ ଆଉ କିଛି ନକହି ସିଧାସଳଖ ବିଛଣାକୁ ଗଲା । ବାପଅଜାଙ୍କ ଅମଳରୁ ବନ୍ଧା ନିୟମରୁ ଟିକିଏ ବି ଏପାଖ ସେପାଖ ହେବାକୁ ତାର ଇଚ୍ଛା ନୁହେଁ । ଗୋଟାଏ ସ୍ତ୍ରୀ ଥାଉ ଥାଉ ଆଉ ଜଣକୁ ଆଣି ରଖିବାଟା ତାକୁ ଭଲଲାଗିଲାନାହିଁ । ତେଣୁ ଏପରି ଆଲୋଚନାରେ ଭାଗ ନବାକୁ ମନ ହେଲାନାହିଁ ତାର । ଏଣୁ ଚୁପ୍‌ଚାପ୍ ଉଠିଯାଇ ବିଛଣାରେ ପଡ଼ିବାକୁ ଇଚ୍ଛାକଲା ସିଏ ।

ଧନପୁର ବି କିଛି କହିଲା ନାହିଁ । ତେବେ ଏଇ ସ୍ତ୍ରୀଙ୍କ ଯୋଗୁଁ ଘରର ଉନ୍ନତି ହୋଇଥିବା କଥାଟାକୁ ସେ ସଙ୍ଗତବୋଲି ଭାବିପାରିଲା ନାହିଁ । ମାଟି ଭଲନହେଲେ, ଫସଲର ଉପଯୁକ୍ତ ଯତ୍ନ ନନେଲେ କେବେବି ଭଲ ଫଳ ଫଳେନା । ଦୁହାଁଳିଆ ଗାଈ ଥିଲେ ଦୁଧ ଅବଶ୍ୟ ମିଳିବ । ଦୁହାଁଳିଆ ଗାଈ ନଥାଇ ଗାଈ-ଦୁହିଁଲାବାଲାଟାଏ ଥାଇ କଣ କରିବ ?

ନୀରବରେ କିଛି ସମୟ କଟିଲା । ବିଛଣାରେ ଥାଇ ମଧୁ ପଚାରିଲା—ଗୋସେଇଁ ମୋତେ କାହିଁକି ପଠେଇଛନ୍ତି ପଚାରିଲେ ନାହିଁ ଯେ ?

ପ୍ରଶ୍ନ ଶୁଣି ଲମ୍ବୁରାମର ମୁହଁ ଗମ୍ଭୀର ହୋଇଗଲା । ଟିକିଏ ଥାଥା ମାମା ହେଇ ସେ କହିଲା—କାମଟା ତେବେ ଆଗେଇଛି । ମୋର କାହିଁକି ସନ୍ଦେହ ଥିଲା···

ମଧୁ କହିଲା—ବହୁତ ଆଗେଇଲାଣି କାମ । ଆମେ ଏଇକ୍ଷଣି ଫେରିଯିବା କଥା ।

ନାଉରିଆଜଣକ ଉଠି ବାହାରିଗଲା ।

ଲମ୍ବୁରାମ କହିଲା—ତୋ ଦେହରେ ଜର । ଯାଇପାରିବୁଟି ?

—ପାରିବା ନପାରିବା କଥା ଉଠୁନାହିଁ । କରିବା କାମକୁ କରିବାକୁ ହିଁ ହେବ । ଟିକିଏ ବିଶ୍ରାମ ନେଉଛୁ ବୋଲି ଯେ ମୁଁ ହାଲିଆ ହେଇପଡ଼ିଛୁ ସେକଥା ଭାବିବେନି । ଜିନିଷଟା ଶୀଘ୍ର ଦେଲେ ଆମେ ଫେରିଯିବୁଁ ।

ଆହୁରି ଗମ୍ଭୀର ହେଲା ଲମ୍ବୋଦରର ମୁହଁ । ମଧୁ ଠଉରେଇନେଲା ଯେ ସାତଦିନ ଆଗର ଲମ୍ବୋଦରଠୁ ଏ ଲମ୍ବୋଦର କେମିତି ଅଲଗା ଅଲଗା ଜଣାଯାଉଛି । ସେଦିନ ଗୋପେଇଙ୍କ ସାମନାରେ ଏଇଠି ବସି ସଙ୍ଗେ ସଙ୍ଗେ ଦେଇଦବ ବୋଲି କହିଥିଲା । ଅଥଚ…ଲମ୍ବୋଦରର ମନକୁ ଜାଣିବାପାଇଁ ମଧୁ ଛଳେଇ କହିଲା—ଲମ୍ବୋଦର ମାହାଜନ କହିଲେ ଏ ଖଣ୍ଡମଣ୍ଡଳରେ କିଏ ନଜାଣେ । କଥା ଦେଇ କଥା ନରଖିବା ଲୋକ ତ ଆପଣ ନୁହଁନ୍ତି । ସେଇ ଭରସାରେ ଆମେ ଏଠିକି ଆସିଛୁଁ । ଆପଣଙ୍କ ସଙ୍ଗେ ତ କଥା ଛୁଉଁଛୁ । ଆମେ ଯୋଉ କେତେଜଣ କାମଟିକୁ ହାତକୁ ନେଇଛେଁ, ସେମାନଙ୍କର ଅବସ୍ଥା ବଡ଼ ସଙ୍ଗୀନ୍ । ଆପଣ ତ ଆଉ ଜଉଁଟାକୁ କାଟିଦେଇ ପାରିବେନି ! ଆମେ ବି ଯୋଉ ନିଆଁ ଭିତରକୁ ଡେଇଁଛୁ ସେଠୁ ବାହାରି ଆସିପାରିବୁନି ।

ଧନପୁରି ଏକାଗ୍ରମନରେ ଚିଲମ ଭିଡ଼ୁଥିଲା । ଲମ୍ବୋଦରର ମୁହଁରୁ ପାଣି ମରିଗଲାଣି । ତଥାପି ଲମ୍ବୋଦର କହିଲା— କଥା ନରଖିବା କଥା ମୁଁ କହୁନାହିଁ ମ । ସତ କହିବାକୁ ଗଲେ ମୋର ଦୁଇଟା କାଳ । ଜଣେ ହେଲେ ରହା ଥାନାର ସବ୍‌ଇନ୍‌ସ୍‌ପେକ୍ଟର ଶଇକିଆ । ଲୋକଟା ମୋ ପିଛୁ ଧରିଛି । ବେଳ ନାହିଁ, କାଳ ନାହିଁ ଏଠିକି ହଟକୁ ଧପାଳୁଛି । ଲୁଚି ଲୁଚି ଗତିବିଧି ଲକ୍ଷ୍ୟ କରୁଛି । ସେ କେମିତି କେଜାଣି ସୁରାକ୍ ପାଇଛି ଯେ ଏଇ ଜାଗାଟା ଶାନ୍ତିସେନାଙ୍କର ଗୋଟେ ଘାଟି । ମୋ ବନ୍ଧୁକଟାର ଖବର ସେ ସବୁବେଳେ ନଉଚି । ଏବେ ଯଦି ବନ୍ଧୁକ ଖଣ୍ଡିକ ତୁମମାନଙ୍କୁ ଦେଇଦେବି, ତେବେ ଆପଣମାନେ ତ ଧରାପଡ଼ିବେ —ମୁଁ ବି ମରିବି । କାନ୍ଥବାଡ଼ର ବି କାନ ଅଛି । ଦେହର ମାଂସକୁ ବି ବିଶ୍ୱାସ କରିହବନି । ଏଇ ନାଉଖିଆଟାକୁ ବି ବିଶ୍ୱାସ କରିହବନି… ।"

—କରିହବନି ? ଚମକି ପଡ଼ିଲା ମଧୁ ।

—ହଁ ପରା । ସେଇଟା ଶଇକିଆର ଲୋକ । କାଲି ଭିତରେ ଶଇକିଆ ନିଶ୍ଚୟ ଖବର ପାଇଯିବ ।

ମଧୁ ଧଡ଼୍‌କିନା ଉଠିପଡ଼ି ବିଛଣାରେ ବସିଗଲା । ପଚାରିଲା, "ସତ କହୁଚନ୍ତି ? ସେଇଟା ଗୋଟାଏ ଚର ?

—ସତକଥା ।

ମଧୁ ଏଥର ଉଠିଆସିଲା ବିଛଣାରୁ । ତା'ପରେ ଧନପୁରକୁ ଚାହିଁ କହିଲା, "ଶୁଣୁଚନ୍ତି ତ ? ସେଇ ଲୋକଟାକୁ ହାତଛଡ଼ା କରିବା ଠିକ୍ ହବନାହିଁ । ଆପଣ ଶୀଘ୍ର ତାର ପିଛୁ ନିଅନ୍ତୁ । ଦେଖନ୍ତୁ ସେ ଯେମିତି ଆମ ହାତରେ ଗଳି ନଯାନ୍ତି ।"

ଚଲମଟାକୁ ଟିକିଏ ଝାଡ଼ିଦେଇ ଧନପୁର କହିଲା—ଦେଖୁଛୁ; ଆପଣଙ୍କର ବୁଦ୍ଧି ଏକଦମ୍ କଞ୍ଚା । ଆମେ ତ ମୋଟେ ଦୁଇଜଣ। ଦ'ଭାଗ ହୋଇଗଲେ ବିପଦ ସୁନିଶ୍ଚିତ । ଏକାଠି ରହିଥିବା ଭଲ ।—ଟିକିଏ ମଧୁ ପାଖକୁ ଲାଗିଯାଇ କାନ ପାଖରେ ଫୁସ୍ ଫୁସ୍ କରି କହିଲା—"ଯଦି ସନ୍ଦେହ ହଉଛି, ଦୁଇଜଣଯାକୁ ଛାଡ଼ିବା ନାହିଁ । ଆପଣ ବନ୍ଧୁକଟା ଖୋଜିଆଣନ୍ତୁ । ମୁଁ ଏଙ୍କୁ ସମ୍ଭାଳୁଛି । ତା'ପରେ ଏଙ୍କୁ ନେଇ ନାଉରିଆକୁ ଧରିବା । କିଛି ଏପଟ ସେପଟ ଯଦି କରିବେ ତେବେ କତଲ କରି ପାଣିକି ଫୋପାଡ଼ିଦେବା । ନାହିଁ ଯଦି ସୁଧାର ହେଲା, ତେବେ ତା'ରି ହାତରେ ନାଆକୁ ନେଇ ସିଧା ଯାଇ ଉଠିବା ମଠଘାଟଠି ।

ମନେ ମନେ ଆଶ୍ୱସ୍ତ ହେଲା ମଧୁ । ବୁଦ୍ଧିଟା ମନ୍ଦ ନୁହେଁ । ବେଶ୍ ଦମ୍ଭିଲା ମଣିଷ । ମଧୁ ପୁଣି ଫୁସ୍ ଫୁସ୍ କରି କହିଲା—"ମଠଘାଟ ଅପେକ୍ଷା ବାଣେଶ୍ୱର ଘାଟରେ ଉଠିଲେ ଭଲ ହେବ । ସେଇଠୁ ଗୋସେଇଁଙ୍କ ପାଖକୁ ଖବର ପଠେଇଲେ ସୁବିଧା ହେବ ।"

ଏମାନଙ୍କର ଫୁସ୍‌ଫୁସ୍ କଥାଢଙ୍ଗ ଦେଖି ଲକ୍ଷ୍ମୀରାମର ସନ୍ଦେହ ହେଲା । ଛାତିଟା ତାର ଧୁକ ଧୁକ୍ ହେଲା । ସେ ଟିକିଏ ଦୂରରୁ ଉଠିଯାଇ ପଚାରିଲା—ଏମିତି ଫୁସ ଫୁସ ହୋଇ କଣ କଥା ହଉଚ ତୁମେମାନେ ?

ମଧୁ କହିଲା—"କିଛି ନାହିଁ ମ ମହାଜନେ ! ଇଏ ଆପଣଙ୍କର ଏଇ ସ୍ତ୍ରୀଙ୍କ କଥା ପଚାରୁଥିଲେ ଯେ..."

ଲକ୍ଷ୍ମୀରାମ ଟିକିଏ ଅସ୍ଥିର ହେଲା । ତା'ପରେ କହିଲା, "ତାଙ୍କ କଥା କଣ କହିବି । ସେ ସବୁ ବଡ଼ଲୋକଙ୍କ ପରି ଥରୁଛନ୍ତି ମୋର ଏସବୁ କାମରେ ପଶିବା କଥା ଦେଖି । କୁଆଡ଼କୁ ବି ଯିବାକୁ ଦଉନାହାନ୍ତି ମୋତେ । ତୁମମାନଙ୍କ ସାଙ୍ଗରେ ସାକ୍ଷାତ୍ ପାଇଁ କ ମନାକରୁଥିଲେ ।...ତାଙ୍କର ଟିକିଏ ଅସୁବିଧା ହୋଇଯାଇଛି । ଛ'ମାସ ହେଲା ତାଙ୍କର ଗାଧୁଆ ବନ୍ଦ । ଏବେ ମୋ ସମ୍ପତ୍ତିରୁ ଭାଗ ନେବାକୁ ଲଗେଇଛନ୍ତି । ମୁଁ ବି ସେଇ ଝମେଲାରେ ବ୍ୟସ୍ତ ।"

ମଧୁ କହିଲା—ଏସବୁତ ଘରୁଆ କଥା । ଆମ କାମ କଥାଟା ପଡ଼ୁ । ମୁଁ ବରଂ ଯାଇ ତାଙ୍କୁ ବୁଝେଇ ସୁଝେଇ ଦିଏ । ଆପଣ ସ୍ତ୍ରୀଙ୍କ ସାଥିରେ କଥାଭାଷା ହଉଥାନ୍ତୁ । ଏମିତି କହି-ଧନପୁର ଆଡ଼କୁ ଚାହିଁ ଆଖିଠାର ମାରିଦେଲା ମଧୁ, ତାପରେ ଏଣ୍ଡି ଚାଦର ଖଣ୍ଡିକ ଘୋଡ଼େଇ ହୋଇ କୌଣସିମତେ ପଶିଗଲା ଭିତର ଘରକୁ ।

ଲକ୍ଷ୍ମୀରାମ ଆଉ ସହ୍ୟ କରିପାରିଲା ନାହିଁ ।..."ଆରେ ଆରେ କୁଆଡ଼େ ପଶିଯାଉଚ୍ ମ । କିଛି ଭଲକଥା ସେ ହଉନାହିଁ । ଭିତରେ ମାଇକିନିଆ ମଣିଷ ଅଛନ୍ତି ।"...ଆଉ କିଛି କହି-ପାରିଲା ନାହିଁ ଲକ୍ଷ୍ମୀରାମ—ଏଣେ ଧନପୁର ହାତରେ କଟୁରିଟା ଚକ୍‌ଚକ୍ କରୁଛି ।...

ଧନପୁର କହିଲା—ଯେଉଁଠି ଅଛନ୍ତି ସେଇଠି ଥାଆନ୍ତୁ । ଏପାଖ ସେପାଖ ହେଲେ ବିପଦ। ପାଟିତୁଣ୍ଡ କିଛି କରନ୍ତୁନି । ଏଖଣ୍ଡକୁ ଦେଖୁଛନ୍ତି ତ ?

ଚୁହା କେଟିଲିରେ ପାଣି ଖଲଖଲହୋଇ ଫୁଟୁଥାଏ । ଚଲମଟା ତଳେ ଗଡ଼ୁଛି, ଆଉ ତହିଁର ପୋଡ଼ା ଗଞ୍ଜେଇ ତଳେ ବିଞ୍ଚିଗଲାଣି । ନିଆଁର ଧାପ କମିଆସିଲାଣି । କାଠତକ ବି ପୋଡ଼ି ପୋଡ଼ି ଶେଷହେବାକୁ ବସିଲାଣି ।...

ଭୟରେ କାନ୍ଦିବାକୁ ଲାଗିଲା ଲୟୁରାମ । ସେ ପୂରା ବୁଝିଗଲାଣି ଯେ, ଲୋକଟାର କଥା ଓ କାମରେ କିଛି ଫରକ୍ ନାହିଁ । ଏଇ ମୁହୂର୍ତ୍ତରେ ହୁଏତ ତାକୁ ହାଣିଦେଇପାରେ ।···ନାଆଁ ରେ ଆଉ ଖଣ୍ଡେ କାଠ ଗୁଞ୍ଜି ଦବାକୁ ବି ତାର ସାହସ କୁଲେଇଲା ନାହିଁ । ଧନପୁର ତାକୁ ଗାରଡ଼େଇ ଗାରଡ଼େଇ ଚାହିଁଛି ।

କିଛି ସମୟ ନୀରବରେ କଟିଗଲା ।

ମଧୁ ଭିତରଘରେ ପଶି ପ୍ରଥମେ କଂଚନମତୀଙ୍କ ଖୋଜ୍ ନେଲା । ଦେଖିଲା ଯେ ସେ ନିଘୋଡ଼ ନିଦରେ ଶୋଇଛି । ତା' ପରେ ସେ ପଶିଲା ଲୟୁରାମର କୋଠରିକୁ । ଏ କୋଠରିଟି ସହିତ ଆଗରୁ ମଧୁ ପରିଚିତ । ବହୁବାର ସେ ଏଠାକୁ ଆସିଛି । ଏଇଟା ତାର ଭାତଘର ଥିଲା କହିଲେ ଚଳେ । ଏମିତିକି ଲୟୁରାମର ବନ୍ଧୁକଟା ଯେ କିଛିଣା ତଳେ ଥାଏ, ସେ କଥା ବି ତାକୁ ମାଲୁମ୍ ।··· ଭାଗ୍ୟକୁ ଲ୍ୟାମ୍ପଟିଏ ଜଳୁଥିଲା ଘରେ । ପ୍ରଥମେ ବନ୍ଧୁକଟିକୁ ହସ୍ତଗତ କରି ସେ କାଟ୍ରିଜ୍ ଖୋଜି ବୁଲିଲା । ଦେଖିଲା ଯେ ତାଲଦିଆ କାଚଆଲମାରି ଭିତରେ କାଟ୍ରିଜ୍ ବାକସଟା ଥୁଆହୋଇଛି । ଆଉ ସମୟ ନଷ୍ଟ କରି ଲାଭ ନାହିଁ । ଏଣୁ ବନ୍ଧୁକ ନଳିରେ ଆଲମାରିର ଖଣ୍ଡେ କାଚ ଭାଙ୍ଗି କାଟ୍ରିଜ୍‌ର ବାକ୍‌ସଟିକୁ ଧରିଲା । ବନ୍ଧୁକ ଓ କାଟ୍ରିଜ୍ ବାକ୍‌ସ ଧରି ତରତର ବେଗରେ ବାହାରକୁ ଚାଲିଆସିଲା ମଧୁ ।

ଏସବୁ ଦେଖି ଲୟୁରାମ ରାଗରେ ପାଚିଗଲାଣି; କିନ୍ତୁ ନିରୁପାୟ ସେ । ତଥାପି ଉଚ୍ଚ କଣ୍ଠରେ ସେ କହିଲା, "ଇଏ କଣ ହେଉଚି । କଣ ଏଠିକି ଡକାୟତି କରିବାକୁ ଆସିଥିଲୁ ?"

ଧନପୁର ସାବଧାନ କରିଦେଇ କହିଲା—ଚୁପ୍ କର । ଏଇକ୍ଷଣି ବାହାରିପଡ଼ ଆମ ସାଥିରେ ଯେମିତି ଅଛ ସେମିତି ବାହାର । ମୁହୂର୍ତ୍ତେ ବି ସମୟ ନଷ୍ଟ କରନାହିଁ ।

ଖୁବ୍ ଡରିଗଲା ଲୟୁରାମ, ବଡ଼ ଦୟନୀୟ ହୋଇ କହିଲା—"ଏମିତି ପୋଷାକରେ କେବେ ବି ତ ମୁଁ ବାହାରକୁ ବାହାରି ନାହିଁ । ତେବେ ମୋତେ ତୁମେମାନେ ସନ୍ଦେହ କରିବାର କାରଣ କଣ ? ମୁଁ ତ ସେ ଦଳର ଲୋକ ନୁହେଁ । ତା' ଛଡ଼ା, ନାଉରିଆଟିର କଥାରେ ଏତେଟା ଡରିଯିବାର କାରଣ ବି ନାହିଁ । ସେ ତ ମୋର ଲୋକ ।···ତୁମମାନଙ୍କଠୁ ଏମିତି ବ୍ୟବହାର ପାଇବି ବୋଲି ମୁଁ ଆଦୌ ଆଶଙ୍କା କରିନଥିଲି । ବାସ୍ତବିକ୍ ମୋତେ ବଡ଼ ଦୁଃଖ ଲାଗୁଛି ତୁମମାନଙ୍କର ଏ କାଣ୍ଡ ଦେଖି··· ।"

ଲୟୁରାମର ମୁହଁକୁ ଚାହୁଁଥାଏ ଆଉ ଜରରେ କମ୍ପୁଥାଏ ମଧୁ । ତଥାପି ସେଥିପ୍ରତି ତାର ଭ୍ରୂକ୍ଷେପ ନଥାଏ । ନାଆରେ ନଉଠିବା ଯାଏ କମ୍ବା ରଜାଘାଟରେ ନ ପହଞ୍ଚିବାଯାଏ ଜର ନିଶ୍ଚୟ ଦେହରେ ରହିବ ।···ବନ୍ଧୁକଟାକୁ ଖୋଲି ଚାଲି କେଇଟା ଭରିଦେଲା ମଧୁ, ତା ପରେ କହିଲା—"ଆପଣ ଖରାପ ଭାବିଲେ ଭାବନ୍ତୁ ପଛକେ ଆମର ଅନ୍ୟ ଉପାୟ ନାହିଁ । ଗୋସେଇଁ ଆମକୁ କହିଥିଲେ ଯେ, ଆମେ ଏଠି ପହଞ୍ଚିଲା ମାତ୍ରେ ବନ୍ଧୁକଟା ପାଇଯିବୁ; କିନ୍ତୁ ଏଠିକି ଆସି ଦେଖିଲୁ କଣ ? ଦେଖିଲୁ ବନ୍ଧୁକଟା ଦବାକୁ ଇଚ୍ଛାନାହିଁ ଆପଣଙ୍କର । ଅଧିକନ୍ତୁ ନଦବା ଆଳରେ ଅନେକ କଥା କହିବସିଲେ । ଏପରି ଅବସ୍ଥାରେ କଣ କରିବା କଥା ତାହା

ଆପଣ ଜାଣନ୍ତି, ମୋତେ ବି ମାଲୁମ୍ । ଏକ ଗୁରୁର ଶିଷ୍ୟ ଆମେ । ଆମେ ମରିବାକୁ ବାହାରିଛୁ; ଆପଣ ବଞ୍ଚିବାକୁ ଚାହୁଁଛନ୍ତି । ଆପଣ ଅଧମ ଭଳି ରହିଯିବାକୁ ଚାହୁଁଛନ୍ତି । ଏମିତି ଭାବେ ବଞ୍ଚିରହିବା ଅପେକ୍ଷା ଆପଣ ମରିଯିବା ଉଚିତ । ମହାତ୍ମା ଗାନ୍ଧି କଣ କହୁଥିଲେ ମନେ ପଡ଼ୁନି ? ଯିଏ ବଞ୍ଚିବାକୁ ଚାହେଁ ସେ ମରିବ, ଯିଏ ମରିବାକୁ ଚାହେଁ ସେ ଜୀଇବ । କାଳି ପରି ବିପରୀତ···ଚଞ୍ଚଳ ଚାଲନ୍ତୁ ।"

ମଧୁର କାରବାର, କଥାବାର୍ତ୍ତାରେ ଖୁବ୍ ଖୁସି ହୋଇଗଲା ଧନପୁର । ଆଉ ସମ୍ଭାଳିନପାରି କହିଲା—"ଆପଣଙ୍କର ରୂପ ଦେଖି ମୋ ଗୁରୁ କୁଣ୍ଢେମୋଟ ହୋଇଗଲାଣି । ସନ୍ଦେହ କଟିଯାଇଛି । ବାହାରନ୍ତୁ ସିଧା ନାଆକୁ ଯିବା । ଚଞ୍ଚଳ ଯିବାକୁ ହେବ ।···" ଲୟୁରାମକୁ ଲକ୍ଷ୍ୟ କରି ପୁଣି ଧନପୁର କହିଲା—"ଏ କଟୁରୀକୁ ଚାହିଁଥାନ୍ତୁ, ଟିକିଏ ଡେରମେର କଲେ ମୁଣ୍ଡ ଗଣ୍ଡି ଅଲଗା ଅଲଗା ହୋଇଯିବ । ଏ କାମରେ ବାଳ ପ୍ରମାଣେ ଏପଟ ସେପଟ ହେଲେ ବିପଦ ସୁନିଶ୍ଚିତ । ଶଇକିଆ ସଙ୍ଗେ ସଲସୂତୁରି କରିଛନ୍ତି ନା ? ସେଇଟା ବି ଗୋଟେ ବଦମାସ୍ । ନହେଲେ କି ଏତେ ଅଘଟଣ ଘଟେଇଲା ପରେ ବି ଚାକିରିରେ ଥାଆନ୍ତା ! ସ୍ୱାଧୀନ ସରକାର ହେଲା ପରେ ତାକୁ ଫାଶୀଖୁଣ୍ଟରେ ଝୁଲେଇବାକୁ ହେବ ।"

× × × ×

ଆଗେ ଆଗେ ଲୟୁରାମ । ତାର ଟିକିଏ ପଛକୁ ଦୁଇ କଡ଼ରେ କଟୁରି ଓ ବନ୍ଧୁକ । ଅପମାନ, ଭୟ ତଥା ଲାଞ୍ଛନାରେ ଲୟୁରାମର ଚେହେରାଟା ଆଉ ଚେହେରା ହୋଇ ନଥିଲା । ତଥାପି ଭୁଲ୍ ଟା ତାର କୋଉଠି ସେ ଭାବିପାରୁନଥିଲା । ଶଇକିଆକୁ ତ ଗୋଟେହେଲେ ଗୁପ୍ତକଥା ସେ କହିନାହିଁ । ନାଉରିଆଟା ଶଇକିଆ ସହିତ କେବେ କେବେ କଥା ହେବାଟା ବି ନିରାଟ ସତ କଥା । ତଥାପି ନାଉରିଆଟାର ବୁଦ୍ଧି କେତେ ଯେ ସେ ଏସବୁ କଥା ବୁଝିପାରିବ । ତା'ଛଡ଼ା ଲୟୁରାମର ହାତମୁଠାରେ ନାଉରିଆଟା ।···ଯେତେ ମନକୁ ଆସୁଥିଲେ ବି ଏକଥା ପ୍ରକାଶ କରିବାକୁ ଭୟ ଲାଗୁଥିଲା ତାକୁ । ଏକା ମଧୁ ହୋଇଥାନ୍ତା କି କହିଦେଇପାରନ୍ତା । କିନ୍ତୁ ଧନପୁର ! ଓରେ ବାପ୍ ରେ, ତା ଆଡ଼କୁ ସିଧାସଳଖ ଚାହିଁବାକୁ ବି ଡର ମାଡ଼ୁଛି । ମଣିଷ ନୁହେଁ ସେ ରାକ୍ଷସଟେ । ଅଗତ୍ୟା ନୀରବରେ ଆଗେଇଚାଲିଲା ଲୟୁରାମ । ତାର ମନେହେଉଥିଲା, ବର୍ତ୍ତମାନ ଏଇ ଯୋଉ ଯୁଦ୍ଧ ଲାଗିଛି, ସେଇ ଯୁଦ୍ଧର ଦଳେ ସୈନ୍ୟ ତାକୁ ବିନା କାରଣରେ ବନ୍ଦୀଭାବରେ ନେଇଯାଉଛନ୍ତି ।

ଲୁଚେଇ ଲୁଚେଇ ଆଗଉଥିଲା ମଧୁ । ହେଲେ ବି ପଛରେ ପଡ଼ିଯାଇନି ସେ । ଏମାନେ ଉଜାଣି ଯାଇ ଯେତେବେଳେ ନାଆ ପାଖରେ ହେଲେ, ଦେଖିଲେ ଯେ ନାଉରିଆ ପୋଷାକପତ୍ର ପିନ୍ଧି ସଜବାଜ ହୋଇ ନାଆ ମେଲିବାକୁ ଉଦ୍ୟତ ହେଉଛି; ଅଥଚ ଯାହା ପୋଷାକ ପିନ୍ଧିଛି ତାହା ମାଛମରା ପୋଷାକ ନୁହେଁ । ଲ୍ୟାମ୍ପ ଆଲୁଅରେ ଧନପୁର ଦେଖିଲା ଯେ ନାଆଟା ଭସିବା ଅବସ୍ଥାକୁ ଆସିଗଲାଣି । ତେଣୁ ସେ ଲୟୁରାମକୁ ନାଆରେ ଉଠିବାକୁ

ଆଦେଶ ଦେଲା । ଲମ୍ବୁରାମ ନାଆରେ ଉଠିବା ପରେ ପରେ ସେ ନିଜେ ଉଠିଗଲା । ତା ପଛକୁ ମଧୁ ।

ଧନପୁର ନାଉରିଆକୁ ଲକ୍ଷ୍ୟ କରି କହିଲା—"ଏଥର ଆହୁଲା ଧର ।"

ନାଉରିଆ ଜଣକ ଥରଥର ହୋଇ କମ୍ପୁଥିଲା । ସେ ବଡ଼ କାକୁତି ମିନତି କରି କହିଲା—"ଦେଖନ୍ତୁ ଆଜ୍ଞା ! ମୁଁ କିଛି କରିନାହିଁ । ମାଛ ମାରିବାକୁ ବାହାରିଛି ।"

ଧନପୁର କହିଲା—"ରଖ ସେସବୁ କଥା । ତୁ ହେଉଛୁ ଶଇକିଆର ଅସଲ ଚର । ବୁଝିବାକୁ ଆମର ଆଉ ବାକି ନାହିଁ । ଆଉ ଶୁଣ—ନାଆକୁ ସିଧା ନେଇ ରଜାଘାଟରେ ଲଗା । ଭୁଲ କରିଲେ କି ଆଉ କିଛି ଏପଟ ସେପଟ କଲେ ତୋତେ ଆଉ ତୋର ଏ ମାହାଜନକୁ କାଟିକୁଟି ନଈରେ ଫୋପାଡ଼ିଦେବି ।"

ନାଉରିଆ ପଚାରିଲା—"ଆଜ୍ଞାମାନେ କିଏ କି ?"

ଧନପୁର କହିଲା—"ତୋ ଯମ । ଜଲଦି ନାଆ ମେଲିପକା । ସେ କାଳରେ ଲଚିତ୍ ବର ଫୁକନ୍ ଏମିତି ନାଆ ମେଲିଥିଲେ ସରାଇ ଘାଟରେ, ଏବେ ମୁଁ ମେଲୁଛି ଶିଲଡୁବି ଘାଟରେ । କାମଟା ଏକ୍ । ଦେଶରକ୍ଷା କାମ । ମଧୁ ଭାଇ, ଆପଣ ସ୍ରୋତ ଆଉ ନାଆର ଗତିକୁ ଲକ୍ଷ୍ୟ ରଖନ୍ତୁ । ଏ ଘଟାକୁ ଛାଡ଼ିଦେଇ ହେବ ନାହିଁ । କିଛି ଏପଟ ସେପଟ ହେଲେ ଗୁଳି ଚଳେଇବେ । ବର୍ତ୍ତମାନ ଧର୍ମାଧର୍ମ କଥା ଭୁଲିଯିବାକୁ ହେବ । କାମ କରୁ କରୁ ମରିବା ବା ମାରିବା । ଯାହା ହେଉଚି ହେଉ । ଦରକାର ପଡ଼ିଲେ ମୃତ୍ୟୁକୁ ଜୟ କରିବାକୁ ପଡ଼ିବ ।"

କୁନ୍ଥେଇ କୁନ୍ଥେଇ ବନ୍ଧୁକଟିକୁ ଟେକିଧରିଲା ମଧୁ । ଆହୁଲା ମାରିବା ଆରମ୍ଭକଲା ନାଉରିଆ । ଲମ୍ବୁରାମ ମଲାପ୍ରାୟ ଆଉଜି ଲମ୍ବିହୋଇ ପଡ଼ିଗଲା ସେଠି । ମଧୁ କହିଲା—"ମୋ ଭିତରେ ବର୍ତ୍ତମାନ ମୁଁ ନାହିଁ । ଆଉ ଗୋଟାଏ କିଏ ଅଛି । ଜର ଅଛି ନା ଜାଡ଼ ଅଛି ନା କିଏ ଗୋଟେ ଭୂତ ଆସି ମୋ ଭିତରେ ପଶିଯାଇଛି । ମୋତେ କିଛି ମାଲୁମ୍ ପଡ଼ୁନାହିଁ । ଅନ୍ୟ ଗୋଟେ ମଣିଷ କାମ କରୁଛି ମୋ ଭିତରେ ।"

ଧନପୁର କହିଲା—"ସେଇ ମଣିଷଟା ହିଁ ହେଉଛି ପ୍ରକୃତ ମଣିଷ ।"

ଘରର ସୁଖ ଛାଡ଼ି, ସ୍ତ୍ରୀ ସୁଖରୁ ବଞ୍ଚିତ ହୋଇ ଦୁଇ ଦୁଇଟା ଯମଦୂତ ହାତରେ ଯମାଳୟକୁ ଯିବାର ଛବିଟା ଲମ୍ବୁରାମର ମନରେ ଉଙ୍କି ମାରୁଥାଏ ।

ଏବେ ବି ଦେହଟା ଥରୁଥାଏ ମଧୁର । ନିଜର ଦେହଚେତନାକୁ ଭୁଲିଯିବା ପାଇଁ ସେ ଗୀତ ଗାଇଉଠିଲା ।

ବିନା ବିପଦରେ ଯିଏ ନିଜ ଧର୍ମ ଛାଡ଼େ
ଯମଦୂତ ଧରି ତାକୁ ଅସିମୁନେ ମାରେ ।
ସ୍ବବୃକ ମାଡ଼ରେ ଯିଏ ଦଉଡ଼ଇ ଝାସେ
ମୂର୍ଚ୍ଛିତ ହୁଅଇ ସେହୁ ଅଙ୍ଗଚ୍ଛେଦ ଶେଷେ ।

ଯମଦୂତ ଖଡ଼୍‌ଗର ଯେ କ୍ଷୁରତର ଧାର
ସ୍ୱଧର୍ମ-ତ୍ୟାଗୀକୁ କାଟି କରେ ଗଡ଼ଗଡ଼ ।
ସ୍ୱଧର୍ମ ତେଜିଲେ ହୁଏ ପାଷଣ୍ଡର ଗତି
ଶୁକଦେବ ଶ୍ରୀମୁଖରୁ ଶୁଣ ସାର ନୀତି । (୧୧)

ଧନପୁର ହସି ହସି କହିଲା—"ଏଇ ଯୁଦ୍ଧ ହିଁ ସ୍ୱଧର୍ମ । ଆଉ ଆମେ ହେଲେ ଯମଦୂତ; କିନ୍ତୁ ମଧୁଭାଇ, ଏଇସବୁ ଘୋଷାପଦ, ଶ୍ଳୋକ ମୁଁ ଆଦୌ ବୁଝେନା, ମାନେ ବି ନାହିଁ । ଏ ପୃଥିବୀରେ କେତେଦିନରୁ ଧର୍ମ ନ ଚାଲିଲାଣି ? ହେଲେ ହେଉଛି କଣ ? ଯଦି କିଛି ହେବାର କଥା ତେବେ ଲୋକେ ଦେହ ଲଗେଇ ଖଟିଲେ ହେବ । ନହେଲେ ନୂଆ ଘାଟରେ ନୂଆ କରି ନାଆ ମେଲିବାକୁ ପଡ଼ିବ । □□□

---

(୧୧) ବିନା ଆପଦରୁ ଯିଏ ନିଜ ଧର୍ମ ଛାଡ଼େ
ଯମଦୂତେ ଧରି ତାକୁ ଅସିପତ୍ରେ ପାରେ ।
ଛୁରୁକେ କୋବାଓ୍ୱେ ଆଉ ନାସତେ ଲଓ୍ୱରେ
ଛେଦେ ଅଙ୍ଗ ଅସିତେ ମୂର୍ଚ୍ଛା ଯୈସ୍ଥା ପରେ ।
ଘୋର ତାଲ ବନପତ୍ର ଖୁରତର ଧାର
ସ୍ୱଧର୍ମ ତ୍ୟାଗୀକ୍ କାଟି କରେ ଚୁନାମାର୍ ।
ତେଜି ନିଜ ଧର୍ମ ପାଷଣ୍ଡର୍ ପାଓ୍ୱେ ଗତି
ଶୁକର୍ ମୁଖର୍ କଥା ଶୁନଯ୍ୟୋ ସମ୍ମତି ।

ଚାରି

ଦଳର ଲୋକଙ୍କୁ ଭାଗ ଭାଗ କରିଦେଲେ । ଯା ହାକୁ ଯୋଗୁଡ଼ିକ ପଠାଇବା କଥା ପଠାଇଦେଲେ । ତା'ପରେ ବାହାରେ ବାହାରେ ପୋଖରୀରେ ବୁଡ଼ପକେଇ ସେଇ ଓଦା ଗାମୁଛାରେ ଆସି ଘରେ ଧୋତି ବଦଳାଇଲେ । ତା'ପରେ ବଡ଼କୋଠରୀକୁ ଆସି ନାର୍ଯା ଧରେଇଲେ କିଛି ଜଳଖିଆ ଖାଇ ଚାହାପାଣି ବସେଇଲାବେଳକୁ ଘରଣୀ ଆସି ଉଭାହେଲେ ସେଠି । ଗୋସେଇଁ ମୁହଁ ଉଠେଇ ଘରଣୀଙ୍କୁ ଚାହାନ୍ତେ, ଦେଖିଲେ ମୁଣ୍ଡରୁ ଓଢ଼ଣୀ ଖସିପଡ଼ୁଛି; ସୁନ୍ଦର ମୁହଁଟା ଝାଉଁଳିପଡ଼ୁଛି । ସେଇ ଝାଉଁଳା ମୁହଁ ଉପରକୁ ଝରିଆସୁଛି ଦ'ଧାର ଲୁହ । ଗୋସେଇଁ ମୁରୁକି ମୁରୁକି ହସି କହିଲେ—"ଆରେ, କାନ୍ଦୁଛ କାହିଁକି ?"

—"ଏକା ଏକା ବିଛଣାରେ ପଡ଼ିଥିଲି । ଆଖିରେ ପଲକ ପଡ଼ୁନାହିଁ । ଆପଣମାନଙ୍କର କଥାଭାଷା ଶୁଣି କଲିଜା ମୋର ଦୁହିଁ ହେଇଯାଉଛି । ତା'ପରେ··· ।" 'କହୁ କହୁ କାନ୍ଦିପକେଇଲେ ଗୋସେଇଁଆଣୀ ।"

ଗୋସେଇଁ ଉଠିଯାଇ ଝରକାଟି ଖୋଲିଦେଲେ । ପବନ ପାଇ ଦପ୍‌ଦପ୍ ହେଇ ଜଳିବାକୁ ଲାଗିଲା ନିଆଁ । ତା'ପରେ କରେଇଟା ବସେଇଦେଇ ଲୋଟାରୁ ପାଣି ଢାଳିଲେ ତହିଁରେ । ତା'ପରେ ଏକଡ଼ ସେକଡ଼କୁ ଚାହିଁ ଚାହାଡବାଟା ଓ ଗୁଡ଼ଠେକିଟାକୁ ଆଣିଲେ ହାତପାଖକୁ । ତା'ପରେ କହିଲେ—ଶୋଇବାକୁ ଯିବବୋଲି ଭାବିଥିଲି; କିନ୍ତୁ ଆଲୋଚନା ପରାମର୍ଶ କରୁ କରୁ ରାତି ପାହିଲା । ମନର ଆଶା ମନରେ ମଲା । ବର୍ତ୍ତମାନ ଯାହା ସମୟ ନା, ସେଥିରେ ଘରର ଘରଣୀ ଅପେକ୍ଷା ଯୁଦ୍ଧର ସାଥୀମାନେ ହିଁ ବେଶି ଆପଣାର ।

ଚାଦରକାନିରେ ଲୁହ ପୋଛୁ ପୋଛୁ ଗୋସେଇଁଆଣୀ କହିଲେ—ସେକଥା ବୁଝିବାକୁ ଆଉ କ'ଣ ବାକି ଅଛି ଭାବୁଚନ୍ତି ? କିନ୍ତୁ ରାତିଟା ସାରା ପଶୁଟାଏ ବଣରେ ବଣରେ କାନ୍ଦି ବୁଲୁଥିଲା । ଆପଣ ଶୁଣିନାହାନ୍ତି ନା ?"

'ଉହୁଁ' କହିଦେଇ ଚୁଲିକାଠକୁ ଟିକିଏ ଭିତରକୁ ପେଲିଦେଲେ । ଆଉ ଦ'ଖଣ୍ଡ ଶୁଖିଲାକାଠ ଚୁଲିରେ ଭରି ଦେଇ କପ୍‌ପ୍ଲେଟ ହଳେ ଧୋଇନେଲେ । ତା'ପରେ ଚୁଲି ଉପରକୁ ଝୁଲୁଥିବା ବାଉଁଶିଆରୁ ଚାହାଛଣାଟି ଆଣି ଚାହାଡବାରୁ କିଛି ଚାହାଗୁଣ୍ଡ ନଗାଡ଼ିଲେ ସେଥିରେ । ତା'ପରେ କହିଲେ—ଶମ୍ବରମାନେ ବି ମଣିଷପରି କାନ୍ଦନ୍ତି, ଶୁଣିଲେ ଖରାପ ଲାଗେ; କିନ୍ତୁ ଏଇଟା କେବଳ ମନର ଭୟ ।

"ମୋତେ କିନ୍ତୁ ଭାରି ଡରମାଡ଼ୁଛି । ଆପଣଙ୍କର କାଳେ କଣ ହେଇଯିବ ।" —କହୁ କହୁ ପୁଣି କାନ୍ଦିବା ଆରମ୍ଭ କରିଦେଲେ ଗୋସେଇଁଆଣୀ ।

କେଟଲିର ପାଣି ଗବ୍‌ଗବ୍ ହୋଇ ଫୁଟୁଥିଲା । ନିଆଁକୁ ଟିକିଏ କମେଇଦେଲେ ଗୋସେଇଁ । ତା'ପରେ ଚହା ସହିତ ଚହାଛଣାଟିକୁ ପ୍ଲେଟ ଉପରେ ଥିବା କପ୍ ମୁହଁରେ ଥୋଇ, ଅନ୍ୟ ଏକ ଗିନାରେ କେଟ୍‌ଲିରୁ ଗରମପାଣି ଆଣି ଚହାଛଣା ଉପରେ ଢାଳିଲେ । କପ୍‌ଟା ଚହାପାଣିରେ ପୂରିଯିବାରୁ ଛଣାଟି ଉଠେଇନେଲେ । କପ୍‌ରେ କଷେ ଲାଲରକ୍ତ ଭଳି ନାଲିଆ ପାଣି । ବାମ୍ଫ ଉଠୁଥାଏ । ତା'ପରେ ଗୁଡ଼ଢେଳାରୁ ମେଞ୍ଚାଏ ଗୁଡ଼ ଡାହାଣ ହାତରେ ଧରି ବାଁହାତରେ ଚହାକପ୍‌ଟି ଉଠେଇ ଓଠରେ ଲଗେଇଲେ । ସେଥିରୁ ସୁଡ଼ୁକାଏ ମାରି, ଗୁଡ଼ରୁ ଟିକିଏ ଚୁଟୁ ଚୁଟୁ କହିଲେ—ତୁମେ ଏତେ ଚିନ୍ତା କଲେ ଚଳିବନାହିଁ । ଯାହା ହବାର ଥିବ ହବ । ଶୁଣିଲ ତ, ଆମ ଆଲୋଚନା ଶେଷହେଲା । ମାଣିକ ବର୍ମା ଆଉ ଜୟରାମକୁ ଯୋଗ୍ଡ଼ କରିଦେଇଛୁ । ସେମାନେ ଯାଇ ଧିପୁଜିପାମ୍‌ରେ ରହିବେ । ସେଇ ଗାଁଟି ଜୟରାମର ହାତମୁଠାରେ । ସେଠି ସେ ନାଆ ବନ୍ଦୋବସ୍ତ କରିବ । ତା'ଛଡ଼ା ସେଠି ଚାଉଳ, ଡାଲି, କାଠ ଇତ୍ୟାଦି ଯାହା ଦରକାର ଯୋଗାଡ଼ କରିନେଇ ସେମାନେ ଗାଁରୁ ଗାଁ ଆଡ଼କୁ ଆଗେଇବେ । ଏପାଖରେ ମାଣିକ ବର୍ମା ନେପାଳୀ ଗାଁମାନଙ୍କରୁ କ୍ଷୀର କିଣିବା ବାହାନାରେ ନେପାଳୀମାନଙ୍କର ହାବଭାବ ଠଉରେଇବ । ନେପାଳୀମାନଙ୍କୁ ଏକାଠି କରିପାରିଲେ ସବୁ ଠିକ୍ ହୋଇଯିବ । ସେ ତାହା ପାରିବ ପରି ଲାଗୁଛି । ମାଣିକ ବର୍ମାକୁ ନେପାଳୀଭାଷା ମାଲୁମ୍ । ନେପାଳୀମାନେ ସହାୟ ହେଲେ ଆମକୁ ଆଉ ଚିନ୍ତା କରିବାକୁ ପଡ଼ିବନାହିଁ । ତା'ପରେ ଧନପୁର । ସେ ତ ବାଘ ଆଗରେ ନାଟ କରିବା ପିଲା । ସେ ରହିବ ଗାଁରୁ ଗାଁରେ । ସେଠି ଡିମି ବୋଲି ସ୍ତ୍ରୀଲୋକ ଜଣେ ସହିତ ତା'ର ଚିହ୍ନା-ପରିଚୟ ଅଛି । ଧନପୁର ସେଠି ବିଶ୍ରାମ ନେଇ ଆମ ବାଟକୁ ଅନେଇଥିବ । ମଧୁ ବନ୍ଧୁକ ଧରି ଲକ୍ଷ୍ୟସ୍ଥଳୀର ଉପର ପାହାଡ଼ରେ ସୁବିଧା ଜାଗାଖଣ୍ଡେ ବାଛିନେଇ ବସି ବସି ରେଳରାସ୍ତାର ପହରାଦାରଙ୍କର ଗତିବିଧି ଲକ୍ଷ୍ୟ କରିବ । ସେ ପାହାଡ଼ଟା ଏକ ଦୁର୍ଗଭଳି । ଘଞ୍ଚ ଜଙ୍ଗଲ ଭିତରେ ସୂର୍ଯ୍ୟକିରଣ ବି ପଡ଼ିପାରେନି । ଖାଲି ବେତ ବଣ । ପରେ, ପିଆଶାଳ, ଶିମିଳି, ମନ୍ଦାର ଗଛରେ ପାହାଡ଼ଟା ଢାଙ୍କି ହୋଇଛି । ମଧୁ ତା'ରି ଭିତରେ ବାଟ ଫିଟେଇ ସେପାଖରୁ ରେଳଲାଇନକୁ ଓହ୍ଲେଇବାକୁ ରାସ୍ତା ବାହାର କରିବ । ଅବଶ୍ୟ କାମଟା ଖୁବ୍ ସାବଧାନରେ କରିବାକୁ ହେବ । ପହରାଦାର ସଦାସର୍ବଦା ରେଳଲାଇନ୍ ଉପରେ ପାଇଚାରି କରୁଥାଆନ୍ତି । ଗୋଟିଏ ଯୋଡ଼େଇ ଜାଗାରୁ ଆଉ ଗୋଟିଏ ଯୋଡ଼େଇ ଜାଗାଯାଏଁ ଯିବାକୁ ସେମାନେ କେତେ ସମୟ ନିଅନ୍ତି, ଗୋଟିଏ ଯୋଡ଼େଇ ଜାଗା କେତେ ସମୟ ଧରି ପହରାଦାରଙ୍କ ନଜର ବାହାରେ ରହେ, ଫିସ୍‌ପ୍ଲେଟ୍ ଖୋଲିବାକୁ କେତେ ସମୟ ଦରକାର ହେବ, କାମ ଶେଷକରି ପାହାଡ଼ ଉପରକୁ ଉଠିବାକୁ କେତେ ସମୟ ଲାଗିବ, ଏସବୁର ହିସାବ ମଧୁ କରିବ ବୋଲି ତାକୁ ଦାୟିତ୍ୱ ଦିଆଯାଇଛି ।"···କଥା ବନ୍ଦକରି ଗୋସେଇଁ ଗୁଡ଼ରୁ ଟିକିଏ ଚିଟିନେଇ ପୁଣି ଚହାକପ୍‌ରୁ ସୁଡ଼ୁକାଏ ଚୁମୁକିଲେ ।

ଏଇ ଅବସରରେ ଗୋସେଇଁଆଣୀ ପଚାରିଲେ—"ତା ଦେହରେ ଏତେ ଜର୍···ସେ ପାରିବ ନା ?"

—"ପାରିବା ନ'ପାରିବା ପ୍ରଶ୍ନ ଉଠୁଚ କାହିଁକି ? ପାରିବାକୁ ହିଁ ପଡ଼ିବ । ତା'ଛଡ଼ା ସେ ନ ପାରିଲେ, ପାରିବ ଆଉ କିଏ ?"

ଆଉ ସୁଡ଼ୁକାଏ ଗୁଡ଼ୁଖା ଖାଇଲେ ଗୋସେଇଁ । କିନ୍ତୁ ହଠାତ୍ କାଶ ଉଠେଇଲା । କାଶର ପ୍ରକୋପକୁ ସମ୍ଭାଳି ନପାରି ଗୁଡ଼ୁଖାକପଟାକୁ ତଳେ ଥୋଇଦେଲେ । ତା'ପରେ ଗ୍ରୀବାରେ ହାତଟା ଦେଇ ନଆଁ ଆଡ଼କୁ ମୁହଁକରି ବସିଲେ । ବଡ଼ କଷ୍ଟରେ କହିଲେ—"ମଧୁକୁଆ କହୁ କହୁ ମୋର ଶ୍ୱାସରୋଗଟା ବାହାରିପଡ଼ିଲା ଦେଖୁଛୁ ।"

ତା'ପରେ କିଛି ସମୟ ପର୍ଯ୍ୟନ୍ତ ଆଉ କଥା କହିପାରିଲେ ନାହିଁ ଗୋସେଇଁ । ସେଇଠୁ ଗୋସେଇଁଆଣୀ କହିଲେ—"ଏସବୁ କଥା ମୋତେ ନକହିଲେ ଚଳିବ । ରାତିସାରା ତ ସେଇକଥା ସେଇକଥା ଶୁଣିଲି । ଜୟରାମ ଓ ଭୃଗୁରାମକୁ କମାରକୁଦିକୁ ପଠେଇବା କଥା, ଦଧିକୁ ଦେଉଳଦ୍ୱାରରେ ରଖିବା କଥା, ସେଇ ଚକ୍ଷିତା-ସ୍ତ୍ରୀଲୋକ ଜଣକ ଏଠି ଆସି ପଡ଼ିରହିବା କଥା, ଲକ୍ଷ୍ମୀରାମ ଓ ନାହରଆଡ଼ାକୁ ଶାନ୍ତସେନାଏ ନେଇ ସେମାନଙ୍କ ଶିବିରରେ ରଖିବା କଥା—କଣ ଆଉ ମୁଁ ନଜାଣି ରହିଛି ବୋଲି ଭାବୁଚ କି ? କିନ୍ତୁ ଯେତେ ଯାହା ହେଲେ ବି ନିଜ ଦେହଟାକୁ ନ ଚାହିଁଲେ ହବ କଣ ? ଦେହଟା ଯଦି ଅଚଳ ହେବ, କେତେ କଣ କରି ପାରିବେ ଯେ ? ତା'ଛଡ଼ା ଏତେଗୁଡ଼ାଏ ଅସ୍ତ୍ରଶସ୍ତ୍ର, ମିଲିଟାରୀ ଲୋକ । ସେମାନଙ୍କ ଆଗରେ ଆପଣମାନେ ଏଇ କେଇଜଣ ମଣିଷ କରିବେ କଣ ? ମୋତେ ଯାହା ଲାଗୁଛି, ଦଳକୁଦଳ ଯେମିତି ମାରିଲେ, ସେମିତି ମାରି ଗଡ଼େଇଦେବେ ସେମାନେ । ଚେଙ୍ଗଆଳୁଅର ଦଲେଶ୍ୱରୀକ ଯେମିତି ମାରିଲେ, ଯେମିତି ମାରିପକେଇବେ—ଗହ୍ୱପୁରର କନକଲତାକୁ ମାରିଲା ଭଳିଆ ମାରିବେ ।" ···ଗୋସେଇଁଙ୍କର ଡ଼ିମା ଡ଼ିମା ଆଖି ଦେଖି ହଠାତ୍ କଥା ବନ୍ଦକଲେ ଗୋସେଇଁଆଣୀ ।

"ଏସବୁ ଖବର ତମକୁ ଦେଲା କିଏ ?'—ବଡ଼ କଷ୍ଟରେ ପଚାରିଲେ ଗୋସେଇଁ ।

—"କାଲି ଅପା ପରି କାଲିଠୁ ଆସିଲେଣି, ଜାଣିନାହାଁନ୍ତି ନା ? କଣ ସେତିକି କି ? ଆହୁରି ଦେହଥରା ଖବର ସେ ଆଣିଛନ୍ତି । ସେଇ ଖବରଟା ଦେବେ ବୋଲି ସେ ଆମ ଘରକୁ ନଆସି ବାହାରେ ବାହାରେ ଦଧି ଘରକୁ ଗଲେ । କଥାଟା କହିବାକୁ ଝରାପ ଲାଗୁଛି ।"

—"କି କଥା କି ? କୁହ କୁହ, ଶୁଣିଯାଏଁ ।" ଗୋସେଇଁଙ୍କ କଣ୍ଠସ୍ୱର ସେଯାଏଁ ବି ସ୍ୱାଭାବିକ ହୋଇ ନଥିଲା । ମଝିରେ ମଝିରେ କାଶୁଥିଲେ ସେ । ପୁଣି ପଚାରିଲେ—"ମକରଧ୍ୱଜ ଟିକିକ କୋଉଠି ଥିଲା ଦେଖିବଟି ।"

—"କବିରାଜଙ୍କଠୁ ଯେତକ ଅଣାହୋଇଥିଲା ସବୁତକ ସେଇମିତି ଥୁଆହୋଇଛି । ଖଟ ଉପରେ ଖଲ ଅଛି, କଳସରେ ମକରଧ୍ୱଜ ଅଛି, ଆଉ ଶୁଣ୍ଠି ବି ଅଛି, ପାନେ ଏବେ ଖାଇ ନଅନ୍ତୁ, ଆଉ ପାନେ ସାଙ୍ଗରେ ଧରିଥାଆନ୍ତୁ । ନହେଲେ ଦେହଟାକୁ ଟାଣିବା କଷ୍ଟହେବ । ମୁଁ ଭାଅନ୍ତି ଯେ···ହେଲେ ଅଗାଧୁଆ ଦେବ କେମିତି !"

ଘରଣୀଙ୍କ ଉପଦେଶ ଅନୁସାରେ ଗୋସେଇଁ କିଛି ମକରଧ୍ୱଜ ଓ ଶୁଣ୍ଠି ନେଇ ଝୋଲରେ ବାନ୍ଧି ପାନେ ଖାଇନେଲେ । ସେଇ ଅବସରରେ ଗୋସେଇଁଆଣୀ ଆଉ ପାନେ ମକରଧ୍ୱଜ ଓ ଶୁଣ୍ଠି ନେଇ ଗୋସେଇଁଙ୍କ ଝୁଲୁଳାରେ ଭରିଦେଲେ । ତା'ପରେ ପାଖକୁ ଆସି କହିଲେ—
''ଜିନିଷପତ୍ର ସବୁ ଠିକ୍ ଅଛି । କିନ୍ତୁ ଖଲିଟାକୁ ଯେମିତି ଛାଡ଼ି ନଯାଆନ୍ତୁ । ଗୁହାପତ୍ର, ଗୁଡ଼, କପ୍ ସବୁ ଅଛି ଝୁଲୁଳାରେ । ଏବେ ଟିକିଏ ବିଶ୍ରାମ କରନ୍ତୁ । ରାତି ପାହିନାହିଁ । କଥାଟା ଶୁଣିନିଅନ୍ତୁ ।''

କଷ୍ଟେମଷ୍ଟେ ଗୋସେଇଁ କହିଲେ—''ହଉ, ଚଞ୍ଚଳ ତେବେ କୁହ ।''

—''ସୁଭଦ୍ରା ଆତ୍ମହତ୍ୟା କଲା ।'' କଥାପଦକ ଖୁବ୍ ଧୀରେ ଏବଂ ଫୁସ୍‌ଫୁସ୍ କରି କହିଲେ ଗୋସେଇଁଆଣୀ ।

ଚମକିପଡ଼ିଲେ ଗୋସେଇଁ—''ଏଁ...ଏଁ...କଣ କହିଲ ? ପୁଣି କଣ ସେ ମିଲିଟାରୀଙ୍କ ହାତୁଡ଼ରେ ପଡ଼ିଲା କି ?''

—''ନାଁ ମ, ମିଲିଟାରୀ ହାତୁଡ଼ରେ କାହିଁକି ପଡ଼ନ୍ତା ! ତାର ମତିଭ୍ରମ ହେଲା । ଧନପୁର ଏଠିକି ଆସିବା ଦିନ ସୁଭଦ୍ରାଠୁ ବିଦାୟ ନେଇ ଆସିଲାବେଳେ ସେ ବେଶ୍ ଭଲ କଥାବାର୍ତ୍ତା କରୁଥିଲା । କିନ୍ତୁ ଧନପୁର ଆସିଲାପରେ ତାକୁ ଆଉ ନଦେଖି ପାଗଳୀ ପରି ହେଲା । କେତେବେଳେ ତାର ମନହେଲା ଯେ ମିଲିଟାରୀ ଲୋକେ ତାକୁ ଘେରରେ ପକେଇଦେଇଛନ୍ତି । କେତେବେଳେ ତାର ମନେହେଲା ଯେ ମିଲିଟାରୀ ଲୋକଙ୍କ ଗୁଳିରେ ଧନପୁର ମରିଯାଇଛି । କେତେବେଳେ ଭୂତ ଲାଗିଲାପରି ହୁଏ । ଡାକ୍ତର ଡକେଇଲେ କାଳୀ ଅପା । ଡାକ୍ତର ବି ରୋଗ ଚିହ୍ନି ପାରିଲେ ନାହିଁ; କହିଲେ କିଛି ହେଇନାହିଁ । ଅନ୍ୟ ଉପାୟ ନପାଇ କାଳୀଅପା ଗୁଣିଆ ଡକେଇ ଝଡ଼ାଫୁଙ୍କା ବି କରାଇଲେ । କିନ୍ତୁ ସେଥିରେ ବି ଫଳ କିଛି ହେଲାନାହିଁ; ବରଂ ତାର ଚିତ୍କାର ବଢ଼ିବାକୁ ଲାଗିଲା । ଖାଲି କହୁଥିଲା—'ମୁଁ ବଞ୍ଚିରହିବି କାହିଁକି ? ହତଗିରି ଗୁଡ଼ାକ ଦେହଟାକୁ ଅପବିତ୍ର କଲେ...' ଏମିତି କହୁଥାଏ ଆଉ କାନ୍ଦୁଥାଏ ।...ତାପରେ ରାତିରେ କାଳୀ ଅପା ଶୋଇଥାନ୍ତି ଶେଷ କୋଠରିରେ । କେତେବେଳେ କେଜାଣି ସୁଭଦ୍ରା ରୋଷେଇଘରେ ପଶି ନିଜ ଦେହସାରା କିରାସିନି ଢାଳି ନିଆଁ ଲଗେଇଦେଲା । ନିଆଁ ଯେମିତି ହୁ-କରି ଜଳିଉଠିଲା ଖୁବ୍ ଜୋର୍‌ରେ ଚିତ୍କାରକଲା । କିନ୍ତୁ ସେତେବେଳକୁ ଆଉ ଥାଏ କଣ ? ସବୁ ଶେଷ । ଘରଟାରେ ନିଆଁ ଲାଗି ଆଶ୍ରମର ଅନେକ ଭଲ ଭଲ ଜିନିଷ ପୋଡ଼ିଗଲା । କାଳୀ ଅପା ସେଠି ଆଉ ରହିପାରିଲେ ନାହିଁ । ଏଠିକି ଚାଲିଆସିଲେ । କଥାଟା ମୋ ଆଗରେ ବର୍ଣ୍ଣନା କରୁ କରୁ କାନ୍ଦୁଥିଲେ । ଭାରି ଦୁଃଖଲାଗିଲା—ମୁଁ ବି ବହୁତ କାନ୍ଦିଲି ।...'' ବିନା ପୂର୍ଣ୍ଣଚ୍ଛେଦରେ କହିଗଲେ କଥାତକ ଗୋସେଇଁଆଣୀ ।

ଗୋସେଇଁ ପଚାରିଲେ—''ତୁମେମାନେ କାନ୍ଦୁଥିଲ କେତେବେଳେ ? ମୁଁ ତ କାହିଁ ଶୁଣିପାରିଲି ନାହିଁ ।''

—''ଶୁଣନ୍ତେ କେମିତି ? ଆମେ ତ ସେପାଖ ଭଣ୍ଡାରଘରେ କଥାବାର୍ତ୍ତା ହେଉଥିଲୁଁ । କାଳୀଅପା ଆପଣଙ୍କ ପାଖକୁ ଆସିବାକୁ ନାହିଁ କଲେ । କହିଲେ, 'କାର୍ଯ୍ୟରେ ବାଧା

ଆସିପାରେ । ମୁଁ ସେଠିକି ଯିବିନାହିଁ । ଧନପୁରର ମନଟା ମରିଗଲେ କାମଟା ଫସର ଫାଟିଯିବ ।'…ଏମିତି କହି କାଲୀଅପା ଗଲେ ଦାଣ୍ଡଘରକୁ । ମୁଁ ଆପଣଙ୍କୁ ଅପେକ୍ଷା କରି ରହିଲି । ଛାତିଟା ମୋର ଧଡ଼ପଡ଼ ହେଉଥିଲା । ସେତିକିବେଳକୁ ଭେରେଣ୍ଡା ରଡ଼ି…ମା… ଲୋ…କିଏ ସତେ ସାହସ ଧରିବ ।"

ନିଆଁକୁ ଟିକିଏ ଜୋର୍‌ରେ ଜଳେଇଦେଲେ ଗୋସେଇଁ । ସେଇ ଆଲୁଅରେ ଦେଖିବାକୁ ଲାଗିଲେ ଗୋସେଇଁଆଣୀଙ୍କ ମୁହଁକୁ । …ସତେକି ସୁଭଦ୍ରାର ଯନ୍ତ୍ରଣା ସ୍ତ୍ରୀଙ୍କ ଆଖିରେ ମୁହଁରେ ରୂପ ନେଇଛି । ପାଚିଲା ତାଳମୁଞ୍ଜିପରି ମୁହଁଟା ମଉଳି କଳା ପଡ଼ିଯାଇଛି । ଭାରି ଖରାପ ଲାଗିଲା ଗୋସେଇଁଙ୍କୁ । ସେ ପୁଣି କଷ୍ଟେମଷ୍ଟେ କହିଲେ, "ଆତ୍ମହତ୍ୟା କରି ସୁଭଦ୍ରା କିଛି ଭଲକାମ କଲାନାହିଁ । ଆଗକୁ ପଛକୁ ତ ତାର କେହି ନାହିଁ । ଏଭଳି କାମ ସେ କଲା କାହିଁକି ?"

—"ମୁଁ ବି ହୋଇଥିଲେ ସେଯା କରିଥାନ୍ତି । ଏକେ ତ ଦେହଟା ନଷ୍ଟହେଲା । ତା ସାଙ୍ଗକୁ କଟାଘା'ରେ ଚୂନପରି ଯାଉଣି ଆସୁଣି ଲୋକଙ୍କର ଥଟ୍ଟା ପରିହାସ । ଏପରିକି ଘରକୁ ଫେରିବାର ଉପାୟ ନଥିଲା ତା'ର । ଧନପୁରଠାରୁ ଆଶ୍ୱାସନା ପାଇ ଟିକିଏ ଆଶ୍ୱସ୍ତ ବୋଧ କରୁଥିଲା ଯେ, ସେ ଦୈପଡ଼ା ଆସିବା କଥା ଜାଣି ଏକରକମ ପାଗଳୀ ହୋଇଗଲା । ଗୁଣିଆ କହିଲା ଏସବୁ ଅପଦେବତାଙ୍କ କୋପ । ଆଶ୍ରମକଡ଼କୁ ଯୋଉ ଅଶ୍ୱତ୍ଥ ଗଛଟା ଅଛି, ସେଠି ଭୂତପ୍ରେତ, ଡାହାଣୀ ଚିରିଗୁଣୀ କେତେ କେତେ ଅପଦେବତା ଅଛନ୍ତି । ସେଇଥିରୁ ଗୋଟେ କିଏ ଲାଗିଗଲା ପରା । କେତେ ଝଡ଼ାଫୁଙ୍କା ହେଲା । ଯୋଉଷଧରେ ବି ଝାଡ଼ିଲେ; କିନ୍ତୁ କିଛି ଲାଭହେଲାନି । ଶେଷକୁ ଗୁଣିଆ ଫେରିଗଲା । ତାପରେ ତାକୁ ମାଯ୍ଟ୍ରଂକୁ ଆଣିବା କଥା ଥିଲା—ଜୟଗ୍ରାମର ଘରକୁ । କିନ୍ତୁ କାଲି ତାକୁ ନେଇ ଚମ୍ପଟ୍ । ଏବେ ସେ ବଣରେ…ଚିରିଗୁଣୀ । ଆତ୍ମାଟା ଆଉ ଯାଆନ୍ତା କୋଉଠିକି ? ଭୋଗର ଦିନତକ ସଂସାର୍‌ରେ ରହିଗଲା । ତେଣୁ ସେ ନିଶ୍ଚୟ ଡରେଇବ ।"…କଥା କହୁଥିଲେ ଅଉ କମ୍ପୁଥିଲେ ଗୋସେଇଁଆଣୀ ।

ଗୋସେଇଁଙ୍କୁ ବି ବଡ଼ ଖରାପ ଲାଗୁଥିଲା; କିନ୍ତୁ ଘରଣୀଙ୍କ ଆଗରେ ସେପରି ଭାବକୁ ପ୍ରକାଶ କରିବାକୁ ଦେଲେନାହିଁ ସେ । ଭୂତପ୍ରେତ, ତନ୍ତ୍ରମନ୍ତ୍ର, ଅପଦେବତା—ଏସବୁ କେବଳ ମନର ଭ୍ରମ ମାତ୍ର । ମାଯ୍ଟ୍ରଂରେ ଥାଇ ବି ଏସବୁରେ ତାଙ୍କର ବିଶ୍ୱାସନାହିଁ । ବିଶ୍ୱାସ କରିବେ ବା କିପରି ? ମନ୍ତ୍ର ମାନେ ଯାଦୁ । ଅଧିକାଂଶ ମନ୍ତ୍ର କୁମନ୍ତ୍ର । କାହାକୁ ପାଗଳ କରିବ, କାହାକୁ ମୂର୍ଚ୍ଛା କରେଇବ, କାହାର ଆୟୁ କମେଇବ—ଏସବୁ ହେଲା ମନ୍ତ୍ରକାରଙ୍କ ଚିନ୍ତା । କେବେ କୋଉଠି ମଣିଷର କିଛି ଭଲ କରିଛି ଏ ମନ୍ତ୍ର ? ନୁହେଁ…ହାଟରେ ନୁହେଁ କି ବାଟରେ ନୁହେଁ କି ଘାଟରେ ନୁହେଁ । କୋଉଠି କେବେ କ୍ଷେତକୁ ଆମଦାନୀ ବଢ଼େଇ ଦେଇଛି ବା ବିଦେଶୀ ଶାସନକୁ ଛଡ଼େଇପାରିଛି, ଏମିତି ତ ଶୁଣାନାହିଁ କେବେ । ପାଠପଢ଼ୁଆ ପୁଏ ଝିଏ ଏଇ ମନ୍ତ୍ରଉପରୁ ଆସ୍ଥା ତୁଟେଇଲେଣି । ଯତ କହିବାକୁ ଗଲେ ସୁଭଦ୍ରାକୁ ଭୂତଫୁତ କିଛିହେଲେ ଲାଗିନଥିଲା । ଅପମାନ ଆଉ ଲାଞ୍ଛନାରେ ସତୀ ସୀତା ଯେମିତି ପାତାଳପୁରରେ ପ୍ରବେଶକରି ଲୁଚିଯାଇଥିଲେ, ସୁଭଦ୍ରା ସେପରି ଲାଞ୍ଛନାରେ ଜର୍ଜରିତ ହୋଇ ଅନ୍ୟ ଉପାୟ ଦେଖି ନପାରି

ଆତ୍ମହତ୍ୟା କରିଛି ।"···କିଛି ସମୟ ଅଟକିଯାଇ ପୁଣି ସେହିପରି କହିଚାଲିଲେ—"ଏ ସବୁରେ ମୋର ତିଳେହେଲେ ବିଶ୍ୱାସ ନାହିଁ । ସୁଭଦ୍ରା ଯଦି ଆତ୍ମହତ୍ୟା କରିନଥାନ୍ତା, ତେବେ ଭଲ କରିଥାନ୍ତା । ଏବେ ଦେଖିବାକୁଗଲେ କନକଲତା ଅବା ତିଳେଶ୍ୱରୀଙ୍କ ମରଣ ସୁଭଦ୍ରାର ମରଣଠୁ ଶହେଗୁଣ ଭଲ । କିଛିନାକିଛି କରି ସେମାନେ ମରିଛନ୍ତି । କାଳୀ ଅପା କଣ ତୁମକୁ ସେ ଦି'ଟା ଝିଅଙ୍କ କଥା କହିନାହାନ୍ତି । ···ନଟେଇରେ ସୂତା ଥିବାଯାଏଁ ନଟେଇ ଘୂରେ; କିନ୍ତୁ ସୁଭଦ୍ରାର ଜୀବନ-ନଟେଇରେ ସୂତା ଥାଉ ଥାଉ ଘୂରିବା ବନ୍ଦ ହୋଇଗଲା । ଏସବୁ ଭାବିବସିଲେ ହୃଦୟ କମ୍ପି ଉଠେ ।

ମକରଧ୍ୱଜ ପାନକ ବେଶ୍ କାମ ଦେଲା । ତେବେ ଅଳ୍ପ କାଶ ତଥାପି ବି ଥିଲା । କଡ଼େଇରୁ ଆଉ କିଛି ଗରମପାଣି ଆଣି ପୁଣି ଟିକିଏ ଗରମ ଚାହା ଖାଇଲେ । ଗୋହେଇଁଆଣୀ ଖିଲିକାଠ ଆଣି ଗୁଆ କିଛି କାଟିବସିଲେ । ଗୁଆ କାଟୁ କାଟୁ କହିଲେ—"ସେ ଦୁଇଜଣଙ୍କ କଥା କହିଛନ୍ତି ମୋତେ କାଳୀ ଅପା ! କନକଲତା, ଭୂଆସୁଣୀ ବୋହୂଟା । କପାଳରେ ସିନ୍ଦୂରଟୋପା ଚକଚକ କରୁଥିଲା । ଗହପୁର ଥାନାର ଚାରିପଟୁ ମାଡ଼ିଆସୁଥିଲା ଶୋଭାଯାତ୍ରା । ଧାଡ଼ି ଲମ୍ବି ଯାଏ ଯେ ଲମ୍ବି ଯାଏ— ଧାଡ଼ି ଧାଡ଼ି ପାଞ୍ଚପରି ମଣିଷଙ୍କ ଧାଡ଼ି । କାଳୀଅପା କହୁଥିଲେ ଯେ ସେକାଳରେ ମଙ୍ଗଳଦୈର ଲୋକେ ଏମିତି ଜାଗିଉଠିଥିଲେ । ···ସଭିଙ୍କ ଆଗରେ ଥିଲା ଆମର ଏଇ କନକଲତା । କନକଲତା ସତରେ ଏକ କନକଲତା —ନାମରେ, ଗୁଣରେ ଆଉ ସାହସରେ । ହାତରେ ଜାତୀୟପତାକା, ପାଟିରେ 'ଭାରତଛାଡ଼' । ଚାରିଦିଗରୁ ଜନତାର ହାଇଚଇ । ଅବିରାମ ଧ୍ୱନି । ପୋଲିସ ଦାରୋଗାମାନେ ଭୟରେ ମଲାଭଳିଆ ହେଉଥାନ୍ତି । ତଥାପି ତ ଗୋରାଙ୍କର ଗୋଲାମ ସେମାନେ—ଶାନ୍ତିରକ୍ଷା ପାଇଁ ସଜ ହେଲେ ସେମାନେ । ବନ୍ଧୁକରେ ଗୁଳି ଭରିନେଲେ । ଯେତେବେଳେ କନକଲତା ହେଉକାଙ୍କ ଶୋଭାଯାତ୍ରା ଥାନାର ସାମନାସାମନି ହେଲା ସେତେବେଳେ ସେମାନଙ୍କୁ ଡକାହେଲା । କିନ୍ତୁ ଜବାବ୍ ଦେଲା କନକଲତା—ଜନତାର ଏତେବଡ଼ ପରିଶ୍ରମ ପଣ୍ଡ ହେଉଥିବନା କଣ ? ମାଛ ମାରିବାକୁ ନଈକୁ ଆସି ମାଛଟିଏ ନନେଇ ଫେରିଯିବୁଁ ବୋଲି କହୁଛନ୍ତି ? ସାହେବଙ୍କ ପତାକାକୁ ଫୋପାଡ଼ି ଏ ଜାତୀୟପତାକାକୁ ଥାନାରେ ନ ଉଡ଼େଇବା ଯାଏଁ ଆମେ କିନ୍ତୁ ଫେରୁନୁ । କଥା ଯେମିତି, କାମ ବି ସେମିତି କନକଲତାର । କେହି ଜଣେ ତାକୁ ଟେକି ଟେକି ଥାନାର ଛାତଉପରକୁ ଉଠେଇଦେଲା । ସେ ସାହାବଙ୍କ ପତାକାକୁ ଫୋପାଡ଼ିଦେଇ ଆମ ଜାତୀୟପତାକାକୁ ହାତରେ ଧରି ଠିଆକରିଦେଲା । ସଙ୍ଗେ ସଙ୍ଗେ ଗୁଳି ଯାଇ ଲାଗିଗଲା ତା ଛାତିରେ । "ମୁଁ ଚାଲିଲି—ଏହାକୁ ତଳେ ପଡ଼ିବାକୁ ଦେବନି ଭାଇମାନେ···ଆସ, ଆସ ଧରିନିଅ !" ବୋଲି କହୁ କହୁ ଟଳିପଡ଼ିଲା ବିଚାରୀ । ପରେ ପରେ କୁଆଡ଼େ ଜଣ ଜଣ କରି ଯେତେଜଣ ଯାଇ ପତାକାକୁ ଠିଆକରେଇ ରଖିଲେ ସେତେଜଣଯାକ ଗୁଳିକରି ମାରିଦିଆଗଲା । ଘନ ଘନ ଗୁଳି ଚାଲୁଥାଏ, ଅଥଚ ଆମ ଲୋକ ନିରସ୍ତ୍ର । ସତେକି ସେମାନେ ଶବ-ଯାତ୍ରାରେ ବାହାରିଥିଲେ । ଏଣୁ ଶବ କେଇଟାକୁ ନେଇ

ଫେରିଲେ ଜନତା··· କନକଲତାର ବୁକୁରେ ଆଉ ଏକ ସିନ୍ଦୂରଟୋପା ଚକ୍‌ଚକ୍ ମାରୁ-ଥାଏ। କଇଁଫୁଲର ପାଖୁଡ଼ା ମଉଳିଗଲେ ଯେମିତି ପଡ଼ିଯାଏ, ଆଖିର ପତା ଦି'ଟା ତାର ପଡ଼ିଯାଇଥିଲା।'

ଗୋସେଇଁ ଚା ଖାଇସାରି ନିଆଁ କମେଇଦେଲେ। କହିଲେ—"ପାଣି ଗରମ ଅଛି। ଗାଧୋଇ ଚା ଖାଇବାକୁ ଚାହିଁଲେ ଖାଇପାରିବ। ମୁଁ ବାହାରେ ଏଥର। ସିନ୍ଦୂରି ଫାଟିବା ପୂର୍ବରୁ ମୋତେ ମାର୍ଚ୍ଚରେ ପହଞ୍ଚିବାକୁ ହେବ।"

—"ତିଲେଶ୍ୱରୀଙ୍କ କଥାଟା କହୁନାହିଁ ଯେ···"

—"ଶୀଘ୍ର କୁହ ତେବେ, ଚମ୍ପୁକରେ···"

ଗୋସେଇଁଆଣୀ କଟାଗୁଆ କେଇଟା ବଟାରେ ଥୋଇ ବଢ଼େଇଦେଲେ ଗୋସେଇଁଙ୍କ ଆଡ଼କୁ। ବାଟ ପାଇଁ ଆଉ କିଛି କଟା ଗୁଆ ଡବାଟାରେ ଭରି ଗୋସେଇଁଙ୍କ ବୁଜୁଳାରେ ଭରୁ ଭରୁ କହିଲେ—"ଅବଶ୍ୟ ସେଇ ଏକା ଘଟଣା। ଢେକିଆଜୁଲିର ଘଟଣା। କାଛାରୀ. କୋଁଚ, ସମସ୍ତେ ମିଳି ଥାନାରେ ପତାକା ଉଡ଼େଇବାକୁ ଆସିଥିଲେ; ସଭାଟାଏ ମଧ୍ୟ କରିଥିଲେ,··· ଘଟଣାଟି ଭଲଭାବେ କହିବାକୁ ସମୟ ପାଇଲେ ନାହିଁ କାଲିଅପା।···ତିଲେଶ୍ୱରୀ ଥିଲେ ରଜା-ଗୋଲାପ-ଚୂଡ଼ି ପରି ଏକ ନିର୍ଦ୍ଦୋଷ ଜୀବ। କଅଁଳ ବୟସର ଝିଅଟା—ମୋଟେ ବାର-ବର୍ଷ। ପୋଲିସ ଗୁଳିରେ ସେ ବି ଟଳିଲା···।"

କଥା କହୁ କହୁ ଥଙ୍ଗଉଥିଲେ ଗୋସେଇଁଆଣୀ। ଟିକିଏ ରହିଯାଇ ପୁଣି ଆରମ୍ଭ କଲେ "ପୁଣି କାହା ଭାଗ୍ୟରେ କଣ ଅଛି କେଜାଣି। କେତେ ପୁଅ କଟା ହେବ, କେତେ ସ୍ତ୍ରୀଙ୍କ କପାଳରୁ ସିନ୍ଦୂର ଲିଭିବ। କେତେ ଦେହ ଖଣ୍ଡିଆଖାବରା ହେବ···"

ଗୋସେଇଁ କହିଲେ—"ବିପଦକୁ ଏତେ ଡରୁଛ କାହିଁକି ? ଲୋକ ବିଲକୁ ମାଛ ମାରିବାକୁ ଯାଇ ମରୁଛି । ଯୁଦ୍ଧଟାଏ ଯେତେବେଳେ ଲାଗିଛି, ହାନି ଅନିଷ୍ଟ ହୁଅନ୍ତା ନାହିଁ କି ? ଯାହା ହଉଚି ସହିନିଅ । ନମରିବାଯାଏ କର୍ମ କରିଯିବା ମଣିଷର ଧର୍ମ ।···ମୁଁ ଆଉ ରହିପାରୁନାହିଁ । ମୋର ସମୟ ହୋଇଗଲା ।" କହି ବଟାରୁ ଖଣ୍ଡେ ଗୁଆ ଓ କିଛି ଧୂଆଁପତ୍ର ନେଇ ମକଚି ମକଚି ପାଟିରେ ଭରିନେଲେ । ଘରଣୀଙ୍କ ମୁହଁକୁ ଆଉ ନ ଅନେଇଁ ଧୋତି କାମିଜ ପିନ୍ଧିବାକୁ ଭିତର ଘରକୁ ଚାଲିଗଲେ । ଗୋସେଇଁଆଣୀ ସେଇଠି ଲେଟିପଡ଼ିଲେ ।

ପିନ୍ଧାପିନ୍ଧି ସାରି ଆସି, ଗଣ୍ଠୁଳିଟି ଉଠେଇ ଗୋସେଇଁଆଣୀଙ୍କୁ ଡାକିଲେ ବିଦାୟ ନେବେ ବୋଲି । କିନ୍ତୁ ଗୋସେଇଁଆଣୀ ସେମିତି ସେଠି ପଡ଼ିରହିଥାଆନ୍ତି—କିଛି ଉତ୍ତର ଦେଲେ ନାହିଁ । ବଡ଼ ଖରାପ ଲାଗିଲା ଗୋସେଇଁଙ୍କୁ ।···ଅଗଣାକୁ ଓହ୍ଲେଇଲେ । ଜାଙ୍ଗୁଳୁ ଜାଙ୍ଗୁଳୁ ଅନ୍ଧାର । ଗୁହାଳଟା ଖାଲି ପଡ଼ିଛି । ମଧୁ ନଥିବାରୁ ଗୋରୁଗାଈଙ୍କୁ ସମ୍ଭାଳିବାକୁ କେହି ନାହିଁ । କାଲିଠୁ ଘରେ ଖିରଟୋପେ ନାହିଁ । ଦାଣ୍ଡଟା ଖାଁ ଖାଁ କରୁଛି ।···ଏବର୍ଷ ଚାଷ ବି ହୋଇପାରିଲା ନାହିଁ ।···କୋଉଠୁ କୁକୁରଟେ ଦଉଡ଼ି ଆସି ଗୋସେଇଁଙ୍କ ଗୋଡ଼ପାଖରେ

ପଣି କୁଁ କୁଁ ହେଲା । କୁକୁରଟା ବାଣେଶ୍ୱର ରଜାଙ୍କର । ଗୋସେଇଁ ଅର୍ଗଳ ଆଡ଼କୁ ଆଗେଇଲେ । ଦେଖିଲେ କେହି ଦୁଇଜଣ ଅର୍ଗଳ ସେପାଖରେ ଠିଆହୋଇ କଥା ହେଉଛନ୍ତି ।

—'କିଏ ସେ ?' ବୋଲି ପଚାରିଲେ ଗୋସେଇଁ ।

—"ମୁଁ ବାଣେଶ୍ୱର ରଜା, ଆଉ ଏ ଦଧି ମାଷ୍ଟର । ଟିକିଏ ଇଆଡ଼କୁ ଆସିଲେ ଗୋସେଇଁ ବାପା ! ଆପଣ ଚାଲିଯିବା ଆଗରୁ କଥାଟାର ମୀମାଂସା କରିଦେଇ ଯାଆନ୍ତୁ ।" ବାଣେଶ୍ୱର ରଜାଙ୍କ ସ୍ୱରଟା କାକୁତିଭରା ଥିଲା ଯଦିଓ, ଖୁବ୍ ଦୃଢ଼ ବି ଥିଲା । ଗୋସେଇଁ ଅର୍ଗଳ ପାରି ହୋଇ ଯାଇ ବାଣେଶ୍ୱର ରଜାଙ୍କ ମୁହାଁମୁହିଁ ଠିଆହେଲେ । ପଚାରିଲେ—"କଣ ହେଲା କି ରଜା ?"

ଅନ୍ଧାର ଯୋଗୁଁ କେହି କାହାକୁ ପରିଷ୍କାର ଭାବେ ଦେଖିପାରୁ ନ ଥିଲେ । ବାଣେଶ୍ୱର ରଜା କହିଲେ—"ଭାବୁଛି, ଲମ୍ବୁରାମ ଆଉ ତା ନାତୁଣିଆଟାକୁ ଛାଡ଼ିଦେଲେ ଭଲହେବ । ଆପଣ କଣ କହୁଛନ୍ତି ? ଧନପୁର ଟୋକାଟା ଅବଶ୍ୟ ବଡ଼ ନିର୍ଭୀକ ଆଉ ବଳବାନ୍; କିନ୍ତୁ ବଡ଼ ଖାମଖିଆଲି । ଫଳକୁ ଡାଳ କରେ··· । ଅଯଥାଟାରେ ସନ୍ଦେହ କରି ଏପରି କରିବାଟା ଠିକ୍ ହେଲା ନାହିଁ । ଲମ୍ବୁରାମ ମୋର ପୁରୁଣା ସାଥୀ । ଏଇ ଥାନରେ କେତେ ଚଢ଼େଇ ମାରି, ଭୋଜିକରି ରାତି ପୁହାଇଛୁ । ମଦପାଣି ବି ତା ସାଥିରେ ପିଇଛୁ, ଅବଶ୍ୟ ମଦ ଛାଡ଼ିବାକୁ ଗାନ୍ଧୀଜୀ ଆଜ୍ଞା-ହେବାଯାଏଁ···ଲୋକଟା ଟିକିଏ ଡେଙ୍ଗା । କିନ୍ତୁ ବନ୍ଧୁକଟା ଦବନାହିଁ ବୋଲି ସେ କହି ନଥିଲା କିମ୍ବା ଶାଇକିଆକୁ କୌଣସି ଗୁପ୍ତକଥା ସେ ଜଣାଇନାହିଁ । ଆମର ଆନ୍ଦୋଳନଟା ଧିମେଇ ଯାଇଛି ବୋଲି ତାର ଭୟ ହୋଇଥିଲା । ତା ଛଡ଼ା ଥିଲାବାଲା ଲୋକ ତ; ଏଣୁ ଧନପ୍ରତି ଲୋଭ ହେବା ତା ପକ୍ଷରେ ସ୍ୱାଭାବିକ । ଏବେ ମିଲିଟାରୀ ଲୋକଙ୍କୁ ମାଛ ବିକି ଟଙ୍କାକୁ ତିନିଟଙ୍କା କରୁଥିଲା ; ସବୁକଥା ସେ ମାନିଯାଇଛି । ନାତୁଣୀଆଟା ତାର ହାତବାରିସି । ତେଣୁ ତାକୁ ସେ ନିଜେ ସମ୍ଭାଳି ନେବ ବୋଲି କହୁଛି । ତାର ରକ୍ଷିତା ଜଣକ ଏଠି ଆସି କାନ୍ଦି କାନ୍ଦି ଗଡ଼ୁଛି । ରାତିଟାଏ ତ ତାଙ୍କୁ ଅଟକ ରଖିଲେଣି; ଏବେ ଛାଡ଼ିଦେଲେ ଭଲ ହବ । କଣ କହୁଛନ୍ତି ?"

ଗୋସେଇଁ ଦଧି ଆଡ଼କୁ ଚାହିଁ ପଚାରିଲେ—"ତୁମେ କଣ କହୁଛ ଦଧି ?"

ଦଧି କହିଲା—"ସେଇକଥା ପଡ଼ିଥିଲା । ଠିକ୍ କରୁଥିଲୁ ଛାଡ଼ିଦବାକୁ । କାରଣ ଏମାନଙ୍କୁ କିଏ ରଖିବ ଆଉ କେଉଁଠି ରଖିବ, ସେ ଏକ ସମସ୍ୟା । କିନ୍ତୁ ଛାଡ଼ିଦେଲା ପରେ ଏମାନେ ଯଦି କିଛି ଅଘଟଣ ଘଟାନ୍ତି, ତେବେ କିଏ ସମ୍ଭାଳିବ ? ରଜା କଣ ଏମାନଙ୍କର ଦାୟିତ୍ୱ ନେଇ ପାରିବେ ?"···ଟିକିଏ ଅଟକି ଯାଇ ଚାହିଁଲା ଗୋସେଇଁଙ୍କ ମୁହଁକୁ । ତା'ପରେ ପୁଣି କହିଲା—"ଏମାନଙ୍କୁ ଛାଡ଼ିଦବାକୁ ଜଣେ ହେଲେ ଶାନ୍ତିସେନାର ମତ ନାହିଁ । ଏସବୁ ସାମାନ୍ୟ କଥା ନୁହେଁ । ସୂତାଖିଏ ଏପଟ ସେପଟ ହେଲେ ବିପଦ ସୁନିଶ୍ଚିତ । ସେଇଥିପାଇଁ ମୁଁ ବିଚାରୁଛି ଯେ ଆମ କାମ ଶେଷ ଯାଏଁ ଏମାନଙ୍କୁ ରଖିନେବାଟା ଭଲ ହେବ ।"

"ସେଇଆ ଭଲ ହେବ ବୋଲି ମୁଁ ବି ଭାବୁଛି ।" —ଗୋସେଇଁ କହିଲେ ।

ବାଣେଶ୍ୱର ରଜାଙ୍କୁ ଅପମାନ ଲାଗିଲା । ସେ କହିଲେ—"ମୁଁ ଯଦି ସେମାନଙ୍କର ଦାୟିତ୍ୱ ନେବି, ଛାଡ଼ିବ ନା ଛାଡ଼ିବନି ?"

ଗୋସେଇଁ ଟିକିଏ ହସିଦେଇ କହିଲେ—"ଆପଣ ସେମିତି କହିବା ଉଚିତ ହଉନି । ଥରେ ଯେତେବେଳେ ଲମ୍ବୁରାମ ଉପରେ ଅବିଶ୍ୱାସ ଜାତ ହେଲା, ପୁଣି ଥରେ ବିଶ୍ୱାସ ଆଣିବାକୁ ସମୟ ଲାଗିବ । ବର୍ତ୍ତମାନ ସମୟଟା ବଡ଼ ମାରାତ୍ମକ ସମୟ । ସ୍ୱାକୁ ଛାଡ଼ିଦେଲେ ଇଏ ଯାଇ ଶଇକିଆ ଲୋକଙ୍କ ସାଙ୍ଗେ ମିଶି ସର୍ବନାଶ କରି ବସିବ ।"

ଏକଥା ଶୁଣି ବାଣେଶ୍ୱର ରଜା ଆହୁରି ଅପମାନ ବୋଧ କଲେ । କୌଣସି କଥାରେ ସେ କେବେ କିଛି କହିନଥିଲେ । ତାଙ୍କ କଥାଟା ଏବେ ତଳେ ପଡ଼ିଗଲା । ଏଣୁ ସେ ସହିପାରିଲେ ନାହିଁ । ରାଜଗାଦି, ରାଜପୋଷାକ ନଥିଲେବି ରାଜା, ରଜା । ଏବେ ବି ତାଙ୍କ ସଭାଘରେ ଛଡ଼ ଚାମର ଝୁଲୁଛି । ପୂର୍ବପୁରୁଷଙ୍କ ଢାଲ, ତଲୱାର ବି ଅଛି । ବ୍ରିଟିଶ୍ ଲୋକେ ଆସି ତାଙ୍କର ରାଜଗାଦି ଦଖଲ କରିବାରୁ ଏମାନେ ବର୍ତ୍ତମାନ ପ୍ରଜା ହୋଇଛନ୍ତି । ବ୍ରିଟିଶ୍ ଲୋକେ ଏ ଦେଶ ଛାଡ଼ି ଚାଲିଗଲେ ପୁଣି ରାଜପଣ ପାଇଁ ଲଢ଼ିବାକୁ ହେବ ।...ଏକଥା ଲମ୍ବୁରାମ ମଝିରେ ମଝିରେ ବାଣେଶ୍ୱର ରଜାଙ୍କୁ କହେ । ଲମ୍ବୁରାମଠୁ ଏକଥା ଶୁଣିଲେ ମନଟା ତାଙ୍କର ଉପତ ହୁଏ ।...ଆଜି ମଧ୍ୟ ଏମିତି ଖୋସାମଦିଆ କଥା କହି ଲମ୍ବୁରାମ ବାଣେଶ୍ୱର ରଜାଙ୍କୁ ତା' ସପକ୍ଷରେ କହିବାକୁ ରାଜି କରେଇନେଇଛି ।...ମାସ୍ଂରେ ଯଦି ରାଜାରାଜୁଡ଼ା ନ ରହିବେ, ଆଉ ରହିବ କେଉଁଠି ? ଏଣୁ ରାଗ-ତମତମ ହୋଇ ବାଣେଶ୍ୱର ରଜା କହିଲେ—"ଦେଖ ଗୋସେଇଁ ବାପା, ଆପଣ ଭାବିଚିନ୍ତି କଥାଟା କହୁନାହାନ୍ତି । ତେବେ ଶୁଣିଥାଆନ୍ତୁ, ଲମ୍ବୁରାମ ମୋତେ ସବୁକଥା ଖୋଲି କହିଦେଇଛି । ତୁମମାନଙ୍କର ତା' ଉପରେ ରାଗର କାରଣ ସେଇ ରକ୍ଷିତା ସ୍ତ୍ରୀଲୋକଟିକୁ ନେଇ । କ'ଣ ସତ ନୁହେଁ ? ଦେଶ ନାଁରେ ନିଜର ଆକ୍ରୋଶ ମେଣ୍ଟଉଛ ।"

ଗୋସେଇଁ ରାଗିଗଲେ । କହିଲେ—"ସେ କଥାର ବି ବିଚାର ହେବ । ମୁଁ ଫେରେଁ । ଆପଣଙ୍କ ଘରେ ସଭା ବସିବ । ଯଦି ଆକ୍ରୋଶରେ ମୁଁ କିଛି କରିଛି ବୋଲି ପ୍ରମାଣ ହେବ, ତେବେ ମୁଣ୍ଡପାତି ମୁଁ ଦଣ୍ଡ ବରଣ କରିବି । ଏକଥା ଯାଇ ଲମ୍ବୁରାମକୁ କୁହ—ନିଜେ ବି ବୁଝ । ବନ୍ଧନରେ ପଡ଼ି ଆମେ କାମ କରୁଛେଁ । ସେଇ ବନ୍ଧନରୁ କେହି ବି ଏପାଖ ସେପାଖ ହୋଇପାରିବା ନାହିଁ; ଆପଣ ନୁହେଁ କି, ମୁଁ ବି ନୁହେଁ । ଯଦି କେହି ପାରିବେ ବୋଲି ଭାବୁଥାଆନ୍ତି, ତେବେ ସେ ଭୁଲ୍ କରୁଛନ୍ତି ।...ସବୁକଥା କହିଦେଲି । ମୋର ଆଉ ସମୟ ନାହିଁ । ସେ ଦାୟିତ୍ୱ ଦଧିର । ଦଧିକୁ ପଚାରନ୍ତୁ । ମୁଁ ଯାଉଚି ।" ଏହା କହି ଗୋସେଇଁ ଚାଲିବାକୁ ଆରମ୍ଭ କଲେ ।

ବାଣେଶ୍ୱର ରଜା କହିଲେ—"ମୁଁ ବି ଯାଉଛି । ଏ ଟୋକାଟାକଳିଆଙ୍କ ସାଙ୍ଗରେ ଫନ୍ଦି କରିବାକୁ ମୋର ସମୟ ନାହିଁ । ତୁମମାନଙ୍କର ଏ ଅନାଚାର ସହିବାକୁ ମୁଁ କଂଗ୍ରେସରେ ଯୋଗଦେଇ ନଥିଲି । ଗାନ୍ଧୀ ମହାତ୍ମାଙ୍କ କଥାରେ ମୁଁ ଆସିଥିଲି । ଏବେ ତୁମେମାନେ ଗାନ୍ଧୀଙ୍କ

କଥା ଛାଡ଼ି ଆଉ ଅନ୍ୟ କାହାର ବାଟ ଧରିଲଣି । ତୁମେମାନେ ହିଂସାର ବାଟ ଧରିଛ । ଏ ବାଟଧରିବାକୁ କିଏ କହିଥିଲା, ଶୁଣେ ?"

ଗୋସେଇଁ ଅଟକିଲେ । ଗମ୍ଭୀର ହୋଇ କହିଲେ—"ସେ କଥାର ବିଗୃର ମଧ୍ୟ ସଭାରେ ହେବ । ଆପଣ ସବୁ କଥା ଜାଣିଶୁଣି, ନଜାଣିଲା ନଶୁଣିଲା ପରି ହଉଚନ୍ତି । ମୃତ୍ୟୁସେନାକୁ କିଏ ଗଢ଼ିଥିଲା ? ଶାନ୍ତିସେନାକୁ କିଏ ଗଢ଼ିଥିଲା ? ଗିରିଲପୁଞ୍ଜ କରିବାକୁ କିଏ ପରାମର୍ଶ ଦେଇଥିଲା ? ଆପଣ ବହୁତ କଥା ଜାଣନ୍ତି ।···ତେବେ ମୁଁ ମାତ୍ର ଗୋଟିଏ କାମ ପାଇଁ ରହିଛି । ଯଦି ବଞ୍ଚିରହିବି, ଅନ୍ୟ କାମ କରିବି । ନବଞ୍ଚିବି ତ କର୍ତ୍ତବ୍ୟ କରି ମରିବି । ଆପଣ ରଜା ଲୋକ, କିଛି କାମ ନକରି ମଧ୍ୟ ଉପରେ ଉପରେ ବଞ୍ଚିଯାଇପାରିବେ । ଆମେ କିନ୍ତୁ ତା' ପାରିବୁ ନାହିଁ । ଆଉ ଗୋଟେ କଥା ମନେ ରଖିଥିବେ—ମୁଁ ସେନାପତି ନୁହେଁ, ସୈନିକ ମାତ୍ର; ରଜା ନୁହେଁ—ନିକୃଷ୍ଟରୁ ନିକୃଷ୍ଟତର ପ୍ରଜାମାତ୍ର ।"

ରଜା କହିଲେ—"ତୁମ ସହିତ ତାଲଦେଇ ମୁଁ କଥା କହିପାରିବି ନାହିଁ; କିନ୍ତୁ ମନେ ରଖ, ତୁମେମାନେ ଅନାଗ୍ଥର କରୁଛ···।"

ଦଧି କହିଲା—"ରଜା, ଚକୋହେଇ ରୁହ । ଆମର ଶାନ୍ତିସେନା ଯାଇ ଆପଣଙ୍କ ଘରେ ପହଞ୍ଚିଲେ ନା ନାହିଁ ଦେଖ । ଏବେ ଯାଇ ଆମେ ଦୁଇଜଣଙ୍କୁ ସମ୍ଭ୍ରମେ ଆଣି ଆସିବୁଁ ଆମ ଶିବିରକୁ । ଆପଣ ଘରକୁ ଫେରି ଆପଣଙ୍କ ବନ୍ଧୁକଟା ପାଇବେ କି ନାହିଁ ସନ୍ଦେହ । ଆପଣ ତ ଜାଣିବା-ଶୁଣିବା ଲୋକ । ଆପଣ ସାହାଯ୍ୟ ନକଲେ ଆମେ ଥଳକୂଳ ପାଇବା କଷ୍ଟ । ମିଛ କହୁଛି ଯଦି ଦଶ ଭଗତଙ୍କୁ ବଧିବା ଦୋଷ ଲଗିବ । ଦଶଯୋଡ଼ାଙ୍କୁ ମାରି ଆମେ ରଣ କରୁଛୁଁ । ଏପରି ଅବସ୍ଥାରେ ଆମ ମୁହଁକୁ ଗୃହିଁ ଟିକିଏ ଧୈର୍ଯ୍ୟ ଧରି ଭଲା !"

ବାଣେଶ୍ୱର ରଜା ଏଥର ଟିକିଏ ଦବିଗଲେ । କହିଲେ—"ଯୋଡ଼ଯାଡ଼ କଥା କହି ଆସେନା ମୋତେ । ତମେ ସବୁ ସେଥିରେ କିନ୍ତୁ ପାରଙ୍ଗମ; କିନ୍ତୁ ମନେରଖ, ବରଗଛ କାଟିପକେଇଲେ ବିଶ୍ରାମ ନେବାକୁ ଜାଗାଟିକେ ବି ପାଇବ ନାହିଁ ।"···ଏତକ କହି ଫଁ ଫଁ ହୋଇ ଗୃଲିଗଲେ ବାଣେଶ୍ୱର ରଜା । ପଛେ ପଛେ ଗୃଲିଲା ତାଙ୍କର ଶିକାରୀ କୁକୁରଟା ।···

ଗୋସେଇଁ କହିଲେ—"ରଜାର ମନଟା ବଡ଼ ଦୁର୍ବଳ । ଟିକିଏ ଭଲ କରି ଲକ୍ଷ୍ୟ ରଖିଥା । ଫେରିଆସି ପହଞ୍ଚିଲେ ସବୁ ଠିକ୍‌ଠାକ୍ ହେଇଯିବ ଯେ···।"

ଦଧି କହିଲା—"ମୁଁ ବି ସେଆ ଭାବୁଛି ! ମୁଁ ଏବେ ଏକା ତା ଘରକୁ ଯିବି । ଯଦି କିଛି ତେରମେର କରେ, ତେବେ କଥା ବଡ଼ ଖରାପ ହେବ ।"

ଗୋସେଇଁ କହିଲେ—"ତେରମେର କରିବନି । ତୁ ଗଲାବେଳେ କାଳୀଅପାକୁ ନେଇଯିବୁ । କାଳୀଅପା ବୁଝେଇପାରିବେ । ବୁଢ଼ୀ ପୁରୁଣା କର୍ମୀ···।"

ଏତକ କହି ଗୋସେଇଁ ଆଗେଇଲେ । ନିଜେ ପାଦ ପକାଉ ନାହାନ୍ତି ଯେ, ଯନ୍ତ୍ରଟାଏ ଯେମିତି ତାଙ୍କ ପାଦକୁ ଚଳାଉଛି ପରି ମନେହେଉଥିଲା ତାଙ୍କର ।...ଆନ୍ଦୋଳନଟା ଭଲ ଭାବେ ଚଳୁନାହିଁ । ନେତାଦଳ ଭାଗ ଭାଗ ହେଲେଣି । ଦଳେ ଅହିଂସା ବାଟରେ ଯିବାକୁ ଚାହିଁଲାବେଳେ, ଆଉ ଦଳେ ହିଂସା ବାଟ ଧରିଛନ୍ତି । ମତର ଅମେଳ ହେବା ଫଳରେ କର୍ମୀମାନଙ୍କ ମନରେ ଦ୍ୱନ୍ଦ୍ୱ ଉପୁଜିଲାଣି । ଦଳେ ବସିଗଲେଣି । ଦଳେ ଗରିଲାଯୁଦ୍ଧ କରିବା କଥା ଚିନ୍ତା କରୁଛନ୍ତି । ସୁବର୍ଣ୍ଣ ସୁଯୋଗ ଆସିଛି । ବ୍ରିଟିଶ୍ ସେନାଏ ବର୍ମାରୁ ପଳେଇ ଆସିଲେଣି । ଜାପାନୀଏ ଆସି କୋହିମାରେ ପହଞ୍ଚିଲେଣି । ବ୍ରିଟିଶ ପଞ୍ଝାକ ପଳେଇଲେ ଜାପାନୀ ପଞ୍ଝା ସାମ୍ରାଜ୍ୟ ବସେଇବେ—ଏ କଥା ହୋଇପାରେନା । ଆମେ ଜାପାନୀଙ୍କୁ ଚାହୁଁନା କି ବ୍ରିଟିଶ୍‌କୁ ଚାହୁଁନା । ଆମେ ଶୂନ୍ୟସ୍ଥାନରେ ଗରିଲା ବାହିନୀ ଗଢ଼ି ସରକାର ଗଢ଼ିବାକୁ ବାହାରିଛୁଁ । ସେମାନେ ଅହିଂସା ଅସହଯୋଗର କଥା ଭାବୁଛନ୍ତି । ବେଶ୍, ସେମାନେ ତେବେ ଅହିଂସା ବାଟରେ ଲୋକଙ୍କୁ ସଂଗଠିତ କରନ୍ତୁ । ଉଜାଣି ଆସାମ ପଟେ ଲୋକେ ଠିକ୍ ସେମିତି କରୁଛନ୍ତି । ଜୋରହାଟର ଠାଏଁ ଠାଏଁ ମଲସ୍ୱା, ବରୁଆ, କଟକୀ, ଗୋସ୍ୱାମୀ—ଏମାନେ ଗୋଟେ ଦଗରେ ଲାଗିଛନ୍ତି ତ ଏପଟେ ବରୁଆ, କୁଅଁର, ଗଗୈ ହେଉରିକା ଆମ ସହିତ ଯୋଗଦେଉଛନ୍ତି । ତେଣେ ହଜାରିକାଦଳ ବିଦେଶୀ ସେନାଙ୍କ ଭିତରେ ପଶି ଗୋଲାବାରୁଦ ଗୋଟେଇବାରେ ବ୍ୟସ୍ତ । ମଣିଷ ସଂଗ୍ରହ କରିବା କାମ ବି ଚାଲିଛି । ଅବଶ୍ୟ ବେଶୀ ଜୋରସୋରରେ କାମ ଚାଲିପାରିନି । ବହୁତ ଲୋକ ଖାଲି ବସିଛନ୍ତି । ଗୋଲାଘାଟ ଜିଲ୍ଲାର ସରୁପଥର, ଗଢ଼ମୂର ଗାଁମାନଙ୍କରେ ବହୁତ ଲୋକ ଗିରଫ୍ ହେଲେଣି । ସରୁପଥାରଠି ରେଲଲାଇନ ଉଠାଉବେଳେ ସାଙ୍ଗ ଥିଲେ; ଅଥଚ ଅହିଂସପନ୍ଥୀ ଲୋକ ଗୋଟି ଗୋଟି ହୋଇ ସମସ୍ତେ ଦୋଷୀ ହେଲେ । ଭାଗ୍ୟର ଏ ଖେଳ । ଏଥିପାଇଁ କିନ୍ତୁ ସେ ଦଳର କର୍ମୀମାନଙ୍କର ମନର ଜୋର ଭାଙ୍ଗିଗଲାଣି । ତେଣେ ତଳ ପାଖରେ ଚୌଧୁରୀ ହେଉରିକା ଲାଗିଛନ୍ତି; କିନ୍ତୁ ସରଭୋଗର ଏରୋଡ୍ରମ୍ ପୋଡ଼ିବା ପରେ ଆଉ କିଛି କାମ ହୋଇ ନାହିଁ । ନିୟମିତଭାବେ ସଂଗଠନ କାମ ହୋଇପାରୁନାହିଁ । ଗୋଆଲପଡ଼ାରେ ନିଧନ ଚୋସ୍‌କୁ ମାରିଦେଲେ । ଅନ୍ୟାନ୍ୟ ଜାଗାରେ ଯେମିତି ସହାରଲୀଲା ଲାଗିଥିଲା, ସେମିତି ଲାଗିରହିଛି । ନେତାମାନେ ଜେଲରେ ରହିଲେ । ଏଣେ ପିଲାଏ ସ୍କୁଲ-କଲେଜକୁ ଫେରିବାକୁ ସଜହେଲେଣି । କମ୍ୟୁନିଷ୍ଟମାନଙ୍କୁ ଧରି ଅନେକ ଗ୍ରୁପ-ନେତା ଏହାକୁ ସମର୍ଥନ କରୁଛନ୍ତି । ଯେତେକ ଜାତୀୟତାବାଦୀ ସେମାନଙ୍କର ମନ ଠିକ୍ ଅଛି ଯେ, ସଂଗଠନର ଅଭାବ । ଏଣେ ବ୍ରିଟିଶ୍ ମିଲିଟାରୀଙ୍କ ସଂଖ୍ୟା ବଢ଼ିଚାଲିଲାଣି । ସାରା ଦେଶରେ ମାର୍କିନ, ଚୀନା, ଆଫ୍ରିକାସ୍ଥ ଏବଂ ଅଷ୍ଟ୍ରେଲୀୟସ୍ଥ ସେନାବାହିନୀ ବଢ଼ି ପାଣିପରି ମାଡ଼ିଆସିଲେଣି । ଭାରତର ଅନ୍ୟାନ୍ୟ ସ୍ଥାନରେ ବି ଆନ୍ଦୋଳନ ମାନ୍ଦା ପଡ଼ିଗଲାଣି । ଫଳରେ ଗରିଲା ବାହିନୀ ଗଢ଼ିବା ସେତେଟା ସହଜ ନୁହେଁ । ଏସବୁ କଥା ଭଲଭାବେ ଆଲୋଚନା କରିବାକୁ ହେବ—କମାରକୁଚିରେ କ୍ୟାମ୍ପ ଆଉ କେଉଁଠି । ଏତେ ବଡ଼ ଲମ୍ବା ଚଉଡ଼ା ପରିକଳ୍ପନା ନେଇ କାମ ଆରମ୍ଭ କରାଗଲା । ନଗାଓଁର କର୍ମୀମାନଙ୍କ ଭିତରେ ବେଶ୍ ସହାଉ ଅଛି, ତା'ଛଡ଼ା

ସେମାନଙ୍କର ମନୋବଳ ବି ଅଛି । ଏବଠୁ ଗୋଟେ ଯୋଜନା ହାତକୁ ନେବାକୁ ହେବ ।...

ଗୋସେଇଁ ଧୀରେ ଧୀରେ ଚାଲିଛନ୍ତି । ତାଙ୍କ ମନ ଭିତରେ କିନ୍ତୁ ଆନ୍ଦୋଳନର ଚିନ୍ତା ଦ୍ରୁତ ପଦକ୍ଷେପ ନେଇଛି ।...ଏକ ପଥୁରିଆ ରାସ୍ତାରେ ପାଦ ଦେଲେ ଗୋସେଇଁ । ଦୁ'ପାଖର ଧାନକ୍ଷେତରେ ଧାନଗଛ ଫୁଲିଉଠିଛି । ମଳୟ ପବନ ବହି ଗୋସେଇଁଙ୍କ ଦେହରେ ଶିହରଣ ସୃଷ୍ଟି କଲା । ଅଦୂରର ପାଟଠୁ ଦଳେ ହଂସବଗଲ ଉଡ଼ିଗଲେ । ଡେଣା ଫଡ଼ଫଡ଼ରୁ ଗୋସେଇଁ ସେମାନଙ୍କୁ ଚିହ୍ନି ପାରିଲେ । ସେ ଯେତେବେଳେ ପିଲା ଥିଲେ, ସେତେବେଳେ ଏମାନେ ମଣିଷର ପାଦଶବ୍ଦରେ ଭୟ ପାଉନଥିଲେ; କାରଣ ଏଇ ଦୁର୍ଗମ ପଥରେ କେତେବେଳେ କେମିତି କେହି ଜଣେଅଧେ ଶିକାରୀ ଶିକାର କରିବାକୁ ଆସୁଥିଲେ । ଏବେ କିନ୍ତୁ ନିତି ନିତି ଶିକାରୀମାନେ ଆସୁଛନ୍ତି ଏଠିକି । ଡେପୁଟୀ କମିସନରଙ୍କଠୁ ଆରମ୍ଭ କରି ସାଧାରଣ କରାନି ସିଅନ୍ ପର୍ଯ୍ୟନ୍ତ ସମସ୍ତେ ଏଠିକି ଆସନ୍ତି ଚଢ଼େଇ କିମ୍ବା ଜନ୍ତୁ ଶିକାର କରିବାକୁ । ଶିକାରୀଙ୍କ ପାଦଶବ୍ଦ ଶୁଣି ଏମାନେ ଉଡ଼ିପଳାନ୍ତି । କେବେ କେମିତି ଏ ପାଟକୁ ଦୂରଦୂରାନ୍ତରରୁ ଚଢ଼େଇମାନେ ଆସିଛନ୍ତି ।...ଜାତି ଅଜାତିର କେତେ ଚଢ଼େଇ ଏଇ ପାଟଟାରେ ସକାଳୁ ସକାଳୁ ଭରିହୋଇଥା'ନ୍ତି । ଏଇ ଶୋଭା ଶଙ୍କର ଦେବଙ୍କର ବୃନ୍ଦାବନ-ଶୋଭାଠାରୁ ବି ଆହୁରି ସୁନ୍ଦର । ବରଦୋଉଁ । ପରି ଏଇ ମାୟଂ ବି ଶସ୍ୟ, ମତ୍ସ୍ୟ ଭରପୂର । ଅତୀତର ପ୍ରାଚୁର୍ଯ୍ୟ ଏଠିକାର ବାଲିତଳେ ପୋତିହୋଇଯାଇଛି । ଅତୀତର ଗଛପତ୍ର, ପ୍ରକୃତି ଓ ଶୋଭା-ସମ୍ପଦ କ୍ରମେ ହ୍ରାସ ପାଇଲଣି; କିନ୍ତୁ ନଈର ଧାର ଖଣ୍ଡିକ ଠିକ୍ ଅଛି । କଲଂ ଓ କପିଲୀ ଦୁଇଟିଯାକ ନଈ ନାଳ, ଭଉଣୀ ପରି ଏକାଠି ହୋଇ ମିଶିଯାଇଛନ୍ତି ବ୍ରହ୍ମପୁତ୍ରର ଦେହାତ୍ମା ସହିତ ।...ମାୟଂର ରଜାମାନେ କେବେବି ପଠାଣ ରାଜାମାନଙ୍କୁ ଏଠି ରାଜ୍ୟବିସ୍ତାର ସକାଶେ ସୁଯୋଗ ଦେଇନଥିଲେ । ସରାଇଘାଟ ଯୁଦ୍ଧରେ ଏମାନେ ଆହୋମ ରାଜାଙ୍କ ପକ୍ଷ ହୋଇ ଯୁଦ୍ଧ କରିଥିଲେ । ସୀମାନ୍ତ ରାଜ୍ୟମାନଙ୍କରୁ ଅନେକ ରଜା ଆସିଥିଲେ । ତିନଲକ୍ଷ ପ୍ରଜା ସମନ୍ୱିତ ପାହାଡ଼ ରାଜାମାନେ ମଧ୍ୟ ଯୋଗଦେଇଥିଲେ । ସମସ୍ତଙ୍କ ମୁହଁରେ ସେତେ-ବେଳେ ଉଦ୍ଭମ ଆଭା, ଅନ୍ତରରେ ଅସୀମ ବଳ ଆଉ ପଦପାତରେ ଗର୍ବର ସମ୍ଭାର । "ଗୋରା-ମାନେ ପୁଣି କି ମଣିଷ ହୋ ! ଆମ ଦେଶରେ କ'ଣ ସେମିତି ମଣିଷ ନାହାନ୍ତି କି ?" ବଡ଼ ବରୁଆଙ୍କ ପୁଅ, ଲସିତ୍, ଏ କଥା କହିଥିଲା । ସରାଇଘାଟ ଯୁଦ୍ଧରେ ଅସମୀୟା ସୈନ୍ୟମାନେ ଗରିଲା ପଦ୍ଧତିରେ ଯୁଦ୍ଧ କରିଥିଲେ ଏବଂ ଦେଶକୁ ରକ୍ଷାକରିଥିଲେ । ସେସବୁ ଲିପିବଦ୍ଧ ହୋଇ ଅଛି ଇତିହାସରେ; ଆମେ ସେସବୁ ଭୁଲିଯାଇଛେ ମାତ୍ର ।

ହଁ, ପ୍ରକୃତରେ ଆମେ କେବଳ ଭୁଲିଯାଉଛୁଁ—ଗୋସେଇଁ ଭାବୁଥିଲେ । ପିଲାଦିନେ 'ବାହ୍ୱି' କିମ୍ବା ଆଉ କୋଉ ବହିରେ କମଳାକାନ୍ତଙ୍କର ଲେଖା କଥାପଦେ ପଢ଼ିଥିବାର ମନେ ପଡ଼ୁଥିଲା ତାଙ୍କର । ବାସ୍ତବିକ୍ ଭୀରୁର କୌଣସି ଧର୍ମ ନାହିଁ; କାପୁରୁଷତା ହିଁ ତା'ର ଏକ-ମାତ୍ର ଧର୍ମ । ଦେହରେ, ମନରେ ଯେଉଁ ମଣିଷ ବଳୀୟାନ, ସେ ମଣିଷର ନୈତିକ ବଳ ନିଶ୍ଚୟ

ବେଶି । ସତ କଥା । ଏପରି ସମୟରେ ଏଇ କଥାଗୁଡ଼ା ମନେପଡ଼ିଲେ ମନଟା ଦ୍ରବିଯାଏ । ଆମେ ଅସର୍ମାଧ୍ୟଗୁଡ଼ାକ ବଡ଼ ଭୀରୁ ହୋଇପଡ଼ୁଛୁ । ସେଇଥିପାଇଁ ଆମର କୋଉଠି ସ୍ଥାନ ନାହିଁ । ଜୀବନଟା ଆମର ସ୍ଥିର ନିଶ୍ଚଳ ହୋଇପଡ଼ିଛି । ବର୍ତ୍ତମାନ କିନ୍ତୁ ସମୟ ଆସିଛି, ଜୀବନର ପ୍ରବାହକୁ ଗତିଶୀଳ କରିବାକୁ ହେବ । ତ୍ୟାଗବଳରେ ଆମକୁ ଆମର ଆତ୍ମପ୍ରତିଷ୍ଠା କରିବାକୁ ପଡ଼ିବ ।

ପଥୁରିଆ ରାସ୍ତାଟାକୁ ଜଲଦି ଜଲଦି ପାରିହେବାକୁ ଚେଷ୍ଟାକଲେ ଗୋସେଇଁ । ତା'ପରେ ଗୁଳୁଣି ଗୁଳି ରଜା ମାଫ୍ଟ୍‍ବାଟରେ ଉଠିଲେ । ସେଇଠୁ ମଧ୍ୟ ସେଇମିତି ଦ୍ରୁତଗତିରେ ଚୌକି-ଘାଟ ଅଭିମୁଖେ ଆଗେଇ ଚାଲିଲେ । ଚୌକିଘାଟଠାରୁ କମାରକୁସି ଘଣ୍ଟାକର ବାଟ । ଗୋସେଇଁ ଥରେ ଆକାଶକୁ ଚାହିଁଲେ । ସୂର୍ଯ୍ୟ ସେଯାଏଁ ଉଇଁନାହାନ୍ତି; କିନ୍ତୁ ରାସ୍ତା-ଘାଟ ଚିହ୍ନିବାପରି ଫରଚ୍ଛ ହେଲାଣି । ମନଟା ବି କ୍ରମେ ଫରଚ୍ଛ ହେବାକୁ ବସିଲାଣି ।

ଚୌକିଘାଟ ପାରିହେଲା ପରେ ଜଙ୍ଗଲ । ଏଥର ସୂର୍ଯ୍ୟ ଉଇଁଲେଣି । ସତେକି ସେ ତାଙ୍କର ନାଲି ଘୋଡ଼ାରେ ବସି ଆକାଶପଥରେ ଦୂରଦୂରାନ୍ତର ଯାତ୍ରା ଆରମ୍ଭ କରିଛନ୍ତି । ଜଙ୍ଗଲ ମଝିରେ ଅଙ୍କାବଙ୍କା ଚାଲିବାଟ । କାକର ପଡ଼ି ଖସଡ଼ା ହୋଇଯାଇଛି । ପାଖଆଖରେ ପଙ୍କୁଆ ଜାଗାମାନଙ୍କରେ ଜୋକଗୁଡ଼ାକ ସାଲୁବାଲୁ ହଉଛନ୍ତି । ମାଙ୍କଡ଼ କେଇଟା ଏ ଡାଳରୁ ସେ ଡାଳକୁ ଡେଇଁ, ବସି ଗୋସେଇଁଙ୍କ ଆଡ଼କୁ ଅନାଉଥାନ୍ତି । ମଝିରେ ମଝିରେ ଗୋଟେ ଗୋଟେ ଗଛର ସୁଗନ୍ଧରେ ବାଟଟା ମହକି ଉଠୁଥାଏ । ଗୋସେଇଁ ବେଶ୍ ସାବଧାନତାସହକାରେ ପାଦ ପକଉଥା'ନ୍ତି । କୋଉଠି କେମିତି ଗଛ ଉହାଡ଼ରୁ 'ମୁଁ କେତେକୀ' 'ମୁଁ କେତେକୀ' ବୋଲି କେତେକୀ ଚଢ଼େଇଟାଏ ଡାକପକାଉଥାଏ । ଗୋସେଇଁ ମୁହଁ ଟେକି ଏଣେତେଣେ ଚାହୁଁ-ଥା'ନ୍ତି; କିନ୍ତୁ କାହାକୁ ଦେଖିପାରୁ ନଥାନ୍ତି । ଗଛମାନଙ୍କର ଫାଙ୍କେ ଫାଙ୍କେ ସୂର୍ଯ୍ୟକିରଣ ଆସି ପତ୍ରମାନଙ୍କ ଉପରେ ପଡ଼ିଲାଣି । କୋଉଠି କେମିତି ଧାରେ ଧାରେ ସୂର୍ଯ୍ୟକିରଣରେ ପେନ୍ଥାଏ ପେନ୍ଥାଏ କପୌଫୁଲ ଚକଚକ୍ ମାରୁଥା'ନ୍ତି । ଅନେକ ପ୍ରକାରର ପକ୍ଷୀଙ୍କର କାକଳିରେ ଗୋସେଇଁଙ୍କର ମନଟା ନରମ ହୋଇଯାଉଥାଏ । ସତେ ଅବା ଗୋସେଇଁଅଣିଙ୍କର କଣ୍ଠସ୍ୱର ଶୁଭିଯାଉଛି ତାଙ୍କ ମନକର୍ଣ୍ଣରେ ।···ବର୍ଣଖଣ୍ଡିକ ମୁଖରିତ କରୁଥିବା ସେଇ ହୃଥ-ଭଙ୍ଗା ସ୍ୱର ଗୋସେଇଁଙ୍କ ବୁକୁ ଚିରି ତା'ରି ଭିତରେ ପ୍ରବେଶ କରୁଛି···ବାହାରିଆସିବାର ଶେଷ ମୁହୂର୍ତ୍ତରେ ସ୍ତ୍ରୀଙ୍କୁ କଥାପଦେ କହିପାରି ନଥିବା ଯୋଗୁ ବିରକ୍ତିଟା ବି ସେଠି କମ୍‍ନ ତୋଳୁଥାଏ ।

ଆହୁରି ଜୋରରେ ପାଦପକେଇଲେ ଗୋସେଇଁ ।···ସତକୁ ସତ ସରଣୀ ତାଙ୍କର ଖୁବ୍ ଭୟଭୀତ ହୋଇପଡ଼ିଛନ୍ତି । ବିଚାରି···ଏମିତି ତ ସେ କେବେବି ଭୟଭୀତ ହେଇନଥିଲେ; କିନ୍ତୁ ଭୟକରିବାର ଅଛି କଣ ? ମରିଯିବ ବୋଲି ? ମରନ୍ତି ନାହିଁ କି ? କଥାଟା ଅବଶ୍ୟ କହିବାକୁ କଷ୍ଟଲାଗେନା; କିନ୍ତୁ ଭାବିବସିଲେ ବୁକୁଟା ଫାଟିଗଲା ପରି ଲାଗେ । ମରିବାକୁ ତ କେହି ବାହାରିନାହାନ୍ତି; ସମସ୍ତେ ବଞ୍ଚିବାକୁ ହିଁ ବାହାରିଛନ୍ତି ।···କାମରେ କୋଉଠି ହେଲେ ଖୁଣ

ନାହିଁ । କେହି କି କୋଉଠୁ କାଗଜ ଟୁକୁରାଏ ବାହାର କରିପାରିବେ ନାହିଁ । ଗୋଟିଏ ଅକ୍ଷର ବି ଲେଖାଯାଇନାହିଁ । ଖବରକାଗଜରେ ଫଟୋଚିତ୍ର ସହ ସମ୍ବାଦ ପରିବେଷଣ କାମ ଏ ନୁହେଁ । ସେ ଭଳି କାମ ସୁସ୍ତିବାଦୀ—ବାକ୍ୟବୀରମାନଙ୍କୁ ସୁହାଏ । ସେମାନେ ଯାହା କହୁ-ଥା'ନ୍ତି, ତାକୁ ସବୁ ଖବରକାଗଜରେ ଛାପୁଥାନ୍ତି । ସେମାନଙ୍କର ଗୋପନ କଥା ବୋଲି କିଛି ନାହିଁ । ଜେଲକୁ ଗଲାବେଳେ ଗଜରାମାଳ ପିନ୍ଧି ଯାଆନ୍ତି; ଜେଲରୁ ଫେରିଲାବେଳେ ବି ଗଳାରେ ସେମାନଙ୍କର ସେଇ ଗଜରାମାଳ । କିନ୍ତୁ ଏ କାମରେ ମାଳା ନାହିଁ କି ପ୍ରଚାର ନାହିଁ । ଚିରକୁଟ କାଗଜ ଖଣ୍ଡେ ବି ଏଠି ବିପଦ ।···କୁଶଳ କୁଅଁରର ହାତଲେଖା ଅକ୍ଷର କେଉଁଟା ତା' ନିଜପାଇଁ କାଳହେଲା । ଲେଖକଟାର ଫାଶୀ ହୋଇଯାଇପାରେ । ତା'ର ସାଥୀ ଇନ୍ଦ୍ରେଶ୍ୱର ମେଠେନ ହେରକାଙ୍କର ବି ସଜାହୋଇଯିବ । ଇଏ ହେଲା ନିଆଁକୁ ନିଆଁ କାମ । ଶୁଣୁଛି, କୁଅଁରର ସ୍ତ୍ରୀ ଚକୋଖି ପରି କାନ୍ଦୁଛି । ଗୋସେଇଁଆଣୀଙ୍କ ପ୍ରାଣରେ ବି କୋହର ଉଜାଣି ଉଠିଛି । ପଶୁର କାନ୍ଦଣା ମରଣର ସୂଚନା ଦେଇଛି ତାଙ୍କ ମନରେ । ମାଇ ବିଲେଇ ପରି ବିଗୁଖି ସନ୍ତାପରେ ସନ୍ତୁଳି ହେଉଛନ୍ତି । ଗୋସେଇଁ ମଲେ ସେ ହିଁ ସବୁଠୁ ବେଶି କାନ୍ଦିବେ; ଆଉ ସଭିଏ କେବଳ ଆହା ଚୁ ଚୁ କରିବେ । ସତରେ କି ସ୍ନେହୀ ମଣିଷଟା ! କିନ୍ତୁ ଦୁଃଖଟା ଯେତେବେଳେ ଅନ୍ତରରେ ପ୍ରବେଶ କରିଛି, ତାହା ବାହାର ନହେଲା ଯାଏଁ ଏମିତି ସନ୍ତୁଳି ହେବାକୁ ପଡ଼ିବ ହିଁ ପଡ଼ିବ ।··· ଆଶ୍ଚର୍ଯ୍ୟ ଏ ପତି-ପତ୍ନୀ ସମ୍ପର୍କଟା । ଜଣେ ପୁଣି ଅନ୍ୟ ଜଣକ ପାଇଁ ଏମିତି ଭାବେ । ହଁ, ଏଇ ଭାବିବାଟା ହିଁ ମନୁଷ୍ୟତ୍ୱର ଚିହ୍ନ ।

ବିପଦ ଚିନ୍ତା କରିବା ଭଲ ନୁହେଁ । ମରିବେ ବା ସେ କାହିଁକି ? ଏପର୍ଯ୍ୟନ୍ତ ତ ସବୁ କାମ ଠିକ୍‌ଠାକ୍ ହେଇଆସୁଛି । ଲମ୍ବୁରାମ ବିଶ୍ୱାସଘାତକ କାମ କରିବାକୁ ଭାବୁଥିଲା; କିନ୍ତୁ ସେ ତ ବର୍ତ୍ତମାନ ହାତମୁଠାରେ । ବାଣେଶ୍ୱର ରଜାଟା ରଜାଗୋଜା ଲୋକ । କଥାରେ ଠିକଣା ନାହିଁ କି ମନରେ ସ୍ଥିରତା ନାହିଁ । ଏବେ ହୁଏତ ଏଙ୍କୁ ଗୁଡ଼ାଏ ଗାଳିଗୁଲଜ କରି ଯାଉଛି । ଏଇ ସମୟଟା ଚାଲିଗଲେ, ଲମ୍ବୁରାମ ତାକୁ ଦୂରେଇ ରଖିଲେ ପୁଣି କ'ଣ ସେ ଯେଙ୍କ ପଟିଆ ହେବ ନାହିଁ କି ? ପୁଣି ଯେତେବେଳେ ସଭା ବସିବ, ସେତେବେଳେ ଇଏ ଚେଷ୍ଟାକଲେ ରଜା ନିଜେ ସଭିଙ୍କଠୁ ବେଶୀ କଡ଼ା କଥା କହିବ ଲମ୍ବୁରାମକୁ । ଶାନ୍ତ ସମୟରେ ଏଭଳି ଲୋକଙ୍କ ସାଥୀରେ କାମ କଲେ ମଜା ଲାଗେ; କିନ୍ତୁ ଯୁଦ୍ଧବେଳେ ରାଗ ଉଠିବା ସ୍ୱାଭାବିକ । ଅବଶ୍ୟ କେତେବେଳେ କେତେବେଳେ ବି ମଜା ଆଉ ରାଗ ଏକାପରି ଲାଗେ । ···ତେବେ, ଦଧିର ବୁଦ୍ଧି ଅଛି, ସେ ଯେମିତି ହେଉ ବାଣେଶ୍ୱର ରଜାକୁ ସମ୍ଭାଳିନେବ । କେବଳ ଲମ୍ବୁରାମର ସେଇ ରକ୍ଷିତାଟିକୁ ସମ୍ଭାଳିବା କଷ୍ଟ ହୋଇପାରେ । କିନ୍ତୁ ସେ ତ ଏମାନଙ୍କର ଗୁପ୍ତତଥ୍ୟ ଶଇକିଆକୁ କହିବ ନାହିଁ । ···ଏମିତି ଏକ ବନ୍ଧନ ଭିତରେ ମାସ୍ଟର ଲୋକେ ଅଛନ୍ତି । ନହେଲେ ଏତେ ପହରାଦାର, ଏତେ ଗୁପ୍ତଚର ଥାଉଁ ଥାଉଁ ଏ କାର୍ଯ୍ୟଟିର ବିନ୍ଦୁ ବିସର୍ଗ ସେମାନେ ଜାଣିପାରନ୍ତେ ନାହିଁ ନା ?

ଗୋସେଇଁ ଆସି ଏକ ବଡ଼ ବରଗଛ ତଳେ ପହଞ୍ଚିଲେ । ସେଇ ଗଛତଳେ ବଡ଼ଟା ଏକ ପଥର । ସେଇ ପଥର ଉପରେ ଗୋଟେ ପେଟୁଆ ଗଣେଶ ମୂର୍ତ୍ତି । ଅବଶ୍ୟ ଗଣେଶ ମୂର୍ତ୍ତି ନା ନୁହେଁ, ଜାଣି ହଉନାହିଁ । ତା'ଉପରେ ବସି ଆହ୍ଲନା କୁଅଁର ଓ ଭଉରାମ ପାନ ଖାଉଥା'ନ୍ତି । ଗୋସେଇଁଙ୍କର ମନେହେଲା, ଆହ୍ଲନା କଥା କହୁଚାଲିଛୁ ଏବଂ ଭଉରାମ ଆଖି କାନ ବନ୍ଦକରି ପାନ ଚୋବେଇଲାଗିଛୁ ।

ଗୋସେଇଁ ଯାଇ ଆହ୍ଲନାର ଖୁବ୍ ପାଖରେ ସାମନାସାମ୍ନି ଠିଆ ହୋଇ ପଚାରିଲେ— "କାହା କଥା କହୁଥିଲ କି କୁଅଁରେ ?"

ଭଉରାମ ଏଥର ଆଖି ଖୋଲି ଠିଆହେଲା । କହିଲା—ଇଏ ଆଉ କାହା କଥା କୁହନ୍ତେ; ସେଇ ଧନପୁର କଥା ।

ଧନପୁର ଉପରେ ଏତେ ଝପା କାହିଁକି ବୋଲି ଗୋସେଇଁ ପଚାରିଲେ, ଦୁହିଁଙ୍କୁ ଲକ୍ଷ୍ୟ କରି ।

ଭଉରାମ ହସି ହସି କହିଲା—ଧନପୁରଟା ଗ୍ରେକ୍ଠୋକ ତ ।

ଆହ୍ଲନା କୁଅଁର ଟିକିଏ ରାଗିଯାଇ କହିଲା—"କୃଷ୍ଣ, କୃଷ୍ଣ ! ସେଇଟା କ'ଣ ମଣିଷରେ ଗଣା ? ଗୋଟେ ଅଛ ଦେଶର ଲୋକ । ଦେଖିଲ ନାହିଁ କେମିତି ଜାଅନ୍ତା ମାଛ ପରି ଲସୁରାମଟାକୁ ଧରିଆଣିଲା । କୃଷ୍ଣ, କୃଷ୍ଣ । ମଣିଷଟା ଟିକିଏ ଡେଙ୍ଗା ସିନା, ହେଲେ ସ୍ୱଭାବ କଣ ଖରାପ; ମାନେ ମୁଁ ଲସୁରାମର କଥା କହୁଛି । କୃଷ୍ଣ ହେ ! ତା ପୋଖରୀରୁ ମାଛ ପୁଞ୍ଜେ ମିଳେ । ଦରକାର ହେଲେ ଅଫିମ ଟେଲେ ବି ସୁବିଧା କରିଦିଏ । ଆପଦ-ବିପଦରେ ପଇସେ ଅଧଲେ ଦିଏ···କୃଷ୍ଣ, କୃଷ୍ଣ···ଆଉ ଜାଣିଚନା, ପ୍ରତିବର୍ଷ ଲୋକଙ୍କୁ ଦୁଇ ଦିନଟା ଭୋଜି ଖୁଆଏ । ଥରେ ବିହୁରେ, ଥରେ ଶଙ୍କରଦେବଙ୍କ ଜନ୍ମତିଥିରେ, ଆଉ କେତେବେଳେ ନଇବର୍ତ୍ତି ଆସିଲେ । ଏଭଳି ମଣିଷକୁ ସେ ପାଷଣ୍ଡଟା, କୃଷ୍ଣ, କୃଷ୍ଣ, କ'ଣ ନକଲା !··· ମନକଲେ ତାକୁ ମୁଁ ଠାକୁରାଣୀ ପୀଠରେ ଠିଆରେ ଠିଆରେ ଲଗେଇ ଦେଇ ପାରିବି; କୃଷ୍ଣ ହେ !"

ଗୋସେଇଁ ଗମ୍ଭୀର ହେଇଗଲେ । କହିଲେ—" ଜାଣିଚନା ଆହ୍ଲନା'ଇ, ବାଡ଼ରେ ପୋଖରୀ ଖୋଳିଲେ ବି ଆଠ ଦଶଟା ମଣିଷଙ୍କୁ ଶିଙ୍ଗି ମାଛ ବନ୍ଟେ ।···ତେବେ ଇଏ ତ ଆମର ଯୁଦ୍ଧକଥା । ଏଣୁ ନିଜ ଲୋକ ହେଲେବି ଯିଏ ଟିକିଏ ଏପାଖ ସେପାଖ ହେଲା ତାକୁ ସୁଧାରି-ନେବା ଉଚିତ । ଧନପୁର କଥା ଏବେ ଉଠାନା । ମୁଁ ରଜାକୁ ବି କହିଆସିଛି । କିଏ ଦୋଷୀ, କିଏ ନିର୍ଦ୍ଦୋଷ, ସେ ବିଚାର ସଭାରେ ହେବ । ଏବେ କାମର ସମୟ ।···ଚାଲ, ଉଠ । ଏଠି ଆଉ ବସି କିଛି କାମ ନାହିଁ । ଆଗେଇବା । ସୂର୍ଯ୍ୟ ଉଇଁଲେଣି ଦେଖୁଚ ତ ।'

ଆହ୍ଲନା କହିଲା—"କୃଷ୍ଣ ହେ ! ଅଣ୍ଟାଟା ବଡ଼ ଜୋର୍‌ରେ ଧରିଛି ଗୋସେଇଁ ମାହାପୁରୁ ! କୃଷ୍ଣ, କୃଷ୍ଣ···ଅସଲ ଚଳଟିକିକ ଦେହରୁ ଶୂନ୍ୟ ହେଇଯାଇଛି । ବୁଢ଼ା ବୀପଙ୍କୁ, କୃଷ୍ଣ କୃଷ୍ଣ,

କେହି ଭୟ କରେନା, ହରିଣ ବି ଗାଲ ଘୁଞ୍ଚିବାକୁ ଆଗେଇଆସେ । ଏଇକୁ କନ୍ତୁ, କୃଷ୍ଣ କୃଷ୍ଣ, ମୁଣ୍ଡ ଉପରକୁ ଟେକିଦେଇଛ । ଏମିତିରେ ବିପଦ ଅଛୁ; କୃଷ୍ଣ ହେ !''

ଭଭିରାମ ମୁଚୁକି ମୁଚୁକି ହସି କହିଲା—''କୁଅଁରେ ଉଚ୍ଛାକୁ ସନ୍ଦେହ କରୁଛନ୍ତି; ଦଶ ଆଙ୍ଗୁଳିରେ ଶାଏ, ହକେଇଲେ ବୃଢ଼ା ଯାଏ··· । ଧନପୁର ପରି ଟୋକାଟାକଲାଆଙ୍କୁ ସମ୍ଭାଳିବାକୁ ତ ଆପଣମାନଙ୍କୁ ଅଣାଯାଇଛୁ ।···ଆପଣ ନିଜକୁ ଏପରି ଗ୍ରେଟ କରନ୍ତୁ ନାହିଁ, କୁଅଁରେ··· ।

ଅହିନା କୁଅଁର ଆଉ କିଛୁ ନକହି ଠେଙ୍ଗାଟାକୁ ଧରି ଉଠିଲା, ଏବଂ ପଥରମୂର୍ତ୍ତିଟାକୁ ପ୍ରଣାମ କରି ଲସରପସର ହୋଇ ଧପାଲିବାକୁ ଆରମ୍ଭ କଲା । ତା'ପଛକୁ ଭଭିରାମ ଓ ଗୋସେଇଁ ।

ଗୋସେଇଁ ଭଭିରାମକୁ ପଚ୍ଛରଲେ—''ଧନପୁର ଆଉ ମଧୁ ତ ଅନେକ ବେଳୁ ଗଲେଣି; ତେବେ ନିଜ ନିଜର ଜିନିଷପାତ୍ର ସବୁ ଠିକ୍‌ଠାକ କରି ନେଇଛନ୍ତି ତ ?''

—''ହଁ, ନେଇଛନ୍ତି । ଧନପୁର ପାଖରେ ରେଣ୍ଟ, କାର୍ତୁଶ ଆଉ ହାତୁଡ଼ି ଅଛୁ । ମଧୁ ଖୁବ୍ ସାବଧାନରେ ବନ୍ଧୁକଟା ନେଇଛୁ । ଏତେବେଳକୁ ସେମାନେ କପିଲୀ ପାରହେଇ-ସିବେଣି ।''

ଗୋସେଇଁ ଏକ ସ୍ୱସ୍ତିର ନିଶ୍ୱାସ ମାରିଲେ । ତା'ପରେ କିଛି ସମୟ ନୀରବତାରେ କଟିଲା । ···ତା'ପରେ ଏକ ଦୀର୍ଘନିଶ୍ୱାସ ପକେଇ କହିଲେ—''ସୁଭଦ୍ରାଟା ଆତ୍ମହତ୍ୟା କଲା ।''

—''ଏଁ ? ଚମକି ପଡ଼ିଲା ଭଭିରାମ ।''

''ହଁ ପରା, କାଲୀ ଅପା ଆସି ଖବର ଦେଲେ ।''

ଘଟଣାଟିକୁ ଚୁମ୍ବକରେ ବର୍ଣ୍ଣନା କଲେ ଗୋସେଇଁ । ଘଟଣା ଶୁଣି ଭଭିରାମର ମନଟା ଓଜନିଆ ହେଇଗଲା । ଅହିନା କୁଅଁର ବି ଏକ ଦୀର୍ଘନିଃଶ୍ୱାସ ଛାଡ଼ି କହିଲା—''କୃଷ୍ଣ କୃଷ୍ଣ, ଛାତି ଫାଟିଗଲା ଭଳି ଲାଗୁଛୁ ।''

ଗୋସେଇଁ କହିଲେ—''ଏକା ସୁଭଦ୍ରା କଥା ନୁହେଁ, ଆଉରି କାହାଣୀ ଅଛୁ । ଗହପୁର ଡେକିଆଜୁଲିରେ ଭୟାନକ ଅତ୍ୟାଚାର । ଜଣେ ଭୁଆସୁଣୀ ବୋହୂ, ଜଣେ କଣୋଗ୍ର କନ୍ୟା ଗୁଳିଖାଇ ମଲେଣି ।''

ଏହା କହି ଗୋସେଇଁଆଣୀ କହିଥିବା କାହାଣୀକୁ ଦୋହରେଇବାକୁ ଆରମ୍ଭ କଲେ ଗୋସେଇଁ । କାହାଣୀ ଶୁଣି ଶୁଣି ଭଭିରାମର ଆଖି ଲୋତକଭିଜା ହୋଇଗଲା । ଅହିନା କୁଅଁର ବାରବାର 'କୃଷ୍ଣ' 'କୃଷ୍ଣ' ଉଚ୍ଚାରଣ କରି ଦୀର୍ଘନିଶ୍ୱାସ ଛାଡ଼ୁଥାଏ । କେହି ଆଉ କଥା କହିବାକୁ ଇଚ୍ଛା କରୁ ନଥିଲେ,···ଘଞ୍ଚ ଭିତରେ ସେମାନେ ଅଧଘଣ୍ଟା ଚାଲି ଚାଲି ଦୁଇମାଇଲ ବାଟ ଅତିକ୍ରମ କଲେଣି । ସମୟ ଓ ବାଟ ମାଲୁମ୍ ପଡ଼ୁନାହିଁ କାହାକୁ । ···ସେସବୁ ଘଟଣା ଶୁଣିବାକୁ ଆଉ କାହାର ଇଚ୍ଛା ନାହିଁ....

ତେବେ ଆହ୍ଲାଦନା କୁଅଁର ପାଟି ଖୋଲିଲା । କହିଲା—"ବାପା ଥରେ ଫୁଲଗୁରି କଥା କହୁଥିଲେ । କୃଷ୍ଣ, କୃଷ୍ଣ...ସେଠିକି ଯାଇଥିଲେ ବାପା, ଅଫିମ ଗୃହ ବନ୍ଦ କରିଦେବାକୁ, କୃଷ୍ଣ କୃଷ୍ଣ ଲୋକସବୁ ମାତିଉଠିଥିଲେ...ଅସ୍ତ୍ରଶସ୍ତ୍ର ଧରି ତଥାପି...ନାଁଟା ଅଫିମ ଗୃହ । ଅସଲ କଥା, ସ୍ୱାଧୀନତା ପାଇଁ ଲଢ଼େଇ । କୃଷ୍ଣ ହେ ! କଣ ନକଲେ, ସିଙ୍ଗର ସାହାବଙ୍କୁ ଗୋଡ଼େଇ ଗୋଡ଼େଇ ମାଇଲେ...ସମସ୍ତେ ଏକଜୁଟ, ଭୟ ନାହିଁ, ଭ୍ରାନ୍ତି ନାହିଁ...କୃଷ୍ଣ, କୃଷ୍ଣ...

—"ସେଇ କଥା ମୁଁ ମୂଳରୁ କହିଆସୁଛି କୁଅଁରେ; ଏକାଠି ହେଲେ ସିଂହ ବି ମରେ-ନାହିଁ । ଦୋଷଟା ବେଶୀ ଲକ୍ଷ୍ମୀରାମର ନା ଧନପୁରର, ସେ ବିଚାର ପରେ ହେବ । ଏବେ କାମ ବେଳ...କେମନ ହୋଇ କାମ କର..." ଟିକିଏ ଅଟକିଯାଇ ବହୁତ୍ତକୁ ଆଖିଠାରି ପଚାରିଲେ—"ସେଗୁଡ଼ା କଏ ହୋ, ଦେଖିଲ ଦେଖିଲ, ସିପାହି ପରି ଦେଖାଯାଉଛନ୍ତି... ଇଆଡ଼କୁ ଆସୁଛନ୍ତି ନା କ'ଣ !"

ଗୋସେଇଁ ଆଗରୁ ଦେଖିଥିଲେ । ସେ କହିଲେ, "ଆମେ ଏବେ କଥାବାର୍ତ୍ତା ବନ୍ଦ କରି-ଦେବା ଭଲ, ଏବେ ଲୁଚିବାକୁ ଚେଷ୍ଟାକଲେ ସେମାନେ ସନ୍ଦେହ କରିପାରନ୍ତି..."

ତିନିଜଣଯାକ ଆଗଉ ଆଗଉ ପାଞ୍ଚଜଣ ମିଲିଟାରୀ ଲୋକଙ୍କ ପାଖରେ ପହଞ୍ଚିଲେ । ଅନୁମାନ କଲେ ସେମାନେ କପିଲୀ ପାରହୋଇ ଏପାରିକୁ ଆସିଛନ୍ତି । ପ୍ରତ୍ୟେକଙ୍କ ହାତରେ ଗୋଟେ ଲେଖାଏଁ ବନ୍ଧୁକ ଓ ପିଠିମାନଙ୍କର ଗୋଟେ ଗୋଟେ ବ୍ୟାଗ୍ । ପାଦରେ ହଲେ ଲେଖା ବୁଟ୍ ଯୋତା । ଧୂଳିଧୂସରିଆ ହୋଇ ବଡ଼ ଅସନା ଦେଖାଯାଉଥାନ୍ତି । ବୋଧେ ଦୁଇ ତିନିଦିନ ହେଲା ସେମାନେ ପୋଷାକ ବଦଳେଇ ନାହାନ୍ତି । ମୁହଁମାନ ସେମାନଙ୍କର ଶୁଖି ଯାଇଛି । ପ୍ରତ୍ୟେକଙ୍କର ହାତରେ ଗୋଟେ ଲେଖାଏଁ ମାଟିମପା ଯନ୍ତ୍ର ବି ଅଛି । ଗୋସେଇଁ ବୁଝିଗଲେ ଯେ ଏମାନେ ସ୍କାଉଟ୍ ପାର୍ଟି ।

ଏମାନଙ୍କୁ ଦେଖି ସେମାନଙ୍କ ଭିତରୁ ଜଣେ ଖଣ୍ଡିଆ ଖଣ୍ଡିଆ ହିନ୍ଦୀରେ ପଚାରିଲା—"ମାୟଂ ଆଉ କେତେ ଦୂର ? ସେଠୁ କାଜଲିମୁଖ କେତେ ବାଟ ?"

ଗୋସେଇଁ କିନ୍ତୁ ଶୁଦ୍ଧ ହିନ୍ଦୀରେ ଉତ୍ତରଦେଲେ—"ମାୟଂ ଏଠୁ ସାତ ମାଇଲ ଓ କାଜଲିମୁଖ ବାର ମାଇଲ ।"

ତା ପରେ ମିଲିଟାରୀ ଜଣକ ପଚାରିଲା—"ନାଆରେ ଗଲେ କେତେ ସମୟ ଲାଗିବ ?"

ଗୋସେଇଁ କହିଲେ—"କାଜଲିମୁଖକୁ ଚାରିଘଣ୍ଟା..." ତା'ପରେ ଟିକିଏ ରହିଯାଇ ପଚାରିଲେ—"ମାପଚୁପ କରିବାକୁ ଆସିଛନ୍ତି ନା ଆଉ କିଛି କାମ ଅଛି ?"

ମିଲିଟାରୀ ଲୋକଟି ହସିଲା, କହିଲା—"ଶୁଣିଲୁ ଏ ଅଞ୍ଚଳରେ ଭଲ ଧାନ ହୋଇଛି । ଏଣୁ ଧାନ ନବାକୁ ଆସିଛୁ ।"

ଆଉ କିଛି ନକହି ଭିଭିରାମ ଓ ଆହ୍ଲାଦନାକୁ ଆଖି-ଇଙ୍ଗିତରେ ଆଗେଇବାକୁ କହି ନିଜେ ଆଗେଇଲେ । କିଛି ଦୂର ଆଗେଇଯିବା ପରେ ଏକ ନିରାପଦ ସ୍ଥାନ ଦେଖି ଗୋସେଇଁ ପାଟି

ଖୋଲିଲେ—"ବୁଝିଲନା ଭଦ୍ରରାମ ଭାଇ, ଘଟଣା କଣ ? କେହି ଏମାନଙ୍କୁ ଖବର ଦେଇଛି ଯେ ଏ ଅଞ୍ଚଳରେ ଧାନ ଭର୍ତ୍ତି । ଦରକାର ପଡ଼ିଲେ ଏମାନେ କ୍ଷେତରୁ ଧାନ କାଟି ନେଇ-ଯିବେ ।"

ଆହ୍ନା ପଚାରିଲା—"ଦାମ ଦେବେ ନାହିଁ ? କୃଷ୍ଣ କୃଷ୍ଣ··· ।"

—"ଦେବେ, କିନ୍ତୁ ରଜାଦରରୁ ଆଠଟଙ୍କା କମ୍‌ରେ ।"

—"ଡକାୟତ, ଡକାୟତ···କୃଷ୍ଣ, କୃଷ୍ଣ ।"

—"ମୋର ଆହୁରି ବି ଏକ ସନ୍ଦେହ ହଉଚି" ବୋଲି କହିଲେ ଗୋସେଇଁ ।

—"କି ସନ୍ଦେହ ?" ପଚାରିଲା ଭଦ୍ରରାମ ।

—"ଏମାନଙ୍କୁ ଡାକିଛି କିଏ ? ମୁଁ ଭାବୁଛି, ଏଇଟା ସେଇ ଲମ୍ବୁରାମର କାମ ଛଡ଼ା ଆଉ କାହାରି ନୁହେଁ ।"

—"କୃଷ୍ଣ, କୃଷ୍ଣ··· ଲମ୍ବୁରାମ ! ହୋଇଥାଇପାରେ, କୃଷ୍ଣ, କୃଷ୍ଣ··· । ତାର ତ ଧାନ କାରବାର ବି ଅଛି । ବହୁଦିନର କାରବାର । ମାଝିଙ୍କର ସବୁ ଧାନ ସେ ପରା କିଣିନିଏ··· । କୃଷ୍ଣ, କୃଷ୍ଣ··· ।"

ଗୋସେଇଁ କହିଲେ—"ଭଲ କାମ ତ ଏ ନୁହେଁ । ଏ ଭିତରେ ଆହୁରି ରହସ୍ୟ ଥିଲା ପରି ଲାଗୁଛି । ଏ ମିଲିଟାରିଗୁଡ଼ା ଯାଇ ସେଠି ତା ଘରେ ରହନ୍ତି ବୋଧେ ?"

ଅହ୍ନା କୁଅଁର କହିଲା—"ନରହିବେ କାହିଁକି ? କୃଷ୍ଣ···କୃଷ୍ଣ···ରାତିରେ ସେଠିକି ଗଲେ ଯିନା ଜଣାପଡ଼ିବ ! କଣ କହୁଛନ୍ତି ? କୃଷ୍ଣ, କୃଷ୍ଣ···ସେଇ ମାଇକିନିଆଟା ନା··· କୃଷ୍ଣ, କୃଷ୍ଣ···ତୁମମାନଙ୍କ କୁଳରେ କଳଙ୍କ ବୋଲିଲା···ସେ ବୁଆଡ଼େ ଏବେ ସମ୍ପତ୍ତିର ଭାଗ ମାଗୁଛି । କୃଷ୍ଣ, କୃଷ୍ଣ··· ।"

ଗୋସେଇଁ କହିଲେ—"ମୋର ସନ୍ଦେହ ତେଣୁ ସତ; କିନ୍ତୁ ଆପଣ ଆଉ ବାଣେଶ୍ୱର ରଜା ତାଙ୍କୁ ଯେତେଟା ସରଳ ବୋଲି ଭାବୁଛନ୍ତି, ସେ ସେତେଟା ସରଳ ନୁହେଁ ।···ତାଙ୍କୁ ମୁଁ କେବେ ବି ବିଶ୍ୱାସ କରି ପାରିବି ନାହିଁ ।"

—"କୃଷ୍ଣ, କୃଷ୍ଣ···ତୁମେ ବି ଦେଖୁଛି ମନକୁ ବାଧିଲାପରିକା କଥା କହୁଚ···କୃଷ୍ଣ, କୃଷ୍ଣ ।"

ଭଦ୍ରରାମ ପଚାରିଲା—"ଆଶ୍ରମ ଆଉ କେତେ ଦୂର କି ?"

—"ହେଇ ମ, ଯୋଡ଼ି ପାହାଡ଼ଗୁଡ଼ା ଦେଖୁଛ ତା'ରି ମଝିରେ ।"

□□□

ପାଞ୍ଚ

ଗୋଧୂଳି । ଯୋଉଆଡ଼େ ଚାହିଁ ଉଚ ଉଚ ପାହାଡ଼ । ଗଛପତ୍ର ସବୁ ଧୀରେ ଧୀରେ ଝାପ୍‌ସା ହୋଇପଡ଼ୁଛନ୍ତି କଳା ରଙ୍ଗରେ—ସତେକି ଏକ ଅତିକାୟ ପକ୍ଷୀ ଡେଣା ମେଲାଇ ଧୀରେ ଧୀରେ ଓହ୍ଲାଇଆସୁଛି ।

ଗୋସେଇଁ ଅନେଇଥିଲେ ସମ୍ମୁଖର ପାହାଡ଼କୁ । ଉପରୁ ଓହ୍ଲାଇଆସୁଛି ଗୋଟିଏ କାଳୀ-ଗାଈ । ବାଛୁରୀକୁ କୋଉଠି ହଜେଇଦେଇଛି ନା କଣ । ହମ୍ବା ରଡ଼ରେ କମ୍ପଉଛି ଖଣ୍ଡମଣ୍ଡଳକୁ ।···ଧୀରେ ଧୀରେ ଆସି ଗୋସେଇଁଙ୍କ ପାଖରେ ପହଞ୍ଚିଲା । ସେଇ ଝାପ୍‌ସା ଅନ୍ଧାରରେ ଚହ୍ନିପାରିଲେ ଗୋସେଇଁ । ତାଙ୍କର ଚନ୍ଦ୍ରାଗମ୍ଭୀର ମୁହଁରେ ତତ୍‌କ୍ଷଣାତ୍ କୋମଳତାର ଆଭା ଫୁଟିଉଠିଲା । ଗାଈର ପିଠିକୁ ଆଉଁସିଦେଇ ପଚାରିଲେ—"ମାଳୀ ! ତୁଆକୁ ତୋର ଛାଡ଼ିଲୁ କୋଉଠି ?"

ଆଉଁସୁ ଆଉଁସୁ ଗୋସେଇଁଙ୍କର ଅଙ୍ଗୁଳି ଯାଇ କାଳୀଗାଈର ଆଖି ଉପରେ ପଡ଼ିଲା । ଚମକିଗଲା ଆଙ୍ଗୁଳିଗୁଡ଼ାକ ବୁଝିପାରିଲେ, ବାଛୁରୀ ଆଉ ନାହିଁ । ଆଖିଲୁହରେ ମୁହଁ ନାକ ତଳନ୍ତ ବାଲୁବାଲୁ ହୋଇଛି ।

କୋଉଠୁ କେଜାଣି ଧଇଁସଇଁ ହୋଇ ଆହ୍ଲାଦ କୁଅଁର ପଶିଆସିଲା । ସେଇ ଝାପ୍‌ସା ଝାପ୍‌ସା ଅନ୍ଧାରରେ ଲୋକଟା ଗୋଟେ ଭୂତଭଳି ଦେଖାଯାଉଥାଏ । ସତେକି ଭାଲୁଟା ଆଗ-ଗୋଡ଼ ଦ'ଟା ଟେକ ଟେକ ଧପାଳିଆସୁଛି ।···

—"କୃଷ୍ଣ, କୃଷ୍ଣ···ଘୁଅ ଭିତରକୁ ପଶିବା କେମିତି ମ !" ଦମ୍‌କାଲରୁ ରହି ରହି ଗଦ୍‌ଗଦ୍ କଳା ପାଣି ବାହାରିଲା ପରି କଥା କେଇପଦ ଆହ୍ଲାଦ ତୁଣ୍ଡରୁ ବାହାରିଆସୁଥାଏ ।

—"କଣ ହେଲା କ ?" ବିସ୍ମୟରେ ପଚାରିଲେ ଗୋସେଇଁ ।

—"କୃଷ୍ଣ, କୃଷ୍ଣ···ବଣରଜା ହୋ ବଣରଜା ! ଇଃ,କ ଫୁରୁକୁଟିଆ ଚନ୍ଦ···କୃଷ୍ଣ, କୃଷ୍ଣ··· ଦୁଇ ଦୁଇଟା ଗୋରୁଙ୍କୁ ମାରି ଖାଇଲାଣି ବୋଲି ଶୁଣିଥିଲି ।"

ଦୁଆର ଉପରେ ଲଥ୍‌କିନା ବସିପଡ଼ିଲା ଆହ୍ଲାଦ । ହାତରେ ଗୋଟେ ପାଛୁଆ; ପାଛୁଆରେ ପାଞ୍ଚଏ ନାହର ମଞ୍ଜି । ମଞ୍ଜିଗୁଡ଼ାକ ଉପରେ ଆଙ୍ଗୁଳି ବୁଲେଇ ବୁଲେଇ କହିଲା—"କୃଷ୍ଣ, ହେ, କାମଟା ହେଲା କନ୍ତୁ । ଏଇ ନାହର ମଞ୍ଜିଗୁଡ଼ା ଆମ ବାଟକୁ ଦରକାର । ଭଲ ଜାଲେଣି ହେବ । କୃଷ୍ଣ, କୃଷ୍ଣ, ଭଉରାମ ଆମ୍ବତାଲ ବୋହାକେତେ ଆଣିଛନ୍ତି । ସ୍ୱାଙ୍କର ସାହସ ତ ବଣରଜାର ସାହସଠୁ କିଛି କମ୍ ନୁହେଁ···କୃଷ୍ଣ, କୃଷ୍ଣ ।" ଏକାସାହାକେ କଥାଗୁଡ଼ା କହୁଯାଉଥିଲା ଆହ୍ଲାଦ—ଆମ୍ବତାଲ କେଇଟା କାଟିଲି ଅଥଚ ଛାଡ଼ଆସିଲି···କୃଷ୍ଣ ହେ ।"

ଗୋସେଇଁ ଗାଈର ପହ୍ଲାକୁ ଆଉଁସୁ ଆଉଁସୁ କହିଲେ—"ଆରେ, ଦେଖିଲ ଦେଖିଲ, ସ୍ବାର କ୍ଷିର ବାହାରୁଛି ଯେ ।"

ଅହିନା ଗାଈ ଆଡ଼କୁ ନଜରେଖି ଗୁହିଁ କହିଲା—"ଇଏ ସେଇ କାଳୀ ଗାଈ ନା, ଯୋଉଟା ଘୋରୁକରେ ମିଳିଥିଲା ? କୃଷ୍ଣ ହେ ! ଇଏ ପୁଣି ଏଠିକି ଆସିଲା କେମିତ ?"—ଟିକଏ ରହି, ନିଃଶ୍ବାସ ନେଇ ପୁଣି କହିଲା—"ଇଏ ସେଇ ମହାଜନର କାମ । ସତକୁ ସତ ସେ ଶତ୍ରୁତା ଆରମ୍ଭ କରିଦେଇଛି··· ! କୃଷ୍ଣ, କୃଷ୍ଣ···"

ଗୋସେଇଁ ନୀରବ ରହିଲେ । ଆଜିକାଲି ଏମିତ ଗାଁମାନଙ୍କରୁ ଗୋରୁଗାଈ ଖେଦି ଆଣି ବନ୍ଦି କରିବାଟା ସାଧାରଣ କଥା ହେଲାଣି । ତାଙ୍କ କାଳୀ ଗାଈର ବାଛୁରିଟା ହୁଏତ ହଜିଲା, ନୋହିଲେ ବାଘ ଖାଇଲା । ଆଉ ଦୁଇଟା ଗାଈ ? ଘରୁ ବାହାରିଲାବେଳକୁ ଗୁହାଳଟା ଶୂନ୍ୟ ଥିବାର ଦେଖିଆସିଥିଲେ । କେହି ହୁଏତ ଏମାନଙ୍କୁ ଏଇ ବାଟଦେଇ ଖେଦି ନେଉଥିଲେ ସେମାନେ ଏଇ ଆଶ୍ରମ ଘରକୁ ଚିହ୍ନିପାରି ବଣରେ ପଶି ଏଇଆଡ଼େ ପଳେଇ ଆସିଛନ୍ତି ବୋଧେ । ଘଟଣାଟି ନିଶ୍ଚୟ କାଲି ହିଁ ଘଟିଛି । ପହିଲାଦିନଠୁ ଗାଈଗୁଡ଼ାଙ୍କୁ ଗୁହାଳରେ ବାନ୍ଧି ପାରିନାହିଁ ମଧ୍ୟ । ଯୋଉ ଲୋକ ଏ ଗୁଡ଼ାକୁ ଖେଦି ଆଣିଥିଲେ ସେମାନେ ଏଗୁଡ଼ାଙ୍କୁ ଜଙ୍ଗଲରୁ ବାହାର କରି ନ ପାରି ଏଇଠି ଛାଡ଼ିଦେଲେ ନା କଣ ।···କାଳୀଗାଈଟି ଥିଲା ଘରଣୀଙ୍କର ଆଖିର ମଣି । କ୍ଷୀର ବି ସେରେ ଲେଖାଏଁ ଦଉଥିଲା । ବାଛୁରିଟିକୁ ମାସେ ବି ହେଇନାହିଁ । ଗୋସେଇଁ ଠିକ୍ ବୁଝିପାରିଲେ ଯେ ଏଇ କାଳୀଟିକୁ ଛାଡ଼ିଦେଲେ ବାକି ଗାଈମାନେ ଆଉ ନାହାନ୍ତି । ବୃଷ-ବଳଦକୁ ତ ବାଘ ନେଲା ।

ଛାଡ଼···ଏବେ ଏସବୁ ଚିନ୍ତା କରିବାକୁ ସମୟ ନାହିଁ । ଗାଈଟିକୁ ଅଡ଼େଇ ନେଇ ଗୁହାଳେ ଭରିଦେଲେ । ତା'ପରେ ଗୁହାଳର ତାଟିକୁ ଲଗେଇ ଦେଇ ଗୋସେଇଁ ଯେତେବେଳେ ବାହାରକୁ ଆସିଲେ ସେତେବେଳକୁ ଜହ୍ନ-ଆଲୁଅରେ ଦୁଆରଟା ଫରଫୁ ଦିଶିଲାଣି ।

ଗଣ୍ଠିଲି, ବୁଜୁଲି ଧରି ଆହିନା ବାହାରିବାକୁ ସଜହେଉଥିଲା । ଭିଭିରାମ ସେତେବେଳେ-ଯାଏଁ ବାହାରୁ ଆସି ନଥାଏ । ଗୋସେଇଁ ଜହ୍ନଟାକୁ ଅନେଇ ଦେଖିଲେ ଯେ ପୂର୍ଣ୍ଣିମାର ପୂର୍ଣ୍ଣପ୍ରକାଶ । ଏଣେ ବୁକୁ ଭିତରେ ପ୍ରବହମାନ ପ୍ରାଣନଦୀ···ଏ ନଦୀର ଦୁଇକୂଳ ଖୁବ୍ ଉଖ । ଗୋସେଇଁ ମନଶ୍ଚକ୍ଷୁରେ ଦେଖୁଛନ୍ତି ସେ ନଦୀର ବାରିଧାରା ଏକ ପ୍ରକାଣ୍ଡ ଗହ୍ୱର ମଧ୍ୟରେ ଭର୍ତ୍ତି ହେଉଛି । ସେଇ ଛବିଟି ଦେଖିବା କାହା ପକ୍ଷରେ ବି ସମ୍ଭବ ନୁହେଁ । ···କିନ୍ତୁ ଧାର-ଧାର ଲୁହ ଝରିପଡ଼ୁଥିବା ଏଇ କାଳୀଗାଈଟିର ମୁହଁ ପରି ଘରଣୀଙ୍କର ଲୁହଭରା ମୁହଁ । ପୂଜାରେ ବଳି କାଟୁଥିବା ଲୋକର କପାଳରେ ଦାଉ ଦାଉ କରୁଥିବା ସିନ୍ଦୂରଟୋପା ପରି ଏଇ ପୂର୍ଣ୍ଣିମାର ଚନ୍ଦ୍ରଟିକୁ ଦେଖିଲେ ସେଇ ନଈଟିର ଆଭାସ ଚଢ଼ି ଜଳଜଳ ହୋଇ ଦେଖାଯାଏ ।

ଚଢ଼େଇଟିଏ ବିଶ୍ରାମ ନେବ ବୋଲି ଡେଣା ଫଡ଼ଫଡ଼ କରି ଆସି କାର୍ତ୍ତିକ ମାସର ଆକାଶ-ଦୀପର ଶୂନ୍ୟ ଠେକଟା ଉପରେ ବସିଗଲା । ଠେକ ଝୁଲୁଥିବା ବାଉଁଶଟା ଦୋହଲିଉଠିଲା ।

ଚଢ଼େଇଟି ସେଇଠି ଶୀଘ୍ରରେ ବିଶ୍ରାମ ନେଇପାରିଲା ନାହିଁ । ସେଇଠୁ ଉଡ଼ିଆସି ବସିଗଲା ଘରର ଚାଳ ଉପରେ ।

—"କୃଷ୍ଣ, କୃଷ୍ଣ··· ଆହେ ସେଇଟା ହେ, ଚିହ୍ନି ପାରୁଚ ନା ଗୋସେଇଁ ମାହାପୁରୁ ! କୃଷ୍ଣ ହେ, ଶେଷକୁ ମାୟାର ହାବୁଡ଼ରେ ପଡ଼ିବାକୁ ହେଲା ।"

ଗୋସେଇଁ ମୁହଁ ଟେକି ଚାହିଁଲେ ଚଢ଼େଇଟି ଆଡ଼କୁ । ଆହ୍ୱନା ପାଟିକରି ଚଢ଼େଇଟାକୁ ଘଉଡ଼େଇଦବାକୁ ଚେଷ୍ଟାକଲା । ଏତିକବେଳକୁ ଭଭରାମ ଦୁଇଖଣ୍ଡ ଜଳନ୍ତା କାଠି ଧରି ଆସି ପହଞ୍ଚିଲା ସେଠି । ମୁହଁଟା ତାର ଶୁଖିଲା ଦେଖାଯାଉଥିଲା । ସେ କାହାକୁ କିଛି ନକହି ସିଧା ସିଧା ଘର ଭିତରକୁ ପଶିଗଲା । କିଛି କ୍ଷଣ ପରେ ସେ ଯେତେବେଳେ ବାହାରକୁ ବାହାରିଆସିଲା, ସେତେବେଳେ କାନ୍ଧରେ ତାର ପୁରୁଣା ବୋଝଟା—ଗୋଟେ ହାତରେ ବୋଝେ ଜାଳେଣି ଓ ଆଉ ଗୋଟେ ହାତରେ ସେଇ ଜଳନ୍ତା କାଠି ।

ଏଥର ବୁଢ଼ାଙ୍କର ନିକଟକୁ ଆସି ଆହ୍ୱନାକୁ ଲକ୍ଷ୍ୟ କରି କହିଲା—"ଆପଣ ବି ଗୋଟେ ଜାଳ ଧରନ୍ତୁ ।" ପୁଣି ଗୋସେଇଁଙ୍କ ଆଡ଼େ ଚାହିଁ କହିଲା—"ଆମେ ଏଥର ବାହାରିଲେ ଭଲ ହେବ ଗୋସେଇଁ ମାହାପୁରୁ !"

ଆହ୍ୱନା ସେଇଠୁ କହିଲା—"ହୋ କାମପୁରିଆ ! ଦେଖୁଛ ନା ନାହିଁ···କୃଷ୍ଣ, କୃଷ୍ଣ, ଚାଳ ଉପରେ ସେଇଟା କିଏ ? ଆଖି ଦି'ଟା ଠିକ୍ ଧନପୁର ଆଖି ପରି ନୁହେଁ ? କୃଷ୍ଣ ହେ ! ଏ କାଳଟାକୁ ମୁଣ୍ଡେଇ ଯିବା କୁଆଡ଼େ ହୋ ! କୃଷ୍ଣ, କୃଷ୍ଣ··· ।"

ଭଭରାମ ଟିକିଏ ବିରକ୍ତ ହୋଇ କହିଲା—"ସେଇଟା ତ ଚଢ଼େଇଟେ । ଦେଖୁନ କି, ଆଖି, ଥଣ୍ଟ, ଡେଣା ସବୁ ଅଛି । ମଣିଷ ହେଇ ଚଢ଼େଇଟାକୁ ଭୟ କରିବା ନା ?"

ଆହ୍ୱନା ଭଭରାମର ମୁହଁକୁ ଚାହିଁ ଅବାକ୍ ହେଲା । କାମପୁରିଆ ଜଣକ ବେଶ୍ ବୁଦ୍ଧିମୂର୍ତ୍ତି ଧରିଛି ତ । ଆଉ କିଛି ନକହି ଚଟ୍‌କିନା ଘରଭିତରକୁ ପଶିଗଲା ଆହ୍ୱନା ।

ଭଭରାମ ଏଥର ଗୋସେଇଁଙ୍କୁ କହିଲା—"ଆପଣ ଦେଖୁଛି କୁମ୍ଭାରଚକଟି ପରି ନିଜଭିତରେ ଦିଅଁ ଭଳି ଖେଳୁଛନ୍ତି । ମନଟା ଏମିତି କିଛି ଚିଜ ନୁହେଁ ଯେ ତାକୁ ଯେମିତି ପାରି ସେମିତି ମୁକୁଳା ପକେଇଦବା । କାଲିଠୁ ମୁଁ ଲକ୍ଷ୍ୟ କରୁଛି ଯେ ଆପଣଙ୍କୁ ମାୟା ଟାଣୁଛି । ସ୍ତ୍ରୀ, ଗୋରୁ, ଧାନ ଆଉ ଆକାଶର ଜହ୍ନ—ଏସବୁକୁ ମାୟା ବୋଲି ଜାଣନ୍ତୁ ।··· ଆଉ ହଁ, ରୂପନାରାୟଣଙ୍କର ଆସିବାର ଥିଲା । କାହିଁ, ଆସିଲେ ନାହିଁ ତ । ···ସଂସାରକୁ ଆସିଲାବେଳେ କିଏ କଣ କାହାକୁ ସାଙ୍ଗରେ ନେଇ ଆସିଥାଏ ? ଏଠି ରହିବା ଏକୁଟିଆ; ଯିବାବେଳେ ବି ଯିବା ଏକୁଟିଆ । ···ଏଇ ଆହ୍ୱନାର ଭିତରଟା ଏକଦମ୍ ଖୋଲା—ସତେକି ଶୂନ୍ୟ ପେଡ଼ିଟାଏ । ଅସଲ ଜିନିଷକୁ ଏଯାଏଁ ସେ ଦେଖିନାହିଁ ।"

ଗୋସେଇଁ ଭଭରାମ ଆଡ଼େ ଅନେଇ କହିଲେ—"କାମର ଗନ୍ଧ ମାଡ଼ା ପଡ଼ିଯିବ ଦେଖି ମୁଁ ଟିକିଏ ବିଚଳିତ ହୋଇପଡ଼ୁଛି; କିନ୍ତୁ ମୁଁ ତ କେବେ କାମରେ ହେଳା କରିନାହିଁ । କାମଟା ହଉଚି ଅସଲ କଥା । ନା କଣ କହୁଚ ? ଯାହାବି ହଉ,

କମାରକୁପି ଗ୍ରାଡ଼ିବା ସମୟ ହୋଇନାହିଁ । ରୂପନାରାୟଣ ଯେମିତ• ହେଲେ ଆସିବ । ତା'ଛଡ଼ା ଏମାନଙ୍କ ଭିତରୁ କେହି ଜଣେହେଲେ ଆସିବା କଥା ଥିଲା । ଏଣୁ ଆମେ ଟିକିଏ ଅପେକ୍ଷା କଲେ ଭଲ ହେବ । ନିଆଁଟା ଟିକିଏ କମେଇଦିଅ, ଭିଭିରାଇ !"

ଭିଭିରାମ ପୁଣି ପଚାରିଲା—"ରୂପନାରାୟଣ ଯେ କାହିଁକି ନ ଆସିଲା, ସେକଥା ତ ମୁଁ କହିପାରିବି ନାହିଁ; କିନ୍ତୁ ଆମ ଲୋକଙ୍କ ଭିତରୁ କାହାର ଆସିବାର ଥିଲା କି ?" କହୁ କହୁ ଭିଭିରାମ ନିଆଁ ଲାଗିଥିବା ଝାଟିଟିକୁ ମାଟିରେ ଜାକି ଜାକି ନିଆଁକୁ କମେଇବାକୁ ଚେଷ୍ଟା କଲା । ନିଆଁ ଝୁଲଗୁଡ଼ା ଚାରିଆଡ଼କୁ ଛିଟିକି ପଡ଼ୁଥିଲା । ଗୋସେଇଁ ଟିକିଏ ବଡ଼ ପାଟିରେ ଆହିନାକୁ କହିଲେ—"ଆରେ ଭାଇ, ନିଆଁଟା ଏବେ ଲିଭାଇବା ଦରକାର ନାହିଁ; ବରଂ ନିକିଏ ଗୁହା ବସେଇଦେଲେ ଭଲ ହୁଅନ୍ତା ।"

ଆହିନା ଖୁସି ହୋଇଗଲା । ଦୁଇଦିନ ହେଲା ଅଫିମ ସେବା କରିପାରିନାହିଁ । ଏବେ ସୁଯୋଗ ଯୁଟିଲା । ଏହା ଭାବି ସେ ଭିତରକୁ ଗଲା । ଗୁହାଟା ନିଆଁରେ ବସେଇ ଦେଇ ଅଫିମ କରାଟ, ଅଫିମ ନଳୀ, ପାନଡେମ୍ପ, ଚନ ଓ ଅନ୍ୟାନ୍ୟ ଜିନିଷ ସବୁ ବାହାର କରି ସଜେଇ ଥୋଇଲା ।

ଗୋସେଇଁ ଅନେଇଥିଲେ ଭିଭିରାମର ଝାଟିନିଆଁ ଲିଭିବ କେତେବେଳେ । ନିଆଁ ଲିଭିବା ପରେ ସେ କହିଲେ—"ଏଇ ଜାଗାରୁ ଆମ ଲକ୍ଷ୍ୟସ୍ଥଳୀ ଯାଏଁ ବାଟଯାକ ପୂରା ଜଙ୍ଗଲ । ବାଘ, ଭାଲୁ, ହାତୀ, ସାପ ଆଦିର ଭୟ ରହିଛି । ତା'ଛଡ଼ା ଏଇଠୁ ଗାରୋ ଗାଁକୁ କମ୍‌ସେ-କମ୍ ଦୁଇଘଣ୍ଟାର ବାଟ । ପାଖରେ ନେପାଳୀ ଗାଁଟା ବି ଅଛି । ଏଇ ଖଣ୍ଡକରେ ସରକାରୀ ପହରାଦାର ରହିଛନ୍ତି । କାଲି ଆଉ ଆଜି ଦୁଇଦିନ ଧରି ମୁଁ ମିଲିଟାରି ଲୋକଙ୍କ ଗତିବିଧି ଲକ୍ଷ୍ୟ କରୁଛି । ସେମାନେ ଅଧମାଇଲ କିମ୍ବା ମାଇଲିଏ ଛାଡ଼ି ଛାଡ଼ି ଘାଟି କରିଛନ୍ତି । ଘାଟି ନକହି ବରଂ ଲୁଚିଛପି ରହିଛନ୍ତି ବୋଲି କହିବା ହିଁ ଠିକ୍ । ଏଣୁ ଗାରୋ ଗାଁ ଯାଏ ଏଇ ଯୋଉ ବାଟଖଣ୍ଡକ, ରାତାରାତି ପାରହେବାକୁ ହେବ । ଗାରୋ ଗାଁରୁ ଆମ ଜାଗା ଉପରକୁ କେମିତି ଯାଇ ପହଞ୍ଚିବାକୁ ହେବ ସେକଥାବି ଆଜି ସ୍ଥିର କରିବାକୁ ହେବ । ସେଇଥିପାଇଁ ସେମାନଙ୍କ ଭିତରୁ କାହାକୁ ଜଣକୁ ଡକେଇଥିଲି । ଏପରି ସମୟରେ ହାତେ ମାପି ଚାଲିବା ଭଲ ।..." ଅଟକିଗଲେ ଗୋସେଇଁ । ଅଗଣାରେ ଜହ୍ନ-ଆଲୁଅ ପଡ଼ିଲା । ପେଚାଟା ସେତିକିବେଳୁ ଚୁପ୍‌ଚାପ୍ ହୋଇ ବସିଛି ଚାଳଉପରେ । ଗୋସେଇଁଙ୍କର ମନେହେଲା ସତେ ଯେମିତି ସେଇ ପେଚାଟା ସେମାନଙ୍କ ଉପରେ, ସେମାନଙ୍କର ଆନ୍ଦୋଳନ ଉପରେ ତଥା ଏ ଦେଶର ଭବିଷ୍ୟତ ଉପରେ ଦୃଷ୍ଟି ପକଉଛି । କଥାଟା ଭାବୁ ଭାବୁ ମନେ ମନେ ହସିବାକୁ ବାଧ ହେଲେ ଗୋସେଇଁ । ସଂସ୍କାରଟା ମନରେ ବସା ବାନ୍ଧିଛି; କିନ୍ତୁ ପେଚା ଚଢ଼େଇଟାକୁ ଲୋକେ ତ ପୁଣି ଲକ୍ଷ୍ମୀ ବୋଲି କହନ୍ତି । ଏଣୁ ଦେଖିବାକୁଗଲେ ଲକ୍ଷ୍ମୀ ଓ ଭାଗ୍ୟ ଗୋଟିଏ ଜାଗାରେ ଅଛନ୍ତି । ପେଚାଟାକୁ ସେ ନିହାତି ଆପଣାର ବୋଲି ଗ୍ରହଣ କରିନେଲେ ।

ଭଭରମ କହିଲା—"ଆଉ ଦୁଇ ଚାରିଟା ବନ୍ଧୁକ ଦରକାର । ଆଚ୍ଛା, ମଧୁଟା ଜଗଦେଇଟାରେ ଯାଇ କିଛି ଅଘଟଣ ଘଟେଇ ନାହିଁ ତ ? ଆପଣ କଣ ଭାବୁଛନ୍ତି ?"

"ଧନପୁର ଥିବାଯାଏଁ ତୁମେ ନିଶ୍ଚିନ୍ତ ରହିପାର; ଏତିକିଟା ଜାଣିଥାଅ ।"—ଅନ୍ୟମନସ୍କ ଭାବେ କହିଲେ ଗୋସେଇଁ । ସେତେବେଳେ ସେ ବନ୍ଧୁକ କଥା ଚିନ୍ତା କରୁଥିଲେ । ଭାବୁଥିଲେ ବି ମଣିଷମାନଙ୍କର ଅଜ୍ଞତାର କଥା ଏବଂ ସେଇ ଅଜ୍ଞତାକବଳରୁ ଉଦ୍ଧାର ପାଇବାକୁ ମଣିଷମାନେ ଯେଉଁ ଜ୍ଞାନର ଉଦ୍‌ଘାଟନ କରୁଛନ୍ତି, ସେଇ କଥା । କି ବିଚିତ୍ର ସତେ ମଣିଷର ଏଇ ଜ୍ଞାନ ଉଦ୍‌ଘାଟନ ! ଦିନ-ଅନ୍ଧୁଣୀ ଗୋଟେ କଦାକାର ଚଢ଼େଇ; ପୁଣି ମଣିଷର ଭାଗ୍ୟ ବା ଲକ୍ଷ୍ମୀ ! ଅର୍ଥାତ୍ ଲକ୍ଷ୍ମୀ ଓ ଭାଗ୍ୟ ଭିତରେ ଫରକ୍ କିଛି ନାହିଁ । ସେଇଆ ଆମ ଲୋକେ ଭାବନ୍ତି । ତେବେ ହଜିଯାଇଥିବା ଗାଈ କେଇଟା ପାଇଁ ନ ଅନେଇବା କେମିତି ? ଟିକିଏ ଆଗରୁ ସେମାନେ ଥିଲେ ଗୋସେଇଁଙ୍କ ଘରର ଐଶ୍ୱର୍ଯ୍ୟ, ଅର୍ଥାତ୍ ଲକ୍ଷ୍ମୀ । ଏବେ ହେଲେ ସେମାନେ ବଣ-ରଜାର ଆହାର ! ବଡ଼ମାଛ ସାନମାଛମାନଙ୍କୁ ଗିଳିପକାଏ । ପ୍ରକୃତିର ନିୟମ ଏ । ସେ ପୁଣି ସେଇଆ ! ସେହିପରି ଭେରେଣ୍ଡା ରଡ଼ି । ସେ ତ ବି ବଣର ଏକ ପଶୁ । ଅଥଚ ସେ ହେଲାଣି ସୁଭଦ୍ରା···ଜନ୍ମଜନ୍ମାନ୍ତର କେତେ ମିଛ; ଅଥଚ କେତେ ସୁନ୍ଦର କଳ୍ପନା ।···ସାନ୍ତ୍ୱନାର ଅବଲମ୍ବନ !

ଭଭରମ କହିଲା—"ମୋର ବି ଧନପୁର ଉପରେ ବିଶ୍ୱାସ ଅଛି । କିନ୍ତୁ ଧୂମକେତୁ ପରି ଯଦି ଉପରୁ ଅସି କିଛି ପଡ଼େ, ତେବେ ଧନପୁର ଅବା କରିବ କଣ ! ଅବଶ୍ୟ ସିଏ ଏମିତି, ସେମିତି ପିଲା ନୁହେଁ । ଦେହକୁ ବଞ୍ଚେଇ ବୁଲିପାରେ ଯେମିତି, ସମୟ ଅନୁସାରେ ଦେହକୁ ବଳିଦେଇପାରେ ସେମିତି । ତଥାପି ବାଘ, ହାତୀ ପକାଉ ବନ୍ଧୁକ ଗୋଟେ ଦି'ଟା ହାତରେ ଥିବା ଦରକାର ।"

—"ଦରକାର ବୋଲି କହିଦେଲେ କୋଉଠୁ ମିଳିଯିବ କି ? ଏପର୍ଯ୍ୟନ୍ତ ତ ଦ୍ୱିତୀୟ ବନ୍ଧୁକ ପାଇଲେ ନାହିଁ । ଏବେ କେବଳ ରୂପନାରାୟଣ ଉପରେ ଆଶା ଅଛି । କଣ ତାର ହେଲା, ଆସିଲା ନାହିଁ କାହିଁକି ଏଯାଏଁ ?"—ହଠାତ୍ ପ୍ରଶ୍ନ କଲେ ଗୋସେଇଁ ।

ଭଭରମ ଟିକିଏ ଚିନ୍ତାକଲା । ଘଣ୍ଟାକଣ୍ଟାକୁ ଦେଖି କାମ କରିବା ଏ ଦେଶ ଲୋକଙ୍କ ପକ୍ଷେ ବଡ଼ କଷ୍ଟ । ଅବଶ୍ୟ ମନର କଣ୍ଟା ମିଳେଇଲେ ବି କାମ ହୁଏ । କାମପୁର, ନରୁବା ନଗାଁଓ ଅବା ରହା—ସବୁଠି ମିଲିଟାରୀ ଓ ପୋଲିସ ଲୋକେ ବୁଲିବୁଲି ପିଟୁଣୀଟିକସ ଆଦାୟ କରୁଛନ୍ତି । ସକାଳୁ ସକାଳୁ ଯାଇ ଦୁଆର ଖୋଲି ଘରେ ପଶନ୍ତି ସେମାନେ । ବୈଠକଘରେ ବଡ଼ ପାଟିତୁଣ୍ଡ ହୁମ୍‌ଦୁମ୍ କରି ଘରଲୋକଙ୍କୁ ଉଠାନ୍ତି । ଟିକସ୍ ମାଗନ୍ତି । ନିଦୁଆ ଆଖିକୁ ମଳିମଳି ଘରମାଲିକ ଯେତେବେଳେ ପଚାରନ୍ତି—କି ଟିକସ୍ ? ସେଇଠୁ ଆରମ୍ଭ ହୁଏ ବିପର୍ଯ୍ୟୟ । ସେମାନଙ୍କର ରାଗ ଚଢ଼ିଯାଏ । ବନ୍ଧୁକନଳୀରେ ଗୋଳି ମାରିବାକୁ ଉଦ୍ୟତ ହୁଅନ୍ତି—ମାରନ୍ତି ବି କାହାକୁ କାହାକୁ । ପୁଣି କହନ୍ତି—"ଇସ୍, ଜାଣିଲୁ ଯେମିତି । ଜାଣିଲୁ ଯଦି ବଳେ ଜାଣିବୁ । ରହ··ମୃତ୍ୟୁବାହିନୀର ଲୋକଗୁଡ଼ାକୁ

ତମେମାନେ ପାଳି ପୋଷି ରଖିଛ, ସେମାନଙ୍କୁ ଛଞ୍ଚା ଦଉଛ, ଭଣ୍ଡାରଘର ଖଡ଼ ଉପରେ, ଓସ୍ତ ଉପରେ ସେମାନଙ୍କୁ ଲୁଚେଇ ରଖି, ବାଡ଼ପଟ ଖଡକୁଡ଼ ବାଟେ ପଳେଇବାକୁ ଦେଇ ପୋଲିସଙ୍କୁ ଫାଙ୍କି ମାରି, ଠକଉଥ । ଠିକାଦାର ଆସିଲେ କାଠ, ବାଉଁଶ, ଚାଉଳ, ଲୁଣ ଲଙ୍କା, ଆଳୁ, ସାରୁ କିଛି ନାହିଁ ବୋଲି କୁହ । କେହି ପୋଲ ଭାଙ୍ଗିଲେ ଜାଣି ନଜାଣିଲା ପରି ଛଳନା କର—ଏବେ ଟିକସ କାହିଁକି ଜାଣିପାରୁନ ? ସରକାର ପିଟୁଣି ଟିକସ ବସେଇଛନ୍ତି । ସେଇ ଟିକସ୍ ଆଦାୟ କରିବାକୁ ଆମେ ଆସିଛୁ । ଶୀଘ୍ର ଟିକସ୍ ବାହାର କର । ଯଦି ନଗଦ ଦବୁ ଦେ; ନହେଲେ ଲୋଟା, କଂସା ଗିନା ଯାହା ଅଛି ଦେ । ତା ଯଦି ନାହିଁ ସ୍ତ୍ରୀ କାନରୁ ଗହଣା କାଢ଼ି ଦେ ।···ଖାଲି ଦେ···ଦେ···ଦେ···। 'ଦେବନି' କହିଲେ ବନ୍ଧୁକ ଗୋଳ, ଗିରଫ, କୋରଖି । ବୁଟ୍ ଜୋତାପିନ୍ଧି ଫଟାଫଟ୍ ଘର ଭିତରକୁ ପଶିଯାଆନ୍ତି । ଉପର ଆସାମ, ତଳ ଆସାମ···କୋଉଠି ବାକି ନାହିଁ । ତା ଛଡ଼ା ନିର୍ଦ୍ଦୋଷ ଲୋକଗୁଡ଼ାଙ୍କୁ ଦଳ ଦଳ କରି ବାନ୍ଧିନଉଛନ୍ତି ଥାନାକୁ । କୋଳର ଛୁଆକୁ କାଖରେ ଜାକି ସ୍ତ୍ରୀଲୋକେ ଦୌଡ଼ୁଛନ୍ତି ଥାନାକୁ । ଚିରାଫଟା ଫ୍ରକ୍, ଗାମୁଛା, କର୍ଦ୍ଦିଆ ଅବା କନାପିନ୍ଧା ଛୋଟ ଛୋଟ ପୁଅଝିଅଗୁଡ଼ାଙ୍କୁ ଗାଈବାଛୁରି ଖେଦିନେଲା ଭଳି ଖେଦିନଉଛନ୍ତି ଥାନାକୁ । ସେ ଦୃଶ୍ୟ ଯିଏ ଦେଖେ ସିଏ ବିକଳ ହୁଏ, କ୍ରୋଧରେ ଅଗ୍ନି ଶର୍ମା ହୁଏ, ଦୁଃଖରେ ଆଖିରୁ କଳଂ ନଈର ସ୍ରୋତଭଳି ସ୍ରୋତ ଝରେ । ସେମାନଙ୍କୁ ଥାନାରୁ ଜାମିନରେ ଆଣିବା, ଥାନାରେ ବୁହା, ଭାତ ଖୁଏଇବା, ଓକିଲଙ୍କୁ ଧରି ସେମାନଙ୍କୁ ନିର୍ଦ୍ଦୋଷ ପ୍ରମାଣିତ କରାଇବା, ଶେଷରେ ସେମାନଙ୍କୁ ଥଇଥାନ କରାଇବା ଇତ୍ୟାଦି ଇତ୍ୟାଦି ଦାୟିତ୍ୱ ଏଇ ଶାନ୍ତି-ସେନାଙ୍କର । ତା'ଛଡ଼ା ଅନେକ ରୋଗୀ, ବେମାରିଆ ଲୋକଙ୍କୁ ଧରାଧରି କରି ଆଣି ଘରେ ପହଞ୍ଚେଇବା ଦାୟିତ୍ୱ ବି ଏଇ ଶାନ୍ତି-ସେନାଙ୍କର । ଘରେ ବସି ଲୋକେ ଯେ କେବଳ ମିଲିଟାରି, ପୋଲିସଙ୍କୁ ଗାଳିଗୁଲଜ, ଶମ୍ପାକଟା କରନ୍ତି ତା ନୁହେଁ, ଏଇ ଭଲେଣ୍ଟିଅରମାନଙ୍କୁ ବି ନାନା ଅକଥା କଥା କହି ଗାଳି ଦଅନ୍ତି । କିନ୍ତୁ ମହାତ୍ମାଙ୍କର ଭଲେଣ୍ଟିଅରଦଳ ଭିନ୍ନ ମଣିଷ । ସବୁ ଶୁଣି ସହିଯାଆନ୍ତି । କାନ୍ଦିଲେ ସାନ୍ତ୍ୱନା ଦଅନ୍ତି । ଗାଳିକୁ ହସରେ ଉଡ଼େଇ ଦଅନ୍ତି । ଖେଦି ଗୋଡ଼େଇଲେ ଭଲ ମଣିଷ ଭଳି ବସିରହିଥାନ୍ତି । ରାଗ, ରୋଷ, ବିରକ୍ତି, ଏସବୁ ବେଶୀ ସମୟ ପାଇଁ ମଣିଷ ମନରେ ରହେନା ବୋଲି ସେମାନେ ବେଶ୍ ଜାଣନ୍ତି । ତେଣୁ ସେମାନେ କୌଣସିମତେ ସେଇ ସମୟଟିକକ ଅତିବାହିତ ହେବାକୁ ଦଅନ୍ତି । ମଣିଷର ସ୍ୱଭାବ ଗଛର କଟାଦାଗ ପରି । ଗଛକୁ କାଟିଲେ ଗଛ ଦୁଃଖ ପାଏ । ଦୁଇଦିନ ପାଇଁ । ତା'ପରେ କଟାଦାଗ ଶୁଖେ ।···ରୂପନାରାୟଣ ବର୍ତ୍ତମାନ ଏସବୁ କାମରେ ବ୍ୟସ୍ତ । ତା ଛଡ଼ା ପିଲାଟା ଜ୍ଞାନୀ । କେଉଁ ଶାସ୍ତ୍ର ତାର ପଢ଼ିବାକୁ ବାକି ନାହିଁ । ଯଦି କୌଣସି ଭଲେଣ୍ଟିଅରଙ୍କୁ ବନ୍ଧୁକ ଯୋଗାଡ଼ କରିବାକୁ କୁହାଯାଏ, ପ୍ରଥମେ ସେ କୁନ୍ଥୁକୁନ୍ଥୁ, ରୂପନାରାୟଣ ଯେତେବେଳେ ବୁଝେଇଦଏ, ବୁଝିଯାଆନ୍ତି । ତରମର କରନ୍ତି ।···କାପୁରୁଷ ପାଖରେ ହିଂସା ବା ଅହିଂସାର କି ମୂଲ୍ୟ ଅଛି ? ତା'ଛଡ଼ା ମହାତ୍ମା ତ କହିଛନ୍ତି ପ୍ରତ୍ୟେକଙ୍କୁ ନିଜ ନିଜର ଦାୟିତ୍ୱ ନେବାକୁ ହେବ । ଏପରି

ସମସ୍ତରେ ନିଜର ଉପସ୍ଥିତ ବୁଦ୍ଧି ହିଁ ପ୍ରକୃତ ବୁଦ୍ଧି…ରୂପନାରାୟଣ ଏପରି ବୁଝେଇ-ଦେଲେ ନବୁଝିବା ଲୋକ ବି ବୁଝିଯାଏ । ବୁଝିଲୁ ବୁଝିଲୁ ଫିକ୍ରି ପଡ଼ ଦେଖିବାକୁ ଭୁଲିଯାଏ । କେତେବେଳେ ବିପଦ ପଡ଼ିଲେ ବି ପଳେଇବାକୁ ସେ ଭୁଲିଯାଏ । ବିପଦଟା ରୂପନାରାୟଣର ସେଇଠି ।…”

ଭଭରାମ କହିଲା—“କିଛି ଅଘଟଣ ନଘଟିଲେ ସେ ନିଶ୍ଚୟ ଆସି ପହଞ୍ଚିଯିବ ।”

—“ମୁଁ ବି ସେଇ କଥା ଭାବୁଛି ।” କହୁ କହୁ କାଶ ଉଠେଇଲା ଗୋସେଇଁଙ୍କର । ମାଫ ଫାଯମର ସହିତ ତଣ୍ଟିରେ ସମ୍ଭାଳି ନେଲେ ତାକୁ । ଅନ୍ତତଃ ଆଗାମୀ ଚବିଶ ଘଣ୍ଟା ସକାଶେ ଉଠିବାକୁ ଦଆହିବନି କାଶକୁ । ତା’ପରେ ଯାହା ହବ ହଉଥାଉ ।…ଗୋସେଇଁ ଗୁହାଳ ଆଡ଼କୁ କାନେଇଲେ । ବାଛୁରୀକୁ ମନେ ମନେ ଖୋଜି ଖୋଜି ଗାଈଟା ହମ୍ବାଉଛି । ସେ ହମ୍ବାଳି ସତେକି ଗୋସେଇଁଙ୍କର ନିଜ ପ୍ରାଣର ଅନୁନୟ ।…ବାରବାର ମନେ-ପଡ଼ୁଛି ଗୋସେଇଁଆଣୀଙ୍କ କଥା । ସେ ପୁଣି ଜହ୍ନଟା ଆଡ଼କୁ ଅନେଇଲେ । ମେଞ୍ଚାଏ ମେଘ ଜହ୍ନଟାକୁ ଘୋଡ଼େଇ ରଖିଛି…ଠିକ୍ ସତେକି ଓଢ଼ଣୀରେ ଢଙ୍କା ଗୋସେଇଁଆଣୀଙ୍କ ମୁହଁ । …ଆଃ…ବେଳେବେଳେ ଜହ୍ନଟା କିନ୍ତୁ ସହରୀ ପଲ୍ଲୀବଧୂର ମୁହଁ ଭଳି ଲାଗେନା—ଲାଗେ ଯେମିତି ଦେହରେ ଓଢ଼ଣୀ ନଥିବା ଅତ୍ୟାଧୁନିକା ସହରୀ ମେମ୍‌ସାହେବାଙ୍କର ଆଁସରେ ସଜଡ଼ା ମୁହଁଟା ପରି । କେତେବେଳେ ପୁଣି ଲାଗେ ଜିଲ୍ଲାର ବଡ଼ସାହେବଙ୍କ ସଙ୍ଗେ ମାଙ୍କୁଂକୁ ଶିକାର ପାଇଁ ଆସିଥିବା ମେମସାହେବାଙ୍କ ମୁହଁ ଭଳି । ମେମ୍‌ସାହେବାଙ୍କ ମୁହଁ ତାଙ୍କ ଶୀତପ୍ରଧାନ ଦେଶରେ ଅବଶ୍ୟ ବେଶ୍ ସୁନ୍ଦର ଦେଖାଯାଏ; କିନ୍ତୁ ଏଇ ଗରମ ଦେଶରେ ସେଇ ମୁହଁମାନଙ୍କରେ ଘିମିଚି, ବ୍ରଣ ଆଦି କଣସବୁ ଉଠି ଅସନା ଦେଖାଯାଏ । ଏଠି ମେମ୍‌ଗୁଡ଼ା ଦରଲାଙ୍ଗଳା ହେଇ ବୁଲୁଥାନ୍ତି । ତେଣୁ ସେମାନେ କେବେ ବି ଗୋସେଇଁଆଣୀଙ୍କ ସହିତ ସମାନ ହେଇପାରିବେ ନାହିଁ । ସେ ତ ଶୋଇବାପରୁ ବାହାରିବା-ବେଳେ ବି ଦେହଟାକୁ ପରପୁରୁଷ ଆଖିରୁ ଲୁଚେଇବା ପାଇଁ ଯତ୍ନର ସହିତ ଢାଙ୍କି ରଖନ୍ତି । ବୁଢ଼ୀ ହେବାଯାଏଁ ସେ ଏପରି କରିବେ—ମରିବା ପର୍ଯ୍ୟନ୍ତ ବି ସେ ଏପରି କରିବେ । ଦେହର ସୌନ୍ଦର୍ଯ୍ୟକୁ ପ୍ରକାଶ କରିବାକୁ ଏମିତି ଡରନ୍ତି କାହିଁକି ସେ ?…କାଲି ଯଦି ଗୋସେଇଁଙ୍କର କିଛି ହେଇଯାଏ, କଣ ହବ ? ଯେଉଁ—ଏମିତି ଆପଦକୁ ସେ ନିଜେ ନିଜେ ଆମନ୍ତ୍ରଣ କରି ଆଣୁଛନ୍ତି କାହିଁକି ? ‘ଏଇ ଜହ୍ନଟା ଥିବାଯାଏଁ ସେ ରହିବେ, ମୁଁ ବି ରହିବି’ —ଗୋସେଇଁ ନିଜକୁ ନିଜେ କହିଲେ ଏତକି ।

ହଠାତ୍ ଦୂରର ଅର୍ଗଳି ଖୋଲିବା ଶବ୍ଦ ଶୁଭିଲା । ଭଭରାମ ଧଡ଼ପଡ଼ କରି ଉଠିପଡ଼ି ଆଗେଇଗଲା । କିଛିଦୂର ଆଗେଇବାପରେ ଦେଖିଲା ଯେ ସ୍ତ୍ରୀଲୋକ ଜଣେ ପହଞ୍ଚିଛନ୍ତି । ରୂପନାରାୟଣ ନୁହେଁ । ସ୍ତ୍ରୀଲୋକଟିକୁ ଦେଖି ଆଶ୍ଚର୍ଯ୍ୟ ହେଲା ଭଭରାମ ।—“କିଏ ତୁ ? ଆଶ୍ରମକୁ ଅସିଛୁ କାହିଁକି ?” ସ୍ତ୍ରୀଲୋକଟିକୁ ଆଗୁଳି ପଚାରିଲା ସେ ।

ଝିଲ୍‌ମିଲ୍ ହୋଇ ହସିଉଠିଲା ସ୍ତ୍ରୀଲୋକଟି । ହସି ହସି କହିଲା—"ମୁଁ ଡମି ପରା । ଚହ୍ନିପାରୁନୁ ? ଭୁଲିଗଲୁଣି ଭଭରାଇ ?"

"ଡମି !" ଭଭରାମର ଆତ୍ମ-ବିସ୍ମୃତ ହେଲା । ମାଟି ଉପରେ ସେ ପାଦ ଥୋଇ ଠିଆ-ହୋଇଛି କି ନାହିଁ, ସନ୍ଦେହ ଲାଗିଲା ତାକୁ । କି ଆଶ୍ଚର୍ଯ୍ୟ ! ଇଏ ପୁଣି ଜାଣିଲା କେମିତି ଆମେ ଏଠି ଅଛୁଁ ବୋଲି ? କଣବା ତାର ଉଦ୍ଦେଶ୍ୟ ଥାଇପାରେ ଏଠିକି ଆସିବାର ? କଥାଟା ପରିଷ୍କାର କରି ଜାଣିବାକୁ ହେବ । ଏଇଟା ତ କାମପୁର ନୁହେଁ । ହୋଇଥିଲେ ଅବା ସ୍ତ୍ରୀଙ୍କ ପାଖରେ ବସେଇ ଦେଇ ନିଜେ କୋଡ଼ି ଧରି ବାଡ଼ି ସଫା କରିବାକୁ ବାହାରିଯାଆନ୍ତା । ଏଇଟା ଯେ ଯୁଦ୍ଧର ମଇଦାନ୍ !

—"ଡମି, ଏଠିକି ତୁ କାହିଁକି ଆସିଛୁ ?" ଏ ପ୍ରଶ୍ନ ପଚାରିବା ସଙ୍ଗେ ସଙ୍ଗେ ଅଣ୍ଟାର କଟୁରିକୁ ମୁଠେଇଧରିଲା ଭଭରାମ ।

ଡମି ଅଦ୍ଭୁତ ଜୋରରେ ହସିବାକୁ ଲାଗିଲା । କହିଲା—"ମୁଁ କଣ ଗୁଆଫଳ କି ଭଭରାଇ, ଏକାଷ୍ଟ୍ରୋକେ କାଟିପକେଇବୁ ବୋଲି ଭାବୁଚୁ ? ମୁଁ କଣ ଏଠିକି ବଳି ପଡ଼ିବାକୁ ଆସିଚି କି ? କଟୁରିରୁ ହାତ ଖସେଇପକା । ମୁଁ ଗୋଟେ କାମରେ ଆସିଚି ।"

—"କି କାମ ?" ଜହ୍ନଆଲୁଅରେ ଚକଚକ୍ ମାରୁଥିବା ମୁନେଲି ମଠାରଙ୍ଗର ଗୋଲ ମୁହଁଟାକୁ ପରୀକ୍ଷା-ନିରୀକ୍ଷା କରି ପୁଣି ପଚାରିଲା—"ସାଥିରେ ଆଉ କିଏ ?"

—"ଧନପୁର ।" ଡମି ସେଇମିତି ହସି ହସି କହିଲା, "ଏବେ ବୁଝିଲୁ ତ ? ଏଇ ଜାଗାଟା ମୋ ଅଞ୍ଚଳରେ । ଧନପୁର କହିଲା, ମୋତେ ନେଇଚାଲ । ମୁଁ ତାକୁ ଆଣିଲି ।"

କଟୁରିରୁ ମୁଠା ଖସେଇଆଣି ପଚାରିଲା ଭଭରାମ—"ସେ କାହିଁ ?"

—"ସେ ଆସିବ । ଧୀରେ ସୁସ୍ଥେ । ହୋଇ ବାଟରେ ହୋଇଚ । ସାଙ୍ଗରେ ରୂପନାରାୟଣ ଅଛି ।"—କହିଲା ଡମି ।

ପକେଟରୁ ଖଣ୍ଡେ ବିଡ଼ି ବାହାର କରି ଲଗେଇବାକୁ ଉଦ୍ୟତ ହେଉଥିଲା ଭଭରାମ । ଡମି ପଚାରିଲା—"କି ବିଡ଼ି ଖାଉଚୁ !" ତାପରେ କହିଲା—"ମୋଠି ସିଗାରେଟ୍ ଅଛି । ନବୁ କି ଖଣ୍ଡେ ?"

—"ଦେ ଦେ, ଖଣ୍ଡେ ଦେ ସତେ । ବଡ଼ ଦାମୀ ସିଗାରେଟ୍ ହୋଇଥିବ ତ ? କୋଉଠୁ ପାଇଲୁ ?"

ଅଣ୍ଟାରେ ଝୁଲୁଥିବା ମୁଣା ଭିତରୁ ସିଗାରେଟ୍ ଖଣ୍ଡେ ବାହାର କଲା ଡମି । ଭଭରାମ ତା ବିଡ଼ିଟାକୁ ପୁଣି ପକେଟରେ ଭରିଦେଲା; ଦରକାରବେଳେ କାମରେ ଆସିବ । ସିଗାରେଟ୍‌ଟିକୁ ପାଟିରେ ଧରୁ ଧରୁ ଡମି ଝଃପକୋଚରେ ଦିଆସିଲି ମାରି ନିଆଁ ଧରାଇଦେଲା । ତା ପରେ ଡମି କହିଲା—"ଜାଣିଚୁନା ଭଭରାଇ, ଆମ ଗାଁରେ 'ବଙ୍ଗଲି' ହଉଚି ।"

—"ବଙ୍ଗଲି ବୋଲି ତ ମିକିରମାନଙ୍କର କିଛି ପର୍ବ ନାହିଁ । ମୁଁ ତମମାନଙ୍କର ରଂକେର ପର୍ବରେ ଖାଇଥିଲି । ନୂଆଖିଆରେ ବି ଖାଇଛି । କିନ୍ତୁ ଏ 'ବଙ୍ଗଲି' ପୁଣି କଣ ?"

ତମିମ ପୁଣି ହସି ହସି କହିଲା—"ମୋର ପସ୍ତ ଗାଁରେ ଲୋକ ମାଙ୍କରେ ବାହାଘର ହେଲା, ସେ କଥା କଣ ତୁ ଜାଣିନୁ ? ଜାଣିଲା ପରେ ଛଳନା କରୁଚୁ ନା କଣ ମ ଭଉଗ୍ରାମ ! ପଟ୍ଟା ଏକା । ଆମର ସେଠି 'ଆର୍ଣ୍ଣାମ୍' ପୂଜା ପାଆନ୍ତି; ସ୍ତ୍ରୀଙ୍କର ଏଠି 'ଗ୍ରାଲଜଙ୍ଗେ' ।

—"ଅଚ୍ଛା ଅଚ୍ଛା, ବୁଝିଗଲି । ତୁ କିନ୍ତୁ ତୁମ ଗାଁରେ, ପୂଜା 'ବଙ୍ଗଲା'କୁ ଛାଡ଼ି ଆସିଲୁ କାହିଁକି ?"

—"ନୋକ୍‌ମାକୁ କହିଆସିଚୁ..." କହୁ କହୁ ଆକାଶର ଜହ୍ନ ଉପରେ ନଜର ପଡ଼ିଲା ତମିମର । ସେ ବଡ଼ ଲାଜରା ହେଇଗଲା । ବଡ଼ ଅଲାଜୁକ ଏ ଜହ୍ନଟା । କେହିବି ତା ଆଗରୁ ଖସିଯାଇ ପାରନ୍ତି ନାହିଁ । ଏତେ ଉପରେ ଆଇବ ସେ ତମିମର ଅନ୍ତରତମ ପ୍ରଦେଶରେ ସଞ୍ଚିତ ଗୁପ୍ତ ଲାଜଟିକକୁ ବି ଦେଖିନେଲା । ବହୁଦିନ ପରେ ଧନପୁର ସହିତ ତାର ଦେଖା-ସାକ୍ଷାତ୍ । ଖୁବ ଭଲ ଲାଗୁଚି ତମିମକୁ । ଯେତେ ଯାହା ହଉନା କାହିଁକି, ଧନପୁର ତାକୁ ଭଲ-ପାଏ ବୋଲି ଦିନେ କହିଥିଲା । ବାହାଘରଟା ନହେଲା ତ କଣ ହେଲା ? ମନର ଦୁଆରଟା କଣ ମୁକୁଳା ରହିବନି ? ତା ଛଡ଼ା କଏ ଗୋଟେ ଝିଅ ଏବେ ପୁଣି ତା ମନରେ ବସା ବାନ୍ଧିଚି । ନାଲଜାଟା । କେମିତି ଏମିତି ଫନ୍ଦିକଲା କହିପକେଇଲା ଯେ ସୁଭଦ୍ରାର ମୁହଁଟା କାଲେ ତା ମୁହଁ ପରି । ହେଇଥିପାଇଁ କୁଆଡ଼େ ସୁଭଦ୍ରାକୁ ଆପଣାର କରିବାକୁ ମନହେଲା ଧନପୁରର । ଜଣେ ପରପୁରୁଷ ସ୍ତ୍ରୀଠାରୁ ଅଧିକ କ'ଣ କହିଆନ୍ତା ? ମନରେ ତାର ଧନପୁର ପାଇଁ ଭଉଣୀର ସ୍ନେହ; ଅନ୍ୟ କୌଣସି ଭାବ ନାହିଁ ସେଠି । ସତ କହିବାକୁ ଗଲେ ଦଅର ଭାବ ସେ ଧନପୁର ସାଥିରେ ଆସିଚି । ଏଇ ଜାଗାଟା ଭାରି ଅନ୍ଧାରରେ । ଧନପୁର ବନ୍ଧୁକ-ଟାଏ ନେଇ ଆସିଚି । ରୂପନାରାୟଣ ବି । ଏଇ ଜାଗାରେ ଆଗରୁ ବାଘ ମାରିଥିଲା । କେତେଜଣ ମଣିଷଙ୍କୁ ଖାଇଚି । ତା' ନିଜ ଦଅରକୁ ବାଘ ଖାଇବାର ମାସ ଦୁଇଦିନ ହେଇଚି । ଧନପୁର ଓ ରୂପନାରାୟଣ ବାଘ ମାରିବେ ବୋଲି କହି ନୋକ୍‌ମାଠୁ ଦୁଇଟା ବନ୍ଧୁକ ଆଣି ଆସିଛନ୍ତି । ବଣକୁ ଲାଗି କୁଡ଼ିଆ ଘରଟିଏ ଅଛି । ସେ ଦୁହେଁ ବର୍ତ୍ତମାନ ସେଇଠି ହେଇଥିବେ । ସେ ବାଟ କଢ଼େଇ ଆଣିଚି । ବାଘଠୁ ରକ୍ଷାପାଇବା ମନ୍ତ୍ର ସେ ପିଲାଦିନେ ମା'ଠୁ ଶିଖିଥିଲା । ମା' ତାର ଥିଲା ଗାଁର ଜଣେ ବଡ଼ "ଲ-ଦେପ୍‌ରୀ" (କାଳସୀ) । ସେଇ ମନ୍ତ୍ର ଜାଣିଚି ବୋଲି କହିବାରୁ ନୋକ୍‌ମା ତାକୁ ଏମାନଙ୍କ ସାଥିରେ ଛାଡ଼ିଚି ।

ସବୁ କଥାତକ ବନେଇ-ଚୂନେଇ ଭଉଗ୍ରାମକୁ କହିବାକୁ ସାହସ ହେଲା ନାହିଁ ତମିମର । ସେ କେବଳ ଏତିକି କହିଲା—"ମୁଁ ନଆସିଥିଲେ ଏମାନେ ବାଟ ପାଇ ନ ଥାନ୍ତେ ।"

ତମିମର ଏଠିକି ଆସିବାର କି ଗୂଢ଼ ରହସ୍ୟ ଅଛି, ସେଇକଥା ଜାଣିବାକୁ ଭଉଗ୍ରାମ କୌତୂହଳୀ ହୋଇଉଠିଥିଲା । କିନ୍ତୁ ସେ ବିଷୟରେ କିଛି ପଚାରିବାଟା ଠିକ୍ ହବ ନାହିଁ ଭାବି ସେ ନୀରବ ରହିଲା । ଏକାନ୍ତ ମନରେ ସିଗାରେଟ୍ ଟାଣିବାକୁ ଲାଗିଲା ।

ତମିମ ବି ସିଗାରେଟ୍ ଖଣ୍ଡେ ଲଗେଇ, ଟାଣି ଟାଣି ହାଁ କରି ଚାହିଁରହିଲା ଜହ୍ନଟା ଆଡ଼କୁ । ଆଉ ଗୁଣୁଗୁଣୁ କରି ମନ୍ତ୍ର ପାଠକରୁଥିଲା । ବାଘଝଡ଼ା ମନ୍ତ୍ର । ଅବଶ୍ୟ ମନ୍ତ୍ରପାଠର ମାଡ଼-

ନୟମକୁ ସେ ମାନ ନ ଥିଲ । ଏ ଆଉରବେଳେ ନୟମକୁ କଏ ମାନେ ଯେ, ସେ ମାନନ୍ତା ଧନପୁର ଓ ନୃପନାରାୟଣ ଦୁହିଁଙ୍କୁ ବାଘ ହାବୁଡ଼ରୁ କୌଣସିମତେ ରକ୍ଷାକରବାକୁ ହେବ, ଏହା ତାର ଏକାନ୍ତ ଇଚ୍ଛା । କନ୍ତୁ କହ୍ନାକୁ ଗୁନ୍ଧି ଗୁନ୍ଧି ମନ୍ତ୍ରପାଠ କରୁ କରୁ କଣ ଯେମିତ ତାର ହେଇଗଲ । ତାକୁ ଲଗିଲା ଜହ୍ନଟା ପଟେକ ନାଚୁଛୁ; ଠିକ୍ 'ରେସମାର୍'ର ନାଚ । ନହେଲେ 'ଲ-ଦେପ୍‌ପୀ'ର ନାଚ । ସେଇ ତାଲେ ତାଲେ ଜୀବଜନ୍ତୁ, ଘରଦୁଆର, ପାହାଡ଼-ପର୍ବତ, ବଣଜଙ୍ଗଲ ଏପରକ କପିଲୀ ନଈ—ସଭିଏଁ ନାଚୁଛନ୍ତ । ବାଘ ଉତ୍ପାତ ଆଗରୁ ତାଙ୍କ ଗାଁରେ 'ଇଂ-କେରପୀ' ପର୍ବ ପାଳିତ ହେଉଥିଲ । ସେଇ ଉତ୍ସବରେ ଅନେକ ଛେଳି ବଳିପଡ଼ନ୍ତ । ଗାଁ ମୁଖିଆଙ୍କ ଘରେ ଭୋଜି ହୁଏ । ସେଇ ଭୋଜିପରେ ବି ଯଦି ବାଘଟା ଜଙ୍ଗଲରୁ ନବାହାରେ ତେବେ ବାଘଟାକୁ ମାରବାର ବ୍ୟବସ୍ଥା କରାଯାଏ । ଅଲ୍ପ ଅଲ୍ପ ମନେ ପଡ଼ୁଛି ତମିର ।···ଥରେ ସେମିତ ମନ୍ତ୍ର ପଢ଼ି ବାଘଟିକୁ ଜଙ୍ଗଲ ଭିତରେ ବନ୍ଧନରେ ରଖା-ଗଲା, ଜଙ୍ଗଲର ଗୋଟେ ପଟେ ଜାଲ ବାନ୍ଧଦିଆଗଲା । ଆଉ ଗୋଟେ ପଟରୁ ଢୋଲ, ଝମକ ଇତ୍ୟାଦି ବଜେଇ ହୋ-ହୋ ପାଟିତୁଣ୍ଡ କର ବାଘକୁ ଖେଦାଗଲା । ବାଘ ଆସି ଜାଲରେ ପଡ଼ିଲା । ତା'ପରେ ଯେତେକ ଠେଙ୍ଗାଧାରୀ ଲୋକ ଥିଲେ ବାଘ ମୁଣ୍ଡରେ ଠେଙ୍ଗେ ଠେଙ୍ଗେ ପିଟିଲେ । ଧନୁର୍ଦ୍ଧାରୀଏ ଧନୁଶରେ ମାରଲେ । ଗର୍ଜନ-ତର୍ଜନ କର ସେଇ ବଗ୍ରଟ ଜନ୍ତୁଟା ଧରାଶାୟୀ ହେଲ । ତା'ପରେ "ହଦେର୍ପୀ" ଉଠିପଡ଼ି ବାଘର ବଂଶାବଳୀ ବର୍ଣ୍ଣନା କଲେ । ବାଘର ପୂର୍ବପୁରୁଷ ଏବଂ 'ମିକର୍'ର ପୂର୍ବପୁରୁଷଙ୍କ ଭିତରେ ମେଳ ଥିଲା । ସେମାନେ ପର ଦ୍'ଭାଇ ଥିଲେ । କାଳକ୍ରମେ ବାଘଭାଇକୁ ଜଙ୍ଗଲରେ ଗୁଡ଼ିଗୁଲିଆସିଲେ 'ମିକର୍' ଭାଇ । ଅଜକାଲି ତ ବନ୍ଧୁକର ଗୋଟେ ଗୁଳିରେ ବାଘ ମରେ ।···ମା' କହୁଥିଲ, ବେଳେବେଳେ 'ଆରହ୍ଲୋ' ପକେଇ ବାଘକୁ ମାରନ୍ତ । ବାଘର ସିବା ବାଟରେ ଠେଙ୍ଗା ପୋତାଯାଏ । ଠେଙ୍ଗାଟା ଠିକ୍‌ଭାବରେ ପୋତାହେଲେ ସେଇଟା ବାଘର ପିଠିରେ ଆଉ ପେଟରେ ଜୋରରେ ବାଡ଼ାଏ । ସେସବୁ ପୁରୁଣା କାଳର କଥା ।···ଆଚ୍ଛା, ଆଜି ଏ 'ସିକ୍‌ଲେ' ଦେବତା ଭଲ ଏମିତ ନାଚୁଛନ୍ତ କାହିଁକି ? ଦେହରେ ଦେବତା ଲଗିନାହିଁ ତ ? ତା ଗେରସ୍ତ 'ଧାଲଜଂ' ଦେବତା-ନାଚ ନାଚନ୍ତ । ମଣିଷମାନେ ଯଦି ତାଙ୍କ ଦ୍ୱାରା ସନ୍ତୋଷମନରେ ନାଚନ୍ତ, ତେବେ ଭଲ ଫସଲ ହୁଏ । କ୍ଷେତର ଧାନ ନିର୍ବିଘ୍ନରେ ଯାଇ କୋଠିରେ ଭର୍ତ୍ତିହୁଏ । କନ୍ତୁ ଆଜିର ଏ ଜହ୍ନନାଚର ନାଚଟା ଅଲଗା କାରଣରୁ । ତାରାଗୁଡ଼ାକ ବି 'ରସମାର୍' ଯୁବା ପଂଚ୍ଚାଙ୍କ ପର ଢୋଲ ବଜାଉଛନ୍ତ । କଏ ସେଇଟା ବଂଶୀ ବଜଉଛୁ ? ସତରେ, କଏ ବଜଉଛୁ ?? ଦେହଟା ନାଚଉଠୁଛୁ ନେ··· ।

କେତେବେଳକେ ଭିଭିରାମ ପଚାରଲ—"ଏମାନେ ସେଠି କଣ କରୁଥିଲେ କ ?"

ତମି କହିଲ—"ଦନଟା ଯାଏର ଦେଖାଗୁହାଁ କରବାକୁ ଇଆଡ଼େ ସିଆଡ଼େ ଘୂରିବୁଲୁଥିଲେ । ଅଉ ବି ଦ୍'ଜଣ ଅଛନ୍ତ, ସେମାନେ କନ୍ତୁ ନେପାଲୀ ଗାଁରେ । କଣ ସେମାନେ କରୁଛନ୍ତ ମୁଁ ଜାଣିନ । ସେମାନେ କନ୍ତୁ ଚୁପ୍‌ଚାପ୍ ଭାବରେ କ'ଣ ସବୁ କଥାଭାଷା କରନ୍ତ । ଧନପୁର

ସାଥିରେ କଥାପଦେ ହେବାକୁ ବ ମୁଁ ସୁଯୋଗ ପାଏନ । ବାଟରେ ଖାଇଲାବେଳେ ଯାହା କଥା ହଉଥିଲ । ଶିକାର କରିବାକୁ ଆସିଚ ନା କଣ । କିନ୍ତୁ ସେଥିରୁ ମୁଁ କଣ ପାଇବ । ମୁଁ ତାକୁ ଖାଲି ପଗ୍ଭରୁଥିଲି କେବେ ତାର ବାହାଘର ହେବ ବୋଲି । ସେ କହିଲା ଯେ ସୁଭଦ୍ରା ବୋଲି ଗୋଟେ ଝିଅ ଅଛି । ଧନପୁର ଡାକୁଇ ବାହାହେବ । ତୁମେ ଦେଖିଛ କ ଭିଭଗ୍ଭଇ ସୁଭଦ୍ରାକୁ ? ଦେଖିବାକୁ କେମିତି ?"

ଭିଭଗ୍ଭମର ମୁହଁ ମଳିନ ପଡ଼ିଗଲା । ସୁଭଦ୍ରାର ଖବର ଡିମିକୁ ଦବା ଉଚିତ ହବନି । ଏଣୁ ସେ ଚୁପ ରହିଲା । ଗୃଲଉପରେ ପେଗ୍ଭଟା ଏକୋଲହସରେ ବାସ ଥିବା ଜଙ୍ଗଲକୁ ଅନେଇ ରହିଛି । ପେଗ୍ଭଟାକୁ ଉଡ଼େଇ ପଉଡ଼େଇଦବାକୁ ମନହେଲା ଭିଭଗ୍ଭମର । ଆସ୍ତେକିନା ଗୋଟେଫୋପଡ଼ ହସ୍ତଗତ କଲା ସେ । କିନ୍ତୁ ଠିକ୍ ଏତିକବେଳେ ଗୋସେଇଁ ଡାକପକେଇଲେ, ଦେଖିଦେଲେନା କଣ । କହିଲେ—'ଫୋପଡ଼ ମାରନା, ମାରନା ଭିଭଗ୍ଭଇ ! ଏଇଟା ଅଶୁଭ ପେଗ୍ଭ ନୁହେଁ । ଇଏ ଲକ୍ଷ୍ମୀ-ପେଗ୍ଭ । ଏଥର କେମିତି ବଢ଼ିଆ ଧାନ ଫଳିଛି ଦେଖିନ ? ବିଲଆଡେ ଅନେଇଲେ ଦେହମାନ ଉଲସିଉଠେ ।···ଛାଇ, ସେସବୁ ଖବ ଲଭ ନାହିଁ ।··· ତୁମେ ସେଠି କାହା ସାଥିରେ କଥା ଲମ୍ବେଇଚ କ ? ମୁଁ ତ ଏଣେ ଚନ୍ତାରେ ପଡ଼ିଲିଣି । ବାହାରିବାର ସମୟ ହେଲା ଯେ । ଏମାନଙ୍କ ଭିତରୁ କାହାର ଜଣକର ବ ଦେଖା ନାହିଁ ତ···।"

ଗୋସେଇଁଙ୍କ କଥା ଶୁଣି ଭିଭଗ୍ଭମ ହସି ହସି କହିଲା—"ଆପଣ ଆମର କଥାବାର୍ତ୍ତା ଶୁଣି ନାହାନ୍ତି ତ ? ଆମେ ଅବଶ୍ୟ ଆସ୍ତେ ଆସ୍ତେ କଥା ହଉଛୁଁ । ଇଏ ପଗ୍ଭ ଆମ ଆଡ଼ର ମିକଣ ଝିଅ—ଡିମି ! ଏଠି ଗାଁରେ ଗାଁରେ ବାହାହେଇଛି ।"

ଗୋସେଇଁ ଉଠିପଡ଼ି ସେ ବୁଢ଼ିଙ୍କ ଆଡ଼କୁ ଆଗେଇଗଲେ । ତା'ପରେ ପଗ୍ଭରିଲେ—ଡିମି ବୋଇଲେ ଆମ ଡାଲର ସ୍ତ୍ରୀ ତ ?"

ଡିମି ଗୋସେଇଁଙ୍କ ନିକଟତର ହୋଇ ହସି ହସି କହିଲା—"ଓ ମା, ଇଏ ତ ଆମ ଦୈପଡ଼ା ଗୋସେଇଁ ନା କଣ ! ଗୋସେଇଁ, ତୁ କେତେବେଳେ ଆସିଲୁ ? ଏଇଟା ତୋର ଆଶ୍ରମ ନା ? ଏ ଆଶ୍ରମଟା ଏଠି ତିଆରି କରିଥିଲୁ କାହିଁକ ? ମୋ ଗେରସ୍ତ ଇଆଡ଼େ ଆଇଲେ ଘରକୁ ଫେରି ଦୁଃଖ କରେ । କହେ, ଆଶ୍ରମ ଘରେ ଗାଡରେ ପେଗ୍ଭ ବସେ, ଶାଗୁଣା ବସେ···ଗାଈଆଳ ପିଲାଏ ହରନ୍ତି, ମୁତନ୍ତି···ଏକଥା କହିଲାବେଳେ ମୋ ଗେରସ୍ତଙ୍କ ମୁହଁ ଶୁଖିଯାଏ । —ହଁ ଯେ, ତୁ ଆଜ କାହିଁକ ଆଇଚୁ ?"

ଗୋସେଇଁ ଜହ୍ନଆଲୁଅରେ ଦେଖିଲେ ଏଇ ଏଇ ଖୋଲାଖୋଲି ଝିଅଟିକୁ—ପାହାଡ଼ୀ ଝରଣାଟିଏ ସତେ । ସବୁ ଦୃଷ୍ଟିରୁ ଯୋଗ୍ୟ । ଗୋସେଇଁ କହିଲେ—"ଗୋଟେ କାମରେ ଆସିଥିଲି । ତୁ କାହିଁକ ଆସିଛୁ ?"

ଡିମି ଏଥର ଭିଭଗ୍ଭମକୁ କହିଥିବା କଥାତକ ଗୋସେଇଁ ଆଗରେ କହିଲା । ଗୋସେଇଁ ସେସବୁ ଶୁଣି ବୁଝିପାରିଲେ ସେ ପାଖରେ କ କାମ ହଉଚ । ରୂପନାରାୟଣ ଓ ଧନପୁର,

ଦୁହେଁ ଅଛନ୍ତି ଗାଁରେ ଗାଁରେ । ପାଖଆଖରେ ଘୂରିଘୂରି କରି ଗତିବିଧି ଲକ୍ଷ୍ୟ କରୁଛନ୍ତି, ମାଣିକ ବରା ଓ ଜସ୍ବୁରାମ ନେପାଳୀ ଗାଁରେ ଅଛନ୍ତି । ସେମାନେ କଣ କରୁଚନ୍ତି ଜଣାପଡ଼ୁ-ନାହିଁ । ନେପାଳୀ ଗାଁ କଥା ଡିମି ଜାଣେ ନାହିଁ । ସବୁଠୁ ବଡ଼ କଥା ହେଲା ଏମାନେ ପ୍ରକୃତରେ କୋଉଥିପାଇଁ ଆସିଛନ୍ତି ସେ କଥା ଡିମି ହେଉରିକା ଅଦୌ ଜାଣିପାରିନାହାନ୍ତି । ଡିମି ଗାଁର ଲୋକେ "ବଙ୍ଗାଲ" ଉତ୍ସବରେ ମାତିଛନ୍ତି । ସେମାନଙ୍କ ସାଥିରେ ଏମାନେ ବି ଯୋଗଦେଇଛନ୍ତି । ତେବେ ଏମାନେ ନିଜସ୍ୱ ନଜର କର୍ତ୍ତବ୍ୟ ଭୁଲିଯାଇନାହାନ୍ତି ।

ଗୋସେଇଁ ପଚାରିଲେ—"ସେ ଦୁହେଁ ଆସିଲେ ନାହିଁ କାହିଁକି ? କୋଉଠି ଅଛନ୍ତି ଏଇଲେ ?"

ଡିମି କହିଲା—"ମୋ ସାଥିରେ ଆସିଛନ୍ତି ପରା । ଏଇ ପାଖରେ ଅନେକ କଥାବାର୍ତ୍ତା ହଉଛନ୍ତି । ଏବେ ଆସି ପହଞ୍ଚିବେ ।"

ଭଦ୍ରରାମ କହିଲା—"ମୁଁ ଯାଇ ଡାକିଆଣୁଛି ତେବେ । ଡେରି କଲେ ଅସୁବିଧା ହେବ ।" ଯିବାକୁ ଉଦ୍ୟତ ହେଲା ଭଦ୍ରରାମ ।

ଗୋସେଇଁ କହିଲେ—"ହଁ, ଡାକିଆଣିଲେ ଭଲ ହୁଅନ୍ତା । ଆମେ ଚାହାପାଣି ଟିକେ ଖାଇ ଏଇ ଜହ୍ନ-ଆଲୁଅରେ ଗୋଟିଏ ଗୋଟିଏ ଚାଲିଯିବା । କାଲିଠୁ ଖବରନ୍ତି ସ୍ଥିର କରାଯାଇଛି । ଏଠି ଆଉ ବେଶି ସମୟ ରହିବା ଠିକ୍ ହବନାହିଁ । ମାଇଲିଏ, ଅଧମାଇଲରେ ସେମାନଙ୍କର ଘାଟି ଅଛି ।…ତୁମେ ଗଲ ଶୀଘ୍ର ଡାକି ଆଣିବ ।"

ଭଦ୍ରରାମ ଚାଲିଗଲା । ଗୋସେଇଁ ପୁଣି ଜହ୍ନଟା ଆଡ଼କୁ ଅନେଇଲେ । ଡିମି ବି ଖଣ୍ଡିଆ ସିଗାରେଟ୍‌କୁ ଫୋପାଡ଼ି ଦେଇ ଜହ୍ନକୁ ଅନେଇ ରହିଲା । ଅନେକ ବେଳଯାଏଁ କାହାରି ପାଟିରେ କଥା ନାହିଁ । ଗାଈଟା ତେଣେ ବଡ଼ ଜୋରରେ ହମ୍ବାଳୁଛି । ତା ରଡ଼ିରେ ଝିରଣ୍ଟାର ଶବ୍ଦ ବି ଶୁଣାଯାଉନାହିଁ । ମଝିରେ ମଝିରେ ପବନରେ ବଣରଜା ଦେହର ଉତ୍କଟ ଗନ୍ଧ ଆସି ନାକରେ ବାଜୁଛି । ଆକାଶଟା ଅଳ୍ପ ଅଳ୍ପ ହଳଦିଆ ଓ ନାଲିସିଆ ରଙ୍ଗରେ ରଙ୍ଗିନ ହୋଇଛି । ଦୂର ଦିଗ୍‌ବଳୟରେ ବଣଟା ମିଶିଯାଇଛି ଆକାଶ ସହିତ । ନୀଳ ଓ କଳା ରଙ୍ଗର ପକ୍ଷିଟାଏ ଭଳି ଦିଶୁଛି । ଏମିତିକା ପକ୍ଷି ଗୋସେଇଁଆଣୀଙ୍କର ଖୁବ ପସନ୍ଦ; କିନ୍ତୁ ଦୁଇଟା ପକ୍ଷି ଯୋଡ଼ିହୋଇ ଗୋଟେ ହେଲା ପରି ଲାଗୁଛି । ଗୋଟିଏ ସୁନ୍ଦର ଓ ପତ୍—ଅନ୍ୟଟି କଳା ।

ଡିମି ଆଉ ତାରଗୁଡ଼ିକୁ ଦେଖିବାକୁ ପାଇଲାନାହିଁ । ବୋଧେ ନାଚ-ନାଚିକା ହାଲିଆ ହୋଇ ଧାଙ୍ଗଡ଼ା କିମ୍ବା ଧାଙ୍ଗଡ଼ୀ ଘରେ ଶୋଇପଡ଼ିଲେଣି । କିନ୍ତୁ "ଲ-ଦେପପୀ'ର ନାଚ ସେଯାଏଁ ସରିନାହିଁ । କେତେବେଳେ ସେ "ହାଇ" ହୋଇ ବିବସ୍ତ୍ର ଭାବ ଦେଖାଉଚି ତ କେତେବେଳେ କପିଲୀ ନଈ ହୋଇ ବହୁଚି । ଓଢ଼ଣୀଟା ତାର ଚକ୍‌ଚକ୍ କରୁଛି । ଅନ୍ଧାର ମେଖେଳା ହୁଗୁଳା ହୋଇ ଖସିଯିବା ଅବସ୍ଥାକୁ ଆସିଗଲାଣି ।…'ହାଇ' କଥା ମନେପଡ଼ି ଡିମିର ମନ ବଡ଼ ବିକଳ ହେଲା । ଆଖି ଜକେଇ ଆସିଲା । କି ନିଷ୍ଠୁର ରଜାଟା ସେ ସତେ !

ଜୋର୍ କରି ବଳାତ୍କାରରେ ତାକୁ ବାହାହେଲା—ନେଇପଳେଇଲା । ସେଇ ଦୁଃଖରେ 'ହାଉ' ମରିଗଲା—ଝୁଲିଗଲା ଆକାଶକୁ ।···ଯୋଡ଼ି ଦୁଇ ପ୍ରକାରର; ପ୍ରକାରେ ହେଲା ମନର ଯୋଡ଼ି; ଅନ୍ୟଟା ହେଲା ବାପା, ମାଆ ଠିକ୍ କରିଥିବା ଯୋଡ଼ି । କେଉଁଟା ଭଲ ? ତାକୁ ଯଦି କୁହାହୋଇଥାନ୍ତା ନିଜେ ନିଜର ଯୋଡ଼ି ଠିକ୍ କରିବାକୁ, ସେ ନିଶ୍ଚୟ ଧନପୁର ସହିତ ନିଜକୁ ଯୋଡ଼ିହୋଇଥାନ୍ତା ।···ଛି-ଛି, କଣ ଏଗୁଡ଼ାକ ମନକୁ ତାର ଆସୁଚି ମ··· ମନଟାକୁ ଖାଇଦବ ନା କଣ···ପଙ୍ଗପାଳଦଳ ପାଚିଲାଧାନଗୁଡ଼ାକୁ ଖାଇଗଲା ଭଳି ମନଟାକୁ ଖାଇଯାଉଛନ୍ତି ଏଇ ଭାବନାଗୁଡ଼ାକ···ହଠାତ୍ ତା ମନ ଭିତରକୁ ପୁଣି ଆସିଲା ସୁଭଦ୍ରା—ଧନପୁରର ସୁଭଦ୍ରା । 'ଆର୍ଣ୍ଣାମ୍‌କେଥ୍' କେମିତି ତାକୁ ସର୍ଜନା କଲା । ମଣିଷ-ଗୁଡ଼ାକ କଣ ମାଟିର କଳସ ! କଳସଟେ ଭାଙ୍ଗିଗଲେ ଠିକ୍ ସେଇମିତି ଆଉ ଗୋଟେ କଳସ ଗଢ଼ିଦେଇ ହୁଏ ।···ତଥାପି ସୁଭଦ୍ରାକୁ ଟିକିଏ ଦେଖିବାକୁ ତାର ଭାରି ମନହଉଚି । ତାକୁ ନ'ଆ'ଉ ବୋଲି ଡାକନ୍ତା ।···ଉହୁଁ 'ନେଂ' ବୋଲି ଡାକିବ । ଧନପୁରକୁ 'ଚକ୍‌କା' ବୋଲି ଡାକିବ । ଡାଳିକୁ କହି ଦିନେ ସେ ଝିଅ ଦେଖିବାକୁ ଯିବ ।···ହଠାତ୍ ଗୋସେଇଁଙ୍କୁ ପୁଛି ପଚାରିଲା—"ହେ ଗୋସେଇଁ, ସେଇ ସୁଭଦ୍ରା ବୋଲି ଯୋଉ ଝିଅଟା ତାକୁ ତୁ ଚିହ୍ନିଚୁ ?"

ଗୋସେଇଁ ଓଲଟି ପଚାରିଲେ—"କାହିଁକି ?"

"ଧନପୁର ପରା ତାକୁ ବାହାହବ"—କହି ଡିମି ହସିବାକୁ ବାଧହେଲା ।

ଗୋସେଇଁ କିଛି କହିଲେ ନାହିଁ । ସେ ପୁଣି ସେଇ ଜହ୍ନଟା ଆଡ଼କୁ ଅନେଇଲେ ।

ଡିମି ପୁଣି ପଚାରିଲା ।

ଗୋସେଇଁ ଏଥର ବାଧ ହୋଇ କହିଲେ—"ହଁ, ତାକୁ ଚିହ୍ନେ ।"

—"ଏବେ ସେ ରନ୍ଧା ଆଶ୍ରମରେ ଅଛି ନା ? ମୁଁ ତାକୁ ଥରେ ଦେଖିବାକୁ ଯିବି ବୋଲି ଭାବୁଛି ।" ବଡ଼ ଉତ୍ସୁକ ମନରେ କହିଲା ଡିମି ।

ଗୋସେଇଁ ଫାଙ୍କିମାରିବାକୁ ବାଧ୍ୟ ହେଲେ, କହିଲେ,—"ମୁଁ ଜାଣିନି ସେ କେଉଁଠି ଅଛି ।" ଏତିକି କହିଦେଇ ସେ ପୁଣି ଜହ୍ନଆଡ଼େ ଅନେଇଲେ । କିଛି ସମୟପରେ ପଚାରିଲେ—"ଦେଖିଚୁନା ଡିମି, ସେଇ ଯୋଉ ଠେକୁଆଟା ଜହ୍ନ ଦେହରେ ଅଛି, ସେ କଣ ଆଖିରୁ ପାଣିଗଡ଼ଉଛି କି ?"

ଡିମି ଚୁପ୍ ରହିଲା ।···

ହଠାତ୍ ନିସ୍ତବ୍ଧତା ଭେଦକରି ଲଗାଲଗି ଠୋ-ଠା କିନା ଚାରିଟା ବନ୍ଧୁକ ଗୁଳିର ଶବ୍ଦ । ଚମକିପଡ଼ିଲେ ଗୋସେଇଁ । ମିଲିଟାରୀ ଲୋକ ନା ବାଘ ଶିକାରୀ ! କିନ୍ତୁ ସେ ସମୟରେ ବାଘ ଶିକାରୀ ଅବା ଆସିବେ କେଉଁଠୁ ?

ପୁଣି ଠୋ-ଠା !

ଗୋସେଇଁ ଅସ୍ଥିର ହୋଇପଡ଼ିଲେ । ଆହ୍ଲାଦକୁ ଖବର ଦବାକୁ ଘର ଭିତରକୁ ପଶିଗଲେ । ସଙ୍ଗେ ସଙ୍ଗେ ବାହାରକୁ ଆସିଲେ । ସେତେବେଳକୁ କାନ୍ଧରେ ତାଙ୍କର ଗଣ୍ଠୁଲି ବୁଜୁଲି ।

ତେଣେ ଘର ଭିତରେ ଅଫିମ-ନିଶାରେ ଆହ୍ଲାଦ ବିଭୋର । ଗୁହାପାଣି ପାଇଁ କୁହା-ହୋଇଥିଲା ଯେ, ସେ ତାର ବସେଇନ । ଏବେବି ସେ ଭିତରେ ।

ଗଣ୍ଠୁଲି ବୁଜୁଲି ଧରି ଆସିବା ଦେଖି ଡିମି ଆଶ୍ଚର୍ଯ୍ୟ ହେଲା ।—"କୁଆଡ଼କୁ ବାହାରିଲ ଯେ ଗୋସେଇଁ ?

ଗୋସେଇଁ କହିଲେ—"ଟିକିଏ ସାବଧାନ ହୋଇଗଲି । ସେଗୁଡ଼ାକ ଉଠେଇଥ ନା ମିଳିଥାନ୍ତା, କିଛି ଠିକ୍ ଭାବେ ଜଣାପଡ଼ୁନାହିଁ ।"—କିଛି କହିବେ ନକହିବେ ହୋଇ ଏତିକି କହିପକେଇଲେ ଗୋସେଇଁ । ପୁଣି ସଙ୍ଗେ ସଙ୍ଗେ କଥା ବଦଳେଇବା ପାଇଁ ପଚାରିଲେ —"ଆଲୋ ଡିମି, କାହିଁ ଏମାନେ ତ ଆଇଲେନାହିଁ ? କୋଉଠି ଏମିତି ଲଖି-ଗଲେ କି ?"

ଡିମି ଖିଲ୍ ଖିଲ୍ ହୋଇ ହସିବାକୁ ଲାଗିଲା । କହିଲା—"ତମମାନଙ୍କର ସାହସ ନାହିଁ ଦେଖୁଛି । ଏଇ ବନ୍ଧୁକ ଗୁଳି ଶୁଣି ଘାବରେଇଯାଉଛ ? ଇଏ ସବୁ ଏମାନଙ୍କ ବନ୍ଧୁକର ଗୁଳି ।"

—"ଏଁ, ଏଁ, କାହାର କହିଲୁ ?" ପଚାରିଲେ ଗୋସେଇଁ । ମୁହଁରେ ତାଙ୍କର ଅବିଶ୍ୱାସର ଭାବ ।

—"କାହାର ଆଉ ହବ ମ । ଧନପୁର ଆଉ ରୂପନାରାୟଣ ସବୁ ଯୋଡ଼େ ବନ୍ଧୁକ ଆଣିଛନ୍ତି । ବନ୍ଧୁକ ଦି'ଟା "ନୋକମା'ର । ବାଘ ମାରିବେ ବୋଲି ମାଗିଆଣିଛନ୍ତି । ଏବେ ବୋଧେ ମାରିଲେ ବାଘକୁ । ଦି'ଦିଟା ବାଘ ମାତିଛନ୍ତି । ଗାଁର ଗୋରୁ, ଗାଈ, ମଇଁଷି, ଛେଳିଗୁଡ଼ାକୁ ମାରିଖାଇ ଛାରଖାର କଲେଣି । ମୋ ଦିଅରଟାକୁ ସବୁ ମାରି ଖାଇଗଲା ସେଦିନ । ଣାଁ'ଟା ସାରା ରାଗରେ ଜଳୁଛନ୍ତି । ଧନପୁର ନୋକମାକୁ କହିଲା—"କିଛି ଚିନ୍ତା କରନା । ବନ୍ଧୁକ ଦୁଇଟା ଦେ । ଆମେ ଦୁହେଁ ଦୁଇଟାଯାକ ବାଘକୁ ମାରିଦବୁ ।"... ଏବେ ମାରିଲେ ନା କଣ । ରୂପନାରାୟଣ କଥା ମୁଁ କହିପାରିବିନି; ହେଲେ ଧନପୁରର ହାତଟା ପିଲାଦିନୁ ସଲଖ । ଉଡ଼ିଯାଉଥିବା ଚଢ଼େଇଟାକୁ ଗଡ଼େଇଦେବାବାଲା ।... ଭୟ କରିବାର ନାହିଁ କିଛି । ସେମାନେ ଏବେ ଆସି ପାଇଯିବେ ।"

ଡିମିର ଲମ୍ବେଇ ଲମ୍ବେଇ କଥା କହିବା ଠାଣିରେ ବଡ଼ ଖୁସି ହୋଇଗଲେ । ଅସମୀୟା ଭାଷାଟା ଏମାନଙ୍କ ତୁଣ୍ଡରେ କେବେ କେବେ ଅମୃତଭଳି ମିଠା ହୋଇଯାଏ । ଜ୍ୟୋତି-ପ୍ରସାଦ ଅଗରୱାଲ୍. "ଜୟମତୀ" ସିନେମାରେ ଯେଉଁ 'ଡାଲିମୀ' ଚରିତ୍ରକୁ ଉତାରିଲେ, ତା ଓଠର ଭଙ୍ଗା ଭଙ୍ଗା ଅସମୀୟା କଥା ଠିକ୍ ଏଇ ଡିମି ତୁଣ୍ଡରୁ ଶୁଭୁଥିବା କଥାଭଳି ଥିଲା ।

ଡାଲିମୀ ତୁଣ୍ଡର ପ୍ରତିଧ୍ୱନି ହଉଛି ଡମ୍ଫି ତୁଣ୍ଡରେ । ନିଜ ଭାଷାଟା ସବୁଦା ନିଜକୁ ମଧୁର; କିନ୍ତୁ ତାହା' ଯେତେବେଳେ ଅନ୍ୟର ତୁଣ୍ଡରେ ଯୋଡ଼ିହୁଏ ସେଇଟା, ମଧୁରତର ହୁଏ···ଠିକ୍ ମହୁ ଭଳି ମିଠା । ନିଜ ଭାଷାର ମଧୁରତର ପ୍ରତିଧ୍ୱନି । ସବୁ ମଣିଷର ଭାଷାରେ ସବୁ ସମୟରେ ଭାଷାର ମହିମା ଫୁଟିପାରେନା । କିନ୍ତୁ ଡମ୍ଫିର କଥାଭାଷାରେ ତା' ନିଜ ଭାଷାର ମହିମା ବେଶ୍ ଉକୁଟି ଉଠୁଛି ।

ଗୋସେଇଁ ଡମ୍ଫିକୁ କହିଲେ—"ବଡ଼ ଭଲ ଖବରଟାଏ ଦେଲୁ । କିନ୍ତୁ ପହିଲିବାଲେ ଖବର ନପାଇଲେ ହେଲା । ତୁ ଟିକିଏ ଏଠି ବସ । ମୁଁ ରନ୍ଧା କରିଆଣେ । ଜଣକେ ଉପରେ ରନ୍ଧାଭାର ଦେଲି ଯେ, ସେ ତେଣେ ଅଭିମାନରେ ଟୁଙ୍ଗୁଟୁଙ୍ଗୁ ହେଇ ଗଡ଼ୁଛି । ଆଉ ରନ୍ଧା ନା ଯା ।.. ହଉ, ତୁ ଟିକିଏ ବ ।"

—"ରନ୍ଧାଟା ମୁଁ କରିଦେବି ! ଓହୋ··· ଗୋସେଇଁ ବୋଲି ମୋ ହାତରୁ ଖାଇବୁ ନାହିଁ ପରା । କିନ୍ତୁ ତୁମମାନଙ୍କ ଭିତରେ ତ ଏତେ ବାଛବିଚାର ନଥିଲା ପରି ଲାଗୁଛି··· ।" ଡମ୍ଫିର କଥାରେ ଅନ୍ତାଳିଆ ଭାବ ।

ଗୋସେଇଁଙ୍କର ବିବେକରେ ଆଘାତ ଲାଗିଲା । କଣ ଉତ୍ତରଦେବେ ସେ ?

ଡମ୍ଫି କହିଲା—"ଧନପୁର ଖୁବ୍ ଭଲ । ସେ ଗାଁରେ ଲୋକଙ୍କ ସାଥିରେ ପୂରା ମିଶିଯାଇଛି । ପ୍ରଥମେ ରୂପନାରାୟଣ ଆମମାନଙ୍କ ସାଥିରେ ଖାଇବାକୁ ସଙ୍କୋଚ କରୁଥିଲା; କିନ୍ତୁ ପ୍ରଥମ ରାତିରେ ହିଁ ଧନପୁର ତାକୁ ବାଟକୁ ନେଇଆସିଲା । କହିଲା—"ଦେଖ ରୂପନାରାୟଣ ତୁମେ ଯଦି ଏମାନଙ୍କ ସାଥିରେ ନଖାଇବ, ତେବେ ଏମାନଙ୍କର ଆପଣାର ହେବ କେମିତି ? ଆପଣାର ନହେଲେ କାମ ବି କରିପାରିବ ନାହିଁ । ମୁଁ ତ ଶୁଣିଲି, ତୁ ବି ଗୋସେଇଁ ଆମ ଗାଁକୁ ଯିବୁ । ଆମ ଗାଁକୁ ଗଲେ ମୋ ହାତରେ ଖାଇବାକୁ ତ ପଡ଼ିବ··· ।"

ଗୋସେଇଁ କିଛିକ୍ଷଣ ଭାବିଲେ । ତା'ପରେ କହିଲେ—"ଯା, ର' କରିବୁ ଯା ।"

—"ଖାଇବୁ ?"

—"ନିଶ୍ଚୟ ଖାଇବି । ଚୂଲି ଉପରେ ଭାଡ଼ିରେ ସବୁ ଅଛି । କାନ୍ଥରେ ବାଉଁଶନଳି ଗୁରଟା ଝୁଲୁଛି । ରନ୍ଧା ଗୁଣି ସେଇ ନଳରେ ଆଣିବୁ ।"

ଡମ୍ଫି ଭିତରକୁ ଗଲା । ଟିକିଏ ପରେ ଗଣ୍ଡୁଲି ଭୂଜଲି ଧରି ଆହୁରା ବାହାରିଆସି କହିଲା— "କୃଷ୍ଣ କୃଷ୍ଣ, ଆପଣଙ୍କର ମତିଭ୍ରମ ହେଲା କି ଗୋସେଇଁ ? ଡମ୍ଫି ହାତରୁ ରନ୍ଧା ଖାଇବ ! ମୋ'ଦେଇ ତା ହବନି । ଉହୁଁ, କସ୍ମିନ୍‌କାଳେ ନୁହେଁ । କୃଷ୍ଣ···କୃଷ୍ଣ··· ।"

—"ରାମଚନ୍ଦ୍ର କଣ ଗୁହକ ଚଣ୍ଡାଳଘରେ ଖାଇନଥିଲେ ? କିଛି ହୋଇଯିବ ନାହିଁ ମ । ହେଲେ ବା··· । ପରେ ଏକଥାର ବିଚାର ହେବ । ଅବଶ୍ୟ କାମଟା ଶେଷହେବା ପରେ ଯଦି ବଞ୍ଚିରହିବା । ଏପରି ନୈଷ୍ଠିକ ବାହ୍ମଣିଆ କି ଭିକଣିଆ କଥା ସବୁଠି ଚଳିବନାହିଁ ।"

—"କୃଷ୍ଣ···କୃଷ୍ଣ···କପାଳରେ କଣ ଏଇଆ ଲେଖାଥିଲା ?···ଉହୁଁ, ଦୋଷ ଲାଗିବ ।"

—"ସଂସ୍କାର ଓ ଧର୍ମ ଏକାକଥା ନୁହେଁ ଆହ୍ନା'ଇ ! ଏବେ ତର୍କ କରିବାକୁ ସମୟ ନାହିଁ । ଶୁଣିଛନା, ଧନପୁର ହେଣକା ଏଇନେ ଆସି ପହଞ୍ଚିବେ ।"

—"କୃଷ୍ଣ ହେ ! ଅଚୁଛନ୍ତି ବୋଲି ତ ଡମି କହିଲି । ଦେଖୁଚ କଥାଟା ବଡ଼ ଜଟିଳ ଅଡ଼କୁ ଗତି କରୁଛି । କୃଷ୍ଣ, କୃଷ୍ଣ···ସବୁଠି ଧନପୁରର ଜୟ ! କୃଷ୍ଣ ହେ ! ତୁମ କଥାରେ ପଡ଼ି ହିଂସାରେ ହାତଦେଲି । ହିଂସାରେ ହାତ ଦଉଦଉ ଆସିଗଲା ବନ୍ଧୁକ । ବନ୍ଧୁକ ସଙ୍ଗେ ସଙ୍ଗେ ଆସିଲା ଡକେଇତି । ତା'ପରେ ଆମେ ଜାଗାଟାର ଯେତିକି ପାଖକୁ ପାଖକୁ ଯାଉଛେଁ···କୃଷ୍ଣ, କୃଷ୍ଣ···ସେତିକି ପାଦେପାଦେ ପରମବସ୍ତୁକୁ ଏଡ଼ଉଛେଁ । ଜାତି ଗଲା, ସଂସ୍କାର ଗଲା, ଏବେ ବୈକୁଣ୍ଠକୁ ପୁଣି ଯିବା କେମିତି ? କୃଷ୍ଣ, କୃଷ୍ଣ···ଦେଖିଲଣି ଡାହାଣୀ ପାଲରେ ହିଁ ପଡ଼ିବା ସାର···କୃଷ୍ଣ ହେ ! ରକ୍ଷାକର !"

—"କୃଷ୍ଣଙ୍କୁ ଚନ୍ତିଲେ ସବୁ ହେଇଯିବ ମ ଆହ୍ନା'ଇ ! ବାକୀ ସବୁକୁ ବାଦ୍ ଦେଇଦିଅ । ଏସବୁ ଛାଡ଼ିଲେ ଭଲ···ମାନେ, ଏଇ ଜାତିପତି, ଛୁଆଁଛୁତ କଥା କହୁଛି । କିନ୍ତୁ ହିଂସା, ଅହିଂସାର ପ୍ରଶ୍ନଟା ବଡ଼ ଜଟିଳ ପ୍ରଶ୍ନ । ଦେଖ, ମାଛଟେ ଖାଇଲେ ବି ଜୀବହତ୍ୟା ହଉଛି । ଗଛରୁ ପନିପରିବା ତୋଳି ଖାଇଲେ ବି ଜୀବବଧ ହୁଏ । ···ନାଗସାପଟେ କି ବାଘଟେ ଯଦି ଗୋଡ଼େଇ ଆସିବ ତେବେ 'ଆସନା', 'ଆସନା' ବୋଲି ସ୍ତୁତି କରିବ ନା ମାରିବ ? ଏବେ ବି ସେଇ ଏକା ପ୍ରଶ୍ନ ।"

ଆହ୍ନା କୁଅଁ ଗ ବଚକ୍ରି ହୋଇ କହିଲା—"ମୋତେ ତର୍କକରି ଆସେନା···କୃଷ୍ଣ, କୃଷ୍ଣ··· ମୋତେ କିନ୍ତୁ ଭରି ଖରାପ ଲଗିଲଣି । କୃଷ୍ଣ କୃଷ୍ଣ,···ଆଜିକାଲି ଧନପୁର ଖାଲି ଏକା ଲଏକ ଲୋକ । କୃଷ୍ଣ ହେ !"

ଗୋସେଇଁ କହିଲେ—"ଦେଖ, ପ୍ରତ୍ୟେକଙ୍କ ପାଇଁ ଗୋଟେ ଗୋଟେ ମୁହୂର୍ତ୍ତ ଅଛି । କେତେବେଳେ ତୁମେ ନହେଲେ ଚଳିବ ନାହିଁ; କେତେବେଳେ ଧନପୁର ନଥିଲେ ଚଳିବ ନାହିଁ ।"

ଏତିକିବେଳେ ଭିଭିରାମ ଫେରୁଥିବା ଦେଖାଗଲା । ଭିଭିରାମ ଯେଇଠି ପହଞ୍ଚୁ ପହଞ୍ଚୁ ଗୋସେଇଁ ପଗ୍ଗରିଲେ—"କଣ ହେଲା ଭିଭିରାଇ ? ଏକୁଟିଆ ଯେ ? ଏମାନେ କାହାଁନ୍ତି ? ବାଘ ମାରିଲେ ?"

—"ସେମାନେ ଧାନଟଲା ସାଏଁ ପହଞ୍ଚିଛନ୍ତି । ମୁଁ ଆଉ ଗୋଟେ ଖବର ଧରି ଆସିଛି ।"

—"କି ଖବର ?"

—"ଦେଖନ୍ତୁ ତ, ଏଇଟା କଣ ?"

କୁକୁରଟିଏ ଆସି ଠିଆହେଲା ତାଙ୍କ ପାଖରେ । —"ଆରେ, ଏଇଟା ତ ବାଣେଶ୍ୱର ରଜାର କୁକୁର । କଣ ହେଇଚ ସ୍ୱାର ? ଏଠିକି ଆସିଲା କେମିତି ? କାହିଁକି ବା ଆସିଛି ?" କହୁ କହୁ ଗୋସେଇଁ ତାଙ୍କ ବ୍ୟାଗ୍‌ରୁ ଟର୍ଚ୍ଚଲାଇଟ୍‌ଟା ବାହାରକଲେ । ଟର୍ଚ୍ଚ ମାରି କୁକୁରକୁ

ଭଲଭାବେ ଦେଖି ଦେଖି କହିଲେ—"କଣ ହୋଇଛି ଅନୁମାନ କରି ପାରୁଛ ତ ଆହ୍ଲାଦୀ ?"

ଆହ୍ଲାଦୀ ଦେଖିଲା କୁକୁରଟା ଥରୁଛି । କୁକୁରର ଆଗ ଗୋଡ଼ ଆଡ଼କୁ ନଜରକରି କହିଲା—"କୃଷ୍ଣ, କୃଷ୍ଣ···କଣ ଏମିତି ହୋଇଛି ? ଏତେ ଜାଗାରେ ଖଣ୍ଡିଆ ! କୃଷ୍ଣ ହେ !"

ଭିଭିରାମ ବି ଦେଖି କହିଲା—"ଏଇଟା ନିଶ୍ଚୟ ବାଘୁଆନେଟର ଖେଞ୍ଚା; ସନ୍ଦେହ ନାହିଁ । ମୋର କଣ ଅନୁମାନ ହଉଛି ଜାଣନ୍ତି ଗୋସେଇଁ ? ଆପଣଙ୍କର ମାୟାଂରେ ଅତ୍ୟାଚାର ଆରମ୍ଭ ହୋଇଯାଇଛି । କେହି ନିଶ୍ଚୟ ଗାଁଲୋକ ଆସିଛନ୍ତି । ନହେଲେ କୁକୁରଟା ଆସି ନଥାନ୍ତା ।"

କୁକୁରଟି ସେଇମିତି ଥରି ଥରି କିଛିକ୍ଷଣ ପରେ ତଳେ ପଡ଼ିଗଲା । ଆହ୍ଲାଦୀ ଦୀର୍ଘନିଃଶ୍ୱାସ ଛାଡ଼ି କହିଲା—"କୃଷ୍ଣ, କୃଷ୍ଣ···ଏହାର ପରମାୟୁ ଶେଷ ହେଲା । କୃଷ୍ଣ ହେ ! ମୋର ମଧ୍ୟ ଅନୁମାନ, କେହି ନିଶ୍ଚୟ ଆସିଛନ୍ତି । କୃଷ୍ଣ, କୃଷ୍ଣ ।"

—"କାହିଁକି କିଏ ଆସିବ ଯେ ?"—ଗୋସେଇଁ ପଚାରିଲେ । ତାଙ୍କ ବ୍ୟାଗରେ ଆଇଓଡିନ ଥିଲା । ଟର୍ଚ୍ଚଟା ବ୍ୟାଗଭିତରକୁ ଦେଖାଇବାକୁ କହି ସେ ନିଜେ ଆଇଓଡିନ ବୋତଲରୁ କିଛି ବାହାରକରି କୁକୁରର କ୍ଷତସ୍ଥାନରେ ବୋଳିଦେଲେ । କୁକୁରଟା କେଁ କେଁ କରି ଚିତ୍କାର କଲା ।

ଗୋସେଇଁ କହିଲେ—"ହୁଏତ କୁକୁରଟା ଏମିତି ପଳେଇଆସିଥିବ । ତୁମେମାନେ ଟିକିଏ ରୁହ । ମୁଁ ଦେଖିଆସେ । ତମି ଗ୍ୟ' ଆଣିଲେ ଖାଇନବ । ଧନପୁର ହେଉକା ଅସିଲେ ଡେରି କରିବାକୁ ମନାକରିବ । ମୁଁ କୁକୁରଟାକୁ ନେଇ ଯାଉଛି ।"

ଭିଭିରାମ କହିଲା—"ଏକୁଟିଆ ଯିବାକୁ ଭଲ ମନେକରୁଛନ୍ତି ? ତା' ଛଡ଼ା ଆମେ ଆସିଥିବା ବାଟରେ କୁକୁରଟା ଆସିଛି··· ।"

ଗୋସେଇଁ କହିଲେ—"ବିଶେଷ ଚିନ୍ତାର କାରଣ ନାହିଁ ।" ଏହା କହି ସେ କୁକୁରଟାକୁ ସାଥିରେ ନେଇ ବାହାରିଗଲେ । ଗଲାବେଳେ ପୁଣି କହିଗଲେ—"ତୁମେମାନେ ମୋତେ ଅପେକ୍ଷା କରିବ ନାହିଁ । ଗୁହା ଖାଇ ବାହାରିପଡ଼ିବ । ରହିବା ସମୟ ଆଉ ନାହିଁ । ଆଉ, ହଁ ଶୁଣ, ଧନପୁର ଯଦି ରହିବାକୁ ଚାହିଁବ ଅଳ୍ପ ସମୟ ଅପେକ୍ଷା କରିବାକୁ କହିବ ।"

କୁକୁରକୁ ତୁ-ତୁ କରି ଡାକି ଡାକି ସାଙ୍ଗରେ ନେଇଗଲେ ଗୋସେଇଁ । ଜହ୍ନ-ଆଲୁଅରେ ବହୁଦୂର ଯାଏଁ ଦେଖାଯାଉଥିଲେ ।

ଭିଭିରାମ ନିଜର ଓଜନଆ ମନଟାକୁ ଟିକିଏ ହାଲୁକା କରିବା ପାଇଁ ଆହ୍ଲାଦୀକୁ କହିଲା—"ଅଫିମ ଖାଇ ଆପଣଙ୍କର ଆଉ ହୋସ ନାହିଁ ଦେଖୁଛି । ମାୟାଂ ଫେଣ୍ଟିକ ଏଥର ଗଲା ବୋଲି ଜାଣନ୍ତି । ଖବର ପାଇଛନ୍ତି ତ ?"

ଟିଂ କରି ଆହ୍ଲାଦୀର ମୁଣ୍ଡକୁ ରାଗ ଚଢ଼ିଗଲା । ସେ କହିଲା—"କୃଷ୍ଣ କୃଷ୍ଣ···ଖାଲି ଶଗ୍ଧା ପଡ଼ିଛି ଯେ ମାୟାଂଟା ଚାଲିଯିବ ? ଦେଖିବା, କେମିତି ଯିବ··କୃଷ୍ଣ, କୃଷ୍ଣ,···ଅଫିମ ପୁଆଦ

କେବେ ଶୁଣିଚ ? ଜାଣିଚ ? କୃଷ୍ଣ କୃଷ୍ଣ···ଖାଇଲେ ଦେହରୁ କଷ୍ଟ 'କାଢ଼ି'ନିଏ । ମନର ବ୍ୟଥାକୁ ହାଲୁକା କରେ । ଆଉ କେମିତି ଲାଗେ ଜାଣିଛ ? ଯେମିତି ରଥରେ ଚଢ଼ି ଉଡ଼ିଯାଉଚ । କୃଷ୍ଣ ହେ ! ତୁମମାନଙ୍କର ଉତ୍ପାତ ଦେଖି ମୁଁ ଆଉ ସମ୍ଭାଳି ପାରୁନାହିଁ··· ମୂଷାକୁ ଖାଉ ବୋଲି ନାଗସାପକୁ ନେଇ ମୂଷାଗାତରେ ପୂରେଇଦଉଛ । କିନ୍ତୁ ମୂଷା ଗାତରେ ଅଛି କିଏ ? କୃଷ୍ଣ ହେ !"

ଭଉରାମ କହିଲା—"କୃଷ୍ଣ ମାହାପୂରୁ ଯଦି କୁବୁଜା ମାଳିନୀ ଘରେ ଭାତ ଖାଇପାରିଲେ, ସୀତା ଠାକୁରାଣୀ ଯଦି ଅଶୋକବନରେ ରାକ୍ଷସୀଏ ପରଷିବା ଖାଦ୍ୟ ଖାଇ ପ୍ରାଣରକ୍ଷା କରିପାରିଲେ, ଆମେ ଏବେ ତିମି ହାତରୁ ବୃନ୍ଦାଟୋପେ ଘିଇ କାଢ଼ିଟାକୁ ରଖି ପାରିବା ନାହିଁ ନା ? ଦେଖିବାକୁ ଗଲେ ଜାଗଟା ଗୋଟେ ମୂଷାଗାତ । ଗାତଟା ସାରା ଅନ୍ଧାର ଆଉ ଅନ୍ଧାର । ଗାତଟା କେତେ ବଡ଼ ତା'ର କଳନା କରିବା ମୁସ୍କିଲ । ଗାତ ଭିତରେ ପଶି ହଉନି କି ବାହାରିହଉନି । ଏମିତିରେ ବାହାରେ ରହି ନିଃଶ୍ୱାସ ବି ନେଇହଉନି ।···ତା'ଛଡ଼ା ମଣିଷର ଅସଲ ପରିଚୟ କର୍ମରେ । ଆପଣ ମାଛ ଖାଆନ୍ତୁ କି ମୁଗ ଖାଆନ୍ତୁ—ସେଥିରେ କିଛି ଯାଏ ଆସେନା । ଏବେ ଯଦି ଗାଁରେ ଗାଁରେ ଆପଣଙ୍କୁ ଭୋକଖାଇବାକୁ ଦଆଯିବ, କିଏ କରିବ ?"

ଆହନା କୁଅଁରର ଦେହମୁଣ୍ଡ କୁଣ୍ଡେଇ ହେଲା । ସେ କହିଲା—"କୃଷ୍ଣ, କୃଷ୍ଣ,··· ଶେଷକୁ ମ୍ଳେଚ୍ଛ ସାଥିରେ ମ୍ଳେଚ୍ଛ ହେବାକୁ ହେଲା ! ମୁଁ କିନ୍ତୁ ତୁମମାନଙ୍କ ସାଥିରେ ଆଉ ପାଦେ ବି ଆଗକୁ ବଢ଼ିବି ନାହିଁ । କୃଷ୍ଣ, କୃଷ୍ଣ,···ଦେଖିବ, ତମେମାନେ କେମିତି ରେଲଗାଡ଼ି ଓଲଟେଇବ···ଯମ ତମମାନଙ୍କୁ ମଶାଣିଭୂଇଁକୁ ଟାଣିନଉଛି....କୃଷ୍ଣ ହେ ।"

ଏଥର କିନ୍ତୁ ଭଉରାମ ରାଗିଗଲା । ଧମକ ଦେଇ ପରି କହିଲା—"ଧନପୁର ଏଇନେ ଆସି ପହଞ୍ଚିଯିବ ନାହିଁକି ? 'ନଯିବି' 'ନକରିବି' ବୋଲି କହିଲେ ସେ କିଣ ଛାଡ଼ିବ ? ଲମ୍ବୁରାମର ଅବସ୍ଥା ଯେମିତି ହେଲା, ସେମିତି ହବ । ସମସ୍ତେ ଗୋଟିଏ ବନ୍ଧନରେ ବନ୍ଧା ହେଇଚେଁ, ଏକଥା କିଣ ଜଣାନାହିଁ ? ଏଣୁ ସାବଧାନ । ଯୋଡ଼ା ଯୋଡ଼ା ବନ୍ଧୁକ ନେଇ ଆସୁଛନ୍ତି ?"

ଆହନା ପଚାରିଲା—"କିଏ, କିଏ ?"

ଭଉରାମ ହଠାତ୍ ଆଗ ଆଡ଼କୁ ହାତ ଦେଖେଇ କହିଲା—"ଦେଖୁଛ ନା, ଦୁଇ ଦୁଇଟା ଯମଦୂତ ।"

ଆହନା ସେ ଆଡ଼କୁ ପିଠିକରି ବସିଥିଲା । ରୂପଚନ୍ଦ୍ର ଦେଖିଲା ଯୋଡ଼େ ବନ୍ଧୁକ ଧରି ଦି'ଟା ମଣିଷ ଠିଆହେଇଛନ୍ତି । ଧନପୁରର ଉଜ୍ଜ୍ୱଳ ଆଖି ଦି'ଟାକୁ ଜହ୍ନ-ଆଲୁଅ ମଳିନ କରିପାରି ନଥିଲା । ମୋଟା ମୋଟା ଆଙ୍ଗୁଳିଗୁଡ଼ାକ ବନ୍ଧୁକ ଉପରୁ ଫୁଟି ବଶୁଥିଲା । ମୁହଁରେ ତାର ଭୁବନମୋହନ ହସ । କହିଲା—"ଆମେ ତୁମମାନଙ୍କୁ ନବାକୁ ଆସିଚୁଁ ।"

ଆହ୍ଲାଦୀ ଆହୁରି ରାଗିଯାଇ ପଚାରିଲା—"ମୂର୍ଖ, ପାଷଣ୍ଡ ! କବୁ କୁଆଡ଼ିକ ? କୃଷ୍ଣ, କୃଷ୍ଣ··· ହାତ ପାଚୁଲିରୁ ଆସୁଚ ସଇନ ମ । ମୋତେ ଲମ୍ବରାମ ବୋଲି ପାଇଲୁ କି ?"

ହୋ-ହୋ ହୋଇ ହସିଲା ଧନପୁର । ସେଇମିତ ହସି ହସି କହିଲା—"ସତରେ କଣ ଆମକୁ ଯମଦୂତ ବୋଲି ଭାବିଲ କି ? ମଣିଷ ଦ'ଟା ମ । ତେବେ ଜାଣିରଖ, ମୁଁ ବର୍ତ୍ତମାନ ବଡ଼ ମହନ୍ତ । ଏଠି ଆଉ ବେଶୀ ସମୟ ରହିବାଟା ନିରାପଦ ନୁହେଁ । ଲମ୍ବରାମକୁ ବାନ୍ଧିଥିଲି; କାହିଁକି ନା, ସେ ଏଇ ବଡ଼ ମହନ୍ତଠାରୁ ଅଲଗା ହେବାକୁ ଇଚ୍ଛାକଲା । କିନ୍ତୁ ଆପଣ ତ ଅଲଗା ହେବାକୁ ଚାହୁଁନ୍ତି ନାହିଁ । ଆଉ, ଇଏ କିଏ ଜାଣିଚନ୍ତି ? ଆମର କ-ମ୍-ରେ-ଡ୍ ।

ଉତ୍ତରହିଁ ଆହ୍ଲାଦୀ ପଚାରିଲା—"ସେ ପୁଣି କି ଶବ୍ଦ ? କୃଷ୍ଣ, କୃଷ୍ଣ··· ।"

ଧନପୁର କହିଲା—'କ'ମାନେ 'କରିବ', 'ମ' ମାନେ 'ମରିବ', 'ରେ' ମାନେ 'ରେପ୍' ଆଉ 'ଡ' ମାନେ 'ଦଫନ୍'—ମାନେ କବର । ଆମେ ଯୋଉ କାମ ହାତକୁ ନେଉଛେଁ ସେ କାମ କରିବାକୁ ହେବ ନଚେତ୍ ମରିବାକୁ ହେବ । ଦରକାର ହେଲେ ରେପ୍ ମାରିବା । ଦରକାର ହେଲେ ଦଫନ୍ ଦେବାକୁ ହେବ; ଅର୍ଥାତ୍ ଲାଶ୍‌ଗୁଡ଼ା ନେଇ ପୋତିଦବାକୁ ହେବ ।"

ଆହ୍ଲାଦୀ କହିଲା—"ପୋଡ଼ାମୁହାଁ କୋଉଠିକାର । ଯମ ତୋତେ ଆଗ ନଉ । କୃଷ୍ଣ, କୃଷ୍ଣ···ହେଇ ଦେଖୁଚନା ଗୁଳ ଉପରେ ବସିଚୁ···।"

ପେଟ୍ରଟାକୁ ଦେଖିଲା ଧନପୁର । ହସିଲା । କହିଲା—"ଏଇଟା ପୁଣି ଯମ ! ଇଏ ଆସି ଉତ୍ପାତ୍ ଲାଗିଇଛି ?" ବୁଝିଲି ତେବେ, ସେ୍ଇ ସଭିଙ୍କର ଭୟର କାରଣ । ଏମ୍, ଏଇନେ ଏ ମୁହୂର୍ତ୍ତରେ ସ୍ୱାକୁ ତା ନିଜ ପୁରକୁ ପଠେଇଦଉଚୁ···ଦେଖ···" କହୁ କହୁ ଗୁଳାଟାଏ ମାରି ପେଟ୍ରଟାକୁ ଗୁଳ ଉପରୁ ଗଡ଼େଇଦେଲା ।···ତା'ପରେ କହିଲା—"ଏବେ ସଭିଙ୍କର ଭୟର କାରଣ ଦୂର ହେଲା । ଏବେ ଆମେ ସଭିଏଁ କମ୍‌ରେଡ୍ ।···ଆଉ ସେ କୁଆଡ଼େ ଗଲା କି ? ଡିମ୍ବି···।" ବୋଲି ଟିକିଏ ପାଟିକରି ଡାକଦେଲା ଧନପୁର ।

ଠିକ୍ ସେତକ ବେଳକୁ ଦ'ଟା ବାଉଁଶ ନଳରେ ଗୁହା ନେଇ ବାହାରିଆସୁଥିଲା ଡିମ୍ବି । ଏମାନଙ୍କ ପାଖରେ ପହଞ୍ଚି ସେ କହିଲା—"ଦୁଇଜଣଙ୍କ ପାଇଁ ଆଣିଥିଲି । ଏବେ ବାସନ୍ତୀ ପିଇ ଏ ଦ'ଟା ଆସି ପହଞ୍ଚିଲେଣି ।···ତମମାନଙ୍କର କଣ ଶୋଷ ମରିନାହିଁ ?"

ଧନପୁର କହିଲା—"ମଣିଷର ଶୋଷ କଣ ଏତେ ସହଜରେ ମରେ ?"

ଲାଜକୁ ହେଇଗଲା ଡିମ୍ବି । କହିଲା—"ହଉ, ତୋର ଯଦି ଏଡ଼େ ଶୋଷ, ତେବେ ତୁ ଆଗେ ପି ପକା···। ଆଉ ଏଇଟା···ଏଇଟା କିଏ ନବ ? ଇଏ ନଅନ୍ତୁ ।" କହି ଗୋଟେ ଧନପୁରକୁ ଧରାଇ ଓ ଆରଟା ଆହ୍ଲାଦୀ ହାତକୁ ଧରାଇବାକୁ ଯାଉଥିଲା । ଧନପୁର ଧରୁ ଧରୁ ଗୁହାରେ ଚୁମୁକ ଦେଲା; କିନ୍ତୁ ଆହ୍ଲାଦୀ କହିଲା—କୃଷ୍ଣ, କୃଷ୍ଣ···ପାଷଣ୍ଡଟାକୁ ଦେଖି

ମୋର ଶୋଷ ମରିଗଲାଣି । କୃଷ୍ଣ, କୃଷ୍ଣ···ଇସ୍···କୃଷ୍ଣ ହେ ! ଏଡ଼େ ଅଧାର୍ମିକଟା···ଯା···ଯା···ସେଇ ଭିଭିରାମକୁ ଦେ ।"

ଧନପୁର ହସି ହସିପୁଣି କହିଲା —"କ' ମାନେ କପ୍ (ଚଟ) କରି ପିଇପକା, ମ' ମାନେ ମୁଁ କହିଲି, 'ଟେ'ମାନେ ଟେଣ୍ଡା ଲଗେଇବି, 'ଡ'ମାନେ ଡବାପିଟା କରିବି—ମାନେ ଜୋର୍‌ରେ ବାଡ଼େଇବି··· ।"

ଡିମି ରାଗିଗଲା । ଧମକ ଦେଇ ଭଳି କହିଲା—"ଧନପୁର ! ତୁ କିଏ ? ମାନ୍ୟଲୋକଙ୍କୁ ଏମିତି କହନ୍ତି ନା ? ତୁ ଚୁପ୍ ରହ । ତୋ ସୁଭଦ୍ରା ଆସିଲେ ତା' ସହିତ ପରିହାସ କରୁଥିବୁ ।" ଆହିନା କୁଅଁରର ହାତରେ ଗୁହିା ନଳିଟା ସନ୍ତର୍ପଣରେ ଧରେଇ ଦେଇ ପୁଣି ଭିତରକୁ ଚାଲିଗଲା ଡିମି ।

ଭିଭିରାମ ପ୍ରମାଦ ଗଣିଲା । ଆହିନା ଯଦି ଏବେ ସୁଭଦ୍ରା କଥାଟା ଧନପୁରକୁ କହିଦିଏ, ତେବେ ତ ସର୍ବନାଶ । କାର୍ଯ୍ୟ ପ୍ରତି ତାର ଆଗ୍ରହ କମିଯିବ । ଏଣୁ ଭିଭିରାମ ନିଜେ ଧନପୁରକୁ କୃତ୍ରିମ ଧମକ ଦେଇ କହିଲା—"ଦେଖୁଛୁ ତୁ ଆହୁରି ଆହୁରି ଫାଜିଲ୍ ହଉଚୁ । କୁଅଁରଙ୍କୁ ଏମିତି କହିବାଟା ତୋର ଆଦୌ ଉଚିତ ହେଇନାହିଁ । କ୍ଷମା ମାଗ ତାଙ୍କଠୁ ।"

ଆହିନା କହିଲା—"କୃଷ୍ଣ, କୃଷ୍ଣ···ତୋର ଔଦ୍ଧତ୍ୟ ତ ବେଶ୍ ବଢ଼ିଯାଉଚି ? ହେଲା, ସେଇ ସେଲ୍ସ ତଡ଼େଇଟାକୁ ବଧିଲୁ ବଧିଲୁ···କିନ୍ତୁ ସେଇ ଟୋକାଟା ପୁଣି କିଏ ? କହିପାରିବୁ ନା ନାହିଁ ? ସେ···"

ଭିଭିରାମ ପ୍ରମାଦ ଗଣିଲା । ସେ ଉଠିପଡ଼ି ଆହିନା କୁଅଁରର ହାତ ଧରି ଦୂରକୁ ଡାକି ନେଇ ତା କାନରେ ଫୁସୁଫୁସ୍ କରି କହିଲା—"ଦେଖନ୍ତୁ, ଗୁଣ ପକେଇଲି, ସେ କଥା କହନ୍ତୁ ନାହିଁ । ସେ ଜାଣିଦେଲେ ସର୍ବନାଶ ହେବ । ସେ ଜାଇ ରହିଲେ ବି ମଲାପରି ହେଇଯିବ । ପିଲାଦିନରୁ ସ୍ୱଭାବଟା ତାର ଏମିତିକା; ଏଣୁ ଆମକୁ ଟିକିଏ ଧୈର୍ଯ୍ୟ ଧରିବାକୁ ହେବ ।"

ଆହିନା କହିଲା—"ହଉ, ହେଲା, ହେଲା; କହିବି ନାହିଁ । କୃଷ୍ଣ, କୃଷ୍ଣ···ବେଶୀ ରାନ୍ଧିଲେ ଗୁଡ଼ ବି ପଥର ହେଇଯାଏ··· ।'

ଭିଭିରାମ ଓ ଆହିନାଙ୍କ ଭିତରେ ହେଉଥିବା ଫୁସ୍‌ଫୁସ୍ କଥାକୁ ଭଲଭାବେ ଲକ୍ଷ୍ୟ କଲା ଧନପୁର ।···କି କଥା ହଉଛନ୍ତି ଏମାନେ ! ମୋ କଥା ? ଏଣୁ ପ୍ରକାଶ୍ୟରେ ପଚାରିଲା--"କଣ କଥା ହଉଚ ଶୁଣେ ?"

ଭିଭିରାମ କହିଲା—"କିଛି ନାହିଁ ମ ଧନପୁର ! ମୁଁ କଣ ତୋର ପର କି ? ତୁ ଆଉ ବୁଢ଼ାଙ୍କୁ ବିରକ୍ତ କରନା । ମୁଁ ସେଇ କଥା ହେଉଥିଲି ତାଙ୍କ ସାଙ୍ଗେ । ତୁ ଆଗେ ତାଙ୍କୁ କ୍ଷମା ମାଗିଲୁ···ମୁଁ ତୋର ବଡ଼ଭାଇ ନା ?"

ଏଇ ଉତ୍ତରରେ କିନ୍ତୁ ଧନପୁର ସନ୍ତୁଷ୍ଟ ହେଲା ନାହିଁ । ତଥାପି ଭିଭିରାମର ଉପଦେଶକୁ ସେ ଅମାନ୍ୟ କଲା ନାହିଁ । ଖୁବ୍ ଦୁଃଖିତ ହେଲାଭଳି ସେ କହିଲା —"ମୋ

କଥାଗୁଡ଼ା ଧରିବେ ନାହିଁ ଆଜ୍ଞା ! ମୁଁ ଅନ୍ଧାରେ ସେମିତି କହିଦେଲି ସିନା । ଜୀବନରେ କେତେବେଳେ ରଣଶିଙ୍ଗା ବାଜେ, କେତେବେଳେ ପୁଣି ଗରଶିଙ୍ଗା ବାଜେ । ଦୁଇଟାଯାକ କିନ୍ତୁ ଗୋଟିଏ ଶିଙ୍ଗାର ସୁର । ଏଇ ଦୁଇଟାକୁ ତେଣୁ ମୁଁ ଅଲଗା ବୋଲି ଭାବିପାରୁନି ।

ଧନପୁର ସ୍ଟୁ-ନଳଟିକୁ ଥୋଇଦେଲା । ତା'ପରେ ପଚାରିଲା—"ଗୋସେଇଁ କୁଆଡ଼େ ଗଲେ କି ? କାହିଁ ଦେଖାଯାଉନାହାନ୍ତି ଯେ । ଯିବାର ସମୟ ତ ହୋଇଗଲା । ମୋ ଘଡ଼ିରେ ସନ୍ଧ୍ୟା ସାତଟା ହେଲାଣି । କଣ କହୁଚ, ରୂପ ?"

ରୂପନାରାୟଣ ବେଶ୍ ଗମ୍ଭୀର ତଥା ସୁନ୍ଦର ଯୁବକ । ମୁହଁର ରଙ୍ଗଟା ଧପ୍‌ଧପ୍ ଗୋରା । ଏତେବେଳଯାଏ ସେ ଅନ୍ଧା ପରିହାସକୁ ଲକ୍ଷ୍ୟ କରୁଥିଲା । ପ୍ରତିଟି ଲୋକର କଥାକୁ ସେ ତନ୍ନତନ୍ନ କରି ବିଶ୍ଳେଷଣ କରୁଥିଲା । ଏପରିକି ଭିଭିରାମ ଯେତେବେଳେ ସୁଭଦ୍ରା କଥା ଉଠୁ ଉଠୁ ଆହ୍ଲନା କୁଅଁରର ମୁହଁ ବନ୍ଦ କଲା, ସେ ଦୃଶ୍ୟ ବି ତା ମନକୁ ନଛୁଇଁ ଛାଡ଼ିଲା ନାହିଁ । ଅବଶ୍ୟ ସେଥିରେ କିଛି ରହସ୍ୟ ଅବା ଜଟିଳତା ଥିଲା ପରି ଲାଗିଲାନାହିଁ ତାକୁ । ଅଥଚ କିଛି ଯେମିତି ଆବଶ୍ୟକୀୟ ଗୋପନତା ଥିଲା ଭଳି ମନେହେଲା ତାର ।

ରୂପନାରାୟଣ କହିଲା—"ଯିବାର ସମୟ ଉପସ୍ଥିତ । ବୃହ୍ଲାଙ୍କୋପେ ପାଇଲେ ଚାଲିଯିବା । ବୋଟେ ଖଣ୍ଡେ ଜାଲ ବି ଦରକାର । ସେ ପାଖରେ ଉତ୍ସବ ଲାଗିଛି । ସକାଳୁ ସକାଳୁ ବାହାରିବାକୁ ହେବ । ଧନପୁର ଠିକ୍ ପ୍ରଶ୍ନ ପଚାରିଛନ୍ତି । ଗୋସେଇଁ କାହାନ୍ତି ?'

ଭିଭିରାମ ଗୋସେଇଁଙ୍କର ଯିବାକଥା ବୁଝେଇ କହିଲା । ଆହ୍ଲନା କୁଅଁର ରୂପନାରାୟଣକୁ ଦେଖି ଭାବୁଥିଲା, ରୂପନାରାୟଣ ବାସ୍ତବିକ ରୂପନାରାୟଣ । ସାରା ଆକାଶଟାକୁ ଝଲମଲେଇ ପକଉଛି । ସେ କହିଲା—"ଏ ବାପାଙ୍କର ଘର କୋଉଠି ? କୃଷ୍ଣ, କୃଷ୍ଣ··· ।

—"କପାହେରା ଆଡ଼ର ।"

—"ପଢ଼ାପଢ଼ି କରିଛନ୍ତି ବୋଧେ ।"

—"ହଁ । ଏବେ କଲେଜ ଛାଡ଼ି ଚାଲିଆସିଲି । ଛାଡ଼ନ୍ତୁ, ସେସବୁ କଥା ପରେ ହେବ । ଏବେ ବାହାରିପଡ଼ନ୍ତୁ । ଯାହା ବୁଝିଲି, ଆମେ ଆଗେଇବାକୁ ଗୋସେଇଁ କହିଯାଇଛନ୍ତି । ଯଦି ଦରକାର ତେବେ ଧନପୁର ରୁହନ୍ତୁ । କଣ କହୁଛନ୍ତି ?"

—"ହଁ । ଗୋସେଇଁ ସେଇଆ କହିଯାଇଛନ୍ତି । ଆମେ ତମିକୁ ନେଇ ଆଗେଇବା ।"

ରୂପନାରାୟଣ କହିଲା —"ତମି ବି ଥାଉ । ସେ ଚାଲିଗଲେ ଗୋସେଇଁଙ୍କୁ ଚୃହା ଦେବାକୁ କେହି ନଥିବେ ଯେ । ଆମେ ତିନିଜଣ ଆଗେଇବା । ଝାଟି ବୋଝିକ ଧରିଥାନ୍ତୁ । କିରୋସିନ ବି ଟିକିଏ ଧରିଥିବା ଭଲ । ଦରକାର ହେଲେ ବାଟରେ ନିଆଁ ଜଳେଇବା । ଏଇ ଖଣ୍ଡକରେ ଦରକାର ନହୋଇପାରେ; କିନ୍ତୁ ଗାଁ ପାଖାପାଖି ଖୁବ୍ ଜଙ୍ଗଲିଆ । ସେଠି ନିଶ୍ଚୟ ଦରକାର ହେବ ।"

ଭିଭିରାମ ଓ ଆହ୍ଲନା ଯିବାକୁ ସଜ ହେଲେ । ତମି ଆଉ ଦୁଇଟି ବାଉଁଶ ନଳୀରେ ଚୃହା ଆଣି ଦେଉଥିଲା । ରୂପନାରାୟଣ ତମି ହାତରୁ ଚୃହାନଳୀଟା ଧରୁ ଧରୁ ମୁଚୁକି ମୁଚୁକି ହସୁଥିଲା ।

ବେଶ୍ ସ୍ନେହଭରା ସ୍ୱରରେ କହିଲା—"ଉମି ନାନୀ, ତୁମେ ଓ ଧନପୁର ଏଠି ଅଳ୍ପ ସମୟପାଇଁ ବସିଥାଅ । ଖୁବ୍ ଅଳ୍ପସମୟ । ଗୋସେଇଁ ଫେରିଲେ ତୁମେ ଦୁହେଁ ଯିବ ; ଆମେ ଗଲୁ । ଆଜି ତୁମମାନଙ୍କର ପୂଜାର ଶେଷଦିନ, ନୁହେଁ କି ?"

ଭାରି ଖୁସି ହେଲା ଉମି । ଆଜିକୁ ଦୁଇଦିନ ହେଲା ଧନପୁର ସାଥିରେ ଟିକିଏ ମନଖୋଲା କଥା ହେବ ବୋଲି ସେ ବାଟ ଚାହିଁ ବସିଥିଲା । ଆଶ୍ରାମ ଆଟମ୍ ଆଜି ମିଳେଇଦେଲେ । ସନ୍ତୋଷ ମନରେ ସେ କହିଲା—"ଭଉଣୀଙ୍କୁ କହିବ ଯେ ଅତିଥିମାନେ ଯିବା ପୂର୍ବରୁ ଆମେ ଯାଇ ପହଞ୍ଚିଯିବୁ ।" ଘର ଭିତରକୁ ଚାଲିଗଲା ଉମି ।

ବ୍ୟାଗ୍‌ରୁ ଗୋଟେ ମଇଁଷି ଶିଙ୍ଗର ଶିଙ୍ଗା ବାହାରକଲା ଧନପୁର । ତା'ପରେ ଶିଙ୍ଗାଟିକୁ ତୁଣ୍ଡରେ ଧରି ଖୁବ୍ ଏକ ଆନନ୍ଦର ସୁର ବଜେଇଲା । ସେଇ ସ୍ୱର ଶୁଣି ଆହିନାର ହୃଦୟ ନାଚିଉଠିଲା । ତାପରେ ସେ ଭିଭିରାମର କାନରେ ଫୁସ୍‌ଫୁସ୍‌କରି କହିଲା—"ଖବରଟା ପାଇଥିଲେ ଇଏ କଣ ଏମିତିକା ମିଠାସୁର ବଜେଇପାରିଥାନ୍ତା ! ବଜେଇଥାଆନ୍ତା ବିଳାପର ସୁର । କୃଷ୍ଣ କୃଷ୍ଣ·· ପ୍ରକୃତରେ ଟୋକାଟାର ଗୁଣ ଅଛି । ହେଲେ କଣ ହେବ, ଅଧର୍ମୀଟା । ଦେଖନ୍ତୁ, ପେଗୁଟାକୁ ମାରି ଗଡ଼େଇଦେଲା । ଦେଖ,···ପରିଣାମ କଣ ହଉଚି ।"

ହୁଁ' ଖାଉ ଖାଉ ଭିଭିରାମ ଶୁଣୁଥିଲା ଆହିନାର କଥା । କହିଲା—"ଆପଣ ଜାଣିନାହାନ୍ତି ଆହିନାଇ, ପେଗୁଟାକୁ ମାରି ଭଲକରିଛି । ସମସ୍ତଙ୍କର ଆଶଙ୍କା ଆଉ ଭୟକୁ ଅନ୍ତତଃ ଭାଙ୍ଗି ଦେଲା । ଆପଣ ଚିନ୍ତା କରନ୍ତୁ ନାହିଁ । ଏବେ ବିପଦ ଆଶଙ୍କା କରି ଲାଭ କଣ ? ବିପଦକୁ ତ ଆମେ ନିଜେ ନିଜେ ଡାକିଆଣିଛେ ।

ନୀରବ ହେଲା ଆହିନା କୁଅଁର । ତା'ପରେ ବେଶ୍ ନିଶ୍ଚିନ୍ତଭାବେ ଅନେଇ ରହିଲା ଜହ୍ନଟା ଆଡ଼େ ।

ରୂପନାରାୟଣ ଓ ଭିଭିରାମ ଚାହାଖିଆ ଶେଷକରି ଯିବାକୁ ବାହାରିଲେ । ଧନପୁରକୁ ଆଉ ଡାକିଲେ ନାହିଁ ସେମାନେ । ସେ ହିଁ ଅସଲ ଲୋକ । ସେ ହିଁ ରେଳଗାଡ଼ିକୁ ଓଲଟେଇବ । ତେଣୁ ଏବେ ଟିକିଏ ମନଖୋଲା ବାଜା ବଜେଇ ମଉଜ କରୁ ।

ବନ୍ଧୁକ ଧରି ଆଗେ ଆଗେ ଆଗେଇଲା ରୂପନାରାୟଣ । ଭିଭିରାମ ଓ ଆହିନା ଚାଲିଲେ ତା'ପଛେ ପଛେ ।

ଆଶ୍ରମର ଅଗଣାରେ ବେଶ୍ ପରିଷ୍କାର ଜହ୍ନ-ଆଲୁଅ । ଶିଙ୍ଗାର ସୁର ସେଇମିତି ବାଜୁଥିଲା । ଘର ଭିତରେ ଉମି । ଗୁହାଳ ଭିତରୁ ବଛୁରିହରା ଗାଈଟିର କରୁଣ ହମ୍ବାଧ୍ୱନି ।

ତେଣେ ଗୁଳିଚୋଟରେ ମରିଥିବା ପେଗୁଟା ଯେମିତି ପଡ଼ିରହିଛି ।

ଛଅ

ମଝିରେ ଶିଙ୍ଗର ଶିଙ୍ଗାରୁ ସ୍ୱର ଛୁଟିଛି; କେତେବେଳେ ଉଠୁଛି ତ କେତେବେଳେ ପଡ଼ୁଛି । ସେଇ ସ୍ୱରର କୋମଳତା ଚତୁର୍ଦ୍ଦିଗକୁ ଉଠଉଛି ଏବଂ ପକଉଛି । ମଝିରେ ମଝିରେ ଏମିତ ଲାଗୁଛି, ଯେମିତ କ ସେଇ କୋମଳ ସ୍ୱର ଘନ ହୋଇ ସ୍ଥିର ନିଶ୍ଚଳ ହୋଇଯାଉଛି ।

ଡମି କେତେବେଳୁ ଆସି ପାଖରେ ଛିଡ଼ାହୋଇଯାଇଛି । ହାତରେ ତାର ସିଝା କନ୍ଦମୂଳ, କଦଳୀ ଓ କମଳା । ଏଠି ତଳେ ଶିଙ୍ଗାର ଏ ସ୍ୱର, ସେଠି ଆକାଶରେ ଜହ୍ନ-ଲୁଦେଇପରୀ'ର ନାଚ···ଏସବୁ ମିଶି ଡମିର ଦେହଟାକୁ ଚହଲେଇ ନପାରିଲେ ବି ନଚଉଛି; ଦହଲଉଛି ମନଟାକୁ । ଦେହରେ କିନ୍ତୁ ଅପୂର୍ବ କମ୍ପନ···ସତେକି ଦେହଟା ଲୋମ୍ବକୋମ୍ବ ହେଇ ଯାଉଛି···ଆତ୍ମାଟା କି ବୁଢିଆଣୀ ଜାଲ !

ଧନପୁରର ପେଟଭୋକ ଅପେକ୍ଷା ମନର ଭୋକଟା ବେଶୀ ହୋଇଯାଇଛି ।···ଶିଙ୍ଗାର ସ୍ୱରରେ ଏହା ସ୍ପଷ୍ଟରୁ ସ୍ପଷ୍ଟତର ହେଉଛି ।

କୁହାଯାଏ, ଆତ୍ମାଟା କୁଆଡ଼େ ସରୁ ସୂତାରେ ବନ୍ଧା ହୋଇ ଓହଳିଥାଏ···ଡମି ଭାବୁଛି, ଯଦି ତାର ଆତ୍ମାଟା ସୁଭଦ୍ରାର ଦେହ ଭିତରକୁ ଯାଇନାହିଁ, ତେବେ ସେ କପରି ସୁଭଦ୍ରା ପରି ହେଲା ! ଆତ୍ମାର ଅଦଳବଦଳ ହୁଏ ନା କଣ, ନା କେବଳ ଦେହର ଆକାରରେ ହିଁ ମେଳ ଅଛି ?

ଅନେକ କ୍ଷଣ ପରେ···ଶିଙ୍ଗାର ସ୍ୱର କ୍ରମେ କମି କମି ନୀରବ ହେଲା । ଜହ୍ନନାନୀ ହାଲିଆ ହୋଇ ମେଘର ତୂଳିତଳ୍ପ ତଳେ ଲୁଚିଗଲାଣି ।···ଧନପୁର ଭାରି ସୁନ୍ଦରିଆ ଦେଖାଯାଉଥିଲା ଡମି, ଆଖିରେ···ତେଲ ଜକଜକିଆ କପାଳରେ ମୁକୁତାମଣିପରି ବିନ୍ଦୁ ବିନ୍ଦୁ ଝାଳ ଝଲକଉଠିଛି । ନୀରବତା ଆଉ ଭଲଲାଗିଲା ନାହିଁ ଡମିକୁ । କହିଲା—"ମରିବୁ ନା କଣ ? ଖାଲି କାମ, କାମ ଆଉ କାମ···ସେଥିପାଇଁ କଣ ଜନ୍ମହୋଇଛୁ ? ଖାଇବୁନୁ ? ଚିନ୍ତାଏ ସୃଷ୍ଟିରେ ବସିବୁନୁ ? ଦେଖୁଛୁ ନା, ତୋ'ରି ପାଇଁ ବୋଲି ସାଇତ ରଖିଛି ଏଇ କନ୍ଦମୂଳ, ସିଙ୍ଗଡ଼ା ଆଉ କମଳା··· କାନରେ ବାନ୍ଧି ନେଇ ଆସିଛି ତୁ ଖାଇବୁ ବୋଲି ।"

ଶିଙ୍ଗାଟାକୁ ବ୍ୟାଗ୍‌ରେ ଭରିଲା ଧନପୁର । ତା'ପରେ ନୀରବରେ କାମିଜର ଅଣ୍ଟିପାଡ ଡମିଠୁ ଖାଇବା ଜନିଷତକ ନେଲା । ସ୍ଥିର ମନରେ, ଆରାମରେ ଖାଇବାକୁ ଲାଗିଲା ।

ଆଖିଝଲସା ଜହ୍ନ-ନାନୀକୁ ଚାହିଁ ଚାହିଁ ଡମି କହିଲା—"ବଉଅର ପିଲାଟା ଏଇଠି କୋଉଠି 'ମିତେ' ହୋଇଛି । ତାର ଆତ୍ମାଟା ଏଇଠି ନିଶ୍ଚୟ ଘୁରବୁଲୁଥିବ ।···ଆମ୍ଭୁଷ ଥିଲା ତ । ଆଉ ମୋତେ ଖୁବ୍ ଭଲପାଉଥିଲା । ଜାଣିଚୁ ତ ମୁଁ ଗାଲୋ ନୁହେଁ । ମା' ମୋତେ ଏଇଠି ଦଳ ସାଥିରେ ବାହା କରିଦେଲା···କିନ୍ତୁ ମୋ ଦେହରେ ଗାରୋ ରକ୍ତ ନାହିଁ । ଏମାନେ ମୋତେ ଆପଣାର ବୋଲି ଭାବନ୍ତି ନାହିଁ···ସେ ବଉଅରଟା କିନ୍ତୁ ଅଲଗା ପିଲାଟା । ବାପ ଦ'ଟାକୁ ମାରି

ଖୁବ ଭଲ କଲ । ଆମ ଗାଁର ଲୋକେ ତୁମମାନଙ୍କୁ ଦେବତା ମଣିବେ । ମୋତେ କିନ୍ତୁ ଖୁବ ଡର ମାଡ଼ୁଥିଲା । ମୁଁ ଯୋଉ 'ଟେକର୍' ମନ୍ତ୍ର ଶିଖିଥିଲି ତାକୁଇ ଗୁଣୁଗୁଣୁ ହୋଇ ଆସୁଥିଲି । ଯାହାହଉ, ଏଥର ସବୁ ଠିକ୍ ହେଇଗଲା ।"

କନ୍ଦମୂଳ ଖାଉ ଖାଉ ଧନପୁର କହିଲା—"ମାଇଁଟଣ୍ଡି ସି ହେଲେ କଲସ୍ରପତରଆ ବାଘ; ଏକାଠି ଥିଲେ ବୋଲି ମାରିବାକୁ ମନ ହେଉନଥିଲା । ଶେଷରେ କିନ୍ତୁ ମାରିବାକୁ ହିଁ ପଡ଼ିଲା ।"

—"ତୋତେ ବି ଖରାପ ଲାଗେ ନା କଣ ?" ହସି ହସି ପଚାରିଲା ରୂପି—"ଯୋଡ଼ି ଭାଙ୍ଗିବାକୁ ସତରେ ଖୁବ ଖରାପ ଲାଗେ ।"

—"ମୁଁ କଣ ମଣିଷ ନୁହେଁ ? କିନ୍ତୁ ମଣିଷ ହେବାଟା ପ୍ରକୃତରେ କଷ୍ଟ କାମ । ନାମଧାମ ନଥିଲେ ଏ ଦେଶରେ ମଣିଷ ବୋଲେଇ ପାରିବନି । କାମଟେ କରିବାକୁ ଗଲେ ସେଥିରେ କେତେ ଘାଟ-ନାଟ, ଜାତପାତ, ଛୁଆଁ ଛୁତ । ଦେଖିଲୁ ତ ପେଗ୍ରୁଟାକୁ କେମିତ ଗୁଳି କରିଦେଲି ?'

ରୂପି ସେଇମିତ ହସି ହସି କହିଲା—"ତୁ ଏମିତ କି କାମ କରିବାକୁ ଆସିଚୁ ଯେ ପଚାରିଲେ ବି କହୁନୁ ?"

ଧନପୁର କନ୍ଦମୂଳ ଖାଇସାରି କଦଳୀରୁ ଚୋପା ଛଡ଼ାଉ ଛଡାଉ କହିଲା—"ତୁ ତ ଜାଣିଚୁ, ବାପା ଥିଲେ କାମପୁର ଗୋସେଇଁଙ୍କର ଭାଗଚାଷୀ । ଖାଇବାକୁ କୁଳାଏ ନାହିଁ । ପଢ଼ାରେ ପଶିଲି ଯେ ଅଧାରୁ ଛାଡ଼ିଲି । ଶେଷରେ ଦେଖିଲି ସବୁଠି ଗଣ୍ଠିର ବନ୍ଧନ । ଆମପରି ମଣିଷଙ୍କ ଉଧେଇବା ପାଇଁ ଗୋଟିଏ ମାତ୍ର ବାଟ—ସ୍କୁଲ କଲେଜରେ ପଢ଼ି ହାକମ ହୁକୁମା ହୁଅ; ନହେଲେ ପାଞ୍ଚଜଣଙ୍କ ଭିତରେ ଜଣେ ହେବ କେମିତ ? ଚାଷୀ ହବାକୁ ହେଲେ ଜମି ଦରକାର । ଭାଗଚାଷୀ ହେବା ଯାହା, ଗୋଲାମି ଖଟିବା ତାହା । ନାମ-ଘରେ ପଶିବାକୁ ଚାହିଁଲେ ସେଠି ବି ଦେଖିବ ଗୋସେଇଁ, ମହନ୍ତଙ୍କର ପ୍ରତିପତ୍ତି । ଧର୍ମରେ ବି ବ୍ରାହ୍ମଣଙ୍କ ଅଧିକାର । ଖୁବ୍ କମ୍ ଲୋକ ବାପ ଅଜା ପୁଅ ନାତି କ୍ରମରେ ସବୁକିଛି ଭୋଗ କରିଆସୁଛନ୍ତି । ଆମ ଭାଗ୍ୟକୁ କଣ ରଖିଛନ୍ତି ଜାଣୁ ? ଉଚ୍ଛିଷ୍ଟ । ଏସବୁ ଦେଖି ଦେଖି ଦେହଟା ଜଳିଗଲା । ଭୀମସେନ ପରି ଗଦା ଉଠେଇ ସାରାଟା ଦୁନିଆକୁ ଛାରଖାର କରିବାକୁ ମନ ହେଲା; କିନ୍ତୁ ସେସବୁ ପାଣି-ଫୋଟକା । ଭିଭିଭାଇ ବହୁତ ବୁଝେଇଲେ । ଦିନକରେ କଣ ଲଙ୍କା ଜୟ କରିହୁଏ ? ପ୍ରଥମେ ସୈନିକ ଯୋଗାଡ଼ କରିବାକୁ ପଡ଼ିବ । ତା'ପରେ ସାଗରରେ ସେତୁ ବାନ୍ଧିବାକୁ ପଡ଼ିବ । ତା' ପରେ ଯୁଦ୍ଧବଳ ଦରକାର । ତେବେ ଯାଇ ହେବ । ପ୍ରଥମେ ସ୍ୱରାଜ୍ୟ । ସ୍ୱରାଜ୍ୟ ପାଇଲେ ସବୁ ଗଣ୍ଠି ଫିଟିଯିବ । ଖୁବ୍ ଶୀଘ୍ର । ଜାତି, ଧର୍ମ, ଧନୀ, ଗରିବ—ଏସବୁ ପ୍ରଭେଦ ଦୂର ହେବ; କିନ୍ତୁ ଦେଖୁଚୁ, ଗୋଟିଏ କାମ କରୁ କରୁ ମାଟିର ଏ ଦେହଟା ଶେଷ ହେବ ।"

ରୂପି ଦେଖିଲା ଯେ କଥା କହୁ କହୁ ଖାଇବାକୁ ଭୁଲିଗଲାଣି ଧନପୁର । ସେ ଦୀର୍ଘ ନିଃଶ୍ୱାସ ଛାଡ଼ି କହିଲା—"ସ୍ୱରାଜ ପାଇଲେ କଣ ସତରେ ବାମୁଣ-ଭଗତ, ଗାରୋ, କାଛାରୀ, ଧନୀ-ଗରିବ ଆଉ ରହିବେ ନାହିଁ ? କେବେ ନୁହେଁ । ଏସବୁ ରହିଛି ଆଉ ରହିବ । ତୁ ଏତେ

ଭାବି ମରୁଛୁ କାହିଁକି ? କାମଟା କରିଦେ । ଶୀଘ୍ର ସୁଭଦ୍ରାକୁ ବାହା ହ । ତା'ପରେ ଦେଖିବୁ, ବନ୍ଧନ ନ ଥିଲେ କିଛି କାମ କରି ହବନାହିଁ ।"

—"ନ ଭାବି, ନ ଚିନ୍ତି ତ 'ନାହିଁ'ରେ ପଡ଼ିଲି ।···ତୋତେ ବାହା ହେବ ବୋଲି କହୁଁ ଥିଲି ନା ? ହେଲା କି ?"—ହସି ହସି କହିଲା ଧନପୁର । ଯେତେବେଳେ ସେ କଦଳୀ ଖାଇସାରି ହାତ ପୋଛୁଥିଲା ।

ତମିରି ମନଟା କୁଆଡ଼େ ନାଇଁ କୁଆଡ଼େ ଉଡ଼ିଯିବାକୁ ବସିଲାଣି । ଏତେ ଆଗଦିନର କଥାକୁ ଇଏ ଆଜି ମନେପକାଉଛି କାହିଁକି ? ତମି କିଛି ଉତ୍ତରଦେବା ପୂର୍ବରୁ ଧନପୁର ପୁଣି କହିଲା—"ଯେତେବେଳେ ବି ମୁଁ ଭାବୁଥିଲି ଯେ ତୁ ଗାରୋ···ମୁଁ ଅସମୀୟା । ଏକଥା ଭାବିଲେ ଚଳିବ ।···"ବଡ଼ ଦୁଃଖରେ କିନ୍ତୁ ଏଥର କହିଲା ଧନପୁର—"ସେଇଦିନଠାରୁ ମୁଁ ପ୍ରତ୍ୟେକ କଥାକୁ ଓଲଟା ପଟରୁ ଭାବେଁ···ବୁଝିଲୁ ଏଥର ? ସୁଭଦ୍ରାକୁ ଦେଖିଲି । ଝିଅଟାକୁ କେହି ଜଣେ ହେଲେ ଭଲପାଇଲେ ନାହିଁ । ମୁହଁ ଅଡ଼େଇ ଚାଲିଲେ ସମସ୍ତେ, ଏମିତି କି ଭଲେଣ୍ଟିଅରମାନେ ମଧ୍ୟ । ଦେହ ଛୁଆଁ ହେଲା ବୋଲି ସମସ୍ତେ ତାକୁ ଧିକାରିଲେ । ତାକୁ ମୁଁ କହିଲି—ମୁଁ ତତେ ଭଲପାଇବି । ତୁ ଚିନ୍ତା କରନା । ତା' ମୁହଁଟା ଦେଖିଲେ ମୋତେ ଦୁଃଖ ଲାଗୁଥିଲା । ଝିଅଟା ସତେକି ପୁରାପୁରି ଗ୍ରଇ ଏକଦମ୍ ଏକାଭଲି ଦୀର୍ଘ ନିଃଶ୍ୱାସ ଛାଡ଼ିଲା ଧନପୁର ।

ତମି ହସିଲା ଧନପୁର କଥା ଶୁଣି । ପଚାରିଲା—"କେମିତି ଦେହଛୁଆଁ ହେଲା ଯେ ?"

ସୁଭଦ୍ରା ଉପରେ ମିଲିଟାରୀ ଲୋକେ ଯେଉଁ ଅକଥନୀୟ ଅତ୍ୟାଚାର କରିଥିଲେ ସେଇ କରୁଣ କାହାଣୀକୁ ଦୋହରେଇ ବସିଲା ଧନପୁର ।···କହିସାରି ବସିବା ଜାଗାରୁ ଉଠିପଡ଼ିଲା ସେ । ପଚାରିଲା—"କଣ କିଛି ଖରାପ କାମ କଲି ତମି ? କହ, କହ, ସତକଥା କହ—ଯାହା ଭାବୁଚୁ କହ ? ତୋର ମତ ଜାଣିବାକୁ ମୁଁ ବହୁଦିନ ଅପେକ୍ଷାରେ ଅଛି ।"

—"ଭଲମନ୍ଦର ବିଚାର ଅବା ମୁଁ କଣ କରିବି ? ଝିଅଟା ବଞ୍ଚିଗଲା ଯେତେବେଳେ ତାକୁ ବାହାହେଇପଡ଼ ।···" ଦୀର୍ଘ ନିଃଶ୍ୱାସ ଛାଡ଼ିଲା ତମି ।

—"କରିବି....ଏଇ କାମଟା ସରିଯାଉ, କରିବି ।" କହୁ କହୁ ତାର ଅନ୍ତର ଭିତରେ କଣ ଗୋଟାଏ ସ୍ୱର ବାଜିଉଠିଲା । ଅନ୍ତର ଭିତରେ ବି ତେବେ ଗୋଟେ ଶିଙ୍ଗା ଅଛି !

—"ଇଏ ପୁଣି କି କାମ ଧରିଛୁ ? ଏତେ ଗୁପ୍ତରେ ପୋଡିପାତି ରଖିଛୁ ଯେ ମୁଁ ତାର ସୁରାକ୍ ବି ପାଉନି । ସ୍ୱରାଜ କାମ ?"

କହିବ ନ କହିବ ହେଇ 'ହୁଁ'ଟାଏ ମାରିଲା ଧନପୁର; କିନ୍ତୁ ଅନ୍ତର ଭିତରେ ଏକ ଅଜଣା ସୁର ଗୁମୁରିଉଠିଥିଲା ।

ତମିର ମୁହଁଟା ହଠାତ୍ କାହିଁକି କଳାପଡ଼ିଗଲା । କିଛି କ୍ଷଣ ପରେ କହିଲା—"ମୁଁ କିଛି ବୁଝି ପାରୁନାହିଁ । ଗୋସେଇଁ ମିଲିଟାରୀ ଭୟ କଥା କହୁଥିଲା । ତୁମେ ସବୁ ସିପାହିମାନଙ୍କ ସାଥିରେ ଲଢ଼ୁଛ ନା କଣ ?"

'ହଁ' କହି ଆକାଶ ଆଡ଼େ ଅନେଇଲା ଧନପୁର । ଶିଙ୍ଗାର ସୁରରେ ଯାଇ ଆକାଶଟା ସତେ କି ଭରିହୋଇଯାଉଛି ।

ଡିମି ବି ଆକାଶ ଆଡ଼େ ଚାହିଁଲା । ମାଦଳର ତାଳେ ତାଳେ ନାଚୁଥିଲା 'ଲ-ଦେପ୍‌ପୀ' । ପୁଣି ଦୀର୍ଘ ନିଃଶ୍ୱାସ । କହିଲା—"ତେବେ ବାହାଘରଟା ଶୀଘ୍ର ହଉନାହିଁ । ସ୍ୱରାଜର ରଣ ଖୁବ୍ ଲମ୍ବା ନା ?"

ଧନପୁର କହିଲା—"ଆସିଲାବେଳେ ସୁଭଦ୍ରାଟା ଖୁବ୍ କାନ୍ଦୁଥିଲା । ଭାରି ଡରିଯାଇଥିଲା ବି ।"

—"କାହିଁକି ?"

ଧନପୁର ଉତ୍ତର ନ ଦେଇ ଚୁପ୍ ରହିଲା ।

—"କହିଲୁ ନୁ ଯେ ? ମୋ'ଠି କଥା ଲୁଚେଇବାକୁ ତୋର ମନହୁଏ ? ମୁଁ କିଏ ତୋର ପର ?" ଡିମିର ସ୍ୱରରେ ଅଙ୍ଗଅଙ୍ଗ ଭାବ....ଆଖି ଦୁ'ଟା ବି ଛଳଛଳ ।

ଧନପୁର ଅନେଇଲା ଡିମି ଆଡ଼କୁ । ଡିମିର ଗୋଲଗାଲ ମୁହଁର କଳା ଭଅଁର ଆଖି ଯୋଡ଼ିକରେ ଆକାଶୀ ଗଙ୍ଗାର ଝର ଝଲସିଉଠିଲା । ଡିମି ଘରଠୁ ଏ ଝରଣାଟା ବେଶି ଦୂର ନୁହେଁ । ନଗାଁଓ ଜିଲ୍ଲାରେ ଝରଣାର ଅଭାବ ନାହିଁ । କାଲି ରୂପନାରାୟଣ ସହିତ ବୁଲିଯାଉଥିବାବେଳେ ଏମିତି ଏକ ଝରଣାକୂଳରେ ଛିଡ଼ା ହୋଇ ସେ ଦୁହେଁ କଥା ହେଉଥିଲେ । ଯୁବକ ଅଥଚ ଅଗାଧ ପାଣ୍ଡିତ୍ୟ । ଧର୍ମଶାସ୍ତ୍ର, ଆଧୁନିକ ଶାସ୍ତ୍ର କୋଉଥିରେ ବାକି ନାହିଁ । ଛୋଟ ଛୋଟ କଥାରୁ ଆରମ୍ଭ କରି ପରମାର୍ଥ ବିଷୟବସ୍ତୁ—ସବୁଥିରେ ତାଙ୍କର ଦଖଲ ଅଛି; କିନ୍ତୁ କି ଆଶ୍ଚର୍ଯ୍ୟର କଥା—ସେ କହନ୍ତି ଯେ କର୍ମ ହିଁ ଅସଲ ଧର୍ମ, ଅସଲ ଜ୍ଞାନ ଓ ଅସଲ ମୁକ୍ତି ।···ରୂପନାରାୟଣର ସଂସ୍ପର୍ଶରେ ଆସି ତାର ମନୋବଳ ବେଶ୍ ବଢ଼ିଯାଇଛି । ରୂପନାରାୟଣ ତୁଳନାରେ ଡିମି କିଛି ନୁହେଁ; ଗୋଟିଏ ଲୋଭନୀୟ ପ୍ରତିମା ମାତ୍ର । ସେଇ ପ୍ରତିମା ଭିତରେ ଅଛି ଗୋଟେ ହୃଦୟ । ସେଇ ହୃଦୟଟା ସ୍ନେହ ମମତାର ଏକ ଭଣ୍ଡାର ଘର ।···ବାସ୍ତବିକ୍ ରୂପନାରାୟଣ ସହିତ ଡିମିର ତୁଳନା କରାଯାଇ ପାରିବନି ।··· ତୁଳନାଗୁଡ଼ା ମୂକ ଓ ପଙ୍ଗୁ···ସେଗୁଡ଼ା କିଛି କରନ୍ତି ନାହିଁ । ଡିମି ଏକ ନାରୀ; କିନ୍ତୁ କାଳୀଅପା ପରି ନାରୀ ଏ ନୁହେଁ । ତଥାପି ଡିମି ଯେ ତାକୁ ଏତେ ଭଲ ପାଇପାରିଲା, କଣ କମ୍ କଥା ? କମ୍ ଶକ୍ତି ?···

ଧନପୁର ଏବେ ଠିକ୍ ବୁଝିପାରୁଛି—କାମଟା ଶେଷ କରିଦେବା ଅପେକ୍ଷା କାମଟା ଶେଷ କରି ଜୀବନ ନେଇ ଫେରିବା କଷ୍ଟକର । ଯଦି ମାସ୍ୟଂ ଗୋଟାକଯାକ ମିଲିଟାରୀ ଘେର ଭିତରେ, ତେବେ ତ ସେଠୁ ଆସିବା କଷ୍ଟ ହେବ । ହୁଏତ ଫାଶୀ; ନୁହେଁ ତ ମୃତ୍ୟୁ ଅନିବାର୍ଯ୍ୟ । କୁଶଲ କୁଅଁରର ଦଶା ହେବ । କୁଅଁରର ଯେ ଫାଶୀହେବ ଏଇ ଧାରଣା ତାର ଏବେ ଦୃଢ଼ ହେଲାଣି ।

ମରଣ ତେବେ ଏକଦମ୍ ନିକଟ ହୋଇଆସିଲାଣି । ସୁଭଦ୍ରାକୁ ଆଉ ଥରେ ଦେଖିବା ସମ୍ଭବ ନୁହେଁ ।···କିଛି ସମୟ ଆଗରୁ ସୁଭଦ୍ରା କଥା ଉଠୁଁ ଉଠୁଁ ଭିଭରାମ ଏତେ ସଙ୍କୋଚ ବୋଧକଲା କାହିଁକି ? ତାର କିଛି ଅଘଟଣ ଘଟିନି ତ ?···ମନେ ମନେ ହସିଲା ଧନପୁର । କିଛି ଗୋଟେ କଥା ତାକୁ ଲୁଚାଉଛି ବୋଧେ । ଲୁଚାଇବାକୁ ଚାହୁଁଛି ଯଦି ଲୁଚାଉ । ବର୍ତ୍ତମାନ ସେ କଥାରେ ଆଉ କଣ ଅଛି ?···କାମଟା କରିବାକୁ ଏବେ ବି ପୂରା ତେଇଶି ଘଣ୍ଟା ବାକି ଅଛି । କାଲି ସନ୍ଧ୍ୟା ସାଢ଼େ ସାତ ବାଜିବା ପୂର୍ବରୁ ମିଲିଟାରି-ଏକ୍ସପ୍ରେସ୍ ଆସୁନାହିଁ । ଏବେ ତୁମି ସାଥିରେ କିଛି ସମୟ କଟେଇଦେଲେ ହବ । ରୂପନାରାୟଣ ଗୌହାଟୀ ଷ୍ଟେସନ ମାଷ୍ଟରଠୁ ଗୁପ୍ତ ଖବର ନେଇଆସିଛି । ସାଢ଼େ-ସାତବେଳକୁ ନିତ ମିଲିଟାରୀ-ଏକସ୍ପ୍ରେସ ଆସେ । କାଲିକ ପୂରା ଟ୍ରେନ୍‌ଟା ମିଲିଟାରି ଭର୍ତ୍ତିହେଇ ଆସିବେ । ···ଯୋଉଠି କାମଟା ହେବ ସେଠାକୁ ଯିବାର ବାଟ ଏବଂ ସେଠୁ ଫେରିବାର ବାଟଘାଟ କଥା ସମ୍ପୂର୍ଣ୍ଣ ଆଲୋଚନା ସରିଛି ରୂପନାରାୟଣ ସାଥିରେ । ସେ କଥା ବି ଏବେ ଥାଉ··· ଦୁଇଦିନ ହେଲା ତୁମିର ସାହଚର୍ଯ୍ୟ ପାଇ ସତରେ ତାକୁ ଖୁବ ଭଲଲାଗୁଛି । ତୁମି କପିଲୀ ନଈ ହେଲେ, ସୁଭଦ୍ରା କଲଂ । ବର୍ତ୍ତମାନ ଧନପୁର ପାଇଁ କଲଂ ଓ କପିଲୀ ମିଶି ଏକାତ୍ମା ହୋଇଯାଇଛନ୍ତି । ଗୋଟିକର ପାଣିକୁ ଆରଟିର ପାଣିରୁ ଅଲଗା କରିହବନି ।

ନୀରବତା ଭଙ୍ଗକଲା ତୁମି । କହିଲା—"ଏମିତି ଠିଆଟା ହେଇ କଣ ଏତେ ଭାବୁଚୁ ଯେ ? ପୁଣି କଣ ଏମିତି ଏକାଟିଆ ତୋତେ ପାଇପାରିବି ? ଭାବ ହବନି । ଯଦି ସେ ପୁର ବୋଲି କିଛି ଅଛି, ତେବେ ସେଇଠି ନିଶ୍ଚୟ ମୁଁ ତୋ ସହିତ ମିଶିବି । ସେ ପୁରରେ କଣ ଗାରୋ-ଅସମୀୟା, ନାଗା-କାଛାରୀ, ମିକିର ଭେଦଭାବ ଅଛି ?"...ଜହ୍ନ-ଆଲୁଅରେ ଦୂବ ଘାସର ଅଗଣାଟା ଭିଜିଯାଇଛି । ତୁମି ବସିପଡ଼ିଲା ତା'ର ଉପରେ । ଅପେକ୍ଷା କରୁଥିଲା ଧନପୁରଠୁ ଉତ୍ତର ପାଇବ ବୋଲି ।

ଧନପୁର ପୂରାପୂରି ଭାବେ ଭାବରାଜ୍ୟରୁ ଫେରି ନ ଥିଲା । ସେଇମିତି ଅନମନା ହେଇ କହିଲା—"ଆଉ କଣ ଗୋଟେ ସେପୁର ବୋଲି ଅଛି ? ମୋର ସେ ବିଶ୍ୱାସ ନାହିଁ । ଯାହା ଅଛି, ତାହା ଏଇ ପୁର । ମୋ ସହିତ ମିଶିଯିବାକୁ ତୋର ଏମିତି ଇଚ୍ଛାହଉଚି କାହିଁକି ? ତୋର ତ ନିଜର ଗୋଟେ ଭଲ ମଣିଷ ଅଛି । ବେଶ୍ ସୁନ୍ଦର ଲୋକ ସେ । କିନ୍ତୁ ମୋର ...? ମୋର ହେଇ ଏ ଦୁନିଆରେ କେହି ନାହିଁ···ଅଛି କେବଳ ସପନଟାଏ···" କହୁକହୁ ହଠାତ୍ ଅଟକିଗଲା ଧନପୁର ।

ତୁମି କହିଲା—"ହଁ, ମୋର ହେଇ ଲୋକଟାଏ ନାହିଁ ବୋଲି କହିବ କେମିତି ? କିନ୍ତୁ ତୋ ଭଳି ଏମିତି ନିର୍ଭୟ, ସିଧାସଳଖ, ଦୁଃଖକୁ ଦୁଃଖ ବୋଲି ନ ଭାବିବା ପୁରୁଷ କେତେଟା ଅଛନ୍ତି ? ତୋତେ ମୁଁ ମୋ'ଠୁ ଅଲଗା ବୋଲି ଭାବିପାରୁନାହିଁ ।···ଆ, ତୁ ଟିକିଏ ମୋ ପାଖରେ ବସ···ଏଇମିତି ପାଖରେ ବସି ତୋର ଦେହ ଆଉ ପ୍ରାଣକୁ ମୁଁ ମୋ ଭିତରେ

ସାଇଠ ରଖିବ । ତୁ ଯଦ ବ କଛ ବଡ଼ ବପଦରେ ପଡ଼୍, ଜୀବନଟା ତୋର ମୋ ହାତରେ ରହିବ । ମୋ ହାତରେ ତୋ ଦେହ ଆଉ ପ୍ରାଣ ଥିଲେ, ତୋର ଆଉ ଟିକିଏ ବ ଭୟ ରହିବ ନାହିଁ ।"

ହସିଲ ଧନପୁର । ଏବେ ସେ ପ୍ରକୃତିସ୍ଥ ହୋଇ କହିଲ—"ସେ ଦନର କାହାଣୀ କଥା ତେବେ ତୋର ମନରେ ଅଛ ! କାହାଣୀରେ ସିନା "ତେଜମଲ୍‌" ଗଛ ହୁଏ, ପଦ୍ମ ଫୁଟେ, ମଣିଷ ବ ନଜ ଦେହକୁ ଲୁଚେଇ ରଖିପାରେ ସେଇ କାହାଣୀରେ; କନ୍ତୁ ବାସ୍ତବ ଜୀବନରେ ସେ କଣ ସମ୍ଭବ ?"

ଡମି କହିଲ—"କେବେକେବେ କାହାଣୀ ସତପର ଲାଗେ । ସେଠି ତୁ ସ୍ନେହ-ସଗଭଗ ମଣିଷକୁ ମାରଦେଇ ପାରବୁନ । ସେ ଜୀଇଁ ରହିବ । ସେ ନଷ୍ଟସ୍ଥ ତୋତେ ଟାଣିବ । ···ରାକ୍ଷସଗୁଡ଼ାକ ହାଉଜାଉ ହେଇ ମଣିଷ ଖୋଜୁଥାଆନ୍ତ ।···କନ୍ତୁ ମଣିଷ ମରେନା; ମରେ ରାକ୍ଷସ । ତୁ ଜାଣିଚୁ ନା, ମୁଁ ଏଇ ଜାଗାରେ ନଜକୁ ମିଶେଇପାରୁନାହିଁ··· ।"

ଧନପୁର ପୁଣି ହସିହସି କହିଲ—"ଏଇ ଦ'ଦନଯାକ କଣ ମୁଁ ଅଡୁ ଦେଖିଲ ବୋଲ ଭାବୁଚୁ ? ତୁ ମିକଗ୍ରି ଝିଅ, ଡଲ ଗାରୋ ପୁରୁଷ । ରୂପନାରାୟଣ କେଉଁଟ ଲୋକ । ···ନାହିଁ, ଆମେ ତ ସଭିଏଁ ଅସମୀୟା ହେଇପାରଲେ ନାହିଁ ! ତେବେ କେବେ ଆଉ ମଣିଷ ହେଇପାରବା ? ତୁ ଏତେଦନ ହେଲ ଗାରୋ ଲୋକଙ୍କ ସାଥିରେ ଘର-ସଂସାର କଲୁ; କନ୍ତୁ ତୁ ଯୋଉ ମିକଗ୍ରିକୁ ସେଇ ମିକଗ୍ରି; ପାସୋରପାରନୁ ନଜକୁ ! ସେମାନେ ବ ପାସୋରନାହାନ୍ତ ।···କହୁଥିଲ ନା ସହସ୍ର ବନ୍ଧନର ଗଣ୍ଠି କଥା···ସେ ଗଣ୍ଠିକୁ ଏମିତ ଖୋଲଯାଇ ନପାରେ । ସାରାଟା ବନ୍ଧନକୁ ଏପଟ ସେପଟ କରଦେବାକୁ ହେବ···ତେବେ ଯାଇ···"

"ତୁ ଠିକ୍ କହୁଚୁ, ଧନପୁର !" ହସିହସି କହିଲ ଡମି—"କନ୍ତୁ ଏଇ ଜନ୍ମରେ ନୁହେଁ ।"

—"ଯଦ ହବାର କଥା ତେବେ ଏଇ ଜନ୍ମରେ ହଉ । ପରଜନ୍ମକୁ ପକେଇରଖି କଛ ଲଭ ନାହିଁ ।" ଧନପୁର ଏତକ କହି କମଲାର ଗ୍ରେପା ଛଡ଼େଇବାକୁ ଆରମ୍ଭକଲ । ସେଥିରୁ କେଇ କୋଳ ଛଡ଼େଇ ଡମି ହାତକୁ ବଢ଼େଇ ଦେଉ ଦେଉ କହିଲ—"ତୋ ସହିତ ଆଜର ଭେଟକୁ ମୁଁ ମରବାଯାଏ ଭୁଲପାରବ ନାହିଁ । କନ୍ତୁ ତୋତେ ଦେଖି ଦେଖି ମୋର କଣ ମନେହଉଚ ଜାଣୁ ?···"

—"କଣ ?"

—"ଟିକିଏ ସୁଭଦ୍ରାକୁ ଦେଖନ୍ତ ।" କହୁ କହୁ ଛେପ ଢୋକଲ ଧନପୁର—"ଆଉ ତା' ସହିତ ଭେଟ ହେବାର ଆଶା ନାହିଁ ।"

ଡମିର ମନଟା ମରଗଲ । ତଥାପି ସେ କହିଲ—"ମୋତେ ସୁଭଦ୍ରା ବୋଲ ଭାବୁନୁ··· ଦୁଃଖ କରନା । ତୁ ମରଯିବୁ ବୋଲ ଭାବୁଚୁ କାହିଁକ ?···କାମ କରଯା···ମୁଁ ତୋ

ବାହାଣ୍ଟା କରେଇଦେବ । ···ମିଛ ସ୍ୱରୁଚ୍ କ ? ସତ କହୁଛୁ, ଏଥିରେ ଆଦୌ ମିଛ ନାହିଁ । ତା ନକଲେ ମୁଁ ଶାନ୍ତି ପାଇବନ ଯେ···" ଅଟକିଗଲା ଉର୍ମି ।

ପୁଣି ନୀରବତା । କିଛିଏ ପରେ ପୁଣି ଉର୍ମି କହିଲା—"କନ୍ତୁ କାମଟା କଣ ? କହିଲୁନି ଯେ ! କହ, ମୁଁ କିଛିଏ ଶୁଣିଥାଏ ।" ଉର୍ମି ଦୀର୍ଘନିଃଶ୍ୱାସ ଛାଡ଼ିଲା । ତା'ପରେ ପୁଣି କହିଲା—"ମୋର କାହିଁକି ସନ୍ଦେହ ହଉଛୁ । କଛୁ ଗୋଟେ ସାଙ୍ଘାତିକ କାମ କରିବାକୁ ଯାଉଛ ତମେମାନେ···ନହେଲେ ଏତେ ଭୟ କାହିଁକି ?"

ଧନପୁର ଯେଉଁମିତି କମଳା ଗ୍ରେପା ଛଡଉଥିଲା । ଅନେକ ବେଳଯାଏଁ ସେ ନୀରବ ରହିଲା । କୋଳ ପରେ କୋଳ ଖାଇ ଖାଇ ବକଳା ଫୋପାଡ଼ୁଥିଲା । ···ତାପରେ ଗୋଟେ ସିଗାରେଟ୍ ମାଗିଲା ଉର୍ମିକୁ । ସିଗାରେଟ୍‌ଟା ଉର୍ମିଠୁ ନେଇ ନେଇ ସେ କହିଲା—"ତୁ ଯେତେବେଳେ ଜାଣିବାକୁ ଚାହୁଁଛୁ; ମୁଁ ନିଶ୍ଚୟ କହିବ । ···ସତରେ ମୁଁ ଏକ ସାଙ୍ଘାତିକ କାମ କରିବାକୁ ବାହାରିଛୁ—ଖୁବ୍ ସାଙ୍ଘାତିକ; କନ୍ତୁ ଖୁବ୍ ଗୁପ୍ତକାମ । ତୁ କଥା ଦେ, କାହାକୁ କହିବୁନି ? ଉଲକୁ ବ ନୁହେଁ ।"

—"ଶପଥ ନବାକୁ ହବ ନା କଣ ?" ପ୍ରଶ୍ନର ସ୍ୱରଟା ବେଶ୍ ଅଭିମାନିଆ ଥିଲା ଉର୍ମିର ।

—"ନା, ଠିକ୍ ଶପଥ ନୁହେଁ । ତୁ ଖାଲି କହିଲେ ହେଲା । କଥା ଦେଇ କଥା ରଖିବୁ ଏ ବିଶ୍ୱାସ ମୋର ଅଛୁ ।" କହୁ କହୁ ଭକ୍‌ଭକ୍ ହେଇ ଧୂଆଁ ବାହାରୁଥିଲା ଧନପୁର ପାଟିରୁ । —"ଏଇ କେତେଦିନ ହେଲା ଏଇ ଜହ୍ନନାମଟା ସାଥିରେ ମୁଁ ଏକା ଏକା କଥା ହଉଥିଲା । ସବୁକଥା ତାକୁ କହିଦେଇଛୁ । ତୋତେ ବ କହିବ । ତୁ କଥା ଦେ ।"

—"କହ । ନିର୍ଭୟରେ କହ । ଗୋଟିଏ ବ କଥା ମୋ ମୁହଁରୁ ବାହାରିବ ନାହିଁ । ସତ୍ୟ, ସତ୍ୟ, ସତ୍ୟ,—ତିନି ବାର ସତ୍ୟ କଲି । ···ଆଚ୍ଛା, ମୁଁ କଣ ଜହ୍ନ ?"

—"ନା, ତୁ ଜହ୍ନ ନୁହଁ । କନ୍ତୁ ଜହ୍ନକୁ କହିବା ଯାହା, ନିଜର ପ୍ରିୟଜନକୁ କହିବା ସେୟା । ···ବୁଝିଲୁ ଉର୍ମି, କାମର ସମୟଟା ଯେତିକି ଯେତିକି ପାଖେଇଆସୁଛୁ, ପରିଷ୍କାର ହେଇଆସୁଛୁ । ···ଏତେଦିନ ଗଲା ଖାଲି ଗଣ୍ଠି ଖୋଲିବାରେ···ସେ ତ ହେଲା ନାହିଁ···।" ହସି ହସି କହିଲା ଧନପୁର ।

—"ମୁଁ କଣ ତୋର ପ୍ରିୟଜନ ?" ପଚ୍ଚାରିଲା ଉର୍ମି । ପ୍ରଶ୍ନଟା ପଚାରିଲା ସିନା, ହେଲେ ପ୍ରଶ୍ନରେ କଥାପଦକ ସଙ୍ଗେ ବ ତା' ନିଜ ମନର ଖୋଲରେ ପଶିଗଲା । ଖୋଲଟା ଭାଙ୍ଗିଗଲା । ବୋହିଗଲା ଝରଣାଟାଏ । ମନଟା ତାର ପ୍ରଜାପତି ହେଇଗଲା । କିଛିଏ କୋଣେଇ ଚାହିଁଲା ଧନପୁର ଆଡ଼କୁ । ···ଧନପୁର···ସେ ତାର ଏକାନ୍ତ ମନରେ ସିଗାରେଟ୍ ଟାଣିଲାଗିଛୁ । ଦୃଷ୍ଟି ତାର ଦିଗ୍‌ବଳୟରେ । ···ଗୁହାଳରୁ ହମ୍ବାରଡ଼ି ଶୁଭୁଛୁ ରହିରହି ।

ଉର୍ମି ପୁଣି କହିଲା—"ବାଛୁରୀଟାକୁ ବାଘ ଖାଇଲା । ଶୁଣ୍‌ଛୁନା, ଗାଈଟା କେମିତି ରଡ଼ୁଛୁ ?"

—"ହଁ, ଶୁଣୁଛୁ । ଏ ରଡ଼ିର ଭାଷ୍ୟ ଖୁବ୍ ପରିଷ୍କାର । ମଣିଷ ବି ଏମିତି ସ୍ପଷ୍ଟଭାଷାରେ ନିଜର ଭାବକୁ ଫୁଟେଇପାରିବନି···ଲାଗୁଛି ଯେମିତି ଏଇ ଗାଈଟି ଆମର ମାଆ ।"

—"କୋଉ ମା ?' କାମପୁରର ମା' ?"

—"ଉହୁଁ । ଏ ମାଆ ଜଣକେ ତୋର ମାଆ; ମୋର ବି ମାଆ । ଖାଲି ଆମ ଦୁହିଁଙ୍କର ନୁହେଁ, ଗୋପେଇଙ୍କର, ତୋ ଡିଲର ମଧ୍ୟ ମାଆ ଇଏ । ଆମ ସଭିଙ୍କର ମା । ସେଇ ମାଆକୁ ଆମେ ଗୁହାଳରେ ବାନ୍ଧିରଖିଛେଁ । ସେଇ ମା'ର ଗୋଟେ ଛୁଆକୁ ବାଘ ଖାଇଯାଇଛି । ମା କାନ୍ଦୁଛି ···ମୁଁ ବନ୍ଧୁକରେ ବାଘକୁ ମାରିଲିଣି···ତଥାପି ବି ମା କାନ୍ଦୁଛି । କିନ୍ତୁ କାହିଁକି ? କହିପାରିବୁ··· ?"

ଏମିତି ଅଦ୍ଭୁତ କଥା ଆଗରୁ କେବେ ଶୁଣି ନ ଥିଲା ଊର୍ମି । ମନଟା ତାର ଆନ୍ଦୋଳିତ ହେବାକୁ ଲାଗିଲା । କଣ ଭାବି ଭାବି ଉଠିଆସିଲା ଜଳେଇ ପାଖରେ ପଡ଼ିଥିବା ଛୋଟ ବଡ଼ା ଝାଟି ଗୋଚ୍ଛାକରେ ନିଆଁ ଧରାଇଲା । ତା ପରେ ବ୍ୟାଗ୍ ଭିତରୁ 'ସସତର ଗ୍ରୁଲ୍' ଟିକେ ବାହାର କରି ନିଆଁ ଭିତରକୁ ଛାଟିଦେଲା । ସଙ୍ଗେ ସଙ୍ଗେ କି ଏକ ସୁଗନ୍ଧ ଖେଳିଗଲା । ଧନପୁରର ନାକରେ ବି ଯାଇ ବାଜିଲା ସେ ସୁଗନ୍ଧ । ସେ ସୁଗନ୍ଧ କ୍ରମେ ଯେତେବେଳେ ସେଇ ଖଣ୍ଡ-ମଣ୍ଡଳକୁ ମହକେଇଦେଲା, ଧନପୁର ସିଗାରେଟ୍‌ଟାକୁ ଫୋପାଡ଼ିଦେଲା । ତାପରେ କହିଲା—"ଏଇ ସୁଗନ୍ଧଟିକକ ପାଇବ ବୋଲି ବହୁଦିନୁ ଅପେକ୍ଷା କରିଥିଲି । ଏଇଟା ହିଁ ଶାନ୍ତିର ସୁଗନ୍ଧ । ଏହା ପ୍ରକୃତରେ ମଣିଷର ଗନ୍ଧ—ସେଇ ଅମୃତମାଧୁର୍ଯ୍ୟ ଦେହର ଗନ୍ଧ ।···ତୁ ମୋତେ ବଞ୍ଚେଇଦେଲୁ ଊର୍ମି ! ସତରେ ବଞ୍ଚେଇଦେଲୁ । ଦେ, ଆଉ ଟିକିଏ ଜଳେଇଦେ···।"

ବ୍ୟାଗ୍‌ରୁ ଆଉ ଟିକିଏ ସେଇ ଗ୍ରୁଲ କାଢ଼ି ନିଆଁ ଉପରକୁ ପକାଇଦେଲା ଊର୍ମି । କହିଲା—"ଏଇ ସୁଗନ୍ଧ ବି ତୁ ଆଜି ପାଇବୁ ଆମ ଉତ୍ସବରେ । ଭାରି ଭଲଲାଗେ ଏଇ ଗନ୍ଧ । ଆଗରୁ ଏମିତି ଗନ୍ଧ ପାଇନୁ ତୁ କେବେ ?"

—"ଉହୁଁ ।"—କହି ଊର୍ମି ଆଡ଼କୁ ସିଧାସଳଖ ଚାହିଁଲା ଧନପୁର । ତା ପରେ କହିଲା —"ମୁଁ ଆଗରୁ ପାଇଥିଲି କେବଳ ଅତ୍ୟାଚାରର ଗନ୍ଧ । ସୁଭଦ୍ରାର ଦେହ ଉପରେ ଅତ୍ୟାଚାରର ଗନ୍ଧ । ତାର ସେହି ଅତ୍ୟାଚାରିତ ଦେହଟାକୁ ମୁଁ ଯେତେବେଳେ ବୋହି ନେଇଥିଲି, ସେତେବେଳେ ପାଇଥିଲି ଏକ ଗନ୍ଧ । ସେଇ ଗନ୍ଧ···ଅତ୍ୟାଚାରର ଗନ୍ଧ । ଏବେବି ନାକରେ ଲାଗିରହିଛି ସେ ଗନ୍ଧ···ଏହା କହି ଧନପୁର ବର୍ଣ୍ଣନା କରିବାକୁ ଲାଗିଲା ସମଗ୍ର ଆନ୍ଦୋଳନରେ ନିରୀହ ଗାଉଁଲି ଲୋକଙ୍କ ଉପରେ ଗୋରାଙ୍କ ଅତ୍ୟାଚାରର ନମୁନା ।···

ଶୁଣୁ ଶୁଣୁ ଶିହରେଇ ଉଠୁଥିଲା ଊର୍ମିର ଦେହ । ଊର୍ମି କହିଲା—"ମୁଁ ଏବେ ବୁଝୁଛି ତୁ କଣ କହୁଛୁ । ତେବେ···ସେମାନଙ୍କ ସହିତ ଶତ୍ରୁତା କଲେ ସେମାନେ ଆହୁରି ବେଶୀ ଅତ୍ୟାଚାର କରିବେ ।"

—"କରନ୍ତୁ । ଆମର ଯାହା ହୋଇଯାଉ ପଛକେ ସେମାନଙ୍କୁ ଆମେ ନିଶ୍ଚୟ ତଡ଼ିବୁ ।

—"ଏବେ ଏଇଠି ଏକାଠି ହେଇଛ କାହିଁକି ? କଣ କରିବ ତମେମାନେ ?"

—"ଗୋଟେ ରେଳଗାଡ଼ି ଓଲଟେଇବୁଁ ।

"ଓ ମା !" ବୋଲି ଚିତ୍କାର କରି ଉଠିଲା ଡିମି..."ଉହୁଁ...ଉହୁଁ...ଏ କାମରେ ହାତ ଦିଅନା । ମହାପାପ କାମ...।" ମୁଣ୍ଡ ଗୋଲମାଲ ହେଇଗଲା ଡିମିର ।

—"ତୁ ଆଦୌ ବୁଝୁନୁ, ଡିମି ! ଗୋରାଙ୍କୁ ଏ ଦେଶରୁ ତଡ଼ିବା ଆମର ପଣ । ଅହିଂସାରେ ଲଢ଼ିଲୁଁ । ପାରିଲୁ ନାହିଁ । ଏବେ ହିଂସାବଳରେ ଚେଷ୍ଟା କରୁଛୁଁ ।...ଏଇ, ଆରମ୍ଭ ମାତ୍ର । କହି ଧୀରେ ଧୀରେ ସବୁ କଥା ସେ ଡିମିକୁ କହିବାକୁ ଲାଗିଲା ।

ସ୍ତମ୍ଭୀଭୂତ ହେଲା ଡିମି । ସମଷ୍ଟି ଜଡ଼ ପାଲଟିଗଲା କି କଣ । ଜଳଜଳ କରି ଆକାଶକୁ ଅନେଇଥିଲା...ଜହ୍ନଟା ନାଚୁଛି । ସେ ନାଚର ଯେମିତି ଅନ୍ତ ନାହିଁ ।...ଜହ୍ନ ତ କାହିଁ ସ୍ତମ୍ଭିତ ହେଉନି ? ହେଉଛି କେବଳ ସେ ନିଜେ...ଧନପୁର ଏଇ କାମଟା କରୁଛି ବୋଲି ଯେ ଏଇଟା ଗୋଟେ ଭଲ କାମ, ତାର କିଛି ମାନେ ନାହିଁ । କାରଣ ହିଂସା—ମରାମରି, ହାଣ-କାଟ, ଏସବୁ ବଡ଼ ଖରାପ କାମ ।...କିନ୍ତୁ ଦେଶକୁ ସ୍ୱାଧୀନ କରିବା କାମଟା କେବେ ଖରାପ ହେଇପାରେନା । ଏ କଥା ସେ ବେଶ୍ ବୁଝିପାରୁଛି । ପିଲାଟିଦିନରୁ ସେ ଭିତରୀ ଘରେ ଭଲେଣ୍ଟିଅର୍‌ମାନଙ୍କ ସଂସ୍ପର୍ଶରେ ଆସିଛି । ଗୋରାସାହେବଙ୍କ ବଦଳରେ ଦେଶଲୋକେ ରଜା ହେଲେ ରଇତଙ୍କର ମଙ୍ଗଳ ହେବ । ଖଜଣା ଛାଡ଼ ହେବ । ପୋଡ଼ୁଚାଷ କରୁଥିବା ଲୋକଙ୍କ ନାଁରେ ଜମି ପଟ୍ଟାମିଳିବ । ଜିନିଷପତ୍ରର ଦାମ୍ କମିବ । ସ୍କୁଲ୍ ଡାକ୍ତରଖାନା ବସିବ । ଲୋକେ ଭୋଟ ଦେଇ ଲୋକ ବାଛିବେ । ସେଇ ବଛାହେଇଥିବା ଲୋକେ ଦେଶ ଚଳେଇବେ ।...ଏ ସବୁର ଅର୍ଥ ଡିମି ବୁଝିପାରେ । କିନ୍ତୁ ଯୁଦ୍ଧ କରିବା ଦରକାର କଣ ? ଯୁଦ୍ଧ ବଡ଼ ଖରାପ କଥା । ଜାପାନ ସହିତ ଇଂରେଜଙ୍କ ଯୁଦ୍ଧ ଲାଗିଛି । ଯୁଦ୍ଧ ସକାଶେ ଗାଁରେ ଗାଁର ଲୋକେ ଧାନ, ମୁଗ, କୁକୁଡ଼ା, ଗୋରୁଗାଈ, ବାଉଁଶ ଇତ୍ୟାଦି ବିକିବା ଦରକାର ପଡ଼ୁଛି । ଆଠ ଅଣାର ଶାଢ଼ୀ ଖଣ୍ଡକର ଦାମ୍ ଆସି ଆଠଟଙ୍କା ହେଲାଣି । ...ଏପରି ଅବସ୍ଥାରେ ନିଜେ ନିଜେ ଯୁଦ୍ଧ ଲଗେଇବାକୁ ଆଗଭର ହେବାଟା କିଛି ଭଲ ନୁହେଁ...

କେଉଁ କାଳେ ଭାବିନଥିବା କଥା ଭାବିବାକୁ ପଡ଼ିଲା ଡିମିକୁ, ଯୁଦ୍ଧଟା ତେବେ ଧନପୁର କରୁଛି । ଏଇ ଯୁଦ୍ଧରେ ମରିବାକୁ ବାହାରିଛି ସେ । ତାକୁ କହି କିଛି ଲାଭ ହେବନି । କେବେହେଲେ ସେ ଏଥିରୁ ଓହରିବ ନାହିଁ । ବଜ୍ରଠୁ ବଳି କଠିନ ସି ।...ଏଣୁ ଧନପୁରର କଥାକୁ ସମର୍ଥନ କରିବା ବ୍ୟତୀତ ଡିମିର ଆଉ ଗତି ଅଛି ?

ଯାହା ବି ହଉ, ଯୁଦ୍ଧର ପ୍ରସଙ୍ଗକୁ ସେଇଠି ରଖିବାକୁ ଡିମି କହିଲା—"ହଉ, ଜାଣିଲି ତୋର ପୁରୁଷପଣିଆ । ଏବେ କହ ସେଇ ଝିଅଟା କଥା...ସେଇ ମ...ଯାହାକୁ ମୁଦି ପିନ୍ଧେଇଚୁ..."

—"ମୁଦି ଆଉ ପିନ୍ଧେଇଲି କୋଉଠି ? କେବଳ କଥା ଦେଇଛି । ସେଇ କଥା ହିଁ ନିଃସ୍ୱ । ତାକୁ ଛାଡ଼ି ଆସିଲାବେଳେ କହିଥିଲି ଫେରିଆସିବି ବୋଲି; କିନ୍ତୁ ଏବେ ଯାହା

ବୁଝୁଛୁ, ଫେରିବା କଷ୍ଟ । ଯମଘରକୁ ଯାଏଁ ଅବା ନ ଯାଏଁ; ତା' ଠିକ୍ କିନ୍ତୁ ଶୀଘ୍ର ଫେରିପାରୁନି । ଆଉ, ହଁ ଶୁଣ ତମି ! ଫେରିବାବେଳେ କିନ୍ତୁ ତୋ ଘରେ ଦିନେ ରହିବି । ତା'ପରେ ଏଇବାଟେ ନଈ ପାରିହୋଇ ଯିବି ମାସ୍କୋ । ମାସ୍କୋରେ କିଛି ଦିନ ଲୁଚିଛପି ରହିଯିବି ବୋଲି ଭାବୁଛି ।...ଗୁଡ଼...ସେଇଟା ପଛ କଥା ।...ତୋତେ ଗୁଡ଼ାଏ କଥା କହିବାକୁ ଅଛି ମୋର; କିନ୍ତୁ ସବୁ କଥା କଣ କହିପାରିବି ! ସମୟ କାହିଁ ?..ମାସ୍କୋରେ ଅଜ୍ଞାତବାସର ଆରମ୍ଭ ହୋଇଗଲାଣି । ସୁଭଦ୍ରା ମୋତେ ଆଉ ସଶରୀରରେ ଦେଖିପାରିଲା ଭଳି ଲାଗୁନି । ତେଣୁ ତାକୁ କହିବାକୁ ହେବ ଧୈର୍ଯ୍ୟ ଧରିବାକୁ...ନା ନା ଥାଉ, କିଛି ନ କହିଲେ ଚଳିବ ।

"...ଆମେ ଭାବୁଥିଲୁ କଲିଂ ସେପାରି ନଗାଓଁ ସହରରେ ଘର ଖଣ୍ଡେ ତୋଳିଥାଆନ୍ତୁ, ଜମି ଖଣ୍ଡେ ବି କିଣିଥାନ୍ତୁ...ନଗାଓଁ ସହରର ଅମଲାପଡ଼ା ପାରିହୋଇଗଲେ, ଠିକ୍ ରାସ୍ତା-କଡ଼ରେ—କଲିଂକୂଳରୁ ଫର୍ଲଙ୍ଗେ ଦୂର ହେବ—ସେଠି ରାୟସାହେବଙ୍କ ଜମି । ବସ୍ତ୍ରର ଜମି । ଯଦି ତାଙ୍କର ମଞ୍ଜୁରି ମିଳେ ତେବେ ସେଇଠି ଜମିଟୁକୁରାଏ ନେଇ ଘର କରିବି । ହରେକ୍ ରକମର ଫଳ-ଫୁଲ ଗଛ ଲଗେଇବି । ବାଡ଼ରେ ଗୋଟେ ବଡ଼ ପୋଖରୀ ଖୋଳେଇ ମାଛ ଛାଡ଼ିବି । ପିଲାଦିନରୁ ମାଛ ପୋଷିବାକୁ ଗୋଟେ ସଉକ ଅଛି । ରୋହି ମାଛର ଯାଆଁଳ ବେଶି ଛାଡ଼ିବି । ଜାଣିଛୁନା, କୋଙ୍ଗାଲ୍ ବଳିହୁ ଗଡ଼ ପାଖରେ ଯୋଉ ବଡ଼ ପୋଖରୀଟା ଅଛି, ସେଠି ବହୁତ କିସମର ମାଛ ଅଛନ୍ତି । ଭାବିଛି ଗୋଟେ ଫ୍ରେଷ୍ଟ କାଟର ଫିସରୀ କରିବି । ଆମ ଗାଁର ଭୂୟାଁ ସାର୍; ସେ ଏବେ ଜେଲରେ ଅଛନ୍ତି । ଏଇ ବୁଦ୍ଧି ମୋତେ ସେ ଦେଇ-ଥିଲେ । ଘର ସାମନାରେ ରହିବ ଗୋଟେ ଫୁଲ ବଗିଚା । ବଗିଚାଟା ହେବ ସେକାଳର ଫ୍ରେଷ୍ଟସାହାବଙ୍କ ଫୁଲବଗିଚା ଢାଞ୍ଚାର । ଫ୍ରେଷ୍ଟସାହାବ କିଏ ଜାଣିଚୁ ? ଶୁଣିନୁ ଗୁଣାଭିରାମ ବରୁଆଙ୍କ ନାଁ ? ସିଏ । ତାଙ୍କ ଫୁଲ ବଗିଚା ଦେଖିଥିବା ଲୋକଙ୍କ ଭିତରେ ଏବେ ଅଛନ୍ତି କେବଳ ଆମର ଫୁକନ୍ ଠିକାଦାର ।...ଲୋକଟି ବଣମଲ୍ଲୀ ଭଳି ଲୁଚିରହିଛନ୍ତି ସିନା, ହେଲେ ସବୁ ଗୁଣରେ ଭରପୂର । ପଶ୍ଚିମ ଆଡ଼ୁ ଜଣେ ମାଲୀକୁ ଆଣି ରଖିଛନ୍ତି । ସେଇ ମାଲୀକୁ ଧରି ମୁଁ ମୋର ଫୁଲବଗିଚା ଗଢ଼ିବି । ହରେକ୍ ରକମର ଫୁଲ । ଏଠିକାର ପାହାଡ଼ ପର୍ବତରେ ଢେର କପୌଫୁଲ । ମୋ ବଗିଚାରେ କପୌଫୁଲ ନିଶ୍ଚୟ ରହିବ । ବଗିଚାର ମଝିରେ ରହିବ ଗୋଟେ ସ୍ଥଳପଦ୍ମ ଗଛ । ତାର ଚାରିପାଖରେ ଘେର ଘେର ହୋଇ ରହିବ ରକମ ରକମ ଫୁଲଗଛର ଘେର । ପ୍ରଥମ ଘେରରେ ଗୋଲାପ, ତା ପରକୁ ସୂର୍ଯ୍ୟମୁଖୀ, ତା ପରକୁ ମିଶାମିଶି ହୋଇ ରହିବ ଅନେକ ରକମର ଫୁଲଗଛ । ଘରର ଡାହାଣ ପାଖକୁ ଫ୍ରେଷ୍ଟ ପୋଖରୀଟାଏ ଖୋଳେଇ ସେଥିରେ ଲଗେଇବି ରକ୍ତପଦ୍ମ । କଇଁଫୁଲ ବି ଲଗେଇବି । ଆଉ କଣ କରିବି ଜାଣିଛୁ ? ସେଇ ପୋଖରୀ କୂଳରେ ଥାପିବି ମହାତ୍ମା ଗାନ୍ଧୀଙ୍କର ଗୋଟିଏ କାଠମୂର୍ତ୍ତି । କଲିଆବରର କାରିଗର ତାକୁ ଗଢ଼ିବ । ସେଇ ମୂର୍ତ୍ତି ରହିବ ଏକ ପକ୍କା ବୃନ୍ଦନୀ ଉପରେ...ବାଡରେ ଲଗେଇବି ଜାତଜାତକା ଫଳଗଛ ।

କଦଳୀ ବଗିଚ୍ଚ ତ ନିଶ୍ଚୟ ରହିବ । ତା' ଛଡ଼ା ରହିବ ନାସପାତି, ପିଜୁଲି, ଅମ୍ବ ଆଉ ପଣସ···

ଗଲଗଲ କରି ଗପିଚାଲିଛି ଧନପୁର । ନିଜକୁ ଭୁଲିଯାଇଛି—ହଜେଇଦେଇଛି କି ଏକ ଖିଆଲ କଳ୍ପନାରେ···ଟିକିଏ ଅଟକିଗଲା । ଚାହିଁଲା ଡିମି ଆଡ଼କୁ । ଡିମି ବି କଣ ଯେମିତି ପି ଇଗଲା ଭଳି ନଥରି ଆଖିରେ ଅନେଇଥିଲା ଧନପୁର ଆଡ଼େ ।···

ପୁଣି ଆରମ୍ଭ କଲା ଧନପୁର···"ପୂର୍ବପଟେ ସଜେଇବି ଗୋଟେ ଅତିଥିଶାଳା । ରହିବ ସେଇଠି ଆଧୁନିକ ଶୌଚାଗାର, ବିଜୁଳିବତି, ବିଜୁଳିପଙ୍ଖା ଆଉ ପାଣିକଳ··ଗାଁମାନଙ୍କରୁ ଯେତେବେଳେ ଶହାଡ଼ ଘରର ଲୋକେ ସହରକୁ ଆସିବେ ସେଇ ଅତିଥିଶାଳାଟିରେ ସେମାନେ ରହିବେ । ମୋ ଘରର ପାକଶାଳା ହବ ସର୍ବସାଧାରଣଙ୍କର । ଜାତି-ଧର୍ମର ଭେଦଭାବ ସେଠି ରହିବ ନାହିଁ । ସଭିଙ୍କ ପାଇଁ ଗୋଟିଏ ଖାଇବାଘର । ଅବଶ୍ୟ କେହି ଯଦି କିଛି ନଖାଇବାକୁ ଚାହିଁବ, ତାକୁ ତାହା ଖାଇବାକୁ କେହି ବାଧ କରିପାରିବେ ନାହିଁ ।··· ଘରର ସାମନାପାଖେ ରହିବ ଗୋଟେ କ୍ଲବଘର । ସେ ଘରର ନକ୍ସାଟା ହେବ ଠିକ୍ ଆହୋମ ରଜାଙ୍କ 'ନୃତ୍ୟଶାଳା' ପରି; କିନ୍ତୁ କାରୁକାର୍ଯ୍ୟ ହେବ ଆଧୁନିକ ଧରଣର । ସେ ଘରେ କିଛି କିଛି ଛବି ଆଙ୍କି ରଖିବ ବୋଲି ଭାବିଛି । ଶହୀଦ୍‌ମାନଙ୍କର ଛବି ତ ନିଶ୍ଚୟ ରହିବ—ତା'ଛଡ଼ା ରହିବ ବଡ଼ ବଡ଼ ଲୋକଙ୍କର ଓ ବୈଜ୍ଞାନିକମାନଙ୍କର । ମାସେ ପନ୍ଦରଦିନ ଛଡ଼ାରେ ଫୁକନ୍ ଆଉ ବେଜବରୁଆ ହେଣକା ସେଠି ଥିଏଟର କରିବେ । ଥିଏଟର ନ ହଉଥିବାବେଳେ ଟୋକାଏ, ବୁଢ଼ାଏ ବସି ଆଳାପ-ଆଲୋଚନା କରିବେ, ଖେଳିବେ···"

କ୍ରମେ କ୍ରମେ ଅତିଷ୍ଠ ବୋଧ କଲା ଡିମି । ହଠାତ୍ ପଚାରିଦେଲା—"ସେଇ ସରଗପୁରରେ ରୁ ଆଉ ସୁଭଦ୍ରା ରହିବ ତ ? ତମ ବୁଢ଼ିଙ୍କ ପାଇଁ ଅଲଗା ଘର କରିବ ନାହିଁ ? ବୈଠକଘର, ଶୋଇବାଘର, ରୋଷେଇଘର···" କହୁ କହୁ ପୁଣି ସେଇ ସୁଗନ୍ଧ ଗୁଣ୍ଡିରୁ ଟିକିଏ ନାକଁରେ ପକାଇଦେଲା ଡିମି । ସୁଗନ୍ଧ ପୁଣି ଘନତର ହେଲା ।

ଧନପୁର କହିଲା—"ନରହିବ କାହିଁକି ? ଗୋଟେ ଗ୍ରେଟ ଘର ବନେଇବି । ଘରଟା ପକ୍କା; କିନ୍ତୁ ଗ୍ରେଟ ହେବ । ବୈଠକଘର ହବ ଆଠ ହାତରେ ଚାରିହାତ । ଗାଧୁଆଘର ରହିବ । ଆଉ ଗୋଟେ ଘର ରହିବ କାଲୀ ଅପା ପାଇଁ । ଅପା ଯେତେବେଳେ ବୁଢ଼ୀ ହୋଇଯିବେ ସେତେବେଳେ ସେ ଆଉ ଆଶ୍ରମରେ ରହିବେ ନାହିଁ । କାହିଁକି ରହିବେ ସେ ? କମ୍ କଷ୍ଟ ସହିଲେଣି ସିଏ । ସ୍ୱରାଜ ମିଳିଗଲେ ଅପାକୁ ମୁଁ ଆରାମରେ ରଖେଇବି । ଅବଶ୍ୟ ଧନୀଲୋକଙ୍କ ପରି ନୁହେଁ—ଗରିବ ଲୋକଟିଏ ପରି । ସେଇଠି ରହି ଜନ୍ମାପାସ୍ୱ ଗଠନମୂଳକ କାର୍ଯ୍ୟ କରିବାକୁ ସୁବିଧା ହେବ ।"

—"କାଲୀ ଅପା ପୁଣି କିଏ ?"

—"ଏଁ, କାଳୀ ଅପାଙ୍କୁ ତୁ ଜାଣିନୁ ? ମଝିରେ ମଝିରେ ତ ସେ ଇଆଡ଼େ ଆସନ୍ତି । ସୂତାକଟା ଯନ୍ତ୍ର ଗୋଟେ ଗଢ଼ିବାକୁ ଥରେ ଆସିଥିଲେ ପରା ଲାଗୁଛି ।"

—"ଓ ହୋ···ହଁ ହଁ, ମନେପଡ଼ିଲା । ଭାରି ସ୍ନେହୀ ମଣିଷ । ଅଳ୍ପକେ ସମସ୍ତଙ୍କୁ ଆପଣାର କରିପାରନ୍ତି । ବଢ଼ିଆ ବୁଣାବୁଣି କରନ୍ତି । ଆମ ଅରଟରେ ସୂତା କାଟିଥିଲେ । ଏତେ ଚଞ୍ଚଳୀ ନା, ଆମର ଗୋଟେ କଣ୍ଢା ପୂରଲାବେଳକୁ ତାଙ୍କର ଦୁଇଟା ସରିଥାଏ । ଆମ ଗାଁର ସ୍ତ୍ରୀଲୋକେ ତାଙ୍କୁ ଭାରି ମାନ୍ୟ କରୁଥିଲେ, ଭଲ ବି ପାଉଥିଲେ । ଦିନକେ ଭିତରେ ସମସ୍ତଙ୍କୁ ଆପଣାର କରିପାରିଥିଲେ । କଥାଗୁଡ଼ାକ ତାଙ୍କର ସତେ ଭାରି ମିଠା ।"

କାଳୀ ଅପାଙ୍କର ପ୍ରଶଂସା ଶୁଣି ଧନପୁରକୁ ଭାରି ଭଲଲାଗିଲା । ଅପା ପରିକା ଶହେଜଣ ବୁଣାଳି ଯଦି ବାହାରିପଡ଼ନ୍ତେ, ତେବେ ରହୀ ଅଞ୍ଚଳର ଲୋକେ ଲୁଗାପଟା ପାଇଁ ବେପାରୀଙ୍କ ଦ୍ୱାର ମାଡ଼ନ୍ତେ ନାହିଁ ।···ଭାବୁ ଭାବୁ ହଠାତ୍ ଧନପୁର କହିଲା—"ଆରେ ହଁ, କୋଉଠି ଛାଡ଼ିଥିଲି କଥାଟା ?"

—"ସୂତାଶିଅ ଛାଡ଼ି ଗଲା ନା କଣ ? ଏତେ ଲୋକଙ୍କର ନାଁ ତ ମୁଁ କେବେ ଶୁଣିନଥିଲି । ଫୁକନ୍, ବେଜବରୁଆ, ଲ୍ୟୁଟ ସାହାବ···ସେମାନେ ସବୁ ସହରୀ ଲୋକ । ସେମାନଙ୍କର ନାଁ ନ ଜାଣିଲେ ଚଳିବ । ତୁ ତୋର ଘର ବନେଇବା କଥା କହୁଥିଲୁ । କହ ସେ କଥା··· ।"

"ହଁ"—ଗୋଡ଼ ଦି'ଟାକୁ ଘାସ ଉପରେ ଲମ୍ବେଇ ଦେଇ ଟିକିଏ ମୋଡ଼ିଭାଙ୍ଗି ହେଲା ଧନପୁର । ଟିକିଏ ଥଣ୍ଡା ଲାଗିଲା ତାକୁ ବୋଧେ । ତେଣୁ କାମିଜର ବୋତାମ୍‌ଗୁଡ଼ିକୁ ଲଗେଇଦେଲା ।

ଡିମି ପଚାରିଲା—"ତୁ ତୋ ଗରମ ସାର୍ଟ ପିନ୍ଧିନୁ ? ନାହିଁକି ?"

"ସୁଏଟରଟା ନେବି କେମିତି ? ଏଇମିତି ଏଣ୍ଡି ଚାଦରରେ କାମ ଚଳେଇ ଦିଏଁ···"

ସହାନୁଭୂତି ପ୍ରକାଶ କରି ଡିମି କହିଲା—"ମୁଁ ଗୋଟେ ଗାରେ ସାର୍ଟ ବୁଣି ରଖିଛି । ସେଇଟା ତୋତେ ଦେବି । ତୋର ଯୋଉ କାମ, ସେଥିରେ ଏଣ୍ଡି ଚାଦର ଛନ୍ଦିହେବନି ? ଦୌଡ଼ିବାକୁ ଚାହିଁଲେ କଣ୍ଟା-ଝଣ୍ଟାରେ ଲାଗିଯିବ ।"

ଡିମିର ସହାନୁଭୂତିସୂଚକ କଥାରେ ତରଳିଗଲା ଧନପୁର । କହିଲା—"ଜାଣିଛୁନା, କାଳୀ ଅପାଙ୍କୁ ଛାଡ଼ିଦେଲେ ଆଉ କେହି ମୋତେ ଏମିତି ସ୍ନେହ କରନ୍ତିନାହିଁ । ସୁଭଦ୍ରା କଥା ଛାଡ଼···ସ୍ନେହ-ସୋହାଗ କରିବା ବେଳ ତାର ଅସିନି ।···ମଝିରେ ମଝିରେ ରାତିରେ ସପନ ଦେଖେ ସେ ମିଲିଟାରୀ ଲୋକଙ୍କୁ—ଚମକି ପଡ଼େ । ଉଠିବସେ ଖଟରେ ।...ମନଟା ଯଦି ତାର ଥିର ରହିଥାଏ, ତେବେ ଅନେକ କଥା କହେ ମୋତେ । ବଡ଼ ଅଦ୍ଭୁତ ତାର କଥାଗୁଡ଼ାକ ।"

—"କଣ ସବୁ କହେ ? କହୁନୁ, ଶୁଣିବାକୁ ଭାରି ଇଚ୍ଛାହଉଛି ।"

—"କହେ, ତୁମେ ଏମିତି ମଇଳା-ମସିଆ ହୋଇ ରହିଲେ ମୋତେ ଭାରି ଖରାପ ଲାଗୁଛି ।...ତୁ ତ ଜାଣୁ, କାମରେ ଲାଗିଯାଇଥିଲେ ମୁଁ କେତେବେଳେ ଦୁଇଦିନ ତିନିଦିନ ଗାଧୋଇବା, ଖାଇବା, ପିନ୍ଧିବାରେ ମନ ଦେଇପାରେନା । ମୁଁ ଯେତେବେଳେ ମଇଳା ମସିଆ ହୋଇ ଆଶ୍ରମକୁ ଫେରିଆସେ, ସେ ଏକବାର କାନ୍ଦିକାଟି ଅସ୍ଥିର । କେତେବେଳେ ଭାତମୁଠାକ ନଖାଇ ଛାଡ଼ିଯାଏ । ତାର ସେମିତି ଢଙ୍ଗଢାଙ୍ଗ ଦେଖିଲେ ମୁଁ ଦିନେ ଦୁଇଦିନ ତେଲ ସାବୁନ୍ ଲଗେଇ, ଘଷିମାଜି ହୋଇ ନିଜକୁ ଚକ୍‌ଚକ୍ କରିଦିଏଁ । ଯେତେବେଳେ ସେ କହେ, ତୁମ ପାଇଁ ଗୋଟେ ଭଲ ଉଲ୍‌ର ସ୍ୱେଟର ବୁଣିଦେବି ।—କିନ୍ତୁ ବୁଣିବାକୁ ସମୟ ପାଏନା । ତାର ପେଟ କାଟେ ।"

—"ପେଟ କାଟେ ! ମାନେ ?"—ଉମିର କୌତୂହଳ ହେଲା ଜାଣିବାକୁ—"କିଛି ବେମାର ଅଛି ନା କଣ ?"

—"ହଁ । ଡାକ୍ତର କହୁଛନ୍ତି, ସେ ଯଦି ଏପରି ଅବସ୍ଥାରେ ରହେ, ପିଲାଛୁଆ ହବାର ଆଶା ନାହିଁ । ପେଟରେ ଭୀଷଣ ଯନ୍ତ୍ରଣା ହୁଏ ତାର ।" କହୁ କହୁ ଦୀର୍ଘନିଃଶ୍ୱାସ ଛାଡ଼ିଲା ଧନସୁର ।

—"ତେବେ ତ ତାକୁ ବାହା ନହବା ଠା ଭଲ ।" ବଡ଼ ଗମ୍ଭୀର ହୋଇ କହିଲା ଉମି ।

—"ଯାହାବି ହଉ, କଥାରେ ମୋର ଏପଟ ସେପଟ ହୋଇପାରିବ ନାହିଁ । ପିଲାଛୁଆ ସେ ଆଦୌ ହବନି, ଏକଥା ତୁ କେମିତି ସ୍ୱୀକାର୍ ଯେ ? ଡାକ୍ତର କେବଳ ସନ୍ଦେହ କରନ୍ତି । ନିଶ୍ଚିତଭାବେ କିଛି କହିନାହାନ୍ତି । ନ ହେଲା ଏବେ...ତୁ କଣ ଭାବୁଚୁ ମୁଁ ପିଲାଛୁଆଙ୍କ ପାଇଁ ଘର ବନେଇବି ? ଆମେ ଜୀଇଁଥିବାଯାଏଁ ସେଇଠି ରହିବୁଁ । ରହିବୁଁ ମାନେ ଏକା ସୁଭଦ୍ରା ରହିବ । ସେ ତ ରୋଗୀ । ସେ କଣ ଏତେ ବୁଲାଚଲା କରିପାରିବ ? ମୁଁ କିନ୍ତୁ ସ୍ୱରାଜ୍ୟ ପରେ ପରେ ଖାଲି ଘୂରିବି ଆଉ ଘୂରିବି । ସହର ଭିତରେ ରହି କ'ଣ କରିବି ? ଗାଁଗହଳି ହଉଚି ଅସଲ କାମର ଜାଗା । ମୁଁ ଯାଇ ସେଇ ଗାଁଗହଳରେ କାମ କରିବି । ଯଦି ମରିଯାଏ— ସେ ତ ଅଲଗା କଥା । ସେତେବେଳେ ଏମାନେ ମୋର କାମ କରିବେ । ରୂପନାରାୟଣ ସହିତ ବହୁତ ବହୁତ ଆଲୋଚନା ହୋଇସାରିଛି । ଗାଁଗହଳରେ ଜମିବାଡ଼ି ନଥିବା ଲୋକ ବହୁତ ଅଛନ୍ତି । ସେମାନଙ୍କ ପାଇଁ ଜମିବାଡ଼ି ଯୋଗାଡ଼ କରିବାକୁ ପଡ଼ିବ । ଖାଲି ଜମିବାଡ଼ି ନୁହେଁ, କାମ ବି ଯୋଗେଇଦବାକୁ ହେବ । ସେଥିପାଇଁ ଶିଳ୍ପକାରଖାନା ବସେଇବାକୁ ହେବ । ଦରକାର ପଡ଼ିଲେ ଜମିଦାର ଆଉ ପୁଞ୍ଜିପତିମାନଙ୍କୁ ଉଚ୍ଛେଦ କରାଯିବ ।... ସମସ୍ତଙ୍କର ପିଲାଛୁଆଙ୍କ ପାଇଁ ଶିକ୍ଷାର ବ୍ୟବସ୍ଥା କରାଯିବ । ତେବେ ଇଏ ଗଲା ସବୁ ସାଧାରଣ କାମ । ମୁଁ ପ୍ରାୟ ଗାଁରେ ରହିବି । ଆମେ ମରିଗଲେ ଆମ ଘରଟା ହେବ ସର୍ବସାଧାରଣଙ୍କର —ସଭିଙ୍କର ଅତିଥିଶାଳା । ଜାଣିଛୁ ନା, ଗାଁଗଣ୍ଡାରୁ ଲୋକେ ଯେତେବେଳେ ସହର ବଜାରକୁ ଆସନ୍ତି, ସେମାନେ ସେଠି ବିଦେଶରେ ରହିଲାଭଳି ରହନ୍ତି, କିନ୍ତୁ ମୋର ଇଚ୍ଛା, ସେମାନେ ଆସି ମୋ ଘରେ ରହିବେ—ନିଜ ଘରେ ରହିବା ପରି । ତା'ପରେ...

ତା'ପରେ କଣ କରିବ ଜାଣିଚୁ ? ସୁଭଦ୍ରାକୁ ମୁଁ ନିଡ଼ କଳାଂ କୂଳକୁ ବୁଲେଇନେବ। କଲାଂ କୂଳରେ ଯେତେବେଳେ ଫୁଲ ଫୁଟିବ, କଲାଂର ପାଣି କମି ସରୁ ଧାର ହେବ, ଆମେ ତା'ର କୂଳରେ ବସିବୁଁ । ମୁଣ୍ଡ ଉପରେ ଥିବ ଏଇ ଜହ୍ନଟା ।...ଜାଗାଟା ଏମିତ ଜହ୍ନ-ଅଲୁଅରେ ବୁଡ଼ିଯାଇଥିବ...ସେତକବେଳେ ମୁଁ ଅତୀତର କଥାଗୁଡ଼ା ତା'ର ଆଗରେ ବଖାଣୁଥିବ—ସେ କଥା ସରୁନଥିବ...ଅନେକ...ଅନେକ କଥା...ମଝିରେ ମଝିରେ ଏଇ ଶିଙ୍ଗା ବଜେଇ ଶୁଣଉଥିବ...ସେ ଶିଙ୍ଗାର ସୁରରେ ସୁଭଦ୍ରାର ମନ ବଦଳିବ । ସେ ସୁର ତାର ହୃଦୟକୁ ଛୁଇଁବ—ତରଳେଇବ—କିନ୍ତୁ ସେ ଆଦୌ ଗୀତ ଗାଇଜାଣେନା । ଜାଣିଛି କେବଳ ବାହାଘର-ଗୀତ । ଏବେ ଆଶ୍ରମରେ ରହି ଗାନ୍ଧିପ୍ରାର୍ଥନା ଶିଖୁଚି..."ବିଜୟୀ ବିଶ୍ୱ ତିରଙ୍ଗା ପ୍ୟାରା ।"—କେବଳ ଏଇ ଗୀତଟି ଜାଣିଚି । ଭାବୁଚି ତା ପାଇଁ ଜଣେ ଗୀତ-ମାଷ୍ଟର ରଖିବ । ସେ ଗୀତ ଶିଖିବ ।...ସେତେବେଳେ ତାର ଆଉ ଭୟ ନଥିବ ମିଲିଟାରୀ ଗୁଣ୍ଡାଙ୍କୁ...ସେ ଭୟଶୂନ୍ୟ ହେବ । କଥା କହିବ । କହିବ ବଗିଚାର ଫଳଫୁଲର କଥା । କେଉଁ ଫୁଲଗଛରେ ସବୁଠୁଁ ବେଶୀ ମନମହକା ଫୁଲ ଫୁଟିଚି, ସେଇ ଖବର ସେ ମୋତେ ଦେବ । ମୁଁ ଖାଲି ଶୁଣୁଥିବ ତା' କଥା । ମୁଁ ତା'ଠୁ ସେଇ ଫୁଲକଥା ଶୁଣି ଶୁଣି ବିଭୋର ହେବି । ସେତେବେଳେ ସେ ମୋତେ ସିନେମା ଥିଏଟର ଦେଖେଇନବା କଥା କହିବ; ନହେଲେ କହିବ ଗୌହାଟୀକୁ ବୁଲିଯିବା କଥା । ଗୌହାଟୀକୁ ଗଲେ କୋଉଠି ରହିବା ବୋଲି ମୋତେ ପଚାରିବ । ମୁଁ କହିବ, ଗୌହାଟୀ ଗଲେ ଆମେ ଡାକ୍ତର ବରୁଆଙ୍କ ଘରେ ରହିବା । ଡାକ୍ତର ବରୁଆ ମୋତେ ଖୁବ୍ ଭଲପାଆନ୍ତି । ସୁଭଦ୍ରା ତାର ରୋଗଟା ଡାକ୍ତର ବରୁଆଙ୍କୁ ଦେଖାଇବ । ଅବଶ୍ୟ ଯଦି ରୋଗଟା ତାର ଥିବ ସେଯାଏଁ । ଆଉରି କଣ କରିବ ଜାଣୁ, ଫେରିବା ବାଟରେ ଏପଟେ ଷ୍ଟେସନ୍‌ରେ ଓହ୍ଲେଇ ତୋ' ଘରକୁ ଆସିବୁଁ । ରାସ୍ତା ସେତେବେଳକୁ ଚଉଡ଼ା ହୋଇଯାଇଥିବ । ଗାଡ଼ି, ମଟର ବି ବୁଲୁଥିବ..."

—"ସତରେ ?" ଆଖି ବନ୍ଦ କରି ପଚାରିଲା ଡମି । ଧନପୁର ଅନେଇଲା ଡମି ଆଡ଼କୁ । ଡମି କାନ୍ଦୁଚି ।

"ଆରେ...କାନ୍ଦୁଚୁ ଯେ ! କାହିଁକି ? ହବ ହବ, ତୋର ବି ଭଲ ହବ, ମୋର ବି ଭଲ ହବ; ଆଉ ସୁଭଦ୍ରାର ବି । ଆମ ସମସ୍ତଙ୍କର ଭଲ ଦିନ ଆସିବ...କେବଳ ହେବନାହିଁ ଏମାନଙ୍କର..."

"କା...ହା...ର ?" —ଡମିର ସ୍ୱର ଭଙ୍ଗା ଭଙ୍ଗା ।

—"ଯେଉଁମାନେ ଆମର ବିରୋଧ କରୁଛନ୍ତି ।...ନା...ନା—ଆମର ବିରୋଧ ନୁହଁ, ସ୍ୱରାଜର ବିରୋଧ କରୁଛନ୍ତି ।" କହୁ କହୁ ରହିଗଲା ଧନପୁର । ତା ପରେ ପୁଣି କହିଲା, —"ଉହୁଁ, ଆମେ ସେମାନଙ୍କର କିଛି କରିବୁଁ ନାହିଁ । ସେମାନେ କେବଳ ମଣିଷ ହୋଇ ରହନ୍ତୁ...ମଣିଷ...ମଣିଷ..."

ଧନପୁର ଦେଖିଲା ଡମି ସେମିତି କାନ୍ଦୁଚି । ଫୁଲି ଫୁଲି ଉଠୁଚି ତାର କାନ୍ଦଣା—

"ଆରେ...ରେ...କାନ୍ଦୁଚୁ କାହିଁକି ! ଡମି ! ଡମି !! ଡମି !!!"

ଏଥର ଭେ-ଭେଇକନା କାନ୍ଦଉଠିଲା ଊମି । ଧନପୁର ନିରୁପାୟ । ସେ ପୁଣି ପଗ୍ଗରିଲା —"ଊମି, ଊମି—ଶାରେ ଊମି, ତୁ କାନ୍ଦୁଛୁ କାହିଁକି ? ମୋର ଯେ ଅଦ୍ଭୁତ କଥା ଅଛି କହିବାକୁ । ମୁଁ କେମିତି ସୁଭଦ୍ରାକୁ ଭଲପାଇବି, ତା ପାଇଁ କେମିତିକା ପୋଷାକ ବନେଇ ଦେବି, କଣ କଣ ଅଳଙ୍କାର ଗଢ଼େଇବି, କେମିତି ତାକୁ..."ଆଉ କହିପାରିଲା ନାହିଁ ଧନପୁର । ସେ ନିଜେ ବି ଥରଥର ହେଲା ।

ଲୁଗାକାନିରେ ଆଖିରୁ ଲୁହ ପୋଛି ସକେଇ କହିଲା ଊମି— "ତୁ ଏମିତିକା କଥା କହି ମୋର ହିଆ ଭାଙ୍ଗି ଦେଲୁଣି । ସତରେ ତୁ ମୋର ହିଆ ଭାଙ୍ଗି ଦେଲୁ...ତୋତେ ମୁଁ ଯିବାକୁ ଦେବିନି...ନା, କେଭେ ନୁହେଁ । ତୋତେ ମୁଁ ଲୁଚେଇ ରଖିବି । ତୁ ଏକ୍‌ବାର ଛୁଆଁଟାଏ...ନିହାତି ଛୁଆ ।" କହୁ କହୁ ଧନପୁରର ହାତକୁ ଧରିପକେଇଲା ଊମି—"ମୁଁ କେଭେଁ ତୋତେ ଛାଡ଼ିବି ନାହିଁ ସେ ଗୋସେଇଁ ହେଶକାଙ୍କ ହାତରେ । ମୁଁ ତୋତେ ବାନ୍ଧିରଖିବି ମୋର ଏଇ କାନିରେ ।"

ହାତଟିକୁ ଟାଣିଆଣି ପାରିଲା ନାହିଁ ଧନପୁର । କହିଲା—ଆଃ... ଥରେହେଲେ କେମିତି ତାକୁ ମୁଁ ଦେଖନ୍ତି ଥରେ ମାତ୍ର—ତାକୁ ଏଇ ବୁକୁରେ ଜାବୁଡ଼ି ଧରିବାକୁ ଇଚ୍ଛା ହଉଚି—"

ଧନପୁରର ବୁକୁଟା ଛଟପଟ ହେଲା ଯନ୍ତ୍ରଣାରେ ।

ଊମି କହିଲା—"ତାକୁ ଏଠିକି ଡାକିଆଣିବାକୁ ସମୟ ନାହିଁ । ତୁ ଚିନ୍ତା କରନା... ମୋଟେ ଚିନ୍ତା କରନା । ତୁ ନିଶ୍ଚୟ ଫେରିବୁ—ଫେରିଆସି ନିଶ୍ଚୟ ସୁଭଦ୍ରାକୁ ପାଇବୁ ।"

"ତୁ କଣ ଠିକ୍ କହୁଚୁ ଊମି ? କିନ୍ତୁ ଏମାନେ ସୁଭଦ୍ରା କଥା କହୁ କହୁ କେମିତି ଗମ୍ଭୀର ହେଇଗଲେ ଦେଖିଲୁ ନୁ ? ମୋର ସନ୍ଦେହ ହେଉଚି, ଊମି !"

ଦୟା ଲାଗିଲା ଊମିକୁ । କହିଲା—"ତେବେ ମୁଁ ଅଛି ନା ? ମୁଁ ଊମି ! ମୋ କଥା ଭୁଲିଗଲୁଣି ?" କହୁ କହୁ ଧନପୁରର ହାତକୁ ଧରି ଗେଲ କଲା, ଚୁମା ଖାଇଲା ଊମି ।

ଅବାକ୍ ହେଇ ଦେଖୁଥାଏ ଧନପୁର...କିଛି କ୍ଷଣ ପରେ...

—"ସତେ ତ...ତମ ଦାଦାଙ୍କର ଏକା ଚେହେରା...କିନ୍ତୁ ତୁ ଯେ ମୋର ନୋହୁଁ । ତୁ ତ 'ଡଲ'ର ।...ତଥାପି...ଊମି, ମୁଁ ତୋର ଏ ସ୍ନେହଦରଦକୁ ଭୁଲିପାରିବିନି...ସତ କହୁଚି, ଊମି !...କିନ୍ତୁ ସୁଭଦ୍ରା ! ତା ଖବର ମୁଁ ଆଉ ପାଇପାରିବି କି ନାହିଁ ଜାଣେନା । ତୁ ତାକୁ ଭେଟିଲେ କହିବୁ...ନିଶ୍ଚୟ କହିବୁ...କହିବୁ ମୋର ସପନର କଥା... ।

—"ନା ..ନା, ଏକଥା କହନା ଧନପୁର...ତୁ ନିଶ୍ଚୟ ତା'ର ଭେଟ ପାଇବୁ ।" କହୁ କହୁ ପୁଣି କୋହ ଉଠିଲା ଊମିର ।

ଧନପୁର ନୀରବ ।

ଊମି କହିଲା—"ମୁଁ ଆଉ ସହିପାରୁନି ଧନପୁର ! ତୁ ନିଜକୁ ଏପରି ଜୁଆଣୀ ବୋଲି ଭାବୁଚ କାହିଁକି ? ତୁ ଯେ ମୋର ଭାଇ ! ମୋର ଏ ଦେହର ପ୍ରାଣ...।"

ତଥାପି ନୀରବ ଧନପୁର ।...ସେ ବୁଝିଗଲାଣି, ସମସ୍ତ ହୋଇଯାଇଛି ।...ଗୁହାଁଳ ଫେରା-ପଥକୁ । ତା'ପରେ ଉଠି ଠିଆହେଲା । ଡମ୍ବି କିନ୍ତୁ ବସିରହିଥିଲା ସେଇମିତ । ଧନପୁର ଏଥର ଡମ୍ବିର ହାତଧରି ଟାଣିଦେଇ ଦେଲା । କହିଲା—"ଡମ୍ବି, ତୁ ମୋର ସାଥୀ । ତା'ଠୁ ବେଶୀ ଆଉ କିଛି ହବାକୁ ଯାଆନା । ଆଉ, ଶୁଣ, ମୋର ଏ କାମ କଥା ଆଉ କାହା ଆଗରେ କହିବୁନୁ । ମୁଁ ଫେରିଆସି ତୋର ଘରେ ହିଁ ରହିବି । ସେତେବେଳେ କଥା ହେବା ।"

ଡମ୍ବିର ସାହସ ଫୁଲେଇଲା । ପଚାରିଲା—"ଠିକ୍ ଫେରିବୁ ତ ?"

—"ନିଶ୍ଚୟ ।"

ଟିକିଏ ପରେ ଗୋସେଇଁ ଆସି ଡମ୍ବି ଓ ଧନପୁର ନିକଟରେ ଉଭାହେଲେ । ଧନପୁରକୁ ବୃଦ୍ଧି କହିଲେ—"କି କଥା ହଉଥିଲା ଦୁହେଁ ?"

ହସି ହସି ଡମ୍ବି କହିଲା—"ସୁଭଦ୍ରା କଥା । ଧନପୁର କହୁଥିଲା ସ୍ୱରାଜ ପରେ ସେ କେମିତିକା ଘର କରେଇବ ସହରରେ । ଆଉ କେମିତି ସୁଭଦ୍ରା ସାଥିରେ ଘର-ସଂସାର କରିବ... !"

ଦୀର୍ଘନିଃଶ୍ୱାସ ଛାଡ଼ିଲେ ଗୋସେଇଁ । କହିଲେ—"ଏସବୁ ଆକାଶ-କଇଁଆ ଚିଲିକା-ମାଛକୁ ଟାକେଇ ଫୁଟେଇବା କଥା । ଏକଥା ଛାଡ଼ । ଏବେ ଅସଲ କଥା ଆଡ଼କୁ ଆସ । ମାସ୍ଟଂରେ ଅତ୍ୟାଚାର ଆରମ୍ଭ ହେଇଯାଇଛି । କୁକୁରଟା ମୋତେ ନେଇ ଗୋଟେ ଗଛ ପାଖରେ ପହଞ୍ଚେଇଲା । ସେଠି ମୁଁ କାହାକୁ ଦେଖିଲି ଜାଣ ?"

ବିବ୍ରତ ହେଇପଡ଼ିଲା ଧନପୁର । ପଚାରିଲା—"କାହାକୁ ?"

"ଘରର ଘରଣୀଙ୍କୁ । ସାଥିରେ ତାଙ୍କର ଋଜାର ଘରଣୀ ଓ ଆଉ କେତେ ଜଣ ସ୍ତ୍ରୀ-ଲୋକ । ପଳେଇଆସିଛନ୍ତି । ଅନେକ ଲୋକ ଧରାପଡ଼ିଛନ୍ତି । ଲମ୍ବୁରାମକୁ ଖୋଜି ଖୋଜି ଉତ୍ପାତ ଆରମ୍ଭ କରିଛି ଶଇକିଆ । କିନ୍ତୁ ପାଇନାହିଁ ଏଯାଏଁ । ଦଧି ତାକୁ ଲୁଚେଇ ରଖିଛି । କିନ୍ତୁ ବାଣେଶ୍ୱର ରଜାକୁ ଧରିଛି ।...ଅଟକେଇ ଅଟକେଇ କଥାଗୁଡ଼ା କହୁଥିଲେ ଗୋସେଇଁ । ଡମ୍ବି ଆଗରେ ଏସବୁ କଥା କହିବାଟା ଉଚିତ ହେଉଛି ନା ନାହିଁ, ମନେ ମନେ ବିବେଚନା କରୁଥିଲେ ।...ଏଣୁ କଥା କହିବା ମଝିରେ ହଠାତ୍ ଡମ୍ବିକୁ ପଚାରିଲେ

—"ଡମ୍ବି, ତୁ ଆମ ପଟେ ଅଛୁ ତ ?"

—"ନରହିବି କାହିଁକି ଯେ ? ଧନପୁର ଯୋଉଠି, ମୁଁ ବି ସେଇଠି ।"

"ତେବେ ଯା । ଗୋସେଇଁଆଣୀହରିକା ଆସୁଛନ୍ତି । ସେମାନଙ୍କୁ ନେଇଆ । ଆମର ସମସ୍ତ ହେଇଗଲା । ବାହାରିବୁଁ । ଆଜି ରାତି ତୁ ଏଠି ରହିପାରିବୁ ?"

—"କାହିଁକି ?" ଆଶ୍ଚର୍ଯ୍ୟ ହୋଇ ପଚାରିଲା ଡମ୍ବି—"ମୋର ତେଣେ ପୂଜା..."

—"ଏମାନେ ବଡ଼ ଡରିଯାଇଛନ୍ତି । ତୁ ଯଦି ରହିଲୁ ଟିକିଏ ସାହସ ପାଆନ୍ତେ ।... ଅବଶ୍ୟ ତୋର ତେଣେ ପୂଜା...।"

ଧନପୁର କହିଲା—"ଉହୁଁ, ଇଏ ଏଠି ରହିବା ଉଚିତ ହବନି । ସେ ରହିଲେ, କଥାଟା ଗାଁରେ ଗାଁରେ ପ୍ରଚାର ହେଇଯିବ । ଭଲ ହବ ନାହିଁ । ଏମାନେ ଏଠି ଯେନତେନ-

ପ୍ରକାରେଣ ରହିଯାଆନ୍ତୁ ।···” ଟିକିଏ ଅଟକି ଯାଇ ପୁଣି କହିଲା—“ଆଉ ଗୋଟେ କଥା କଲେ କେମିତି ହୁଅନ୍ତା ? ବାଟ ତ ବେଶି ନୁହେଁ । ଆମେ ଯାଇ ଆହ୍ଲନା କୁଅଁରକୁ ପଠେଇଦିଅନ୍ତେ ।”

ମନର ଅସ୍ଥିରତା ଯୋଗୁଁ କଥାଟିକୁ ଠିକ୍ ଠିକ୍ ଚିନ୍ତା କରିପାରୁନଥିଲେ ଗୋସେଇଁ । ମାସ୍କଂରେ ଅତ୍ୟାଚାରର ପ୍ରତ୍ୟକ୍ଷ ସମ୍ବାଦ ପାଇ ସେ ବିଚଳିତ ହୋଇପଡ଼ିଥିଲେ । ଅବଶ୍ୟ ଏ କାମରେ ଏଯାଏଁ କୌଣସି ବ୍ୟାଘାତ ଘଟିନାହିଁ । ଯେଉଁମାନେ ଗିରଫ ହୋଇଛନ୍ତି, ସେମାନେ ସବୁ 'ଭାରତରକ୍ଷା-ଆଇନ'ବଳରେ ହୋଇଛନ୍ତି । ପୋଲିସ୍ ନିଶ୍ଚୟ ଏ ଘଟଣାର ଟେର୍ ପାଇନାହିଁ; କିନ୍ତୁ କମାରକୁସୀ ଆଉ ଗାରେ ଗାଁ ଯାଏ ପୋଲିସ୍‌ଦଳ ଯଦି ଖେଦିଆସନ୍ତି ? ଆହ୍ଲନା କୁଅଁରକୁ ଏଠିକି ଆଣିବାର କଥା ସେମାନେ ଶୁଣିନାହାନ୍ତି । ଆହ୍ଲନା ନାଁରେ କୌଣସି ପରୱାନା ନାହିଁ ବୋଲି ଦଧି ଲେଖି ଜଣାଇଛି । ତଥାପି ଲୋକଟା ତେଣେ ଦରକାର । ଜୟରାମର ନାଁରେ ବି ପରୱାନା ନାହିଁ; କିନ୍ତୁ ସେ ବି ତ ତେଣେ କାମରେ ଲାଗିବ ।

ଗୋସେଇଁ କହିଲେ—“ଯା ମା ଡମି, ଏମାନଙ୍କୁ ସାଙ୍ଗରେ ନେଇଆ ।” ତା'ପରେ ଧନପୁରକୁ କହିଲେ—“ଆହ୍ଲନାକୁ ଏଠିକି ପଠେଇହିବନ ।”

ଡମି ଚାଲିଗଲା । ଧନପୁର କହିଲା—“ଗାରେ ଗାଁରେ ଇଏ ହେଉଛି ଏକମାତ୍ର ଆଶ୍ରା । ଏଣୁ ୟାକୁ ଏଠି ଛାଡ଼ି ଯାଇହିବନ । ଫେରିବାବେଳେ ଆମେ ତ ଗୋବର୍ଦ୍ଧନଗିରି ଦେଇ ଫେରିବା । ଏପଟେ ଆସିବାକୁ ପଡ଼ିବନାହିଁ । କିନ୍ତୁ ଗାରେ ଗାଁକୁ ଯେମିତି ହେଲେ ଥରେ ଆସିବାକୁ ହେବ । ଫେରିଆସି ମୁଁ ଡମି ଘରେ ରହିବ । ତାକୁ ମୁଁ ଏ କଥା କହିଦେଇଛି । ତା'ଛଡ଼ା, ବନ୍ଧୁକ ଦୁଇଟା ନୋକ୍‌ମାର । ତାକୁ ଫେରେଇ ନଦେଲେ ଅବିଶ୍ୱାସ କଥା ହେବ ।”

ଗୋସେଇଁ ହସିଲେ । କହିଲେ—“ବୁଝିଲୁ ଧନପୁର ! ପଳେଇବାର ବାଟ ମାତ୍ର ଗୋଟିଏ । ସେଇ ବାଟରେ ଫେରୁ ଫେରୁ କୋଉଠି ଯେ କଣ ଘଟିବ କହିହେଉନି । ବନ୍ଧୁକ ଦି'ଟାର କଥା ଉପରେ ବେଶି ଜୋର୍ ଦିଅନା । ଅବଶ୍ୟ ଗାରେ ଗାଁରେ ରହିବାକୁ ପଡ଼ିବ । ସେଇଠି ଅଟକି ନିରାପଦ ସ୍ଥାନ ଖୋଜିବାକୁ ହେବ । ମାସ୍କଂର ଦମନଲୀଳା ଏକ ବିରାଟ ବିପର୍ଯ୍ୟୟ ।···ଆଉ ସେସବୁ କଥା ଚିନ୍ତାକରି ଏବେ ହଜମ କରିହେବନାହିଁ । ଚାଲ ···ବାହାରିବା ଏଥର···ବେଳ ଗଡ଼ିଗଲାଣି···।”

—“ଆପଣ ଚା' ଟୋପେ ଖାଇନିଅନ୍ତୁ । ଡମି ପାଣି ଗରମ କରି ରଖିଛି ।”

ଗୋସେଇଁ ଭିତରକୁ ଗଲେ । ଅର୍ଗଳି ଆଡ଼ୁ ସ୍ତ୍ରୀଲୋକମାନଙ୍କ ପାଟି ଶୁଭିଲା । କୁକୁରଟା ଲପରପସର ହୋଇ ଆସି ଲଥିକିନା ଅଗଣାରେ ପଡ଼ିଗଲା । ଧନପୁର କୁକୁର ନିକଟକୁ ଯାଇ ତାର କ୍ଷତସ୍ଥାନ ଦେଖିଲା । ତା'ପରେ ନିଜ ବ୍ୟାଗ୍ ଖୋଲି ଆଇଓଡିନ୍ ବୋତଲଟି ବାହାର କଲା । ସେଥିରୁ କିଛି କୁକୁରର କ୍ଷତସ୍ଥାନରେ ଢାଳିଲା । ଘା' ପୋଡ଼ାରେ କୁକୁରଟା କୁଁ-କୁଁ ହେଲା ।

ଧୀରେ ଧୀରେ ସ୍ତ୍ରୀଲୋକମାନେ ଭିତରକୁ ଆସିଲେ । ଆଗରେ ଗୋସେଇଁଆଣୀ, ତାଙ୍କ ପଛକୁ ରାଜାଙ୍କ ଘରଣୀ ଏବଂ ତା'ପଛକୁ ଆଉମାନେ । ଓଢ଼ଣା ଖସିଯାଉଛି । କିନ୍ତୁ ଜହ୍ନ-ଆଲୁଅରେ କାହାର ମୁହଁ ସ୍ପଷ୍ଟ ବାରିହଉନାହିଁ ।

ସେମାନଙ୍କର ଖୁବ୍ ପାଖକୁ ଚାଲିଆସିଲା ଧନପୁର । ସେମାନଙ୍କୁ ଦେଖି ତାର ମନେପଡ଼ିଲା, ମାନ୍ ଦେଶରୁ ପଳେଇଆସିଥିବା ଶରଣାର୍ଥୀମାନଙ୍କ କଥା । ସେମାନେ ସବୁ ଯୁଦ୍ଧ ଯୋଗୁଁ ପଳେଇଆସିଥିଲେ ପରଦେଶରୁ । 'ହା-ଅନ୍ନ', 'ହା-ବସ୍ତ୍ର', ଅବସ୍ଥାରେ ଆସିଥିଲେ ସେମାନେ; କିନ୍ତୁ ଏମାନେ ନିଜ ଘରେ ଶରଣାର୍ଥୀ···।

ଗୋସେଇଁ ବାହାରିଆସୁଥିଲେ; ଗୋସେଇଁଆଣୀଙ୍କୁ ଦେଖି ଅଟକିଗଲେ । ପଦେ କଥା କିନ୍ତୁ କହିପାରିଲେ ନାହିଁ । ଗୋସେଇଁଆଣୀ ତଳେ ମୁଣ୍ଡ ଲଗେଇ ପାଦ ଛୁଇଁ ପ୍ରଣାମ କଲେ ଗୋସେଇଁଙ୍କୁ । ଥରଥର ଗଳାରେ କହିଲେ—"ଆପଣଙ୍କୁ ଭଗବାନଙ୍କ ହାତରେ ସମର୍ପଣ କଲି । ମୁଁ ସେଇ ଭଗବାନଙ୍କର ଶରଣ ପଶୁଛି ।"

ସଙ୍ଗେ ସଙ୍ଗେ ଶୁଣାଗଲା ଶୋକୋଚ୍ଛ୍ୱାସ ।

ଧନପୁର କହିଲା—"ଆପଣମାନେ ଡରିଯାଆନ୍ତୁ ନାହିଁ । ଚିନ୍ତା କରନ୍ତୁ ନାହିଁ । ବର୍ତ୍ତମାନ ସମୟ ଆସିଛି, ଭୟ ଛାଡ଼ିବାକୁ ହେବ ଆମମାନଙ୍କୁ ।"

ଡିମି ଅନେଇଥିଲା ଜହ୍ନଆଡ଼େ । 'ଲ-ଦେପ୍ପୀ' ସେତେବେଳେ ବି ନାଚୁଥିଲେ । କାହାରି ଭବିଷ୍ୟତ କଥା କହିହେବନି···

ସ୍ତ୍ରୀଲୋକମାନଙ୍କୁ ନେଇ ଘର ଭିତରେ ପୂରେଇଦେଲା ଧନପୁର । ଡିମି ବି ଭିତରକୁ ଗଲା ।

ଧନପୁରକୁ ଲକ୍ଷ୍ୟ କରି ଡିମି କହିଲା—"ତୋ ମୁଣାରେ ଯାହା ଅଛି ଦେଇଯା । ତା' ଛଡ଼ା ଖାଇବାକୁ ଯାହା ଅଛି ତାକୁ ବି ଦେଇଯା ।" ତା'ପରେ ଗୋସେଇଁଆଣୀଙ୍କୁ କହିଲା—"ଆପଣମାନେ ଡରନ୍ତୁ ନାହିଁ, ଚିନ୍ତା କରନ୍ତୁ ନାହିଁ । ସେଥିରେ କିଛି ଲାଭ ନାହିଁ ।"

ଗୋସେଇଁଆଣୀ କହିଲେ—"ଏଇ କେତେ ଦିନ ହେଲା ନିତି ରାତିରେ ଚିରଗୁଣୀ କାନ୍ଦଣା ଶୁଣୁଛି···" କହୁ କହୁ କାନ୍ଦି ଆରମ୍ଭ କରିଦେଲେ ସେ ।

ଗୋସେଇଁ ପ୍ରମାଦ ଗଣିଲେ । ସୁଭଦ୍ରାର ଆତ୍ମହତ୍ୟା କଥା ଯଦି କହିବସନ୍ତି, ତେବେ ସର୍ବନାଶ । ସେ ତେଣୁ ତରବରରେ ଧନପୁରକୁ ଡାକିଲେ—"ଆହ, ବାହାରିଆସ । ଆଉ ଡେରି କରନା । ସମୟ ହୋଇଗଲା···।" ତା'ପରେ ଘରଣୀ ହେଉରିକାଙ୍କ ଆଡ଼କୁ ଚାହିଁ କହିଲେ—"ତୁମେମାନେ ମୋଟେ ଡରିବନାହିଁ । ଡରି କିଛି ଲାଭ ନାହିଁ ।"

ଧନପୁର ନିଜ କଣ୍ଟୁରିଟି ବାହାରକରି ଗୋସେଇଁଆଣୀଙ୍କ ହାତକୁ ବଢ଼େଇ ଦେଉ ଦେଉ କହିଲା—"ଏ ଖଣ୍ଡିକ ସମ୍ବଲ ହିସାବରେ ରହିଲା ।"

ମୁଣାରୁ କନକପୁଡ଼ା ବାହାରକରି ଗୋସେଇଁଆଣୀଙ୍କ ଆଗରେ ଥୋଇଦେଲା ଡିମି । କହିଲା—"ଗୋସେଇଁଆଣୀ ମା, ଏଠି ଆଦୌ ଭୟ ନାହିଁ । ମୁଁ ବି ମନ୍ତ୍ର ଫୁଙ୍କିଦେଉଛି....।"

□□□

ସାତ

ଢୋଲ, ଶିଙ୍ଗାର ତାଳେ ତାଳେ ସେଯାଏଁ ନାଚୁଥିଲେ ଧାଙ୍ଗଡ଼ା-ଧାଙ୍ଗଡ଼ୀମାନେ । କେବଳ ବୁଢ଼ା-ବୁଢ଼ୀଏ ହାଲିଆ ହୋଇଯାଇଛନ୍ତି ।

ତଳି ଘରେ ବସି ବସି ମକରଧ୍ୱଜ ବାଟୁଥିଲେ ଗୋସେଇଁ । ବଛଣାରେ ପଡ଼ି ଘୁଙ୍ଗୁଡ଼ି ମାରୁଛି ମଧୁ । ଏଇ ଅଳ୍ପ ସମୟ ହେଲା ସେ ଆସିଲା । ରୂପନାରାୟଣ, ଭିଭିରାମ ଓ ଧନପୁର ବସି ବସି ହସ-ଖୁସିରେ ଗଳ୍ପ କରୁଛନ୍ତି । ମାଣିକ ବରା, ଜୟରାମ ଓ ଆହ୍ଲନା କୁଅଁର ଖାଇବାକୁ ଯାଇଛନ୍ତି ନେପାଳୀ ଗାଁକୁ । ସେଠୁ ସେମାନେ ଫେରିଆସିବା ଏଠିକ ଗୁଲିଆସିବା କଥା ।

ଗୋସେଇଁ ମକରଧ୍ୱଜବଟା ଶେଷ କରି, ଏଣ୍ଡି ଚଦରଟି ଘୋଡ଼େଇ ହୋଇ ପଟା-ଖଟ ଉପରେ ଶେଯଟାକୁ ବଛେଇ ବସିଲେ । ତା' ପରେ ଗୋଳେଇବାକୁ ଲାଗିଲେ ମକରଧ୍ୱଜ । ଠିକ୍ ସେତିକବେଳେ ତାଙ୍କ ମନରେ ଉଙ୍କି ମାରିଲେ ଗୋସେଇଁଆଣୀ । ନିଃସହାୟ ମୁହଁଟା ତାଙ୍କର ଜଳଜଳ ଦିଶୁଥିଲା । ଏବେ କମାରକୁଚୀ ଆଶ୍ରମରେ କହ୍ନ-ଆଲୁଅକୁ ଛାଡ଼ିଦେଲେ ଅନ୍ୟ କିଛି ଆଲୁଅ ନ ଥିବ । କୋଳୁଆଭିୟରେ ସ୍ତ୍ରୀଲୋକଗୁଡ଼ା କୁଆଁ ଟିକିଏ ବି ଜାଳିପାରୁ ନ ଥିବେ । ଘରଆଡ଼େ ଭୟାବହ ନୀରବତା । ଗାଈଟା ବି ହମ୍ବାରଡ଼ି ଛାଡ଼ୁଥିବ ।···ଜାମିକା ଲୋକଗୁଡ଼ା ଅଟକବନ୍ଦରେ । ମାୟଂରୁ ପଳେଇଆସିଥିବା ଲୋକେ ଗଇଦଆର ଅତ୍ୟାଚାରର କଥା ବଖାଣୁଚନ୍ତି···ଘରେ ଘରେ ଖାନତଲାସୀ; ପୋଲିସ ଆଉ ମିଲିଟାରୀ ମିଶି ଲୟରାମକୁ ଖୋଜିବୁଲୁଛନ୍ତି । ସନ୍ଧ୍ୟା ପୁରା ତାକୁ ପାଇ ନ ଥିଲେ । ତେବେ ତାକୁ ଖୋଜିବାକୁ ଆଉ କେତେ ବା ସମୟ ଲାଗିବ ? ଏଣୁ ତାକୁ ଯୋଉ ଘରେ ଲୁଚେଇ ରଖାଯାଇଛି, ସେଠି ଆଉ ବେଶି ସମୟ ରଖିବାଟା ନିରାପଦ ନୁହେଁ । କୌଣସି ଏକ ଜଙ୍ଗଲ ଭିତରକୁ ନେଇନବାକୁ ହେବ; ଅନ୍ତତଃ ଦୁଇଦିନ ପାଇଁ । ଦଧି ସେଥିପାଇଁ ଉପାୟ ଚିନ୍ତାକରୁଛି । ସେ ଲେଖିଛି ଯେ ଯଦି ଲୟରାମକୁ ଅନ୍ୟତ୍ର ନିଆଯାଇ ନ ପାରେ ତେବେ ନାଉରିଆ ମହଜ ସେ ଦ'ଟାକୁ ନ ମାରିଲେ ନ ଚଳେ । ଦଧି ଭଳି କୋମଳ-ହୃଦୟର ଲୋକଟା ଯଦି ଏ ଧରଣର ଚିନ୍ତା କରିପାରୁଛି, ତେବେ ବୁଝିବାକୁ ହେବ ଯେ ଅବସ୍ଥା ସଙ୍ଗିନ୍ ।

ଲୟରାମର କଥା ନେଇ ସମସ୍ତେ ଦୁଃଖିତ । ସମୁଦାୟ ଯୋଜନାଟି ତାକୁ ଜଣା । ଗଇ-ଦଆକୁ ଦେଖି ଦେଖି ସେ ନିଶ୍ଚୟ ସବୁ କଥା ଖୋଲି କହିଦବ । ସେତେବେଳେ ରେଲଗାଡ଼ି ଚାଲିଟା କଥା ଓଲଟିଯିବ । ତେଣୁ ଦଧିର ପ୍ରସ୍ତାବରେ ସମସ୍ତେ ସମ୍ମତ ହେଉଛନ୍ତି । କେବଳ

ଆହ୍ଲନାଥାର ଆଖିରୁ ପାଣି ଝରୁଛି—ସରଳ ଲୋକଟା ତ।···ଭିଭୂରାମ, ଜୟରାମ, ମାଣିକ ବଗ୍ର, ରୂପନାରାୟଣ କେହି ବି କଥା ପଦେ କହି ପାରୁନାହାନ୍ତି । କେବଳ ଧନପୁରର ଚୋକ୍ଟୋକ୍ କଥା । ସେ କହୁଥିଲା—'ଯୁଦ୍ଧ କରିବ ତ ଯୁଦ୍ଧ କଲାଭଳି କରିବ । ଦୟା, ମାୟା, ମମତା ଦେଖେଇବା କଥା ଯଦି, ତେବେ ଯୋଦ୍ଧା ନ ହୋଇ ମାଇପଙ୍କ ପଣତ-କାନି ତଳେ ଲୁଚିରହିବା ଭଲ ।···କଥାଟା ସତ । ସେମାନେ କଣ ଦୟା, ମାୟା, ମମତା କିଛି ହେଲେ ଦେଖାଉଛନ୍ତି ? କାହିଁକି ବା ଦେଖେଇବେ ?···ଆହ୍ଲନାଥ ଶାସ୍ତ୍ର, ଭଗବାନ, ଗାନ୍ଧିବଚନ ଶୁଣେଇ ଶୁଣେଇ ଲୟରାମକୁ ଜୀବନରେ ନ ମାରିବା ପାଇଁ ଧରିବସିଲା । ତାର କାକୁତିମିନତିରେ ମାଣିକ ବଗ୍ରର ମନଟା ବି ତରଳିଗଲା । ଧନପୁରକୁ ଛାଡ଼ିଲେ ବାକୀ ସଭିଏଁ ଧର୍ମଗ୍ରୁ । କଳୁଟାକୁ ମାର ଖାଇବାକୁ ଯେଉଁ ଲୋକେ କଟର-କଟର ହୁଉଥାଆନ୍ତି, କେମିତି ଭଲା ସେମାନେ ନିଜ ସାଙ୍ଗସାଥୀ ଭିତରୁ ଜଣକୁ ଜୀଅନ୍ତା ମାରିଦବାକୁ 'ହଁ' ଭରିବେ ?··· ଏତେଗୁଡ଼ାଏ ଅନୁନୟ ବିନୟ ଶୁଣି ରାଗିଗଲା ଧନପୁର । କହୁଥିଲା—"ଦେଖ, ଯଦି ଖଇକଆ ତାକୁ ପାଇଯିବ, ତେବେ ଆମେ ରେଲଗାଡ଼ି ଓଲଟେଇବା ପୂର୍ବରୁ ମିଲିଟାରୀ ଲୋକ ଆସି ଆମ ସମସ୍ତଙ୍କୁ ପୋକମାଛି ପରି ମାରିପକେଇବେ । ଆମେ ଯଦି ମରିବା, ତେବେ ଯୁଦ୍ଧ ଚଳେଇବ କିଏ ? ସ୍ୱରାଜ ଏବେ ବି ଆସିନି । ସବୁଠାରୁ ଦୁଃସମ୍ବାଦ ଆସି ପହଞ୍ଚୁଛି । ଲୋକ କେତେ ଜଣ ଜେଲ୍‌ରେ ରହିଲେ ଅଥବା ମରିଗଲେ, କୁଆଡ଼କ ହୁଏନାହିଁ । ସ୍ୱରାଜର ପଥ ପରିଷ୍କାର କରିବା ପାଇଁ ଆମକୁ ଗୋଟି ଗୋଟି କରି ମରିବାକୁ ହିଁ ହେବ । କୁଶଳ କୁଅଁର, କନକ-ଲତା, କମଳା ମିରି, ତିଲକ୍ ଡେକା ଏମାନେ ଜଣ ଜଣ କରି ମରି ଆମକୁ ଠିକ୍ ବାଟରେ ଆଗେଇବା ପାଇଁ ମନୋବଳ ଯୋଗେଇଦେଇଛନ୍ତି; କିନ୍ତୁ ମନର ବଳ ଯଥେଷ୍ଟ ନୁହେଁ । ଯୁଦ୍ଧ ପାଇଁ ଆମକୁ ଅସ୍ତ୍ରଶସ୍ତ୍ର ସଂଗ୍ରହ କରିବାକୁ ପଡ଼ିବ; ରଣକୌଶଳ ଶିଖିବାକୁ ହେବ । ଲଢ଼ୁଆ ହବାକୁ ହିଁ ପଡ଼ିବ । ଜାଣିନାହାନ୍ତି ଲସିତଙ୍କ କଥା ? ସେ କେମିତି ନିଜର ମାମୁଁଙ୍କୁ ହାଣିଦେଇଥିଲେ ଯୁଦ୍ଧରେ ଅବହେଳା ଯୋଗୁଁ । ଗଦାଧରଙ୍କ କଥା ଜାଣିନାହାନ୍ତି ? ତାଙ୍କ ଘରଣୀଙ୍କୁ ଶତ୍ରୁମାନେ ହତ୍ୟା କରିବାକୁ ଉଦ୍ୟତ ହେବାର ଦେଖି ମଧ୍ୟ ଆଖି ବନ୍ଦ କରି ଦେଇ ନ ଥିଲେ କି ? ଲ'ର ରଜା ବରୁଆଙ୍କରେ ଯୁଦ୍ଧ କରିବାକୁ ବଳ ସଂଗ୍ରହ କରୁ ନଥିଲେ ସେ ?···ଇତିହାସ ରଣନୀତି ମୁଁ ଜାଣେ ନାହିଁ; କିନ୍ତୁ ଅନେକ କଥା ଠିକ ଶିଖିଛି ।"

ଧନପୁରରେ ଏ ଯୁକ୍ତିକୁ କେହି ବି ଖଣ୍ଡନ କରିବାକୁ ସାହସ କରିନଥିଲେ । କ୍ଷଣିକ ପାଇଁ ପ୍ରତ୍ୟେକଙ୍କର ଅନ୍ତର ମୃତ୍ୟୁ ଭୟରେ ଥରିଉଠିଥିଲା । ତଦୁପରି ବ୍ରିଟିଶଙ୍କୁ ଖେଦିବା ସକାଶେ ଯୁଦ୍ଧକୁ କାନ୍ଧପାତି ବୋହିନେଲା ପରେ ନିଜର ଦୁର୍ବଳତା ଯୋଗୁଁ ତାକୁ ପୁଣି ଛାରଖାର କରିବାକୁ କିଏ ପୁଣି ମତ ଦେବ ?

ଏକମାତ୍ର ରୂପନାରାୟଣ ଦେଇଥିଲା ଗୋଟାଏ ଉତ୍ତର ଧନପୁରକୁ । ସେ କହୁଥିଲା—ତୁମର ଯୁକ୍ତିଗୁଡ଼ିକ ଅକାଟ୍ୟ, ଏଥିରେ ଭୁଲ ନାହିଁ । କିନ୍ତୁ ଲୟରାମକୁ ଆମ ଭିତରକୁ ପୁଣି ଫେରେଇଆଣିବାଟା ହିଁ ଶ୍ରେୟସ୍କର; ବରଂ ତାହା ହିଁ ଆମର ପ୍ରଧାନ କାର୍ଯ୍ୟ । କେତେ

କିଷ୍ଟରେ ମିଳନ୍ତି ଜଣେ ସଚ୍ଚୋଟ ସହକର୍ମୀ ? ଲୟୁରାମର ମନରେ ଭୟ ସଂଚାର ହୋଇଥିଲା । ତେଣୁ ସେ ବନ୍ଧୁକ ନ ଦେଇ ଶଇକିଆ ସାଥିରେ ଭଲରେ ଭଲରେ ରହିବାକୁ ଚାହୁଁଥିଲା । ତାର ମାଛ-ବେପାର ଅଛି, ଧାନ-ବେପାର ଅଛି, ସେଇ ବେପାର ପ୍ରତି ତାର ଯଥେଷ୍ଟ ଲୋଭ ମୋହ ରହିବା ସ୍ୱାଭାବିକ । ତା' ଛଡ଼ା ଧନଲୋଭ ସାଥିରେ ସୁନ୍ଦରୀ ସ୍ତ୍ରୀର ଲୋଭ । ଏ ସବୁ ଦୁର୍ବଳ କରିପକାଏ ଯେକୌଣସି ଯୋଦ୍ଧାକୁ ।···ଯାହା ବି ହଉ, ଆମକୁ ମାନିବାକୁ ପଡ଼ିବ ଯେ ଲୟୁରାମ ଜଣେ ପୁରୁଣା କର୍ମୀ । ଏତେଟା ହତାଶ ହୋଇପଡ଼ିବା ଆମ ପକ୍ଷରେ ଠିକ୍ ନୁହଁ । ଏତିକି ହିଁ ମୋର କହିବାର କଥା । କଣ କହୁଚ, ଧନପୁର ?···ମୋ ବିଚାରରେ ସେ ଶଇକିଆ ହାତରେ ପଡ଼ିବା ପୂର୍ବରୁ ତାକୁ ଆମ ଭିତରକୁ ଫେରେଇଆଣିବା ପାଇଁ ଆମେ ଶେଷ ଚେଷ୍ଟା କରିବା । ସେଥିପାଇଁ ଆମ ଭିତରୁ ଜଣକୁ ବାଛନ୍ତୁ ଗୋସେଇଁ ! କେବଳ ଯେ ଜେଲ୍ ବରଣ କରି, ମୃତ୍ୟୁବରଣ କରି ଯୋଦ୍ଧାମାନେ ଆମକୁ ମନୋବଳ ଯୋଗେଇଦେଇଛନ୍ତି; ସେଇଟା ବି ଗୋଟାପଣେ ଠିକ୍ କଥା ନୁହଁ । ସେମାନେ ଯୁଦ୍ଧ ବି କରିଛନ୍ତି । କମଳା ମିରି କଥା ଧରାଯାଉ । ଏଇ ଲୋକଟି ଅସ୍ତ୍ରରେ ଯିନା ଯୁଦ୍ଧ କରିନ; କିନ୍ତୁ ସତ୍ ମନୋବଳ ନେଇ ଶେଷ ପର୍ଯ୍ୟନ୍ତ ଲଢ଼ିଛି । ପିଲଟି ବାଳୁ କଂଗ୍ରେସର କାମରେ ଲାଗିଥିଲା । ସରଳ ମିରି କର୍ମୀଟିର କର୍ମବଳ ସାଥିରେ ମନୋବଳ ବି ଥିଲା ।···ଯୁଦ୍ଧର ଗୋଟେ ବଡ଼ କଥା ହଉଚି ଜନ ସମର୍ଥନ ଓ କର୍ମୀମାନଙ୍କର ମନୋବଳ । ଲୋକଟା ଜେଲ୍‌ରେ ରୋଗ ଭୋଗି ଭୋଗି ମଲା ପଛେ, ସରକାରଙ୍କୁ ଦରଖାସ୍ତ କରି ଖଲାସ ହେବାକୁ ଚାହିଁଲାନାହିଁ ।···ଏଣୁ, ଲୟୁରାମର ଶେଷ ବିଚାର କରିବା ଆଗରୁ ଆମେ ତାକୁ ଶଇକିଆର କବଳରୁ ଉଦ୍ଧାର କରି ଆଣିବା କଥାଟି ପ୍ରଥମେ ବିଚାର କରିବା କଥା ।"

ରୂପନାରାୟଣର କଥାକୁ ମାନିଯାଇଥିଲା ଧନପୁର । ଗୋସେଇଁ ସେତେବେଳେ କହିଥିଲେ, "ଏଇ କାମ ପାଇଁ ଏବେ ବାଛିବ କାହାକୁ ? ମୁଁ ଗଲେ କାମଟା ହୁଅନ୍ତା କିମ୍ବା ଜୟୁରାମ ଗଲେ ବି ହେବ; କିନ୍ତୁ ଯିବାଟା ହିଁ ବିପଦ । ପୋଲିସଙ୍କ ଆଖିରେ ଧୂଳିଦେଇ ଯିବାକୁ ହେବ । ମୁଁ ଗଲେ କିନ୍ତୁ ଏ ପାଖରେ କାମ ଅଟକ । ତେଣୁ ଜୟୁରାମ ଯାଉ । ସେଠିକି ଯାଇ ଆମର ଏଇ ମୃତ୍ୟୁ-ବାହିନୀର ଯାହା କିଛି ବିଚାର, ଯାହା କିଛି ସିଦ୍ଧାନ୍ତ, ସେ ସବୁ ଲୟୁରାମକୁ କହୁ । ସେ ଯେବେ ନ ମାନିବ, ତେବେ ତାକୁ ପରିଣାମ ଭୋଗିବାକୁ ହିଁ ପଡ଼ିବ ।"

ସମସ୍ତେ ରାଜିହେଲେ ଏ ପ୍ରସ୍ତାବରେ । ଜୟୁରାମ କହିଲା—"ମୁଁ ଅବଶ୍ୟ ଯିବ । ଖାଇଦାଇ ସିଧା ସେଠିକି ଯିବ । ଏଠି ମୁଁ ନେପାଳୀ ଗାଁରେ ତିନି ଚାରିଜଣ ଦଣ୍ଡା ଲୋକଙ୍କୁ ହାତକରିଛି । ସେମାନେ କାଲିଠୁ କପିଲୀ ଘାଟ ଓ ଗୋବର୍ଦ୍ଧନ ପର୍ବତରେ କାଠ ଗୋଟେଇବା ବାହାନାରେ ପହରା ଦଉଛନ୍ତି । ଆପଣମାନେ କାମ ଶେଷକରି ଫେରିବାଯାଏଁ ସେମାନେ ସେଇମିତି ପହରା ଦଉଥିବେ । ସେମାନଙ୍କ ଭିତରୁ ଜଣେ ଆପଣମାନଙ୍କୁ ଖୁବ୍ ସୁବିଧାରେ କପିଲୀ ପାରିକରିଦେବ ଏବଂ ଫେରିବାର ସୁବିଧା ପାଇଁ ଠିକଣା ଜାଗାରେ ନାଆଟା ରଖି ଆସିବ । ଜାଗାଟା ବଙ୍ଗାଳୀଘାଟଠୁ ପୂର୍ବକୁ ସିଧା-ସିଧାରେ ଦୁଇମାଇଲ ହେବ । ସେମାନେ

ଲୁଗୁଣିଆ ବାଟଟେ ବି ଫିଟେଇଦେଇଛନ୍ତି । ବଙ୍ଗାଲୀ ଗାଁକୁ ଆମେ ଯାଇଥିଲୁଁ । ଗାଁଟା ମଇମନସିଂହିଆ ଓ ନମଃଶୂଦ୍ର ଲୋକଙ୍କ ବାସସ୍ଥାନ । ଖୁବ୍ ସରଳ ଲୋକଗୁଡ଼ାକ । ଗୋବର୍ଦ୍ଧନ ପର୍ବତର ଠିକ୍ ତଳକୁ ଗାଁଟା । ଆମ ଜାଗା ଉପରୁ ଫେରିବାକୁ ସେଠିକୁ ସିଧା ଏକ ଦୁର୍ଗମ ପଥ ଅଛି । ସେ ବାଟରେ ବାଘ, ବଣୁଆ ହାତୀ ପାଣି ପିଇବାକୁ ଗଡ଼ନ୍ତି । ଫେରିବାବେଳେ ମଣିପଚିଲି-ବାଟ ଛାଡ଼ି ଜନ୍ତୁଙ୍କ ଚାଲିବାଟରେ ଫେରିବାକୁ ପଡ଼ିବ ।... ମୋତେ ଏତିକି କାମ ଦିଆହୋଇଥିଲା । ମୁଁ ତାକୁ ତୁଲେଇଦେଇଛି, ବାକୀଟା ମାଣିକ ବରି କରିବ । ମୋର ଆଉ ବି ଗୋଟେ କାମ ଥିଲା କରିବାକୁ । ବାଟ କଢ଼େଇନବା ଓ ବାଟ କଢ଼େଇଆଣିବା ଯେ କାମଟା ଆହ୍ଲନା କୁଅଁର କରନ୍ତି । କଣ କହୁଚନ୍ତି ?"

ଗୋସେଇଁ ଉତ୍ତର ଦେଲେ—"ଆହ୍ଲନା କଥା ମୁଁ ବି ଭାବୁଚି । ଧନପୁର କହୁଥିଲା, ତାଙ୍କୁ ଆଶ୍ରମକୁ ପଠେଇବାକୁ; କିନ୍ତୁ ପଠେଇଲା ନାହିଁ । ଗୋସେଇଁଆଣୀ ହେରିକାଙ୍କୁ ଭଗବାନ ଭରସା ହୁଅନ୍ତୁ ।"

× × ×

ଅଳ୍ପ ଆଗରୁ ନିଜ ନିଜର କାମରେ ବାହାରିଯାଇଛନ୍ତି ଜୟରାମ, ମାଣିକ ବରି ଓ ଆହ୍ଲନା କୁଅଁର । ରୂପନାରାୟଣ ଓ ଧନପୁର ଗଳ୍ପରେ ମଗ୍ନ । ଗୋସେଇଁ ମକରଧ୍ୱଜ ଗୋଳେଇବାରେ ରତ । ମଝିରେ ମଝିରେ କାଶ ଉଠୁଛି । ଏଭଳି ଏକ ଗୁପ୍ତ ଧ୍ୱଂସ-କାର୍ଯ୍ୟରେ ନୀରବତା ବିଶେଷ ଭାବେ କାମ୍ୟ । କାଶଟା ଯଦି ଏମିତି ଲାଗି ରହେ, ତେବେ ତ ବିପଦ ! ଶତ୍ରୁପକ୍ଷ ଭେଦ ପାଇଯିବେ ଯେ !

କାଲିକି କିଏ କି କାମ କରିବେ ସେ ଆଲୋଚନା ଧନପୁର ହେରିକା କରିନେଇଛନ୍ତି । ପ୍ରକୃତରେ ଦେଖିବାକୁ ଗଲେ କାମର ଭାଗବଣ୍ଟା ସମାଧାନ ହୋଇଯିବା ଅର୍ଥ ଅଧାକାମ ହୋଇଗଲା ବୋଲି ଧରିବାକୁ ହେବ । ଧନପୁର କହୁଥିଲା—କୁଅଁରକୁ ବାଟ କଢ଼େଇବା ଭାର ଦେଲେ ବିପଦ ଅଛି । ଅଫିମ କୌଟଟାକୁ ଏଇଠି ଥୋଇଦେଇ ଯିବାପାଇଁ କହିବାକୁ ହେବ ତାକୁ । ନହେଲେ ଅଫିମ-ନିଶାରେ ଯଦି ବସିଯାଏ, ସର୍ବନାଶ ।

ରୂପନାରାୟଣ ହସିଲା । କହିଲା—"ସେଇଟା ସତ କଥା ··· କିନ୍ତୁ ଏବେ ଅଫିମ ଖାଇବାକୁ ସମୟ କାହିଁ ଯେ !"

ଧନପୁର କହିଲା—"ନଖାଇବାଟା ଅଲଗା କଥା । କିନ୍ତୁ ଖାଇ କାମରେ ଗଫଲତି କଲେ ବିପଦ ।" କହୁ କହୁ ବିଡ଼ିଟାଏ ଲଗେଇ, କାହୁକୁ ଆଉଜି ଆରାମରେ ଧୂଆଁ ଟାଣିଲା ଧନପୁର ।

ଭିଭିରାମ କହିଲା—"'ତା' ଅବଶ୍ୟ ହେବ । ତେବେ ବର୍ତ୍ତମାନ କାମ ବିଷୟକୁ ଆସିବା । ମଧୁ ଆମକୁ ସବୁକଥା କହିଛି । ଯିବାବେଳେ ଆମକୁ ଉଗାରୁ ହୋଇ ପାନବାଡ଼ୀ ଓ ପାନ ଖାଇଘାର ମଝିରେ ଯାଇଥିବା ରେଲରାସ୍ତା ଯୋଡ଼ାଣିରେ ଉଠିବାକୁ ହେବ । ସକାଳୁ ସକାଳୁ

କଲଂ ପାରିହେବା । ବାଟରେ କୋଉଠି ଗୋଟେ ଜାଗାରେ ଭାତ ଖାଇନବା । ଗୋସେଇଁଙ୍କର, ମୋର ଓ ଆପଣଙ୍କର ଗଣ୍ଠିଲିରେ ବାନ୍ଧି, ଡାଲି-ଚାଉଳ ଅଛି । କାଠ ତ ଜଙ୍ଗଲରେ ପାଇବା । କିଛି ଲୁଣ ଓ ଆଳୁ ଧରିବାକୁ ହେବ ସାଙ୍ଗରେ । ଭୂମିକୁ କହିଛି । ସେ ଏବେ ଆଣିଦେଇଥିବ ।···ତେବେ ଭାତ ଖାଇବା ଜାଗାଟା ଏଯାଏଁ ଠିକ୍ କରାଯାଇନାହିଁ ।”

ଏତକ କହି ଭିଭିରାମ ବି ପକେଟରୁ ବିଡ଼ିଟାଏ ବାହାର କରି, ନିଆଁ ଧରାଇ କାନ୍ଥକୁ ଆଉଜିପଡ଼ିଲା ।

ଗ୍ରେଟ କୋଠଟାଏ । ଭୂମି ଓ ତାଙ୍କ ଘରେ ଆଉ କେହି ନାହାନ୍ତି; ଲୋକମାନେ ଘରକୁ ଯାଇଛନ୍ତି ଭୋଜି ଖାଇବାକୁ ଓ ନାଚକୁ । ବଙ୍ଗଲା-ପର୍ବର ଶେଷଦିନ ଆଜି । ରାତି ପାହିବାକୁ ଅଉ ବେଶି ଡେରି ନାହିଁ । ଗଣ୍ଠିଲି ସଜଡ଼ା ସରିଛି । ଢୋଲ ଓ ଶିଙ୍ଗାର ଶବ୍ଦ ବନ୍ଦ ହେବା ପୂର୍ବରୁ ଏମାନେ ବାହାରିପଡ଼ିବା ଉଚିତ । ଉତ୍ସବ ଶେଷଯାଏଁ ରହିପାରିବେ ନାହିଁ ଏମାନେ । ଭୂମି ଅପିଲମାନେ ଏମାନେ ବାହାରିପଡ଼ିବେ । ଆପଣା କୁଅଁର ନେପାଳୀ ଗାଁରୁ ବାହାରେ ବାହାରେ କପିଲୀ-ଘାଟକୁ ଯିବ । ଏଇଭଳି ଭାବେ ଯାତ୍ରାର ଯୋଜନା ହୋଇଯାଇଛି ।

ଗୋସେଇଁ ମକରଧ୍ୱଜ ଗୋଳେଇବା ଶେଷକରି ଖାଇନେଲେ । ତା'ପରେ ଧନପୁରକୁ କହିଲେ—“ଧନପୁର ! ଟିକିଏ ନିଆଁ ଧରାଇଲ ବାପ ! ଦେହଟାକୁ ଟିକିଏ ସେକ ନଦେଲେ ଭଲ ଲାଗିବନାହିଁ । ଟିକିଏ ଉତ୍ତାପ ଦରକାର ହଉଚି ।”

ଧନପୁର ବସିବା ଜାଗାରୁ ଉଠିଯାଇ ଭିତରୁ କାଠ ଆଣି ନିଆଁଶାଳରେ ନିଆଁ ଜଳେଇ-ଦେଲା । ଶୁଖିଲା କାଠ ଯୋଗୁଁ ନିଆଁ ହୁ-ହୁ ହୋଇ ଜଳିଲା । ଗୋସେଇଁ ନିଆଁ ପାଖକୁ ଆସିଲେ । ପିଢ଼ାଖଣ୍ଡେ ଟାଣିଆଣି ବସିଲେ । ତା'ପରେ ଛାତିରୁ ଚାଦର କାଢ଼ି ଦେଇ ଖୋଲା ଛାତିକୁ ସେକିବାକୁ ଲାଗିଲେ ।, ସେକାସେକ କରୁ କରୁ ଘରଆଡ଼କୁ ଲକ୍ଷ୍ୟ କରୁଥିଲେ ସେ । ରୂପନାରାୟଣ ଓ ଧନପୁରର ବନ୍ଧୁକ ଦି'ଟା ସେ ଦୁହିଁଙ୍କ ବସିବା ମଝିରେ ଥୁଆହୋଇଛି । ଦୁଇଦିନ ସକାଳେ ବନ୍ଧୁକ ଦି'ଟା ଦେବାକୁ ଲୋକମାନେ ରାଜି ହୋଇଛନ୍ତି । ବାଘ ମାରିବା ପୁରସ୍କାର । ଲମ୍ବୁରାମର ବନ୍ଧୁକଟା ମଧ୍ୟ ଶୋଇଥିବା ବିଛଣାରେ ପଡ଼ିଛି । ତିନିଟାଯାକ ବନ୍ଧୁକ ଠିକ୍ ଅଛି । ଦରକାର ହେଲେ ଯୋଡ଼ା ଟିପିଲେ ହେଲା । ପୋଲିସ ଯେ କୋଉ ମୁହୂର୍ତ୍ତରେ କେଉଁଠି ଆସି ପହଞ୍ଚିଯିବେ ସେଥିରେ ଆଶ୍ଚର୍ଯ୍ୟ ହେବାର ନାହିଁ । ତେଣୁ ସାବଧାନରେ ରହିବା ଭଲ ।···ଏବେ ଖାଇସାରି ସମସ୍ତେ ବିଶ୍ରାମ ନଉଛନ୍ତି ।···

ହଠାତ୍ ଗୋସେଇଁ କହିଉଠିଲେ—“ମୁଁ କଣ ଭାବୁଛି ଜାଣ, ଧନପୁର ?”

—“କଣ ?”

—“ଆମେ ଘଟଣାସ୍ଥଳୀର ପର୍ବତ ତଳେ ସକାଳ ହେବା ଆଗରୁ ପହଞ୍ଚିବା ଦରକାର । ମଧୁ କହିବା ମୁତାବକ ପହରାଦାର ଘଣ୍ଟାକୁ ଘଣ୍ଟା ବଦଳି ହୁଅନ୍ତି । ତଥାପି ସେମାନଙ୍କର

ଗତିବିଧି ଲକ୍ଷ୍ୟ କରିବାକୁ ପଡ଼ିବ । ଅନ୍ତତଃ ପ୍ରଥମେ ଘଣ୍ଟେ ଦୁଇଘଣ୍ଟା ପାଇଁ । ...ଠିକ୍ ମାଛଅନ୍ଧାରବେଳେ ତଳକୁ ଓହ୍ଲେଇ ଫିସପ୍ଲେଟ ଖୋଲିବାକୁ ହେବ । ଫିସ୍‌ପ୍ଲେଟ ଖୋଲିସାରି ଆମେ ପୁଣି ପର୍ବତ ଉପରକୁ ଉଠିବା । ଆହୁରି କୁଅଁର ଆମକୁ ବାଟ କଢ଼େଇ ଆଣିବ କପିଳୀ ଘାଟଘାର୍ଟ । ଟ୍ରେନ୍‌ଟା ଠିକ୍ ସାତଟା ବେଳେ ଆସିବ । ଏଣୁ ଆମ କାମଟା ହେବ ଛ'ଟା ବେଳକୁ । ମୁଁ ଭାବୁଛି, ମଧୁ ଗୋଟେ ଗଛରେ ଚଢ଼ି ପହରାଦାରଙ୍କ ଗତିବିଧି ଲକ୍ଷ୍ୟ କରୁଥିବ । କେହି ଆସିବା ଲକ୍ଷ୍ୟକରିବା ମାତ୍ରେ ସେ ସୁସୁରି ମାରି ସଙ୍କେତ ଦେବ । ଫିସପ୍ଲେଟ ଖୋଲିବା କାମର ବେଶି ଭାଗ ଦାୟିତ୍ୱ ତୁମର । ରେଞ୍ଚ, ବଟାଳି ହାତୁଡ଼ି ଇତ୍ୟାଦି ଭଲଭାବେ ସାଇତି ରଖିଚ ତ ?" କହୁ କହୁ ପୁଣି ଭୁଲରେ ସେକଦେଲେ ଗୋସେଇଁ ।

ଧନପୁର କହିଲା—"ସେ ବାବଦରେ ଆପଣ ଚିନ୍ତା କରନ୍ତୁନାହିଁ । ସେସବୁ ସରଞ୍ଜାମ ମୁଁ ଠିକଭାବେ ରଖିଛି । ରୂପନାରାୟଣଙ୍କ ହାତରେ ବି ରେଞ୍ଚ ଅଛି । ସେ ମୋ ସାଥିରେ ରହି ଆଉଗୋଟେ ଫିସପ୍ଲେଟ ଖୋଲିବେ ।"

ହଠାତ୍ ରୂପନାରାୟଣ କହିଲା—"ମୁଁ ତ ଫିସପ୍ଲେଟ ଖୋଲିବାକୁ ଯିବିନାହିଁ, କାରଣ ବନ୍ଧୁକ ମାରି ଜାଣିବା ଲୋକ କମ୍ । ମୁଁ ବନ୍ଧୁକ ଧରି ଲାଇନ ଉପରେ ପହରା ଦେବି । ଭିଭିରାମ ଖୋଲିପାରିବେ ନାହିଁ ?"

ଭିଭିରାମ କହିଲା—"ପାରିବି । ନ ପାରିଲେ ପୁଣି ହବ କେମିତି ? ମୁଁ ଧନପୁରଠୁ ସବୁକିଛି ଶିଖି ନେଇଛି । ମୁଁ ନିଶ୍ଚୟ ପାରିବି । ତୁମେ ଖାଲି ରେଞ୍ଚ, ହାତୁଡ଼ି ଆଉ ବଟାଳି ଦିଅ । ଏବେ ଦେଇଦିଅ । ମୁଁ ମୋ ଗଣ୍ଠିଲିରେ ରଖିଦିଏ । ମେ କାମକୁ ପଛକୁ ରଖିବାନାହିଁ ।"

ପିଢ଼ା ଦୁଇଖଣ୍ଡକୁ ଯୋଡ଼ି ତାରି ଉପରେ ଗଡ଼ିଥିଲା ରୂପନାରାୟଣ । ମୁଣ୍ଡ ଉପରେ ଦାୟିତ୍ୱ ସାଙ୍ଗକୁ ମଶାଙ୍କ ଗୁଣୁଗୁଣୁ ତାନ । ନିଦ ହଉଚି କେତେବେଳେ ! କେବଳ ବିଶ୍ରାମ ସକାଶେ ଲମ୍ବ ହେଇ ପଡ଼ିଥିଲା । ଭିଭିରାମର କଥା ଶୁଣୁଶୁଣୁ ସେ ଧଡ଼ପଡ଼ ହେଇ ଉଠପଡ଼ି ନିଜ ଗଣ୍ଠିଲିରୁ ଗୋଟେ ବଡ଼ ରେଞ୍ଚ, ହାତୁଡ଼ି ଆଉ ବଟାଳିଟା କାଢି ଭିଭିରାମକୁ ବଢ଼େଇଦେଲା ।

ଭିଭିରାମ ସେସବୁକୁ ଗଣ୍ଠିଲିରେ ଭରିନେଲା ।

ରୂପନାରାୟଣ ପୁଣି ଯାଇ ଗଡ଼ିଗଲା ସେଇ ପିଢ଼ା ଉପରେ । ମନ ଭିତରେ ତାର ପ୍ରବଳ ଆଲୋଡ଼ନ ।

ଗୋସେଇଁ କହିଲେ—"ମୁଁ ହୁଏ ଅବା ମାଣିକ ବରା ହଉ, ଆମ ଦୁହିଁଙ୍କ ଭିତରୁ ଯିଏ ହେଲେ ଜଣେ ଏଇ ବନ୍ଧୁକଟାକୁ ଚଳେଇବାକୁ ହେବ । ମୁଁ ଭାବୁଚି ମାଣିକ ବରା ଅପେକ୍ଷା ମୁଁ ଅଧିକ ଯୋଗ୍ୟ ହେବି ସେ କାମ ପାଇଁ । କାରଣ ମୁଁ ବନ୍ଧୁକ ଚଳେଇ-ଜାଣେ; ବରଂ ମାଣିକ ବରା ଘଟଣାସ୍ଥଳୀକୁ ନଯାଇ ନେପାଳୀଙ୍କ ସାଥିରେ ଥିବ । ଏବେ କାମର ଭାଗବଣ୍ଟା ସରିଲା । ଈଶ୍ୱର ଇଚ୍ଛାକଲେ ଆମେ ନିର୍ବିଘ୍ନରେ କାମଟିକୁ

ଭୁଲେଇନେବା । କିନ୍ତୁ ତା' ପରେ ପରେ ନିଆଁରେ ଧାସଦେବାର ଆଶଙ୍କାଟା ଅଧିକ । ନା କଣ କହୁଚ ରୂପନାରାୟଣ ?"

ରୂପନାରାୟଣ ସେମିତି ଶୋଇ ଶୋଇ ଉତ୍ତର ଦେଲା—"ହଁ, ମୁଁ ବି ସେଇଆ ଭାବୁଚ । ଏଇ କାମଟା କରିବାପରେ ଫେରି ପଳେଇବା ସମ୍ଭବ ନୁହେଁ । ମାସ୍ୟଂ ଆଡ଼େ ତ ଯାଇ-ପାରିବା ନାହିଁ । ମିଲିଟାରୀ ଲୋକେ ଲଗିପଡ଼ି ଖୋଜୁଛନ୍ତି । ଗୌହାଟୀ ଯିବା ବାଟ ଅତି ଦୁର୍ଗମ । ବଣ-ଜଙ୍ଗଲରେ ପଶି ଲୋହିତ କୂଳେ କୂଳେ ଯାଇହବ । କିନ୍ତୁ ତା' ପରେ ? ଚାରିଆଡ଼େ ମିଲିଟାରୀ । ତା ଛଡ଼ା ପଳେଇଯିବାରେ ଯେ କି ଲାଭ ହେବ, ସେ କଥା କହି-ହବନି ।...ଆମର ଯାହା ଦରକାରୀ କାଗଜପତ୍ର ସେସବୁକୁ କିମି ପାଖରେ ରଖିଯିବା ଉଚିତ । ସେ ଯେନତେନ ପ୍ରକାରେଣ ନେଇ ନଗାଁଓ ଅଫିସରେ ଦେଇଦେବ । ଗୋଟେ କଥା ଖୋଲାଖୋଲି ଭାବେ କହିଦେଲେ ଭଲ ହେବ । ମାଲୟ, ବର୍ମା ଆଦି ସ୍ଥାନରୁ ବ୍ରିଟିଶ ଲୋକେ ଯେମିତି ଭାବେ ତଡ଼ାଖାଉଛନ୍ତି, ଠିକ୍ ସେମିତି ଭାବେ ଏଠୁ ସେମାନଙ୍କୁ ତଡ଼ିବାକୁ ହେବ । ତା' ଛଡ଼ା ଗାଁଗଣ୍ଡାରୁ ଯୁବକମାନଙ୍କୁ ବାହାର କରି ଗରିଲା ଫଉଜ ଗଢ଼ି ମିଲିଟାରୀ ଶକ୍ତିକୁ ପଦେ ପଦେ ବାଧା ଦେବାକୁ ହେବ; ନ ହେଲେ ବିଶେଷ କିଛୁ କରି-ପାରିବା ଭଳି ଆଶା ଦେଖାଯାଉନାହିଁ । ଏତେଦିନ ହେଇଗଲାଣି ପଛେ, ଆଇ.ଏନ୍.ଏ. ସହିତ ଆମେ ଯୋଗାଯୋଗ କରିପାରିଲେ ନାହିଁ ।"

ଏତେବେଳ ଯାଏଁ ବିଡ଼ି ଟାଣି ଟାଣି ଧନପୁର, ରୂପନାରାୟଣର କଥାଗୁଡ଼ା ଶୁଣିଯାଉ-ଥିଲା । ହଠାତ୍ କହିଲା—"ମୁଁ କଣ ଭାବୁଚି ଜାଣ ରୂପନାରାୟଣ ?"

—"କଣ ?"

—"ଆମେ ତ ଅହିଂସା ଅହିଂସା କରି ମଲେ । ତା' ଛଡ଼ା ଜେଲ୍‌ରେ ପଶି କଣ ହବ ? ଏମିତିକା ନେତାଙ୍କ ହାତରେ ଶାସ ସିଝିବ ନାହିଁ ।"

କିଛି ସମୟ ନୀରବ ରହିଲେ ସମସ୍ତେ । ତା'ପରେ ରୂପନାରାୟଣ ଉଠିବସିଲା ଏବଂ ଧନପୁର ମୁହଁକୁ ଅନେଇ କହିଲା—"ମୋର ବି ସେଇ ଧାରଣା । ଜୟପ୍ରକାଶ ନାରାୟଣ ଜେଲ୍‌ରୁ ପଳେଇଯାଇ ଖୁବ୍ ଭଲ କରିଛନ୍ତି । ଲୋହିଆଙ୍କର "ବିପ୍ଳବୀ ସକଲ୍ ଆଗ ବାଢ଼ିବ ଲଗେ" (ବିପ୍ଳବୀମାନେ ଆଗେଇଯିବା ଉଚିତ) ପ୍ରବନ୍ଧଟି ପଢ଼ି ମୋର ଏଇ ଧାରଣା ଆହୁରି ଦୃଢ଼ ହୋଇଛି । ସମସ୍ତ ଖୁବ୍ ଖରାପ । ଅନେକ ପୁଅଝିଅ ସ୍କୁଲ-କଲେଜକୁ ଫେରିଆସିଲେଣି । ଗୌହାଟୀ, ନଗାଓଁ, ଜୋରହାଟ, କଲିକତା ଆଦି ସହରରେ ଲୋକମାନେ ଆଗଭଳି କାମ କରିବା ଆରମ୍ଭ କଲେଣି । ଶ୍ରମିକମାନେ କଳକାରଖାନା ଚଳେଇଲେଣି । ଏମାନଙ୍କୁ ଯଦି ବିପ୍ଳବ ଭିତରକୁ ପୁଣି ଟାଣି ନିଆ ନ ଯାଏ, ତେବେ ଏ ଆନ୍ଦୋଳନ ସଫଳ ହୋଇ ପାରିବ ନାହିଁ । ଏ ଯାଏଁ ଆମେ ଯାହା କିଛି କଲେ, ସେସବୁ ପିଲାଖେଳ ମାତ୍ର । ଯଦି ଏଠୁ କିଛି ବଡ଼ କାମ କରି ପାରିଲେ ଯାଇ କିଛି ଗୋଟେ ହୋଇପାରେ ।

ଗୋସେଇଁ କହିଲେ—"ଆମେମାନେ ସୈନିକ । ସେନାପତିମାନେ କଣ ଆଦେଶ ଦେବେ ସେଇଥିକୁ ବାଟ ଚାହିଁ ବସିବାକୁ ହେବ ।"

ଧନପୁର ରାଗିଗଲା । କହିଲା—"ସେନାପତିମାନଙ୍କ ଭିତରୁ କେହି ଜଣେ ବି ଯୁଦ୍ଧ-କ୍ଷେତ୍ରରେ ନାହାନ୍ତି; ସମସ୍ତେ ଜେଲ୍‌ରେ ପଶିଛନ୍ତି । ଯଦି ସେନାପତିମାନେ ଯୁଦ୍ଧକ୍ଷେତ୍ରରେ ନ ରହିବେ, ତେବେ କଣ ଆଉ କରିପାରିବେ ସେମାନେ ? ତେଣୁ ସେମାନଙ୍କ ଆଦେଶକୁ ଅପେକ୍ଷା କରିବାର ଅର୍ଥ କଣ ? ବରଂ ଯୁଦ୍ଧକ୍ଷେତ୍ରରେ ଉପସ୍ଥିତ ସୈନିକମାନେ ଯେଉଁ ସିଦ୍ଧାନ୍ତ କରିବେ, ତାକୁ ସେନାପତିମାନେ ମାନିନବାକୁ ବାଧ୍ୟ । ନା କଣ କହୁଛନ୍ତି ?"

ରୂପନାରାୟଣ କଣ କହିବାକୁ ଯାଉଁଥିଲା । ମାତ୍ର ଠିକ୍ ସେତିକିବେଳେ ଦୁଆର ଖୋଲି ପଶି ଆସିଲା ଡିମି । ହାତରେ ତାର ଗୋଟେ ବୋଝ—ହଳଦୀ, ଲୁଣ ଇତ୍ୟାଦି ଇତ୍ୟାଦି । ବୋଝଟାକୁ ଗୋସେଇଁଙ୍କ ସାମନାରେ ଥୋଇ ଦଉ ଦଉ ବଡ଼ ବ୍ୟସ୍ତ ବିବ୍ରତ ସ୍ୱରରେ କହିଲା —"ପୋଲିସ···ପୋଲିସ୍ ଆସି ପହଞ୍ଚିଲେଣି ।" ମୁହଁଟା ତାର ବଡ଼ ବିବର୍ଣ୍ଣ ହେଇଗଲା ।

—"କେତେଜଣ ?"

—"ଚାରିଜଣ ।···ତମେମାନେ ଏଠୁ ଚଞ୍ଚଳ ପଳାଅ । ବାଡ଼ିପଟେ ବାଟ ଅଛି । ଚାଲ, ମୁଁ ଦେଖେଇଦେଇ ଆସିବି । ଏଠି ରହିଲେ ନିଶ୍ଚୟ ଧରାପଡ଼ିବ···।"

କାହାରି ତୁଣ୍ଡରେ କଥା ନାହିଁ । ନିଜ ନିଜର ଗଣ୍ଠିଲି-ବୁଜୁଲି ଧରିନେଲେ । ମଧୁକୁ ଉଠେଇଦେଲେ । ଆଖି ମଳିମଳି ଉଠିଲା ମଧୁ । ଏମାନଙ୍କ ତତ୍ପରତା ଦେଖି ଆଶ୍ଚର୍ଯ୍ୟ ହେଲା ସେ । ପଚାରିଲା—"ଯିବାବେଳ ହେଇଗଲା କି ପ୍ରଭୁ !"

—"ହଁ । ପୋଲିସ୍ ଆସି ପାଇଗଲେଣି । ଚଞ୍ଚଳ ବାହାରିପଡ଼ ।"

ଧଡ଼ପଡ଼ ହୋଇ ଉଠିପଡ଼ିଲା ମଧୁ । ···ଦପ୍ ଦପ୍ ହେଇ ଜଳୁଥିବା ନିଆଁକୁ ଲିଭେଇ-ପକେଇଲେ ଗୋସେଇଁ । କେବଳ ପାଉଁଶ ନିଆଁ ଧକ୍ ଧକ୍ କରୁଥିଲା ।

ସମସ୍ତେ ବାହାରିବାକୁ ସଜହେଲାବେଳେ ରୂପନାରାୟଣ ନିଜ ପକେଟରୁ କେତେଗୁଡ଼ାଏ କାଗଜପତ୍ର ବାହାର କରି ଡିମି ହାତକୁ ଦଉ ଦଉ କହିଲା—"ଡିମି, ଗୋଟେ ବଡ଼ ଦାୟିତ୍ୱ ତୋ ଉପରେ । ତୁ ଏଇ କାଗଜପତ୍ରଗୁଡ଼ିକ ନେଇ ଆମ ନଗାଓଁ ଅଫିସରେ ପହଞ୍ଚେଇଦବୁ । ଖୁବ୍ ସାବଧାନ କରୁ ।"

—"ତମର ଅଫିସ ଘର କୋଉଠି ?"

—"କଲଂ କୂଳରେ ବରୁଆଙ୍କ ଘର । ସେଇଠି ନେଇ ଦବୁ । ଆଉ···ଶୁଣ, ବରୁଆଙ୍କୁ 'ରୂପ' ଦେଇଛୁ ।"

କାଗଜପତ୍ରଗୁଡ଼ିକ ବଡ଼ ଯତ୍ନରେ ନେଇ ଶୋଇବାଘର ପେଡ଼ିରେ ରଖିଦେଲା ଡିମି । ତା ପରେ ଆସି ପଚାରିଲା—"ବରୁଆ କହିଲେ···ଆମେ ନଗାଓଁ ଗଲେ ଯାହା ଘରେ ରହୁଁ, ସେଇତ ?"

—"ହଁ ।"

—"ତେବେ ପାଗିବ । ହଉ, ତମେମାନେ ଆଉ ଡେରି କରନା । ବାହାରିପଡ଼…"

ଡିମି ନିଆଁଶାଳରୁ କାଠଗୁଡ଼ିକ ନେଇ ଘରର ଗୋଟେ କୋଣରେ ରଖିଲା । ଗୋସେଇଁ, ରୂପନାରାୟଣ ଏବଂ ମଧୁ ଉନହେଁ ଉଦନଟା ବନ୍ଧୁକ କାନ୍ଧରେ ଝୁଲେଇନେଲେ । ଧନପୁର ନଜର ଟଣ୍ଟୁଲିଟି ଧରି ଠିଆହେଇପଡ଼ିଲା । ଭିଭିରାମ ବି ସଜହେଲା ।

ହଠାତ୍ ଡିମି କହିଲା—"ଧନପୁର ! ତୋତେ ଗାଭ୍ରେ କମିଜଟା ଦେବି ବୋଲି କହିଥିଲି ନା ? ଟିକିଏ ରହ । ମୁଁ ଆଣିଦଉଚି ।" କହି କହି ଭିତରକୁ ଗ୍ଲଲଗଲା ଡିମି ।

ପୁଣି ସଙ୍ଗେ ସଙ୍ଗେ ଗ୍ଲଲଆସିଲା ଡିମି । ହାତରେ ତାର ଗାଭ୍ରେ କାମିଜଟାଏ । ସିଧା ଧନପୁର ନିକଟକୁ ଗ୍ଲଲଆସି କାମିଜଟି ପିନ୍ଧେଇଦେଲା ଧନପୁରକୁ । ପିନ୍ଧଉ ପିନ୍ଧଉ ପଗ୍ଲରିଲା —"ତୁ ପୁଣି ଆସିବୁ ନା ?" ଆଖି ଛଳଛଳ ହେଲା ଡିମିର । ଘର କାନ୍ଥର ଫଟା ସୁଡ଼ଙ୍ଗ ଦେଇ ଝରିଆସୁଥିବା ଜହ୍ନ-ଆଲୁଅରେ ଝିଲମିଲ କରୁଥିଲା ତା ଆଖିର ଟଳଟଳ ପାଣି ।

—"ଆସିବ । ନିଶ୍ଚୟ ଆସିବ ।…ଯଦି ଆସି ନପାରେ, ତୁ କିନ୍ତୁ ନିଶ୍ଚୟ ଯାଇ ସୁଭଦ୍ରାକୁ କହିବୁ । କହିବୁ ମୋ ସପନ କଥା । ମନେ ଅଛି ନା ? …ଆଉ ହଁ, କନ୍ଦମୂଳ, କମଳା ଆଉ ଭଲ ସିଗାରେଟ୍ ଆଣି ରଖିଥିବୁ । ଗ୍ଲରଟେ ଏଠି ରହି ଖାଇପିଇ ଶୋଇବ ।…କିନ୍ତୁ ଖବରଦାର୍ କନ୍ଦାକଟା ଯେମିତି ନକରୁ…।"

ଡିମିର ଅଖିଲୁହ ଖସିଲା । କିନ୍ତୁ ଘରର ମ୍ଲାନ ଆଲୋକରେ କେହି କାହା ମୁହଁକୁ ଭଲ ଭାବେ ଦେଖିପାରିଲେ ନାହିଁ । ଶୁଭିଲା କେବଳ ଡିମିର ସୁଁ-ସୁଁ କାନ୍ଦଣା ।

ଧନପୁର ଧମକ ଦେଇ କହିଲା—ଡିମି ! ଇଏ କଣ ? କଣ ଗ୍ରେଟ ଛୁଆଟେ ନାଁ କଣ ?

ସକେଇ ସକେଇ ଡିମି କହିଲା—"କଣ କରିବ ରେ ! ପ୍ରାଣଟା ସହିପାରୁନାହିଁ । କ କାମଟା ତୁ ନଧରିଲୁ ସତେ !"

—"କାମ ସମସ୍ତଙ୍କର ଏକା । କୋଉ କାମରେ ମରିବାର ସୁଯୋଗ ବେଶୀ ତ କୋଉଥିରେ କମ୍ । ତେଣୁ ତୁ ମୋ ପାଇଁ ଦୁଃଖ କରନା…।"

ଗୋସେଇଁ ବଡ଼ ଚଞ୍ଚଳ ହୋଇପଡ଼ିଲେ । ଡିମିକୁ ଲକ୍ଷ୍ୟ କରି କହିଲେ—"ମାଣିକ ବରା ହେରିକାଙ୍କୁ ଚଞ୍ଚଳ ଖବର ଦେ ଡିମି ! ସେମାନେ ଘାଟକୁ ଗଲେଣି କି ନାହିଁ କେଜାଣି…।"

ଆଖିରୁ ଲୁହ ପୋଛୁ ପୋଛୁ ଡିମି ସଂଯତ ହେଲା । ଗୋସେଇଁଙ୍କୁ କହିଲା—"ମୁଁ ଯାଉଛି ଖବର ଦେବି ।…ତୁ କିନ୍ତୁ ଜାଣିଥା ଗୋସେଇଁ, ଟିକିଏ ବିଳମ୍ବ ହେଲେ କଲଂ ପାରିହେବା ମୁସ୍କିଲ ହୋଇପଡ଼ିବ । ସେ ପାଜିଗୁଡ଼ାକ କଲଂଘାଟ ଉପରେ ଆଖି ପକାଇଲେ କଥା ଶେଷ । ମୁଁ ଗୋଟେ ବୁଦ୍ଧି କରି ଆସିଛି । ପୋଲିସଗୁଡ଼ାକୁ ଖାଇବାରେ ବସେଇ ଦେଇ

ଗ୍ଭଲଆସିଛୁ । ଖାଇବା ଆଉ ନାଚ ଦେଖିବାରେ ସେମାନେ ଯଦି ଘଡ଼ିଏ ବସିଯାଆନ୍ତି, ତେବେ ତୁମମାନଙ୍କର ଆଉ ଚିନ୍ତା ନାହିଁ । ସେଇ ଘଡ଼ିକ ଭିତରେ ତୁମେମାନେ ପାର-ହୋଇଯିବ ।...ଆଉ ଜାଣିଚ୍ କି ନା, ମଦ କଲସୀଏ ବି ସେମାନଙ୍କ ପାଖରେ ଥୋଇଦେଇ ଆସିଛୁ... ।"

କେବଳ ଡିମିର ବୁଦ୍ଧିର ପରିଚୟ ପାଇଁ ନୁହେଁ, ସେମାନଙ୍କ ଆଡ଼କୁ ସେ ଚଳପଡ଼ିଥିବା ଦେଖି ସମସ୍ତେ ମୁଗ୍ଧ ହୋଇଗଲେ ।

ଡିମି ଘରବାଡ଼ିକୁ ଜଙ୍ଗଲ ଲାଗିଛି । ଆଗେ ଆଗେ ଗ୍ଭଲିଲା ଡିମି । ଦେହରେ ତାର ଖଣ୍ଡେ ବି ଶୀତଲୁଗା ନାହିଁ । ଏତେ ଜାଡ଼ ଯେ କୁହାନଯାଏ । ଅଣୁଆଏ ସେ । ତାକୁ ଏପରି ଅବସ୍ଥାରେ ଦେଖି ଧନପୁର କହିଲା—"ତୁ ଏଇ ଶୀତରେ ଏମିତି ଏକକାନିଆ ହୋଇ । ଆସିଲୁ ଯେ ! ଜାଡ଼ ଲାଗୁନି ? ତୁ ଏଇ ଗାଞ୍ଜେ ସାର୍ଟଟା ପିନ୍ଧିପକା ।" କହୁ କହୁ ଧନପୁର ଟିକିଏ ଆଗେଇଯାଇ ଡିମିର ଖୁବ୍ ପାଖକୁ ଲାଗିଗଲା । ତା'ପରେ ଡିମିର ପାଦ ସହିତ ପାଦ ମିଳେଇ ଯୋଡ଼ିହୋଇ ଆଗେଇ ଗ୍ଭଲିଲେ ସେ ଦୁହେଁ ।

ଡିମି କହିଲା—"ଇଏ କି ଜାଡ଼ ମ ! ଏମିତିକା କେତେ ଜାଡ଼ ଏଇ ଏକକାନିଆ ଦେହରେ ଯାଇଛୁ । ମୁଁ ଗାଞ୍ଜେ ସାର୍ଟ ପିନ୍ଧିଲେ ଜାଡ଼ର ମୁହଁ ବଢ଼ିଯିବ । ପରେ ପୁଣି କଷ୍ଟ ଲାଗିବ ଦେହରୁ ସେଇଟାକୁ ଖୋଲିବାକୁ ।"

ଜଙ୍ଗଲର ଜାଲ ଭେଦକରି ଜହ୍ନ-ଆଲୁଅରେ ଫୁଲ କେଇଟା ଆସି ଡିମି ମୁହଁରେ ପଡ଼ି ଗ୍ଭୟାଲୋକର ରହସ୍ୟ ସୃଷ୍ଟି କରୁଥିଲା ।

—"ଖୋଲିବୁ କାହିଁକି ? ପିନ୍ଧିଥିବୁ ।" କହି ଗାଞ୍ଜେ ସାର୍ଟଟି ନିଜ ଦେହରୁ ଖୋଲି ଡିମିକୁ ଯାଚିଲା ।

ଡିମି କିନ୍ତୁ ନେଲା ନାହିଁ; ବରଂ ପୁଣି କହିଲା—"ମୋ ପାଇଁ ଭାବିବୁ ନାହିଁ । ଏବେଯାଏଁ ଏ ଦେହଟା ଜାଡ଼, ତାତି, ବରଷାର ପ୍ରଭାବ ରଖିନାହିଁ । ପଛକୁ କଣ ହେବ କହିହେଉନି ।"

ଏତିକିବେଳେ 'ଫେସୁ' ଚଢ଼େଇଟାଏ ରାବି ରାବି ସେମାନଙ୍କ ଉପରଦେଇ ଉଡ଼ିଗଲା । ସେମାନଙ୍କ ମୁଣ୍ଡ ଉପରଦେଇ ଜହ୍ନଟା ଗ୍ଭଲୁଥିଲା ପରି ଲାଗୁଥିଲା । ଧନପୁର କହିଲା—"ଜାଣିଚୁ ନା ଡିମି, ଦୈତ୍ୟନନ୍ଦନ ପାହାଡ଼ରୁ ଗାଧୋଇବା ପୂର୍ବରୁ ବର ଏଇ 'ଫେସୁ' ଚଢ଼େଇର ରାବ ଶୁଣିବା ଦରକାର; ତାକୁ ଦେଖିବା ଦରକାର । କିନ୍ତୁ ଅନେକ ବର ଜାଣନ୍ତି ନାହିଁ କାହିଁକି ଏଇ ଫେସୁକୁ ଦେଖିବା ଦରକାର । ମୁଁ ଜଣେ ବୁଢ଼ାଲୋକଙ୍କଠୁ ଶୁଣିଛୁ, ସେ ଚଢ଼େଇଟା ଘଡ଼ିପରି । ଟୁଟ୍ ଟୁଟ୍ ପାହାନ୍ତାର ଆଗମନୀ ଜଣେଇଦିଏ । ସେ ପୁଣି ଚଢ଼େଇମାନଙ୍କ ଭିତରେ ରଜା । ଆଉ ଜାଣିଚୁ—ବର କାହିଁକି ବାଡ଼ୁଅପାଣି ଗାଧାଏ ? ସେଇଟା ଗୋଟେ ଉତ୍ସବ । ବର ଦେହରେ ଦହି, ଦୁଧ ଲଗେଇଦିଆଯାଏ । ସେଥିରେ ବରର ମଙ୍ଗଳ ହୁଏ ବୋଲି ବିଶ୍ୱାସ...?

ସେଇ ମୁହୂର୍ତ୍ତରେ ବାହାଘର, ବର, ବାଡ଼ୁଅପାଣି ଇତ୍ୟାଦି କଥା ଶୁଣିବାକୁ କାହାର ବି

ଧୈର୍ଯ୍ୟ ନ ଥିଲା । ସନ୍ତୁପ୍ତଙ୍କ ମନ ଯାଇ କଳିଂ ଘାଟରେ—କେମିତି ପାରି ହେଇ ଯିବେ କିଛି ଗୋଟେ ବିପଦର ସମ୍ମୁଖୀନ ହେବା ପୂର୍ବରୁ । ଅବଶ୍ୟ ଡିମି କଥା ଅଲଗା । ତାର ଯଥେଷ୍ଟ ଆଗ୍ରହ ଅଛି ଧନପୁରର କଥାରେ । ଏଣୁ ସେ ହିଁ ଧନପୁରର ଏକମାତ୍ର ଶ୍ରୋତା··· । ମଝିରେ ଡିମି ପଚାରିଲା—"ତୋ ବାହାଘର ଦେଖିବାକୁ ମୋର କିନ୍ତୁ ଭାରି ଇଚ୍ଛା । କାମରୁ ଫେରି ଶୀଘ୍ର ଯୋଗାଡ଼ କରିବୁ ତ ? ···ମୁଁ ଥରେ କାମପୁରର ଗୋସେଇଁ ଘରେ କାହ୍ନାଇ ଜଣଙ୍କର ବାହାଘର ଦେଖିଥିଲି । ବାହାଘରର ଆଗଦିନ ସନ୍ଧ୍ୟା ନ ହଉଣୁ ଯୁବତୀ ଝିଅଗୁଡ଼ାଙ୍କର ଯୋଉ ହସ-ତାମସା ନା···କୋଉ ଟୋକା କୋଉଠି ଶୋଉଛି, କାହା ଦାଢ଼ିରେ ଦହି ବୋଳିଲେ ବେଶି ମଜା ହେବ, ସେ ସବୁର ହିସାବ ସେମାନେ କରୁଥାନ୍ତି । ସୁନ୍ଦରିଆ, ଲହ୍ୱଲହ୍ୱକା ଟୋକାଙ୍କ ଉପରେ ବେଶି ନଜର ସେମାନଙ୍କର । ସେ ଟୋକାଗୁଡ଼ାକ ବି ଭାରି ଆଶା କରିଥା'ନ୍ତି ଯୁବତୀ ଝିଅଙ୍କ ହାତରୁ ଦହି ମେଞ୍ଚେ ଖାଇବେ ବୋଲି । ଇଏ କଣ କମ୍ ଭାଗ୍ୟର କଥା ! କାରଣ ସେ ତ ନିଜେ ଖାଇବ ନାହିଁ; ଯିଏ ଖୁଆଇଦେବ ତାକୁ ପୁଣି ଇଏ ଖୁଆଇଦେବାର ସୁଯୋଗ ମିଳିବ । ଶହାର ଡାକ୍ତରବାବୁଙ୍କ କଥା ଜାଣିଚୁ ନା ? ସେ ସେତେବେଳେ ଡାକ୍ତରୀ ପଢ଼ୁଥିଲେ, ଥରେ ଆସିଥିଲେ ସେଇ ବାହାଘରକୁ । ଯେଉଁ ଝିଅ ତାଙ୍କୁ ଦହି ଖୁଆଇଥିଲା ସେଇ ଝିଅକୁ ପରେ ସେ ଡାକ୍ତର ବାହାହେଇଛନ୍ତି ···।"

ଗୋସେଇଁଙ୍କର କାନ ଶୁଭିଲା । ଇଚ୍ଛା କରି ବି ସେ କାନଟାକୁ ଦବାଇପାରିଲେ ନାହିଁ । ମାର୍ଗଶିର ମାସର ଶେଷ ପ୍ରହର ! କୁହୁଡ଼ି ଜାଲର ଅସଂଖ୍ୟ କଣା ଭିତରେ କଳିଂ କୂଳର ପଡ଼ିଆଟା ଅସ୍ପଷ୍ଟ ଦେଖାଯାଉଥିଲା । କାଠୁରିଆଙ୍କ ଲୁଗ୍ରୁଣିଆ ରାସ୍ତାରେ ଯେଉଁ କାଠର ଗନ୍ଧ ବେଶ୍ ଭାସିଉଠିଲା । ଯୋଡ଼େଇ ହୋଇଥିବା ଏଣ୍ଡିଗୁଦରିଟିକୁ ଆହୁରି ଜୋରରେ ଗ୍ରୀବା-ପାଖରେ ଜାବୁଡ଼ିଧରିଲେ ଗୋସେଇଁ ।···ନୋକ୍‌ମା ଘରର ଢୋଲ-ବାଜାର ଶବ୍ଦ ସେ ଯାଏଁ ବି ପଶୁଥିଲା ସେମାନଙ୍କର କାନରେ ।···ଏ 'ବଙ୍ଗଲି' ଉତ୍ସବ 'ବିହୁ' ଉତ୍ସବ ପରି । ଲୋକେ ନାଚି ନାଚି ଅଗଣା କମ୍ପେଇ ଦିଅନ୍ତି; ପ୍ରତ୍ୟେକ ଏକ ପୂର୍ଣ୍ଣତାର ପରିପ୍ରକାଶ ! ନାରୀ-ପୁରୁଷଙ୍କ ସହଯୋଗରେ ଏଇ ସଂଯମ ନୃତ୍ୟ ଦେଖି ସେମାନଙ୍କର ହୃତ୍କମ୍ପ ହୋଇଥିଲା । କୌଣସି ସମାଜ ଯେ ଏପରିଭାବରେ ଚଳିପାରନ୍ତି, ଏକଥା ସେମାନେ ସ୍ୱପ୍ନରେ ବି ଭାବି ନ ଥିଲେ । ଉଚ୍ଚଜାତିର ସଂସ୍କୃତିରେ ଏପରି ନୃତ୍ୟର ସମର୍ଥନ ନାହିଁ ବା ସ୍ୱାଭାବିକତା ନାହିଁ ।··· ଡିମିର ବି ତ ଏଇ ଟିକିକ ଆଗରୁ ସେଠି ନାଚୁଥିଲା । ଉତ୍ସବମୁଖର ଆନନ୍ଦ ଭିତରେ ନିଜକୁ ସେ ସମ୍ପୂର୍ଣ୍ଣଭାବେ ଢାଳିଦେଇଥିଲା; କିନ୍ତୁ ସେଥିରେ ତାର ଅଧୋଗତି ହୋଇନାହିଁ; ବରଂ କର୍ତ୍ତବ୍ୟ ପାଳନ କରି ନିଃସଙ୍କୋଚ ତଥା ନିର୍ଭୟରେ ଫେରିଆସିଛି ସେ, ନିଃସଙ୍କୋଚରେ ହିଁ ସେ ଧନପୁର ସହିତ କଥାବାର୍ତ୍ତା ହେଉଛି । ଅଥଚ କେତେବେଳେ କୋଉଠି ହେଲେ ସେ ସୀମା ଲଙ୍ଘନ କରିନାହିଁ । ସେ ସତି ! ବନ୍ଦ ଘରେ ରହି ସତୀ ହେବାଟା ଖୁବ୍ ସହଜ । ମୁକ୍ତ ପରିବେଶରେ ଲାଜକୁଳୀ ଲତା ଛୁଇଁବା ମାତ୍ରକେ ମଉଳିଯାଏ । ମୁକ୍ତ ପଥରେ ରହି ସମ୍ପ୍ରତି ଚରିତ୍ରରେ ସତୀତ୍ୱ ଲାଭ କରିଛି ଡିମି ।···କାନ ଉଠିବା ସଙ୍ଗେ ସଙ୍ଗେ ଗୋସେଇଁ ନିଜ

ମନ ଭିତରେ ଏକ ନୂତନ ସତ୍ୟ ଉପଲବ୍ଧି କଲେ । ସେ କମ୍ପିଉଠିଲେ···ସେଇ ମୁହୂର୍ତ୍ତିରେ ତାଙ୍କର ଇଚ୍ଛା ହଉଥିଲା –ଗୋସେଇଁଆଣୀଙ୍କୁ ସାକ୍ଷାତ୍ କରନ୍ତେ, କିଛି କହନ୍ତେ— ଏମିତି ଯେ ତମେ ବାହାରକୁ ଚାଲି ଚାଲି ଆସିଛ, ଖୁବ୍ ଭଲ ହେଇଚ, ଆହୁରି ବାହାରକୁ ଆସ···ଆସ ଡିମ୍ବି ସହିତ ତାଳ ମିଳାଅ । ସେତେବେଳେ ବଦଳିଯିବ ତୁମର ଅବଳାରୂପ; ମନରେ ସୃଷ୍ଟି ହେବ ଏକ ସବଳାର ଶକ୍ତି । ସେଇ ଶକ୍ତି ହିଁ ନାରୀ ।···ବଣର ଗଛପତ୍ର ଫାଙ୍କରୁ ଉଙ୍କି ମାରୁଥିବା ଚକ୍‌ଚକିଆ ଜହ୍ନଟା ସହିତ ମନେ ମନେ କଥା ହେଉଥିଲେ ଗୋସେଇଁ···।

କିନ୍ତୁ ଆଉ କଣ ସେ ଗୋସେଇଁଆଣୀଙ୍କ ସାକ୍ଷାତ୍ ପାଇବେ ? କିଏ କହିପାରିବ ! ଆର-ଜନ୍ମରେ ମର୍ତ୍ତ୍ୟରେ ଜନ୍ମ ହେବେ କି ନାହିଁ, କିଏ ଜାଣେ ! ସେଇ ଜ୍ଞାନ ରାତିଶେଷର ଅଧା ଛାଇ ଅଧା ଆଲୁଅ ପରି ଅଧା ।··· ଏଣେ ବୁକୁ ଭିତରଟା ଯେ ଖାଲି କାଶରେ ଭର୍ତ୍ତି; କିନ୍ତୁ ରାତି ପର୍ଯ୍ୟନ୍ତ ଏ କାଶକୁ ଯେମିତି ହେଲେ ବନ୍ଦ କରିବାକୁ ହେବ । ଦେହଟାକୁ କଷ୍ଟ ହବ ତ ? ହଉ; କିନ୍ତୁ ମନଟା ଯେ ଦେହର କଷ୍ଟକୁ ଉପେକ୍ଷା କରି ନୂତନ ଉତ୍ସାହରେ ଆଗଭର । ଅବଶ୍ୟ ଗୁଳି ଖାଇ ଦେହଟା ଯଦି ନଷ୍ଟ ହୋଇଯାଏ, ମନଟା ବି ନଷ୍ଟ ହେଇଯିବ ତା' ସାଥିରେ ।

କ୍ରମେ କାଶଟା ବଢ଼ିଲା ଗୋସେଇଁଙ୍କର । ତଥାପି ସେ ଆଗେଇଚାଲିଚନ୍ତି··· ।

ଡିମ୍ବି କହିଚାଲିଥିଲା ଧନପୁରକୁ ବୁଢ଼ା ଡାକ୍ତରଙ୍କ ବାହାଘର କଥା···ଡାକ୍ତର ସେତେ-ବେଳେ ଦାଢ଼ି ରଖିଥିଲେ । ସେ ଦାଢ଼ିରେ ଦହିରଙ୍ଗ ସାଙ୍ଗକୁ ମଞ୍ଜୁଆତି ରଙ୍ଗ···ସାରଟା ଦିନ ମୁହଁ ସଫା କରୁ କରୁ ନାକେଦମ୍; ତଥାପି ବି ସେ ରଙ୍ଗ ଛୁଡ଼ିଲା ନାହିଁ ଯିଏ ଦେଖିଲେ ସିଏ ତାଙ୍କୁ ଥଟ୍ଟା ଆରମ୍ଭ କରିଦେଲେ···ତାଙ୍କ ନାଁ ସହିତ ଟିଂଅଟିର ନାଁକୁ ବି ଯୋଡ଼ିଦେଲେ ଥଟ୍ଟାରେ ଥଟ୍ଟାରେ · ସେଇ ଥଟ୍ଟା ପରିହାସରୁ ଆସିଲା ବିବାହ ପ୍ରସ୍ତାବ···ଏଇ କଥା କହିସାରି ଡିମ୍ବି ଫୁସ୍ ଫୁସ୍ କରି ଧନପୁର କାନ ପାଖରେ କହିଲା—"ତୋ ଦେଇସ୍ନ ଦିନ ମୁଁ ବି ଦହି ଖେଳିବି, ତୁ ଶୀଘ୍ର ଫେରିଆ ତ ।"

ଧନପୁର ବିଭୋର ହୋଇ ଶୁଣୁଥିଲା । ମନଟା ତାର ସୁଭଦ୍ରା ଆଡ଼କୁ ଟାଣିହୋଇଯାଉଥିଲା । ତଣ୍ଟିରେ ତାର କ'ଣ ଗୋଟେ ଅଟକିଥିବାପରି ଲାଗିଲା ତାକୁ ।···କିଛି ସମୟ ପରେ ଧନପୁର କହିଲା—"ଡିମ୍ବି ! ବଞ୍ଚିଥିଲେ ବାହାଘର ହେବ; ବାଟ ଚାହିଁଥା । ଏବେ ମୁଁ କିଛି ହେଲେ କହିପାରୁନି ।" ଦୀର୍ଘନିଶ୍ୱାସ ଛାଡ଼ିଲା । ତା'ପରେ ପୁଣି କହିଲା—"ସୁଭଦ୍ରା ମୋ ଲାଗି ବାଟ ଚାହିଁ ବସିଚି । ମୁଁ ବି ବାହାହବାକୁ ବାଟ ଚାହିଁଛି ।···କିନ୍ତୁ କେତେ ଦିନ ହେଲା କିଛି ଖବର ନାହିଁ···ମୁଁ କ'ଣ ଭାବୁଚି ଜାଣୁ ଡିମ୍ବି ! ମୋର କିଛି ବାକୀ ରହିବ ନାହିଁ; ରହିଲେ ରହିବ ସେଇ ସପନଟା···।" ପୁଣି ଅଟକିଗଲା ଟିକିଏ । ତା'ପରେ ଡିମ୍ବି ପାଖକୁ ଲାଗିଯାଇ ତା' କାନ ପାଖରେ ଫୁସ୍‌ଫୁସ୍‌କିନା କହିଲା—"ତୁ ଆଉ ସୁଭଦ୍ରା ମୋ ପାଇଁ ଏକ । ତୋତେ

ଥରେ ଜାବୁଡ଼ି ଧରିବାକୁ ମୋର ଇଚ୍ଛା ଥିଲା; ମାତ୍ର ପାରିଲି ନାହିଁ···ନା ନା, ସେ କଥା ମୁଁ କରିପାରିବି ନାହିଁ···ରୁ ଅନ୍ୟର ସ୍ତ୍ରୀ ।"

କଥାବାର୍ତ୍ତା ହେଉ ହେଉ ଏ ଦୁହେଁ ଅନ୍ୟମାନଙ୍କଠୁ ବହୁତ ଆଗେଇ ଯାଇଥିଲେ । ଗୋପେଇଁ ହେରିକା ଇଚ୍ଛା କରି ପଛେଇ ଯାଉଥିଲେ । ତିମି ଓ ଧନପୁରର ଆଳାପରେ ବ୍ୟାଘାତ ଜନ୍ମେଇବାକୁ ଚାହୁଁ ନ ଥିଲେ ସେମାନେ । ତା' ଛଡ଼ା, ଆସନ୍ନ କର୍ତ୍ତବ୍ୟରେ ଭାରାକ୍ରାନ୍ତ ସଭିଙ୍କ ମନ । ସମସ୍ତେ ବ୍ୟସ୍ତ । ପ୍ରତ୍ୟେକେ ଭାବୁଥିଲେ, ନିଜ ନିଜର ପ୍ରିୟଜନର କଥା । ଏପରିକି ଭିଭିରାମର ମନ ବି ଘରମୁହାଁ ହେଉଥିଲା···ମାସେ ହେଲା ଘରମୁହଁ ସେ ଦେଖିନି । ଉପସ୍ଥିତ ମୁହୂର୍ତ୍ତର ଆସନ୍ନ ମୃତ୍ୟୁଭୟ ଘରଣୀଙ୍କୁ ନିକଟରେ ପାଇବାର ଇଚ୍ଛାକୁ ଜାଗ୍ରତ କଲା । ସମସ୍ତେ ମନେ ମନେ ପ୍ରିୟାର ସାନ୍ନିଧ୍ୟକୁ ସ୍ୱପ୍ନ ଦେଖୁଥିଲେ···।

ଚରମ ତ୍ୟାଗର ମୁହୂର୍ତ୍ତ ହିଁ ପ୍ରେମର ମୁହୂର୍ତ୍ତ । ତ୍ୟାଗ ପ୍ରତିପଦା ହେଲେ ପ୍ରେମ ପୂର୍ଣ୍ଣିମା ।

ସେମାନଙ୍କ ମଧ୍ୟରେ କେବଳ ରୂପନାରାୟଣ ନିଆରା । ପ୍ରିୟାର ସାନ୍ନିଧ୍ୟ କଥା ତା' ମନରେ ଉଠି ନ ଥିଲା । କଲେଜ ଛାଡ଼ି ଚାଲିଆସିଛି । ବେଶ୍ ସଫଳ ଯୁବକ । ଦେଶ ହେଲା ତାର ଏକମାତ୍ର ପ୍ରିୟା । ସେ ଏକାନ୍ତମନରେ ସମଗ୍ର ଆନ୍ଦୋଳନର କଥାକୁ ମନରେ ଖେଳଉଥିଲା । ଗୃରିଆଡ଼ୁ ପୋଲିସ୍ ଓ ମିଲିଟାରି ଲୋକେ ସେମାନଙ୍କୁ ଚାପିପକାଉଥିବା ବେଳେ ସେମାନଙ୍କର ଏକମାତ୍ର କର୍ତ୍ତବ୍ୟ ହେଉଚି କିଛି ଦିନ ନୀରବରେ ଗରିଲା ଯୁଦ୍ଧ ସକାଶେ ପ୍ରସ୍ତୁତ କରିବା । ମାୟଂ ଜାଗାଟା ବେଶ୍ ବଢ଼ିଆ ଜାଗା । ମାୟଂ ଓ ଗୌହାଟୀ ମଝିରେ ଥିବା ଘଞ୍ଚ ଜଙ୍ଗଲ ଭିତରେ ଗୋପନ ଶିବିର ସ୍ଥାପନ କଲେ ଖୁବ୍ ଭଲ ହୁଅନ୍ତା । ଉତ୍ତର ପଟେ ବ୍ରହ୍ମପୁତ୍ର । ଦକ୍ଷିଣରେ ଖାସୀ, ଜୟନ୍ତୀୟା ପର୍ବତ ।···ବର୍ତ୍ତମାନର କାମଟା ଶେଷହେବା ମାତ୍ରେ ଏଠି ସ୍ଥାୟୀ ଘାଟି ସ୍ଥାପନ କରିବା ଦରକାର । ଖୁବ୍ ଭଲ ଭାବରେ ଗରିଲାଯୁଦ୍ଧ କୌଶଳ ଶିକ୍ଷା ଦେଇ ଗୁଡ଼ାଏ ଲୋକଙ୍କୁ ପ୍ରସ୍ତୁତ କରାଇବାର ସମୟ ବର୍ତ୍ତମାନ ଉପସ୍ଥିତ । କିନ୍ତୁ କାମଟା ସେତେ ସହଜ ନୁହେଁ, ଯେତେ ସହଜରେ ମନ ଚାହୁଁଛି । ଏମାନଙ୍କ ଭିତରୁ ଅନେକେ ବ୍ରିଟିଶଙ୍କ ସହ ଆପୋଷ-ଆଲୋଚନା ମାଧ୍ୟମରେ ସ୍ୱାଧୀନତା ଅଣାଯାଇପାରିବ କି ବୋଲି ମଉକା ଖୋଜୁଛନ୍ତି । ଆଉ ଦଳେ ବ୍ରିଟିଶଙ୍କୁ ସାହାଯ୍ୟ କରୁଛନ୍ତି ଏ ଯୁଦ୍ଧରେ । ଆଉ କେତେ ଲୋକ ଆନ୍ଦୋଳନ ଅପେକ୍ଷା ଜୀବକାକୁ ମୁଖ୍ୟ ଭାବେ ଧରିଛନ୍ତି । ଲୋକ ତ ଏତିକି । କାହାକୁ ବି ଯୁଦ୍ଧକୌଶଳ ମାଲୁମ ନାହିଁ । ଏଣୁ ବିପ୍ଳବକୁ ସମ୍ପୂର୍ଣ୍ଣ କରିବା ସକାଶେ ଏକ ବିରାଟ ବାହିନୀର ଆବଶ୍ୟକତା ରହିଛି ।···ଏଇପରି ଚିନ୍ତା ଯୋଗୁଁ ରୂପନାରାୟଣର ମନକୁ ମୃତ୍ୟୁ-ଚେତନା ଆସିପାରିନାହିଁ ।···ସେ ବରଂ ମଝିରେ ମଝିରେ ତିମି ଓ ଧନପୁରର କଥାବାର୍ତ୍ତାକୁ ବେଶ କୌତୂହଳୀ ହୋଇ କାନଉଥିଲା; । କିନ୍ତୁ ସେ ଦୁହିଁଙ୍କ ମଧ୍ୟରେ ଥିବା ପ୍ରେମର ଗମ୍ଭୀର ରୂପକୁ ସେ ଦେଖିପାରୁ ନ ଥିଲା ।···

ହଠାତ୍ ଗୋଟେ ଜାଗାରେ ଅଟକିଗଲା ଡିମି । ଧନପୁର ବି ରହିଲା । ଏମାନେ ପଛରୁ ଆସି ସେଇଠି ପହଞ୍ଚିଲେ । ଡିମି କହିଲା—"ତୁମେ ସବୁ ଏଇଠି ରୁହ । ମୁଁ ଯାଇ ମାଣିକ ବରା ହେଇକାଙ୍କୁ ଡାକିଆଣେ ।" କହି ସେଇ ଅନ୍ଧାରରେ ଲୁଚିଗଲା ଡିମି ।

ସମସ୍ତେ ସେଇଠି ମୁହଁକୁ ମୁହଁ ଯୋଡ଼ି ଠିଆହେଲେ । କାହା ପାଟିରେ କଥା ନାହିଁ । ପ୍ରତ୍ୟେକେ ନିଜ ନିଜର ଚିନ୍ତାରେ ମଗ୍ନ । ପ୍ରତ୍ୟେକେ ସ୍ତବ୍ଧ । କେହି ଜଣେ ହେଲେ ବିଡ଼ିଟାଏ ବି ଲଗାଉନାହିଁ । ପ୍ରତ୍ୟେକେ କମ୍ପୁଥିଲେ—ଭୟରେ ନୁହେଁ; କି ଏକ ଉତ୍ତେଜନାରେ ପ୍ରତ୍ୟେକେ ପ୍ରତ୍ୟେକଙ୍କର ଉପସ୍ଥିତିରେ ସାହସ ପାଉଥିଲେ । ମୃତ୍ୟୁ ଏବଂ ଜୀବନର ସୀମାରେଖା କ୍ଷୀଣ ହୋଇଆସୁଥିଲା । ···କାଣଟାକୁ ଦବେଇ ରଖିଥିଲେ ଗୋସେଇଁ ।···

କିଛି ସମୟ ପରେ ଫେରିଆସିଲା ଡିମି । ସାଥିରେ ଆହିନା ଓ ମାଣିକ ବରା । ଆସୁ ଆସୁ ବଡ଼ ବ୍ୟସ୍ତ ହେଇ ଆହିନା କହିଲା—"କୃଷ୍ଣ କୃଷ୍ଣ—ବଡ଼ ବିରାଟ କଥାଟାଏ ହେଲାଣି ହେ ଗୋସେଇଁ ! କୃଷ୍ଣ ହେ !"

—"ଏଁ, କଣ ହେଲା ?" ପଚାରିଲେ ଗୋସେଇଁ ।

—"ନେପାଲୀ ଗାଁଟା ସାରା ପୋଲିସରେ ଭର୍ତ୍ତି ହେଇଗଲାଣି । ଆମେ ଯୋଉ ଘାଟରେ ପାରହେବାକୁ ବିଚାରିଥିଲେଁ ସେ ଘାଟରେ ଆଉ ପାର ହେଇ ପାରିବା ନାହିଁ ।" ବୋଲି ମାଣିକ ବରା କହିଦେଲା ଆହିନା ତରଫରୁ । ଟିକିଏ ରହି ପୁଣି ସେ କହିଲା—"ଆମକୁ ପାଏ ଖଣ୍ଡେ ବାଟ ଉଜାଣି ଯିବାକୁ ପଡ଼ିବ । ବେଗି ଚାଲ । ଆଉ ଡେରି କଲେ ଚଳିବ ନାହିଁ । ଡିମି, ତୁ ଏଥର ଯା' ଘର । ଜୟରାମକୁ କହିଆସିଛୁ ଯେ ମାୟଂ ଯିବ । କମ୍ ଭକ୍ତ ନୁହେଁ ସେ; ଗାରେ ପୋଷାକ ପିନ୍ଧି ଯିବ ବୋଲି କହୁଚି । ବୁଦ୍ଧି ଅଛି ଲୋକଟାର । କାଲି କଣ ଘଟିବ କହିହଉନି । ଜୟରାମ ଯଦି ଶଇକିଆର କବଲକୁ ଚାଲିଯାଇଥାଏ ତେବେ ଆମେ ରେଲଗାଡ଼ି ଓଲଟେଇବା ଆଗରୁ ସେମାନେ ଆସି ଆମକୁ ଓଲଟେଇପକେଇବେ ।" ଜହ୍ନ-ଆଲୁଅରେ ମାଣିକ ବରାର ମୁହଁଟା ଜକ୍‌ଜକ୍ ଦିଶୁଥିଲା । ବଡ଼ ଭୟଖିଆ ହୋଇପଡ଼ିଥିଲା ସେ ।

ଧନପୁର ଗର୍ଜିଉଠି କହିଲା—"ରହ ଦେଖିବ, ରେଲଗାଡ଼ି ନ ଓଲଟେଇ ମୁଁ ଛାଡ଼ୁନି । ଦେଖୁଚି ତମେ ସବୁ ବଡ଼ ଡରୁଆ ଅଛ ।···ଚାଲ, ଆଉ କଥାବାର୍ତ୍ତା ନାହିଁ ।···ନେପାଲୀ ଲୋକଗୁଡ଼ା ନାଆରେ ଅଛନ୍ତି ତ ?"

—"ଅଛନ୍ତି । ଅନେକ ବେଳୁ ଆସିଲେଣି ସେମାନେ ।" କହିଲା ମାଣିକ ବରା ।

—"ତମେ ସବୁ ଆଗରୁ ନ ଗଲ କାହିଁକି ?" ପଚାରିଲା ଧନପୁର । କଣ୍ଠରେ ବେଶ୍ କଠୋରତା ।

—"କଣ ମୁଁ ଅଉ କରିଥାନ୍ତି ? ଇଏ ତ ଅଫିମ କଉଟ ଖୋଲି ବସିଗଲେ···"ବୋଲି କହି ଆହିନା ଆଡ଼କୁ ଦେଖେଇଦେଲା ମାଣିକ ବରା ।

ମାଣିକ ବରାକୁ ଆଉ ବେଶୀ କହିବାକୁ ନଦେଇ ଧନପୁର ଆହିନା ଆଡ଼କୁ ଚାହିଁ କହିଲା—

"ଆପଣ ଯଦି ଏଇଲେ ଏଇଟି ସେ ଅଫିମକଉଟଁକୁ ନ ଫୋପାଡ଼ୁଛନ୍ତି ମୁଁ ଏଠୁ ପାଦେ ବ ଘୁଞ୍ଚିବି ନାହିଁ । ବଡ଼ ଅସହ୍ୟ ଲାଗିଲାଣି । ଅଫିମ ଖାଇ ଯୁଦ୍ଧ କରିବା କଷ୍ଟ । ଅଫିମ ଆପଣଙ୍କୁ ଅଳସୁଆ କରିପକେଇଲାଣି ଆଉ ଆମମାନଙ୍କୁ ବିରକ୍ତ ବ କଲାଣି ।...ଅନେଇଛନ୍ତି କଣ ? ଫୋପାଡ଼ୁଛନ୍ତି ନା ନାହିଁ ।"

ସମସ୍ତେ କାବା ହୋଇ ରହିଲେ ଧନପୁରର କଥା ଶୁଣି । ଅପମାନରେ ଜଳୁ ଜଳିଗଲା ଅ.ହୁନା କୁଅଁର । କହିଲା —"କୃଷ୍ଣ ହେ ! ଦେଶର କାମ କରିବାକୁ ଆସି ଏଇ ମେଞ୍ଚଡ଼ା ଟୋକାଟାର କଥା ଶୁଣିବାକୁ ପଡ଼ୁଛି । କୃଷ୍ଣ, କୃଷ୍ଣ...କାହିଁକି, ତୁ ଏମିତି କେତେ ପାଣିର ମାଛ ମ, କୃଷ୍ଣ...କୃଷ୍ଣ...ତୋ କଥା ଶୁଣିବା ମୋର ଦରକାର ନାହିଁ ।...ଆପଣମାନେ କେହି ଶୁଣିବ ।...ସେ ରହୁ, ନ ହେଲେ ମୁଁ ରହେଁ...କୃଷ୍ଣ...କୃଷ୍ଣ..."

ଧୀର ପବନରେ ଗଛପତ୍ରସବୁ ଦୋହଲୁଥିଲେ । ତଳେ ମସିଣ ପକ୍ଷୀଙ୍କ ମୁହଁରେ ଜହ୍ନ-ଆଲୁଅ ଲୁଚକାଲି ଖେଳୁଥାଏ ।

ହଠାତ୍ ରୂପନାରାୟଣ କହିଲା—"ଆପଣ ବ ରହିଯାନ୍ତୁ, ଧନପୁର ବ ରହିଯାଉ । ଆମେ କଳୁ କାହାକୁ କାଢ଼ିବୁ ହେଲେ ଗୁଡ଼ପାଶବୁ ନାହିଁ । ଧନପୁର ସେମିତି କଛୁ ଦୋଷ କଥା କହିନାହାନ୍ତି କ ମିଛ କଥା କହିନାହାନ୍ତି । ବୁଝିଲେ କୁଅଁର ଆପଣେ, ଅଉ ବେଶି ପାଟିରୁଣ୍ଡ ନ କରି ଅଫିମ କଉଟଟିକୁ ଫୋପାଡ଼ିପକାନ୍ତୁ । ଅଫିମ ଛାଡ଼ିଲେ ଯାଇ ଅକସୁଆମି ଛାଡ଼ିବ ।"

—"କୃଷ୍ଣ କୃଷ୍ଣ...ଆପଣମାନେ ବ ଏଇ କଥାରେ ସନମତ ହେଲେ...କୃଷ୍ଣ ହେ..." କହି ଅ.ହୁନା କୁଅଁର କାନ୍ଦିବାକୁ ଆରମ୍ଭ କରିଦେଲା । ଷ୍ଟିଲା ସେମିତି କାନ୍ଦଣା ପାଞ୍ଚ ମିନଟ୍ ଧରି ।

ଧନପୁର ପୁଣି ପାଟି କରି ଉଠିଲା—"କଣ ଫୋପାଡ଼ୁଚ ନା ନାହିଁ ? ଏଇଟା ଘର ନୁହେଁ, ଇଏ ଯୁଦ୍ଧ ମଇଦାନ୍ । ଏଠି ଅଫିମର କୋଣସି ଆବଶ୍ୟକତା ନାହିଁ ।"--ଶେଷ ଆଡ଼କୁ ଖୁବ୍ କର୍କଶ ହେଲା ଧନପୁରର ସ୍ୱର ।

କୁଅଁର କାନ୍ଦ ବନ୍ଦକଲା । ପ୍ରାୟ ସକରୁଣ ହୋଇ କହିଲା—"କୃଷ୍ଣ ହେ ! ହଉ ତମେ-ମାନେ ସଭିଏଁ ଯେତେବେଳେ ସେଇ କଥା କହୁଚ ନ ମାନିବାକୁ ମୋର ଆଉ ବୁଦ୍ଧି ନାହିଁ ...କୃଷ୍ଣ କୃଷ୍ଣ...ଜୀବନର ସବୁଠୁ ପ୍ରିୟବସ୍ତୁ କହିଲେ ମୋର ଏଇ ଅଫିମଟିକକ । ଭାବିଥିଲି ଯମଘରକୁ ଯିବାବେଳେ ବ ସାଥିରେ ନେଇ ଯାଇଥାନ୍ତି । କୃଷ୍ଣ, କୃଷ୍ଣ...ନ ହେଲା, କୃଷ୍ଣ ହେ ! ନ ହେଲା । ହଉ, କହନ୍ତି ତ ତୀର୍ଥକୁ ଗଲାବେଳେ ଲୋକେ ନିଜର ପ୍ରିୟ ବସ୍ତୁକୁ ତ୍ୟାଗ କରନ୍ତି । କୃଷ୍ଣ ହେ ! ହେଲା, ହେଲା, ତୋର କଥାରେ ତ୍ୟାଗକଲି ।" କହୁ କହୁ ବୁଜୁଲା ଭିତରୁ ଅଫିମ କଉଟ ଓ ଅଫିମର ବାକି ସବୁ ସାଜସରଞ୍ଜାମକୁ କାଢ଼ି ଧନପୁରର ମୁହଁ ଆଡ଼କୁ ଛାଟିଦେଲା । ଅଫିମ-ହୁକ୍କାର ନଳଟି ଧନପୁରର ମୁହଁରେ ବାଜି ଗାଲଟା ତାର ସାଥେ ସାଥେ ଫୁଲିଗଲା । କଳୁ ଟିକିଏ ବ ବିଚଳିତ ହେଲାନି ଧନପୁର; ବରଂ ହସି ହସି କହିଲା-—"ହଁ, ଏଥର ଯେ ହେଲା । ଏବେ ଆପଣ ଆମକୁ ବାଟ ଠିକ୍ କରେଇ ନେଇ

ପାରିବେ । ଆମେ ସତରେ ବଡ଼ ନିଶ୍ଚିନ୍ତ ହେଲୁଁ । ଚାଲନ୍ତୁ ଏଥର । ଆଉ ବେଳ ନାହିଁ । ଆଗେଇବା ଏଥର ।…ତମି, ତୁ ଯା' ଏଥର । ପୁଣି କାନ୍ଦିକି ଭେଟ…"

ତମି ସଁ-ସଁ ହେବା ଆରମ୍ଭ କଲା । କିନ୍ତୁ ତା'ର ସେ କାନ୍ଦଣା ଶୁଣିବାକୁ ସେଠି ଆଉ କେହି ରହିନଥିଲେ । ସମସ୍ତେ କଲିଂର ଉଜାଣି ବାଗରେ ଆଗେଇ ଚାଲିଲେ । ସେତେବେଳେ ବି ସେମାନଙ୍କ ମୁହଁମାନଙ୍କରେ ଜହ୍ନ-ଆଲୁଅର ଲୁଚକାଳି ଖେଳୁଥିଲା ।

ଧନପୁର କାନରେ କିନ୍ତୁ ସେଇ କାନ୍ଦଣା ନ ବାଜି ରହିଲାନାହିଁ । ସେ ତମିଠାରୁ ଯେତିକି ଯେତିକି ଦୂରକୁ ଚାଲିଯାଉଥିଲା, ସେତିକି ସେତିକି ଉଚ୍ଚତର ସ୍ୱରରେ ବାଜିଉଠୁଥିଲା ଏକ କରୁଣ ରାଗିଣୀ, ତାର ଅନ୍ତରର ଅନ୍ତରତମ ପ୍ରଦେଶରେ…ସତେକି ସେଇ ସକ-ସକ କାନ୍ଦଣାଟିକିକ ଛାଡ଼ିଦେଲେ ଆଉ କିଛି ନାହିଁ ତା ହୃଦୟ ଭିତରେ ।…ବାହାରେ ଘନ କୁହୁଡ଼ି— ଭିତରେ କରୁଣ ରାଗିଣୀ…

ନିଃଶବ୍ଦରେ ପାଦ ପକେଇ ଚାଲିଲେ ଆଗକୁ ଆଉ ଆଗକୁ…ଆହୁରି ଆଗକୁ । ସବାଆଗରେ ଆହୁନା, ତା ଆଖିକୁ ମାଣିକ ବରା । ଆଉମାନେ ବି ସେମିତି ପଛକୁ ପଛ । ପ୍ରତ୍ୟେକେ ଗୋଟିଏ ଗୋଟିଏ ଛାୟାମୂର୍ତ୍ତି ଭଳି କଲିଂ କୂଳର ନଡ଼ା ବିଲ ଭିତରେ ଆଗେଇଚାଲିଥିଲେ ।

ଅଧିକାଂଶ ବିଲରୁ ଧାନ କଟାହୋଇସାରିଛି । ମଝିରେ ମଝିରେ କେଉଁଠି କେମିତି ଗୋଟିଏ ଗୋଟିଏ କିଆରିରେ ରହିଯାଇଛି ଧାନ । ସେଇ କିଆରିଗୁଡ଼ିକର କଡ଼େ କଡ଼େ ଚାଲୁଥିଲେ ସେମାନେ । ଧୀର ପବନରେ ଧାନଗଛସବୁ ଶୋଇଯାଉଥିଲେ, ଆଉ ଉଠିପଡ଼ୁଥିଲେ । ଧାନବିଲର ସୁ-ସୁ ଶବ୍ଦ । ସେଇ ଶବ୍ଦରେ ଧନପୁରର ରିକ୍ତ ହୃଦୟର ଉଚ୍ଛ୍ୱସିତ କାନ୍ଦଣା ଦୁଇଗୁଣ ବଢ଼ିଯାଉଥିଲା । ସେଇ ଉଚ୍ଛ୍ୱାସ କ୍ରମେ କ୍ରମେ ଅନ୍ତରରୁ ବାହାରି ବାହାରର ହାଲୁକା ଜହ୍ନ-ଆଲୁଅରେ ମିଶି ଛୁଟିଚାଲିଥିଲା ଦିଗ-ଦିଗନ୍ତକୁ…ମିଶି ବି ଯାଉଥିଲା କଲିଂ ନଈରେ ।

ରାତିର ଏଇ ଶେଷ ପ୍ରହରରେ କେହି ବୋଧେ ମାଛ ଧରିବାକୁ ଆସିଛି । ନୌକାର ଚବୁବୁ-ଚୁବୁବୁ ଶବ୍ଦ ଶୁଭିଲା…

ସାବଧାନ ହୋଇଗଲେ ସମସ୍ତେ ।

ଧନପୁର କହିଲା—"ଖୁବ୍ ସାବଧାନରେ ଯିବାକୁ ହେବ । ବନ୍ଧୁକଗୁଡ଼ିକ ଠିକ୍ ଭାବେ ଧରିଥାଅ ଦରକାର ମାନେ ଗୁଳି ଚଳେଇବାକୁ ପଡ଼ିବ । ହୁଏତ ମାଛମରା ନାଆ ହୋଇପାରେ । ପୋଲିସର ନାଆ ବି ହୋଇପାରେ…।"

ସମସ୍ତେ କିଛି ସମୟ ପାଇଁ ସ୍ଥିର ନିଶ୍ଚଳ ହୋଇପଡ଼ିଲେ । ସମସ୍ତେ କାନେଇଲେ ସେଇ ଚୁବୁବୁ ଚୁବୁବୁ ଶବ୍ଦକୁ । ନାଆଟା ଅନୁକୂଳ ସୁଅରେ ଯାଉଥିଲା । କିଛି ସମୟ ପରେ ଆଉ ଶୁଣାଗଲା ନାହିଁ ସେ ଶବ୍ଦ । ଏମାନେ ପୁଣି ଆଗେଇଲେ ଘାଟ ଆଡ଼କୁ ।

ଚତୁର୍ଦ୍ଦିଗରେ ଗମ୍ଭୀର ନୀରବତା । କପିଲୀ ଶୀର୍ଣ୍ଣ ସ୍ରୋତା । ଜହ୍ନ-ଆଲୁଅରେ ତାହା ଏକ

ପର୍ବତିଆ ସୁନେଲି ସାପ ପରି ପଡ଼ିରହିଛି । ସତେକି ସେ ମଣିଷର ହତାଶା, ବିଫଳତା ଆଉ ଚିରବିରହର ଏକ ବହମାନ ସ୍ରୋତ···

ଅନେକ ଛୋଟ ଛୋଟ ଚଢ଼େଇ ରାବିବା ଆରମ୍ଭ କଲେଣି । ପ୍ରକାର ପ୍ରକାର ଚଢ଼େଇ । ପ୍ରଭାତ-ବନ୍ଦନା ଗାଉଥିଲେ ସେମାନେ । ମାଛରଙ୍କା ଚଢ଼େଇଟେ ତୀର ଭଳି ନଈସୁଅରେ ମୁହଁମାରି ଉଡ଼ିଗଲା ଉପରକୁ । ଧାନବିଲରେ ମଣିଷଙ୍କ ପାଦଶବ୍ଦ ଶୁଣି ପଲେ ହଂସରାଳି ଉଡ଼ିଗଲେ ।

ଭିଭିରାମ ପଚାରିଲା—"ଏଠି ବି ପାଟ ଅଛି ?"

"ହଁ ଅଛି । କୃଷ୍ଣ ହେ ! ବହୁତ ହଂସରାଳି ଆସନ୍ତି ଏଠିକି । କୃଷ୍ଣ···କୃଷ୍ଣ···ମୁଁ ବହୁତ ଥର ଏଠିକି ଆସିଛି ଶିକାର କରିବାକୁ ।" ସମସ୍ତେ ଅନେଇ ରହିଲେ ଶୁଭ୍ର ପାଟଟି ଆଡ଼କୁ । ସତେକି ଏକ ରାଜକୁମାରୀ ନିଶ୍ଚିନ୍ତ ମନରେ ଶୋଇଯାଇଛି । ରାଜକୁମାର ଆସିବ ଏଥର ରାଜକୁମାରୀର ପହଡ଼ ଭାଙ୍ଗିବାକୁ । କେତେବେଳେ ଆସିବ—ତା ବି କହିହେବନି ।

ଆଗେଇ ଚାଲିଥିଲା ଆହ୍ନା କୁଅଁର । ଜହ୍ନଟା ବି ଆଗେ ଆଗେ ଚାଲିଛି ମେଞ୍ଚାଏ ନିଆଁ-ହୁଳା ପରି । ଅତିକ୍ରମ କରି ଚାଲିଛି ବାଟଓଗଳା କଳାକଳା ବଉଦଗୁଡ଼ିକୁ ।

ହଠାତ୍ ସୁସୁରି ଶୁଣାଗଲା । ପୁଣି ସମସ୍ତେ ସାବଧାନ ହୋଇପଡ଼ିଲେ । ତେବେ ରୂପନାରାୟଣ ଅନୁମାନ କରି କହିଲା—"ଆମ ଲୋକ ହେବେ ବୋଧେ । ଘାଟ ପାଖରେ ଆମେ ପହଞ୍ଚିଲେଣି କି ?"

ମାଣିକବାବୁ କହିଲା—"ପ୍ରାୟ ପହଞ୍ଚିଗଲେଣି । ସୁସୁରି ଶବ୍ଦ ବୋଧେ ସେଇ ନେପାଳି ଲୋକଙ୍କର । କିନ୍ତୁ ଏ ସଙ୍କେତ ତ ବିପଦର ସଙ୍କେତ ! ନିଶ୍ଚୟ କୋଉଠି ପୋଲିସମାନେ ଲୁଚିରହିଛନ୍ତି । ଆମେ ଏଇ ପାଟ ଆଡ଼ ତଳେ ରହି ଗତିବିଧି ଲକ୍ଷ୍ୟ କଲେ ଭଲ ହେବ ।" ଏହା କହି ସେ ଆଡ଼ ତଳେ ଚିତ୍ ହୋଇ ଶୋଇପଡ଼ିଲା । ତା' ପରେ ପରେ ଅନ୍ୟ ସମସ୍ତେ ସେଇଆ କଲେ ।

ଟିକିଏ ପରେ ଦେଖାଗଲେ ଦୁଇ ଜଣ ପୋଲିସ । ସେମାନେ ଧୀରେ ଧୀରେ ନଈକୂଳିଆ ଏକ ଲମ୍ବଣିଆ ରାସ୍ତାରେ ଆସୁଛନ୍ତି । ସମସ୍ତେ ସେଇ ଦି'ଟାଙ୍କ ଆଡ଼େ ଚାହିଁରହିଲେ । ସେ ଦୁହେଁ ଫୁସ୍ ଫୁସ୍ ହୋଇ କଥା ହେଉଥାନ୍ତି । ସେ ଦୁହିଁଙ୍କର କଥାକୁ କାନପାତି ଶୁଣିବାକୁ ଚେଷ୍ଟା କଲେ ଏମାନେ ସମସ୍ତେ; କିନ୍ତୁ କିଛି ବି ଧରିପାରିଲେ ନାହିଁ-ସେମାନଙ୍କ ଅସ୍ପଷ୍ଟ କଥା-ବାର୍ତ୍ତାରୁ । କ୍ରମେ ପୋଲିସ ଦି'ଟା ଅନେକ ଦୂରକୁ ଚାଲିଗଲେ । ସେମାନେ ଯେତେବେଳେ ନଈ କୂଳର ଜଙ୍ଗଲ ମଝିରେ ହେଲେ ଏବଂ ଆଉ ଦେଖାଗଲେ ନାହିଁ, ସେତେବେଳେ ଏମାନେ ଉଠି ଠିଆହେଲେ । ତା ପରେ ଜଲ୍ଦି ଜଲ୍ଦି ପାଦ ପକେଇ ନାଆ ଆଡ଼କୁ ଆଗେଇଲେ । ସେତେବେଳକୁ ଜହ୍ନ-ଆଲୁଅ ପ୍ରାୟ କ୍ଷୀଣ ହୋଇଯାଇଥିଲା । ସକାଳ ହେବା ପୂର୍ବରୁ କପିଲୀ ପାରି ନ ହେଲେ ବିପଦ···।

ନାଉରିଆ ଜଣକ ନାଆରେ ବସି ବିଡ଼ି ଟାଣିଟାଣି ଏମାନଙ୍କୁ ଅପେକ୍ଷା କରିଥିଲା । ଏମାନେ

ନାଆ ପାଖରେ ପହଞ୍ଚି ପହଞ୍ଚି ମାଣିକବଗ୍ର ପ୍ରଥମେ ପାଟି ଖୋଲିଲା—"ବଲ ବାହାଦୂର ! ଏଥର ଉଠ । ନାଆ ବାହିବାକୁ ହେବ । ଖୁବ୍ ଶୀଘ୍ର ।"

ସମସ୍ତେ ଘାଟ ତଳକୁ ଓହ୍ଲେଇ ଚଟାପଟ ଉଠିଗଲେ ନାଆ ଉପରକୁ । ନାଆ ଚାଲିଲା ।

ଆହୁଲା ମାରୁ ମାରୁ ବଲ ବାହାଦୂର କହିଲା—"ପୁଲିସ ଆସିଥିଲେ । ମୋ ପୁଷ୍ପରୁ ଶୁଣିଲି ତ ?'

—"ହଁ ।" ଉତ୍ତର ଦେଲା ମାଣିକ ବଗ୍ର । ପୁଣି ପଚାରିଲା—"କାହିଁକି ଆସିଥିଲେ ? କଣ ପଚରା-ଉଚରା କଲେ କ ?

—ତମମାନଙ୍କୁ ଖୋଜିବାକୁ ଆସିଥିଲେ ନା କଣ ? ତାଙ୍କ ଭିତରୁ ଜଣେ ଗୋସେଇଁ ଓ ଧନପୁର ନାଁ ଦିଟା କହୁଥିବାର ଶୁଣିଲି । ଗ୍ରେପ୍ତାର ପରୱାନା ଅଛି ।"

କପିଲୀ ଦେହରେ ହାବୁକା ମାରି ମାରି, ଆହୁଲା ମାରି ଚାଲିଥିଲା ବଲ ବାହାଦୂର । କପିଲୀ ଦେହର ଶାନ୍ତଶୀତଳ ଜହ୍ନ-ଆଲୁଅ ଆବରଣଟି ଟୁକୁରା ଟୁକୁରା ହୋଇ ରେହମାଛ କାତି ଭଳି ଚକ୍‌ଚକ୍ ମାରୁଥାଏ ।

ଥଣ୍ଡା ପବନ ବାଜି ଗୋସେଇଁଙ୍କ କାଶ ଉଠିଲା; ତଥାପି ସେ ଦବେଇଦେଲେ । ଧନପୁର ଏଥର କାନ୍ଧ ହାତରେ ବଢ଼ି ଲଗେଇଲା । ତା ଦେଖାଦେଖି ଅନ୍ୟମାନେ ବି ବଢ଼ି ଲଗେଇଲେ ।

ନାଆ ଚାଲିଥିଲା ଉଜାଣିରେ । ଏଣୁ ସେପାରି ବଙ୍ଗାଲି ଗାଁ ଘାଟରେ ଲାଗିବାକୁ ଅଧଘଣ୍ଟା ଲାଗିଗଲା । ସମସ୍ତେ ନାଆରୁ ଓହ୍ଲେଇ ପୁଣି ଆଗେଇବାକୁ ସଜହେଲେ ।

ମାଣିକ ବଗ୍ର ବଲ ବାହାଦୂରକୁ ଡାକି କହିଲା—"ତୁ ଏବେ ଚାଲିଯା । ନାଆଟାକୁ ଏଇଠି ରଖିଦେଇ ଯିବୁ ମୁଁ ଏଇଠି ରହି ତୋ ବାଟକୁ ଚାହିଁଥିବି । ରାତାରାତି ଆମକୁ ପାରହେବାକୁ ପଡ଼ିବ । ଏଣୁ ତୁ ଏଇଠି ଆସି ପ୍ରସ୍ତୁତ ହୋଇଥିବୁ ସତେବେଳକୁ । ଦରକାର ହେଲେ ପୁଷ୍ପଗ୍ରୀ ମାଗିବୁ—ବୁଝିଲୁ ? "

ବଲ ବାହାଦୂରକୁ ବଢ଼ି ଖଣ୍ଡେ ଯାଚି ଧନପୁର କହିଲା—"ନେ, ଲଗା ଏ ଖଣ୍ଡକ । ଗାରୋ ଗାଁରେ କେବଳ ଜଣେ ସ୍ତ୍ରୀ ଲୋକ ଅଛି । ତା ନାଁ ଡିମି । ଦରକାର ପଡ଼ିଲେ ତାକୁ ପଚାରିବୁ ।"

—"ଠିକ୍ ଅଛି ବାବୁ ! ମୁଁ ତାକୁ ଜାଣିଛି ଯେ । ବଡ଼ ଲାଏକ୍ ସ୍ତ୍ରୀଲୋକଟା । ସେଇ ଜଣେ ସ୍ତ୍ରୀଲୋକ ଶହେଟା ପୁରୁଷର କାମ କରେ ।" କହୁ କହୁ ହସିଲା ବଲ ବାହାଦୂର ।

କ୍ରମେ ସେଇ ନଇକୂଳିଆ ଅଙ୍କାବଙ୍କା ବାଟଟିରେ ଅଦୃଶ୍ୟ ହୋଇଗଲେ ଯାତ୍ରୀଦଳ । ନାଆ ନେଇ ଫେରିଲା ବଲ ବାହାଦୂର । ଏବେ କପିଲୀ ଦେହଯାକ ଚୁମ୍ବନ ଢାଳୁଥିଲେ ସୂର୍ଯ୍ୟଦେବ । ମାଣିକ ବଗ୍ର ଏକାଟିଆ ନଇକୂଳରେ ଛିଡ଼ାହୋଇ କଛି ସମସ୍ତ ଯାତ୍ରୀଦଳଙ୍କ ଯାତ୍ରାପଥକୁ ଅନେଇ ଅନେଇ ନେପାଲୀ ଗାଁ ଆଡ଼େ ଗୋଟିଏ ଗୋଟିଏ ଚାଲିଲା । ସେଇଟା ତାର କର୍ତ୍ତବ୍ୟସ୍ଥଳୀ ।

ଆଠ

ଆହ୍ଲନା କୁଅଁର ଆଗ ପଛ ବିଚାରିବା ଲୋକ । ତେଣୁ ଖିଆପିଆ ଶେଷ କରି ହାଣ୍ଡି-କୁଣ୍ଡି ତକ ସେଇ ପଥର ଉପରେ ଖଙ୍ଗିଭଙ୍ଗି ଝରଣାପାଣିରେ ଭସେଇ ଦେଇ ଏକାନ୍ତ ମନରେ କୃଷ୍ଣ ନାମ ଜପିଲାଗିଲା ।

କୃଷ୍ଣ ନାମ କହି କହି ଯାହା ଜୀବ ଯାଏ,
ସେ ଆଦ ଶବଦେ ସିଏ ଭବୁ ତରିଯାଏ । ୧୨ । *

କିନ୍ତୁ କେହି ବି ତା ନାମ-ଜପକୁ କାନେଇଲେ ନାହିଁ । ଝରଣା ଭିତରେ ଏଇ ବିରାଟ ପଥର ଉପରେ ପଣ ପକେଇ ଖେଚେଡ଼ି ଭାତ ଖାଇନେଇଥିଲେ ସମସ୍ତେ । ରୂପନାରାୟଣ ଦନ୍ଧକଟାକୁ କାନ୍ଧରେ ପକେଇ ଠିଆହେଲା । ଅନେଇଲା ସୂର୍ଯ୍ୟଙ୍କ ଆଡ଼କୁ । ବେଳ ରତରତ । ଦିନର ମଳିନ ଆଲୁଅ ତା ମୁହଁରେ ପଡ଼ିଲା । ଗୋଲଗାଲ୍ ମୁହଁଟା ତାର ଦାଢ଼ି ବଢ଼ି ଅସନା ଦେଖାଯାଉଥିଲା । ଆଖି ଦି'ଟା ମନ୍ଦାରଫୁଲ୍ ପରି ଲାଲ୍ । ବାଳଗୁଡ଼ା ଅସନ୍ଦି । କପାଳରେ କୁଞ୍ଚିତ ରେଖା ।

ହାତମୁହଁ ଧୋଇ ଦେହଟାକୁ ଟିକିଏ ସଳଖେଇ ନେବାବେଳକୁ କାଶ ଉଠେଇଲା ଗୋସେଇଁଙ୍କର । ପ୍ରବଳ ଚେଷ୍ଟା ସତ୍ତ୍ୱେ କାଶକୁ ଦବେଇ ନ ପାରି ସେ ସେଇଠି ପଥର ଉପରେ ବସିପଡ଼ିଲେ । ଗୋସେଇଁଙ୍କର ଏ ଅବସ୍ଥା ଦେଖି ଆହ୍ଲନା କୁଅଁର ଲୁଚଉଥିବା ନିଆଁକୁ ଟିକିଏ ଜଳେଇ ଦେଇ ସେକଦେବାକୁ ଡାକିଲା । ଗୋସେଇଁ ଉଠିଆସି ନିଆଁ ପାଖକୁ ଲାଗି ବସିଲେ । ଗୁଡ଼ିକୁ ନିଆଁ ଉପରକୁ ଦେଖେଇ ସେକିବାକୁ ଲାଗିଲେ ।

ମଧୁ ଓ ଧନପୁର ଗଲେଣି ଭାରି କେତେବେଳୁ । ଭଇରାମ ଏହିକ୍ଷଣି ଗଲା । ଏବେ ଏମାନେ କେବଳ ତିନିଜଣ ଅଛନ୍ତି ସିବାକୁ ।

ଘଞ୍ଚ ଜଙ୍ଗଲ ମଝିରେ ଏ ଝରଣାଟି । ଝରଣା ମଝିରେ ଏଇ ବିରାଟ ପଥର । ପାଖଆଖରେ ବଣୁଆ ହାତୀ, ବାଘଙ୍କ ଖୋଜ ବାରିହେଇ ଯାଉଛି । କାଳେ ରାସ୍ତା ଭୁଲିହୋଇଯିବ ବୋଲି ବାଟ ସାରା ଖୁଣ୍ଟି ପୋତି ପୋତି ଆସିଛି ମଧୁ । ଅସଲ ଜାଗାଟା ଏଠୁ ପ୍ରାୟ ଅଧମାଇଲେ ହେବ ।

ରୂପନାରାୟଣର ଘଡ଼ିରେ ଦୁଇଟା ବାଜିଲା । ପ୍ରାୟ ଛଅଟା ପରେ ହିଁ କାମଟି ଆରମ୍ଭ କରିବାକୁ ହେବ । ଗାଡ଼ି ଆସିବାର କିଛି କ୍ଷଣ ଆଗରୁ ଦଳେ ପହରାଦାର ଯାଇ ଆଉ ଦଳେ ପହରାଦାର ଆସିବା ସମୟଟିକ ଭିତରେ କାମଟି ଶେଷ କରିବାକୁ ହେବ । ଯଦି ବି ସେଇ

---

* କୃଷ୍ଣ କୃଷ୍ଣ କୃଷ୍ଣ ବୋଲି ଯିଏ ଅନ୍ତକାଳେ ନିଜ ପ୍ରାଣ ତେଜେ
ଆଦ୍ୟର ଶବଦେ ମୁକୁତି ତାକୁ ଦିଅନ୍ତି

ସମସ୍ତ ଭିତରେ ପନ୍ଦରଦାର ଆସିଯାଆନ୍ତି ତେବେ ଗୁଳିକରି ମାରିଦେବାକୁ ହେବ ସେମାନଙ୍କୁ । ତା' ଛଡ଼ା ଅନ୍ୟ ଉପାୟ ନାହିଁ । ଦୁଇଟା ବନ୍ଧୁକ ଅଛି । କମ୍-ସେ-କମ୍ ଚାରିଟା ଲୋକଙ୍କୁ ଖତମ୍ କରିଦେଇହେବ । ସେମାନେ ହୁଏତ ଏମାନଙ୍କୁ ବି ଗୁଳିକରିବେ । ହେଲେ ବି ଅତି ବେଶିରେ ଜଣେ ବା ଦୁଇଜଣଙ୍କୁ ମାରିପାରିବେ ସେମାନେ । ଗୁଳିଶବ୍ଦ ଶୁଣିବା ପରେ ପରେ ନିକଟବର୍ତ୍ତୀ ସୈନ୍ୟ ଛାଉଣୀରୁ ସେନା ଆସୁ ଆସୁ ଦୁଇଘଣ୍ଟାରୁ କମ୍ ସମୟ ଲାଗିବ ନାହିଁ । ଇତ୍ୟବସରରେ ମିଲିଟାରି ଏକ୍ସପ୍ରେସ ଆସି ଯାଇଥିବ । ମିଲିଟାରୀ ଏକ୍ସପ୍ରେସ ଓଲଟିବା-ପରେ କିଏ ମରିବ କିଏ ଜୀଇବ କିଏ ଧରାପଡ଼ିବ ସେ କଥା ତ ଏବେଠୁ କହିହେବନି···। ଭାବୁଥିଲା ରୂପନାରାୟଣ । ହଠାତ୍ ଘଡ଼ିକୁ ଅନେଇ ଦେଇ କହିଲା —"ଯିବାର ସମୟ ହେଲା ।' ତାର ଏଇ କଥା ପଦକରେ ରାଗ ମିଶି ରହିଥିଲା ।

ଗୋପେଇଁ ଜାଣନ୍ତି, ରୂପନାରାୟଣ ଟିକିଏ ରାଗିଯାଇଛି । ଆକାଶରେ ଉଡ଼ିଯାଉଥିବା କେତୋଟା ଏରୋପ୍ଲେନ ଏଇ ଜଙ୍ଗଲ ଉପରେ କେତେଥର ପଇଁତରା ମାରି କଣ ଯେମିତି ଅନୁସନ୍ଧାନ କରୁଥିଲେ ଟିକିଏଆଗରୁ । ତେବେ ଏଇ ଝରଣା ଭିତରର ପଥରଟା ଉପରେ ସେମାନଙ୍କର ଦୃଷ୍ଟି ପଡ଼ିନଥିବ । ସେମାନେ ନିକଟବର୍ତ୍ତୀ ମିଲିଟାରି କ୍ୟାମ୍ପକୁ ଖାଦ୍ୟ ଓ ଅନ୍ୟାନ୍ୟ ଜିନିଷପତ୍ର ଯୋଗେଇଦେବାକୁ ଆସିଥିଲେ ବୋଧେ । ତଥାପି ଏରୋପ୍ଲେନ ଯିବା-ଆସିବାଟା ଏଯାଏଁ ବନ୍ଦ ହୋଇନି । ତା ଛଡ଼ା ଏରୋପେନ୍ ଏରୋପ୍ଲେନ ଭିତରେ ଗୋଡ଼ାଆ ଗୋଡ଼ି ହେଉଥିବାର ଲକ୍ଷ୍ୟ କରିଛି ରୂପନାରାୟଣ । ବୋଧେ ଜାପାନି-ବୋମା ପ୍ଲେନ୍‌ଟାଏ ଗୌହାଟୀ ଆଡ଼କୁ ମାଡ଼ି ଆସିଥିଲା । ମିତ୍ର ଶକ୍ତିର ପ୍ଲେନ ବୋଧେ ତାକୁ ଖେଦିନେଇଛି । ଆକାଶମାର୍ଗରେ ଏଇ ପ୍ଲେନମାନଙ୍କର ଯେତେବେଳେ ଖେଳ ଚାଲିଥିଲା ଏବଂ ଗଗନ କମ୍ପୁ-ଥିଲା, ସେତିକିବେଳେ ରୂପନାରାୟଣ ଧନପୁର ହୋରିକାଙ୍କୁ ପଠେଇଦେଇଛି । କେବଳ ଆହ୍ଲନା ଓ ଗୋପେଇଁଙ୍କର ଡେରି ହେଉଛି । ଅବଶ୍ୟ ଏମାନଙ୍କର ଏ ବିଳମ୍ବ ଯୋଗୁଁ କେବଳ ଯେ ରୂପନାରାୟଣ ରାଗିଛି, ତା ନୁହେଁ । ବପ୍ଲବର ଗତିବିଧି ଦେଖି ସେ ବେଶୀ ରାଗିଯାଇଛି । ···ମାମ୍ପଂର ଲୋକମାନଙ୍କୁ ଯେତେଟା ଗମ୍ଭୀର ମାଛ ବୋଲି ସେ ଭାବିଥିଲା ପ୍ରକୃତରେ ସେମାନେ ସେତେଟା ନୁହନ୍ତି ।···ଗରିଲା-ବାହିନୀ ସଙ୍ଗଠନ ସକାଶେ ସେମାନଙ୍କର ଆଗ୍ରହ ଜମା ଆଦୌ ନାହିଁ କହିଲେ ଚଳେ ।···ସେ ଭାବୁଥିଲା, ଏଇ ଜାଗାଟିକୁ ଗୁପ୍ତ ଶିବିର ପାଇଁ ଠିକ୍ କରିନେଲେ ବେଶ୍ ଭଲ ହୁଅନ୍ତା । କାମରୁ ଫେରି ଏଇଠି ରହିଯିବାକୁ ତାର ମନ । କିନ୍ତୁ ଗୋପେଇଁ ସେଥିରେ ରାଜି ହେଉ ନାହାନ୍ତି । ଆହ୍ଲନା କୁଅଁର ବି ଉଁ କି ଚୁଁ କିଛି ହେଲେ କହିଲା ନାହିଁ । ଗୋପେଇଁ କହୁଛନ୍ତି ଯେ ଦଳର ଅନ୍ୟାନ୍ୟ କର୍ମୀମାନଙ୍କ ସହ ପରାମର୍ଶ ନ କରି ଏକଥା କରାଯାଇ ପାରିବ ନାହିଁ ।···କିନ୍ତୁ ବାକି କର୍ମୀ କହିଲେ ଆଉ କିଏ ? ସମସ୍ତେ ତ ଜେଲ୍‌ରେ ।···ଏମାନେ ରେଲଗାଡ଼ି ଓଲଟେଇ ଦେଇ ପଳେଇଆସିବା ପରେ ଲୁଚି ରହିବାକୁ କୋଉଠି ହେଲେ ଜାଗାଟିକେ ନାହିଁ । ମାମ୍ପଂ ତ ଏବେ ଶତ୍ରୁଙ୍କ ଆୟତ୍ତ କବଳରେ । ଲୟରାମ କଣ ଯେ କହି ବସିବ, ସେ କଥା ଜାଣିବା ବି କଠିନ । ଆଉ ଯେ ତିନି ଚାରିଘଣ୍ଟା ବାକି ରହିଲା, ସେତିକି ସମୟ ନିରାପଦରେ ରହିପାରିଲେ ରକ୍ଷା । ତା' ପରେ

ଯାହା ହବାର ଥିବ ହବ ।···ଏଇ ଗୁମ୍ଫା ଭିତରେ ସମସ୍ତେ ଅନ୍ତତଃ ଲୁଚି ରହିଯାଇ ପାରିବେ । ମିଲିଟାରୀ ଲୋକେ କଦାପି ଭାବିବେ ଏମାନଙ୍କୁ ଏଠି ଧରିପାରିବେ ନାହିଁ । ଗୁମ୍ଫା ତୁଇଟା ନିଶ୍ଚିତଭାବେ ନିରାପଦ ସ୍ଥାନ । ସେଇଥିପାଇଁ ରୂପନାରାୟଣ ଗୋସେଇଁଙ୍କୁ କହିଥିଲା, ଏଠୁ ପଳାଇଯିବାର ଉପାୟ ଆଦୌ ନାହିଁ । ଏଠି ରହି ଗରିଲା-ବାହିନୀଟାଏ ଗଢ଼ିଲେ ଭଲ ହୁଅନ୍ତା ।

···ଗୋସେଇଁ କିନ୍ତୁ ନୀରବ ରହିଥିଲେ । ଏପରିକି ବାଧକ କଣ କରଯିବ ସେକଥା ବି ସେ ଏଯାଏଁ କହିପାରିନାହାନ୍ତି । ଅବଶ୍ୟ କଣ ଗୋଟେ କରିବାକୁ ହେବ ସେକଥା ସେ ଜାଣନ୍ତି; କିନ୍ତୁ ରୂପନାରାୟଣ ଯେତେବେଳେ ସେଠି ଗୋଟେ ଗୋପନ-ଶିବିର ସ୍ଥାପନ କରିବା କଥା ସ୍ପଷ୍ଟଭାବେ ଉଠେଇଥିଲା, ସେତେବେଳେ ଗୋସେଇଁ ସେଥିରେ ସମ୍ମତ ହୋଇପାରିଲେ ନାହିଁ । ଏଣୁ ଧନପୁର ଓ ରୂପନାରାୟଣ ଉଭୟେ ଗୋସେଇଁଙ୍କ ଉପରେ ରାଗି ଯାଇଥିଲେ । ଭିଭିରାମ ଓ ଆହିନା କିଛି ସ୍ଥିର କରି ପାରିନଥିଲେ ।

···ଆହିନା କୁଆଁର ଆସି ରୂପନାରାୟଣ ନିକଟରେ ଠିଆହେଲା । ତା ମୁଣ୍ଡର ଧଳାବାଳ ଓ ମୁହଁର ଧଳା ଦାଢ଼ି ଚକ୍ ଚକ୍ ମାରୁଥାଏ । ପାଟିରେ ଗୁଆ ଖଣ୍ଡେ ଚୋବେଇ ଚୋବେଇ ସେ କହିଲା—“କୃଷ୍ଣ ହେ । ଏତେ ଚଞ୍ଚଳ ଗୋଟେ ଶିବିର କରିବା ଦରକାର କଣ ? କୃଷ୍ଣ, କୃଷ୍ଣ···ଏଇ ଯୋଉ ବିରାଟ ବୋଝଟା ମୁଣ୍ଡ ଉପରେ ଲଦାହେଇଚି ତାକୁ ଆଗେ ଓହ୍ଲାଯାଉ । କୃଷ୍ଣ, କୃଷ୍ଣ···ତା’ ପରେ ଅନ୍ୟ କଥା ଦେଖାଯିବ । କୃଷ୍ଣ ହେ ! କେଲରେ ଥିବା ଲୋକଙ୍କ ମତାମତ ବି ଏଥିପାଇଁ ଲୋଡ଼ା । କୃଷ୍ଣ, କୃଷ୍ଣ···ଧାନଟିଏକୁ ଗୁରୁଲଟିଏ, ମଣିଷ ଗୋଟିକୁ ମନ ଗୋଟେ···କୃଷ୍ଣ, କୃଷ୍ଣ···”

ବିରକ୍ତ ହେଲା ରୂପନାରାୟଣ ଆହିନାର କଥା ଶୁଣି । କହିଲା—“ଆପଣଙ୍କର ଜୋର୍ କମ୍ । ଅସଲ୍ କାମ ପାଇଁ ଆଗ୍ରହ ବି କମ୍ । ବାପୁଜୀଙ୍କର ଆଦର୍ଶରେ ଚଳୁଚନ୍ତି ବୋଲି କହୁଚନ୍ତି; କିନ୍ତୁ ବାସ୍ତବରେ ତାକୁ ପାରୁନାହାନ୍ତି । ହିଂସାପୂଜ କରିବାକୁ ବି ଆଗେଇ ଆସୁନାହାନ୍ତି । ଏଇ ଦୋନାଗୁଡ଼ିଆ ନୀତି ଯୋଗୁଁ ଆମେ ସବୁ କିଛି ହରେଇବସିବା ।”···ଟିକିଏ ରହିଗଲା ରୂପନାରାୟଣ । ଦୀର୍ଘ ନିଃଶ୍ୱାସଟାଏ ଛାଡ଼ିଲା । ପୁଣି କହିଲା— “ଯାହା ହରେଇବା କଥା ନୁହେଁ ଅମେ ହରେଇବସିଚେଁ । ଶତ୍ରୁ ହାତରେ ଶତ୍ରୁର ପରାଜୟ ଘଟିଚି । ଆମେ ତାର ସୁଯୋଗ ନେଇପାରିଲେ ନାହିଁ । ଛି···ଛି···ଏଇ କଣ ଆମ ଦେଶପ୍ରେମର ପରିଚୟ ?”···

ବାରମ୍ବାର ଅନାଉଥିଲା ଆକାଶ ଆଡ଼କୁ ରୂପନାରାୟଣ, ଆକାଶଟା ସେତେବେଳେ ସମ୍ପୂର୍ଣ୍ଣ ନିଥର । ଏରୋପ୍ଲେନ ଗୁଡ଼ିକ ଅନେକ ବେଳୁ ଲୁଚିଗଲେଣି ଦିଗନ୍ତର ସେପାରିରେ । ସୂର୍ଯ୍ୟ-କିରଣ ମଳିନ ପଡ଼ିଗଲାଣି । ଗୋସେଇଁ ଖୁଁ-ଖୁଁ କାଶୁଥିଲେ । ଆହିନା ଟିକିଏ ସୁସ୍ଥ ହୋଇ କହିଲା—“କୃଷ୍ଣ,କୃଷ୍ଣ···ଏତେ କାମ ! ଏତେ କାମ ଭିତରେ ସବୁ କାମ ଠିକ୍ ଠିକ୍ ହେବା ସମ୍ଭବ ! କୃଷ୍ଣ···କୃଷ୍ଣ···”

ଗୋସେଇଁ ଏଥର ନିଆଁ ପାଖରୁ ଉଠିଲେ । ତାଙ୍କ ମୁହଁଟା ବ୍ରଣ-ଦାଗରେ ଭର୍ତ୍ତି ହୋଇଗଲାଣି···ନିଆଁ ଲିଭେଇ ପୋଡ଼ାକାଠଗୁଡ଼ା ପାଣିକୁ ଫୋପାଡ଼ି ଦେଲେ । କାଠଗୁଡ଼ା ଭସିଗଲା । କାନରେ ତାଙ୍କର ବନ୍ଧୁକ । ଖିଆପିଆ ଆଗରୁ ଯେଉଁ ତର୍କ-ବିତର୍କ ଚାଲିଥିଲା, ସେଥିରେ ସମସ୍ତେ ଉଣା ଅଧିକେ ରାଗିଛନ୍ତି, ଦୁଃଖ ବି କରିଛନ୍ତି । କଥାଟା କିଛି ଭଲ-ହେଲାନି ।···ହଠାତ୍ ସ୍ୱର୍ଗରୁ ପଡ଼ିଲା ପରି ରୂପନାରାୟଣ ପ୍ରସ୍ତାବଟା ପକେଇଲା । ଗୁପ୍ତ-ଶିବିର ସ୍ଥାପନ ପ୍ରସ୍ତାବ···ଏଇଠି । ଭାରି ପସନ୍ଦ ହୋଇଛି ଜାଗାଟା ତାର । ଅବଶ୍ୟ ଜାଗାଟା ଉପଯୁକ୍ତ; ଏଥିରେ ସନ୍ଦେହ ନାହିଁ । ରୂପନାରାୟଣ, ଧନପୁର, ମଧୁ ଓ ଭିଭିରାମ ମିଶି ଗୁମ୍ଫା ଦୁଇଟିକୁ ପରିଷ୍କାର-ପରିଚ୍ଛନ୍ନ କରିଦେଇଛନ୍ତି । ଗୁମ୍ଫାର ଭିତର ପର୍ଯ୍ୟନ୍ତ ସୂର୍ଯ୍ୟକିରଣ ପହଞ୍ଚିପାରୁଛି । ବିରାଟ ଗୁମ୍ଫା, ଅଥଚ ଗଛପତ୍ରରେ ଢାଙ୍କି ହୋଇ ବାହାରୁ ନଜରକୁ ଆସେନା । ଏଇ ଝରଣାଠୁ ଫର୍ଲଙ୍ଗେ ଦୂରରେ । ପୋଲିସ ଓ ମିଲିଟାରୀ ଲୋକେ ଏ ଜାଗାକୁ ଖୋଜି ପାଇବେ ନାହିଁ । ନିର୍ଭୁଲ ଭାବେ ନିର୍ବାଚନ କରିଛି ରୂପନାରାୟଣ । କିନ୍ତୁ ଗୋସେଇଁଙ୍କ ମନକୁ କଥାଟା ପାଉନାହିଁ । ଜେଲ ଭିତରେ ଥିବା ଲୋକେ କଣ କହିବେ ? ତା' ଛଡ଼ା ମାଷ୍ଟର ଲୋକେ କଣ ଭାବିବେ ?···ହିଂସା ନିକଟରେ ସମ୍ପୂର୍ଣ୍ଣ ଭାବେ ଆତ୍ମସମର୍ପଣ କରିବାକୁ ଭିତରେ ଭିତରେ ସଂଘର୍ଷ ଅନୁଭବ କରୁଥିଲେ ସେମାନଙ୍କ ଭିତରୁ ଅଧିକାଂଶ । ସେମାନଙ୍କ ମନ ଭିତରର ଅସ୍ପଷ୍ଟ ତଥା ଅରୂପା ରୂପକୁ ଧରିପାରି ଥିବାରୁ ରୂପନାରାୟଣ ରାଗିଯାଇଥିଲା । ରାଗିବାଟା ଖୁବ୍ ସ୍ୱାଭାବିକତା ପକ୍ଷରେ । କିନ୍ତୁ ଅସମୟରେ ରାଗି ଲାଭ କଣ ? ହୁଏତ ରାଗର ଦାଉରେ ସେ ଏପରି ଏକ ସିଦ୍ଧାନ୍ତ କରିନେଇଛି । କାମଟା କରିସାରିବା ପରେ ପରେ ପଳେଇ-ଆସି ଏଇ ଗୁମ୍ଫା ଦୁଇଟାରେ ଆଶ୍ରୟନେଲେ ଭଲ ହବ, ଏଇ ସିଦ୍ଧାନ୍ତଟିକୁ ଗୋସେଇଁ ମାନିନେଇ ପାରିଲେ ନାହିଁ । ଏଣୁ ଏକଥା ଉପରେ ସେ ଜୋର ଦେଲେନାହିଁ । ରେଲଗାଡ଼ି ଓଲଟିବାପରେ ସିଦ୍ଧାନ୍ତଟା ନେଲେ ଭଲ ହେବ ବୋଲି ସେ ମନେ ମନେ ଭାବିଲେ ।...

ମୁହଁଟା ଶୁଖି ଶୁକୁଟା ହୋଇଯାଇଛି ଗୋସେଇଁଙ୍କର । ବେମାର ସାଥିକୁ ଏ ଚିନ୍ତା··· କ୍ରମଶଃ ଗୋସେଇଁ ଆଣୀଙ୍କ ଚିନ୍ତା କ୍ଷୀଣ ହୋଇଯାଉଥିଲା ତାଙ୍କ ମନରେ । ଉପସ୍ଥିତ କର୍ତ୍ତବ୍ୟ ଓ ଭବିଷ୍ୟତ ଚିନ୍ତାରେ ମନଟା ଛଟପଟ ହେଉଥିଲା ।···ସେ ଧୀରେ ଧୀରେ ଆସି ରୂପନାରାୟଣ ନିକଟରେ ଛିଡ଼ାହେଲେ । ତା' ପରେ କହିଲେ—"ଏଇ କଥାକୁ ଧରି ଏତେ ଚିନ୍ତା କରନା । ଯାହାବି ହଉ, ଗୋଟେ କିଛି କରାଯିବ । ମୁଁ ଯେ ଜୀବନ ନେଇ ଫେରି ଆସିବି, ସେ ଆଶା ନାହିଁ । ପାହାଡ଼ରେ ଆଗରେ ପଛରେ ସବୁ ଆଡ଼େ ସୈନ୍ୟ ଛାଉଣୀ । ଏଇ ଜଙ୍ଗଲ ହିଁ ଏକମାତ୍ର ଆଶ୍ରୟସ୍ଥଳୀ । ଯଦି ବଞ୍ଚେ, ତେବେ ନିଶ୍ଚୟ ମୁଁ ଏଇ ଗୁମ୍ଫାରେ ରହିବି । ସେତିକବେଳେ ସବୁ କିଛି ଠିକ୍ଠାକ୍ କରିବା ।"

ରୂପନାରାୟଣ ସିଗାରେଟ ବାହାର କରି ନିଆଁ ଧରେଇଲା । ସିଗାରେଟ୍ ଟାଣି ଟାଣି କହିଲା—"ଆପଣମାନଙ୍କର ଏଇ ଆଶଙ୍କା ହିଁ ସର୍ବନାଶ କରିବ ।···ମରିବା ତ ମରିବା । ମଣିଷ ଥରେ ମରେ । କିନ୍ତୁ ମରିବ ବୋଲି କଥାଟାକୁ ମନରେ ଧରି ରଖିବା ଠିକ୍ ନୁହେଁ ।

ମନକୁ ଦୁର୍ବଳ କରିଦେବ ସେ ଚିନ୍ତା । ବରଂ ବସ୍ତୁବ, ଲଢ଼େଇ କରିବ ବୋଲି ସ୍ଥିର କାମ କରିଯିବା ଦରକାର ।" ···ରୂପନାରାୟଣର ସ୍ୱର କୋମଳ; କିନ୍ତୁ ମତାମତ କଠୋର ।

ଗୋସେଇଁ ଭଲ ଭାବେ ରୂପନାରାୟଣର ମୁଖମଣ୍ଡଳକୁ ନିରୀକ୍ଷଣ କଲେ । କହିଲେ— "ମୁଁ ବୁଝିଛି । ତୁମେ ଯଦି ସତରେ ସତରେ ଭାବୁଛ ଯେ ଏଇ ଗୁମ୍ଫା ହିଁ ଆମମାନଙ୍କର ଆଶ୍ରୟ ଏବଂ ନୂତନ କର୍ମ କ୍ଷେତ୍ର, ତେବେ ମୁଁ ସେୟା ହିଁ କରିବି । କିନ୍ତୁ ତୁମେ ଯୁବକମାନେ ନେତୃତ୍ୱ ନେବା ଦରକାର । ପାରିବ ତ ?"

ଏଥର ରୂପନାରାୟଣ ଗୋସେଇଁଙ୍କର କଥା ଗୁଡ଼ିକୁ ହଜମ କରିବାକୁ ଚେଷ୍ଟା କଲା । ଭଲ ଭାବେ ପରୀକ୍ଷା ନିରୀକ୍ଷା କଲା ତାଙ୍କ ମୁହଁକୁ । ଗୋସେଇଁଙ୍କ ମନରେ ଏବେ ବି ଯେ ଦୃଢ଼ତା ଅଛି ସେ ବିଷୟରେ ନିଃସନ୍ଦେହ ହେଲା ସେ । କିନ୍ତୁ ନିରୁପାୟ ସେ । ବାଟ ପାଉନାହାନ୍ତି । ନେତୃତ୍ୱର ଶକ୍ତି ଭାଙ୍ଗିଗଲାଣି—ଯେମିତି ଝରଣାଟିଏ ପାହାଡ଼ରୁ ବାହାରି ସମତଳ ଭୂମିଦେଇ ମରୁଭୂମିରେ ପହଞ୍ଚିବାକ୍ଷଣି ବହିବା ବନ୍ଦକରି କ୍ରମଶଃ ଶୁଖିଯାଏ । ···ଦାୟିତ୍ୱବୋଧ ଅଛି ସତ; ନାହିଁ କେବଳ କଠିନ ପରିସ୍ଥିତିକୁ ସମ୍ଭାଳି ନେଇ ନୂତନ ବୈପ୍ଳବିକ କର୍ମର ପଥ ନିରୂପଣ କରିବା ଶକ୍ତି··· । ରୂପନାରାୟଣ କହିଲା—"ଆପଣ ଗୁମ୍ଫାଗୁଡ଼ିକ ଦେଖିବାକୁ ଗଲେ ନାହିଁ । ଚାଲନ୍ତୁ, ଏବେ ଦେଖି ଆସିବେ । ତାପରେ କହିବ କଣ କରାଯାଇ ପାରିବ ଓ କଣ କରାଯାଇ ପାରିବ ନାହିଁ ।···ଆହ୍ଲାଦ କୁଅଁର ଏଠି ଥାଆନ୍ତୁ ।"

—"କୃଷ୍ଣ ହେ ! ଦେଖିବାକୁ ମୋର ବି ଇଚ୍ଛା ହଉଚି ।"

—"ନା, ଦରକାର ନାହିଁ । ଜିନିଷପତ୍ର ଗୁଡ଼ା ଅଛି । ଗୁଡ଼ାଇଯିବା ଠିକ୍ ହବ ନାହିଁ । ତା' ଛଡ଼ା ଦେଖୁଚନା ଏଠି କେମିତି ରନ୍ଧାବଢ଼ା ଜିନିଷଗୁଡ଼ା ବିସ୍ତାରିହୋଇ ପଡ଼ିଚି ! ଆପଣ ଏସବୁକୁ ଆଇତ କରୁଥାଆନ୍ତୁ ।" କହିଲା ରୂପନାରାୟଣ ।

ଭାତରନ୍ଧା ଓ ଭାତଖିଆ ଜାଗାଟାକୁ ତନ୍ନ ତନ୍ନ କରି ପରୀକ୍ଷା କଲେ ଗୋସେଇଁ । ଅଇଁଠା-ଗୁଡ଼ା ସେମିତି ପଡ଼ିଛି । କେହି ସେଆଡ଼କୁ ନଜର ଦେଉନାହାନ୍ତି । ନଜର ପଡ଼ିଥିଲେ ବି ସଂସ୍କାରବଶତଃ ଗୋଟେଇ ଫୋପାଡ଼ି ଦବାକୁ ମନ କରିନାହାନ୍ତି । ସ୍ଥାନେ ସ୍ଥାନେ ହଳଦୀ ଗୁଣ୍ଡ, ମସଲା ଇତ୍ୟାଦି ପଡ଼ିଛି । ଲୋକଙ୍କ୍ ଖୋଜି ଆସୁଥିବା ପୋଲିସ ଓ ମିଲିଟାରୀ ଲୋକେ ଏଠି ପହଞ୍ଚି ଏ ସବୁ ଦେଖିଲେ ନିଶ୍ଚୟ ସନ୍ଦେହ କରିବେ ।···ଗୋସେଇଁ ବନ୍ଧୁକନଳୀ ମୁହଁରେ କଦଳୀପତ୍ର ଓ ବାଉଁଶ ଗ୍ଲାସ ଗୁଡ଼ିକୁ ଠେଲିଠାଲି ଦେଇ ପାଣିକୁ ପକେଇଦେଲେ । ତାପରେ ଘୋଟେ ବାଉଁଶନଳୀରେ ପାଣି ଆଣି ହଳଦୀ ଓ ମସଲାମସଲି ପଡ଼ିଥିବା ଜାଗାକୁ ଧୋଇ ସଫାକଲେ । ହଳଦୀର ରଙ୍ଗ କିନ୍ତୁ ପଥର ଉପରେ ଅନ୍ୟଆଡ଼େ ମାଡ଼ିଗଲା ।

ରୂପନାରାୟଣ କହିଲା—"ଏଇ ଦାଗ ସହଜରେ ଛାଡ଼େନାହିଁ ।"

ଆହ୍ଲାଦ କୁଅଁର ହାଁ ମାରି ଗୋସେଇଁଙ୍କ କାମକୁ ଲକ୍ଷ୍ୟ କରୁଥିଲା । କିଛିକ୍ଷଣ ପରେ କହିଲା—"କୃଷ୍ଣ ହେ ! ନ କରିବା କାମକୁ ଗୋସେଇଁ କଲେ । କୃଷ୍ଣ···କୃଷ୍ଣ···ଘରେ ଥିଲେ

କଣ ଆପଣ ଲୋକଙ୍କ ଅଇଁଠା ଗୋଟେଇଆଆନ୍ତେ,···କୃଷ୍ଣ···କୃଷ୍ଣ···ମୁଁ ହେଲେ ବି ତ କଣି ନଥାନ୍ତି । କିନ୍ତୁ···କୃଷ୍ଣ···କୃଷ୍ଣ···ବିପ୍ଳବର ସମସ୍ତ···ନିୟମ-କାନୁନ ସାତ ଜାତ ସବୁ ଏଠି ଅଚଳ । କୃଷ୍ଣ ହେ !" ଏହା କହି ସେ ଡାଳଖଣ୍ଡେ ଭାଙ୍ଗି ଆଣି ପଥର ଉପରେ ପଡ଼ିଥିବା ଅବଶିଷ୍ଟ ଅଇଁଠାଗୁଡ଼ା ଘାଣ୍ଟେଇଦେଲେ ଓ ସେସବୁକୁ ଏକାଠି କରି ନେଇ ପାଣିକୁ ଫୋପାଡ଼ିଦେଲେ ।

ଗୋସେଇଁ କହିଲେ—"ଆହନା'ଇ ! ଟିକିଏ ସାବଧାନରେ ଥିବ । ଏପାଖ ସେପାଖକୁ ନଜର କରୁଥିବ । ଆମେ ଚଞ୍ଚଳ ଫେରିଆସିବୁ । ମନଟା ମୋର କାହିଁକି ଗୋଳେଇ ଘାଣ୍ଟି ହେଉଛି । କିଛି ଦୁଃସମ୍ବାଦ ମିଳିବ କି ? ଦେଖୁଛ ନା ଆକାଶରେ ଶାଗୁଣାଗୁଡ଼ାଙ୍କୁ । ଏଣେ ଏ କାଉଟା ଖାଇବାକୁ ନାଚୁଛି ।"

ହସିଲେ ରୂପନାରାୟଣ । କହିଲେ—"କାଉଟା ତ ଅଇଁଠା ଖାଇବାକୁ ଆସିଥିଲା; ନ ମିଳିବାରୁ ସେମିତି ନାଚୁଛି । ଶାଗୁଣାଗୁଡ଼ା ଉଡ଼ିବା କଥା ବୋଲି ଉଡ଼ୁଛନ୍ତି । ତଥାପି ଆପଣ ଟିକିଏ ସାବଧାନରେ ରହିବା ଭଲ, କୁଅଁରେ ବନ୍ଧୁକରେ ଗୁଳି ଭର୍ତ୍ତି ! ଦରକାର ହେଲେ ଗୋଟେ ଗୁଳି ଫୁଟେଇବ ।"

—"କୃଷ୍ଣ···କୃଷ୍ଣ···ବନ୍ଧୁକ ଫୁଟେଇଲେ ବିପଦ । କୃଷ୍ଣ ହେ ! ସୁପୂର ମାରିବ । ହଉ, ଆପଣମାନେ ଆସନ୍ତୁ···କୃଷ୍ଣ···କୃଷ୍ଣ··· ।"

ଗୋସେଇଁ ହସି ହସି କହିଲେ—"ଆପଣଙ୍କର ସିଏ ଶୁଣୁଥିଲେ ହସି ହସି ଗଡ଼ିଯାଆନ୍ତେଣି ···ବୁଢ଼ା ଭକ୍ତଙ୍କର ଏଇ ଟୋକା ଟାକଳିଆ ସ୍ୱଭାବ ଦେଖି କେଜାଣି ଅବା ମଜାମାରୁ-ଆନ୍ତେ··· ।"

ଆହନା କୁଅଁରର ମୁହଁଟା ହଠାତ୍ ଗମ୍ଭୀର ହେଇଗଲା । ରୂପନାରାୟଣ ଆହନା ମୁହଁକୁ ଚାହିଁ କହିଲେ—"ଘର ମନେପଡ଼ୁଛି ବୋଧେ ? ଘରେ ସବୁ କିଏ କିଏ ଅଛନ୍ତି ? ଘର ସମ୍ଭାଳିବା ଭଳି ପୁଅ ଅଛି ତ ?"

—"ସଂସାର-ଜଞ୍ଜାଳ ସେମିତି କିଛି ନାହିଁ ମୋର । କୃଷ୍ଣ···କୃଷ୍ଣ···ବଡ଼ପୁଅର ପୁଅ-ଝିଅ ଚନୋଟି । ବାକି ଦୁଇଟି ପୁଅ ହଲ କରିବାକୁ ହେଇଗଲେଣି । କୃଷ୍ଣ···କୃଷ୍ଣ··· ସେମାନଙ୍କ ପାଇଁ ଚିନ୍ତା ନାହିଁ···କିନ୍ତୁ, ···କୃଷ୍ଣ···କୃଷ୍ଣ···ସ୍ତ୍ରୀଙ୍କ ଦେହଟା ସଦାବେଳେ ବେମାର । କୃଷ୍ଣ ହେ ! ବାର ମାସକୁ ତେର ରୋଗ । ବଡ଼ କବିରାଜଟାଏ ଲଗେଇପାରିନି, କୃଷ୍ଣ···କୃଷ୍ଣ···ଗୋସେଇଁ ମଝିରେ ମଝିରେ ହୋମାପାଥି ପାନେ ଦି'ପାନ ଦିଅନ୍ତି । ···ଏବେ ଦିନ ହେଲା ଡାକ୍ତରଖାନାଟିଏ ବସିପାରିଲା ନାହିଁ ସେଠି ।" କହୁ କହୁ ଦୀର୍ଘ ନିଶ୍ୱାସଟାଏ ଛାଡ଼ିଲେ । ପୁଣି କହିଲେ—"କୃଷ୍ଣ···କୃଷ୍ଣ···ଘରକୁ କଣ ଫେରିପାରିବି ? କିଏ କହିବ ? କୃଷ୍ଣ ହେ !"

କହୁ କହୁ ବୁଢ଼ା ଆଖି ଛଳ ଛଳ ହେଲା । ଲୁହ ବି ଗଡ଼ିଲା ।

ଏ ସମୟରେ ଗୋସେଇଁ ପଦେ ହାଁକଲେ—

ଏକାନ୍ତ ଭକତ ବାଞ୍ଛା ନ କରଇ ଅର୍ଥ
ହରିନାମ, ହରିଗୁଣ ଅଦ୍‌ଭୁତ ଅତ୍ୟନ୍ତ ।
କୃଷ୍ଣ-ଯଶ ରସ ବିନା ଆନ ରସ ନାହିଁ
ପରମାନନ୍ଦସାଗରେ ମଜ୍ଜି ରହି ଯାଇ । ୧୩ । ※

ପଦ ଶେଷରେ ଗୋସେଇଁ ପୁଣି କହିଲେ—"ତୁମର ଯୋଉ ଦୁଃଖ, ମୋର ବି ସେଇ ଦୁଃଖ···କିନ୍ତୁ କଣ କରିବା । ବିଷୟବାସନାରେ ମଜ୍ଜିବାର ସମୟ ଏ ନୁହେଁ ।···ଲୁହ ପୋଛି ପକା···"

ରୂପନାରାୟଣର ଧୈର୍ଯ୍ୟ ଭାଙ୍ଗିଲା । ନାମ-ସଙ୍କୀର୍ତ୍ତନ ବା ପଦାବଳୀ ତାକୁ କେବେ ବି ଆନନ୍ଦ ଦେଇପାରିନାହିଁ । ଯଦି କିଛି ଶାନ୍ତ୍ୱନା ସେ ଜୀବନରେ ପାଇଛି ତାହା କେବଳ ଇତିହାସରୁ । ଶହୀଦର ଆବଶ୍ୟକତାକୁ କେହି ଅସ୍ୱୀକାରକରି ପାରିବେ ନାହିଁ···ତା ଘରେ ବି ଲୋକ ଭର୍ତ୍ତି । ବାପା ତାକୁ କହୁଥିଲେ ବାହା ହେବାକୁ; କଲେଜକୁ ଫେରିଯାଇ ପଢ଼ା ଶୁଣା ଶେଷ କରି ଭଲ ଗୁକିରିଟାଏ କରିବାକୁ । କିନ୍ତୁ ସେ ସହିପାରିଲା ନାହିଁ । ଦେଶ ସ୍ୱାଧୀନ ନ ହେଲେ ଗୁକିରି କରିବା ଅବା ବାହାହେବାର କୌଣସି ଅର୍ଥ ନାହିଁ—ଆବଶ୍ୟକତା ବି ନାହିଁ ।

···ପାଠପଢ଼ାରେ ବେଶ୍ ଭଲ କରୁଥିଲା ରୂପନାରାୟଣ । ନଗାଁଓର ଶଇକିଆ ଓକିଲଙ୍କ ବଡ଼ ଝିଅ ଆରତି ! ଦଶମ ଶ୍ରେଣୀରେ ପଢ଼ୁଚି । ଶଇକିଆ ଓକିଲ ରୂପନାରାୟଣକୁ ବହୁତ-ଥର ଘରକୁ ଡାକିଛନ୍ତି ଗୁହା ଖାଇବାକୁ । ଅନେକଥର ସେ କହିଛନ୍ତି,···ପାଠପଢ଼ା ପାଇଁ ଚିନ୍ତା କରନା । ଅକ୍‌ସଫୋର୍ଡ଼, କେମ୍ବ୍ରିଜ୍···ଯୋଉଠିକି ଇଚ୍ଛା ତମର ସେଠିକି ପଠେଇ-ଦେବି । ମୋତେ ବାପ ବୋଲି ଭାବିବ । ମଝିରେ ମଝିରେ ଆସି ଆରତିକୁ ଟିକିଏ ସାହାଯ୍ୟ କରିବ ପଢ଼ାପଢ଼ିରେ··· । ତା' ପରେ ଆରତି ସହିତ ପରିଚୟ ମଧ୍ୟ କରାଇଦେଇଥିଲେ । ନାଗେଶ୍ୱର ଗଛ ପରି ଚେହେରା ଆରତିର । ଡେଙ୍ଗା, ପତଳା···ଆଜାନୁଲମ୍ବିତ କେଶ । ମୁହଁଟା ଠିକ୍ ସୂର୍ଯ୍ୟ କିରଣ ପଡ଼ୁଥିବା କପିଲୀ ନଈର ପାଣି ପରି ଚକ୍‌ଚକ୍ । ଅନେଇଲେ ଲାଗିରହେ ।···ଗୋଟେ ସୁନ୍ଦର ମଧୁମୟ ଭବିଷ୍ୟତ ଆଖି ଆଗରେ ନାଚଯାଉଥିଲା ରୂପନାରାୟଣର ।···କିନ୍ତୁ ? ସେଇ ଭବିଷ୍ୟତର ମୋହକୁ ଏଡ଼ିଦେଇ ଆନ୍ଦୋଳନରେ ଝାସ ଦେଇ ସର୍ବସ୍ୱାନ୍ତ ହେବାକୁ ପ୍ରଥମେ ଡର ଲାଗୁଥିଲା ତାକୁ । ଲାଗିବା କଥା ବି,

---

※ ଏକାନ୍ତ ଭକତ ଯାର ହୟ — କିଛୁ ଅର୍ଥ ତାର ନବାଞ୍ଛୟ
ମହା ଅଦଭୂତ ହରିଗୁଣ ନାମମୟ
ପରମ ମଙ୍ଗଲ କୃଷ୍ଣଯଶ — ଯାହା ପରେ ଆନ ନାହି ରସ
ପରମ ଆନନ୍ଦ ସମୁଦ୍ର ମଜ୍ଜ ରହୟ ।

···କଲେଜ ଛାଡ଼ିବାପରେ ସେ ଆରତିକୁ ଭେଟିଥିଲା । ଆରତି ଆଖିରେ ସେଦିନ ସେ ଦେଖିଥିଲା ଭୟ ତଥା କାତର ମିନତି । ···ସେସବୁକୁ ଉପେକ୍ଷା କରି ସେ ଚାଲିଆସିଥିଲା । ଦୁଃଖ ଲାଗିଥିଲା ତାକୁ, ···କିନ୍ତୁ ଜାତୀୟ ଭାବଧାରାରେ ଅନ୍ତର ତାର ଆନ୍ଦୋଳିତ ହେଉଥିଲା । ସେ ରହିପାରି ନ ଥିଲା । ଆଜି ଆରତିର କଥା ଆପେ ଆପେ ତା' ମନକୁ ଆସିଯାଉଛି । ତାକୁ ହଠାତ୍ ଲାଗିଲା ଯେମିତି ଆରତି କାନ୍ଦି କାନ୍ଦି କହୁଚି—"ଫେରି ଆସ । ଫେରିଆସ···" କିନ୍ତୁ ଫେରିବ ସେ କେମିତି । ଏ ରାସ୍ତାରେ ଯେତିକି ଯେତିକି ଆଗେଇବ, ପଛ ରାସ୍ତାଟା ସେତିକି ସେତିକି ଲିଭି ଲିଭି ଯାଉଥିବ···କପାଳଟା ଝାଳେଇଲା ରୂପନାରାୟଣର । ସେ ଝାଳ ପୋଛିଲା ।

ଗୋସେଇଁଙ୍କର କୌତୂହଳ ଜାତ ହେଲା···ପଚାରିଲେ—"କଣ ହେଲା କି ରୂପ ! ତୁମ କପାଳରେ ଝାଳ ! ଏ ଅସମୟରେ !!"

ଟିକିଏ ଇତସ୍ତତଃ ହେଲା ରୂପନାରାୟଣ । ନିଜକୁ ସଯତ କରିବାକୁ ଚେଷ୍ଟାକଲା ।

ଗୋସେଇଁ ପଚାରିଲେ—"ତୁମକୁ ବି ସେଇ ଏକା ରୋଗ ଧରିଚି ନା କଣ ? ···ତେବେ ସାନ୍ତ୍ୱନାର ଆବଶ୍ୟକତା ନାହିଁ ବୋଧେ, ତୁମେ ତ ବୁଝିବାପିଲା ! ···ଚାଲ···ଚାଲ, ଗୁମ୍ଫା; ଦେଖିଆସିବା, ଡେରି ହେଇଯାଉଚି··· ।"

ଦୁହେଁ ଆଗେଇଲେ ଗୁମ୍ଫା ଆଡ଼କୁ । ପଥର ତଳକୁ ଓହ୍ଲେଇ ଡାହାଣ ଦିଗରେ ପ୍ରାୟ ପାଞ୍ଚମିନିଟ ଚାଲିବାପରେ ସେ ଦୁହେଁ ପୁଣି ବାଁକୁ ଘୂରି ସେଇଠୁ ଉଠାଣି ଉଠିଲେ । ତା'ପରେ ପୁଣି ତଳକୁ ଖସି ଲୁଚିଗଲେ ସେଇ ଉପତ୍ୟକା ଭିତରେ । କିଛି ସମୟପରେ ଯାଇ ଠିଆ-ହେଲେ ଗୁମ୍ଫାମୁହଁରେ । ଗୋସେଇଁ ଉପରକୁ ଚାହିଁ ଦେଖିଲେ ଯେ ଉପରର ନିପଟ ସୁଡ଼ଙ୍ଗ ଦେଇ ଆକାଶଟା ଦେଖାଯାଉଚି । ···ଏ ଘନ ବନାନୀର ପରପାରିରେ ଯେ ଗୋଟେ ପୃଥିବୀ ଅଛି, ସେ କଥା ତାଙ୍କର ମନେ ନଥିଲା । ଅତି ନିର୍ଜନ ଓ ଗୋପନୀୟ ସ୍ଥାନ··· ଏଥିରେ ସନ୍ଦେହ ନାହିଁ । ଗୁମ୍ଫାର ମୁହଁ ଦୁଇଟାରେ ଦୁଇଟା ବରାଟ ବରାଟ ଜରଗଛ । ଜରଗଛ ଯୋଡ଼କ ମଝିରେ ଏକ ବରାଟ ପଥର ।

ରୂପନାରାୟଣ ଚିନ୍ତାମଗ୍ନ ହୋଇ କହିଲା—"ଏଇ ଯୋଉ ବଡ଼ ପଥରଟା ଦେଖୁଛନ୍ତି, ସେଇଟା କୌଣସି ଆଦିବାସୀ ଗୋଷ୍ଠୀଙ୍କ ପୂଜାପୀଠ । ଗୋପନ ଶିବିର ପାଇଁ ସ୍ଥାନଟି ବେଶ୍ ଉପଯୁକ୍ତ, ନୁହେଁ ? ଆସନ୍ତୁ । ଏଥର ଗୁମ୍ଫା ଭିତରକୁ ଯିବା ।"

ଗୋସେଇଁ ନୀରବରେ ରୂପନାରାୟଣଙ୍କୁ ଅନୁସରଣ କଲେ । ପ୍ରଥମ ଗୁମ୍ଫାଟି ବେଶ୍ ବଡ଼ । ଭିତର ପାଖଟା ଏକାଥରକେ ଦଶବାରଜଣ ଲୋକ ପଶିପାରିବା ଭଳି ଚଉଡ଼ା । ପ୍ରଥମେ ଗୁମ୍ଫା ଭିତରକୁ ପଶି ରୂପନାରାୟଣ ଓ ଧନପୁର ଅଣ-ନିଶ୍ୱାସୀ ହୋଇପଡ଼ିଥିଲେ । କିନ୍ତୁ ଟିକିମାଣ ଭିତରଟା ଅଳ୍ପ ପରିଷ୍କାର କରିଦବାରୁ ସାରାଟା ଗୁମ୍ଫା ବାସଯୋଗ୍ୟ ହେବ ବୋଲି

ମନେହେଲା । ଯେତେବେଳେ ଧନପୁର କହୁଥିଲା, ଗୁମ୍ଫାମୁହଁରେ ପର୍ଦ୍ଦା ଟାଙ୍ଗିଦେଲେ ଦଶବାର ଜଣ ଲୋକ ଖୁସିରେ ଶୋଇପାରିବେ । ଏଇ ଗଛଗୁଡ଼ିକ ବର୍ଷା, ପବନରୁ ରକ୍ଷା କରିବେ ।···ବାସ୍ତବିକ୍ ଧନପୁର ଠିକ୍ ଧରିପାରିଛି··· ।

ପ୍ରଥମ ଗୁମ୍ଫାଟି ଦେଖିସାରି ସେ ଦୁହେଁ ଦ୍ୱିତୀୟ ଗୁମ୍ଫାକୁ ଗଲେ । ଏଇ ଗୁମ୍ଫାଟି ଅଣଓସାରିଆ; କିନ୍ତୁ ଲମ୍ବା । ଏଠି ଜିନିଷପତ୍ର ରଖାଯାଇପାରିବ ଓ ଅଫିସ କରାଯାଇପାରିବ । ଗୁମ୍ଫାଟି ଅପରିଷ୍କାର ହୋଇ ପଡ଼ିଛି । ରୂପନାରାୟଣ ଟର୍ଚ୍ଚମାରି ଭିତରକୁ ଚାହିଁ ଦେଖିଲା । ଭିତରେ ଦୁର୍ଭେଦ୍ୟ ଅନ୍ଧକାର । କିଏ ତା ଭିତରେ ଅଛି, ଅନୁମାନ କରି ହୁଏନ । ଏମିତି ଦୁର୍ଗ ଭିତରେ କେତେବେଳେ ଅଜଗର ସାପ ଅବା ବାଘ ରହନ୍ତି । ବେଳେବେଳେ ଡକାଏତମାନେ ବି ଏମିତି ଗୁମ୍ଫାରେ ଆଡ୍ଡା ଜମାନ୍ତି । କିନ୍ତୁ ଏପରି ଗୁମ୍ଫାରେ ମଣିଷ ଯେ ବସବାସ କରିପାରିବ ତାହା କଳ୍ପନାର ବାହାରେ ।

ରୂପନାରାୟଣ କହିଲା—"ଏଠୁ ପର୍ଲିଙ୍ଗେ ଦୂରରେ ଝରଣାଟା ଠିକ୍ ଏହାର ଡାହାଣ ପାଖକୁ । ସେ ପାଖରେ ବେତବଣ । ବେତବଣରୁ ରେଳଗାଡ଼ି ଯିବା ଆସିବା ଶବ୍ଦ ଶୁଭେ । କିନ୍ତୁ ଲାଗେ ଯେମିତି ସେ ଶବ୍ଦଟା ପାତାଳରୁ ଆସୁଛି । ଚାରିପାଖରେ ତିନି ମାଇଲ ଘେରରେ ଜନପ୍ରାଣୀର ନାଁ-ଗନ୍ଧ ନାହିଁ । ତା' ଛଡ଼ା ବିଲ, ପଡ଼ିଆ, ରେଳଲାଇନ, ଗାଁଗଣ୍ଡା, ନଈ-ନାଳ କିଛି ନାହିଁ···ଖୁବ୍ ନିରାପଦ ସ୍ଥାନ । ନୁହେଁ ?"

—"ଜାଗାତ ଠିକ୍ ହେଲା । ଏବେ ସାମରିକ ଘାଟି ପ୍ରସ୍ତୁତ ହେଲା ବୋଲି ଧରାଯାଉ । ସେନାପତି ବି ମିଳିଲେ । କିନ୍ତୁ ସେନା କାହାନ୍ତି ? ଅସ୍ତ୍ରଶସ୍ତ୍ର କାହିଁ ??"

ରୂପନାରାୟଣ ପୁଣି ଗୋସେଇଁଙ୍କ ଆଡ଼କୁ ଚାହିଁଲା । ଝାପ୍ସା ଝାପ୍ସା ଅନ୍ଧାର ଭିତରେ ସେତେ ଭଲ ଭାବେ ବାରିହେଉ ନଥିଲା । ତଥାପି ଗୋସେଇଁଙ୍କ ମୁହଁରେ ସନ୍ଦେହର ରେଖା ଉକୁଟି ଉଠୁଥିବା ପରି ଦେଖାଗଲା ତାକୁ । ଗଭୀର ଆଘାତ ଲାଗିଲା ରୂପନାରାୟଣର ପ୍ରାଣରେ । ସେ ଆଶା କରୁଥିଲା, ଗୋସେଇଁଙ୍କ ମୁହଁରେ ଆତ୍ମ ବିଶ୍ୱାସର ଭାବ ଫୁଟିଉଠିବ । କିନ୍ତୁ ତା' ପରିବର୍ତ୍ତେ ଏ ସନ୍ଦେହର ଛାୟା ! ···ପୁଣି କ୍ରୋଧ ଉଠିଲା ତା ମନରେ । ଜଣେ ଖାଣ୍ଟି ତଥା ଆଗୁଆ କର୍ମୀଙ୍କ ମୁହଁରେ ଏଇ ସନ୍ଦେହର କୁଣ୍ଡଳୀ ବିପ୍ଳବର ବାଟକୁ ଢାଙ୍କିଦଉଛି··· ବିରକ୍ତିଭରା କଣ୍ଠରେ ରୂପନାରାୟଣ କହିଲା—"ଏଭଳି ପ୍ରଶ୍ନର ଅର୍ଥ ବିପ୍ଳବର ଭାବକୁ ଏଡ଼େଇଦବା; ନୁହେଁ କି ?"

ନୀରବ ରହିଲେ ଗୋସେଇଁ ।···କିଛି ସମୟପରେ ଅବିଚଳିତ ଭାବେ କହିଲେ—"ସାରା ଭାରତବାସୀଙ୍କ ବିପ୍ଳବ ଯେ ଗୋଟେ ବାଟରେ ହେବ, ମାନେ ତୁମ ବାଟରେ ବା ମୋ ବାଟରେ ହେବ, ଏପରି ଭାବିବା ଭୁଲ ।···ମୋର କହିବା କଥା, ତୁମେ ଯଦି ନେତୃତ୍ୱ ଦେଇପାରିବ, ତେବେ ମୁଁ ତୁମ ସହିତ ରହି କାମ କରିବି ।···ତଥାପି, ଗରିଲା ବାହିନୀଟାଏ ଗଢ଼ି ଯୁଦ୍ଧ ଚଳେଇବା ବଡ଼ କଷ୍ଟ ହେବା ପରି ଲାଗୁଛି ।"

—"ଆପଣ ଯଦି ମୋ ପରି ଭାବୁଥାନ୍ତେ, ତେବେ ଏପରି କଥା କହନ୍ତେ ନାହିଁ । ଆପଣଙ୍କ ମୁହଁରେ ଫୁଟିଉଠିଥିବା ଏଇ ସନ୍ଦେହର ଛାପ୍ଟା ପ୍ରତ୍ୟେକ କର୍ମୀଙ୍କ ମୁହଁରେ ଫୁଟିଉଠିଛି । କେତେଜଣ ଯେମିତି ଖାଲି ଜେଲ ଯିବାର ଆଶା ପୋଷଣ କରନ୍ତି । ଯେମିତି କି ଜେଲ୍‌-ଗଲେ ସବୁ କିଛି ହୋଇଯିବ···" ଦୀର୍ଘ ନିଃଶ୍ୱାସ ଛାଡ଼ିଲା । ପୁଣି କହିଲା—"ମୋର କେବଳ ସେଇ ଧନସ୍ପୁର ଉପରେ ହିଁ ଆଶା ।"

ଗୋପେଇ ରୂପନାରାୟଣର ମୁହଁକୁ ଚାହିଁଲେ । କୁଢେ ନିଆଁ ଜଳୁଛି ସେଠି । ସେଇ ନିଆଁର ଧାସରେ ଦେହଟା ବି ଜଳୁଛି ତାର । ···କେବଳ ଦେହ ନୁହେଁ, ମନ ବି । କିନ୍ତୁ ସେଇ ମୁହୂର୍ତ୍ତରେ ଆଉ ଯୁକ୍ତି କରିବାକୁ ଉଚିତ ମନେକଲେ ନାହିଁ ଗୋପେଇ । ତେଣୁ ସେ ଧୀରେ ପଚାରିଲେ—"ପନ୍ଦର ମିନିଟ୍ ହୋଇନାଇଁ ନା ?"

—"ଆଉରି ପାଞ୍ଚ ମିନିଟ୍ ବାକି । ଚାଲନ୍ତୁ ଫେରିବା ଏଥର ।"

ଦୁହେଁ ଫେରିଲେ । ଫେରିବାବେଳେ କେହି କାହାର ମୁହଁକୁ ଚାହିଁନାହାନ୍ତି । ଦୁହିଁଙ୍କ ଅନ୍ତରରେ ଗାମ୍ଭୀର୍ଯ୍ୟ ଭରିଯାଇଥିଲା । ବଣ ଭିତରୁ ଭାସିଆସୁଥିଲା ଏକ ଉତ୍କଟ ଗନ୍ଧ । ଦୁହେଁ ବେଶ୍ ବୁଝିପାରିଲେ ଯେ ପାଖରେ କୋଉଠି ବଣରଜା··· ।

ଏଣେ ଆହ୍ଲାଦ କୁଅଁର ପ୍ରତି ମୁହୂର୍ତ୍ତରେ ବିପଦର ଆଶଙ୍କା କରୁଥିଲା । ସେଥିପାଇଁ ଗୋପେଇ ହୋଇକାଙ୍କ ବାଟ ଚାହିଁ ଚାହିଁ ଆଖି ତାର ବିନ୍ଧିବାକୁ ଆରମ୍ଭ କରିଥିଲା । ପଥର ଉପରେ ଏପଟ ସେପଟ ହଉ ହଉ କପିଲି ନଈ ଆଡ଼ୁ କଣ ଗୋଟେ ଶବ୍ଦ ଶୁଭିଲା । କି ଶବ୍ଦ ସେଇଟା, ସେ ବୁଝି ପାରିଲା ନାହିଁ । ସେ ସନ୍ଧିହାନ ହୋଇପଡ଼ିଲା । ଡର ମାଡ଼ିଲା ବି ତାକୁ । ସେ ତେଣୁ କପିଲି ନଈ ଆଡ଼କୁ କିଛି ବାଟ ଆଗେଇଯାଇ ଉପତ୍ୟକା ଉପରେ ଠିଆହୋଇ ନଈଆଡ଼କୁ ନିଘାକଲା । କିଛି ସମୟ ପରେ ସେ ଦେଖିଲା ଯେ ଦିନିଟା ମଣିଷଙ୍କ ଛୋଟ ଛୋଟ ହଲିଲା ଦେହ ଦେଖାଯାଉଛି । ସେମାନେ ଏଇଆଡ଼େ ଆସୁଛନ୍ତି । ଆହ୍ଲାଦର ଛାତି ଧଡ଼ଧଡ଼ ହେଲା । ମଣିଷଗୁଡ଼ାଙ୍କର ରୂପରେଖ ବାରି ନ ପାରି ପୁଣି ସେ ପଥର ଉପରକୁ ଫେରିଆସିଲା । ଭୟରେ ଛଟପଟ ହେଉଥିଲା । କେତେବେଳେ ଗୋପେଇ ହୋଇକା ଫେରିବେ··· !

ରୂପନାରାୟଣକୁ ଦେଖି ଦେଖି ସେ କହିପକେଇଲା—"କୃଷ୍ଣ ହେ ! ଦିନିଟା ଲୋକ ଇଆଡ଼କୁ ଆସୁଚନ୍ତି ।"

ଗୋପେଇ ସେମିତି କିଛି ବ୍ୟସ୍ତ ହେଲେ ନାହିଁ । ରୂପନାରାୟଣ ଗୋପେଇଙ୍କ ଆଡ଼କୁ ଅନେଇଲା । ଗୋପେଇ ବି ବୁଝିପାରୁନାହାନ୍ତି । କିଏ ହୋଇପାରନ୍ତି ଏମାନେ ? ଯାହାବି ହେଉ, ଏହା ନିଶ୍ଚୟ ଯେ ଏମାନଙ୍କ ଅନୁମାନର ବାହାରେ । ଶତ୍ରୁ ହୋଇପାରନ୍ତି; ମିତ୍ର ବି ହୋଇପାରନ୍ତି । ଶତ୍ରୁ ହେଲେ କିନ୍ତୁ ସର୍ବନାଶ । ହୁଏତ ସେମାନଙ୍କୁ ମାରିବାକୁ ହେବ, ନଚେତ ମରିବାକୁ ହେବ । ମିତ୍ର ହେଲେ କିନ୍ତୁ ଭୟ ନାହିଁ । ସେମାନଙ୍କୁ କିନ୍ତୁ ପାଖରେ

ରଖେଇ ହେବ ନାହିଁ । କିନ୍ତୁ ସେମାନଙ୍କ ବାଟକୁ ଅନେଇରହିବାକୁ ବି ବେଳ ଆଉ ନାହିଁ ଏମାନଙ୍କର । ଏଠୁ ବାହାରିବାର ସମସ୍ତ ଉପସ୍ଥିତ ।...ଗୋସେଇଁ ଅଳ୍ପ ବିମର୍ଷ ହୋଇ-ପଡ଼ିଲେ । ରୂପନାରାୟଣ ଆଡ଼କୁ ଅନେଇଲେ ।

ରୂପନାରାୟଣ ହାତଘଡ଼ିକୁ ଚାହିଁଲା । ତା' ପରେ ଅଳ୍ପ ଚିନ୍ତା କରି କହିଲା "ଆଉ ପନ୍ଦର ମିନିଟ୍ ଡେରିକଲେ ଚଳିବ । ଆସନ୍ତୁ ଥରେ ଦେଖିଆସିବା... ।"

ଦୁହେଁ ଉପତ୍ୟକା ଆଡ଼କୁ ଚାଲିଲେ । ତା' ଉପରୁ ନଇଘାଟ ରାସ୍ତାକୁ ନଜର କଲେ । କିଛି ସମୟ ସେଠି ଠିଆ ହେଲାପରେ ଆଉ ଟିକିଏ ଉପରକୁ ଉଠି ରୂପନାରାୟଣ ଅନେଇଲା । ଏଥର ଦେଖାଗଲେ ଲୋକ ତିନିଟା । ସେମାନେ ସିଧା ବାଟରେ ଆସୁଚନ୍ତି । ଏଣୁ ଏମାନେ ପୋଲିସ କିମ୍ବା ମିଲିଟାରୀ ଲୋକ ହୋଇ ନ ପାରନ୍ତି । ଆଉ ଟିକିଏ ନିରୀକ୍ଷଣ କରୁ କରୁ ଦେଖିଲା ଯେ ସେମାନଙ୍କ ଭିତରୁ ଜଣେ ସ୍ତ୍ରୀଲୋକ । ପରିଷ୍କାର ବାରିହୋଇପଡ଼ୁଚନ୍ତି ।...

ରୂପନାରାୟଣ କହିଲା—"ଆମ ଲୋକ ପରି ଜଣାଯାଉଛନ୍ତି ତ । କିଛି ଗୋଟେ ଜରୁରୀ ସମ୍ବାଦ ଅଛି ନିଶ୍ଚୟ । ନ ହେଲେ ଏମାନେ ଆସନ୍ତେ କାହିଁକି ? ତଥାପି ଆମେ ଟିକିଏ ଆଡ଼େଇହୋଇ ରହିଯିବା ଭଲ ।"

ଗୋସେଇଁ ବଡ଼ ଚିନ୍ତିତ ହୋଇପଡ଼ିଲେ । ଦୁହେଁ ଓହ୍ଲେଇଆସିଲେ ଉପତ୍ୟକା ଉପରୁ । ଆହ୍ଳନା ପାଖରେ ପହଞ୍ଚିଲାପରେ ତିନିହେଁ ରାସ୍ତାଠାରୁ ଟିକିଏ ଦୂରରେ ଗଛ ଉହାଡ଼ରେ ଛପି ଠିଆହେଲେ । ଆହ୍ଳନା ଖାଲି 'କୃଷ୍ଣ'...'କୃଷ୍ଣ' ହେଉଥାଏ ଏବଂ କହୁଥାଏ ବନ୍ଧୁକଟାକୁ ଭଲ—ଭାବେ ଧରିଥାଅ ।'

ତିନିହେଁ ନୀରବ । ବିଷଣ୍ଣ ଅପରାହ୍ଣର ଆଲୋକ କ୍ରମେ ବିଷଣ୍ଣତର ହେବାକୁ ଲାଗିଛି । ଚତୁର୍ଦ୍ଦିଗରେ ଉଦ୍‌ବିଗ୍ନତାର ଭାବ । ଚଢ଼େଇ ଚିଡ଼ିଗୁଣିଟାଏ ବି ରାବିବାକୁ ନାହିଁ । ଝରଣାର କ୍ଷୀଣ ନାଦ ମଧ୍ୟ ବହୁ ଦୂରର ଏକ ଅସ୍ପଷ୍ଟ ସ୍ୱର ଭଳି ମନେହେଉଥିଲା । ଦଶ ମିନିଟ୍ ଯାଏଁ ଘଡ଼ିରୁ କେବଳ ସମୟ ଦେଖୁଥିଲା ରୂପନାରାୟଣ । କ୍ଳାନ୍ତି ଆସିଗଲାଣି । ଛାତିଟା ବି ଧପ୍ ଧପ୍ ହଉଚି । ଗୋସେଇଁ ଏଣ୍ଡି ଚାଦରରେ ଦେହଟାକୁ ଘୋଡ଼େଇଚନ୍ତି । ଆହ୍ଳନା କୁଅଁର ମନକୁ ମନ ପୂଟୁରୁ ପୁଟୁରୁ ହୋଇ ପଦ ଘୋଷୁଛି ।

ହଠାତ୍ ମୃଦୁକାଳୀ ଶବ୍ଦ ଶୁଭିଲା । ଗୋସେଇଁଙ୍କର ଶକ୍ତି ଫେରିଆସିଲା ସେ ଶବ୍ଦ ଶୁଣି ଶୁଣି । ହଠାତ୍ ସେ କହିପକେଇଲେ—"ଆମର ଲୋକ । ଆମେ ଟିକିଏ ଆଗେଇଯିବା ଭଲ ହେବ ।"

ପ୍ରଥମେ ଗୋସେଇଁ ଗଛ ଆଡ଼ୁଆଳରୁ ବାହାରିଆସି ଝରଣାର ସେଇ ପଥର ଉପରେ ବସିପଡ଼ିଲେ । କିଛି ସମୟ ପରେ ବଳ ବାହାଦୂରର ପାଟି ଶୁଭିଲା ଏବଂ ତା' ପରେ ପରେ ତା ଦେହ ଦେଖାଗଲା । ତା ପଛକୁ ଦଧିବାମ ଏବଂ ତା ପଛକୁ କାଳୀ ଅପା । ରୂପନାରାୟଣ ଆସି ପଥର ଉପରେ ଛିଡ଼ାହେଲା । ପରେ ପରେ ଆହ୍ଳନା ବି ଆସି ପହଞ୍ଚିଗଲା ।

ସମସ୍ତେ ଏକାଠି ହେଲା ପରେ ଦଧି କହିଲା—"ଆପଣମାନଙ୍କ ପାଇଁ କି ନାହିଁ ସନ୍ଦେହ ହେଉଥିଲା । ବଲବାହାଦୂର ନଥିଲେ ଆସିବାକୁ କଷ୍ଟ ହେଇଥାନ୍ତା । କହୁ କହୁ ସେଠି ବସି ପଡ଼ିଲା ।"

କାଲୀ ଅପା ଧଇଁସଇଁ ହେଇଯାଉଥିଲେ । ଉଠାଣି ରାସ୍ତା । ସେଥିରେ ପୁଣି ଜୋରରେ··· ପାଦ ପକେଇ ଚାଲିବାକୁ ପଡ଼ିଛି । କେବଳ ବଲବାହାଦୂରଠାରେ ହିଁ କ୍ଳାନ୍ତିର ଚିହ୍ନ ନ ଥିଲା । ସେ ସ୍ଥିର, ନିଶ୍ଚଳ । ଗୋରା ଉଜ୍ଜଳ ବର୍ଣ୍ଣ । କାଗଜର ତିଆରି କରିଥିବା ମହିଷାସୁରର ମୁହଁ ପରି ସ୍ମିତ୍ ମୁଖ । ମୁହଁରେ ଦାଢ଼ି ଗୁଡ଼ା ଚକ୍‌ଚକ୍ କରୁଥାଏ । ଆଖି ଦୁଇଟାରେ ସ୍ଥିରନିଶ୍ଚଳ ଚାହାଣି ।

ମୁହଁ, ଆଖି, ଗାଲ ପଶି ପଶି ଯାଇଛି ଦଧିର । ଆଖି ଦୁ'ଟା ବି ଲାଲ ପଡ଼ିଯାଇଛି । ସେ ଛେପ ଢୋକି ଢୋକି କହିଲା—"ଜୟରାମକୁ ରଖିପାରିଲି ନାହିଁ । ଘର ଭିତରେ ସେ ଧରା-ପଡ଼ିଯିବଣି । ଶଇକିଆ ହୁଏତ ଆମର ସବୁ କଥା ଜାଣିସିବଣି । ଜୟରାମ ଉପରେ ଦାୟିତ୍ୱ ଦେଇ ଆସିଛି । ଗାର୍ଡ ପୋଷାକରେ ଥିବାରୁ ମୁଁ ତାକୁ ପ୍ରଥମେ ଚିହ୍ନି ପାରୁ ନଥିଲି । ସେ କହିଲା ମୋତେ ଏଠିକି ଆସିବାକୁ । ଜୟରାମର ଖାଖୀ ସେଇ ନାଉରିଆଟାକୁ ଶାନ୍ତିସେନାଏ ନେଇ ରଖିଛନ୍ତି ।" ···ଜ୍ୱର ହେଲେ ଦେହ ଯେମିତି ଝାଳାଏ, ଦଧିର କପାଳ ସେ ପରି ଝାଳଉଥିଲା । ···"ମାଣିକ ବରା ବି ଧରାପଡ଼ିଲା···" ଦଧିର ଭାଷାରେ କେମିତି ଏକ ଅବୋଧ ଅବ୍ୟକ୍ତ ବେଦନା ··"ହଁ, ଆଉ ବି ଗୋଟେ କଥା କହିବାକୁ ଅଛି···"

—"ଆଉ ପୁଣି କି କଥା ?" ପଚାରିଲେ ଗୋସେଇଁ ।

ପକେଟରୁ ଚଟି ଖଣ୍ଡେ କାଢି ଗୋସେଇଁଙ୍କ ହାତକୁ ବଢ଼େଇଦେଲା ଦଧି । ଗୋସେଇଁ ଚଠିଟି ପଢ଼ିସାରି ରୂପନାରାୟଣର ହାତକୁ ବଢ଼େଇଦେଲେ । ରୂପନାରାୟଣ ଚଠିଟି ପଢ଼ିସାରି ଗୋସେଇଁଙ୍କୁ ଫେରେଇଦେଲା ।

ରୂପନାରାୟଣ କହିଲା—"ଅସମ୍ଭବ···ଏବେ ଏକଥା ଅସମ୍ଭବ··· ।

ଗୋସେଇଁ କହିଲେ—"କାମରୂପରେ ଗୋସେଇଁଙ୍କ ମନରେ ବୋଧେ ଭୟର ବୀଜ ପଶିଲା—ନ ହେଲେ ଏ କାମ ବନ୍ଦ କରିବାକୁ ସେ ଉପଦେଶ ଦିଅନ୍ତେ ? ସେ ତ ନିର୍ଦ୍ଦେଶ ଦେବା ଲୋକ—ଏ ଉପଦେଶ କାହିଁକି ?" ···କିଛି ସମୟ ସ୍ତବ୍ଧ ହୋଇ ରହିଗଲେ ଗୋସେଇଁ । ତା' ପରେ ଦଧିକୁ ଲକ୍ଷ୍ୟ କରି ପୁଣି କହିଲେ—"ତୁମେ ବି ଡରିଯାଇଚନା କି ମାଷ୍ଟର ?"

ଦଧି ମନେ ମନେ ରାଗିଗଲା ସିନା, ବାହାରକୁ ପ୍ରକାଶ କଲା ନାହିଁ । କହିଲା—"ଶଇକିଆର ଲୋକ ଆସି ପହଞ୍ଚିସିବା ଉପରେ । କମାରକୁଚି ଆଶ୍ରମରୁ ଗୋସେଇଁଆଣୀ ହେଉଳାଙ୍କୁ ବାନ୍ଧି ନେଲେଣି । ଅଣ୍ଟାରେ ଦଉଡ଼ି ବାନ୍ଧି ନେଉଚନ୍ତି । ଗର୍ଭିଣୀ ସ୍ତ୍ରୀଲୋକଟିର ଅବସ୍ଥା ବାଟରେ କଣ ଯେ ହେବଣି, ଖାଲି ସେଇ କଥା ମୋ ମନକୁ ଘାରୁଚି ।"

ଲୋକ ଯେମିତି ଏପଟକୁ ଆସି ନ ପାରନ୍ତି ସେ କଥା ଦେଖିବ । ଆସିଲେ କିନ୍ତୁ ଉପାୟ ନାହିଁ, ତେବେ ଆଗତୁରା ଖବର ଦେବ…" ଟିକିଏ ଅଟକିଲେ ଗୋସେଇଁ । ଧମ୍ ନେଲେ । ତା' ପରେ କହିଲେ—"ଲିଙ୍ଗରାମ ଉପରେ ମୋର ଅନ୍ତତଃ ଏବେ ବି ଗୋଟେ କ୍ଷୀଣ ଆଶା ଅଛି । ଲୋକଟା ମନ୍ଦ ନୁହେଁ । ସେ ହୁଏତ ଶଇକିଆକୁ ସବୁ କଥା ଖୋଲି ନ କହି-ପାରେ ।"

ରୂପନାରାୟଣ ଆଉ କିଛି କହିଲିନାହିଁ, କେବଳ ସଡ଼କଟିକୁ ଦେଖେଇଦେଲି ଗୋସେଇଁଙ୍କୁ । ଗୋସେଇଁ ମଧ୍ୟ ନୀରବରେ ଇଙ୍ଗିତଦେଲେ ଆହ୍ନା କୁଅଁରକୁ ଆଗେଇବା ପାଇଁ । କାଳୀ ଅପା ଏଥର ଆଗକୁ ଦଉଡ଼ିଆସିଲେ । କହିଲେ—"ଆପଣମାନେ ଆସନ୍ତୁ—ଆମେ ଏଠି ରହିଲୁ । ଉମି ଚାଲିଗଲାଣି ନଗାଁଓକୁ; କିନ୍ତୁ ତାକୁ ଆପଣମାନେ ସୁଭଦ୍ରା କଥା ନ କହିଲେ କାହିଁକି ? ସେ ଏଥିପାଇଁ ଖୁବ୍ ଆଘାତ ପାଇଛି । ମୋତେ ବି ଭାରି ଖରାପ ଲାଗୁଛି ଯେ ଆପଣମାନେ ଧନପୁରକୁ ଲୁଚେଇଲେ ସୁଭଦ୍ରା କଥା । ଏତେ ନିର୍ଦ୍ଦୟ ଆପଣମାନେ !"

କାଳୀ ଅପାର କଥା କହିବାର ଢଙ୍ଗ ଦେଖି ଆହ୍ନା ପାଟି ଖୋଲିଲି—"କୃଷ୍ଣ…କୃଷ୍ଣ… ମୁଁ ବି ସେଇ କଥା ଭାବୁଛି । ସେ ପିଲା ତ ବାଘ ଆଗରେ ଚାଲିବା ଲୋକ । ସୁଭଦ୍ରା କଥା ଶୁଣିଥିଲେ ବି ସହିନେଇପାରିଥାନ୍ତା । ସହିବା ଶକ୍ତି ତାର ଯଥେଷ୍ଟ । କୃଷ୍ଣ…କୃଷ୍ଣ…ତାକୁ କହିଦବା ଉଚିତ ଥିଲା । କୃଷ୍ଣ ହେ !"

ଗୋସେଇଁ କହିଲେ—"ତାକୁ କହିବାକୁ ଢେର୍ ସମୟ ଅଛି । କିନ୍ତୁ, ତୁମେ କାହିଁକି ଆସିଲ କାଳୀ ?"

କାଳୀ ଅପା ଏକଲୟରେ ଚାହିଁରହିଲେ ଗୋସେଇଁଙ୍କ ମୁହଁକୁ । ତା' ପରେ ଆଖିରୁ ତାଙ୍କର ଝରଝର ହୋଇ ଲୁହ ଝରିପଡ଼ିଲା । ସେ କହିଲେ—"ମୋର ଆଦରର ଏଇ ଆଗୁଆ କର୍ମୀମାନଙ୍କୁ କାଳେ ଏମାନେ ଆନ୍ଦୋଳନରୁ ବିରତ କରିବେ, ସେଇ ଭୟ ମୋର ହେଉ-ଥିଲା । ମହାତ୍ମାଙ୍କର ସାକ୍ଷାତ୍ ପରଠାରୁ ମୁଁ ସୂତା କାଟୁଚି । ଆଜି ସକାଳେ ବି ମୁଁ ଉମି ସାଥିରେ ବସି ସୂତା କାଟିଥିଲି । ଖିଏ ବି ସୂତା ଅଡ଼୍ୟା ଧରିନାହିଁ । ତୁମମାନଙ୍କର ସୂତାକଟା ଅଭ୍ୟାସ ନାହିଁ, ସେଥିପାଇଁ ମନଟା କାଉଳା ହେଉଚି…ବୁଝିଚ କି ? ତୁମେମାନେ କିଛି ଭୁଲକରନା । କର୍ତ୍ତବ୍ୟ କରି ଚାଲିଯାଅ । ମଲେ ମରିବ । ବଞ୍ଚିଥାଇ କିଏ ଅଧିକା କରିବ ଯେ ? ମୁଁ ତ ବୁଢ଼ୀ ହେଲି, ତଥାପି ତୁମେମାନେ ମୋତେ ଯଦି ଲୋଡ଼ିବ ମୁଁ ତୁମମାନଙ୍କ ସାଙ୍ଗରେ ଯିବାକୁ ତିଆରି । ଏଇ କଥା କହିବି ବୋଲି ଆସିଥିଲି । ଦଧି ଯୋଉ ଚିଠିଟା ନେଇ ଆସିଲା କାଳେ ସେଇ ଚିଠିଟା ତୁମମାନଙ୍କୁ ବାଉଳା କରିପକେଇବ, ସେଇ ଡର ମୋତେ ଲାଗୁଥିଲା । ଏବେ ଆଉ ମୋର ଭୟ ନାହିଁ । ମନକୁ ଆଉ ବିଚଳିତ କରନା । ମୁଁ ଏଇଠି ତମମାନଙ୍କର ବାଟ ଚାହିଁ ରହିଲି…ବିଶେଷତଃ ଧନପୁର ପାଇଁ । ସୁଭଦ୍ରା ବିହୁନେ ତାର ଜୀବନ ଅସହ୍ୟ ହୋଇପଡ଼ିବ । ମୋତେ ହିଁ ପୋଛିଦବାକୁ ପଡ଼ିବ ତା ଆଖିର ଲୁହ ।"

ରୂପନାରାୟଣ ପୁନର୍ବାର ଘାଟି ଦେଖାଇଲା ଗୋପେନ୍ଦ୍ରଙ୍କୁ ।

ଦୁଇଜଣଯାକ ଝରଣା ପାରହୋଇ ଖଣ୍ଡି ଉପରକୁ ଉଠିଲେ । କ୍ରମେ କ୍ରମେ ଜଙ୍ଗଲ ଭିତରେ ଅଦୃଶ୍ୟ ହୋଇଗଲେ ସେମାନେ ।

ବହୁତ ବେଳୁ ଚୁପ୍ ହୋଇଥିଲା ମଧ୍ୟ । ନିଜ ପ୍ରତି ବିରକ୍ତି ଆସିଗଲା ତାର । ରଣକ୍ଷେତ୍ର ବର୍ଜନ କରି ଚାଲିଆସିବାଟା ତାର ଉଚିତ ହୋଇନାହିଁ । ବୋଧେ ଜୀବନ ପ୍ରତି ମୋହଟା ତାର ଯଥେଷ୍ଟ ଅଧିକ । କିନ୍ତୁ ଏଇ ମୋହ ତ୍ୟାଗ କରିବାକୁ ପଡ଼ିବ । ସେ ବଲବାହାଦୂରକୁ କହିଲା—"ଚାଲ ଭାଇ ! ଗୁମ୍ଫା ଦି'ଟା ଦେଖିଦେଇ ଚାଲିଆସିବା । ତା' ପରେ ତୁ ଚାଲିଯିବୁ । ତୁ ଯାଇ ଶୀଘ୍ର ଅପାଙ୍କ ପାଇଁ କିଛି ଖାଇବା ଜିନିଷ ଓ ଆମ ପାଇଁ କିଛି ଅସ୍ତ୍ରଶସ୍ତ୍ର ଆଣିଦେ । ...ଅନେକ ବେଳୁ କିଛି ଖାଇନାହାନ୍ତି କାଳୀ ଅପା ।"

ହସି ହସି ବଲବାହାଦୂର କହିଲା—"କିଛି ଚିନ୍ତା କରନା—ମୁଁ ସବୁ ଆଣି ଆସିବି ।"

ଦୁହେଁ ଗୁମ୍ଫା ଦେଖିବାକୁ ଗଲେ । କାଳୀ ଅପା ନିଜ ମୁଣିରୁ ତାକୁଡ଼ିଟା ବାହାରକଲେ । ଖୁବ୍ ବଡ଼ ତାକୁଡ଼ିଟାଏ । ସୂତା କାଟିବାକୁ ଆରମ୍ଭ କରିଦେଲେ କାଳୀ ଅପା । ସୂତା କାଟୁଥାନ୍ତି ଆଉ ଆଖିରୁ ତାଙ୍କର ଝରୁଥାଏ ବି ଲୁହ । ମନ ଭିତରଟା ଗୁମୁରି ଉଠୁଛି ତାଙ୍କର—ଯେତେକ ଏକ ଘୂର୍ଣ୍ଣିବାତ୍ୟା ଉଠିଛି ସେଠି...ପ୍ରବଳ ଘୂର୍ଣ୍ଣିବାତ୍ୟା । ଯେତେ କି ତାଙ୍କ ଅନ୍ତରର ଏଇ ପ୍ରବଳ ଘୂର୍ଣ୍ଣିବାତ୍ୟା ବାହାର ବଣର ଗଛ-ବୃଛଗୁଡ଼ିକୁ ଉପାଡ଼ି ପକାଇବାକୁ ଉଦ୍ୟତ । ହୁଁ· ସତରେ ଆଉ କିଛି ବାକି ନାହିଁ...କେବଳ ଆନ୍ଦୋଳନ...କେବଳ ଆଲୋଡ଼ନ...ଆଖି ଲୁହ ଝରଣା ସାଙ୍ଗରେ ତାଳଦେଇ ବହିଚାଲିଛି...ପଥର ଉପରେ ଲାଗିରହିଥିବା ହଳଦିଗୁଣ୍ଡ ଚିହ୍ନ ଉପରେ ସେ ଲୁହ ପଡ଼ି ଲାଲ ହୋଇଯାଉଛି ।

ତାକୁଡ଼ି ଘୂରୁଛି । ବେଳ ବି ଗଡ଼ୁଛି । କେତେବେଳୁ ବି ଶୁଖିଗଲାଣି ଆଖିପାଣି । ସୂତାକଟାରେ ମନଟା ମଜ୍ଜିଗଲାଣି...ଶୁଖିଯାଇଛି ଝରଣା—ଲୁହର ଝରଣା । ତା ପରିବର୍ତ୍ତେ ସେଠି ରୂପନେଉଛି ଶ୍ରେଷ୍ଠ ହସ ଝରଣାଟିଏ...ଅପରାହ୍ଣର ମ୍ଳାନ ଆଲୋକପାତ ସେ ହସଟିକର ମାହାତ୍ମ୍ୟକୁ ବହୁଗୁଣିତ କରୁଥାଏ ।

□□□

ନଅ

ଗୋପେଇଁଙ୍କର ଏଣ୍ଡି ଚାଦରଟା କଣ୍ଟାବୁଦାରେ ଅଟକିଯାଉଥିଲା । ତଥାପି ବଣ-ଜଙ୍ଗଲ ଭାଙ୍ଗି ଭାଙ୍ଗି ସେମାନେ ଉଭୟେ ଆଗେଇ ଚାଲିଛନ୍ତି ।

ହଠାତ୍ ଫାଁଗାଲ ବସିପଡ଼ିଲା ଆହ୍ଲାଦ କୁଅଁର । ବରଗଛର ଏକ ବିରାଟ ଚେର ସେଇଟା । ସତତ ସତର୍କ ରୂପନାରାୟଣ ପ୍ରଥମେ ସେ ଜାଗାଟା ଉପରେ ଆଖି ବୁଲେଇ ମନେ ମନେ ଧନପୁର ହେରୁକାଙ୍କ ଖୋଜ-ଖବର ନେଉଥିଲା; କିନ୍ତୁ ସେମାନଙ୍କର ସନ୍ଧାନ ପାଇବା ପୂର୍ବରୁ ଶୁଣିଲା ଏକ ଶବ୍ଦ । ସେ ଶବ୍ଦ ସହିତ ଅତି ପିଲାଦିନରୁ ସେ ପରିଚିତ । ସେତେବେଳେ ସେ ବିସ୍ମିତ ହେଉଥିଲା ସେଇ ଶବ୍ଦ ଶୁଣି । ତେଲୁଣିପୋକ ଭଳି ଏକ ବିରାଟ ଯନ୍ତ୍ରରୁ ବାହାରୁଥିଲା ସେ ଶବ୍ଦଟି । ସେଇ ଯନ୍ତ୍ରଟିକୁ ଚାହିଁ ଚାହିଁ, ତା'ର ଶବ୍ଦ ଶୁଣି ସେ ନିଜକୁ ଭୁଲିଯାଉଥିଲା ସେତେବେଳେ । ସେଇ ଏକା ଶବ୍ଦ···

ଜଗବନ୍ଧୁ ଫଟାଛଡ଼ା···

ଜଗବନ୍ଧୁ ଫଟାଛଡ଼ା···

ଛୁକ୍ ଛୁକ୍ ଛୁକ୍ ଛୁକ୍ ଛୁକ୍, ଛୁକ୍ ଛୁକ୍ ଛୁକ୍ ଛୁକ୍ ଛୁକ୍

ଚତୁଃପାର୍ଶ୍ୱର ବାଉଁଶବଣ ସ୍ଥାନଟିକୁ ସୂର୍ଯ୍ୟକିରଣରୁ ବଞ୍ଚିତ କରି ରଖିଥିଲା । ଭୂଇଁଟା ତେଣୁ ସନ୍ତସନ୍ତିଆ । ପତ୍ରଗୁଡ଼ିକ ପଚି ପଚି ମାଟି ସହିତ ଏକାକାର ।

ଅଣିମ ଟିକିଏ ସେବନର ରାସ୍ତା ପୁରା ବନ୍ଦ । ଆହା ! ବିଚରା କୃଷ୍ଣଭକ୍ତ ଆହ୍ଲାଦ ! କିଏ ଆଉ କରିବ ? ଏକମାତ୍ର ଭଗବତ୍-ସେବା ସକାଶେ ରାସ୍ତା ଖୋଲା । ତେଣୁ ସେଇ ଶବ୍ଦଟି ତା କାନରେ ବାଜି ବାଜି ସେ ବି ଘୋଷାପଦ ମେଲିଲା—

ନିରଞ୍ଜନ, ନିରଞ୍ଜନ, ନିରଞ୍ଜନ, ନିରଞ୍ଜନ, ନିରଞ୍ଜନ, ନିରଞ୍ଜନ, ହରି,
ହରି ହରି ରାମ, ନିରଞ୍ଜନ, ନିରଞ୍ଜନ ହରି···

ସେପାଖରେ ରେଳଗାଡ଼ିର ଶବ୍ଦରେ ପାହାଡ଼ଟା କମ୍ପି ଉଠୁଥିଲା । ହଲିଲା ଗଛପତ୍ର ଫାଙ୍କରେ ରୂପନାରାୟଣ ଅନେଇଲା ନିବିଷ୍ଟ ଚିତ୍ତରେ । ଗଗନ-ପବନକୁ ଥରେଇ କେଉଁ ଆଡ଼େ ମାଡ଼ିଚାଲିଛି ଏକ ଚକ୍କାରରତ ଯନ୍ତ୍ରଦାନବଟାଏ···

ସେଇ ଅବସରରେ ଘଡ଼ିକୁ ଚାହିଁଲେ ଗୋପେଇଁ । ବାଜିଥିଲା ସାଢ଼େ ସାତ । ଧୀରେ ଧୀରେ ଆସୁ ଆସୁ ଅନେକ ବିଳମ୍ବ ହୋଇଗଲା ଏମାନଙ୍କର । ରେଳଗାଡ଼ିଟା ପାରିହୋଇଯିବା ପରେ ପରେ ଏଇଠି କୋଉଠି ବସିବାକୁ ହେବ ଏମାନଙ୍କୁ । ଗୁଆଖଣ୍ଡେ ଚୋବେଇଲେ ହୁଅନ୍ତା, ଭାବିଲେ ଗୋପେଇଁ । ଆହ୍ଲାଦକୁ ଲକ୍ଷ୍ୟକରି କହିଲେ ସେ—"କୁଅଁରେ ! ବଟୁଆଟା ଖୋଲିଯାଉ । ଜାମବଣ୍ଟା ତ ବାକି ନାହିଁ । ଆପଣ ଏଇଠି ଏଇ ବରଗଛ ଚେର ଉପରେ

ବସିରହିବେ ! ଟିକଏ ବ ସେମିତ ଉହ୍‌ ଆହ୍‌ ନ କରନ୍ତୁ ! ଖୁବ ଖୁବ ହେଇ କାମ କରିବାକୁ ପଡ଼ିବ·· ବୁଝିଲେ ତ, ଠିକ୍ ଏଇଠି ରହିବେ··· ।"

ବଟୁଆ ବାହାର କଲା ଆହ୍ଲାଦ କୁଅଁର । କଚ୍ଚ କଟାଗୁଆ, ଟିପେ ଚୋକତା ଓ ଶୁଣ୍ଠି ଚୂନ ଟିକଏ ପକେଇ ପାନଖଣ୍ଡେ ଖାଇଲା ଆହ୍ଲାଦ । ଅତି ସନ୍ତର୍ପଣରେ ଗୋସେଇଁଙ୍କ ଆଡ଼କୁ ବଢ଼େଇ ଦେଇ ଦେଇ କହିଲା—"କୃଷ୍ଣ···କୃଷ୍ଣ···ଶୁଣ୍ଠି ଚୂନ ଟିକଏ ପକେଇଦେଇଛି··· କୃଷ୍ଣ···କୃଷ୍ଣ···ଏ ଓଲଟା ପାଇଁ ଆଉ କାମ ନାହିଁ···ଦେଖୁଛନ୍ତି ନା ଗୋସେଇଁ ମାହାପୁରୁ ! କେଡ଼େ ଉଖ ହେଇଚ ! ଏଠି ତ ତଳକୁ ଓହ୍ଲେଇବା ଚଢ଼ିବା ପାଇଁ ଦଉଡ଼ି ଖଣ୍ଡେ ଦରକାର ! କୃଷ୍ଣ···କୃଷ୍ଣ···ଡାଳେ ଲଇ ହେଲେ ଭଲ ହୁଅନ୍ତା, କୃଷ୍ଣ ହେ !···ଏଇ ପାଖରେ ମୋଟା ମୋଟା ଲଇ ଦେଖିଆସିଚ—ଯାଉଚ କାଟିଆଣିବ । ଗୋଟେ ବଡ଼ ଦଉଡ଼ି ନବଳଲେ ଚଳିବ ନାହିଁ । କୃଷ୍ଣ···କୃଷ୍ଣ···ଏଠି ଗୋଟେ ଜବର୍ ଖୁଣ୍ଟି ପୋତିବାକୁ ହବ । ସେଇ ଖୁଣ୍ଟିରେ ଦଉଡ଼ିଟାକୁ ବାନ୍ଧିବାକୁ ହେବ ।···କୃଷ୍ଣ···କୃଷ୍ଣ···ସେଇ ଦଉଡ଼ିଟା ଓହ୍ଲାଇବ ତଳଯାଏଁ । କୃଷ୍ଣ ହେ ! ସେଇ ଦଉଡ଼ିଟା ହବ ଜାଗାର ଚହ୍ନ, ଆଉ ସେଇଟାକୁ ଧରି ଉପରକୁ ଉଠିବାକୁ ସହଜ ହେବ ।"

ଗୋସେଇଁ ପାନଖଣ୍ଡିକ ପାଟିରେ ପକେଇ ପାକୁଳେଇ ବସିଲେ । ଗଣ୍ଠିଲିରୁ ଦାଆଟାକୁ ବାହାରକରିଆଣି ଟିକଏ ଜଙ୍ଗଲ ଭିତରକୁ ଗୁଲିଗଲା ଆହ୍ଲାଦ । ସେଠି ରେଲଗାଡ଼ିଟାର ଶବ୍ଦ ସହିତ ତାଳଦେଇ ଗୋଟେ ଡାଳ କାଟି ତାକୁ ଚଞ୍ଚାଚଞ୍ଚି କରି ଦୁଇଟି ମଜଭୁତ ଖୁଣ୍ଟି ବନେଇଲା । ଖୁଣ୍ଟି ଦ'ଟାକୁ ଆଣି ଗୋସେଇଁଙ୍କ ସାମନାରେ ପକେଇଦେଇ ସେ ପୁଣି ଜଙ୍ଗଲ ଭିତରକୁ ଗଲା । ଲଇ ଖୋଜୁଥିଲା—ସୌଭାଗ୍ୟକ୍ରମେ ଖୁବ୍ ନିକଟରେ ଧନିଟା ବରଗଛ ଗଛରେ ଧନିଟା ମୋଟା ଲତା ଠିକ୍ ଗଛ ଅଗରୁ ମୂଳଯାଏଁ ଲମ୍ବିଯାଇ । ସେଇ ଧନୋଟି ଲତାକୁ କାଟିଆଣି ସେ ଗୋସେଇଁଙ୍କ ପାଖରେ ପହଞ୍ଚିଲା । ତା'ପରେ, ଯେଉଁ ଚେରଟା ଉପରେ ପ୍ରଥମେ ବସିଥିଲା, ସେଇଠି ବସି ବସି ଧନୋଟିଯାକ ଲତାକୁ ବେଶ୍ କୌଶଳର ସହିତ ମୋଡ଼ି ମୋଡ଼ି ଏକ ବିରାଟ ଦଉଡ଼ି ବଳିଦେଲା । ତା'ପରେ ବରଗଛ ଓହଳଟାକୁ ଦେଖେଇ ସେ କହିଲା—"କୃଷ୍ଣ ହେ ! ଏଇ ଓହଳଟା ତଳେ, ପାଖରେ ଗୋଟେ ଖୁଣ୍ଟି ପୋତି ସେଇ ଦଉଡ଼ିକୁ ବାନ୍ଧିବାକୁ ହେବ । ଦେଖିବା ଦଉଡ଼ିଟା ତଳଯାଏଁ ଯାଇପାରୁଚ ନା ନାହିଁ । କୃଷ୍ଣ···କୃଷ୍ଣ···ଆଉ ଗୋଟେ ଖୁଣ୍ଟି ରଖିଥିବା, ପଛକୁ କାମରେ ଆସିବ । କୃଷ୍ଣ ହେ !"

ଗୋସେଇଁ ପାନ ପାକୁଳେଇ ପାକୁଳେଇ ନିଜ ବସିବା ଜାଗାରେ ବସିରହି ଆହ୍ଲାଦ କୁଅଁରର କର୍ମତତ୍ପରତାକୁ ଲକ୍ଷ୍ୟ କରୁଥିଲେ । ତାଙ୍କର ମନେହେଲା ସତେକି ମଣିଷଟିଏ ତାଙ୍କ ମନମାଟିରେ ପଶି ମୁଣ୍ଡା ମୁଣ୍ଡା ମାଟିକୁ ଇଚ୍ଛାରୂପକ ମଇରେ ଉଖାରି ଉଦାରି ମଇଦେଇ ସମାନକରିପକେଇଲା ।

କୁଅଁର ଖୁଣ୍ଟି ପୋତି ଦଉଡ଼ିଟାକୁ ବାନ୍ଧି ଧୀରେ ତଳକୁ ଝୁଲେଇଦେଲା । ତା'ପରେ ଉଖ ନିକଟକୁ ଯାଇ ଉପରୁ ତଳକୁ ଉହୁଙ୍କି ଗୁହିଁଲା । ଦେଖିସାରି ସନ୍ତୋଷ ମନରେ

ଗୋସେଇଁଙ୍କ ପାଖକୁ ଫେରିଆସି ସେଇ ବର ସିଥ ଉପରେ ବସିପଡ଼ିଲା।...ଖୁଣ୍ଟିଟା ଠିକ୍ ମାପରେ ପୋତାଯାଇଛି...ମନେ ମନେ ଆତ୍ମସନ୍ତୋଷ ଲାଭ କଲା।

ଶବ୍ଦ ଓ ଭୂମିର କମ୍ପନରୁ ଜଣାଗଲା ଟ୍ରେନ୍‌ଟା ପାଖେଇଆସିଲାଣି। କୁଅଁର କହିଲା—"କୃଷ୍ଣ...କୃଷ୍ଣ...ପ୍ରଭୁ ଆପଣେ ସେତେବେଳେ କୋଳର ଛୁଆ ଥିଲେ। ମୁଁ ଆପଣଙ୍କର ବାପା ଓ ରାଜାଙ୍କ ସାଥିରେ ଥରେ ରେଳଗାଡ଼ି ଦେଖିବାକୁ ଯାଇଥିଲି—ଜାଗର୍ଗାସ୍ଥେଡ଼। ରେଳଗାଡ଼ିରେ ଉଠିଲାବେଳେ ରାଜା ପାନ ଗୁଆ ଦେଇ ପୂଜା କରିଥିଲେ। କୃଷ୍ଣ ହେ! ସେଥିରେ କୁଆଡ଼େ ଦେବତା ଥିଲେ। କୃଷ୍ଣ...କୃଷ୍ଣ...ତା'ପରେ କଏ ଗୋଟେ ପିଲା...କୃଷ୍ଣ...କୃଷ୍ଣ...ଭଣଜି ତା' ନାଁ...ଆଃ, କୃଷ୍ଣ ହେ...ମନକୁ ପଡ଼ୁନି ନାହିଁ...ଓ...ହଁ ହଁ...ଆପଣଙ୍କର ବାପା ମ—ସେ କହିଲେ—'ଚାଲ କୁଅଁର, ଏ ସାହାବର ରଥରେ ଚଢ଼ି ବୁଲି-ଆସିବା।" କୃଷ୍ଣ ହେ! ଗଲ୍...ଗଢ଼ଟା ତାର ବଜାଇ ଫଗ୍ବୁର ପରି...କୃଷ୍ଣ...କୃଷ୍ଣ...ଚାଲୁଥାଏ ସେତେବେଳେ ହୃତ୍କମ୍ପ ହେଉଥାଏ। କୃଷ୍ଣ ହେ! ବାପା ଆପଣଙ୍କର ହରିନାମ ଜପିଲେ...କୃଷ୍ଣ ହେ! ଜାଣିଚନ୍ତି ନା, ତାଙ୍କର ସେଇ ହରିନାମ ଜପ ଠିକ୍ ମିଶି-ଯାଉଥାଏ...ସେଇ 'ନିରଞ୍ଜନ...'। ରାଜା କହୁଥିଲେ, ହରି ନଥିଲେ ରେଳଚକା ଏତେ ଜୋର୍ ପାଆନ୍ତା କୋଉଠୁ? କୃଷ୍ଣ...କୃଷ୍ଣ...ଇଞ୍ଜିନ୍‌ଟା ଭକ୍ ଭକ୍ କରି ଧୂଆଁ ଛାଡ଼ୁଥାଏ, ଆଉ ମଝିରେ ମଝିରେ କଳକଳା ନାଦରେ ହୁଇସିଲ୍ ବଜାଉଥାଏ...କୃଷ୍ଣ...କୃଷ୍ଣ...ଠିକ୍ ଗୋସେଇଁଙ୍କ ଘରେ ଶଙ୍ଖ ବାଜିଲା ପରି...କୃଷ୍ଣ...କୃଷ୍ଣ...।"

ଆହୁନା କୁଅଁରର କଥାଗୁଡ଼ା କାହାଣୀ ଶୁଣିଲା ପରି ଲାଗିଲା ଗୋସେଇଁଙ୍କୁ। ସମୟ ଥିଲା ସେତେବେଳେ କି ମାୟଙ୍ଗର ଲୋକେ ଖୁବ୍ ସରଳ ଥିଲେ—ନ ହେଲେ କି ଯନ୍ତ୍ରଟାକୁ ଦେବତା ବୋଲି ଭାବିଥା'ନ୍ତେ? ସେତେବେଳେ କାହାରି ଜଣକଠାରେ ବି ବିନ୍ଦୁଏ ରାଜନୈତିକ ଚେତନା ନଥିଲା। ନିଜ ଗାଁ ହିଁ ଥିଲା ସେମାନଙ୍କର ସଂସାର-ସର୍ବସ୍ୱ। ସେଇ ଗାଁର ଯାହା କିଛି ସେତିକ ଥିଲା ସେମାନଙ୍କର ଅତି ଆପଣାର। ଗାଁ ବାହାରେ ଅନ୍ୟ ଯାହା କିଛି ସବୁ ଅଚିହ୍ନା, ଅଜଣା। ଯାହା କିଛି ଅଚିହ୍ନା ଅଜଣା, ସେ ହୁଏତ ଭୂତ, ନହେଁ ତ ଦେବତା। ସେଇ କାରଣରୁ ବୋଧେ ସେତେବେଳର ରେଳଗାଡ଼ିର ହୁଇସିଲ୍ ଶବ୍ଦଟା ବାପାଙ୍କୁ ତାଙ୍କର ମନେହେଉଥିଲା ଶଙ୍ଖଧ୍ୱନି ବୋଲି। ...ଛାଡ଼...କିନ୍ତୁ ଏ ରେଳଗାଡ଼ିକୁ ସାହେବମାନେ ଆଣିଥିଲେ କାହିଁକି ଏ ଆସାମକୁ? ବାପା କଣ ତାଙ୍କର ଜାଣିଥିଲେ ସେ କଥା? ନିଶ୍ଚିତ ନୁହେଁ। ଆମ ମାଟିର ତେଲ, କୋଇଲା, ଚାହାପତି...ସବୁ କିଛିକୁ ବୋହି ନେଇ ତାଙ୍କ ବଜାରରେ ବିକ୍ରି କରି ଲାଭ କରିବାକୁ। ଲାଭ କରି କରି ସେମାନେ ହେଲେ ଧନୀ—ବିରାଟ ଧନୀ! ଆଉ ଆମ ଲୋକେ—ବିଶେଷତଃ ଏଇ ଗାଁଗଣ୍ଡାର ଲୋକେ ହେଲେ ଗରିବରୁ ଗରିବତର...ସର୍ବସ୍ୱାନ୍ତ...। ମାୟଙ୍ଗର ବାଣେଶ୍ୱର ରାଜା ହେଲେ ପ୍ରଜା। ତେଣେ ଇଂଲଣ୍ଡର ମହାରାଣୀ ହେଲେ ସୂର୍ଯ୍ୟାସ୍ତ ହେଉ ନଥିବା ସାମ୍ରାଜ୍ୟର ଅଧୀଶ୍ୱରୀ। ସେମାନଙ୍କର ଚକ୍ରାନ୍ତକୁ ଆମ ଲୋକେ ବୁଝିପାରିନଥିଲେ। ସେଇଆ ହେଲା ଆମପାଇଁ କାଳ। କେବଳ ସେତିକି ନୁହେଁ—ଆମ ଲୋକଙ୍କ ମନରେ ଘୂଣ ଲାଗିଲା।

ଯନ୍ତ୍ର-ଆବିଷ୍କାର ତ କଲେ ନାହିଁ, ଉପରନ୍ତୁ ଯନ୍ତ୍ରକୁ କଲେ ଦେବତାଜ୍ଞାନ । ସତେକି ଏହା ଏକ ଅଲୌକିକ ଶକ୍ତିର କାମ । ସତରେ, କି ସରଳ ଆଉ ଅଜ୍ଞ ଥିଲେ ଆମର ପୂର୍ବପୁରୁଷେ !···ଭାବୁ ଭାବୁ ଲାଜ ଲାଗିଲା ଗୋସେଇଁଙ୍କୁ । ଯେଉଁ ରେଳଗାଡ଼ିରେ ଦିନେ ମାଲମତା ବୋହେଇ କରି ନେଉଥିଲେ, ସେଇ ରେଳଗାଡ଼ିରେ ଏବେ ସେମାନେ ସୈନ୍ୟସାମନ୍ତ, ଗୁଳିବାରୁଦ ଆଦି ବୋହିଆଣୁଛନ୍ତି । ଉଦ୍ଦେଶ୍ୟ—ନିଜ ବେପାର-ବଣିଜର ସୁରକ୍ଷା । ଏଇ ସ୍ୱର୍ଣ୍ଣପ୍ରସୂ ଦେଶଟାକୁ କଲେ ବଲେ କଉଶଳେ ନିଜ ଅଧିକାରରେ ରଖିବାକୁ ସେମାନେ ପଣ କରିଛନ୍ତି । ରାବଣର ପଣ ।···ଯେମିତି ଗୋସେଇଁହେଶରିକା କରିଛନ୍ତି ରାମର ପଣ ।···ଏଇ ଦେଶ, ଏ ଦେଶର ସମ୍ପଦ, ଏ ଦେଶର ଶାସନ···ସବୁ କିଛିକୁ ଫେରେଇ-ଆଣିବାକୁ ହେବ ନିଜ ହାତକୁ । ଆଜି ଏଇ ସୈନ୍ୟଭରା ରେଳଗାଡ଼ିଟାକୁ ଓଲଟେଇ-ଦେଲେ ଶତ୍ରୁପକ୍ଷର କିଛି ସୈନ୍ୟ-ବଳ ନିଶ୍ଚୟ କିଛି ପରିମାଣରେ କ୍ଷୟ ହେବ···ଗରିଲାବାହିନୀର ମନୋବଳ ବଢ଼ିବ । ସ୍ୱା'ଠୁ ଅଧିକା କିଛି ନୁହେଁ···ତଥାପି, ନାହିଁ ମାମୁଁଠୁ କଣା ମାମୁ ଭଲ··· ।

ଗୋସେଇଁ ଏଥର ଗୋଡ଼କୁ ଟେକି ବରଓହଲରେ ଆଉଜି ବସିଲେ । କାନ୍ଧ ଉପରେ ବନ୍ଧୁକଟିକୁ ଟିକିଏ ସିଧେଇନେଇ କିଛି କ୍ଷଣ ରେଳଗାଡ଼ି ଶବ୍ଦକୁ କାନେଇଲେ । ଥରେ ନିଜର ବାଁପଟକୁ ଅନେଇଲେ···ଧନପୁର ହେଶରିକା ନିଶ୍ଚୟ ରେଳଗାଡ଼ିକୁ ଚାହିଁଥିବେ । ଚାରିଆଡ଼କୁ ସତର୍କ ଦୃଷ୍ଟି ପକେଇସାରି ଟିକିଏ ନିଶ୍ଚିନ୍ତ ହେଲେ ଗୋସେଇଁ । ପାନଛେପକୁ କଲେ ପିଚ୍‌କିନା ଭୂଇଁକୁ ଛାଟିଦେଇ କହିଲେ—"ଜାଣିଚନା କୁଅଁରେ ! ଯନ୍ତ୍ରଶକ୍ତି ଅଚେତନ । ସାହାବଗୁଡ଼ାକ ସେଇ ଅଚେତନ ଶକ୍ତିକୁ ଲଗେଇଦେଇଚନ୍ତି ଆମମାନଙ୍କୁ ଶୋଷଣ କରିବାପାଇଁ । ଜାଣିଚନ୍ତି, ଏଇ ରେଳଗାଡ଼ିରେ କଣ ଯାଉଚି ?"

—"କ'ଣ ?"

—"ଯୁଦ୍ଧ ପାଇଁ ମାଲମତା । ଏଇଟା ଗୋଟେ ମାଲ୍‌ଗାଡ଼ି । ମଣିପୁର ପାଖରେ ବଡ଼ ଯୁଦ୍ଧ ଲାଗିଛି । ଶୁଣୁଚ, ଗାଡ଼ିଟା କେମିତି କଳକଳା ନାଦ ଛାଡ଼ୁଛି···ଏଇଟା ସିବାର କଥା, ଯାଉ···ମିଲିଟାରି ଏକ୍‌ସପ୍ରେସଟାକୁ ଓଲଟେଇପାରିଲେ ସେମାନଙ୍କର ବହୁତ କ୍ଷତି କରିଯାଇପାରିବ । ଆପଣ ତ ଛଅପୁଅ ବାରନାତି ଦେଖିବା ଲୋକ, ତଥାପି ଗୋଟେ କଥା ମନେରଖିଥିବେ···ଏମାନଙ୍କୁ ଏ ଦେଶରୁ ନଉଡ଼ିଲା ଯାଏଁ ଆମର ଶାନ୍ତି ନାହିଁ । ସେମାନଙ୍କଠୁ ସବୁ ଶକ୍ତିକୁ କାଢ଼ିଆଣିବାକୁ ହେବ ଆମ ହାତମୁଠାକୁ ।···ଖାଲି ହରିନାମରେ ଫସାର ତରିବା ମିଛ । ମହେନ୍ଦ୍ରଙ୍କର ବଜ୍ର ଦରକାର—ମେଘନାଦଙ୍କର ପୁଷ୍ପକରଥ ବି । ହନୁମାନଙ୍କର ଲଙ୍କାପୋଡ଼ିର ଆବଶ୍ୟକତା ରହିଛି । ଅଗ୍ନିବାଣ ବି ଦରକାର । ସେଇ ଅଗ୍ନିବାଣକୁ ଆଜି ଆମେ ନିକ୍ଷେପ କରିବାକୁ ଯାଉଛୁଁ । ଆମେ ମରିଗଲେ ବି ଆମର ପରାଜୟ ନାହିଁ । ଦଧୀଚିଙ୍କ ପରି ମାଟିର ଏ ହାଡ଼ କେଇଖଣ୍ଡ ବଜ୍ରହୋଇ ଏମାନଙ୍କୁ ଧ୍ୱଂସକରିବ··· ।"

ଆହିନା କୁଅଁର ନୀରବ । ଏତେ ବଡ଼ ବଡ଼ କଥା ତା ମଗଜରେ ପଶେନା । ଗୁଆ

ଖଣ୍ଡେ ପାଟିରେ ଜାକିଲା । ପାନ ଛେଚଣାଟାର ଭାମ ଶେଷହେବାରୁ ମୁଣାରେ ଭରତେଲା ସେଇଟାକୁ । ତା'ପରେ କହିଲା—"ହଁ, ସେନା ହେଲ୍ ସେତେବେଳେ ଏଇ ପାନ-ଛେଚଣାଟା ହାତରେ ଥିବାଯାଏ ଯୁଝିବ···କୃଷ୍ଣ ହେ···ସେଗୁଡ଼ା ସବ ପାନ ହେଇଥାନ୍ତେ ନା ··କୃଷ୍ଣ···କୃଷ୍ଣ···ବହେ ଛେଚଦଅନ୍ତ···କୃଷ୍ଣ···କୃଷ୍ଣ···ମୁଁ କେବଳ ସେତକ ଜାଣେ । କୃଷ୍ଣ ହେ ।"

ଗୋସେଇଁ ହସିପକେଇଲେ । ସରଳତା ଅଚ୍ଛୁ ବୋଲି ସଂସାରର ଜଟିଳତା ଆକର୍ଷଣୀୟ ହୋଇପାରୁଛୁ ।

···ରେଲଗାଡ଼ିଟା ପାରହେଇଗଲାଣି ବହୁଦୂରକୁ ।

ରୂପନାରାୟଣ ଫେରିଆସି ଗୋସେଇଁଙ୍କ ସାମନାରେ ଗୋଟେ ପଥର ଉପରେ ବସିପଡ଼ିଲା । ତା'ପରେ ସିଗାରେଟ୍ ଖଣ୍ଡେ ଲଗାଇଲା । ଖୁବ୍ ଗମ୍ଭୀର ହୋଇଯାଇଛି ସେ ।

ଗୋସେଇଁ ପଚାରିଲେ—"କଣ ଦେଖିଲ ?"

ରୂପନାରାୟଣ କହିଲା—"ଏଇ ଟିକିଏ ଦୂରରେ ରେଲଗାଡ଼ିଟା ବଙ୍କେଇବା ଦେଖିଲେ ନା ? ରେଲଲାଇନ୍‌ଟା ସେଇଠି ଠିକ୍ ଘୋଡ଼ାଟାପୁ ପରି ହେଇଚ । ସେଇଠି ଫିସ୍‌ପ୍ଲେଟ ଖୋଲିଲେ ଭଲହେବ । ଏଇ ଉଖ ଉପରୁ ତଳକୁ ଓହ୍ଲେଇବାକୁ ଗୋଟେ ବାଟ କଟାହେଇଚ ପାହାଚ ପାହାଚ କରି । ସେଇ ପାଖାପାଖି ଥିବା ଫିସ୍‌ପ୍ଲେଟ ଭାଡ଼ିଲେ ଏମାନଙ୍କୁ ଶୀଘ୍ର ଉପରକୁ ଗୁଳିଆସିବା ପାଇଁ ସହଜ ହେବ । ଆମ ଏପଟର ଉଖଟା ଖୁବ୍ ଉଚା, କିନ୍ତୁ ସେ ପଟଟା ଖୁବ୍ ସୁବିଧାଜନକ ।···ତା ଛଡ଼ା, ଆମ ଭିତରୁ କିଏ କୋଉଠି ରହିବେ ମୁଁ ଠିକ୍ କରିନେଇଚ ମନେ ମନେ । ମୁଁ ଲାଇନ୍ ପାରହେଇ ସେପଟକୁ ଗୁଲିଯିବ । ତଳଟା ବେଶ୍ ଅନ୍ଧାର । ସେଇଠି ସୂର୍ଯ୍ୟ ଆଲୁଅ ବି ପଡ଼ୁନାହିଁ ।"

ଏତିକିବେଳେ ଚଲ୍ଲା ଚଲ୍ଲା ପାଦଶବ୍ଦ ଶୁଣାଗଲା । ଧନପୁର ଓ ମଧୁ ଆସି ପହଞ୍ଚିଗଲେ । ଧାନ ଗଜା ମେଲିଲାପରି ବୁଢ଼ାଙ୍କ ମୁହଁରେ ଗଜା ଗଜା ଦାଢ଼ି । ମଧୁ ବନ୍ଧୁକଟାକୁ କାନ୍ଧରେ ପକେଇ ଧରିଛି ।

ସେଠି ପହଞ୍ଚୁ ପହଞ୍ଚୁ ଧନପୁର କହିଲା—"ମୁଁ ଠିକ୍ ଅନୁମାନ କରୁଥିଲି···ତୁମେମାନେ ଏଇଠି ଥିବ ବୋଲି । କାମ ଆରମ୍ଭ ହୋଇଗଲାଣି । ଏଇ ଟିକିକ ଆଗରୁ ପହରାବାଲାଗୁଡ଼ା ଗୁଲିଗଲେ—ବୋଧେ ଦଶ ମିନିଟ୍ ହବ । ମିଲିଟାରୀ-ଏକ୍‌ସପ୍ରେସ୍ ଆସିବା ପୂର୍ବରୁ ଟ୍ରଲିଗାଡ଼ିଟା ଆସିପାରେ । ସେଇଟା ଅସିବା ଆଗରୁ ଆମକୁ କାମ ଫତେ କରିବାକୁ ହେବ । ସେଇଟା ଆସିଯିବା ଯାଏ ଆମେ ଅପେକ୍ଷା କରିପାରିବା ନାହିଁ । ଟ୍ରଲିରେ ମିଲିଟାରୀ ଗୋଟେ ଦି'ଟା ଥାଇପାରନ୍ତି । ଟ୍ରଲିଟା ଆସିଲେ ସେଇ ବଙ୍କାଣିଠି ପଡ଼ିବ । ସେତେବେଳେ ମିଲିଟାରୀଗୁଡ଼ାଙ୍କୁ ଗୁଳିକରି ଉଡ଼େଇଦବାକୁ ପଡ଼ିବ । ତା' ନହେଲେ ଆମ ଫିସ୍‌ପ୍ଲେଟ କାଢ଼ିବା ନକାଢ଼ିବା ସମାନହେଇଯିବ ।"

ଦେହରେ ତାର ଗାମ୍ଛେ ପାଟଟା ଲଗିକରି ଅଛୁ । ମୁଣାରୁ ସେ ବାହାରକଲା ବଗ୍‌ଟ ରେଞ୍ଚଟା । ତା'ପରେ ପୁଣି କହିଲା—"ମୁଁ ଏଇ ବାଟେ ଓହ୍ଲେଇ ଯାଉଚ । ଗୋସେଇଁ

ଏଇଠି ରହନ୍ତୁ । ଭଭିରାମକୁ ତଳକୁ ଓହ୍ଲେଇଦେଇ ଆସିଛୁଁ । ମଧୁ ଗଛ ଉପରେ ରହିବ—ଏ ଗଛରେ ନୁହେଁ, ସେପାଖରେ ଗୋଟେ ବଡ଼ ଝଙ୍କାଳିଆ ପଣସ ଗଛ ଅଛି । ସେଇଠି ଗଛରେ ରହି ସେ ପହରାବାଲାଙ୍କୁ ନଘା କରୁଥିବ ।···ଆଉ ରୂପନାରାୟଣ, ତୁମେ ସେପଟେ ରହିବ ନା କଣ ?"

"ହଁ" କହି ସିଗାରେଟ୍‌କୁ ଫୋପାଡ଼ିଦେଲା ରୂପନାରାୟଣ । ବନ୍ଧୁକଟିକୁ ଧରନେଇ ଠିଆହୋଇପଡ଼ିଲା । ତା'ପରେ କହିଲା—"ତୁମ କଥା ଅନୁସାରେ ହିଁ କାମ ହେବ ।··· ଆଚ୍ଛା ଧନପୁର—ସେଇ ବଙ୍କାଣିରେ ଫିସ୍‌ପ୍ଲେଟ୍ ଖୋଲିଲେ କେମିତି ହୁଅନ୍ତା ?"

—"ମୁଁ ତ ଭାବିଛି ସେଇଠି ଖୋଲିଲେ ଭଲ ହବ···କିନ୍ତୁ ଭଭିରାମକୁ କହିଛି ଆଉ ଟିକିଏ ଆଗକୁ ଖୋଲିବାକୁ—ମାନେ ବଙ୍କାଣିର ଠିକ୍ ଶେଷ ଆଡ଼କୁ । ତା' କଲେ ରେଲଗାଡ଼ିଟା ସେ ପାଖକୁ ଓଲଟିବ—କେହି ଜଣେ ବି ବଞ୍ଚିବେ ନାହିଁ । ଏପଟେ ପଡ଼ିଲେ ଗାଡ଼ିଟା ସିଧା ଓଲଟିବ । ପଛପଟ ଡବାଗୁଡ଼ା ଅଲଗା ବି ହୋଇଯାଇପାରେ । ସେତେବେଳେ ଆମ ଉପରକୁ ବିପଦ ମାଡ଼ିଆସିବ । ମୁଁ ଭାବୁଛି, ଗୋସେଇଁ ଯଦି ଟିକିଏ ତଳକୁ ଚାଲିଯାଇ ରହନ୍ତେ, ଭଲହୁଅନ୍ତା । ତଳେ ଲୁଚିପାରିଲାଭଳି ଜାଗା ଅଛି; ଅବଶ୍ୟ ସନ୍ତସନ୍ତିଆ ଜାଗାଟା । ତେବେ ତା ବ୍ୟତୀତ ଉପାୟ ନାହିଁ ।"—କହୁ କହୁ ଡାଳତଳକୁ ଲମ୍ବି ଯାଇଥିବା ଲତାଦଉଡ଼ିଟାକୁ ଦେଖି ହସିଉଠିଲା ଧନପୁର । କହିଲା—"ଏଟାକୁ ପୁଣି କିଏ ବାନ୍ଧିଲା ? ଫାଶୀଦଉଡ଼ି ପରିକା ଦିଶୁଛି ତ !"

ଗୋସେଇଁ କହିଲେ—"ସେଇଟା କୁଅଁରଙ୍କ ଉଦ୍‌ଭାବନ···ତଳକୁ ଓହ୍ଲେଇବା ରସି ପରି··· ।"

ଧନପୁର ଅନ୍ଧାରା କୁଅଁର ଆଡ଼କୁ ଚାହିଁ କହିଲା--"ଏବେ ଆପଣ ଠିକ୍ କମ୍‌ରେଡ୍ । ସତରେ ବଢ଼ିଆ କାମଟେ କରିଚନ୍ତି ଆପଣ । ଆପଣ ଏଇଠି ବସନ୍ତୁ । ଯେତେ ପାରୁଛନ୍ତି ନାମ ସଙ୍କୀର୍ତ୍ତନ ଘୋଷୁଥାନ୍ତୁ ।···ପାନ ଖଣ୍ଡେ ମୋ ଆଡ଼କୁ ମିଳୁ—ପାଟିଟା ଅନେକ ବେଳୁ ପାଣିଚିଆ ଧଇଲାଣି ।"

ଏଥର ଆହୁରା ମୁହଁରୁ ଝରିଲା ଖୋଲା ହସ । ସେ ତରବରକରି ବଟୁଆ ଖୋଲି ପାନ ଦି'ଖଣ୍ଡ ବାହାର କରି ଖଣ୍ଡେ ଧନପୁର ହାତକୁ ଓ ଆଉ ଖଣ୍ଡେ ମଧୁ ହାତକୁ ବଢ଼େଇଦେଲା । ଦୁହେଁ ପାଟିରେ ପାନ ପୂରେଇ ଚୋବେଇ ଚୋବେଇ ପାକୁଳେଇବାକୁ ଆରମ୍ଭକଲେ ।

ଧନପୁର ହଠାତ୍ ପଚାରିଲା—"ଆପଣମାନଙ୍କର ଏତେ ଡେରିହେଲା କାହିଁକି ?"

ଗୋସେଇଁ ଏଥର ପାଟି ଖୋଲିଲେ । କହିଲେ—"ଆମେ ଠିକ୍ ବାହାରିଲାବେଳକୁ ଦଧି ଆଉ କାଳୀ ଅପା ଆସି ପହଞ୍ଚିଲେ ପରା ।"

—"ଏଁ, ଦଧି ପୁଣି ମାଘ୍ୟଂ ଛାଡ଼ି ଚାଲିଆସିଲେ କାହିଁକି ?" —ବୋଲି ପଚାରି କଥର ଆଖିରେ ଚାହିଁଲା ଧନପୁର ।

—"ନ ଆସି ଆଉ ଉପାୟ ନଥିଲା । ଶଇକିଆ ଆସି ଲକ୍ଷ୍ମୀରାମକୁ ନେଇଗଲା—ନାଉରିଆକୁ ବି । ପୋଲିସ ଲୋକେ ଗାଁଟା ସାରା ଲୋକଙ୍କୁ ବାନ୍ଧିନେଲେ । ଏବେ ହୁଏତ

ସେମାନେ ଆମ ପିଚ୍ଛୁ ଧରିବେଣି । ଜଙ୍ଗଲ ପାଖାପାଖି ପହଞ୍ଚିସିବେଣି ପରି ଲାଗୁଛି ।"

ଏତିକି କହି ଗୋସେଇଁ ବନ୍ଧୁକ ଧରି ଠିଆହେଲେ । ପୁଣି କହିଲେ—"ଦୁଇଟା ଦିନ ଭିତରେ ବେମାରଟା ଶୋଷିପକେଇଲା ମଣିଷଟାକୁ । ମୁହଁଟା ଦାଢ଼ିରେ ଲୁଚିଗଲା । ଦେହଟା ଶୁଖି ପୂରା ଠାକରା ହୋଇଗଲା ।"

ଧନପୁର ଗୋସେଇଁଙ୍କ କଥା ଶୁଣିଲା; ମୁହଁ ଖୋଲି କିଛି କହିଲାନାହିଁ । ସହାନୁଭୂତି ଦେଖେଇବାର ସମୟ ସେ ନୁହେଁ । ତାକୁ ମାରିପକେଇବା ଉଚିତ ଥିଲା । ଗୋଟେ ଲୋକ ପାଇଁ ଆମର ଏ ବାରବର୍ଷର ତପସ୍ୟା ଶୁଖୁଆପୋଡ଼ାରେ ଗଳିଯିବ ! ସର୍ବନାଶ! ଗୁଣୁ ଗୁଣୁ ଧନପୁର କହିଲା—ଆପଣମାନେ ସମସ୍ତେ ଧୋତି ନପିନ୍ଧି ଶାଢ଼ି ପିନ୍ଧିବା ଉଚିତ ଥିଲା ।···ହଉ, ଯାହା ତ ହେଲା ହେଲା, ଏବେ ତର୍କ କରି କି ଲାଭ ?···ଆପଣ ଖୁବ୍ ସାବଧାନରେ ରହନ୍ତୁ ଗୋସେଇଁ ! ପହରାବାଲା ଆସୁଥିବାର ଜାଣିବାମାତ୍ରେ ଗୁଳିକରିବେ ! କିଛି ପଚରା-ଉଚୁରା କରିବା ଦରକାର ନାହିଁ । ଅନ୍ତତଃ ରେଲଗାଡ଼ିଟା ଆସିବାଯାଏଁ ଆମକୁ ସାବଧାନରେ ରହିବାକୁ ପଡ଼ିବ ।"

ରୂପନାରାୟଣ କହିଲା—"ତୁମେ ଠିକ୍ କହୁଛ । ଆମକୁ ଯେମିତି ହେଲେ ଏଠୁ ଫେରିଯାଇ ସେଇ ଗୁମ୍ଫାରେ ପହଞ୍ଚିବାକୁ ହେବ । ବର୍ତ୍ତମାନପାଇଁକି ସେଇଟା ହିଁ ଏକମାତ୍ର ଆଶ୍ରୟସ୍ଥଳ । ସେଇଠୁ ହିଁ ଆମର ଏଇ ଦବିଯାଉଥିବା ଯୁଦ୍ଧନିଆଁକୁ ଜଳେଇବାକୁ ହେବ ।"

ଧନପୁର କହିଲା—"ଅବଶ୍ୟ ଚେଷ୍ଟା କରିବା···କିନ୍ତୁ କାଲି ଅପା ଆସିଲେ କାହିଁକି ?"

ଦାଢ଼ି ସାଉଁଳି ସାଉଁଳି ରୂପନାରାୟଣ କହିଲା—"ଗୋସେଇଁଙ୍କ ପାଖକୁ ଗୋଟେ ଚିଠି ନେଇ ଆସିଥିଲେ । ଘାଘାତିକ ନିର୍ଦ୍ଦେଶ ଥିଲା ସେ ଚିଠିରେ ।"

—"କି ନିର୍ଦ୍ଦେଶ ?"

—"ଏଇ କାମରୁ ବିରତହେବାକୁ ଆମକୁ ନିର୍ଦ୍ଦେଶ ।"

—"କାହିଁକି ?"

—"କାରଣ କିଛି ନାହିଁ । ମନ ମରିଯାଇଛି । ସମସ୍ତେ ଗିରଫ୍ ହେଲେ କେବଳ ହଜାରିକାଙ୍କୁ ଛାଡ଼ି···"

"ହୁଁ···ଏମାନେ ପୁଣି ନେତା ବୋଲାଉଛନ୍ତି··· ! ନିହାତି ଗ୍ରେଟ କଲିଜା···ଖାଲି ମୁଣ୍ଡଟା ଉପରକୁ ବୋଲି ନାମକୁ ମଣିଷ ମାତ୍ର···ନଚେତ୍···ଛାଡ଼, ସେସବୁ କଥାକୁ ବାଦ୍ ଦିଅ । ତେବେ କାଲି ଅପା ନିଜେ କାହିଁକି ଚିଠି ନେଇ ଆସିଥିଲେ ?"

—"ଆସିଥିଲେ କାଳେ ସେଇ ଚିଠି ପାଇ ଆମ ଚନ୍ଦ୍ରାଧାର ଗୋଲମାଲିଆ ହୋଇଯିବ ···କହୁଥିଲେ, ମୁଁ ନିଇତି ଏତେ ସୂତା କାଟେ ଅଥଚ କେତେବେଳେ ବି ମୋ ତାକୁଡ଼ିର ସୂତାଖିଅ ଅଡ଼ୁଆ ଧରେନା···ତେଣୁ ଦେଖ, ତମମାନଙ୍କ ମନରେ ଯେମିତି ଅଡ଼ୁଆ ନପଶେ··· ।"

—"ଯାହଉ, ଅନ୍ତତଃ ଜଣେ ସ୍ତ୍ରୀଲୋକ ଏଯାଏଁ ଠିକ୍ ଅଛି ।··ଆଚ୍ଛା, ଆଉ କିଛି କହୁଥିଲେ କି କାଲି ଅପା ?"

ଏଥର ଗୋସେଇଁ ପାଟି ଖୋଲି ଖୁବ୍ ଗମ୍ଭୀର ସ୍ୱରେ କହିଲେ—"ଆଉ ସେମିତି ବିଶେଷ କିଛି ସମ୍ବାଦ ସେ ଆଣିନଥିଲେ···ଆଉ ଡେରି ନାହିଁ, ହେଇ ପାଞ୍ଚ ବାଜିଗଲା, ଚାଲ ଏଥର ନିଜନିଜର କାମରେ ଲାଗିଯିବା—ପରେ ପଛେ କଥାବାର୍ତ୍ତା ହେଉଥିବା ।"

ଗୋସେଇଁଙ୍କ ମୁହଁଟା ଦେଖି ଧନପୁର ନୀରବ ରହିଲା । ସୁଭଦ୍ରାର ଖବର ଟିକିଏ ପାଇବ ବୋଲି ମନଟା ତାର ବାଉଳା ହେଉଥିଲା ।··· ହଁ, ସୁଭଦ୍ରା ! କିଛି ହୋଇନି ତ ତାର ?"

ଦଉଡ଼ି ଧରି ଧରି ତଳକୁ ଓହ୍ଲାଇଗଲା ଧନପୁର । ତା' ପରେ ପରେ ରୂପନାରାୟଣ । ତାର ଟିକିଏ ପରେ ଗୋସେଇଁ ଅଳ୍ପ ତଳକୁ ଓହ୍ଲାଇ ଗୋଟେ ଗ୍ରେଟ ବାଉଁଶବୁଦା ମୂଳରେ ପଶିଗଲେ । ତା'ପରେ ସେଇ ବୁଦାତଳେ ପ୍ରାୟ ଶୋଇବା ଅବସ୍ଥାରେ ଥାଇ ବନ୍ଧୁକଟାକୁ ତଳମୁହାଁ କରି ଧରିରଖିଲେ । କାମ ଶେଷ ହେବାଯାଏଁ ତାଙ୍କୁ ସେଇଠି ସେଇ ଅବସ୍ଥାରେ ହିଁ ରହିବାକୁ ହେବ । ମଧ୍ୟ ଯଦି ଅନ୍ୟ କିଛି ନିର୍ଦ୍ଦେଶ ଦିଏ, ତେବେ ହୁଏତ ବନ୍ଧୁକର ମୁହଁ ଅନ୍ୟ ଦିଗକୁ କରିବାକୁ ପଡ଼ିପାରେ···ନହେଲେ ନାହିଁ । ନିର୍ଦ୍ଦେଶମତେ କାମ କରିବାକୁ ପଡ଼ିବ । ଶତ୍ରୁପକ୍ଷର ଲୋକ ଦେଖି ଦେଖି ଗୁଳିକରି ମାରିଦେବାକୁ ପଡ଼ିବ । ଟ୍ରେନ୍ ଆସୁଥିବାର ଦେଖିଲେ ଟ୍ରେନର ପହରାବାଲା ମିଲିଟାରୀଙ୍କୁ ବି ଗୁଳିକରି ମାରିବାକୁ ପଡ଼ିବ । ଯାହାବି ହେଉ, ଗୁଳି କରିବା ସମୟ ଆସିନାହିଁ ।

ସନ୍ତସନ୍ତିଆ ମାଟି ଯୋଗୁଁ ଗୋସେଇଁଙ୍କର ଦେହଟା ସାରା ଓଦା ହୋଇଗଲାଣି । ଏଣ୍ଡି ଚାଦରର ଭେଦ ଓଦାମାଟିର ସ୍ପର୍ଶରେ କଙ୍କାଳ ଥରିଉଠୁଛି ଗୋଟାପଣେ । କ୍ରମେ କ୍ରମେ ନିର୍ଜୀବ ହେବାକୁ ବସିଲାଣି ହାତ । ମାଟିଦେହଟା ତ—ଏଣୁ ମାଟି ସଙ୍ଗେ ମାଟି ହେବାକୁ ଯାଉଛି । ଘନଘନ ମନେପଡ଼ୁଛି ଗୋସେଇଁଆଣୀଙ୍କ କଥା ।···ପାଖରେ ଶୋଇନାହାନ୍ତି ସେ । ତାଙ୍କୁ ତ ସେମାନେ ଧରିନେଇଛନ୍ତି । ପେଟରେ ତାଙ୍କର ସନ୍ତାନଟିଏ ଅଛି । ତାକୁ ବି ଧରିନେଇଛନ୍ତି ପାପଣ୍ଡେ । ତାର ଦୋଷ କଣ ? ପୁଅ କି ଝିଅ କଣ ହେବ କିଏ କହିପାରିବ !···ମୁଣ୍ଡ ଉପରେ ଚଢ଼େଇଟେ ବସିଛି । ମୁଣ୍ଡକୁ ଟିକିଏ ଟେକି ଉପରକୁ ଚାହିଁଲେ ଗୋସେଇଁ···ମନେ ମନେ ଚଢ଼େଇ ସହିତ କଥା ହେଲେ···ଚଢ଼େଇ ମ, ଏ ଚଢ଼େଇ ! ତୁ ଆସିଲୁ କୋଉଠୁ ? ଯିବୁ କୋଉଠିକି ?···କଥା କହୁନୁ ଯେ !··· କି ସୁନ୍ଦର ହୋଇଚୁ···ପରଗୁଡ଼ିକ ଏତେ ନୀଳ···ଏମିତି ଚକମକିଆ···କିଏ ତୋତେ ଗଢ଼ିଛି ?···ମୁହଁଟା ତୋର ଏମିତି ଲାଲ୍ ହୋଇଚି କାହିଁକି ?···ଆରେ ହେ, ଅଚିହ୍ନା ପକ୍ଷୀ ! ତୋର ଗ୍ରେଟିଆ ଗ୍ରେଟିଆ ଆଖି ଦି'ଟାରେ ଏମିତି ତରଙ୍ଗ ତରଙ୍ଗ ହୋଇ ଅନଉଚୁ ଯେ ! ମୋତେ ଲାଗୁଚି ଯେମିତି ତୁ ମୋର ଗଣ୍ଠିଧନ···ତୁ ମୋର ପ୍ରାଣର ପକ୍ଷୀ···ତୁ ତାଙ୍କୁ ଦେଖିଚୁ ନା ? ମୋ ଉପରେ ସେ ରାଗ କରିଚନ୍ତି କି ? କହୁନୁ—ଏମିତି ନିଷ୍ଠୁର କାହିଁକି ହେଉଚୁ ?···ଏତିକି ମହିମା ତୁ ! ଖବର କିଛି ଭଲ ଲୁହେଁ ନା କଣ ?···ଧେତ୍, ଖାଲି ସୁସୁଖି ମାରୁଚୁ···ମୁଁ ସେଥିରୁ କଣ ବୁଝିବି ?···ଦେଖୁଚୁ ନା, ମୋତେ କେମିତି ଶୀତ କରୁଚି ! ଓଃ ଖୁବ୍···ଶୀତ···ଅସହ୍ୟ ଏ ଶୀତ···କାନ୍ଦ ଉଠି ଉଠି ଆସୁଚି···ମୁଁ କାନ୍ଦୁ

ଜାଣିବନି ତୋ ସାଁମନାରେ···ତୋତେ କୋଉ ବିଶ୍ୱାସ ! ତୁ ଏବେ ଉଡ଼ିଯାଇ ତାଙ୍କୁ କହିଦେବୁ ମୋର ଏ ବେମାରି କଥା···ନ ଜାଣିଲେ ହେଲେ କିଏ ମୁଁ ତୋ'ଠୁ ଲୁଚେଇ ପାରିବି ? ନା···ଆଦୌ ପାରିବିନି···ତୁ ସିଧା ସୁନ୍ଦର···ତୁ ମୋତେ ଛୁଆଦିନରୁ ଦେଖିଚୁ ନା ?···ପିଲାଟି ଦିନରୁ ତ ଘର ଗୁଡ଼ିଲା, ହେଲି ବାରବୁଲା ଫକୀର । ଖାଲି ଘୂରିଲି ଆଉ ଘୂରିଲି···କିଏ ଗୋଟେ ଭୂତ ଚଢ଼ିଲା ମୁଣ୍ଡରେ କେଜାଣି···ଦେଶଟାକୁ ଉଦ୍ଧାର କରିବାକୁ ଝୁଙ୍କ ଉଠିଲା—ସଙ୍କଳ୍ପ ବି କରିପକେଇଲି···କିନ୍ତୁ ବଡ଼ ଭିଡ଼ କାମ···ପାରିହେଉନି··· ତୋ ପରି ମୁକ୍ତ ଆକାଶର ବିହଙ୍ଗ ହେବାକୁ ଇଚ୍ଛା ହେଲାଣି···ସେଥିପାଇଁ ଏ ଯଜ୍ଞର ଆୟୋଜନ···ଆରେ···ରେ···ରେ, ତୁ କିଛି ଖରାପ ଭାବୁଚୁ କି ମୋର ଏକଥା ଶୁଣି··· ନା'ମ, ସେମିତି କିଛି ଭାବନା···ତୁ ତ ମୋର ସୁଖ-ଦୁଃଖର ସାଥୀ···କହୁନୁ···କିଛି ହେଲେ କହ, ଥରେ କହିଦେ ଭଲା···ତୁ ମୋ ବାପାଙ୍କ ପାଖରୁ ଆସିଚୁ ? ମୋ ମା'ଙ୍କ ପାଖରୁ ଆସିଚୁ ? ସେ ପୁରରୁ ସେମାନେ ମୋତେ ଡକେଇ ପଠେଇଚନ୍ତି କି ? ସତ କହ···ଆରେ ସେ ବୈତରଣୀ ନଈ ଖଣ୍ଡିକ କେମିତିକା ? ଆମର ଏଇ କଲଂ ପରି ନା ଲୁଇତ ପରି ? ତାର ସେପାରିରେ କିଏ କିଏ ସବୁ ଅଛି ? ଲୋକବାକ ଅଛନ୍ତି କି ? ସେ ନଈରେ ପୋଲ ଅଛି ତ ?

ଏଇମିତି ମନେ ମନେ କିଏ ସବୁ କହୁଥିଲେ ଚଢ଼େଇଟାକୁ ଗୋସେଇଁ···ଏଣ୍ଡ୍ରିବୃଦରଟି ମାଟି ବଲବଲ ହେଲାଣି । ମାଟି ଆଉ ତାଙ୍କ ଭିତରେ କିଛି ତଫାତ୍ ଥିଲା ପରି ଲାଗୁନି ।

ଚଢ଼େଇଟା ସେଇମିତି ଡରଙ୍ଗ ଡରଙ୍ଗ ହୋଇ ଦଶଦିଗକୁ ଚାହୁଁଥାଏ ।

ଧନପୁର ପଡ଼ିଲା ଗୋସେଇଁଙ୍କ ଆଖିରେ—ସେ ତାର ରେଞ୍ଜ କାଢ଼ି ଫିସପ୍ଲେଟର ନଟ୍‌ବୋଲ୍ଟ ଉପରେ ଲଗେଇଲାଣି । ପ୍ରାୟ ଗଜେ ଅଣ୍ଡେ ଦୂରରେ ଭିଭିରାମ ବି ସେଇ କାମ କରୁଚି । ରୂପନାରାୟଣ କୋଉଠି ଅଛି ଦେଖାଯାଉ ନାହିଁ । ତାକୁ ଦେଖିବାକୁ ଚେଷ୍ଟାକଲେ ଗୋସେଇଁ···ବାଉଁଶ ଗଛର ଡାଳପତ୍ରକୁ ଧୀରେ ଆଡ଼େଇ ଧରିଲେ···ସେ ପାଖରେ ଗୋଟେ ବିରାଟ ଖାଲ । ସେଠି ପାଣି ଅଛି । ଗୋଟେ ବଣୁଆ ହଂସରାଜ ସେଇଠି ଥାଇ ସ୍ୱରଲମ୍ବେଇଚି । ବଡ଼ କରୁଣ ସେ ସ୍ୱର···ହୃଦୟବିଦାରକ । ଖାଲକୁ ଲାଗି ଗ୍ରେଟ ମୁଣ୍ଡିଆଟେ । ସେଠି ଏକ ବିରାଟ ଉଇହୁଙ୍କା । ଉଇହୁଙ୍କାକୁ ଲାଗି ଏକ ଡେଙ୍ଗା ପଥର । ଏ ମୁଣ୍ଡିଆଟି ସେଇ ଚିର ସୁନ୍ଦର ଖାସୀ ପର୍ବତର ଅଂଶବିଶେଷ । ସେଇ ଡେଙ୍ଗା ପଥରଟା ପାଖକୁ ଲାଗି ଆଉ ଏକ ବଡ଼ ପଥର । ସେଇ ପଥର ଦୁଇଟା ମଝିରେ ଏକ ଦଣ୍ଡାୟମାନ ମୂର୍ତ୍ତି···ସେ ହଉଚି ରୂପନାରାୟଣ । ତା' ଆଗରେ, ପଛରେ, ଏ ପାଖରେ, ସେ ପାଖରେ ଆଉ ଉପରେ ନାନା ଜାତିର ବଣୁଆ ଗଛ, ଲତା ଓ ବୃଦାମାନ । ସେଇ ଉପତ୍ୟକାର ପାଦଦେଶରେ ବହିଯାଉଛି ଏକ ରୁପେଲି ଝରଣା । ସେ ପାଖେ ପଶ୍ଚିମ ଆକାଶରେ ମୁଣ୍ଡା ମୁଣ୍ଡା ରକ୍ତିମ ଅଭ୍ର—ମଝିରେ ସୂର୍ଯ୍ୟ···ପୁରୋହିତ ହାତରେ ତାମ୍ରପାତ୍ର ପରି···ସେଇ ବିପଣ୍ଡ ସୂର୍ଯ୍ୟାସ୍ତର ରଙ୍ଗ ଗୋସେଇଁଙ୍କ ପ୍ରାଣକୁ ପ୍ରକମ୍ପିତ କରୁଚି···ନିଜ ଜୀବନ-ସଳିତାଟି ଏଣେ ମିଟିମିଟି ହୋଇ ଜଳୁଛି— ଏଇଲେ କି ଆଉ ଟିକକୁ···ଲିଭିଯିବ ଲିଭିଯିବ ହଉଚି ।

ରୂପନାରାୟଣର ବନ୍ଧୁକର ମୁହଁ, ଗୋପେଶ୍ୱଙ୍କର ବନ୍ଧୁକର ମୁହଁ ପରସ୍ପରର ବିପରୀତ ଦିଗକୁ । ···ମଧୁର ବନ୍ଧୁକଟାକୁ ଦେଖିବାକୁ ମୁଣ୍ଡଟାକୁ ଟିକିଏ ଟେଙ୍କାରିଲେ ଗୋପେଶ୍ୱ । ଅଳ୍ପ ଦୂରରେ ଆଗରେ ଥିବା ଝଙ୍କାଳିଆ ଗଛର ଡାଳଟି ଆଡ଼କୁ ବହୁ କଷ୍ଟରେ ଅନେଇଲେ ସେ···ମଧୁ ବି ସେମିତି ଲେପଟି ପଡ଼ିଛୁ ଗଛ ଡାଳରେ, ବନ୍ଧୁକର ମୁହଁ ତାର ତଳକୁ ।

କାହା ପାଖିରେ କଥାନାହିଁ । ପାନଖଣ୍ଡେ ଖାଇବାକୁ ଇଚ୍ଛା ହେଉଥିଲା ଗୋପେଶ୍ୱଙ୍କର । କିନ୍ତୁ ସେଇଠୁ ଥାଇ ଆହୁନା କୁଅଁରକୁ ଡାକପୁଡ଼ିବାକୁ ସାହସ କୁଲେଇଲା ନାହିଁ ତାଙ୍କର । ପାଟି ଖୋଲି ଡାକିବାର ସମୟ ଇଏ ନୁହଁ । ଇଏତ ଆଉ ଗାଁର ଜମିଦାରଙ୍କ ନିଜ ଘରର ବୈଠକଖାନା ଅଥବା ପଲ୍ଲୀଭୂଆ ଜାଗା ନୁହଁ ସେ କଥାବାର୍ତ୍ତା କରି କରି କାମ କରାଯିବ ! ଏଇଟା ସାଧମତ ରଣସ୍ଥଳୀ । ଯୁଦ୍ଧବେଳେ କଥା କୁହାଯାଏନା । ଅନେଇବା ଦରକାର ହେଲେ ଅନେଇବ, ଗୁଳିକରିବା ଦରକାର ପଡ଼ିଲେ ଗୁଳିକରିବ । ଟିକିଏ ବି ଏପଟ ସେପଟ କରିହେବନି···କଲେ ଯୁଦ୍ଧରେ ହାରିଯିବାର ଆଶଙ୍କା ଅଛୁ···ହୁଁ, ଇଏ ମଧ୍ୟ ଏକପ୍ରକାର ରଣ ନୁହେଁ ତ ଆଉ କଣ ?···

ଗୋପେଶ୍ୱ ପୁଣି ତାଙ୍କ ମୁଣ୍ଡ ଉପରର ଚନ୍ଦ୍ରେଇଟାକୁ ଚାହିଁଲେ । ଆହୁରି ସୁନ୍ଦର ଦେଖାଯାଉଛି, ହେଲେ କଣ ହବ, ନହାତି ଅଚିହ୍ନା ଭଳି ତାର କାରବାର !···ଜୀବନରେ ମଣିଷ କେତେଟା ଜିନିଷକୁ ଚିହ୍ନିପାରେ ! ଖୁବ୍ କମ୍ । ଚିହ୍ନୁ ଚିହ୍ନୁ ଗୋଟେ ଜୀବନକାଳ ଅନ୍ତହୁଏ । ନିମିଷକେ ପଡ଼ିଯାଏ ଯବନିକା । ତା'ପରେ ? ତା'ପରେ ଏ ଆତ୍ମାଟା ଯାଏ କୁଆଡ଼େ ? କଣ ହୁଏ ତାର ଶେଷ ପରିଣତି ? ଏକଥା କେହି କହିପାରିବେନି···ଗୁଡ଼ି··· ମଣିଷ ନିଜେ ନିଜକୁ ବା ଚିହ୍ନିଛି କେତେଟା ? —ଆରେ, ଭୂତଟା ଖାଲି ଏମିତି ସୁସୁସ୍ୱା ମାରୁଛୁ କାହିଁକି···ମୁଁ ଯାହା କହୁଚ ସତ ନା ?

ଧନପୁର ତାର ସମସ୍ତ ଶକ୍ତି ପ୍ରୟୋଗ କରି ରେଳ୍ପ ଚଳେଇଲାଗିଛୁ । ମଝିରେ ମଝିରେ ହାତୁଡ଼ିରେ ପିଟୁଛୁ···ଠଂ···ଠଂ···ଠଂ । ଭିଭିରାମ ବି ସେଇମିତି ହାତୁଡ଼ି ପିଟୁଛୁ···ଠଂ ···ଠଂ···ଠଂ···

ଗହନ ବନର ଏ ଘେର । ଦୁଇପାଖରେ ବେଶିଦୂରଯାଏଁ ଦେଖାଯାଏନା ନିରାପଦ ସ୍ଥାନ । କିନ୍ତୁ ବିପଦ ପହଞ୍ଚିବାକୁ କେତେ କ୍ଷଣ ! ପହରାବାଲା କେଇଟା ଯିବାର ବାର-ଚଉଦ ମିନିଟ୍ ବି ହେଇନି । ସେମାନେ ଅଧାବାଟରୁ ଫେରିଆସିବାକୁ କେତେ ସମୟ ଲାଗିବ ? ସମୟର ସଦ୍‌ବ୍ୟବହାର କରିବାକୁ ହେବ ।

ବଣୁଆ ହଂସରାଳିଟିର କରୁଣ ସ୍ୱର ଧନପୁର ପ୍ରାଣରେ ସ୍ମୃତିର ବାଦ୍ୟ ସୃଷ୍ଟି କରୁଥିଲା —ସୁଭଦ୍ରାର ସ୍ମୃତି ! କ୍ଷଣକ ପାଇଁ ହେଲେ ବି ବାରମ୍ବାର ସେ ବାଦ୍ୟରେ ପ୍ରାଣଟା ତାର ଗୁମୁରି ଉଠୁଥିଲା; କିନ୍ତୁ ତା ହାତୁଡ଼ିର ଗୁରୁଗମ୍ଭୀର ସ୍ୱର ସେ ବାଦ୍ୟକୁ ଦବେଇଦେଉଥିଲା । ପ୍ରାଣର ସମସ୍ତ ଦୁର୍ବଳତା ହାତୁଡ଼ିପିଟାରେ ଚୂର୍‌ମାର୍ ହୋଇଯାଉଥିଲା···କପାଳରୁ ଗମ୍‌ଗମ୍ ହେଇ ଝାଳ ବାହାରୁଚ···ପ୍ରାୟ ପନ୍ଦର ମିନିଟ୍ ଭିତରେ ଖୋଲିପକେଇଲା

ଫିସ୍‌ପ୍ଲେଟଟି । ଦୁର୍ଗୁଳଗଳା ରେଲ-ଲାଇନ୍‌ର ଯୋଡ଼ଣି । ହାତରେ ଟାଣି ଟାଣି ଯୋଡ଼ଣିକୁ ଯେତେଦୂର ଫାଙ୍କ କରାଯାଇ ପାରେ କରିବାକୁ ଚେଷ୍ଟା କଲା ଧନପୁର । ତା ପରେ ସେ ଭିଭିରାମ ଆଡ଼କୁ ଚାହିଁଲା । ଭିଭିରାମ ଆଗରୁ ଆରମ୍ଭ କରିଥିଲା, ଅଥଚ ତା ଫିସ୍‌ପ୍ଲେଟର ଆହୁରି ଗୋଟେ ବୋଲ୍‌ଟ ଅଛି ଖୋଲିବାକୁ । ଧନପୁର ଆଉ ଗୋଟେ ଫିସ୍‌ପ୍ଲେଟ ପାଖକୁ ଗଲା । ଦିନର ଆଲୁଅ କ୍ରମଶଃ ମଳିନ ପଡ଼ିଆସିଲାଣି । ପଶ୍ଚିମ ଆକାଶର ରଙ୍ଗ ପାଣିଆ ଧରିଲାଣି । ଧନପୁର୍ ଚତ୍‌ପରତା ସହିତ ପୁଣି ଲାଗିପଡ଼ିଲା ଏଇ ଫିସ୍‌ପ୍ଲେଟଟା ସାଙ୍ଗରେ । ନିଜ ଫିସ୍‌ପ୍ଲେଟଟା ଖୋଲୁ ଖୋଲୁ ଧନପୁର ଭିଭିରାମକୁ କହୁଥାଏ—"ସଅଳ କର ଭିଭିରାଇ ! ଖୁବ୍ ସଅଳ··· ।"

ଆପ୍ରାଣ ଚେଷ୍ଟା କରି ଗୋଟିଏ ଖୋଲିସାରି ଆଉ ଗୋଟିର ଫିସ୍‌ପ୍ଲେଟ ପାଖକୁ ଗଲା ଭିଭିରାମ । ନିଜ ସାଧ୍ୟମତେ ଚଞ୍ଚଳ ଚଞ୍ଚଳ ଖୋଲିବାକୁ ଆରମ୍ଭକଲା ।

ଭିଭିରାମ ଏଣେ ହାତୁଡ଼ି ପିଟୁଥାଏ, ତେଣେ ଧନପୁର ଆଡ଼କୁ ଚାହୁଁଥାଏ । ଧନପୁର କିନ୍ତୁ ନିଜ କାମରେ ମଗ୍ନ । ଭୟ ଆଶଙ୍କା ଟିକିଏ ବୋଲି ନାହିଁ ତା ମନରେ । ଇଚ୍ଛାଶକ୍ତି ପ୍ରବଳ । ଏଇ ଫିସ୍‌ପ୍ଲେଟଟା ଖୋଲିଲା ଅବସ୍ଥାକୁ ଆସିଗଲାଣି । ମାତ୍ର ତେଣେ ଭିଭିରାମର ହାତ ରହିଗଲାଣି । କିଏ ଯେମିତି ଆଘାତ ପାଇଛି ସେ ଅନ୍ତରରେ । କି ଆଘାତ ? ମଣିଷ-ମାରର ଆଘାତ ? ଏତେଗୁଡ଼ାଏ ମଣିଷ ଯେ ମରିବେ, ତାର ପରିଣାମ ? ନା···ନା, ପ୍ରତିଶୋଧ ନବାକୁ ହେବ ।···କନକଲତା, ଖେତେଶ୍ୱରୀ, କମଳାମିରି ଏମାନଙ୍କ ଜୀଅନ୍ତା କଲବଲ କରି ମାରିବାର ପ୍ରତିଶୋଧ ନିଶ୍ଚୟ ନବାକୁ ହେବ । କେବଳ ସେତିକି ନୁହେଁ ···ଦେଶକୁ ସ୍ୱାଧୀନ କରିବାକୁ ପଡ଼ିବ । ସେଥିପାଇଁ ସର୍ବସ୍ୱ ପଣ ରଖି ସେ ଏଠିକି ଆସିଚି । ···ହୁଁ···ହାତୁଡ଼ିପିଟା···ରେଞ୍ଚଦ୍‌ର···ଯୋଡ଼ଣି ଖୋଲିବାଯାଏ ଇଏ ଚାଲିବ···ବାକୀ ସବୁ କଥାକୁ ପାସୋରିଦବାକୁ ପଡ଼ିବ···ଘରର ଘରଣୀ କଥା···ଡାମପୁରର କୁଟୁମ୍ବ, ପରିଜନ, ବନ୍ଧୁ ବାନ୍ଧବ···ସବୁକଥା···ଏସବୁକୁ ପାସୋରିବାକୁ ହେବ ।···ହଁ, କେବଳ ହାତୁଡ଼ିପିଟା ·· ରେଞ୍ଚଦ୍‌ର···

ରୂପନାରାୟଣ ଅନେଇ ରହିଚ ସଙ୍କେତକୁ । ନିରୀକ୍ଷଣ କରିଲାଗିଚ ଘଣ୍ଟାକଣ୍ଟାକୁ ।··· ଏମାନେ ଏତେ ସମୟ ଧରି କଣ କରୁଚନ୍ତି ? ପହରାବାଲାଙ୍କ ବିଶ୍ୱାସ ନାହିଁ । ଉତ୍ତର, ଦକ୍ଷିଣ, ପୂର୍ବ, ପଶ୍ଚିମ···ଚାରିଦିଗରେ ପହରାବାଲା । ତା' ଛଡ଼ା ଶଇକଥା ! ଯେକୌଣସି ମୁହୂର୍ତ୍ତରେ ବିପଦର ଆଶଙ୍କା ରହିଚ । ଯେକୌଣସି ମୁହୂର୍ତ୍ତରେ ଜୀବନଟା ଜଡ଼ପଦାର୍ଥରେ ପରିଣତ ହୋଇଯାଇପାରେ··· ।

ଅରେ ଗୋସେଇଁଙ୍କ ଆଡ଼କୁ ଚାହିଁଲା ରୂପନାରାୟଣ । ସତେକି ଏକ ଶବ ଭଳି ପଡ଼ିଚନ୍ତି ସେ ମାଟି ଉପରେ । ଟିକିଏ ବି ସୋର୍-ଶବ୍ଦ ନାହିଁ । ଲୋକଟାର ବେମାରି ପୁଣି ବାହାରି ପଡ଼ିଲା କି ? କାନ ଡେରିଲା, କାଲେ ଗୋସେଇଁଙ୍କ ରୁଗ୍ଣ ଶବ୍ଦ ଶୁଭିବ କି ?···ହଁ, ଠିକ୍ ତ ···ଖୁଁ ଖୁଁ··କାଶ ଶୁଭୁଚ । ଏଇ ତ ଗୋସେଇଁଙ୍କର କାଶ । ମାଟି ଉପରୁ ସେ ଉଠିପଡ଼ନ୍ତୁ ବୋଲି କହିବ କି—ଭାବିଲା ରୂପନାରାୟଣ··ନା, ଥାଉ···

ଉହୁଁ...ନିର୍ଦ୍ଦେଶରୁ ଟିକିଏ ବି ଏପଟ ସେପଟ କରିହେବନି । ଲୋକ କମ୍ । ବନ୍ଧୁକ ସଂଖ୍ୟା ବି କମ୍ । ଟିକିଏ ଭୁଲ୍ କଲେ ମୃତ୍ୟୁ ସୁନିଶ୍ଚିତ । ଗୋସେଇଁଙ୍କର ଶ୍ୱାସପ୍ରଶ୍ୱାସଟା ବଢ଼ିବି ଯାଉ ବଢ଼ୁ ।

ହଠାତ୍ ପଛପଟୁ ପଥର ଉପର ଦେଇ ଗୋଟେ କଳାନାଗସାପ ଆସି ରୂପନାରାୟଣର ସାମନା ପଟେ ଥିବା ଗୋଟେ ଗାତ ଭିତରେ ପଶିଗଲା । ଗୁଡ଼ଟା କମ୍ପି ଉଠିଲା ତା'ର । ଏସବୁ କାହାଣୀରେ ଶୁଣା କଥା—ଜଳାମୃରର ମୁଣ୍ଡ ଉପରେ ନାଗସାପ ଫଣା ଟେକି ଛାଇକରିଥିଲା । ତା'ପରେ ଜଳାମ୍ବର ହେଲା କମଡାପୁରର ରାଜା ।...ରୂପନାରାୟଣ କଣ ତେବେ ରାଜା ହବ ନା କଣ ? ମାନେ ତାଙ୍କ ଦଳ ରାଜଗାଦି ପାଇବ କି ?

କାହାଣୀ...ଶୁଣିବାକୁ ଭଲଲାଗେ...ବିଶ୍ୱାସକରିହୁଏନା ।

ପକେଟରୁ ସିଗାରେଟ୍ କାଢ଼ି ଲଗେଇଲା ।...ନଗାଁଓର ଗାଇକଥା ଓକିଲଙ୍କ ଝିଅ କଥା ମନେପଡ଼ିଲା ତାର । ସେ, ମାନେ ଆରତି ଯଦି ତାକୁ ଏଇ ଅବସ୍ଥାରେ ଦେଖେ, ତେବେ ଡରିପଳେଇବ ନା ମହାକାବ୍ୟରେ ଘଟିଥିବା ଘଟଣା ପରି ବରଣମାଳା ପିନ୍ଧେଇ ପତିରୂପେ ବରଣ କରିବ ?...ନିଶ୍ଚୟ ନୁହେଁ... । ଯଦି ଇଏ ଏଠି ମରିଯାଏ ସେ କଣ ଭାବିବ ? ଶବଟାକୁ ଦେଖିବାକୁ ଆସିବ ତ ?...ହସମାଡ଼ିଲା ତାକୁ...ଜୀବନଟା ଏଇମିତି । ଏଇଲେ ଭଲ...ଏଇଲେ ମନ୍ଦ...ଏବେ ଅଛୁ...ଏବେ ନାହିଁ ।

ଏଭଳି ଏକ ସନ୍ଧିସନ୍ଧ ମୁହୂର୍ତ୍ତରେ ସେ ବର୍ତ୍ତମାନ ଅଛି । ଏଇଟା କାହାଣୀ ଓ ମହାକାବ୍ୟର ମୁହୂର୍ତ୍ତ । କିନ୍ତୁ...କିନ୍ତୁ ନାହିଁ ଏଠି ନାୟିକା...ନାହାନ୍ତି ବି ରଚୟିତା—ବାକି ସମସ୍ତେ ଅଛନ୍ତି—ଅର୍ଥାତ୍ ବୀର ଅଛନ୍ତି ।...ଧେତ୍—କଣ ଗୁଡ଼େ ଭାବୁଚି ସେ—ଏ ଭାବନାର ମୁଣ୍ଡ ଅଛି ନା ଗଣ୍ଡି ଅଛି ।

ଭବିଷ୍ୟତରେ ଯେଉଁ ପୁଅଝିଅମାନେ ଏ ଦେଶରେ ଜନ୍ମହେବେ ସେମାନେ ଏ ରେଲ ଓଲଟେଇବା କଥା, ସ୍ୱାଧୀନତାର କଥା ଶୁଣି କ'ଣ ଭାବିବେ ? ନିନ୍ଦା କରିବେ ନା ପ୍ରଶଂସା କରିବେ ? ନା ଭୁଲିଯିବେ ? ସମଗ୍ର ଜାତି ପାଇଁ ଏଇ ତ୍ୟାଗର ମୂଲ୍ୟ କେବଳ ନିଜର ନା ଅନ୍ୟ ସମସ୍ତଙ୍କର ? ଏ ଜାତିଟା ଭଲରେ ରହିବ ବୋଲି ଯିଏ କେବେ ବନ୍ଧୁକ ଦେଖିନଥିଲା ସିଏ ଏବେ ବନ୍ଧୁକ ଧରି ତିଆରି ହେଇଛି ।...ଭାବନ୍ତୁ ନଭାବନ୍ତୁ ଅଲଗା କଥା, କିନ୍ତୁ ଏପରିଭାବେ କାମ କରି ମରିଗଲେ ଜୀବନରେ ସାର୍ଥକତା ଅଛି । ଇତିହାସର କଥା ଇତିହାସ ହିଁ ଭାବିବ ।

ପ୍ରାଣମୂର୍ଚ୍ଛା । ହାତୁଡ଼ି ବାଡ଼ଉଛି ଭଭିରାମ, ଅଥଚ ସଫଳ ହୋଇପାରୁନାହିଁ । ଅକଗଲାଣି ହାତ । ଚାହିଁଲା ଧନପୁର ଆଡ଼କୁ ।

ଧନପୁର ବଡ଼ ଟାଣୁଛି, ଫୁଂ-ଫୁଂ ଧୂଆଁ ଛାଡ଼ୁଛି । ମୁଚୁକି ମୁଚୁକି ହସୁଛି—ଭଭିରାମ ଆଡ଼କୁ ଚାହିଁଛି ।...ଭଭିରାମର ଚାହାଣିରୁ ଧନପୁର ଧରିପାରିଚି ଭଭିରାମ ସାହାଯ୍ୟ ଲୋଡ଼ୁଛି । ଧୀରେ ଧୀରେ ଉଠିଲା ଧନପୁର ତା' ଜାଗାରୁ ।...ଭଭିରାମ ପାଖରେ ପହଞ୍ଚି ତାକୁ ଉଠିଯିବାପାଇଁ ନିର୍ଦ୍ଦେଶଦେଲା ଧନପୁର ।...ନାଟକ ପରି ଲାଗୁଛି ଭଭିରାମକୁ...

ଧନପୁର ତା'ହାତରୁ ରେଞ୍ଚ ଓ ହାତୁଡ଼ି କାଢ଼ି ନେଉଛି । ତା'ର କାମ—ଧନପୁରର କାମ ନୁହେଁ । ଜୀବନ-ମରଣ-ପଣରେ ଏ ରଣ । ସେ ଉଠିଯିବାକୁ ଚାହେଁନା…ମୁଁ ପାରିବି ଧନପୁର, ମୁଁ ପାରିବି । ତୋ କାମ ସରିଚି—ତୁ ପଳା । ତୁ ଶୀଘ୍ର ଉପରକୁ ଉଠିଯା… ।'

ବଡ଼ିଟାକୁ ଫୋପାଡ଼ିଦେଲା ଧନପୁର । ସେଇମିତି ହସୁଥାଏ । ଚାହୁଁଥାଏ ଭିଭିରାମକୁ । ତା'ପରେ ଧୀରେ ଧୀରେ କହୁଚି—"ତୁମର ଧ୍ଵଜଭଙ୍ଗ ହୋଇଚି, ଯାଅ ଉପରକୁ ଚାଲିଯାଅ ତମେ ଭିଭିରାଇ ! ମୁଁ ପାଞ୍ଚ ମିନିଟ୍ ଭିତରେ ଶେଷକରି ଯାଉଚି… । ଏସବୁ ପିଲାଖେଳ ନୁହଁ । ଯାଅ କହୁଚି, ଚଞ୍ଚଳ ଯା…ସିଧା ଉପରକୁ ଉଠିଯାଅ ।…ତୁମର ହାତୁଡ଼ି ଶବ୍ଦଟା ବଡ଼ ଜୋର୍‌ରେ ଶୁଭୁଚି । ପହରିବାଲା ଶୁଣିପାରୁଥିବ ଯଦି ନା ତେବେ ତ ସର୍ବନାଶ…ଯାଅ…ଚଞ୍ଚଳ ।"

ଚାଲିଯିବାକୁ ବାଧ୍ୟ ହେଲା ଭିଭିରାମ । ଲାଜରେ ଛାତିଟା ତା'ର କମ୍ପୁଥାଏ । ମୁଣ୍ଡକୁ ତଳକୁ ପୋତି ଖଣି ଉପରକୁ ଉଠିଗଲା ସେ । ଉପରକୁ ଉଠିଲା ପରେ ଆଉ ସେ ଦେଖାଗଲା ନାହିଁ । ଲୁଚିଗଲା ଜଙ୍ଗଲ ଭିତରେ । ସିଧା ଯାଇ ବସିଲା ଆହ୍ନା କୁଅଁର ପାଖରେ ।

ଆହ୍ନା କୁଅଁର 'କୃଷ୍ଣ…କୃଷ୍ଣ…' ଉଚ୍ଚାରଣ କରି କରି ପାନଖଣ୍ଡେ ଯାଚିଲା ଭିଭିରାମକୁ ।

ହାତୁଡ଼ି ମାରି ମାରି ପାଞ୍ଚମିନିଟ୍ ଭିତରେ ଖୋଲିଦେଲା ଫିସ୍‌ପ୍ଲେଟଟାକୁ ଧନପୁର । ତା'ପରେ ସେ ଉଠି ଠିଆହେଲା । ଦେହଟା ସାରା ତାର ଜଳିଯାଉଛି ।…ଚାରିଆଡ଼କୁ ଚାହିଁଲା ଥରେ । ମଧୁ ତଳପଟ ସିଡ଼ି ଆଡ଼କୁ ଚାହିଁଚି । ରୂପନାରାୟଣ ପଥର ଧାରରେ ଶେଷଯାଏଁ ଚାହିଁଚି । ଗୋସେଇଁ ବନ୍ଧୁକର ଘୋଡ଼ା ଟିପୁଛନ୍ତି । ଚାରିଆଡ଼େ ଛୁଇଛୁଇଆ । ବାଉଁଶ ଗଛଗୁଡ଼ାକ ବି ଦୋହଲୁ ନାହାନ୍ତି । ଗୋସେଇଁଙ୍କ ମୁଣ୍ଡ ଉପରେ କେବଳ ଚଢ଼େଇଟେ…ଅଚିହ୍ନା ଚଢ଼େଇଟେ ।

ହଠାତ୍ ସଙ୍କେତ ଦେଲା ମଧୁ…ନିଶ୍ଚୟ ଜଗୁଆଳକୁ ଦେଖିଚି । ସେ ତେଣୁ ଆଉ କାଳ ବିଳମ୍ବ ନକରି ଖୁବ୍ ଜୋର୍‌ରେ ପାଦ ପକେଇ ଖଣି ତଳକୁ ଆସି ପହଞ୍ଚିଲା—ଠିକ୍ ପାହାଚ ପାଖରେ । ଖପାଖପ୍ ଉଠି ଚାଲିଲା—ସତେକି ମାଙ୍କଡ଼ଟେ ଖଣିରୁ ଉଠୁଛି ।…ତଥାପି ବି ସେ ବିପଦର ସୀମା ପାରିହୋଇନଥିଲା । ଧନପୁର ଭାବୁଥିଲା—ଗୋସେଇଁ କାହିଁକି ସେଯାଏଁ ଗୁଳି ଫୁଟେଇ ନାହାନ୍ତି ? ମଧୁଟା କାହିଁକି ବସିରହିଛି ? କେହି ଆସୁଥିବାର ଟେର ପାଇଚି କି ? ପାହାଚ ଚଢ଼ି ଚାଲିଛି ଆଉ ଭାବିଲାଗିଛି ଧନପୁର ।…ହଠାତ୍ ତାର ମନେହେଲା ଡାହାଣ ଗୋଡ଼ଟା ତାର ଭାଙ୍ଗିଗଲା କି କଣ; କିନ୍ତୁ ଧରି ପାରିଲା ନାହିଁ ଠିକ୍ କେଉଁ ଜାଗାରେ ।…ଖୁବ୍ ଯନ୍ତ୍ରଣା । ଏପଟ ସେପଟ କରିପାରୁନି ଗୋଡ଼କୁ ।…ହୁଁ, କି ଏକ ଶବ୍ଦ ତା କାନରେ ଆସି ବାଜିଲା ? ଗୁଳିର ଶବ୍ଦ ?

ପୁଣି ଆଉ ଗୋଟେ ସେମିତିକା ଶବ୍ଦ । ମଧୁ ନିଶ୍ଚୟ ଗୁଳି କରୁଛି, ଶବ୍ଦଟା ଉପରଆଡ଼ୁ ଆସୁଛି । ଧନପୁର କିନ୍ତୁ ଫେରି ଚାହିଁପାରୁନାହିଁ ।…ତକୁ ବି ଦି'ଟା ଗୁଳିର ଆବାଜ

ଆସିଲା । ଟିକଏ କାନେଇଲା ଧନପୁର—ଗୋସେଇଁ ବି ଗୁଳି କରୁଛନ୍ତି···ଗୋଡ଼ ଆଉ ଚଳୁନାହିଁ ତାର । ହଲଚଲ ବି ହୋଇପାରୁନି ସେ ।···ତାପରେ ନୀରବ···ସମସ୍ତେ ନୀରବ । ସେ ଖାଲ ଉପରୁ ହଂସରାଳ ଗୁଡ଼ା ଉଡ଼ିଯାଇଛନ୍ତି ଭୟରେ । ଆଉ ଆଉ କେତେ ଚଢ଼େଇ ବି ଉଡ଼ିଗଲେ ବଣ ଭିତରୁ ।

ଧନପୁର ନିଜ ଗୁଡ଼ ଉପରେ ହାତ ରଖିଲା । ଜୋର୍‌ରେ ଧକ୍‌ଧକ୍ ହେଉଛି ।···ହୃତ୍‌ପିଣ୍ଡ ବନ୍ଦ ହେଇନି ତେବେ । ମୁଣ୍ଡକୁ ଛୁଇଁଲା । ସେଇଟା ଠିକ୍ ଅଛି । କେବଳ ଗୋଡ଼ରୁ ରକ୍ତ ଝରୁଛି । ପୃଷ୍ଠିଆର ହାଡ଼ଟା ଭାଙ୍ଗି ଟୁକୁରା ଟୁକୁରା ହେଇଯାଇଚି ବୋଧେ । ଗୁଳିଟା କଣ ସେଠି ରହିଯାଇନି । କଣ ଗୋଟେ ପଶି ପୁଣି ବାହାରିଗଲା ପରି ଲାଗିଲା ତାକୁ । ପୁଣି ନିସ୍ତବ୍ଧତା । ତଳ ଆଡ଼କୁ ଅନେଇଲା ଧନପୁର । ଦେଖିଲା ପାହାଚ ତଳୁ ଖଣ୍ଡେଦୂରରେ ଦି'ଟା ମିଲିଟାରୀ ଲୋକ ଚିତ୍‌ପଟାଙ୍ଗ ହେଇ ପଡ଼ିଛନ୍ତି । ଅନେକ ସମୟ ଧରି ଅନେଇଁ ରହିଲା ସେମାନଙ୍କ ଆଡ଼କୁ ।···ସେମାନେ ପ୍ରକୃତରେ ମରି ପଡ଼ିଛନ୍ତି ।···ଆନନ୍ଦ ଫୁଟିଉଠିଲା ମୁହଁରେ ତାର ।···ଯଦି ମରି ନଥାନ୍ତେ ସେ ଦି'ଟା !···ଓଃ, କି ସର୍ବନାଶ ହୋଇନଥାନ୍ତା ସତେ ! ରେଲଗାଡ଼ି ଓଲଟି ନଥାନ୍ତା । ଏବେ କଣ ଓଲଟିପଡ଼ିବାର ସମ୍ପୂର୍ଣ୍ଣ ଆଶା··· ଆରେ, ଏମାନେ ବସିରହିଚନ୍ତି କାହିଁକି ? ବନ୍ଧୁକ ଦି'ଟା ଆଣି ଆସୁନାହାନ୍ତି କାହିଁକି ? ନିଶ୍ଚୟ କାମରେ ଲାଗିବ ।···ଟିକଏ ଗୁହାଳି ଉପର ଆଡ଼କୁ ସେ ।···ଗୋସେଇଁ ମୁଣ୍ଡରେ ପୋକ ଚଢ଼ିଲାଣି ନା କଣ ? ଆଉ ଟିକଏ ଉପରକୁ ଅନେଇଲା ଧନପୁର ।

ଆସୁଚ···କେହି ଜଣେ ଆସୁଚ । ପାଦଶବ୍ଦ ଶୁଭୁଚ । ଆଖି ବନ୍ଦ କରୁଛି ଧନପୁର । ବହୁତ ମନେପଡ଼ୁଚ ସୁଭଦ୍ରା ।···ଆଃ···ଏବେ ସେ ଯଦି ପାଖରେ ଥାଆନ୍ତା···ନା, ଥାଉ, ଭଲହେଇଚି ପାଖରେ ନାହିଁ ସେ । ବହୁତ କଷ୍ଟ ଲାଗିଥାନ୍ତା ତାକୁ ।···ଉହୁଁ···ତଥାପି ମନ ମାନୁନାହିଁ ।

ମିଲିଟାରୀ ଲୋକ ଦି'ଟା ମଲେ ନା ନାହିଁ ଜାଣିପାରିଲେ ନାହିଁ ଗୋସେଇଁ । ସେ ତେଣୁ ଅଟକଳରେ ଉଠିଆସି ପହଞ୍ଚିଲେ ଭିଭିରାମ ପାଖରେ । କହିଲେ—"ଭିଭିରାଇ, ଉଠ ଉଠ, ଗୁଳି, ପଡ଼ିଯାଇଚ ନା କଣ । ତାକୁ ଧରି ଆଣିବାକୁ ହେବ । ଆହ୍ନା କୁଅଁର ଏଠି ଥାଆନ୍ତୁ । ଟିକଏ ସାବଧାନରେ ରହିଥିବ କଣ କୁଅଁରେ !"

ଗୋସେଇଁ ଓ ଭିଭିରାମ ଜଲଦି ଜଲଦି ପାଦପକେଇ ଆସି ପହଞ୍ଚିଲେ ଧନପୁର ପାଖରେ । ଗଲାବେଳେ ଖୁଣ୍ଟିରେ ବନ୍ଧା ଦଉଡ଼ିଟାକୁ ଖୋଲି ନେଇଗଲେ ।

ନିଜ ଜାଗାରୁ ଇଞ୍ଚେ ବି ଘୁଞ୍ଚିନାହିଁ ରୂପନାରାୟଣ । ସେ ଦେଖିଲା ଗୋସେଇଁ ଉଠିଯିବାର, ଏ ପାଖରେ ଧନପୁର ପଡ଼ିଯିବାର ବି ସେ ଦେଖିଲା । ସେ ବୁଝିପାରିଲା ଯେ ଟ୍ରେଲଗାଡ଼ିଟା ଏବେ ଆସିଯିବ । ଠିକ୍ କେଉଁ ମୁହୂର୍ତ୍ତରେ ଆସିଯିବ କହିହବନି । ଏଣୁ ନିଜ ସ୍ଥାନ ଛାଡ଼ି ଯିବା ଉଚିତ ହେବନି ତା ପକ୍ଷରେ । ପ୍ରତିଟି ମୁହୂର୍ତ୍ତ ବିପଦପୂର୍ଣ୍ଣ ।

ମଧୁ ବି ସେତେବେଳ ଯାଏଁ ଗଛ ଉପରେ ଥିଲା । ମିଲିଟାରୀ ଦି'ଟାଙ୍କୁ ଦେଖି ଦେଖି ସେ ସଙ୍କେତ ଦେଇଥିଲା । ତଥାପି ବିଲମ୍ବ ହୋଇଯାଇଥିଲା । କାରଣ ସେମାନେ ଶିଡ଼ିବାଟରେ

ଆସିନଥିଲେ । ସେମାନେ ଫେରିଥିଲେ ଅବାଟରେ । ନହେଲେ ସେ ବହୁଆଗରୁ ସେମାନଙ୍କୁ ଦେଖିପାରିଥାନ୍ତା ।...ମଧ୍ୟ ଭାବୁଥିଲା ଏବେ ଗଛରୁ ଓହ୍ଲାଇଯିବାକୁ; କିନ୍ତୁ ସ୍ଥାନ ଛାଡ଼ିବାକୁ ନିର୍ଦ୍ଦେଶ ମିଳିନାହିଁ ତାକୁ । ସେଇ ଗଛ ଉପରେ ରହି ସେ ଏକଲୟରେ ଚାହିଁରହିଥିଲା ମରିପଡ଼ିଥିବା ମିଲିଟାରୀ ଦୁ'ଟାଙ୍କ ଆଡ଼କୁ । କିଛି ସମୟ ସେପରି ଏକଲୟରେ ଚାହିଁବା ପରେ ସେ ନିଶ୍ଚିନ୍ତ ହେଲା ।...ଦୁହିଁଙ୍କ ଛାତିରେ ଠିକ୍ ଜାଗାରେ ଗୁଳି ବାଜିଛି । ସେମାନେ ମରିଛନ୍ତି, ହଲଚଲ ହେଉନାହାନ୍ତି । ଜଣେ ତା'ରି ଗୁଳିରେ ମରିଛି । ଆର ଜଣକ ଗୋସେଇଁଙ୍କ ଗୁଳିରେ । ଗୋସେଇଁ କିନ୍ତୁ ଦୁ'ଟା ଗୁଳି ମାରିଛନ୍ତି ।

ଗୋସେଇଁ ହେଉଁକା ଯାଇ ସେଇ ଝଙ୍କାଳିଆ ଗଛତଳେ ଠିଆହେଲେ । ସାଥିରେ ତ ଦଉଡ଼ିକୁ ନେଇଥିଲେ, ଆଉ ଏକ ଖଣ୍ଡେ ମୋଟା ଦଉଡ଼ିଟିକି ବାନ୍ଧିଦେଲେ । ତା'ପରେ ଉପର ଡାଳକୁ ଓହଳେଇଦେଲେ । ତା'ପରେ କାନ୍ଧରେ ବନ୍ଧୁକଟିକୁ ଝୁଲେଇ ଦଉଡ଼ି ଧରି ଧୀରେ ଧୀରେ ଡାଳକୁ ଓହ୍ଲାଇଲେ ।...ଧନପୁର ଗୋଟେ ବାଉଁଶ ଧରି ରହିଯାଇଥିଲା । ଗୋସେଇଁ ତା'ରି ପାଖକୁ ଓହ୍ଲେଇ ଆସୁଥିବା ଦେଖି ତା ମୁହଁରେ ହସର ରେଖା ଫୁଟି-ଉଠିଲା । ପୁଟିଆରୁ ତାର ଝରଝର ରକ୍ତ ଝରି ମାଟିରେ ପଡ଼ୁଥାଏ । ମାଟି ଖଣ୍ଡିକ ରକ୍ତରଞ୍ଜିତ ହୋଇଗଲାଣି । ଦଉଡ଼ିଟିକୁ ଧନପୁରର ଦୁଇ ହାତରେ ଧରାଇଦେଇ ଗୋସେଇଁ କହିଲେ —"ଖୁବ୍ ଭଲ ଧରି ତୁମେ ଧୀରେ ଧୀରେ ଉପରକୁ ଉଠିଯାଅ, ଧନପୁର !"

ଧନପୁର ହସି ହସି କହିଲା—"ଏଇ ଗୋଡ଼ଟା ନଥିଲେ ଭଲ ଲାଗୁଛି, ଉଠିବି କେମିତି ? ...ଲୋକ ଦୁ'ଟା ମରିଛନ୍ତି । ଆପଣଙ୍କର ଗୁଳି କାମ କରିଛି । କିନ୍ତୁ ସେମାନଙ୍କର ବନ୍ଧୁକ ଦୁ'ଟା ନେଇ ଆସିବା ଦରକାର । ଆପଣ ଆଗେ ଯାଇ ସେ ବନ୍ଧୁକ ଦୁ'ଟା ଆଣି ଆସନ୍ତୁ ।"

ଧନପୁରର ମୁହଁରେ ତଥା କଥାରେ ଯନ୍ତ୍ରଣାର କୌଣସି ଚିହ୍ନବର୍ଣ୍ଣ ନଥିଲା । ଆଶ୍ଚର୍ଯ୍ୟ ହେଲେ ଗୋସାଇଁ । କହିଲେ—"ତୁମେ ଉଠିବାକୁ ଚେଷ୍ଟାକର । ଏଠି ଏମିତି ରହିପାରିବ ନାହିଁ । ଆମେ ଯେମିତି ହେଉ ତମକୁ ଉପରକୁ ଉଠେଇନବୁ ।"...ତା ପରେ ଉପର ଆଡ଼କୁ ଚାହିଁ କହିଲେ, "ଭିଭିରାମ, ତୁମେ ଏଠିକି ଓହ୍ଲେଇଆସି ଧନପୁରକୁ ଧର ।"

ଭିଭିରାମ ଓହ୍ଲେଇଆସି ଧନପୁର ନିକଟରେ ପହଞ୍ଚିଲା । ଧନପୁର ଚାହିଁଲା ଭିଭିରାମର ମୁହଁକୁ । ସେ ମୁହଁରେ ସେ ରଙ୍ଗ ଆଉ ନାହିଁ । ଦୁଃଖରେ, ଅନୁତାପରେ ଆଉଟିପଡ଼ା ପଡ଼ିଯାଇଛି । ଅତି ଦୁଃଖରେ କହିଲା ଭିଭିରାମ—"ମୋର ଅବହେଳା ଯୋଗୁଁ ସିନା ତୁ ଗୁଳିମାଡ଼ ଖାଇଲୁ ! ସେଇ ଗୁଳିଟା ଆସି ମୋ'ରି ଦେହରେ ବାଜିବା ଉଚିତ ଥିଲା ।" କହୁ କହୁ ଭିଭିରାମର ଆଖିରୁ ଲୁହ ଗଡ଼ିଲା ।

ଧନପୁର କହିଲା—"ଛାଡ଼, ଏବେ କାନ୍ଦାକଟା କରି କି ଲାଭ ? ଆପଣ ଆଗେ ଯାଇ ବନ୍ଧୁକ ଦୁ'ଟା ନେଇଆସନ୍ତୁ । ହଁ, ଶୁଣନ୍ତୁ, ଖାଲି ବନ୍ଧୁକ ନୁହେଁ, ଗୁଳିଗୋଳା, ବ୍ୟାଗ, ଯାହା ସେମାନଙ୍କ ପାଖରେ ଥିବ ଆଣିଆସିବେ । ଶୀଘ୍ର ଯାଆନ୍ତୁ । ଦୁହେଁଯାକ ଯାଆନ୍ତୁ । ଏ ଆଖି-ଲୁହ କିଛି ହେଲେ କାମକୁ ଆସିବ ନାହିଁ । ଆସିଲେ ଆସିବ ସେଇ ବନ୍ଧୁକ ଦୁ'ଟା ।

ଯାଆନ୍ତୁ···ଚଞ୍ଚଳ···ହୁଏତ ଏହି ମୁହୂର୍ତ୍ତରେ ଆସିଯାଇପାରେ ।···ଶବ ଦୁ'ଟାକୁ ସେଇ ଖାଲ ଭିତରକୁ ଫୋପାଡ଼ିଦେବେ । ପ୍ରଭୁ, ଈଶ୍ୱର, ଆପଣ ଶୀଘ୍ର ଗଲେ ।···ଆରେ, ରହିଲେ କାହିଁକି ? ଯାଆନ୍ତୁ କହିଲି ପରା ! ସାପଟାକୁ ତ ମାରିଲେ, ଲାଞ୍ଜରେ ପୁଣି ବିଷ ରଖୁଛନ୍ତି କାହିଁକି ?''

ଗୋସେଇଁ କହିଲେ—''ତୁମେ···ତୁମେ ଉଠି ପାରିବ ନା ନାହିଁ ?'' ଗୋସେଇଁଙ୍କ କଣ୍ଠରେ ଆଦେଶର ସ୍ୱର ।

ଧନପୁର ଥରେ ଗୋସେଇଁଙ୍କ ଆଡ଼କୁ ଚାହିଁଲା । ତା'ପରେ ଧୀରେ ଧୀରେ କହିଲା—''ସତରେ କଣ ମୋର ଉପରକୁ ଉଠିବା ଦରକାର ? ତେବେ ଆପଣମାନେ ନିଶ୍ଚିନ୍ତ ରହନ୍ତୁ । ଧନପୁରର ଶକ୍ତି ଅତୁଟ ଅଛି, ମରିନାହିଁ । ଆପଣମାନେ ନିଜ କାମ କଲେ···''

ଗୋସେଇଁ ପୁଣି ନିର୍ଦ୍ଦେଶ ଦେବା କଣ୍ଠରେ କହିଲେ—''ତୁମେ ଉଠିଯାଅ । ଆମେ ଯାଉଛୁ, ବନ୍ଧୁକ ଦୁ'ଟା ଆଣିଆସୁଛୁଁ ।'' ଏହା କହି ଆଗେ ଗୋସେଇଁ ଏବଂ ତାଙ୍କ ପଛେ ପଛେ ଭିବିରାମ ଶୀଘ୍ର ଶୀଘ୍ର ତଳକୁ ଓହ୍ଲାଇ ମୃତ ମିଲିଟାରୀ ଦୁ'ଟାଙ୍କ ନିକଟରେ ପହଞ୍ଚିଗଲେ ।

ଧନପୁର ଦୁଇ ହାତରେ ଡାଳଟି ଧରି ଧରି କେବଳ ହାତ ଉପରେ ନିର୍ଭର କରି ଧୀରେ ଧୀରେ ଉପରକୁ ଉଠିବାକୁ ଆରମ୍ଭକଲା । ପ୍ରଥମ ଝୁଙ୍କରେ ଗୁଳିଖିଆ ଗୋଡ଼ଟାକୁ ଝିଙ୍କି ପାରିଲା ନାହିଁ । କିନ୍ତୁ ବାରମ୍ବାର ପ୍ରାଣମୂର୍ଚ୍ଛା ସଂଘର୍ଷ କରି କିଛି ବାଟ ଉପରକୁ ଉଠିଲା । ଯନ୍ତ୍ରଣା ଯୋଗୁଁ ଡାହାଣ ଗୋଡ଼କୁ ଟିକିଏ ବି ହଲଚଲ କରିବା ଶକ୍ତି ନଥିଲା ତାର । ମୁହଁଟା ତାର କ୍ରମଶଃ କଳାପଡ଼ିଆସିଲାଣି ଯନ୍ତ୍ରଣାରେ, ଅଥଚ ଇଚ୍ଛାଶକ୍ତି ତାର ପ୍ରବଳରୁ ପ୍ରବଳତର ହେବାକୁ ଲାଗିଛି । ଉପରକୁ ଉଠିବାକୁ ଆଉ ମାତ୍ର ଗୋଟିଏ ଝୁଙ୍କ ଲୋଡ଼ା । ଡାଳଟିକୁ ଖୁବ ଜୋର୍‌ରେ ଧରି ଜୋର୍‌ରେ ଝୁଙ୍କ ମାରିଲା । ଗୋଡ଼ଟା ଏଥର ସାଙ୍ଘାତିକ ହୋଇଗଲା । ହେଲେବି କୌଣସି ମତେ ସେ ଉପରକୁ ଉଠି ଆସିଲା ଏଇ ଶେଷ ଝୁଙ୍କରେ ।

ଉପରେ ପହଞ୍ଚିବାମାତ୍ରେ ସେ ଅନୁଭବ କଲା ଯେମିତିକି ତାର ଡାହାଣ ଗୋଡ଼ଟା ଆଦୌ ନାହିଁ । ଏଣେ ଅବିଶ୍ରାମ ଭାବେ ରକ୍ତସ୍ରାବ ଯୋଗୁ ଦେହଟା ପୂରା ଅବଶ ହୋଇ ଗଲାଣି । ଦେହରୁ ଗାଗ୍ରେ କାମିଜଟିକୁ ଟାଣି ଛଡ଼େଇ ପକାଇଲା । ତା'ପରେ ଡାହାଣ ଗୋଡ଼ ପେଣ୍ଡାକୁ ବାନ୍ଧିବାକୁ ଚେଷ୍ଟାକଲା ସେ ଛିଣ୍ଡା ଗାଗ୍ରେ ଶାର୍ଟରେ । ମଧୁ ଗଛ ଉପରେ ଥାଇ ଧନପୁରକୁ ଅନେଇଲା । ସେ ଆଉ ସହ୍ୟ କରିପାରିଲାନାହିଁ ଧନପୁରର ଯନ୍ତ୍ରଣା । ଗଛରୁ ଥାଇ କହିଲା—''ଆରେ ରହ ରହ, ମୁଁ ଓହ୍ଲେଇଯାଏ । ମୁଁ ବାନ୍ଧିଦେବି ।''

—''ଖବରଦାର, ଓହ୍ଲେଇବୁନି, ତୋ କାମ ଶେଷ ହୋଇନି ।'' ବୋଲି ଚିତ୍କାର କଲା ଧନପୁର ।

''ତୁ କଣ ନିଜେ ବାନ୍ଧିପାରିବୁ ? ରକ୍ତଧାର ବନ୍ଦହଉନି, ଦେଖୁଛୁ ନା ?''

—''ପାରେ ନପାରେ, ସେଇଟା ମୋ ନିଜ ଦାୟିତ୍ୱ । ତୁ ନିଜ କାମକୁ ନଜର ଦେ ।'' ଆହୁରି ଜୋର ରେ କହିଲା ଧନପୁର ।

ମଧୁ ନୀରବ ରହିଲା ସତ, କିନ୍ତୁ ଧନପୁରର ଯନ୍ତ୍ରଣାରେ ତାର ଅନ୍ତର କାନ୍ଦିଉଠୁଥିଲା । ଅସଲ ଲୋକଟା ପଡ଼ିରହିଲା ସେ !

କ୍ଷତସ୍ଥାନକୁ ବାନ୍ଧିବାକୁ ପୁଣି ଚେଷ୍ଟାକଲା ଧନପୁର । ସେ ପୁଣି ମଧୁକୁ ଲକ୍ଷ୍ୟକରି କହିଲା—"ମଧୁ, ଗୋସେଇଁ ହେଉଣକାଙ୍କ ଆଡ଼କୁ ନଜର ଦେଇଥା । ଦେଖ୍, ଯେମିତି କେହି ଅଚାନକ ଭାବେ ଆସି ସେମାନଙ୍କୁ ଗୁଳି ନକରେ ।"

ମଧୁ କହିଲା, "ଏବେ ହଠାତ୍ କେହି ଆସିବେ ନାହିଁ । ମୁଁ ପହରାବାଲା ଦ'ଟାଙ୍କୁ ଚିହ୍ନିନେଇଛି । ସେଇ ଯୋଡ଼ି ଦ'ଟା ଫେରୁଥିଲେ ଏମାନେ ସେଇ ଦ'ଟା । ଏ ଦ'ଟାଙ୍କ କାନ ଏତେ ପତଳା ନା···ନହେଲେ ହାତୁଡ଼ି ଶବ୍ଦ ଶୁଣିଲେ କେମିତି ?"

ହସିଲା ଧନପୁର । କହିଲା—"ଆଲୁଅ ଥିବାଯାଏଁ ରୁ ସେଠି ଥା ।"

ବାରମ୍ବାର ଚେଷ୍ଟା କରୁଥିଲା ଧନପୁର କ୍ଷତସ୍ଥାନକୁ ବାନ୍ଧିପକାଇବାକୁ । ମନେ ମନେ ସୁଭଦ୍ରାକୁ ଖୋଜିଲା । ଡିମିକୁ ଡାକିଲା ମନେ ମନେ ।

ଗୋସେଇଁ ଓ ଭିଭିରାମ ଶବ ଦୁଇଟାଙ୍କଠୁ ରାଇଫଲ୍, ଗୁଳି ଓ ଗୁଳି-ବାକ୍ସ ଦ'ଟା ହସ୍ତଗତ କରି ସେ ଦ'ଟାଙ୍କୁ ଘୋଷାରି ଘୋଷାରି ନେଇ ଖାଲର ପାଣି ଭିତରକୁ ଫୋପାଡ଼ିଦେଲେ । ଫୋପାଡ଼ିବା ପୂର୍ବରୁ ଶବଦ'ଟାଙ୍କ ସାର୍ଟ ପ୍ୟାଣ୍ଟ ଭଲଭାବେ ଅଣ୍ଡାଳି ଅଣ୍ଡାଳି ସେମାନଙ୍କର ଡାଇରୀ ଓ ଫଟୋ ମଧ୍ୟ ଆଣିଆସିଥିଲେ । ତା'ପରେ ଚଟାପଟ୍ ଫେରିଲେ ନିଜ ଜାଗା ଆଡ଼କୁ । ବାଟରେ ଯେଉଁଠି ଯେଉଁଠି ଧନପୁରର ରକ୍ତ ପଡ଼ିଥିଲା ସେ ଝଣ୍ଟିକୁ ବାୟୋନେଟ ମୁନରେ ଖୋଳି ଖୋଳି ମାଟିକୁ ସଫାକରିଦେଲେ । ରକ୍ତର ଚିହ୍ନ ଯେପରି ନରହେ, ସେଥିପ୍ରତି ସେ ଖୁବ୍ ସତୃକଲେ । ତା'ପରେ ଦଉଡ଼ି ଧରି ଉପରକୁ ଉଠିଆସିଲେ ।

ଭିଭିରାମ ଆଗ ଉପରକୁ ଉଠିଥିଲା । ସେ ଆସିବାମାତ୍ରେ ଧନପୁରକୁ ଚିତ୍ ହୋଇ ଶୋଇବାକୁ କହିଲା । ଧନପୁର ଚିତ୍ ହୋଇ ଶୋଇଯିବାରୁ ତା ଡାହାଣ ଗୋଡ଼ର ପେଣ୍ଡାକୁ ଭଲଭାବେ ନିରୀକ୍ଷଣ କଲା ଭିଭିରାମ । ତା'ପରେ ଛିଣ୍ଡା ଗାବେ ସାର୍ଟ ସାହାଯ୍ୟରେ କ୍ଷତସ୍ଥାନକୁ ଗୁଡ଼ିଆଗୁଡ଼ି କରି ଭଲଭାବେ ବାନ୍ଧିଦେଲା ।

ଗୋସେଇଁ ଧନପୁର ପାଖରେ ପହଞ୍ଚି ତା'ର ସେଇ କ୍ଷତ ଗୋଡ଼ଟିକୁ ପରୀକ୍ଷା କରୁ କରୁ ଦେଖିଲେ ଯେ ଯେଉଁଠି ଗୁଳି ବାଜିଛି ଠିକ୍ ତାର ଉପରକୁ ହାଡ଼ଟା ଭାଙ୍ଗି ଟେକ ହୋଇ ଯାଇଛି; ଫଳରେ ସେ ସ୍ଥାନଟା ଉଚ୍ଚା ହୋଇ ଦେଖାଯାଉଛି । ସେ ଧନପୁରକୁ ପଚାରିଲେ—"ଗୁଳି ରହିଯାଇଛି କି ଭିତରେ ? ମନେହେଉଛି ହାଡ଼ଟା ଟୁକୁରା ଟୁକୁରା ହୋଇଯାଇଛି ।"

ଧନପୁର କହିଲା—"ମୋତେ ଲାଗେଲ ଗୁଳିଟା ପେଣ୍ଡା ଫଟେଇ ବାହାରିଯାଇଛି ।"··· ତା'ପରେ ଟିକିଏ ରହି ପୁଣି କହିଲା—"ରାଇଫଲ ଦ'ଟାକୁ ବାଣ୍ଟିଦିଅନ୍ତୁ । ଗୋଟେ ମତେ ଦିଅନ୍ତୁ ଓ ଆରଟା ଭିଭିଭାଇକୁ । ଭିଭିଭାଇ ! ତମେ ଅବଶ୍ୟ ରାଇଫଲ୍ ଚଳେଇଜାଣିନା । ଯାହାବି ହଉ, ହାତରେ ଗୋଟେ ଅସ୍ତ୍ର ଥାଉ, ସମସ୍ତ ପଡ଼ିଲେ କାମ ଦବ । ମୁଁ ଗୁଳି

ଭର୍ତ୍ତିକରିଦେଇଛ ତ ମୋ ବନ୍ଧୁକରେ । ଶିଖିନଥ ।...ଜାଣିଚନା, ପିଲାଦିନେ ମୋତେ ପହଁରା ଶିଖେଇବାକୁ ଯାଇ ବାପା ମୋତେ କପିଳୀର ପାଣିକୁ ପେଲିଦେଇଥିଲେ । ଭୟରେ ମୁଁ ପହଁରା ଶିଖିଲି ।"

ଭିଭିରାମ କହିଲା—"ଗୋଟେ ବନ୍ଧୁକ ତ ମୋ ହାତରେ ଅଛି । ଆଗରୁ ମୁଁ ଥରେ ଦୁଇଥର ବନ୍ଧୁକ ମାରୁଚ—ପାରୁଚ ନା ନାହିଁ ଦେଖିଲି !" ବନ୍ଧୁକଟା ଧରି ସେ ଧନପୁରର ଆହୁରି ନିକଟକୁ ଘୁଞ୍ଚିଗଲା ।

ଧନପୁର ବନ୍ଧୁକଟିକୁ ଖୋଲି ଦେଖିଲା ଯେ ସେଥିରେ ଗୁଳି ଭର୍ତ୍ତିଅଛି; ଏବେ କେବଳ ଘୋଡ଼ା ଟିପିବା କଥା । ସେ ଭିଭିରାମକୁ ଦେଖେଇ ଦେଲା ବନ୍ଧୁକ କେମିତି ଧରିବାକୁ ହୁଏ । କାନ୍ଧଟିକୁ ରକ୍ଷାକରିବାରେ ସତର୍କ ନହେଲେ ଗୁଳିମାରି ଧକ୍କାରେ ବନ୍ଧୁକଧାରୀ ନିଜେ ପଛକୁ ପଡ଼ିଯିବାର ଆଶଙ୍କା ରହିଛି । ଭିଭିରାମ ବେଶ୍ ମନୋଯୋଗ ସହକାରେ ବନ୍ଧୁକ-ଧରା ପ୍ରଣାଳୀ ଶିଖିନେଇ କହିଲା—"ପିଲାଦିନେ କାମପୁରର ଗୋସେଇଁଙ୍କ ବନ୍ଧୁକଟା ଚଳେଇଥିବା କଥା ମନେପଡ଼ୁଚି । ପାରିବି । ନପାରିଲେ ଯେହେତୁ ନଚଳେ, ପାରିବାକୁ ହିଁ ପଡ଼ିବ । ଫିସ୍‌ପ୍ଲେଟ ଖୋଲିନପାରି ଯାହା ପାରିଲି କଲି...ତୋ ଗୋଡ଼ଟା ସେଥିରେ ଗଲା ।"

ଗୋସେଇଁ ଘଡ଼ିକୁ ଅନେଇଲେ । ମିଲିଟାରୀ ଏକ୍ସପ୍ରେସ ଆସିବାକୁ ଆଉ ବେଶି ସମୟ ନାହିଁ । ବେଳ ଧୀରେ ଧୀରେ ବୁଡ଼ିଆସିଲାଣି । ସେ ତେଣୁ ଗୁରୁ ଗମ୍ଭୀର କଣ୍ଠରେ କହିଲେ—"ମଧୁ, ତୁ ଓହ୍ଲେଇଆ, ତୋର ଆଉ ସେଠି କିଛି କାମ ନାହିଁ । ରୂପନାରାୟଣ ରହନ୍ତୁ । ଟ୍ରେଲିଗାଡ଼ି ନଆସିବା ପର୍ଯ୍ୟନ୍ତ ସେ ସେଠାରେ ରହିବେ ।"

ମଧୁ ଓହ୍ଲେଇ ଆସିଲା ମାଙ୍କଡ଼ ଡିଆଁ ମାରି । ସେ ତଳକୁ ଆସିଲାମାତ୍ରେ ଧନପୁର ନିକଟକୁ ଯିବାକୁ ଇଚ୍ଛାକରିଥିଲା; ମାତ୍ର ଗୋସେଇଁ ତାକୁ ଡାକିନେଇଗଲେ ଆହୁନା କୁଅଁର ପାଖକୁ । ଗୋସେଇଁ ଖାଲିଟାରେ ଡାକନ୍ତି ନାହିଁ, ନିଶ୍ଚେ କିଛି କାମ ଅଛି ।

ଆହୁନା କୁଅଁର ସ୍ଥିର ହୋଇ ବସି କୃଷ୍ଣନାମ ଜପୁଥିଲା । ଗୋସେଇଁ ତାହା ନିକଟକୁ ଆସିବା ଦେଖି ପଚାରିଲା—"ଟୋକାଟାର କଣ ହେଲା ? ବଞ୍ଚିଛି ନା...କୃଷ୍ଣ ହେ !"

—"ବଞ୍ଚିଚ—କିନ୍ତୁ ତାକୁ ବୋହିନେବାକୁ ଦୋଳା ଦରକାର । ତୁମେ ଦୁହେଁ ଗୋଟେ ଦୋଳା ବନାଅ...ମୁଁ ଏଇଠି ଅଛି ।"

ଗୋସେଇଁ ପୁଣି ଘଡ଼ିକୁ ଅନେଇଲେ । ଆଲୁଅ ଅଛି ସେପାଏଁ । ଗ୍ରୁପଟାରେ ଅଣ୍ଡା ଲଗିଛି । ଜୋର_ଅଣ୍ଡା । କଣ୍ଠରୁଦ୍ଧ ହେବାକୁ ବସିଛି ।

ମଧୁ ଓ ଆହୁନା ବାଉଁଶ ଦି'ଟା କାଟିଆଣିଲେ । ସେଇଠି ବାଉଁଶ ଦି'ଟାକୁ କାଟି ଦୁଇଗଡ଼ କଲେ । ବାଉଁଶ ଦୁଇଗଡ଼କୁ ଲମ୍ବେ ଲମ୍ବେ ପାରିଦେଲେ ଅଳ୍ପ ଛଡ଼ା-ଛଡ଼ାରେ । ତା'ପରେ କାଠ କେଇଖଣ୍ଡ ବି ସେମିତି ଅଳ୍ପ ଛଡ଼ାରେ ଛଡ଼ାରେ ବାଉଁଶ ଉପରେ ଛନ୍ଦି ବାନ୍ଧିଦେଲେ । ଦୋଳା ତିଆରି କାମ ସରିଗଲା । ପ୍ରାୟ ପନ୍ଦରମିନିଟ୍ ଲାଗିଲା । ଦୋଳା ଉପରେ ନିଜର ମୋଟା ଏଣ୍ଡିଚଦରଟା ଦେହରୁ କାଢ଼ି ପକେଇଦେଇ ଗୋସେଇଁ

କହିଲେ—"ଆପଣମାନେ ନିଜ ନିଜ ମୁଣାରେ ଯାହା ଲୁଗାପଟା ଅଛି ସେସବୁ ବାହାର କରି ଡୋଲାରେ ପକାନ୍ତୁ; ଆଉ ଡୋଲାଟିକୁ ନେଇ ଧନପୁର ପାଖକୁ ଆସନ୍ତୁ । ଭିଭିରାମ ଆଉ ମଧୁ ଦୁହେଁ ମିଶି ଧନପୁରକୁ ଆମର ସେଇ ଗୁମ୍ଫାଯାଏଁ ବୋହିନଅନ୍ତୁ ।"

ଆହିନା କୁଅଁର କହିଲା—"କୃଷ୍ଣ ହେ ! ମୁଁ ତ ବୋହିନେଇପାରିବି । ବାଟ ତ ବେଶି ନୁହେଁ । କୃଷ୍ଣ···କୃଷ୍ଣ···ଭିଭିରାମ ଏଇଠି ରହନ୍ତୁ । ପ୍ରଭୁ, ଈଶ୍ବର, ଆପଣ ବି ଆମ ସହିତ ଆସନ୍ତୁ । କୃଷ୍ଣ···କୃଷ୍ଣ···ଆପଣଙ୍କ ମୁହଁକୁ ଆଉ ଚାହିଁହଉନି···କୃଷ୍ଣ···କୃଷ୍ଣ···ମନ କାନ୍ଦୁଚି, ସହିହଉନି, କୃଷ୍ଣ···କୃଷ୍ଣ···କଣ ଥିଲା ସେ ମୁହଁ, କଣ ହେଲାଣି ! କୃଷ୍ଣ ହେ !"

ଗୋସେଇଁ ଟିକିଏ ବଡ଼ ପାଟି କରି କହିଲେ—"ଏବେ କଥା ବୁଝୁନ୍ତୁନି ଆପଣ । ଯାହା କହୁଚି ସେୟା କରନ୍ତୁ । ଆପଣ ଯଦି ଯିବେ ଯାଅନ୍ତୁ ଏମାନଙ୍କ ସାଥିରେ । ଆଜି ରାତିଟା ଯାଇ ଗୁମ୍ଫାରେ ରହନ୍ତୁ । ସେଠି ଧନପୁରକୁ ଟିକିଏ ସେବାଶୁଶ୍ରୂଷା କରନ୍ତୁ । ଯଦି ବଳବାହାଦୁର ଆଉ ତା ସାଥିମାନେ ପାରିବେ, ତେବେ ତାକୁ ନାଆରେ ଗୌହାଟୀ ଆଡ଼େ ନେଇଯିବା ଭଲ । ଏଠି କୋଉଠି ଯ୍ୱାର ଚିକିତ୍ସା ହୋଇପାରିବନାହିଁ ।"

ଖୁଁ···ଖୁଁ···ହୋଇ କାଶୁଥିଲେ ଗୋସେଇଁ । ତାହା ଦେଖି ଆହିନା କୁଅଁର ମୁଣାରୁ କିଛି ଶୁଣ୍ଠି କାଢ଼ି ଗୋସେଇଁଙ୍କ ଆଡ଼କୁ ବଢ଼େଇ ଦେଉ ଦେଉ କହିଲା—"କୃଷ୍ଣ, କୃଷ୍ଣ···ମୁଣାରେ । ଏହାକୁ ରଖନ୍ତୁ, କାମ ଦେବ । ଆଉ, କୃଷ୍ଣ···କୃଷ୍ଣ···ମୋ ରାଣ, ଏଣ୍ଡିଚାଦରଖଣ୍ଡିକ ଦେହରେ ପକାନ୍ତୁ । ଡୋଲା ପାଇଁ ଆଉ କ'ଣ ଲୁଗାପଟା ଅଛି, କାଢ଼ୁଛି । ମୋ ପଗଡ଼ିର କପଡ଼ାଟା ହୋଇଯିବ । କୃଷ୍ଣ ହେ ! ଦେହକୁ ଏତେ କଷ୍ଟ ଦିଅନ୍ତୁନାହିଁ । କୃଷ୍ଣ ହେ !"

ଗୋସେଇଁ ହସିଲେ । ଏଣ୍ଡିଚାଦର ଖଣ୍ଡିକ ଡୋଲାରୁ ଉଠେଇଆଣି ପୁନଶ୍ଚ ଦେହରେ ପକେଇଲେ । ପ୍ରକୃତରେ ତାଙ୍କ ଗ୍ରୁଡକୁ ବେଶ୍ ଥଣ୍ଡା ଧରିଥିଲା । ଗ୍ରୁଡ ଭିତରଟାରେ ସତେକି ଗୋଟାକଯାକ ହିମାଳୟ ଆସ୍ଥାନ ଜମେଇଥିଲା । ବରଫ ଜମାଟ ବାନ୍ଧିଛି । ଥର୍ ଥର୍ ହୋଇ ଗୋଟାପଣେ କମ୍ପୁଥିଲେ ସେ । ତଣ୍ଟିଟା ବି ବସିଯାଇଛି ।···ଶୁଣ୍ଠିକୁ ଟିକିଏ ପାଟିରେ ପକେଇ ଏଣ୍ଡିଚାଦରଟିକୁ ଜୋର୍‌ରେ ଜାବୁଡ଼ିଧରିଲେ ଗ୍ରୁଡ ଉପରେ ।··· ତଥାପି ଉଷୁମ ଲାଗିଲା ନାହିଁ ଗ୍ରୁଡଟା ।

ତା'ପରେ ଯେଇ ବସିଲା ଗଳାରେ ଧୀରେ ଧୀରେ କହିଲେ—"ଅନ୍ଧାର ହୋଇ ଆସୁଚି, ଡୋଲା ଧର ମଧୁ ।"

ଡୋଲାଟି ଦେଖି ଦେଖି ଧନପୁର କହିଲା—"ଏ ଶବଟାକୁ ବୋହି ନେଇ କି ଲାଭ ? ଆପଣମାନେ ଯାଆନ୍ତୁ । ପ୍ରଭୁ, ଈଶ୍ବର ! ଆଉ ଚବିଶ ଘଣ୍ଟା ବି ମୁଁ ଜୀଇଁଲାପରି ଲାଗୁନାହିଁ । ମିଛରେ ମୋ ପାଇଁ ଏତେ କଷ୍ଟ କରିବେ କାହିଁକି ?···ବରଂ ମୋତେ ଏଇଠି ଛାଡ଼ିଦିଅନ୍ତୁ । ଯେତେଟା ପାରୁଚି ମୁଁ ନିଜେ ମୋ ଦେହଟାକୁ ସମ୍ଭାଳି ନିଏ । ହାତରେ ତ ରାଇଫଲ୍‌ଟା ରହିଲା, ଶତ୍ରୁ ଦେଖିଲେଇ ମାରିବି । ନହେଲେ ଅନ୍ତତଃ ରେଳଗାଡ଼ିଟାକୁ ଟିକିଏ ଦେଖିବି···ମନଟା ଅନ୍ତତଃ ଶାନ୍ତ ହେବ ।"

ଗୋସେଇଁ କହିଲେ—"ଗୋଟେ କଥା ଧନପୁର ! ତୁମେ ସବୁ ବୁଝିଛ । ତୁମେ ଏମିତି କଥା କହିଲେ ଚଳିବ ନାହିଁ । ମୁଁ ଦଳପତି । ମୁଁ ଠିକ୍ ଭାବରେ କାମ କରୁଛି କି ନକରୁଛି, ତାର ବିଚାର ପରେ ହେବ । କିନ୍ତୁ ଏଇ ମୁହୂର୍ତ୍ତରେ ମୋର ନିର୍ଦ୍ଦେଶ ମାନିବି ନାହିଁ ବୋଲି କହିବାର ଅଧିକାର କାହାର ନାହିଁ । ତା'ଛଡ଼ା, ଅସଲ ଯୁଦ୍ଧଖଣ୍ଡିକ କିଣ ହେଲଣି ? ଗୁଳିମାରିବାକୁ ଅନେକ ଲୋକ ଅଛନ୍ତି । ମିଲିଟାରି ଲୋକଗୁଡ଼ାକ ଶୋଇଛନ୍ତି ବୋଲି ଭାବ ନାହିଁ । ପଛରୁ ଖେଦିଆସୁଛନ୍ତି ସେମାନେ । ଫଳରେ ଶୋଇ ଶୋଇ ଗୁଳିକରିବା ଦରକାର ପଡ଼ିପାରେ । ସେଇଟା ହିଁ ବଡ଼ କାମ । ଏକ୍ସପ୍ରେସ୍‌ଟା ଆଉ ଅଳ୍ପକେ ଆସି ପହଞ୍ଚିଯିବ । ଟ୍ରେନଗାଡ଼ିଟାକୁ ମୁଁ ଆଉ ରୂପନାରାୟଣ ସମ୍ଭାଳିନେବୁ । ତୁମେ ଆଗାଅ । ମିଲିଟାରି ଦଳକୁ ସମ୍ଭାଳିବା ପାଇଁ ଲୋକବଳ ଦରକାର ହେବ ।"

କିଛିକ୍ଷଣ ପାଇଁ ନୀରବ ରହିଲା ଧନପୁର । ଭାବିଲା, ଗୋସେଇଁଙ୍କ କଥାକୁ ମିଛ ବୋଲି ଭାବି ଉଡ଼େଇଦେଇହେବନି । ତେବେ ସବୁଠୁ ଅସଲ କଥା ହେଲା ଦଳପତିର ନିର୍ଦ୍ଦେଶ । ଯୁଦ୍ଧରେ ସେଇଟା ହିଁ ବଡ଼କଥା । ସେ କହିଲା—"ତାହେଲେ ସେଇୟା ହଉ । ମୁଁ ତେବେ ଚାଲିଲି, ଆପଣମାନେ କାମ ତୁଟେଇ ଆସିବେ ।"

ମଧୁ ଓ ଭିଭିରାମ ଧରାଧରି କରି ଧନପୁରକୁ ନେଇ ଦୋଳା ଉପରେ ଶୁଆଇଦେଲେ । ଆହିନା କୁଅଁର ନିଜ ମୁଣ୍ଡରୁ ପଗଡ଼ିଟି ଖୋଲି ଆବଶ୍ୟକମତେ ଗାଙ୍ଗିଭୂଙ୍ଗି ଦୋଳାରେ ବିଛେଇ ଦେଇଥିଲା । ଦୋଳା ଉପରେ ଶୋଇ ଧନପୁର ଗୋସେଇଁଙ୍କୁ କହିଲା—"ଟ୍ରେନଗାଡ଼ି ଓଲଟିବା ପରେ ଆପଣମାନେ ଆଉ ଏଠି ରହିବେ ନାହିଁ । ରେଲଗାଡ଼ି ଓଲଟିବା ପରେ ମିଲିଟାରି ଲୋକେ କେବେହେଲେ ବସିରହିବେ ନାହିଁ । ବଣ ଜଙ୍ଗଲ, ପାହାଡ଼ ପର୍ବତ, ନଈନାଳ ସବୁ କିଛି ତଲ୍ଲସ କରି ଏକାକାର କରିପକେଇବେ ।···ଆଉ ହଁ, ସେ ଦଉଡ଼ିଟାକୁ ଛାଡ଼ି ଯିବେ ନାହିଁ । ଆପଣମାନେ ଗୁମ୍ଫାକୁ ଆସିବେ ।"

ଯିବାପାଇଁ ସ୍ଥିର କରିନେବାପରେ ବି ଧନପୁର ନିଜର ଯିବାଟାର ଅର୍ଥ ଖୋଜି ପାଇଲା ନାହିଁ । ମଧୁ ଓ ଭିଭିରାମକୁ ଅନେଇ ସେ କହିଲା—"ତୁମମାନଙ୍କର ବନ୍ଧୁକଗୁଡ଼ିକ ମୋର ଏ ଦୋଳାରେ ଥୋଇଦିଅ ।"

ଗୋଡ଼ରେ ଅସମ୍ଭବ ଯନ୍ତ୍ରଣା ଅନୁଭବ କରୁଥିଲା ଧନପୁର; ତଥାପି ତାର ଧୈର୍ଯ୍ୟ ଦେଖି ଆଶ୍ଚର୍ଯ୍ୟ ହେଲେ ସମସ୍ତେ ।

ମଧୁ ଓ ଭିଭିରାମ ବନ୍ଧୁକଗୁଡ଼ିକୁ ଦୋଳାରେ ଥୋଇ ଦୋଳାକୁ ଉଠାଇ କାନ୍ଧରେ ଥୋଇଲେ । ଆହିନା କୁଅଁର 'କୃଷ୍ଣ···କୃଷ୍ଣ···' ଜପି କହିଲା—"ଚାଲ ଏଥର ଯିବା ।"

ବଣ ବାହାରେ ବି ଆଉ ଗୋଧୂଳି ଆଲୋକ ଦେଖାଗଲା ନାହିଁ । ତେଣୁ ଆହିନା କୁଅଁର ପୁଣି କହିଲା—"କୃଷ୍ଣ···କୃଷ୍ଣ···ଝାଟି କିଛି ଜଳେଇଲେ କେମିତି ହୁଅନ୍ତା ? କୃଷ୍ଣ ହେ !"

ଗୋସେଇଁ ଧନପୁର ଆଡ଼କୁ ଏବଂ ଧନପୁର ଗୋସେଇଁଙ୍କ ଆଡ଼କୁ ଚାହାଁଚାହିଁ ହେଲେ । ଟିକିଏ ପରେ ଗୋସେଇଁ କହିଲେ—"ନିଅ ନିଅ କୁଅଁର, ଝାଟି ବୋଝେ ନେଇନିଅ ।

ଝାଟି ବୋଝେ ନନେଇ ନନେଲେ ଅସୁବିଧା ହେବ । କେବଳ ଝର୍ଟ ଅଲ୍ପ କାମକୁ ଆସିବ ନାହିଁ । ···ଆଉ ହଁ, ଯୋଉ ପଥର ଉପରେ ଭାତ ଖାଇଥିଲେ, ମନେ ଅଛି ତ ? ସେଠି ଜଣେ ରହିବ । ଆମେ ଯାଇ ସେଠି ଜଣେ କାହାକୁ ପାଇବା ଦରକାର । ଆଉ ଗୋଟେ କଥା ମନେରଖିବ ଭାଇମାନେ, ଆଜ ରାତ୍ର କେହି ଘରେ ବି ଶୋଇବ ନାହିଁଟି ! .

ଏପରି ସମୟରେ ଆହ୍ଲନା କୁଅଁର ଝାଟିବୋଝେ ଜଳାଇବାକୁ ଗଲା । ଏଇ ମଉକାରେ ଗୋସେଇଁ ଆହ୍ଲନା ନିକଟକୁ ଯାଇ ଧୀରେ ଧୀରେ କହିଲେ—"ବାଟରେ ସୁଭଦ୍ରା କଥା ଧନପୁରକୁ କହିବ ନାହିଁ—କହିବାର ସମୟ ହୋଇନାହିଁ ।"

ଆହ୍ଲନା କୁଅଁର ଚମକିତ ହେଲା । କହିଲା—"କୃଷ୍ଣ···କୃଷ୍ଣ···ଆମେ ନକହିଲେ କାଲି କ'ଣ ନକହିବ ! କୃଷ୍ଣ ହେ !"

ଗୋସେଇଁ ହସିଲେ । କହିଲେ—"କାଲି ଯଦି କହିବ କହୁ । ଚକସ୍ଥାରେ କାଲେ ବ୍ୟାଘାତ ହବ···ମୁଁ ସେଇକଥା ଭାବୁଚି ।"

ଆହ୍ଲନା କୁଅଁର ପଦ ଲେଉଟାଇଲା । ତା' ସଙ୍ଗେ ସଙ୍ଗେ ଗୋଛେ ଝାଟିରେ ନିଆଁ ଧରାଇଲା—

ହେ ଦୀନବାନ୍ଧବ ତୁମ ଦୟାଶୀଳ ପ୍ରଭୁ,
ତୁମ ପଦକମଳରେ ସଦା ସେବୁ ସେବୁ ।
ହେ ମୋର ଈଶ୍ୱର ତୁମ କରୁଣା-ସାଗର,
ଏ ଦୀନ ଦୁଃଖୀକୁ ତୁଛ ଯାଅନା ଠାକୁର ।
ଗୋବିନ୍ଦ କେଶବ କୃଷ୍ଣ କମଳଲୋଚନ,
ତୋ ନାମ-ଗୁଣରେ ହେବ ଭୟ ବିମୋଚନ । (୧୬)

ତା'ପରେ ଆହ୍ଲନା କୁଅଁର ଝାଟିନିଆଁ ଧରି ଦୋଲା ପଛେ ପଛେ ଦୌଡ଼ିଲା । ଧନପୁର ପାଇଁ ପ୍ରାଣ ତାର ଆଜ କାନ୍ଦଉଠିଛି । ମନରୁ ତାର ଉଭେଇଯାଇଛି ସବୁ ଡର । ସେ ମନେ ମନେ କହୁଥିଲା—"କୃଷ୍ଣ ହେ ! ତାକୁ ବଞ୍ଚାଅ । ହରି ହେ, ଦୟାମୟ···ଆମକୁ ପଛେ ମାରିଦିଅ, ତାକୁ ମାରନା···କୃଷ୍ଣ···କୃଷ୍ଣ···"

ଗୋସେଇଁ କିଛି ସମୟ ଆହ୍ଲନା କୁଅଁରର ଯିବା ବାଟକୁ ଅନେଇଁ ରହିଲେ । ତା'ପରେ ବନ୍ଧୁକ ଧରି ପଉଡ଼ ଉପରେ ସିଧା ଠିଆହୋଇ ଏକ ସଙ୍କେତ ସୂଚକ ଗୁଳି ମାରିଲେ ।

---

(୧୬) ଦୀନବନ୍ଧୁ ତୁମ ଦୟାଶୀଳ ଦେବ
ତୁଓ୍ୱା ପଦ-କମଲେ ସଦାୟ କରେଁ ସେବ୍ ।
ମୋର ପ୍ରଭୁ ତୁମ୍ କରୁଣା ସାଗର
ଆମି ଦୁଃଖିତକ ନ ଧ୍ୱରିବା ଦାମୋଦର ।
ମଧୁ-ରିପୁ ନାମେ କମଲ ଲୋଚନ
ତୁଓ୍ୱା ଗୁଣ୍-ନାମେ ଭବ-ଭୟ ବିମୋଚନ ।

ପରେ ପରେ ଶିଡ଼ି ପାଖର ମୁଣ୍ଡିଆ ଉପରୁ ରୂପନାରାୟଣର ସୁସ୍ପୁର ମଧ୍ୟ ଶୁଣାଗଲା । ...ସେଇ ଅନ୍ଧାର ଭିତରେ ବି ଗୋସେଇଁଙ୍କ ମନ ଉଚ୍ଛୁଳି ଉଠିଲା ।... ଦିଗନ୍ତରେ ଆଉ ଆଲୁଅ ନାହିଁ । ମନଟା ବି ଶୁଖି ମରୁଭୂମି ହୋଇଯାଉଛି... । ଆଗ ଅପେକ୍ଷା ଆହୁରି ବେଶି ଥଣ୍ଡା ଲାଗୁଛି ଗୋସେଇଁଙ୍କ ମୁଣ୍ଡରେ ।

ଚଢ଼େଇଟିର କଥା ମନେପଡ଼ିଲା ଗୋସେଇଁଙ୍କର । କୁଆଡ଼େ ପୁଣି ଉଡ଼ିଗଲା ସେଇଟା ?

ଚାରିଆଡ଼େ ଝିଲ୍ଲିର ଝଙ୍କାର । କୁଆ 'କା' ନକରିବା ନୀରବତା । ବୋଧେ ଚଢ଼େଇଗୁଡ଼ା ଶୋଇଗଲେଣି ଚୁପ୍‌ଚାପ୍ । କେବଳ ପବନର ସୁର ନୀରବତାକୁ ଭାଙ୍ଗୁଥିଲା ମଝିରେ ମଝିରେ ।...ଗୋସେଇଁ କାନ ଡେରି ରହିଲେ...କେତେବେଳେ ଟ୍ରେନଗାଡ଼ି ଆସିବ, ସେଇ ଶବ୍ଦ ଶୁଣିବେ ।

ରେଲଲାଇନ୍ ଆଦୌ ଦେଖାଯାଉ ନାହିଁ । ଏକ୍ସପ୍ରେସ୍ ଆସିବା ସମୟ ହୋଇଯାଇଛି । ଟ୍ରେନଗାଡ଼ି ଏଇନେ ହୁଏତ ଆସିଯିବ; କିନ୍ତୁ ଏ ଅନ୍ଧାରରେ ଟ୍ରେନରେ ବସିଥିବା ଲୋକଙ୍କୁ ଚିହ୍ନିବା କଷ୍ଟକର ହେବ ।...ଆଉ ପାଞ୍ଚମିନିଟ୍ ଭିତରେ ନଆସିଲେ ରୂପନାରାୟଣକୁ ଡାକିଆଣିବା ଭଲହେବ । ତା' ପରେ ଆଉ ଅପେକ୍ଷା କରି ଲାଭନାହିଁ ।

ଗୋସେଇଁ ଟର୍ଚ୍ଚମାରି ଘଡ଼ି ଦେଖୁଥା'ନ୍ତି । ହାତଟା ସତେକି ଏକ ଯନ୍ତ୍ର ବନିଯାଇଛି ।

ଏକ ମିନିଟ୍...

ଦୁଇ ମିନିଟ୍...

ତିନି ମିନିଟ୍...

...ହଁ ଠିକ୍ ଟ୍ରେନର ଶବ୍ଦ ତ...ଖୁବ୍ ଜୋର୍‌ରେ ଆସୁଛି । ହେଇ...ଆଲୁଅ ଦେଖାଗଲାଣି । ହେଇ ପାଖକୁ...ଖୁବ୍ ପାଖକୁ ଆସିଗଲାଣି...ହେଇ ବଙ୍କାଣିରେ ଆସି ପହଞ୍ଚିଲାଣି...ଧପକିନା ଗୋଟେ ଶବ୍ଦ ଶୁଣାଗଲା...ଟ୍ରେନଟା ଓଲଟିପଡ଼ିଲା...ମିଲିଟାରି ଦି'ଟା ଡେଇଁ ପଡ଼ିଲେ ମାଟି ଉପରକୁ...ହେଇ ସେମାନେ ଆସୁଛନ୍ତି...ବଙ୍କାଣି ପାରି ହେଲେ । ଗୋସେଇଁଙ୍କର ମନେହେଲା ଯେ ଟ୍ରେନ-ଡ୍ରାଇଭରଟା ଛିଟିକିପଡ଼ି ଶିଡ଼ି ଉପରେ ପଡ଼ିଛି...କିଛି ପାଟିତୁଣ୍ଡ ଶୁଭୁନି । ମିଲିଟାରି ଦି'ଟା ଟର୍ଚ୍ଚ ମାରି ମାରି କ'ଣ ଖୋଜି-ବୁଲୁଛନ୍ତି । ସେମାନେ ସ୍ପଷ୍ଟ ଦେଖାଯାଉଛନ୍ତି । ଏବେ...ଏବେ ଏଇଟା ଠିକ୍ ସମୟ । ଆଉ ଡେରିହବନି...ହାତଟା କାମକଲା ଯନ୍ତ୍ରବତ୍ । ଗୋସେଇଁଙ୍କ ବନ୍ଧୁକରୁ ଗୁଳି ବାହାରି ନିକଟସ୍ଥ ମିଲିଟାରି ଲୋକଟାର ମୁଣ୍ଡରେ ପଶିଗଲା । ପଡ଼ିଗଲା ସେ । ଆର ମିଲିଟାରି ଲୋକଟା ବୋଧେ ବନ୍ଧୁକ ଉଞ୍ଚେଇଥିଲା ଗୋସେଇଁଙ୍କ ଆଡ଼କୁ; କିନ୍ତୁ ସାଇଁକିନା ଗୁଳିଟେ ଆସି ଫୁଟିଗଲା ତା' ପିଠିରେ । ସେଇଟା ବି ଟଳିପଡ଼ିଲା ସେଇଠି...ପୁଣି ଅନ୍ଧାର ହେଇଗଲା ଶିଡ଼ିଟା । ଗୋସେଇଁଙ୍କର ମନଟା ବି ଅନ୍ଧାର ହେଇଗଲା ।

ସଙ୍ଗେ ସଙ୍ଗେ ଓହ୍ଲେଇଆସିଲା ରୂପନାରାୟଣ । ଖୁବ୍ ସାବଧାନତା ସହିତ ସେ ଶିଡ଼ିକୁ ଧରି ଉଠିଲା । କିଛି ସମୟ ପରେ ସେ ପହଞ୍ଚିଗଲା ମୃତ ମିଲିଟାରି ଲୋକଟା ପାଖରେ । ତା' ପରେ ଚିତ୍କାର କଲା—"ଗୋସେଇଁ ! ଓହ୍ଲେଇ ଆସନ୍ତୁ । ଏ ଗୁଡ଼ାଙ୍କୁ ଶିଡ଼ିରୁ ବାହାର

କରିଦେବାକୁ ହେବ । ହାତରେ ଆମର ଆଉ ସମୟ ନାହିଁ । ମିଲିଟାରୀ ଏକ୍‌ସପ୍ରେସ୍‌ର ସମୟ ହୋଇଗଲା ।"

ଗୋସେନ୍ ଓହ୍ଲେଇ ଆସିଲେ । ପ୍ରଥମେ ଟର୍ଚ୍ଚମାରି ସେମାନେ ଟ୍ରଲିଟାକୁ ଦେଖିଲେ । ସେଇଟା ଯାଇ ଖାଲ ଭିତରେ ପଡ଼ିଛି, ଖାଲ ଭିତରକୁ ଫୋପଡ଼ା ହେଇଥିବା ମୃତ ଜଗୁଆଳିଙ୍କ ଉପରେ ଯାଇ ପଡ଼ିଛି । ସେମାନେ ଟ୍ରଲି ପାଖରୁ ଫେରି ସଦ୍ୟ ମୃତ ମିଲିଟାରୀ ଦୁ'ଟାଙ୍କୁ ସିଡ଼ିପାଖରୁ ଘୋଷାରି ଘୋଷାରି ନେଇ ଫୋପାଡ଼ି ଦେଲେ ଖାଲ ଭିତରକୁ । ଅବଶ୍ୟ ବନ୍ଧୁକ, ଗୁଳି ଇତ୍ୟାଦି ଜିନିଷଗୁଡ଼ିକୁ ପ୍ରଥମେ କାଢ଼ିଆଣିଲେ ସେମାନଙ୍କଠୁ । ଶେଷରେ ଦୁହେଁ ଆସିଲେ ଟ୍ରଲି-ଡ୍ରାଇଭରର ଶବ ନିକଟକୁ । ପରୀକ୍ଷାକରି ଦେଖିଲେ ଯେ ସେ ପ୍ରକୃତରେ ମୃତ ନୁହେଁ, ମାତ୍ର ମୂର୍ଚ୍ଛାଗତ । ପ୍ରାଣଟା ହୃତ୍‌ପିଣ୍ଡଠି ଦୁକ୍‌ଦୁକ୍ ହେଉଛି । ରୂପନାରାୟଣ ତାକୁ କାନ୍ଧେଇ ନେଲା । ନିହାତି ପତଳା ଲୋକଟା, ଏଣୁ ବିଶେଷ କଷ୍ଟ କରିବାକୁ ପଡ଼ିଲାନାହିଁ ତାକୁ । ରୂପନାରାୟଣ ନଜେ ଯୋଡ଼ ପଥର ପାଖରେ ଥିଲା, ସେଇଠିକି ନେଇଗଲା ତାକୁ । ସେଇଠି ତାକୁ ଶୁଆଇଦେଇ ଫେରିଲା ଗୋସେନ୍‌ଙ୍କ ନିକଟକୁ । ଗୋସେନ୍ ସିଡ଼ି ଉପରେ ଠିଆହୋଇଥିଲେ ସେଯାଏଁ ।

ରୂପନାରାୟଣ କହିଲା—"ଏବେ କାମ ଫତେ । ଚାଲନ୍ତୁ, ଶୀଘ୍ର ଚାଲନ୍ତୁ । ···ତେଣୁ ଲାଇଟ୍ ଦେଖିଚନ୍ତି ତ ?"

କିନ୍ତୁ ଗୋସେନ୍ ମୂର୍ଚ୍ଛାପ୍ରାପ୍ତ ହେଇଯାଇଛନ୍ତି । ରୂପନାରାୟଣ ବନ୍ଧୁକ ଦୁଇଟାକୁ ପିଠିରେ ପକେଇ ଗୁଳିଗୁଡ଼ିକ ହାତରେ ଧରିଲା । ତା'ପରେ ଟର୍ଚ୍ଚମାରି ଗୋସେନ୍‌ଙ୍କ ମୁହଁକୁ ଚାହିଁଲା । ମୁହଁ ନୁହେଁ ସେଇଟା—ଏକ ଜଡ଼ ପ୍ରତିମା ।···ବଡ଼ ବିମର୍ଷ ହୋଇ ପଡ଼ିଲା ରୂପନାରାୟଣ । ରୂପନାରାୟଣର ଆଖି ଆଗରେ ଭାସିଉଠିଲା ଏକ ବିଷଣ୍ଣ ମୁଖ । ସେ ବଡ଼ ପାଟିରେ ପୁଣି ଥରେ କହିଲା—"ଶୁଣୁଚନ୍ତି ନା ନାହିଁ ? ଚାଲନ୍ତୁ ··· ପଳେଇବାକୁ ହେବ ଯେ··· ।"

ଗୋସେନ୍ ବସିଲା ବସିଲା ଗଳାରେ କହିଲେ—"ମୋ ହାତକୁ ଟିକିଏ ଧର ରୂପନାରାୟଣ—ମୋତେ ନେଇ ସେ ପଥରଟାକୁ ଧରେଇଦିଅ । ଆଃ···କଣ୍ଠଟା ମୋର ଯେପରି ବସିଯାଉଚି··· ।"

ରୂପନାରାୟଣ ଗୋସେନ୍‌ଙ୍କ ହାତ ଧରିନେଇ ପଥର ମୁଣ୍ଡରେ ପହଞ୍ଚାଇଦେଲା । ତା'ପରେ ନିଜେ ଖପାଖପ୍ ଉପରକୁ ଉଠିଯାଇ ବନ୍ଧୁକଗୁଡ଼ିକୁ ଏକ ଝଙ୍କାଳିଆ ଗଛତଳେ ଥୋଇଦେଇ ଫେରିଆସିଲା ଗୋସେନ୍‌ଙ୍କ ନିକଟକୁ । କହିଲା, "ଉଠନ୍ତୁ···ଧୀରେ ଧୀରେ ଉଠନ୍ତୁ···ମୁଁ ସାହାଯ୍ୟ କରୁଚି··· ।"

ଗୋସେନ୍ ପଥରକୁ ଧରି ଓ ରୂପନାରାୟଣର ଦେହରେ ଭରାଦେଇ କୌଣସିମତେ ଉଠିଆସିଲେ ଉପରକୁ । ମାତ୍ର ସେଇଠି ବସିପଡ଼ିଲେ ଥକ୍‌କା ହୋଇ । ପ୍ରମାଦ ଗଣିଲା ରୂପନାରାୟଣ । ପ୍ରକାଶ୍ୟରେ 'କଣ ହେଲା' କହି ଗୋସେନ୍‌ଙ୍କ ନାଡ଼ୀ ପରୀକ୍ଷା କଲା··· ପ୍ରବଳ ସ୍ପନ୍ଦନ ।

ବିଷମ ସମସ୍ୟା···

ରେଲଗାଡ଼ି ଆସି ପହଞ୍ଚିଗଲେ ପଳେଇବା ପାଇଁ ଆଉ ସମୟ ନଥିବ । ଯଦି ରେଲଗାଡ଼ିର ମିଲିଟାରୀ ଲୋକ କେହି ବସି ଯାଆନ୍ତି, ତେବେ ସେମାନେ ନିଶ୍ଚୟ ଏଇ ବାଟ ଦେଇ ଉପରକୁ ଉଠିବେ । ନିକଟରେ ଥିବା କ୍ୟାମ୍ପରୁ ମଧ୍ୟ ମିଲିଟାରୀ ଲୋକ ଅଧଘଣ୍ଟା କିମ୍ବା ଘଣ୍ଟାକ ଭିତରେ ନିଶ୍ଚୟ ମାଡ଼ିଆସିବେ । ···ବହୁତ ଚିନ୍ତାକଲା ସେ । ଅତି ବେଶି ହେଲେ କୋଡ଼ିଏ ମିନିଟ୍ ଏଠି ବସାଯାଇପାରେ, ତା'ପରେ ନିଶ୍ଚୟ ପଳାଇବାକୁ ହେବ ।···ଏଇ ସମୟଟିକ ଗୋସେଇଁଙ୍କର ସେବାଶୁଶ୍ରୂଷା କରିବା ଦରକାର; କିନ୍ତୁ କି ସେବା ଶୁଶ୍ରୂଷା ସେ କରିପାରିବ ? ଟିକିଏ ପାଣି ବି ନାହିଁ । ଏକମାତ୍ର ଗୋସେଇଁଙ୍କର ଇଚ୍ଛାଶକ୍ତି ଉପରେ ହିଁ ସବୁକିଛି ନିର୍ଭର କରୁଛି ।···ହଠାତ୍ ମନରେ ତାର ଏକ ଭାବ ଉଦୟ ହେଲା । ଗାଡ଼ିର ଲାଇଟ୍ ଦେଖାଗଲାଣି ବେଶ୍ ଭଲ ଭାବେ । ଜାଗା ଉପରେ ପହଞ୍ଚିବାକୁ ଅତିକମ୍‌ରେ ପାଞ୍ଚମିନିଟ ଲାଗିବ । ଏଇ ପାଞ୍ଚମିନିଟ୍ ଭିତରେ ସେ ଅନ୍ତତଃ ଗୋସେଇଁଙ୍କୁ କାନ୍ଧେଇ ନେଇଯିବା ଦରକାର । ଅଳ୍ପ ଦୂରରେ ଗୋଟେ ବଡ଼ ପଥର ଅଛି । ପଥର ତଳେ ଖୋଲଟାଏ ଅଛି । ସେଇ ପାଖରେ ବି ଝରଣାଟାଏ ଅଛି । ସେଠି ପାଣି ମିଳିବ— ଗୋସେଇଁଙ୍କୁ ଶୋଷ ଲାଗିପାରେ ।

ବନ୍ଧୁକଗୁଡ଼ିକୁ ଗଛତଳେ ଥୋଇଲା । ତା'ପରେ ଗୋସେଇଁଙ୍କୁ କାନ୍ଧେଇ ନେଇ, ସାବଧାନରେ ଟର୍ଚ୍ଚ ମାରି ମାରି ପୂର୍ବକଥିତ ପଥର ନିକଟରେ ପହଞ୍ଚିଲା । ପଥର ତଳ ଖୋଲରେ ତାଙ୍କୁ ଶୁଆଇଦେଇ ପାଣି ଖୋଜିବାକୁ ଗଲା । ଟର୍ଚ୍ଚ ଆଲୁଅରେ ଦେଖିଲା ଯେ ପାଖରେ ଗୋଟେ ଚୂଆରେ ପାଣି ଅଛି । ନିଜ ମୁଣାରୁ ଗୋଟେ କାଚଗ୍ଲାସ କାଢ଼ି, ଗ୍ଲାସେ ପାଣି ଧରି ସେ ଫେରିଆସିଲା ଗୋସେଇଁଙ୍କ ପାଖକୁ । ପାଣି ଗ୍ଲାସଟିକୁ ନେଇ ଗୋସେଇଁଙ୍କ ପାଟି ପାଖରେ ଦେଖେଇ ଧରିଲା । ଗୋସେଇଁ ନିମିଷମାତ୍ରକେ ଢକ୍ ଢକ୍ କରି ଗ୍ଲାସକ ପାଣି ପିଇଦେଲେ । ରୂପନାରାୟଣ କିଛି ସମୟ ପାଇଁ ଗୋସେଇଁଙ୍କର ଅବସ୍ଥା ଲକ୍ଷ୍ୟକଲା । —ହଠାତ୍ ଗୋସେଇଁଙ୍କ ପାଟି ଫିଟିଲା । ପାଟି ଫିଟି ଫିଟି ଗୋସେଇଁ କହିଲେ—"ଆଗେ ଯାଇ ତୁମେ ସେ ବନ୍ଧୁକଗୁଡ଼ା ଆଣି ଆସ । ଯେକୌଣସିମତେ ଏଠୁ ବାହାରିଯିବାକୁ ହେବ । ମୋ ମୁଣାରେ ଶୁଣ୍ଠି ଅଛି—ସେଥିରୁ ଟିକିଏ କାଢ଼ି ମୋ ପାଟିରେ ଦେଲ !"

ସେଥିପ୍ରା କଲା ରୂପନାରାୟଣ । ତା'ପରେ କହିଲା—"ଯେମିତି ହେଉ ପଳେଇଯିବା ଦରକାର । ମନକୁ ଦୁର୍ବଳ କରିଦିଅନ୍ତୁ ନାହିଁ । ମୁଁ ଯାଏଁ, ବନ୍ଧୁକ ଗୁଡ଼ିକୁ ଆଣି ଆସେ ।"

ମନର ସମସ୍ତ ବଳକୁ ଏକାଠି କରି ଗୋସେଇଁ କହିଲେ—"ଯାଇ ଚଞ୍ଚଳ ଆସ ।"

ରୂପନାରାୟଣ ଚାଲିଗଲା ।

ଠିକ୍ ସେତିକିବେଳେ କାନରେ ତାର ବାଜିଲା ସେଇ ଅତି ପୁରୁଣା, ଅତି ପରିଚିତ ଶବ୍ଦ—'ଜଗବନ୍ଧୁ, ଫଟା ଛଡ— ଜଗବନ୍ଧୁ, ଫଟା ଛଡ—'

□□□

ଦଶ

ତୃଷ୍ଣା ଭିତରେ ରହି ଭଲଲଗୁନାହିଁ ଧନପୁରକୁ । ତେଣୁ ସେ କହିଲା—"ମୋତେ ନାଆକୁ ନେଇଚାଲ, ଆହ୍ଲନାଇ !"

ଆହ୍ଲନା ସେତେବେଳେ ଭଲକରି ନିଆଁ ଟିକେ ଜାଳିବାକୁ ଯୋଗାଡ଼ କରୁଥିଲା; କିନ୍ତୁ ଭିଭି, ଦଧି ହେଉକା ବାରଣ କରୁଥିଲେ ଜୋର୍‌ରେ ନିଆଁ ଜାଳିବାକୁ; କାରଣ ନିଆଁ ଦେଖି ଶତ୍ରୁପକ୍ଷ ଏମାନଙ୍କର ଅବସ୍ଥିତି ସହଜରେ ଜାଣିଯିବେ ।

ଧନପୁରର ଗୋଡ଼ ପେଣ୍ଡାରୁ ରକ୍ତସ୍ରାବ ବନ୍ଦ ହେଉନାହିଁ । ନିଆଁ ସେଙ୍କାରେ କିଛି କାମ ନାହିଁ । ସମସ୍ତେ ତେଣୁ ଧରାଧରି ହେଁକାହେଁକି କରି ଧନପୁରକୁ ନାଆ ପର୍ଯ୍ୟନ୍ତ ନବାକୁ ଯୋଗାଡ଼ କରୁଥିଲେ । ବଲବାହାଦୁର ଆଗରୁ ଯାଇଛି—ନାଆ ଥୋଇ ଅପେକ୍ଷା କରିଥିବ । ଧନପୁରକୁ ଲୁଚେଇ ନେଇଯିବାକୁ ଅସୁବିଧା ହେବନାହିଁ ।

କାଳୀଅପା କାନ୍ଦୁଥିଲେ···ଧନପୁରର କ୍ଷତ ସ୍ଥାନକୁ ନିରିଖି ନିରିଖି ଦେଖୁଥିଲେ··· ତାଙ୍କର ସୁନ୍ଦର ଗୋରା ତକ୍‌ତକ୍ ମୁହଁଟା ମଳିନ ପଡ଼ିଗଲାଣି । କାଳୀଅପାଙ୍କୁ ଲକ୍ଷ୍ୟକରି ଧନପୁର କହିଲା—"କାଳୀଅପା, ତୁମେ କାନ୍ଦନା···କାନ୍ଦି କାନ୍ଦି ବିପଦକୁ ବରଣକରିବା ସାର ହେବ ସିନା···ଧରିନିଅ ଯେ ମୁଁ ମରିଯିବି । କାନ୍ଦିଲେ ଖାଲି ଆଖିସିନା ଫୁଲିବ ତୁମର —ମୁଁ କିନ୍ତୁ ବଞ୍ଚିବି ନାହିଁ···ତୁମେ ଆଗେ କହିଲ, ସୁଭଦ୍ରା କେମିତି ଅଛି ! ମରିବା ଆଗରୁ ଥରେ ତାର ଭେଟ ପାଇଥିଲେ ସୁଖରେ ମରିଆନ୍ତି···କହୁନା···ଶୀଘ୍ର କହ ସେ କେମିତି ଅଛି ?"

କାଳୀଅପା ଅଭିଯୋଗ ସ୍ୱରରେ କହିଲେ—"ତୋତେ ଏମାନେ ଏଯାଏଁ ଖବରଟା ଦେଇନାହାନ୍ତି ? ସୁଭଦ୍ରା ଯେ ଆତ୍ମହତ୍ୟା କଲା···"

ଭିଭି ଓ ଦଧି ଦୋଳା ଠିକ୍ କରୁଥିଲେ । ନିଆଁର ମଳିନ ଆଲୋକରେ ସେମାନେ ଯମଦୂତ ପରି ଦିଶୁଥିଲେ । ମଧୁ ନିଆଁ ପାଖରେ ବସି ଗଲା ଖଙ୍କାରି ଗୁଡ଼ି ଗୁଡ଼ିରେ ସେକ ଦେଉଥିଲା । ଦେହରେ ତାର ଜ୍ୱର । ତାକୁ ଲାଗୁଥିଲା ଯେମିତି ଦେହର ସମସ୍ତ ଗଣ୍ଠି ଫୁଟୁଲିଯାଉଛି । ଅହ୍ଲନା କୁଅଁର ଠିଆହୋଇଥିଲା ଧନପୁର ପାଖରେ । କାଳୀଅପାଠୁ ସୁଭଦ୍ରା କଥା ଶୁଣି ସେ ଆଘାତକୁ ଧନପୁର ସହ୍ୟ କରିପାରୁଛି ନା ନାହିଁ ଲକ୍ଷ୍ୟ କରୁଥିଲା ଆହ୍ଲନା—ଅବଶ୍ୟ ଖୁବ୍ ସାବଧାନତା ସହିତ । ଦେଖିଲା, ସ୍ତବ୍ଧ ପଡ଼ିଛି ଧନପୁର ।··· ଦୀର୍ଘନିଃଶ୍ୱାସ ଛାଡ଼ି ଆହ୍ଲନା କହିଲା—"କୃଷ୍ଣ ହେ ! ସେମାନେ କହିଲେ ନାହିଁ ସିନା··· କୃଷ୍ଣ···କୃଷ୍ଣ···ମୁଁ କିନ୍ତୁ ଭାବିଥିଲି···"

ଧନପୁର କହିଲା—"ମୁଁ ବୁଝିପାରିଥିଲି କ'ଣ ଗୋଟେ କଥା ମୋଠୁ ଲୁଚେଇ ରଖୁଥିଲେ ସମସ୍ତେ । ହଉ, ଭଲକଲେ ନକହି···କିନ୍ତୁ ସେ ମଲା କେମିତି ?"

ଏଥର କିନ୍ତୁ ଧନପୁରର ମୁହଁରେ ଆଖିରେ ଯନ୍ତ୍ରଣାର ଛାପ ଉଙ୍କିମାରି ଉଠିଲା।…ସେ ତଳକୁ ମୁହଁକରି ଶୋଇଥିଲା। ଏଥର ଚିତ୍ ହୋଇ ଶୋଇବାକୁ ଇଚ୍ଛାକଲା; କିନ୍ତୁ ବହୁତ ଯତ୍ନ ସତ୍ତ୍ୱେ ସେ ଚିତ୍‌ହୋଇ ପାରିଲା ନାହିଁ। କାଳୀଅପା ଉଠିପଡ଼ି ସାହାଯ୍ୟ କଲେ ଧନପୁରକୁ। ଅତି ସ୍ନେହରେ ଧନପୁରର ମୁଣ୍ଡଟିକୁ ନିଜ କୋଳରେ ଧରିନେଲେ ସେ। ଧନପୁର କାଳୀଅପା ଦେହରେ ଆଉଜିପଡ଼ି ସମ୍ଭାଳିନେଲା ନିଜକୁ। ତା'ପରେ କହିଲା— "ହଁ, ଏଥର କୁହ !"

ସାରା ଘଟଣାଟି ଟିକିନିଖି ବର୍ଣ୍ଣନା କରିଗଲେ କାଳୀଅପା।

ସୁଭଦ୍ରା ତେବେ ଏକ୍‌ବାରେ ନିରାଶ ହୋଇ ଆତ୍ମହତ୍ୟା କଲା ! ବାଟ ଖୋଜିବାକୁ ଟିକିଏ ବି ଧୈର୍ଯ୍ୟ ନଥିଲା ତାର ? ଆହା…ସେ ଯଦି ବଞ୍ଚିଯାଆନ୍ତା ! ସୁଭଦ୍ରା ପାଇଁ ଦୁଃଖ ଲାଗନ୍ତା ନାହିଁ ତାକୁ !…ନିହାତି ଅବିବେକ କାମ କଲା କିନ୍ତୁ…ସେଟା ତ ପାଗଳୀଟେ…ସେ ପୁଣି ଭାବିପାରିଲା ମୁଁ ମରିଯିବି ବୋଲି ? ଗୁଳି, ଗୁଳିଟା ନବାଜିଥିଲେ ହୁଏତ ବଞ୍ଚିଯାଇଥାନ୍ତି…ଏବେ କିନ୍ତୁ ଆଉ ଆଶା ନାହିଁ ଜୀବନରେ। ଭଲ ବି ହେଲା—ତା'ପାଇଁ ଚିନ୍ତା ଥିଲା…ଏବେ ନିଶ୍ଚିନ୍ତ ନିଶ୍ଚିନ୍ତରେ ମରିବି…ଏକ୍‌ବାରେ ନିଶ୍ଚିନ୍ତ। କାମପୁର ଘରେ ତାର କେହି ନାହାନ୍ତି ତା'କଥା ଭାବିବାକୁ। ରହିଲାରେବି ଆଉ କେହି ନାହିଁ। ଦେଶଟା ଭଲି ସ୍ୱାଧୀନ ହୋଇଯାଇଥାନ୍ତା—ଦେଖିଥାଆନ୍ତା ସେ...ତା'ପରେ ମରିଥାନ୍ତା। ଗୁଡ଼, ହେଲାନାହିଁ…ତଥାପି ଏଇ ଆକର୍ଷଣଟା ମନରେ ରହିଗଲା…ଏଇ ଏକମାତ୍ର ଅପୂରଣୀୟ ବାସନାକୁ ମନରେ ଧରି ସେ ମରିଯିବ। ଆନ୍ଦୋଳନର ମେରୁଦଣ୍ଡ ବାଙ୍କିଗଲାଣି। ତାକୁ ସଳଖିବାକୁ ବହୁତ ସମୟ ଲାଗିବ।…ସେତେବେଳେ ଅନ୍ୟମାନେ ଯୁଦ୍ଧ କରିବେ…ସେ ନଥିବ।…ରହିଯିବ ତାର ସ୍ୱପ୍ନଟା…କେହି ହୁଏତ କେତେବେଳେ ଚୁଲିମୁଣ୍ଡରେ ବସିଥିବାବେଳେ ତା' କଥା ମନେପକେଇପାରେ। ତା' କଳାମଚମଚ ଚେହେରାଟା ମନେକରିପାରେ…ଦେହଟାକୁ ଭଲ ପାଉଥିଲା ସେ…ସତରେ ଖୁବ୍ ଭଲପାଉଥିଲା… ଦେହଟାକୁ…ପୈତୃକସୂତ୍ରରେ ମା'ବାପାଙ୍କଠୁ ପାଇଥିଲା ସତ…କିନ୍ତୁ…କିନ୍ତୁ ଦେହଟାର ଶେଷ କେଉଁଠି ସେ ବୁଝିଥିଲା। ଦେହଟାକୁ ଏକ ଜୁଆଳିଯୋଗ୍ୟ ବଳଦକୁ ଅଡ଼େଇଲା ଭଳି ସେ ଅଡ଼େଇ ବୁଲିଥିଲା ଆଜଯାଏଁ। ଆଜି ସେଇଟାର ପରିସମାପ୍ତି ଘଟିଲା। ଏବେ ଜୁଆଳି ଫିଙ୍ଗିଦେଇ ସେ ଶୋଇଯିବ…ନିଶ୍ଚିନ୍ତ ନିଦରେ…।

··ଧନପୁର ଭାବୁଥିଲା ଏସବୁ…ଘନଘନ ନିଃଶ୍ୱାସ ବୋହୁଥିଲା···

ଧନପୁରର ଗାଲରେ ମୁହଁରେ ହାତ ବୁଲେଇ ବୁଲେଇ କାଳୀଅପା କହିଲେ—"ତୁ ଭଲହୋଇଗଲେ ତୋ ପାଇଁ ଆଉ ଗୋଟେ ସୁଭଦ୍ରା ଆଣିଦେବି।"

—"ଆଉ ଗୋଟେ ସୁଭଦ୍ରା ପୁଣି କୋଉଠୁ ସୃଷ୍ଟି କରିବ ଅପା ? ଆଉଜଣେ ସୁଭଦ୍ରା ଅଛି…ତା'କଥା କହିପାରିବ କି ?…ସହରରୁ ଫେରିଲାଣି ନା ସେ ?"

କେହି ବୁଝିପାରିଲେ ନାହିଁ ଧନପୁରର କଥା। କାଳୀଅପା ବି ନୁହଁ। ଏଣୁ ସମସ୍ତେ ନୀରବ…

ଧନପୁର ପୁଣି କହିଲା, "ଅପା ମ, ମୋତେ ଥରେ ତାର ସେଠିକି ନେଇଥିଲା । ଗୁଡ଼ାଟା ତ—ପୋଲିସକୁ ଫାଙ୍କି ଦେଇ ଯାଇହବ···ମୁଁ ତାର ସେଠି କିଛିଦିନ ବିଶ୍ରାମ ନେବି ।···ତାକୁ କଥା ଦେଇଥିଲି ବି···ସେ ନିଶ୍ଚୟ ବାଟ ଚାହିଁ ବସିଥିବ । କିନ୍ତୁ ମୋ ସାଥିରେ ଯିବ କିଏ ? ଲୋକଙ୍କର କ'ଣ ଆଉ ସାହସ ବାକି ଅଛି ?

ଆହ୍ନା କୁଅଁର କହିଲା—"କୃଷ୍ଣ···କୃଷ୍ଣ···ନଥିବ କାହିଁକି ସେ ? ହଉ ମାରେ, ମାରେ ପୁଣି ହଉ, ସେଇ ହେଉଚି କ୍ଷତ୍ରିୟର ଧର୍ମ ।···କୃଷ୍ଣ···କୃଷ୍ଣ···କ୍ଷତ୍ରିୟର କେବେ ବି ପରାଜୟ ନାହିଁ...ତୁ ଖାଲି ଏ ଦୋଳାରେ ହାତ୍··କୃଷ୍ଣ ହେ ! ଜମିର ଭେଟ ପାଇବୁ, ଗୌହାଟୀକୁ ବି ଯାଇପାରିବୁ···କୃଷ୍ଣ···କୃଷ୍ଣ...ସେଠି ବରୁଆ ଡାକ୍ତର ଅଛନ୍ତି···ତୋତେ ଦେଖିବେ, ଭଲକରିଦେବେ ।"

—"ଆରେ ନା···ମ ଆହ୍ନା'ଇ ! ଗୌହାଟୀ ଯାଏଁ ଏ ଦେହରେ ପ୍ରାଣ ନଥିବ··· ମୋତେ ସେଇ ଗାରୋ-ଗାଁକୁ ନେଇଚାଲ···ସାଙ୍ଗରେ କିଏ ଯିବେ ? ମଧୁ ? ଆଉ କିଏ ?" —କିଛି ଉତ୍ତର ଅପେକ୍ଷାରେ ରହିଲା ଧନପୁର ।

ସମସ୍ତେ ଧନପୁର ସାଥିରେ ଯିବାକୁ ତିଆର ଥିଲେ ।

ଧନପୁର ପୁଣି କହିଲା—"ଦଧି ଏଠି ଆସନ୍ତୁ···କ'ଣ କହୁଚନ୍ତି ଆଜ୍ଞା ?"

ଦଧିମାଷ୍ଟର ଆସି ଧନପୁର ନିକଟରେ ଠିଆହେଲେ । ପତଳା ଗୋରା ନିସ୍ତେଜ ମୁହଁଟା ଦଧିମାଷ୍ଟରର । ସେ କହିଲେ—"ଗୋସେଇଁ ହେରିକା ଆସିବା ଯାଏଁ ମୁଁ ଏଠି ରହିବି । ତମେସବୁ ଯେତେଟା ପାରୁଛ ଜିନିଷପତ୍ର ନେଇଯାଅ ସାଥିରେ···ମାନେ ଏଇ ବନ୍ଧୁକ, ବାରୁଦ ଇତ୍ୟାଦି···ବାଟରେ ନିଶ୍ଚୟ ଦରକାର ହେବ ।···ହଁ ଶୁଣିଚନା ଭଲ ସିଇ, ଗାରୋ-ଗାଁର ଉପରକୁ ଗୋଟେ ନିରୋଳା ଘାଟ ଅଛି । କଲବାହାଦୁରକୁ କହିବ, ନାଆଟା ସେଠିକି ନେଇଯିବ । ନଈ ଘାଟରୁ ମଧୁକୁ ପଠେଇଦେବ, ସେ ଯାଇ ଊମିକୁ ଡାକିଆଣିବ ।···ନା, କଣ କହୁଚ ମଧୁ ?···ଆରେ ଦେହଟା ତମର ଏମିତି ଥରୁଚ କାହିଁକି ? ଜର ଲାଗୁନି ନା ? ତୁ ଊମିକୁ ଡାକିଆଣିବୁ । ଏମାନଙ୍କ ସାଥିରେ ମାୟୁଂ ଯାଏଁ ଯିବୁ ।···ଲିସ୍କିଗ୍ରାମ ତେଣେ କଣ କରୁଚ କିଛି ଜଣାଯାଉନାହିଁ । ସେ ଯଦି କିଛି ଅଘଟଣ ଘଟେଇନଥାଏ, ତେବେ ତା' ଘରେ ନେଇ ଗୋସେଇଁ ହେରିକାଙ୍କୁ ରଖିବାକୁ ହେବ । ଏଠି···ମାନେ ଏଇ ଗୁମ୍ଫାଟାରେ ରୂପନାରାୟଣର କି ରସ ଲାଗିଚି କେଜାଣି, କିଛି ବୁଝାପଡୁନି । ଏଠି ଆଉ ମୁହୂର୍ତ୍ତେ ବି ରହିହବନି । ମିଲିଟାରୀ ଲୋକେ ଚାରିଆଡ଼ୁ ଘେରାଉ କଲେଣି । ଏଣୁ ଲିସ୍କିଗ୍ରାମର ଜାଗାଟା ହିଁ ଏକମାତ୍ର ନିରାପଦସ୍ଥାନ । ଆଉ ହଁ, ଊମି ଘରଠି ତୁ ଲିସ୍କିଗ୍ରାମକୁ ନିଶ୍ଚୟ ପାଇବୁ । ସେଠି କାମଟା ସରିଗଲେ ତୁ ସିବୁସ୍ୱର ଗୋସେଇଁଙ୍କ ଆଶ୍ରମକୁ । ସେଇଠି ରହି ମାୟୁଂର ଅବସ୍ଥାକୁ ଲକ୍ଷ୍ୟ କରିବୁ । ଗୋସେଇଁଆଣୀ ହେରିକାଙ୍କ ଖବର ବୁଝିବୁ । ସେମାନେ ଏବେ ହାଜତରେ ଥିବେ ନା ଆଉ କୋଉଠି ଥିବେ କହିହଉନି ।···ଜାଣିଚୁ ତ, ଗର୍ଭରେ ତାଙ୍କର ସନ୍ତାନ···ବଡ଼ ଚିନ୍ତା ଲାଗୁଚି । ଓଃ ! ଏଗୁଡ଼ାକ ଯେମିତି ହଉଚନ୍ତି ନା ! ଗର୍ଭିଣୀର ପେଟ ଚିରି ଶିଶୁକୁ ବି ମାରିଦେଇପାରନ୍ତି ।···ହଁ, ଗୋଟେ କଥା, ସେଠି···

ମାନେ ଗୋସେଇଁଙ୍କ ଆଶ୍ରମରେ 'ଶାନ୍ତି-ସେନା'ର ଲୋକ କଏ କଏ ଥିବେ···ରୁ ପଢ଼ାଇବା ମାଧେ ତାଙ୍କୁ ପାଇବୁ । ସେମାନଙ୍କ ଜମା ବନ୍ଧୁକଗୁଡ଼ାକ ଗଡେଇଦେବ—ଅନ୍ତତଃ ଯେତେଟା ପାରିବ···"

ଉଠି ଠିଆହେଲା ମଧୁ । ପଚାରିଲା—"ନାଆରୁ ବନ୍ଧୁକଗୁଡ଼ା ନେବ କେମିତ ଯେ ? ମୋ ସାଙ୍ଗରେ ଯିବ କଏ ?"

ଟିକଏ ଚିନ୍ତା କଲା ଦଧି । ତା'ପରେ କହିଲା—"ଗାବ୍ରେ ଗାଁର ବନ୍ଧୁକ ଦି'ଟା ସେଇଠି ଫେରେଇଦବାକୁ ପଡ଼ିବ—ନହେଲେ ବିଶ୍ୱାସ ଭାଙ୍ଗିଯିବ । ବାକିଗୁଡ଼ାକ ବିଷୟରେ ଜୟରାମ ସହିତ କଥାବାର୍ତ୍ତା ହେବୁ—ବୁଝିଲୁ ?"

"ହଉ ।"

ପୁଣି ସମସ୍ତେ ନୀରବ ହେଲେ ।

ଭିଭି ଓ ମଧୁ ଧରାଧରିକରି ଧନପୁରକୁ ନେଇ ଡୋଲାରେ ଶୁଆଇଦେଲେ । ଯନ୍ତ୍ରଣା ଅନୁଭବ କରି ଉଃ-ଆଃ ହେଲା ଧନପୁର; ଚିତ୍କାର ବି କଲା; କିନ୍ତୁ ପରେ ପରେ ଧୈର୍ଯ୍ୟର ସହ କହିଲା, "ହଉ ଚାଲ ଚାଲ···ଆଉ ଡେରି କରନା । ଡାଲିମୀପା, ତୁମେ ମୋ ସାଥିରେ ଆସ ।"

ଆଗେ ଆଗେ ଚାଲିଲା ଆହିନା କୁଅଁର । ପଦେ ବି କଥା ନାହିଁ ବୁଢ଼ା ମୁହଁରେ ।

···କ୍ଳାନ୍ତିରେ, ଚିନ୍ତାରେ, ଯନ୍ତ୍ରଣାରେ ଧନପୁର ଯେ ଭାଙ୍ଗିପଡ଼ିନି ତାହାହିଁ ସେମାନଙ୍କ ପକ୍ଷରେ ଭଲ ବୋଲି ସଭିଏଁ ଭାବୁଥିଲେ ।

ଭିଭି ଓ ମଧୁ ଡୋଲା ଉଠେଇଲେ । ଧନପୁର କହିଲା—"ଦଧି, ତୁମେ ସେଇ ପଥରଟା ଉପରେ ରହିଥିବ, ଗୋସେଇଁ ହେଉଛନ୍ତି ବାଟ ଭୁଲିଯାଇପାରନ୍ତି । ସେମାନଙ୍କୁ କହିବ, ଆଉ ଭେଟ ହେବ ନାହିଁ । ଆହୁରି ବି କହିବ, ମୋ କରିବା କାମ ମୁଁ କରିଦେଲି, ସେମାନଙ୍କର କାମ ସେମାନେ କରନ୍ତୁ । ହାନି ଲାଭ, ବାଧା ବିଘ୍ନ କଥା ଚିନ୍ତା ନକରି ଲୋକଙ୍କୁ ପ୍ରସ୍ତୁତ କରାଇବା ଭଲ । ଗୋଟେ ଧନପୁର ଯଦି ଚାଲିଯାଏ, ସେଥିରେ କିଛି ଯାଏଆସେନା···ଆହୁରି ଶହେ ଧନପୁର ଏଠି ଅଛନ୍ତି···"

ଧନପୁରର ଦେହ କମ୍ପିବାକୁ ଲାଗିଲା । ସେ ଡୋଲାରେ ମୁହଁ ଗୁଞ୍ଜି ନୀରବରେ ଶୋଇଗଲା ।···ଏବେ ସେ ନିଶ୍ଚିନ୍ତ··· ।

ଭିଭିରାମ କହିଲା—"ନାଆ ଯଦି ଯାଇପାରିବ ତେବେ ମୁଁ ଯିବି । ଯଦି ଯାଇନପାରିବ, ତେବେ ଅନ୍ୟ ରାସ୍ତା ଦେଖିବାକୁ ହେବ—ଏଇ କଥା ଗୋସେଇଁଙ୍କୁ କହିବ । ନାହିଁ ଯଦି ବାଟ ନପାଇଲୁ ତେବେ ଦେଖା ତ ହେବ ନିଶ୍ଚୟ···ରୂପନାରାୟଣକୁ କହିଦବୁ ଯେ ଏଇ ଗୁମ୍ଫାରେ ଏବେ ରହିବାଟା ଠିକ୍ ହେବ ନାହିଁ । ପରେ···ମାନେ, ମିଲିଟାରୀ ଲୋକ ଚାଲିଗଲା ପରେ ଏ ଜାଗାରେ ଲୁଚିବା ପାଇଁ ଭଲ ହେବ । ଏବେ ରେଲଗାଡ଼ିଟା ଓଲଟିବା ସଙ୍ଗେ ସଙ୍ଗେ ମିଲିଟାରୀ ଲୋକେ ତନ୍ନତନ୍ନ କରି ତଲାସ କରିପକେଇବେ ଏଇ ଖଣ୍ଡମଣ୍ଡଳକୁ । ତାଙ୍କ ଆଖିରୁ ଏଇ ଗୁମ୍ଫାଟା କେବେ ବି ଖସିଯାଇପାରିବନି ।···

ଗୋସେଇଁଙ୍କି କହିବୁ, ବାସ୍ତବରେ ଏଯାଏଁ ବଳ ଅଛୁ। ଈଶ୍ୱରଙ୍କ କୃପାରୁ ଏ ଦେଶରେ ମଣିଷ ଅଛନ୍ତି। କେବେ କେଉଁଠି ଭେଟ ହେବ ସେ କଥା ମୁଁ ତୁମଙ୍କୁ କହିଯାଇଥିବି। ଯଦ ଗୌହାଟୀ ପହଞ୍ଚିଗଲ୍ ଭଲ—ପହଞ୍ଚିନପାରିଲେ ବି କ୍ଷତି ନାହିଁ…"

କହୁ କହୁ ଭଉଣୀମାନଙ୍କ ଗଳା ରୁଦ୍ଧ ହୋଇଯାଉଥିଲା। ଧୀରେ ଧୀରେ ଆଗେଇଲେ ଭଉ ଓ ମଧୁ…ପଥୁରିଆ ସମତଳ ଅଞ୍ଚଳକୁ…ଦୋଳା ପଛେ ପଛେ କାଳୀଅପା। ତାଙ୍କ ପଛକୁ ଦଧିମାଷ୍ଟର।

କିଛି ସମୟ ପରେ ସେମାନେ ଆସି ପହଞ୍ଚିଗଲେ ଝରଣା ମଧ୍ୟସ୍ଥ ପୂର୍ବପରିଚିତ ପଥର ଉପରେ। ମଧୁ ଓ ଭଉ ସେଠାରେ ନ ଅଟକି ଦୋଳା ବୋହି ବୋହି ଆହୁରି ପଛେ ପଛେ ଆଗେଇଲେ। କ୍ରମେ ସେମାନେ ପଥର ତଳଆଡ଼କୁ ଗଡ଼ିଥିଲେ।

ଆକାଶରେ ଖଣ୍ଡିଆ ଜହ୍ନଟା ଫୁଟିବଣିଲଣି—ଉଜ୍ଜ୍ୱଳ ସୁନାର ଜହ୍ନ। କାଳୀଅପା ଦଧିଙ୍କୁ ବିଦାୟ ନେଲାବେଳେ ଦଧିର ପିଠି ଥାପୁଡ଼େଇ କହିଲେ—"ତୁମେ ଡରିବନି ବାପ! ମହାତ୍ମାଗାନ୍ଧୀ କହିଛନ୍ତି ଯେ ନିର୍ଭୟ ହେଲେ ଯାଇ ମନର ସ୍ୱରାଜ ମିଳେ। ବୁଝୁଛ ନା? ତୁମେ ତେବେ ଏଇଠି ରୁହ, ମୁଁ ଆଗାଏଁ… ।"

କାଳୀଅପା ବିଦାୟ ନେଲା ପରେ ପରେ ଦଧିର ଦେହଟା ଥରିଉଠିଲା—ସତେକି ସେଇ ସ୍ତ୍ରୀଲୋକର ସ୍ପର୍ଶରେ ନିହିତ ଥିଲା ମନ୍ତ୍ରଶକ୍ତି। ପ୍ରକୃତରେ ସତ ତା' ମନରେ ଉଦୟ ହେଲା ଏକ ନିର୍ଭୟ ଆଶ୍ୱାସ। କ୍ରମେ ସ୍ଥାନଟି ହେଲା ନିର୍ଜନ।…ଆକାଶର ବଙ୍କୁଲି ଜହ୍ନଟା ନାଚିବାକୁ ଲାଗିଲଣି। ପଥର ସେ ପାଖରେ ଜଙ୍ଗଲ ଭିତରେ ଗଛଲତାର ଫାଙ୍କେ ଫାଙ୍କେ ଇନ୍ଦ୍ରଙ୍କ ସହସ୍ର ଚକ୍ଷୁଭଳି ଜୁଳୁଜୁଳିଆ ପୋକଙ୍କର କାନ୍ତି ଘନ ଅନ୍ଧକାରକୁ ବିତାଡ଼ିତ କରିବାକୁ ଚେଷ୍ଟାକରୁଥିଲା।

ହଠାତ୍ ବଣୁଆ ହାତୀର ଚେଁକାଳି ଶୁଣିବାକୁ ପାଇଲା ଦଧିମାଷ୍ଟର—ଅବଶ୍ୟ ଦୂରରୁ—ନିଇଆଡ଼ୁ।…କିନ୍ତୁ ଯେତେ ଯାହା ହେଲେ ବି ତାକୁ ଏଇଠି ଏଇ ପଥର ଉପରେ ହିଁ ଠିଆହୋଇ ରହିବାକୁ ପଡ଼ିବ।…ଗୋସେଇଁହେରିକା ଫେରିବା ପରେ ଯାଇ ତା'ର ଛୁଟି। …ଏଟା ବି ଗୋଟେ ସ୍କୁଲ୍ କହିଲେ ଚଳେ। ଏଇ ଗଛଲତା, ପଶୁପକ୍ଷୀ, ପଥର, ମାଟି ଓ ରଙ୍ଗ—ଏ ସମସ୍ତେ ଏଠି ପ୍ରକୃତିର ନିର୍ଦ୍ଦିଷ୍ଟ ପାଠକୁ ନିୟମିତଭାବେ ପଢ଼ି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୁଅନ୍ତି। ଏଇ ସ୍କୁଲର ଛାତ୍ରଛାତ୍ରୀଗଣ ନିଜେ ନିଜର ଶୃଙ୍ଖଳା ରକ୍ଷା କରିଥାଆନ୍ତି।

ନିଜ ପାଠଶାଳା ଖଣ୍ଡିକର ରୂପ ଭାସିଉଠିଲା ଦଧିମାଷ୍ଟରଙ୍କ ମାନସପଟରେ।…ଘ୍ରଣମାସ ହେଲଣି ସେ ଖଣ୍ଡିକ ବନ୍ଦ। ମାଷ୍ଟର ଫେରାର୍…ଯେଉଁ କେତେଜଣ ପୁଅଝିଅ ସେଠି ପଢ଼ୁଥିଲେ, ସେମାନେ ଏବେ ଦଣ୍ଡାବାଳୁଙ୍ଗା ହୋଇ ବୁଲୁଛନ୍ତି। ପାଠ ପଢ଼ି କ'ଣ କରିବେ ଯେ?—ସବୁ ଅଭିଭାବକଙ୍କ ମନରେ ଏଇ ଗୋଟିଏ ପ୍ରଶ୍ନ। ଗ୍ରେଟ ପିଲାଏ ସକାଳୁ ସକାଳୁ ବିଲରେ ହଳ ବାହି ଓପାସ-ପେଟରେ ସ୍କୁଲକୁ ଆସନ୍ତି ପାଠ ପଢ଼ିବାକୁ। କେବେ କେବେ

ଆସିବ ପାରନ୍ତି ନାହିଁ···ଧାନବୁଣା, ଡଳାବୁଆ ଦିନମାନଙ୍କରେ ବାପ, ମା, ପୁଅ, ଝିଅ ସମସ୍ତେ ବିଲରେ ଲାଗିଥା'ନ୍ତି···ନହେଲେ ଅନ୍ନମୁଠିକ ଆସିବ କେମିତି ? ବେଳେବେଳେ ସ୍କୁଲକୁ ଆସି ପୁଣି ପଳେଇଯାଆନ୍ତି ପିଲାମାନେ··· । ବାଣେଶ୍ୱର ରଜା ହୁଅନ୍ତୁ ଅବା ଆହ୍ନା କୁର୍ଥିର କହ୍ନୁ—ଏ ସମସ୍ତଙ୍କର ପୁଅମାନଙ୍କର ସେଇ ଏକ ଦଶା ।···ଏତେ ଅଭାବ ଭିତରେ ପୁଣି ମଣିଷ ଚଳେ !···ଝିଅଙ୍କୁ ସ୍କୁଲକୁ ପଠେଇବା ଅଭ୍ୟାସ ସାଧାରଣଙ୍କର ନାହିଁ କହିଲେ ଚଳେ । ପୁରୁଣା ପ୍ରଥା—ଝିଅଗୁଡ଼ା ପାଠ ପଢ଼ି କ'ଣ କରିବେ ଯେ ? ସେମାନେ 'ଡାଳଗଛ କାହ୍ନି, ହାସ୍ କଲେ ଉଡ଼ିଯାନ୍ତି'···ଆଜି ଅଛନ୍ତି, କାଲି ଯାଇ ଆଉ କାହା ଘରେ ପଶିବେ···ତା'ପରେ ମା' ହେବେ···ସେତେବେଳେ ଏ ପଢ଼ାଶୁଣାର କି ମୂଲ୍ୟ ? ସବୁ ଅଭିଭାବକଙ୍କର ଏଇ ମନୋଭାବ ।···ନିଜେ ଦଧିମାଷ୍ଟର ଆଉ ଗୋଟେଇ ବହୁତ ବୁଝାନ୍ତି ସେମାନଙ୍କୁ—ପୁଅଝିଅଙ୍କୁ ସ୍କୁଲକୁ ପଠାଇବାକୁ ବାଧ୍ୟ କରନ୍ତି । ସେକଥା କେତେଜଣ ବୁଝନ୍ତି ? ଅଶିକ୍ଷିତ ଗାଉଁଲି ସମାଜରେ ଶିକ୍ଷିତ ଲୋକଙ୍କର ଦଶା···ମୂର୍ଖଙ୍କ ସଭାରେ ପଣ୍ଡିତଙ୍କ ପରି ଅଶିକ୍ଷିତ ସମାଜର ଅଧିକାଂଶ ପାପର ଭାର ସେମାନଙ୍କୁ ନିଜ ମୁଣ୍ଡ ଉପରକୁ ନବାକୁ ପଡ଼ିଥାଏ । ସ୍କୁଲ ଦଶା କ'ଣ ଦେଖିବ···ଭଗବାନ ଟୁଙ୍ଗି ପରି । ସ୍କୁଲ ଘରର କାନ୍ଥ ନାହିଁ, ସ୍କୁଲରେ ବେଞ୍ଚ୍ ନାହିଁ, ଟେବୁଲ ନାହିଁ, ଆଲମାରି ନାହିଁ···ମାଷ୍ଟରଙ୍କ ଘରଟା ଅଫିସ । ବସିବା ପାଇଁ ପ୍ରତ୍ୟେକ ପିଲା ଖଣ୍ଡେ ଖଣ୍ଡେ ଚଟେଇ ଧରି ଆସନ୍ତି । ମାଷ୍ଟ୍ରେ ବସିବା ପାଇଁ ମାଷ୍ଟ୍ରଙ୍କ ଘରୁ ପଟିଆ ଖଣ୍ଡେ ବୋହିଅଣାଯାଏ । ମାଷ୍ଟର ଜଣେ, ଏଣୁ ମାଷ୍ଟ୍ରଙ୍କ ସମ୍ମାନରକ୍ଷା କରିବାକୁ ବେଶିଟା କଷ୍ଟ ପଡ଼େନା; କିନ୍ତୁ ଖୋଲାଘର ଯୋଗୁଁ ଉଡୁଥିବା ଗାଈଗୋରୁ ହରିମୂତି ଏକାକାର କରିପକାନ୍ତି । ତେଣୁ ଦିନ୍ ସ୍କୁଲ ବସିବାବେଳେ ଘର ସଫାକରିବା ଦାୟିତ୍ୱ ଉଭୟ ପିଲାଙ୍କର ତଥା ମାଷ୍ଟ୍ରଙ୍କର— ତା'ପରେ ପାଠପଢ଼ା । ବର୍ଷାଋତୁରେ ବର୍ଷାପାଣି, ପହ୍ଷର କୋଳମର୍ଦ୍ଦ ଶୀତ, ଫଗୁଣରେ ଲୋହିତରୁ ଆସୁଥିବା ଖୋଲାପବନ—ଏ ସଭିଙ୍କର ଅବାଧ ଗତି ସେଇ ସ୍କୁଲଘରକୁ । ଏମାନେ ସଭିଏଁ ନିଜ ନିଜ ବାଟରେ ସ୍କୁଲର ପୁଅଝିଅ, ସେମାନଙ୍କର ବନ୍ଧୁପକ୍ଷ ଏବଂ ସ୍କୁଲର ମାଷ୍ଟ୍ରଙ୍କୁ ପକାନ୍ତି ଉଠାନ୍ତି । ସେତେବେଳେ କେହି ବା ନିର୍ବିକାର ଭାବରେ ବେଶିବେଳ ସ୍କୁଲଘରେ ରହିପାରନ୍ତି ନାହିଁ । କେବେ ସ୍କୁଲ ହୁଏ, କେବେ ସ୍କୁଲ ହେଇ ଛୁଟି ହୁଏ, କେବେ ପୁଣି ସ୍କୁଲ ନହେଇ ପୁରିଛୁଟି । ଦୂର ମଫସଲ ଅଞ୍ଚଳରେ ସ୍କୁଲ ବୋଲି କେବେ ବି କେହି ପରିଦର୍ଶକ ସ୍କୁଲକୁ ଆସନ୍ତି ନାହିଁ ।···କଦବା କେବେ ଯଦି ଆସନ୍ତି, ତେବେ ଚତୁର୍ଦ୍ଦିଗ କମ୍ପିଯାଏ । ସାଇକେଲରେ ଆସିଲେ ଆଡ଼ମ୍ବର କମ୍; ମାଫ ମଟର-ଗାଡ଼ିରେ ଆସିଲେ ଜିଲ୍ଲାର ବଡ଼ ସାହେବଙ୍କ ଆସିବାଠୁ ବି ଆହୁରି ବେଶି ଆଡ଼ମ୍ବର । ଡେପୁଟି ହୁଅନ୍ତୁ ଅବା ସବ୍‌ଇନସ୍‌ପେକ୍ଟର ହୁଅନ୍ତୁ···ଉଭୟେ ଦଯାଦହ, କୋମଳ ଗ୍ରହଲର ଜଳଖିଆ ନିଶ୍ଚୟ ଖାଇବେ । ଉପରନ୍ତୁ ପାଇବେ ସାରା ଅଞ୍ଚଳର ଲୋକଙ୍କର ଆଶୀର୍ବାଦ ଏବଂ ପୁଅଝିଅଙ୍କର ବିନମ୍ର ପ୍ରଣାମ ।···ପାଇଲେ କ'ଣ ହେବ, ସହରକୁ ଫେରିଗଲେ 'ପୁନମୂଷିକୋଭବଃ' । ସବ୍-ଇନସ୍‌ପେକ୍ଟର ପାସୋରନ୍ତି—ପାସୋରନ୍ତି ବି ଡେପୁଟି ।

ସହରକୁ ଧପାଲି ଧପାଲି ଦଧିମାଷ୍ଟରଙ୍କ ତଳପାର ଚମ ଘୋଷରୁହୁଏ···ଦରମା ପାଉ ପାଉ ବରଷ ବିତେ ।

ଦଧିମାଷ୍ଟର ନାହାକଘର ପୁଅ । ଚଷାଘର ପୁଅ ହୋଇଥିଲେ କୋଉଦିନୁ ମାଷ୍ଟରି ଛାଡ଼ି ଗୃହବାସରେ ମନଦିଅନ୍ତେଣି । ଗୃହରେ ସୁଖ ଅଛି, ଫଳ ବି ମିଳେ । ଏଠି ସୁଖ ନାହିଁ କି ଫଳ ନାହିଁ, କେବଳ ନିଷ୍ଫଳ କର୍ମର ଆଶାରେ ହିଁ ସେ କାମ କରନ୍ତି । ବାସ୍ତବିକ ଏପରି ସମ୍ପୂର୍ଣ୍ଣଭାବେ ଫଳାଫଳର ମୋହ ତ୍ୟାଗକରି ଗୀତାର ଭାବ ନେଇ କାମ ନକଲେ ମାଷ୍ଟଂରେ ମାଷ୍ଟର ହେବା ସମ୍ଭବ ନୁହେଁ ।

ଅନ୍ୟ ପକ୍ଷରେ, ତାର ମାଷ୍ଟର ହେବାକୁ ଖୁବ୍ ମନ; କାରଣ ସେ ବୁଝିଛି ଯେ ଶିକ୍ଷା ନଥିଲେ ସବୁ ମିଥ୍ୟା ।···କିନ୍ତୁ ଏଇ ଗାଉଁଲି ଲୋକଙ୍କୁ ଶିକ୍ଷା ଦବାକୁ ହେଲେ ଏକ ନୂତନ ସରକାର ଲୋଡ଼ା, ···ଅର୍ଥାତ୍ ନିଜର ସରକାର । ବର୍ତ୍ତମାନର ସରକାର କିଛି କରୁ-ନାହିଁ କି କରିବ ବି ନାହିଁ । ସେଥିପାଇଁ ଲୋଡ଼ା ସ୍ୱରାଜ—ହଁ, ଖାସ୍ ସେଇଥିପାଇଁ···

ହଠାତ୍ ଏକ ଭୟଙ୍କର ଶବ୍ଦ ହେଲା । ଆକାଶ ପାତାଳ କମ୍ପି ଉଠିଲା । ଦଧିମାଷ୍ଟର ଖୁବ୍ ଜୋର୍‌ରେ ଚମକିପଡ଼ିଲା । ଆଖି ବନ୍ଦ କରି ଗୁଡରେ ହାତ ଦେଲା ।

× × × ×

ରୂପନାରାୟଣ ଦେଖିଲା ଯେ, 'ଜଗବନ୍ଧୁ ଫଟାଛତ୍ର, ଜଗବନ୍ଧୁ ଫଟାଛତ୍ର' ଶବ୍ଦ କରିବା ଗୁଡ଼ି ପ୍ରକାଣ୍ଡ ଲମ୍ବା ରେଳଗାଡ଼ିଟିର ଇଂଜିନ୍ ଖୁବ୍ ଜୋର୍‌ରେ ଆଘାତପାଇ ସେଇ ବିରାଟ ଖାଲଆଡ଼କୁ ଗତି କରୁଛି । ତା' ସହିତ ଗୋଟେ ପଛରେ ଆଉ ଗୋଟେ ଡବା ମଧ୍ୟ ବାଡ଼ିଆ-ବାଡ଼ି ହୋଇ ଦୁଇଗୁଣ ବେଗରେ ସେଇ ଖାଲ ଆଡ଼କୁ ମାଡ଼ିଯାଉଛନ୍ତି । କି ଏକ ବିକଟାଳ ଶବ୍ଦ ! ଅଭୂତପୂର୍ବ ଶବ୍ଦ !

ନିମିଷମାତ୍ରକେ ଘଟିଗଲା ଏ କାଣ୍ଡଟି । ଯତେକ ଜୋଉଠି ଏକ ବିରାଟ ବିସ୍ଫୋରଣ ଘଟିଛି ।···ଖାଲଟା ତଳକୁ ତଳକୁ ଖୁବ୍ ଗଭୀର । ରୂପନାରାୟଣ ନିଜେ ଆଜି ଉପରବେଳା ଖାଲଟାକୁ ଦେଖିଆସିଛି । ଗୋଟେ ପରେ ଗୋଟେ ହୋଇ ଦଶଟା ଡବା ପ୍ରଚଣ୍ଡ ବେଗରେ ଯାଇ ସେଇ ଖାଲଭିତରେ ବିକଟ ଶବ୍ଦ କରି ପଡ଼ିବା ସଙ୍ଗେ ସଙ୍ଗେ, ତା'ଠୁ ବଳି ଆହୁରି ବିକଟ ଚିତ୍କାର ଆସି ପଡ଼ିଲା ରୂପନାରାୟଣର କାନରେ···ସେ ଚିତ୍କାର ମଣିଷର ଚିତ୍କାର···

ଅନ୍ତରଫଟା କରୁଣ ତଥା ପ୍ରଚଣ୍ଡ ଚିତ୍କାର···

ଦେଖୁ ଦେଖୁ ଗୋଟେ ପରେ ଗୋଟେ ଡବା ପିଡ଼ିଘାଡ଼ ଭୁସ୍‌ଭାସ୍ ହୋଇ ପଡ଼ିଲେ—କେତେକ ଖାଲ ଭିତରେ, ଆଉ କେତେକ ରେଳ ଲାଇନ୍ କଡ଼ରେ ମାଟି ଉପରେ । ମାଟି ଉପରେ ପଡ଼ିଥିବା ଡବାଗୁଡ଼ିକ ଛନଛନ ବୃଶବୃଶ ଥରି ଗଡ଼ି ଗଡ଼ି ସ୍ଥିର ହଉଥା'ନ୍ତି ।

ଗୋଟେ ଦି'ଟା ଡବା ହୁ-ହୁ ହୋଇ ଜଳିଉଠିଲା । ସେଇ ନିଆଁ ଧାସରେ କ୍ରମଶଃ ଖଣ୍ଡମଣ୍ଡଳ ଉଦ୍ଭାସିତ ହେବାକୁ ଲାଗିଲା । ସେଇ ନିଆଁ ଧାସରେ ରୂପନାରାୟଣ ଦେଖିଲା ଲଳପଳ ଜଳଥିବା ଧନଶାଳୀ ରେଳଗାଡ଼ିଟିକୁ । ଗାର୍ଡଭ୍ୟାନ ବି ବାଦଯାଇନାହିଁ ।···

ମଣିଷପୋଡ଼ା ଗନ୍ଧ ଆସି ତା' ନାକରେ ବାଜିଲା । କୌଣସି ଏକ ଡବାରୁ ଛୁଣ୍ଡା ପୋଡ଼ା ହାତଟାଏ ଛିଟିକି ଆସି ପଡ଼ିଲା ରୂପନାରାୟଣ ପାଖରେ । ଚମକିପଡ଼ିଲା ରୂପନାରାୟଣ । ତଥାପି ସେତେବେଳଯାଏଁ ଡବା ପଡ଼ିବା ଶବ୍ଦ ଶୁଭୁଥାଏ···ଘଡ଼···ଘଡ଼···ଘଡ଼···ଘଡ଼···

ଡବାଗୁଡ଼ିକର ଅସ୍ଥିରତା କମିବା ସଙ୍ଗେ ସଙ୍ଗେ ଲୋକମାନଙ୍କର ବିକଳ ଚିତ୍କାରରେ ଖଣ୍ଡମଣ୍ଡଳ କ୍ରମେ ପ୍ରକମ୍ପିତ ହେବାକୁ ଲାଗିଲା । ହୁ-ହୁ ନିଆଁ ଜଳିବା ସଙ୍ଗେ ସଙ୍ଗେ ଏ ଚିତ୍କାର ଓ ମଣିଷପୋଡ଼ା ଗନ୍ଧ ପ୍ରବାହିତ ହେବାକୁ ଲାଗିଲା ଦିଗ୍‌ବିଦିଗକୁ । ···ରୂପନାରାୟଣର କାନ ନାକ ତରଙ୍ଗାୟିତ ହେବାକୁ ଲାଗିଲା ସେଇ ଶବ୍ଦ ତଥା ଗନ୍ଧରେ ।

ମନେ ମନେ କଳନା କରୁଥିଲା ରୂପନାରାୟଣ ସେଇ ଦୀର୍ଘକାୟ ରେଳଗାଡ଼ି ଭିତରେ ଥିବା ମୃତ, ଅର୍ଦ୍ଧମୃତ ଏବଂ ଏବେ ବି ଜୀବନ ରକ୍ଷା କରିବା ସକାଶେ ଯୁଝୁଥିବା ସୈନ୍ୟବାହିନୀର ସଂଖ୍ୟା କେତେ ହେବ ? କେତେ ? ···କହି ହେବନି । ଅଧିକାଂଶ ଡବା ଯାଇ ପଡ଼ିଛି ସେଇ ଖାଲ ଭିତରେ । ଯେଉଁ କେତୋଟା ଲାଇନ୍ କଡ଼କୁ ପଡ଼ିଛି, ସେଥିରୁ ଦି'ଟା ହୁ-ହୁ ହୋଇ ଜଳୁଛି । ବାକି କେଇଟା ଡବା ଗଡ଼ିବା ଅବସ୍ଥାରେ ଯାତ୍ରୀମାନଙ୍କର ଜୀବନ ଚାଲିଯାଇଥିବ ।···ଯେଉଁମାନଙ୍କର ଜୀବନ ଛାଡ଼ିନଥିବ ଛାଡ଼ିବାକୁ ବେଶି ବେଳ ଲାଗିବ ନାହିଁ । ଅନ୍ୟ ପକ୍ଷରେ ରେଳଗାଡ଼ି ଓଲଟିବା ଶବ୍ଦ ନିଶ୍ଚୟ ପହଞ୍ଚିଥିବ ନିକଟସ୍ଥ ମିଲିଟାରୀ କ୍ୟାମ୍ପରେ । ସେମାନେ ନିଶ୍ଚୟ ଏହିକ୍ଷଣି ଆସି ପହଞ୍ଚିବେ । ପରେ ପରେ ଆରମ୍ଭ ହୋଇଯିବ ଅନୁସନ୍ଧାନ । ଏଇ ସାରାଟା ଉପତ୍ୟକା ବି ହେବ ସେମାନଙ୍କ ଅନୁସନ୍ଧାନର ଅନ୍ତର୍ଭୁକ୍ତ···ଆଉ ଏଠି ଦଣ୍ଡେ ରହିବା ନିରାପଦ ନୁହେଁ···ଉଚିତ ନୁହେଁ··· ।

ଓଜନଟା ବନ୍ଧୁକ ଦୁଇହାତରେ ଉଠେଇ ଧରିଲା ରୂପନାରାୟଣ । ତା'ପରେ ଖୁବ୍ ଜୋର୍‌ରେ ଚାଲି ଆସି ସେ ପହଞ୍ଚିଲା ଗୋସେଇଁଙ୍କ ନିକଟରେ । ସେତେବେଳଯାଏଁ ଯନ୍ତ୍ରଣାରେ କମ୍ପୁଥିଲେ ଗୋସେଇଁ । ଶୁଣ୍ଠିରୁ ଟିକିଏ ଟିକିଏ ପାଟିରେ ପୂରେଇ ଚୋବାଉଥିଲେ । ରୂପନାରାୟଣର ଟର୍ଚ୍ଚଆଲୁଅ ଦେଖି ସେ ବନ୍ଧୁକ ଉପରେ ଭରାଦେଇ କୌଣସିମତେ ଉଠି ଠିଆହେଲେ ଏବଂ ତତ୍‌କ୍ଷଣାତ୍ କହିଲେ—"ମୁଁ ଶୁଣିପାରିଛି ସେ ଶବ୍ଦ । ସେଥିରୁ ବୁଝିଛି ସବୁକିଛି ଠିକ୍‌ଠାକ୍ ହୋଇଛି । ଏବେ ଚାଲ୍···ତୁମେ ଆଗେ ଆଗେ ଚାଲ ।"

ଓଜନଓଜନଟା ବନ୍ଧୁକର ବୋଝ ରୂପନାରାୟଣକୁ କଷ୍ଟ ହେଉଥିଲା । ତାଠୁ ବେଶି କଷ୍ଟ ଲାଗୁଥିଲା ଦୁର୍ଘଟଣାର ଦୃଶ୍ୟ ଦେଖି । ମୁଣ୍ଡ ଘୂରିଯାଉଥିଲା ତା'ର । ସେଇ ପ୍ରଚଣ୍ଡ ସଂଘର୍ଷର ଶବ୍ଦ ଏବଂ ବିକଟ ଯନ୍ତ୍ରଣାର ଚିତ୍କାର ସେ ଯେତେବେଳେ ମର୍ମେ ମର୍ମେ ଅନୁଭବ କରୁଥିଲା, ସେତେବେଳେ କଲିଜା ତାର ହଉଥିଲା ଉଠପଡ଼—ରହିରହି··· । ସେଥିଯୋଗୁଁ ସେ ନିଃଶବ୍ଦରେ ଚାଲିଲା ଆଗେ ଆଗେ । ପଛେ ପଛେ ନିଜକୁ ସମ୍ଭାଳି ଧୀରେ ଧୀରେ ଚାଲୁଥିଲେ ଗୋସେଇଁ—ପଛେଇଯାଉଥିଲେ ସେ ।

ଆକାଶରେ ନ୍ୱିଗ୍‌ଧ ଜ୍ୟୋତ୍ସ୍ନାର ମଳିନ ଆଲୋକ । ଗଛତଳେ ଦେଖି ନପାରିବା ଭଳି ଅନ୍ଧାର ।

ଗୋପେଶ୍ୱରଙ୍କର ଦୁଇହାତରେ ସେତେବେଳଯାଏଁ ମଣିଷର ସଦ୍ୟରକ୍ତ ବଳବଳ ହୋଇ ଲାଗିଥିଲା । ସେଇ ରକ୍ତଦାଗର ପରଶକୁ ସେ ସହ୍ୟକରିପାରୁନଥିଲେ ।···ଅଳ୍ପ ବାଟ ଗଲିବା ପରେ ତାଙ୍କର ହାତଗୋଡ଼ ଥରିବାକୁ ଲାଗିଲା । ଦେହଟା ତାଙ୍କର ଅବଶ ହୋଇ ଯାଉଥିଲା । ମନଟା ପ୍ରବଳଭାବେ ଅସ୍ଥିର । ମନର ଆବେଗକୁ ଦମନ କରିନପାରି ସେ କହିଲେ—"ମଣିଷ ଯଦି ନମରି ଯୁଦ୍ଧକରିପାରୁଥାନ୍ତା, ତେବେ କେତେ ବଢ଼ିଆ ନହୁଅନ୍ତା ! କିନ୍ତୁ ଏମାନେ ତା' କରିବାକୁ ଦେଲେ ନାହିଁ । ମହାତ୍ମା ଯଦି ଜେଲ୍ ବାହାରେ ଥାଆନ୍ତେ, ତେବେ ହୁଏତ ଏପରି ଯୁଦ୍ଧ ହୋଇନଥାନ୍ତା ।"

ରୂପନାରାୟଣର ପୂର୍ବର ଆତ୍ମବିଶ୍ୱାସ ହଜିଗଲାଣି । ଏଇ ଦୁର୍ଘଟଣାର ଦୃଶ୍ୟ ମନଟାକୁ ତାର ମାରିଦେଇଛି । ଭୁଲ୍‌କରିଛି ବୋଲି ଧାରଣା ଯଦିଓ ତା'ମନରେ ଜନ୍ମିନାହିଁ, ତଥାପି ମନରୁ ସରସତା, ଆନନ୍ଦ, ଉତ୍ସାହ···ସବୁ କିଛି ଶୂନ୍ୟ ହୋଇଯାଇଛି । ମଣିଷରକ୍ତରେ ମଣିଷର ହାତ ଯଦି ସିକ୍ତ ହୁଏ, କିଏବା ଆନନ୍ଦ ପାଇବ ? ଯୁଦ୍ଧ ବଡ଼ ନିଷ୍ଠୁର । ଗରିଲାଯୁଦ୍ଧ ତା'ଠୁ ନିଷ୍ଠୁରତର । ସ୍ୱାଧୀନତା ସକାଶେ ଏତେଗୁଡ଼ାଏ ଲୋକଙ୍କୁ ମାରିବାକୁ ପଡ଼ିଲା ! କୋଉଠିକାର ମଣିଷ, କ'ଣ ତାଙ୍କର କଥାଭାଷା, କିଛି ବି ମାଲୁମ୍ ନାହିଁ ରୂପନାରାୟଣକୁ···ହୁଏତ ଲଣ୍ଡନର ଅବା କାଲିଫର୍ଣ୍ଣିଆର···ନହେଲେ ଅବା ଲୁଧିଆନାର କି ପେକିଂର···ସେମାନେ ଆସିଥିଲେ ଜାପାନ ବିରୁଦ୍ଧରେ ଯୁଦ୍ଧ କରିବାକୁ—ଭାରତ ମାଟିରେ, ଭାରତ ରାଜ୍ୟରେ, ଭାରତର ବନାନୁମଣ୍ଡରେ ସେମାନେ ଆସିଥିଲେ ଯୁଦ୍ଧ କରିବାକୁ । ଯେଉଁ ବିଦେଶୀ ଶକ୍ତି ଏଠି ଅଛି ସେଇ ଶକ୍ତିର ଗୋଲାମ ହିସାବରେ ସେମାନେ ଆସିଥିଲେ··· ତାହାହିଁ ସେମାନଙ୍କର ଅପରାଧ···ସେଇ ଶକ୍ତି ବିରୁଦ୍ଧରେ ଗରିଲାମାନେ ଯୁଦ୍ଧ କରୁଛନ୍ତି ।

ନା···ନା···ଆହୁରି ଗୁରୁତର ଅପରାଧ କରିଛନ୍ତି ଏମାନେ । କୁକୁର ବଲେଇଙ୍କୁ ମାରିଲା ପରି ଏମାନେ ଗୁଳିକରି ମାରିଛନ୍ତି ଅସଂଖ୍ୟ ଅହିଂସ ସେନାଙ୍କୁ ।

ଆଜି ସେଇ ଅପରାଧର ପ୍ରଥମ ଶାସ୍ତି ମିଳିଲା ସେମାନଙ୍କୁ ।

ତଥାପି ତା' ଅନ୍ତରରେ ଆନନ୍ଦ ନାହିଁ କାହିଁକି ? କାହିଁକି ଏ ଅପରାଧୀ-ଅନୁଭବ ବାରମ୍ବାର ତା' ମନ ଭିତରେ ଉଙ୍କୁଛି ? ନ୍ୟାୟ ପାଇଁ ଯୁଦ୍ଧ କରୁଥିବା ସେନା କ'ଣ ହତ୍ୟାକାରୀ ! ହିଁ···ହତ୍ୟାକାରୀ ! ହାତରେ ବନ୍ଧୁକ ନେଇ ଯୁଦ୍ଧ କଲେ ଏବଂ ବନ୍ଧୁକର ଲକ୍ଷ୍ୟ ଯଦି ନିର୍ଭୁଲ ହେଲା, ତେବେ ହତ୍ୟାକାରୀ ନହୋଇ ଆଉ ହେବେ କଣ ? ରେଲଲାଇନ ଭାଙ୍ଗି ଯଦି ରେଲଗାଡ଼ି ଓଲଟେଇ ଶହ ଶହ ମଣିଷଙ୍କୁ ମାରିଦିଆହେଲା, ତେବେ ହତ୍ୟାକାରୀ ହେବାକୁ ଆଉ ବାକି କ'ଣ ରହିଲା···ହଁ···ତ···ଠିକ୍ କଥା···ସେ ହତ୍ୟାକାରୀ···ଗୋପେଶ୍ୱର ହତ୍ୟାକାରୀ···ଧନପୁର ହତ୍ୟାକାରୀ—ମଧୁ ବି ।

ଏସବୁ କିନ୍ତୁ ପ୍ରୟୋଜନୀୟ ହତ୍ୟା···ଏପରି ହତ୍ୟା ନକଲେ ଦେଶ ସ୍ୱାଧୀନ ହୋଇପାରିବ ନାହିଁ । ମହତ୍ ଉଦ୍ଦେଶ୍ୟ ରଖି ଏସବୁ କରାଯାଇଛି ।

—"ଘୃଣ୍ୟ, ତୁ ପଥର ହୁଅ !" ବୋଲି ନିଜକୁ ନିଜେ କହିଲା ରୂପନାରାୟଣ ।—ଏହି ଆରମ୍ଭ ମାତ୍ର, ସ୍ତ୍ରୀ ପଛକୁ ରହିଛି ଆତ୍ମବେଦନା, ରହିଛି ବି ଅନ୍ତର୍ଦ୍ଦହନ·· ତା'ପରେ ସମାପ୍ତି ।

ତଥାପି ବିବେକ ଶାନ୍ତ ହୋଇନି । କାହାକୁ ନମାର ପ୍ରେମଶକ୍ତିରେ ଲକ୍ଷ୍ୟ ହୃଦୟକୁ ଜୟକଲେ ଅବା ତାର ଏ ଅପରାଧବୋଧ ଶାନ୍ତହୋଇପାରେ; କିନ୍ତୁ ତା' ସେ କରିପାରିଛି କେଉଁଠି ? ସମ୍ଭବ ବି ନୁହେଁ ।

ନିଜର ଦୁର୍ବଳତାକୁ ଢାଙ୍କିବା ନ୍ୟାୟରେ ରୂପନାରାୟଣ ଗୋସେଇଁଙ୍କୁ ଲକ୍ଷ୍ୟ କରି ପଚାରିଲା—"ମଣିଷ ନମାର କିଏ କେବେ ଯୁଦ୍ଧ କରିଛି ଏ ପୃଥିବୀରେ ?"

ଗୋସେଇଁ ଚଟ୍‌କିନା ଉତ୍ତର ଦେଲେ—"କାହିଁକି··ଗାନ୍ଧି ।"

କିନ୍ତୁ କିଛୁ କାଣ ଉଠିଲା ଗୋସେଇଁଙ୍କର । କୌଣସିମତେ କାଣଟାକୁ ଦବେଇ ନପାରି, ଯେତେଟା ସମ୍ଭବ ସରୁଗଳାରେ କାଶିଲେ ସେ । ଏ ସମୟରେ କାଶଟା ଠିକ୍ ନୁହେଁ । ମିଲିଟାରୀ ଲୋକ ନିଶ୍ଚୟ ଏଇ ପାହାଡ଼ ଖଣ୍ଡିକ ତଲ୍ଲାସ କରିବେ ।

ଆଉ କିଛି କହିଲା ନାହିଁ ରୂପନାରାୟଣ । ଗାନ୍ଧିଙ୍କ କଥା ପଡ଼ିଲେ ତାର ରାଗ ଚଢ଼େ । ଗାନ୍ଧି ମଣିଷଟି ସତ୍, ଦେବତା ସମାନ···କିନ୍ତୁ ମଣିଷର ମୁକ୍ତିଯୁଦ୍ଧ ଅହିଂସାରେ ହୋଇ-ପାରେନା ।···ତା' ହୋଇଥିଲେ ସ୍ୱାଧୀନ ହୋଇସାରନ୍ତାଣି ଏ ଭାରତ ଦେଶ ।···ଭାରତ ଯେ ସ୍ୱାଧୀନତା ପାଇନାହିଁ, ତାର କାରଣ ମହାତ୍ମା ଗାନ୍ଧୀ ନୁହନ୍ତି କି ? ସୁଭାଷବୋଷ ଠିକ୍ କଥା କହୁଛନ୍ତି । ଯୁଦ୍ଧ ଆମକୁ କରିବାକୁ ହିଁ ପଡ଼ିବ । ଜୟପ୍ରକାଶ, ଲୋହିଆ ଠିକ୍ ବାଟ ଦେଖେଇଛନ୍ତି···ଆମକୁ ସେଇ ଗରିଲାଯୁଦ୍ଧ ହିଁ କରିବାକୁ ପଡ଼ିବ ।

କିନ୍ତୁ···

ଏଇ 'କିନ୍ତୁ'ଟା ହିଁ ଯେତେ ସବୁ ଗଣ୍ଡଗୋଳ ଭିଆଉଛି ମନରେ । ଏଇ ଧ୍ୱଂସର ଲୀଳା ଦେଖିବା ପୂର୍ବରୁ ହିଂସାର ଆଦର୍ଶରେ ବେଶ୍ ଅବିଚଳିତ ଥିଲା ରୂପନାରାୟଣ । କିନ୍ତୁ ହିଂସା ଆନନ୍ଦ ଦିଏନା—ନହେଲେ ମନ-ପ୍ରାଣ-ହୃଦୟ ଏ ସମୟେ କାହିଁକି ଶୂନ୍ୟତା ଅନୁଭବ କରନ୍ତେ !···ଏଇ ମୁହୂର୍ତ୍ତିରେ କେହି ଯଦି ତାକୁ ସଦ୍ୟ କୋମଳ ଗୋଲାପଟିଏ ଦିଅନ୍ତା, ସେଥିରୁ ସେ ସୌନ୍ଦର୍ଯ୍ୟ ଖୋଜି ପାଆନ୍ତା ନାହିଁ···କାରଣ ସେଇ ଫୁଲପାଖୁଡ଼ାର ରଙ୍ଗ ତାହା ଏଇ ମଣିଷରକ୍ତ ସଙ୍ଗେ ସମାନ । ସେ ଯଦି ଏବେ ନିର୍ମଳ ମନ ନେଇ ଗୋଧୂଳିର ସୂର୍ଯ୍ୟାସ୍ତର ରକ୍ତିମ ଆଭା ଉପଭୋଗ କରିବାକୁ ଚାହାନ୍ତା, ତା'ବି କରିପାରନ୍ତା ନାହିଁ; କାରଣ ବଧ କରିଥିବା ସେନାମାନଙ୍କର ରକ୍ତର ରଙ୍ଗ ସହିତ ସେ ରଙ୍ଗରେ ସାମଞ୍ଜସ୍ୟ ଅଛି ।···ଠିକ୍ ଅଛି, ନପାରିଲେ ନପାରୁ—ସେଥିରେ କଣ ଅଛି । ହୁଏତ ତା ମନର ସୂକ୍ଷ୍ମ ସୌନ୍ଦର୍ଯ୍ୟବୋଧ ହଜିଯିବ···କିନ୍ତୁ ଭବିଷ୍ୟତର ଭାରତୀୟ ନାଗରିକମାନଙ୍କ ମନରୁ ସେ ଭାବ ତ ହାନି ହେବ ନାହିଁ ! ସେମାନେ ଯୁଦ୍ଧ ଦେଖିବେ ନାହିଁ; ମାତ୍ର ଯୁଦ୍ଧହୀନ ଅହିଂସାକୁ ହସିବେ ସେମାନେ···ସେମାନେ କଥା କହିବେ, ଗାଇବେ···ନାଚିବେ···ପ୍ରେମ କରିବେ···

ତଥାପି ବିବେକ ମାନୁନି ରୂପନାରାୟଣରେ···ଠିକ୍ ତ ଗାନ୍ଧି ସେଇକଥା କହୁଛନ୍ତି

ଆମକୁ—ଏବେ ଏଇ ମୁହୂର୍ତ୍ତିରୁ ହିଂସା ତ୍ୟାଗ କର—ଆରମ୍ଭ କର ପ୍ରେମର ସଂଗ୍ରାମ, ଏଇ ମୁହୂର୍ତ୍ତିରୁ ।

ଅସମ୍ଭବ !

ଗାନ୍ଧିଜୀ ମହାନ୍ । କିନ୍ତୁ ଜଣେ ମହାନ୍ ହେଲେ ବାକି ସଭିଏଁ ମହାନ୍ ହୋଇଯାଆନ୍ତି କି ?

କିନ୍ତୁ···ସେଥିରେ ପୁଣି 'କିନ୍ତୁ'—କୌଣସି ଉତ୍ତର ଖୋଜି ପାଇଲା ନାହିଁ ରୂପନାରାୟଣ । କ'ଣ ଉତ୍ତର ଦେବ ସେ ଗୋସେଇଁଙ୍କୁ ?···ଗାନ୍ଧିଙ୍କ ଯୁକ୍ତିକୁ ଖଣ୍ଡନ କରାଯାଇପାରେନା; କିନ୍ତୁ ପୃଥିବୀର ଇତିହାସକୁ ଖୋଲାଇଲେ ଜଣାଯାଏ ଯେ ଫ୍ରାନ୍ସ, ରୁଷିଆ, ଚୀନ, ଯୁଗସ୍ଲୋଭିଆ, ବର୍ମା—ଏ ସବୁଠି ଲୋକେ ହିଂସାତ୍ମକ ବିପ୍ଳବ ହିଁ କରିଛନ୍ତି; କାରଣ ଶୂନ୍ୟହାତରେ, ମିଠା ମୁହଁରେ ଅସହଯୋଗ ଆନ୍ଦୋଳନ କରି ଶୋଷକ-ଶ୍ରେଣୀକୁ କ୍ଷମତାଚ୍ୟୁତ କରାଯାଇପାରେନା । ଏସବୁର ଦୃଷ୍ଟାନ୍ତ ଭାସିଯାଉଚି ରୂପନାରାୟଣର ଆଖି ଆଗରେ । ସେ କହିଲା—"ଗାନ୍ଧି ଯେଉଁ ଯୁଦ୍ଧ ପାଇଁ ଡାକରା ଦେଉଛନ୍ତି, ସେ ଯୁଦ୍ଧ କେବଳ ଆଦର୍ଶସ୍ଥାନୀୟ । ବାସ୍ତବରେ କଣ ଘଟୁଛି ଆଖିଖୋଲି ଦେଖୁ ନାହାନ୍ତି । ପ୍ରତିଟି ମଣିଷ ଗାନ୍ଧିଙ୍କ ଭଳି ସାହସୀ ହୋଇ ଅହିଂସ ସୈନିକ ହେବା ସମ୍ଭବ ନୁହେଁ । ତେଣୁ ଆମେ ଯାହା କରୁଛେ, ତାକୁ ଛାଡ଼ିଦେଲେ ଭାରତ ମୁକ୍ତିର ପଥ ଆଉ ନାହିଁ ।"

ଗୋସେଇଁ ହଠାତ୍ କିଛି କହିଲେ ନାହିଁ । ଇତିହାସ ପ୍ରତି ସେ ସେତେଟା ସଚେତନ ନୁହନ୍ତି ।

ସେ ବୈଷ୍ଣବପନ୍ଥୀ । ମଣିଷରକ୍ତର ଦାଗ ହାତରେ ଧରି ସେ ନିଜ ବିବେକକୁ କାଣିଚୁଏ ବି ବୁଝେଇପାରୁନାହାନ୍ତି···ଯତ ଜୀବ ତତ ଶିବ । ତେବେ ଦୁର୍ବଳତା ପ୍ରକାଶ କରିବାର ସମୟ ଏ ନୁହେଁ । ବର୍ତ୍ତମାନ ଆତ୍ମରକ୍ଷା କରିବାର ସନ୍ଧିସନ୍ଧ ମୁହୂର୍ତ୍ତ ଉପସ୍ଥିତ—ଦେହଟାକୁ ସୁସ୍ଥ କରିବା ସମୟ ଉପସ୍ଥିତ । ଦେଖିବାକୁଗଲେ ଅଧାଅଧି ମରିଗଲାଣି ଦେହଟା ଅଣ୍ଡାରେ ···ପୁଣି ଏ ବ୍ୟୁହଭେଦ କରିବାକୁ ଅଛି···ଗୋଟେ ପାଖେ ମିଲିଟାରୀ ବ୍ୟୁହ, ଆଉ ଗୋଟେ ପାଖରେ ଶଇକିଆର ବ୍ୟୁହ—ଏ ବ୍ୟୁହ ଭେଦକରି ଖସିଯାଇପାରିଲେ ହିଁ ଏସବୁ ଆଲୋଚନା କରାଯାଇପାରିବ । ତେଣୁ ବହୁତ ଭାବିଚିନ୍ତି ସେ ରୂପନାରାୟଣକୁ କହିଲେ—"ଅହିଂସା ଯୁଦ୍ଧ କରାଯାଇପାରିବନି ବୋଲି ମୁଁ କହିବନି···କରାଯାଇପାରେ । ଆମେ କରିପାରି ନାହୁଁ । ରକ୍ତର ଦାଗରେ ହାତକୁ କଳୁଷିତ କରିଲେ ଆମେ···ଏବେ ଚୁପ୍ ରହିଯିବା ଭଲ ।"

ଚୁପ୍ ରହିଯିବା ଭଲ ବୋଲି କହିଲେ ସିନା, ମନ କିନ୍ତୁ ଚୁପ୍ ରହିପାରୁନି ଗୋସେଇଁଙ୍କର —ଅନବରତ ବିବେକ ସହିତ ଯୁଦ୍ଧ କରିଚାଲିଛି ।

× × × ×

ପ୍ରାୟ ଅଧଘଣ୍ଟା ଚାଲିବା ପରେ ସେ ଦୁହେଁ ଯାଇ ସେଇ ପଥର ଉପରେ ପହଞ୍ଚିଲେ । ଦେଖିଲେ ସେଠି ଦଧି ଏକା ଅଛି । ବିଚରା ଅଚୁଚି ଗୋଟାପଣେ ଉଦ୍ବେଗ କାତରଟାରେ ।

ଏମାନଙ୍କୁ ଦେଖି ସେ ଠିଆହେଲେ ବଡ଼ କଷ୍ଟରେ ଏବଂ କହିଲେ—"ଆମ୍ଭମାନେ ଝୁଲିଗଲେଣି । ଆପଣମାନେ କ'ଣ କରିବାକୁ ବସିଛନ୍ତି ?"

ରୂପନାରାୟଣ ଠିକ୍ ବୁଝିପାରିଲା ଦଧି ପ୍ରଶ୍ନର ମର୍ମ । ସେ ଠିକ୍ ବୁଝିପାରିଛି ଯେ ଏ ପ୍ରଶ୍ନ ଗୁମ୍ଫାରେ ରହିବା ନରହିବା ବାବଦରେ ପ୍ରଶ୍ନ । ସେ ତେଣୁ କହିଲା—"ଏଇଠି ରହିଗଲେ ଭଲହେବ । ଅବସ୍ଥା ଟିକିଏ ଭଲଆଡ଼କୁ ଗଡ଼ିକଲେ ଏଠୁ ବାହାରିବା । ବର୍ତ୍ତମାନ ସେ ପଟର ଅବସ୍ଥା କ'ଣ ତା' ତ ଜଣାପଡ଼ୁନି । ଯଦି ଶତ୍ରୁଆ ତା' ଜାଲ ବିଛେଇଦେଲେଣି, ତେବେ ତ ଏ ସବୁ କାଟି ଯିବା କଷ୍ଟ ହେବ ।"

ଦଧି କହିଲା—"ଗୁମ୍ଫାଟା ଭିତରେ କେଉଁ ଉପାୟରେ ରହିପାରିବେ ନା ? ଏଠି ଯେ କିଛି ନାହିଁ··· !"

ଜୋସେଫଙ୍କ ଭିତରେ ଗୋସେଫ ନଥିଲେ ସେତେବେଳେ । ଅଦମ୍ୟ କାଶଟା ବାରମ୍ବାର ଉଠୁଥିଲା । ମୁଣ୍ଡ ଗରମ ହେଇଗଲାଣି । ସେ କେବଳ ସେଁ ସେଁ ଫେଁ···ଫେଁ ହେଇ କହିଲେ—"ନିଆଁ ଟିକେ ଧରେଇ ଦେଇ ପାରିବ ଦଧି ? ଖୁବ ଭଲହୁଅନ୍ତା । ଏ ଦେହଟାରେ ଆଉ କିଛି ନାହିଁ । ମନଟା ଲାଗିଛି କୌଣସିମତେ···କୋଉ ମୁହୂର୍ତ୍ତରେ ଫୁର୍‌କିନା ଉଡ଼ିଯିବ ଆତ୍ମାଟା···"

ବଡ଼ ଚିନ୍ତିତ ହୋଇପଡ଼ିଲା ଦଧି । କହିଲା—"ନିଆଁ ଧରେଇଦେଇପାରିବ ଯେ··· କିନ୍ତୁ ନିଆଁ ଜଳେଇବା ଅର୍ଥ ଶତ୍ରୁକୁ ବିଜ୍ଞାପନ ଦେବା ।"

—"ହଁ ତା'ବି ସତ ।···ମୁଁ କିନ୍ତୁ ଏଠୁ ଆଉ ପାଦେ ବି ଆଗେଇପାରିବିନାହିଁ । ମୋତେ ଏଇଠି ଛାଡ଼ିଦେଇଯାଅ···।"

ରୂପନାରାୟଣ କହିଲା—"ଏଠି ଆପଣଙ୍କୁ ଛାଡ଼ିବୁଁ କାହିଁକି ? ବରଂ ଚାଲନ୍ତୁ ଗୁମ୍ଫାକୁ ଯିବା । ସେଠି ହବ ଯଦି ନିଆଁଟିକେ ଧରେଇବା । ସେଠି ରହିଲେ···" କହୁ କହୁ ଅଧାରେ ରହିଗଲା ରୂପନାରାୟଣ ।

ହଠାତ୍ ଅଧମାଇଲ ଦୂରରୁ ଗୋଟେ କୁକୁର ଭୁକିବା ଶୁଭିଲା—ଭୋ···ଭୋ । ତିନିହେଁ ସେଇ ଶବ୍ଦକୁ କାନେଇଲେ । ଅନେକ ସମୟ ଯାଏ ସେମାନେ କିଛି ବୁଝିପାରିଲେ ନାହିଁ । ନୀରବରେ ଠିଆ ହୋଇ ରହିଲେ କିଛି ସମୟ । ହଠାତ୍ ରୂପନାରାୟଣର ଭିତରେ କଣ ଗୋଟେ ବିଜୁଳି ଭଳି ଖେଳିଗଲା । ସେ କହିଲା—"ଏବେ ବୁଝିପାରିଲି···ରହିମ ଥାନାରେ ଶତ୍ରୁଆର ଗୋଟେ ମସ୍ତବଡ଼ ଆଲ୍‌ସିସିଆନ୍ ଅଛି । ବଡ଼ ସିଆଣିଆ କୁକୁରଟା । ଏବେ ଆମକୁ ପଳେଇବା କଥା ହିଁ ଭାବିବାକୁ ହେବ ।"

ଦଧି କହିଲା—"ପଳେଇବାକୁ ସେଇ ଗୋଟିଏ ବାଟ । ଆଉ···"

ରୂପନାରାୟଣ ଟିକିଏ ରାଗିଯାଇ କହିଲା—"ଅନ୍ୟ ବାଟ ବାହାର କରିବାକୁ ହିଁ ପଡ଼ିବ—ନହେଲେ ହାତେ ହାତେ ଧରାପଡ଼ିଯିବା । ଚାଲ···"

ଦଧି କହିଲା—"ଗୁମ୍ଫା କଡ଼ରେ ଯୋଉ ଝରଣାଟା, ତାର ଭିତରେ ଭିତରେ ଯାଇ କାଲିଂରେ ଉଠାଯାଇପାରେ; କିନ୍ତୁ ସେ ପାଖରେ ମିଲିଟାରୀ ଭରପୂର···ତେଣୁ ସେଇଠୁ

ଆମକୁ ଜଲ୍‌ଦି କଡ଼େ କଡ଼େ ଆଗେଇବାକୁ ହେବ । କିନ୍ତୁ ସିବା କୁଆଡ଼କୁ ?···ଯେମିତି ଲାଗୁଛି ପୂରାପୂରି ଜାଲରେ ପଡ଼ିଲେଣି··· ।"

ଖୁବ୍ ଗମ୍ଭୀର ହୋଇଗଲା ରୂପନାରାୟଣ । ତା'ପରେ କହିଲା—"ତା ହେଲେ ଆଉ କିଛି ଉପାୟ ନାହିଁ, ଗୋସେଇଁ ?" ଗଳାଟା ଶୁଖିଲା ଜଣାପଡ଼ୁଥିଲା ରୂପନାରାୟଣର ।

ଗୋସେଇଁ କହିଲେ—"ଅଛି···ମାତ୍ର ଗୋଟେ ଉପାୟ ଅଛି ।"

—"କି ଉପାୟ ?" ପଚାରିଲା ରୂପନାରାୟଣ ।

—"ମୋତେ ଏଠି ଛାଡ଼ି ତୁମେମାନେ ଚାଲିଯାଅ । ଦଧି ଯୋଉ ବାଟ କଥା କହୁଚି ସେଇ ବାଟରେ ଯାଇ ଜଲ୍‌ଦିରେ ଉଠିବ । ମୁଁ ଏଇ କୁକୁରଟାକୁ ମାରିବ । ତା'ପରେ ଯଦି ପାରିବ ଫେରିବ—ନହେଲେ ଏଇ ଆମର ଶେଷ ଦେଖା···ଘ୍ୟା ଛଡ଼ା ଆଉ କିଛି ବାଟ ନାହିଁ । ତିନିହେଁ ମରିବା ଅପେକ୍ଷା ଦୁଇଜଣ ପଳେଇଯିବା ଭଲ ।"—କହି ବନ୍ଧୁକଟିକୁ କାନ୍ଧରୁ ଖସେଇନେଲେ ଗୋସେଇଁ ।

ଦଧି କହିଲା—"ଏ କଣ କହୁଚନ୍ତି ଆପଣ ? କେତେଟା ଲୋକ ଆସୁଥିବେ ସେମାନଙ୍କର ? ଏଠିତ ଏତେ ବନ୍ଧୁକ ଅଛି—ସେମାନଙ୍କୁ ମାରି ଶେଷକରିଦବା । ତା'ପରେ ସମସ୍ତେ ପଳେଇଯାଇପାରିବା ।"

ଗୋସେଇଁ ରୂପନାରାୟଣକୁ ଲକ୍ଷ୍ୟକରି ପଚାରିଲେ—"ତୁମେ କଣ କହୁଚ ରୂପ ?"

ରୂପନାରାୟଣ କହିଲା—"ଦଧି ପିଲାଳିଆ କଥା କହୁଚି । ସେମାନେ ନିଶ୍ଚୟ ଗୋଟେ ଦିଟା ଆସୁନାହାନ୍ତି—ଦଳେ ଆସୁଚନ୍ତି । କେବଳ ପୋଲିସ ନୁହଁନ୍ତି, ମିଲଟାରି ଲୋକ ବି । ସାଥିରେ ଲୟୁରାମ ବି ଆସୁଥାଇପାରେ—ଅବଶ୍ୟ ଏହା ମୋର ଅନୁମାନ—ଆସୁନଥାଇ ବି ପାରେ । କିନ୍ତୁ ରେଲଗାଡ଼ି ଓଲଟିବା ଶବ୍ଦ ସେମାନେ ଶୁଣିଚନ୍ତି । ତେଣୁ ତାଙ୍କର ସନ୍ଦେହ ନହେବାର କାରଣ ନାହିଁ । ଗୋସେଇଁଙ୍କ ଚିନ୍ତାଧାରା ଠିକ୍ । ତିନିଜଣଯାକ ବଞ୍ଚିପାରିବାନାହିଁ । ଏଣୁ ଆମ ଭିତରୁ ବାଛିବାକୁ ହେବ । ମୁଁ ଭାବୁଚି ମୁଁ ଏଠି ରହିଲେ ଭଲହେବ, ତୁମେ ଦୁହେଁ ପଳାଅ ।"

ଗୋସେଇଁ ହସିବାକୁ ଚେଷ୍ଟାକଲେ; କିନ୍ତୁ ପାରିଲେ ନାହିଁ । ସେ ଦଧିକୁ ପଚାରିଲେ— "କଣ କହୁଚ କହ ଦଧି ?"

ଗୋଟାପଣେ ଝାଲେଇଗଲାଣି ଦଧି । ଠିକ୍ ଜର ହେଲେ ଯେମିତି ଝାଳ ବହେ ସେମିତି ବହୁଚି । ଏଭଳି ଏକ ପରିସ୍ଥିତିରେ ତାର କଣ କରିବା ଉଚିତ ? ବୃହତ୍ତର ସ୍ୱାର୍ଥଦୃଷ୍ଟିରୁ ଗୋସେଇଁ ଏବଂ ରୂପନାରାୟଣ ଉଭୟଙ୍କ ଜୀବନର ସମାନ ମୂଲ୍ୟ ଅଛି । ଏଇ ତିନିଜଣଙ୍କ ଭିତରୁ କେବଳ ତାର ଜୀବନଟାର ମୂଲ୍ୟ କମ୍ । ଏଣୁ ସେ ହିଁ ସେଠି ରହିଯିବା ଉଚିତ । ···ବୁକୁରେ ସାହସ ବାନ୍ଧି ସେ କହିଲା—"ଗୋଟେ କଥା ଗୋସେଇଁ ମାହାପୁରୁ ! ଆପଣ ଦୁଇଜଣଙ୍କର ଜୀବନ ବଡ଼ ମୂଲ୍ୟବାନ୍ । ଆପଣ ଦୁହେଁ ଯେମିତି ହେଉ ବଞ୍ଚିରହନ୍ତୁ । ମୁଁ ଏଇଠି ରହିଯାଉଚି । ତା' ଛଡ଼ା, ଲୟୁରାମ ଯଦି ଏମାନଙ୍କୁ ବାଟ କଢ଼େଇ ଆଣୁଚି,

ତେବେ ସେଇଟା ମୋ ଦୋଷରୁ ଘଟିଛି । ଅନ୍ତତଃପକ୍ଷେ ମୁଁ ତାକୁ ମାଗଦେଇ ପାରିବି, ଏଇଠି ।”

ପୁଣି କିଛିଏ ପରେ କୁକୁରର ଭୌ-ଭୌ ଶବ୍ଦ ଶୁଭିଲା । ଗୋସେଇଁ କହିଲେ—“ରୂପନାରାୟଣ, ଦେଖ, ତୁମେ ବୁଝିବ ଶୁଣ । ଲଷ୍କରମ ଆସିପାରେ—ନଆସି ବି ପାରେ; କିନ୍ତୁ ତା’ ବାଟକୁ ଚାହିଁବସିବା ଲୋକ ଅନ୍ତତଃ ଶଇକଆ ନୁହେଁ । ଲଷ୍କରମ ଉପରେ ମୋର ଏବେ ବି ବିଶ୍ୱାସ ଅଛି । କିନ୍ତୁ ପ୍ରଶ୍ନ ହେଉଚି—ଆମ ଭିତରୁ ଯିଏ ହେଲେ ଜଣେ ମରିବାକୁ ବାଧ୍ୟ । ଉପାୟ ନାହିଁ । ଆଉ କିଏ ମରିବ, ସେକଥା ବିଚାର କରିବା ଭାର ମୋର । ମୁଁ ଦଳପତି ।…ଏମିତି ତ ମୋ ପ୍ରାଣବାୟୁ ଉଡ଼ିଯିବାକୁ ବସିଲାଣି । ଶ୍ୱାସଟା ଯୋଗୁଁ ଛାତିଟା ଫାଟିଯିବାପରି ଲାଗୁଚି । ହୃତ୍‌ପିଣ୍ଡଟା ଚାଲୁଚି ନା ନାହିଁ ଜାଣି ହେଉନି । ତେବେ ଖୁବ୍ ଶୀଘ୍ର ବନ୍ଦ ହେଇଯିବାର ଆଶଙ୍କା ରହୁଚି । ଯା’ଠାରୁ ବଡ଼ କାରଣ ହେଉଚି, ମୋ ମନଟା ଦବିଯାଇଚି । ଏଇ ହାତରେ ମଣିଷ ରକ୍ତ ଲାଗିଚି । ଏହା ମୁଁ ବରଦାସ୍ତ କରିପାରୁନି । ବିବେକଟା ମୋର ବଡ଼ ବିକଳ ହେଉଚି । ଅସଲ କଥା, ମୋ ମନରେ ବର୍ତ୍ତମାନ ନୈତିକ ଦ୍ୱନ୍ଦ୍ୱ ଉପୁଜିଚି । ମିଛକଥା କହି ଲାଭ ନାହିଁ—ମୁଁ ପ୍ରକୃତରେ ଅହିଂସା-ଯୁଦ୍ଧକୁ ଭଲପାଏଁ । ଅହିଂସା-ଯୁଦ୍ଧ ହିଁ ପ୍ରକୃତ ଯୁଦ୍ଧ ।…ଛାଡ଼, ସେସବୁ ଏବେ କହି କିଛି ଲାଭ ନାହିଁ ।…ଏଣେ ଗୁଳିଠାରୁ ଦେହଟା ମୋର ମରିବାକୁ ବସିଲାଣି । ମୁଁ ନିଶ୍ଚୟ ବାଟରେ ମରିଥା’ନ୍ତି—ଅବଶ୍ୟ ଦୈହିକ ମରଣ—ନୈତିକ ମରଣ ନୁହେଁ । ତୁମେମାନେ ବୁଝିପାରିବନି । ମୁଁ ପ୍ରତିଜ୍ଞାଭଙ୍ଗ କରୁନାହିଁ । ବିପ୍ଳବର ଗତି ମଧ୍ୟ ଧୀର କରୁନାହିଁ । କର୍ତ୍ତବ୍ୟରେ ଅବହେଳା କରୁନାହିଁ । ଦଳପତିର ଶେଷ କର୍ତ୍ତବ୍ୟ ମୁଁ ନିଶ୍ଚୟ କରିବି । ତୁମେମାନେ ଯାଅ—ତୁମେମାନେ ବଞ୍ଚି ଯାଅ । ତୁମେମାନେ ଯାଇ ଅନ୍ୟମାନଙ୍କୁ ଭେଟି କହିବ—ଦଳପତିର ଆଦେଶ, ବିପ୍ଳବକୁ ଚଳେଇରଖ ।—ଧନପୁର ବଞ୍ଚିଚି ନା ନାହିଁ କହିପାରୁନି; କିନ୍ତୁ ଧରାପଡ଼ିବା, ମରିବା, ବଞ୍ଚିବା—ଏ ସବୁ ତ ଆମପାଇଁ ଦୈନନ୍ଦିନ ଘଟଣା—ଘଟିବ ନିଶ୍ଚୟ…ଘଟୁ । କିନ୍ତୁ ଦଳପତିର ଏ ଯେଉଁ ଦୁର୍ବଳତା ସେମାନେ ଅନ୍ତତଃ ସେଇ ଦୁର୍ବଳତାରୁ ନିଜକୁ ମୁକ୍ତ କରନ୍ତୁ ।…ଏବେ ଯାଅ…ଈଶ୍ୱରଙ୍କ କୃପାରୁ କାମଟା ସୁରୁଖୁରୁରେ ହେଇଗଲା । ଆଉ ଗୋଟାଏ କାମ ପାଇଁ ସେମାନେ ଅପେକ୍ଷା କରିଛନ୍ତି ।…ହଁ, ଗୋଟେ କଥା ମନରେ ରଖିବ—ଗୋସେଇଁଆଣୀଙ୍କର ପୁଅ ହେଉ ଅବା ଝିଅ ହେଉ, ଅବଶ୍ୟ ଏମାନେ ଯଦି ତାକୁ ଏଯାଏଁ ବଞ୍ଚେଇରଖିଛନ୍ତି, ତୁମେମାନେ ତାର ଦାୟିତ୍ୱ ନେବ । ମଧୁକୁ କହିବ, ସେ ମଠଟା ଚଳେଇନବ ।…ଆଛା, ଯାଅ ଏଥର, ଆଉ କଥାର ସମୟ ନାହିଁ—ଯାଅ ।”

ସତେ କି କୌଣସି କାହାଣୀର ବୀରପୁରୁଷଙ୍କ ଭାଷଣ ଶୁଣୁଥିଲା ରୂପନାରାୟଣ । ସେ ଠିକ୍ ବୁଝିପାରିଲା ଯେ ଗୋସେଇଁଙ୍କର ଏଇ କଥାଗୁଡ଼ିକ ବେଶ୍ ଯୁକ୍ତିସଙ୍ଗତ ଏବଂ ଅକାଟ୍ୟ । ଦଳପତିଙ୍କ ଆଦେଶକୁ ମାନିନବାଟା ସେମାନଙ୍କର କର୍ତ୍ତବ୍ୟ । ଗୋଟିଏ ବନ୍ଧୁକ ଦେଖି ହାତକୁ ବଢ଼େଇଦେଇ ରୂପନାରାୟଣ ଗୋସେଇଁଙ୍କର ବନ୍ଧୁକରେ ଗୁଳି ଅଛି କି ନାହିଁ ଖବର ନେଲା । ଯିବା ପୂର୍ବରୁ ସେ ଗୋସେଇଁଙ୍କୁ କହିଲା—“ଆପଣଙ୍କ କଥା ସର୍ବଦା

ମନରେ ରହିବ । ଆମେ କଦାପି ବିପ୍ଳବକୁ ଛାଡ଼ିବୁ ନାହିଁ ।"

ଦଧି ଆଖିରୁ ଲୁହ ଝରିଲା । ସେ କହିଲା—"ଆପଣ ଏ କଣ କଲେ ମୁଁ ବୁଝିପାରୁନି… ।"

ଗୋସେଇଁ କହିଲେ—"ସବୁ ଦଳପତି ଯାହା କରନ୍ତି ମୁଁ ସେୟା ହିଁ କରିଛି । ତୁମେମାନେ ବଞ୍ଚିରହି, କାମ କର, ମୋ ପାଇଁ ଦୁଃଖ କରନା । ମୁଁ ମୋ କାମ କଲି । ଏବେ ଯାଅ… ଆଉ ଡେରି କଲେ ସର୍ବନାଶ ।"—ଶରୀରର ସମସ୍ତ ଶକ୍ତି ପ୍ରୟୋଗକରି ଏଇ କେଇପଦ କଥା କହିଲେ ଗୋସେଇଁ । ତା'ପରେ ବନ୍ଧୁକଟିକୁ ଧରି ତଳମୁହାଁ ହୋଇ ଶୋଇରହିଲେ ସେଇଠି ।

ରୂପନାରାୟଣ ଓ ଦଧି ଗୋସେଇଁଙ୍କୁ ପ୍ରଣାମ ଜଣାଇଲେ ଏବଂ ତା'ପରେ ଓହ୍ଲେଇଗଲେ ପଥର ତଳଆଡ଼କୁ । ଆକାଶର ଦ୍ୱିତୀୟା ଜହ୍ନଟା ଥରିଥରି ଖସିବ ଖସିବ ହେଉଥିଲା ସେତେବେଳକୁ । ଭ୍ରମ…କିଛି ସଠିକ୍ ଭାବେ ଭାବିପାରୁନଥିଲା ରୂପନାରାୟଣ । ଗୋସେଇଁଙ୍କର ଏଇ ଚରମ ଆତ୍ମତ୍ୟାଗର ନିଦର୍ଶନ ତାର ଚିନ୍ତାଧାରାକୁ ଓଲଟପାଲଟ କରିଦେଇଛି ।…ଦଧି ନୀରବ । ବିଷାଦ ତାର ବ୍ୟକ୍ତିଗତ । ମାୟଂରେ ଆଉ ଗୋସେଇଁ ରହିବେନାହିଁ ।

କୁକୁରର ଭୋ-ଭୋ ଶବ୍ଦ କ୍ରମଶଃ ନିକଟରୁ ନିକଟତର ହେଲା । ଗୋସେଇଁଙ୍କ ଦେହ ବି କ୍ରମେ କ୍ରମେ ଅବଶ ହୋଇପଡ଼ୁଥିଲା । ହଠାତ୍ ଗୋଟେ ଅଶୁଭ ପଶୁର କାନ୍ଦଣା ପଡ଼ିଲା ପରି ତାଙ୍କୁ ଲାଗିଲା ।…ଏଁ…ଭ୍ରମ ନୁହେଁ ତ ?…ଉହୁଁ…ଠିକ୍ ତ, ଏ ତ ଗୋସେଇଁଆଣୀଙ୍କ କାନ୍ଦଣା—ଆଦୌ ଭ୍ରମ ନୁହଁ—ଭ୍ରମ ହେବାର କାରଣ ବା କଣ ? ଏଇ ତ ସଂସାର ! ବିଚିତ୍ର…ଅଥଚ ବୈଚିତ୍ର୍ୟହୀନ ।…ନିଜର କାମ ସେ କଲେ । ସ୍ତ୍ରୀଙ୍କୁ କିଛି ଦେଇପାରିଲେନାହିଁ ।…କିଏ ଅବା କାହାକୁ କ'ଣ ଦେଇଯାଏ ?…ଏସବୁ ମାୟା …ମାୟା… । ସଂସାରରେ ଅଛି କେବଳ କର୍ତ୍ତବ୍ୟ—କଠୋର…ଅଲଂଘନୀୟ କର୍ତ୍ତବ୍ୟ । ସେଇ କର୍ତ୍ତବ୍ୟର ପରୀକ୍ଷାରେ ସେ ଉତ୍ତୀର୍ଣ୍ଣ ହୋଇଛନ୍ତି ।…ଆହୁରି ହିଂସା…ହଁ, ଦେଶ ପାଇଁ ଏ ପରି କିଛି ଦୂଷଣୀୟ ନୁହେଁ । ଇତିହାସ ଏମାନଙ୍କୁ କ୍ଷମାକରିବ…କିନ୍ତୁ ! କିନ୍ତୁ ନିଜର ଧର୍ମପ୍ରାଣ ବିବେକ କ୍ଷମା କରୁନି । ମଣିଷ ମାରିବାଟା ମନ୍ଦ । ମଣିଷରକ୍ତରେ ମଣିଷ କେବେ ସାମ୍ୟମନ୍ଦିର ଗଢ଼ିପାରେନା ।…ଯାହାବି ହେଉ, ସେ କିଛି ଭୁଲ୍ କରିନାହାନ୍ତି… । ସ୍ୱୟଂ ଶ୍ରୀକୃଷ୍ଣ ବି ବେଳେବେଳେ ସୁଦର୍ଶନ ଚକ୍ରକୁ ଧରିବାକୁ ବାଧ୍ୟହୋଇଥିଲେ । କେତେବେଳେ ଦୁଷ୍ଟ ଦମନ ସକାଶେ ହିଂସାର ଆବଶ୍ୟକତା ଅଛି, କିନ୍ତୁ…

ଖୁବ୍ ନିକଟରେ ଶୁଣାଗଲା ସେଇ କୁକୁରର ଭୋ-ଭୋ-ଭୋ ଚିତ୍କାର । ବନ୍ଧୁକ ସଳଖେଇ ନେଲେ ଗୋସେଇଁ ।

□□□

ଏଗାର

"—ତୁମକୁ ଯାଅ ବୋଲି କହିଲିନା, ଯାଉନ କାହିଁକି ?"—ଯନ୍ତ୍ରଣା-ବିଧୁର ଧନପୁର କୌଣସିମତେ କହିଲା ଏତିକି। ବେଳୁବେଳ ଯନ୍ତ୍ରଣା ବଢ଼ି ଚାଲିଛି । ଗୋଡ଼ରୁ ଝରିଚାଲିଛି ରକ୍ତର ଝରଣା ।

ଧନପୁରର ଏ ଘୋର ଯନ୍ତ୍ରଣାକୁ ଲାଘବ କରିବା ସକାଶେ ଉପାୟହୀନ ଜୟରାମ ମନ୍ତ୍ରପାଣି ଦବାକୁ ଭାବୁଥିଲା।···କି ମନ୍ତ୍ର ସେ ପଢ଼ିବ ? କୁମନ୍ତ୍ରକୁ କାଟିବା ସକାଶେ କରଡ଼ମନ୍ତ୍ର ଦରକାର । ସବୁ ମନ୍ତ୍ର ସେ ମୁଖସ୍ଥ କରିଛି ।···ଜୟ ଜୟ କରଡ଼···ମହା କରଡ଼···କୁମନ୍ତ୍ର, କୁଜ୍ଞାନ କାଟ···କାଟି କାଟି ପାଣି କର···ଗଣ୍ଡ, ଗଣ୍ଡ, ମହାଗଣ୍ଡ··· ଚକେ କାଟି କର ଖଣ୍ଡ ଖଣ୍ଡ···ଅନନ୍ତ ବ୍ରହ୍ମା··· । ···କିନ୍ତୁ ଧନପୁରର ରୋଗ ପାଇଁ ଏ ମନ୍ତ୍ର କାଟ୍‌କରିବନାହିଁ···ଆଘାତଟା ଅସ୍ତ୍ରର ଆଘାତ···ହଠାତ୍ ତାର ମନେପଡ଼ିଲା ରକ୍ତ ବନ୍ଧକରା ମନ୍ତ୍ର···"ଛୁଞ୍ଚା ପୋଖରୀର ଅଛୁଞ୍ଚା ପାଣି, ବ୍ରହ୍ମାଦେଲେ ପୋଖରୀ ଖୋଳି, ସେଇ ପୋଖରୀରେ ପ୍ରକ୍ଷାଳି ପାଦ···" ଇତ୍ୟାଦି ଇତ୍ୟାଦି···

ଗୋଟେ ସାରୁପତ୍ରରେ ନଈପାଣି ଟିକିଏ ନେଇ ରକ୍ତ ବନ୍ଧ ମନ୍ତ୍ର ଫୁଙ୍କିବାକୁ ଭାବୁଥିଲା ଜୟରାମ; କିନ୍ତୁ ଧନପୁରକୁ ଦେଖି ସେ ଅଟକିଗଲା । ଧନପୁରର ସାରାଟା ଦେହ ଯନ୍ତ୍ରଣାରେ ଜର୍ଜ୍ଜରିତ । ଅନେକ ରୋଗ ତାକୁ ଯାତନା ଦେଉଛନ୍ତି । ଏପରି ସମୟରେ ସର୍ବତାରକମନ୍ତ୍ର ହିଁ କାଟିବ । ସର୍ବବ୍ୟାଧି ପାଇଁ ପାଶୁପତ ଅସ୍ତ୍ର ଇଏ··· । ପାଣିଟିକକରେ ଆଙ୍ଗୁଳି ବୁଲେଇ ବୁଲେଇ ଫୁଟ୍‌ରୁ ଫୁଟ୍‌ରୁ ହେଇ ମନ୍ତ୍ର ଗାଇବା ଆରମ୍ଭ କଲା···

ଠିକ୍ ଏହି ସମୟରେ ଧନପୁରର କଥା ଶୁଣି ସେ ଦବିଗଲା ।

ଗୋଟେ ଗଛକୁ ଜାବୁଡ଼ିଧରି ଧନପୁର କହୁଥିଲା—"ତୁମେ ବି ଯାଅ । ମନ୍ତ୍ର ପଢ଼ି ଲାଭ କିଛି ନାହିଁ । ମୋ ଦେହକୁ ମାଷ୍ଟରଙ୍କ ମନ୍ତ୍ର କାଟିବ ନାହିଁ···ଗୋରା ଡାକ୍ତର ବି ମୋତେ ଆଉ ବଞ୍ଚେଇ ପାରିବ ନାହିଁ···ତୁମେ ଯାଅ, ଖାଲି ଡିମିକୁ ଟିକିଏ ମୋ ପାଖକୁ ଡାକି-ଦିଅ··· ।"

ସାରୁପତ୍ରଟି ଖସିପଡ଼ିଲା ଜୟରାମ ହାତରୁ । ମାଷ୍ଟରଙ୍କ ମନ୍ତ୍ରଶକ୍ତି ଉପରେ ଧନପୁରର ଅନାସ୍ଥା ତଥା ଅମାନ୍ୟ ଭାବ ଦେଖି ସେ ପ୍ରଥମେ ଚିଡ଼ିଉଠିଥିଲା; କିନ୍ତୁ କ୍ରମେ କ୍ରମେ ସେ ବି ବୁଝିପାରିଲା ଯେ ମନ୍ତ୍ର ଆଉ କାମ ଦବନାହିଁ । ବର୍ତ୍ତମାନ ଅସ୍ତ୍ରର ସମୟ । ସେ କହିଲା—"ଡିମି ନଗାଁଓରୁ ଫେରିନାହିଁ । ···ମୁଁ ଯାଏଁ, ଆଉଥରେ ଖବର ନିଏଁ ।"

"ତୁମେ ଆଉ ନଫେରିଲେ ଚଳିବ । ତାକୁ ଏକା ପଠେଇଦବ ।"

—"କିନ୍ତୁ ସେଇ ଗୁମ୍ଫାରୁ ଗୋସେଇଁ ହେଉିକା ନଫେରିବାଯାଏଁ ମୁଁ ଯିବି କେମିତି ? ମଧୁ ହେଉିକା ମାଷ୍ଟରଙ୍କରେ ପ୍ରହରୀ ହେବେଣି । ସେମାନଙ୍କ ପାଇଁ ଚିନ୍ତା ନାହିଁ । ଏମାନଙ୍କୁ

ଧରିବାପାଇଁ ଲମ୍ବୋଦର ବାଟ କରିଦେଇ ନେଇଛ ଶଇକଆଙ୍କୁ ।"

—"କୁଳାଙ୍ଗାର !" ବୋଲି ଚିତ୍କାରକଲା ଧନପୁର । ତା'ପରେ ଧୀରେସୁସ୍ଥେ କହିଲା —"ଏମିତି ବୋଲି ଜାଣିଥିଲେ ତାକୁ ମୁଁ ସେତେବେଳେ ସେଇଠି ତା'ର ଘରେ ହତ୍ୟାକରିଆନ୍ତି...ଠିକ୍ କଥା ତ, ଗୋସେଁଇ ହେରକାଙ୍କ ଖବର ନପାଇବାଟା ଚିନ୍ତାର ବିଷୟ... ।"

—"ବଲବାହାଦୂର ସେଇଆଡ଼କୁ ଯାଇଛି । ସେ ଫେରିଲେ ଯାଇ ଖବର ପାଇବା ।" ଏତିକି କହିଦେଇ ଡିମିକୁ ଖୋଜିବାକୁ ଚାଲିଗଲା ଜୟରାମ ।

ଜୟରାମ ଅନୁଭବ କରୁଥିଲା ସେ ଶଇକଆ ଓ ଲମ୍ବୋଦର ବିପ୍ଳବର ପ୍ରତିବନ୍ଧକ ସୃଷ୍ଟି କରିବା ଛାଡ଼ିନାହାନ୍ତି—ଏମାନଙ୍କୁ ପ୍ରାଣରେ ମାରିବେ ବୋଲି ଖୋଜିବୁଲୁଚନ୍ତି ।...ଦେହଟା ଜଳିଗଲା ଜୟରାମର ଏଇ କଥା ଭାବୁ ଭାବୁ...ଧନପୁରର ମୁମୂର୍ଷୁ ଦେହଟାର ଛବି ବାରମ୍ବାର ତା' ଆଖି ଆଗରେ ନାଚିଯାଉଥିଲା । ମରୁ ମରୁ ବଞ୍ଚିବା କମ୍ବା ଜୀଇଁ ଜୀଇଁ ମରିବା ସମସ୍ୟା ଏଇଟା । ...ନଈ କୂଳେ କୂଳେ ଜଙ୍ଗଲ ମଝିରେ ସେ ଆଗେଇ ଚାଲିଥିଲା ଡିମି ଘର ଉଦ୍ଦେଶ୍ୟରେ... ।

ହଠାତ୍ ଶୂନ୍ୟତା ଅନୁଭବ କଲା ଧନପୁର । ରାତି ସେତେବେଳକୁ ଦୁଇ କି ତିନି ହବ...ନଈଆଡ଼ୁ ବହୁଥାଏ କାଳୁଆପବନ; କିନ୍ତୁ ସେଇ ପବନ କ'ଣ ତା'ର ଏ ଯନ୍ତ୍ରଣାକୁ ଶାନ୍ତ କରିପାରିବ ? ହୁଏତ ଅଳ୍ପ ସମୟ ପରେ ଏଇ ଯନ୍ତ୍ରଣା ଅନୁଭବ କରିବାର ଚେତନା ତା ଭିତରେ ନଥିବ...ଏବେ ଅଣ୍ଟା ପର୍ଯ୍ୟନ୍ତ ଅସମ୍ଭବ ପୀଡ଼ା । ଦେହଟା ଥିଲା ପରି ଲାଗୁନାହିଁ । ହୃତ୍ପିଣ୍ଡଟା କିନ୍ତୁ କେଉଁ ସାହସରେ ଧକ୍ ଧକ୍ ହଉଛି ? ବନଶି କଣ୍ଟାରେ ଲାଗିଥିବା ମାଛକୁ ମାଟି ଉପରେ ଛାଡ଼ିଦେଲେ ସେ ଯେମିତି ଫଡ଼୍ ଫଡ଼୍ ହୋଇ ଛଟପଟ ହୁଏ, ଛାତିଟା ତାର ସେମିତି ପଡ଼ୁଚି ଉଠୁଚି । ...ମରଣରେ ଡେଙ୍ଗୁରା ଏ । ଆଉ ପୁଣି କଣ ସେ ଏ ସଂସାରକୁ ଫେରିଆସିବ ? ଆଉ କଣ ସେ ସକାଳର ସୂର୍ଯ୍ୟକୁ ଦେଖିପାରିବ ? ଓହୋଃ... ମୁଣ୍ଡଟା ଖୁବ୍ ବିନ୍ଧୁଚି । ଲାଗୁଚି, ଯେମିତି ଆଖିରେ ଏକ ଜାଲ ବନ୍ଧାହୋଇଛି...ବାରମ୍ବାର ଫୁଟି ଉଠୁଛି ନଆଁ ହୁଳା ।

ଏତେ ପରେ ବି ଚିନ୍ତାଶକ୍ତି ଟିକିଏ ବାକି ରହିଯାଇଛି ତା' ମୁଣ୍ଡରେ । ସେଇ ଟିକିକ ବୋଧେ ଏବେ ଉକି ଉକି ଆସୁଛି...ରେଲଲାଇନର ଫିସ୍‌ପ୍ଲେଟ୍, ବିପ୍ଳବ, ମୁକ୍ତି, କ୍ରୋଧ—ଏସବୁ ବହୁତ ଦୂରେଇଗଲେଣି ପରି ଲାଗୁଚି...କିନ୍ତୁ ସୁଭଦ୍ରା ! ...ସୁଭଦ୍ରାକୁ ସେ ପାସୋରିନାହିଁ, ଯେଉଁସବୁ କାଳ୍ପନିକ ଘରସଂସାର କଥା ତା' ଆଗରେ ସେ କହିଥିଲା, ସେ ସବୁ ଏବେବି ମନରେ ଲିଟକିଛି । ...କୁଆଡ଼େ ଗଲା ସିଏ ? ସେ ବୋଧେ ଆଗରୁ ମୋର ଏ ଦଶା କଥା ଜାଣିପାରିଥିଲା—ହିଁ ବହୁତ ଆଗରୁ...ତା'ର ବି ଆଶା ଥିଲା—ସେ ଜୀଇଁରହିବ, ଘରସଂସାର କରିବ, ନୂଆ ଦେଶ ଗଢ଼ିବ...ଭଲ ହେଲା...ଆଜି ଯଦି ସେ ବଞ୍ଚିଥାଆନ୍ତା, ବଡ଼ କଷ୍ଟ ପାଇଥାଆନ୍ତା...କେବେହେଲେ ସେ ମୋର ଏ କଷ୍ଟ ସହିପାରି ନଥାନ୍ତା...ନା...ନା...ନା କେବେ ନୁହେଁ...ଇସ୍...ସୁବିଧା ପାଇ ଆଖିରୁ ପାଣି ଗଡ଼ିଆସିଲା ଧନପୁରର...ଏବେ ବି କ'ଣ

ଏ ଦେହଟାରେ ପାଣି ଜମା ହୋଇ ରହିଛି ? ଚିତାରେ ପୋଡ଼ିଲାବେଳେ ବି କୁଆଡ଼େ ଦେହରେ ପାଣି ଥାଏ !

ଏବେ ବି ସୁଭଦ୍ରାର ଏକ ପ୍ରତିଭୂ ଜୀବିତ ଅଛି···ଡମି ! ଡମି ! ଡମି !

ହଠାତ୍ କାହାର ପାଦ ଶବ୍ଦ ଶୁଭିଲା ବାଲି ଉପରେ···କାହାର ଏ ପାଦଶବ୍ଦ ?··· ଉହୁଁ, ବାରିପାରୁନି ସେ—ଫିସ୍ ଫିସ୍ କରି କିଏ କଥା କହୁଛି !

—'ଡମି !' ବୋଲି ଡାକିଲା ଧନପୁର; କିନ୍ତୁ କଣ୍ଠରୁ ସ୍ୱର ସରିଯାଇଛି—କିଏ ପୁଣି ତଣ୍ଟିଟାକୁ ଏମିତି ଚିପିଧରିଛି ?

ଡମି, ଡମି, ଡମି···

ଟିକିଏ ପରେ···କପାଳରେ କାହାର ଏ କରସ୍ପର୍ଶ ! ଏଡ଼େ ଟାଣୁଆ ହାତଟା !

—"କିଏ ?"

—"ମୁଁ ରୂପନାରାୟଣ, ଧନପୁର !"

ଧନପୁର ବଡ଼ କଷ୍ଟରେ ଅଟକି ଅଟକି କହିଲା—"ରେଳଗାଡ଼ି ଓଲଟିଲା ନା ? ଶବ୍ଦଟା ଶୁଣିପାରିଥିଲି···କିଏ ବଞ୍ଚିଲେ, କିଏ ମଲେ ? କହ···କହ ଟିକିଏ ସେ କଥା···"

"ଦଧି ଓ ମୁଁ ଆସିଲୁଁ । ଗୋସେଇଁ ସେଇଠି ରହିଲେ··· ।"

—"ଏଁ !"

ସାରା ଘଟଣାଟିକୁ ବର୍ଣ୍ଣନା କରିବସିଲା ରୂପନାରାୟଣ । ଶେଷରେ କହିଲା— "ଗୋସେଇଁଙ୍କର ଗୁଳି ଶବ୍ଦ ଶୁଣିଥିଲୁଁ । ବହୁ ସମୟ ଯାଏଁ ଗୁଳି ବିନିମୟ ହୋଇଥିଲା··· ଗୋସେଇଁ ଆଉ ବଞ୍ଚିନଥିବେ ବୋଲି ମନେହେଉଛି··· ।"

—"ଗୋସେଇଁ ତେବେ ଚାଲିଗଲେ···" ବଡ଼ କଷ୍ଟରେ ଏତିକି ପ୍ରକାଶକଲା ଧନପୁର ।

"ହୁଁ···"

"ହଉ··· ତୁମେମାନେ ଯେମିତି ନଗାଁଡ଼···ନାଆ ନବୁଡ଼ିବା ଯାଏଁ ବାହିଚାଲ···"

"ନିଶ୍ଚୟ, ନିଶ୍ଚୟ···ତେବେ ମୁଁ ଆଉ ରହିପାରୁନି ଭାଇ···ଏଇ ଶେଷ ଦେଖା··· ।" କହି ଧନପୁରର କପାଳରେ ଚୁମାଟିଏ ଦେଲା ରୂପନାରାୟଣ । ତା'ପରେ ପଚାରିଲା—"ଡମି ଆସିଥିଲା ?"

—"ଉହୁଁ ।"

ଆଉ ଏକ ଚୁମା ଦେଇ ରୂପନାରାୟଣ କହିଲା—"ଆମେ ଚାଲିଲୁ ଭାଇ ! ପ୍ରତି ମୁହୂର୍ତ୍ତରେ ପରିକଳ୍ପନା ବଦଳାଇଛୁ । ସେ ଗୁମ୍ଫାର ଆଶା ଛାଡ଼ିବାକୁ ପଡ଼ିଲା— ତୁମକୁ ଗୌହାଟୀ ନିଆ ହୋଇ ପାରିଲା ନାହିଁ । ଗୋସେଇଁ ଗଲେ ବୋଲି ଧରି- ନେଇଛି··· । ବନ୍ଧୁକଗୁଡ଼ାକ ରଖିଲ କୋଉଠି ? ଆମର କେଇଟା ଯୋଗଦେଇ ଯିବାର କଥା··· ।"

ଧନପୁର କହିଲା—"ଆମ ଗୁଡ଼ାକ ମଧ୍ୟ ନେଇ ଯାଇଛି । ତୁମମାନଙ୍କର କ'ଣ କରିବ ?"

—"ସକାଳ ହେବାଯାଏଁ ହାତରେ ଧରି ଯିବାକୁ ହେବ । ସକାଳ ହେଲେ କୋଉଠି ଜାଗା ଦେଖି ପୋତି ଦେଇ ଯିବୁଁ ।"

—"ତା' ପରେ ?"

ରୂପନାରାୟଣ ଦୀର୍ଘନିଃଶ୍ୱାସ ଛାଡ଼ି କହିଲା—"ତା'ପରେ ? ତା'ପରେ ହୁଏତ କେବେ ଆମେ ଏଇ ପଳାତକ ଦଳ କୋଉଠି ହେଲେ ଏକାଠି ହେବୁଁ ।"...ଟିକିଏ ରହିଯାଇ ସେ ପୁଣି କହିଲା—"ଲମ୍ବା ପର୍ବତ ଯାଏଁ ଯିବାକୁ ଭାବୁଛୁଁ ।"

—"ହଁ, ଯାଅ । ରାତି ପାହିବାକୁ ଆଉ ବେଶି ବେଳ ନାହିଁ ।"

ରୂପନାରାୟଣ ଠିଆହେଲା ଏବଂ ଧୀରେ ଧୀରେ ଧନପୁରଠୁ ନିଜକୁ ଅଲଗା କରିନେଲା, ତା'ପରେ ଯାଇ ମିଶିଗଲା ଦଧି ସହିତ । ଆଗରୁ ଯାଇ ଗୋଟେ ଗଛ ତଳେ ଅପେକ୍ଷା କରିଥିଲା ଦଧି । ଏବେ ଦୁହେଁ ମିଶି ପୁଣି ଅଜ୍ଞାତ ଯାତ୍ରାପଥରେ ଆଗେଇଚାଲିଲେ ।

ଧନପୁର ଯୋଉ ଏକଲାକୁ ସେଇ ଏକଲା । ସେ ନିଜକୁ ନିଜେ କହିଲା—"ଗୋସେଇଁ ତେବେ ମୋ'ଠୁ ଆଗେ ଚାଲିଗଲେ... !"

ସେମିତ କିଛି ଖରାପ ଲାଗିଲା ନାହିଁ ତାକୁ...ତା'ଛଡ଼ା ଖରାପ ଲାଗିବାକୁ ତାର ଆଉ ଅଛି କି'ଣ ଯେ ? ଏଭଳି ମରଣ ତ ଥିଲା ସେମାନଙ୍କର କାମ୍ୟ ।

ଛାତିଟା ପୁଣି ଆହୁରି ଜୋର୍‌ରେ ଧଡ଼ପଡ଼ ହେଲା ।

ହଠାତ୍ ଗାଁରେ ଗାଁରୁ ଲୋକଙ୍କର ପ୍ରବଳ ପାଟିତୁଣ୍ଡ ଶୁଭିଲା । ...ଏଁ କଣ ହେଲା !... ହଁ, ଯାହା ହେଉଚ ହେଉଥାଉ...ନିଜ ଜୀବନର ଚିନ୍ତାର ପରି ମନେହେଲା ଧନପୁରକୁ... କିନ୍ତୁ ଭମି କାହିଁ ? ସେ କାହିଁକି ଏତେବେଳ ଯାଏଁ ଆସିଲା ନାହିଁ ?

—ଫେରିଲା ଜୟରାମ । ପଛକୁ ପଛକୁ ଧଇଁସଇଁ ହୋଇ କହିଲା—"ଧନପୁର ଭାଇ ! ଗାରେ ଗାଁକୁ ପୋଲିସ ପୁରାପୁରି ଘେରାଉ କରିଦେଲେଣି...ଆଗରୁ ଭମିଘର ଘେରାଉ କରିଥିଲେ...ଲୁଚି ଲୁଚି ଖବର ବୁଝି ଜାଣିଲି ଯେ ସେ ଫେରିନାହିଁ । ହୁଏତ ବାଟରେ କୋଉଠି ହେଇଥିବ । ସକାଳ ହେବା ଆଗରୁ ସେ ଆସିପାରିବ ପରି ଲାଗୁନାହିଁ ।"

ଧନପୁର ବିଶ୍ୱାସ କରିପାରିଲା ନାହିଁ । ସେ ଧକେଇ ଧକେଇ କହିଲା—"ସେ ଆସିବ କହିଚ ମାନେ ନିଶ୍ଚୟ ଆସିବ ।"

ହଠାତ୍ ବାଲି ଉପରେ ପୁଣି ପାଦଶବ୍ଦ...ଜାଣେଇଲା ଜୟରାମ । ଜଣେ ଲୋକର ଏ ପାଦଶବ୍ଦ ନୁହଁ, ଏକାଧିକ ଲୋକଙ୍କର...। ନିଜକୁ ପ୍ରସ୍ତୁତ କରିନେଲା ଜୟରାମ...ବୋଧେ ପୋଲିସ...। ଟିକିଏ ପରେ ବଲବାହାଦୁରର ପାଟି ଶୁଭିଲା—"ଏବାଟେ ଯିବ କୁଆଡ଼େ ? ଏବାଟେ ତ ଦିନବେଳେ ବି ଲୋକଙ୍କ ଗତାଗତ ନାହିଁ ।"

—"ହଁ, ନିଶ୍ଚୟ ଏମାନେ ପୋଲିସଲୋକ...ଏଇଟା ବଲବାହାଦୁରର ସଙ୍କେତ ।" ଜୟରାମ ତରବରରେ ଧନପୁରକୁ କହିଲା—"ସେମାନେ ଆସିଗଲେ ନା କୁଣ..."

—"ତୁମେ ପଳାଅ—ଡେରି କରୁଚ କାହିଁକି ? ଏଠି କୋଉଠି ଲୁହନା...ଏକେବାରେ ମାସୁଂକୁ ପଳାଅ...।"

ଜୟରାମ ଆଉ କିଛି ନ କହି ନୀରବରେ ସେଠୁ ଚାଲିଗଲା ।

ଧନପୁର ଏକାନ୍ତ ମନରେ କାନେଇ ରହିଲା ବାଲିଉପରେ ପାଖେଇ ଆସୁଥିବା ପାଦଶବ୍ଦକୁ ।···ମନେ ମନେ ହସିଉଠୁଥିଲା ସେ···ଏସବୁ ସତେକି ଯମଦୂତଙ୍କର ପାଦଶବ୍ଦ ···ସେମାନେ ଠିକ୍ ସମୟରେ ପହଞ୍ଚି ଯାଇଛନ୍ତି ।···ଟର୍ଚ୍ଚ ମାରି ମାରି କଣ ସେମାନେ ଖୋଜୁଚନ୍ତି ଜଙ୍ଗଲ ଭିତରେ ?···ଥରେ ଟର୍ଚ୍ଚ ଆଲୁଅ ଆସି ତା' ଦେହରେ ପଡ଼ିଲା । ସାରା ଦେହଟା ତାର ଚକ୍‌ଚକ୍ ମାରିଉଠିଲା ।··ଧନପୁର ଯେଉଁ ଗଛଟିକୁ ଜାବୁଡ଼ି ଧରିଥିଲା, ସେଇଟା ଗୋଟେ ବରକୋଳି ଗଛ । ଟର୍ଚ୍ଚ ଆଲୁଅରେ ଗଛର ଗଣ୍ଡିଗଣ୍ଡିଆ ଦେହଟା ବି ବେଶ୍ ଫୁଟି ଉଠିଲା । ପାଖକୁ ଲାଗି ନାନାବିଧ ଗଛ । ସବୁଜିମା ଉପରେ ଆଲୋକର ପ୍ରତିଫଳନ ଏକ ଅପରୂପ ଧାରଣ କଲା ।

···ଭୟନାହିଁ ଧନପୁରର । କେବଳ ଗୋଟେ ଇଚ୍ଛା ଥିଲା ତାର···ଥରେ ମାତ୍ର ଚୁମାଟାଏ ଦେଇଥାନ୍ତା ଭୂମିକୁ···ଚୁମା ଦେବାଭଳି ଏବେବି ତା' ଦେହରେ ବଳ ଅଛି··· ଭୂମିକୁ ଟିକଏ ଦେଖନ୍ତା···ଖୁବ ଭଲଲାଗନ୍ତା ତାକୁ··· ।

ହଠାତ୍ ଏକ ଟର୍ଚ୍ଚର ଆଲୋକ କ୍ରମେ କ୍ରମେ ଘନରୁ ଘନତର ହେଲା ସେଇ ଜାଗା ଖଣ୍ଡକରେ । ସେମାନଙ୍କର ଚତୁର ଆଖି ଠିକ୍ ଖୁବେ ପଡ଼ିଚି ଏଇ ଲୁଗୁଣିଆ ଚାଲିବାଟଟା ଉପରେ···ନିଶ୍ଚୟ ସେମାନେ ଠିକ୍ ବାଟଟା ପାଇଯିବେ···ହୁଏତ ବଳବାହାଦୂର ସେମାନଙ୍କୁ ଦଶ ପନ୍ଦର ମିନିଟ୍ ଅଟକେଇ ରଖିପାରେ କଥାବାର୍ତ୍ତା କରି କରି···ତା'ପରେ··· ତାପରେ ନିଶ୍ଚୟ ସେମାନେ ଏ ବାଟକୁ ପଶି ଆସିବେ । କୋଉଠୁ ପାଇଲେ ସେମାନେ ବଳବାହାଦୂରକୁ ! ସେ ତ କେବେହେଲେ ବାଟ କଢ଼େଇ ଆଣିବ ନାହିଁ ! କିଛି ଟେର୍ ବି ଦେବନି ସେ ଏମାନଙ୍କର···ବାଟ ଚିହ୍ନିଥିବା ଲୋକ ଅନ୍ୟ କେହି ନିଶ୍ଚୟ । ଗାରେ ଗାଁର କେହି ନିଶ୍ଚୟ ନୁହେଁ—ନେପାଳୀ ଗାଁର ବି ନୁହେଁ···ତେବେ ? ଜୟରାମ ବ୍ୟତୀତ ଆଉ କେହି ନୁହେଁ ।

ଜୟରାମର କଥାଟା ମୁଣ୍ଡରେ ଢୁକିଲାରୁ ଧନପୁରର ଦେହଟା ଜଳିଗଲା ଗୋଟାପଣେ ।

···ଆଉ ଟିକିକ ପରେ···ହିଁ, ଆଉ ଟିକିକ ପରେ ପୋଲିସ ନିଶ୍ଚୟ ଏଠାରେ ପହଞ୍ଚି ତାକୁ ଧରି ନେଇଯିବ । ସେ ଅସ୍ତବ୍ୟସ୍ତ ହୋଇ ବଡ଼ କଷ୍ଟରେ ପକେଟ ଦରାଣ୍ଡି ପକେଇଲା···ନା, କିଛି ନାହିଁ—ଶୂନ୍ୟ ମଣିଷଟାକୁ ହିଁ ପାଇବେ···କିନ୍ତୁ ଏ ଗାରେ କାମିଜଟା ! ସେଇଟା ତ ଚିରି ଖଣ୍ଡ ଖଣ୍ଡ···ନା, ସେଇଟାରେ ବି କିଛି ନଥିବ ନିଶ୍ଚୟ ।

ଛାତିଟା ଆହୁରି ଜୋର୍‌ରେ ଉଠିଲା ଆଉ ପଡ଼ିଲା···

ଧୀରେ ଧୀରେ ପାଦଶବ୍ଦ ଖୁବ୍ ନିକଟେଇ ଆସିଲା ।···ହେଇ···ସେମାନେ ଆସି ପାଇଯିବେ···ଆହା···ଗୋଟେ ବନ୍ଧୁକ ଦରକାର ଥିଲା ଏ ବେଳରେ···ନା ନା···ଭଲ ହେଇଚି ବନ୍ଧୁକ ନାହିଁ···ବନ୍ଧୁକ ଥିଲେ କଣ ହେଇଥାନ୍ତା ? ସେମାନେ ନିଶ୍ଚୟ ବନ୍ଧୁକଟାକୁ ନେଇ ପଳେଇଥାଆନ୍ତେ···ବନ୍ଧୁକଟା ନିଶ୍ଚୟ ଆମ ଲୋକଙ୍କ କାମରେ ଆସିବ···ଅବଶ୍ୟ ସବୁ ଲୋକଗୁଡ଼ା ଧରାନପଡ଼ନ୍ତି··· ।

ଦେହଟାରେ କିଛି ନାହିଁ…ନୀରବ ନିଶ୍ଚଳ ହୋଇ ପଡ଼ିରହିଲା ଧନପୁର…ଚିନ୍ତା କରିବା ଲାଭ ନାହିଁ…ଗାଁରୁ ଗାଁରୁ କ୍ରମଶଃ ବେଶି ବେଶି ପାଟିତୁଣ୍ଡ ଶୁଭୁଚି…ଲୋକେ ଗାଁ ଛାଡ଼ି ପଳେଇ ଯାଉଛନ୍ତି ପରି ଲାଗୁଚି…ବୋଧେ ଏମାନଙ୍କୁ ଖୋଜି ଖୋଜି ମିଲିଟାରି ଓ ପୋଲିସ ଲୋକେ ଗାଁରେ ଗାଁରେ ଘର ଘର ଖାନତଲାସି କରୁଛନ୍ତି…ହଉ…କରୁଥାଅ…ଏବେ ଆଉ ପାଇବ କାହାକୁ ?…କିନ୍ତୁ ଏଇ ଗାଁରେ ଲୋକଗୁଡ଼ା ଯେ ଏକବାରେ ନିର୍ଦ୍ଦୋଷ ! ସେମାନଙ୍କ ଉପରେ ଏପରି ଜୁଲୁମ କାହିଁକି ? ଲୋକଗୁଡ଼ା ପଳେଇ ଆସି ବୋଧେ ଏଇ ଜଙ୍ଗଲରେ ପଶିଚନ୍ତି…ଉମି ଘର ଉପରେ ନିଶ୍ଚୟ ଖୁବ୍ ବେଶି ଅତ୍ୟାଚାର କରିବେ ।

—ଉମି…ଉମି…ଉମି !

ଆଉ ମୁଣ୍ଡ ଟେକି ପାରିଲାନି ଧନପୁର । ବରକୋଳି ଗଛ ମୂଳରେ ଦେହଟା ତାର ପୂରାପୂରି ମିଶିଗଲା…କ୍ରମଶଃ ହଜିଯାଉଥିବା ଚେତନାରେ ନିକଟର ବସ୍ତୁଗୁଡ଼ିକ ବହୁଦୂରର ପରି ଲାଗୁଚନ୍ତି · ତଥାପି ସଂସାର ସହିତ ଲାଗିଥିବା ଡୋରଟା ଛିଣ୍ଡୁନାହିଁ…କିନ୍ତୁ ଆଉ ବେଶି ବେଳ ନାହିଁ ଡୋରଟା ଛିଣ୍ଡିଯିବାକୁ ! ମରିଯିବାଟା କେତେ ସହଜ ସତେ ! …କାମପୁରର କୋଉ ଗୋଟେ ଅନାମଧେୟ କୁଡ଼ିଆଘରେ ତାର ଜନ୍ମ…ଆଉ ବାରୋ ଗାଁର ଏଇ ଜଙ୍ଗଲ ମଝିରେ ତାର ମରଣ…ମଝିରେ ଯୋଉ କେଇଟା ଦିନ ବିତିଲା ତାହା ହିଁ ଜୀବନ ! ସେଥିରେ ପୁଣି ଏତେ ଦଙ୍ଗା-ହାଙ୍ଗାମା, ଏତେ ଯୁଦ୍ଧ !!…ଭାବିଲେ ଆଚମ୍ବିତ ଲାଗେ । ମୁକ୍ତି ଦରକାର…ହଁ, ମୁକ୍ତି…ଗୋରାଙ୍କ କବଳରୁ ମୁକ୍ତି…ଗୋରା ଓ କଳାଙ୍କ ଭିତରେ ଏ ରଣ ।

…ଯନ୍ତ୍ରଣା…ଖୁବ୍ ଯନ୍ତ୍ରଣା…ଉଃ…ଉମି…ଉମି…ଉମି !

ଟର୍ଚ୍ଚ ଆଲୁଅ ଅସହ୍ୟ ଲାଗିଲାଣି…ଏ ବେଳରେ ପୁଣି ଏ ଟର୍ଚ୍ଚ ଆଲୁଅ !…ତା'ଠୁ ପ୍ରାୟ ଶହେଗଜ ହେବ ଦୂରରେ ଚାରିଟା ଲୋକ ଆସି ଛିଡ଼ାହେଲେ ।

ଜଣେ କହିଲା—"ହଁ ତ, ଏଇ ବାଟରେ ଗଲାପରି ଲାଗୁଚ ।"

ଆଉ ଜଣେ ଗମ୍ଭୀର ଭାବେ କହିଲା—"ଫାଶରେ ପଡ଼ିଚ ମ ! ମୂଷିକଟା ଯିବ କୁଆଡ଼ କି ?"

ପ୍ରଥମ ଲୋକଟି ପୁଣି କହିଲା—"ଏକା ତାକୁ ପାଇଲେ ଯଥେଷ୍ଟ ।"

—"କାହାକୁ ?" ପଚାରିଲା ଦ୍ୱିତୀୟ ଲୋକ ଜଣକ ।

—"ଧନପୁର ! ତାକୁ ପାଇଲେ…" ପ୍ରଥମ ଜଣକ କହିଲା । ତା କଥାର ଶେଷଅଡ଼କୁ ଶୁଭିଲା ନାହିଁ ।

—"ହଁ, ଏକା ତାକୁ ପାଇଗଲେ ଆଉ ଆମର କିଛି ଚିନ୍ତା କରିବାର ନାହିଁ ।"

ଧନପୁର ବୁଝିପାରିଲା କିଏ ସବୁ ଏମାନେ । ଜଣେ ନିଶ୍ଚୟ ଲୟରାମ, ଆଉ ଯାରଜଣକ ଶଇକିଆ । କଣ୍ଠସ୍ୱର ଧରିପାରିଛି ସେ । …ହସ ମାଡ଼ିଲା ଧନପୁରକୁ…ଆରେ ମୁଁ ପରା

ଏତେ ପାଖରେ ଅଛୁ, ଧରୁନ ଆସି··· କିନ୍ତୁ ପାଇଲେ ବି ଆଉ କିଛି କରିପାରିବ ନାହିଁ ମ ! ଧନପୁର ଆଉ ଧନପୁର ହୋଇ ନାହିଁ; ଅବଶ୍ୟ ମଲାଜୀବନ୍ତିଆ ଜାତଟା ତ ତମେ ସବୁ,···ମୋ ଶବଟାକୁ ଗୋଟେଇ ଖାଇପାର···ଆସ···

ଟର୍ଚ୍ଚମାରି ଚାରିଆଡ଼କୁ ଚାହିଁଲେ ସେମାନେ । ଏଥର ବରକୋଳି ଗଛ ମୂଳଟା ପୁରାପୁରି ଆଲୋକିତ ହୋଇଉଠିଲା । ହଠାତ୍ ଶଇକିଆ ପାଟିରୁ ବାହାରିପଡ଼ିଲା—"ଆରେ ସେଇଟା କିଣ ? ବାଘ ?"

ଲକ୍ଷ୍ମୀରାମ ସେଇ ଆଡ଼କୁ ଭଲକରି ଚାହିଁ କହିଲା—"ବାଘ କାହିଁକି ହବ ମ ? ବାଘ ହୋଇଥିଲେ ସେମିତି ପଡ଼ିଥାନ୍ତା କାହିଁକି ?···ସାରାଟା ଜୀବନ ତ ଜଙ୍ଗଲରେ କଟିଲା···" ଟିକିଏ ଅଟକିଯାଇ ପୁଣି କହିଲା—"ଆସନ୍ତୁ ନା, ପାଖକୁ ଯାଇ ଦେଖିବା ।" —କହୁ କହୁ ସେ ବରକୋଳିଗଛଆଡ଼କୁ ଆଗେଇଲା । ଦେଖିଲା ଯେ ତଳକୁ ମୁହଁ ମାଡ଼ି ମଣିଷଟେ ପଡ଼ିଛି । ଲକ୍ଷ୍ମୀରାମ ପଚାରିଲା—"ଆରେ, କିଏ ତୁ ? କିଏ ?"

କଷ୍ଟେମଷ୍ଟେ ଧନପୁର କହିଲା—"ତୋ ବାପ !"

—"ଧନପୁର !" ଅତି ଆନନ୍ଦରେ ଚିତ୍କାର କରି ଉଠିଲା ଲକ୍ଷ୍ମୀରାମ । ପୁଣି କହିଲା—"ପାଇଚି···ପାଇଚି···ରୋହୁ ମାଛ ଜାଲରେ ପଡ଼ିଚି···" କହୁ କହୁ ଧନପୁର ଦେହର ଏପଟ ସେପଟ ଟର୍ଚ୍ଚମାରି ଦେଖୁ ଦେଖୁ ତାର ଗୋଡ଼ ଉପରେ ନଜର ପଡ଼ିଲା । ସେଇଠି ନଜର ପଡ଼ୁ ପଡ଼ୁ ପୁଣି ସେ କହିଲା—"ଆରେ···ହେ···ମଲା ମାଛଟା···"

ଇତିମଧ୍ୟରେ ଶଇକିଆ ଓ ଅନ୍ୟମାନେ ପାଖକୁ ଚାଲିଆସିଲେ । ଟର୍ଚ୍ଚ ଆଲୁଅରେ ଧନପୁରର ସାରା ଦେହଟାକୁ ନିରୀକ୍ଷଣ କରୁ କରୁ ଶଇକିଆ କହିଲା—"ଦେଖୁଚ ତ ଗୋଡ଼ଟା ?'

—"ହଁ, ଦେଖୁଚି ।"

—"ଗୋସେଇଁର ଯୋଉ ଦଶା, ୟାର ବି ସେଇ ଦଶା; କିନ୍ତୁ ଗୋସେଇଁଟା ସଙ୍ଗେ ସଙ୍ଗେ ମଲା—ଇଏ ଖାଲି ବସିଛି ଛଟପଟ ହେବାକୁ··· ।"

ଶଇକିଆ 'ଜେରା' ଆରମ୍ଭ କରିଦେଲା । ଧନପୁର କିନ୍ତୁ କିଛି ଉତ୍ତର ଦେଇପାରିଲା ନାହିଁ । ସମସ୍ତ ଶକ୍ତି ତାର କ୍ଷୟ ହେବାକୁ ବସିଲାଣି । ଏଣୁ ଗୋଟାଏ ବି ପ୍ରଶ୍ନର ଉତ୍ତର ସେ ଦେଇପାରିଲା ନାହିଁ । କିନ୍ତୁ ଶଇକିଆ ପ୍ରଭୃତିଙ୍କ ଉପସ୍ଥିତିଟାକୁ ସେ ଭଲଭାବେ ଗ୍ରହଣ କରିପାରିଲା ନାହିଁ । ···ମନରେ କେବଳ ଗୋଟିଏ ଭାବ···ତିମି ! କେତେବେଳେ ତିମି ଆସିବ···କେତେବେଳେ ତିମି ସହିତ ତାର ଭେଟ ହେବ··· ଭେଟ ହେବ ନା ନାହିଁ···ଗାଁରେ ଗାଁର ଲୋକ ଏଆଡ଼େ ଆସୁଚନ୍ତି···ହୁଏତ ତିମି ବି ଆସିପାରେ···

ଶଇକିଆ ହାରିଗଲା···

ଏଣୁ ଲକ୍ଷ୍ମୀରାମ ପଚାରିଲା ଧନପୁରକୁ, "କିରେ, କିଛି କହୁନୁ କାହିଁକି ?"

ଧନପୁର କହିଲା—"ତୁ ବିଶ୍ୱାସଘାତକ । ତୁ ଶତ୍ରୁର ଚର । ତମମାନଙ୍କ ସହିତ କଥାହେଇ କି ଲାଭ ? ···କିନ୍ତୁ···ହିଁ, ଗୋଟେ କଥା···"

ଦେହର ସମସ୍ତ ଶକ୍ତି ଗୋଟେଇ-ପୋଟେଇ ଧନପୁର କହିଲା—"ସ୍ୱାଧୀନ ଭାରତରେ ତମମାନଙ୍କର ବିଚାର ହେବ । ତମମାନଙ୍କର ପୁଅନାତିଏ ତମମାନଙ୍କୁ ସନ୍ଲୁଳିବେ··· ।" ଆଉ କିଛି କହି ପାରିଲା ନାହିଁ—ଅଚେତନ ହୋଇପଡ଼ିଲା ।

ଶଇକିଆ ଓ ଲସୁରାମ ପରସ୍ପର ପରସ୍ପରର ମୁହଁକୁ ଚାହିଁାଚାହିଁ ହେଲେ । ସେମାନଙ୍କ ମୁହଁରେ ହସ ନାହିଁ । ଲସୁରାମର ମୁହଁ ଖଣ୍ଡିକ ତ ଏକବାରେ ଫିକା ପଡ଼ିଗଲା । ଗୋସେଇଁଙ୍କୁ ମୃତ ଅବସ୍ଥାରେ ଦେଖିଲାବେଳଠୁ ମନଟା ତାର ଦବିଯାଇଥିଲା । ଏବେ ଧନପୁର ଅଚେତନ ହୋଇଯିବା ଦେଖି ସେ ଅଧୀର ହେଲା । ମରିବାବେଳେ ବି ଧନପୁର ତାକୁ ବିଶ୍ୱାସଘାତକ ବୋଲି କହିଲା ! ···କିନ୍ତୁ ବିଶ୍ୱାସଘାତକତା କରିବାକୁ ତାର ଟିକିଏ ହେଲେ ଇଚ୍ଛା ନଥିଲା···ତାର ଇଚ୍ଛା ହଉଥିଲା ପ୍ରତିଶୋଧ ନେଇଥାନ୍ତା···କିନ୍ତୁ ପ୍ରତିଶୋଧ ନେଇପାରିଲା କାହିଁ ? ସେମାନେ ତ ନିଜେ ନିଜେ ଯୁଦ୍ଧ କରି ମରିଚନ୍ତି···ଆଉମାନେ ପଳେଇଲେ···କାହାକୁ କେମିତି ବା ଧରିବେ ଏବେ ?

ଲସୁରାମ, ଧନପୁର ପାଖରେ ବସିପଡ଼ି ତାର ନାଡ଼ୀ ପରୀକ୍ଷା କଲା । ତାପରେ କହିଲା—"ପାଟିରୁ ତାର ଆଉ କଥା ଫୁଟିବ ନାହିଁ··· ।"

ଶଇକିଆ ବି ନିଜେ ତନ୍ନ ତନ୍ନ କରି ପରୀକ୍ଷା କରି ନିରାଶ ହୋଇ କହିଲା—"ଦେଶଟା-ଯାକର ଲୋକ ବିଶୃଙ୍ଖଳ ହୋଇପଡ଼ିଚନ୍ତି···ଉପାୟ ନାହିଁ । କାହାକୁ କଣ କହିବ ? ହଉ, ଚାଲ ଯିବା···ଅନ୍ତତଃ ଯୋଉ କେତେଟା ବଞ୍ଚିଚନ୍ତି ସେମାନଙ୍କୁ ଖୋଜିବାକୁ ହେବ··· । ଏ ମଲାଗୁଡ଼ାଙ୍କୁ ପରେ ନବା···ସ୍ୱାର ତ ଯାହାତାହା ଜୀବନଟିକେ ଲଟକିଛୁ···!

ଲସୁରାମ ଦୀର୍ଘନିଃଶ୍ୱାସ ଛାଡ଼ି କହିଲା—"ଆଉ କାହାକୁ ଧରିବା ? ପାରିବାଟି ?"

ଶଇକିଆ ଲସୁରାମର ମୁହଁକୁ ଚାହିଁ କଣ ପରୀକ୍ଷା କଲା···ଏ ଅଞ୍ଚଳରେ ଆଉ ଘୂରି ବୁଲିବାକୁ ତା'ର ଆଗ୍ରହ ମରିଯାଇଛି । ଧନପୁରର କଥା ତା ଛାତିରେ ଶେଲବିଦ୍ଧ କରିଛି । ଲସୁରାମର ଏଭଳି ହାବଭାବ ଦେଖି ମଧ୍ୟ ଶଇକିଆ କହିଲା—"ଚାଲ ତେବେ, ଏଠି ଆଉ ଆମର କାମ ନାହିଁ, ଚାଲ, ଗାବେ ଗାଁକୁ ଯିବା ।"

—"ହୁଃ···ଆଉ ସେଠିକି ଯିବାନି । କେତେ କନ୍ଦାକଟା ଶୁଣିବା ? କାହିଁକି ସେଗୁଡ଼ାଙ୍କୁ ଶାସ୍ତି ଦଉଚ, କୁହ ଭଲା !"

ଏହି ସମୟରେ ଦଳେ ଲୋକ ଆସି ବରକୋଳି ଗଛ ତଳେ ପହଞ୍ଚିଲେ । ଜଣେ କହିଲା—"ଆରେ ହେ, ଏଇଠି ବି ପୋଲିସ୍···ପଳା···ପଳା···ପଳା···" ଲୋକେ ସବୁ ପ୍ରାଣ ବିକଳରେ ଦୌଡ଼ିବାକୁ ଆରମ୍ଭ କରିଦେଲେ; କିନ୍ତୁ ଜଣେ ତା' ଭିତରୁ ସାହସ ବାନ୍ଧି କହିଲା—"ଏଇଟା କାହାର ଶବ ଦେଖୁଁ···ଗୋସେଇଁଙ୍କର କେହି ଜଣେ ସାଥୀ ବୋଧେ···" କହୁ କହୁ ଲୋକକଣକ ମାଡ଼ିଆସିଲା ଆଗକୁ ଏବଂ

ଧନପୁରର ଖୁବ୍ ନିକଟରେ ପହଞ୍ଚି ଦେଖି ଦେଖି କହିଲି—"ଇଏତ ଆମ ଡମିର ଦାଦା ନା କିଏ ?"

—"ଡମିର ଦାଦା !" ଆଶ୍ଚର୍ଯ୍ୟ ହୋଇ ପଚାରିଲି ଆଉ ଜଣେ । ତା' ପରେ ପୁଣି କହିଲି —"ବଡ଼ ସାହସୀ—ପୁରାପୁରି ନିଜର ମଣିଷଟା, ଖୁବ୍ ଖୁସିବାସିଆ ଲୋକଟା ବି…"

"ହଁ" ବୋଲି ଆଉ ଜଣେ କିଏ କହିଲି ତାଙ୍କ ଭିତରୁ ।

କିନ୍ତୁ କେହି ବି ସେଠି ରହିବାକୁ ସାହସ କରିପାରିଲେ ନାହିଁ । ପୋଲିସ ନାଁ ଶୁଣିଲେ ଲୋକଙ୍କ ମନରେ ଘୃଣା ଆଉ ଭୟ ପଶିଯାଇଛି; କିନ୍ତୁ ଉପାୟ ନାହିଁ… ।

ଗୋଟେ ବଡ଼ ଦୀର୍ଘନିଃଶ୍ୱାସ ଛାଡ଼ିଲି ଶଇକିଆ । ତା'ପରେ ସେଠୁ ଚାଲିଯିବାକୁ ଉଦ୍ୟତ ହେଉଥିଲି—ଏତିକିବେଳେ ଦୌଡ଼ି ଦୌଡ଼ି ଆସି ପହଞ୍ଚିଲି ଡମି ସେଇ ଦଳଙ୍କ ମଝିରେ… ଥର ଥର ହୋଇ କମ୍ପୁଥିଲି, ଆଉ ସକ ସକ ହୋଇ କାନ୍ଦୁଥିଲି ସେ ।

—"କିଏ ମାରିଲା ଧନକୁ ? ଓ…ମା…ଗୋ…ଧନ…ଧନ…" କହି କହି ଡମି ଧନପୁରର ଖୁବ୍ ନିକଟକୁ ଗଲି—ଏକେବାରେ ଲାଗିଗଲି ଧନପୁର ଦେହରେ ।

ଶଇକିଆହେଁରିକା କାବାହୋଇ ଅନେଇରହିଲେ ଡମି ଆଡ଼କୁ…ଇଏ କାହିଁକି ଏଠିକି ଆସିଛି ! କୌତୂହଳବଶତଃ ଟିକିମାରି ଧନପୁରକୁ ଦେଖିବାକୁ ସୁବିଧା କରିଦେଲି ଡମିପାଇଁ ।

ସେ ଆସି ଠିକ୍ ପରେ ପହଞ୍ଚିଲି । ଜୟରାମ ପାଟିରୁ ଖବରଟା ଶୁଣି ଶୁଣି ଏଣେ ଧାଇଁଛି । ସେ ଖାଲି ଚିତ୍କାର କରୁଛି—"ଧନ…ଧନ…ଧନ…ଚାହାଁ ଟିକେ…ଟିକିଏ ଆଖିଖୋଲି ଚାହାଁରେ…"

ଧନପୁରର ଚେତନା କିନ୍ତୁ ଆଉ ଫେରିଲି ନାହିଁ । ଧନପୁରର ମୁଣ୍ଡକୁ କୋଳରେ ଧରିନେଲି ଡମି । ତା'ପରେ ଅତି ଧିକ୍କାର ଗଳାରେ କହିଲି—"ତମେ ସବୁ ସ୍ୱାକୁ ମାରିଦେଲ ? …ଆଉ କାହିଁକି ଠିଆ ହୋଇଛ…ଯାଅ…ପଳାଅ…ପଳାଅ ଏଠୁ ।"

ସହାନୁଭୂତି ଜାଗିଲି ଜୟରାମ ହୃଦୟରେ ।

ଡମିର ଲୁଗାପଟା ଆଉ ଠିକ୍ ରହୁନଥିଲି । ଖୋସା ମୁକୁଳିଯାଇଥିଲି । …ଖସିଗଲି ବି ଦେହରୁ ଲୁଗା । ସେ ପୁଣି କହିଲି—"ଯାଉଛ ନା ନାହିଁ ଏଠୁ ! ଏଇ ମଲାଦେହଟାକୁ ଖାଇଲେ ଯାଇ ତମର ଓରମାନ ମେଣ୍ଟିବ ? ଦେଶଦ୍ରୋହୀଗୁଡ଼ା…ତମେ ସବୁ ପୋକରି ହୋଇ ମରିବ ।"

ଝିଙ୍କ୍ ବାଧିଲା ଜୟରାମକୁ । ଅପଦସ୍ୟ…ଟିକିଟାକୁ ଡମି ଆଡ଼କୁ ଫୋପାଡ଼ି ଦେଇ ସେ କହିଲି, "ହଉ ତୁ ଦେଖୁଥା ତୋର ଧନକୁ…" କହୁ କହୁ ସେ ଶଇକିଆକୁ ଟାଣି-ନେଲି । ଦୁହେଁ ସେଠୁ ଦୂରେଇଗଲେ ।

ଡମି ଟିକି ଜକେଇ ଧନପୁର ମୁହଁକୁ ଭଲକରି ଦେଖିଲି । ନାକବାଟେ ନିଃଶ୍ୱାସ ପ୍ରଶ୍ୱାସ ଚାଲୁଛି । ଧନପୁରର ମୁହଁଟିକୁ ଟୋଲିଧରି ଆଦର କଲି । ତା'ପରେ ତାକୁ

ଗୋଟାପଣେ କୁଣ୍ଢେଇ ଧରି କହିଲା—"ଆଉ ଟିକିଏ ବେଳ ରହିପାରିଲୁନିରେ… ଧନ ! …" ଏମିତି କେତେ କଣ ବକର ବକର ହେବାକୁ ଲାଗିଲା ଊର୍ମି । …ଅନେକ ସମୟ ପରେ ହଠାତ୍ ଧନପୁର ଆଖି ଖୋଲିଲା ।

ବଡ଼ ଆଶାୟୀ ହୋଇଉଠିଲା ଊର୍ମି । ତାକୁ ଖୁବ୍ ଆଗ୍ରହ ସହିତ ଡାକିଲା—"ଧନ… ଧନ…ଧନରେ…ଧନ…"

କିନ୍ତୁ ଧନପୁରର ମେଲିଲା ଆଖିପତା ଆଉ ବନ୍ଦ ହେଲା ନାହିଁ । ଦେହଟା ବରଫ ।… ନିଗିଡ଼ିଆସିଲା ଊର୍ମି ଆଖିରୁ ଲୁହ—ଶ୍ରାବଣର ବାଣଧାରା । ଆଉ କିଛି କହିପାରିଲା ନାହିଁ ଊର୍ମି ।

□□□

ବାର

ଗାଁରେ ଗାଁର ନୋକ୍‌ମାକୁ ଗିରଫ କରାଯାଇଛି । ଭଲକୁ ହାତକଡ଼ି ପକେଇ ବାନ୍ଧନେଇଛନ୍ତି । ଘରକୁ ଆସିଥିଲ ଡମି; ଭଲକୁ କହିବ ଧନପୁର ଶବ ପାଇଁ କାଠ ଯୋଗାଡ଼ କରିବାକୁ···କିନ୍ତୁ ଏକ'ଣ ସେ ଦେଖୁଛି ? ଗାଁଟା ଶୂନ୍‌ଶାନ୍ ଯେ ? କାହା ଘରେ ଡିବିଟାଏ ବି ଜଳୁନି । କାହାର ପାଟି ଶୁଭୁନି । ବଡ଼ ବିବ୍ରତ ହୋଇପଡ଼ିଲ ଡମି । ବଡ଼ ପାଟିରେ ପାଟି କରି କରି ଗାଁ ଦାଣ୍ଡରେ ଆରୋଉଥିଲ ଡମି, ନିଜ ଘର ଆଡ଼କୁ—"ଗାଁ ଗୋଟାକଯାକ ମରିଗଲ ନା କ'ଣ ? ତମେମାନେ ପୁଣି ପୁରୁଷ ବୋଲେଇ ହଉଚ···କିଏ ଅଛ ବାହାରିଆସ, କିଏ ଅଛ, କାଠ ଦରକାର···କାଠ···"

ଡମି ଯାଇ ନୋକ୍‌ମା ଘର ଦୁଆରେ ପହଞ୍ଚିଲ । ···ଯୋଉଠି ଦୁଇଦିନ ଆଗେ ଉତ୍ସବ ଲଗିଥିଲ ସେଠି ଆଜ କିଛି ନାହିଁ···ସତେକି ଶ୍ମଶାନ ପାଲଟିଯାଇଚି ଜାଗାଟା । ଡମିକୁ ଦେଖି ନୋକ୍‌ମାର କୁକୁରଟା ଭୁକି ଲଗିଲ···ମାଲିକକୁ ଧରିନେଇଛନ୍ତି ବୋଲି ବୋଧେ କହୁଚି କୁକୁରଟ! ।

ଡମି ଭାବିଲ ବୋଧେ ଭୟରେ ନୋକ୍‌ମା ଆଉ ତା ଘରର ସମସ୍ତେ ପଳେଇଚନ୍ତି କୁଆଡ଼କି । କିନ୍ତୁ ପରେ ପରେ ପାଖଆଖର କୌଣସି ଘରେ କାହାକୁ ଜଣକୁ ହେଲେ ଦେଖିବାକୁ ପାଇଲନାହିଁ—ଛାଟି କବାଟ ମେଲ—ସବୁଠି ଖାଲି ଶୂନ୍ୟତା । ନିରାଶ ହୋଇ ନିଜ ଘରକୁ ଫେରିଲ ସେ···ନିଜ ଘରର ବି ସେଇ ଅବସ୍ଥା । ଧୀରେ ଭିତରକୁ ପଶିଲ; ମାତ୍ର ପଶୁ ପଶୁ ହଠାତ୍ ଚମକିପଡ଼ି ପାଦେ ପଛକୁ ଘୁଞ୍ଚିଗଲ । ଘର ଭିତର ଚନ୍ଦ୍ରଶାଳରେ ଖୁଣ୍ଟେ ପରି ନିଶ୍ଚଳ ହୋଇ ବସିରହିଛି ଶରକଥା । ଭିତରକୁ ଆଗେଇବାକୁ ଡରମାଡ଼ିଲ ଡମିକୁ ।

ଡମିର ମୁଣ୍ଡଟା ଚକ୍‌ଚକ୍ ଘୂରିଲ । ଯାହାବ ହେଉ କୌଣସିମତେ ସମ୍ଭାଳିନେଲ ସେ ନିଜକୁ । ସାହସ ବାନ୍ଧିଲ । ଧୀରେ ପଶିଲ ଘରକୁ । ସିଧା ଶୋଇବାଘରକୁ ଯାଇ ଦିଆସିଲିଟା ଖୋଜିଲ; କିନ୍ତୁ ପାଇଲନାହିଁ । ଜିନିଷପତ୍ରସବୁ ଇତସ୍ତତଃ ହୋଇ ପଡ଼ିଛି ···ଅନ୍ଧାର ଘର···ଘରଭିତରଟା ନାହିଁ ନଥିବା ଗରମ । ଉତ୍ତାପଟା ଘର ବାହାରୁ ଆସୁଚି ନା ଘର ଭିତରୁ ଅସୁଚି ଜାଣିପାରିଲ ନାହିଁ ଡମି ।

ହୃଦୟଟା ବି ତା'ର ଶୂନ୍ୟ ହୋଇଯାଇଛି···ଧନପୁରକୁ ହରେଇ ଆଜ ତାର ହୃଦୟ ଅଧାଅଧି ଶୂନ୍ୟ ହେଇଯାଇଛି । ହୃଦୟର ସେପାଖରେ ଅଛି କେବଳ ଏକ ଦରମଲ ଆଗ୍ରହ···ଧପ୍‌ଧପ୍ କରୁଚି···ଏ ପର୍ଯ୍ୟନ୍ତ ସେ ଭଲର କଥା ବି ଭାବିପାରିନାହିଁ । ଭଲକୁ ଧରିନେଇଥିବା ଦାରୋଗାଟା ହେଇ ସେଠି ବସିଛି···କିଛି ଗୋଟେ ମନ୍ଦ ଉଦ୍ଦେଶ୍ୟ ନେଇ ନିଶ୍ଚୟ । କିଛି ଗୋଟେ ଭାବିପାରୁନାହିଁ ଡମି ସୁସ୍ଥ ମନରେ । ବାପଘରେ ଝିଅ ହେଇ

ଥିଲି ବେଳଠୁ ଯେଉଁ ମଣିଷଟିକୁ ମନର ବଡ଼ଘରେ ସ୍ଥାନ ଦେଇଆସିଥିଲି, ସେଇ ମଣିଷଟା ବହୁଦିନ ପରେ ଆସି ତାକୁ ପାଗଳୀ କରିଦେଇଗଲା । ଶୋଇଲାବେଳେ, ଖାଇଲାବେଳେ, ବୁଲିଲାବେଳେ ଏପରିକି ଗେରସ୍ତ ସହିତ ବିଛଣାରେ ଶୋଇଥିବାବେଳେ ବି ଧନପୁରର ଗ୍ରାଇଗ୍ରାଇଆ ରୂପ ତାକୁ ଗୋଡ଼େଇବାରେ ଲାଗିଥିଲା ଏଇ କେତେଦିନ ହେଲା । ଭୁଲିଗଲା ମଣିଷଟେ ପରି ତମି ଦଉଥିଲ ଖୋଜୁଛି···କିନ୍ତୁ ପାଉନି କୋଉଠି ହେଲେ । ଲକ୍ଷ୍ମୀଛଡ଼ା ଲୋକଗୁଡ଼ା ଯେ କେବଳ ଜନପଦ ଇତସ୍ତତଃ କରିଛନ୍ତି ତା ନୁହେଁ, ମନଟାକୁ ବି ବାଇଲା କରିଦେଇଛନ୍ତି···ସେ କଣ ଖୋଜୁଛି ନିଜେ ଜାଣିପାରୁନି···ବାରମ୍ବାର ମନେପଡ଼ୁଛି ଧନପୁରର ସପନ କଥା । ସେ ପୁରରେ କଣ ନଗାଁଓ ସହର ଆଉ ଭଳି ନଇ ଥିବ ନା ? ସେଠି କଣ ଧନପୁର ଘର ସଂସାର କରିପାରିବ ସୁଭଦ୍ରା ସହିତ ? କେମିତି ପାରିବ ? ସେଠି ଅବା କୋଉ ନଈ ଅଛି ନା କୋଉ ସହର ଅଛି ?

ଦଉଥିଲଟା ଖୋଜୁ ଖୋଜୁ ହଠାତ୍ ତାର ହାତ ପଡ଼ିଗଲା ଗୋଟେ ଦାଆ ଉପରେ । ଭଲର ଦାଆ ସେଇଟା । କମାରଶାଳରେ ପକେଇ ଏବେ ସେଇଟା ନୂଆକରି ଅଣାହୋଇଛି । ସେଇଟାକୁ ଥୋଇ ଦେଇ ସେ ପୁଣି ଦଉଥିଲ ଖୋଜୁଥିଲା ବିଛଣା ଓଲଟପାଲଟ କରି; କିନ୍ତୁ ହଠାତ୍ କାହାର ପାଦଶବ୍ଦ ଶୁଣି ଦାଆଟାକୁ ହାତମୁଠାକୁ ଆଣି ଜୋର୍ କରି ଧରିନେଲା ।

—"ତମି !"

—"କଣ ହେଲା ଦାରୋଗା ? ଯା ପଳା···ଭଲରେ ଭଲରେ ପଳେଇଯାଆ··· ମୋ ଶୋଇବାଘରେ ତୋର କି କାମ ?" କହୁ କହୁ ଦାଆ ଉପରେ ହାତମୁଠାକୁ ଆହୁରି ଶକ୍ତ କଲା ସେ । ମନେ ମନେ ସତର୍କ ହେଉଥିଲା ନିଜେ··ଏପରି ସମୟରେ ଶଇକିଆ ଟର୍ଚ୍ଚ ପକେଇଲା ତମି ମୁହଁକୁ । ଟର୍ଚ୍ଚ ଆଲୁଅ ତା ମୁହଁରେ ପଡ଼ିବାରୁ, ନାଗ ସାପ ପରି ଫଁ ଫଁ ହେଲା ତମି ।···ଆହୁରି ଜୋର୍ କଲା ହାତମୁଠାକୁ । ଟର୍ଚ୍ଚ ଆଲୁଅରେ ସେ ଦେଖିଲା ଯେ ଶଇକିଆ ତା ଆଡ଼କୁ ଚାହିଁ ମୁରୁକି ମୁରୁକି ହସୁଚି···ହରିଣୀ ଯେତେବେଳେ ଜାଲରେ ପଡ଼ିଚି ଆଉ ଯିବ କୁଆଡ଼େ ?···ଏଇ ଭାବ ଥିଲା ଶଇକିଆର ହସରେ । ତମି ଖୁବ୍ ଝିଙ୍ଗାସୀ କହିଲା—"ଏତେ ସବୁ କରି ତୋ ମନ ମାନିନି ଯେ ମୋ ଉପରେ ଆଖି ପକଉଚୁ !"

ଏଥର ଟର୍ଚ୍ଚର ମୁହଁକୁ ଟିକିଏ ତଳେଇଦେଲା ଶଇକିଆ । ଲୋକଟାର ମୁହଁରୁ ହସ ମରିଗଲା ସତ; କିନ୍ତୁ ଧକ୍‌କାଖିଆ ଅହଂରଟା ଅପମାନରେ ହୁ-ହୁ କରି ଜଳିଉଠିଲା । ତାର ସର୍ବାଙ୍ଗକୁ ଉଚାଟ କରି ତୋଳିଲା ନଗ୍ନ କାମନା । ତମିର ଦେହଟାକୁ ଛିନ୍‌ଭିନ୍ କରି ଖାଇଯିବାକୁ ସେ ସତେକି ଉଦ୍‌ଗ୍ରୀବ ହୋଇ ଉଠିଲା । ଗୋଟେ ସ୍ତ୍ରୀଲୋକର ଔଦ୍ଧତ୍ୟକୁ ଏପରିଭାବେ ହିଁ ଦମନ କରାଯାଇପାରେ । ଆଗରୁ ଅନେକ ସ୍ତ୍ରୀଲୋକଙ୍କୁ ଏଇଭଳିଆ ସଜା ଦେଇଛି ଶଇକିଆ ।···ହାତରେ ରିଭଲଭର୍ ଏବଂ ସାଥିରେ ପୋଲିସ୍ ଫୌଜ ଥିଲେ ନିଶ୍ଚିନ୍ତ ସମ୍ଭୋଗ ପାଇଁ ମନଟା ତାର ଛକ୍‌ପକ୍ ହୁଏ । କେବଳ ଯେ ଶଇକିଆର ଏପରି

ମନୋଭାବ, ତା ନୁହେଁ—ସବୁ ବଳବାନ୍ ବଳାତ୍କାରୀଙ୍କ ମନୋଭାବ ଠିକ୍ ଏଇପରି । ସ୍ତ୍ରୀଲୋକଟି ଯେତିକି ଯେତିକି ଲୋଭନୀୟ ହୁଏ, କାମନା ଏମାନଙ୍କର ସେତିକି ସେତିକି ବଢ଼ିଯାଏ ।

କିଛି ସମୟ ପରେ ଶଇକଆ ଫଟାଗଳାରେ କହିଲା—"ତୋତେ ଦେଖିଲାବେଳଠୁ ମୁଁ ଖାଲି ସୁଯୋଗ ଖୋଜୁଛି । ସେଥିପାଇଁ ତୋତେ ବାନ୍ଧି ନାହିଁ । ଅନ୍ୟ ସମସ୍ତଙ୍କୁ ଗୁଲାମ୍ କରିଦେଲିଣି । ନିୟମ ଅନୁଯାୟୀ ତୋତେ ଆଗ ଧରି ଗୁଲାମ୍ କରିବା କଥା ଥିଲା । ଏଣୁ ତୁ ମୋତେ ଏପରି କଥା କହିବାଟା ଠିକ୍ ହେଲାନାହିଁ । ଡାଆଁଟା ଫୋପାଡ଼ିପକା ।"

ଡାଆଧରା ହାତମୁଠାକୁ ଆହୁରି ଟାଣ କରି ଉମି କହିଲା—"ତୁ ଏଠୁ ଚାଲି ଯା କହୁଚି । ···ମୁଁ ତୋର ସ୍ତ୍ରୀ ନୁହେଁ ।"

ଶଇକଆ କହିଲା—"ଧନପୁର ବୋଧେ ତୋର ସ୍ୱାମୀ ?"

ଉମିର ରକ୍ତ ଟକ୍‌ମକ୍ ହୋଇ ଫୁଟି ମୁଣ୍ଡକୁ ଚଢ଼ିଲା । କ୍ଷଣକପାଇଁ ସେ କିଛି ଜବାବ୍ ଦେଇପାରିଲା ନାହିଁ । ···ଧନପୁର ତାର କିଏ··· ? ଶଇକଆ ଆଗରେ ଫାର୍ଙ୍କିମାରି ଲାଭ ନାହିଁ । ଧନପୁରକୁ ସେ ଚୁମା ଦେଇଛି···ଧନପୁର ତାର ସ୍ୱାମୀ ନୁହେଁ···ତାକୁ କିନ୍ତୁ ସେ ପିଲାଦିନରୁ ଭଲପାଇଆସିଛି । ମଲା ପରେ ବି ସେ ତାକୁ ପାସୋରି ପାରିବନାହିଁ ।

ଶଇକଆ ମୁହଁରେ ପୁଣି ହସ ଫୁଟିଲା । ସେ କହିଲା—"ତୁ ଆଉ ଫୁଟାଣି ମାରନା । ଟିକିଏ ଭାବି ଦେଖ୍ । ଉଲଙ୍କୁ ମୁଁ ଖଲାସ୍ କରିଦେବି । ତୋତେ ବି ବାନ୍ଧିବିନାହିଁ; କିନ୍ତୁ ଦୋଷ ତୋର ସାଙ୍ଗାତଙ୍କ । ଏଠି ତୋରି ଘରେ ସେମାନେ ରହିଥିଲେ ଟି ? କିଏ କିଏ ଏଠି ରହିଥିଲେ ଶୁଣେ ?"

ଉମି କହିଲା—"ସେ ସବୁ କଥା ପଛରେ । ତୁ ଏଠୁ ଆଗେ ଚାଲିଯା କହୁଚି । ତୁ ମୋତେ ପାଇବୁନାହିଁ କି ମୋଠୁ କିଛି କଥା ବି ପାଇବୁ ନାହିଁ ।"

ଶଇକଆ ଏଥର ପକେଟରେ ହାତ ଭର୍ତ୍ତିକରି ରିଭଲଭର୍ ବାହାରକଲା । ତା'ପରେ ସେଟାକୁ ହାତମୁଠାରେ ଧରି ଉମି ଆଡ଼କୁ ଦେଖେଇ କହିଲା—"ଏଟାକୁ ଦେଖୁଚୁ ନା !"

ସ୍ତ୍ରୀ' ପୂର୍ବରୁ ଉମି କେବେ ରିଭଲଭର୍ ଦେଖିନଥିଲା । ଶଇକଆ ଟିଚମାରି ଆହୁରି ଭଲଭାବରେ ରିଭଲଭର୍‌ଟିକୁ ଦେଖେଇ ପୁଣି କହିଲା—"ଦେଖିନୁ ସଦ ଦେଖିଥା, ଭଲଭାବେ ଦେଖିଥା··· ।"

"ମୋତେ ମାରିବାକୁ ଆଣିଚୁ ତ ?"

ଥା-ଥା-ମା-ମା ହେଲା ଶଇକଆ । ସରଳ ନିର୍ଦ୍ଦୋଷ ଉମି ମୁହଁରେ ଭୟର ଚିହ୍ନବର୍ଣ୍ଣ ନାହିଁ, ବରଂ ସେଠି ଫୁଟିଉଠୁଛି ଘୃଣା···ଖାଲି ଘୃଣା··· । ଉମି ଯେ ରିଭଲ୍‌ଭର୍‌କୁ ଭୟ କରେନା ଏକଥା ବେଶ୍ ବୁଝିପାରିଲା ଶଇକଆ । ସେ ତେଣୁ କିଛି ଉତ୍ତର ଦେଇପାରିଲା ନାହିଁ ଉମିକୁ ।

ଉମି ପୁଣି ପଚାରିଲା—"ସେଥିରେ ଧନପୁରକୁ ମାରିଲୁନା ?"

"ନାଁ ତ, ମୁଁ ଧନପୁରକୁ ମାରିନି ତ !"

"ତେବେ ମାରିଲା କିଏ ?"

—"କହି ପାରିବି ନାହିଁ…ବୋଧେ ମିଲିଟାରି ଲୋକେ ମାରିଛନ୍ତି ।" କହିବ ନ କହିବ ହୋଇ ଏତିକି କହିଲା ଶଙ୍କୁଆ ।

—"ତୋ ପରି କୌଣସି ଗୋଟେ କୁକୁର ନିଶ୍ଚୟ ତାକୁ ମାରିଛି ।" —ବୋଲି ଊର୍ମି ଦାଆଟାକୁ ନଚେଇ ନଚେଇ କହିଲା ।

ଏଭଳି ଏକ ନିର୍ଭୀକ ସ୍ତ୍ରୀଲୋକର ସମ୍ମୁଖୀନ ହୋଇନଥିଲା କେବେ ଶଙ୍କୁଆ ।… ରିଭଲ୍‌ଭର୍ ଦେଖି ବି ତାର ଭୟଭ୍ରାନ୍ତି କିଛି ନାହିଁ ! ତାକୁ ପୁଣି କୁକୁର ବୋଲି କହୁଛି ! ଅପମାନ ତଥା ପ୍ରତିଶୋଧର 'ବହ୍ନି'ରେ ଜଳିଗଲା ସେ ।…ରିଭଲ୍‌ଭର୍‌ଟିକୁ ହାତରେ ଝୁଲେଇ ନେଇ ଗର୍ଜନ ତର୍ଜନ କରି କହିଲା ଶଙ୍କୁଆ—"କୁକୁର ନୁହେଁ…ବାଘ…ଦେଖ୍ ମୁଁ କଣ କରୁଛି… ।"

—"ବାଘ…ଆହା-ହା…ବାଘ…ବାଘ କଣ କାହାର ହୁକୁମ୍ ମାନି ମଣିଷ ମାରେ ? ବାଘ ହଉଛି ବଣର ରଜା…ତୁମେମାନେ ସରକାରର କୁକୁର ।

ମରିବାକୁ ପ୍ରସ୍ତୁତ ହେଲା ଏଥର ଊର୍ମି । ଯ୍ୟା ହାତରେ ଦେହକୁ ଅପବିତ୍ର କରିବା ଅପେକ୍ଷା ମରିଯିବା ଭଲ ।…ଧନପୁର ପରି ସେ ବି ମରିବ । ସୁଭଦ୍ରାର ଦଶା ଭୋଗିବାକୁ ସେ ନିଜକୁ ଦେଇପାରିବନି । କିନ୍ତୁ ଗାଁରେ ଯେ ମିଲିଟାରି ଭର୍ତ୍ତି ! ଯଦି ତିନି ଚାରିଟା ଲୋକ ଆସି ତାକୁ ଧରାଧରି କରନ୍ତି ତେବେ ସେ କରିବ କ'ଣ ? ଭାବିପାରୁନି ସେ…ଏଇ ଦାଆଖଣ୍ଡିକରେ କାଟିପକେଇବ ନିଜ ଗଳାକୁ ? ଜୀଇଁ ଥାଉ ଥାଉ ସେ କେବେହେଲେ ଧରାଦେଇପାରିବନି ନିଜକୁ ଶଙ୍କୁଆ ହାତରେ ।

ଊର୍ମି ଦେଖିଲା, ଶଙ୍କୁଆ ଆଦୌ ହଲଚଲ ହେଉନାହିଁ । ରିଭଲଭର୍ ବି ଉଠଉ-ନାହିଁ ।

ଆଗରୁ କେବେ ଏପରି ଜବଦ୍ ହୋଇନଥିଲା ଶଙ୍କୁଆ । ଊର୍ମିର ତେଜୀୟାନ୍ ସୁନ୍ଦର ମୁହଁ ଖଣ୍ଡିକ ତଥା ଆନ୍ଦୋଳିତ ଅଙ୍ଗର ଦେଖି ତା ଦେହରେ ନିଆଁ ଜଳିଥିଲା । କାମନାର ଯାତନାରେ କମ୍ପି ଉଠିଥିଲା ସେ । ଊର୍ମିକୁ ନ ମାରିବା ଯାଏଁ ତାକୁ ପାଇବା କଥା ମିଛ । ତାକୁ ବନ୍ଦ କରିବା ହିଁ ଏକମାତ୍ର ଉପାୟ; କିନ୍ତୁ ସେଥିପାଇଁ ଦରକାର ପୋଲିସ ସାହାଯ୍ୟ । ତେଣୁ ସେ ସେଠୁ ବାହାରିଯିବାକୁ ଉଦ୍ୟତ ହେଲା ।

ବହୁତ ବେଳଯାଏଁ ସ୍ଥିରଭାବେ ଠିଆହୋଇ ଊର୍ମିକୁ ଚାହିଁରହିଲା ସେ । ତା'ପରେ ଟର୍ଚ୍ଚିଟି ଲିଭେଇଦେଇ ରିଭଲଭର୍‌କୁ ସଜାଗଭାବେ ଧରି ଘର ଭିତରୁ ବାହାରିଆସିଲା ।

ଊର୍ମି ଭାବିଲା ଏଇଟା ହିଁ ପଳେଇଯିବାର ମଉକା । ଦୁଆର ବାଟେ ଯାଇହବନି—ଧରାପଡ଼ିଯିବ । ଶୋଇବା ଘର କାନ୍ଥ କାଟି ସେପାଖେ ବାହାରି ବାଡ଼ପଟ ଅଗଣା କଡ଼କୁ ଲାଗିଥିବା ବାଉଁଶବଣ ଭିତରେ ପଶିବାକୁ ହେବ । ଅନ୍ୟ ଉପାୟ ନାହିଁ ।

ପାଞ୍ଚମିନିଟ ଭିତରେ କାମଟିକୁ ଶେଷକରି ଘରପଛ ବାଉଁଶବଣରେ ପଶିଲା ଊର୍ମି । ଘରୁ ବାହାରିବା ପୂର୍ବରୁ ଘରର ଦୁଆରଟା ଭିତରପଟୁ ଜଞ୍ଜିର ଲଗେଇଦେଇଥିଲା । ଦୁଆର

ଖୋଲ ପଶିବାକୁ ସମୟ ଲାଗିବ ଗାଇକଆକୁ । ବଣ ଭିତରେ ଗାଁଲୋକ ନିଶ୍ଚୟ ଥିବେ । ସେମାନଙ୍କ ସାଥିରେ ଗୁହଟା କଟେଇଦେବ । ତା'ପରେ କଣ ହେଉଛି ଦେଖାଯାଉ··· ।

ବାଉଁଶ ବଣର ତଳେ ତଳେ ଯାଇ ନଈକୂଳର ବଣ ମହିଁକୁ ପଶିଲା ଝିମି । ତା'ପରେ ନଈଘାଟ ଆଡ଼କୁ ଗ୍ଲୁଲଲା ସେ । ଗ୍ଲୁଲବା ତ ନୁହେଁ—ପୂରାପୂର ଦଉଡ଼ । ତାର ମନେ ପଡ଼ିଲା—ବଲବାହାଦୂର ଆଇପାରେ··· ।

ନଈଘାଟରେ ପହଞ୍ଚି ଗ୍ଲୁରଆଡ଼କୁ ଟିକଏ ନଜର ପକେଇଲା ଝିମି···କାଲେ କେହି ଲୋକବାକ ଥିବେ ।

କିନ୍ତୁ ଘୋର ଅନ୍ଧକାର । କିଛି ବି ଦେଖାଯାଉନଥାଏ । ଯାହା ବି ହଉ, ଏପରି ସମୟରେ ଆଲୋକ ଅପେକ୍ଷା ଅନ୍ଧକାର ଶ୍ରେୟସ୍କର ।

ବଲବାହାଦୂରର କୌଣସି ଟେର୍ ନାହିଁ । ଖୋଜିବାକୁ ବା ଅପେକ୍ଷା କରିବାକୁ ବେଳ ନାହିଁ ତାର । ସେ ବାଲି ଗ୍ଲୁଡ଼ି ନଈପାଣିରେ ପଶିଲା । କପିଳୀ ପାର ହୋଇ ସେପାରିର ନଈପଠାରେ ଆଶ୍ରୟନେବା ବ୍ୟତୀତ ତାର ଅନ୍ୟ ଗତି ନାହିଁ । ପ୍ରାୟ ଦଶମିନଟ କାଳ ପହଁରି ପହଁରି କପିଳୀର ସେପାରି ଘାଟରେ ଉଠିଲା ଝିମି ।

ଓଦା ସରସର ହେଇ ବାଲିରେ ଗ୍ଲୁଲବାରୁ ମେଖେଲାରୁ ଫଡ଼ ଫଡ଼ ଶବ୍ଦ ଶୁଭିଲା । ମେଖେଲାକୁ ଆଣ୍ଠୁଯାଏଁ ଟେକିଦେଇ ଟେକା କାନିକୁ ଅଣ୍ଟାରେ ଖୋସିଦେଲା । ତା'ପରେ ବାଲିରେ ବାଲିରେ ଗ୍ଲୁଲି ଗ୍ଲୁଲି ଆଗେଇଲା ଦୂରରୁ ଦିଶୁଥିବା ଆଖୁବାଡ଼ି ଆଡ଼କୁ । ଏବେ ବି କେତେକ ଆଖୁ କଟା ନହୋଇ ରହିଛି ସେଠି । ସେଇ ଆଖୁବାଡ଼ି ଭିତରେ ପଶିଯାଇ ଗୋଟେ ପଥର ଉପରେ ବସିପଡ଼ିଲା ସେ । ଘାଟରେ କଥାବାର୍ତ୍ତା ହେଲେ ସେଠିକି ଶୁଭେ । ସେ ଏକାନ୍ତ ମନରେ ସେଇଠି ବସିରହି ଘାଟକୁ କାନେଇଲା ।

ହଠାତ୍ ଗାଙ୍ଗେ ଗାଁରୁ ନିଆଁ ଦେଖାଗଲା···ଏକାଥରକେ ଅନେକ ବହ୍ନିଶିଖା—ଦୈତ୍ୟ ମୁଖର ଲହ ଲହ ଜିହ୍ୱାପରି । ବହ୍ନିଶିଖାଗୁଡ଼ିକ ଆକାଶ ଆଡ଼କୁ ଉଠୁଥିଲା । ଓଃ··· ବଡ଼ ଭୟଙ୍କର ସେ ଦୃଶ୍ୟ··· !···କିଏ···କିଏ···ଏ ନିଆଁ ଜଳେଇଦେଲା ? ପୋଲିସର କାମ ନିଶ୍ଚୟ । ଗାଁଲୋକେ କଣ ନିଜ ଗାଁକୁ କେବେହେଲେ ଧ୍ୱଂସ କରିବେ ? ବାଡ଼ିପୋଡ଼ା ଗୁଡ଼ାଙ୍କର ମଣିଷମାରି, ମଣିଷ ଧରି ସଉକ ତୃଟିନାହିଁ···ଏବେ ଘରଦ୍ୱାର ପୋଡ଼ି ମରୁଚନ୍ତି··· । ଓ···ମା···ଗୋ···ଲୋକଙ୍କର ସର୍ବସ୍ୱ, ସ୍ତ୍ରୀଙ୍କର ସତୀତ୍ୱ ଲୁଟିନେଇ ବି ପାପୀଗୁଡ଼ାଙ୍କର କାମନା ପୂରଣ ହେଇନାହିଁ । ପୁରୁଷଗୁଡ଼ା ଗଲେ କୁଆଡ଼ିକି ?··· ଧନପୁର ପରି ଗୋଟେ ଲୋକ ବି ବାହାରିଲେ ନାହିଁ ତା'ଭିତରୁ ? ତିଳ ତିଳ କରି ଯନ୍ତ୍ରଣା ଭୋଗି ମରିବା ଅପେକ୍ଷା ଆତ୍ମହତ୍ୟା କରି ମରିପାରିଥାନ୍ତେ ତ !

ଟିକଏ ପରେ ପାଟି ଶୁଭିଲା ସେପାରି ଘାଟଆଡ଼ୁ । କାନଡେରି କଥାବାର୍ତ୍ତା ଠଉରେଇବାକୁ ଲାଗିଲା ଝିମି । କଥାବାର୍ତ୍ତାରୁ ବୁଝିଲା ଯେ ସେମାନେ ତା'ରି ଗାଁଲୋକ । ନିଆଁ ଡରରେ ନଈବାଲିକୁ ଗ୍ଲୁଲିଆସିଛନ୍ତି । ଜମା ହେଇଛନ୍ତି ଏକାଠି ।···ଝିମି ଧୀରେ ଧୀରେ ଆଖୁବାଡ଼ିରୁ ବାହାରିଆସି ପାଣି ସୁଅ ପାଖରେ ପହଞ୍ଚିଲା । ସେଠି କିଛି ସମୟ

ଛୁଡ଼ାହୋଇ ସେ ବଡ଼ପାଟିରେ କହିଲା—"ଦେଖୁଚଁ ନା ଘରଗୁଡ଼ା କେମିତି ପୋଡ଼ି ଯାଉଚି ? ତମେ ସବୁ ଏଠିଟାରେ କଣ କରୁଚ ?"

ସେପାଖରୁ ଜଣେ ପଚାରିଲା—"ତୁ କିଏସେ ?"

—"ମୁଁ ଊର୍ମି ।"

—"ରାକ୍ଷସୀ ! ତୋତେ ଖୋଜି ଖୋଜି ନପାଇଲାରୁ ସିନା ଆମ ଘର ପୋଡ଼ିଦେଲେ ସେଇ ଦାରୋଗା ।"

—"ତମେଗୁଡ଼ା ଅଣ୍ଡିରି ନା ମାଇ ? କ'ଣ କରୁଥିଲ ସବୁ ? ଦେହଟାକୁ ତାର ମୋଡ଼ି ଦେଇ ପାରିଲନାହିଁ ?" କହୁ କହୁ ପୁଣି ଥରେ ପାଣିକି ପଶିଲା ଊର୍ମି ।

ପୁଣି ପହଁରି ପହଁରି ସେ ଯାଇ ସେ ପାରରେ ଯାଇ ଉଠିଲା । ଝଲ୍ମଲ୍ଆଲୁଅରେ ସାରା ଦେହଟା ଏଥର ଆହୁରି ଓଜଳିଆ ହୋଇଗଲା । ପାଣି ଚୁଡ଼ୁଚୁଡ଼ୁ ମେଖଳାଟାକୁ ଚିପୁଡ଼ି ଚିପୁଡ଼ି ସେ କହିଲା—"ଏ ଯୁଗରୁ ତୁମେ ସବୁ ପୁରୁଷ ହୋଇଚ, ନା ? ସେମାନେ ଗଲେଣି ନା ନାହିଁ ?"

—"ଗଲେଣି ।"

—"କିଏ ଦେଖିଚ ?"

ହଠାତ୍ ଦଳଭିତରୁ ବାହାରିଆସିଲା ଜୟରାମ । ସେ କହିଲା—"ମୁଁ ଦେଖିଚି ଊର୍ମି ! କାହିଁକି ଗଲେଶୁରି ଜାଣିଚୁ ନା ?"

—"କାହିଁକି ?" ଅତି ଉତ୍କଣ୍ଠାର ସହିତ ପଚାରିଲା ଊର୍ମି ।

— "ହାତିପୋଖରୀ ଆଉ ବାରପୁଟିଆର୍ଯ୍ୟ ପଟେ କୁଆଡ଼େ କଂଗ୍ରେସ ଓ ମୁକ୍ତିବାହିନୀର ଗୋଟେ ମିଟିଂ ବସିଚି । ଲିଷ୍ଟ ତିଆରି ହେଲାଣି ଅତ୍ୟାଗ୍ରହୀମାନଙ୍କର—ସେମାନଙ୍କୁ ମାରିଦିଆଯିବ । ପ୍ରଥମ ଅତ୍ୟାଗ୍ରହୀ ଏଇ ଶଇକିଆ···ସେମାନଙ୍କୁ ଯେମିତିହେଉ ମାରିବାକୁ ହେବ ।"

—"ତୁ କେମିତି ଖବର ପାଇଲୁ ?"

—"ଶାନ୍ତିସେନା ଲୋକେ ସିପାହିମାନଙ୍କଠୁ ଶୁଣିଚନ୍ତି ।"

—"ତମମାନଙ୍କର ଶାନ୍ତିସେନା ବାହାରିଚନ୍ତି ନା ?"

—"ହଁ, ବାହାରିଚନ୍ତି··· ।"

ମୁହଁରୁ ଦେହରୁ ପାଣି ପୋଛି ମୁଣ୍ଡବାଳକୁ ମୁକୁଳା କରିଦେଲା ଊର୍ମି । ତା'ପରେ କହିଲା—"ତମେ ତେବେ ଏଠି ରହି କଣ କରୁଚ ? ଚାଲୁନ, ଜଗିଁ ଲଢେଇବା···"

ଊର୍ମି କଥାରେ ଆଦେଶର ସ୍ୱର । ଏମିତିଭାବେ ପୁରୁଷଲୋକଗୁଡ଼ାକୁ ଆଦେଶ ଦେବାର ଶକ୍ତି ସେ ପାଇଲା କୋଉଠୁ !···ଏ କଥାର କୂଳକିନାରା କିଛି ପାଇଲାନାହିଁ ଜୟରାମ ।

ଲୋକଙ୍କର ଏବେ ଯାଇ ଚେତା ପଶିଲା । ସମସ୍ତେ ଦୌଡ଼ିବାକୁ ଆରମ୍ଭକଲେ ଗାଁଆଡ଼କୁ । ସମସ୍ତଙ୍କ ପଛରେ ଗଲେ ଊର୍ମି ଓ ଜୟରାମ ।

ବାଟରେ ଊର୍ମି ପଚାରିଲା—"ବଳବାହାଦୂରକୁ ଦେଖିଲୁ କି ? ସେ ପରା ଘାଟରେ ଥିବା କଥା ?"

ଜୟରାମ ଉତ୍ତରଦେଲା—"ସେ ପଁଚ ଏବେ ଲୁଚି ଲୁଚି ବୁଲୁଚି ! ପୋଲିସ ଅନେକ ଥର ଆସି ତଲାସିଗଲେଣି ତାକୁ । ସାଢ଼ମଲ ଖୋଜାଗ୍ଲଲିଛି ତାକୁ । ସବୁ ଖବର ରଖିବାକୁ ମୁଁ ଏମିତି ଘୂରିବୁଲୁଚି ପରା ! କେବଳ ତୋର ଭେଟ ପାଉନଥିଲି । ଭାବଥିଲି ତୋତେ ସେମାନେ ମାରିପକାଇଚନ୍ତି । ମାରିଦବାଟା ଆଜିକାଲି ସେମିତି କିଛି ବଡ଼କଥା ନୁହଁ ।··· ଯା ହେଉ, ତୁ ନିଜକୁ ବଞ୍ଚେଇପାରିଚୁ ।···ଟାଉନ ଖବର କଣ ? ଯୋଉମାନେ ଧରା-ହେଇଥିଲେ ସେମାନଙ୍କର ଖବର କଣ ?"—ଜୟରାମର ପ୍ରଶ୍ନରେ ଉତ୍କଣ୍ଠା ।

ଗାଁରେ ପହଞ୍ଚିବାବେଳଠୁ କାହା ଆଗରେ ମନଖୋଲି କଥା କହିବାକୁ ସୁଯୋଗ ପାଉନଥିଲା ଉମି । ଫେରିବାବେଳଠୁ ଗୋଟେ ପରେ ଗୋଟେ ଘଟଣା ଘଟିଲାଣିଚି । ନଗାଁଓ ସହରରେ ଯେଉଁ ଘଟଣାଗୁଡ଼ା ସେ ପ୍ରତ୍ୟକ୍ଷ କରିଆସିଛି ସେଗୁଡ଼ା ଯେମିତି ଅତି ପୁରୁଣା ପୁରୁଣା ଲାଗୁଚି ତାକୁ । ଆଜି ଖାଲି ସେ ନୂଆ ନୂଆ ଘଟଣାର ସମ୍ମୁଖୀନ ହେଉଚି । ସଚରାଚର ଘଟୁଥିବା ଘଟଣାଗୁଡ଼ିକଠାରୁ ଏ ଘଟଣାଗୁଡ଼ା ଭିନ୍ନ···ସମ୍ପୂର୍ଣ୍ଣ ଭିନ୍ନ !

ହଠାତ୍ ଉମି ମନରେ ଗୋସେଇଁଆଣୀଙ୍କ କଥା ଭାସିଉଠିଲା । ପୋଲିସ ତାଙ୍କୁ ହାଜତକୁ ନେଇଯାଇଥିଲେ; କିନ୍ତୁ ହାଜତରେ ଜାଗା ଅଣ୍ଟିଲା ନାହିଁ । ଜେଲ୍‌ରେ ବି ଜାଗାନାହିଁ । ଫଳରେ ଲୋକେ ସାରାରାତି ଥାନା ବାରଣ୍ଡାରେ ପଡ଼ିରହିଲେ । ସେଇ ଥାନାର ଯେ ଦାରୋଗା ସେ ହେଉଚନ୍ତି ଗୋସେଇଁଆଣୀଙ୍କ ବାପାଙ୍କର ଭଣଜା—ମାନେ ପିଉସୀ ପୁଅ ଭାଇ । ନାଁ ଟା ଅନନ୍ତ କି କଣ । ତାକୁ ଦେଖିବାକୁ ଚାହୁଁଥିଲେ ଗୋସେଇଁଆଣୀ; କିନ୍ତୁ ତାକୁ ପାଉଚନ୍ତି କେତେବେଳେ ! ଏଇ ଶଇକଥା ପରି ଅତ୍ୟାଚାରଟା···ରାଜ୍ୟମାନଙ୍କର ଅଭିଶାପ ପଡ଼ିଚି ତା' ଉପରେ । ବହୁତ ଲୋକ ଛକିଛନ୍ତି ତାକୁ ଧରିବାକୁ । ଆଜିକୁ ସାତଦିନ ହେଲା ହାଗାସୋଂ ମୌଜାରେ ଅଛି ସିଏ । ବାରପୂଜାସ୍ଥା ଓ ହାଗାସୋଂ ମୌଜା ଭିତରେ ବାଙ୍ଗାଲି ବସ୍ତିବାସୀମାନେ ଆଡ଼ଡ଼ା ଜମେଇଚନ୍ତି । ଦୁଇଟାଯାକ ଗାଁରେ ଜାଲି ବିଛେଇଚନ୍ତି ପୋଲିସଦଳ ।

ଗୋସେଇଁଆଣୀ ଯେତେବେଳେ ଏଇ କଥାଗୁଡ଼ା କହୁଥିଲେ, ସେତେବେଳେ ସେ ଶର୍ଜର୍ଭ ପଡ଼ିଆରେ ପଡ଼ିଥିଲେ । ପେଟର ଯନ୍ତ୍ରଣାରେ ଅନ୍ତର ତାଙ୍କର କାନ୍ଦଉଠୁଥିଲା ସେତିକିବେଳେ । ଅନନ୍ତକୁ କୁଆଡ଼େ ଗୋସେଇଁଆଣୀଙ୍କ ବାପା କିମ୍ବା ମା' କେହି ବି ଭଲଦୃଷ୍ଟିରେ ଦେଖନ୍ତି ନାହିଁ—କିନ୍ତୁ ଗୋସେଇଁଆଣୀଙ୍କ ସହିତ ତାର ସୁସମ୍ପର୍କ । ଆନ୍ଦୋଳନବେଳେ ଅନନ୍ତ ଅନେକ ଥର ମାୟୁଂ ଯାଇ ମଠକୁ ଯାଇଛି । ଗୋସେଇଁଆଣୀ ନିଜ ହାତରେ ଅନନ୍ତକୁ ଚାହା ଖୁଆଇଛନ୍ତି । ତାକୁ ସାବଧାନ କରାଇ ଦେଇଥିଲେ ବାରମ୍ବାର ।

ଶର୍ଜର୍ଭ ପଡ଼ିଆରେ ନିଲମ ଜିନିଷ ଡାକିଲାପରି ଲୋକମାନେ ଜାମିନ ସକାଶେ ଡାକ ଛାଡ଼ୁଥିଲେ । ସହରିଆ ଲୋକଗୁଡ଼ା ବାହାରକୁ ଦେଖିବାକୁ ସିନା ସୁନ୍ଦର—ବେଶ୍ ଫିଟ୍‌ଫାଟ୍; କିନ୍ତୁ ଅସଲବେଳକୁ ଭାରୁଗୁଡ଼ାକ । ଲୋକ ଶହେ ଖଣ୍ଡେ ହେବେ । ମାୟୁଂ, ମନହା, ବେବେଜାସ୍ଥା, ହାଗାସୋଂ, ବାରପୂଜାସ୍ଥା, କଲିଆବର ପ୍ରଭୃତି ବିଭିନ୍ନ ସ୍ଥାନରୁ ଧରାହୋଇ

ଆସିଚନ୍ତି ଏମାନେ । ଏଣୁ ଜାମିନରେ ନବାକୁ କେହି ବି ଆଗଭର ହେଉନାହାନ୍ତି । କେବଳ ଭୂୟାଁପଲ୍ଲୀର ଦୁ'ଟା ଟୋକା ଆଉ କଲିଆବର ପଟୁ ଆସି ମହାଜନୀ କରୁଥିବା କେତେଟା ସାହସୀ ଲୋକ ବାହାରିଲେ ଶେଷକୁ । କଲିଆବରର ଅନେକ ଚାଷୀ ଧରାହୋଇ ଆସିଥିଲେ । ଜାମିନ ନବାକୁ ମାତ୍ର ଜଣେ ଦୁଇଜଣ ।

ସାରାରାତି ମଶାଡାଆଁଶଙ୍କ କାମୁଡ଼ା ଖାଇ ଖାଇ ବଞ୍ଚିଲେ । ପ୍ରବଳ ଶୀତରେ ଜାଡ଼ି ଜାଡ଼ି, କଷ୍ଟ ପାଇ ପାଇ ସକାଳର ପ୍ରଥମ ସୂର୍ଯ୍ୟକିରଣରେ ଦେହକୁ ସଲଖଉଥିଲେ ସେଇ ଲୋକମାନେ । ଗୋସେଇଁଆଣୀ କେବଳ ଯନ୍ତ୍ରଣାରେ ଛଟପଟ ହେଉଥିଲେ । ପ୍ରସବ ସମୟ ପ୍ରାୟ ଉପସ୍ଥିତ । ଗର୍ଭିଣୀ ସ୍ତ୍ରୀଲୋକଟାର ଆସନ୍ନ ପ୍ରସବଯନ୍ତ୍ରଣାକୁ ଦେଖି ମଧ୍ୟ ପୋଲିସଲୋକଙ୍କର ଦେଖା-ସାକ୍ଷାତ୍ ନାହିଁ । କ୍ରୋଧରେ ଅଧୈର୍ଯ୍ୟ ହୋଇ ବନ୍ଦୀମାନେ ଯାବତୀୟ ଅକଥ୍ୟ ଭାଷାରେ ଗାଲିଗୁଲଜ କରୁଥିଲେ ସରକାରକୁ । ଦାଣ୍ଡ ମଝିରେ, ସ୍ପଷ୍ଟ ଦିବାଲୋକରେ ସମସ୍ତଙ୍କ ଆଖି ଆଗରେ ଜଣେ ସମ୍ଭ୍ରାନ୍ତ ମହିଳା ସନ୍ତାନ ପ୍ରସବ କରିବ, ଏହାଠୁ ବଳି ଆଉ କି ଅଧିକ ଅମାନୁଷିକ ଘଟଣା ଥାଇପାରେ ଏ ପୃଥିବୀରେ !! …ଶେଷକୁ ଖବରପାଇ, କୋଉଠି ଥିଲେ କେଜାଣି, ଆସି ପହଞ୍ଚିଲେ ଫୁଲକନ୍ । ସାଥିରେ ଆଣିଥିଲେ ମଟରଗାଡ଼ି । ନିଜେ ଜାମିନ୍‌ରେ ଗୋସେଇଁଆଣୀଙ୍କୁ ଖଲାସ କରାଇ ତାଙ୍କୁ ନେଇ ତାଙ୍କ ସମ୍ପର୍କୀୟ ଅନନ୍ତ ଦାରୋଗା ଘରେ ଛାଡ଼ିଆସିଲେ । ଭୋକ-ଉପାସ-ଶୋକ-ତାପରେ ଜର୍ଜ୍ଜରିତ ବନ୍ଦୀଗଣ ସେତେବେଳେ ଯାଇ ଶାନ୍ତିର ନିଃଶ୍ୱାସ ମାରିଲେ । …ଅନନ୍ତ ସେତେବେଳେ ଘରେ ନଥାଏ । ଅନନ୍ତଙ୍କ ସ୍ତ୍ରୀ ଗୋସେଇଁଆଣୀଙ୍କ ସେବା-ଶୁଶ୍ରୂଷାର ଭାର ବହନକଲା ।

ଗୋସେଇଁଆଣୀଙ୍କୁ ଦେଖିବବୋଲି ଊର୍ମି ସେଠିକି ଯାଇଥିଲା । ଊର୍ମି ଦେଖିଲାବେଳକୁ ଗୋସେଇଁଆଣୀଙ୍କ ପୁଅଟିଏ ଜନ୍ମ ହୋଇ ସାରିଥିଲା । …ପିଲାଟି ମଧ୍ୟମ ଧରଣର; କିନ୍ତୁ ବେଶ୍ ମୋଟାସୋଟା । ଟିକି ପୁଅଟିକୁ ଦେଖି ଦେଖି ସ୍ୱର୍ଗସୁଖ ଅନୁଭବ କଲେ ଗୋସେଇଁଆଣୀ । କହିଲେ--"ଊର୍ମି ଲୋ ! ଗୋସେଇଁଙ୍କି ଯାଇ କହିବୁ, ଯଦି ପାରନ୍ତି ଥରେ ଆସି ଦେଖିଯିବେ…" ଏଇ କଥା ପଦକ କହୁ କହୁ ଗୋସେଇଁଆଣୀଙ୍କ ମୁହଁସାରା ସତେ କି ସରଗର ଆଲୁଅରୁ ମେଞ୍ଚାଏ ଖେଳେଇହୋଇଗଲାପରି ଦିଶୁଥିଲା ।

…ବରୁଆଘର ଖୋଜିବାକୁ ଗୁଡ଼ାଏ ସମୟ ଲାଗିଗଲା ଊର୍ମିକୁ; କିନ୍ତୁ ସେତେବେଳେ ଖୋଜି ପାଇଲା, ଦେଖିଲା ଯେ ତାଲାବନ୍ଦ । ପାଖପଡ଼ିଶାରୁ କେହି ଜଣେ ଲୁଚି ଲୁଚି ଆସି ତାର ପରିଚୟ ପାଇ କହିଲା ଭୂୟାଁଙ୍କ ଘରକୁ ଯିବାକୁ । …ସେଠି ଯାଇ ଦେଖିଲାବେଳକୁ ସାଙ୍ଘାତିକ କାଣ୍ଡ । ଘରଟାକୁ ଚାରିଆଡ଼ୁ ପୋଲିସ ଘେରି ରହିଛନ୍ତି । କଲିଆବର ଓ ମିଣାର ଦୁଇଟା ଟୋକାଙ୍କୁ ସେଇ ଘରଭିତରୁ ବାହାରକରି ଆଣୁଚନ୍ତି । …ଗୋଟେ ମସ୍ତ ଟୋକା, ଆଉଟା ଜୀର୍ଣ୍ଣ-ଶୀର୍ଣ୍ଣ, ଶୁଖିଲା ଓ ନିସ୍ତେଜ । ଦେଖିଲେ ଜଣାଯାଉଥିଲା, ସତେକି ବଧଶାଳକୁ ପଠାଯାଉଚି ସେମାନଙ୍କୁ । ଆହୁରି ମଧ୍ୟ କଣ କଣ ଜିନିଷପତ୍ର ବାହାରକରି ଆଣୁଥିଲେ ଘରଭିତରୁ । ପୋଲିସମାନେ ଚାଲିଯିବା ପରେ ଭୂୟାଁର ପୁଅମାନେ କଥାବାର୍ତ୍ତା ହେଉଥିଲେ । ଅସଲ କଥାଟା ହେଉଚି ଯେ ଭୂୟାଁଙ୍କ ଘରଟା ନଗାଁଓର କଂଗ୍ରେସ ଅଫିସ ।

ଗୁପ୍ତନାଗସ୍ଥଶ ପଠେଇଥିବା କାଗଜପତ୍ର ସବୁ ଭୂୟାଁଣୀଙ୍କ ହାତରେ ଦେଲା ଡମି ।

ଦେଲେ କ'ଣ ହବ—କଂଗ୍ରେସର ସେନାପତି ଅଥବା ଶାନ୍ତିସେନାର କେହି ବି ସେଠି ଏବେ ନଥିଲେ···ଆନ୍ଦୋଳନର ଚରମ ସମୟ···କିଏ ଯେ କୋଉଠି ଏବେ ଥିବେ, ସେକଥା କିଏ ଜାଣେ ? କିନ୍ତୁ ସେସବୁ କେବଳ ତଥ୍ୟର ବିବରଣୀ ମାତ୍ର ।···କାଗଜପତ୍ର-ଗୁଡ଼ିକୁ ନେଇ ଭୂୟାଁଣୀ ବେଶ୍ ଯତ୍ନ ସହକାରେ ରଖିଲେ । ଡମି ପାଖରୁ ଧନପୁର ହେଡ଼କାଙ୍କ ଖବର ନେଲେ । ତା'ପରେ ଡମିର ଫେରିବାର ବ୍ୟବସ୍ଥା ବି ସେ କରିଦେଲେ । ଦ'ଜଣ ଲୋକ ମାସ୍ୟଂ ପର୍ଯ୍ୟନ୍ତ ଆସିବାର ଥିଲା ବାହାଘରର ଦରବାର ଧରି । ମିରଗାଁ ବାଟରେ ଆଜିକାଲି କୌଣସିମତେ ଜିପ୍‌ଗାଡ଼ି ଯାଇ ଆସି ପାରୁଛି । ଡମିର ସୁବିଧା ହେଲା । ଏକଲା ଡମି ନୁହେଁ, ଗୋସେଇଁଆଣୀଙ୍କ ସାଥିରେ ଗିରଫ୍ ହୋଇଥିବା ବାଣେଶ୍ୱର ରଜାର ସ୍ତ୍ରୀ ଓ ଅନ୍ୟ କେତେଜଣ ସ୍ତ୍ରୀଲୋକ ମଧ୍ୟ ସେଇ ଜିପ୍‌ରେ ଆସିଲେ··· । ଆସୁ ଆସୁ ବାଟରେ ଦେଖିବାକୁ ପାଇଲେ ସେଇ ଅଭିନବ ଦୃଶ୍ୟ ।

ରହାଠାରୁ ସବ୍‌ଇବାହା ବାଟରେ ଦଳେ ସ୍କୁଲପିଲା ଜାତୀୟପତାକା ଧରି ଗୀତ ଗାଇ ଗାଇ ଆଗେଇ ଆସୁଥିଲେ ସୋନାଇ ନଈକୂଳକୁ । ସୋନାଇ ପାରି ହୋଇ ସେମାନେ ହେକୋଣ୍ଡାବର ଆଡ଼କୁ ଆଗେଇଯାଉଥିଲେ । ଗାଁର ଲାଲୁଂ, ମିକିର, ବ୍ରାହ୍ମଣ, ଶୂଦ୍ର—ସମସ୍ତେ ଘରୁ ବାହାରି ଦାଣ୍ଡରେ ଦେଖୁଥିଲେ ସେଇ ଶୋଭାଯାତ୍ରା ।···ପିଲାଗୁଡ଼ା ଖୁବ୍ ସାହସୀ । କେତେବେଳେ ସେମାନଙ୍କ ଛାତିରେ ଯେ ଗୁଳି ପଶିଯିବ ତାର କିଛି ଠିକ୍ ଅଛି ! ଶଇକିଆ କୁଆଡ଼େ କହୁଛି···ଦେଶ ସ୍ୱାଧୀନତା ପାଇବନାହିଁ; ପାଇଲେ ସେ କୁଆଡ଼େ ଆତ୍ମହତ୍ୟା କରିପକେଇବ । ବରମପୁରର ଜନତାକୁ ଗୁଳି କରି ମାରିଦେଇଥିବା ଫିନ୍‌ସ ସାହେବ ଜାତୀୟପତାକା ଦେଖିଲାମାତ୍ରେ ଗୁଳିକରୁଥିଲା । ଏଇ ପିଲାଗୁଡ଼ିକଙ୍କ ଭାଗ୍ୟରେ କିଛି ଅଛି କେଜାଣି ? ପହରିଦନଠୁ ଏଇ ଖଣ୍ଡମଣ୍ଡଳରେ ପିଟୁନୀ-ଟିକସ୍ ଆଦାୟ କରିବାକୁ ପୋଲିସ୍ ଫଉଜ ପଠାଯାଇ ମାରୁଛନ୍ତି । କେହି ଜଣେ ଦାରୋଗା ଲୋକଙ୍କ ଉପରେ ଅକଥନୀୟ ଅତ୍ୟାଚାର କରୁଛି । ଏସବୁ କଥା ଶୁଣି ଶୁଣି ଡମିର ଦେହ ଶୀତେଇ ଉଠୁଥିଲା···କିନ୍ତୁ ଆଜି ସେ ନିଜେ ସେପରି ଅତ୍ୟାଚାରର ଶିକାର ହୋଇଛି ।

ଏସବୁ କଥା ଏକନିଃଶ୍ୱାସରେ କହି ଯାଉଥିଲା ଡମି । ନିଆଁ ଧାସରେ ଡମିର ଭିଜା ଲୁଗାପଟା ଶୁଖି ଶୁଖି ଆସୁଥିଲା । ଜୟରାମ ସ୍ପଷ୍ଟ ଦେଖିପାରୁଥିଲା ଡମିର ଛାତି ଥରୁଥିବାର ।

ଜୟରାମ କହିଲା—"ଡମି, ତୁ ତୋ'ଘର ପାଖରେ ଥା । ଦେହଟାକୁ ଟିକିଏ ସେକିପକା । ଓଦା ଲୁଗାପଟା ଶୁଖେଇପକା । ମୁଁ ଗୋଟେ କାମକରି ଆସେ···"

—"କି କାମ ?" ପଚାରିଲା ଡମି ।

ଗମ୍ଭୀର ହୋଇଗଲା ଜୟରାମ । ଟିକିଏ ପରେ କହିଲା—"ଏସବୁ କଥା ତୁ ମୋତେ ନ ପଚାରିଲେ ଭଲ । ତୁ ତ ଆମ ମୃତ୍ୟୁ-ବାହିନୀରେ ନାହୁଁ ।"

ଉର୍ମି ହସିଲା । କହିଲା—"ହଉ, ମୁଁ ପଚାରିବି ନାହିଁ; କିନ୍ତୁ ଗୀତଟାଏ ଶୁଣିଯା । ସେଇ ପିଲାମାନେ ଏ ଗୀତ ଗାଉଥିଲେ—ଶୁଣି ଶୁଣି ମନରେ ରହିଯାଇଛି ।"

—"ଆଚ୍ଛା, ଗାଅ ତେବେ ।"

ଜୟରାମ ନଈଁ ପାଖରୁ ଟିକିଏ ଘୁଞ୍ଚିଗଲା; କିନ୍ତୁ ଉର୍ମି ସେଇଠି ନଈଁ ପାଖରେ ବସିରହିଲା । ସାମନାରେ ଯୋଉ ଘରଟା ଜଳିଯାଉଥିଲା ସେଇଟା ତା'ର ଘର...ଆଉ କିଛି ବାକି ନାହିଁ । ଜିନିଷପତ୍ର ରକ୍ଷା କରିବାର ବେଳ ଗଡ଼ିଯାଇଛି ।...ନିର୍ବିକାରଭାବେ ଗୀତଟି ଗାଇଲା ଉର୍ମି ।

ହେ ଭାରତବାସୀ ମୋ ଭାଇ ଭଉଣୀ
ଦୁଃଖର ବାରତା କର୍ଣ୍ଣେ କି ବାଜେନି ?
ବିଧର୍ମୀ ବ୍ରିଟିଶ୍ ଗୁଣ୍ଡା ଧରମ ନାଶି
ମହା ଅଭିଯାନେ ଅଛି ଏବେ ମାତି ।
ସ୍ଥାନ ଅସ୍ଥାନରେ ବେଲକାଲ ଭୁଲି
ବନ୍ଧୁକରୁ ଘନ ଘନ ମାରେ ଗୁଲି ।
ସ୍ୱଦେଶର ଯୋଦ୍ଧା ଯୁବକ ଯୁବତୀ
ହଲ ହଲ ହୋଇ ବନ୍ଦୀ ହେଉଛନ୍ତି ।
ଅଧର୍ମୀ ପାଷଣ୍ଡ ଜ୍ଞାନହୀନ ଘୋର
ସମୂଳ ବିନାଶ କରେ ଦେଶସାରା ।
ଗଭୀର ରାତରେ କର୍ମୀ ବାସଗୃହେ
କରଇ ଘେରାଉ ଶୋଚନୀୟ ସମୟେ । (୧୫)

ସହଜ ସ୍ୱର । ମିଠା କଣ୍ଠ । ଭଙ୍ଗା ଭଙ୍ଗା ଉଚ୍ଚାରଣ ।...ମୁଗ୍ଧ ହୋଇଯାଉଥିଲା ଜୟରାମ—ନା, କେବଳ ମୁଗ୍ଧ ନୁହେଁ, ସତେ କି ଘଟଣାଗୁଡ଼ା ଭାସିଉଠୁଥିଲା ତା'ର

---

(୧୫) ଅ' ଭାରତ ବାସୀ ଦୁଃଖରେ ବାତର ଶୁନଓ ନାପାଚ କାନ୍,
ଅଧର୍ମୀ ବ୍ରିଟିଶେ ଏର ଧର୍ମ-ନାଶ କରେ ମହା ଅଭିଯାନ ।
ଗଧୂଲ୍ ପଦୂଲ୍ ବନ୍ଧୁକର ଗୁଲି ମାରେ ଧୁମେ ଧୁମେ ଭରି,
ସ୍ୱଦେଶର୍ ରଣୁଆ ଆମାର୍ ଡେକାଲଗ୍ ନସ୍ୟେ ହାଲେ ହାଲେ ଧରି ।
ଅଧର୍ମୀ ବ୍ରିଟିଶ ପାଷଣ୍ଡ ପିଶାଚ ନାହିଁ ଯେ ଜ୍ଞାନର ଲେଶ୍,
ରାତ ଝୋପନତେ ଆଗୁର ଘରତେ ସମୂଲ୍ ନାଶିଛେ ଦେଶ୍ ।
ବରହମପୁର ଶିବରତ ବର୍ ଭେଜ୍ ପାଠଲେ ବଡା ଭାଲ୍ ବଡ଼ାତେ ର'ଲ,
ଅଧା ଖୋଓ । କର ବୁକୁ ପାତ ଢଲେ ଭୁଲଟି ସ୍ୱର୍ଗଲୋ ଗ'ଲ ।

ଆଖି ଆଗରେ । ସେ ଆତ୍ମବିସ୍ମୃତ ହେଲା । ଅଜାଣତରେ ଆଖିରେ ତା'ର ଜକେଇଆସିଲା ଲୁହ । କାଲେ ତମି ଦେଖିନବ, ସେ ଚଟ୍‌କିନା ପୋଛି ପକେଇଲା ଲୁହଟିକ ।··· ଦେଶୀସ୍ୱ ଗୀତ, ଦେଶଲୋକେ ରଚନା କରିଛନ୍ତି ।

ତମି କହିଲା, "ଆରେ କାନ୍ଦୁଛୁ ଯେ ? କଣ ହେଲା ? ଧନପୁର କନ୍ତୁ କାନ୍ଦନଥାନ୍ତା··· ।"

ଜୟରାମ କହିଲା—"ଧନପୁର ପ୍ରକୃତରେ ବୀର, ତମି ! ଆମେଗୁଡ଼ାକ କାପୁରୁଷ । ନହେଲେ ଏମିତ ଯୁଦ୍ଧରେ ଆମେ ପୁଣି ଏବଯାଏଁ ବଞ୍ଚିରହିଥାନ୍ତୁ ! ···ତୁ ତେବେ ସୁଭଦ୍ରାକୁ ଦେଖିପାରିଲୁ ନାହିଁ···"

—"ଉହୁଁ ।" କହି ନୀରବ ହେଲା ତମି ।

—"ସୁଭଦ୍ରା ମରି ଭୂତ ହେଇସାରିଲାଣି ।"

ଏଥର କନ୍ତୁ ତମି ଆଖିରୁ ଲୁହ ଝରିପଡ଼ିଲା । ମନେପଡ଼ିଗଲା ଧନପୁରର ସୁନେଲୀ ସ୍ୱପ୍ନର କଥା । ନଗାଁଓର କଲଂ ନଈଟିକୁ ସେ ଦେଖିଆସିଛି । ସେମିତ ଚିରସ୍ରୋତା···କନ୍ତୁ କୂଳ ନକଟରେ ସ୍ରୋତ ନାହିଁ । କୂଳରେ ଗୋଟେ ଦ'ଟା ଗଛ···ସେଥିରୁ କୌଣସି ଗୋଟେ ଗଛରେ ଆତ୍ମାଟା ତାର ଲଖିଯାଇଥିବ ।···ଆହା, ବିଚରା ! ମରି ଭୂତ ହେଲା !!··· ତମି ଭାବିଥିଲା ଧନପୁର ଫେରିଆସି ଯେତେବେଳେ ସୁଭଦ୍ରାକୁ ବାହାହେଇଥାଆନ୍ତା, ସେତେବେଳେ ସୁଭଦ୍ରାକୁ ସେ କେତେ ସଗୁଣା ଶିଖେଇଥାଆନ୍ତା···ଓଃ···ଆଉ କଛି ଭାବିପାରୁ ନାହିଁ । ଧନପୁର ଫେରିଆସି ସୁଭଦ୍ରାକୁ ନପାଇ ଯଦ ତାକୁ ଗୁହିଁଥା'ନ୍ତା··· ନା-ନା···ସେ କେବେହେଲେ ତାକୁ ଗୁହିଁନଥାନ୍ତା···ତା' ମନର ଉପର ପଟଟା କଇଁଛ ପିଠିପରି ଟାଣୁଆ···କନ୍ତୁ ତା' ମନର ତଳକୁ ଯେତକ ଯେତକ ଯିବ ସେତକ ସେତକ କୋମଳ ଆଉ ସୁସ୍ୱାଦୁ···ଖାଇପକେଇବାକୁ ଇଚ୍ଛା ହବ ।

ନଆଁ ଭିତରୁ ଏକପ୍ରକାର ସୁଗନ୍ଧ ଆସି ନାକରେ ବାଜିଲା । ବୋଧହୁଏ ଗୋଗୁଳଗନ୍ଧ— ବଙ୍ଗଳା ଉତ୍ସବର ଗନ୍ଧ···ଏତେ ବଡ଼ ବିପର୍ଯ୍ୟୟ ଭିତରେ ଥାଇ ବ ଜୟରାମକୁ ଭାରି ଭଲ ଲାଗିଲା ସେ ଗନ୍ଧ ।

ତମି ଗୁହିଁଲା ଆକାଶର ଜହ୍ନଟାକୁ···ଧନପୁରର ହସ ଭଳି ମନ ଟାଣିନେଉଛି ।

ଜୟରାମ ପଗ୍ଚରିଲା—"ତୁ ତାକୁ ଏତେ ଭଲପାଉଥିଲୁ କାହିଁକ ? ତୋର ପରା ସ୍ୱାମୀ ଅଛି ?"

ଠିକ୍ ଏଇ ପ୍ରଶ୍ନ—ଏଇ ଗୋଟିଏ ପ୍ରଶ୍ନ ପଗ୍ଚରିଥିଲା ଶଇକଆ । ଏ ପ୍ରଶ୍ନ ପୁରୁଷଲୋକର ପ୍ରଶ୍ନ । ବିରକ୍ତ ଲାଗିଲା ତମିକୁ । ସେ କହିଲା,—"ଏ କଥାର ଉତ୍ତର ମୁଁ ଦେଇଜାଣେନା; କନ୍ତୁ କେବଳ ଗୋଟେ କଥା ମୁଁ ଜାଣେ—ଖୁବ୍ ଭଲଭାବେ ଜାଣେ···

ବୁକୁରେ ବାନ୍ଧିଛୁ ତୁମ ଅଭିଳାଷ
ଅଣ୍ଟାରେ ବାନ୍ଧିଛୁ ବଳ,
କଟିରେ ବାନ୍ଧିଛୁ ଭ୍ରମରର ଡେଣା
ସ୍ୱର୍ଗରେ ବାନ୍ଧିଛୁ ଫଳ । (୧୬)

ଜୟରାମ କେବଳ ଊର୍ମି ଆଡ଼କୁ ଚାହିଁରହିଲା—ଆଉ କଥା କହିପାରିଲାନାହିଁ । ପରପୁରୁଷ ପ୍ରତି ଏପରି ଅନୁରାଗ ଥାଇ ବି ମନ ତା'ର ଟିକିଏ ବି ଚହଲିଉଠୁନି, ବରଂ ସେ ବେଶ୍ ଭଲରେ ଅଛି—ତା ମୁହଁରୁ ଏକଥା ପରିଷ୍କାର ଜାଣିହୁଏ । ···ଜୀବନଟାକୁ ପଣ୍ଡିତଙ୍କ ଶାସ୍ତ୍ର-ଦ୍ୱାରା ମାପିହୁଏନା । ଜୀବନଟା ଏକ ଖେଳଘର ।

—"କେତେବେଳେ କେମିତି ଭାବରେ ଯେ ମଣିଷ ଦେହରେ ନିଆଁ ଜଳେ ଆଉ ଯୋବନ ଫୁଟେ ତା' କହିହବନି···ମଣିଷର ସ୍ୱଭାବ ବଡ଼ ବିଚିତ୍ର ।" —କହିଲା ଜୟରାମ ।

ଊର୍ମି ପଚାରିଲା—"ମଣିଷ ମରୁଚନ୍ତି, ଘର ପୋଡ଼ୁଛି—ଏସବୁ ବି ଖେଳଘର ?"

—"ନା···ନ, ଏସବୁ କେମିତି ଖେଳଘର ହେବ ! ଏସବୁ ଆସୁରିକ କର୍ମ । ଖେଳ ଖେଳିବାକୁ ମୁକ୍ତି ଦରକାର । ଏ ଘଞ୍ଚ ଜଙ୍ଗଲ ଭିତରୁ ବାହାରିପାରିଲେ ଯାଇ ଖେଳକୁଦ ହେବ··· ।"

ଊର୍ମି ଆଖି ବନ୍ଦକରି କଣ ସବୁ ଭାବିବାକୁ ଲାଗିଲା । ପିଲାଦିନେ କାମପୁରର ଗୋସେଇଁଙ୍କ ଘରେ ଅଘୋରିକା-ରାକ୍ଷସୀ କାହାଣୀ ଶୁଣିଥିଲା । ସେ ସମୁଦ୍ରରେ ଥାଏ । ସମୁଦ୍ର ଉପରଦେଇ ଯେତେ ଯେତେ ଚଢ଼େଇ ଆଉ ମଣିଷ ଯିବା-ଆସିବା କରନ୍ତି, ସେଇ ସର୍ବଗ୍ରାସୀ ରାକ୍ଷସୀ ସମସ୍ତଙ୍କୁ ଗିଳିପକାଏ । ଥରେ ହନୁମାନ ସେଇ ସମୁଦ୍ର ପାରିହୋଇ ଲଙ୍କାଗଡ଼କୁ ଯାଉଥିଲା । ଲଙ୍କାଗଡ଼ରେ ଥାଆନ୍ତି ଶ୍ରୀରାମଙ୍କ ଭାର୍ଯ୍ୟା ସୀତା । ହନୁମାନ ସେ ବାଟ ଦେଇ ଗଲାବେଳେ ଅଘୋରିକା ଆଁ ମେଲାଇ ଗିଳିବାକୁ ମାଡ଼ିଆସିଲା । ହନୁମନ୍ତ କ ଭୟାଳୁ ପୁରୁଷ ? ରାକ୍ଷସୀ ଆଁ ମେଲାଇ ହନୁମନ୍ତକୁ ଯେମିତି ପାଟିରେ ପୂରେଇଛି, ହନୁମନ୍ତ ରାକ୍ଷସୀର ପେଟରେ ପଶି ତା ପେଟକୁ ଚିରିପକେଇଲା । ରାକ୍ଷସୀ ମଲା ।···ସତେକି ସେଇ ହନୁମନ୍ତ ଧନପୁରକୁ ସର୍ଜନା କରିଥିଲେ—ଭୟ ନାହିଁ, ଭ୍ରାନ୍ତି ନାହିଁ···ମଲାଯାଏଁ ଖେଳ ଖେଳ ଜୀବନ ବିତେଇଦେଲା ।

ଜୟରାମ ଉଠିଲା । ଧୀରେ ଧୀରେ ସେ ଦୂରେଇଗଲା ଊର୍ମି ପ୍ରସଙ୍ଗରୁ । ତା' ମନରେ ଏକ ନୂତନ ପ୍ରତିଶୋଧର ବହ୍ନି ଜଳିଉଠିଲା ଗିରିକଥା ଓ ଲୟରାମ ପ୍ରତି । ସେମାନଙ୍କୁ ଧରି

---

(୧୬) ହସ୍ତେତ ମୋର ବାନ୍ଧଲେ ତୋମାର୍ ଅଭିଲାଷ୍
କାଁକାଲ ତ ବାନ୍ଧଲେ ବଲ୍
ଭରତେ ବାନ୍ଧଲେ ଭ୍ରମୋରର୍ ଡେଉକାଖନ୍
ସ୍ୱରଗତ୍ ବାନ୍ଧଲେ ଫଲ୍ ।

ଜାଥନ୍ତା ପୋଢପକାଇପାରିଲେ ଯାଇ ଗୋସେଇଁଙ୍କୁ ମାରିବାର ପ୍ରତିଶୋଧ ସେ ନେଇପାରିବ ।...ଧନପୁରକୁ ଅବଶ୍ୟ ମିଲିଟାରୀ ଲୋକେ ମାରିଛନ୍ତି । ମିଲିଟାରୀଙ୍କୁ ଧରିବା କଷ୍ଟ । ସମସ୍ତଙ୍କର ଏକାପରି ଚେହେରା । ଯିଏ ମିଶିଛନ୍ତି ତାଙ୍କୁ ଧରିପକେଇବା ଭଲ । ସମସ୍ତଙ୍କର ସେଇ ମନ...ମଧୁ, ଦଧି...ସମସ୍ତଙ୍କର । କେବଳ ଆହ୍ନା କୁଅଁର ସମ୍ମତ ହୋଇନ । ରୂପନାରାୟଣ ଓ ଭିଭି ମଧ୍ୟ ଅନୁକୂଳ ମତ ଦେଉନାହାନ୍ତି ।...କିନ୍ତୁ ସେମାନେ ବଡ଼ ଚିନ୍ତାଶୀଳ ଲୋକ ।...ତଥାପି ସେମାନେ କ'ଣ ବୁଝିପାରିବେ ଏହା କି ଦୁଃଖର କଥା !...କର୍ମୀମାନଙ୍କ ଭିତରୁ କେତେଜଣ ଜାଲ ବିଛେଇଦେଲେଣି । ଶଇକଆ ଓ ଲୟରାମ ନିଶ୍ଚୟ ସେଇ ଜାଲରେ ପଡ଼ିବେ । କେବଳ ସେ ଦୁହେଁ ନୁହଁନ୍ତି—ଯେତେକ ଅତ୍ୟାଚାରୀ ସେ ସମସ୍ତଙ୍କ ଉପରେ ମୃତ୍ୟୁବାହିନୀର ଆଖି ସଜାଗ ରହିଛି ।

ଡମିର ଲୁଗାପଟା ଶୁଖିଗଲା । ସେ ଧୀରେ ଧୀରେ ଗାଁଲୋକଙ୍କ ପାଖକୁ ଯିବାକୁ ଉଠିଲା ।

ଜୟରାମ ଭାବୁଥିଲା ସେଯାଏଁ ।

□□□

ତେର

ରାତି । ବାହାରେ ଶୀତ ପଡ଼ୁଛି । ଖାଦର୍ ଚଦର ଗଣ୍ଠିରେ ଜୀବନଟାକୁ ବାନ୍ଧି—ଅନ୍ତତଃ ଜୀବନକୁ ପାଣିଛଡ଼େଇ ଆଗେଇ ଚାଲିଥିଲା ରୂପନାରାୟଣ । ଏକା ଏକା, ଫୁଙ୍ଗୁଳା ଫୁଙ୍ଗୁଳା—ଆକାଶର ଫୁଙ୍ଗୁଳା ତାରାଟିଏ ପରି ।

ଯାଇ ପହଞ୍ଚିଲା 'ସଞ୍ଜିବନୀ ହୋଟେଲ' ନିକଟରେ । ଟିକିଏ ଠିଆହେଲା ସେଇଠି । ଅଳ୍ପ ଆଗରେ, ମୋଡ଼ ଉପରେ ଚାଲିଯାଉଥିବା ଜଣେ ଲୋକକୁ ଦେଖି ପଚାରିଲା—"ହେ ଭାଇ, ଟିକିଏ ଶୁଣିବ କି ?···ରାଇଡଙ୍ଗିଆକୁ ରାସ୍ତା କେଉଁଟା ?"

ଅଟକିଗଲା ଲୋକଟା । ତା'ପରେ ଫଟାଗଳାରେ କହିଲା—"ବାଉଁଶଥରକୁ ଚଢ଼ିବାକୁ ମନ କରୁଛ କି ? ଦେଖି ଦେଖି, ରାଇଡଙ୍ଗିଆକୁ ଯିବାବାଲାର ମୁହଁଟା ଟିକିଏ ଦେଖିଆଏଁ !"

ବିପଦରେ ପଡ଼ିଲା ନା କଣ ରୂପନାରାୟଣ ! ଏମିତି ବେଳରେ ଫାର୍କି ନମାରିଲେ ନଚଳେ । ସେ ତେଣୁ ପୁଣି ପଚାରିଲା—"ଏଠି ବଡ଼ଠାକୁରଙ୍କ ଘରଟା କୋଉଠି କି ?"

ଲୋକଟା ଏଥର ରୂପନାରାୟଣର ଖୁବ୍ ନିକଟକୁ ଚାଲିଆସିଲା । ତା'ପରେ ରୂପନାରାୟଣର ମୁହଁକୁ ଟର୍ଚ୍ଚ ମାରିଲା । ରୂପନାରାୟଣର ମନେହେଲା ଲୋକଟା ଯେମିତି ଭାବରେ ତା ମୁହଁକୁ ଅନେଇଚ, ଗିଳିପକେଇବ କି କ'ଣ ! ବନ୍ଧୁକ ଉପରେ ହାତମୁଠାକୁ ଆହୁ ଟିକିଏ ଟାଣ କରିଦେଲା ରୂପନାରାୟଣ ।···ତେଣେ ଦଧି, ମଧୁ ଓ ଭଭରାମଙ୍କ ହାତରେ ଅନ୍ୟ ବନ୍ଧୁକଗୁଡ଼ିକ ଦେଇ ସେମାନଙ୍କୁ ସମୁଆ-ଗାଁରେ ରଖିଆସିଛି । ସେମାନଙ୍କୁ ଏଠିକି ଆଣିବାକୁ ଲୋକ ପଠାଇବାକୁ ହେବ । ସେ ଆସିଛି ସୋନାଇ ସେପାରିରେ ଗାଦଲାଥିବା ଗୁପ୍ତ ଶିବିରକୁ ଯିବ ବୋଲି । ଭାବୁଛି ତାହା ହିଁ ଶେଷ ଆଶ୍ରୟ ।

ଲୋକଟା କିଛି ସମୟ ହାଁକରି ଅନେଇ ରହିଲା । ଲୋକଟାର ହାବଭାବ, ଚେହେରା, ପୋଷାକପତ୍ର ଇତ୍ୟାଦିକୁ ଭଲଭାବରେ ନିରୀକ୍ଷଣ କରି ପଚାରିଲା—"ଟିକୌ ନା ? କୁଆଡ଼େ ଯାଇଥିଲୁ କହେ ? ହାତରେ ଏ କୋଡ଼ି ଆଉ ଦାଆ ? ଯାକୋଲସାଟର ଖେତଠିକି ଯାଇଥିଲୁ ନା କଣ ?"

ଟର୍ଚ୍ଚକୁ ଲିଭେଇଦେଇ ଟିକୌ କହିଲା—"ଜୟରାମକୁ ବାଟରେ ଭେଟିଲୁନି କି ?"

ଅନୁମାନ କରିବାକୁ ଚେଷ୍ଟାକଲା ରୂପନାରାୟଣ । ସେ ଭଭରାମଠୁ ଶୁଣିଛି, ହାଟସୋଂର ଲୋକଙ୍କ ସାଥିରେ ମିଶି ଅତ୍ୟାଚାରୀ ପୋଲିସ ଓ ସି. ଆଇ. ଡି. ଗୁଣ୍ଡାଙ୍କୁ ମାରିବା ପକାଶେ ଏଠିକି ଆସିଥିଲା ଜୟରାମ । ଏଇଟା ପନ୍ଦରଦିନର କଥା । ଅଧିନାୟକମାନଙ୍କର ସଭ

ଲେଖେ ବସିଛୁ—ଯୋନାଇ ସେପାଶ ଦାଘଲଆଟିର ଗଳର୍ଭ ନକଟରେ । ରୂପନାରାୟଣ ନଜେ ବି ସେଠିକ ଗିବବୋଲ ଆସିଛୁ । ବନ୍ଧୁକଗୁଡ଼ାକୁ ମଧ୍ୟ ସେଇଠି କୋଉଠି ପୋତରଖିବାକୁ ହେବ—ବସୁମତୀଙ୍କ ଅସ୍ତ୍ର ଭଣ୍ଡାରରେ··· । ରାତାରାତି ଯୋନେଇ ପାରହବାର କଥା ।···ସେ ଦେଖୁ କହଲ—"କାହିଁ, ବାଟରେ ତ ଭେଟିନ ତାକୁ ? ସେ ତେବେ ଫେରଗଲଣି ?"

—"କାମଟା ତ ସରଗଲ—ଏଠି ରହ କଣ କରନ୍ତା ? ମାସ୍ଟରଙ୍କ ଝଣ୍ଡମଣ୍ଡଳକୁ ଗଇକଆ ଆଉ ସେଇ ଲସ୍କରମ ଝୁଣିପକେଇଲେଣି ।···" କହୁ କହୁ ଅଟକଯାଇ ଟିକଏ କାଶିଲ ଟିକୌ । ସେ ଦୁହେଁ ଗୋଟେ ବରୁଡ଼ ଗଛ ତଳେ ଠିଆହୋଇଥିଲେ ।···ଟିକୌ ପୁଣି କହଲ—"ବୁଝିଲୁ ରୂପନାରାୟଣ, ମୁଁ ଏବେ ଯାଇ ତୋତେ ଭଲଖବରେ ଚିହ୍ନୁଚ । ଗୋସେଇଁ ଆଉ ଧନପୁର ତ ଖତମ୍ ହେଲେ, ନୁହେଁ ?···ଆମେ ବି ଏଣେ ଯୋଡ଼ାଙ୍କୁ ଖତମ୍ କରଦେଲୁଣି ।"

—"କାହାକୁ କାହାକୁ ? ଗଇକଆ ଆଉ ଲସ୍କରମକୁ କ ?"

—"ସେ ଦୁହେଁ ଜାଲ କାଟିଦେଇ ପଳେଇଲେ···ଦ'ଟା କେରାଣି ମାଝ ମଲେ ।"

ହଠାତ୍ ଅଳ୍ପ ଦୂରରେ ଗାଡ଼ିଟାଏ ବନ୍ଦହେବାର ଶବ୍ଦ ଶୁଭଲ । ଟିକୌ ତରବରରେ କହଲ—"ମିଲିଟାରି !"—ଠିକ୍ ସେଇ ସମୟରେ ଦୂରରୁ ଶିଙ୍ଗା ଫୁଙ୍କିବା ଶବ୍ଦ ବି ଶୁଣାଗଲ । ଟିକୌ ପୁଣି କହଲ, "ତୁ ବଡ଼ଠାକୁରଘର ଖୋଜୁଚୁ ନା ? ସେ ଘରେ ନାହାନ୍ତି—ଯୁଦ୍ଧଭୂମିରେ ଅଛନ୍ତି । ଏବେ ଏମାନେ ଏ ଜାଗାଟାକୁ ଘେରାଉ କରଦେବେ । ଚାଲ, ଆଗ ଯାଇ କେମିତି ସାକୋଲିଘାଟଟା ପାରହେଇଯିବା । ଯୋନେଇ ସେପାରକ ଚାଲଗଲେ ଆଉ କଛି ଭୟ ନାହିଁ···ଦୌଡ଼ିବାକୁ ପଡ଼ିବ । ତୁ ମୋ ପଛେ ପଛେ ଆ··· ଭାତମୁଠେ ଖାଇବ ବୋଲ ଘରକୁ ଆସିଥିଲ । ଏ ନ'ଅଙ୍କି ଆଗୁଡ଼ାକ ଖାଇବାକୁ ବି ଦେଲେ ନାହିଁ । ଆସ୍···ପଳେଇ ଆସ୍···

କୋଡ଼ ଓ ଦାଆଟାକୁ ପାଖର ଗୋଟେ ଘରବାଡ଼କୁ ଫୋପାଡ଼ଦେଇ ଖାଲିହାତରେ ଯିବାକୁ ପ୍ରସ୍ତୁତ ହେଲ ଟିକୌ ।

ରୂପନାରାୟଣ କହଲ—"କଲୁ ମୁଁ ଯେ ସମୁଆ ଗାଁରେ ସେମାନଙ୍କୁ ଛାଡ଼ିଆସିଛୁ ! ସେମାନଙ୍କୁ···"

ଟିକୌ ହସି ହସି ପଚାରଲ—"ସେମାନେ ବୋଧେ ବନ୍ଧୁକ ଆଣିଛନ୍ତି ?"

—"ହଁ ।"

—"ଯୋନେଇ ସେପାରରୁ ଲୋକ ଯୋଗାଡ଼କର ପଠେଇଦେବ । ଏଇବାଟରେ ତୋର ଆସିବା ଉଚତ ନଥିଲ । ଆହୁରି ଅଲଗା ବାଟ ଥିଲା··· ।"

"କୋଉ ବାଟ ?"

—"ଆରେ ବାଟ କଣ ମନ୍ଦଗତ ହେଉଛ କି ?" ଟିକାଏ ରହିଯାଇ ପୁଣି କହିଲା—"ସେମାନେ ପନ୍ଦର ମିନିଟ୍ ଭିତରେ ଆସି ପହଞ୍ଚିଯିବେ । ସବୁଦିନ ସାଢ଼େରେ ଆସନ୍ତି ସେଗୁଡ଼ାକ । କେଣୁ ଆମେ କେହି ସାଢ଼େରେ ପ୍ରାପ୍ତ ଘରେ ରହୁନୁ । ଗୁଲ୍-ଗୁଲ୍, ଆଉ ଭେଣକଲେ ଚଳିବନାହିଁ—ଏଇ ପାଟ କଡ଼େ କଡ଼େ ଖସିଯିବା—ଶଇକଆର ବାପର ବି ସାଧ୍ୟ ନାହିଁ ଆମକୁ ଧରିବାକୁ । କୁରୁଆବାଗ୍ଧର ପ୍ରଭୁ ଈଶ୍ୱରଙ୍କଠୁ ଆରମ୍ଭକରି ଟିକୌ ଗୌଡ଼ ଯାଏଁ ଆଉ କାହାରି ବାଟନାହିଁ ଉଠିବାକୁ । ସାରା ଅଞ୍ଚଳଟା ଏକା ଦମ୍‌ରେ ଉଠିଛନ୍ତି । ବେତବେଟାସ୍ଥାଠାରୁ କୁଳବାଁଧ, ବାମୁନ୍ ଗାଁଓ, ଷେବୀ, ଯାକେଲପାଟ, ଖାଟୋଓ୍ୱାଲ୍, କରପୁଙ୍ଗ, ଆଇଭେଟି, ହଜଗାଁଓ—କୋଉଠି ଜାଗରଣ ନାହିଁ ? ସବୁଠି···ଲୁଆ ଦାମୁଡ଼ଙ୍କ ବି ମିଲ୍‌ଟାଗ୍ଣଙ୍କ ବର୍ତ୍ତମାନ କାଳ ହେଉଛି । ପହରଦିନ ଆମ ଲୋକେ ଯାଇ ଶଇକଆର ଘରଦୁଆରେ ହଳଗୁଲେଇଦେଇ ଆସିଚନ୍ତି···ଶୁଣିଚ ନା ନାହିଁ ?"

—"ଆରେ ଭାଇ, ଏତେ ବକର ବକର ହ'ନା । ଶୀଘ୍ର ଚାଲିଲୁ । ଭାରି ଭୋକ ଲାଗିଲାଣି ।"

—"ଏବେ କୋଉଠୁ ଖାଇବାକୁ ପାଇବୁ ଯେ ? ଯୋନାଇ ପାଣହେଲେ ଅବା ମିଳିବ; କିନ୍ତୁ ଖାଇବୁ କେମିତି ?"

ପାଟ କଡ଼େ କଡ଼େ ଆଗଉଥିଲେ ସେମାନେ । ପାଟ ଭିତରର ଆଁକଣ ଥିବା ଶୁଖିଲା ମାଟି ଦିଶୁନଥିଲା । ରୂପନାରାୟଣର ଗୋଟାକଯାକ ଅନ୍ତର ନଇଁଗଲା ମା-ବସୁମତୀଙ୍କ ନିକଟରେ—ଅବଶ୍ୟ ମଠର ମହନ୍ତ ସମ୍ମୁଖରେ ଶିଷ୍ୟ ଯେପରି ମଥା ନୁଆଁଏ ସେପରି ନୁହେଁ; ଗୋଟାଏ ବଡ଼ ଦୁଃଖର ଭାରରେ ଭାରାକ୍ରାନ୍ତ ହୋଇ । ଗୋସେଇଁ ଓ ଧନପୁର···ଦୁଇଜଣ ଅଲଗା ଅଲଗା ଜାତିର ମଣିଷ । ଜଣେ କାନ୍ଦି କାନ୍ଦି ବନ୍ଧୁକ ଧରେ; ଆଉ ଜଣଙ୍କ କିଛି ବାଛବିଚାର ନକରି ହସି ହସି ଯୋଡ଼ା ଟିପେ···ଏକପ୍ରକାର ଆତ୍ମ ବଳିଦାନ ଦେଲେ ଗୋସେଇଁ; କିନ୍ତୁ ହସି ହସି ପ୍ରାଣଦେଲା ଧନପୁର—ଅବଶ୍ୟ ପ୍ରାଣଦେବା ଦରକାର ଥିଲା; କିନ୍ତୁ ଏ କୃତଘ୍ନ ଜାତିଟା ପୁଣି କି ଧରଣର ! ମରିଯାଉ, ମରିଯାଉ, ଦେଶର ଋଣ ଶୁଝିଯାଉ, ନା ଜାତିକୁଟୁମ୍ବଙ୍କ ଋଣ ଶୁଝିଯାଉ ? ··ଆଖି ଆଉ ଆଉ ବି ଅନ୍ଧ ଏମାନେ । ଏମାନେ ଭଲମନ୍ଦ ଚିନ୍ତା କରିଜାଣନ୍ତିନାହିଁ । ମାଣଲେ ବି କାମ ହୁଏନା । ଜୟରାମ ଓ ଟିକୌ ଏସବୁ କଥା ବୁଝନ୍ତି ନାହିଁ ।

ଟିକୌ ପୁଣି କହିଲା—"ଦିନ ଆଉ ନାହିଁ ଯେ···"

ଟିକୌର ଏ ବକର ବକର ଅସହ୍ୟ ହେଲା ରୂପନାରାୟଣର । ସେ କହିଲା, "ଆହ୍-ଚୁପ୍ ରୁହ । ଏମିତି ବକର ବକର ହେଇ ବିପମଣ୍ଡି ବୁଣନା ।"

—"ନହେଲେ, ବିପମଣ୍ଡି ବୁଣିବାକୁ ଆଉ ବାକି ଅଛୁ ନା କଣ ?"

—"କଣ ହେଲା ?"

—"ଆମର ସେ କାମେଶ୍ୱର ବୋଲି ଲୋକଟା ନୁହେଁ…ସେ ସେମାନଙ୍କ ପାଖରେ ମୂଲିଆ ଖଟୁଛି…ପୋଲିସ ଆମକୁ ଖୋଜି ବୁଲୁଚନ୍ତି ।"

—"ହୁଁ" କହି ଟିକିଏ ଅଟକିଗଲା ରୂପନାରାୟଣ । ତାପରେ ପଚାରିଲା—"କାମେଶ୍ୱର ଅଛି କୋଉଠି ?"

—"ବଣରଜାର ପେଟରେ !"

—"ମାନେ ?"

—"ମାନେ, ହାତୀସୋଂ ଭିତରକୁ ପଶିଲେ ସେ ବି ଖତମ୍ ହୋଇଯିବ । ଜାଣିଚ ନା, ସେ ଆମର ସବୁ କଥା ଜାଣିଚି । ବନ୍ଧୁକ ପୋତିବା ଜାଗାଟାକୁ ବି ସେ ଦେଖିଚି ।"

—"ସର୍ବନାଶ ! ତେବେ ?"

—"ତେବେ ଆଉ କଣ, ପାଘଲଆଟିରେ ବନ୍ଧୁକମରା ଶିଖାହେଉଥିବା ଜାଗାଟା ବି ସେ ଦେଖିଛି ।"

"ହୁଁ ।"

ପ୍ରମାଦ ଗଣିଲା ରୂପନାରାୟଣ । ତା' ପାଟିରୁ ଆଉ କଥା ବାହାରିଲାନାହିଁ । ପୋଲିସ୍ ତେବେ ଏମାନଙ୍କ ପାଟିଗୁଡ଼ିକୁ ଠାବରେଇ ନେଲାଣି ।…ଗୋବର୍ଦ୍ଧନ ପାଟିର ଗୁମ୍ଫାଟା କଥା ଭାବିଲା ସେ । ସେପଟେ ବି ସମ୍ଭବ ନୁହଁ ।…ନା, ଆଉ ଆଶା ନାହିଁ । ମର୍ଦ୍ଦିନଭିରେ ନାଆଟା ବୁଡ଼ିଲା ବୋଲି । ଜନ ଲୋକେ ବି ଶତ୍ରୁ ହେଲେ ।

ଏତେ କଥା ଭାବି ପାରିଲା ପରି ମଣିଷ ଟିକୌ ନୁହେଁ । ସବୁ କଥାକୁ ସେ ସହଜଭାବେ ଗ୍ରହଣ କରିନଉଚି । ପାଟ କଡ଼େ କଡ଼େ କିଛି ଦୂର ଯିବା ପରେ ସେମାନେ ଗୋଟେ ବଡ଼ ଗଛମୂଳେ ପହଞ୍ଚିଲେ । କୋକଶିଆଳି ଦ'ଟା ଶୋଇଥିଲେ ସେଠି । ମଣିଷର ଉପସ୍ଥିତି ଜାଣିପାରି ସେମାନେ ଦୌଡ଼ି ପଳାଇଲେ ପାଖର ସାରୁବଣ ଭିତରକୁ ।

ଟିକୌ କହିଲା—"ବିପ୍ଳବୀମାନେ ଯଦି ଏଇ କୋକଶିଆଳିଙ୍କ ପରି ଚତୁର ହୋଇଥାନ୍ତେ, ଆଉ ଚିନ୍ତା ନଥାନ୍ତା ।…ସମସ୍ତେ ସେପରି ନୁହଁନ୍ତି । କେତେଜଣ ବାଘ, କେତେଜଣ ଭାଲୁ, ଆଉ କେତେଜଣ ବାନ୍ଦର୍…ମୁଁ ଗୋଟେ ବାନ୍ଦର । ଗଲା ହପ୍ତାରେ ମୁଁ ଯାଇଥିଲି ହେରିଆକୁ…"

—"କୋଉଠିକି ?"

—"ରହାରେ ନ୍ୟାସ୍‌ନାଲ୍ ଓ୍ୱାରଫଣ୍ଡର ଗୋଟେ ମିଟିଂ ହଉଥିଲା । ସହରର ସେଇ ଯୋଉ ଫୁଟାଣିଆ ଅଫିସରଟା ଆସିଥିଲା ସେ ସଭାକୁ । ସେମ୍ ଫ୍ଲେୟାର ସାହାବ ସଭାପତି । ମୁଁ ସୁଯୋଗ ପାଇ ଗୀତ ଗାଇଲି…କଣ ଗାଇଲି ଶୁଣିବ ?"

—"କଣ ?"

—"ପକେଟରେ ବାଉଁଶ କାଠି ଦ'ଟା ଥିଲା···ସେ ଦ'ଟାକୁ ଧରି ବଜେଇଲା ଆଉ ଗାଇଲା—

ଦକ୍ଷିଣେ ସୋନାଇ କପିଲୀ ଉତ୍ତରେ
କଣା-ଲମ୍ବୋଦର ଫଉଜ ଆଣିଲେ ।
ଉତ୍ତରେ କପିଲୀ ଦକ୍ଷିଣେ ସୋନାଇ
ଢଲକ ତେକାର ପ୍ରାଣ ଗଲେ ନେଇ ।
ଅରାଜକ ହେଲା ଏ ଖଣ୍ଡମଣ୍ଡଳେ
ମା' ଖେଗେଶ୍ୱରୀ ଜୀବନ ହାରିଲେ ।
ଯାଆନ୍ତୁ ଏଠାରୁ ସିପାହୀ ଫଉଜ
ଆସୁ ଆସୁ ଏହି ମୂଳକେ ସ୍ୱରାଜ୍ୟ ।" (୧୭)

ଟିକିଏ ରହିଗଲା ଟିକୈ । ରୂପନାରାୟଣର ଓଜନଆ ମନଟା ବି ଟିକିଏ ହାଲୁକା ହୋଇଗଲା ଏଥର । ଟିକୈ ଯେ ଏ ଗୀତ ବୋଲିଲା ତାର ଫଳାଫଳ କଣହେଲା, ସେଇକଥା ଜାଣିବାକୁ ବଡ଼ ଉଦ୍‌ଗ୍ରୀବ ହୋଇ ପଡ଼ିଲା । ସ୍ୱାର ସାହସ ତ କମ୍ ନୁହଁ ! ସେ ତେଣୁ ପଚାରିଲା—"ଶଇକଆ ସେଠି ଥିଲା ନା ନାହିଁ ?"

—"ଥିଲା ତ···ଥିଲା ଯେ କଣ ହେଇଗଲା ସେଇଠୁ ? ସେ କଣ ମୋ କାନ କାଟି-ପକେଇବ ?···କଥାଲହ୍ରସରେ ସ୍ୱରାଜର କଥା ପଦେ କହି ମୁଁ ସେଠୁ ଉଠିଆସିଲି । ଗାରଡ଼େଇ ଗାରଡ଼େଇ ଅନଉଥିଲା ମୋତେ ଶଇକଆ···ବାନ୍ଧିପକେଇଥାନ୍ତା; କିନ୍ତୁ ପ୍ଲେସ୍ୱାର ସାହାବର କଥା ଅଲଗା । ମୁରୁକି ମୁରୁକି ହସୁଥିଲା ସେ, ସତେକି ଆକଣ୍ଠ ରସପାନ କରୁଥିଲା । ଅଫିସରର ମୁହଁ ବି କଳାପଡ଼ିଗଲା··· ।" କହି କହି ହସିପକେଇଲା ଟିକୈ ।

---

(୧୭) ଉତ୍ତରେ କପିଲ୍ଲୀ ଦକ୍ଷିଣେ ସୋନାଇ
ସିଲିଟେସ୍ରୀ ଆନଲେ ଲମ୍ବୋଦର କନାଇ ॥
ଉତ୍ତରେ କପିଲ୍ଲୀ ଦକ୍ଷିଣେ ସୋନାଇ
ମାନ୍ ମୂରନ୍ତ୍ ମରଲେ ଢଲକ୍ ଚେନାଇ ॥
ଉତ୍ତରେ କପିଲ୍ଲୀ ଦକ୍ଷିଣେ ସୋନାଇ
ଦେହା ହଲେ ଟେ ଖେଗେଶ୍ୱରୀ ଆଇ ॥
ଉତ୍ତରେ କପିଲ୍ଲୀ ଦକ୍ଷିଣେ ସୋନାଇ
ରାଇଜକ୍ ଶାସ୍ଲେ ଲମ୍ବୋଦର କନାଇ ॥
ଉତ୍ତରେ କପିଲ୍ଲୀ ଦକ୍ଷିଣେ ସୋନାଇ
ଏଇ ତୋଖରନ୍ତ୍ ସ୍ୱରାଜ୍ୟ ପାସ୍ୱ ॥
ଉତ୍ତରେ କପିଲ୍ଲୀ ଦକ୍ଷିଣେ ସୋନାଇ
ଏଇ ତୋଖରତ ସିପାହୀ ନୋଲସ୍ୱ ॥

ଟିକୌର ପିଠିରେ ଆପୁଡ଼େଇବାକୁ ଲାଗିଲା ରୂପନାରାୟଣ…ଅବଶ୍ୟ ଅକାରଣଟାରେ । ଅନ୍ତରରେ ତା'ର ଉଦ୍‌ବେଗ । ନଥିଲା ସେଠି ଉତ୍ସାହ ।

ଉତ୍ସାହ କିନ୍ତୁ ବଢ଼ିଗଲା ଟିକୌର । ସେ କହିଲା—"ତୁ ତ ଜାଣୁ, ଗୀତ ରଚନା କରି କରି ଚାଳିପଡେଇଲି । ଆମ ସାଙ୍ଗର ସେଇ ସର୍ବେଶ୍ୱରଟା କମ୍ୟୁନିଷ୍ଟ ହୋଇ ଆସି 'ଗଣବିପ୍ଳବ' 'ଗଣ୍ଡେପ୍ଳବ' ବୋଲି ଚକାର ଘୁରୁଥିଲା । ତାକୁ ଦିନେ ଭେଟିଲି ଗୋଟେ ସଭାରେ । ବୁଢ଼ା ହାତରେ ସତେକି ଚେଙ୍ଗମାଛ ପଡ଼ିଲା । ବାଘ ଧରିବା ଭଳିଆ ତାକୁ ଧରିଲି…"

ହସିଲା ରୂପନାରାୟଣ । କହିଲା—"ଆଚ୍ଛା, ଆଚ୍ଛା ! ସେଇଠୁ କଣ କଲୁ ? କିଛି ଲାଭ ମିଳିଲା କି ?"

—"ନା, ମୋତେ ସେ ଓଲଟି ବକାବକି କଲା ।"

—"ତାକୁ ଟିକିଏ କହି ଦେଖିଲୁ ନାହିଁ ?"

—"କେତେ ଥର ତ କହିଲି…କିଛି ଲାଭ ହେଲାନି…ଅବୁଝା ଲୋକଟା ମ !"

—"ହୁଁ ।"

ବଡ଼ ଖରାପ ଲାଗିଲା ରୂପନାରାୟଣକୁ । ସର୍ବେଶ୍ୱର ବଡ଼ ବୁଦ୍ଧିବନ୍ତ ପିଲଟାଏ ଥିଲା । ଦେଶ-ମୁକ୍ତିର ସୁଯୋଗ ପାଇ ବି ସେ ତାକୁ ଗ୍ରହଣ କଲାନାହିଁ । ଏଇ ଯେ ଭୁଲ୍ ସେ କଲା, ଜନ୍ମଜନ୍ମାନ୍ତର ପାଇଁ ସୁଧାରିପାରିବନାହିଁ ।

ଟିକୌର କଥା ଆଉ ବନ୍ଦ ହେଲାନାହିଁ । ସତେକି ଚାଲିଛି ମହାଭାରତ ! ରୂପନାରାୟଣର ମନ କ୍ରମେ କ୍ରମେ ଅନିଶ୍ଚିତ ଭବିଷ୍ୟତର ବିଷାଦମୟ ଚିନ୍ତାରେ ଭରିଗଲା । ସର୍ବେଶ୍ୱର କହିବ ସେ ଭୁଲବାଟରେ ଯାଇ ଆମେ ଏଇ ବିଷାଦର ମୁହାଁମୁହିଁ ହୋଇଛେଁ; କିନ୍ତୁ ପ୍ରକୃତରେ ଦେଖିବାକୁଗଲେ ଏଇଟା ମିଛକଥା । ପ୍ରତ୍ୟେକ ଯୁଦ୍ଧରେ ହାରିବା-ଜିତିବା ଅଛି । ହାରି ଜିତିବା ଓ ଜିତି ହାରିବା, ଏହାହିଁ ଯୁଗଯୁଗର ସତ୍ୟ । ରୁଷିଆ ପାଇଁ ଯେଉଁଟା ଗଣବିପ୍ଳବ, ଭାରତ ପାଇଁ ସେଇଟା ଗଣବିପ୍ଳବ ନହୋଇପାରେ । …ବ୍ରିଟିଶକୁ ଯେ କାହିଁକି ସାହାଯ୍ୟ ଦେବା ଦରକାର, ସେକଥା ସେ ବୁଝିପାରୁନି । ବ୍ରିଟିଶ ତ ସେମାନଙ୍କୁ ସ୍ୱାଧୀନତା ଦେଇନାହିଁ—ପ୍ରତିଶ୍ରୁତି ବି ନାହିଁ । ବ୍ରିଟିଶ ହୁଅନ୍ତୁ, ଜର୍ମାନ୍ ହୁଅନ୍ତୁ, ଅଥବା ଜାପାନୀ ହୁଅନ୍ତୁ—କି ତଫାତ୍ ଏମାନଙ୍କ ମଧ୍ୟରେ ?…ରୂପନାରାୟଣର ବିଶ୍ୱାସ ଯେ ଦିନେ ନା ଦିନେ ସର୍ବେଶ୍ୱରହେଇକା ନିଜର ଭୁଲ ବୁଝିପାରିବେ ।

ସୋନାଇ ପାରିହେବାକୁ ନାଆ ଖଣ୍ଡେ ଖୋଜିଆଣିଲା ଟିକୌ । ଟିକୌ ଯେତେବେଳେ ନାଆ ଖୋଜିବାକୁ ଯାଇଥିଲା, ରୂପନାରାୟଣ ସେତେବେଳେ ପାଣିଧାରରେ ପଶି ଅମୃତ ସମାନ ସୋନାଇର ପାଣି କେଇ ଆଞ୍ଜୁଳା ଉଦରସ୍ଥ କରିନେଲା । ଅଳ୍ପ ଶାନ୍ତ ପଡ଼ିଲା ପେଟଟା । ପାନ ବା ମସଲା ନଥିଲା, ଏଣୁ ବିଡ଼ିଟାଏ ଲଗେଇ ଟାଣିବାକୁ ଲାଗିଲା । ନାଆ-ଆସିଲାରୁ ନାଆରେ ଯାଇ ଉଠିଲା । ଦେହରେ ସାତଦିନର ମଳି—ଧୋଇବାକୁ ସମସ୍ତ ପାଇନ ଏଯାଏଁ ରୂପନାରାୟଣ । ସୋନାଇ ପାଣି ଦେଖି ଡେଇଁପଡ଼ିବାକୁ ଇଚ୍ଛା ହେଉଥିଲା

ତାର । ଆଉ କେବେ ସୋନାଇରେ ଗାଧୋଇବାକୁ ସୁଯୋଗ ପାଇବ କି ନାହିଁ, ତା'ବି ଜଣାନାହିଁ ତାକୁ । ସୋନାଇ ପାଣିରେ କୁଆଡ଼େ ଅନେକ ଅନେକ ଦେବତା ଓ ଅପଦେବତା ଅଛନ୍ତି । ସେଥିରୁ ଜଣେ ହେଉଚନ୍ତି 'ଜଳେଶ୍ୱର'—ଆଉ ଜଣେ ହେଲେ 'ଜଳ-କୁଆଁରୀ'। ସେହିପରି ଜଳ-କୁଅଁର, ଜଳ-ଜରି, ମଣନ୍ଦରୀ—ଏହିପରି ଅନେକ ନାଁ ସେ ଶୁଣିଛି ପିଲାଦିନରୁ । ଏମାନେ କାଳେ କେଉଟ, ନାଉରିଆ, ନଈରେ ପହଁରୁଥିବା ଲୋକଙ୍କ ଉପରେ ବହୁତ ଜୁଲୁମ କରନ୍ତି ।···ସେଇ ଦେବତାମାନଙ୍କ କଥା ଭାବିଲେ ହସମାଡ଼େ ରୂପନାରାୟଣକୁ ।···କିନ୍ତୁ ସୋନାଇ ହେଉଚି ଏ ଅଞ୍ଚଳର ଗଣଦେବତାଙ୍କର ଅତି ଆଦରର ଝିଅଟା; ନହେଲେ ଏମିତି ନାଁ କି ହୁଅନ୍ତା କପରି ? ବିପ୍ଳବୀମାନଙ୍କର ବି ଏ ହେଉଚି ସୋନାଇ । ସିଏ କୂଳକୁ ଆସିଲେ ପୋଲିସ ଆଉ ଧରିପାରିବନାହିଁ । ସୋନାଇ ପାରିହେଲେ ଅଚିହ୍ନା ଲୋକଙ୍କୁ ଭୂତମାଡ଼େ—ସେମାନେ ବାଟବଣା ହୁଅନ୍ତି ।

ଆହୁଲାର ଚୁ ବୁରୁ ଚୁ ବୁରୁ ଶବ୍ଦରେ ସୋନାଇ କୂଳର ଗଛମାନଙ୍କରେ ଶୋଇଥିବା କାଉ କେଇଟାର ନିଦ ଭାଙ୍ଗି ଗଲା କି କଣ···ସେମାନେ କା···କା···କରିଉଠିଲେ ।

ରୂପନାରାୟଣ ଆଡ଼କୁ ଚାହିଁ ଟିକୌ କହିଲା—"ଶୁଣିଚୁ ନାରେ, ଏଇ କାଉପକ୍ଷୀକୁ ରାମ 'ଇଷିକା' ବାଣମାରି ମାରିଥିଲେ ।" —ଯୋଡ଼ିଏ ଯୁଗକୁ ଫେରିଯାଉଥିଲା ଟିକୌର ମନ—"ମୁଁ ବାହାହେଇ ଫେରୁଥିଲି ଏଇ ବାଟରେ । କନ୍ୟାନେଇ ଫେରିବାବେଳେ ଏଇ ସୋନାଇକୂଳରେ ରାତିଏ କଟେଇବାକୁ ପଡ଼ିଥିଲା । କେମିତି କେଜାଣି କୃତ୍ତିବାସ୍ଙ୍କର ଭକ୍ତ ଜଣେ ଆସି ଯୁଟିଥିଲେ ଆମ ସାଥିରେ । ସେ କହିଲେ—ରାମାୟଣରୁ ପଦେ ଅଧେ ଶୁଣ; ଟିକୌ ! ଚିତ୍ରକୂଟ ବନର ମନ୍ଦାକିନୀ ନଦୀ କୂଳରେ ରାମ ସୀତା ବିହାର କରୁଥିଲେ—

ଶଚୀ ଶଚୀପତି ସମ ରାମ ସୀତା ଦନେ
କ୍ରୀଡ଼ା କରୁଥିଲେ ସୁଖେ ଚିତ୍ରକୂଟ ବନେ ।
ଶ୍ରୀରାମେ ଭାଷିଲେ ସୀତା ହରଷ ବଦନେ
ଆଉ ଅଯୋଧ୍ୟାର ସୁଖ ନପଡ଼ଇ ମନେ ।
ଗିରି କନ୍ଦରରେ ଗନ୍ଧ ସୁରଭି ଅପାର
ନରମନ ପୁଣି ମନ ମୋହେ ଦେବତାର ।
ପୁଲକ ଯେ ଭରିଗଲା ଶ୍ରୀରାମ ଶରୀରେ
ସୀତା ଉରେ ମଥା ଥୋଇ ଶୋଇଲେ ନଦୀ ତୀରେ । (୧୮)

---

(୧୮) ରାମ ସୀତା କ୍ରୀଡ଼ା କରେ ଚିତ୍ରକୂଟ ବନେ
. ଶଚି ସମେ ଦେବରାଜ ଯେହେନ ନନ୍ଦନେ ।
ସୀତାକ ବୁଲିଲ ରାମ ହରଷ ବଦନେ
ଅଯୋଧ୍ୟାର ଭୋଗ ଆର୍ ନ ପରସ୍ମ ମନେ ।

ତା'ପରେ ରାମ ଶୋଇଥିବା ଦେଖି କାକଟିଏ ଆସିଲା—

ସୀତାଙ୍କ 'ରୂପକୁ ଦେଖି ଭୋଳହେଲା କାକ
ଛପି ଛପି ପହଞ୍ଚିଲା ତାହାଙ୍କ ସମୀପ ।
ଦେଖିଲା ଯେମନ୍ତ ରାଘବ ଘୋର ନିଦ୍ରାଗତ
ଝାମ୍ପ ଦେଲା ତରବରେ ସୀତାସ୍ତନପଟ । (୧୯)

ସୀତାଙ୍କୁ କଷ୍ଟ ଲାଗିଲା । ସ୍ତନରୁ ରକ୍ତ ଝରିବାକୁ ଲାଗିଲା । ରାମଙ୍କ ନିଦ ଭାଙ୍ଗିଗଲା । ସେ କ୍ରୋଧଭରେ ଉଠିପଡ଼ି ଅବ୍ୟର୍ଥ ଇଷିକାଶର ପେଶିଲେ । ଶରର ଆଘାତରେ କାକ ଚେତନା ହତ ହେଲା । ଏହା ଦେଖି ରାମଙ୍କ ହୃଦୟରେ ଦୟା ଜାତ ହେଲା । ସେ କାକଟିକୁ ପ୍ରାଣରେ ନମାରି ତାର ଗୋଟିଏ ଆଖି ଫୁଟେଇ ଦେଇ ଛାଡ଼ିଦେଲେ···ସେଇଦିନଠାରୁ କାଳେ କାକପକ୍ଷୀ ଗୋଟେ ଆଖିରେ ଦେଖିପାରେନା ।

ଏଇ ଗଳ୍ପଟି ରୂପନାରାୟଣର ମନରେ ଦିବାଲୋକ ଭଳି ସ୍ପଷ୍ଟ ହୋଇ ଉଠିଲା । ମନ୍ଦାକିନୀ କୂଳରେ ବିହାରରତ ରାମସୀତାଙ୍କ ପ୍ରେମରେ ବାଧା ସୃଷ୍ଟି କରିଥିବା ଏଇ କାକ ଚିରକାଳ ପ୍ରେମିକ-ପ୍ରେମିକାଙ୍କର ଚକ୍ଷୁଶୂଳ ।

ଝିକୋ ପୁଣି କହିଲା—"ଜାଣିଚୁନା, ଖମ୍ପି ଦେଇ ସୀତାଙ୍କ ସ୍ତନରେ କାକ ଯେଉଁ କ୍ଷତ ସୃଷ୍ଟି କରିଥିଲା, ରାମଙ୍କ କରସ୍ପର୍ଶରେ ସେ କ୍ଷତ ଭଲହୋଇଗଲା ।"

ରୂପନାରାୟଣର ମନର ଗୋପନ ଗୁହାରୁ ସଚେତନ କାରୁଣ୍ୟ ଯୌବନ ଉଦ୍ବୁଦ୍ଧ ହେବାକୁ ଆରମ୍ଭ କଲା । ···ସୀତାଙ୍କର ନୁହେଁ, ଆଉଜଣର···ସିଏ ଭଲପାଉଥିବା ଝିଅଟିର । ···ଏଇ ସୋନାଇ କୂଳକୁ ସେ ଦୁହେଁ କେବେ ଯଦି ବରକନ୍ୟା ହୋଇ ଆସନ୍ତେ ଆସିବାର ସୁଯୋଗ ପାନ୍ତେ ତେବେ କେତେ ଭଲ ନଲାଗନ୍ତା ସତେ ତାକୁ !

···ବଡ଼ଟାକୁ ଫୋପାଡ଼ିଦେଇ ନାଆରୁ ଓହ୍ଲେଇବାକୁ ପ୍ରସ୍ତୁତ ହେଲା ରୂପନାରାୟଣ । ଝିକୋ ନାଆକୁ ନେଇ କୂଳରେ ଲଗାଇଲା । ପ୍ରଥମେ ଓହ୍ଲେଇଲା ରୂପନାରାୟଣ, ତା ପଛେ ପଛେ ଝିକୋ ।

ଗିରିର୍ କନ୍ଦରେ ଗନ୍ଧ ସୁରଭି ଅପାର୍
ଆଗ୍ରେଲ୍କ ମନୁଷ୍ୟ ମନ ମୋହେ ଦେବତାର୍ ।

× × ×

ଅନେକ ହରଷ ଭେଲ ରାମର ଶରୀରେ
ସୀତାର୍ ଉରୁତ୍ ଶିରେ ଶୁଇଲା ନଦୀ ତୀରେ ॥

(୧୯) ସୀତାର୍ ରୂପକ୍ ଦେଖି କାକ୍ ଭେଲ ଭୋଲ୍
ଏକ୍ ଦୋଓ୍ୱା କରି ଗେଲ୍ବା ଚୁପିଲେକ୍ କୋଳ୍ ।
ରାଘବର ଅଚିରସ୍ତ ନିଦ୍ରାକ୍ ଦେଖିସ୍ବା
ସୀତାର୍ ତନତ୍ ପରିଲନ୍ତ ଜାମ୍ପ ଦିସ୍ବା ।

ସୋନେଇ ଏପାଖ ଧୂସର ପ୍ରାନ୍ତର । ଗ୍ରେଟିଆ ଲୁଗୁଣିଆ ଅଙ୍କାବଙ୍କା ଚଲାବାଟଟିଏ ଯାଇ ମିଶିଯାଇଛି ଜଙ୍ଗଲ ଭିତରେ । ସେଇ ବାଟଦେଇ ସେମାନେ ଆଗେଇ ଚାଲିଲେ ପାପଙ୍ଗାଆଡ଼ି ଅଭିମୁଖେ ।

ହଠାତ୍ ରୂପନାରାୟଣ କହିଲା—"ଟ୍ୟାମ୍ପରେ କାହାକୁ ପାଇବା ତ ?"

—"ପାଇବା ।"

ତାପରେ ନୀରବରେ ଆଗେଇ ଚାଲିଲେ ଦୁହେଁ । କଚ୍ଚାବାଟ ସିବାପରେ ସେମାନେ ବାଁ'କୁ ଘୂରିଲେ ଏବଂ ସେଇ ବାଁ ପଟେ ଆଗେଇଲେ । ହଠାତ୍ ଦୂରରୁ ଆଲୁଅ ଦେଖାଗଲା । ଆଶ୍ଚର୍ଯ୍ୟ ହେଲା ଟିକୌ । କହିଲା—"ଏପଟେ କଣ ଆଲୁଅ ଦେଖାଗଲାଣି ! ଜରେ, କଥା କ'ଣ ? ସେ ପୁଣି କ ଘଟଣା ?···ରହ, ରହ, ମୁଁ ଟିକିଏ ଅବାଟରେ ଯାଇ ଘଟଣାଟା ଦେଖି ଆସୁଛି—ତୁ ଏଇଠି ବସିଥା ।"

ରୂପନାରାୟଣ କହିଲା—"ତୁ ଏକା ଗଲେ ଚଳିବନି—ମୁଁ ବି ଯାଏଁ । ତୋ ହାତରେ ତ କିଛି ନାହିଁ । ପାଆଞ୍ଜଣଙ୍କୁ ଫୋପାଡ଼ି ଦେଇ ଆସିଲୁ କାହିଁକି ?"

ଟିକୌ କହିଲା—"ସେଇଟା କନ୍ତୁ ବୁଦ୍ଧିମାନର କାମ ହବନି । ଜାଣିଚୁନା, ଏଇ ଖଣ୍ଡମଣ୍ଡଳକୁ ମୁଁ ଭଲଭାବେ ଚହ୍ନିଚି । ତୁ ଯାଇ ସେପାଖ ଗଛମୂଳେ ଟିକିଏ ବିଶ୍ରାମ ନେଉଥା । ମୁଁ ହେଇ ଗଲି···ମାନେ ଆସିଲି । ମୋ ଦେହଟା ଖାଲି ଘୋଳି ବନ୍ଧ ହଉଚି··· ଜଣାଯାଉଚି ଏମାନେ ଆମ ଲୋକ ନୁହଁନ୍ତି । ଆଉ ଗୋଟେ କଥା ଜାଣିଚୁନା ?"

—"କଣ ?"

—"ବନ୍ଧୁକଗୁଡ଼ା ସେଇଠି ପୋତାହେଇଥିଲା ।"

ରୂପନାରାୟଣ କାବାହେଇ ଅନେଇ ରହିଲା ।

ଟିକୌ ଚାଲିଗଲା ପରେ ରୂପନାରାୟଣ ଗଛ ତଳକୁ ମୁହାଁଇଲା । ଜହ୍ନ ଅଛି, ତଥାପି ଅନ୍ଧକାର । ···ହୁଏତ ଏଇଟା କାମେଶ୍ୱରର କାମ ହୋଇପାରେ । ବିଶ୍ୱାସଘାତକ ! ସେମାନଙ୍କ ଭିତରେ ଭଲମଣିଷ ଯେତିକି ଅଛନ୍ତି ମନ୍ଦ ବି ସେତିକି ।

କିଛି ସମୟ ପରେ ଟିକୌ ଫେରିଆସିଲା । ଆସି କହିଲା—"ଯାହା ଭାବୁଥିଲି ସେୟା । ଦଶଜଣ ହବ ପୋଲିସ୍‌ଙ୍କୁ ନେଇ କାମେଶ୍ୱର ସେ ବନ୍ଧୁକ ପୋତା ଜାଗାଟାକୁ ଖୋଳୁଚି । ମୁଁ ଏକଦମ୍ ପାଖରୁ ଯାଇ ଦେଖିଆସିଲି । ସେମାନଙ୍କର ସବୁ କଥାବାର୍ତ୍ତା ମୁଁ ଶୁଣିଚି । ମଲା ପୋଲିସ୍ ଦ'ଟାଙ୍କୁ ଯୋଉଠି ପୋତାଯାଇଛି, ସେ ଜାଗାଟାକୁ ସେମାନେ ପାଇନାହାନ୍ତି ବୋଲି ଜାଣିଲି ସେମାନଙ୍କ କଥାରୁ । ଶଇକଥା ବି ସେଠି ଅଛି । ଖୁବ୍ ବଡ଼ ବଡ଼ କଥା ବେଶ୍ ଜୋର୍‌ରେ କହୁଚି ସେ । ପାଣିଖାଇଠୁ ଅଣାଯାଇଥିବା ବନ୍ଧୁକଗୁଡ଼ାକର କଥା ବି ସେ ଜାଣିପାରିଛି । ସେ ସବୁକୁ ଧରିଆଣିବାକୁ ଲୋକ ପଠେଇଚି । ଏସବୁ କଥା ମୁଁ ନିଜ କାନରେ ଶୁଣି ଆସିଲି ।"

—"କେତେ ପୋଲିସ୍ ଅଛନ୍ତି ?" ବୋଲି ପଚାରିଲା ରୂପନାରାୟଣ ।

—"ପୋଲିସ୍ ନୁହଁନ୍ତି ମ । ମିଲିଟାରି ଗୁଡ଼ା ଡଜନେରୁ ବେଶି ଥିବେ ।"

ଦୀର୍ଘ-ନିଃଶ୍ୱାସ ଛାଡ଼ିଲା ରୂପନାରାୟଣ । କହିଲା—"ତେବେ ତ ବଳରେ ସେମାନଙ୍କୁ ପାରିହବନି । ଚାଲ୍ ବେଗି କ୍ୟାମ୍‌କୁ ଚାଲିଯିବା । ସେଠିକି ଯାଇ କିଛି ଗୋଟେ ବ୍ୟବସ୍ଥା କରିବା ।"

—"କ୍ୟାମ୍‌କୁ ଯିବାକୁ କେମିତି କହୁଚୁ ଯେ ?"

—"କାହିଁକି ?"

—"କ୍ୟାମ୍ପ କଥା ବି କାମେଶ୍ୱର ଜାଣେ ସିଁ ସେଠିକି ମଧ୍ୟ ଲୋକ ପଠାଇପାରିଥାଏ ।" ରୂପନାରାୟଣର ଭାଷା ହଜିଗଲା ।

ଟିକୌ ପୁଣି କହିଲା—"ମୁଁ ଯାଏଁ । ଗୋଟେ ପାଖ ବାଟ ଅଛି । ଆଗେ ଦେଖିଆସେଁ । ତୁ ରହିଥା ।"

ରୂପନାରାୟଣ ସେମିତି ବସିରହିଲା ସେଠି । ଟିକୌ ପୁଣି ଚାଲିଗଲା ।

ନେତାମାନେ ଅଛନ୍ତି ଏବେ କୋଉଠି ? ବିପ୍ଳବର ଅବସ୍ଥା ହବ କଣ ? ମଧୁ ହେମ୍ବ୍ରାଙ୍କର କଣ ହବ ! ଅବଶ୍ୟ ସେମାନେ ଅଚତୁର ନୁହଁନ୍ତି—ଧରାପଡ଼ିଲେ ବି ବନ୍ଧୁକ ସହିତ ନୁହଁ । ବର୍ତ୍ତମାନ ସେ ନିଜେ କ'ଣ କରିବ ? ହାଗାସୋଂର ଲୋକଙ୍କ ଆଖିରେ ଧୂଳିଦେଇ ଶଇକଆର ଲୋକଙ୍କୁ ଏଠିକି ଆଣିଲା କେମିତି କାମେଶ୍ୱର ! ଶଇକଆ ବି ତ ନେତାମାନଙ୍କର ମିଂଟିର ଖବର ପାଇ ମାସୁଂରୁ ଏଠିକି ଚାଲିଆସିଛି । ମୁଁ ବରୁ ନେତାମାନଙ୍କ ଭିତରୁ ଅଧିକାଂଶ ଧରାପଡ଼ିଲେଣି । ଯେଉଁ କେତେଜଣ ଧରାନପଡ଼ି ରହିଯାଇଛନ୍ତି, ସେମାନେ ନିଶ୍ଚୟ ଏପରି ଅବସ୍ଥାରେ ଏଠି ନାହାନ୍ତି । ହୁଏତ ପଳେଇଯାଇଥିବେ; କିନ୍ତୁ ଏଠୁ ପଳେଇଯିବେ କୋଉଠିକି ? ଗିରଫ୍ ହେଲେ କି ? ଟିକୌର କଥାରେ ପଡ଼ି ହଠାତ୍ ଏମିତି ଚାଲିଆସିବାଟା ଠିକ୍ ହେଲାନାହିଁ । ଖଟୋଓ୍ୱାଲ୍‌ଠାରେ ସବୁ କଥା ବୁଝି ସୁଝି ଆସିବା ଉଚିତ ଥିଲା । ···ଏବେ ଫେରିବାର ବାଟ କାହିଁ ? ଯୋନେଇ କୂଳରେ ଏକଥା ମନେ ପଡ଼ିଲା ନାହିଁ, ଭାଗ୍ୟ !

ଟିକୌ ଫେରୁ ଫେରୁ ଘଣ୍ଟେ ଲାଗିଲା । ଫେରିଆସି ସେ ଯେତେବେଳେ ରୂପନାରାୟଣ ନିକଟରେ ଠିଆହେଲା, ସେତେବେଳେ କହିଲା—"ସେଠି ଜନପ୍ରାଣୀ ଜଣେ ବି ନାହାନ୍ତି ।"

—"ନାହାଁନ୍ତି ?"

—"ଏବେ କଣ କରିବୁ ?"

—"ଯିବାକୁ ଆଉ ଜାଗା କାହିଁ ?"

—"ହଁ, ମୁଁ ବି ସେଇକଥା ଭାବୁଚି । ଶଇକଆ ତା' ଲୋକମାନଙ୍କୁ ନେଇ ନ ଯିବାଯାଏଁ ଆମକୁ ଏଇଠି ଏମିତିଭାବେ ରହିବାକୁ ପଡ଼ିବ । କିନ୍ତୁ···"

—"କିନ୍ତୁ ପୁଣି କଣ ?"

—"ଦଧିହେମ୍ବ୍ରାଙ୍କୁ ଖବର ଦେଇ ଆସିଲେ ଭଲହୁଅନ୍ତା ।"

—"ପାରିବୁ ?"

—"ପାରିବ— । ସକାଳ ହେବା ପୂର୍ବରୁ ପହଞ୍ଚିପାରିବ । ପଶ୍ଚିମପଟକୁ ଗୋଟେ ଘାଟ ଅଛି । ସେଠି ପାରିହେଲେ ସନୁଆ ଗାଁ ଅଧମାଇଲ ବି ହବନାହିଁ । ସେମାନଙ୍କୁ ପାଇବି କୋଉଠି ?"

—"ଗାୟକ ବିରିଙ୍କ ଘରେ ଅଛନ୍ତି ।"

—"ଆଚ୍ଛା···ତେବେ ତୁ ଏଇଠି ଥା । ମୁଁ ଶୀଘ୍ର ଫେରିଆସିବି । ତୁ ଟିକିଏ ଆଡୁଆଳରେ ରହି ଏପଟ ସେପଟ ନଜର ରଖିଥିବୁ ।"

—"ହଉ—ତୁ ଯା ଶୀଘ୍ର ।"

ଟିକିଏ ପରେ ପୁଣି ରୂପନାରାୟଣ କହିଲା—"ତୁମମାନଙ୍କର ପହରିବାଲା ଆଉ ଥାଉ ଯଦି ଏମାନେ ଆସିପାରିଲେ, ତେବେ ବୁଝିବାକୁ ଆଉ ବାକି ନାହିଁ । ଶୁଣ୍, ତଧିକୁ ମଧୂକୁ କହିବୁ ସେମାନେ ମାସ୍ଟଂକୁ ଫେରିଯିବେ । ସେଠି ଲୋକଙ୍କୁ ହଲହଲ କରି ବାନ୍ଧି ନେଉଛନ୍ତି । ଗୋଟିଏ ଦଳକୁ ନେଇ ସହରରେ ଗୁଳିକରିଦେଉଛନ୍ତି । ରେଲଗାଡ଼ି ଓଲଟେଇବା ପରେ ପରେ ଆଉ ଦଳଙ୍କୁ ଧରିଛନ୍ତି ।"···ଟିକିଏ ଦୀର୍ଘଶ୍ୱାସମାରି ପୁଣି କହିଲା—"ଭରତରାମ ଆଉ ଜୟରାମକୁ ଏଠିକି ଆସିବାକୁ କହିବୁ । ଏଠୁ କୋଉଠିକି ଯିବାକୁ ହବ ତାହା କେବଳ ନ'ଜଣଲୋକ ହିଁ ଜାଣନ୍ତି । ହୁଏତ କଡ଼ିଆବର୍ ପାର୍ଟି ଯାଇହବ । ମାନେ, ସିଧା ସିଧା···"

—"ହଁ ଯାଇହବ ଯେ···କିନ୍ତୁ କଲିଆବରଠିକି ଯାଇ କଣ କରିବୁ ? ସେ ଖଣ୍ଡକ ତ ମିଲିଟାରି ଚଷିପକେଇଲେଣି । ସେଠୁ ପୁଣି ପଳେଇଯିବା ଆହୁରି କଷ୍ଟ ହେବ । ··· ଜାଲରେ ପଡ଼ିଯାଇଛେ··· ।"

ଟିକେଇ ଚାଲିଗଲା । ରୂପନାରାୟଣ ଏଥର ବନ୍ଧୁକଟିକୁ କାନ୍ଧରୁ କାଢ଼ି ତଳେ ଠିଆ-କରାଇନେଲା । ତା'ପରେ ଗୋଟେ ହାତରେ ବନ୍ଧୁକ ଓ ଆର ହାତରେ ଗଛକୁ ଧରି ଆଉଜି ଠିଆହେଲା ସେ । ଟିକିଏ ପରେ ତାକୁ ଢୁଳମାଡ଼ିଲା ।

ଟିକେଇ ଫେରିଆସି ରୂପନାରାୟଣକୁ ଉଠେଇ କହିଲା—"କଦଳୀ ଆଉ ଚୂଡ଼ା ଆଣିଛି । ଖାଇବୁ ନା ?"

ସେତେବେଳକୁ ରାତିର ଶେଷ ପ୍ରହର । ପାହାନ୍ତା ତଡ଼େଇ କେଇଟା ଆକାଶରେ ନାଚ ଆରମ୍ଭ କଲେଣି । ରୂପନାରାୟଣ ଆଖି ଖୋଲିଲା । ଟିକେଇକୁ ଚାହିଁ ଠିଆହୋଇ ରହିଲା ରୂପନାରାୟଣ । ପୁଣି ଆଖି ମଳି ମଳି ଅପରାଧୀ ସ୍ୱରରେ କହିଲା—"ଜାଣିଚୁ ନା, ମୋତେ ବେଶ୍ ନିଦ ଲାଗିଯାଇଥିଲା । ···ଆଚ୍ଛା, ଏବେ କହ, କଣ ହେଲା ଶୁଣେ ଆଗ ।"

—"ଆଗ ଖାଇନେ । ବାଉଁଶନଳରେ ପାଣି ଆଣିଚି ।"

ମୁଠେ ଚୂଡ଼ା ପାଟିରେ ଭର୍ତ୍ତିକରି ଚୋବେଇବାକୁ ଲାଗିଲା । ତା'ପରେ ପାଣି ଦୁଇ ଢୋକ ପିଇ କଦଳୀ ଗୋଟେ ଧରି ଚୋପା ଛଡ଼ଉ ଛଡ଼ଉ ପଚାରିଲା—"ତୁ ?"

—"ନା, ମୁଁ ମୋଟେ ଖାଇବିନି ।"

—"କାହିଁକି ?"

କିଶୋର ମୁହଁଟା ଧାଡ଼ି ବଣ ହୋଇଯାଇଛି । ସେ କହିଲା—“କାଲି ମଣିଷମାରି ଦୃଶ୍ୟଟା ଦେଖିଲାବେଳେ ମୋର କାହିଁକି କେଜାଣି ଖାଇବାକୁ ଆଦୌ ମନ ଯାଉନି ।”

—“ତାହେଲେ ମାରୁଥିଲୁ କାହିଁକି ?”

—“ମୁଁ ମାରିନାହିଁ । ମୋତେ ଘୁଞ୍ଚିବାକୁ ପଡ଼ୁଥିଲା । ଏକାଥରେ ପୋଡ଼େ ଲୋକ ଖତମ । ତା’ ଭିତରୁ ଗୋଟେ ସେଇ ଅନନ୍ତ !”

—“ଥାଉ, ଥାଉ, ସେସବୁ କହିବା ଦରକାର ନାହିଁ । ମୁଁ ବି ସହ୍ୟକରିପାରୁନି । … ଆଚ୍ଛା, ଏମାନଙ୍କୁ ଧାଇଲୁ ନା ?”

—“ଉହୁଁ…ମୁଁ ସେଠି ପହଞ୍ଚିବା ପୂର୍ବରୁ ସେମାନେ ଗିରଫ୍ ।”

—“ବନ୍ଧୁକଗୁଡ଼ା ?” ବଡ଼ ଉତ୍କଣ୍ଠାର ସହିତ ପଚାରିଲା ରୂପନାରାୟଣ ।

—“ବନ୍ଧୁକଗୁଡ଼ା ବାସୁନ ବଗିର ବାଡ଼ିରେ ପୋତିଦେଇଛନ୍ତି ।”

—“ଆଚ୍ଛା…ଜୟରାମ ?”

—“ତାକୁ ବି ଧରିନେଇଚନ୍ତି ।”

—“ଶଙ୍କରଆହେଉରିକାଙ୍କ ଖବର କଣ ?”

—“ସେମାନେ ବନ୍ଧୁକଗୁଡ଼ା ଖୋଳିନେଇଯାଇଛନ୍ତି ।”

—“ହୁଁ…ଆମ କ୍ୟାମ୍ପର ନେତାମାନେ ?”

—“ସେମାନେ ସମସ୍ତେ ଆଗରୁ ଫେରାର୍ ।”

—“ସତେକି ?”

—“ହଁ—ତୁ ଏବେ କଣ କରିବୁ ?”

କିଛି କ୍ଷଣ ନୀରବ ରହିଲା ରୂପନାରାୟଣ । ତା’ପରେ କହିଲା, “ମାସ୍ଟଂ ଆଡ଼େ ଯିବାକୁ ଭାବୁଚି ।”

—“ସେ କଥା ଛାଡ଼ି ଦେ । ଏଇ ରାତିରେ ସେଠୁ ଦଳେ ଲୋକଙ୍କୁ ଧରିନେଇଚନ୍ତି । ଆଉ, ଉମି ବୋଲି ଗୋଟେ ଗାଁର ସ୍ତ୍ରୀ ଲୋକକୁ ଧରିଛନ୍ତି । ତାକୁ ବହୁତ ପିଟାପିଟି କରିଚନ୍ତି ।

—“କିଏ ?”

—“କିଏ ଆଉ ହବ—ସେଇ ପୋଲିସ୍ । ଏବେ ତାକୁ ହାଜତରେ ରଖିଚନ୍ତି ।” ଟିକିଏ ଅଟକିଗଲା କିଶୋ । ତା’ପରେ ପୁଣି କହିଲା—“କାଲି ପ୍ୟାରେଡ୍ ହବ । ରେଲଗାଡ଼ି ଓଲଟେଇଥିବା ମାସ୍ଟଂର ଲୋକଙ୍କୁ ଚିହ୍ନୋଟ କରାହେବ । ଗାଁରେ ଆଉ ନେପାଳୀ ଗାଁରୁ ବହୁତ ଲୋକଙ୍କୁ ଧରିଆଣିଚନ୍ତି ।”

ରୂପନାରାୟଣ କିଛି ସମୟ ଧରି ହତବାକ୍ ହୋଇଗଲା । ବହୁତ ସମୟ ପରେ ସେ ପଚାରିଲା, “ଅରେ ସେଇ ବନ୍ଧୁକ ପୋତା ଜାଗାକୁ ଯାଆନ୍ତେ… ।”

—“ସେଠିକି ଯିବୁ ? କାହିଁକି ମ ? ସେଠି ତ ଉଜନେହେବ ମିଲିଟାରୀ ପହରା ଦେଉଚନ୍ତି ।”

—"ଏବେଂଚ ?"

—"ହୁଁ । ଏବେ ଏଇଠି ରହିବାକୁ ହେବ···ଅନ୍ତତଃ ପୁଣି ସଞ୍ଜ ହେବାଯାଏ—ତା'ପରେ ଦେଖାଯିବ । ସନ୍ଧ୍ୟାବେଳକୁ ସୋନାଇ ପାରିହେଇ ଖଣ୍ଡୋଓ୍ୱାଲ୍ ଗାଁକୁ ଯିବି ବୋଲି ଭାବୁଛି । ଜଣେ ଦୁଇଜଣ ନେତାଙ୍କୁ ବି ଡାକିଛି ।"

ରୂପନାରାୟଣ ପୁଣି ଦୀର୍ଘନିଃଶ୍ୱାସ ଛାଡ଼ିଲା । ସୋନାଇ କୂଳରେ ସେତେବେଳକୁ ସକାଳର କୋଳାହଳ । ହରେକ ରକମର ଚଢ଼େଇ କାକଳି ଆରମ୍ଭ କରିଦେଲେଣି । ସକାଳର ମଳୟ ପବନ ବଣର ଗଛପତ୍ରକୁ ଦୋଳଖେଳାଉଛି ।

ଟିକେ କହିଲା—"ଘର ପାଇଁ ଚାଉଳ ମୁଠେ ଯୋଗାଡ଼ କରି ଦେଇ ଆସିପାରିଲି ନାହିଁ । ବଡ଼ଠାକୁରଙ୍କ ଘରୁ କିଛି କାଳୀବାକି ନମିଳିଲେ ଖାଡ଼ା ଉପାସ କରୁ । ବଡ଼ଠାକୁରଙ୍କ ସ୍ତ୍ରୀ ବଡ଼ କୃପଣ । ମୋ ସ୍ତ୍ରୀ ତାଙ୍କୁ ମାଗିଲେ ବି କିଛି ପାଏନା ।"

ମଣିଷର ଜୀବନର କାହାଣୀ ଏ···

ରୂପନାରାୟଣ କହିଲା—"ଏକୁଟିଆ ତୁ ଖାଇବାକୁ ନପାଉଛୁ ବୋଲି ନୁହେଁ, ଦେଶର ଅଧିକାଂଶ ଜନତାଙ୍କ ଘରେ ଚୁଲି ଜଳୁନାହିଁ । ସେଇଥିପାଇଁ ତ ଆମର ଏ କାମ ।"

ଟିକେ ନୀରବ ରହିଲା ।

□□□

ଚଉଦ

କେଉଟୁଣୀଟିଏ ବଡ଼ଠାକୁରଙ୍କ ଘରେ ମାଛ ବିକସାରି ଝିକୌ ଘରକୁ ପଶିବ ବୋଲି ଅର୍ଗଳି ପାଖରେ ଠିଆ ହଉ ହଉ ଝିକୌର ସ୍ତ୍ରୀ ରଜନୀ ଘରୁ ବାହାରିଆସିଲା । କେଉଟୁଣୀ ଯାଇ ବାହାର ଅଗଣାରେ ଠିଆହେବା ମାତ୍ରେ ରଜନୀ ପଚାରିଲା—"ଆଜି କି ମାଛ ଆଣିଛ କି ?"

ପାଛିଆକୁ ତଳେ ଥୋଇ ଥୋଇ କେଉଟୁଣୀ ଓରଫ୍ ରସକୀବାଈ କହିଲା—"ମିଲିଟାରୀଙ୍କ ଡାଉରେ ଆଉ କଣ ମାଛ ରହୁଚି କି ? ସୋନାଇମାଛ କୁହ, କଲଂ ମାଛ କୁହ, କିଛି ହେଲେ ଏ ମିଲିଟାରୀ ଗୁଡ଼ାଙ୍କ ହାତରୁ ବଞ୍ଚୁନି । ନୋଟ୍ ତ ଶସ୍ତା—ଖଡ଼ା ବଡ଼ା ଫୋପାଡ଼ୁଚନ୍ତି, ମାଛ ଧରି ପଳଉଚନ୍ତି । ହେଲେ ତୋ ପାଇଁ ଆଜି ମିରିକାଲି ଛୁଆଟିଏ ବଞ୍ଚେଇ ଆଣିଚି ।"

ରସକୀବାଈ ପସରା ମେଲି ଛୁଆମିରିକାଲିଟିଏ ପଦ୍ମ ଝଣ୍ଡକରେ ରଖି ଅଗଣାରେ ଥୋଇଲା । ମଲା ମାଛଟା—କିନ୍ତୁ ପଚିଯାଇନି ।

ରଜନୀ ମାଛଟି ଉପରେ ଟିପଲଗେଇ ଚପାଚପି କରି ଦେଖି କହିଲା—"ବଡ଼ ଠାକୁରାଣୀ ହାବୁଡ଼ରୁ ଏଇଟିକୁ କେମିତି ବଞ୍ଚେଇ ଆଣିଲୁ ଲୋ ଅପା ? କେମିତି ପଡ଼ିଲା ନାହିଁ ସେଇ ମାଇକିନିଆ ଆଖିରେ ମ ?" କହୁ କହୁ ମାଛଟିକୁ ହାତରେ ଧରିନେଇ ରେଷେଇ ଘରକୁ ଚାଲିଗଲା । ପନକ ପାଖରେ ଗୋଟେ ଟହକଂସାରେ ମାଛଟିକୁ ରଖି ଘୋଡ଼େଇଦେଇ ଆସିଲା ରସକୀବାଈ ପାଖକୁ । ଆସିଲାବେଳେ ପୋଖରୀରେ ଗୋଡ଼ହାତ ଧୋଇ, ପାନବଟାଟି ଆଣି ଆସିଲା । ପାନବଟାଟି ଥୋଇ ସେଇଠି ଅଗଣାରେ ରସକୀବାଈର ସାମନାସାମନି ବସିପଡ଼ିଲା ।

ଆରମ୍ଭ କଲା ରସକୀବାଈ । କହିଲା—"ସେଇ ମାଇକିନିଆ କଣ ଏ ମାଛଟାକୁ ଛାଡ଼ୁଥିଲା କିଲୋ ! ମୁଁ କିନ୍ତୁ ଦେଲିନାହିଁ । ତୋପାଇଁ ବୋଲି ଆଣି ଆସିଲି । ତୋ ଗିରସ୍ତ ହେଉଚିକା ଏଇନେ ଆସିସିବେ ନା କଣ । ଲୁଚଛପି ପଳଉଥିବା ଲୋକଗୁଡ଼ାଙ୍କ ଲାଗି ମୋର ଆଉ ଉପାୟ ନାହିଁ ଲୋ ରଜନୀ । ଶୁଣିବୁ, ସହରକୁ ଯାଇଥିଲି, ସେଠି ଖଇକିଆ ଓକିଲ ଘରକୁ ଗଲି । ଦେଶଟା ସାରା ହାହାକାର । ତେଣେ ଚୁମୁଣ୍ଡିଆ କଣ ଦେଖିବୁ, ଉଚ୍ଛବ କଣ ଦେଖିବୁ…ସେଇଠି ଦଶଟା ମାଛ ରଖିନେଲେ । କେଟଲୀରୁ ଚାହା ଢାଳି ଖୁଆଇଲେ… ହେଲେ, ଦେଖିଲି ଝିଅଟା କାନ୍ଧ କାଟି ମନାଉଚି । ଏବେ ବି ରୁଷିଚି । ଯାହା ସହିତ ବାହାଦେବାକୁ ବାପା ମା' ଠିକ୍ କରିଛନ୍ତି, ସେଇଠି ବାହାହବାକୁ ଝିଅର ଆଦୌ ରାଜି ନାହିଁ । କୋଉ ଜଣେ ଭଲେଣ୍ଟିଅର ସାଥିରେ ବାହାହବାକୁ ତାର ଇଚ୍ଛା, କିନ୍ତୁ ବଡ଼

ଲୋକ ଘର ତ—ଝିଅଟାକୁ ଗୋଟେ ଭଲେଣ୍ଟିଅର ହାତରେ ଛାଡ଼ଦେବେ କେମିତି କହିଲୁ ଭଲା ?”

—“କିଏ କି ସେ ଭଲେଣ୍ଟିଅର ?”—ପ୍ରଶ୍ନଟି ପଚାରିଦେଇ ଖଣ୍ଡେ ପାନ ରସଙ୍କାବାଈକୁ ଦେଇ ନିଜେ ଖଣ୍ଡେ ଗାଲରେ ଜାକିନେଲା ରତ୍ନମା ।

ରସଙ୍କାବାଈ ପାନଖଣ୍ଡିକ ପାଟିରେ ପୁରେଇ କହିଲା—“ତାକୁ ମୁଁ ଦେଖିଛି ସେ—ଟୋକାଟା, ଯାହାକୁ କହନ୍ତି ନାଏକ । ତୋ ଗେରସ୍ତ ସାଙ୍ଗରେ ସେ ଅଛି ମ··· ?”

—“ତା ନାଁ କଣ ?”

“ରୂପନାରାୟଣ ।”—କହୁ କହୁ ରସଙ୍କାବାଈର ମୁହଁଟା କଳାପଡ଼ିଗଲା । ସେ କହିଲା—“ଆମ ବାରପୁଳାସ୍ତାର ସେ ତ ଟୋକାଖଣ୍ଡେ । ଆମ ଗାଁକୁ ଆଲୁଅ କରିଛି ସିଏ । କଲେଜରେ ପଢ଼ୁଥିଲା । ସେଇଦିନଠୁ ଶଇକିଆ ଓଝାଲର ଆଖି ତା'ର ଉପରେ ଥିଲା ।··· ସେ ଟୋକା ହଜିତ ଟୋକାର ଯୋଡ଼ିଟା କିନ୍ତୁ ଖୁବ ବଢ଼ିଆ ମାନନ୍ତା ।”

—“ଶଇକିଆ କଣ ଆଉ କେଇଟା ଦିନ ରହିପାରିଲା ନାହିଁ ? ସ୍ୱାଧୀନ ହେବାକୁ ଆଉ କେତେ ଦିନ ବା ଅଛି ?”

ରସଙ୍କା ବେଶ ଅଣ୍ଟାଳିଆ ସ୍ୱରରେ କହିଲା—“ସହସ୍ର·ଲୋକଗୁଡ଼ା ଖାଲି କଣ—ସେମାନେ କିଛି ଦେଖିପାରନ୍ତି ନାହିଁ ବୋଲି ଭାବୁଚୁ କି ? ଖାଲି ସିଟିମିଟି କରି ଖାଇଜାଣନ୍ତି । ସଫାସୁତର ଜାମାପଟା ପିନ୍ଧି ଫିଟ୍‌ଫାଟ୍ ହବାକୁ ଗୁହାଁନ୍ତି ।···ସେଦିନ ମୁଁ ଓଝାଲି ଘରକୁ ପଶିଗଲାବେଳକୁ ଆରଥି ଆସି ମୋ ଆଗରେ କେତେଥର ଦେଖେଇ ହେଲା । ମୁଁ ସେଇ ଟୋକାର ଗାଁ ଲୋକ ବୋଲି ସେ ଜାଣିଚି; କିନ୍ତୁ ଏଇଲେ ସେ ଆଉ ତା'କଥା ଭାବିବା ଠିକ୍ ନୁହେଁ···କଣ କହୁଚୁ ?”

ରତ୍ନମା କିଛି କହିଲା ନାହିଁ । ସେ ନିଜେ ଜଣେ ଭଲେଣ୍ଟିଅରଙ୍କ ସ୍ତ୍ରୀ । ତେଣୁ ଜଣେ ଭଲେଣ୍ଟିଅରଙ୍କ ସ୍ତ୍ରୀ ହେବାକୁ କ'ଣ ବା ଆପତ୍ତି ଥାଇପାରେ, ସେକଥା ସେ କେମିତି ଭାବି-ପାରନ୍ତା ? ଅବଶ୍ୟ ସେ ନିଜେ ବଡ଼ ହଇରାଣ ହେଉଛି, ଏଥିରେ ସନ୍ଦେହ ନାହିଁ । ନିତି ନିତି ରାତିରେ ପୋଲିସ୍, ମିଲିଟାରୀ, ସି. ଆଇ. ଡ଼ି. ଲୋକେ ତା'ଘରକୁ ଆସନ୍ତି । ସେମାନଙ୍କ ତୁଣ୍ଡରୁ ଅଭଦ୍ର ଭାଷା ଶୁଣିବାକୁ ପଡ଼େ । ପାହାର ବି ବେଳେବେଳେ ଖାଇବାକୁ ପଡ଼େ । ଓଳିଏ ଦି'ଓଳି ଉପାସରେ ବି ରହିବାକୁ ପଡ଼େ । ମଝିରେ ମଝିରେ ଭୋକିଲା ଲୋକକୁ ଖାଇବାକୁ ଦବାକୁ ପଡ଼େ ।···ତାର ନିଜର ପୁଣି କଣ ପିଲାପିଲି ହବାର ଅଛି । ଘରେ ଆଉ ଦ୍ୱିତୀୟ ଲୋକ କେହି ନାହିଁ ଯେ କି ସମୟବେଳେ ସାହା ହେବ । ସମସ୍ତ ଯେତେବେଳେ ଭଲ ଥିଲା, ସେତେବେଳେ ବଡ଼ଠାକୁର ଓ ଶଇକିଆ ଓଝାଲିଙ୍କ ଘରର ଭାଗଚାଷୀରୂପେ ଟିକେଁ ଚଳିଯାଉଥିଲା । ଏବର୍ଷ କିନ୍ତୁ ଅରେ ବି କୋଡ଼ ମାରିବାକୁ ସମସ୍ତ ଅଣ୍ଟିନି ତାର । ଏଣୁ ଆଉ କାହାକୁ ଜମି ଖଣ୍ଡକ ଭାଗରେ ଲଗେଇବାକୁ ଶଇକିଆ ଅନ୍ୟ ଲୋକ ଖୋଜିଲେଣି । କେହି କିନ୍ତୁ ନବାକୁ ଆଗଭର ନୁହନ୍ତି ।···ଏପଟେ ଘରବାଡ଼ି, ଗୁହାଳ ଇତ୍ୟାଦି ସବୁ କିଛି ଲିପାପୋଛି ଚକ୍‌କଣ କରି ରଖିବାକୁ ହେବ । ତା' ନିଜ ଘର

କଲ୍ୟାବରରେ । ଘରୁ ବାପା, ଭାଇ, ଅଜାମାନଙ୍କୁ ପୋଲିସ୍ ବାନ୍ଧିନେଇଛନ୍ତି । ଘର-ମାନଙ୍କରେ ଆଉ ବୋଉ ନୂଆଉମାନେ ଦେଖିବାକୁ ମିଳୁନାହାନ୍ତି । ···ଯାହାବି ହଉ, ଦେଶର କାମ କରି ପୁରୁଷ ଲୋକେ ଖୁବ୍ ପୁଣ୍ୟ ଅର୍ଜନ କରୁଛନ୍ତି ।

ଆଉଥରେ ପାନ ପାଟିରେ ପୂରେଇ ବଟାଟାକୁ ଧରି ଉଠୁ ଉଠୁ ରତନୀ କହିଲା— "ଶଇକଥା କଲୁ ହକ୍ କାମ କଲାନାହିଁ ଅପା ! ଝିଅ ହେଲା ବୋଲି ତାର କ'ଣ ମନ ବୋଲି କଛି ନାହିଁ ନା ? ବଡ଼ଲୋକଙ୍କର ମନ ଦେଖୁଚ କଣ। ମାଠିଆ ପରିକା । ହକ୍ କଥା ମନରେ ପଶି ପୁଣି ବାହାରିଯାଏ ।"

ପାଚୁଆଟାକୁ ମୁଣ୍ଡରେ ଥୋଇ, ରତନୀକୁ ଟିକଏ ଚାହିଁଦେଇ ରସକୀବାଈ କହିଲା— "ତୋର ଦିନ ହେଲାଣି କଲେ ?"

"ହଁ···ଏଇ ହପ୍ତାଟା ଯିବ କି ନଯିବ ।" —କହୁ କହୁ ଲାଜରେ ରଙ୍ଗା ପଡ଼ିଗଲା ରତନୀର ମୁହଁ । ନଟୋଳ ଦେହଟା ତାର କମ୍ପି ଉଠିଲା ଉତ୍ତେଜନାରେ ।

ରସକୀବାଈ ହସିଦେଇ କହିଲା—"ପୁରୁଷର ରଣ, ସ୍ତ୍ରୀର ପିଲା ଜନମ···ଜଗିରହି ଚଳୁଥିବୁ ଲୋ ! ଓଜନିଆ ଜିନିଷ ଟେକିବୁନୁ । ନିଛୁନିଆ ଜାଗାକୁ ଏକାଟିଆ ଯିବୁନୁ । ମୁଁ ଆସିବି ଯେ ନଇଠି···ଖବର ନେବି ।"

—"ଆସିବ ଅପା !"

ରସକୀ ଚାଲିଗଲା । କଛିବେଳଯାଏଁ ସେଇମିତି ସେଇଠି ଛିଡ଼ାହୋଇ ରହିଲା ରତନୀ ···ପେଟ ଭିତରେ ପିଲାଟା କଡ଼ ଲେଉଟଉଚି । ···ପୁଅ ହବା ଦରକାର । ଠିକ୍ ଟିକେଁ ପରି ପୁଅଟା ହବା ଦରକାର—ତାଙ୍କପରି କଳା ଆଖି, ଉଚ କପାଳ, ଲମ୍ବା ନାକ, ଟାଣୁଆ ବେକ । ଯୁଦ୍ଧରେ ଯଦିଓ ତାଙ୍କର କଛି ହେଇଯାଏ, ତେବେ ପୁଅଟେ ଥିଲେ ତାର ମୁହଁକୁ ଚାହିଁ ନିଜକୁ ନିଜେ ଅନ୍ତତଃ ବୁଝେଇନେଇପାରିବ ।

କଛି ସମୟ ପରେ ତା'ର ଚିନ୍ତାସ୍ରୋତ ତୁଟିଗଲା । ଆଉ ବିଳମ୍ବ ନକରି ସେ ସେଠୁ ଚାଲି ଆସି ସିଧା ପଶିଲା ରୋଷେଇଘରେ । ପ୍ରଥମେ ମାଛଟିକୁ ବାଛିବାକୁ ବସିଗଲା । ···ତିନିଜଣ ଲୋକ ଖାଇବା ଭଳି ଭାତ ଆଜି ସେ ବସେଇଛି । ମାଟିଆଳୁ ଝୋଳ କଛି କରିଛି । ମାଛର ଅଧାରୁ ଅଧିକ ଭଜା ବାକୀତକ ବେସରଖଟା କରିଛି । ବାଡ଼ରେ ଲେମ୍ବୁ ଅଛି । ସେଥିରୁ ଚାରଟା ଚପୁଡ଼ିଦେଇ ମାଛ ବେସର କରିଛି । ···ମିଲିକାଲ ମାଛର ବେସର ଭୁଣ ଖାଇ ଭଲପାଏ ଟିକେଁ । କଖାରୁ ତଙ୍କ ଭଜା ଓ ବରଡ଼ାଲିରୁ କଛି ଯୋଗାଡ଼ କରି ରଖିଛି । କେବଳ ଚାଉଳଗଣ୍ଡାକ ଭଲ ଚାଉଳ ନୁହେଁ, ବରଧାନର ଚାଉଳ । ଭଣ୍ଡାର ଖାଲି । ଏବେ କରିବ କଣ ? ଯାହା ଖୋଜି ଲେଡ଼ି ପାଇଲା ତାକୁଇ ରାନ୍ଧିଛି । ରସକୀବାଈଠୁ ମାଛଟା ତ ବାକୀରେ ରଖିଛି । ···ତାର ସେମିତି କଛି ବେଶି ଧାନ ବା ପଇସା ଲୋଡ଼ାପଡ଼େନା । ଦୋକାନରୁ ଆଳୁ ପିଆଜ କଛି ଆଣିବ ବୋଲି ଭାବିଥିଲା; କିନ୍ତୁ ଆଣିପାରିଲା ନାହିଁ । ଫଟାପାହୁଲାଟାଏ ବି ନାହିଁ ହାତରେ । ···ଘରେ ଏବେ ତନ୍ତଟାଏ ବସାଇଛୁ; ମାତ୍ର ତଥିଁର ଅଭାବରୁ ଗାମୁଛା ଖଣ୍ଡିକର ଧଡ଼ି ବସେଇପାରିନାହିଁ ।

ବିଛଣାଟା ବିଛେଇଦେଇଛୁ । ଚଉ କନ୍ଥାଖଣ୍ଡିକୁ ଜାକଜକ ଦେଇ ମୁଣ୍ଡଚଳେ ପିଠା ଖଣ୍ଡେ ଦେଇଛୁ । ତକିଆ ନାହିଁ । କଣ ଆଉ କରନ୍ତା ? ପିଠା ଉପରକୁ ଫଟା କମ୍ବଳ ଖଣ୍ଡିକ ବି ଚଉଡ଼ ଥୋଇଦେଇଛୁ । କିନ୍ତୁ ଟିକୀ ଆସି ସେଇ ବିଛଣାରେ ଶୋଇବାକୁ ସୁଯୋଗ ପାଇବ କି ନାହିଁ କିଏ ଜାଣେ ? ପୁଣି ଆଉଜଣକ ଯଦି ତାଙ୍କ ସାଥିରେ ଆସିବେ ତାଙ୍କୁ କୋଉଠି ଶୋଇବାକୁ ଦବ ? ···ରଜନୀର ମନ, ଟିକୀ ସାଥିରେ ଟିକିଏ ଏକୁଟିଆରେ ସମସ୍ତ ବିତାନ୍ତା । ···ବଡ ଘରଟାରେ ଗୁରୁଟା ମସିଣା ଥୋଇଛୁ । ସେଇଆକୁ ବିଛେଇ ତାଙ୍କପାଇଁ ବିଛଣା କରିଦବ ।

ବହୁତ ସମୟ ବିତିଗଲା, ତଥାପି କାହାର ଦେଖାନାହିଁ । ତାକୁ ଭାରି ଭୋକ ଲାଗିଲାଣି । କିନ୍ତୁ ଭୋକ ଲାଗିଲେ ବି ତାର ଅନ୍ତତଃ ଟିକୀ ପାଇଁ ଅପେକ୍ଷା କରିବା କଥା ।··· ଦାଣ୍ଡଦୁଆରକୁ ଯାଇ ବାଟ ଆଡ଼କୁ ଅନେଇଲା । ଅର୍ଗଲ ପାଖରୁ ଖନ୍ଦରକୁ ଲମ୍ବିଯାଇଥିବା ରାସ୍ତାଟା ଜନଶୂନ୍ୟ । ଦୂରରୁ ଭାଗବତ ଟୁଙ୍ଗିର ଚୂଳରେ ମୁକୁଟଟା ଚକ୍‌ଚକ୍ କରୁଚ, ଯେତେକ ସେଇଟା ତାର ମନର ମୁକୁଟ । ···ଧୀରେ ଅର୍ଗଲ ଖୋଲି ରାସ୍ତା ଉପରେ କିଛି ଦୂରକୁ ଆଗେଇଯାଉଥିଲା ରଜନୀ, ମାତ୍ର ଆଗରେ ମେଳିଟାଙ୍କୁ ଲୋକ ଦେଖି ଚମକି ଉଠିଲା । ·· ସଦାବେଳେ ଯାହା ଘଟେ ତାହାହିଁ ଘଟିଛି । କେତେଜଣ ଲୋକ ଭାଗବତ ଘରର ପଡ଼ିଶା ବାଡ଼ରୁ ବାଉଁଶବୁଦାରୁ ବାଉଁଶ କାଟୁଛନ୍ତି । ସେ ବାଉଁଶତକ ମେଳିଟାଙ୍କମାନେ ନେବେ ବୋଲି କଟାହେଉଛି । ···ଏମାନଙ୍କର ଆକ୍ରୋଶର ଅନ୍ତ ନାହିଁ ସତେ ! ···ଫେରିବାକୁ ଲାଗିଥିଲା ରଜନୀ । ଭାଗବତଘରେ ନାମ ସଙ୍କୀର୍ତ୍ତନ ଚାଲିଛି । ଏଣୁ ତାର ଫେରିବାକୁ ବିଳମ୍ବ ହେଉଛି । ଏପରି ସମୟରେ ମଞ୍ଚେ ପିଠିରେ ଚଡ଼ି କିଏ ଜଣେ ଚାଲିବାଟଦେଇ ଗଲା । ତା' ପରେ ପରେ ବଡଠାକୁର ଆସି ପହଞ୍ଚିଲେ । କୋଉଠୁ ଗ୍ରାଣ୍ଡ ଭୋଜ ଖାଇ ଫେରୁଥିଲେ ସେ । ହାତରେ ଗାମୁଛାର ଗଣ୍ଠିଲିଟିଏ । ରଜନୀକୁ ଦେଖି ସେ ଧଡ଼କିଗଲେ । କହିଲେ—"ଏଠି ରହିନା—ଘରକୁ ଚାଲ—ଟିକୀ ହେଇଚି ଏଇନେ ଆସି ପହଞ୍ଚିବେ ।"

—"ଆସିବେ ?" ଚେତନାର ମନଟା ଆନନ୍ଦରେ ଭରିଗଲା ।

—"ହଁ ।" କହି ଆଗେଇଲେ ବଡଠାକୁର ।

ତାଙ୍କ ପଛେ ପଛେ ରଜନୀ ବି ଫେରିଲା ଘରକୁ । ବାଟରେ ବଡ଼ଠାକୁର କହିଲେ— "ଜାଣିଚୁନା ଲୋ ରଜନୀ ' ଆଜି ପଲେ ଶାଗୁଣା ହଲ-ଚୋହଲ ଯାଇ ଗାଁଟାକୁ ଘେରାଉ କରିଦେଲେଣି—ଇଏ ଆସିବା ଖବର ପାଇଯାଇଛୁ ଶଇକିଆ ।"

ରଜନୀର ମୁହଁ ପୁଣି ମଉଳିଗଲା । ପଚାରିଲା—"ଏଁ, କାହା କଥା କହୁଚନ୍ତି ?"

—"ରୂପନାରାୟଣ ।"

ରଜନୀ ଘରର ଅଗଳି ନିକଟରେ ଟିକିଏ ଅଟକିଯାଇ ବଡଠାକୁର କହିଲେ—"ଯଦି କିଛି ଘଟେ ମୋତେ ଖବରଦବୁ ବାଡପଟେ—ବୁଝିଲୁ ତ ? କିନ୍ତୁ ନୂଆଉକୁ କିଛି କହିବୁନି । ବଡ ଅବୁଝା ସେ । ପେଟରେ ପୁଣି ତାର କିଛି କଥା ରହେନା ।"

—"ହଉ ।"

ଘରକୁ ପଶିଲା ରଞ୍ଜନା । ଦେଖିଲା ଗ୍ରେଷେଇଘର କବାଟ ଖୋ[redacted]ହୋଇଛି । ବେଶ୍ ବୁଝିଗଲା ସେ । ଗ୍ରେଷେଇଘରକୁ ପଶି ଦେଖିଲା ଯେ ଟିକୌ ଓ [redacted] ଅଚହ୍ନା ଲୋକ ଜଣେ ଭାତ ଖାଇ ବସିଛନ୍ତି । ଲୋକଟାର ଦେହରେ ଟ୍ରେମିମନସିଂ[redacted]। ପୋଷାକ— କିଏ ଇଏ ?

ରଞ୍ଜନାକୁ ଦେଖି ଦେଖି ଟିକୌ କହିଲା—"ତୁ ଆସିବାଯାଏଁ ଆମେ[redacted] ଅପେକ୍ଷା କରି ପାରିଲୁ ନାହିଁ । ଇଏ ହେଉଛନ୍ତି ଆମର ରୂପନାରାୟଣ । ଏଙ୍କୁ କୌଣସି ପ୍ରକାରେ ଲୁଚେଇ ନେଇ ଆସିଛୁ । ଏବେ ପୁଣି ଏଠୁ ଲୁଚେଇ ପଠେଇଦବାର ଅଛି । ମୋର କୋଡ଼ି ଟଙ୍କା ଦୁଆରକୁ ବାହାର କରିଦେ । କାମେଶ୍ୱର ଏଙ୍କୁ ଦେଖିନେଇଛି । କ'ଣ ଯେ କରି-ବସିବ ଅନୁମାନ ବି କରିହଉନି .. ।"

—"ସେ କେମିତି ଜାଣିଲା ଯେ ?"

—"ସେ ପୋଡ଼ାମୁହାଁ ସମସ୍ତଙ୍କୁ ଚହ୍ନିପାରେ । ସମସ୍ତିଙ୍କି ଧରେଇଦବାକୁ ଯେ ଚକ୍ରାନ୍ତ କରୁଛି । ... ଗଲ୍, ବେଇଗି ଗୁଆଖଣ୍ଡେ କାଟିଦେ ।"

... ତ କି ତରକାରି କିଛି ଲାଗିବ ନାହିଁ ତମମାନଙ୍କର ?"

—"ନା..।"

ରୂପନାରାୟଣ ଏଥର ମୁହଁ ଉଠେଇ ରଞ୍ଜନା ଆଡ଼କୁ ଚାହିଁଲା । ତା'ପରେ କହିଲା-- "ଖାଇବାକୁ ଆଉ କିଛି ବାକି ନାହିଁ । ମଣକାଲା ମାଛର ବେସର ତୁମପାଖେ ଆଉ ନଥିବ ବୋଧେ । କଖାରୁ... ଭଜା ତ ପୁରା ଶେଷ । ବାଇଗଣ ଝୋଳ ଏଡ଼େ ବଢ଼ିଆ ହୋଇଚ ନା...ହେଲେ... ଆମର କିନ୍ତୁ ଆଉ କିଛି ଦରକାର ନାହିଁ ।"

—"ଶୋଇବେ ଯଦି ଟିକିଏ ଶୋଇପଡ଼ନ୍ତୁ—ମୁଁ ବିଛଣା ସଜେଇଦେଇଚି ।" କହିଲା ରଞ୍ଜନା ।

—"ଶୋଇବାକୁ ବେଳ କାହିଁ ?·ଏଠୁ ପଳେଇଯାଇ ପାରିଲେ ରକ୍ଷା ।"

ରୂପନାରାୟଣର ମୂର୍ତ୍ତିଟିକୁ ଦେଖି ରଞ୍ଜନାର ମନେ ମନେ ସ୍ନେହ ଜାତହେଲା । ଏକବାରେ କଅଁଳିଆ ବୟସ । ଚମଡ଼ାରୁ ଫୁଟିଉଠୁଚି ରକ୍ତର ଲାଲରଙ୍ଗ । ରୂପନାରାୟଣକୁ ଲକ୍ଷ୍ୟକରି ରଞ୍ଜନା କହିଲା--"ରସିକାବାଈ ଗୋଟେ କଥା କହୁଥିଲା···"

—"କି କଥା ?" ଭାତଗୁଣ୍ଡା ହାତରେ ଧରି ହାତ ଟେକି ଉତ୍ତର ଅପେକ୍ଷାରେ ରହିଲା ରୂପନାରାୟଣ ।

--"ଆଜି ସେ ସହରର ଶଇକିଆ ଓକିଲ ଘରକୁ ମାଛ ନେଇ ଯାଇଥିଲା । ତାଙ୍କ ଝିଅ ଆରଥର ବାହାଘର । ଆରଥ କାଳେ ବଡ଼ ମନ ଦୁଃଖରେ ଅଛି । ଆପଣଙ୍କ ସହିତ ତାର ବାହାଘର ଠିକ୍ ହୋଇଥିଲା କି ?"

କୌତୂହଳବଶତଃ ରଞ୍ଜନା ସିନା ଏ ପ୍ରଶ୍ନ ପଚାରିଦେଲା, କିନ୍ତୁ ରୂପନାରାୟଣର ଖାଇବା ଆଉ ନୋହିଲା । ସେ ଖପକନା ଲେଖାଟାଧରି ଖାଇବା ଜାଗାରୁ ଉଠିପଡ଼ିଲା ହାତ ଧୋଇବବୋଲି ।

ହଠାତ୍ ରଜନୀ କହିଲା—"ଆପଣ ହାତ ଧୋଇବାକୁ ବାହାରକୁ ଯାଆନ୍ତୁନି । ମୁଁ ଏଇଠିକି ଆଣିଦେଉଛି ହାତଧୁଆ କୁଣ୍ଡଟା । ଏଇଠି ମୁହଁ ଧୋଇବେ । ବାହାରକୁ ଯିବା ଆପଣଙ୍କ ପାଇଁ ଭଲ ନୁହଁ ।" କହି ଉଠିଗଲା ରଜନୀ ଏବଂ ତତ୍‌କ୍ଷଣାତ୍ କୁଣ୍ଡଟାଏ ଆଣି ସେଇଠି ଥୋଇଦେଲା । ରୂପନାରାୟଣ ସେଇଠି ହାତମୁହଁ ଧୋଇନେଲେ ।

ଟିକୌ ଟିକିଏ ରାଗିଯାଇ କହିଲା—"ତମମାନଙ୍କର ସ୍ତ୍ରୀ-ସ୍ୱଭାବ ଆଉ ଯିବ କେବେ ? ଆନ୍ଦୋଳନର ଜୀବନ-ମରଣ ସମସ୍ୟା—ସେତିକିବେଳକୁ କିଣ ନା ବାହାଘର !··· ଲୋକଟାକୁ ଅଧାଖିଆରେ ରଖିଲୁ ନା !" କହୁ କହୁ ରଜନୀ ହାତରୁ ଲୋଟାଟା ନେଇ ଟିକୌ ବି ହାତ ମୁହଁ ଧୋଇଲା ।

ରଜନୀ ଅନୁତାପ କଲା । ନିଜର ଦୋଷ ଛଡ଼େଇବା ପାଇଁ କହିଲା—"ସ୍ୱମିଲ କଥାଟା ସେ ଜାଣିବା ଦରକାର ବୋଲି—ସେଇଥିପାଇଁ ଜଣେଇଦେଲି । କାଲିକି ବାହାଘର । ଆଜ ଯଦି ନକହିବି ଆଉ କହିବି କେବେ ?"

ରୂପନାରାୟଣ କହିଲେ—"ନାଁ ଆଉ, ତୁମେ କିଛି ଭୁଲ କରିନାହଁ କଥାଟା କହିଦେଇ । ଆରତି ସେ ଏବେ ମୋ କଥା ଭାବୁଛି, ଏଇ କଥା ଭାବି ମୁଁ ଯେତିକି ଆନନ୍ଦ ପାଉଛି, ଦୁଃଖ ବି ଲାଗୁଛି ମୋତେ ସେତିକି । କ'ଣ ମୁଁ କରିବି କୁହ ତ ? ଅପେକ୍ଷା କରିବାପାଇଁ ମୁଁ ଶରିକିଆଙ୍କୁ କହିଥିଲି; କିନ୍ତୁ ମୋର ଭବିଷ୍ୟତ ବୋଲି ଅଛି କିଣ ? ମୋ ପାଇଁ ସେ ଅବା ଅପେକ୍ଷା କରିବେ କୋଉ ଗରଜରେ ?"

—"ଝିଅଟା କିନ୍ତୁ ଖୁବ୍ ଭଲ । ଖରାପ ଝିଅ ହୋଇଥିଲେ ପାସୋରିପକାନ୍ତାଣି ।" କହିଲା ରଜନୀ ।

—"ଆଉ, ସେମିତି ଭଡ଼ର ଭଡ଼ର ହନା; ଯା ଶୀଘ୍ର କୋଡ଼ିଟା ବାହାରକରିଦେ । ମୁଁ ଆଜ ସହରକୁ ଯିବି । ମୋ କେନ୍ଦେସ୍ତାଟା ବି କାଢ଼ିଦେଇଥା । ···ବାଟ ଅଳ୍ପ, କିନ୍ତୁ ପହଞ୍ଚିବା କେମିତି ? ଲୁଚି ଲୁଚି ଯିବାକୁ ହବ । ଜେଲ୍ ଯାଇଥିବା ଲୋକଙ୍କର ମକଦ୍ଦମା ଚାଲିଛି । ସହରରେ ଓକିଲ ଜଣଙ୍କୁ ଖୋଜିବାକୁ ପଡ଼ିବ । ଫେରିବାକୁ ଡେରିହବ ମୋର ।" ···କହି କହି ଆସି ରଜନୀ ନିକଟରେ ଠିଆହେଲା ଟିକୌ । ତା'ପରେ ପୁଣି କହିଲା—"ତୁ ସାବଧାନରେ ଥିବୁ । ଦରକାରହେଲେ ବଡ଼ଠାକୁରଙ୍କୁ ଖବର ଦବୁ ।"

ରଜନୀକୁ ଭାରି ଲାଜଲାଗିଲା ଏଥର । ସେ ଆଉ ସେଠି ନରହି ବାହାରକୁ ଚାଲିଗଲା । କୋଡ଼ିଟାକୁ ବାହାରକରି ଦୁଆରେ ଥୋଇଦେଲା । ତା'ପରେ ଘର ଭିତରେ ପଶି ଅଳ୍ପ ସମୟ ଭିତରେ କେନ୍ଦେସ୍ତାଟା ଆଣି ଟିକୌ ହାତକୁ ଦେଲା । ହଠାତ୍ ଘରସାମନାରେ ରାସ୍ତା ଉପରେ ଗାଡ଼ିଟାଏ ଠିଆ ହେବାର ଶବ୍ଦ ଶୁଭିଲା । ରଜନୀ ହଡ଼ବଡ଼େଇ ଯାଇ କହିଲା—"ସେମାନେ ଆସିଗଲେ ନା କିଣ !"

—"ଏଁ ପହଞ୍ଚିଗଲେ !" ଟିକୌ ପଚାରିଲା । ବଡ଼ ବିଚଳିତ ହୋଇପଡ଼ି ସେ ରୂପନାରାୟଣଙ୍କୁ କହିଲା --"ଚାଲ ପଳେଇବା—ଯା ହବ ହଉ ।"

ରୂପନାରାୟଣ କହିଲେ—"ବାଡ଼ପଟେ ପଳେଇବା ।"

ରଜନୀ କହିଲା—"ବଡ଼ଠାକୁରଙ୍କ ବାଡ଼ିପଟେ ପଳାଅ । ମୁଁ ତାଙ୍କୁ କଲିଂବେଲ ମାରି କହିଦେଉଚି ।"

ଟିକେଶ କହିଲା—"ନା, ଥାଉ, କଲିଂବେଲ୍ ମାରିବା ଦରକାର ନାହିଁ । ବଡ଼ଠାକୁରଙ୍କ ବାଡ଼ିପଟ ବାଟ ମୁଁ ଦେଖିଚି । ତୁ ଶୀଘ୍ର ଆମର ଅଇଁଠା କଂସାଗିନାଗୁଡ଼ା ଲୁଚେଇ ପକା । ଆମେ ଗଲୁଁ ।"

ଏହା କହି ସେ ରୂପନାରାୟଣର ହାତ ଧରି ଟାଣି ନେଇଗଲା । ବାହାର ଅଗଣାରେ ଥୁଆ ହୋଇଥିବା କୋଡ଼ି ଖଣ୍ଡିକ କାନ୍ଧକୁ ଉଠେଇନେଲେ ରୂପନାରାୟଣ । ସାକ୍ଷାତ୍ ମଇମନସିଂହିଆ ପରି ଦେଖା ଯାଉଥିଲେ ସେ । ତା' ପରେ ବଡ଼ଠାକୁରଙ୍କ ବାଡ଼ିପଟ ଆଡ଼କୁ ଆଗେଇ ଗଲେ ଦୁହେଁ ।

ବେଲ ସେତେବେଳକୁ ଗଡ଼ିବାକୁ ବସିଲାଣି । ଉଦାସ ତଥା ବିଷଣ୍ଣ ଅପରାହ୍ଣର ଦମଦମକା ପବନ ଗଛପତ୍ର ସବୁକୁ ଦୋହଲେଇଦେଉଥାଏ ।

ରଜନୀର ଛାତି ଧଡ଼ ଧଡ଼ କରିବାକୁ ଲାଗିଲା । ସେ ତରବରରେ ଅଇଁଠା ବାସନକୁସନ ତ'ଖଣ୍ଡିକୁ ରୋଷେଇଘର କୋଣରେ ଥିବା ବଡ଼ ବାଲ୍‌ଟିଟା ଭିତରେ ଭରିଦେଲା । ବାଲ୍‌ଟିର ପାଣିତକ ମଇଳିଆ ମସିଆ ହୋଇଗଲା । ତା'ପରେ ସେ ଅଇଁଠା ଗୋଟେଇ ନେଲା··· । ବଡ଼ଠାକୁର ଠିକ୍ କହୁଚନ୍ତି···ଏଗୁଡ଼ାକ ଛଞ୍ଚାଣି ଜାତି··· ।

କେହି ଜଣେ ବାହାରପଟ ଦୁଆରଆଡ଼ୁ ପଶିଆସୁଚି···ଡ଼କାହକା କୁହାପୋଛା କିଛିନାହିଁ —ବୁଟ୍ ଜୋତାର ଶବ୍ଦ ।

—"କିଏ ?" ବୋଲି ଜୋର୍‌ରେ ପାଟିକଲା ରଜନୀ ।

—"ଯମ···ଏମାନେ ଗଲେ କୁଆଡ଼େ ?"

ରଜନୀ ବୁଝିପାରିଲା କାହାର ସେ ପାଟି । ଏଇ ପାଟିକୁ ଚିହ୍ନିନପାରିବା ଲୋକ ଏ ଅଞ୍ଚଳରେ ନାହାନ୍ତି ।

ଖୁବ୍ ନମ୍ର କଣ୍ଠରେ ରଜନୀ କହିଲା—"ଯଦି ଯମ ଆସିଛ, ଆସନା । ନାହିଁ ଯଦି ଜୋଇଁ ପୁଅ ଲୋକ ଆସିଛ, ଆସ । ମୁଁ ଏବେ ବାସନ ମାଜୁଛି—ଉଠି ଯାଇପାରିବିନାହିଁ ।"

—"କାହାର ବାସନ ମାଜୁଚୁ ? ନିଜର ନା ଆଉ କାହାର ?"

ରଜନୀ ଚଟାପଟ୍ ଗୋଟେ ଡାଲା ନେଇ ବାଲ୍‌ଟିକୁ ଘୋଡ଼େଇଦେଲା । ତା'ପରେ ଖାଇବା ଜାଗାକୁ ଲିପାପୋଛା କରିବାକୁ ଲାଗିଲା । ···ଜୋତା ମଚ୍ ମଚ୍ କରି ପଶିଆସିଲା ଶଇକିଆ । ରଜନୀ ତା' କାମରେ ଲାଗିଚି—ଦୃଷ୍ଟି ଅନେଇ ବି ଦେଲାନାହିଁ । ସେମିତି ଲିପୁ ଲିପୁ କହିଲା—"ଭଗତଘର ପୁଅ ହୋଇ ଜୋତାଟା ମାଡ଼ି ରୋଷେଇଘରକୁ ପଶିବାକୁ ଟିକିଏ ସଙ୍କୋଚ ଲାଗୁନାହିଁ ?"

ଶଇକିଆ କହିଲା—"ଜୋତା ମାଡ଼ି ବସିଲେ କେଜାଣି ଅବା ତମମାନଙ୍କର ଧ୍ୟେଶ୍ୱରୀ ଗୁଣ ଲାଗିବ···।"

ରଜନୀ ଏଥର ରଣଚଣ୍ଡୀ ହୋଇଉଠିଲା—"କୋଉ ଧ୍ୟେଶ୍ୱରୀ କଥା କହୁଚୁ ମ—

ଯାଇଥିଲି ଦେଖିବି କୋଉଦିନ ସିନ୍ଧ ଖୋଳିବାକୁ ତୋ ଘରକୁ ? ···ତମେଗୁଡ଼ା ଚୋର—କପଟ ଚୋର । ଲୋକଙ୍କ ବସାଘର, ବୋଷେଇଘର, ଶୋଇବାଘର—କୋଉଟାକୁ ବି ବାଦ୍‌ଦେଉନ ତମେମାନେ··· ।”

ଗୋଟେ ମାଇକିନିଆଠୁ ଏଡ଼େ ଟାଣ କଥା ଶୁଣି ହଜମ କରିବା ଶଇକିଆର ପକ୍ଷରେ ବଡ଼ କଷ୍ଟକର ହେଲା । ଖୁବ୍ ଜୋର୍‌ରେ ଚଢ଼ିଯାଇ ବୁଟ ଜୋତାରେ ମାଇଲା ଗୋଟେ ଗୋଇଠା ରତନୀକୁ, ତା ପରେ ବୋଷେଇଘରୁ ବାହାରିଆସିଲା । ରତନୀ ଅଁଇଠା ଲିପା ଜାଗାରେ ହାମୁଡ଼ି ପଡ଼ିଲା । ଭାଗ୍ୟକୁ ଗୋଇଠାଟା ତା' ଅଣ୍ଟାରେ ନବାଜି ବାଜିଲା କହୁଣୀରେ । ···ଅଣ୍ଟାରେ ବାଜିଥିଲେ କିନ୍ତୁ ସର୍ବନାଶ ହୋଇଥାନ୍ତା । ···ସେ ଚିତ୍କାର କଲାନାହିଁ କି ଯନ୍ତ୍ରଣା ବି ପ୍ରକାଶ କଲାନାହିଁ । ସେଇ ଅବସ୍ଥାରେ କିଛି ସମୟ ପଡ଼ିରହିବା ପରେ ଧୀରେସୁସ୍ଥେ ଉଠିଲା । ପିନ୍ଧାଲୁଗା ସଜାଡ଼ିନେଇ ଗାଧୋଇବାକୁ ଚାଲିଗଲା କୂଅପାଖକୁ । ତା'ପରେ ସେ ଭାତ ଖାଇବାକୁ ଯୋଗାଡ଼ କରୁଥିଲା, କିନ୍ତୁ ଠିକ୍ ସେତିକିବେଳେ କେତେଜଣ ମିଲିଟାରୀଙ୍କୁ ଧରି ଶଇକିଆ ପୁଣି ଫେରିଆସିଲା ବୋଷେଇ ଘରକୁ । ସେଠି ପହଞ୍ଚି ରତନୀକୁ ଆଦେଶ ଦେଲା—“ଯେମିତି ଅଛୁ ସେମିତି ବାହାରି ଆ—ତୋତେ ମୁଁ ଗିରଫ୍ କଲି ।”

ରତନୀ ସିଧା ଶଇକିଆର ଖୁବ୍ ପାଖକୁ ଉଢ଼ିଆସି ମୁହଁ ପାଖକୁ ମୁହଁନେଇ ଚିତ୍କାର କଲାଭଳି ପଚାରିଲା—“କାହିଁକି ?”

—“ତୁ ଯାହା କରିଛୁ ସେକଥା ଜାଣିବାକୁ ଆଉ ବାକି ନାହିଁ । ତୋ ଗିରଫ୍ତ ଧରାପଡ଼ିବାର କାରଣ ତୁ'ଇ ।” ତା ପରେ ମିଲିଟାରୀ ଲୋକ ଜଣକୁ ଲକ୍ଷ୍ୟକରି ଆଦେଶ ଦେଲା—“ଏଟାକୁ ବାନ୍ଧି ନେଇଆସ ।”

ରତନୀ ଆହୁରି ରାଗିଯାଇ କହିଲା—“ଏତିକି ଚୋର ପୁରୁଷପଣିଆ ତ ? ଗିରସ୍ତକୁ ଧରିପାରିଲୁ ନାହିଁ ବୋଲି ଘରଣୀକୁ ବାନ୍ଧିନବୁ···ତୁମଗୁଡ଼ାଙ୍କର ମାଇକିନିଆଁମ ଧର୍ମ ବୋଲି ଟିକିଏ ବି ନାହିଁ । ମରିବ··· ।”

ଦୁଇଜଣ ମିଲିଟାରୀ ରତନୀକୁ ବାହାରିଆସିବାକୁ ଆଦେଶ ଦେଲେ ।

ରତନୀ କହିଲା—“ସାବଧାନ ! ମୋ ଦେହରେ ହାତଦେନା କହୁଛି । ମୁଁ ଆପେ ଯିବି । ମୁଁ ଖାଇସାରେଁ । ଭୋକଲାଗୁଛି ।”

ଶଇକିଆ ସନ୍ଦେହକରି ପଚାରିଲା—“କାହାର ଅଁଇଠା ବାସନ କେବେ ଧୋଉଥିଲୁ ?”

—“ଯାହାର ଧୁଏଁ । ଖିଟ୍‌ଖାଟ୍ ଲଗାନା । ମୋତେ ଖାଇବାକୁ ସମୟ ଦେ ।” ଏହା କହି ରତନୀ ହାଣ୍ଡି ଶାଳକୁ ଯାଇ କଂସା ଖଣ୍ଡିକରେ କିଛି ଭାତ, ମାଛ ଝୋଳ, ଭଜା ଓ ଡାଲି ଏକାଠି ଆଣି ଗୋଳେଇ ଖାଇବାକୁ ଲାଗିଲା । ତା' ଦେହରେ କଣ ଯେମିତି ଶକ୍ତି ଥିଲା । କାହା ପ୍ରତି ତାର ଟିକିଏ ବି ଭୟ ନଥିଲା ସେତେବେଳେ । ···ଏଇ ଶଇକିଆଟାକୁ ଏଠି ଯେତିକି ସମୟ ଅଟକେଇ କରି ରଖିପାରିବ ତା ସ୍ୱାମୀ ଓ ରୂପନାରାୟଣର ସେତିକି ମଙ୍ଗଳ ହେବ । ···ଆଉ ଗୋଟେ ଆପଦ ହେଉଛି ସେଇ ବିଶ୍ୱାସଘାତକ କାମେଶ୍ୱରଟା ।

ଅବଶ୍ୟ ଶଇକିଆ ବିନା ସେ କିଛି କରିପାରିବ ନାହିଁ । ଶଇକିଆ ଡାହାଣହାତ ହେଲେ ସେଇଟା ବାଁ ହାତ । ···ସ୍ୱାମୀ ଚିନ୍ତା ଛଡ଼ା ସେ ବର୍ତ୍ତମାନ ଆଉ କାହାରି କଥା ଚିନ୍ତା କରିପାରୁନାହିଁ । ···ନଗାଁଓର ଲୋକମାନଙ୍କର ଏଭଳି ଅତ୍ୟାଚାର ପ୍ରତି ଆଉ ଖିଆଲ ବି ଭସୁନାହିଁ—ଦେହସୁଦ୍ଧା ହୋଇଗଲାଣି । ସ୍ତ୍ରୀର ଲାଜ, ଘରର ସ୍ୱାଢମାଢ଼, ଦସ୍ତାମାସ୍ତା—ସବୁ କିଛିକୁ କାଢ଼ିନେଇଗଲେଣି ଏ ଛାଉଣୀଦଳ···ଏବେ ଖାଲି ଶୂନ୍ୟ-ପୁଞ୍ଜ । ଏବେ ଜିନ୍ଦାକିଟାର କିଛି ମୂଲ୍ୟ ନାହିଁ । ସତୀ ଜୟମତୀ କଣ କାନ୍ଦିଥିଲା ?

"ରାକ୍ଷସୀ, ଖାଉଚୁ ନା ଛଳନା କରୁଚୁ ?" ଅତିଷ୍ଠ ହୋଇ ପଚାରିଲା ଶଇକିଆ । ଅଧଘଣ୍ଟା ହେଲାଣି ସେ ଅଟକିରହିଚି ।

ଟିକିଏ ପରେ ଅଇଁଠା ଓ ଅଇଁଠା କଂସାଟାକୁ ଧରି ବାହାରକୁ ଆସି ମଜାମିଜା କରିବ ବୋଲି କୂଅ ଆଡ଼କୁ ଆଗେଇଲା । ତାର ଡେରି ଡେରି ଭାବଭଙ୍ଗୀ ଦେଖି ମଧ୍ୟ ନୀରବରେ ବସିରହିଲା ଶଇକିଆ ।

ମାଇକିନିଆଙ୍କର କେତେଗୁଡ଼ାଏ କାମରେ ବାଧାଦେବା କଷ୍ଟ; କିନ୍ତୁ ତେଣେ ଆହୁରି ଅନେକ ଘରକୁ ଯିବାର ଅଛି ଶଇକିଆର । ଆଜି ସ୍ୱୟଂ ଏସ୍. ପି. ସାହେବ ଆଦେଶ ଦେଇଛନ୍ତି ଯେ ଏ ଅଞ୍ଚଳର ସବୁ ଯୁବକଙ୍କୁ ଧରିନେବାକୁ ହେବ । କାଳେ ସେଥିରେ ବିଦ୍ରୋହର ବହ୍ନି ଲିଭିଯାଇ ପାରେ···କିନ୍ତୁ ଯୁବକଙ୍କ ଗୁଡ଼ା ଏବେ ଯୁବତୀଙ୍କୁ ଖୋଜା ପଡ଼ିଲାଣି । ପୋଲିସଙ୍କ ପ୍ରତି କାହାରି ଟିକିଏ ବି ଭୟଭ୍ରାନ୍ତି ନାହିଁ । ଆଜିକି ପାଞ୍ଚମାସ ହୋଇଗଲା—କେତେ କିଣ ଅତ୍ୟାଚାର ନହେଲାଣି ! ଲାଠିରେ ବାଡ଼େଇବା, ବନ୍ଧୁକରେ ଲଛିବା, ଜେଲରେ ଭର୍ତ୍ତିକରିବା, ପିଟୁଣୀ-ଟିକସ ବସାଇବା—ଏତେ ସବୁ ପରେ ଲୋକଙ୍କର ଲାଜସରମ ଆଉ ରହିଲା କିପରି ? କିଣ ସତେ ଅଛି ଏଇ ଦୁଃଖୀ ଦରିଦ୍ର ଲୋକଙ୍କ ଦେହରେ ? କେବଳ ଚାଷୀମୂଲିଆ ନୁହଁନ୍ତି, ବ୍ରାହ୍ମଣ ଗୋସେଇଁ ବି ବାଦ୍ ପଡ଼ିନାହାନ୍ତି । ଏମାନେ କିଣ ସ୍ୱରାଜକୁ ନେଇ ଚାଟିବେ ନା କାନରେ କୁଣ୍ଡଳ କରି ନାଇବେ ?··· ସେଥିପାଇଁ ମରିବାକୁ ବି ପଛଘୁଞ୍ଚା ଦେଉନାହାନ୍ତି । ···ଅବସ୍ଥା ବର୍ତ୍ତମାନ ଏପରି··· ଗାଈଗୋରୁ, ଛେଳିମେଣ୍ଢା, ପାରା, ହଂସ, ଧାନ-ବିରି, ମାଛ—କିଛି ବି ନିଜ ଇଚ୍ଛାରେ ଚୂଁ ବାହାରକୁ ଚାଲିପାଉନାହିଁ । ସେଥିପାଇଁ ମିଲିଟାରୀ ଲୋଡ଼ା ।

ଶଇକିଆ ଘଡ଼ିକୁ ଅନେଇଲା । ପୂରା ଚାରିଟା ବାଜିଲାଣି । ଏଇ ସମୟ ଭିତରେ ଲୋକ-ଗୁଡ଼ାଙ୍କୁ କଢ଼େଇନେବା ଉଚିତ ଥିଲା । କିନ୍ତୁ ରତନୀର କଂସା ମଜା, ହାଣ୍ଡି ଧୁଆ ସରିଲା ନାହିଁ ଏଯାଏଁ । ମାଜିଲାଗିଛି ତ ଲାଗିଛି ! କ'ଣ ଏବେ କରାଯିବ ! ଗୋଟେ ଗାଉଁଲି ମାଇକିନିଆଠୁ ଏମିତି ଠକିକରି ଖାଇବ ନା କଣ ?

ଶଇକିଆ ଏଥର ବସିଲା ଜାଗାରୁ ଉଠିଲା । ସିଧା ଧପାଇଲା କୂଅମୂଳକୁ । କଥାବାର୍ତ୍ତା ନାହିଁ—ମଜା ହେଉଥିବା କଂସାଗିନା, ରନ୍ଧାହାଣ୍ଡି ଇତ୍ୟାଦିକୁ ଗୋଡ଼ରେ ଠେଲିଦେଇ କୂଅଭିତରକୁ ପକେଇଦେଲା···ତାପରେ ଗୁରୁଗମ୍ଭୀର କଣ୍ଠରେ କହିଲା—"ଚାଲ୍ ।"

ରତନୀ ବି ଉଁ କି ଚୁଁ କିଛି କହିଲାନାହିଁ । ନୀରବରେ ହାତଗୋଡ଼ ଧୋଇଦେଲା ।

ତା'ପରେ ଶୋଇବାଘରକୁ 'ଅଗ୍ନି' ପେଡ଼ିରୁ ଖଦଡ଼ର ଝଣ୍ଡେ, କାଢ଼ି ଦେହରେ ପକାଇଲା । ଶଇକଆ ପାଖକୁ ଆସି କହିଲା—"ଚାଲ ।" ତା'ପରେ ସେ ଆଗେ ଆଗେ ଚାଲିଲା । ଅଗଣା ନିକଟରେ ପହଞ୍ଚି ସେ ବଡଠାକୁରଙ୍କ ଘରଆଡ଼କୁ ଅନେଇ ବଡପାଟିରେ କହିଲା— "ବଡ଼ଠାକୁରଦା, ମୋତେ ଧରିନେଲେ । ଘରଟା ରଣଭଣ ହୋଇ ପଡ଼ିଚି । ଲୋକଟେ ପଠେଇଦବ ।" ତାପରେ ଶଇକଅକୁ କହିଲା—"ଚାଲ୍, ଏବେ କୋଉଠିକୁ ନଉଚ ନେ ।"

ବଡଠାକୁର ଦୌଡ଼ିଆସିଲେ ଘର ଭିତରୁ । ଶଇକଅକୁ କହିଲେ—"ଗର୍ଭିଣୀ ସ୍ତ୍ରୀ ଲୋକଟାକୁ ନଉଚ କୁଆଡ଼େ ?"

ମୁହଁ ଭ୍ରୂକୁଞ୍ଚି କରି ଶଇକଆ କହିଲା—"ଗର୍ଭବତୀ ହେଲେ ବି ତାକୁ ଯିବାକୁ ହେବ । ଯେମିତି କୁକୁରକୁ ସେମିତି ଠେଙ୍ଗା । ଆପଣଙ୍କୁ ବି ଯିବାକୁ ହେବ । ମୁଁ ଆପଣଙ୍କୁ ବି ଗିରଫ କଲି ।"

—"କାହିଁକି ?" ରାଗରେ ଲାଲ୍ ହୋଇଗଲା ବଡଠାକୁରଙ୍କ ଆଖି ଦି'ଟା । ପୁଣି କହିଲେ—"ତମମାନଙ୍କର ବାରୁଷ ବୋଲି କିଛିଏ ନାହିଁ !"

ହସିଲା ଶଇକଆ । କହିଲା—"ଆଗ ଗ୍ରେପ୍ତାର ପଛେ ବାରୁଷ । ଚାଲନ୍ତୁ..."

କଳାରଙ୍ଗର ଦୁବଳା ପାତଳା, ଦେଖିବାକୁ ଅସୁନ୍ଦର—ଏଇ ବଡ଼ଠାକୁର ଲୋକଟି । ଦେହରେ ସାର୍ଟ ଖଣ୍ଡେ ବି ନାହିଁ । ପାଦରେ ଖଡ଼ମ୍ ଯୋଡ଼ାକ ଅଛି । ଚୁଟିଟା ଝୁଲୁଛି ପଛକୁ । ସେ ପୁଣି ପଚାରିଲେ—"ଗ୍ରେପ୍ତାରି ପରୱାନା ଅଛି ?"

—"ସାରା ଗାଁଟାକୁ ଗିରଫ୍ କରିବାକୁ ଆଦେଶ ଅଛି । ଆପଣ ମଧ୍ୟ ଦାଗୀ-ବିପ୍ଳବୀ । —ଚାଲନ୍ତୁ, ଏଠାରେ ସି. ଆଇ. ଡି. ବା ପୋଲିସ ଅଫିସର କେହି ନାହାନ୍ତି ବୋଲି ଆପଣ ଜାଣନ୍ତି ତ ?" ଖୁବ୍ ଗମ୍ଭୀର ଭାବେ କହିଲା ଶଇକଆ ।

ହାବକାର ଭାବେ ବଡଠାକୁର ଅନେଇ ରହିଲେ ଶଇକଆ ଆଡ଼କୁ । ...ଏମାନଙ୍କ ଆଗରେ କଥା କହିବା ନିଷ୍ପ୍ରୟୋଜନ । ସେ ଆଗେଇବାକୁ ପ୍ରସ୍ତୁତ ହେଲେ । ...ସେଇ ରାତି ଭିତରେ ପୁରୁଷ ସ୍ତ୍ରୀ ମୋଟ ପ୍ରାୟ ଚାରିଶହ ଲୋକଙ୍କୁ ଗିରଫ୍ କରି ଚଲେଇ ଚଲେଇ ନଗାଁଓ ଥାନାକୁ ପଠାଇ ଦିଆହେଲା ।

ପଡ଼ିଆ ଓ ବିଲ ଭିତର ଦେଇ ପଡ଼ିଥିବା ପାଦଚଲା ବାଟେ ବାଟେ ଯାଇ ଟିକୋ ହେଗ୍ରିକା ଯେତେବେଳେ ସହରରେ ପଶିଲେ ରାତି ସେତେବେଳକୁ ପ୍ରଥମ ପ୍ରହର ।

ରୂପନାରାୟଣ କହିଲା—"ଟିକୋ ! ଚାଲ ପ୍ରଥମେ ଭାସ୍କର ଘରକୁ ଯିବା, ସେଠାରୁ ସବୁ ଖବର ନବା । ତା'ପରେ ଓକିଲ ଖୋଜିବା । ଜଣେ ଦି'ଜଣ ନୁହେଁ, କମସେ-କମ୍ ପଞ୍ଚାଶ ଜଣ ଲୋକଙ୍କୁ ରେଳଗାଡ଼ି ଓଲଟିବା ମକଦ୍ଦମାରେ ପକେଇଛନ୍ତି । ସମସ୍ତେ ପ୍ରାୟ ଧରା ପଡ଼ିଲେଣି ।"

ଟିକୋ କହିଲା—"ହଁ, ଯଦି ଭାସ୍କରକୁ ଯିବାଟା ଭଲହେବ । ସେଠାରୁ ଜାଣି

ଓକିଲଙ୍କ ଠିକ୍‌କରିବାଟା କଥାର କଥା ନୁହେଁ । ସେଗୁଡ଼ାଙ୍କର ମୁହଁଫଟାଣି କଣ କମ୍ କି ? କେତେଜଣ ଓକିଲଙ୍କର କଲିଜା ଅଛି ବ୍ରିଟିଶ୍ ସରକାର ବିରୁଦ୍ଧରେ ଲଢ଼ିବା ପାଇଁ ? ଭୂୟାଁଙ୍କ ପୁଅକୁ ପଚାରିଲେ ସେ ଅବା କହିପାରିବେ···''

ହସ୍ପିଟାଲର ଗାଁଠି କଲଂ ପାରହୋଇ ସେମାନେ ଜେଲ୍ କଡ଼େ କଡ଼େ ଝାଉଁବଣରେ ଆଗେଇ ଚାଲିଲେ । ଜେଲ୍‌ର ପାଖାପାଖି ହେଲାବେଳକୁ ରାତି ନ'ଅ ବାଜିବାର ଘଣ୍ଟା ପଡ଼ିଲା ।

ଜେଲ୍ ସାମନା ପଡ଼ିଆକୁ ଚାହିଁ ଚାହିଁ ରୂପନାରାୟଣ କହିଲା—''ସେ ପାଖରୁ କଣ ଗୋଟେ ଗଣ୍ଡଗୋଳ ଶୁଭୁଚି ? ଚାଲିଲୁ ଦେଖିବା—ଆମଲୋକେ କି ?''

ଟିକୈତ କହିଲା—''ତୁ ଯା, ମୁଁ ସେଠିକି ଗଲେ କାଲେ କିଏ ଚହ୍ନିପକେଇବ ! ତୁ ଯୋଉ ବେଶ ଧରିଚୁ ନା କାହାର ବାପର ସାଧ ନାହିଁ ତୋତେ ଚହ୍ନିବାକୁ ।''

ଟିକୈତ ପ୍ରସ୍ତାବରେ ରାଜି ହେଲା ରୂପନାରାୟଣ । ଟିକୈତ ସିଧା ଚାଲିଲା ଭୂୟାଁ ଘର ଆଡ଼କୁ । ରୂପନାରାୟଣ ବାଙ୍କି ଯାଇ ଜେଲ ସାମନା ପଡ଼ିଆ ଆଡ଼କୁ ଚାଲିଲା । ପଡ଼ିଆରେ ପହଞ୍ଚି ଦେଖିଲା ଯେ ସେମାନେ ତା'ର ଦଳର ଲୋକ । ସେଠି କିଛି ସମୟ ରହି ସେଠିକାର ଲୋକମାନଙ୍କର ଗତିବିଧି, ଉଦ୍ଦେଶ୍ୟ ଇତ୍ୟାଦି ଲକ୍ଷ୍ୟକରି ସେମାନଙ୍କର ପ୍ରକୃତ ଅବସ୍ଥାର ସନ୍ଧାନ ନେବାକୁ ଚେଷ୍ଟାକଲା । ଅଳ୍ପ କେତେ ମିନିଟ୍ ଭିତରେ ସେ ଜାଣିଗଲା ଯେ ପୋଲିସ୍‌ମାନେ ଏମାନଙ୍କୁ ବିଭିନ୍ନ ସ୍ଥାନରୁ ଧରିଆଣିଛନ୍ତି—ଜେଲ୍‌ରେ ଭରିବା କଥା । ସମ୍ଭବତଃ ଜେଲ୍‌ରେ ଜାଗା ନାହିଁ—ଜାଗା ଖୋଜାଚାଲିଛି । ଏଣୁ ଏମାନେ ବାହାରେ ରୁଣ୍ଡହୋଇଛନ୍ତି ।

ଜଣେ ପୋଲିସ୍ ଜଣେ ସ୍ତ୍ରୀଲୋକ ପାଖରେ ଠିଆହୋଇ କଣ ପଚରାଉଚରା କରୁଚି, ବାକିମାନଙ୍କ ମୁହଁରୁ ସେମିତି କିଛି କଥାବାର୍ତ୍ତା ଶୁଣାଯାଉନି । କ୍ରମେ କ୍ରମେ ପୋଲିସଜଣକ ସେଇ ସ୍ତ୍ରୀଲୋକଟାର ସାଥିରେ ଜେଲ୍‌ର ଫାଟକ ଆଡ଼କୁ ଗଲା । ଫାଟକ ନିକଟରେ ବିଜୁଳି ଆଲୁଅରେ ସ୍ତ୍ରୀଲୋକ ଜଣକର ମୁହଁଟି ଫୁଟିଦିଶିଲା । ରୂପନାରାୟଣ ତତ୍‌କ୍ଷଣାତ୍ ଚହ୍ନିପାରିଲା—ଉର୍ମି ! ଟିକିଏ ପରେ ଜେଲ୍‌ର ଗ୍ରେଟ ଗେଟ୍‌ଟି ଖୋଲିଗଲା । ଉର୍ମିକୁ ତାର ଭିତରେ ଭର୍ତ୍ତିକରିଦିଆଗଲା । ଆଉ ଦେଖାଗଲା ନାହିଁ ଉର୍ମି ।

ରୂପନାରାୟଣ ବେଶ୍ ଗମ୍ଭୀର ଭାବରେ ଲୋକଙ୍କର ସାମନାଦେଇ ସେଠୁ ବାହାରିଗଲା । ଧୀରେ ଧୀରେ ଯାଇ ସେ ପହଞ୍ଚିଲା ଜଜେଶ୍ୱ ପାଖରେ । ଟିକିଏ ଅଟକିଗଲା ସେଇଠି । ଏଣେତେଣେ ଚାହିଁଲା । ତା'ପରେ ତଳକୁ ମୁହଁ ପୋତି ସେ ସଦର ରାସ୍ତାରେ ଆଗେଇଲା ଭୂୟାଁଙ୍କ ଘରଆଡ଼କୁ ।

ଲୋକ ଚଲ୍ଲୋଟ କରିବା ଉଦ୍ଦେଶ୍ୟରେ ଉର୍ମିକୁ ଧରିଆଣିଚନ୍ତି ବୋଲି ସେ ଆଗରୁ ଖବର ପାଇଥିଲା । ଏବେ ସେ ବୁଝିଗଲା ଯେ ସେଦିନ ବି ଚଲ୍ଲୋଟ କାର୍ଯ୍ୟଟି ସମାପ୍ତ ହୋଇନାହିଁ—ନହେଲେ ଉର୍ମିକୁ କାହିଁକି ପୁଣି ଜେଲ୍ ଭିତରେ ପୂରେଇଲେ । ···ରୂପନାରାୟଣ ଅନ୍ୟ ଲୋକଙ୍କୁ ଚହ୍ନିପାରିଲାନାହିଁ ।

ରୂପନାରାୟଣ ସତେକି ନଜର ଚୁଇଁଟା । ଆକାଶରେ ଜହ୍ନ; କିନ୍ତୁ ମନ ଭିତରେ ଆଉ

ଏକ ଜନ୍ମ ଉଇଁଉଠିଛି । ଆଉ ବେଶି ଦୂରନାହିଁ । ସେ ସେତିକ ପାଖେଇ ଯାଉଛି, ତାର ଲମ୍ବା ଛାଇଟା ସେତିକ ବେଶି ଲମ୍ବରେ ସେଇ ଘରଟା ଉପରେ ପଡ଼ୁଚି ।...ବିନ୍ଦୁଏ ବି ଦୁଃଖ ନାହିଁ, କ୍ଷୋଭନାହିଁ ଆଜି ତାର । ରଘୁଙ୍କାବାଇଠୁ ମିଳିଥିବା ସମ୍ବାଦ ତାକୁ ମୋହମୁକ୍ତ କରିଦେଇଛି...ସେ ଲୁଆଡ଼େ କାନ୍ଦୁଛି—ଆଉ କାନ୍ଦୁଛି ତା'ର ପାଇଁ...ଅଣ୍ଡାଳି ଅଣ୍ଡାଳି ସତେ କି ସ୍ୟମନ୍ତକମଣି ପାଇଯାଇଛି ରୂପନାରାୟଣ...ହୃଦୟ ଏଇ ମୁହୂର୍ତ୍ତିରେ ଆଶ୍ୱାସ ଖୋଜୁଚି, ଠିକ୍ ଯେମିତି ଧନପୁର ଖୋଜୁଥିଲା ତମିଠୁ । ...ସହଜ, ଶସ୍ତା ରୋମାଞ୍ଚ ଏ ନୁହେଁ...ସହଜ ଓ ସାଧାରଣ ପରିଚୟରୁ ଉପୁଜିଥିବା ସ୍ୱାଭାବିକ ସ୍ନେହମମତା ଟିକିଭ ବଢ଼ି ବଢ଼ି ଆଜି ଏକ ବିରାଟ ସ୍ଥଳପଦ୍ମ ସଦୃଶ ବିରାଜିତ ତା'ର ହୃଦୟସ୍ଥଳୀରେ ।...ବେଶ୍ ମନୋରମ ଏ ମମତାମୟୀ ସ୍ଥଳପଦ୍ମଟି...ଆରତି !

ଆଜି ଏଇ ଶୁଭ ମୁହୂର୍ତ୍ତିରେ ଆରତି ପ୍ରତି ତାର ଅନ୍ତରଭରା ଆଶୀର୍ବାଦକୁ ବ୍ୟକ୍ତିଗତ ଭାବରେ ଆରତି ଉପରେ ଅଜାଡ଼ି ଦେଇ ଯିବାକୁ ମନଟା ନାଚିଉଠିଲା ରୂପନାରାୟଣର । ...ହଁ, ସେ ଦେଖିପାରୁଥିଲା ତାର ଅନ୍ତରରେ ନିଚ୍ଛକ ଆଶୀର୍ବାଦର ପ୍ରବହମାନ ଧାରା—ହଁ, ଆରତି ପାଇଁ—ଠିକ୍ ଯାହା ମିଳେ ଉଚ୍ଚମନା ଦ୍ରଷ୍ଟାଙ୍କଠୁ ।...

କିନ୍ତୁ...

କିନ୍ତୁ ସେ ଅଧିକାର କଣ ଅଛି ରୂପନାରାୟଣର ? ସେ ହୁଏତ ତାର ସମ୍ଭାବନାର ଛାୟା ମାତ୍ର । ସେ ନିଜକୁ ଯେତିକ ଯେତିକ ବିପ୍ଳବର ମହତ୍ ସାଧନାରେ ହଜେଇ ଦେଇଛି, ସେତିକ ସେତିକ ପୂର୍ଣ୍ଣିତାର ପରିପୁଷ୍ଟରେ ମଣ୍ଡିତ ହେଉଛି । ହଠାତ୍ ଗୋଟେ ବଗିଚାରୁ ଗଛଟାଏ ଉପାଡ଼ିଆଣି ଆଉଗୋଟେ ବଗିଚାରେ ରୋଇଦେଲେ ଗଛଟି ଯେପରି ଅଲଗା ଭାବରେ ବଢ଼େ, ସେ ବି ସେମିତି ବଢ଼ିଛି... ।

ନା...ନା...ଏ ସବୁ ଭୁଲ୍ । ତା' ମନର ଅବସ୍ଥା ଠିକ୍ ସେପରି ନୁହେଁ । ଆରତିକୁ ସେ ବିବାହ କରିବ ବୋଲି ଇଚ୍ଛାକରୁଥିଲା; କିନ୍ତୁ ଏବେ ନୁହେଁ—ସ୍ୱପ୍ନ ତାର ପୂରଣ ହେବା-ପରେ । ଠିକ୍ ଯେମିତି ଧନପୁର ଇଚ୍ଛାକରୁଥିଲା ସୁଭଦ୍ରାକୁ ବାହାହବାକୁ । ଅବଶ୍ୟ ତାର ଏଭଳି କଳ୍ପନା କରିବାର ଅବକାଶ ଆସିନଥିଲା; କାରଣ ସୁଭଦ୍ରାର ସମ୍ମତି ସେ ପାଇଥିଲା । କିନ୍ତୁ ରୂପନାରାୟଣ ? —ସେ ପାଇନଥିଲା ଆରତିର ଦୃଢ଼ ମତାମତ । ସେଇଥିଯୋଗୁଁ ସେ ଭାବୁଥିଲା ଯେ ଆରତି ତାକୁ ପ୍ରକୃତରେ ଭଲପାଏନା । —ଏବେ କିନ୍ତୁ ଅନୁତାପ କରୁଚି ସେ—କାହିଁକି ସେ ସବୁକଥା ଖୋଲିଖୋଲି ଭାବେ ଆଲୋଚନା କରି ଆରତିକୁ ବିପ୍ଳବର ମର୍ଦ୍ଦନଇକୁ ଟାଣି ନ ଆଣିଲା !

କିଛି ସମୟ ପରେ ସେ ଯାଇ ଭୂୟାଁଙ୍କ ଘରର କବାଟରେ ଠକ୍ ଠକ୍ କଲା । ଅନେକ ବେଳଯାଏଁ କେହି କବାଟ ଖୋଲିବାକୁ ନଆସିବାରୁ ବଡ଼ ଚିନ୍ତାରେ ପଡ଼ିଗଲା ରୂପନାରାୟଣ । ସେ ଟିକେ ଜୋର୍ ରେ ପାଟିକରି ଡାକିଲା—"ବାପୁ ! ବାପୁ ! ଆରେ ନିଠୁର୍ ନା !"—ବାପୁ ଭୂୟାଁଙ୍କ ପୁଅ ।

ତଥାପି ବି ଭିତରୁ କାହାର ପ୍ରାକ୍ତି ଶୁଭିଲାନାହିଁ ।...ଟିକୌ ଗଲେବେ ବଳି ଲୁଆଡ଼େ ?

ଗିରଫ୍ ହେଉନି ତ ? ···ଖବୁ ଖବୁ କବାଟଖୋଲା ଶବ୍ଦ ଶୁଣିଲା । କିଛିଏ ଆଶ୍ୱସ୍ତ ହେଲା ।

କବାଟ ଖୋଲିଲା । ହାତଟାଏ ଧରି ଶାଢ଼ୀ ପିନ୍ଧିଥିବା ଜଣେ ସ୍ତ୍ରୀ ଲୋକ ପଚାରିଲେ—"କିଏ ଦରକାର ? ରାତିଟାରେ ଆସି ଦୁଆର ବାଡ଼ଉଚ ଯେ?"

ମୁରୁକି ମୁରୁକି ହସିଲା ରୂପନାରାୟଣ । କହିଲା—"ମୋତେ ଚିହ୍ନିପାରୁନାହାଁନ୍ତି । ମୁଁ ପରା ରୂପନାରାୟଣ !"

—"ଏଁ, ରୂପ ! ଭିତରକୁ ଚାଲିଆ ବାପ !" କହୁ କହୁ ବାହାର ଆଲୁଅ ଦେଖେଇଦେଲେ—"ଜାଣିଚୁନା, ତୋତେ ଖୋଜିବାକୁ ସେଦିନ କାଲି ଦୌଡ଼ୁଚ ଦାରୋଗା । ବାପୁକୁ ଧରିନେଇଚ । କିଟୋ ଆସିଥିଲା । ତାକୁ ମୁଁ ମାଷ୍ଟ୍ରର ଗୋପେଙ୍ଖଣୀଙ୍କ ପାଖକୁ ପଠେଇଦେଇଚୁ । ସେଇଠି ରହିବାଟା ନିରାପଦ । ତୁ ବି ସେଠିକି ଚାଲିଯା' ବାପ !"

ଘରଭିତରକୁ ପଶିଯାଇ କବାଟଟା କିଳିଦେଲା ରୂପନାରାୟଣ । ତା'ପରେ କହିଲା—"ମୋତେ ଆଗେ ପାଣି ଗ୍ଲାସେ ଦିଅନ୍ତୁ ମା' । ଶୋଷରେ ମୋର ଅନ୍ତକଣ୍ଠ ଶୁଖିଗଲାଣି ।"

ବୈଠକଘରେ କୋଡ଼ ଖଣ୍ଡିକ ରଖି, କାନ୍ଧରୁ ଗଣ୍ଠିଲିଟା ଓହ୍ଲେଇ ତଳେ ଥୋଇଲା ।

ବୁଢ଼ୀ ତା'ପରେ କହିଲେ—"ଆସ୍ ବାପ, ଭିତର ଖଞ୍ଜାକୁ ଚାଲିଆସ । ଦୁ-ଢଳଖିଆ ଖାଇବୁ ଯଦି ଖାଇନେ । ଯିଠା ବି ଅଛୁ ।"

ରୂପନାରାୟଣ କହିଲା—"ନା ମା', ଯେସବୁ ଥାଉ, ଖାଲି ପାଣି ଟୋପେ ହେଲେ ଚଳିବ । କିଟୋ କିଛୁ କହୁଥିଲା କି ଉକିଲ କଥା ?"

—ହଁ, କହୁଥିଲା । ହେଲେ ଉକିଲ ଆଉ କିଏ ? ସେଇ ଶଇକଆ ଏକା—ତାଙ୍କୁ କିଛିଏ ପଚାରି ଦେଖ୍ । କିଟୋ ତ ତାଙ୍କ ପାଖକୁ ଯିବ ବୋଲି କହୁଥିଲା । ତୁମେମାନେ କୁଆଡ଼େ ସକାଳ ହେବା ଆଗରୁ ଫେରିଯିବ ?"

ଉତ୍ତରକୁ ଅପେକ୍ଷା ନକରି ବୁଢ଼ୀ ରୋଷେଇଘରକୁ ଚାଲିଗଲେ । ରୂପନାରାୟଣ ମଧ୍ୟ ତାଙ୍କ ପଛେ ପଛେ କିଛି ଦୂର ଗଲା । ତା'ପରେ ଗୋଟେ ଟେବୁଲ୍ ଉପରେ ବସିପଡ଼ି ଗଣ୍ଠିଲି ଭିତରୁ ଶୁଟ୍ ହଲେ ବାହାରକରି ଚଟ୍‌କନା ପିନ୍ଧିନେଲା । ଗଣ୍ଠିଲିଟିକୁ ପୂର୍ବଭଳି ଗଣ୍ଠେଇ ଦେଲା । ମୁହଁର ଦାଢ଼ି ଗୁଡ଼ା ସେଇମିତି ରହିଲା । ବୁଢ଼ୀ ପାଣି ଧରି ଆସି ପହଞ୍ଚିଲେ । ରୂପନାରାୟଣ ଢକ୍‌ଢକ୍ କରି ପାଣିତକ ପିଇଦେଇ ଗ୍ଲାସଟିକୁ ତଳେ ଥୋଇଦେଲା । ତା'ପରେ କହିଲା—"ଏଇ ଗଣ୍ଠିଲିଟା ଏଇଠି ରଖିଯାଉଚୁ । ଜାଗା କିଛିଏ କରି ଥୋଇଦେଲେ ଚଳିବ ।"

—"ଉହୁଁ, ଏଠି କୋଉଠି ରଖି ହବନି ବାପ ! ଯଦି କିଛୁ ଦରକାରୀ ଜିନିଷ ନାହିଁ, ତେବେ ଫୋପାଡ଼ି ଦଉଚ ।"

ବୁଢ଼ୀଙ୍କ କଥା ଶୁଣି ଗଣ୍ଠିଲିଟିକୁ ପୁଣି ଖୋଲିଲା ରୂପନାରାୟଣ । ପ୍ରତ୍ୟେକ ଜିନିଷକୁ ତନ୍ନତନ୍ନ କରି ପରୀକ୍ଷା କଲା । ତା'ପରେ ସେଥିରୁ ଗଗଲ୍‌ସଟା ଓ ଦିଆସିଲିଟାକୁ କାଢ଼ିନେଲା ।

ତା'ପରେ କହିଲା—"ହଁ, ଏଥିରେ ଆଉ କିଛି ଦରକାର ଜିନିଷ ନାହିଁ । ଏବେ ଗଣ୍ଡିଟିକୁ ପୋଡ଼ିଦେଲେ ଚଳିବ । ···ଗୋସେଇଁଆଣୀଙ୍କ ଘରକୁ ଯିବି କେମିତି ? ତାଙ୍କ ପୁଅ ଭଲ ଅଛି ତ ?"

—"ଭଲ ଅଛି । ବାଡ଼ିପଟେ ଯାଇପାରିବୁ ? ତାଙ୍କ ଘରକୁ ଲାଗି ଶଇକିଆ ଓକିଲଙ୍କ ଘର । ସେଠି ବାହାଘର ଗ୍ରାମୁଣ୍ଡିଆ ମରସାଇଛି ।" ବୁଢ଼ୀ ଏତିକି କହି ରୂପନାରାୟଣଙ୍କୁ ବାଡ଼ିପଟକୁ ଡାକିଆଣି ଦୂରରୁ ଦିଶୁଥିବା ଗ୍ରାମୁଣ୍ଡିଆଟିକୁ ଦେଖେଇଦେଲେ । ପାଏ ଖଣ୍ଡେ ରାସ୍ତା ହେବ ।

ବୁଢ଼ୀଙ୍କଠୁ ବିଦାୟ ନେଇ ସେଇଆଡ଼କୁ ଆଗେଇଲା ରୂପନାରାୟଣ । ପକେଟରୁ ବଡ଼ଟାଏ ବାହାର କରି ଲଗେଇଲା । ତା'ପରେ ବେଶ୍ ଗମ୍ଭୀର ଭାବେ ଚାଲିଲା ବାହାଘର ହେଉଥିବା ଘର ଆଡ଼କୁ ।

ଗୋସେଇଁଆଣୀ ରହୁଥିବା ଘରର ଅର୍ଗଳ ପାଖରେ ଟିକୌ ବସିଥିଲା ଠୁଙ୍କାହୋଇ । ରୂପନାରାୟଣଙ୍କୁ ଦେଖି ଦେଖି ସେ ସେମିତି ବସି ବସି କହିଲା, "ବେଶ୍ ତ ବେଶ ପରିବର୍ତ୍ତନ ···ମୁଁ ତୋ'ର ବାଟକୁ ଚାହିଁ ବସିଛି । ଏଠି କିଛି ହବନି । ଗୋସେଇଁଆଣୀ ଖବରଦେଇ କହିପଠେଇଛନ୍ତି ତାଙ୍କ ସେଠିକି ନ ଯିବାକୁ ।"

—"କାହିଁକି ?"

—"ସେଇ ପୋଲିସ୍ ଅଫିସର ଜଣକ ମରିଚ, ଏଇଟା ତା'ର ଘର । ଗୋସେଇଁଆଣୀ ବଡ଼ ସଙ୍କଟରେ ପଡ଼ିଛନ୍ତି । ଟିକିଏ ଭଲଲାଗିଲେ ମାସ୍ଟଂକୁ ଚାଲିଯିବେ ବୋଲି କହୁଚନ୍ତି । ଏଇଟା ତାଙ୍କର ପିଉସୀ ପୁଅ ଭାଇଙ୍କ ଘର···ମାନେ ବଡ଼ଭାଇଙ୍କ ଘର । କି ଅଦ୍ଭୁତ କାଣ୍ଡ ଦେଖୁଚ ତ ? ସ୍ୱାମୀ ମଲେ ବିପ୍ଲବରେ । ଭାଇ ମଲେ ଦେଶଦ୍ରୋହୀ ହୋଇ । ପୁଅଟାର ଦେହ ଟିକିଏ ଖରାପ ଅଛି । ତା' ନ ହୋଇଥିଲେ ସେ କୋଉ ଦିନଠୁ ବାହାରିଯାଆନ୍ତେଣି ।"

ମୁଣ୍ଡଟା ଘୂରେଇଲା ରୂପନାରାୟଣର । ଯୁଆଡ଼େ ଗଲେ ସେଆଡ଼େ ଦୁଇଟା ବିପରୀତମୁଖୀ ରୂପର ସଙ୍ଘର୍ଷ ସେ ଦେଖୁଚି ।···ସେ ଟିକୌକୁ ପଚାରିଲା—"ଯିବୁ ତେବେ ? ଶଇକିଆଙ୍କୁ ଭେଟିଲୁ କି ?"

—"ନାଇଁ ପରା, ପାଇଲି ନାହିଁ ତାଙ୍କୁ । ତୋତେ ଟାକି ବସିଚି ।" ବୋଲି କହି ଉଠିପଡ଼ିଲା ଟିକୌ । ଠିଆ ହୋଇ କହିଲା···"ମୁଁ ଆଗରେ ଯାଉଚି । ଏଇ ଘରଟି ମୋର ଦାନାପାଣିର ଘର ପରି । ଭାଗବୃଷୀ ତ···ସେଇ ଛଳରେ ମୁଁ ଯାଏଁ । ତୁ ଏଇଠି ଟିକିଏ ଏପଟ ସେପଟ ହଉଥା ।"

ଉତ୍ତରକୁ ଅପେକ୍ଷା ନ କରି ସେଇ ଘରର ବାଡ଼ିପଟ୍ ଶଇକିଆ ଓକିଲଙ୍କ ଘରେ ପଶିଲା । ରୂପନାରାୟଣ ବଡ଼ଟାଏ ଟାଣି ଟାଣି ସେଇଠି ଠିଆହୋଇ ରହିଲା । ତା' ମନରୁ ସବୁ କିଛି ଭସ୍ମଭ୍ରାନ୍ତି ଦୂର ହୋଇଗଲା । ବଡ଼ ଟାଣ୍ଟାଣ୍ ଶଇକିଆ ଘର ସହିତ ତାର ପୂର୍ବ ସମ୍ପର୍କ କଥାଗୁଡ଼ା ସେ ଭାବିଲାଗିଲା···ଦିନ ଥିଲା, ଯେତେବେଳେ କି ନିଜର ଲୋକ ପରି ଏ ଘରର

ଲୋକେ ତାଙ୍କୁ ଅନ୍ତରରେ ସ୍ଥାନ ଦେଉଥିଲେ । ଆଜ କିନ୍ତୁ ସେ ଘରକୁ ଯିବାପାଇଁ ପ୍ରବେଶପତ୍ର ଦରକାର । ବର୍ତ୍ତମାନ ଏଇ କଡ଼ାକଡ଼ି ଶାସନ, ଏ ଘର ଓ ତା' ନିଜ ମଝିରେ ପ୍ରକାଣ୍ଡ ପ୍ରାଚୀର ସୃଷ୍ଟି କରିଛି । ···ଆରତିକୁ ଥରେ ଭେଟନ୍ତା ! କିନ୍ତୁ ସମ୍ଭବ କି ? ସମସ୍ତ ହେବ କି ?···ଯଦି ବା ଭେଟ ପାଏ, କଣ କହିବ ଆରତିକୁ ?

ହଠାତ୍ ଘରର ଦୁଆର ଖୋଲି ଜଣେ ସ୍ତ୍ରୀ ଲୋକ ବାହାରି ଆସିଲେ । ଖଣ୍ଡିଏ ଚାଦରରେ ଦେହ ଘୋଡ଼ାଇ ଦେଇ ରୂପନାରାୟଣ ପଚାରିଲା—"କାହାକୁ ଖୋଜୁଛନ୍ତି ମା' ?"

—"ତୁମକୁ । ଭିତରକୁ ଆସ ।"

ଘର ଭିତରକୁ ଗଲା ରୂପନାରାୟଣ । ବୈଠକ ଘରେ ଗୋଟେ ଚଉକି ଉପରେ ବସିଲା । ଆଉ ଗୋଟେ ଚଉକିରେ ସ୍ତ୍ରୀ ଲୋକ ଜଣକ ବସୁ ବସୁ ପଚାରିଲେ—"ମୋତେ ଚିହ୍ନି ପାରୁଚ ?"

କୌତୂହଳ ହେଲା ରୂପନାରାୟଣର । ସ୍ତ୍ରୀଲୋକ ଜଣକଙ୍କର ଗୋଡ଼ରୁ ମୁଣ୍ଡଯାଏଁ ଥରେ ଚାହିଁନେଲା ପରେ ସେ କହିଲା,—"ହଁ, ଚିହ୍ନୁଚି ।"

—"ମୁଁ ବି ନନ୍ଦଙ୍କଠୁ ସବୁକଥା ଜାଣିଛି । ବାହାରେ ଠିଆହୋଇଥିଲ କାହିଁକି ? କାଳେ ପୋଲିସରେ ଧରେଇଦେବି ଏଇ ଭୟରେ ? ଅବଶ୍ୟ ଠିକ୍ କଥା । ଅନ୍ୟ ଲୋକ ହୋଇଥିଲେ ଧରେଇଦେଇଥାନ୍ତି; କିନ୍ତୁ ମୋର ଭାବନା ଭିନ୍ନ ଅଛି ।"

ଏଇ ଝିଅଟିକୁ ପିଲାଦିନରୁ ଚିହ୍ନିଚି ରୂପନାରାୟଣ । ଘର ବାରପୁଟିଆରେ, ତା' ନିଜ ଗାଁରେ । ଦୁଇବର୍ଷ ଏକ ସଙ୍ଗେ ପଢ଼ୁଥିଲେ ସ୍କୁଲରେ—ତା'ପରେ ଆଉ ଦେଖାହୋଇନି । ତା'ପରେ ଅନନ୍ତ ସାଙ୍ଗରେ ତାର ବାହାଘର ହୋଇଗଲା । ନାଁଟା ଅନୁପମା ।

ରୂପନାରାୟଣ କହିଲା—"ଶୁଣି ସୁଖୀ ହେଲି; କିନ୍ତୁ ତୁମ ଅବସ୍ଥା ଦେଖି ଦୁଃଖ ଲାଗୁଚି । କଣ କରିବ ତୁମେ ?"

—"କଣ କରିବ ? କଣ କରିବ ? —ଏଇ ଗୋଟାକ ପ୍ରଶ୍ନ ସେ ବି ପଚାରୁଥିଲେ । କେତେଥର କହିଲି ଯେ ଚାକିରିଟା ଛାଡ଼ିଦିଅ—ନହେଲା । ନିଜ ଗାଁରେ ହିଁ ମଲେ—କାଳ ଟାଣିନେଲା ତାଙ୍କୁ, ନନ୍ଦ ଜାଣିଚନ୍ତି । ନନ୍ଦଙ୍କୁ ଘରେ ରଖିଲି ବୋଲି କେତେ ଗର୍ଜନ ତର୍ଜନ—ମାନେ ! ବନ୍ଧୁ ବାନ୍ଧବଙ୍କଠୁ କ'ଣ ସରକାର ବଡ଼ ? କେତେ ବୁଝେଇଲି—ବୁଝିଲେ ନାହିଁ । ଆପଣମାନଙ୍କର ଦୋଷ ନାହିଁ—ସବୁ ମୋହର ଭାଗ୍ୟ ।" କହୁ କହୁ ତାଙ୍କ କଳାମୁହଁ ଉପରେ ଦୁଇଧାର ଲୁହ ଝରିପଡ଼ିଲା । ଟିକିଏ ରହି, ଆଖିରୁ ଲୁହପୋଛି ପୁଣି କହିଲେ—"ଆମର ପ୍ରାହୁଣା ସମ୍ମନ୍ଧଟା ଯିବ କୁଆଡ଼େ ? ବସ, କପେ ଚାହା ଖାଇନିଅ ।"

—"ନା, ଚାହା ଦରକାର ହବନି । ଗୋସେଇଁଆଣୀଙ୍କୁ ଥରେ ଦେଖିପାରିବ ?"

—"ନପାରିବ କାହିଁକି ?"

ଉଠିବାର କୌଣସି ଲକ୍ଷଣ ଦେଖାଗଲାନାହିଁ ଅନୁପମାର । ସେ ପୁଣି କହିଲା—"ତୁମେମାନେ ମୋତେ ଶତ୍ରୁ ବୋଲି ଭାବ, ନୁହଁ ?"

—"ନା ତ । କିନ୍ତୁ ଅନୁପମା, ତୁମେ ଏ ଧକ୍କା ସହିପାରିବ ?"

—"ନଣନ୍ଦ ଯଦି ସହିନେଲେ, ମୁଁ କାହିଁକି ନ ପାରିବି ?"

—"ତେବେ ବସନ୍ତୁ । ଏଇ ଘଟଣା ନେଇ ମୁଁ ବିଶେଷ ଦୁଃଖିତ । ସେ ତୁମର ସ୍ୱାମୀ ବୋଲି ମୁଁ ଆଦୌ ଜାଣିନଥିଲି । ଜାଣିଥିଲେ ବି ମୁଁ ବା କଣ କରିପାରିଥାନ୍ତି ? ଗୋଟାଏ ଅପକର୍ମ କରିହେଲା—ସ୍ୱା ଛଡ଼ା କଣ ଆଉ ମୁଁ କହିବି ? ହାତ ଗୋଡ଼ ବନ୍ଧା ଆମର··· ।" ଖୁବ୍ ଧୀରେ ଧୀରେ କହୁଥିଲା ରୂପନାରାୟଣ ।

ବହୁତ ବେଳଯାଏଁ ନୀରବ ରହିଲା ଅନୁପମା । ତା'ପରେ ଆସ୍ତେ କରି କହିଲା—"ତୁମେ କେବଳ ଏତିକି ଜାଣ ଯେ ମୁଁ ତାଙ୍କୁ ବହୁତ କୃହାବୋଲି କରିଥିଲି··· । ହଉ, ଟିକିଏ ବସ । ପୁଣି କେବେ ଦେଖାହେବ କେଜାଣି ! ···ମୁଁ ଯାଏଁ ନଣନ୍ଦଙ୍କୁ ଖବର ଦିଏଁ ।"

ଅନୁପମା ଉଠିଗଲା । ଅନୁପମାର କଥାକୁ ଅବିଶ୍ୱାସ କରିପାରିଲାନାହିଁ ରୂପନାରାୟଣ । ସେ ବୁଝିପାରିଛି ଯେ ଅନୁପମାକୁ ଅବିଶ୍ୱାସ କରିବା ଅର୍ଥ ନିଜକୁ ଅବିଶ୍ୱାସ କରିବା ।

ଅଳ୍ପ ସମୟ ପରେ ଅନୁପମା ଫେରିଲା । ସାଥିରେ ନଣନ୍ଦ—ଗୋସେଇଁଆଣୀ ହାତରେ ଚୁଆଟା । ରୂପନାରାୟଣଙ୍କୁ ଲକ୍ଷ୍ୟ କରି ସେ କହିଲେ—"ଆପଣଙ୍କ ନାଁରେ ସତେ କି ଯାଦୁ ଅଛି । ଆପଣ ଆସିବେ ବୋଲି ଟିକେ କହୁଥିଲି । ମୁଁ ନୂଆଉଙ୍କୁ ଏ ଖବରଟା ଦେବାମାତ୍ରେ ତାଙ୍କ ମନଟା ଟିକିଏ ଭଲ ଲାଗିଲା···" କହୁ କହୁ ଟାଣିଓଟାରି ଟିକିଏ ହସିଲେ ଗୋସେଇଁଆଣୀ । ପୁଣି କହିଲେ—"ଆମ ଦୁର୍ଦ୍ଦଶା ତ ଦେଖୁଛନ୍ତି—କହିବି ଆଉ କଣ ? କେହି କାହାରି ସହିତ କଥାବାର୍ତ୍ତା କରି ପାରୁନୁ । ମୋ ମୁଣ୍ଡରେ ଗୋଟେ ଭୂତ, ନୂଆଁଉଙ୍କ ମୁଣ୍ଡରେ ଆଉ ଗୋଟେ ଭୂତ । ଉତ୍ତରା, ଗାନ୍ଧାରୀ ଓ ଭାନୁମତୀର ଦଶା ପଡ଼ିଛି ଆମର । ପୁରୁଷମାନଙ୍କର ରଣର କୁଫଳ ଆମମାନଙ୍କୁ ଭୋଗିବାକୁ ପଡ଼ିବ ।"

ହସି ହସି ରୂପନାରାୟଣ କହିଲା—"ଠିକ୍ କଥା ତ; କିନ୍ତୁ ନାରୀମାନେ ବି ଆମପଟେ । ···ନା, କଣ କହୁଚ ଅନୁପମା ?"

ଅନୁପମା କିଛି କହିଲାନାହିଁ । ନୀରବରେ ଉଠି ଭିତରକୁ ଚାଲିଗଲା । ଅବାକ୍ ହେଲା ରୂପନାରାୟଣ···

ଗୋସେଇଁଆଣୀ କହିଲେ—"ଆଶ୍ଚର୍ଯ୍ୟ ହେଉଛନ୍ତି ନା ? ସବୁ ସେ ବୁଝୁଛନ୍ତି, ହେଲେ ବେଳେବେଳେ ସମ୍ଭାଳି ପାରୁନାହାନ୍ତି ନିଜକୁ । ···ଛାଡ଼ନ୍ତୁ ସେ କଥା । ଶେଷ ଅବସ୍ଥାରେ ଗୋସେଇଁଙ୍କୁ ଦେଖିଥିବେ ତ ?"

—"ହିଁ, ଦେଖିଥିଲି ।" କହି ରୂପନାରାୟଣ ଗୋସେଇଁଙ୍କର ଶେଷ ଅବସ୍ଥା କଥା ବର୍ଣ୍ଣନା କରୁ କରୁ ନିଜର ପଳାତକ ଅବସ୍ଥା କଥା ଭୁଲିଗଲା ।

ରୂପନାରାୟଣର କଥା ଶେଷହେଲାରୁ ଗୋସେଇଁଆଣୀ କହିଲେ—"ହଉ ହେଲା । ପୁଅକୁ ଦେଖିବେ କହୁଥିଲେ ପରା, ହେଇ ଦେଖନ୍ତୁ । ଏକୁ ମଣିଷ କରିବା ଭାର ଆପଣମାନଙ୍କର । ···ମୋର ନିଜର ହୋଇ କେହି ନାହାନ୍ତି··· ।"

କିଛି ସମୟ ଧରି ପୂର୍ବଟିକୁ ଚାହିଁରହିଲା ରୂପନାରାୟଣ । ତା'ପରେ ଆପେ ଆପେ ଏକ ଦୀର୍ଘ ନିଃଶ୍ୱାସ ବାହାରିଆସିଲା ତାର ? ସେ କିଛି କହିପାରିଲା ନାହିଁ ।

ନୀରବରେ କଟିଲା କିଛିକ୍ଷଣ । କହିବାକୁ କ'ଣ ବା କଥା ଅଛି ? ସବୁ କିଛି ବର୍ତ୍ତମାନ ଅନିଶ୍ଚିତତା ଭିତରେ । ସବୁଠି ସଂଘର୍ଷ । ପ୍ରତ୍ୟେକ ମୁହୂର୍ତ୍ତରେ ବିପଦର ରୂପ··· । ନା ···ନା, ତାର କିଛି କହିବାକୁ ନାହିଁ । ଗୋସେଇଁହେଣିକା ଅଧାରୁ ଛାଡ଼ିଦେଇଥିବା କାମ ସେଇମିତି ପଡ଼ିରହିଛି । ···ଗୋସେଇଁଆଣୀଙ୍କ ଆଖିରେ ଲୁହ ଟୋପାଏ ବି ନାହିଁ । ସେ ଖୁବ୍ ସହଜ ଭାବରେ କହିଲେ—"ମୋର ଦଶା ଆଉ କୌଣସି ସ୍ତ୍ରୀ ଲୋକର ନ ହେଉ । ନୂଆ'ଉଙ୍କ ଦଶା ବି ଆଉ କାହା ଭାଗ୍ୟକୁ ନଜୁଟୁ । ···ତେବେ ଯାଇ ସ୍ୱାମୀଦେବତାଙ୍କ ଆତ୍ମବଳିଦାନ ସାର୍ଥକ ହେବ··· ।"

ଗୋସେଇଁଆଣୀ ବିଦାୟନେଇ ଶୋଇବାକୁ ଚାଲିଗଲେ । ଠିକ୍ ସେତିକବେଳେ ଅନୁପମା ଆସି ପହଞ୍ଚିଲା । ହସିବାକୁ ଚେଷ୍ଟା କରୁଥିଲା ଅନୁପମା । ଓଠରେ ଅଳ୍ପ ହସି କହିଲା—"ପଡ଼ିଶା ଘରେ କଣ ହଉଛି ଜାଣିପାରୁଛ ନା ?"

—"ହଁ, ବାହାଘର ।"

—"ଖାଲି ବାହାଘର ନୁହେଁ—ଆରତିର ବାହାଘର" ବୋଲି ବେଶ୍ ଜୋର୍ ଗଳାରେ କହିଲା ଅନୁପମା ।

ଏପରି ସମୟରେ ଢୋଲ, ମହୁରି ବାଜିଉଠିଲା । ବଡ଼ ଚଞ୍ଚଳ ହୋଇପଡ଼ିଲା ରୂପନାରାୟଣ । ଏ ଢୋଲ, ମହୁରି ଯେମିତି ତାକୁ ଉପହାସ କରୁଛନ୍ତି । ସେ ଥରେ ଅନୁପମା ଆଡ଼କୁ ଚାହିଁ ପୁଣି ତଳକୁ ମୁହଁ ପୋତିଲା ।

ଅନୁପମା ପଚାରିଲା—"ଆରତିର ଖବର ତ ନେଲନାହିଁ ! ତୁମ ମନରେ ଦୁଃଖ ନାହିଁ ?"

—"ସେ କଥା ନ ପଚାରିଲେ ଭଲ, ଅନୁପମା ! ମୁଁ ଏ ପ୍ରଶ୍ନର ଉତ୍ତର ଦେଇପାରିବି ନାହିଁ ।"

—"ଥାଉ ତେବେ ।" କହି ଅଳ୍ପ ସମୟପାଇଁ ନୀରବ ରହିଲା ଅନୁପମା । ତା' ପରେ ପୁଣି କହିଲା—"ଚାଲ ତେବେ—ଶଇକଆ ଓକିଲ ତମକୁ ଡକେଇଚନ୍ତି । ବାଡ଼ି ପଛପଟେ ଯିବାକୁ କହିଚନ୍ତି···ଚାଲ, ଉଠ ଏଥର ।"

ରୂପନାରାୟଣ ଉଠିଲା ।

□□□

ପନ୍ଦର

ଶଇଳଜାଙ୍କ ବାଡ଼ କୋଣରେ ଥିବା ଗୋଟେ ଆମ୍ବଗଛ ତଳେ ସେ ଦୁହେଁ ଅଟକିଲେ । ତା' ପରେ ଅନୁପମା କହିଲା—"ତୁମେ ଏଇଠି ଥାଅ—ମୁଁ ଦେଖିଆସୁଚି ।"

'ଦେଖି ଆସୁଚି' କହିବାର ଅର୍ଥ ସ୍ପଷ୍ଟ । ବାହାଘର ଘଡ଼ିରେ କେହି ବି ଯେମିତି ସେ ଆସିଥିବା ଖବର ନପାଇବା ଉଚିତ । ଗୁପ୍ତଭାବରେ ଶଇଳଜାଙ୍କ ସହିତ କଥାବାର୍ତ୍ତା କରିବାକୁ ହେବ । ଗୁପ୍ତଭାବରେ ହିଁ ଫେରିବାକୁ ହେବ ଏଠୁ । କାମଟା ଜରୁରି, ସନ୍ଦେହ ନାହିଁ । ଅନ୍ୟ କାହା ଜରିଆରେ ଏକଥା ଜଣାଇ ଦିଆଯାଇପାରିଥାନ୍ତା । ···କିନ୍ତୁ ଆସିବାର ଉଦ୍ଦେଶ୍ୟ ଅଲଗା ରୂପନାରାୟଣର । ଅବ୍ୟକ୍ତ ତଥା ଅଜ୍ଞାତ ହେଲେ ବି ଅନୁପମା ସେଇ ଉଦ୍ଦେଶ୍ୟକୁ ବେଶ୍ ଧରିପାରିଚି । ···ସତେ ତ, ଅନୁପମା କପରି ତା ଅନ୍ତରର ଉଦ୍ଦେଶ୍ୟ ଧରିପାରିଲା ? ହୁଏତ ଏଇଟା ନାରୀର ସହଜାତ ପ୍ରବୃତ୍ତି । ତା'ଛଡ଼ା ଅନୁପମା ତାକୁ 'ତୁମେ' ବୋଲି ସମ୍ବୋଧନ କରି ପୁରୁଣା ଦିନର ଆତ୍ମୀୟତା ଭଲ ସ୍ମରଣ କରେଇ ଦେଇଛି । ଅନୁପମାର ଏହି ସହାନୁଭୂତି ଖୁବ୍ ଉଦାର ତଥା ମହାନ୍ । ···ଅନୁପମାର ବାହାଘର ବେଶିଦିନ ହେଇନି । ···ଆହା, ବିଚାରୀର କାମନା-ବାସନା ଅକାଳରେ ମଉଳିଗଲା ସିନା ! ଅନ୍ତର ତାର ଅନୁତାପରେ ଦଗ୍ଧ ହୋଇଗଲାଣି । ···ଏଭଳି ଏକ ମୁହୂର୍ତ୍ତିରେ ରୂପନାରାୟଣ କି ଏକ କଠୋର କର୍ତ୍ତବ୍ୟପରାୟଣ ସୈନିକ ହୋଇପାରିବ ! ନା, ନୁହେଁ । ପୂର୍ବତନ ସହପାଠିନୀର ଅଭାବନୀୟ ବୈଧବ୍ୟକୁ ପ୍ରତ୍ୟକ୍ଷ କରି ଅନ୍ତର ତାର ଫାଟିପଡ଼ୁଥିଲା ଅସୀମ ଯନ୍ତ୍ରଣାରେ । ଗାନ୍ଧିଙ୍କ ବାଣୀ ଅନୁସାରେ ଯଦି ଅହିଂସ ଆନ୍ଦୋଳନ କରାଯାଇ ପାରିଥାନ୍ତା ··ହୁଏତ ଏପରି ଅଘଟଣ କେବେହେଲେ ଘଟିନଥାନ୍ତା ।

ସ୍ତ୍ରୀଲୋକମାନେ ଖୁବ୍ ସହଜରେ ପୁରୁଷମାନଙ୍କ ମନରେ ଭଲପାଇବା ତଥା ଦୟାର ଭାବ ଜଗେଇ ଦେଇପାରନ୍ତି । ରୂପନାରାୟଣର ମନଭିତରୁ ଅନେକ ପରିମାଣରେ କଠୋରତା ହ୍ରାସ ପାଇଚି । ଅନୁପମାର ଦୁର୍ଦ୍ଦଶା ତାର ଅନ୍ତରକୁ ଦୁର୍ବଳ କରିପକେଇଚି । ଗୋପେଇଁଆଣିଙ୍କ ମନର ଦୃଢ଼ତା ତାକୁ ଦୃଢ଼ କରିନଥିଲେ ସେ ହୁଏତ ପାଗଳ ହୋଇ-ଯାଇଥାନ୍ତା ।···ଗୋଟିଏ ଘରେ ମିଶ ତଥା ଶଶୁଙ୍କର ବିଧବା ଦୁଇଜଣକୁ ପାଇବାଟା ଏକ ବିଚିତ୍ର ଘଟଣା···କିନ୍ତୁଟା ସମ୍ଭାଳି ନେଲା ନିଜକୁ ରୂପନାରାୟଣ । କୋଟ୍‌ର କଲରକୁ କଣ୍ଠଯାଏଁ ଟାଣିଆଣିଲା । ଥଣ୍ଡାଯୋଗୁଁ କାଣ ଉଠଉଥିଲା; କିନ୍ତୁ ଜୋର୍ ଜବରଦସ୍ତ ରୋକିନେଲା ସେ କାଶକୁ ।

ହଠାତ୍ କଥାବାର୍ତ୍ତା କରି କରି ସ୍ତ୍ରୀଲୋକ କେତେଜଣ ବାଡ଼ି ଅଗଣାଯାଏଁ ବାହାରି ଆସିଲେ । ଲଣ୍ଠନଟାଏ ଧରି ଜଣେ ସ୍ତ୍ରୀ ଲୋକ ଆଗେ ଆଗେ ଆସୁଥିଲେ । ପଛରେ

ଯେଉଁମାନେ ଆସୁଥିଲେ ସେମାନେ କଥାବାର୍ତ୍ତା କରୁଥିଲେ । ସେମାନେ ପୋଖରୀ ଆଡ଼କୁ ମୁହାଁଉଥିଲେ ।

ତାଙ୍କ ଭିତରୁ ଜଣେ ଆଉ ଜଣକୁ ପଚାରିଲା—"ଗୀତ କେମିତି ଲାଗିଲା ?"

—"ଦେଉଳି-ମା'ଙ୍କୁ ଗୀତ ଯୋଡ଼ିବାରେ ପୂଣି ପାରିବ କିଏ ? ସବୁ ବାହାଗୀତ ତାର ମୁହେଁ ମୁହେଁ" ବୋଲି ଲଣ୍ଠନ ଧରିଥିବା ସ୍ତ୍ରୀଲୋକ ଜଣକ କହିଲେ ।

—"ଦେଉଳି-ମା'ଟାର ଚିକିଏ ହେଲେ ବାଛବିଚାର ଆଆନ୍ତା ଭଲ" ବୋଲି ଅନ୍ୟ ଜଣେ ମନ୍ତବ୍ୟ ଦେଲେ—"କନ୍ୟାକୁ ହଳଦି ଲଗେଇଦେବାବେଳର ଗୀତ ଜାଗାରେ ଅଧିବାସ ଗୀତ ଭଣି ଲେ ? ସେଇଟା ପୁଣି ଅସଲ ଗୀତ !"

ଆରତି-ମା'ଙ୍କର ପାଟି ପୂରାପୂରି ବନ୍ଦ ।

—"କେଉଁ ଗୀତ ବା ?" ଆଉ ଜଣେ ପଚାରିଲେ ।

—"କାହିଁକି, ସେଇ ଗୀତଟା କଣ ସେଇଠି ବୋଲିବା କଥା କି ?"

ଦ୍ୱାରକାରେ କୃଷ୍ଣ ତ ଅଛଇ ଶଣୀ !
  ସେ ତ ଛ' ମାସର ବାଟ
କୁଣ୍ଡିନଗରେ ରୁକ୍ମଣୀ ରହିଲେ ଶଣୀ
  କରେ ଉତ୍ପାତ । (୨୦)

—"କନ୍ୟା ତ ରାଗିମାଗି ଉଠିଯାଉଥିଲା—ମୁଁ ବୋଲି ତାକୁ ଧରିରଖିଲି ।" ଉତ୍ତର ଦେଲେ ଆରଜଣକେ । ହସ ସମ୍ବରଣ କରିନପାରି ପୁଣି କହିଲେ—"ମୋ ଜିଭଟା ତ ସଦାବେଳେ ଖଲ ଖଲ...ନକହି ରହିପାରୁଚ କୋଉଠି ? ...ଝିଅର ମନକଥା କ'ଣ ମୋତେ ଜଣାନାହିଁ ଭାବୁଚ କି ? ...ଆଲୋ, ନ ହୁଅନ୍ତା କେମିତେ ବା ! ଏକା ସାଙ୍ଗରେ ପାଠପଢ଼ା, ଏକାଠି ବସାଉଠା, ଏକାସାଥିରେ ବୁଲାଚଲା । ଆଗେ ସିନା ଟୋକାଟାକୁ ଜାଣିପାରିନଥିଲା, ଏଇନେ ନିଜ ବରଟୋକାକୁ ଦେଖିଲା ଯେତେବେଳେ ଅଉ ଯାଏ କୁଆଡ଼େ...ଏବେ ସେଇ ଆର ଟୋକାଆଡ଼େ ମନ ଟାଣିଲାଣି । ଜଣେ ଶିଶୁପାଳ—ଆଉ ଜଣକେ କୃଷ୍ଣ ।"

—"ଆଲୋ କାହା କଥା କହୁଚୁ ଲୋ !" —ବୋଲି ପଚାରିଲା ଆଉ ଜଣେ ।

—"ଆଲୋ ହେ ଜାଣି-ଚତୁରୀ...ଜାଣିନୁ ନା ଆରତି କଥା..."

—"ଓହୋ...ତୁ ଏବେ ତା'ରି କଥା କହୁଚୁ ? ସତ ଲୋ, ସେଇ ରୂପନାରାୟଣଟା ଖାଲି ଭଲ ପିଲା । ଆରତି ଭଳି ଦେବକନ୍ୟାକୁ ଛାଡ଼ି ସେ ଟୋକା କୁଆଡ଼େ ଘୂରିବୁଲୁଚି କେଜାଣି..."

---

(୨୦) ଦ୍ୱାରକାତେ କୃଷ୍ଣ ଆଛେ ଐ ଶଣୀ ଛୟମାସର୍ ବାଟ୍
କୁଣ୍ଡିଲତେ ରୁକ୍ମଣୀ ଐ ଶଣୀ କରେ ଉତ୍ପାତ ।

ଆଉ ସ୍ତ୍ରୀ ଲୋକ ଜଣକ ଗମ୍ଭୀର ହୋଇ କହିଲେ—"ଏ ସବୁ କଥା କୋଉଠି କହୁଛନ୍ତି ଲୋ ! ଆଗରୁ ଶଇକଥା ଓକିଲ ଭଲେଣ୍ଟିଅର ଜଣଙ୍କ ଭଣିବାକୁ ମୋଟେ ମଙ୍ଗୁ ନଥିଲି । ଏବେ ଯେତେବେଳେ ରୂପର ନାଁ-ଡାକ ପଡ଼ିଗଲା, ଆଖିଟା ଏବେ ତା'ରି ଉପରେ···କିନ୍ତୁ ଏଇଲେ ଆଉ ହବ କଣ ?

ହାତ ମାପ ନାହିଁ ବଗୁଡ ହୋଇଲା ବାହୁଟି
ଗଲା ମାପ ନାହିଁ ଗଡ଼ା ହେଲା ରକ୍ତହାରଟି ।
ଖୋଜ ଲୋଡ଼ ଜଲୁ ବସି ହିଅ ଜୋଇଁ ଯୋଡ଼
ଅହର୍ନିଶି ବିଷୟ-ବିଷରେ ଗଲୁ ବୁଡ଼ ।" (୨୧)

—"ଏ ଉଣ ହେ ତମ କଥା ! ସେ ବ ଗୋଟେ ଦିଗମ୍ବର । ଏଡ଼େ ଅଲିଅଳୀ ହିଅଟାକୁ ପୁଣି ସତରେ କ'ଣ ସେ ବାଉଳିଆଟା ହାତରେ ଦଅନ୍ତା···

ବୈଷ୍ଣବଙ୍କୁ ହିଅ ବିଭାକରାଇବା ଯାହା
ସମୁଦ୍ରରେ ବୁଡ଼ି ମରି ଅଥବା ଜହରଖାଇ
ମରିବାଟି ତାହା । (୨୨)

ତା'ପରେ ଆଉ କଥାବାର୍ତ୍ତା ଶୁଣାଗଲାନାହିଁ । ସ୍ତ୍ରୀଲୋକମାନଙ୍କର ପାଟି ନ ଶୁଭିବା ସଙ୍ଗେ ସଙ୍ଗେ ଲଣ୍ଠନର ଆଲୁଅ ଆଉ ଦେଖାଗଲା ନାହିଁ । ରୂପନାରାୟଣ ହସିଲା । ସତକଥା, ସେ ଯଦି ଆନ୍ଦୋଳନରେ ମିଶି ନଥାନ୍ତା, ତେବେ ହୁଏତ କାଲିକ ବର ସାଜ ଠିଆହୋଇଥାନ୍ତା ଦାଣ୍ଡଦୁଆରେ—କଦଳୀ ଗଛ ତଳେ । କିନ୍ତୁ ବିଧିର ବିଡ଼ମ୍ବନା···ଆଜ ସେ ଘରର ପର ବାଡ଼ପଟ ଅମ୍ବଗଛତଳେ ଆସି ଠିଆହୋଇଛି ।···ସତ କହିବାକୁ ଗଲେ ସେ ତପସ୍ୱୀ । ଆଉରି ଭୁଲ୍ କରିନାହିଁ । ସେ ନିଜେ ବ କିଛି ଭୁଲ କରିନାହିଁ ।··ପ୍ରିୟବସ୍ତୁକୁ ତ୍ୟାଗ ନକଲେ ସାଧନାରେ ସିଦ୍ଧି ମିଳେନା ।···ଆଉରି ବ ତାକୁ ତ୍ୟାଗ କରିବା ଉଚିତ— ମନରୁ, ହୃଦୟରୁ··· । ଉପଙ୍କାବାହୁଠୁ ଖବର ଶୁଣିବାପରଠାରୁ ଏଇ ଭାବ ହିଁ ତା' ମନରେ, ହୃଦୟରେ ଉକାଣି ଉଠୁଛି ।···କିନ୍ତୁ କି ଆଶା ଥିଲା ତାର ? ଶ୍ରୀକୃଷ୍ଣଙ୍କ ପରି ଲୁଚିଲୁଚି ଯାଇ ରୁକ୍ମଣୀଙ୍କୁ ସ୍ୱେଚ୍ଛ କରିନେଇ ଫେରିଆନ୍ତା ଦ୍ୱାରକାକୁ ?···ଜୀବନ ଓ ରୂପକଥା

---

(୨୧) ହାତୁ ସ୍ତ୍ରୀଇ ନ ଲ'ଲ ସୋନର୍ ମୁଠି ଖାରୁ
ଉଙ୍ଗ ସ୍ତ୍ରୀଇ ନଲ'ଲ ମଣି
ଆଇ ଦେହର୍ ଜୋରରେ ଜୋଓ୍ୱାଇଁ ସ୍ତ୍ରୀଇ ନଲ'ଲ
ବିଷୟରୁ ଭୋଲ ଗେ ଭୂମି ।

(୨୨) ସାଗର ତ ଜାପ୍ ଦସ୍ୱା ବିଷ କରେ ପାନ୍
ଯଦ ଜାସ୍ୱାଇକ ଦବ ଲଗେ ତପସ୍ୱୀର ଆନ୍ ।

କଣ କେବେ ଏକ ହୋଇଛି ? ଆରତି ତାର ·ସହଧର୍ମିଣୀ ହୋଇଥିଲେ 'କଥାଟା ଅଲଗା ହୋଇଥାନ୍ତା । ଆରତି ରୁକ୍ମିଣୀ ନୁହେଁ । ତା' ଯଦି ସେ ହୋଇଥାନ୍ତା, ତେବେ ନିଶ୍ଚୟ କୌଣସି ବେଦନିଧିଙ୍କୁ ପଠାଇପାରିଥାନ୍ତା ତା ନିକଟକୁ ।···ତା' ଯଦି ବି ନହେଲା, ଅନ୍ତତଃ ବାପ ମାଆଙ୍କର କଥା ନ ଶୁଣି ଆନ୍ଦୋଳନର ଶେଷଯାଏଁ ଅପେକ୍ଷା କରିପାରିଥାନ୍ତା··· କାହିଁ, କିଛି ହେଲେ ତ ସେ କରିପାରିଲା ନାହିଁ ! ମା'ର ମମତା, ମାନେ ଜନ୍ମଭୂମି-ମା'ର ମମତାଟା କ'ଣ—ସେକଥା ବୁଝିବା ଭଳି ଶକ୍ତି ତାର ନାହିଁ । ସେ ଖାଲି ବୁଝେ—କୋଳେଇ କାଖେଇ ମଣିଷ କରିଥିବା ରକ୍ତ ମାଂସର-ମା'ଙ୍କୁ ।···ଆରତି ଯଦି ବୁଝିପାରିଥାନ୍ତା ସେଇ ପ୍ରଶସ୍ତ-ମମତାର ମର୍ମ, ତେବେ ହୁଏତ ସେ ବାହାବେଦିକୁ ଉଠିବାକୁ ଯାଇନଥାନ୍ତା ।

କେବଳ ଆରତି ଏକା ନୁହେଁ—ଗୋସେଇଁଆଣୀ ମଧ୍ୟ ସେଇ ବିଶାଳ ମମତାର ସ୍ପର୍ଶ ଲଭିକରି ବି ନିଜକୁ ଯଥାଯଥ ସାନ୍ତ୍ୱନା ଦେଇପାରିନାହାଁନ୍ତି । ଅନୁପମା ବି ପାରିନି । ପୁରୁଷ ଲୋକଙ୍କପରି ସ୍ତ୍ରୀଲୋକେ ନୁହଁନ୍ତି । ଏଇ ଆନ୍ଦୋଳନ ଭିତରକୁ ସେମାନେ ଆସିପାରି ନାହାନ୍ତି—ଏଁ, ଆସିପାରିନାହାଁନ୍ତି ? ତେବେ କାର୍ଲାଅପା କପରି ବାହାରିଆସିପାରିଲେ ? ଆଉ ଉର୍ମି ?···ସେଇଥିପାଇଁ ତ ସେ ଅନୁପମାକୁ ପଚାରିଥିଲା—''ନାରୀମାନେ ବି ଆମ ତରଫରେ, ନୁହେଁନା ?''

ଅନୁପମା ଉତ୍ତର ଦେଇନଥିଲା । କାହିଁକି ? ସ୍ୱାଧୀନତା କଣ ଲୋଡ଼ାନାହିଁ ନାରୀମାନଙ୍କର ! ଲୋଡ଼ାନାହିଁ ସେମାନଙ୍କର ? କାହିଁକି ? ସ୍ୱାଧୀନତା ନିଶ୍ଚୟ ଲୋଡ଼ା ।—ରତନୀ ପରି ସ୍ତ୍ରୀଲୋକ ତ ମଧ୍ୟ ଗାଁଗହଳରେ ଅଛନ୍ତି । ଭୋଗେଶ୍ୱରୀ, କନକଲତା ମଧ୍ୟ ଥିଲେ । ନଥିବେ କାହିଁକି ?··ଏଇ କର୍ମୀମାନଙ୍କର ହିଁ ଦୋଷ । ସମାଜକୁ ସେମାନେ ପ୍ରଶ୍ରୟ ଦେଇଆସିଛନ୍ତି ସିନା, ଅତିକ୍ରମ କରିପାରିନାହାନ୍ତି ।···ନା···ନା···ନାରୀମାନଙ୍କୁ ଟାଣିବାକୁ ହେବ ଏ ଭିତରକୁ । ସେମାନେ ଅନ୍ଧାଭିଡ଼ ବାହାରି ନଆସିବା ଯାଏଁ ଏଇ ଅନ୍ଧ ରୀତି-ନୀତିକୁ ନେଇ ସମାଜ ଏଇମିତି ପଡ଼ିରହିଥିବ । ଏଇ କଥା ଭଲଭାବରେ ବୁଝେଇଦବାକୁ ପଡ଼ିବ ସେମାନଙ୍କୁ ।···ଏଇକଥା ଆଜି ସେ କହିବ ଆରତିକୁ । ସେ ଯଦି ତାକୁ ପ୍ରକୃତରେ ଭଲପାଉଥିଲା, ତେବେ ସେଇ ଭଲପାଇବାଟାକୁ ଦେଉ ଜନ୍ମଭୂମି-ମା'ଙ୍କୁ । ସେଇଥିରେ ହିଁ ତାର ସନ୍ତୋଷ । କେବଳ ସେ ନୁହେଁ, ତାର ସ୍ୱାମୀଙ୍କୁ ମଧ୍ୟ ସେ ଉଦ୍‌ବୁଦ୍ଧ କରୁ ସେଇ ଭାବଧାରାରେ । ··ଏବେ ଆରତିକୁ ପାଇବାର ଅଧିକାର ତା'ର ନାହିଁ । ସେ କେବଳ ଆନ୍ତରିକ ଆଶୀର୍ବାଦ ଦେବ ଆରତିକୁ । ବର୍ତ୍ତମାନ ସେ ଆରତିକୁ ବନ୍ଧୁଭାବରେ ଦେଖିବ, ଭଉଣୀ ଭାବରେ ଦେଖିବ ।···ଶ୍ରୀକୃଷ୍ଣ ରୁକ୍ମିଣୀଙ୍କୁ ଧରି ପଳେଇଲା ପରି ଆରତିକୁ ଧରି ପଳେଇବାର ଶକ୍ତି ତାର ନାହିଁ କି ପ୍ରବୃତ୍ତି ବି ନାହିଁ । ଏକୁଟିଆ ସେ କେବେହେଲେ ସମାଜର ଏଇ ହଜାର ହଜାର ବର୍ଷର ପୁରୁଣା ସଂସ୍କାର ତଥା ଅନୁଷ୍ଠାନଗୁଡ଼ିକୁ ଭାଙ୍ଗିରୁଜି ଚୂରମାର କରିପାରିବନାହିଁ । ସେଥିପାଇଁ ଲୋଡ଼ା ଅଲଗା ଜାଗରଣ ।···ଏସବୁ ନିଜକୁ ସାନ୍ତ୍ୱନା ଦେବାର ବାଟ ।

:ତଣ୍ଟି ଜଭ଼ିଂ ଶୁଖିଯାଉଥିଲା ରୂପନାରାୟଣର । ବହୁତ ଡେରି କରୁଚି ଅନୁପମା । ରାତି ଭିତରେ ହିଁ ନଗାଁଓ ସହର ଛାଡ଼ିବା ଦରକାର ଅଛି ତାର ।...ଟିକୌ ବାକି ? ବୋଧେ ସମୟ ହୋଇନି...

ବୋଧହୁଏ ଚୂନାକୁଟା, ଗୀତବୋଲା, ଖିଆପିଆ ଆଦି ଧନ୍ଦା ଏଯାଏଁ ବି ଶେଷ ହୋଇନି । ଢୋଲ ମହୁରି ତ ଆଉ ବାଜୁନାହିଁ । ଢୋଲିଆ ମହୁରିଆମାନେ ଶୋଇଗଲେଣି ନା କଣ ? ...ଘଣ୍ଟା ଦେଖିଲା ରୂପନାରାୟଣ । ରାତି ଗୋଟାଏ । ଫେରିବାର ସମୟ ନିଶ୍ଚୟ ପାଖେଇ ଆସିଲାଣି ।

ଦୂରରୁ ପାଦଶବ୍ଦ ଶୁଭିଲା ।

ଅନୁପମା ? ହଁ, ବୋଧେ ସେ ।

ଜଣେ ଅଭିଆଡ଼ୀ ସୁନ୍ଦରୀ, ଛଇଲୀ ଝିଅଟିଏପରି ପାଦ ପକାଉଛି ଅନୁପମା; କିନ୍ତୁ ଚଞ୍ଚଳତା ନାହିଁ ସେ ପଦପାତରେ ।...ପାଖେଇ ଆସିଲାରୁ ରୂପନାରାୟଣର ମନେହେଲା ସତେ କି ଅନୁପମାର ଦେହରେ ଯୌବନର ପ୍ରାଚୁର୍ଯ୍ୟ ଲହଡ଼ି ଖେଳୁଚି । ...ବ୍ରାହ୍ମଣଘରର ଝିଏ ବାହାଘର ପରେ ହିଁ ଯୌବନର ଉନ୍ମାଦନା ଲାଭକରନ୍ତି—ପିଲାଟିଦିନରୁ ବାହାହୋଇ ଯାଆନ୍ତି ତ ! ଦୁଇବର୍ଷ ହେଲା ଅନୁପମାର ବାହାଘର; କିନ୍ତୁ ହୋମଘର ହେବା ପାଞ୍ଚମାସ ବି ହୋଇନି । ଏଇମାତ୍ର ଯୌବନର ସଞ୍ଚାର ଆସି ପହଞ୍ଚିଛି ତା ଦେହରେ; କିନ୍ତୁ ଠିକ୍ ସେଇ ସମୟରେ ହିଁ ସ୍ୱାମୀଙ୍କର ଅକାଳ ମୃତ୍ୟୁ ।...ଅବାସ୍ତବ ହୋଇଯାଇଛି ଜୀବନଟା ତାର ।

ଅନୁପମା ପହଞ୍ଚିଲା । ରୂପନାରାୟଣର ଖୁବ୍ ନିକଟକୁ ଆସି କହିଲା—"ଆସ ମୋ ସାଥିରେ ।"

—"କୋଉଠିକି ?" ବୋଲି ପଚାରିଲା ରୂପନାରାୟଣ ।

ବାହାଘରର ଆଲୋକ ଆମ୍ବଗଛ ତଳଯାଏଁ ଲମ୍ବିଥିଲା ।

ଅନୁପମା ଫିକ୍କିନା ହସିଦେଇ କହିଲା—"ତଥାପି ଅବିଶ୍ୱାସ ତୁଟିନାହିଁ ? ଆସ, ମୋ ସହିତ ଆସିଲେ ବଳେ ବିଶ୍ୱାସ ଆସିଯିବ ଯେ । ଆସ ।"

ଜଣେ ସ୍ତ୍ରୀଲୋକର ହାତମୁଠାରେ ନିଜକୁ ଛାଡ଼ିଦେବାର ସମୟ ଏଇଟା ନୁହଁ । ତେଣୁ ସେ ପଚାରିଲା—"ଶଇକିଆଙ୍କ ସହିତ ସାକ୍ଷାତ୍ ପାଇଁ ତ ?"

"ଶଇକିଆ ଓକିଲ ବାହାରିଯାଇଚନ୍ତି । ଟିକୌ ଗାଁର ଲୋକ ଆସି ତାଙ୍କୁ ବହୁତ କାଉଳିବାଉଳି କରିପକେଇଲେ । ଅନେକ ଲୋକଙ୍କୁ ବାନ୍ଧିଆଣିଚନ୍ତି । ଟିକୌର ସ୍ତ୍ରୀକୁ ବି । ରଜଭର୍ତ୍ତି ପଡ଼ିଆରେ ଛୁଆଟାଏ ଜନ୍ମ କରିଚି ସେ । ତାକୁ ନେଇ ଭୂଞାଁଣୀଙ୍କ ପାଖରେ ଛାଡ଼ିବାକୁ ଅଛି । ମଟରଗାଡ଼ି ଆଣି ଭୂଞାଁଣୀ ଆସିଥିଲେ । ଶଇକିଆଙ୍କୁ ସାଙ୍ଗରେ ନେଇ ଯାଇଚନ୍ତି । ଜାଣିଚ ନା, କେତେ ଲୋକ ବନ୍ଧାହୋଇ ଆସିଚନ୍ତି ? ଦୁଇଶହ... ।"

ଅନୁପମାର କଥାରେ ନଥିଲା ଉଦ୍‌ବେଗ । ଏପରି ଏକ ଅସାଧାରଣ ଘଟଣା ବର୍ଣ୍ଣନା କରିବାର ସୁଯୋଗ ପାଇ ସେ ତୃପ୍ତି ଲାଭ କରୁଥିଲା । ତା' ନିଜ ଜୀବନର ଦୁର୍ଘଟଣାପରି

ଦୁର୍ଘଟଣାର ସମ୍ବାଦ ପାଇଲେ ସେ ତୃପ୍ତିଲାଭ କରିବା ସ୍ୱାଭାବିକ; କିନ୍ତୁ ତା ମୁହଁରେ ଅଧିକା କଥାରେ ଫିକାଏ ହେଲେ ପ୍ରତିହିଂସାର ଭାବ ନଥିଲା । ସହଜ ଭାବରେ ସେ ଗ୍ରହଣ କରି ନେଇଚି ଦୁର୍ଘଟଣାଟିକୁ ।···ମରଣଟା ଦୈବ ହାତରେ—ମଣିଷ ହାତରେ ନାହିଁ—ଏଇ ସହଜ ବିଶ୍ୱାସରୁ ତା' ଭିତରେ ସାନ୍ତ୍ୱନା ଜାଗିଛି ।···ତା'ପରି ଯୁକ୍ତିବାଦୀ ମଣିଷ ପାଇଁ ଇଏ ଏକ ମହାନ୍ ସମସ୍ୟା ।···ପ୍ରତିଟି କାର୍ଯ୍ୟକୁ ବିଶ୍ଳେଷଣ କରି ଦେଖିବା ଦରକାର, ସତେ ଯେମିତି ମଣିଷର ପ୍ରତିଟି କାର୍ଯ୍ୟରେ ଯୁକ୍ତି ସନ୍ନିହିତ ଅଛି ।

ରୂପନାରାୟଣ କହିଲା—"ତେବେ ତ ଶଇକିଆଙ୍କ ସାଥିରେ ସାକ୍ଷାତ୍ କରିହେବନି । ଟିକୋକୁ ଡାକିଦିଅ—ଆମେ ଫେରିଯିବୁ ।"

କହିସାରି ଘଡ଼ିକୁ ଅନେଇଲା ରୂପନାରାୟଣ ।

ଅନୁପମା କହିଲା—"ମୁଁ ଟିକୋକୁ ଦେଖିଥିଲି । ସେ ତ ଏବେ ରଚନା-ଚର୍ଚ୍ଚାରେ ବ୍ୟସ୍ତ ହୋଇପଡ଼ିଲାଣି ।"

ରୂପନାରାୟଣ ରାଗିଗଲା । କହିଲା—"ଏଇ ମୁହୂର୍ତ୍ତରେ ସେ ବିଷୟରେ ଚିନ୍ତା କରି କି ଲାଭ ?"

ହସିଲା ଅନୁପମା । ସେ ହସରେ ଥିଲା ଶ୍ଳେଷ ।

—"ତେବେ ତୁମପରି ହିଁଅଙ୍କୁ ଡରି ପାରିବୁଲିବା ଦରକାର ବୋଲି କହୁଚ ?"

—"ମୁଁ ଘୂରିବୁଲୁଚି ହିଁଅଙ୍କୁ ଡରି ?" ଅପ୍ରସ୍ତୁତ ହୋଇ କହିଲା ରୂପନାରାୟଣ ।

—"ଆସୁନ ତେବେ ଆରତିକୁ ଥରେ ଦେଖିଆସିବ ।"

—"କାହିଁକି ?" ଛାତି ଧଡ଼୍ ଧଡ଼୍ ହେଲା ରୂପନାରାୟଣର ।

—"ଏତେଦିନ ଯେ ଲୁଚି ଲୁଚି ଘୂରିବୁଲୁଚ, ସେଥି ସକାଶେ କୈଫିୟତ୍ ଦବାକୁ ପଡ଼ିବ ତୁମକୁ । ଆସ !" ଜୋର୍ ଦେଇ କହିଲା ଅନୁପମା—"ତୁମ ପାଇଁ ବୋଲି ସେ କେତେ ଲୁହ ନିଗିଡ଼େଇଲାଣି ! ଥରେ ତାର ଖବର ନନେଇ ତୁମେ ଏଠୁ ଯାଇପାରିବ ନାହିଁ ।"

ଇଏ ହେଉଚି ତାର ସହପାଠିନୀ—ଅନୁପମା ! ସେ କହୁଛି । ସେଇମିତି ତାର କଥା, ତାର ମମତା । ତାର ଆଦେଶ ଅମାନ୍ୟ କରିବାକୁ ଉପାୟ ନାହିଁ ରୂପନାରାୟଣର ।

ତଥାପି ସେ ପଚାରିଲା—"କିନ୍ତୁ କ'ଣ ମୁଁ କହିବି ଆରତିକୁ ?

—"ସେ କଥା ତୁମେ ଜାଣ । ଦେଶଗୋଟାକ ଲୋକଙ୍କୁ ଉପଦେଶ ଦେଇ ବୁଲୁଚ—ଆରତିକୁ ଦେଇପାରିବ ନାହିଁ ନା ?" —ଅନୁପମାର କଥାରେ ଅଛାଲିଆ ଭାବ । —"ମୋତେ ଯେମିତି ଉପଦେଶ ଦେଇଛ, ସେମିତି ତାକୁ ଦେବ— ।"

—"ତୁମକୁ ତ ମୁଁ କିଛି ଉପଦେଶ ଦେଇନାହିଁ ।"

—"ଦେଇନ ?" ମୁହଁରେ ଅନୁପମାର ଭ୍ରୂକୁଟିର ଭଙ୍ଗିମା । ସେ ପୁଣି କହିଲା—"କଥାରେ କହିନ ସିନା, ପରୋକ୍ଷରେ କିନ୍ତୁ କହିଛ । କେବଳ ତୁମ ମୁହଁକୁ ଚାହିଁ ମୁଁ ବାକି ସମସ୍ତଙ୍କୁ କ୍ଷମାଦେଇଛି ।"

ଠପ୍ ଠପ୍ ଲୁହ ବୋହିଲା ରୂପନାରାୟଣର ଆଖିରୁ… । ଏଁ …ମୋର ମୁହଁକୁ ଚାହିଁ ସେ ବାଳମାନଙ୍କୁ କ୍ଷମା କରିଦେଇଛ ! ଅନୁପମା ମାନବୀ ନା ଦେବୀ ? ମନେ ମନେ ପ୍ରଶ୍ନବାଚୀ ହେଲା ତା ରୂପନାରାୟଣ । ତା'ପରେ ଭଙ୍ଗା କଣ୍ଠରେ କହିଲା—"ଚାଲ ତେବେ…କିନ୍ତୁ ମନେରଖିଥାଅ ଯେ ଶଙ୍କରଆଙ୍କ ସହିତ କଥାବାର୍ତ୍ତା ହେଇନି ଏଯାଏଁ । ଏଣେ ପୁଣି ରାତାରାତି ଫେରିବାକୁ ଅଛି ଅମର ।"

—"ହବ, ହବ, ସବୁ ହବ । ଶଙ୍କରଆ ତୁମମାନଙ୍କୁ ଗାଡ଼ିରେ ନେଇ ଛାଡ଼ିଦେଇ ଆସିବେ । ଶଙ୍କରଆ ଯିବେ ପୁରୁଣା ଗୋଦାମ୍ ଆଡ଼କୁ—କ୍ଷୀର ଆଣିବେ ।…ମୁଁ ଶଙ୍କରଆଙ୍କ ସହିତ କଥାବାର୍ତ୍ତା କରିଆସିଛି । ଟିକେ କହୁଥିଲି ତୁମେମାନେ ସେଇପଟେ ଯିବ—ନୁହେଁ କି ?"

ଏଥର ଅନୁପମା ଉପରେ ସମ୍ପୂର୍ଣ୍ଣ ଭାବେ ନିର୍ଭର କରିବାକୁ ବାଧ୍ୟ ହେଲା ରୂପନାରାୟଣ । କହିଲା—"ଚାଲ ତେବେ; କିନ୍ତୁ କିଛି ଯେପରି ଅଘଟଣ ନ ଘଟେ ସେଥିପ୍ରତି ନଜର ରଖିଥିବ ।"

—"ଅଘଟଣ ଘଟିଲେ କହିବ । କିନ୍ତୁ ଜାଣି ଶୁଣି କର୍ତ୍ତବ୍ୟ ନକରି ଚାଲିଯିବ ନା ?"

"ହଁ, ଅବଶ୍ୟ କର୍ତ୍ତବ୍ୟ ।" କହିକହି ଅନୁପମାର ପଛେ ପଛେ ଚାଲିଲା ରୂପନାରାୟଣ । କିଛି ସମୟ ପରେ ସେମାନେ ଏକ ଖୋଲା ଦୁଆର ଦେଇ ଗୋଟେ କୋଠରିରେ ପଶିଲେ । ରୂପନାରାୟଣକୁ ଚଉକି ଖଣ୍ଡେ ଦେଖେଇ ଦେଇ ବସିବାକୁ କହିଲା ଅନୁପମା । ତା'ପରେ ଟେବୁଲ ଉପରେ ଥିବା ଲଣ୍ଠନର ବତୀକୁ ତେଜିଦେଇ ଚଟ୍‌କିନା ବାହାରିଗଲା ଅନୁପମା ସେଇ ଘରୁ ।

କୋଠରିର ଚାରିଆଡ଼କୁ ଲକ୍ଷ୍ୟକଲା ରୂପନାରାୟଣ । ଗୋଟେ ଟେବୁଲ ଉପରେ ଥିଲା କିଛି ପଢ଼ାବହି । ଘରଟାରେ ପର୍ଦ୍ଦା ନାହିଁ । ଟେବୁଲ ପାଖରେ ବିଛଣା । ବିଛଣା ଉପରେ ପଡ଼ିଛି ପାଲଟା, ଶଢ଼ାମେଖଳା ଚାଦର । ପାଖରେ ଆଇନାଟା । କେହି ଜଣେ ସେଠି ଦାଢ଼ି ଖିଅର ହେବା ସରଞ୍ଜାମ ପକେଇଦେଇ ଯାଇଛି । ଆଉ ଗୋଟେ ଟ୍ରେଟ ଟେବୁଲ ଉପରେ ଗୋଟେ ଜବା-କୁସୁମ ତେଲଶିଶି । ପାନଆଟେ ବି ଥୁଆହୋଇଛି । ଉପହାରର ପ୍ୟାକେଟ ଗୁଡ଼ାଏ ଗଦାହୋଇଛି ବିଛଣା ଉପରେ । କେହି ଜଣେ କବିତାଟାଏ ଲେଖିଛି—ନାମ, ଝିଇନାଙ୍କର ଶୁଭ ବିବାହ ଉପଲକ୍ଷ୍ୟେ ।

…ରୂପନାରାୟଣର ବୁକୁ ଭିତରଟା ପାରି ଘୂମୁରିଲା ପରି ଘୁମୁରି ଉଠିଲା । ଆଖିଦ'ଟାକୁ ବନ୍ଦ କରିଦେଇ ପରିବେଶକୁ ଭୁଲିଯିବାକୁ ଚେଷ୍ଟାକରୁଥିଲା ସେ ।

ଆଗେ ସେ ଏଇ କୋଠରିରେ ଶୋଉଥିଲା ।

ନା…ନା…ଆଉ…ଆଉ ସେସବୁ କଥା ଭାବିବା ନିଷ୍ପ୍ରୟୋଜନ । ଏତିକି ତ ବଳେଇପଡ଼ିଲଣି ସମ୍ଭାଳିବାକୁ ।…ଆନ୍ଦୋଳନର ଠିକ୍ ପୂର୍ବରୁ ସେ ଥରେ ଆସିଥିଲା ଶଙ୍କରଆଙ୍କ ଘରକୁ । ଏଇ କୋଠରିଟିରେ ସେ ଶୋଇଥିଲା ।…ରାତି ଅଧ । କବାଟରେ ଠକ୍…ଠକ୍…ଆଓ୍ୱାଜ୍ । କବାଟ ଖୋଲିଦେଇଥିଲା ରୂପନାରାୟଣ ।…ସତେ କି ଏକ

ଘୁମନ୍ତ ଚଢ଼େଇ ଆସିଛୁ କୋଉ ଗଛ ଡ଼ାଳରୁ ।···ଥଙ୍ଗ ଥଙ୍ଗ ହୋଇ କଥା·ହୋଇ ବସିଲେ ଦୁହେଁ । ଅସଂଲଗ୍ନ ସେ କଥାଭାଷା । ମନ୍ତ୍ରମୁଗ୍ଧ ଭାବେ ଆରତିର ସୁଠାମ ରୂପ ଯୌବନକୁ ଅନେଇ ରହିଥିଲା ସେ । ସାରା ଦେହରେ ତାର ଖେଳିଯାଉଥିଲା ତଡ଼ିତ୍-ପ୍ରବାହ । ସେଇ ଉତ୍ତାପରେ ସେ ବାଉଳା ହୋଇଉଠୁଥିଲା ।···ହଠାତ୍ ମା'ଙ୍କ ପାଟି ଶୁଣି ଏକାଡ଼ଆଁକେ ଚମକନ୍ତ ମାରିଥିଲା ଆରତି । ସେ ନିଜେ ବି ଲାଜରେ କବାଟ କିଳି ଶୋଇଯାଇଥିଲା ..ସେ କଥା ମନେପଡ଼ିଲେ ଏବେ ବି ଲାଜ ଲାଗେ ରୂପନାରାୟଣଙ୍କୁ ।···ତଥାପି ସେଇ ଆବେଗମୁଖର ମୁହୂର୍ତ୍ତର ଆନନ୍ଦମୟ ଝଙ୍କୃତିକୁ ସେ ଅସ୍ୱୀକାର କରିପାରେନା ।···ସେଥିରେ ସେ ଥିଲା କେବଳ ଦୈହିକ ଆକର୍ଷଣ, ତା' ନୁହେଁ । ଥିଲା ବି କିଛି ଗୋଟାଏ ଦେହାତୀତ ଆକର୍ଷଣ ।···ସେ ଭୁଲିପାରିନି ସେ କଥାକୁ । ଅପରାଧର ଭାବ ବି ଥିଲା ତା ମନରେ···।

ତା'ପରଠାରୁ ଆରତି ପାଖକୁ ଖଣ୍ଡେ ଚିଠି ମଧ୍ୟ ସେ ଦେଇପାରିନି । ଆରତି ବି ଦେଇନି ।

ହଠାତ୍ ଏକ ଖସ୍‌ଖସ୍ ଶବ୍ଦ ରୂପନାରାୟଣର ଭାବମୂର୍ଚ୍ଛନାକୁ ବିଖଣ୍ଡିତ କଲା···ପାଟ-ମେଖଳା ଗୁଡ଼ରର ଖସ୍‌ଖସ୍ ଶବ୍ଦ । ଆଖି ଖୋଲିଲା ରୂପନାରାୟଣ । ସମ୍ମୁଖରେ ତା'ର ଉଭା ଆରତି । ସାଥିରେ ଆରତିର ମା' ମଧ୍ୟ ।

ମା' କହିଲେ—"ଏତେ ଦିନକେ ମନେପଡ଼ିଲା ନା ! ମା' ଆରତି, ଭାଇକୁ ପ୍ରଣାମ କର । ଆଶୀର୍ବାଦ କର ବାପ—ତାର ମଙ୍ଗଳ ହେଉ ।"

କଣ କରିବ ନକରିବ ଭାବିପାରିଲା ନାହିଁ ରୂପନାରାୟଣ । ତାର ଇଚ୍ଛା ଥିଲା ଆରତି ସହିତ ଏକାନ୍ତ ସାକ୍ଷାତ୍ । ହୁଏତ ତାହା ବର୍ତ୍ତମାନ ପରିସ୍ଥିତିରେ ସମ୍ଭବ ନୁହେଁ ବୋଲି ସେ ଭାବିନେଲା ।

କିଛି ସମୟ ନୀରବରେ ଠିଆହେଲା ଆରତି । ତା'ପରେ ସକ୍ ସକ୍ ହୋଇ କାନ୍ଦିଲା ।···ଅସହ୍ୟ ହେଲା ରୂପନାରାୟଣର । ଏଇ କାନ୍ଦଣା ହିଁ ତାର କଥା—ବିଦାୟ ସମ୍ଭାଷଣ । ମା' କହିଲେ—"କାନ୍ଦୁଚୁ କାହିଁକି ମା, ପ୍ରଣାମ କର ।"

ସେମିତି କାନ୍ଦି କାନ୍ଦି ଆଣ୍ଠେଇପଡ଼ିଲା ଆରତି । ଅଞ୍ଚଳରେ ପାଦ ଛୁଇଁ ମୁଣ୍ଡରେ ଲଗାଇଲା । ଧୀରେ ଧୀରେ ବଢ଼ିଲା ତାର କାନ୍ଦଣା । ଫାଶୀଖୁଣ୍ଟକୁ ନିଆହେଉଥିବା ଲୋକ ବି ଏପରି କାନ୍ଦିବ ନାହିଁ, ଯେପରି କାନ୍ଦୁଥିଲା ଆରତି···ମର୍ମଭେଦୀ କାନ୍ଦଣା । ପାଦକୁ ଆଡ଼େଇ ନେଇ ରୂପନାରାୟଣ କହିଲା—"ମୋ ସାମନାରେ ତୁମେ ଓଢ଼ଣା ଟାଣିବା ଦରକାର ନାହିଁ । ଯାଅ, ବସ ସେ ବିଛଣାରେ ।"

ବାଧା ଦେଇ ପାରିଲେ ନାହିଁ ମା' । ବରଂ ଝିଅ ମୁଣ୍ଡରୁ ଓଢ଼ଣାଟି ଖସେଇଦେଲେ ସେ ନିଜେ । କଞ୍ଚା ହରଡ଼ା କମ୍ପା କଞ୍ଚା ହଳଦର ଶୋଭା ଅଥଚ ସୁକୁମାର ଶୋଭା କନ୍ୟାର ଆଖିରେ ମୁହଁରେ ଝଲସି ଉଠୁଥିଲା । ନଥିଲା ସେଠି ଚଞ୍ଚଳତା ।···ଭିଜା ଭିଜା ଆଖିପତା । ବହୁ କଷ୍ଟରେ, ବନ୍ଦ ଆଖିରେ ରୂପନାରାୟଣ ଆଡ଼କୁ ମୁହଁ କରି ବସି ଆରତି ପଚାରିଲା—"ଆପଣମାନଙ୍କର ଆନ୍ଦୋଳନ ଭଲ ଚାଲିଚ ତ ?"

—"ହଁ ।"

ସତେ କି ଆନ୍ଦୋଳନ ଓ ରୂପନାରାୟଣ ଏକ ଓ ଅଭିନ୍ନ...

—"ଆପଣଙ୍କ ଦେହ-ପା ଭଲ ତ ?"

—"ହଁ ।"

ମନର ଭଲ ମନ୍ଦ କଥା ଯେତେବେଳେ ପଚାରିବାର କଥା, ସେତେବେଳେ ସେ ପଚାରୁଛି ଦେହର ଭଲମନ୍ଦ କଥା । ...ଖୋଲ୍‌ଖୋଲ୍ ଭାବରେ କିଛି ପଚାରିବାଟା ଝିଅମାନଙ୍କ ପକ୍ଷରେ କଷ୍ଟ । ଯାହା କିଛି ପଚାରନ୍ତି, ତାହା କେବଳ ଆଭାସ ମାତ୍ର ଅଥବା ବୁଲେଇ-ବାଲେଇ ଗୋଟେ ଦ'ଟା କଥା ମାଧ୍ୟମରେ ।

ରୂପନାରାୟଣ କିନ୍ତୁ ଖୋଲାଖୋଲି ଭାବରେ କହିଲା—"ଆରତି ! ତୁମେ ନିଶ୍ଚୟ ଜାଣ ମୁଁ ତୁମକୁ କେତେ ଭଲପାଏଁ । କିନ୍ତୁ ବାହାଘର ପାଇଁ ବାଧା ସୃଷ୍ଟି ହେଲା । ଏବେ ତୁମର ବାହାଘର ଅନ୍ୟତ୍ର ହେବାକୁ ଯାଉଚି । ଯଦି ତୁମେ ଏବେ ବି ମୋତେ ଭଲପାଉଚ, ତେବେ ମୁଁ ଯାହାଙ୍କୁ ଭଲପାଉଚି—ଯାହାଙ୍କ ପାଇଁ ମୁଁ ମୋର ସର୍ବସ୍ୱ ତ୍ୟାଗକରିଚି, ତୁମେ ତାଙ୍କୁ ବି ଭଲପାଅ...ସେ ହେଉଚନ୍ତି ଭାରତମାତା ।"

ଆରତି ନୀରବ ରହିଲା କିଛିକ୍ଷଣ । ଆଖି ଖୋଲି କାବାହୋଇ ଚାହିଁଲା ରୂପନାରାୟଣର ମୁହଁକୁ । ତା' ପରେ ଧୀର ଗଳାରେ କହିଲା—"ଆପଣଙ୍କ କହିବା କଥା ମୁଁ ନିଶ୍ଚୟ ମନରେ ରଖିବି । ଆପଣ ଯାହାଙ୍କୁ ମା' ବୋଲି କହିଲେ ସେ ମୋର..."

ମା'ଙ୍କର ବିକୃତ ମୁହଁକୁ ଦେଖି ଅଟକିଗଲା ଆରତି—କଥା ଶେଷ କରିପାରିଲା ନାହିଁ ।

ରୂପନାରାୟଣ କହିଲା—"ହଁ ଆରତି, ସେ ତୁମର ବି ମା'—ସଉଭାଗ୍ୟୀ ବୁଢ଼ୀ ନ୍ତି । ସଉତୁଣୀ ହେଉଚି ଏଇ ପୁରୁଣା ଖଡ଼ିକା ସମାଜଟା, ଯୋଉଠି କିଛି କହିବାକୁ ଥିଲେ କହିହବନି କି ପାଇବାର ଅଧିକାର ଥିଲେ ବି ପାଇହେଉନି... ।"

ଆରତି ପୁଣି କଣ କହିବ କହିବ ହେଉଥିଲା କିନ୍ତୁ କହିପାରିଲାନାହିଁ । ହୁକେଇ ହୁକେଇ କାନ୍ଦିବା ଆରମ୍ଭ କରିଦେଲା ।

ମା' କହିଲେ—"ଚାଲ ମା' ! ସେଣେ 'ଦର୍ଶନ' ପାଇଁ ସମୟ ହେଲାଣି । ଅହିଅ ସ୍ତ୍ରୀମାନେ ତୋତେ ଖୋଜିବେଣି ଅନେକ ବେଳୁ ।"

ରୂପନାରାୟଣ କହିଲା—"ଯାଅ ଆରତି ! ମୁଁ ତୁମଠାରୁ ଯାହା ଖୋଜୁଥିଲି ପାଇଲି । ମୋର ଆଉ କିଛି ଲୋଡ଼ାନାହିଁ । ତୁମେ କିନ୍ତୁ ସବୁବେଳେ ମନେରଖିବ ଯେ ତୁମେ ସୁଖୀ ହେଲେ ମୁଁ ସୁଖୀ ହେବି ।"

ଏଥର କିନ୍ତୁ ମା'ଙ୍କ ଉପସ୍ଥିତିକୁ ଉପେକ୍ଷା କରି ଆରତି କହିଲା—"ଆପଣଙ୍କୁ କ'ଣ ଆଉ କହିବି ? ଆପଣ ତ ମୋ'ଠୁ ଖୁବ୍ ବେଶି ଜାଣିଚନ୍ତି । ମୁଁ ନିଶ୍ଚୟ ଆପଣଙ୍କ କୁହା କଥା ମନରେ ରଖିବି--କେବେହେଲେ ଭୁଲିପାରିବି ନାହିଁ ।"

ମା' ଆବେଗଭରା ସ୍ୱରରେ କହିଲେ—"ଚାଲ୍ ଆରତି ! ଭାଇ ତୋତେ ଆଶୀର୍ବାଦ କରୁଚି ।" —କହୁ କହୁ ମା'ଙ୍କ ସ୍ୱରରେ ବି କରୁଣତା ପ୍ରକାଶିତ ହେଲା । ସେ ପୁଣି

କହିଲେ, ଏଥର ରୂପନାରାୟଣଙ୍କୁ ଲକ୍ଷ୍ୟକରି—"ଆମରି ବି ଭୁଲ୍ ହୋଇଗଲା; କିନ୍ତୁ କଣ ଆଉ କରିବା ? ତୁମପାଇଁ ଆମେ କେତେ ତା ଅପେକ୍ଷା କରିଥାନ୍ତୁ ?"

ତା'ପରେ ଆରତିକୁ ଧରାଧରି କରି ତରବରରେ ଭିତରକୁ ନେଇଗଲେ ମା' । ରୂପନାରାୟଣରେ ମନେହେଲା, ଯତେକ ସେ ସବୁଗର ମୁକୁତା ପାଇ ହଜାଇଦେଲା—ହଁ, ଅଗଣାର ଦୂବ ବଣ ଭିତରେ ହଜାଇଦେଲା···କିନ୍ତୁ ସେ ଯୁବସଙ୍ଗତ ଭାବେ ହଜାଇଛି—ତାହାହିଁ ତାର ସାନ୍ତ୍ୱନା ।

ଜାଗାଟା କି ସତେ ଅନ୍ଧାର ହୋଇଗଲା ! ଲଣ୍ଠନଟାର ଆଲୁଅ ସତେ କି ନାହିଁ ।

ଅଳ୍ପ କ୍ଷଣ ପରେ ଚାହା, ମିଠାଇ ଇତ୍ୟାଦି ଆଣି ଆସି ପହଞ୍ଚିଗଲା ଅନୁପମା । ପହଞ୍ଚୁ ପହଞ୍ଚୁ କହିଲା—"ମୁଁ କହିଥିଲି ଶଇକଆଣୀଙ୍କୁ ସାଙ୍ଗରେ ନ ଆସିବାକୁ, ସେ କିନ୍ତୁ ଶୁଣିଲେ ନାହିଁ । ···ହଉ, ଏବେ ଚାହାଟା ଖାଇନିଅ । ତୁମର କର୍ତ୍ତବ୍ୟ ତୁମେ କଲ । ଶଇକଆ ଆସିଗଲେଣି । ସେ ଏବେ ଏବେ ଆସିଯିବେ···।"

ଅନୁପମା ଅଟକିଗଲା । ରୂପନାରାୟଣର ଆଖିରେ ପ୍ରବଳ ବାରିଧାରା । ···ହସିଲା ଅନୁପମା । ତା'ପରେ ଅଳ୍ପ କଠୋର ଭାବେ କହିଲା—"ମୁଁ ସହିପାରିଲି—ତୁମେ ପାରିବ ନାହିଁ ନା ? ମୁଁ ସ୍ତ୍ରୀଲୋକ ଅଥଚ ତୁମେ ପୁରୁଷ !"

ପ୍ରକୃତସ୍ଥ ହେଲା ରୂପନାରାୟଣ । ଆଖି ଲୁହକୁ ହାତରେ ପୋଛି ପକେଇଲା । ତା'ପରେ ପ୍ଲେଟରୁ ମିଠେଇ ଆଣି ଖାଇବାକୁ ଆରମ୍ଭ କଲା । ମଝିରେ ମଝିରେ ଚାହାକୁ ଢୋକେ ଢୋକେ ପିଉଥିଲା ।

ଅନୁପମା କହିଲା—"ବିଚ୍ଛେଦ ହିଁ ପ୍ରକୃତ ଜୀବନ—ମିଳନ ନୁହେଁ ।"

ପାଟି ଖୋଲିଲା ନାହିଁ ରୂପନାରାୟଣର । ଅନୁପମାର କଥାଗୁଡ଼ିକୁ କେବଳ ଗୁଣି ଲାଗିଲା ମନେ ମନେ ।

କିଛି ସମୟ ପରେ ଶଇକଆଙ୍କର ପାଦ ଶବ୍ଦ ଶୁଣି ପଛ ଦୁଆର ଦେଇ ବାହାରିଗଲା ଅନୁପମା ।

ଶଇକଆଙ୍କ ମୁଖମଣ୍ଡଳରେ ବିପନ୍ନ ଗାମ୍ଭୀର୍ଯ୍ୟ । ଆରତୀକୁ ସେ ଭୂୟାଁଙ୍କ ଘରେ ରଖି ଆସିଛନ୍ତି । ସଦ୍ୟୋଜାତ ଶିଶୁ ପୁଅଟିର ଅବସ୍ଥା ସାଙ୍ଘାତିକ । ଡାକ୍ତରଙ୍କୁ ଡକାଯାଇଛି । ଭୂୟାଁଣୀ ନିଜେ ସେକା-ଘଷା କରୁଛନ୍ତି । ସନ୍ନିପାତ ପ୍ରାୟ । ଝିଙ୍କୀ ସେଇଠି ଅଛି ପୁଅକୁ ଦେଖିବ ବୋଲି । ପୋଲିସ ଏବେବି ଯାଇନାହାନ୍ତି ସେଠୁ । ରୂପନାରାୟଣ ଏ ସହରରେ ଅଛି ବୋଲି ଟେର ପାଇଛନ୍ତି ସେମାନେ । ସହରରୁ ବାହାରିଥିବା ସବୁ ରାସ୍ତାଘାଟରେ ପୋଲିସ୍ ପହରା ମୁତୟନ । ରୂପନାରାୟଣ ଯେ ଏଠି ଥିବ ଏକଥା ବି ସେମାନଙ୍କ ଅନୁମାନର ଅନ୍ତର୍ଭୁକ୍ତ ଆଇପାରେ । ଏଣୁ ବିପଦଟା କିଛି କମ୍ ନୁହେଁ ।

ରୂପନାରାୟଣର ଖୁବ୍ ନିକଟକୁ ଆସି ବସିଲେ ଶଇକଆ । କହିଲେ—"ଚଞ୍ଚଳ ଚାହା ଶେଷକର । ମୁଁ ତୁମକୁ ସାଥିରେ ନେଇଯିବି ।" ପୁଣି ସଙ୍ଗେ ସଙ୍ଗେ ଦୀର୍ଘନିଃଶ୍ୱାସ ଛାଡ଼ି କହିଲେ—"ତୁମ ପ୍ରତି ମୋର ସ୍ନେହ, ମମତା, ସହାନୁଭୂତି ସବୁ କିଛି ଅଛି । କିନ୍ତୁ,

ମନରେ ପାଣ୍ଠୁଥିବା ସବୁ ଆଶା ପୂରଣ ହୁଏନା । ବିଧାତାର ବିଧାନ ତ ଅଲଗା । ଭଲକଲ, ଆରତିକୁ ଆଶୀର୍ବାଦ କଲ । ସେ ଏବେ ଆନନ୍ଦ ମନରେ ବାହାର ଯାଇପାରିବ । ଘଟଣାକୁ ଘଟଣା ବୋଲି ଉପଲବ୍ଧି କରିପାରନ୍ତି ନାହିଁ ସମସ୍ତେ । ତୁମେ କିନ୍ତୁ ପାରିବ—ସେ ବିଶ୍ୱାସ ମୋର ଦୃଢ଼ ।"

ରୂପନାରାୟଣ ଆରତି ବିଷୟରେ କିଛି ହେଲେ କହିଲନାହିଁ । ସେ କେବଳ ପଚାରିଲ—"ଲୋକଗୁଡ଼ାକୁ ଜାମିନରେ ଆଣିବାକୁ ବ୍ୟବସ୍ଥା କଲେ ନା ?"

ହସି ହସି ଶଇକିଆ କହିଲେ—"ଯେତିକ ପାରୁଛୁ, କରୁଛୁ; କିନ୍ତୁ 'ଆଇନ୍'ର କାଳ ପୂରିଆସିଲଣି । ସମସ୍ତଙ୍କୁ ଜାମିନରେ ଛାଡ଼ୁନାହାନ୍ତି । ଅପରାଧ ଯାହାର ଗୁରୁତର ନୁହେଁ, ତାକୁ ହିଁ କେବଳ ଜାମିନ ମିଳିବ ।"—ଶଇକିଆ ପୁଣି ଟିକିଏ ରୂପନାରାୟଣର ମୁହଁକୁ ଚାହିଁ ହସିପକେଇ କହିଲେ—"ଏସବୁ କଥା ଛାଡ଼ । ଯୁଦ୍ଧ ଚାଲିଛି; ଯେହେତୁ ସାଧାରଣ ସମୟର ଆଇନ ବ୍ୟବସ୍ଥା ଚଳୁନାହିଁ । ତୁମମାନଙ୍କର କେଶ୍ କଥା ଭୂର୍ୟ୍ୟା ମଧ୍ୟ ଲେଖିଛନ୍ତି ଜେଲ୍‌ରୁ । ଟିକୌଠୁ ମୁଁ ସବୁ ଶୁଣିଲି । ଦେଖୁଛୁ, କଣ ମୁଁ କରିପାରିବି । କାଲିକି ଜେଲରେ ପ୍ୟାରେଡ଼୍ ହବାକଥା ଅଛି । ସତ୍ୟ ପ୍ରମାଣ କରିବା ଖୁବ୍ କଷ୍ଟ । କଣେ ଗାରେ ହିଅକୁ ନେଇଆସିଛି ଶଇକିଆ ଦାରୋଗା । ସେ ଝିଅଟା କେମିତିକା ?"

ରୂପନାରାୟଣ କହିଲ—"ସେ ବାବଦରେ ଖବରବାର କିଛି ନାହିଁ । ସେ ଠିକ୍ ଅଛି ।"

—"ମୁଁ ଆଉ କେତେଜଣ ଓକିଲଙ୍କୁ ସାଥିରେ ନେଉଛୁ ।"

ସିଗାରେଟ ଖଣ୍ଡେ ଲଗେଇଲେ ଶଇକିଆ । ତା'ପରେ ପୁଣି କହିଲେ—"ମୁଁ ପାରୁପର୍ଯ୍ୟନ୍ତ ଚେଷ୍ଟା ଚଳେଇଛି । ତୁମେ ନିଶ୍ଚିନ୍ତ ହେଇପାର । ...ହଁ, ତୁମେ ଯିବ କୋଉଠିକି ?"

ରୂପନାରାୟଣ କହିଲ—"କାଲିଆବର ପଟକୁ ଚାଲିଯିବାକୁ ଇଚ୍ଛା । ସେପଟେ ଲୁଚି ରହିବାକୁ ସୁବିଧା ହେବ ।"

ଶଇକିଆ କହିଲେ—"ପ୍ରସ୍ତୁତ ହୁଅ ତେବେ । ଟିକିଏ ବିଶ୍ରାମ ନେଇପାର । ପାହାନ୍ତା ପହରକୁ ମୁଁ ବାହାରିବି । ଗାଡ଼ିରେ ତୁମକୁ ନେଇଯିବି । ଟିକୌ ଯିବ ନା ରହିବ ?"

— 'ସେ ଆଉ । କାଲିର ପ୍ୟାରେଡ଼୍ ଖବର ସେ ନେଇଯିବ ।"

—"ଅଚ୍ଛା ।"

ଟିକିଏ ରହି ଶଇକିଆ ପୁଣି କହିଲେ—"ଆମ ପୁରୋହିତ ବଡ଼ଠାକୁରଙ୍କୁ ବି ଧରି ଆଣିଛନ୍ତି । ତେଣୁ ଏ ବାହାଘର କରିବାକୁ ସେ ଆସିପାରିବେ ନାହିଁ । ଆଉ ଜଣେ ବ୍ରାହ୍ମଣଙ୍କୁ ଖୋଜିବାକୁ ହେବ ।"

ଏଇ କଥା ଶୁଣି ହୋ-ହୋ ହୋଇ ହସିଉଠିଲ ରୂପନାରାୟଣ । ...ଆରତିର ବାହାଘରଟା ଗୋଟେ ଖେଳଘର—ଏକ ତାମସା । ଏ ସବୁ ମନ୍ତ୍ର, ପୁରୋହିତ, ଯୌତୁକ ସହିତ ମନ-ବାହାଘରର କିଛି ସମ୍ପର୍କ ନାହିଁ । ଏସବୁ ଗୋଟେ ଗୋଟେ ଚିରସ୍ଥାୟୀ-ବନ୍ଦୋବସ୍ତ ମାତ୍ର । ଏଥିରେ ପବିତ୍ରତା ବୋଲି କିଛି ନାହିଁ ।

ରୂପନାରାୟଣ ହୋ-ହୋ ହୋଇ ହସିବା ଦେଖି ଶଇକଆ • ପଚାରିଲେ—"ହସିଲ ଯେ··· ?"

ତଳକୁ ମୁହଁକରି ରହିଲା ରୂପନାରାୟଣ । ଶଇକଆ ପୁଣି କିଛି ପ୍ରଶ୍ନ ପଚାରିବାକୁ ଉଦ୍ୟତ ହେଉଥିଲେ; ମାତ୍ର ଏତିକିବେଳେ ଅନୁପମା ପଛଉଠି ଧଇଁସଇଁ ହୋଇ ସେଠି ଆସି ପହଞ୍ଚି କହିଲା—"ସର୍ବନାଶ ! ପୋଲିସ୍ ଆସି ଘରଟାକୁ ଘେରାଉକରିଦେଲେଣି । ଏବେ କଣ କରାଯିବ ? ଏଙ୍କୁ କେମିତି ଏଠୁ ବାହାର କରି ନେଇହେବ ?"

ବଡ଼ ବିବ୍ରତ ହୋଇ ରୂପନାରାୟଣ ଆଡ଼କୁ ଅନେଇ ରହିଲେ ଶଇକଆ । ବାଡ଼ିପଟ କବାଟଟାକୁ ଶୀଘ୍ର ବନ୍ଦ କରିଦେଲା ଅନୁପମା ।

ରୂପନାରାୟଣ କହିଲା—"ଗୋଟିଏ ମାତ୍ର ଉପାୟ ଅଛି ।"

—"କଣ ?" ବୋଲି ପଚାରିଲେ ଶଇକଆ ।

—"ଏ ପୋଷାକ ବଦଳେଇ, ମିଶ ଦାଢ଼ି କାଟି ସ୍ତ୍ରୀ ବେଶ ଧରିବାକୁ ପଡ଼ିବ ମୋତେ ଏବଂ ମୋତେ ଆପଣ ଗାଡ଼ିରେ ନେଇଯିବାକୁ ପଡ଼ିବ ।"

କଥାଟିକ କହି ରୂପନାରାୟଣ ତତ୍‌କ୍ଷଣାତ୍ ଆଇନା ସାମନାକୁ ଯାଇ ଦାଢି କାଟିବା ଆରମ୍ଭ କରିଦେଲା । ଦାଢ଼ି କାଟୁ କାଟୁ ସେ ଅନୁପମାକୁ କହିଲା—"ଶୀଘ୍ର ହେଲେ ମେଖେଳା ଚାଦର ଆଣିଦିଅ ମୋ ପାଇଁ ।"

ଅନୁପମା ମୁହୂର୍ତ୍ତେ ସମୟ ନଷ୍ଟ ନକରି ବାହାରିଗଲା ସେଠୁ । ଶଇକଆ ସେଇଠି ଠିଆ-ହୋଇ ରହିଲେ ।

ବେଶ୍ ଯତ୍ନରେ ଦାଢ଼ି ଖିଅର ହେଲା ରୂପନାରାୟଣ । ପ୍ରାୟ ଚାରି ମିନଟ୍ ଭିତରେ ଦାଢ଼ିକଟା ଶେଷକରି ପାଖ ଟେବୁଲ୍ ଡ୍ରୟର୍‌ରୁ ସିନ୍ଦୂର ଡବାଟି ଖୋଜିଲା । ଅଧମିନଟ୍ ଭିତରେ ପାଇଗଲା ସିନ୍ଦୂର ଡବାଟି । କପାଳରେ ତଥା ସୂନ୍ଥାରେ ସେ ଟିପାଏ ଲେଖା ସିନ୍ଦୂର ପିନ୍ଧିନେଲା । ତାପରେ କହିଲା—"ଅନୁପମା କାହାନ୍ତି ? ଏତେ ଡେରି ! ଆପଣ ଟିକିଏ ଯାଇ ଦେଖନ୍ତୁ ତ ତାଙ୍କୁ ।"

ହଠାତ୍ ଶଇକଆ କହିଲେ—"ବିଛଣା ଉପରେ ଯୋଉ ଯୋଡ଼ାଟା ପଡ଼ିଛି, ଦେଖିଲ ! ଶହା, ମେଖେଳା ଦ'ଟା ନୂଆ ପରିକା ଲଗୁଚ ।"

ଶଇକଆ ବାହାରିଗଲେ ସେଇଠୁ । ରୂପନାରାୟଣ ତରବରରେ ନିଜର ପିନ୍ଧିଥିବା ସୁଟ୍‌କୁ ଓହ୍ଲାଇଦେଇ ବିଛଣା ଉପରେ ପଡ଼ିଥିବା ମେଖେଳା ଓ ଚାଦରକୁ ପିନ୍ଧିନେଲା । ତା'ପରେ ଠିଆହେଲା ଯାଇ ଆଇନା ସାମନାରେ । ନିରେଖି ନିରେଖି ଚାହିଁଲା ନିଜ ପ୍ରତିବିମ୍ବକୁ । ମନ୍ଦ ନୁହେଁ; କିନ୍ତୁ ଗୋଟେ ବ୍ଲାଉଜ୍ ଓ ଆଉ ଖଣ୍ଡେ ଚାଦର ହୋଇଥିଲେ ନିଶ୍ଚିନ୍ତ ହୋଇଥାନ୍ତା ସେ । ତାର ପାଲଟା ସୁଟ୍‌କୁ ବିଛଣା ଉପରେ ପକେଇଦେଲା । ଜୋତା ମୋଜା ଖୋଲି ପାଦକୁ ଖାଲିକଲା ।

ପୁଣି ପଶିଆସିଲେ ଶଇକଆ । ରୂପନାରାୟଣକୁ ଚାହିଁ କହିଲେ—"ଅନୁପମା ଆସୁଚ ।" ଶଇକଆଙ୍କ ମୁହଁରୁ ଜଣାଯାଏ ସେ ବଡ଼ ଚିନ୍ତିତ ।

ଟିକିଏ ପରେ ଅନୁପମା ଆସି ପହଞ୍ଚିଗଲା । କହିଲା—"ଆରେ, ତୁମେ ତ ଦେଖୁଚ ବେଶ ହେଇସାରିଲଣି । ମୋର ଟିକିଏ ଡେରି ହେଇଗଲା । ଚାରିଆଡ଼େ ପୋଲିସ୍ ପହରା । ଜିନିଷଗୁଡ଼ା କଢ଼େଇବାରେ ଟିକିଏ ସାବଧାନ ହେବାକୁ ପଡ଼ିଲା । ଏବେ ବୋଧେ ସେଣ୍ଡାଲ୍, ବ୍ଲାଉଜ ଓ ଚାଦର ଖଣ୍ଡେ ହେଲେ ଚଳିଯିବ ?…ବେଶ୍ ବଢ଼ିଆ ମାନୁଚ କିନ୍ତୁ…"—କହୁ କହୁ ମୁହଁରେ ଅନୁପମାର ଚାପା ହସ ଖେଳିଗଲା । ପୁଣି କହିଲା—"ମୁଁ ଗୋଟେ ନାଁ ଦେବି ବୋଲି ଭାବୁଚି !"

"କି ନାଁ ?"

"ପଟେଶ୍ଵରୀ !"

ଏତେ ବିପଦରେ ଥାଇ ବି ଢନହେଁଯାକ ହସିଉଠିଲେ । ରୂପନାରାୟଣର ମନେହେଲା ସତେକି ସେ ଜଣେ ବହୁରୂପୀ । ଥରେ ଗୌହାଟୀଠାରେ ଗୋଟେ 'ଫେନସୀ' ଫୁଟବଲ ମ୍ୟାଚ୍ ଖେଳ ହେଉଥିଲା । ସେଥିରେ ସହରର ଜଣେ ମାନ୍ୟଗଣ୍ୟ ଖେଳାଳି ଏକ ଭଦ୍ରମହିଳା ବେଶ ଧରିଥିଲେ । ତାଙ୍କ ନାଁ ଦିଆହୋଇଥିଲା 'ମିସେସ୍ ପଟେଶ୍ଵରୀ' । ମିସେସ୍ ପଟେଶ୍ଵରୀ ସେଣ୍ଟର ଫରଓ୍ଵାର୍ଡ଼ ଭାବରେ ଖେଳୁଥିଲେ । ବ୍ୟାକ୍ ଗୋଟେ ବଲ ପାସ୍ ଦେଉ ଦେଉ ତାହା ମିସେସ୍ ପଟେଶ୍ଵରୀଙ୍କ ଦେହରେ ବାଜିଲା—ସେ ଧଡ଼ମୁସ୍ ହେଇ ପଡ଼ିଲେ । ଫଳରେ ତାଙ୍କର ମାଗିଅଣା କେଶଗୁଚ୍ଛ ଖୋସିକିନା ଖସିଗଲା…ସେଇଠୁ ମଜା ଦେଖେ କିଏ …ସମସ୍ତେ ତାଳିମାରି, ହୁଇସିଲ ମାରି, ଅଟ୍ଟ ପରିହାସ କରି ଖେଳପଡ଼ିଆ କମ୍ପେଇଲେ …ଆଜି ଏଇ ପଟେଶ୍ଵରୀ ଓରଫ୍ ରୂପନାରାୟଣର ସେଇ ଦଶା ନହେଲେ ହେଲା… । …ତାଙ୍କ ଗାଁରେ ପଟେଶ୍ଵରୀ ବୋଲି ଜଣେ ସାର୍ବଜନୀନ-ଅପା ଥିଲେ । କଥାବାର୍ତ୍ତାରେ ସାକ୍ଷାତ୍ ଜଣେ ପୁରୁଷ; କିନ୍ତୁ ଅପାଙ୍କର ପ୍ରଧାନ କାମ ଥିଲା ପ୍ରଜାପତି-ଘଟସୂଣ-ବ୍ୟବସାୟ । ସତମିଛକରି ପ୍ରାୟ ଚାଳିଶଟି ଘଟସୂଣ କରି ବାହାଘର କରେଇଥିଲେ ।… ସେଇ ପଟେଶ୍ଵରୀ ଅପା ଅନୁପମା ବାହାଘରର ଘଟସୂଣ କରିଥିଲେ—ବାହାଘର ଦିନ ବେଦୀସାମନାରେ କମ୍ ରଙ୍ଗରେ ନାଚିନଥିଲେ ବୁଢ଼ୀ—ଆଉ କହୁଥିଲେ, ରୂପରେ ଗୁଣରେ ଏମିତି ଯୋଡ଼ି କ୍ଵଚିତ୍ ମିଳନ୍ତି… ।

ରୂପନାରାୟଣର ମନରେ ହାଲୁକା ହାସ୍ୟରସ ଉଦ୍ରେକ ହେଲା । ସ୍ତ୍ରୀ-ବେଶରେ ଥିଏଟର କରିବା ଅଭ୍ୟାସ ତାର ଅଛି । ଥରେ ଅମଲାପଡ଼ା ଷ୍ଟେଜରେ 'କୁଜ-ବୁଢ଼ୀ' ପାର୍ଟକରି ଉଚ୍ଚପ୍ରଶଂସିତ ହୋଇଥିଲା ସେ । ଆଜି ବି ତାର ଏ ଅଭିନୟ ସଫଳ ହେଉ—ମନେ ମନେ ଏଇ କାମନା କରିନେଲା ସେ ।

କେତେବେଳେ କେମିତି କାବ୍ୟ ଅବା ନାଟକରେ ସ୍ତ୍ରୀ-ଭୂମିକାରେ ଅବତୀର୍ଣ୍ଣ ହେବାକୁ ପଡ଼ିଥାଏ ପୁରୁଷକୁ । 'ହରମୋହନ' କାବ୍ୟରେ ବିଷ୍ଣୁ ମୋହିନୀ ରୂପରେ ହରଙ୍କୁ ମୋହଗ୍ରସ୍ତ କରିଥିବା କଥା ମନେପଡ଼ିଲା ରୂପନାରାୟଣର; କିନ୍ତୁ ଆଜି ସେ ଏଇ ବେଶରେ ପୋଲିସଙ୍କ ଆଖିରେ ଧୂଳିଦେବାକୁ ବସିଛି…ଏଇଟା ଏକ ଜୈବିକ ପ୍ରୟୋଜନ ।

ଆର୍ସିରେ ନିଜର ପ୍ରତିବିମ୍ବକୁ ଦେଖି ସେ ମନେ ମନେ ନିଜକୁ ସାକ୍ଷାତ୍ ଏକ ସ୍ତ୍ରୀ ରୂପରେ

ଦେଖିଲି । ···ଚିହ୍ନି ପାରିଲାନାହିଁ ନିଜକୁ ନିଜେ । ବର୍ତ୍ତମାନର ସ୍ତ୍ରୀ ଭୂମିକା ନିମନ୍ତେ ସେ ବୈସାଦୃଶ୍ୟ ଅନୁଭବ କଲି ।···ଆଉ ସାମନାକୁ ଅନ୍ତର କରିନେଲା ସେ । ମୁହଁ ଘୂରେଇବା ମାତ୍ରେ ଅନୁପମାର ଆଖିରେ ପଡ଼ିଗଲା ତା ଆଖି । ହଠାତ୍ ରୂପନାରାୟଣର ସର୍ବାଙ୍ଗଶରୀର ରୋମାଞ୍ଚିତ ହେଲା । ଆଉରି ଯଦି ତାକୁ ଏପରି ଅବସ୍ଥାରେ ଭେଟିଥାନ୍ତା···କି ଆପଦ ସତେ !!

ରୂପନାରାୟଣ ନୀରବରେ ଅନୁପମା ଆଣିଥିବା ବ୍ଲାଉଜ ଓ ସେଣ୍ଡାଲ୍ ପିନ୍ଧିନେଇ ଚାଦରଟିକୁ ଦେହରେ ପକେଇଦେଲା···ତା' ନହେଲେ ଦେହଟା ଯେ ଦେଖାଯାଉଚି··· ମୁଣ୍ଡରେ ଓଢ଼ଣୀ ଟାଣି ରୂପନାରାୟଣ ହୋଇଗଲା ସାକ୍ଷାତ୍ ପଟେଶ୍ୱରୀ ।

"ଆପଣ ଯାଇ ଗାଡ଼ି ବାହାର କରନ୍ତୁ । ଏକ୍‌ବାରେ ପୋର୍ଟିକୋ ଭିତରକୁ ନେଇ ଆସିବେ ।" ବୋଲି କହିଲା ରୂପନାରାୟଣ ଶଇକିଆଙ୍କୁ ।

ଶଇକିଆ ବାହାରିଗଲେ । ରାତି ପାହିବାକୁ ତଥାପି ବାକି ଅଛି । ରୂପନାରାୟଣ କହିଲା —"ବୈଷ୍ଣବ ଦଳ' ଛଳରେ ସବୁ ସ୍ତ୍ରୀଲୋକଙ୍କୁ ଉଠେଇ ଦିଅନ୍ତୁ—ପୋଲିସ ଲୋକେ ସନ୍ଦେହ କରି ପାରିବେନାହିଁ । ଆଉ ଆପଣମାନଙ୍କ ଭିତରୁ ଦୁଇଜଣ ମୋତେ ନେଇ ଗାଡ଼ିରେ ବସେଇ ଦେଇ ଆସିବେ ।"

ଅନୁପମା କହିଲା—"ଉଠିବାକୁ ଆଉ କେହି ବାକି ନାହାନ୍ତି । ଏବେ ତୁମ ସାଥିରେ ଜଣେ ସ୍ତ୍ରୀଲୋକ ଗଲେ ଭଲ ହେବ । ମୁଁ ଭାବୁଚି ଶଇକିଆଣୀ ଯାଆନ୍ତୁ ।"

—"ହଁ, ବେଶ୍ ଭଲ ହେବ ।" ବୋଲି କହିଲା ରୂପନାରାୟଣ ।

ଗାମୁଛା ଖଣ୍ଡେ ଖୋଜିଲା ରୂପନାରାୟଣ । ଆଲନାରୁ ଗାମୁଛା ଖଣ୍ଡେ ଆଣି ପକେଟରୁ ପିସ୍ତଲଟି ବାହାରକରି ଭଲଭାବରେ ଗୁଡ଼ାଆଗୁଡ଼ି କରି ବାନ୍ଧିଦେଲା । ତା'ପରେ ଅନୁପମାକୁ ପଚାରିଲା—"କଥାଟା ଶଇକିଆଙ୍କୁ କହିଲ ନା ?"

ଅନୁପମା କହିଲା—"ନା, କହିନାହିଁ; କିନ୍ତୁ ବୁଢ଼ୀ କାଲି ଯାହା ପିନ୍ଧିଥିଲେ ସେଇ ପିନ୍ଧାରେ ଅଛନ୍ତି । ଦେହରେ ଚାଦରଖଣ୍ଡେ ପକେଇଲେ ବାହାରିପଡ଼ିବେ । ମୁଁ ଆଗରେ ଯାଉଚି—ତୁମେ ଏଇଠି ରହ ।"

ଆଖି ପୋଡ଼ୁଥିଲା ରୂପନାରାୟଣର । ବେଶ ବଦଳେଇ ବଦଳେଇ ଘୂରି ଘୂରି ବୁଲି ବୁଲି ନସ୍ତାନ୍ତ ହେଲାଣି ସେ—ଦଉଡ଼ ବିରକ୍ତ ବି ଲାଗିଲାଣି ତାକୁ ।···ଉପାୟ ନାହିଁ କିନ୍ତୁ । ଏହାହିଁ ଜୀବନ—ମାନେ, ଅସଲ ଜୀବନ । କୋଠରୀଟିର ଚାରିଆଡ଼କୁ ଥରେ ଆଖି ବୁଲେଇ ଆଣୁ ଆଣୁ ସେ ଦେଖିଲା ଯେ ପଲଙ୍କ ତଳେ ଗୋଟେ ରଙ୍ଗରଙ୍ଗିଆ ସିଲ୍‌କ ରୁମାଲ ପଡ଼ିଛି । ଫୁଲଟାଏ ବି ଅଙ୍କା ହୋଇଚି । ସନ୍ତର୍ପଣରେ ରୁମାଲଟିକୁ ଗୋଟେଇ ଆଣିଲା ସେ । ରୁମାଲର ଭୁରୁଭୁରୁ ଏସେନ୍‌ସ ଗନ୍ଧକୁ ବଡ଼ ଆଗ୍ରହ ସହକାରେ ଆଘ୍ରାଣ କରୁ କରୁ ସତେକି ନିଜ ଭିତରୁ ମିଳିଗଲା ପ୍ରତ୍ୟୟର ଗନ୍ଧ । ସେ ବେଶ୍ ବୁଝିପାରିଲା ଯେ ଆଉରି ଜାଣିଶୁଣି ରୁମାଲ୍ ଖଣ୍ଡିକ ସେଠି ପକେଇଦେଇ ଯାଇଛି । ସେଇ ଗନ୍ଧରେ ଅଛି ପ୍ରେମର ଆଶ୍ୱାସ । ଏଇଆ ମନେ ହଉହଉ ସେ ଅନୁଭବ କଲା ଯେ ତାର ଦୁର୍ଯୋଗର ସମସ୍ତ କଷ୍ଟ କେଉଁଆଡ଼େ ଉଡ଼ିଗଲାଣି । ସେ

ପୁଣି ଅନୁଭବ କଲା ସେଇ ରୁମାଲ୍ ଖଣ୍ଡିକ ଅନନ୍ତ ପ୍ରେମର ଡେଣା ।...ସେ ଉଡ଼ି ଉଡ଼ି ଚାଲିଯିବ ସେଇ ଅନନ୍ତ ପ୍ରେମର ରାଜ୍ୟକୁ ।...ସେଇଠି ତାକୁ ପାଇବ...ପାଇବ... ପାଇବ... ।

ଧେତ୍...କଣ ସେ ଭାବୁଚି ସେ ! ଏଇଟା କଣ ସତରେ ଜନ୍ମାନ୍ତରବାଦର ସୂଚନା !... ଭୁଲ୍...ଭୁଲ୍...ସେଭଳି କିଛି ନାହିଁ ଏ ସୃଷ୍ଟିରେ; କିନ୍ତୁ ଯାହା ବି ହେଉ, ସେଇ ପ୍ରତ୍ୟୟର ଗନ୍ଧଟିକକ ଉଛୁଳା ଢେଉରେ ପରିଣତ ହୋଇ ସାଗର ଲଙ୍ଘିବାକୁ ବସିଲାଣି ।

ହଠାତ୍ ପଶିଆସିଲା ଅନୁପମା । ହସି ହସି କହିଲା—"ଚାଲ ପଟେଶ୍ୱରୀ ! ପୋଲିସ ଅଫିସର ଜଣଙ୍କ ମୋର ଚିହ୍ନା । ଶିଲଂର ଲୋକ । ତେଣୁ ମୁଁ ଯାଇ ଗାଡ଼ିରେ ଉଠେଇ ଦେଇ ଆସିବି । ସେ ଆଦୌ ସନ୍ଦେହ କରିବେନି । କି ଭାଗ୍ୟ ସତେ !"

ରୂପନାରାୟଣ କହିଲା—"ତେବେ ଶଇକିଆଣୀ ନଗଲେ ଚଳିବ ?"

—"ହଁ ଚଳିବ ।"

—"ମୁଁ ବି ସେଇଆ ଭାବୁଥିଲି । ଝିଅର ମା' ଯେତେବେଳେ, ସେ ବା ଯିବେ କେମିତି ?"

ଦୁହେଁ କଥା ହୋଇ ହୋଇ ପୋର୍ଟିକୋ ଆଡ଼କୁ ଗଲେ ।

କିଛି ସମୟ ପରେ ଶୁଣାଗଲା ଗାଡ଼ି ଷ୍ଟାର୍ଟ ହେବାର ଶବ୍ଦ, ତା'ପରେ ସବୁ କିଛି ନୀରବ । ପୋଲିସ ଲୋକେ ସେଯାଏଁ ଘରକୁ ଘେରାଉ କରି ରଖିଛନ୍ତି । କିଛି ସମୟ ପରେ ଅନୁପମା ଫେରିଆସିଲା ଘରକୁ । ଶେଷହେଲା ଅଭିନୟ ।

କିଛି କ୍ଷଣ ପରେ ଆରମ୍ଭହେଲା ଦୈତ୍ୟନ୍ପର୍ବ । ଅନୁପମା ବଡ଼ ଅସ୍ୱସ୍ଥ୍ୟ ବୋଧକଲା । ବାହାଘର ପର୍ବ ଭିତରେ ସେ ଆଉ କ୍ଷଣେ ବି ରହିପାରିଲା ନାହିଁ ।

ଘଡ଼ିଏ ପାଇଁ ହେଲେ ବି ତା ମନଟାକୁ ସଜୀବ କରି ରଖିଥିଲା ରୂପନାରାୟଣ । ସୁନେଲି ଶୈଶବର ନିଷ୍ପାପ ପ୍ରୀତି ହିଁ ତାକୁ ବିଧବା କରିପକେଇଥିବା ସ୍ୱପ୍ନକୁ ଉଜ୍ଜ୍ୱଳ ଧ୍ରୁବତାରା ଦୃଷ୍ଟିରେ ଚାହିଁବାକୁ ପ୍ରେରଣା ଦେଇଥିଲା ।...କିନ୍ତୁ ରୂପନାରାୟଣ ଚାଲିଯିବା ପରେ ତାର ମନେହେଲା ସେ ସ୍ୱପ୍ନ ଏକ ସ୍ୱାମୀ-ଘାତୀ-ସ୍ୱପ୍ନ । ଅନନ୍ତର ମୁହଁଟା ତା ଆଖିଆଗରେ ଝଲସି ଉଠିଲା । ସଙ୍ଗେ ସଙ୍ଗେ ଦେଖାଗଲା ହୁ-ହୁ ଜଳୁଥିବା କୁଢ଼େ ନିଆଁ । ସେଇ ନିଆଁର ଧାସ ତାକୁ ଅସମ୍ଭାଳ କଲା । ସେ ଛଟପିଟି ହୋଇ ପଳେଇଲା ନିଜ ଘରକୁ... ।

□□□

ଷୋହଳ

ଅନୁପମାର ଆଖିପତା ମାଡ଼ି ମାଡ଼ି ପଡ଼ୁଥିଲା ।

ଏତିକିବେଳେ ଗୋସେଇଁଆଣୀ ଆସି କହିଲେ—"ନବୌମ, ତେଣେ ବାହାଘର କଣ ହେଲାଣି ଶୁଣିଲଣି ନା ?"

ଲାଗି ଲାଗି ଆସୁଥିବା ନିଦଟା ଫଟ୍‌କିନା ଭାଙ୍ଗିଗଲା ଅନୁପମାର । ନଣନ୍ଦଙ୍କ ପାଟି ଶୁଣି ସେ ଉଠିବସିଲା । ନଣନ୍ଦଙ୍କ ମୁହଁ ଦେଖି ଦେଖି ସେ ଜାଣିପାରିଲା ତେଣେ କଣ ଗୋଟେ ଅଘଟଣ ଘଟିଲାଣି । ବଡ଼ ବିବ୍ରତ ହୋଇ ସେ ପଚାରିଲା—"ଏଁ, କଣ ହୋଇଚି··· ?"

—"ରୂପନାରାୟଣଙ୍କୁ ଧରିନପାରି ଠାକୁରଆ ଦାରୋଗା ପୁରୁଣା ଗୋଦାମ ଘରୁ ଠାକୁରଆ ଓକିଲଙ୍କୁ ଧରିନେଇଚି । ଠାକୁରଆଙ୍କ ଘର ହୁଲସ୍ଥୂଲ ପଡ଼ିଗଲାଣି । ତୁମେ ଆସିବା ପରେ ପରେ ଠାକୁରଆଙ୍କ ଗୋଟାକଯାକ ଘର ଖାନ୍‌ତଲାସି—ହିଁଥର ଶୋଇବା ଘର ବି ବାଦ୍‌ଯାଇନାହିଁ ।"

ଅନୁପମା କିଛି କହିଲାନାହିଁ । ରୂପନାରାୟଣ ଯେ ପଳେଇଯାଇପାରିଲା, ତାହା ଜାଣି ମନେ ମନେ ଖୁସି ହେଲା ସେ । ଓକିଲଙ୍କ ଗ୍ରେପ୍ତାରୀ ସମ୍ବାଦ ତାକୁ ସେପରି କିଛି ବିଚଳିତ କଲାନାହିଁ । ଗ୍ରେପ୍ତାରୀ, ମାଡ଼—ଏସବୁ ତ ବର୍ତ୍ତମାନର ନିତିଦିନିଆ ଘଟଣା । ବରଂ ସେପରି ଘଟଣା ନ ଘଟିଲେ ତାକୁ ଖରାପ ଲାଗେ ।

ତଥାପି ଅନୁପମା ପଚାରିଲା—"ତାଙ୍କ ଘର ଅବସ୍ଥା କେମିତି ?"

"ଠାକୁରଆଣୀ ଡ. ସି. ଙ୍କ ପାଖକୁ ଯାଇଛନ୍ତି ।"

—"ତାହାହେଲେ କିଛି ଗୋଟେ ହେବ ନିଶ୍ଚୟ । ଡ. ସି. ଜଣକ ଠାକୁରଆଣୀଙ୍କ ବାପାଙ୍କର ଖୁବ୍ ଜଣାଶୁଣା ।" —କହୁ କହୁ ବିଛଣାରୁ ଓହ୍ଲେଇ ଆସିଲା ଅନୁପମା । ବ୍ରସ ଓ ଟୁଥପେଷ୍ଟ ଧରୁ ଧରୁ ନଣନ୍ଦଙ୍କୁ ପଚାରିଲା—"ତୁମେ ଦାନ୍ତ ଘଷିଲଣି ?"

ଗୋସେଇଁଆଣୀଙ୍କ ମୁହଁରେ ସତେକି ଏକ ବିଷାଦର କାଳିମା । ଆଖି ଯୋଡ଼ିକ ତାଙ୍କର ଅସ୍ଥିର ହେବାକୁ ଲାଗିଲା ।

ଅନୁପମା ଗୋସେଇଁଆଣୀଙ୍କ ମୁହଁକୁ ନିରୀକ୍ଷଣ କରି ହସିଲା ଓ ପଚାରିଲା—"ପୁଣି କେହି ପଳାତକ ଆସିଛି ନା କ'ଣ ?"

—"ହଁ ।"

—"କିଏ ?"

—"ଟିକୌ । ଭୂୟାଁଣୀ ତାକୁ ଆଣି ଏଇଠି ଗୁଣ୍ଡେଇଦେଇ ଗଲେ । କଣ ଯେ ମୁଁ କରିବି ଭାବିପାରୁନି । ତୁମ ଆଦେଶର ଅପେକ୍ଷାରେ ଅଛି ।"

—"ସେ ଏଠି କେତେ ସମୟ ରହିବ ?"

—"ମୁଁ କହିପାରିବିନି ।"

—"ଡାକିଦିଅ ତାକୁ ଏଠିକି ।"

ଗୋସେଇଁଆଣୀ ଯାଇ ଟିକୌକୁ ନେଇ ଆସିଲେ । ଅନୁପମାର ଆଖି ଆଗରେ ଝଲସିଉଠିଲା ତା ସ୍ୱାମୀଙ୍କ ହତ୍ୟାର ଦୃଶ୍ୟ । ସେ ଟିକୌକୁ ଲକ୍ଷ୍ୟକରି ପଚାରିଲା—"ତୁମେ ଏଠି କେତେବେଳଯାଏଁ ରହିବ ?"

"ଦି'ପହରକୁ ଚାଲିଯିବି ।"

—"ଚାଲିଯାଇପାରିବ ତ ?"

—"ହଁ, ପାରିବି ।"

—"ତେବେ ରୁହ ।"

ଅନୁପମା ଚାଲିଗଲା ଦାନ୍ତ ଘଷିବାକୁ ।

ଟିକୌ କହିଲା—"ବେଶ୍ ବୁଦ୍ଧିବା ମଣିଷ ତ ! ଆପଣ ଶୁଣିଲେଣି ନା, ପୁଅଟା ମରିଗଲା—ମା'ଟା କିନ୍ତୁ ବଞ୍ଚିଯାଇଛି ।"

କିଛି ନକହି ଚୁପ୍ ରହିଲେ ଗୋସେଇଁଆଣୀ ।···ସହାନୁଭୂତି ଦେଖାଇବାଟା ବି ଆଜିକାଲି ପ୍ରୟୋଜନର ବାହାରକୁ ଚାଲିଗଲାଣି । କିଛି ସମୟ ନୀରବତା ପରେ ସେ ପଚାରିଲେ—"ତାଙ୍କ ଦେହ ଭଲଅଛି ତ ?"

—"ମନ୍ଦବୋଲି କହିହବନି । ସେମିତି ଭଲ ବୁହେଁ କିନ୍ତୁ ।"

ଗୋସେଇଁଆଣୀ ଦେଖିଲେ, ଟିକୌ ମୁହଁରେ ଦାଢ଼ି ପାଚ ପାଚ ଆସୁଛି । ଚନ୍ଦ୍ରାକ୍ଳିଷ୍ଟ ମୁହଁ । ତଥାପି ସେ ପଚାରିଲେ ଟିକୌକୁ—"ସୁବିଚ ମିଳିବ ନା ?"

ଟିକୌ ବଡ଼ଟାଏ ବାହାରକରି ନିଆଁ ଧରଉ ଧରଉ କହିଲା—"ମିଳିବ ।"

ସ୍ଥିର ନିଶ୍ଚଳ ଭାବେ ଗୋସେଇଁଆଣୀ ଚାହିଁରହିଲେ ଟିକୌର ମୁହଁକୁ । ସେଇ କେତେପଦ କଥାରୁ ହିଁ ମଣିଷଟିକୁ ବେଶ୍ ଜାଣିହେଉଛି ।···ଖୁବ ଭଲଲାଗିଲା ତାଙ୍କୁ । ସେ କହିଲେ—"ଆପଣ ଖିଆପିଆ କରନ୍ତୁ—ତା'ପରେ ଫେରିଯିବାର ଯୋଗାଡ଼ କରନ୍ତୁ ।"

ଇତିମଧ୍ୟରେ ଅନୁପମା ଯାଇ ଆରଘର ଘରଆଡ଼େ ବୁଲି ଆସିଲାଣି । ପୋଲିସ୍ ଏଯାଏଁ ଗ୍ରେଫ୍ତାର କରିନାହାନ୍ତି ଶରିକଆ ଓକିଲଙ୍କୁ । ଆଜି ଭିତରେ ବି ଗ୍ରେଫ୍ ଛନ୍ଦ ନା ନାହିଁ କହିହଉନି । କନ୍ୟାଦାନ ପାଇଁ ଜଣେ କର୍ତ୍ତା ଲୋଡ଼ାପଡ଼ିଚନ୍ତି । ଶରିକଆଣୀଙ୍କ ମନ ଖୁବ ଖରାପ । ହେଲେ କିନ୍ତୁ ଅସୀମ ଧୈର୍ଯ୍ୟ ତାଙ୍କର ।···ଆରଘ ମନରେ ଏତେ ଉଦ୍‌ବେଗ ନାହିଁ । ବାହାହବାକୁ ପଡ଼ିବ ବୋଲି ସେ ବାହାହେଉଛି—ବାପା-ମା'ଙ୍କର ଅବାଧ୍ୟ ହେବାକୁ ସାଧ୍ୟ ନାହିଁ ତାର ।

ଆରଘରରୁ ଫେରି ସଜବାଜ ହେଉଥିଲା ଅନୁପମା । ଗୋସେଇଁଆଣୀ ଆସି ପଚାରିଲେ—"କୁଆଡ଼େ ବାହାରିଚ ନା କଣ ନୂଆ'ଉ ?"

—"ହଁ ।"

—"କୋଉଠିକି ?"

—"ଶଇକଅଣୀ ଡାକୁଛନ୍ତି ତାଙ୍କ ସାଥିରେ ଜେଲଖାନାଯାଏଁ ଯିବାକୁ । ଶଇକଆଙ୍କ ସହିତ ଥରେ ଦେଖାକରିବା ଦରକାର ପଡ଼ୁଚି । ବାହାଘରଟାର ପୁରା ଦାୟିତ୍ୱ ତାଙ୍କର ମୁଣ୍ଡରେ ଥିଲା ତ ! ···ସେ ଗିରଫ ହେବା ଜାଣି ପୁରୁଣା ଗୋଦାମର ଗଉଡ଼ମାନେ ମନକୁ ମନ କ୍ଷୀର ଆଣି ପହଞ୍ଚାଇଦେଇଚନ୍ତି, ନହେଲେ ବଡ଼ ବିପଦ ପଡ଼ିଥାନ୍ତା । ସେଇ ଗଉଡ଼ଙ୍କଠୁ ଶୁଣିଲି ଯେ ପୋଲିସ ସେମାନଙ୍କ ଗାଁଟାକୁ ଘେରାଉ କରି ରଖିଚନ୍ତି । ଆଜି ରୂପନାରାୟଣ ପଳେଇଯାଇପାରିବା ଆଶା ଖୁବ୍ କମ୍ ।"

ଯୋସେଇଁଆଣୀ ଦୀର୍ଘ ନିଃଶ୍ୱାସ ଛାଡ଼ି କହିଲେ—"ନଜାଣିଥିବା ଲୋକ ବି ଜାଣିଚନ୍ତି । ଲୋକଗୁଡ଼ା ଯାଇ ଯାଇ ଜାଗା ଜନଶୂନ୍ୟ ହେଲାଣି । ସେ ପୁଣି ସେଇ ଦଶାରେ ପଡ଼ିବେ-ନାହିଁ ତ ?"

ହଠାତ୍ କିଛି କହିଲା ନାହିଁ ଅନୁପମା । ଟିକିଏ ପରେ ପଚାରିଲା—"ଟିକୋ ଗଲାଣି ?"

—"ବୋଧେ ଯିବଣି ।" ବୋଲି ଉତ୍ତରଦେଲେ ଗୋସେଇଁଆଣୀ । ପୁଣି କହିଲେ—"ଆଜି ଜେଲ୍ ଭିତରେ ପାଣିଖାଇଥିବା କେସ୍‌ର ଆସାମୀମାନଙ୍କୁ ଚିହ୍ନଟ କରିବା ଦିନ ଥିଲା । କଣ ହେଲା କେଜାଣି ? ଖବରଟା ଟିକିଏ ବୁଝିବ ତ ।"

—"ହଉ, ବୁଝିବ ।"

ଅନୁପମାର ପୋଷାକ-ପରିଚ୍ଛଦ ଖୁବ୍ ସାଧାରଣ । ସେ ବାହାରିଯିବା ପରେ ଗୋସେଇଁଆଣୀ ଯାଇ ଟିକୋର ଖବର ନେଲେ; କିନ୍ତୁ କୋଉଠିହେଲେ ତାକୁ ଦେଖିଲେ ନାହିଁ । ସେ ତେବେ ଚାଲିଯାଇଚି !

ଘର ଭିତରକୁ ଫେରି ଠାକୁରଘରେ ପଶିଲେ ଗୋସେଇଁଆଣୀ । ସେଠି ଶାଳଗ୍ରାମ ମୂର୍ତ୍ତି ସମ୍ମୁଖରେ ଆଣ୍ଠେଇପଡ଼ି ଟିକୋର ନିରାପତ୍ତା ସକାଶେ ପ୍ରାର୍ଥନା କଲେ । ଏଇ ଶାଳଗ୍ରାମ ମୂର୍ତ୍ତି ଭଳି ତାଙ୍କର ପୂଜାକରୁଥିଲେ । କେବେ କେମିତି ଗୋସେଇଁ ଏଠିକି ଆସିଲେ ସେ ବି ପୂଜାକରୁଥିଲେ । ଅନୁପମା ମଧ୍ୟ ସ୍ୱାମୀ ଯେଉଁଦିନ ଘରେ ନଥାନ୍ତି ଏଇ ଶାଳଗ୍ରାମ ମୂର୍ତ୍ତିଙ୍କୁ ପୂଜାକରେ । କ'ଣ ଯେ ସେ ପ୍ରାର୍ଥନା କରେ ସେକଥା ସେ ହିଁ ଜାଣେ । ···ବିପରୀତ ପ୍ରାର୍ଥନା ନୁହେଁ ତ ? ଗୋଟିଏ ଭଗବାନଙ୍କୁ ଶତ୍ରୁ ମିତ୍ର ମିଶି ପ୍ରାର୍ଥନା କଲେ ଭଗବାନ କି ଉତ୍ତର ଅବା ଦେଇପାରିବେ ? ··ପ୍ରଭୁ ହୁଏତ କାହାକୁ ଉତ୍ତର ଦେଉନଥିବେ । ତାଙ୍କୁ ସନ୍ତୁଷ୍ଟ କରିବା କୁଆଡ଼େ ଭାରି କଷ୍ଟ । ···ଏ ଶାଳଗ୍ରାମ କୁଆଡ଼େ ଅତି ପ୍ରତ୍ୟକ୍ଷ-ଦେବତା । ସାତପୁରୁଷର ଦେବତା । ଏ ଦେବତା ଥରେ କୁଆଡ଼େ ସପନେଇଥିଲେ ଯେ ନୂଆ'ଉଙ୍କ ଘରେ ସେ ସାତପୁରୁଷ ମାତ୍ର ରହିବେ । ଏବେ ସାତପୁରୁଷ ପୂରିଲା । ଏଣୁ ଠାକୁର ଏଥର ବୋଧେ ଏ ଘର ପରିତ୍ୟାଗ କରିବେ । ···ପୁଣି କାହା ପ୍ରତି ଦୟା କରିବେ କେଜାଣି ?

ବାହାରୁ କୌଣସି ସ୍ତ୍ରୀଲୋକର ପାଟି ଶୁଭିଲା । ଠାକୁରଘରୁ ଉଠିଆସିଲେ ଗୋସେଇଁଆଣୀ । ବାହାରେ ଯାଇ ଦେଖନ୍ତି ତ ଜଣେ ଆଦିବାସୀ-ସ୍ତ୍ରୀଲୋକ ଠିଆହୋଇଚି । ମୁରୁକି ମୁରୁକି ହସୁଚି ସେ ।

ଗୋସେଇଁଆଣୀ ମଧ୍ୟ ଅଳ୍ପ ହସିଲା ମୁହଁରେ କହିଲେ—"ଚିହ୍ନା ଚିହ୍ନା ପରି ଲାଗୁଚି ତ !"

—"ମୁଁ ପଶୁ ଭଉମି !"

ମନେପଡ଼ିଗଲା ଗୋସେଇଁଆଣୀଙ୍କର । ସେଦିନ ଖୁବ୍ କମ ସମୟ ପାଇଁ ଦେଖାସାକ୍ଷାତ ହୋଇଥିଲା । ···ଉମିକୁ ଭିତରକୁ ଡାକିଲେ ଗୋସେଇଁଆଣୀ—"ଆସ, ଭିତରକୁ ଆସ-ସାର ।"

ଘର ଭିତରକୁ ପଶିଲା ଉମି । ଏକେବାରେ ଭିତର ଖଣ୍ଡାକୁ ଡାକିନେଲେ ଉମିକୁ । ତା'ପରେ ପଚାରିଲେ—"ଜେଲରେ ଥିଲୁ ପଶୁ ?"

—"ହଁ···ପ୍ୟାରେଡ୍ ଶେଷ ହେଲାଣି ।"

—"ସରିଗଲା ? ଜେଲ ଚଳେଇବା ପାଇଁ ତୋତେ ଆଣିଥିଲେ ପଶୁ ?"

—"ହଁ ଯେ···ମୁଁ କଣ କାହାକୁ ଚଳେଇଲି ! ମୁଁ କାହୁଁ ସମସ୍ତଙ୍କୁ ଚଳେ । ରଜା, ଜୟରାମ, ଅଂଘୋନା—କାହାକୁ ମୁଁ ନଚଳେ ? ହେଲେ କାହାକୁ ବ ମୁଁ ଚଳେଇନା ବୋଲି କହିଲି । ···ଆଚ୍ଛା, ଶଇକଥା ଓକିଲ ଜଣକ ଅଛନ୍ତି ନା ନାହିଁ ?"

—"ସେ ପଶୁ ଜେଲ୍‌ରେ, ଜାଣିନୁ ରୁ ?"

—"ଏଁ···କାହିଁକି ?"

ସବୁ ଘଟଣା ଚୁମ୍ବକରେ କହିଗଲେ ଗୋସେଇଁଆଣୀ । ଘଟଣାଟି ଶୁଣି ଉମି ହସିଲା । କହିଲା—"ରୂପନାରାୟଣ ତେବେ ପଳେଇପାରିଲା !"

ଉମିର ମୁହଁଟା ମଳିନ ପଡ଼ିଗଲା । ସେ ପୁଣି କହିଲା—"ତା ହେଲେ ଠିକ୍ ହେଲା । ···ତେଣେ ମାସ୍କଂରେ ଲଛ୍ମୀରାମଟା ବଡ଼ ଉତ୍ପାତ ହେଉଚ । ତାକୁ ବାନ୍ଧିରଖିଚନ୍ତି ଆମ ଗାଁରେ ।"

ଗୋସେଇଁଆଣୀ ଦୁଇହାତରେ ଆଖି ଦ'ଟାକୁ ବନ୍ଦ କରିଦେଲେ । ତା'ପରେ କହିଲେ —"ସେ ସବୁ କଥା ତୁ ମୋତେ କହନା ଉମି ! ମୁଁ ଆଉ ସହିପାରୁନି । ···ଓକିଲଙ୍କୁ କାହିଁକି ଖୋଜୁଥିଲୁ ଯେ ?"

—"ଭୂୟାଁବାବୁ କହିଥିଲେ ତାଙ୍କୁ ଖବରଦବାକୁ । ···ସେ ପଶୁ ଏ କେସ୍‌ର ଓକିଲ ?"

—"ହଁ ।"

—"ମୁଁ ତ ଓକିଲଙ୍କୁ ଚିହ୍ନି ନାହିଁ, ସେଥିଲାଗି ତୋ ପାଖକୁ ଆସିଲି । ନାହାନ୍ତି ଯଦି, ମୁଁ ଯାଉଚବାର । ଆମ ଲୋକଟା ବ ଖଲାସ ହବା କଥା ଅଛି ।"

—"ତାକୁ ବ ଜେଲରେ ଭର୍ତ୍ତିକରିଚନ୍ତି ?"

—"ହଁ ପଶୁ··· ।"

—"ହଉ, ସିବୁ ତ ଗୁହା ଟୋପେ ଖାଇଯା' । ତୋତେ କଣ ଭୋକ ଲାଗୁନାହିଁ ?"

—"ଦଥ କଣ ଦଉଚ ଆଉ ତୁମ ପୁଅ କାହିଁ ? ଭଲ ଅଛି ତ ?"

—"ସେଇଟା ! ସେ ଘରେ ଶୋଇଚ । ଦେଖିବୁ ଯଦି ଦେଖିଯା'ଆ··· ।"

ଗୋସେଇଁଆଣୀ ଉଠିଯାଇ ରୋଷେଇ ଘରେ ପଶିଲେ । ଉମି ଆର ଘରର କବାଟଟା ଫିଟେଇ ଶୋଇବା ଲୁଆଟାକୁ ଟିକଏ ଚାହିଁଦେଇ କବାଟଟା ପୁଣି କିଲିଦେଲା । ମନଟା

ତାର କେମିତି କେମିତି ହୋଇଗଲା । ସେ ଏଥର ଅଗଣାକୁ ଓହ୍ଲାଇଗଲା । ଅଗଣାର ଗୋଟେ କୋଣକୁ କୂଅଟାଏ । କୂଅପାଖକୁ ଯାଇ ବାଲ୍‌ଟିଏ ପାଣି କାଢ଼ିଲା । ବେଶ୍ ଭଲାଭାବରେ ହାତ, ମୁହଁ, ଗୋଡ଼ ଧୋଇନେଲା । କୂଅକୁ ଲାଗି ବାଡ଼ ଆରମ୍ଭ ହୋଇଛି । ବାଉଁଶଚଛଗୁଡ଼ା ବାଡ଼ରେ । ବାଉଁଶବଣ ସେ ପାଖରେ ଶରିକଆ ଓକିଲଙ୍କ ଘର । ଅନେଇଲା ସେ ଆଡ଼କୁ ଊର୍ମି । ଦେଖାଯାଉଥିଲା ଛୋଟ ବେଦିଟାଏ, ଉପରେ ପିଢ଼ା ଖଣ୍ଡେ ପଡ଼ିଛି । ଛୋଟ ଛୁମୁଣ୍ଡି ଆଟେ ମରାହୋଇଛି । ...ବରକନ୍ୟାଙ୍କୁ ବାହା ପୂର୍ବରୁ ସେଇଠି ଗାଧୋଇ ଦିଆଯାଏ ।

କୂଅ ପାଖରୁ ଫେରିବାକୁ ବାହାରୁଥିଲା ଊର୍ମି, ଏମିତି ସମୟରେ ଲୁଗାଚିଟାଏ ଧରି ଜଣେ ଲୋକ ସେଠି ଆସି ପହଞ୍ଚିଲା । ଲୋକ ଜଣକ ତାକୁ ଆଢେ଼ଇ ନଚାହିଁ ସିଧା ରୋଷେଇଘର ପିଣ୍ଡା ପାଖକୁ ଚାଲିଯାଇ କହିଲା—"ଗୋସେଇଁଆଣୀ ଅଛନ୍ତି କି ?"

ଟିକୋର ପାଟି ବାରିପାରି ଗୋସେଇଁଆଣୀ ତରବରରେ ରୋଷେଇଘର ଭିତରୁ ବାହାରି ଆସିଲେ । ପଚାରିଲେ—"ଯାଇ ପାରିଲ ନାହିଁ କି ?"

—"ନା, ପାରିଲି ନାହିଁ, ସମସ୍ତେ ମନାକଲେ ।"

—"ସମସ୍ତେ ମାନେ କିଏ ?"

—"ଭୂସ୍ୱାଁଣୀ ।"

—"କିନ୍ତୁ ଏଠି ବି ତ ରହିବାଟା ଠିକ୍ ହବନାହିଁ । ନୂଆଁହୁ ଏବେ ଆସିଯିବେ । ସେ କ'ଣ କହିବେ ? କେଜାଣି ତୁମେ ତ ହାତା-ପୋଂର ଲୋକ । କିଏ ଜାଣେ ତୁମେ ବି ସେଇ ପାପରେ ଭାଗୀ ହୋଇଥାଇପାର !"

ଟିକୋ ଗୋସେଇଁଆଣୀଙ୍କ ମୁହଁକୁ ଚାହିଁଲା । ଏ ଜଣକ ମାଅଁଙ୍କ ଗୋସେଇଁଆଣୀ ନା ଅନୁପମାର ସ୍ୱାମୀଙ୍କ ଭଉଣୀ ! ...ତାକୁ ଓଂମାଡ଼ିଲା । ସେ କହିଲା—"ମୁଁ ଏଇଲାଗେ ଚାଲିଯାଉଛି, କାହାକୁ ବିରକ୍ତ କରିବାନାହିଁ ଆଉ । ...ସେଇ ସ୍ତ୍ରୀଲୋକ ଜଣକ କିଏ କି ?"

—"ଊର୍ମି ।"

—"ଓ-ହୋ, ସେରେଡ଼ ସରିଗଲାଣି ତେବେ ?"

—"ହଁ ସରିଗଲା । ଭଲରେ ଭଲରେ ସରିଗଲା ।"

—"ଯା'ହେଉ ଆପଣ ଭଲ ଖବରଟାଏ ଦେଲେ । ମୁଁ ଯାଉଛି । ତେବେ ଯିବା ଆଗରୁ ପଦେ କଥା ପଚାରିବାକୁ ଅଛି ।"

—"କହନ୍ତୁ ?"

—"ତାଙ୍କୁ କାହିଁକି ମାରିଲେ, ଆପଣ ଭଲଭାବରେ ଜାଣିଛନ୍ତି ତ ?"

—"ସେ କଥା ମୋର ଜାଣିବା ଦରକାର ନାହିଁ । ମାରିବାକୁ ଅବତାର ନେଇଛ ନା କଣ ତମେମାନେ...କିନ୍ତୁ ଏକଥା ମୁଁ ଶେଷଯାଏଁ ବି ଜାଣିନଥିଲି । ...ଯୁଦ୍ଧରେ ହାଣ-ମାର-କାଟ ଅଛି ନିଶ୍ଚୟ, ସେଥିପାଇଁ ମୋର ଟିକିଏ ବି ଦୁଃଖ ନାହିଁ । ଦୁଃଖ ଥିଲେ ବି

ଏବେ କଏ ଅଛୁ ଯେ କାହାକୁ କହିବ ? ମହାତ୍ମା କେବଳ ଠିକ୍ କଥା କହିଥିଲେ—'ମରିବା କିନ୍ତୁ ମାରିବା ନାହିଁ ।' ଅଥଚ ମାରିବାଟାକୁ ତୁମେମାନେ ଅସଲ ବୋଲି ଧରିଲ । ...ଏଇ ଦୁଃଖ ମୋର ରହିଗଲା...ସେ ବି ଖୁବ୍ ଦୁଃଖରେ ବନ୍ଧୁକ ଧରିଥିଲେ ।"

ଗୋସେଇଁଆଣୀ କହୁ କହୁ କାନ୍ଦିପକେଇଲେ । ଅଟକିଗଲେ । ଲୁଗାକାନିରେ ଲୁହ ପୋଛିଲେ ।

ଟିକୈ ଏକଲୟରେ ଚାହିଁରହିଲା ଗୋସେଇଁଆଣୀଙ୍କୁ । କଥାଟାକୁ ହୃଦୟଙ୍ଗମ କରିପାରିଛି ସେ ଏବେ । ...ସେ ନିଜେ ଏଇ ଘରର ଗୃହସ୍ଥଙ୍କୁ ହତ୍ୟା କରିଥିବା ଦୃଶ୍ୟ ଦେଖି ଯେପରି ଦୁଃଖ ଅନୁଭବ କରିଥିଲା—ଏବେ ଗୋସେଇଁଆଣୀଙ୍କ କଥା ଶୁଣି ଠିକ୍ ସେଇ ଦୁଃଖ ଅନୁଭବ କରୁଚି । ...ସେମାନେ ସବୁ ଭୁଲ୍ ବାଟ ଧରିଚନ୍ତି । ...ମାଛି ମାରିଲେ ହାତ ଗନ୍ଧାଏ—ଲାଭ କିଛି ହୁଏନା । ...ଅସଲ ଶତ୍ରୁମାନେ ଏବେ ବି ବଞ୍ଚିଚନ୍ତି । ସେମାନଙ୍କ ସାଥିରେ ଗୋଳାବାରୁଦରେ ଖେଳ ଖେଳିବାକୁ ସମ୍ବଳ ନାହିଁ ଏମାନଙ୍କର । ...ଏଯାଏଁ ଶତ୍ରୁପକ୍ଷର ଯାହା କିଛି କ୍ଷତି କରିପାରିଛନ୍ତି ତାହା ଅତି ସାମାନ୍ୟ । ବରଂ ଏମାନଙ୍କର ବିପଦ ହେଉଚି, ନିଜ ଲୋକଙ୍କର ଆସ୍ଥା ଓ ଭରସା ହରାଇଲେଣି ଏମାନେ । ...ଅବଶ୍ୟ ଜନତାର ସମର୍ଥନ ନପାଇ ମଧ୍ୟ ଏମାନେ ବିଦେଶୀ ସରକାରଙ୍କୁ ଚିନ୍ତାରେ ପକେଇଦେଲେଣି । ଦୁଃଖ, କଷ୍ଟ, ଅତ୍ୟାଚାର, ନିର୍ଯାତନା ସହି ସହି କର୍ମୀମାନେ ଜନତାଙ୍କ ମନରେ ସ୍ୱାଧୀନତାର ସ୍ୱପ୍ନ ଜାଗ୍ରତ କରେଇଦେଲେଣି । ଛୁଞ୍ଚି ଫୋଡ଼ି ଡାକ୍ତର ଯେମିତି ଔଷଧ ଭରିଦିଅନ୍ତି ରୋଗୀର ଦେହରେ, ଠିକ୍ ସେମିତି ସ୍ୱାଧୀନତାର ସ୍ୱପ୍ନକୁ ଜନତାଙ୍କ ମନରେ ଭର୍ତ୍ତି କରିଦେଲେଣି । ସେଇ ଗୋଟିଏ ପାନ ଔଷଧ ବନ୍ଧୁକ, ଗୁଳା, ବାରୁଦଠାରୁ ଅଧିକ କାମ କରିଛି; କିନ୍ତୁ ସବୁଲୋକ ଗାନ୍ଧି ହୋଇଯାଇନାହାନ୍ତି ।

ଟିକୈ କହିଲା—"ମା, ଆପଣ ଦୁଃଖକରନ୍ତୁ ନାହିଁ । ଦୁଃଖ କରି ଲାଭ ବି ନାହିଁ । ଯାହା ହୋଇଯାଇଛି ଭଲ ହେଇଚି ବୋଲି ଧରିନିଅନ୍ତୁ ।"

ଏତିକିବେଳେ ଢାମି ଆସି ସେଠି ପହଞ୍ଚିଲା । ସେ ପଚାରିଲା—"ସ୍ୱାହା ତୁମର ହେଲା ନା ନାହିଁ ମ ? ମୁଁ ତେଣେ ଯାଇ ଗାଡ଼ି ମଟର ଖୋଜିବି । ଆଜି ମୁଁ ଘରକୁ ଫେରିବି ଯେ ! ଟିକିଏ ଜଲଦି ଦିଅ । ...ଇଏ ପୁଣି କଏ ?"

ଟିକୈକୁ ଥରେ ଭଲକରି ଚାହିଁଦେଇ ଢାମି ପୁଣି କହିଲା—"ଓ...ବୁଝିଲି, ବୁଝିଲି । ଏକା ଦଳର ଲୋକ ବୋଧେ ?"

—"ହଁ—ପୋଲିସକୁ ଡରି ଡରି ଲୁଚି ଲୁଚି ବୁଲୁଚି ।"

—"କୋଉଠିକି ଯିବ ସେ ?"

—"ପୁରୁଣା ଗୋଦାମକୁ ।"

ଢାମି ହସି ହସି କହିଲା—"ତୁ ପୁରୁଷଟାଏ ହେଇ ଏମିତି ଡରୁଆ ନା ? ମୋ ସାଥିରେ ଯିବୁ ? ହରିବଗିଚା ଷ୍ଟେସନରେ ତୋତେ ଛାଡ଼ିଦେଇ ଆସିବି । ରେଲରେ ଚଢ଼ି ପଳେଇବୁ ।"

ଟିକେଲି ବି ହସିଲା । କହିଲା—"କୋଉଠି ପୋଲିସ୍ ନାହାଁନ୍ତି ?"

ଉମି କହିଲା—"ଅମଳାପଡ଼ା ଦେଇ ବାହାରିଯିବା । ସେଠୁ କଳିଂ ନଈ ପାରି ହୋଇ ହସ୍ତବର ଗାଁକୁ ଯିବା । ତା'ପରେ ବଣ ଭିତରଦେଇ ସିଧା ସିଧା ଯାଇପାରିବୁ ନାହିଁ ?"

ଟିକେଲି ଅନେଇଲା ଗୋସେଇଁଆଣୀଙ୍କ ମୁହଁକୁ । ସେଠି ଦେଖିଲା ଉଦ୍‌ବେଗତାର ଛାପ । ସତେକି ଇଏ ପଳେଇଯାଇ ପାରିଲେ ସେ ଖୁସି ହୁଅନ୍ତେ । ଅନୁପମାକୁ ତାଙ୍କର ବଡ଼ ଭୟ । ଟିକେଲି ବୁଝିପାରିଲା ଯେ ଗୋସେଇଁଆଣୀ ତାକୁ ଆଉ ବେଶି ସମୟ ଆଶ୍ରୟ ଦେଇପାରିବେ ନାହିଁ ସେଠି । ରାତିସାରା ଏଠି ରହିଯିବା ମଧ୍ୟ ବିପଦ । ତେଣୁ ସେ ଉମିକୁ କହିଲା—"ଚାଲ, ତୋ ସାଥିରେ ଚାଲିଯିବି । ତୋ ସାଥିରେ ଗଲେ ଲୋକେ ବେଶି କିଛି ଭାବିବେନାହିଁ । …ତା'ଛଡ଼ା, ଧରାପଡ଼ିଲେ ପଡ଼ିବି ।"

ଗୋସେଇଁଆଣୀ ତରବରରେ ରୋଷେଇଘରକୁ ପଶିଯାଇ ତତ୍‌କ୍ଷଣାତ୍ ଦୁଇଟା ଖାଲି ବାଟି ଆଣି ଦୁଇଜଣଙ୍କୁ ଧରିବାକୁ ଦେଲେ । ତା'ପରେ ପୁଣି ଭିତରକୁ ଯାଇ କଂସାରେ ଚାହା ନେଇଆସିଲେ । ସେମାନଙ୍କ ଖାଲି ବାଟିରେ ଚାହା ଢାଳୁ ଢାଳୁ ପଚାରିଲେ—"ଉମି, କଣ ଟିକିଏ ଖାଇବୁ ?"

"ତହନ, ପଚାରୁଚ କ'ଣ ? ଖାଲି ଖାଲି ବାଟିକଯାକ ଚାହା ଖାଇବ କେମିତି ଯେ ?"

ଟିକେଲି କହିଲା—"ମୋର ବି ପେଟ ଜଳୁଚି ।"

ଗୋସେଇଁଆଣୀ ପୁଣି ଭିତରକୁ ଗଲେ । ଅଳ୍ପ ସମୟ ପରେ ଦୁଇଖଣ୍ଡ କଦଳୀପତ୍ରରେ କିଛି କିଛି କଦଳୀ ଓ ପିଠା ଆଣି ସେମାନଙ୍କ ସାମନାରେ ଥୋଇଦେଲେ ।

ଟିକେଲି ପିଣ୍ଡା ଖଣ୍ଡକୁ ଆଉଜିପଡ଼ି କଦଳୀରୁ ଚୋପା ଛଡ଼ାଇବାକୁ ଲାଗିଲା । ଉମି ରୋଷେଇଘର ଦୁଆରବନ୍ଧ ପାଖରେ ବସି ଫୁଙ୍କି ଫୁଙ୍କି ଚାହା ଶୀତଳେଇ ଶୀତଳେଇ ପିଇବାକୁ ଲାଗିଲା ।

ଗୋସେଇଁଆଣୀ ପୁଣି ଭିତରକୁ ଯାଇ ପାନଗୁଆର ବଟାଟା ଆଣି ଆସି ବସିଗଲେ ଗୁଆ କାଟିବାକୁ ।

ଉମି କହିଲା—ଜେଲରେ ରହିବାକୁ ବଡ଼ କଷ୍ଟ ଲାଗିଲା । ମଣିଷ ଭର୍ତ୍ତି । ଜାଗା ଟିକେ ବି ନାହିଁ । ମୋତେ ନେଇ ସ୍ତ୍ରୀଲୋକଙ୍କ ମେଲରେ ରଖିଥିଲେ । ପାଣି ଟୋପେ ନାହିଁ । ଖାଇବାକୁ କଟ ମୁଠେ ହିଁ ଦିଅନ୍ତି ଯେ ପେଟ ପୂରେନାହିଁ । ଦୁଇଜଣଙ୍କୁ ଭଲଘରେ ରଖିଚନ୍ତି—ସେମାନଙ୍କ ଭିତରୁ କିଏ ଜଣେ ଭୂୟାଁ, ଆଉ ଜଣକ କିଏ ମନେପଡ଼ୁନି ନାଁଟା । ଭଲ ଖାଇବାକୁ ବି ଦେଉଚନ୍ତି ସେମାନଙ୍କୁ; କିନ୍ତୁ ଆମମାନଙ୍କୁ ଗୋଟେ ଘରେ ଗୋଟେ ଗୋଟେ ଗାଈଗୋରୁ ଭଳି ପୂରେଇ ଦେଇଚନ୍ତି । ଭିନ୍ନ ଭିନ୍ନ ଜାଗାର ରକମ ରକମର ଭଲେଣ୍ଟିଅର । ଦିନକୁ ଦେଢ଼ଶହ, ଦୁଇଶହ ଭଲେଣ୍ଟିଅର ଆସନ୍ତି ଜେଲ୍‌କୁ—ସେମାନେ ଦେଖନ୍ତି ଲୋକଙ୍କୁ କେମିତି ରଖାହୋଇଚି ଜେଲ୍‌ରେ । ପୋଲିସ୍‌ଙ୍କର, ଜେଲ୍ ଲୋକଙ୍କର ମଜା ବାହାର କରିଦେଉଚନ୍ତି । …କି ଚିତ୍କାର ଶୁଣିବ ? ଥରେ "ମହାତ୍ମା ଗାନ୍ଧିର ଜୟ" ତ ଥରେ ଆଉ କାହାର "ଜୟ"…ପୁଣି ଆଉ କାହାର "ଜୟ" । ସେସବୁ ଶୁଣିଲେ ଲାଗେ

ଯେମିତି ଯାହାବନ୍ଧମାନେ ଆଉ ଏ ଦେଶରେ ନାହାଁନ୍ତି । ···ଖାଲି ଠେଙ୍ଗା, ବନ୍ଧୁକ ଦେଖିଲେ ମନେହୁଏ ଯେ ସେମାନେ ଏବେ ବି ଅଛନ୍ତି ।"

ଟିକେଇ ପଚାରିଲା—"ପେରେଡ଼କୁ ଯିବାକୁ ତୋତେ ଭୟଲାଗୁନଥିଲା ?"

ଗ୍ଲାସ୍ କେତେ ଢୋକ ଏକାଥରେ ଢକଢକ କରି ପିଇଦେଇ ଡମି କହିଲା—"ଭୟ ? ଖାଲି ଲାଜଲାଗୁଥିଲା । ମଝିରେ ମଝିରେ ହସ ବି ମାଡ଼ୁଥିଲା । ମିଛ କହିବାକୁ, ଫାଙ୍କିମାରିବାକୁ କେମିତି ଭଲ ଲାଗନ୍ତା ! ପେରେଡ୍ ସରିବା ପରେ ଭୂୟାଁ ସହିତ ଭେଟ ହୋଇଥିଲା । ପାଚିଲାବାଳୁଆ ଲୋକଟା । କହିଲା—'ଡମି ନେ', ରୁ ଦେଖିବାକୁ ସିନା ଗ୍ରେଟିଆ ମଣିଷଟିଏ, ହେଲେ କେଡ଼େ ବଡ଼ କାମଟାଏ କଲୁ ସତେ !' ···ତା'ପରେ ପୁଣି କଥା ଛଳରେ କହିଲା—'ଶଇକଆ ଓଜଲକୁ ଖବରଦବୁ ।' ···ଜେଲ ଜମାଦାର ଜଣେ ଶୁଣୁଥିଲା; କିନ୍ତୁ ନଶୁଣିଲାପରି ଛଳନାକରି ଦୂରକୁ ଚାଲିଗଲା । ···ସ୍ୱରାଜର ମହିମା ଯେ କଣ ମୁଁ ସେତିକବେଳେ ବୁଝିଲି । ···ଜେଲ୍‌ରୁ ବାହାରିଆସିଲା ବେଳକୁ ଖରାପ ଲାଗୁଥିଲା ।"

ଟିକେଇ ତରବର ହୋଇ ଖାଇବାକୁ ଲାଗିଗଲା । ବାହାରେ ଖରା ହେଲାଣି । ମନଟା ତାର କେମିତି କେମିତି ଲାଗୁଥିଲା । ସେ କହିଲା—"ସତରେ ଡମି, ରୁ ଖୁବ୍ ବଡ଼ କାମଟାଏ କଲୁ; କିନ୍ତୁ କଣ ହବ ! ଆନ୍ଦୋଳନର କର୍ମୀଙ୍କ ସଂଖ୍ୟା କମିଆସିଲାଣି । ବୁଝନାବସ୍ଥାରେ ଧରାପଡ଼ିଗଲେ ସର୍ବନାଶ ହେବ ।"

ଗୋସେଇଁଆଣୀ ପାନରେ ଚୂନ ଲଗାଉ ଲଗାଉ କହିଲେ—"ଧରା ପଡ଼ି ଯିବପରି ଲାଗୁଚ ।"

—"ମୁଁ ବି ସେୟା ଅନୁଭବ କରୁଚ । ମୋର ବି କଣ ହବ କିଏ ଜାଣେ ? କାଲି ରାତିରେ ତ ଧରାପଡ଼ିଯାଇଥିଲି । ଭୂୟାଁଣୀ ମୋତେ ନେଇ ନିଜ ଶୋଇଲାଘର ପଲଙ୍କ ତଳେ ଲୁଚେଇ ରଖିଲେ ବୋଲି··· । ଜୁଆଁଟାକୁ କଣ ଦେଖିପାରିଲ କି ? ···ସେ ଆସିଥିଲା ଯେମିତି, ଗଲା ବି ସେମିତି । ଉତ୍ତମର ମୁହଁକୁ ଆଉ ଚାହିଁହଉନ । ମୋ ମୁହଁକୁ ଚାହିଁ ସେ କାନ୍ଦିବାକୁ ଇଚ୍ଛା କରୁଥିଲେ ବି ପାରିଲାନାହିଁ । କାନ୍ଦିବ ବା କିପରି ? କାନ୍ଦିବାକୁ କ'ଣ ସମୟଦେଲେ ପାଷଣ୍ଡମାନେ !"

ଗୋସେଇଁଆଣୀ କହିଲେ—"ତୁମେ ସବୁ ଚଞ୍ଚଳ ଚାଲିଯାଅ ଡମି ! ଯେତିକି ଡେରିକରିବ ସେତିକି ବିପଦ ଏଙ୍କପାଇଁ ।"

ଦୁହେଁ ତରବରରେ ଖିଆ ଶେଷ କରିବାକୁ ଲାଗିଲେ । ଖାଇସାରି ବାଟି ଧୋଇବାକୁ ଯାଉଥିଲା ଡମି, ଟିକେଇ କହିଲା—"ଜାତି ଅଜାତି କଥା ଆଜିକାଲି ଆଉ ଭଲଲାଗୁନାହିଁ । ମୁଁ କିନ୍ତୁ ବାଟି ଧୋଇବିନାହିଁ ।"

ଗୋସେଇଁଆଣୀ କିଛି କହିଲେନାହିଁ । ଡମି ବି ଆଉ ଗଲାନାହିଁ ଧୋଇବାକୁ । ଦୁହିଁଙ୍କର ବାଟି ଦୁଇଟି ସେଇଠି ପଡ଼ିରହିଲା । ଡମି ବଟୁଆଟାକୁ ଅନେଇବାରୁ ଗୋସେଇଁଆଣୀ ସେମାନଙ୍କୁ ପାନଗୁଆ ଦେଲେ । ପାନଗୁଆକୁ ପାଟିରେ ପୁରେଇ ସେମାନେ ଯେତେବେଳେ ଯିବାକୁ ବାହାରିଲେ, ଗୋସେଇଁଆଣୀ କହିଲେ—"ସାବଧାନରେ ଯିବ ଟି··· ।"

ଧୂନ୍ଦେଇଁ ବାହାରିଲେ ।

ଠିକ ସେତିକିବେଳେ ପଛଦୁଆରେ ଘରଭିତରକୁ ପଶିଆସିଲା ଅନୁପମା । ପଦ୍ମପାତରେ ନାହିଁ ତାର ପୂର୍ବର ସେଇ ଗାମ୍ଭୀର୍ଯ୍ୟ । ସେ ଧଇଁସଇଁ ହେଇ କହିଲା—"ଆଗୋ, ଶୁଣିଲଣି ନା··· ରୂପନାରାୟଣଙ୍କୁ ଏମାନେ ଧରି ବାନ୍ଧି ଆଣିଚନ୍ତି । ଏଠୁ ଯୋଉ ପୋଷାକ ପିନ୍ଧି ଯାଇଥିଲା ତାକୁ ସବୁ ଓହ୍ଲେଇ ଦେଇଚନ୍ତି ନା କଣ । ଦେହରେ ତାର ଗାମୁଛା ଖଣ୍ଡେ ଛଡ଼ା ଆଉ କିଛି ନାହିଁ । ହାତରେ ହାତକଡ଼ି, ଅଣ୍ଟାରେ ଦଉଡ଼ି—ଆମେ ରାଇଜିଆଙ୍କ ସହିତ କଥାବାର୍ତ୍ତା ହେଉଥିଲାବେଳେ ତାକୁ ଜେଲ୍‌ରେ ଭର୍ତ୍ତିକରିଗଲା । ଆମଆଡ଼କୁ ଚାହୁଁଥିଲା ସେ । ତା'ପରେ ଗୋଡ଼ ଦେଖାଇଲା । ଗୋଡ଼ରୁ ରକ୍ତ ଝରୁଥାଏ । କାହିଁକି ରକ୍ତ ବାହାରୁଥିଲା ଜାଣିପାରିଲି ନାହିଁ—ବୋଧେ ଗୁଳିକରିଯାଇଚି··· ।"

ଅନୁପମା ଏକ ନିଶ୍ୱାସରେ ଏତିକି କହିସାରିଲା ପରେ ଯାଇଁ ଜାଣିଲା ଯେ ସେଠି ଆଉ ଦୁଇଜଣ ଲୋକ ଅଛନ୍ତି । ସେମାନଙ୍କୁ ଦେଖି ଦବିଗଲା ଅନୁପମା । ଝିଙ୍କୀ ଓ ଊର୍ମି ଆଡ଼କୁ ଚାହିଁ ତଳକୁ ମୁହଁ ପୋତିଲା ଅନୁପମା । କିଛିକ୍ଷଣ ଯାଏ ନୀରବ···

ଝିଙ୍କୀ କହିଲା—"ଆମେ ତେବେ ଯାଉଚୁ !"

ଅନୁପମା ଊର୍ମିକୁ ଦେଖେଇ ଗୋସେଇଁଆଣୀଙ୍କୁ ଲକ୍ଷ୍ୟକରି ପଚାରିଲା—"ଇଏ କିଏ ?"

—"ଊର୍ମି···ଟାଙ୍ଗେ ଗାଁର ।" କହିଲେ ଗୋସେଇଁଆଣୀ ।

—"କାହିଁକି ଆସିଚି ?"

ଗୋସେଇଁଆଣୀ କଥାଟାକୁ ସଜେଇ-ସାଜେଇ କହିବାକୁ ଆରମ୍ଭ କଲେ । ଅନୁପମା ଗମ୍ଭୀର ହୋଇଗଲା । କହିଲା—"ଯିଏ ହୁଅ, ତୁମେମାନେ ବାହାରିଯାଅ । ଏଇଟା ପୋଲିସର ଘର ···ସେ ମରିଗଲେ ବି ଏ ଘରର ଲୋକ ବଞ୍ଚିଚନ୍ତି । ଯାଅ···ବାହାରିଯାଅ । ମୋତେ ତୁମେମାନେ ଆଉ ରଗାଅନା, କହୁଚି···ଯାଅ ।"

ଗୋସେଇଁଆଣୀ ଯୋଉଥିପାଇଁ ଭୟକରୁଥିଲେ, ତାହାହିଁ ଘଟିଲା । ନୂଆବୋହୂଙ୍କ ମନ ଠିକ୍ ନାହିଁ । ଏଇଲେ ଭଲ ତ ଆଉ ଟିକିଏ ମନ୍ଦ । ରୂପନାରାୟଣ ପ୍ରତି ଅଲଗା ମୋହ ଥିଲା ବୋଲି ସେ ବନ୍ଦୀମାନଙ୍କ ପାଇଁ ଏତେ ଖଟିଲେ; ଅନୁଭବ ବି କଲେ । କିନ୍ତୁ ଝିଙ୍କୀ ବା ଊର୍ମି ପ୍ରତି ତାଙ୍କର ସେ ଭାବ ନାହିଁ । ସେମାନଙ୍କୁ ଦେଖି ଦେଖି ମନରେ ଏକାଧାରରେ ରାଗ, ଶୋକ, ଅଭିମାନ ଉଛୁଳିପଡ଼ିଲା । ଏ ଧାରର ପ୍ରକୋପ ଆହୁରି ବଢ଼ିପାରେ ବୋଲି ଅନୁମାନ କରି ଗୋସେଇଁଆଣୀ ସେମାନଙ୍କୁ କହିଲେ—"ତୁମେମାନେ ଶୀଘ୍ର ଯାଅଗିରି ଊର୍ମି···ମୁଁ ବି ଯାଇପାରନ୍ତି ସଦା ସୁଖୀ ହୁଅନ୍ତି ।"

ଊର୍ମି କହିଲା—"ତୁ କଣ ସତରେ ଘରକୁ ଯିବୁ ?···ଏ ଘରେ ରହିବା ଭଲ ନୁହଁ । ଚାଲ—ମୁଁ ଦାୟିତ୍ୱ ନଉଚି—ତୋତେ ଘରେ ପହଞ୍ଚେଇଦେବି ।"

ଅନୁପମାକୁ ମାଡ଼ଖାଇଲା ଭଳି ଲାଗିଲା । ସେ ଠିକ୍ ବୁଝିପାରିଲା—ସେପରି କହି କିଛି ଭଲକାମ କଲାନାହିଁ ।···କିନ୍ତୁ ସେଥିପାଇଁ ସେ କ୍ଷମା ମାଗିଲା ନାହିଁ । ହଠାତ୍ ମୁହଁ ବୁଲେଇନେଇ ସେ ସେମାନଙ୍କ ସମ୍ମୁଖରୁ ବାହାରିଗଲା ।···ଭଲେଣ୍ଟିଅର ଦେଖିଲେ ତା'

ଦେହ ଜଳେ । କାହିଁକି ଏପରି ହୁଏ ସେ ବୁଝିପାରେନି ।···ସିଧା ଶୋଇବା ଘରକୁ ଯାଇ କବାଟଟା କିଳିଦେଲ···।

ଗୋସେଇଁଆଣୀ ତମି ମୁହଁକୁ ଏକଲୟରେ ଚାହିଁ ରହିଲେ । ନିଜ ଘରକୁ ଯିବାକୁ ଭାବୁଥିଲେ ସେ । ସତରେ, ଅନୁପମା ସାଥିରେ ରହିବାଟା ତାଙ୍କ ପକ୍ଷରେ ବଡ଼ କଷ୍ଟକର ହେଉଛି । କେବଳ କାଲି ହିଁ ସେ ତାଙ୍କୁ ଅନ୍ୟରୂପରେ ଦେଖିଥିଲେ, କାରଣ ରୂପନାରାୟଣ ପ୍ରତି ତାଙ୍କର ପିଲାଦିନର ସ୍ନେହ-ସରାଗ । ତା'ପାଇଁ ପ୍ରାଣ ତାଙ୍କର ଏବେ ବି କାନ୍ଦୁଛି···ବାକି ଭଲେଣ୍ଟିଅର୍‌ଙ୍କ ପ୍ରତି ସେ ଭାବ ନାହିଁ ତାଙ୍କର । ଏପରିକି ତାଙ୍କ ପ୍ରତି ବି ନାହିଁ । ତେଣୁ ତମି କଥା ଶୁଣି ଏ ଘର ଛାଡ଼ି ଚାଲିଯିବାକୁ ହଠାତ୍ ତାଙ୍କର ଇଚ୍ଛା ହେଲା···କିନ୍ତୁ ହାତରେ ଟଙ୍କା ପଇସା ଆଦୌ ନାହିଁ ।

ତମି ପୁଣି କହିଲା—"ଯିବୁ ନା ନାହିଁମ ? ଏଠି କଣ ଗୋଇଠା ଖାଇ ରହିଥିବୁ ?"

—"ଯିବି ।"

—"କେତେବେଳେ ?"

—"ତୁ ଯା, ଟିକୀକୁ ଛାଡ଼ିଦେଇ ଆ । ଆମେ ସାପରମୁଖ ରେଳଗାଡ଼ିରେ ଚଢ଼ିକି ଯିବା ।"

—"ଆଚ୍ଛା ।"

ଟିକୀ କହିଲା—"ମୁଁ ତେବେ ବିଦାୟ ନେଉଛି । ଯିବାକୁ ଇଚ୍ଛା କରୁଛ ଯଦି, ବେଶ୍ ଭଲ କଥା । ଏପରିଭାବେ ଏଠି ପଡ଼ିରହିଥିବା ଅପେକ୍ଷା ଚାଲିଯିବା ଭଲ । ମନରେ ଶାନ୍ତି ନ ରହିଲେ ନିଜ ଲୋକଙ୍କ ଘରେ ରହିବା ବଡ଼ କଷ୍ଟ ।"

ଦୁହେଁ ଯିବାକୁ ବାହାରିଲେ । ଗୋସେଇଁଆଣୀଙ୍କ ମନ ମରିଗଲା ନିଜ ଅଜାଣତରେ । ···କୋଉଠି ମଣିଷ ଆସି କେମିତି ଯେ ଆପଣାର ହୋଇଯାଆନ୍ତି···ଅନ୍ୟପକ୍ଷରେ ଆପଣାର ଲୋକ ବି ବେଳେବେଳେ ସମ୍ପୂର୍ଣ୍ଣ ପର ହୋଇଯାଆନ୍ତି··· । ତମି ଓ ଟିକୀ ଆଖି ଆଢୁଆଳକୁ ଯିବାଯାଏଁ ଗୋସେଇଁଆଣୀ ସେମାନଙ୍କୁ ଅନେଇ ରହିଥିଲେ ।

ଫେରିଆସି ଶୋଇବା ଘରେ ପଶିଲେ ଗୋସେଇଁଆଣୀ । ପିଲାଟା ଉଠିନାହିଁ ତଥାପି । ନିଜର ଜିନିଷପତ୍ର ଗୋଟାପୋଟା କରି ସଜାଡ଼ି ବସିଲେ ସେ । ସେମିତି କିଛି ବେଶି ଜିନିଷପତ୍ର ନଥିଲା ତାଙ୍କର । ନିଜର ପିନ୍ଧାଲୁଗା ଛଡ଼ା ସେ ଆଉ କିଛି ଆଣିନଥିଲେ । ଛୁଆଟାର ଯାହାକିଛି ସାଜ ସବୁ ଅନୁପମା ଦେଇଥିଲା ସେଗୁଡ଼ିକ ସାଥିରେ ନବା ଦରକାର ପଡ଼ୁଛି । ଛୁଆଟା ତ ତାଙ୍କଠୁ କ୍ଷୀର ପିଉଛି । ତାଙ୍କ ସ୍ତନରେ କ୍ଷୀର ଥିବାଯାଏ ଚିନ୍ତା କଣ ? ବାଟରେ ପିଏଇ ପିଏଇ ଯାଇପାରିବେ ।···କିନ୍ତୁ···ଶୂନ୍ୟଘରକୁ ଫେରିଯିବାକୁ ମନଟା ତାଙ୍କର କେମିତି କେମିତି ହୋଇଯାଉଥିଲା । ସେଠି ଯାଇ ପଶୁ ପଶୁ ସେ ହୁଏତ ପଡ଼ିଯିବେ କି କଣ ଏପରି ଲାଗିଲା ତାଙ୍କୁ ।···ତଥାପି, ଯିବାକୁ ହିଁ ପଡ଼ିବ, ଯିବାଟା'ଇ ଭଲ ।

ବୋଷେଇଘରକୁ ଫେରିଲେ ସେ । ରନ୍ଧାବଢ଼ାରେ ଲାଗିଗଲେ···ରନ୍ଧାବଢ଼ା ଶେଷହେଲାରୁ ଡାକିବାକୁ ଗଲେ ଅନୁପମାକୁ । ବହୁତ ବେଳ ଆସି ହେଲାଣି ।

ଭିତରପଟୁ କିଳିଣି ମାରିଦେଇଥିଲା ଅନୁପମା । କବାଟକୁ ଟଣାଓଟରା କରି କରି 'ନୂଆ'ଭ, 'ନୂଆ'ଭ ଡାକିଲେ ସେ । ଅନେକ ସମୟ ପରେ ଅନୁପମା ଉଠି କବାଟ ଖୋଲିଲା । ଅନୁପମାର ଆଖି ଫୁଲିଯାଇଛି । ପୋଷାକ ମଧ୍ୟ ବଦଳେଇ ନାହାନ୍ତି । ବଡ଼ ଖରାପ ଲାଗିଲା ଗୋସେଇଁଆଣୀଙ୍କୁ । ସେ କହିଲେ—"ଉଚ୍ଛା ସରିଲାଣି, ନୂଆ'ଭ ! ହାତ ମୁହଁ ଧୋଇ ନିଅ ।"

—"ନା, ଥାଉ, ମୋତେ ଭୋକଲାଗିନାହିଁ ।"

—"କି କଥା କହୁଛ ମ ନୂଆ'ଭ ! ସେଇ ଯାହା ସକାଳେ କଣ ଦି'ଟା ଖାଇଥିଲ... ଏବେ ଭାତମୁଠେ ପେଟରେ ନ ପଡ଼ିଲେ କେମିତି ହେବ ?"

କ'ଣ କହିବ, କିଛି ଭାବିପାରିଲା ନାହିଁ ଅନୁପମା । ଅଗତ୍ୟା କହିଲା—"କଣ ମୁଁ କରିବି, କିଛି ଧରିପାରୁନାହିଁ । ମୋତେ କିଛି ଉପାୟ ବତେଇଦିଅ । ହୃଦୟଟା ମୋର ଫାଟିଫୁଟି ଚୂନା ହେଇଗଲାଣି ।"

ଗୋସେଇଁଆଣୀ କହିଲେ..."ନୂଆ'ଭ, ଯାହା ହବାର ଥିଲା ହୋଇଗଲା । ଏବେ ଦୁଃଖକରି କଣ କରିପାରିବ ? ଏବେ ଦରକାର ଧୈର୍ଯ୍ୟ । ମୁଁ ଆଜି ତମ ସାଥିରେ ଘରକୁ ଯିବି । ରେଲଗାଡ଼ିରେ ଛୁଆଟାକୁ ନେବି, କିଛି ଅସୁବିଧା ହେବନାହିଁ । ଦରକାର ଯଦି ପଡ଼ିବ ଜାଗୁଲିଘେରରେ ସ୍ୱଳ୍ପଟେ ରହିଯିବି...ଆଉଦିନ ଯିବି...ତେବେଯାଇ ତୁମେ ଶାନ୍ତ ପାଇବ ।"

ସେ ବିଷୟରେ କିଛି କହିଲା ନାହିଁ ଅନୁପମା । କେବଳ କହିଲା—"ତୁମେ ଯାଅ ବଢ଼ାବଢ଼ି କର, ଖାଇସାରିଲେ କଥା ହେବା ।"

ରୋଷେଇଘରକୁ ଗଲେ ଗୋସେଇଁଆଣୀ । ଅନୁପମା ଗଲା ଗାଧୁଆଘରକୁ ।

× × × ×

ଖାଇପିଇ ଉଠିଲାବେଳକୁ ଶୀତଦିନର ବେଳ ଗଡ଼ିଯାଉଛି ବସିଲାଣି । ଯାପର ମୁଖ-ରେଲଗାଡ଼ି ସନ୍ଧ୍ୟାରେ । ନଗାଓଁରୁ ପାଞ୍ଚଟାବେଳକୁ ବାହାରିବା ଦରକାର । ଏଣୁ ଶୋଇଥିଲା ଛୁଆଟାକୁ ଉଠେଇଆଣି ତାକୁ ପୋଛିପାଛି କରି ପୋଷାକପତ୍ର ପିନ୍ଧେଇ ବସିଲେ ଗୋସେଇଁଆଣୀ । ତା'ପରେ କ୍ଷୀର ଟିକିଏ ପିଆଇଦେଲେ ।

ନଣନ୍ଦଙ୍କର ସବୁ କାମ ନୀରବରେ ଦେଖୁଥିଲା ଅନୁପମା । ଗୋସେଇଁଆଣୀ ଛୁଆକୁ କ୍ଷୀର ପିଆଇସାରି ତାକୁ ନେଇ ବାଡ଼ପଟ ପିଣ୍ଡାରେ ଖଣ୍ଡେ ପଟାଖଟ ଉପରେ ଗଡ଼ାଇ ଦେଇ ଅନୁପମା ନିକଟକୁ ଆସି କହିଲେ—"ଛୁଆଟାକୁ ଟିକିଏ ଦେଖୁଥାଅ ନୂଆ'ଭ...ମୁଁ ତେଣେ ଜିନିଷପତ୍ର ଗଣ୍ଠାକ ସଜାଡ଼ିନିଏଁ ।"

ଉଁ କି ଚୁଁ କିଛି କହିଲାନାହିଁ ଅନୁପମା । ନୀରବରେ ଯାଇ ବସିଲା ଛୁଆ ଶୋଇଥିବା ପଟାଖଟରେ । ଛୁଆଟାର ସରଳ ନିର୍ଦ୍ଦୋଷ ମୁହଁଟାକୁ ନିରୀକ୍ଷଣ କରୁଥିଲା ।

ଗୋସେଇଁଆଣୀ ନିଜର ଜିନିଷପତ୍ର ସବୁକୁ ଏକାଠି କରି, ନିଜେ ଯାହା ପିନ୍ଧି ବାହାରିବା କଥା ପିନ୍ଧିନେଲେ । ତା'ପରେ କିଛି ପାନ, ଗୁଆ, ଗୁଆକାତଟେ ସଜାଡ଼ି ବଟୁଆରେ

ଉଠିଲେ । ବେଳ ହୋଇଗଲାଣି···ଏବେ ସେ ଅନୁପମା ନିକଟରେ ଆସି ବସିପଡ଼ିଲେ—ଠିକ୍ ଅନୁପମାର ମୁହଁ ସାମନାରେ । ଝୁଅଟା ସେତେବେଳକୁ ଉଠିପଡ଼ି ବଲବଲ ହୋଇ ଚାହିଁଥାଏ ।

ଗୋସେଇଁଆଣୀ କହିଲେ—"ଯଦି ପାରିବ ଝିଅଟିଏ ପାଖରେ ରଖ—ନହେଲେ ଏକୁଟିଆ ରହିବାଟା ଅସୁବିଧା ହେବ ।···କହିବ ଯଦି ମୁଁ ଠିକ୍ କରିଦେବି ଝିଅଟେ ।"

—"ନା ଥାଉ, ଦରକାର ନାହିଁ ।"

"ନ ହେଲା ଏବେ । ତୁମେ ନିଜେ ଖୋଜ । ଏମିତି ଦୁଃଖ ଅଭିମାନରେ ଏକା ଏକା ରହିବାଟା ଠିକ୍ ହବନାହିଁ ।"

—"କିଏ ଆଉ କରିବାକୁ ଅଛି ଯେ ?"—କହୁ କହୁ ଝରଝର ହୋଇ ଆଖିରୁ ଲୁହ ଝରିପଡ଼ିଲା । ପୁଣି ସେ କହିଲା—"ତୁମେ ଭାବୁଚ ଯେ ତୁମେ ଏଠି ରହିଚ ବୋଲି ମୁଁ ଖରାପ ଭାବୁଚି । କେବଳ ଏଇ ଯୋଉ ଲୋକଗୁଡ଼ା ଆସୁଚନ୍ତି, ସେଇକଥା ମୁଁ ସହିପାରୁନାହିଁ । ···ହଉ, ତୁମେ ଯଦି ଯିବାକୁ ଠିକ୍ କରିଚ, ଯାଅ···ମୋର କାହାକୁ ଲୋଡ଼ାନାହିଁ ।" ···ଗ୍ରେଟ ଝିଅଟିଏ ପରି କାନ୍ଦିବାକୁ ଲାଗିଲା ଅନୁପମା—ହୃଦୟଫଟା କାନ୍ଦଣା । ଅନୁପମାର କାନ୍ଦ ଶୁଣି ଝୁଅଟା କାନ୍ଦିବାକୁ ଆରମ୍ଭ କରିଦେଲା । ଝୁଅଟାକୁ ଖଟରୁ ଉଠେଇ ନେଲା ଅନୁପମା—ବୁକୁରେ ଜାବୁଡ଼ିଧରି ଆହୁରି ଜୋର୍‌ରେ କାନ୍ଦିବାକୁ ଲାଗିଲା ।··· ଆଗରୁ ଏମିତି କାନ୍ଦଣା କେବେ ଶୁଣିନଥିଲେ ଗୋସେଇଁଆଣୀ—ସ୍ୱାମୀ ମରିବା ଖବର ପାଇ ବି ଏପରି କାନ୍ଦିନଥିଲା ଅନୁପମା ।

ୱାଲ୍ କ୍ଲକ୍‌ରେ ଘଣ୍ଟା ବାଜିବାର ଶବ୍ଦ ଶୁଭିଲା ଏକ-ଦୁଇ-ତିନ୍-ଚାରି··· । ଏବେ ଯେ କୌଣସି ମୁହୂର୍ତ୍ତରେ ତମି ଆସି ପହଞ୍ଚିପାରେ । ଛାତି ଧଡ଼ପଡ଼ ହେଲା ଗୋସେଇଁ-ଆଣୀଙ୍କର । ତଥାପି ମନକୁ ଦୃଢ଼କରି ଉପଦେଶ ଛଳରେ ସେ ଅନୁପମାକୁ କହିଲେ—"ଦେଖ ନୂଆ'ଉ ! ତୁମେ ଏମିତି ପାଗଳୀପରି ହେଲେ ଚଳିବ କେମିତି ? କେତେବେଳେ କାହାର କ'ଣ ଯେ ହୁଏ, ସେକଥା ଆମେ କେମିତି ଜାଣିବା ? ଅନେକ କହିବେ ଯେ ଭାଇ ନିଜର କର୍ମଦୋଷରୁ ମଲେ । କିନ୍ତୁ ମୁଁ କହିବି ଦୈବ ହିଁ ତାଙ୍କୁ ଟାଣିନେଲା ।"

—"ଦୈବ ! ଦୈବ ! ଦୈବ ! ମୁଁ ସେସବୁ ଦୈବ-ଫୈବ କିଛି ଜାଣେନା । ମଣିଷମାନେ ହିଁ କରିଚନ୍ତି ।" ସେମିତି ଛଳଛଳ ଆଖିରେ କହିଲା ଅନୁପମା ।

—"କରିବେ ତ ! ମଣିଷ ଯନ୍ତ୍ରମାତ୍ର ।···ତୁମେ ଏତେ ଦୁଃଖକରନା । ସ୍ୱରାଜ ନିଶ୍ଚୟ ଆସିବ । ଭଲ ହେଉ ଅବା ମନ୍ଦ ହେଉ, ଏଇ ମଣିଷମାନେ ତାକୁ ଆଣିବାକୁ ଯତ୍ନ କରୁଚନ୍ତି ।···ଏଇ ସାହାବ-ସୁବାଙ୍କର ଆଉ ବେଶି ଦିନ ନାହିଁ ଏଠି ।"

"ନାହିଁ ?" ଆଶ୍ଚର୍ଯ୍ୟ ହେଲା ଅନୁପମା—"କେମିତି ଜାଣିଲ ?"

—"ତା ନହେଇଥିଲେ କି ଦେଶମାତା ଏତେ ରଣଚଣ୍ଡୀରୂପ ଧରିଥାନ୍ତେ ନା ?"—ଦୃଢ଼ଭାବେ କହିଲେ ଗୋସେଇଁଆଣୀ ।

ଝୁଆଟାକୁ ଆହୁରି ଜୋର୍‌ରେ ଜାବୁଡ଼ି ଧରିଲା ଗ୍ରଡରେ ଅନୁପମା । ସେ ବିଶ୍ୱାସ କରିପାରିଲାନାହିଁ ଯେ ଏଇ ସରକାର ଆଉ ରହିବନାହିଁ । ସେ କହିଲା—"କାହିଁ··· ଏମାନଙ୍କର ଅତ୍ୟାଗ୍ଚର ତ ବେଶି ବେଶି ବଢ଼ିଗ୍ଚଲିଛି ! ଜେଲରେ ପାଦ ଥୋଇବାକୁ ବି ଜାଗା ନାହିଁ ।···ଖାଲି ମଣିଷ ଆଉ ମଣିଷ···ଭଲେଣ୍ଟିଅରଙ୍କ ସଂଖ୍ୟା ରଖିହେଉ-ନାହାନ୍ତି··· ।"

ଗୋସେଇଁଆଣୀ କହିଲେ,—"କୃଷ୍ଣଙ୍କୁ ତ ପୁଣି ଜେଲ୍‌ରେ ରଖିଥିଲା କଂସ ! ଜୀବନରେ ମାରିଦବାକୁ ବି ଗ୍ଚହିଁଥିଲା । ପାରିଲା କି ? ଏବେ ବି ପାରିବ ନାହିଁ···ତା ଛଡ଼ା, ଭଲେଣ୍ଟିଅରଙ୍କ ସଂଖ୍ୟା ଲୋପ କରିପାରିବେ ନାହିଁ···ଏମାନେ ଚିରଞ୍ଜୀବୀ··· ।"

ଅନୁପମା କହିଲା—"ମୋତେ କିନ୍ତୁ କିଛି ଭଲ ଦେଖାଯାଉନାହିଁ । ଏମାନଙ୍କର ଟିକିଏ ହେଲେ ବିଗ୍ଚର ନାହିଁ । ତା' ନ ହେଲେ କି···"

କଥା ଛଡ଼େଇନେଲେ ଗୋସେଇଁଆଣୀ । ହସି ହସି କହିଲେ—"ଠିକ୍କୁ କହୁଚ—ଏମାନେ ବିଗ୍ଚର ଭୁଲ୍ କଲେ । ଭାଇଙ୍କି ମାରି ଏମାନେ ଭୁଲ କରିଚନ୍ତି । ଭାଇ ଆମର ଖୁବ୍ ବିଶ୍ୱାସୀ କର୍ମଗ୍ଚରୀ ଥିଲେ । ସେ ଭାବୁଥିଲେ କୌରବଙ୍କ ଅନ୍ନରେ ଥାଇ ପାଣ୍ଡବଙ୍କ ପାଇଁ କେବେହେଲେ ଲଢ଼ିବେ ନାହିଁ··· । କିନ୍ତୁ ଭୀଷ୍ମ, କର୍ଣ୍ଣ, ଦ୍ରୋଣ,—ଏ ସମସ୍ତେ ତ ପୁଣି କୌରବ ପକ୍ଷରେ ଲଢ଼ିଥିଲେ ତଥାପି ଜୟ ହେଲା ପାଣ୍ଡବଙ୍କର । ···କହିପାରିବ, କାହିଁକି ?"

କିଛି କହିଲାନାହିଁ ଅନୁପମା । ନଣନ୍ଦଙ୍କ ଏ ଯୁକ୍ତି ଅକାଟ୍ୟ ପରି ମନେହେଲା ତା'ର । ସେ ମନେ ମନେ ଚୁପ୍ ରହିଲା ।

ଏପରି ସମୟରେ ବାହାରେ କାହାର ପାଦଶବ୍ଦ ଶୁଣାଗଲା । ଗୋସେଇଁଆଣୀ ଉଠିବାକୁ ଭାବୁଥିଲେ; କିନ୍ତୁ ଅନୁପମା ତାଙ୍କୁ ଯିବାକୁ ନଦେଇ ନିଜେ ଉଠିଗଲା ଦେଖିବାକୁ ।··· ସମୟଟା ଖରାପ, କେତେବେଳେ କେଉଁ ପକ୍ଷର ଲୋକ ଯେ ଆସନ୍ତି କିଛି ଧରିପାରେନା ଅନୁପମା । ତେଣୁ ଝୁଆଟାକୁ ଗୋସେଇଁଆଣୀଙ୍କ କୋଳକୁ ଟେକିଦେଇ ସେ ଉଠିଗଲା ବାହାରକୁ··· ।

ବୈଠକ ଘରେ ପଶୁ ପଶୁ ସେ ଯାହାଙ୍କୁ ଦେଖିଲା, ସେ ହେଉଚନ୍ତି ରହାଥାନାର ଦାରୋଗା ସ୍ୱୟଂ ଶଇକିଆ—ସ୍ୱାମୀଙ୍କର ବନ୍ଧୁ । ତାଙ୍କୁ ଦେଖି କିନ୍ତୁ ସନ୍ତୋଷ ପ୍ରକାଶ କରିପାରିଲା ନାହିଁ ଅନୁପମା ।···କିନ୍ତୁ ଭଦ୍ରତା ଖାତିର ତ ପୁଣି ଅଛି ! ଏଣୁ ତାଙ୍କୁ ବସିବାକୁ କହି, ପଗ୍ଚରିଲା—"କିଛି ବିଶେଷ କାମ ଥିଲା କି ?"

ହସି ହସି ଶଇକିଆ କହିଲା—"ନା, ସେମିତ କିଛି ବିଶେଷ କାମ ନାହିଁ; କିନ୍ତୁ ଆପଣଙ୍କୁ ଗୋଟେ ବିଷୟରେ ସାବଧାନ କରିଦେବାକୁ ଆସିଲି ।"

—"କେଉଁ ବିଷୟରେ ?"

—"ଦେଖନ୍ତୁ, ସମୟ ଖୁବ୍ ଖରାପ । ସଦରଥାନାରେ ଶୁଣିବାକୁ ପାଇଲି ଯେ ଆପଣଙ୍କର ଏଠିକି ଭଲେଣ୍ଟିଅରମାନେ ଯାଆଆସ କରୁଚନ୍ତି ।"

—"ସେଇଠି ? ଆପଣଙ୍କର ଷଡ଼ଯନ୍ତ୍ର କଣ ହେଉଛ ?"

ଶଇକଆ ନରମ ସ୍ୱରରେ କହିଲା—"ସେଇମାନେ ହିଁ ଆପଣଙ୍କର ସ୍ୱାମୀ ତଥା ମୋର ବନ୍ଧୁଙ୍କୁ ହତ୍ୟା କରିଚନ୍ତି । ଏଇ ମାତ୍ର ଜଣେ ଆସାମୀ ଧରାପଡ଼ିଚ । ବାକିମାନଙ୍କୁ ଆମେ ଖୋଜିବୁଲୁଛୁଁ ।"

ସତେକି ଏକ ତୀକ୍ଷ୍ଣ ଶର ଅନୁପମାର ବୁକୁ ଭେଦ କରିଗଲା । ତେବେ ଏବେ ସେଇଁ ଲୋକଟା ଏଠି ଗଲା ସେ ବି ଗୋଟେ ହତ୍ୟାକାରୀ !...ଅନୁପମା ବସିପଡ଼ିଲା ଶଇକଆଙ୍କ ମୁହାଁମୁହିଁ । କହିଲା—"ଭଲ ହେଇଚ । ଶୀଘ୍ର ବିଚାରହେଲେ ପ୍ରାଣଟା ମୋର ଶାନ୍ତି ପାଆନ୍ତା... ।"

ଏଥର ଟିକିଏ ରାଗିଯାଇ ଶଇକଆ କହିଲା—"କିନ୍ତୁ ସଦରଥାନାରୁ ଶୁଣିଲି ଯେ ଆପଣ ହିଁ ରୂପନାରାୟଣଙ୍କୁ ଲୁଚେଇ ପଠେଇ ଦେଇଥିଲେ...ଯେଉଁ ଆସାମୀଟି ଧରାପଡ଼ିଚ ସେ ବି ଆପଣଙ୍କ ଘରୁ ଏଇମାତ୍ର ଗଲା ।"

ଜମିର କଥା ଉଲ୍ଲେଖ ନହେବାରୁ ଅନୁପମା ଭାବିଲା ହୁଏତ ଜମି ଗିରଫ୍ ହୋଇନାହିଁ । ସେ ତେଣୁ ଶଇକଆକୁ କହିଲା—"ଦେଖନ୍ତୁ, ଏସବୁ ବିଷୟରେ ମୁଁ ଆପଣଙ୍କ ସହିତ କଥାବାର୍ତ୍ତା ହେବାକୁ ଇଚ୍ଛା କରୁନାହିଁ ।"

—"କାହିଁକି ? ଆପଣଙ୍କପାଇଁ ତାହା ଖରାପ । ଆପଣଙ୍କ ସକାଶେ ଗୋଟାଏ ପେନସନ୍ ବ୍ୟବସ୍ଥା ଆମେ କରୁଚୁ ।...ଅବଶ୍ୟ ଆପଣଙ୍କ ନଣନ୍ଦଙ୍କୁ ଏଠୁ ବିଦାକରିବାପାଇଁ ସେମାନେ ଏଠିକି ଯା' ଆସ କରିବେ...ଏଣୁ, ଆପଣ ତାଙ୍କୁ ଶୀଘ୍ର ଏଠୁ ବିଦାକରିଦିଅନ୍ତୁ ।"

—"ସେ ତ ଚାଲିଯିବାକୁ ବାହାରିଚନ୍ତି । ମୁଁ ମାତ୍ର ଏ ବିଷୟରେ କିଛି ଠିକ୍ କରିପାରୁନାହିଁ ।"

—"କାହିଁକି ?"

—"ଯେତେ ଯାହାହେଲେ ବି ନଣନ୍ଦ ତ ! ତା ଛଡ଼ା... "

—"ସାଥୀ ଦରକାର ?"

—"ହୁଁ ।"

ହସିଲା ଶଇକଆ । କହିଲା—"ଏମାନଙ୍କର ଆନ୍ଦୋଳନର ଅଣ୍ଟା ଭାଙ୍ଗିଦେଇ ସାରିଲୁଣି । ରୂପନାରାୟଣରେ ଗୋଡ଼ରେ ଗୁଳି ବାଜିଚ । ଗୋଡ଼ଟାକୁ ପୁରା କାଟିବାକୁ ପଡ଼ିପାରେ..." କହୁ କହୁ ବଡ଼ ସନ୍ତର୍ପଣରେ ଅନୁପମାର ମୁହଁକୁ ଅନେଇଥିଲା ଶଇକଆ ।

—"ଆପଣ ତାଙ୍କୁ ଦେଖିଚନ୍ତି ତ ?"

କିଛି କହିଲା ନାହିଁ ଅନୁପମା ।

କିଛି ସମୟ ପରେ ଶଇକଆ ପୁଣି ପଚାରିଲା—"କାହିଁ, କିଛି କହୁନାହାନ୍ତି ଯେ... ।"

—"କହିବାକୁ ମୋର ଅଛି କ'ଣ ?"

—"ବେଶ୍ ସୁନ୍ଦର ଉତ୍ତର !" ହଠାତ୍ ମନ୍ତବ୍ୟ ଦେଲା ଶଇକଆ । ତା'ପରେ କହିଲା—କିନ୍ତୁ ମନେରଖିବେ ଭଲବୋଲି ଭାବି ଆପଣ ଯାହାପାଇଁ କିଛି କରିବାକୁ ଯାଉଥିଲେ,

ତାହାହିଁ ଆପଣଙ୍କର କାଳ ହେବ ।...ଏଇକଥା ଶୁଣେଇଦବାକୁ ମୁଁ ଆସିଥିଲି ।”

ଅନୁପମାର ଏ କାନରେ ପଶି ସେ କାନରେ ବାହାରଗଲା ଶଇକଆର କଥାଗୁଡ଼ାକ । ଏଇ ଲୋକଟି ସ୍ୱାମୀଙ୍କର ବନ୍ଧୁ ହେଲେ ମଧ୍ୟ ତା’ର ନିଜର ଶ୍ରଦ୍ଧାର ପାତ୍ର ନଥିଲା । ଏଣୁ ସେ ପ୍ରସଙ୍ଗକୁ ବନ୍ଦକରିବା ଉଦ୍ଦେଶ୍ୟରେ ଅନୁପମା କହିଲା—“ମୋର ଭଲ ମନ୍ଦକଥା ଚିନ୍ତାକରି ଆପଣ ଆପଣଙ୍କର ମୁଣ୍ଡଟାକୁ ବିଗାଡ଼ୁଚନ୍ତି କାହିଁକି ? ଆପଣ ନିଜେ ନିଜକୁ କପର ଜାଲକୁ ଖସେଇନେଇଚନ୍ତି ସେଇକଥା ଭାବୁନାହାନ୍ତି ତ ! ମୁଁ ମୋର ସ୍ୱାମୀଙ୍କୁ ସବୁବେଳେ କହୁଥିଲି —“ଅତି ଦର୍ପେ ହତଲଙ୍କା । ତାହାହିଁ ହେଲା । ଭୁଲ୍ ଦୁଇ ପକ୍ଷର...ଷତି ବି ଦୁଇ ପକ୍ଷର । କିନ୍ତୁ ଭୁଲ୍‌ଟା ଆପଣମାନଙ୍କ ପକ୍ଷରୁ ବେଶି । ଷତି କିନ୍ତୁ ଏମାନଙ୍କ ପକ୍ଷର ଅଧିକ ।”

ହତଭମ୍ବ ହୋଇପଡ଼ିଲା ଶଇକଆ । ଏପରି ଏକ ସାରଗର୍ଭିକ ମନ୍ତବ୍ୟ ଶୁଣିବାକୁ ସେ ଏଠିକି ଆସିନଥିଲା ।...ବସିବା ସ୍ଥାନରୁ ଏଥର ଧୀରେ ଉଠିଲା । ତା’ପରେ କହିଲା— “ଦେଖନ୍ତୁ, ମୁଁ ମୋର କର୍ତ୍ତବ୍ୟ ହିଁ ପାଳନ କଲି । କଣ କରିବେ ନକରିବେ ସେ ଦାୟିତ୍ୱ ଆପଣଙ୍କର ।”

ନୀରବ ରହିଲା ଅନୁପମା ।

କିନ୍ତୁ ହଠାତ୍ ଉମି ଆସି ବୈଠକଘରକୁ ପଶୁ ପଶୁ ଶଇକଆକୁ ଦେଖି ଥା-ଥା ମା-ମା ହେଇପଡ଼ିଲା ।

ତାକୁ ଦେଖି ଶଇକଆ ପଚାରିଲା—“କୋଉଠୁ ଆସିଲୁ ?”

ଉମି କହିଲା—“ତୋତେ କହିପାରିବି ନାହିଁ ।”

—“ମୁଁ ଜାଣିନି ବୋଲି ଭାବୁଚୁ ନା କଣ ? ଟିକେ ତ ଧରାପଡ଼ିଲୁ ।”

—“କେତେବେଳେ ?” ବିସ୍ମିତ ହେଲା ଉମି । ତାକୁ ଷ୍ଟେସନରେ ଗୁଡ଼ା ପୋଲ ବାଟ ଦେଇ ସେ ଫେରିଆସିଚୁ ।

—“ଏଇ ତ ଅଧଘଣ୍ଟା ଆଗେ ।”

—“ଏବେ ପୁଣି ମୋତେ ଧରିବାକୁ ଆସିଚୁ ?”

—“ହଁ, ତୁ ଠିକ୍ କହୁଚୁ । ତୁ ଯୋଉ କାମ କରୁଚୁ ସେଥିରେ ଜେଲ୍‌ଯିବା କଥା । ...କହ, କରୁଚୁ ନା ନାହିଁ ?”

—“ନା, ମୁଁ କେବେ ସେପରି କାମ କରିନି । ତୁ ମୋ ପ୍ରତି ଆକ୍ରୋଶ ରଖିଚୁ ।”— ତା’ପରେ ସ୍ୱର ନରମେଇ କହିଲା—“ମୋତେ ଗିରଫ କରିବା ଦରକାର ନାହିଁ । ଫେରିଯା । ମୁଁ ଘରକୁ ଯିବି । ଗୋସେଇଁଆଣୀ ବି ମୋ ସାଥିରେ ଯିବେ । ମୁଁ ତାଙ୍କୁ ନେଇଯିବି । ଆମ ଭଳି ଲୋକଙ୍କ ପାଇଁ ଘରେ ବହୁତ କାମ ପଡ଼ିଚି—ପୁରୁଷ ଲୋକଙ୍କ ଉପରେ ଯାହା କରୁଚ କର ।”—କହି ଦେଇ ଖୁବ୍ ଦମ୍ଭରେ ଛିଡ଼ାହେଲା ଶଇକଆ ସାମନାରେ ।

ଶଇକଆ ବାଧ୍ୟହୋଇ ପଛକୁ ଘୁଞ୍ଚିଗଲା ।

ଉମି ପୁଣି କହିଲା—"ମୋତେ ଗିରଫ୍ କରିବା ଦରକାର ନାହିଁ—ଫେରିଯା... ।"

ଶଇକଆ ଅନେକ ବେଳଯାଏଁ ସ୍ତବ୍ଧ ହୋଇ ଚାହିଁରହିଲା ଅନୁପମା ଆଡ଼କୁ । ଅନୁପମା ଏଥର ବେଶ୍ ବୁଝିପାରିଲା ଯେ ଶଇକଆ ଏଠିକି ଆସିଥିଲା କାହିଁକି । ସେ ନୀରବ ରହିଲା ।

ଶଇକଆ ଏଥର ବେଶ୍ ଧୀର ତଥା ନରମ ଗଳାରେ କହିଲା—"ତୋତେ ମୁଁ ଗିରଫ୍ କରିବନି ଉମି ! ମୁଁ ଏଠାକୁ ଆସିଥିଲି ଅନ୍ୟ କାମରେ । ଗିରଫ କରିବେ ସଦର ଥାନାର ପୋଲିସ ।"

ଉମିର ଆଖିରେ ମୁହଁରେ ଫୁଟିଉଠିଲା ବିରକ୍ତିର ଭାବ । ସେ ଖୁବ୍ ଦୁଃଖର ସହିତ କହିଲା—"ଭଗବାନ ବୋଲି ଜଣେ ଅଛି ଉପରେ । ତମମାନଙ୍କୁ ସେ ନିଶ୍ଚୟ ଦେଖିନେବେ ।... କାହିଁ ଚୋର ଦାରୋଗା—ଡାକ୍ ତାକୁ । ଏ ଦେହଟାକୁ ମୋର ଆଉ କେତେ ଯାତନା କେତେ ଲାଞ୍ଛନା ଦେବ ତମେମାନେ ?"

—"ତୁ ତେବେ ସେମାନଙ୍କ ଦଳରେ ମିଶିଲୁ କାହିଁକି ? ଧନପୁର ସକାଶେ ?"

ଉମିର ମୁହଁଟା ଲାଲ୍ ପଡ଼ିଗଲା । କିନ୍ତୁ ଦୃଢ଼କଣ୍ଠରେ ସେ କହିଲା—"ତୁ ତେବେ ଏସ୍ବା ବୁଝିଲୁ ?"

ବାହାରି ଚାଲିଗଲା ଶଇକଆ ।

ଉମି ଏଥର ଅନୁପମା ଆଡ଼କୁ ଚାହିଁଲା । ଅନୁପମା ବି ଏକଲୟରେ ଚାହିଁରହିଲା ଉମି ଆଡ଼କୁ ।...ଦୁହେଁ ଦୁହିଙ୍କୁ ଚିହ୍ନିବେ ବୋଲି ବ୍ୟାକୁଳ ।

ଉମି କହିଲା—"ପୁଣି ଜେଲ୍କୁ ଯିବାକୁ ପଡ଼ିବ ଦେଖୁଚି । କି ଆପଦ ! ଘରେ ମୋର ସେଣେ କେତେ ଯେ କାମ ପଡ଼ିରହିଛି, ସେ କଥା କଣ ଅବା କହିବି ତୋତେ । ଗୃହବାସ ଏ ବର୍ଷ ହବାପରି ଲାଗୁନାହିଁ । ଘରଦୁଆର ସବୁ ନିଆଁ ଲଗେଇ ପୋଡ଼େଇଦେଲେ ଏମାନେ । ଆଉ କଣ କହିବି ? ଏ ଶଇତାନ୍ଟା ମୋ ଦେହକୁ ବି ଛୁଇଁବାକୁ ଲାଗିଥିଲା । ଟିକିଏ ବି ବାଛବିଚାର ନାହିଁ ଏ ପୋଲିସ ଲୋକଗୁଡ଼ାଙ୍କର । ମାଷ୍ଟର ଲୋକ କେଇଟାଙ୍କୁ ଆମେ ଧରେଇଦେଇଥାନ୍ତୁ...ସେତିକି ସେମାନେ ଚାହୁଁଥିଲେ ·· ।"

ଅନୁପମା ବୁଝିପାରିଲା କେତେ ଦୁଃଖ ସହେ ଉମିର । ତାର ହୃଦ୍‌ବୋଧ ହେଲା ଯେ ସତରେ ପୋଲିସ ଗୁଡ଼ାଙ୍କର ଟିକିଏ ହେଲେ ବାଛବିଚାର ନାହିଁ । ଏଇ ସ୍ତ୍ରୀଲୋକଟି ଭାଲି ଜେଲ୍ରୁ ଫିଟିଚି, ଆଜି ପୁଣି ତାକୁ ଗିରଫ କରିବା କି ଲୋଡ଼ା ! ...ଟିକେଟିକୁ ଆଶ୍ରୟ ଦେଇଥିବାରୁ ତାକୁ କେବଳ ସାବଧାନ କରିଦେଲେ ତ ଚଳନ୍ତା... । ତା ସାଥିରେ ଷ୍ଟେସନ୍ ଯାଇଥିବାରୁ ତାକୁ ଗିରଫ୍ କରିବାକୁ ଚାହୁଁଚନ୍ତି ? ଏଇଟା ଅବିଚାର—ଘୋର ଅବିଚାର··· ।

ଅନୁପମା ପଚାରିଲା—"ତୁ ସବୁ ସେଇ ରେଲଗାଡ଼ି ଓଲଟେଇବା ଲୋକଙ୍କୁ ଆଗରୁ ଜାଣିଥିଲୁ ?"

—"ହଁ, ଜାଣିଥିଲି ତ । ସେଥିରୁ ଜଣେ ମୋର ନିହାତି ଆପଣାର··· ।"

—"ତୋର ସେମିତି କିଛି ବଡ଼ ଦୋଷଟାଏ ହେଇଯାଇନି । ମଣିଷ ଏତେଟା କାହିଁ

ପଥର ହେଇପାରେନା । କିଏକି କୁଆଡ଼େ ଅନ୍ୟ କେତେଜଣଙ୍କ ସାଥିରେ ମିଶି ମୋର ସ୍ୱାମୀଙ୍କୁ ହତ୍ୟା କରଚ ?"

—"କାହିଁକି ?"

—"କାହିଁକି ନା ମୋ ସ୍ୱାମୀ ପୋଲିସ୍ ।"

—"ଇସ୍...ଇସ୍...କି ଖରାପ କଥା ସତେ ? ଓ...ହୋ, ବୁଝିଲି ତେବେ; ଏଇଥିପାଇଁ ତୁ ସେତେବେଳେ ଏମିତି ହେଲୁ ? ଖରାପ ଭାବବୁ ନାହିଁ—ମୁଁ ଏସବୁ ଭଲପାଏନାହିଁ । ଅକାଳରେ କେହି ମରିବା ଠିକ୍ ନୁହେଁ କି ମାରିବା ଠିକ୍ ନୁହେଁ ।"

ଏମିତି ଅନେକ କଥା ଏକା ଗହ୍ମାକେ କହିବାକୁ ଲାଗିଲା ଉମି । ସେଥିରୁ ଅଧିକାଂଶ ଅସଂଲଗ୍ନ ଅଥଚ ଆନ୍ତରିକତାରେ ପରିପୂର୍ଣ୍ଣ ।

ଉମିର ଏଇ ସହାନୁଭୂତିପୂର୍ଣ୍ଣ କଥା ଅନୁପମା ମନରେ ଗଭୀର ଛାପ ପକେଇଲା । ଅନୁପମା କହିଲା—"ଭିତରକୁ ଚାଲ୍—ନଣନ୍ଦ ତ ତୋ'ର ଅପେକ୍ଷାରେ ଅଛନ୍ତି ।"

ଦୁହେଁ ଭିତରକୁ ଗଲେ । ଏ ଦୁହିଁଙ୍କୁ ଦେଖି ଆଶ୍ୱସ୍ତ ହେଲେ ଗୋସେଇଁଆଣୀ ।

ଉମି ବସିବ ବୋଲି ପିଢ଼ା ଖଣ୍ଡେ ପକେଇଦେଲା ଅନୁପମା । ଉମି ବସିଲା । ଅନୁପମା ଚାଲିଗଲା ବାହାର ଦରଜା ବନ୍ଦକରିବାକୁ । ଦରଜା ବନ୍ଦ କରି ଫେରିଆସି ନଣନ୍ଦଙ୍କ ପାଖରେ ଖଟରେ ବସିଲାବେଳକୁ ଘଣ୍ଟାରେ ପାଞ୍ଚ ବାଜିଲା । ସାଙ୍ଗେ ସାଙ୍ଗେ ବି ଶୁଣାଗଲା ଗୋଟେ ରେଲଗାଡ଼ିର ହୁଇସିଲ୍ ।

ଗୋସେଇଁଆଣୀ ପଚାରିଲେ—"ରେଲଗାଡ଼ିଟା ଚାଲିଗଲା ନା କଣ ? ତୁ ଏତେ ଡେରି କଲୁ କାହିଁକି ଉମି ?"

ଉମି କିଛି କହିଲା ନାହିଁ । ଦେହ ଗୋଟାକ ତା'ର ଝାଳେଇ ପଡ଼ୁଚି । ଅନୁପମା ସବୁକଥା ଆଗରୁସ୍ତ ବନେଇଚୁନେଇ କହିଗଲା । ଅନୁପମାର କଥା ଶୁଣି ହସିପକେଇଲେ ଗୋସେଇଁଆଣୀ । ଜ୍ୱର ଛାଡ଼ିଲେ ବି ପ୍ରକୋପଟା ଛାଡ଼ିନାହିଁ...କିଛି ନା କିଛି ଗୋଟେ ଘଟିବ ନିଶ୍ଚୟ । ...ଏସ୍ବା ତ ଭାଗ୍ୟ... ।

ଅନୁପମା କହିଲା—"ଏଇଲେ ଏମାନେ ଆସି ପହଞ୍ଚିବେ ।"

ଉମି କହିଲା—"ଆସିଲେ ଆସିବେ ।"

ଅନୁପମା କହିଲା—"କିଛି କିଏ ଖାଇନବ କି ?"

ଉମିକହିଲା—"ଦଉନୁ—ଆଜ ସାବିତ୍ରି ଖାଡ଼ା ଓପାସ । କାଲ୍ ଦ ଦେ କଣ ଅଛି ।"

ଅନୁପମା ଉଠିଗଲା ସେଠୁ ।

ଏଇ ସୁଯୋଗରେ ଗୋସେଇଁଆଣୀ କହିଲେ—"କେମିତି ସବୁ ପଳେଇଯାଇ ହୁଅନ୍ତା ଭଲ ହୁଅନ୍ତା । ଏଠି ଆଉ କିଛି ବି ମୋ ମନ ଲାଗୁନାହିଁ ।"

ଉମି କହିଲା—"ମୋ ମନଟା ବି ଯାଇ ଘରେ । ଘରଟା ନସଜେଇବାଯାଏଁ ମନରେ ମୋର୍ ଶାନ୍ତି ନାହିଁ ।" କହିଦେଇ ଆଖି ବନ୍ଦକରି କଣ ତାର ମନେମନେ ଭାବିବାକୁ ଲାଗିଲା । ...ଧନପୁର ସହିତ ସେଦିନ ଆଶ୍ରମରେ କଥା ଆଲୁଅଚଳେ ଯେତେ ଯେତେ

କଥା ହେଉଥିଲେ, ସେଇକଥା ସବୁ ତାର ମନେପଡ଼ୁଥିଲା ।...ତାହା ଏକ ଅଲଗା ଜଗତ । ଏ ଜଗତ ସହିତ ସେ ଜଗତର ଆଦୌ ମେଳ ନାହିଁ । ...ସେ ଯେତେବେଳେ କଲ୍‌ଂ ନଈ ପାରହେଉଥିଲା, ସେତିକବେଳେ ଧନପୁରର ସପନ କଥା ତା' ମନରେ ବାରମ୍ବାର ଉଙ୍କି ମାରୁଥିଲା ।...ସୁଭଦ୍ରା ବିରହରେ ଅନ୍ତରଟା ତାର ସତକୁସତ ହାହାକାର କରୁଥିଲା ।...

—"କଣ ଏତେ ଭାବୁଚ, ରୂପମ ?"

ଗୋସେଇଁଆଣୀଙ୍କ ପ୍ରଶ୍ନରେ ହଠାତ୍ ରୂପମର ଭାବନା ଛିନ୍ନ ହେଲା । ସେ କହିଲା—"ସୁଭଦ୍ରା କଥା ।"

ଗୋସେଇଁଆଣୀ କହିଲେ—"ଟିକିଏ ରହ—ଛୁଆଟାକୁ ଶୁଆଇଦେଇ ଆସେଁ ।" କହି ଉଠିଗଲେ ଏବଂ ତତ୍‌କ୍ଷଣାତ୍ ଫେରିଲେ ଏକା ରୂପମପାଖକୁ । କହିଲେ—"କେତେବେଳେ କେମିତି ରାତିଅଧରେ ସୁଭଦ୍ରାର କାନ୍ଦଣା ଶୁଭିଲା ପରି ଲାଗେ । ନଦ ହେଏନା...ଧନପୁର ଜାଣିପାରିଲା ନା ?"

—ହଁ, ଠିକ୍ ମରିବା ମୁହୂର୍ତ୍ତରେ ।"

—"ଆହା... ।"

—"ଧନପୁର ଆଉ ଗୋସେଇଁ...ସେ ଦୁହିଁଙ୍କ ଯୋଗୁଁ ରେଲଗାଡ଼ି ଓଲଟିଲା । ଦୁହିଁଙ୍କର ପ୍ରାଣ ବି ଗଲାଗଲା । ସେମାନେ ମରିବାକୁ ତିଆର ହୋଇ ଯାଇଥିଲେ, ଜାଣିଚନା ? ...ଶେଷଯାଏଁ କୁଆଡ଼େ ତୋ'ରି କଥା କହୁଥିଲେ...କେତେ କଥା... ଜୀବନକୁ ସେମାନେ ଦେଇଗଲେ ଦେଶପାଇଁ... ।"

—"ଆଲୋ, ଦେଶକୁ ବୁଝିବାଭଳି ଲୋକ କେତେଟା ଅଛନ୍ତି ? ...କିନ୍ତୁ, ଗୋଟେ କଥା ଭାବିଲେ ଭଲଲାଗେ ।"

—"କଣ ?"

—"ସେମାନେ ଧନ ସମ୍ପତ୍ତି, ପିଲା ମାଇପ—ଏସବୁ ଅପେକ୍ଷା ଦେଶଟାକୁ ଅଧିକ ଭଲ ପାଉଥିଲେ ।"

ରୂପମ ନୀରବରେ ବସି ଗୋସେଇଁଆଣୀଙ୍କ ମୁହଁକୁ ବଲବଲ କରି ଅନେଇ ରହିଥିଲା ।

× × × ×

ରାତି ସେତେବେଳକୁ ବାର । ଦୁହେଁ ସେତେବେଳଯାଏଁ ବି ବସିଛନ୍ତି । ଅନୁପମା ଯାଇଛି ଆରତି ବାହାଘରକୁ । ବାହାଘରେ ଢୋଲ ମହୁରୀ ବାଜୁନାହିଁ । ପୁରୋହିତ ବଡ଼ଠାକୁର ନାହାନ୍ତି । ଆରତିର ବାପା ବି ନାହାଁନ୍ତି । କଳା ବାହାଦଉଚନ୍ତି ।

ରୂପମ ଓ ଗୋସେଇଁଆଣୀ ପୋଲିସ୍ ଅପେକ୍ଷାରେ ବସିଚନ୍ତି ବାଡ଼ିପଟ ଅଗଣାରେ । କଥା-ବାର୍ତ୍ତା ହେଉଚନ୍ତି । କୌଣସି କଥା ବାଦ୍ ପଡ଼ୁନାହିଁ । ରୂପମ କେମିତି ଧନପୁରକୁ ଭଲ-ପାଉଥିଲା ସେକଥା ସ୍ପଷ୍ଟ ଭାବେ ସ୍ୱୀକାର କରିଛି ରୂପମ । ଗୋସେଇଁଆଣୀ ନାନା ପ୍ରଶ୍ନ ପଚାରି ଟିକିନିଖି ଭାବେ ରେଲଗାଡ଼ି ଓଲଟିବା କଥା ଶୁଣୁଚନ୍ତି । ଆଜ ବନ୍ଧୁଦନ ପଢ଼ି

ମନଖୋଲା କଥା ହେଉଚନ୍ତି ସେ । ଝିଅଟା ବି ଆଜି ବେଶ୍ ଭଲଭାବରେ ଶୋଇଯାଇଚ । ଜଦ ତା'ର ଭାଙ୍ଗିନି ଏଯାଏଁ । ବାହାରେ ଅଳ୍ପ ଅଳ୍ପ ଅଣ୍ଡା ପଡ଼ଚ । ଖୁବ୍ ଅନ୍ଧାର । ଆକାଶରେ ତାରାପଲଙ୍କୁ ଛାଡ଼ିଦେଲେ ଆଉ କିଛି ଦିଶୁନାହିଁ । ସେମାନଙ୍କ ଭିତରେ କୋଉଠି ଧନପୁର ବା କୋଉଠି ଗୋସେଇଁ ଅଛନ୍ତି, ମନେ ମନେ ଖୋଜୁଥିଲେ ସେମାନେ ।

ସମୟ ଧୀରେଧୀରେ ଅତିବାହିତହେଉଚ—ଏକ...ଦୁଇ...ତିନି...ଚାରି...ପାଞ୍ଚ ବାଜିଲା ।

ଶେଷକୁ ଗୋସେଇଁଆଣୀ ପଚାରିଲେ--"ପୋଲିସ କଣ ତେବେ ଆସିବେ ନାହିଁ ?"

ଡମି କହିଲା—"କିଏ କହିବ ? ସେଇଲାଗେ ତ ଆସିବାର ଥିଲା... ।"

ହଠାତ୍ ବାଡ଼ପଟୁ ଆସିଲା ଅନୁପମା । ପନ୍ଧଶ୍ୱ ଗୋସେଇଁଆଣୀଙ୍କ ପାଖକୁ ଲାଗିବସିପଡ଼ିଲା । କହିଲା—"ଶଇକଆ ଓକିଲ ଜେଲ୍‌ରୁ ଫେରିଆସିଲେଣି ।...ଯାହାହେଉ, ବରକନ୍ୟାଙ୍କର ପ୍ରଣାମ ଗ୍ରହଣ କରିପାରିଲେ । ସେ ଗୋଟେ ଖବର ଆଣିଚନ୍ତି ।"

—"କି ଖବର ?"

—"ସଦର ଥାନାର ଦାରୋଗା ଇସ୍ତଫା ଦେଇଚନ୍ତି ।"

—"କାହିଁକି ?"

—"ଏମିତି ଅବସ୍ଥାର ଭାବେ ଗିରଫ୍ କରିବାକୁ ଇଚ୍ଛା ନାହିଁ ତାଙ୍କର ।"

—"ଓହୋ...ସେଇଥି ପାଇଁ ତେବେ ପୋଲିସ୍ ଆସିଲେ ନାହିଁ ।"

—"ଶଇକଆ କହୁଚନ୍ତି, ସେମାନଙ୍କୁ ଅପେକ୍ଷା କରିବା ଦରକାର ନାହିଁ । ଡମି ଚାଲିଯାଉ ଘରକୁ । ସକାଳ ଛଅଟାରେ ରେଳଗାଡ଼ି ଅଛି ।"

—"ମୁଁ ବି ଯାଉଚଭାଇ ତା ସାଥିରେ ?"

—"ନା, ତୁମର ଯିବା ଦରକାର ନାହିଁ ।"

—"କାହିଁକି ?"

—"ମୋତେ ଭୁଲ ବୁଝି ତୁମେ ଚାଲିଯିବ ବୋଲି ଭାବଚ । ଏଠି କିଛିଦିନ ରହିଯାଅ । ପିଲାଟା ଟିକିଏ ବଡ଼ ହେଇଯାଉ । ମୁଁ ନିଜେ ଯାଇ ତୁମକୁ ଛାଡ଼ିଦେଇଆସିବି ।"

—"କିନ୍ତୁ ମୋର ଯେ ଘର ଖଣ୍ଡେ ଅଛି !"

ଅନୁପମା ନୀରବ ରହିଲା । ଏକଥା ବିରୁଦ୍ଧରେ ଯୁକ୍ତି କରିବା କିଛି ଖେଳଘର କଥା ନୁହେଁ ।

ହଠାତ୍ ଡମି କହିଲା—"ତୁ ଏଠି କିଛିଦିନ ରହିଯା । ପୋଲିସ୍ ଲୋକେ ତୋ ଘରଟାକୁ ଘର କରି ରଖିନାହାନ୍ତି । ଘର ନାହିଁ କହିଲେ ଚଳେ । ମୁଁ ଲୋକ ପଠେଇ ଖବରଦେବି । ସେତେବେଳେ ତୁ ଯିବୁ । ଏବେ କିଛିଦିନ ଏଇଠି ଥା ।"

ଅନୁପମା ଏଥର ନଣନ୍ଦଙ୍କର କୌଣସି ଓଜରଆପତ୍ତି ଶୁଣିଲା ନାହିଁ । ସେ କହିଲା—"ଡମି, ତୁ ଯା, ନଣନ୍ଦ ଥାଆନ୍ତୁ ।"

ଡମି ଚାଲିଗଲା ।

ତମୀ ଚାଲିଯିବା ପରେ ପରେ ଅନୁପମା କହିଲା—"ଏ ଦେଶଟାର କଣ ଗୋଟେ ହୋଇଗଲାଣି—କିଛି ବୁଝିପାରୁଛ ? ମୁଁ ବେଶ୍ ବୁଝିପାରିଲିଣି । ତା' ନହୋଇଥିଲେ ଏଇ ଗାଁରେ ଝିଅଟିର ମନ ପୁଣି ଏମିତି ଜାଗିଉଠିଥାଆନ୍ତା ନା ? ପୋଲିସ୍ ଲୋକ ଚାକିରି ଛାଡ଼ି ଥାଆନ୍ତେ ? ଶହ ଶହ ଲୋକ ଜେଲ୍ ରେ ଭର୍ତ୍ତିହବାକୁ ଆଗଭର ହୁଅନ୍ତେ କାହିଁକି ? ...ମୋ ଦେହରେ ସେଥିରୁ ଦମକାଏ ପବନ ବାଜିଲାଣି ପରି ଲାଗୁଛି...କିନ୍ତୁ ମୁଁ ବୁଝିପାରୁନି କଣ ସେ ପବନ । ନହେଲେ ରୂପନାରାୟଣ ଆଉ ତମୀକୁ ଦେଖି ମୁଁ କିପରି ମୋ ଦୁଃଖ ପାଶୋରିପକେଇଲିଣି ? ଡୋଲିଆକୁ ବାହାହୋଇଛି ଅଥଚ ମନଟା ମୋର ମଣିଷ ମନ ପରି ରହିଛି ।...କେବଳ ନିଜକଥା ଭାବିବସିଲେ କିଛି ହବ ନାହିଁ—ଲୋକଙ୍କ କଥା ଭାବିବାକୁ ହିଁ ପଡ଼ିବ ।...ତୁମେ ମୋତେ ଛାଡ଼ି ଚାଲିଯିବାକୁ ଆଗଭର ହୁଅନା... ଅନ୍ତତଃ ଦୁଇଦିନ ହେଲେ ରୁହ...ଇଏ ମୋର ଅଳି... ।"

କିଛି କହିପାରିଲେ ନାହିଁ ଗୋସେଇଁଆଣୀ । ତାଙ୍କର ମନେହେଲା, ଗୋସେଇଁ ଯଦି ଅନୁପମା ମୁହଁରୁ ଏଭଳି କଥା ଶୁଣିଥାନ୍ତେ କେତେ ଖୁସି ହୋଇନଥାନ୍ତେ !...ସେ ନିଜେ ବି ବହୁତ ଖୁସି; କିନ୍ତୁ ଏଇ ଭାବକୁ କେମିତି ସେ କାମରେ ଲଗେଇବେ ସେଇକଥା ତାଙ୍କ ମୁଣ୍ଡକୁ ଢୁକୁ ନାହିଁ ।...ଭଲେଣ୍ଟିଅରମାନେ ତାଙ୍କୁ ଜାଣନ୍ତି । କେତେକ ଜେଲ୍ ରେ ଅଛନ୍ତି, ଆଉ କେତେକ ଲୁଚି ଲୁଚି ଘୂରିବୁଲୁଛନ୍ତି । ଆଉ କେତେଜଣ ଏଇ କାମଟାକୁ ହାତକୁ ନେବାକୁ ପ୍ରସ୍ତୁତ ହେଉଛନ୍ତି । ଯେଉଁମାନେ ମରିଗଲେଣି ତାଙ୍କ ସ୍ଥାନ ପୂରଣ କରିବାକୁ ଅହୁରି ଲୋକ ବି ଅଛନ୍ତି ।

ଅନୁପମା ଆହୁରି ଅନେକ ସମ୍ବାଦ ଦେଲା—ଜେଲ୍ ଭିତରେ ଥିବା ଭଲେଣ୍ଟିଅରମାନେ ଆହୁରି ଦୃଢ଼ସଂକଳ୍ପ ନେଇଛନ୍ତି—ମୁକ୍ତି ମିଳିଲେ ଅଧାରହିଥିବା କାମକୁ ପୂରା କରିବାକୁ ଲାଗିଯିବେ ସେମାନେ । ହସ୍ପିଟାଲରେ ପଡ଼ିଥିବା ରୂପନାରାୟଣ ବି ଜାଣୁଛି ।...ସମସ୍ତ ବିଶ୍ୱର ପଦଦଳିତ ଜାତି ଆଜି ମୁକ୍ତିପାଇଁ ସଂଗ୍ରାମରତ—ତେଣୁ ଏମାନେ ବସିରହିବେ ନା ? ...ନା...ନା...କେବେ ନୁହେଁ । ଆଜି କୁଆଡ଼େ ଜେଲ୍ ବାହାରେ ଭାରି ଭିଡ଼ । ଭଲେଣ୍ଟିଅରଙ୍କ ଆଣିଲାଗିଛନ୍ତି । ପୋଲିସ ଲୋକେ ହାଲିଆ ହୋଇପଡ଼ିଲେଣି ।

ଧୀରେ ଧୀରେ ଅନୁପମାର କଥା ବନ୍ଦ ହୋଇଆସୁଥିଲା । ଏସବୁ କଥା କିନ୍ତୁ ସ୍ପର୍ଶ କରି ନଥିଲା ଗୋସେଇଁଆଣୀଙ୍କ ମନକୁ । ସେ କେବଳ ଭାବିଲାଗିଥିଲେ ଯେ ସ୍ୱରାଜ ମିଳିଲେ ଲୋକେ ଆଗ ଅପେକ୍ଷା ଭଲହେବେ ନା ଖରାପହେବେ ? ହାଣ୍ ମାର୍ କାଟ୍ ତ ଚାଲିଛି...

ଅନେକ ସମୟ ପରେ ଅନୁପମା ପଚାରିଲା—"କଣ ଏତେ ଭାବୁଛ ?"

—"ଭାବୁଛି...ଭାବୁଛି ସ୍ୱାଧୀନତା ପାଇଲେ ଆମ ଲୋକମାନେ ଭଲ ହେବେ ନା ନାହିଁ !"